ମୌଲାନା ମୁସ୍ତକିମ ଖାଁ
ଗ୍ରନ୍ଥାବଳୀ

ସଂପାଦନା

ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

Digitized by srujanika@gmail.com

ମୌଲାନା ମୁସ୍ତକିମ ଖାଁ ଗ୍ରନ୍ଥାବଳୀ

ସଂପାଦନା
ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୧୪

Digitized by srujanika@gmail.com

ମୌଲାନା ମୁସ୍ତକିମ ଖାଁ ଗ୍ରନ୍ଥାବଳୀ

ସଂପାଦନା

ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

ପ୍ରକାଶକ

ଓଡ଼ିଶା ସାହିତ୍ୟ ଏକାଡେମୀ

ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪

ପ୍ରଥମ ସଂସ୍କରଣ : ୨୦୧୪

ମୁଦ୍ରଣ : ଅପୂର୍ବା, ଭୁବନେଶ୍ୱର

ମୂଲ୍ୟ : ୩୦୦ଟଙ୍କା (ତିନିଶହ ଟଙ୍କା)

MOULANA MUSTAKIM KHAN GRANTHABALI

Edited by
Dr. Phanidra Bhusan Nanda

Published by :
Odisha Sahitya Akademi
Sanskruti Bhawan, Bhubaneswar - 751014

First Edition : 2014

Printed at : Apurba, Bhubaneswar

Price : 300/- (Rupees three hundred only)

ISBN : 978-81-7586-152-7

Digitized by srujanika@gmail.com

ପ୍ରାଗ୍‌ଭାଷ

ଅବିଭକ୍ତ ସମ୍ବଲପୁର ଜିଲ୍ଲା ବର୍ତ୍ତମାନର ଝାରସୁଗୁଡ଼ା ଜିଲ୍ଲାରେ ଜନ୍ମିତ ମୌଲାନା ମୁସ୍ତକିମ ଖାଁ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଜଣେ ପ୍ରତିଭାଧର ଓଡ଼ିଆ କବି । ସେ ୧୮୯୯ ମସିହାରେ ରେମଡ଼ା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ଏବଂ ୧୯୬୬ ମସିହାରେ ଇହଲୀଳା ସମ୍ବରଣ କରିଥିଲେ ।

ବିଂଶ ଶତାବ୍ଦୀରେ ଯେଉଁ କେତେଜଣ ଇସଲାମ ଧର୍ମାବଲମ୍ବୀ ବ୍ୟକ୍ତି ଓଡ଼ିଆ କାବ୍ୟ ସାହିତ୍ୟକୁ ସୁସମୃଦ୍ଧ କରିଛନ୍ତି, ସେମାନଙ୍କ ମଧ୍ୟରୁ ମୌଲାନା ମୁସ୍ତକିମ ଖାଁ ଅଗ୍ରଗଣ୍ୟ । ମୌଲାନା ମହାଶୟଙ୍କର ଇସ୍‌ଲାମ ଧର୍ମ ସମ୍ପର୍କରେ ଯେମିତି ଗଭୀର ଅଧ୍ୟୟନ ଥିଲା, ହିନ୍ଦୁ ଶାସ୍ତ୍ର ପୁରାଣ ଆଦି ବିଷୟରେ ମଧ୍ୟ ସେହିପରି ଗଭୀର ଜ୍ଞାନ ଥିଲା । ହିନ୍ଦୁ ଶାସ୍ତ୍ର ପୁରାଣ, ଓଡ଼ିଶାର ଜନ ଜୀବନ, କିମ୍ବଦନ୍ତୀ ଓ କାହାଣୀ ଆଦିକୁ ଭିତ୍ତି କରି ସେ ଅନେକ କାବ୍ୟ, କବିତା, ଲୀଳା ସୁଆଙ୍ଗ ରଚନା କରିଛନ୍ତି । ବିଖଣ୍ଡିତ ଓଡ଼ିଶାକୁ ଭାଷା ବନ୍ଧନରେ ଯୋଡ଼ିବା ଦିଗରେ ତାଙ୍କ ଲୀଳା ଓ ସୁଆଙ୍ଗଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

କିନ୍ତୁ ତାଙ୍କର ଅନେକ କାବ୍ୟ କବିତା ଲୀଳା ଓ ସୁଆଙ୍ଗ ଓଡ଼ିଶାର ସାମ୍ପ୍ରତିକ ପାଠକ ସମାଜ ନିକଟରେ ହୁଏତ ପହଞ୍ଚି ପାରିନାହିଁ । ଏହିପରି ଲୁକ୍କାୟିତ ସୃଷ୍ଟି ସମୂହକୁ ଲୋକଲୋଚନକୁ ଆଣିବା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି । ଏହିକ୍ରମରେ ମୌଲାନା ମହାଶୟଙ୍କ ଗ୍ରନ୍ଥାବଳୀ ପ୍ରକାଶନ ଏକ ପ୍ରାରମ୍ଭିକ କାର୍ଯ୍ୟକ୍ରମ ।

ଇତିମଧ୍ୟରେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ ମୌଲାନା ମହାଶୟଙ୍କର ଅନେକ ଦୁଷ୍ପ୍ରାପ୍ୟ କାବ୍ୟ କବିତାକୁ ଏକତ୍ରିତ କରି ଏକ ପାଣ୍ଡୁଲିପି ଓଡ଼ିଶା ସାହିତ୍ୟ ଏକାଡେମୀକୁ ପ୍ରଦାନ କରିଥିଲେ । ପାଣ୍ଡୁଲିପିଟିର ଗୁରୁତ୍ୱକୁ ଉପଲବ୍ଧିକରି ଓଡ଼ିଶା ସାହିତ୍ୟ ଏକାଡେମୀ ଏହାର ପ୍ରକାଶନ କାର୍ଯ୍ୟ ହାତକୁ ନେଇଛି ।

ଆଶା, ଏହି ଗ୍ରନ୍ଥାବଳୀଟି ବିପୁଳ ପାଠକୀୟ ଆଦୃତି ଲାଭ କରିବ ।

ଭୁବନେଶ୍ୱର
୧୪, ଫେବୃଆରୀ, ୨୦୧୪

ବିଜୟ କୁମାର ନାୟକ
ସଚିବ
ଓଡ଼ିଶା ସାହିତ୍ୟ ଏକାଡେମୀ

Digitized by srujanika@gmail.com

ମୁଖଶାଳା

ମୌଲାନା ମୁସ୍ତକିମ ଖାଁ ଜଣେ ମାନବବାଦୀ କବି । ତାଙ୍କ କବିତାରେ ବହୁମୁଖୀ ସାମାଜିକ ଆବେଦନର ପରିଚୟ ମିଳେ । ଗଭୀରତମ ପ୍ରେମରୁ, ତୀବ୍ରତମ ଆତ୍ମିକ ଅନୁଭବରୁ ତାଙ୍କ କବିତାର ସୃଷ୍ଟି । ସେ ଥିଲେ ସର୍ବଶ୍ରେଷ୍ଠ ରୋମାଣ୍ଟିକ ଓ ସର୍ବୋତ୍ତମ ଆଧ୍ୟାତ୍ମବାଦୀ । ସାମାଜିକ ଜୀବନର ଅଭାବ, ଅସୁବିଧା, ସ୍ୱପ୍ନଭଙ୍ଗ ଭିତରେ ବି ସେ ଥିଲେ ସ୍ୱପ୍ନବିଳାସୀ, ଖିଆଲି ଓ କଳ୍ପନା ପ୍ରବଣ । ପ୍ରତିଟି କବିତାରେ ତାଙ୍କର ରୋମାଣ୍ଟିକ ଚେତନା ସହ ଆଧ୍ୟାତ୍ମିକ ଚିନ୍ତାଧାରାର ଅପୂର୍ବ ପ୍ରତିଫଳନ ଦେଖାଯାଏ । ତାଙ୍କ କବିତାର ଓଁକାର ଧ୍ୱନି ସମାଜର ଦୁଃଖକୁ, ଦୁର୍ବିପାକକୁ, ଅସହାୟତାକୁ ଧୋଇଦେଇ ଏକ ସହଜ ସୁନ୍ଦର ପୃଥିବୀର ନବନିର୍ମାଣ କରେ । ଜାଗତିକ ଦୁଃଖ, ଦୁର୍ଦ୍ଦଶା ପାଇଁ ଈଶ୍ୱରଙ୍କଠାରେ ସର୍ବସ୍ୱ ସମର୍ପି ଦେଇଥିବା ଅଭିମାନୀ କବି ଗାଇ ଉଠନ୍ତି :-

"ପ୍ରଭୁ ଯାହା ଇଚ୍ଛା ତାହା କର
ସମର୍ପିତ ମନ-ଧନ-ଯଉବନ, କଞ୍ଜ ଚରଣେ ତୁମର ।
ଲାଭ-କ୍ଷତି-ମାନ-ଅଭିମାନ-ଶାଖା
ଛେଦନରେ ମୋର କିଛି ନାହିଁ ଦକା
ଧର୍ମାଧର୍ମ-ପତ୍ର ପାପ ପୁଣ୍ୟ-ଫଳ, ଏଥି କି ନାହିଁ ଖାତର ।"

ଧର୍ମକୁ ସେ ମାନବୀୟ ସଂବେଦନାରେ ରସାଣିତ କରିଛନ୍ତି । ସର୍ବଧର୍ମ ସମନ୍ୱୟରେ ବିଶ୍ୱାସ ରଖୁଥିବା ଏହି କୃତବିଦ୍ୟ ସାଧକଙ୍କ କବିତାରେ ମହନୀୟତା, ସହନଶୀଳତା ଏବଂ ସର୍ବୋପରି ସବୁ ମଣିଷ ଓ ଧର୍ମକୁ ଏକ ବୋଲି ପ୍ରତିପାଦନ କରିବାର ମନୋଭାବ ସୁସ୍ପଷ୍ଟ । ଊନବିଂଶ ଶତାବ୍ଦୀର ଶେଷ ବର୍ଷ (୧୮୯୯)ରେ ଜନ୍ମିତ ଏହି ପ୍ରତିଭାର ବିକାଶକାଳ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ । ତତ୍କାଳୀନ ପଶ୍ଚିମ ଓଡ଼ିଶାର ବିପର୍ଯ୍ୟସ୍ତ ସାମାଜିକ ଜୀବନ, ସାମ୍ରାଜ୍ୟବାଦୀ ବ୍ରିଟିଶ ପ୍ରଶାସନର ଦୁଃପରିଣାମ ଓ ଭାଷା ସାହିତ୍ୟର ଦୁର୍ବିସହ ସନ୍ଧିକ୍ଷଣରେ ମୌଲାନା ମୁସ୍ତକିମ ନିଜ କୃତି ସମୂହକୁ ବୃହତ୍ତର ଜନସାଧାରଣଙ୍କ ଉନ୍ନତି କଳ୍ପେ ଉତ୍ସର୍ଗୀ ଦେଇଥିଲେ ।

ଗଣ୍ଡିବଦ୍ଧ ପରଂପରା ଓ ଧର୍ମ ସଂକୀର୍ଣ୍ଣତାର ଉର୍ଦ୍ଧ୍ୱରେ ମୁସ୍ତକିମଙ୍କ ସାରସ୍ୱତ ପ୍ରୟାଣ । ପଶ୍ଚିମ ଓଡ଼ିଶାର ସାମାଜିକ ପୃଷ୍ଠଭୂମିରେ ଗଣସାହିତ୍ୟର ଆଲୋକ ବର୍ତ୍ତିକା ରୂପେ ଏହା ଚିର ଦେଦୀପ୍ୟମାନ । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଭାଷା ସାହିତ୍ୟ ଉପରେ ଚରମ ଦୁର୍ଗତି ଦେଖା ଦେଇଥିଲା । ଗ୍ରାମାଞ୍ଚଳର ଲୋକଙ୍କ ମଧ୍ୟରେ ଧର୍ମ ମାଧ୍ୟମରେ ଶିକ୍ଷା ପ୍ରଦାନର ଏକ ଉତ୍କୃଷ୍ଟ ରୁଚି ସୃଷ୍ଟି ହୋଇଥିଲା । ହିନ୍ଦୁ-ମୁସଲମାନ ସହାବସ୍ଥାନ ଫଳରେ ଗଢ଼ିଉଠିଥିଲା ଏକ ମିଶ୍ର ସଂସ୍କୃତି । ଏହି ନବ ଉତ୍ଥିତ ସାଂସ୍କୃତିକ ଧାରା ବିଭିନ୍ନ ଭାଷାର ତାଡ଼ନାରେ ଅତିଷ୍ଠ ହୋଇ

Digitized by srujanika@gmail.com

ମୁକ୍ତିର ରାହା ଖୋଜୁଥିଲା । ଭାଷା ସାହିତ୍ୟର ମିଶ୍ର ଆବେଦନକୁ ସମ୍ମାନ ଜଣାଇ ପରିଚ୍ଛନ୍ନ ଦିଗନ୍ତର ସଂଧାନୀ ହୋଇଥିଲେ କବି ମୁସ୍ତକିମ । ସେ ଉର୍ଦ୍ଦୁ ଓଡ଼ିଆ ମିଶ୍ରଣରେ ଭାଷାକୁ ଦେଲେ ନୂତନ ଜୀବନୀଶକ୍ତି, ଭାବକୁ ଦେଲେ ଅଫୁରନ୍ତ ଆବେଗ ଏବଂ ସାହିତ୍ୟକୁ କଲେ ଗତିଶୀଳ ।

ଅନେକ ଶିକ୍ଷିତ ମୁସଲମାନ ଉର୍ଦ୍ଦୁକୁ ଆଦରି ନେବାବେଳେ ମୁସ୍ତକିମ ଓଡ଼ିଆ ଭାଷାର ସମୃଦ୍ଧି ଓ ହିନ୍ଦୁଧର୍ମର ପ୍ରଚାର ସହିତ ଧର୍ମ ସମନ୍ୱୟର ବାର୍ତ୍ତାକୁ ବଳିଷ୍ଠ ଭିତିରେ ସ୍ଥାପନ କରିଥିଲେ । ସମ୍ବଲପୁର ଅଞ୍ଚଳରେ ମୁସଲମାନମାନେ କ୍ଷମତାର କେନ୍ଦ୍ରରେ ନ ଥିଲେ । ବରଂ ସଂଖ୍ୟା ଲଘୁ ଭାବରେ ରହି ଶତାବ୍ଦୀ ଶତାବ୍ଦୀ ଧରି ହିନ୍ଦୁଧର୍ମର ସଂସ୍ପର୍ଶରେ ଆସିଥିଲେ । ମୁସ୍ତକିମ ଭିନ୍ନ ଏକ ସଂପ୍ରଦାୟର ହୋଇ ମଧ୍ୟ ହିନ୍ଦୁଧର୍ମର ସାରବତ୍ତାକୁ ଯେପରି ନିବିଡ଼ ଭାବେ ଅଧ୍ୟୟନ କରି ଗଣ ସାହିତ୍ୟ ମାଧ୍ୟମରେ ଲୋକାଭିମୁଖୀ କରିଛନ୍ତି ତାହା ତାଙ୍କର ସାରସ୍ୱତ ନିଷ୍ଠା ଓ ଗଭୀରତାର ପ୍ରମାଣ । ଲୋକପ୍ରିୟ ସାଧାରଣ ଭାଷାରେ ପ୍ରାଣବାନ ସାହିତ୍ୟ ସୃଷ୍ଟି କରିବାର କଠୋର ବ୍ରତ ସେ ଗ୍ରହଣ କରିଥିଲେ ଏବଂ ଏହି ସାଧନାରେ ସିଦ୍ଧିପ୍ରାପ୍ତ ହୋଇଥିଲେ । ସବୁ ଧର୍ମ ତାଙ୍କର ଥିଲା ଅତି ନିଜର । ମାନବ ଓ ମାନବତା ଥିଲା ତାଙ୍କର ଆରାଧନାର ବସ୍ତୁ । ତେଣୁ ସେ 'ଆଲ୍ଲା' ଙ୍କ ଉପରେ ଯେତେ କବିତା ଓଡ଼ିଆ ଓ ଉର୍ଦ୍ଦୁରେ ଲେଖିଛନ୍ତି, ତତୋଧିକ ଭକ୍ତିମୂଳକ ସଙ୍ଗୀତ ରାଧା-କୃଷ୍ଣ, ହର ପାର୍ବତୀଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି । ସମ୍ଭବତଃ ସାଲବେଗଙ୍କ ପରେ ସେହିଁ ହେଉଛନ୍ତି ପ୍ରଥମ ଓଡ଼ିଆ ମୁସଲମାନ କବି ଯିଏ କି ଧର୍ମ ଉପରେ ଏତେ ବେଶି କାବ୍ୟ କବିତା ରଚନା କରିଛନ୍ତି ।

ପୃଷ୍ଠଭୂମିର ଅଂଧକାର ମଧ୍ୟରେ ମୁସ୍ତକିମ ଥିଲେ ଦୀପ୍ତିମନ୍ତ ସୂର୍ଯ୍ୟ । ଜଣେ ସଂଗ୍ରାମୀ ମଣିଷ ଭାବେ ସେ ଅନୁନ୍ନତ, ଅଶିକ୍ଷିତ ଗ୍ରାମାଞ୍ଚଳର ମଣିଷ ପାଇଁ ଲଢ଼େଇ କରୁଥିଲେ । ସାରସ୍ୱତ ଲଢ଼େଇର ଏହି ବୀଜମନ୍ତ୍ର ସେ ଗୁରୁ କବି ଭୂଷଣ ସ୍ୱପ୍ନେଶ୍ୱର ଦାଶଙ୍କ ଠାରୁ ପ୍ରାପ୍ତ ହୋଇଥିଲେ । ସ୍ୱପ୍ନେଶ୍ୱର ଦାଶ (୧୮୭୪-୧୯୬୨) ରାଧାନାଥ ଯୁଗୀୟ ଜଣେ ବହୁପ୍ରସୂ ଅଥଚ ଅନାଲୋଚିତ ପ୍ରତିଭା । ସେ 'ହୀରାଖଣ୍ଡ', 'ସାଧନା', 'ଉତ୍କଳସେବକ' ପ୍ରଭୃତି ପତ୍ରିକାର ସଂପାଦନା ସହିତ 'ସୁରେନ୍ଦ୍ର ସାଏ', 'କାମାୟନୀ', 'ଲାଟ ଦର୍ଶନ', 'ବ୍ୟାକରଣ ସ୍ତବ' ପ୍ରଭୃତି ଅଜସ୍ର ପୁସ୍ତକର ରଚୟିତା । କବି ଭୂଷଣ ସ୍ୱପ୍ନେଶ୍ୱରଙ୍କ ପ୍ରଭାବ ମୁସ୍ତକିମଙ୍କୁ କବି ହେବାର ପ୍ରେରଣା ଯୋଗାଇଥିଲା ।

ରାଧାନାଥଙ୍କ ଆବିର୍ଭାବପରେ ଓଡ଼ିଆ ସାହିତ୍ୟର ପାଶ୍ଚାତ୍ୟ ଦୃଷ୍ଟି ସଂପ୍ରସାରିତ ହୋଇଥିଲା । ଅନେକ ଗବେଷକ ମନେ କରନ୍ତି ଆଧୁନିକତାର ପ୍ଲାବନରେ ସମଗ୍ର ସାହିତ୍ୟ ପ୍ଲାବିତ ହୋଇ ଯାଇଥିଲା । ପ୍ରକୃତରେ କୌଣସି ଯୁଗର କୌଣସି ସାହିତ୍ୟରେ ଏପରି ଘଟିବାର ନଜିର୍ ନାହିଁ । ସାହିତ୍ୟ ଏକ ଆବେଗପ୍ରବଣ ସ୍ରୋତସ୍ୱିନୀ । ଏହା ବିଭିନ୍ନ ସ୍ରୋତର ମିଳନରେ ପରିପୁଷ୍ଟ । ଆବଶ୍ୟକତା ଅନୁସାରେ, ସାମାଜିକ ପ୍ରତିବଦ୍ଧତାର ଦାୟରେ ସାହିତ୍ୟର ସୃଷ୍ଟି । ସମକାଳରେ ସମତାଳରେ ରାଧାନାଥଙ୍କ ସାହିତ୍ୟ ଗଢ଼ି ଉଠିଲାବେଳେ ଅନ୍ୟପକ୍ଷରେ ଭୀମ ଭୋଇଙ୍କ ଭଜନ

Digitized by srujanika@gmail.com

ଲୋକଚିତ୍ତକୁ ଆକୃଷ୍ଟ କରିଥିଲା । ନବନାଟ୍ୟ ଆନ୍ଦୋଳନର ଉଦ୍ଭଟ ପରୀକ୍ଷାମୂଳକ ନାଟକକୁ ପରାହତ କରି ଗଣକବିଙ୍କ ଗୀତିନାଟ୍ୟ ଗ୍ରାମାଞ୍ଚଳରେ ସଂଖ୍ୟାଧିକ ଲୋକଙ୍କ ସଂବେଦନାକୁ ଆଦ୍ର କରି ତୋଳୁଥିଲା । ଏଣୁ ଆଧୁନିକ ସାହିତ୍ୟର ଜୟଯାତ୍ରାବେଳେ ମଧ୍ୟ ଗଣ ସାହିତ୍ୟର ଧ୍ୱଜା ଟେକି ବୈଷ୍ଣବ ପାଣି ଗଣକବିର ସମ୍ମାନରେ ସମ୍ମାନିତ । ବୈଷ୍ଣବ ପାଣିଙ୍କ ପରି ଅନେକ ଗଣକବି ସାହସିକ ସାହିତ୍ୟ କର୍ମ କରି ମଧ୍ୟ ସଂପ୍ରତି ଅନାଲୋଚିତ । ଏମିତି ଏକ କୃତବିଦ୍ୟ ସାଧକ ମୌଲାନା ମୁସ୍ତକିମ ଖାଁ ।

ମୁସ୍ତକିମ ମୁସଲମାନ ହୋଇ ଓଡ଼ିଆ ପ୍ରାଣତାର ପରିଚୟ ପ୍ରଦାନ କରିଛନ୍ତି । ସେ ଉପଲବ୍ଧି କରିଥିଲେ ଜଣେ ପ୍ରକୃତ ହିନ୍ଦୁ ହିଁ ସଚ୍ଚା ମୁସଲମାନ ଓ ଜଣେ ପ୍ରକୃତ ମୁସଲମାନ ହିଁ ସଚ୍ଚା ହିନ୍ଦୁ, ସଚ୍ଚା ଖ୍ରୀଷ୍ଟିୟାନ, ଭାରତୀୟ, ଓଡ଼ିଆ ଓ ସର୍ବୋପରି ଜଣେ ମଣିଷ । ପୌରାଣିକ କଥାବସ୍ତୁକୁ ଆଧାର କରି ଲୀଳା, ସୁଆଙ୍ଗ ରଚନା କରି ଗ୍ରାମାଞ୍ଚଳର ସାଧାରଣ ଖଟିଖିଆଙ୍କ ମନୋରଞ୍ଜନ ମାଧ୍ୟମରେ ଜନ ସଚେତନତା ସୃଷ୍ଟି ହିଁ ତାଙ୍କର ମୂଳ ଲକ୍ଷ୍ୟ । ତାଙ୍କର ଦୁଆରୀ ଗୀତ ଗୁଡ଼ିକରେ ଏହି ଭାବଚେତନା ଫୁଟି ଉଠେ । ତାଙ୍କର ସାରସ୍ୱତ ସାଧନାର କ୍ଷେତ୍ର ଅବିଭକ୍ତ ସଂବଲପୁର ଜିଲ୍ଲାର ଗ୍ରାମାଞ୍ଚଳ । ସାଧାରଣ ଗ୍ରାମବାସୀଙ୍କ ପରି ତାଙ୍କର ପ୍ରାଚୀନ ପ୍ରୀତି ସର୍ବାଧିକ । ସେ ସାଧାରଣ ଜନତାର ଅସ୍ଥିମଜ୍ଜାଗତ ରାମାୟଣ ଓ ମହାଭାରତର କଥାବସ୍ତୁକୁ ଗ୍ରହଣ କରିଛନ୍ତି । ଓଡ଼ିଆ ଭାଷା ମଧ୍ୟରେ ସଂବଲପୁରୀ ଓ ଉର୍ଦ୍ଦୁ ଚୌପଦୀ ସଂଯୋଜନ କରି ଲୀଳାକୁ ଅଧିକ ମନୋରମ ଓ ଆହ୍ଲାଦକ କରିଛନ୍ତି । ଓଡ଼ିଆ, ହିନ୍ଦି, ଉର୍ଦ୍ଦୁ, ସଂବଲପୁରୀ ଭାଷା ପ୍ରୟୋଗଦ୍ୱାରା ମାନସିକ ସାଯୁଜ୍ୟ ହାସଲ ଏବଂ ସାଂପ୍ରଦାୟିକ ସଦ୍‌ଭାବ ସ୍ଥାପନ ତାଙ୍କର ଉଦ୍ଦେଶ୍ୟ । ଭାବଗତ ସ୍ତରରେ ମଣିଷ ମଣିଷ ମଧ୍ୟରେ ସଂହତିର ରକ୍ଷା ଓ ଐକ୍ୟ ସ୍ଥାପନ ତାଙ୍କର ସାହିତ୍ୟର ବଳିଷ୍ଠ ବିଭାବ । ମୌଲାନା ହୋଇ ତାଙ୍କର ହିନ୍ଦୁ ଦେବାଦେବୀ ଓ ଓଡ଼ିଆ ସଂସ୍କୃତି ପ୍ରୀତି ପ୍ରଶଂସା ଯୋଗ୍ୟ । ତାଙ୍କର ସାହିତ୍ୟର ଲକ୍ଷ୍ୟସ୍ଥଳ ଗ୍ରାମାଞ୍ଚଳର ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଲୋକ । ସେମାନଙ୍କୁ ସେମାନଙ୍କ ଜୀବନର ଅନୁପମ ପ୍ରତୀତି ଆଣିଦେବାରେ ମୁସ୍ତକିମଙ୍କ ସାହିତ୍ୟ ସମର୍ଥ ।

ସାଲବେଗଙ୍କ ଠାରୁ ଆରମ୍ଭ କରି ବହୁଲୋକ ସଂସ୍କୃତିର ସହାବସ୍ଥାନ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଓଡ଼ିଆ ଭାଷାକୁ ଲୌକିକ ସ୍ତରକୁ ଆଣି ଓଡ଼ିଆ ସଂସ୍କୃତିକୁ ବହୁ ପ୍ରଚାରିତ କରିଛନ୍ତି । ଓଡ଼ିଆ ଭାଷା ଉପରେ ପ୍ରାଦେଶିକ ଭାଷାର ଆକ୍ରମଣ ବେଳେ ଓଡ଼ିଆ ଭାଷାରେ ଜୀବନୀ ଶକ୍ତିର ସଞ୍ଚାର କରିବାରେ ମୁସ୍ତକିମଙ୍କ ଲୀଳା, ସୁଆଙ୍ଗ, ପାଲା ଆଦି ଟନିକ୍ ପରି କାର୍ଯ୍ୟ କରିଛି । ଏଣୁ ମୁସ୍ତକିମ ସାଧାରଣଙ୍କ ଭାଷାରେ ସାଧାରଣଙ୍କ ଅତିପ୍ରିୟ ଓ ପରିଚିତ ଆଖ୍ୟାନକୁ ହିଁ ସାହିତ୍ୟର ଆଧାର ରୂପେ ଗ୍ରହଣ କରିଛନ୍ତି । ମୁସ୍ତକିମଙ୍କ ସାହିତ୍ୟ ଦୁଇଟି କାରଣରୁ ଗୁରୁତ୍ୱପୂର୍ଣ୍ଣ । ପ୍ରଥମତଃ ଭିନ୍ନ ସଂପ୍ରଦାୟର ହୋଇ ମଧ୍ୟ ଓଡ଼ିଆ ପରିଚିତିକୁ ସୁଦୃଢ଼ କରିବା ଏକ ସାହସିକ କାର୍ଯ୍ୟ । ଦ୍ୱିତୀୟତଃ ସାଂପ୍ରଦାୟିକ ସଦ୍‌ଭାବ ସ୍ଥାପନରେ ତାଙ୍କର ସାହିତ୍ୟ ଉତ୍ସର୍ଗୀତ । ହିନ୍ଦୁ

Digitized by srujanika@gmail.com

ମୁସଲିମ ଅଭେଦ୍ୟ ପ୍ରୀତିର ଚରମ ଦୃଷ୍ଟାନ୍ତ ମୌଲାନା ମୁସ୍ତକିମ ଖାଁ । ସାଂପ୍ରଦାୟିକ ଭାବବିନିମୟର ସାନ୍ଦ୍ର ମୁହୂର୍ତ୍ତକୁ ସ୍ପଷ୍ଟ ରୂପ ଦେବାକୁ ମୁସ୍ତକିମ ଖାଁଙ୍କ ଗ୍ରନ୍ଥାବଳୀର ପ୍ରକାଶନ ଅପରିହାର୍ଯ୍ୟ ତଥା ଏକ ଐତିହାସିକ ଆବଶ୍ୟକତା ।

ସାଲବେଗଙ୍କ ଭଜନ ସମୂହ ସାଂପ୍ରଦାୟିକତାର ଉର୍ଦ୍ଧ୍ୱରେ ଯେଉଁ ମାନବବାଦ ଓ ସର୍ବଜନୀନ ଆଧ୍ୟାତ୍ମଚେତନାର ପ୍ରଚାର କରେ ତାହା ସତ୍ୟପୀର ପୂଜା ବା ସତ୍ୟନାରାୟଣ ପୂଜା (ପାଲା) ଦ୍ୱାରା ବଳିଷ୍ଠ ଭିତ୍ତିରେ ସଂସ୍ଥାପିତ । ଅନେକ ଯବନ କବି ଓଡ଼ିଆ ଭାଷା ସଂସ୍କୃତିକୁ ପୁଷ୍ଟ କରିଥିବାର ସୂଚନା ମିଳେ । ଯାତ୍ରା, ଗୀତିନାଟ୍ୟ, ଲୋକସାହିତ୍ୟରେ ସେମାନଙ୍କର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ । ଫକୀର ମୋହନଙ୍କ 'ମାମୁଁ' ଉପନ୍ୟାସର ଅନ୍ୟତମ ପ୍ରଥମ ଆଲୋଚକ ଅସରଫ ଅଲ୍ଲୀ ଖାଁ ଓ ବିଶିଷ୍ଟ ଔପନ୍ୟାସିକ ମୌଲବୀ ଅବଦୁଲ ରହିମ ପ୍ରଭୃତିଙ୍କ ସାରସ୍ୱତ ଅବଦାନକୁ ଏ ପ୍ରସଙ୍ଗରେ ସ୍ମରଣ କରାଯାଇପାରେ । ଅସରଫ ଅଲ୍ଲୀ ଖାଁ ଓଡ଼ିଆ ପ୍ରାଣତାର ଅପୂର୍ବ ପରିଚୟ ଦେଇଥିଲେ । ତାଙ୍କ ଘରର ନାମ "ବାଣୀ ଭବନ", ପ୍ରେସର ନାମ "ଜଗତ ଜ୍ୟୋତି ପ୍ରେସ" ଓ କାବ୍ୟର ନାମ "ପ୍ରଦୋଷ ପଦ୍ମିନୀ" । ଏହାଙ୍କ ପୁତ୍ର ମଇନୁଦ୍ଦିନ ମହମ୍ମଦ ମଧ୍ୟ 'ପ୍ରାଚ୍ୟ ଦେଶର କାହାଣୀ' ପ୍ରଭୃତି ଅନେକ ଓଡ଼ିଆ କୃତିର ସ୍ରଷ୍ଟା । ଅସରଫ ଅଲ୍ଲୀଙ୍କ ରଚନା ସମଗ୍ର ସଂକଳିତ ହୋଇନାହିଁ । ଅବଦୁଲ ରହିମ ଫକୀର ମୋହନଙ୍କ ପ୍ରକୃତ ଉତ୍ତରାଧିକାରୀ । ସେ ସ୍ନେହଲତା (୧୯୧୨), ସ୍ୱର୍ଣ୍ଣଲତା, (୧୯୨୧), କନକଲତା (୧୯୨୮), ସୁକୁମାରୀ (୧୯୨୮), ଅମୃତକୁମାରୀ (୧୯୩୨) ପ୍ରଭୃତି ନଅଟି ଉପନ୍ୟାସର ରଚକ । ଏହାବ୍ୟତୀତ ତାଙ୍କର ଅନ୍ୟାନ୍ୟ ରଚନାର ଏକ ସୁଦୃଶ୍ୟ ଗ୍ରନ୍ଥାବଳୀ ଚିତ୍ରୋତ୍ପଳା ପବ୍ଲିକେଶନସ ଆନୁକୂଲ୍ୟରେ ପ୍ରକାଶ ପାଇ ମୁସଲମାନ ଲେଖକଙ୍କର ଓଡ଼ିଆ ଭାଷା ପ୍ରୀତିର ଚରମ ନିଦର୍ଶନ ପ୍ରଦର୍ଶିତ । 'ମୌଲବି ଅବଦୁଲ ରହିମ ଗ୍ରନ୍ଥାବଳୀ'ର "ସଂକଳକର ସଂଳାପ"ରେ ଡକ୍ଟର ରମାକାନ୍ତ ବେହେରା କହନ୍ତି :-

> "ବିଶେଷତଃ ଓଡ଼ିଆ ସାହିତ୍ୟରେ ମୁସଲମାନ ସାହିତ୍ୟ ସାଧକ ବିରଳ । ଜଣେ ମୁସଲମାନ ଲେଖକଙ୍କର ଲେଖନୀରେ ହିନ୍ଦୁ ପାରିବାରିକ ଜୀବନର ଯେଉଁ ଜୀବନ ଚିତ୍ର, ହିନ୍ଦୁ ନାରୀର ଧର୍ମୀୟ ବିଶ୍ୱାସ, ପୂଜା, ବାରବ୍ରତ, ବିଧବାମାନଙ୍କର ନୈତିକ ଜୀବନଧାରା ପ୍ରତି ତାଙ୍କର ଯେଉଁ ଆନ୍ତରିକ ଶ୍ରଦ୍ଧାବୋଧର ପରିଚୟ ମିଳେ, ବିଳମ୍ବରେ ହେଲେ ମଧ୍ୟ ସମାଜର ବୃହତ୍ତର ସଂପ୍ରୀତି ପାଇଁ ତାହା ଲୋକ ଲୋଚନକୁ ଆସିବା ଉଚିତ । (ମୌଲବୀ ଅବଦୁଲ ରହିମ ଗ୍ରନ୍ଥାବଳୀ : ସଂ- ଡଃ ରମାକାନ୍ତ ବେହେରା - ୨୦୦୦)

ଏହି ମନ୍ତବ୍ୟ ମୌଲାନା ମୁସ୍ତକିମ ଖାଁଙ୍କ ରଚନା ପ୍ରକାଶନ ପ୍ରସଙ୍ଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସଂବଲପୁର ଅଞ୍ଚଳରେ ଲୋକ ସାହିତ୍ୟକୁ ସମୃଦ୍ଧ କରିବାରେ ମୁସ୍ତକିମଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ପାଲା, ସଂପ୍ରଦା, ଡାଲଖାଇ, ଲୀଳା, ସୁଆଙ୍ଗ, ଫାର୍ସ, ଗ୍ରାହକ ପ୍ରଶ୍ନୋତ୍ତର

Digitized by srujanika@gmail.com

ରଚନା କରି ସେ ଲୋକ ସାହିତ୍ୟର ପରିଚ୍ଛନ୍ନ ପରଂପରାକୁ ଋଦ୍ଧିମନ୍ତ କରିଛନ୍ତି । ସରଳ ଗଣମାନସକୁ ମନୋରଞ୍ଜନର ଖୋରାକ ଯୋଗାଇ ଶିକ୍ଷିତ କରିବାରେ ତାଙ୍କ ସାହିତ୍ୟର ଉଦ୍ଦେଶ୍ୟ ସଫଳ ହୋଇଛି ।

ମୁସ୍ତକିମଙ୍କ ସାହିତ୍ୟର ପୃଷ୍ଠଭୂମି ଥିଲା ଗ୍ରାମାଞ୍ଚଳ କିନ୍ତୁ ଭାବ ବସ୍ତୁଥିଲା ଦେଶ କାଳ ପାତ୍ର ଓ ଧର୍ମର ଉର୍ଦ୍ଧ୍ୱରେ । ଇସଲାମ ସହିତ ବେଦ ବେଦାନ୍ତ, ଗୀତା, ଉପନିଷଦ ଆଦିରେ ତାଙ୍କର ଥିଲା ଅଗାଧ ପାଣ୍ଡିତ୍ୟ । ରାୟଗଡ଼ ଆଦି ବହୁ ରାଜ ଦରବାରରେ ସେ ଧର୍ମାଲୋଚନା କରି ପୁରସ୍କୃତ ହୋଇଥିବାର ଜଣାଯାଏ । ପ୍ରାଚୀନ ଛାନ୍ଦ ଅଳଙ୍କାର ଉପରେ ତାଙ୍କର ଅଭୂତପୂର୍ବ ଦଖଲ ଥିଲା । ସ୍ୱତସ୍ଫୁର୍ତ୍ତ ଭଙ୍ଗୀରେ ସେ ତତ୍‌କ୍ଷଣାତ ସଂଗୀତ ରଚନା କରିପାରୁଥିଲେ । ତାଙ୍କର ସଂଗୀତ ଗୁଡ଼ିକ ଶ୍ରୁତିମଧୁର ରାଗ ରାଗିଣୀରେ ମହିମାମଣ୍ଡିତ । ପ୍ରାଚୀନ କାବ୍ୟକୌଶଳର ପରାକ୍ଷାରେ ସେ ମାହିର୍ ଥିଲେ କିନ୍ତୁ ଆବେଦନ ଥିଲା ସରଳ ଓ ସର୍ବଜନ ବୋଧଗମ୍ୟ । ଶୈଳୀ ଥିଲା ପୁରାତନ ଅଥଚ ବାସ୍ତବ ଜୀବନର ଚିତ୍ରକୁ ରୂପାୟନ କରୁଥିଲା । ସମୟ ସହିତ ପାଦମିଳାଇ ଚାଲିବାରେ ସେ ପଶ୍ଚାତ୍‌ପଦ ନ ଥିଲେ । ଆବଶ୍ୟକ ହେଲେ ବୃହତ୍ତର ସମାଜର ମଙ୍ଗଳ ପାଇଁ ସେ ନିଜର ପୂର୍ବମତକୁ ଖଣ୍ଡନ କରିବାରେ ମଧ୍ୟ ଦ୍ୱିଧାବୋଧ କରୁ ନ ଥିଲେ । ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବରେ ଜାତୀୟ କଂଗ୍ରେସର ସକ୍ରିୟ ସଭ୍ୟ ଥାଇ ସ୍ୱାଧୀନତା ପୂର୍ବରୁ ରଚିତ ତାଙ୍କର ବିଖ୍ୟାତ ଗୀତ - "ମୋଟ ବସନେ ବଢ଼ାଅ ଆଦର"(ଅପ୍ରାପ୍ୟ)ରେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ, ଖଦୀ ଓ ଭାରତର ସ୍ୱାବଲମ୍ବନଶୀଳତାପ୍ରତି ଲୋକ ଚେତନା ଜାଗ୍ରତ କରାଇଥିଲେ ମଧ୍ୟ ସ୍ୱାଧୀନୋତ୍ତର ମୋହଭଙ୍ଗ କାଳରେ ଗାନ୍ଧୀବାଦର ବିଫଳତାରେ ବିମର୍ଷପ୍ରାଣ କବି ଗାଇଥିଲେ, "ଗାନ୍ଧୀନେ ବିଗାଡ଼ା ଭାରତ କୋ" (ଅପ୍ରାପ୍ୟ) । ଜନତାକୁ ଗଣତନ୍ତ୍ରପ୍ରତି ଆକର୍ଷିତ କରି ସେ ଲେଖିଥିଲେ - "ଜନେ - ଗଣତନ୍ତ୍ରେ ନ ଭୁଲ ।" ସାମାଜିକ ପ୍ରତିବଦ୍ଧତାରେ ପୂର୍ଣ୍ଣ ଏହି କବିତା ସମୂହରୁ ତାଙ୍କର ସଂଗ୍ରାମୀ ଓ ପ୍ରଗତିଶୀଳ ଚିନ୍ତାଧାରାର ପରିଚୟ ମିଳେ ।

୧୯୩୮ର ବନ୍ୟା, ଶସ୍ୟହାନୀ, ରାଜ୍ୟକର ଅନ୍ୟାୟ ପାଣ୍ଟି ଅସୁଲ ପ୍ରତି ଅକୁତୋଭୟ କବିଚିତ୍ତ ପ୍ରତିବାଦ ଜଣାଇଥିଲା -

- ଆଜି ସାରା ଭାରତ
ବିପତି ମୁଖେ ହୋଇଛି ପତିତ ସେ ।ପଦ।
ପେଟକୁ ଦାନା ନ ମିଳଇ ସବୁରି
ଅଣ୍ଟାକୁ କନା ପାଇଁ ନାହିଁ ସଂପତ ।୧।
ତା'ପରେ ବନ୍ୟା ଶସ୍ୟରୋଗ ସର୍ବତ୍ର
ସେଥି ଉପରେ ରାଜକର ବର୍ଦ୍ଧିତ ଯେ ।୨।
ତଦୁପରେ ଅନ୍ୟାୟ ପାଣ୍ଟି ଅସୁଲ

Digitized by srujanika@gmail.com

ହା ହା ରବେ ପ୍ରଜାଙ୍କ ଧ୍ୱନି ଉଠିତ ଯେ ।୩।
ମୁସ୍ତକି ଭାଷ ଇଷ୍ଟ ସୁଦୟା କର
କୃଷକ କୁଳ ଦୁଃଖୁ ହୋନ୍ତୁ ମୁକତି ଯେ ।୪।

ପରାଧୀନତାର ଦୁଃଖ କବିଙ୍କୁ କାତର କରିଥିଲା । ଭାରତର ଚରମ ଦୁର୍ଦ୍ଦିନରେ କବି ନୀରବରେ ନ ବସି ଜନ ସାଧାରଣଙ୍କୁ ଇଂରେଜ ଶାସନ ବିରୁଦ୍ଧରେ ଦୃପ୍ତ ଆହ୍ୱାନ ଜଣାଇଥିଲେ ।

- ଆଜି ବୀରଶୂନ୍ୟ ହୋଇଲା କି କ୍ଷିତି
ଯେଉଁ ଭାରତପରେ, ବୀରଙ୍କ ପ୍ରତାପରେ
ଉଦୟ ଥିଲା ଦିନ ରାତି ।
ମହା ମହା ମଲ୍ଲ ଥିଲେ, ଯେବଣ ଭାରତେ
ନାହିଁ କି ତାଙ୍କ ପୁତ୍ର ସଂତତି ?
ଦାସ ହୋଇଲେ କି ଜ୍ଞାନେ, ଭୂପତି ନନ୍ଦନେ
ଲଜ୍ଜା ନ ରଖି ଏକ ରତି ।
ରଚକ ମୁସ୍ତକି ଭାଷେ, ଦୁଃଖୀଙ୍କ ନିଃଶ୍ୱାସେ
ବିଭ୍ରମ ହୋଇଲା କି ନୀତି ।

କବି ମୁସ୍ତକିମଙ୍କ ସୁପୁତ୍ର କବି କୁମାର ହସନଙ୍କ ଅନୁସାରେ ତାଙ୍କର ଅନେକ ପାଣ୍ଡୁଲିପି ସୁରକ୍ଷିତ ଥିଲା । କବିଙ୍କ ରଚିତ ପାଣ୍ଡୁଲିପି ମଧ୍ୟରେ 'ତ୍ରିପୁର ମୋହିନୀ ହରଣ', 'ନୀଳାଦ୍ରୀ ହରଣ', 'ଶ୍ରୀରାମ ବନବାସ', 'ଗୀତାଭିନୟ', 'ଲକ୍ଷ୍ମୀପୁରାଣ ସୁଆଙ୍ଗ', 'କୃଷ୍ଣ ଜନ୍ମ', 'ଦିୱାନା ମୁସ୍ତାଫା', 'ପଠାଣ ଠଗ ଫାର୍ସ', 'ସାଧୁବେଶ୍ୟା ଫାର୍ସ', 'ଗ୍ରାହକ ପ୍ରଶ୍ନୋତ୍ତର ମାଳା' (୧ମ, ୨ୟ ଓ ୩ୟ ଭାଗ), 'ସଙ୍ଗୀତ ରସ କଲ୍ଲୋଳ', 'ଦ୍ୱିଭାଷୀ ଛାନ୍ଦ', 'ବୋଧକଥା', 'ପୃଥୀଯୁଗ ଓ ସତ୍ୟାସତ୍ୟ ଜନ୍ମ ଓ ଯୁଦ୍ଧ', 'ମାନଭଞ୍ଜନ ଚଉତିଶା', 'ଭଜନ ଅନାମିକା ଚଉତିଶା', ବହୁ ଗୀତି କବିତା ପ୍ରଭୃତି ପ୍ରଧାନ । ଏ ସମସ୍ତ ଭିତରୁ ଯେଉଁ କେତୋଟି କୃତି ବହୁ ଆୟାସ ମାଧ୍ୟମରେ ସଂଗୃହିତ ଏବଂ ଏହି ସଂକଳନରେ ଅନ୍ତର୍ଭୁକ୍ତ ସେଥିରୁ କବିଙ୍କର ସାରସ୍ୱତ ଆବେଦନର ବଳିଷ୍ଠ ପ୍ରମାଣ ସମୁଜ୍ଜ୍ୱଳ ।

କ: ଲକ୍ଷ୍ମୀ ପୁରାଣ ସୁଆଙ୍ଗ:

ଏହି ସୁଆଙ୍ଗରେ ଶ୍ରୀୟା ଚଣ୍ଡାଳୁଣୀ ଘରକୁ ଲକ୍ଷ୍ମୀ ଯିବା ଘଟଣାକୁ ନେଇ ବହୁ ପ୍ରଚଳିତ ଆଖ୍ୟାୟିକା ବର୍ଣ୍ଣିତ । ସୁଆଙ୍ଗର ଗତିଶୀଳତା ପାଇଁ କବି ଝଙ୍କଡ଼ ସାରଳାଙ୍କୁ ବନ୍ଦନା କରିଛନ୍ତି । ସାରଳାଙ୍କ ବ୍ୟତୀତ ହିଙ୍ଗୁଳା, ପାର୍ବତୀ, କାଳୀ ପ୍ରଭୃତି ଦେବୀଙ୍କ ସହିତ ଗଣନାଥଙ୍କୁ ମଧ୍ୟ କବି ପ୍ରାର୍ଥନା କରିଛନ୍ତି । ପାଠକ ତଥା ଶ୍ରୋତାଙ୍କୁ ଦୋଷାଦୋଷ କ୍ଷମା ପାଇଁ ବହୁ ପ୍ରଚଳିତ ପ୍ରାଚୀନ କାବ୍ୟ ପରଂପରା ରୀତିରେ କବି ସମ୍ବୋଧନ କରିଛନ୍ତି ।

Digitized by srujanika@gmail.com

"ମୋ ଜଣାଣ ଏତିକି କିଞ୍ଚିତ ଦୟାକର ।
ବିସ୍ତାରି କହିବି ଲକ୍ଷ୍ମୀବ୍ରତ ସମାଚାର ।।
କବି ମୁସ୍ତକିମ କହେ ଯୋଡ଼ହସ୍ତ ହୋଇ
ସାଧୁଜନେ ନିବେଦନ ଏତିକି କରଇ ।।
ହେବା ନୋହିବାର ଦୋଷ ନ ଧରିବ ମନେ ।
ମଧୁମକ୍ଷି ଉଚ୍ଛିଷ୍ଟ ଭକ୍ଷନ୍ତି ଦେବମାନେ ।
ସେପରି ଦୋଷ ମାର୍ଜନା କର ରସ ନେଇ
ବାଳୁତକୁ ଦୋଷ ଦେବା ଉଚିତ ନୁହଇ ।"

ପାରଂପରିକ ନାଟ୍ୟକଳାର ଦ୍ୱାରୀ, ଚର୍ଚ୍ଚା, ଲୀଳା ମାଧ୍ୟମରେ ସରସ ଭାବରେ ଆଖ୍ୟାୟିକାଟି ଉପସ୍ଥାପିତ । ନାରଦ ଓ ପରାଶର ମୁନିଙ୍କ କଥାବାର୍ତ୍ତାରୁ ଆରମ୍ଭ ହୋଇ ସୁଆଙ୍ଗଟି ପରିଣତି ଆଡ଼କୁ ଗତି କରିଛି । ମୁସ୍ତକିମଙ୍କ ବର୍ଣ୍ଣନାରେ ଦ୍ୱାରୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ହାସ୍ୟରସ ସୃଷ୍ଟିରେ ଦ୍ୱାରୀ ସଫଳ ହୋଇଛି । ଦ୍ୱାରୀର ଗୀତ ରଚନାରେ କବିଙ୍କ କୃତିତ୍ୱ ସ୍ୱୀକୃତ ।

ରଙ୍ଗିଆ ଦୁଆରି ଅଇଲା ଲୋ
ରଙ୍ଗୀବୁଢ଼ୀ ମନ ମୋହିଲା ଲୋ ।ପଦ।
ରଙ୍ଗିଆ ଜଘିଆ, ଦଗଲି ରଙ୍ଗିଆ
ରଙ୍ଗ ଟୋପି ଶିରେ ଶୋହିଲା ଲୋ ।୧।
ମୋ କନିଆ କାଳୀ, ଦେଲା ଲାତ ଚାରି
ହୁଣ୍ଡାର ମଳକୁ ପିଇଲା ଲୋ ।୨।
ରଙ୍ଗବାନା ଭୁଜେ, କି ରଙ୍ଗେ ବିରାଜେ
ରଙ୍ଗେ ମୁସ୍ତକିମ କହିଲା ଲୋ ।୩।

ଖ: ତ୍ରିପୁର ମୋହିନୀ ହରଣ :

କବିଙ୍କ ରଚିତ ଏହା ଏକ କାଠୁରିଆ ପାଲା । ବିନ୍ଧ୍ୟମାଳ ନୃପତି ମେରୁ ଶୂଳଙ୍କ କନ୍ୟା ତ୍ରିପୁର ମୋହିନୀର ସ୍ୱୟମ୍ବର, କୃଷ୍ଣ ପୁତ୍ର ପଦ୍ମନର ହରଣ ବୃତ୍ତାନ୍ତ ଏଠାରେ ବର୍ଣ୍ଣିତ ।

କବି ମୁସ୍ତକିମ ଏକାଧାରରେ ଜଣେ ଜ୍ୟୋତିଷ, ଶାସ୍ତ୍ରବିଦ, ଭିଷକରତ୍ନ । ତାଙ୍କର ବହୁମୁଖୀ ପ୍ରତିଭାର ପ୍ରତିଫଳନ ପ୍ରତିଟି ରଚନାରେ ପ୍ରତିଫଳିତ । କାବ୍ୟ ସ୍ରଷ୍ଟାର ବ୍ୟକ୍ତିତ୍ୱ ସୃଷ୍ଟି କୌଶଳକୁ ନିୟନ୍ତ୍ରିତ କରେ । ଜଣେ ଚିକିତ୍ସକ ଭାବେ ସେ ବୀର୍ଯ୍ୟ ବିନ୍ଦୁରୁ ଶିଶୁ ଜନ୍ମର ସମସ୍ତ ବିଭାବକୁ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି ।

Digitized by srujanika@gmail.com

"ପ୍ରଥମ ମାସରେ ମାସ ଋତୁ ହେଲା ବନ୍ଦ
ଦ୍ୱିତୀୟରେ ମୁଖ ନିନ୍ଦେ ପୂର୍ଣ୍ଣମୀର ଚାନ୍ଦ ।
ତୃତୀୟରେ ଅରୁଚି ଅଙ୍ଗରେ ପ୍ରକାଶିଲା,
ଚତୁର୍ଥ ମାସରେ ଦେହେ ଅରୁଚି ଜନ୍ମିଲା,
ଢ଼େଉ ମାଟି ମୁଟୁକୁରି ଖାଇବାକୁ ମନ
ଖାଇଲେ ଅକାର ମାଡ଼େ ପଖାଳ ତିଉଣ ।"

ନାରୀ ରୂପ ବର୍ଣ୍ଣନାରେ କବିଙ୍କ ପାରଂପରିକ ଶବ୍ଦ କୌଶଳ ଅତ୍ୟନ୍ତ ପ୍ରୀତିକର । ନାରଦ ମୁଖରେ ତ୍ରିପୁର ମୋହିନୀର ରୂପବର୍ଣ୍ଣନାରୁ ଏହା ପ୍ରମାଣିତ :

"ବାମା ସମାନେ ଆନ କେ ନୋହିଥିଲେ ନୋହିବେ ଗୋ ।ପଦ।
ଇନ୍ଦ୍ରଧନୁ ଖଣ୍ଡ ଜିଣି, ଦିଶଇ ଭ୍ରୂଲତା ଠାଣି
ଚତୁର୍ଥୀ ଚନ୍ଦ୍ରଲଲାଟେ ସମନୋହି ହାରିବେ ଗୋ ।୧।
ଭସ୍ମହୀନ ପକ୍ୱ ବିମ୍ବ, ଓଷ୍ଠକୁ ତୁଳ ନୋହିବ
କୋରକଜିତ ଦଶନ ହାସ ଚିତ୍ତ ମୋହିବ ଗୋ ।୨।
ନାସା ଶୁକ ତିଳ ଫୁଲ ତୁଲେ କି ତୁଳନା ଛାର
ବାଣୀକୁ ବୀଣା ଅସମ, ଧନ୍ୟ ଗଢ଼ା ଦଇବ ଗୋ ।୩।
ଚଂପା, ସୁନାରୀ, କେତକୀ ଅସମ ହେବେ କାନ୍ତିକି
ମୁସ୍ତକି କହେ ହଟକ ଛଟକ
ତନୁ ନେତ୍ର ହୋଇବ ଅଟକ ଗୋ ।୪।"

ଗ: ଦ୍ରୁପଦୀ ସ୍ୱୟମ୍ବର :

କବିଙ୍କର ଏହା ଏକ ରସପୂର୍ଣ୍ଣ ଆଖ୍ୟାୟିକା । ଚିର ପରିଚିତ ଆଖ୍ୟାନକୁ ସେ ନୂତନ ଶବ୍ଦଦୁକୂଳ ପିନ୍ଧାଇଛନ୍ତି । ଏହି ସୁଆଙ୍ଗଟି ଅସଂପୂର୍ଣ୍ଣ । ଏହାର ଶେଷ ଅଂଶ ଅଲଭ୍ୟ । ଏଥିରେ ହିନ୍ଦୀ ଭାଷାରେ ଫାର୍ସି ସଂଯୋଜିତ କରି କବି ଏହାକୁ ଅତି ପ୍ରାଣବନ୍ତ କରିଛନ୍ତି ।

"ବିଧାତା ତକଦିର୍ ମେ ଯୋ ଲିଖେଗା
ୱୋ କୋନ୍ ମେଟେଗା ।ପଦ।
ରାଜାକା ଛୋକରୀ, ବହ୍ମନକା ପ୍ୟାରୀ
ମଙ୍ଗ୍‌ନେ ଖାନେୱାଲେ କା ପାଓଁ ଦାବେଗା ।୧।
ଲାଖ ଲାଖ ରାଜା, ଜମାୟା, ହୈ ରାଜା
ନଶିବ ମେଁ କ୍ୟା ହୈ କୌନ ଜାନେଗା ।୨।

Digitized by srujanika@gmail.com

ମୁସ୍ତକିମ ଧ୍ୟାଏ, ଯୋ କରେ ଖେଜାଏ
ବଦନାମୀକା ହାର ଗଲେ ମେଁ ଡାଲ ଦେଗା ।୩।

ଘଃ ପୃଥ୍ୱୀଯୁଗ ଓ ସତ୍ୟାସତ୍ୟ ଜନ୍ମ ଓ ଯୁଦ୍ଧ :

ଏହା ଏକ ବିଚିତ୍ର କାବ୍ୟ । ଏହାର ପ୍ରସ୍ତାବନାରେ କବି କାବ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଛନ୍ତି :

"ସଂକ୍ଷେପ ଭାବରେ ବର୍ଣ୍ଣିବି ହେଲା ଯେପରି କ୍ଷିତି
ସତ୍ୟ ଅସତ୍ୟଙ୍କ ଜନମ ଆଉ ଯୁଗ ଉତ୍ପତି ।
ସତ୍ୟ ଅସତ୍ୟ ମର୍ତ୍ତ୍ୟ ବେନି ଭାଗ ବଣ୍ଟନ ଭାବ
ପୁଣ ଯେଉଁ ରୂପେ କଳହ ହୋଇ କଲେଟି ଯୁଦ୍ଧ ।
କହିବି ଯଥାର୍ଥ ମାଗୁଣି ପ୍ରଭୁ ଜଣାଣ ଘେନ
ବାଲୁତ ମୁସ୍ତକିମ ତବ ପାଦପଦ୍ମେ ଶରଣ ।"

ଏହା ଅନେକ ଛାନ୍ଦରେ ବିଭକ୍ତ । ପ୍ରତିଛାନ୍ଦ ଭିନ୍ନ ଭିନ୍ନ ରାଗରେ ରଚିତ । ଏହି କାବ୍ୟର ପଞ୍ଚଦଶ ଛାନ୍ଦ ପର୍ଯ୍ୟନ୍ତ ସଂପୂର୍ଣ୍ଣ ଏବଂ ଷୋଡ଼ଶ ଛାନ୍ଦର ଗୋଟିଏ ପଦ ମାତ୍ର ସୁଲଭ । ଅସଂପୂର୍ଣ୍ଣ ହେଲେ ମଧ୍ୟ କାବ୍ୟର କଳା କୌଶଳ ପ୍ରଶଂସାଯୋଗ୍ୟ । କାବ୍ୟଟିର ପ୍ରାରମ୍ଭରେ ନିରାବିଷ୍ଣୁ ପୂର୍ଣ୍ଣବ୍ରହ୍ମଙ୍କ ଠାରୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ଜନ୍ମ ବୃତ୍ତାନ୍ତ ବର୍ଣ୍ଣିତ:

"ଏ ଉତ୍ତାରୁ ଶୁଣ ଜନେ ଏ ବିଚିତ୍ର ରସ
ପୂର୍ଣ୍ଣ ବ୍ରହ୍ମ ଗୁପ୍ତେଥିଲେ ନ ହୋଇ ପ୍ରକାଶ ଯେ ।
ସୃଷ୍ଟି ଇଚ୍ଛା କଲେ ପ୍ରଭୁ ପୁରୁଷ ସାଗର ଯେ ।
ତାଙ୍କ ଆଜ୍ଞାରୁ ପ୍ରକୃତି ପୁରୁଷ ବାହାର ଯେ ।
ପ୍ରକୃତି ଅଂଗରୁ ଯେ କିଶୋରୀ ଜାତ ହେଲା
କିଶୋରୀ ତନୁରୁଟି ଅନନ୍ତ ସମ୍ଭବିଲା ଯେ ।
ଅନନ୍ତଠାରୁ ସମ୍ଭୁତ ଶେଷଦେବ ନାମ
ଶେଷ ତହୁଁ ମହତ ହୋଇଲା ଉତପନ୍ନ ଯେ ।
ମହତହୁଁ ବିରାଟ ପୁରୁଷ ହେଲା ଜନ୍ମ
ଶୁଣଶୁଣ ସୁଜ୍ଞଜନ ବିଧିର ବିଧାନ ଯେ ।
ବିରାଟ ପୁରୁଷ ବାମ ଅଙ୍ଗୁ ଜାତ କଲେ
ଆଦିଶକ୍ତି ନାମ ଖ୍ୟାତି ଅଟେ ଏ ସଯଲେ ଯେ ।"

Digitized by srujanika@gmail.com

ଙ: ଉତ୍ତରମାଳା:

ଏହି ଉତ୍ତର ମାଳାକୁ କବି ୧ମ, ୨ୟ ଓ ୩ୟ ଭାଗରେ ବିଭକ୍ତ କରିଥିଲେ । ଅନେକ ଉଦ୍ୟମ ଫଳରେ ୧ମ ଓ ୩ୟ ଭାଗ ଆମର ହସ୍ତଗତ ହୋଇପାରିଛି । ଏଗୁଡ଼ିକ ମୁଖ୍ୟତଃ ସଂପ୍ରଦା, ପାଲା ସମୟରେ ସୃଷ୍ଟ ପ୍ରଶ୍ନର ଉତ୍ତରମାଳା । ଏଥିରେ କବିଙ୍କ ବହୁ ଶାସ୍ତ୍ରଦର୍ଶୀ ପ୍ରତିଭାର ପରିଚୟ ମିଳେ । କବିଙ୍କ ପ୍ରସାରିତ ଦୃଷ୍ଟିଭଙ୍ଗୀର ଏହା ପରିଚାୟକ । ଏଥିରେ କବି ମହାଭାରତ, ରକ୍ଷ, ଯକ୍ଷ, ଖନନକାର ଜନ୍ମ, ଅଷ୍ଟବଶୁ ଉପାଖ୍ୟାନ, ମର୍ତ୍ତ୍ୟକୁ ସୁଧର୍ମା ସଭା ଆସିବାର, କର୍ଣ୍ଣ ମହିମା ବର୍ଣ୍ଣନ, ଦ୍ରୌପଦୀ କେତୁକା ଅବତାର, ସହଦେବ ଉପାଖ୍ୟାନ, ଦ୍ରୌପଦୀର ଛପନକୋଟି ବସ୍ତ୍ରପ୍ରାପ୍ତି, ମୁଖ ଓ ବେଦ ନିର୍ଣ୍ଣୟ, ନନ୍ଦୀଘୋଷେ ମୁଣ୍ଡ ସ୍ଥାପନ, ଭୀଷ୍ମ ଶରଶଯ୍ୟା, ଅର୍ଜୁନ ପୂର୍ବଜନ୍ମ, ବୃହନ୍ନାରୀ କାରଣ, ରାଧା ଆଗ କୃଷ୍ଣ ପଛ, ମନ ଓ ପ୍ରକୃତି, ଆୟୁ ବୃଦ୍ଧି, ଧ୍ରୁବ ପୂର୍ବଜନ୍ମ, ପିଙ୍ଗଳା ଉପାଖ୍ୟାନ, ପଞ୍ଚବ୍ରହ୍ମ ବିଷୟ, ଶରୀରେ ସପ୍ତଦୀପ ପ୍ରଭୃତି ଅଜସ୍ର ପୌରାଣିକ ବିଷୟ ଦାୟିକା ବା ପ୍ରଶ୍ନୋତ୍ତର ଶୈଳୀରେ ସନ୍ନିବେଶିତ । କ୍ଷୁଦ୍ର କବିତା ପରି ଏଗୁଡ଼ିକ ପାଠକ ପ୍ରାଣରେ ଚମକ ସୃଷ୍ଟି କରେ । ନୂତନ ଏକ ପୃଥିବୀର ଜ୍ଞାନ ଗନ୍ତାଘରକୁ ଉନ୍ମୋଚନ କରେ । 'ଉତ୍ତରମାଳା' ପାଲା ଗାୟକମାନଙ୍କର ଅତିପ୍ରିୟ ଓ ଆଦରର ଧନ ଥିଲା ।

ଚ: ସଂଗୀତ ରସ କଲ୍ଲୋଳ :

ଏଥିରେ ଗଣେଶ ବନ୍ଦନା, ଭଜନ ସହିତ ଅନେକ କ୍ଷୁଦ୍ର ସଂଗୀତ ଅନ୍ତର୍ଭୁକ୍ତ । ସଂଗୀତ ଗୁଡ଼ିକ ପ୍ରାଚୀନ ବିଷୟବସ୍ତୁ ଆଧାରିତ ଓ ରାଗ ରାଗିଣୀଯୁକ୍ତ । ଅନେକ ଗୁଡ଼ିଏ ରାଧାକୃଷ୍ଣ ରାସକୁ ଉପଜୀବ୍ୟ କରି ରଚିତ । ଧର୍ମୀୟ ଭିତ୍ତିଭୂମି ସହିତ ଶୃଙ୍ଗାର ରସର ମିଳନ ଏହି ସଂଗୀତ ଗୁଡ଼ିକୁ ଲୋକପ୍ରିୟ କରିଛି । ରାଧାକୃଷ୍ଣ ବିଷୟ ବ୍ୟତୀତ ଅନ୍ୟାନ୍ୟ ବିଷୟକୁ ମଧ୍ୟ ଆଧାର କରି କିଛି ସଂଗୀତ ରଚିତ ।

ଛ: ପଠାଣ ଠଗ ଫାର୍ସ ଓ ସାଧୁବେଶ୍ୟା ଫାର୍ସ:

ଊନବିଂଶ ଶତାବ୍ଦୀ ଓ ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଫାର୍ସ ଗୁଡ଼ିକ ଖୁବ ଲୋକପ୍ରିୟ ଥିଲା । ନାଟକ ମଞ୍ଚସ୍ଥ ହେବା ମଧ୍ୟାନ୍ତରରେ ଫାର୍ସ ଗୁଡ଼ିକ ସଂଯୋଜିତ ହେଉଥିଲା । କେବଳ ଫାର୍ସଗୁଡ଼ିକ ମଧ୍ୟ ଗ୍ରାମାଞ୍ଚଳର ମଧ୍ୟସ୍ଥଳରେ ଖୋଲା ମଞ୍ଚରେ ପ୍ରଦର୍ଶିତ ହେଉଥିଲା । ଏଗୁଡ଼ିକ ଶିକ୍ଷାଧର୍ମୀ ଓ ମନୋରଞ୍ଜନମୂଳକ ଥିଲା । ଏହାର ଶାଣିତ ବ୍ୟଙ୍ଗ ହାସ୍ୟରସ ଉଦ୍ରେକ ସହିତ ଲୋକଙ୍କୁ ସାମାଜିକ ସଚେତନ କରି ଗଢ଼ି ତୋଳୁଥିଲା । କେହି କେହି ସମାଲୋଚକ ଫାର୍ସକୁ ଲଘୁ ନାଟକର ସମ୍ମାନ ଦିଅନ୍ତି ।

Digitized by srujanika@gmail.com

ପଠାଣ ସିପାହୀ ଜଣେ ଜମିଦାରଙ୍କ ପାଖରେ ଚାକିରୀ କରି ପାରିଶ୍ରମିକ ବାବଦକୁ ଘୋଡାଟିଏ ପାଇ ଫେରିଲାବେଳେ ଠକମାନେ ଘୋଡାଟି ନେଇଗଲେ । ସିପାହୀଟି ପରେ ସ୍ତ୍ରୀ ଓ ସାଧୁବେଶରେ ଆସି ଠକମାନଙ୍କର ମାଲ ସବୁ ହରଣ କରି ଘୋଡା ଘେନିଗଲା । ଏହି ବିଷୟ ବସ୍ତୁକୁ ନେଇ "ପଠାଣ ଠଗ ଫାର୍ସ" ରଚିତ । ଏହି ଫାର୍ସରେ ଉର୍ଦ୍ଦୁ ଓ ପାର୍ସୀ ଭାଷାରେ ରଚିତ ଗୀତଗୁଡ଼ିକ ବେଶ ଭାବ ସଂବେଦୀ ହୋଇପାରିଛି । ସଂଳାପ ଗୁଡ଼ିକ ମଧ୍ୟ ଓଡ଼ିଆ ହିନ୍ଦି ମିଶ୍ରଣରେ ଚଟୁଳ ଓ ଆକର୍ଷଣୀୟ ହୋଇଛି ।

'ସାଧୁ ବେଶ୍ୟା ଫାର୍ସ'ରେ ସାଧୁଙ୍କୁ ଗୃହୀ ଜୀବନଯାପନ କରିବା ପାଇଁ ବେଶ୍ୟାର ଅନୁରୋଧ । ବେଶ୍ୟା ଓ ସାଧୁଙ୍କ ଯୁକ୍ତିତର୍କ ମଧ୍ୟରେ ସାଧୁ ହାରି ବେଶ୍ୟା ସହିତ ମିଳନ । ସାଧୁ ଓ ବେଶ୍ୟାଙ୍କ ସଂଗୀତମୟ ସଂଳାପ ହିଁ ଫାର୍ସର ମୁଖ୍ୟ ଆକର୍ଷଣ ।

ଜ: ବିବିଧ:

ଏହି ପର୍ଯ୍ୟାୟରେ କବିଙ୍କ ଚଉତିଶା, ତାଳଖାଇ, ଅକାରଯୋଗ, କଚଟତପ, ସ୍ୱରବଞ୍ଜନ ବର୍ଣ୍ଣ ନିୟମ, ସ୍ୱରୋଷ୍ଠ ନିୟମ, ବିରୋଧାଭାସ ପ୍ରଭୃତି ବିଭିନ୍ନ ପ୍ରାଚୀନ ନିୟମରେ ରଚିତ କବିତା ସଂଯୋଜିତ । ଏଥି ସହିତ କବିଙ୍କ ସମ୍ବଲପୁରୀ, ପାର୍ସୀ, ଉର୍ଦ୍ଦୁ, ବଙ୍ଗଳା, ଭୁଲିଆ ଓ ଗଣ୍ଡା ଭାଷାରେ ରଚିତ କିଛି କବିତା ସ୍ଥାନିତ । ଏହି କବିତା ଗୁଡ଼ିକ କବିଙ୍କ ବିଭିନ୍ନ ଭାଷା ଉପରେ ଅପୂର୍ବ ଦଖଲର ପରିଚୟ ପ୍ରଦାନ କରେ । କବିଙ୍କର ଏକ 'ଚତୁର୍ଭାଷୀ' କବିତା ଓ ଆତ୍ମଜୀବନୀ ମୂଳକ କବିତାଂଶ ମଧ୍ୟ ଏହି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ।

କବି ମୁସ୍ତକିମଙ୍କ ସୁଯୋଗ୍ୟ ସନ୍ତାନ ଆଧୁନିକ କବି କୁମାର ହସନଙ୍କ ସଦୁଦ୍ଦେଶ୍ୟ ଓ ନିରବଚ୍ଛିନ୍ନ ଉଦ୍ୟମ ଫଳରେ କବିଙ୍କର ଏହି କତିପୟ ରଚନା ସଂଗୃହିତ ହୋଇପାରିଛି । ସଂପାଦକର ଅନୁରୋଧ କ୍ରମେ ହସନଙ୍କ ପୁତ୍ର କନ୍ୟା ସୀମା ଓ ଫିରୋଜ ନିଜ ପିତାମହଙ୍କର ସଂକ୍ଷିପ୍ତ ଜୀବନୀ ଯୋଗାଇ ଦେଇ ଅନୁଗୃହୀତ କରିଛନ୍ତି । ଏ ଗ୍ରନ୍ଥାବଳୀର ସଂଗ୍ରହ ଓ ସଂପାଦନାର ଦୁରୂହ କାର୍ଯ୍ୟ କୁମାର ହସନଙ୍କ ସାହାଯ୍ୟ ଯୋଗୁଁ ସଫଳକାମ ହୋଇଛି । ଏହି ସଂକଳନର ସମସ୍ତ ଶ୍ରେୟ ତାଙ୍କର ପ୍ରାପ୍ୟ ।

ମୌଲାନା ମୁସ୍ତକିମ ଗ୍ରନ୍ଥାବଳୀ ପ୍ରକାଶନ ପାଇଁ ପ୍ରଥମେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି ସୁସାହିତ୍ୟକ ପ୍ରଫେସର ଗଣେଶ୍ୱର ମିଶ୍ର ଆଗ୍ରହ ପ୍ରକାଶ କରିଥିଲେ । ବିଭିନ୍ନ ପ୍ରସଙ୍ଗରେ ସେ ମୋତେ ଏଥିପାଇଁ ଉତ୍ସାହିତ କରିଥିଲେ । ଏହି ଅବସରରେ ତାଙ୍କୁ ହୃଦୟର ସମ୍ମାନ ଜଣାଉଛି । ଗବେଷକ ଶ୍ରୀ ଦେବେନ୍ଦ୍ର କୁମାର ଦାଶ ସଂପାଦନାର ବିଭିନ୍ନ କ୍ଷେତ୍ରରେ ମୋତେ ଉଚିତ ଦିଗ୍‌ଦର୍ଶନ ଦେଇଛନ୍ତି । କବି ବ୍ରଜନାଥ ରଥ ଅସରଫ ଅଲ୍ଲୀ ଖାଁଙ୍କ ସଂପର୍କରେ ସୂଚନା ପ୍ରଦାନ କରି କୃତଜ୍ଞ କରିଛନ୍ତି । ଗବେଷକ ବଂଧୁ ଶ୍ରୀ ବିଜୟାନନ୍ଦ ସିଂହ, ସୁସାହିତ୍ୟକ ଶ୍ରୀ ପ୍ରଭାକର

Digitized by srujanika@gmail.com

ସ୍ୱାଇଁ, ଓଡ଼ିଶା ସାହିତ୍ୟ ଏକାଡ଼େମୀର ଉପସଭାପତି ବିଶିଷ୍ଟ କବି ହୁସେନ ରବି ଗାନ୍ଧୀ ଏବଂ ଏକାଡ଼େମୀର ସଂପାଦକଙ୍କ ଉତ୍ସାହ ଓ ଅନୁପ୍ରେରଣା ମୋତେ ଆଗେଇବାର ଖୋରାକ ଯୋଗାଇଛି । ଏ ସମସ୍ତଙ୍କୁ ସାଧୁବାଦ ଜଣାଉଛି ।

ଏହି ଗ୍ରନ୍ଥାବଳୀ କବି ମୁସ୍ତକିମଙ୍କ ରଚନା ସମଗ୍ରର ସଂକଳନ ନୁହେଁ ବରଂ କୀଟଦ୍ରଷ୍ଟ ଅଜସ୍ର କୃତିରୁ ଉଦ୍ଧାର ହୋଇଥିବା କିଛି ବିରଳ ରଚନାର ସମାହାର । ସଂକଳିତ ଅନେକ କୃତିର ଅଂଶବିଶେଷ ମଧ୍ୟ ଦୁର୍ଲ୍ଲଭ । କୌଣସି ଦିବଂଗତ ସ୍ରଷ୍ଟାଙ୍କ ଅସଂପୂର୍ଣ୍ଣ ରଚନା ସଂକଳନ ଉଚିତ ନୁହେଁ । କିନ୍ତୁ ମୁସ୍ତକିମଙ୍କ ସମସ୍ତ ରଚନା ସଂଗ୍ରହ ସମ୍ଭବ ନ ଥିବାରୁ ଏହି ସଂକଳନରେ ହିଁ ସନ୍ତୁଷ୍ଟ ହେବାକୁ ପଡୁଛି । ମୁସ୍ତକିମଙ୍କ ଅନେକ ରଚନା ମୌଖିକ ସାହିତ୍ୟ ରୂପେ ପାଲା ଗାୟକ, ଲୀଳା ସୁଆଙ୍ଗ ଅଭିନେତାଙ୍କ ସ୍ମୃତିରେ ରହିଥିଲା । ଏହି ବହୁ ପ୍ରଚାରିତ, ଅତୀବ ଲୋକପ୍ରିୟ ସଂଗୀତ ଗୁଡ଼ିକ ସେହି ବ୍ୟକ୍ତିମାନଙ୍କର ତିରୋଧାନ ପରେ ଅଂଧକାରର ଅତଳ ଗର୍ଭକୁ ଚାଲିଯାଉଛି । ଏଣୁ ମୁସ୍ତକିମଙ୍କ ସର୍ଜନଶୀଳ ପ୍ରତିଭାର ସମ୍ୟକ୍ ପରିଚୟ ପ୍ରଦାନ ଓ ହିନ୍ଦୁ ମୁସଲିମ ଧର୍ମ ସମନ୍ୱୟର ଅନନ୍ୟ ବାଣୀ ପ୍ରଖ୍ୟାପନ ପ୍ରସଙ୍ଗରେ ସଂକଳିତ ରଚନା ଗୁଡ଼ିକ ସମର୍ଥ ବୋଲି ମନେ କରାଯାଇପାରେ । ବିଭିନ୍ନ ବିଷୟକ, ବିଭିନ୍ନ ଭାବସଂଯୁକ୍ତ ଏହି ରଚନା ସମୂହରୁ କବିଙ୍କର ସୃଷ୍ଟି ପ୍ରବଣ ସତ୍ତାକୁ ଠାବ କରିବାରେ ଅସୁବିଧା କିଛି ରହି ନ ପାରେ । ସମଗ୍ର ରଚନାର ସଂକଳନରେ ଅକୃତକାର୍ଯ୍ୟ ସଂପାଦକର ଏହି ଅସହାୟତା ଓ ଅସାମର୍ଥ୍ୟକୁ ଗୁଣୀ ପାଠକ, ସମାଲୋଚକ ଓ ଗବେଷକବୃନ୍ଦ କ୍ଷମା କରିବେ ବୋଲି ଆଶା ।

ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

କୁଚିଣ୍ଡା

୨୦ମେ ୨୦୦୬

Digitized by srujanika@gmail.com

ସୂଚୀପତ୍ର

୧: ମୁଖଶାଳା	୫
୨: କବିଙ୍କ ବଂଶାବଳୀ	୨୦
୩: କବି ମୌଲାନା ମୁସ୍ତକିମ ଖାଁ ଗୌନ୍ତିଆ	୨୧
୪: ଲକ୍ଷ୍ମୀପୁରାଣ ସୁଆଙ୍ଗ	୩୦
୫: ତ୍ରିପୁର ମୋହିନୀ ହରଣ	୮୭
୬: ଦ୍ରୁପତୀ ସ୍ୱୟମ୍ବର	୧୪୨
୭: ପୃଥ୍ୱୀଯୁଗ ଓ ସତ୍ୟାସତ୍ୟ ଜନ୍ମ ଓ ଯୁଦ୍ଧ	୧୬୮
୮: ଉତ୍ତରମାଳା - ୧ମ ଭାଗ	୧୯୭
୯: ଉତ୍ତରମାଳା - ୩ୟ ଭାଗ	୨୭୭
୧୦: ସଂଗୀତ ରସ କଲ୍ଲୋଳ	୩୯୫
୧୧: ପଠାଣ ଠଗ ଫାର୍ସ	୫୧୯
୧୨: ସାଧୁବେଶ୍ୟା ଫାର୍ସ	୫୪୯
୧୩: ବିବିଧ :	
-ମାନଭଞ୍ଜନ ଚଉତିଶା	୫୫୩
-ଭଜନ ଅନାମିକା ଚଉତିଶା	୫୫୬
-ପତିତପାବନ ଚଉତିଶା	୫୬୧
-ବାରମାସୀ ଡାଲଖାଇ	୫୬୩
-ଆତ୍ମଜୀବନୀ ମୂଳକ ଗୀତର ଅଂଶ	୫୬୬
-ଆକାରଯୋଗ	୫୬୮
-କଚଟତପ	୫୬୮
-ସ୍ୱରବ୍ୟଞ୍ଜନ ବର୍ଣ୍ଣନିୟମ	୫୬୯

Digitized by srujanika@gmail.com

-ର-ସ ୫୬୯
-ସ୍ୱରୋଷ୍ଟ ନିୟମ ୫୬୯
-ଅବନା, ଆବନା ୫୭୦
-ଲେଖେ ଅନ୍ତର୍ଲିପି ଲେଖ ପୁଂସ ରସିକା ୫୭୦
-ବରଷା କାଳ କାଳ ହେଲା ୫୭୧
-ବିରୋଧାଭାସ ୫୭୧
-କୁମ୍ଭାର ପସରା ୫୭୧
-ଗଣ୍ଡାବୁଲି ୫୭୩
-କାଳ ଚଢ଼େଇ ୫୭୩
-ସଂସାର ସାଗରେ ୫୭୪
-ଏକ କାବ୍ୟାଂଶ ୫୭୫
-ସ୍ୱଦେଶୀ ବ୍ୟବହାର ଭଲ ୫୭୬
-ଆଜି ସାରା ଭାରତ ୫୭୬
-ବୀର ଶୂନ୍ୟ ହୋଇଲା କି କ୍ଷିତି ୫୭୭
-ଦମ୍ଭ ଧରିବଟି ଭାରତବାସୀ ୫୭୭
-ପଡ଼ିଛି ବିପତ୍ତି ୫୭୮
-ହେ ଭାରତବାସୀ ଗୁହ ଗୁହ ୫୭୮
-ଦେଖ ଭଲା ବାଇସିକଲ ୫୭୯
-ଭୁଲିଆ କବିତା ୫୮୦
-ସମ୍ବଲପୁରୀ କବିତା ୫୮୧
(୧) ସୀତା ଖୁଜା ୫୮୧
(୨) ଧିକ୍ ଧିକ୍ ବିଧାତା ତୋର୍ ୫୮୨
(୩) ତୁରୀ ପସରା ୫୮୩
(୪) ମାଳି ପସରା ୫୮୪
- ବଙ୍ଗଳା କବିତା :-
(୧) କତ ଭାଗ୍ୟଲୋ ଆମି କରିଛିଲାମ ୫୮୫
(୨) ଆମୀକାର କାଛେ ଜୁଡ଼ାବ ପ୍ରାନ ୫୮୫
(୩) ନଦୀଆ ନବରେ ପ୍ରଭୁ ହଇଲ ଜନମ ୫୮୬
(୪) ଓହେ ଗିତୁରାଜନ ୫୮୬

Digitized by srujanika@gmail.com

(୫) ତୁ ଆମାର କାଛେ ରାବ୍ ନା କୋକିଲ ୪୮୭
(୬) ବିବେକ ଜାନା ଗେଲ ତୋମାର ୪୮୭
(୭) ତୁମି ଯତ କୁବଚନ ବଲବେ ୪୮୭
-ଉର୍ଦ୍ଦୁ କବିତା :
(୧) ହାଏ ହାଏ ଏ ଖୁଦା ୪୮୯
(୨) ମୁହମ୍ମଦକା ଜରା ଜଲୱା ଦିଖାଦୋଗେ ୪୮୯
(୩) ହାୟ, ମୋରା ହିନ୍ଦ୍ ମେଁ ଦିୟା ନା ର ଯାଏ । ୪୯୦
- ଫାର୍‌ସୀ କବିତା:
(୧) ହମ୍‌ଦ ବେହଦ କର୍ ଅଏ ଦିଲ ତୁ ୪୯୧
(୨) ବିସମିଲ୍ଲା ପଢ଼ ଅଦବ୍ ସେ ୪୯୧
- ଚାରିଭାଷୀ । ୪୯୨

Digitized by srujanika@gmail.com

କବିଙ୍କ ବଂଶାବଳୀ



Digitized by srujanika@gmail.com

କବି ମୌଲାନା ମୁସ୍ତକିମ ଖାଁ ଗୌନ୍ତିଆ

କବି ମୌଲାନା ମୁସ୍ତକିମ ଖାଁ ଗୌନ୍ତିଆ ସମଗ୍ର ଓଡ଼ିଶାରେ ହେଉଛନ୍ତି ଯଥାର୍ଥରେ ଯବନ କବି ସାଲବେଗଙ୍କ ଜଣେ ଉତ୍ତରସୂରୀ । ସାଲବେଗଙ୍କ ରଚନାବଳୀ ଓଡ଼ିଆ ଭକ୍ତି ସାହିତ୍ୟର ଅମୂଲ୍ୟ ବିଭବ ହୋଇ ରହିଥିଲାବେଳେ ମୌଲାନା ସାହେବଙ୍କ ରଚନାବଳୀ ନିତିଦିନିଆ ଜୀବନର ଜ୍ୱାଳା ଯନ୍ତ୍ରଣାରୁ ବୃହତ୍ତର ମାନବ ସମାଜର ପଥ ଦେଇ ଆଧ୍ୟାତ୍ମିକତାର ଦିଗନ୍ତ ଛୁଇଁଛି । ଓଡ଼ିଆ ଭିନ୍ନ ଏହି ବହୁ ଭାଷାବିତ୍ ଓ ବହୁମୁଖୀ ପ୍ରତିଭାର ଅଧିକାରୀ କବି ମୌଲାନା ସାହେବ ଉର୍ଦ୍ଦୁ, ଆରବୀ, ପାର୍ସୀ, ବଙ୍ଗଳା, ହିନ୍ଦୀ, ଗୁଜୁରାତୀ ଓ ଇଂରାଜୀରେ ମଧ୍ୟ କାବ୍ୟ କବିତା ରଚନା କରିଛନ୍ତି । ସଂସ୍କୃତରେ ଗଭୀର ଜ୍ଞାନ ସାଙ୍ଗକୁ ହିନ୍ଦୁ ଧର୍ମଶାସ୍ତ୍ରରେ ତାଙ୍କର ଥିଲା ଗଭୀର ପ୍ରବେଶ । ଇସଲାମ୍ ଧର୍ମରେ ତାଙ୍କ ପ୍ରବେଶ ଯୋଗୁଁ ସେ କିପରି ସମ୍ମାନର ଅଧିକାରୀ ହୋଇଥିଲେ ତାହା ତାଙ୍କ ନାମ ପୂର୍ବରୁ ଜନସାଧାରଣଙ୍କ ମୌଲାନା ଆଖ୍ୟାରୁ ସ୍ପଷ୍ଟ ପ୍ରତିପାଦିତ ହୁଏ ।

ଅବିଭକ୍ତ ସମ୍ବଲପୁର ଜିଲ୍ଲା ତଥା ଏବେ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ତହସିଲର ରାଜସ୍ୱ ଗ୍ରାମ ରେମଡ଼ା (ଭୁତିଆ) ରେ କବି ମୁସ୍ତକିମ ଖାଁ ୧୯ଶ ଶତାବ୍ଦୀର ଶେଷ ଦଶକ ମଧ୍ୟରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ମାତା ଥିଲେ ରେମଣ୍ଡା ଗୌନ୍ତିଆ ୱାରିସ ମହମ୍ମଦଙ୍କ ଜ୍ୟେଷ୍ଠା କନ୍ୟା ହମିଦୁନ ବିବି ଓ ବାପାଙ୍କ ନାମ ଥିଲା ଅହମଦ ଖାଁ । କବିଙ୍କ ପୈତୃକ ବଂଶର ବିଶେଷ କିଛି ତଥ୍ୟ ମିଳେ ନାହିଁ । ଅହମଦ ଖାଁ କେଉଁ ଗ୍ରାମର, କାହାର ପୁଅ, କେଉଁଠୁ ଆସିଥିଲେ ଏ ସମ୍ପର୍କରେ ତଥ୍ୟ ଇତିହାସର ଅନ୍ଧାରୀ ଗର୍ଭରେ ବିଲୀନ ହୋଇଯାଇଛି । ତାହା ଖୋଜି ପାଇବାର ମଧ୍ୟ କୌଣସି ପାରିବାରିକ କି ରେକର୍ଡ଼ ସୂତ୍ର ନାହିଁ ।

ତେବେ ଏ ପ୍ରସଙ୍ଗରେ ଗୋଟିଏ କଥା ଉଲ୍ଲେଖ କରାଯାଇପାରେ ଯେ ସମ୍ବଲପୁରର ପ୍ରଥମ ଚୌହାନ ରାଜା ବଳରାମ ଦେବଙ୍କ ସମୟ ପୂର୍ବରୁ ସମ୍ବଲପୁରରେ କୌଣସି ମୁସଲମାନ ବସତି ନ ଥିଲା । ସେତେବେଳେ ବଳରାମ ଦେବ ପ୍ରତିବର୍ଷ ଗଣେଶ ପୂଜାବେଳେ ତାଙ୍କ ମଇତ୍ର ରାୟଗଡ଼ ରାଜାଙ୍କ ଅନୁରୋଧକ୍ରମେ ପୂଜା ଦେଖିବାକୁ ଯାଉଥିଲେ । ସେତେବେଳେ ରାୟଗଡ଼ର ଗଣେଶ ପୂଜା ବହୁ ପ୍ରସିଦ୍ଧି ଲାଭ କରିଥିଲା । ପୂଜା ଅବସରରେ ସେ ସମୟରେ ଅନେକ କୁସ୍ତି, କସରତ, ଲାଠି ଖେଳ, ତରବାରୀ ଚାଳନା ପ୍ରତିଯୋଗିତା ହେଉଥିଲା । ଏହି ଖେଳର ପାରଦର୍ଶିତାରେ ମୁଗ୍ଧ ବଳରାମ ଦେବ ଦୁଇ ଜଣ ମୁସଲିମ ଭାଇ ଚାନ୍ଦ ଖାଁ ଓ ସୂରଜ ଖାଁଙ୍କୁ ନିଜ ଅଙ୍ଗରକ୍ଷୀ ନିଯୁକ୍ତ କରିବାକୁ ଚାହିଁ ସେମାନଙ୍କୁ ତାଙ୍କ ମଇତ୍ରଙ୍କୁ ଦେବାକୁ କହିଥିଲେ । ରାୟଗଡ଼ ରାଜାଙ୍କ ଅନୁମତିକ୍ରମେ ଉକ୍ତ ଦୁଇ ଭାଇ ସପରିବାର ସମ୍ବଲପୁର ଆସି ସହରର ରାଜବାଟୀ ନିକଟସ୍ଥ ବଡ଼ ବଜାରରେ ଅବସ୍ଥାନ କଲେ ।

Digitized by srujanika@gmail.com

ସେମାନେ ରାଜା ବଳରାମ ଦେବଙ୍କ ଅଙ୍ଗରକ୍ଷୀ ନିଯୁକ୍ତି ପାଇବା ଫଳରେ ପୂର୍ବରୁ ଏହି କାମରେ ନିୟୋଜିତ ଥିବା ବଡ଼ବଜାରର କୋଷ୍ଠା ପହିଲମାନମାନେ ଅସନ୍ତୁଷ୍ଟ ହୋଇ ଦୁଇ ଭାଇଙ୍କୁ ମାରିଦେବାର ବିଭିନ୍ନ ରକମ ଚେଷ୍ଟା କଲେ । ହେଲେ ସେଥିରେ ସେମାନେ ସଫଳ ହେଲେ ନାହିଁ । ଅନ୍ୟ ପକ୍ଷରେ ସେମାନଙ୍କ ପ୍ରତି ରାଜରୋଷ ମଧ୍ୟ ବୃଦ୍ଧି ପାଇଲା ।

ପ୍ରବାଦ ଅଛି ଯେ ଏହି ଦୁଇ ଭାଇ ମହାନଦୀକୁ ଗାଧୋଇବାକୁ ଗଲାବେଳେ ବାଟରେ ଏକ ତେଲୁଣି ଘରେ କିଛି ସୋରିଷ ନେଇ, ତାକୁ ହାତ ପାପୁଲିରେ ଦଳି, ତେଲ ବାହାର କରି ତାହା ଲଗାଇ ଗାଧୋଉଥିଲେ । କୋଷ୍ଠା ପହିଲମାନମାନେ ଶେଷରେ ଅନନ୍ୟୋପାୟ ହୋଇ ମିଳିତ ଭାବରେ ଦିନେ ଏହି ତେଲୁଣି ଘରର ଢ଼ବା ଉପରେ ଲୁଚି ରହି ଦୁଇ ଭାଇ ଅଗଣାରେ ବସି ଖୋଲା ଦେହରେ ତେଲ ମାଲିସ କରୁଥିଲାବେଳେ ଅତର୍କିତ ଭାବେ ତାଙ୍କ ଉପରକୁ କୁଦି ପଡ଼ି ସାମୂହିକ ଆକ୍ରମଣ କରିଥିଲେ । ହେଲେ ଦୁଇ ଭାଇଙ୍କ ପାଖରେ ସେମାନଙ୍କୁ ଶୋଚନୀୟ ଭାବେ ପରାଜିତ ହେବାକୁ ପଡ଼ିଥିଲା । ଆକ୍ରମଣ କରି ବିଫଳ ହେବାରୁ ସେମାନେ ଆତ୍ମସମର୍ପଣ କରି ସେମାନଙ୍କ ସଙ୍ଗେ ବନ୍ଧୁତା ସ୍ଥାପନ କରି ସେମାନଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ ।

କାଳକ୍ରମେ ଏହି ଦୁଇ ଭାଇଙ୍କ ପୁତ୍ରକନ୍ୟାମାନେ ବିବାହଯୋଗ୍ୟ ହେବାରୁ ସେମାନଙ୍କ ପାଇଁ ବର ଓ କନ୍ୟା ଲୋଡ଼ା ପଡ଼ିଲା । ସେତେବେଳେ ଆଖପାଖରେ କୌଣସି ମୁସଲମାନ ପରିବାର ନ ଥିଲେ । କିନ୍ତୁ ବାହାରୁ କେତେକ ମୁସଲମାନ ବୁଲା ବେପାରୀ ଚମରୀ ଗାଈରେ ହଳଦି, ମସଲା, ଲୁଣ ଆଦି ବିଭିନ୍ନ ପଣ୍ୟ ସାମଗ୍ରୀ ଆଣି ବୁଲି ବୁଲି ସମ୍ବଲପୁର ଅଞ୍ଚଳରେ ବିକ୍ରୟ କରି ପୁଣି ଫେରି ଯାଉଥିଲେ ।

ଏମାନଙ୍କ ବିଷୟରେ ପ୍ରବାଦ ଅଛି ଯେ ଆରମ୍ଭରୁ ଏମାନେ ବ୍ୟବସାୟୀ ନ ହୋଇ କଳାକୁଶଳୀ କାରିଗର ଥିଲେ । ମୋଗଲ ସମ୍ରାଟ ସାହାଜାହାନ ଏମାନଙ୍କ ପୂର୍ବ ବଂଶଧରମାନଙ୍କୁ କାବୁଲ, କାନ୍ଦାହାର ଆଦି ଅଞ୍ଚଳରୁ ଅଣାଇ ତାଜମହଲ ନିର୍ମାଣରେ ନିୟୋଜିତ କରିଥିଲେ ।

ତାଜମହଲ ନିର୍ମାଣ ପରେ ପ୍ରବାଦ ଅନୁସାରେ ଯେତେବେଳେ ସାହାଜାହାନ ସେମାନଙ୍କ ମୁଖ୍ୟ କାରିଗରଙ୍କୁ ଡାକି ଅନେକ ପୁରସ୍କାର ଦେଇ ପଚାରିଲେ ଯେ - 'ତମେ କଣ ଆଉ ଏକ ତାଜମହଲ ତିଆରି କରିପାରିବ? ସେତେବେଳେ ଶିଳ୍ପୀ ଜଣକ ବିନୀତ ଭାବରେ ଉତ୍ତର ଦେଲେ ଯେ ସମ୍ରାଟ ସାହାଜାହାନ ଏଥିପାଇଁ ଯେତେ ଧନସମ୍ପଦ ଖର୍ଚ୍ଚ କରିଛନ୍ତି, ଯେତେ ହୀରା, ନୀଳା, ମୁକ୍ତା, ମାଣିକ୍ୟ, ସୁନା, ରୁପା ଆଦି ଦେଇଛନ୍ତି, ତାହା ପୃଥିବୀରେ ଆଉ କେହି ଦେଇ ପାରିବା ଅସମ୍ଭବ । ହେଲେ କେହି ଯଦି ଏହାଠାରୁ ବେଶି ଧନ ଓ ମୂଲ୍ୟବାନ ସାମଗ୍ରୀ ପ୍ରଦାନ କରେ ତେବେ ହୁଏତ ତାଜମହଲଠାରୁ ଆହୁରି ସୁନ୍ଦର ଏକ ମହଲ ଅସମ୍ଭବ ହେବ ନାହିଁ ।'

Digitized by srujanika@gmail.com

ସାହାଜାହାନ ଏହା ଶୁଣି ସ୍ତବ୍ଧ ହୋଇଗଲେ । ତାଙ୍କ ମନେ ପଡ଼ିଲା ରାଣୀ ମୁମତାଜ୍ ମହଲଙ୍କୁ ଦେଇଥିବା ନିଜ ପ୍ରତିଶ୍ରୁତି କଥା । ରାଣୀ ମୃତ୍ୟୁଶଯ୍ୟାରେ ଥାଇ ଅନୁରୋଧ କରି କହିଥିଲେ ଯେ - 'ମୋ ମୃତ୍ୟୁ ପରେ ମୋ କବର ଉପରେ ଏମିତି ଏକ ମହଲ ତୋଳାଇବ ଯାହା ପୃଥିବୀରେ ନାହିଁ କି ନ ଥିବ ।'

ସମ୍ରାଟ ଭାବିଲେ ଏହି ଶିଳ୍ପୀଗୁରୁ ଜଣକ ବଞ୍ଚି ରହିଲେ ରାଣୀଙ୍କର ଏହି ଶେଷ ଇଚ୍ଛା ହୁଏତ ପୂରଣ ହେବ ନାହିଁ । ହେଲେ ଏଭଳି ଜଣେ ବିରଳ, କଳାନିପୁଣ ଶିଳ୍ପୀଙ୍କୁ ହତ୍ୟା କରିବାକୁ ତାଙ୍କ ହାତ ଓ ମନ ଗଲା ନାହିଁ । ସମ୍ରାଟ ପ୍ରଥମେ ଶିଳ୍ପୀଙ୍କ ହାତ ଚୁମିଲେ ଓ ସଙ୍ଗେ ସଙ୍ଗେ ଅଣ୍ଟାରୁ ତରବାରୀ କାଢ଼ି ତାଙ୍କ ବାମ ହାତକୁ ପାପୁଲିଠାରୁ କାଟିଦେଲେ ଯାହା ଫଳରେ ସେ ଆଉ କେବେ ତାଜମହଲଠୁ ବେଶି ସୁନ୍ଦର ସଉଧ ତୋଳାଇ ପାରିବେ ନାହିଁ ।

ଏହି ଘଟଣାରେ ଭୟଭୀତ ହୋଇ ତାଙ୍କର ସହଶିଳ୍ପୀମାନେ ଜୀବନ ରକ୍ଷା କରିବାକୁ ଆଗରା ଓ ଦିଲ୍ଲୀ ଛାଡ଼ି ଦୂରଦୂରାନ୍ତ ଅଞ୍ଚଳକୁ ପିଲାଛୁଆ ଧରି ପଳାୟନ କଲେ ଓ ଅବସ୍ଥାଚକ୍ରରେ ପଡ଼ି ପରିବାର ଭରଣ ପୋଷଣ ପାଇଁ ବିଭିନ୍ନ ରକମ ଛୋଟବଡ଼ ବ୍ୟବସାୟକୁ ଆଦରି ନେଲେ । ସେମାନଙ୍କ ବଂଶର କେଇ ଜଣ ବ୍ୟବସାୟୀ ସମ୍ବଲପୁରୀ ଅଞ୍ଚଳକୁ ବାରମ୍ବାର ବ୍ୟବସାୟ କରି ଆସୁଥାନ୍ତି । ସେମାନଙ୍କ ଆଚାର, ବ୍ୟବହାରରେ ରାଜା ବଳରାମ ଦେବ ମୁଗ୍ଧ ଥିଲେ ।

ଫଳରେ ଏହି ଦୁଇ ଭାଇଙ୍କ ପୁତ୍ରକନ୍ୟା ବିବାହ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ରାଜା ସେମାନଙ୍କ ସହ ସମ୍ପର୍କ ସ୍ଥାପନ କରି ସେମାନଙ୍କୁ କହିଲେ ଯେ ସେମାନେ ଯଦି ଏମାନଙ୍କ କନ୍ୟା, ପୁତ୍ରଙ୍କୁ ବିବାହ କରିବାକୁ ଚାହିଁବେ ତେବେ ସେମାନଙ୍କ ସ୍ଥାୟୀ ବସବାସ ଓ ଭରଣ ପୋଷଣ ପାଇଁ ସେମାନଙ୍କୁ ରାଜାଙ୍କ ତରଫରୁ ମାଫିରେ ଗ୍ରାମଦାନ କରାଯିବ । ଏଥିରେ ସେମାନଙ୍କ ମଧ୍ୟରୁ କେତେ ଜଣ ରାଜି ହେଲେ ।

ଏହି ସୂତ୍ରରେ ଅବିଭକ୍ତ ସମ୍ବଲପୁର ଜିଲାରେ ବିଶେଷ କରି ପୂର୍ବରେ ଇବ୍ ନଦୀ କୂଳରୁ ପଶ୍ଚିମରେ ମହାନଦୀ କୂଳ ଭିତରେ ଅର୍ଥାତ୍ ଏବେ ହୀରାକୁଦ ଜଳ ଭଣ୍ଡାରରେ ଜଳମଗ୍ନ ହୋଇଥିବା ରମ୍ଭେଲା ଗ୍ରାମଠାରୁ ପଶ୍ଚିମରେ ଘିନାଚାଲ ମଧ୍ୟରେ ଅନେକ ମୁସଲିମ ପରିବାର ଗୌନ୍ତିସୂତ୍ରରେ ସ୍ଥାନିତ ହେଲେ । ସେମାନଙ୍କୁ ବିଭିନ୍ନ ଗ୍ରାମ ଦିଆଯିବା ସହ ଗୌନ୍ତିଆ ଭାବେ ମାନ୍ୟତା ଦିଆଗଲା । ସେମାନଙ୍କ ଭୋଗରାଗ ପାଇଁ ବହୁ ନିସ୍କର ସହ ଭୋଗରା ଜମି ମଧ୍ୟ ଦିଆଗଲା । ଏହିପରି ଭାବରେ ସମ୍ବଲପୁରରେ ବହୁ ମୁସଲିମ ଗ୍ରାମ ପ୍ରତିଷ୍ଠା ହେଲା । ଏଥି ମଧ୍ୟରେ ରେମଡ଼ା ଅନ୍ୟତମ ।

ରେମଣ୍ଡା ଗୌନ୍ତିଆ ଓ୍ୱାରିସ ମହମ୍ମଦଙ୍କ ଜ୍ୟେଷ୍ଠା କନ୍ୟା ହମିଦୁନ ବିବି (୯କ) ଏହି ସୂତ୍ରରେ ଅହମଦ ଖାଁ (ଡୁଗୁ ଖାଁ) ଙ୍କୁ ବାହା ହୋଇ ରେମଡ଼ାରେ ଏବେ ମସଜିଦ ଥିବା ଘରେ ବସବାସ କରୁଥିଲେ । ସେଠାରେ ତାଙ୍କର ଏକ ପୁତ୍ର ସନ୍ତାନ ଜାତ ହୋଇଥିଲା । ସେ ଥିଲେ କବି ମୁସ୍ତକିମ ଖାଁ ।

Digitized by srujanika@gmail.com

ଅହମଦ ଖାଁ ଭୟଙ୍କର ଭାବେ ସ୍ୱାଭିମାନୀ ଥିଲେ । ମୁସ୍ତକିମଙ୍କୁ ଯେତେବେଳେ ପାଞ୍ଚବର୍ଷ ବୟସ ସେତେବେଳେ ଦିନେ ତାଙ୍କ ବାପା ପୋଖରିରୁ ଗାଧୋଇ ଓଦା ଲୁଗା ପିନ୍ଧି ଘରକୁ ଆସିଲାବେଳେ ଦେଖିଲେ ଯେ ତାଙ୍କ ଧର୍ମପତ୍ନୀ ଗାଁର କେତେ ଜଣ ସ୍ତ୍ରୀଲୋକଙ୍କ ସହ ଦାଣ୍ଡ ଦୁଆରରେ ବସି କଥାବାର୍ତ୍ତା ହେଉଛନ୍ତି । ସେଠାରେ ବହୁତ ଚଉଡ଼ା ଦର୍ଜା ଥିଲେ ବି ସେ ଘରକୁ ନ ଯାଇ ଠିଆ ହୋଇଗଲେ । ତାଙ୍କ ପତ୍ନୀ ତାଙ୍କୁ ଆରେଇ ହୋଇ ଭିତରକୁ ଯାଉନ ବୋଲି କହିବାରୁ ସେ ରାଗରେ ତମ ତମ ହୋଇ କହିଲେ ଯେ - 'ସେ ବଞ୍ଚିଥିବା ଯାଏଁ ସେ ଘରେ ପ୍ରବେଶ କରିବେ ନାହିଁ କି ତାଙ୍କ ମୁହଁ ମଧ୍ୟ ଚାହିଁବେ ନାହିଁ ।' ଏହା କହି ସେଇ ଓଦା ଲୁଗାରେ ଅନ୍ୟ କିଛି ନ ନେଇ ସେ ଘର ଛାଡ଼ିଦେଲେ ଓ ଜୀବନରେ ଆଉ କେବେ ଫେରି ନାହାନ୍ତି ।

ତା'ପରେ ସେ କୁଆଡ଼େ ଗଲେ, କଣ କଲେ କିଛି ଖୋଜ ଖବର ମିଳିଲା ନାହିଁ । ତାଙ୍କ ମୃତ୍ୟୁ ପରେ ଜଣା ପଡ଼ିଥିଲା ଯେ ସେ ଜିଲ୍ଲାର ସର୍ବବୃହତ ଗ୍ରାମ ଲଇଡ଼ାରେ ରହି ନିଜେ କାଚ ତରଳାଇ ଚୁଡ଼ି ତିଆରି କରି ବିକ୍ରି କରିବା ସହ ଏବର ଛତିଶଗଡ଼ର ରାୟଗଡ଼ ଅଞ୍ଚଳରେ ଦ୍ୱିତୀୟ ବିବାହ କରିଥିଲେ । ତାଙ୍କର ଏକ ପୁତ୍ର ସନ୍ତାନ ମଧ୍ୟ ହୋଇଥିଲା ।

ସେତେବେଳେ ଲଇଡ଼ା ଓ ସମ୍ବଲପୁର ଅଞ୍ଚଳରେ ଘନ ଅରଣ୍ୟ ଥିଲା । ଯାତାୟାତର ବିଶେଷ ସୁବିଧା ନ ଥିଲା । ଲୋକେ ପାଦରେ ଚାଲି ଚାଲି ବିପଦସଙ୍କୁଳ, ବନ୍ୟଜନ୍ତୁ ଭରପୂର ଜଙ୍ଗଲ ଦେଇ ଯାତାୟାତ କରୁଥିଲେ ଓ ସମ୍ପନ୍ନ ଲୋକେ ଘୋଡ଼ା ବ୍ୟବହାର କରୁଥିଲେ । ମୃତ୍ୟୁର କେଇ ଦିନ ପରେ କବିଙ୍କୁ ଖବର ମିଳିଥିଲା । ଖବର ପାଇ କବି ସଙ୍ଗେ ସଙ୍ଗେ ଘୋଡ଼ାରେ ବାହାରି ଯେଉଁ ଦିନ ଲଇଡ଼ାରେ ପହଞ୍ଚିଲେ ଠିକ୍ ସେହିଦିନ ହିଁ ତାଙ୍କ ସାବତ ମାଁ ଲଇଡ଼ାରେ ଥିବା ତାଙ୍କର ଜମି, ଘରବାଡ଼ି କେବଳ ରାଇଗଡକୁ ରାସ୍ତା ଖର୍ଚ୍ଚ ବିନିମୟରେ ଅନ୍ୟ ଜଣେ ମୁସଲିମ ଭାଇଙ୍କୁ ଦେଇ ଚାଲି ଯାଇଥିଲେ ।

କବି ବାରମ୍ବାର ରାୟଗଡ଼ ଓ ଆଖପାଖ ଅଞ୍ଚଳ ବୁଲି ସେମାନଙ୍କ ସନ୍ଧାନ କରିବାକୁ ଚେଷ୍ଟା କରି ମଧ୍ୟ ଜୀବନ ସାରା ସଫଳ ହୋଇ ପାରି ନ ଥିଲେ । ଫଳରେ ତାଙ୍କ ବଂଶର ଏକ ଅଂଶ ସବୁଦିନ ପାଇଁ ଅନ୍ଧାର ଗର୍ଭରେ ହଜିଗଲା ।

ବାପହରା ଶିଶୁପୁତ୍ରର ସମସ୍ତ ଲାଳନ ପାଳନ ଦାୟିତ୍ୱ ସଧବା ହୋଇ ବି ବିଧବା ପରି ଜୀବନ ବିତାଉଥିବା ହମିଦୁନ ବିବିଙ୍କ ଉପରେ ପଡ଼ିଲା । ଏଥିରେ ତାଙ୍କ ବାପା ଓ ସାନ ଭାଇ ଅଲିଉଲ ମହମ୍ମଦ ମଧ୍ୟ ଅକୁଣ୍ଠ ଭାବରେ ସହଯୋଗ କଲେ । ଅଲିଉଲ ମହମ୍ମଦ ମଧ୍ୟ ନିଜ ଭଣଜାକୁ ନିଜର ପୁତ୍ରବତ୍ ଭଲ ପାଇ ତାଙ୍କ ଶିକ୍ଷା ଦୀକ୍ଷାର ସବୁ ବନ୍ଦୋବସ୍ତ ତାଙ୍କ ପୁଅ ମହମ୍ମଦ ହନିଫଙ୍କ ସହ କରିଦେଲେ ।

ସେତେବେଳେ ରମ୍ଭେଲାରେ ମାଇନର ସ୍କୁଲଟିଏ ଥାଏ ଓ ପ୍ରଧାନ ଶିକ୍ଷକ ଥାଆନ୍ତି କବିଭୂଷଣ ସ୍ୱପ୍ନେଶ୍ୱର ଦାଶ । ମୌଲାନା ମୁସ୍ତକିମ ଖାଁ ସେଠି ମାତ୍ର ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ । ସେଠି ମଧ୍ୟ ସେ ଛୋଟ ଛୋଟ କବିତା ଲେଖୁଥିଲେ ।

Digitized by srujanika@gmail.com

ହେଲେ ଦିନେ ବିଦ୍ୟାଳୟରେ ଚଗଲାମି ଯୋଗୁଁ ସ୍ୱପ୍ନେଶ୍ୱର ଦାଶଙ୍କଠାରୁ ମାଡ଼ ଖାଇଲା ପରେ ସେ ସବୁ ଦିନ ଲାଗି ସ୍କୁଲ ଛାଡ଼ି ଦେଲେ ଓ ନିଜ ଚେଷ୍ଟାରେ ଓଡ଼ିଆ, ହିନ୍ଦି, ସଂସ୍କୃତ, ଉର୍ଦ୍ଦୁ, ଆରବୀ, ବଙ୍ଗଳା, ଗୁଜୁରାତି ଭାଷାରେ ଦକ୍ଷତା ଲାଭ କଲେ ଓ ପରେ କିଛି ଇଂରାଜୀ ମଧ ଶିଖିଲେ ।

ପିଲାକାଳରୁ ସେ ଥିଲେ ଖୁବ୍ କ୍ରୀଡ଼ାପ୍ରିୟ ଓ ସ୍କୁଲ ଜୀବନରୁ ସେ କବିତା ରଚନାରେ ଲାଗିଥିଲେ । ସ୍ୱପ୍ନେଶ୍ୱର ଦାଶ ତାଙ୍କ କବି ପ୍ରତିଭା ଦେଖି ଥରେ ତାଙ୍କୁ 'ଅମରକୋଷ' ଅଭିଧାନଟିଏ ଦେଇ କହିଥିଲେ - "ଅମର ଜୁମର ନିତ୍ୟଇ ଘୋଷ, ଆଇ ଯେତେ ସବୁ ବତାରେ ଖୋସ ।"

ସେମାନଙ୍କୁ ଆରବୀ, ପାର୍ସି ଭାଷା, ଧର୍ମ ଓ ଯୁଦ୍ଧବିଦ୍ୟା ଶିକ୍ଷା ଦେବା ପାଇଁ ଆଜମେର ଖିଡ଼କି ଦରୱାଜାରୁ ଜଣେ ସିଦ୍ଧ ସୁଫି ଫକୀର ଅବଦୁଲ୍ଲା ଶାହଙ୍କୁ ରେମଡ଼ାଙ୍କୁ ଅଣାଗଲା । ସେ ଥିଲେ ଜଣେ ସିଦ୍ଧ ଫକୀର । ଧର୍ମ ଭଳି କୁସ୍ତି, କସରତ, ଲାଠି ବିଦ୍ୟାରେ ଏମିତି ଧୁରନ୍ଧର ଥିଲେ ଯେ ଥରେ ଶହେ ସରିକି ଲୋକ ଏକ ସମୟରେ ତାଙ୍କ ଉପରକୁ ଟେକାମାଡ଼ କରିଥିଲାବେଳେ ସେ ଦୁଇ ଇଞ୍ଚ ଚଉଡ଼ା ସାମାନ୍ୟ ଛୋଟ କାଠପଟାଟାଏ ଧରି ଏଭଳି ଭାବରେ ଘୂରି ବୁଲିଥିଲେ ଯେ ତାଙ୍କ ଦେହରେ ଧୂଳି ଟିକିଏ ମଧ୍ୟ ଲାଗି ନ ଥିଲା । ଏପରିକି ସେ ଥରେ ବାପାଙ୍କ ଆଗ୍ରହରେ ତାଙ୍କୁ ଏକ ବଣୁଆ ବାଘ ଉପରେ ବସାଇ ଗ୍ରାମ ପରିକ୍ରମା କରାଇଥିଲେ ବୋଲି ଲୋକମୁଖରେ ଶୁଣାଯାଏ ଆଉ ସେଇ ଦିନଠୁ ମୁସ୍ତକିମଙ୍କୁ ଅନ୍ୟ ଏକ ଶ୍ରଦ୍ଧା ନାମ ହୋଇଥିଲା ମୁସ୍ତଫା ସେର ଖାଁ ।

ତାଙ୍କଠାରୁ ବିଭିନ୍ନ ଶିକ୍ଷା ଲାଭ କରି କବି ଏକ ମନ୍ତ୍ରତନ୍ତ୍ରବିତ୍ ମଧ୍ୟ ହେଲେ । ଅନେକ ବ୍ରାହ୍ମଣ ପଣ୍ଡିତଙ୍କ ସହ ଯୋଗାଯୋଗ କରି ସେ ସଂସ୍କୃତ ଓ ହିନ୍ଦୁ ଧର୍ମ ଉପରେ ପାରଦର୍ଶିତା ଲାଭ କଲେ ।

ସେ ଥିଲେ ତାଙ୍କର ପଟ୍ଟଶିଷ୍ୟ ଓ ଫକୀରଙ୍କ ଖୁବ୍ ପ୍ରିୟ । ତାଙ୍କ ଦ୍ୱାରା ସେ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ତାଙ୍କ ପ୍ରଭାବ ଥିଲା ଏତେ ବେଶି ଯେ ଫକୀରଙ୍କ ଗଲାବେଳକୁ ସେ ମଧ ଫକିରୀ ଦୀକ୍ଷା ଗ୍ରହଣ କରିବେ ବୋଲି ତାଙ୍କ ପଛେ ପଛେ ଗୋଡ଼େଇ ଥିଲେ । ହମିଦୁନ ବିବି କଷ୍ଟରେ ତାଙ୍କୁ ଫକୀରଙ୍କଠାରୁ ଫେରାଇ ଆଣିଥିଲେ । ଫକୀର ତାଙ୍କୁ କହିଥିଲେ - "ବେଟା, ଅସଲ ଫକିରୀ ଗାର୍ହସ୍ଥ୍ୟରେ ଅଛି, ସନ୍ନ୍ୟାସରେ ନାହିଁ ।"

ସେ ସବୁ ବିଷୟରେ ପିଲାକାଳରୁ ଅତ୍ୟନ୍ତ ଆଗ୍ରହୀ ଥିଲେ । ସେ ଧର୍ମତତ୍ତ୍ୱ ହେଉ କି ଲାଠି ଚାଳନା ହେଉ, କୁସ୍ତିକସରତ ହେଉ, ନ୍ୟାୟ ନିସାପ ହେଉ କେଉଁଥିରେ ସେ ପଛକୁ ହଟୁ ନ ଥିଲେ । ସେ ଥିଲେ ଅତ୍ୟନ୍ତ ଦୁଃସାହସୀ, ପରାକ୍ରମଶାଳୀ, କଠୋର ପରିଶ୍ରମୀ ଓ ବିଚକ୍ଷଣ । ତେଣୁ ଅଳ୍ପ ସମୟ ମଧ୍ୟରେ ସେ ବିଭିନ୍ନ ବିଦ୍ୟାରେ ପାରଙ୍ଗମ ହୋଇ ଉଠିଥିଲେ ଓ ପିଲାକାଳରୁ ତାଙ୍କ ଖ୍ୟାତି ଚାରିଆଡ଼େ ବ୍ୟାପିବାକୁ ଲାଗିଥିଲା ।

Digitized by srujanika@gmail.com

ପରେ କୁଡ଼ାଲୋଇର ଗୌନ୍ତିଆ ନବିଦାତ ଖାଁ ଜମାଦାରଙ୍କ ଜ୍ୟେଷ୍ଠା କନ୍ୟା ଜଏବୁନ ବିବିଙ୍କ ସହ ତାଙ୍କ ବିବାହ ହୋଇଥିଲା । ବିବାହ ପରେ ସେ ରେମଡ଼ାରେ ଅବସ୍ଥାନ କଲେ ଓ ତାଙ୍କ ଭରଣ ପୋଷଣ ପାଇଁ ତାଙ୍କ ମାମୁଁ ଅଲିଉଲ ମହମ୍ମଦ ଅନେକ ଜମି ତାଙ୍କ ନାମରେ ଉପହାର ଦେଇଥିଲେ ।

ବିବାହ ପରେ ସେ ଥରେ କୁଡ଼ାଲୋଇ ତାଙ୍କ ଶ୍ୱଶୁର ଘରକୁ ଯାଇଥିଲାବେଳେ ତାଙ୍କ ଶ୍ୱଶୁରଙ୍କ ଏକ ଉର୍ଦ୍ଦୁ ଚିଠି ଲକ୍ଷ୍ନୌରୁ ଆସିଥିଲା । ଡାକ ପିଅନ ଚିଠି ଦେଇ ଗଲାବେଳେ କବି ଶ୍ୱଶୁରଙ୍କ ପାଖେ ଥିଲେ । ବୟସାଧିକ୍ୟ ଯୋଗୁଁ ତାଙ୍କ ଶ୍ୱଶୁର ତାଙ୍କୁ ଚିଠିଟି ପଢ଼ି ଦେବା ପାଇଁ ବଢ଼େଇ ଦେଲେ । କବିଙ୍କୁ ସେତେବେଳେ ଉର୍ଦ୍ଦୁ ଜଣା ନ ଥାଏ । ସେହିକ୍ଷଣି ସେ ଅପମାନିତ ହୋଇ ରେମଡ଼ା ଫେରି ଆସିଲେ ।

ସେତେବେଳେ ରେମଡ଼ା ନିକଟସ୍ଥ ପଣ୍ଡରୀ ଗ୍ରାମରେ ଜଣେ ସହିସ ଥିଲେ ବରଜୁ ଘସିଆ । ସେ ପଢ଼ାଲେଖା ଜାଣିଥିବା ବ୍ୟକ୍ତି ଓ ଗାଁ ଗାଁ, ବଜାର ବଜାର ବୁଲି ବିଭିନ୍ନ ରକମ ଧର୍ମଗ୍ରନ୍ଥ, ପୁରାଣ, ରାମାୟଣ, ମହାଭାରତ ଓ ଅନ୍ୟାନ୍ୟ ପୁସ୍ତକ ବିକି ତାଙ୍କ ବୃତ୍ତି ଚଳୁଥିଲା । ସେ ବିଭିନ୍ନ ଭାଷା ଜାଣିଥିଲେ ଓ କବିତା ମଧ୍ୟ ରଚନା କରୁଥିଲେ । ତାଙ୍କର ଏକ ଚଟି ବହି 'ପଞ୍ଚପୋଇ ଚଉତିଶା' ସେତେବେଳେ କଟକରୁ ବ୍ରଜମୋହନ ଅଶ୍ୱପାଳ ନାମରେ ପ୍ରକାଶ ପାଇଥିଲା । ସେ ସବୁ ରବିବାରଦିନ ଏବେ ହୀରାକୁଦ ଜଳଭଣ୍ଡାରରେ ଜଳମଗ୍ନ ପୁରୁଣା ଅଢ଼ାପରା ବଜାରକୁ କବିଙ୍କ ନୂଆ ବସତି ସ୍ଥାପନ କରିଥିବା ବିଚ୍ଛେଦଗଡ଼ ବାଟ ଦେଇ ଯାଉଥିଲେ । ସେତେବେଳେ ଅଢ଼ାପରା ଯିବାକୁ କବିଙ୍କ ନିଜସ୍ୱ ପୋଖରୀ ହିଡ଼ ବାଟ ଦେଇ ରାସ୍ତା ଥିଲା । ଯିବା ଆସିବା ଲୋକେ ସେ ପୋଖରୀ କୂଳରେ କବି ଲଗାଇଥିବା ଆମ୍ବ, ମହୁଲ ଗଛ ଛାଇରେ ବସି କିଛି କ୍ଷଣ ବିଶ୍ରାମ ନେଇ ପାଣି ପିଇ ଆଗକୁ ଯାଉଥିଲେ । କବି ତାଙ୍କୁ ଅନୁରୋଧ କରିବାରୁ ପ୍ରତି ରବିବାର ବଜାର ଦିନ ସେ ପୋଖରୀର ମହୁଲ ଗଛ ତଳେ ଥିବା ଚଉଁରାରେ ବସି ବିଶ୍ରାମ ନେଉଥିଲାବେଳେ କବିଙ୍କୁ ଉର୍ଦ୍ଦୁ ଭାଷା ଓ ଲେଖା ଶିଖାଇଥିଲେ । ପରେ କବି ଏହି ଭାଷାରେ ବ୍ୟୁତ୍ପତ୍ତି ଲାଭ କରି ଅନେକ କବିତା ମଧ୍ୟ ରଚନା କରିଛନ୍ତି ।

ଅଲିଉଲ ମହମ୍ମଦଙ୍କ ପୁତ୍ର ପିଲାବେଳୁ ବହୁ ବିଳାସ ବ୍ୟସନ ମଧ୍ୟରେ ବଢ଼ିଥିବାରୁ ସେ ତାଙ୍କ ଶିକ୍ଷା ଦୀକ୍ଷାରେ କବିଙ୍କ ସମକକ୍ଷ ହୋଇ ପାରିଲେ ନାହିଁ । ଏଥିପାଇଁ କବିଙ୍କ ଉଦାହରଣ ବାରମ୍ୱାର ତାଙ୍କ ଆଗରେ ଘରେ ଓ ବାହାରେ ଦିଆଗଲା । ଫଳରେ ସେ ଏହାର ସତ୍ୟତାକୁ ଉପଲବ୍ଧି କରି ନିଜକୁ ସୁଧାରିବା ପରିବର୍ତ୍ତେ ତାଙ୍କର କିଛି ନ୍ୟସ୍ତସ୍ୱାର୍ଥ ଚାଟୁକାର ବନ୍ଧୁମାନଙ୍କ କଥାରେ ପଡ଼ି କବିଙ୍କ ପ୍ରତି ଅସୂୟା ଭାବ ରଖିଲେ । କବି ନିଜର ଏହି ପଥହରା ଭାଇଙ୍କୁ ସତ୍‌ମାର୍ଗରେ ଚଳାଇବା ପାଇଁ ବହୁ ଚେଷ୍ଟା କରି ବାରମ୍ୱାର ଅପମାନିତ ଓ ଆକ୍ରମଣର ଶିକାର ହେଲେ । ତଥାପି ସେ ତାଙ୍କୁ ନିଜ ଜୀବନରୁ ବେଶି ଭଲ ପାଉଥିଲେ ।

Digitized by srujanika@gmail.com

ପରେ କବିଙ୍କ ବିବାହ ଓ ଅଲିଉଲ ମହମ୍ମଦଙ୍କ ମୃତ୍ୟୁ ପରେ ମାମୁଁଘର ଜମି ଯୋଗୁଁ ତାଙ୍କୁ ବିଭିନ୍ନ ଉପାୟରେ ମାରିବାକୁ ବିଫଳ ହେଲା ପରେ ଗୁଳି ଚାଳନା ମଧ୍ୟ କରାଯାଇଥିଲା । ଏଥିରେ ବ୍ୟଥିତ ହୋଇ କବି ତାଙ୍କୁ ମାମୁଁ ଦେଇଥିବା ସମସ୍ତ ଜମିର ଷ୍ଟାମ୍ପ ନିଜ ମାମୁଁ ପୁଅ ଭାଇଙ୍କ ପାଖରେ ଫୋପାଡ଼ି ସେହି ରାତିରେ କାହାକୁ କିଛି ନ କହି କୁଆଡ଼େ ଚାଲି ଗଲେ ଯେ ବର୍ଷ ବର୍ଷ ଧରି ତାଙ୍କ ସନ୍ଧାନ ମିଳି ନ ଥିଲା ।

ପରେ ଯେତେବେଳେ ସେ ଘଟଣାକ୍ରମରେ ଘରକୁ ତାଙ୍କ ଶାଳକ କୁଡ଼ାଲୋଇ ଗୌନ୍ତିଆ ସ୍ୱର୍ଗତ ତିଜାରତ ଖାଁଙ୍କଦ୍ୱାରା ଆନୀତ ହେଲେ ସେତେବେଳେ ଜଣା ପଡ଼ିଲା ଯେ ଏହି ସମୟରେ ସେ କଲିକତା, ବମ୍ବେ, ମାନ୍ଦ୍ରାଜ, ଆଦି ଯାଇ ନିଜ ଭାଗ୍ୟ ପରୀକ୍ଷା କରିଥିଲେ । ଏହି ଅବସରରେ ସେ ବଙ୍ଗଳା, ଗୁଜରାଟି, ମରାଠୀ, ତେଲୁଗୁ ଆଦି ବିଭିନ୍ନ ଭାଷା ଶିକ୍ଷା କରିବାର ସୁଯୋଗ ପାଇଥିଲେ ।

ଘରକୁ ଫେରିଲା ପରେ ତାଙ୍କ ଶ୍ୱଶୁର କୁଡ଼ାଲୋଇ ଗୌନ୍ତିଆ ନବିଦାତ ଖାଁ ଜମିଦାର ତାଙ୍କୁ କିଛି ଜମି ଦେବାକୁ ଚାହିଁଲେ ହେଲେ ମାମୁଁ ଘରର ତିକ୍ତ ଅନୁଭୂତି ତାଙ୍କୁ ବାରଣ କରିବାକୁ ବାଧ୍ୟ କଲା । ଫଳରେ ତାଙ୍କ ଶ୍ୱଶୁର ବରପାଲି - ଚାରିପାଲିରେ ଡେଙ୍ଗସର୍ଗି ଗୌନ୍ତିଆଘରେ ତାଙ୍କ ବନ୍ଧା ପଡ଼ିଥିବା କିଛି ଜମିକୁ ଆବଶ୍ୟକ ଟଙ୍କା ବିନିମୟରେ ବିକ୍ରିନାମା କରି ଦେଇଥିଲେ । ପୁଣି ରେମଡ଼ାରେ ଜଣେ ଗୋପାଳ ତେଲେଙ୍ଗା ତାଙ୍କର ପତ୍ନୀଙ୍କ ମୃତ୍ୟୁ ପରେ ସ୍ୱଦେଶ ବାହୁଡ଼ିବାକୁ ଚାହିଁ କିଛି ଟଙ୍କା ବିନିମୟରେ ତାଙ୍କର ରେମଡ଼ାର ସବୁ ଜମି କବିଙ୍କୁ ବିକି ଦେଇଥିଲେ ।

ରେମଡ଼ାର ଘରେ ରହୁଥିଲାବେଳେ କବିଙ୍କ ସାତଟି ସନ୍ତାନଙ୍କ ମୃତ୍ୟୁ ଘଟିଥିଲା । ଏଥିରେ ବ୍ୟଥିତ ହୋଇ ସେ ତାଙ୍କ ଘରକୁ ଗାଁର ମସଜିଦ୍ କରିବାକୁ ଦାନ କରି ତାଙ୍କ କ୍ଷେତକୁ ଲାଗିଥିବା ଘନ ଅରଣ୍ୟ ଭିତରେ ଆସି ଘର କରି ରହିଲେ ଓ ଜଳର ସୁବିଧା ପାଇଁ ନିଜର ଏକ ପୋଖରୀ ଖୋଳାଇଲେ । ଏହି ନୂଆଗଡ଼ର ନାମ ସେ ରେମଡ଼ାରୁ ବିଚ୍ଛେଦ ହୋଇ ଆସିଥିବାରୁ ବିଚ୍ଛେଦଗଡ଼ ବୋଲି ନାମିତ କଲେ । ଏହି ନାମ ଏବେ ବି ପ୍ରଚଳିତ ରହିଛି ।

ବରପାଲିଠାରେ ଜମି ପାଇଲା ପରେ ସେ ସେଠି ମଧ୍ୟ ଘର ତିଆରିଲେ ଓ ତାଙ୍କ ପ୍ରଥମ ସ୍ତ୍ରୀ ବିଚ୍ଛେଦଗଡ଼ର ବନ୍ୟଜନ୍ତୁ, ବାଘଭାଲୁ ସଙ୍କୁଳ ଅରଣ୍ୟ ମଧ୍ୟରେ ରହିବାକୁ ନ ଚାହିଁବାରୁ ସେ ବରପାଲିଠାରେ ରହିଲେ । କବି ବିଚ୍ଛେଦଗଡ଼ରେ ରହି ଦିନ ସାରା ଚାଷ କାମ କରନ୍ତି ଓ ରାତିରେ ବରପାଲିକୁ ଫେରି ଯାଆନ୍ତି । ସେତେବେଳେ ତାଙ୍କ ପାଖରେ ନୂଆ କରି ସାଇକେଲଟାଏ ଥାଏ ।

ସେତେବେଳେ ଅଞ୍ଚଳରେ କୁଡ଼ାଲୋଇରେ କବିଙ୍କ ଶାଳକ ଓ ତାଙ୍କ ପାଖରେ ହିଁ ଇଂରେଜି ସାଇକେଲ ଥିଲା । ଅନ୍ୟମାନେ ଘୋଡ଼ା ବ୍ୟବହାର କରୁଥାନ୍ତି । ସେମାନେ ସାଇକେଲରେ ଚଢ଼ି ଯିବାବେଳେ ଲୋକେ ଗାଁ ଦାଣ୍ଡରେ ଠିଆ ହୋଇ ତାଙ୍କୁ ଦୁଇଟି ଚକରେ କେମିତି ନ ପଡ଼ି ଚାଲିଛି ତାହା ବିସ୍ମିତ ହୋଇ ଦେଖୁଥିଲେ ।

Digitized by srujanika@gmail.com

ବରପାଲିଠାରେ ରହିଲାବେଳେ କବିଙ୍କ ବାପା ଥରେ ଆସିଥିବା ଜଣାଯାଏ । ଏହା କବିଙ୍କ ବିବାହ ପରର ଘଟଣା । ସେତେବେଳେ କବି କ୍ଷେତରେ ରହି କାମ କରାଉଥାନ୍ତି । ସେଦିନ ସେ ଘରକୁ ଆସି ଘରେ ଏକାକୀ ଥିବା କବିଙ୍କ ପ୍ରଥମ ପତ୍ନୀଙ୍କୁ ପାଣି ମାଗିଥିଲେ ଓ ଗଲାବେଳେ ଚୁପଚାପ କେତୋଟି ସ୍ୱର୍ଣ୍ଣମୁଦ୍ରା ବଧୂ ମୁହଁ ଚାହାଣି ହିସାବରେ ଗ୍ଲାସରେ ଦେଇ ଯାଇଥିଲେ । କବି ସଙ୍ଗେ ସଙ୍ଗେ ଏ ଘଟଣାର ଖବର ପାଇ ଓ ଆସିଥିବା ଅପରିଚିତ ବୃଦ୍ଧଙ୍କ ରୂପ ରେଖ ପଚାରିବା ପରେ ତାଙ୍କ ବାପା ହୋଇଥିବା ଜାଣି ସବୁଆଡ଼େ ଲୋକ ପଠାଇ ଓ ସବୁ ରାସ୍ତାରେ ନିଜେ ଯାଇ ତାଙ୍କର ସନ୍ଧାନ କରିଥିଲେ । ହେଲେ ପାଇ ନ ଥିଲେ । ପରେ ତାଙ୍କ ମୃତ୍ୟୁ ପରେ ସେ ଖବର ପାଇ ଯାଇଥିଲେ ହେଁ ଶେଷ ଦର୍ଶନ ହୋଇ ପାରି ନ ଥିଲା ।

କବିଙ୍କ ବିଚ୍ଛେଦଗଡ଼ ବାଡ଼ିରେ ପିଜୁଳି, ଆତ ବଗିଚା, ପୋଖରୀ ହୁଡ଼ାରେ ମିଠା ଆମ୍ବ ଗଛ, ତାଳ ଗଛ, ଖଜୁରୀ ଗଛ ଲଗାଇଥିଲେ । ପ୍ରତିବର୍ଷ ଆମ୍ବ ସମୟରେ ପାଚିଲା ଆମ୍ବ, ଆତ ସମୟରେ ଆତ, ପିଜୁଳି ସମୟରେ ପିଜୁଳି ତାଙ୍କ ଘରୁ ଚାକରମାନେ ଭାରରେ ବୋହି ଗାଁର ସ୍କୁଲକୁ ନେଇ ସେଠାରେ ବାଳକଭୋଜନ କରାଉଥିଲେ । ସେଠାରେ କବି ନିଜ ହାତରେ ପିଲାମାନଙ୍କୁ ଏହି ଫଳ ଦେଉଥିଲେ ।

ବରପାଲିରେ ଥିଲାବେଳେ ତାଙ୍କର ଅଷ୍ଟମ ସନ୍ତାନ ଏକ ପୁତ୍ର ଜାତ ହୋଇଥିଲା । ସେ ଥିରେ ସ୍ୱର୍ଗତ ବିଲଖୈରାତ ଖାଁ ଗୌନ୍ତିଆ ।

ରେମଡ଼ାର ଘର ମସ୍‌ଜିଦ ପାଇଁ ଦାନ କରି ସେ ନିଜ ଜମିକୁ ଲାଗି ରହିଥିବା ଖଣ୍ଡେ ଅରଣ୍ୟ ସଫା କରି ଘର ତୋଳି ତାକୁ "ବିଚ୍ଛେଦ ଗଡ଼" ନାମରେ ନାମିତ କଲେ । ଏହି ସ୍ଥାନକୁ ଆସିବା ପୂର୍ବରୁ ତାଙ୍କର ଆଠଟି ପୁତ୍ର କନ୍ୟା ମୃତ୍ୟୁ ବରଣ କରି ସାରିଥାନ୍ତି । ତା ପରେ ତାଙ୍କର ନବମ ପୁତ୍ର ବିଲ୍‌ଖୈରାତ୍ ଖାଁ ଗୌନ୍ତିଆଙ୍କ ଜନ୍ମ । ବିଲ୍‌ଖୈରାତ୍ ଖାଁଙ୍କ ବିବାହ ପୂର୍ବରୁ ତାଙ୍କର ଧର୍ମପତ୍ନୀ ଜୈବୁନ ବିବିଙ୍କ ମୃତ୍ୟୁ ହୋଇଯିବାରୁ କବି ଭାଙ୍ଗି ପଡ଼ିଥିଲେ । ତା ପରେ ବିଚ୍ଛେଦଗଡ଼ ଓ ବରପାଲି ଚାରପାଲି ଦୁଇ ଦୁଇଟା ସ୍ଥାନରେ ବସବାସ, ଚାଷର ଅସୁବିଧା ଓ ସ୍ୱାସ୍ଥ୍ୟଗତ କାରଣରୁ ସେ ସମ୍ବଲପୁର ସହରର ସୁନାମଧନ୍ୟ ମୁନ୍‌ସୀ ଆକବର୍ ଅଲ୍ଲୀ (ଦଳାଇପଡ଼ା)ଙ୍କ କନିଷ୍ଠା କନ୍ୟା ଜୁବେଦା ବାଈଙ୍କୁ ବିବାହ କରନ୍ତି । ଏହା ପରେ ତାଙ୍କର ଆଉ ଏକ ପୁତ୍ର ସନ୍ତାନ ଜନ୍ମଲାଭ କରେ । ସେ ହେଉଛନ୍ତି ଆଜିର ସୁପ୍ରତିଷ୍ଠିତ କବି ଓ ଲେଖକ କୁମାର ହସନ୍ ।

ପୂର୍ବ ସଂଘର୍ଷମୟ ଜୀବନର ଅଭାବ, ଅନାଟନ, ମାନସିକ ଯନ୍ତ୍ରଣା କବିଙ୍କୁ ଭଗ୍ନ ମନୋରଥ କରିବା ପରିବର୍ତ୍ତେ କରିଥିଲା ଆହୁରି ସମ୍ବେଦନଶୀଳ ଓ ସ୍ପର୍ଶକାତର । ସୁଫି ଫକୀର ଅବଦୁଲା ଶାହଙ୍କର ଶିଷ୍ୟତ୍ୱ ଗ୍ରହଣ କଲାପରଠୁଁ ସେ ସାଂସାରିକ ଜୀବନ ଯାପନ କରୁଥିଲେ ମଧ୍ୟ ତାଙ୍କର ଅନ୍ତରଟା ଥିଲା ମୁକ୍ତ, ପ୍ରେମମୟ, ଭଗବତ୍ ଭକ୍ତି - ପରିପୂର୍ଣ୍ଣ ।

୧୯୬୬ ମସିହା ସେପ୍‌ଟେମ୍ବର ମାସ ୮ ତାରିଖ ଦିନ ସକାଳେ ବିଚ୍ଛେଦଗଡ଼ରେ କବି ଇହଲୀଳା ସମ୍ବରଣ କରନ୍ତି ।ତାଙ୍କ କବିତାରେ ବହୁମୁଖୀ ସାମାଜିକ ପରିବେଶର ପରିଚୟ

Digitized by srujanika@gmail.com

ମିଳେ । ସେ ଥିଲେ ରୋମାଣ୍ଟିକ୍ ଓ ଆଧ୍ୟାତ୍ମବାଦୀ । ନିତିଦିନିଆ ତେଲ ଲୁଣର ଅଭାବମୟ ସଂସାର ଭିତରୁ ସ୍ୱପ୍ନରୁ ସୀମାନ୍ତ ଯାଏ ତାଙ୍କ କବିତାର ପରିସୀମା । ଜାଗତିକ, ପାରମାର୍ଥିକ ଦୁଃଖଦୁର୍ଦ୍ଦଶା ନିମନ୍ତେ ଈଶ୍ୱରଙ୍କ ପ୍ରତି ତାଙ୍କର ଭକ୍ତିରେ ବାଳସୁଲଭ ଅଭିମାନର ପରିପ୍ରକାଶ ଘଟିଛି । ୧୯୪୬ରେ ଏକ କବିତାରେ ସେ ଲେଖିଥିଲେ: -

"ପ୍ରଭୁ ! ଯାହା ଇଚ୍ଛା ତାହା କର
ସମର୍ପିତ ମନ-ଧନ-ଯଉବନ
କଞ୍ଜ ଚରଣେ ତୁମର ।
ଲାଭ-କ୍ଷତି-ମାନ -ଅଭିମାନ-ଶାଖା
ଛେଦନରେ ମୋର କିଛି ନାହିଁ ଦକା
ଧର୍ମାଧର୍ମ-ପତ୍ର ପାପ ପୁଣ୍ୟ-ଫଳ
ଏଥିକି ନାହିଁ ଖାତର ।"

ଅନେକ ପୁରାଣ, ପାଲା, ଚମ୍ପୁ, ଚଉପଦୀ, ଭଜନ, ସଂପ୍ରଦା ଗୀତ, ସମ୍ବଲପୁରୀ ଗୀତ, ଗୀତାଭିନୟ, ସୁଆଙ୍ଗ ପ୍ରଭୃତିର ସେ ଥିଲେ ସ୍ରଷ୍ଟା । ଏଯାବତ୍ ତାଙ୍କପ ପରିବାରରେ ସୁରକ୍ଷିତ ପାଣ୍ଡୁଲିପି ମଧ୍ୟରେ - ତ୍ରିପୁର ମୋହିନୀ ହରଣ, କାଠୁରିଆ ପାଲା, ନୀଳାଦ୍ରି ହରଣ, ଶ୍ରୀରାମ ବନବାସ, ଗୀତାଭିନୟ, ଲକ୍ଷ୍ମୀପୁରାଣ ସୁଆଙ୍ଗ, କୃଷ୍ଣ ଜନ୍ମ, ଦିୱାନା ମୁସ୍ତଫା, ପଠାଣ ଠଗ-ଫାର୍ସ, ଗ୍ରାହକ ପ୍ରଶ୍ନୋତ୍ତର ମାଳା (୧ମ, ୨ୟ, ଓ ୩ୟ), ସଙ୍ଗୀତ ରସକଲ୍ଲୋଳ, ଦ୍ୱିଭାଷୀ ଛାନ୍ଦ, ବୋଧ କଥା, ପୃଥ୍ୱୀଯୁଗ ଓ ସତ୍ୟାସତ୍ୟ ଜନ୍ମ ଓ ଯୁଦ୍ଧ, ମାନ ଭଞ୍ଜନ ଚଉତିଶା, ଭଜନ ଅନାମିକା ଚଉତିଶା, ବହୁ ଗୀତି କବିତା ପ୍ରଭୃତି ପ୍ରଧାନ ।

କେଉଁ କାଳରେ କଟକର ଜଣେ ମୁସଲିମ ପ୍ରକାଶକ ତାଙ୍କର ଖଣ୍ଡେ ସଙ୍ଗୀତ ବହି ପ୍ରକାଶ କରିଥିଲେ, ତାହା ଏବେ ଅଜ୍ଞାତ ଓ ଅପ୍ରାପ୍ୟ । ପ୍ରକାଶନ ଦିଗରେ ସେ ମନୋଯୋଗୀ ନ ଥିଲେ । ଗାୟକ, ବାୟକ, ପାଲା, ଯାତ୍ରା ସୁଆଙ୍ଗ ବାଲା, ବିହା ନଚନିଆ ଆଦି ତାଙ୍କର ଏକାନ୍ତ ଅନୁରକ୍ତ ଥିବା ଯୋଗୁଁ ଅଗଣିତ ରଚନା ସେମାନଙ୍କ ପାଖରେ ମୌଖିକ ଭାବେ ରହି ଯାଇଛି । କେତେକ ସେମାନଙ୍କ ମୃତ୍ୟୁ ସାଙ୍ଗକୁ ଲୋପ ପାଇଲାଣି । ଯାହା ପାଣ୍ଡୁଲିପି ରହିଛି, ତାହା ମଧ୍ୟ ଅଚିରେ ନଷ୍ଟ ହୋଇ ଯିବାର ସମ୍ଭାବନା ଦେଖା ଦେଇଥିଲାବେଳେ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଓ ଓଡ଼ିଶା ସାହିତ୍ୟ ଏକାଡେ଼ମୀର ପ୍ରଚେଷ୍ଟାରେ ତାଙ୍କର କିଛି ମୁଖ୍ୟ ରଚନାବଳୀ ପ୍ରକାଶ ପାଉଥିବା ଏକ ଐତିହାସିକ ପଦକ୍ଷେପ ।

- ସୀମା ଶବନମ, ଫିରୋଜ ହସନ

Digitized by srujanika@gmail.com

ଲକ୍ଷ୍ମୀପୁରାଣ ସୁଆଙ୍ଗ

।। ଲକ୍ଷ୍ମୀପୁରାଣ ସୁଆଙ୍ଗ ।।

ବନ୍ଦଇ ଶାରଳା, ମାଗୋ ଝଙ୍କଡ଼ ବାସିନୀ
ବନ୍ଦଇ ହିଙ୍ଗୁଳା, ମାତ କଳୁଷ ନାଶିନୀ ।।
ବନ୍ଦଇ ଶାକମ୍ବରୀ, ଅଭୟା ବରଦାୟୀ
ବନ୍ଦଇ ପାର୍ବତୀ, ଗୌରୀ, କାଳୀ, ହିଙ୍ଗୁଳାଇ ।।
ତୋ କରୁଣା ହେଲେ, ମୂର୍ଖ ପଣ୍ଡିତ ହୁଅଇ
ତୋ କୃପା, ହୋଇଲେ ଦୁଃଖୀ ସଙ୍କଟୁ ତରଇ ।।
ମଙ୍ଗଳା, ହୈମବତୀ ରୁଦ୍ରାଣୀ, ଚଣ୍ଡୀଶ୍ୱରୀ
ବନ୍ଦଇ ଗଣନାଥଙ୍କୁ କର ଯୋଡ଼ିକରି ।।
ସକଳ ଦେବଙ୍କ ମଧ୍ୟେ ଆଗେ ପାଅ ପୂଜା
ସଦାଶିବ, ତାତ ଯାର ଜନନୀ ଗିରୀଜା ।।
ପାଶାଙ୍କୁଶ ପଙ୍କଜ ଅମୃତ ଲଡୁ କରେ
ଭ୍ରମଣ କର ଭୋ ନାଥ ମୂଷିକ ବାହନରେ ।।
ମୋ ଜଣାଣ ଏତିକି କିଞ୍ଚିତ ଦୟା କର
ବିସ୍ତାରି କହିବି ଲକ୍ଷ୍ମୀ ବ୍ରତ ସମାଚାର ।।
କବି ମୁସ୍ତକିମ କହେ ଯୋଡ଼ହସ୍ତ ହୋଇ
ସାଧୁଜନେ ନିବେଦନ ଏତିକି କରଇ ।।
ହେବା ନୋହିବାର ଦୋଷ ନ ଧରିବ ମନେ
ମଧୂମକ୍ଷି ଉଚ୍ଛିଷ୍ଟ ଭକ୍ଷନ୍ତି ଦେବମାନେ ।।
ସେପରି ଦୋଷ ମାର୍ଜନା କର ରସ ନେଇ
ବାଳୁତକୁ ଦୋଷ ଦେବା ଉଚିତ ନୁହଇ ।।

।। ନାରଦ ଓ ପରାଶର ।।

ବାହାର ନାରଦ ପରାଶର ହୋ
ଜଟା ଭାର ଶୋଭା ମସ୍ତକପର ହୋ ।।ପଦ।।

Digitized by srujanika@gmail.com

ଲଲାଟରେ ଶୋଭେ ଚନ୍ଦନ, ବହ୍ନି ପରି ଦିଶେ ଲୋଚନ
ଶୋଭାପାଏ କଣ୍ଠ, ରୁଦ୍ରାକ୍ଷେ ଭୂଷିତ
ରଙ୍ଗ ଦାଢ଼ି ନିଶ କି ମନୋହର ହୋ ।୧।
ତେଜ ନିନ୍ଦେ ମଧ୍ୟାହ୍ନ ଭାନୁ, ଦାହ ତାମ୍ର ପରାଏ ତନୁ
କମଣ୍ଡଳୁ କୁଶ, ଶୋଭେ କରଦେଶ
କରେ ମାଳା ମୁଖେ ନାମ ହରିର ।୨।
କୃଷ୍ଣାଞ୍ଜନ ଚର୍ମ ଆସନ, କଟୀ ତଟେ ରଙ୍ଗ ବସନ
ମୁସ୍ତକିମ କହି, ସିଦ୍ଧ ସାଧୁ ଦୁଇ
ଗମନ କରନ୍ତି ଅତି ସଧିର ହୋ ।୩।

।।ନାରଦ ଓ ପରାଶରଙ୍କର ଉକ୍ତିପ୍ରତ୍ୟୁକ୍ତି ।।

ନାରଦ ପୁଚ୍ଛନ୍ତି ପରାଶର ମୁଖ ଚାହିଁ
ଆଜି ନଗ୍ର ମାନଙ୍କେ ଉଚ୍ଛବ କାହିଁ ପାଇଁ, ଋଷିବର ।।
ପରାଶର କହୁଛନ୍ତି ଶୁଣ ବ୍ରହ୍ମଜତି
ବାରମାସେ ଆଦ୍ୟ ମାର୍ଗଶିର ମାସ ଖ୍ୟାତି, ନାରଦେ ହେ ।।
ଏ ମାସ ଭୃଗୁବାରରେ ଲକ୍ଷ୍ମୀଙ୍କ ପୂଜା ହୋଏ
ଏଣୁ ସକଳ ଗୃହ ଦିଶଇ ଶୁଦ୍ଧମଏ, ନାରଦ ହେ ।।
ପୁଚ୍ଛା କରନ୍ତି ନାରଦ କୃତ୍ୟ କୃତ୍ୟ ହୋଇ
ପୂଜିଲେ କି ଲାଭ ନ ପୂଜିଲେ କି ହୁଅଇ, ପରାଶର ।।
ପରାଶର କହନ୍ତି ଶୁଣିମା ବ୍ରହ୍ମଜତି
ଏ ଧାନ ମାଣିକ୍ୟ ଗୁରୁବାର ନାମ ଖ୍ୟାତି, ନାରଦ ହେ ।।
ମାର୍ଗଶୀର ଶୁକଳ ଦଶମୀ ଗୁରୁବାର
ସୁଦଶା ବ୍ରତ ନାମରେ ଜଗତେ ପ୍ରଚାର, ନାରଦ ହେ ।।
ଶୁଣିଣ କଳହପ୍ରିୟ କହନ୍ତି ବଚନ
ଏ ବ୍ରତ କରି କି ଫଳ ଲଭିଛି କେ ପୁଣ, ପରାଶର ।।
ନ କରିଣ ବ୍ରତ କେହୁ ଲଭିଛି କି କଷ୍ଟ
ବିସ୍ତାରିଣ କହ ଋଷି ନ କରି କପଟ, ପରାଶର ।।
ଶୁଣି ପରାଶର ଋଷି ବସିଲେକି କହି
ଆର ଛାନ୍ଦେ ଶୁଣିବ ବିବେକୀ ଶୁଦ୍ଧଦେହୀ, ମୁନିବର ।।

Digitized by srujanika@gmail.com

କହେ କବି ମୁସ୍ତକିମ ବାଲୁତ ଅଜ୍ଞାନ
ଆହେ ସାଧୁଜନମାନେ ମୋର ଦୋଷ କ୍ଷମ, ମୁନିବର ॥

॥ ଚରଚା ବା ଲୀଳା ॥

ଶୁଣ ହେ ସୁଜନଜନେ ଚିତ୍ତ କରି ସ୍ଥିର
ଲକ୍ଷ୍ମୀଙ୍କ ପୁରାଣ ଲୀଳା କରୁଛି ପ୍ରଚାର ।୧।
ଆଦ୍ୟପ୍ରାନ୍ତ ପରିଯନ୍ତେ ହୋ, ବୋଲିବାକୁ ଇଛା
ନାରଦେ ପରାଶରଙ୍କୁ ହୋ, ଯାହା କଲେ ପୁଛା ।୨।
ଯେପରି ଲକ୍ଷ୍ମୀଙ୍କ ବ୍ରତ ହୋ, ହୁଏ ମର୍ତ୍ତ୍ୟପୁରେ
ମାର୍ଗଶୀର ମାସ ମଧ୍ୟେ ହୋ, ପ୍ରତି ଗୁରୁବାରେ ।୩।
ପୂଜାସ୍ଥାନକୁ ଯେପରି ହୋ, ବିଜେ କଲେ ମାତ
ସାଧବାଣୀଙ୍କୁ ବୁଝାଇ ହୋ, ଶ୍ରୀୟାପୁର ଗତ ।୪।
ଚାଣ୍ଡାଲୁଣୀ ପୁର ଯିବା, ଜାଣି ରାମହରି
ଲକ୍ଷ୍ମୀଙ୍କି କଲେ ଅନ୍ତର ହୋ, ବୈକୁଣ୍ଠବିହାରୀ ।୫।
ତହୁଁ ଲକ୍ଷ୍ମୀ ଯାଇ ହୋ, ସିନ୍ଧୁ ତୀରରେ ରହିଲେ
ବେନି ଭାଇ ଭିକ୍ଷା ମାଗି ହୋ, ତାହିଁ ପ୍ରବେଶିଲେ ।୬।
ଏ ସର୍ବ ବୃତାନ୍ତ ମୋ, ବର୍ଣ୍ଣିବାକୁ ମନ
ଭାବି ରସ ରଚେ ନିତି ହୋ, ମୁସ୍ତକିମ ଖାନ ।୭।

॥ ରାମକୃଷ୍ଣ ବାହାର ॥

ଦେଖ ବାହାର ହେଲେ ରାମକୃଷ୍ଣ
ବେନି ସୋଦର ହୋ
ଧଳା କଳା ଅଙ୍ଗ ଠାଣି ଆହା କି ମନୋହର ହୋ ।ପଦ।
କାନ୍ଧରେ ଶୋହେ ଉତ୍ତରୀ, ଗମନ କେଡ଼େ ମାଧୁରୀ
ହୃଦଦେଶେ ଶୋଭା ପାଏ, ନବରତନ ହାର ହୋ ।୧।
କଟୀରେ ପାଟ ଅମ୍ବର, ଜଡ଼ି ଧଡ଼ି କି ସୁନ୍ଦର
ଶିରେ ବିରାଜେ ମୁକୁଟ, ତେଜେ ନିନ୍ଦେ ଭାସ୍କର ହୋ ।୨।
ଶଂଖ, ଚକ୍ର, ଗଦା, ପଦ୍ମ, ଚତୁର୍ଭୁଜେ ଶୋଭା କୃଷ୍ଣ
ହଳ, ମୂଷଳ ଧରିଣ ରୋହିଣୀଙ୍କ କୁମର ହୋ ।୩।

Digitized by srujanika@gmail.com

କବି ମୁସ୍ତକିମ ଭଣି, ଭାର ହରଣେ ଅବନି
ଚାରି ଯୁଗେ ଜନମନ୍ତି, ମଞ୍ଚେ ନରରୂପ ହୋ ।୪।

।। ରାମ ଓ କୃଷ୍ଣ ।।

ରାମ କହୁଅଛନ୍ତି ସାନୁଜ ମୁଖ ଚାହିଁ
ମୃଗୟାକୁ ଯିବା ଭାଇ ଇଚ୍ଛା ବଳୁଛଇଁ, ସାନୁଜରେ ।।
ଶ୍ରୀକୃଷ୍ଣ ବୋଲନ୍ତି ଶୁଣି ବଳରାମ ଗିର
ଯିବା ହୋ ମଣିମା ଦଣ୍ଡେ ମାତ୍ର ହୁଅ ସ୍ଥିର, ଅଗ୍ରଜ ହେ ।।
ବଳରାମ କହନ୍ତି ଦ୍ୱାରୀକି ବେଗେ ଡାକ
ଆମ୍ଭେ ଯିବା ବନେ ଦ୍ୱାରୀ ଦ୍ୱାର ଜଗିଥିବ, ସାନୁଜରେ ।।
ଶୁଣି ଲକ୍ଷ୍ମୀଦେବୀ ନାହା ବେଗ ହୋଇଗଲେ
ଦାଣ୍ଡ ଦ୍ୱାରେ ଉଭା ହୋଇ ଦ୍ୱାରୀକି ଡାକିଲେ, ସୁଜନେ ହେ ।।
କବି ମୁସ୍ତକିମ ଭଣେ ହେ ପଣ୍ଡିତ ଗଣ
ଦୋଷ ଥିଲେ ରସବନ୍ତୁଁ ଆଦର କରିଣ, ଗାନକର ।।

।। ଦ୍ୱାରୀ ବାହାର ।।

କିଏ ପାଡୁଛୀ ବୋବାଳି, ଦ୍ୱାରୀ ଦ୍ୱାରୀ ବୋଲି
ଟୋଲ ପିଡ଼ିଆକୁ ପିଠା ବୋଲି ଖାଉଁ
ରାତି ଛେରି ଛେରି ମଲିରେ ଦ୍ୱାରୀ ଦ୍ୱାରୀ ବୋଲି ।୧।
କୁଣ୍ଡା ଖିରୀ ପାଇଁ, ନାରୀ ରୁଷିଛଇଁ
ଏଣୁ ଗୋଡ଼ ଘଷୁଥିଲିରେ ଦ୍ୱାରୀ ଦ୍ୱାରୀ ବୋଲି ।୨।
ମୁଁ ଚିଲମ ନକା, ଏ ଚୁକିଙ୍କ କକା
ଠକା ଠକା କହିଦେଲିରେ ଦ୍ୱାରୀ ଦ୍ୱାରୀ ବୋଲି ।୩।
ମୋର ନାମ ବେଙ୍ଗା, ଧରିଥାଇଁ ଠେଙ୍ଗା
ପ୍ରଭୁଙ୍କର ଜଗୁଆଳୀରେ ଦ୍ୱାରୀ ଦ୍ୱାରୀ ବୋଲି ।୪।
ମୁସ୍ତକିମ କହି କିଏ ଡାକ ଭାଇ
ଯାଉଅଛି ଖୁଲି ଖୁଲିରେ ଦ୍ୱାରୀ ଦ୍ୱାରୀ ବୋଲି ।୫।

Digitized by srujanika@gmail.com

।। ଦ୍ୱାରୀ ପ୍ରବେଶ ।।

ରଙ୍ଗିଆ ଦୁଆରୀ ଅଇଲା ଲୋ, ରଙ୍ଗୀବୁଢ଼ୀ ମନ ମୋହିଲା ଲୋ । ପଦ ।
ରଙ୍ଗିଆ ଜଙ୍ଗିଆ, ଦଗଲି ରଙ୍ଗିଆ
ରଙ୍ଗ ଟୋପି ଶିରେ ଶୋହିଲା ଲୋ ।୧।
ମୋ କନିଆଁ କାଳୀ, ଦେଲା ଲାତ ଚାରି
ଦୁଣ୍ଡାର ମଳକୁ ପିଇଲା ଲୋ ।୨।
ରଙ୍ଗବାନା ଭୁଜେ, କି ରଙ୍ଗେ ବିରାଜେ
ରଙ୍ଗେ ମୁସ୍ତକିମ କହିଲା ଲୋ ।୩।

।। ଦ୍ୱାରୀର ଜୁହାର ।।

ମଣିମା ଜୁହାର, କି କାମ ପଡ଼ିଛି କାହାର (ପଦ)
ମୋ ବାପର ଛଠି, ଅଠୁଆରୀ ଦେଖି
ବରାତି କରିଛି ବାହାର ।୧।
ବନ୍ଦାପନା ହୋଇ, ବିଭା ହେବି କହି
ଖଞ୍ଜୁଅଛି ବିଭା ସମ୍ଭାର ।୨।
ମୁସ୍ତକିମ କହି, ଉନିଦ୍ରା ଅଛଇ
ରାତିଯାକ କରି ବିହାର ।୩।

।।କୃଷ୍ଣ ଏବଂ ଦ୍ୱାରୀ ।।

ଶୁନ୍‌ବେ ଶାଲା ହାରାମ୍‌ଜାଦା
ଡାକ ଦେଉଁ ଝଟ ଆସୁ ନାଇଁ (ପଦ)
ବଡ଼ ଠାକୁର ହୁକୁମ ଅଛି, ବସିଥିବୁ ତୁଇଁ ଦୁଆର ଜଗି
ଡାକୁ, ସିନ୍ଧିଫୋଡ଼, ଦଗାବାଜ, ଚୋର
କୁକୁର, ମାକର ପସୁ ନାଇଁ ।୧।
ମୁସ୍ତକିମ ବୋଲେ ଶୁନ୍‌ବେ ଓଲୁ, କାହିଁକି ନ ଆସୁ
କାଲିକି ଆସିବୁ ବଡ଼ି ସକାଲୁ ।।
ଦିନ ଷୋଳ ଘଡ଼ି, ରାତି ଷୋଳ ଘଡ଼ି
ଠିକ୍ ଜଗିଥିବୁ ଶୁଇବୁ ନାହିଁ ।୨।

Digitized by srujanika@gmail.com

।। ଲକ୍ଷ୍ମୀ ବାହାର ।।

ବାହାର ବରୁଣ ସୂତା ଗୋ, ବିଷ୍ଣୁଙ୍କର ମନୋହାରୀ
ଯାହା ବଳେ ଏ ଜଗତ୍ର ଗୋ ଜୀବେଛନ୍ତି ଦେହ ଧରି ।ପଦ।
ଅକଳଙ୍କ ଚନ୍ଦ୍ର ପ୍ରାୟେ, ତନୁ ଗୋଟି ଶୋଭାପାଏ
ପିନ୍ଧିଛନ୍ତି ରଙ୍ଗପାଟ, ଧଡ଼ି ମୁହେଁ ସୁନା ଜରି ।୧।
ପ୍ରପଦେ ଶୋହେ ଝୁଣ୍ଟିଆ ଗୋ, ଚରଣେ ନୂପୁର ନୂଆ
କଟୀରେ ହେମ କିଙ୍କିଣୀ ଗୋ, ତାଡ଼େ ବାହୁ ଶୋଭା କରି ।୨।
ବାହୁସୁତା, କତରିଆ, ଟିକିଲି, ଚୂଡ଼ି, ବିନ୍ଦ୍ରିଆ
ହୃଦପରେ ନବରତ୍ନ ହାର ଗୋ, ଲମ୍ବେ କେରି କେରି ।୩।
ଝଲକା, କାପ, ଗଣ୍ଠିଆ, ବେଣ୍ଡଲା, ମଲ୍ଲୀକଢ଼ିଆ
ନାସେ ନଥ, ଦଣ୍ଡୀ, ଘୋଣା, ଲଲାଟ ପାଟି, ତ୍ରିସରୀ ।୪।
କବି ମୁସ୍ତକିମ କହି, ମଣି ସୀମନ୍ତରେ ଶୋହି
ଖୋଷାରେ ଚାଉଁରୀମୁଣ୍ଡୀ, ଝୁଂପା ଲମ୍ବେ କେରି କେରି ।୫।

।। ଲକ୍ଷ୍ମୀ ଓ କୃଷ୍ଣ ।।

ଶୁଣ ହେ ସୁଜନ ଜନ ଚିତ୍ତ କରି ସ୍ଥିର
ବିଜେ କଲେ ମହାମାଈ, କୃଷ୍ଣ ସନ୍ନିଧର
କର ଯୋଡ଼ି, ପତିଙ୍କ ଚରଣ ତଳେ ପଡି ହୋ ।୧।
ଶ୍ରୀମୁଖକୁ ଚାହିଁ ଲକ୍ଷ୍ମୀ, ହସ ହସ ହୋଇ
ବୋଲନ୍ତି ଶୁଣିବା ନାଥ, ଜଗତ୍ର ଗୋସାଇଁ
ଜୀବେଶ୍ୱର, ଇଚ୍ଛା ମୋ ଭ୍ରମିବି ମର୍ତ୍ତ୍ୟପୁର ।୨।
ଶୁଣି କୃଷ୍ଣ ମନ୍ଦହାସେ, ଚୁମ୍ବି ପ୍ରିୟା ଶିର
ଭାଷନ୍ତି ଲୋ ଜୀବେଶ୍ୱରୀ ଆଜି ଗୁରୁବାର
ଭ୍ରମି ଯିବୁ, ଦଶମୀ ଅର୍ଣ୍ଣ କେବେ ରାନ୍ଧିବୁ ଗୋ ।୩।
କମଳା କହନ୍ତି ନାଥ କୃପା କଲେ ବୁଲି
ଆସି ମଣୋହି ରାନ୍ଧିବି ତବ ଚିତ୍ତ ଭଳି
ପ୍ରାଣନାଥ, କ୍ଷଣକରେ ଭ୍ରମିବି ଜଗତ ।୪।
ଗୋବିନ୍ଦ ବୋଲନ୍ତି ତୋର ଯିବାର ଶୁଣିଲେ

Digitized by srujanika@gmail.com

ବଡ଼ଭାଇ ବଳରାମ କୋପିବେଟି ଭଲେ
ପ୍ରାଣସହି, ତହିଁକି ଉପାୟ ଦିଶୁ ନାହିଁ ।୫।
କମଳା ବୋଲନ୍ତି ପ୍ରଭୁ କିପରି ଜାଣିବେ
ଏକା ହୋଇ ଯିବି ବୁଢ଼ୀ ବ୍ରାହ୍ମଣୀର ରୂପେ
ପ୍ରାଣନାଥ, ଜାଣି ନ ପାରିବେ ଜ୍ୟେଷ୍ଠ ଭ୍ରାତ ।୬।
କବ ମୁସ୍ତକିମ କହେ ଶୁଣି ପ୍ରିୟାବାଣୀ
ଚିବୁକରେ ଚୁମ୍ବ ଦେଇ ଦେଲେଟି ମେଲାଣି
କମଳିଣି, ସୁଖେ ଗଲେ ନଗର ଭ୍ରମଣି ।୭।

।।ଦ୍ୱାରୀ ।।

ଏତ ଭୁଖାଇ ଠାକୁରାଣୀ, ଦେଖ୍ ମିତଣି ।।
ସଙ୍ଗେ ଦାସୀ ନାହିଁ, ଯିବେ ଏକା ହୋଇ
ଘରେ ଘରେ ଭୁଞ୍ଜିବେ ପୁଣି । (ପଦ)
ପର ଦ୍ରବ୍ୟମାନ, ଖାଇବା ଯା' ମନ
ଘରେ ନ ରଚେ ଅନ୍ନପାଣି ।
ମୁସ୍ତକିମ ଭାଳି, ନ ଚିହ୍ନିବେ ବୋଲି
ହୋଇଛନ୍ତି ବୁଢ଼ୀ ବ୍ରାହ୍ମଣୀ ।୩।

।।ସାଧବାଣୀ ବାହାର ।।

ବାହାର ହେଲେ ସାଧବାଣୀ, ଗୋ ସୁଲକ୍ଷଣୀ । ପଦ ।
ନାମ ତା ଚଂପାବତୀ, ସର୍ବ ସୁଗୁଣନିଧି
ଚରଣ ନୂପୁର ବାଜେଣି ଗୋ, ସୁଲକ୍ଷଣି ।୧।
ପିତାମ୍ବର ଉପର, କିଙ୍କିଣୀ ମନୋହର
ଭୁଜେ ଶୋଭା ବାହୁଟୀ ଶ୍ରେଣୀ ଗୋ, ସୁଲକ୍ଷଣୀ ।୨।
ହେମ ଚୂଡ଼ିରେ କର, ଦିଶେ କେଡ଼େ ରଚିର
ସୁନା ସୁତା ବାଳେ ମଣ୍ଡଣି ଗୋ, ସୁଲକ୍ଷଣି ।୩।
ନାକେ ଶୋଭେ ବସୁଣି, ଘୋଣା, ଦଣ୍ଡୀ ଖଂଜଣି
ଭାଳେ ଟିକିଲି ଝୁଂପା ତିନି ଗୋ, ସୁଲକ୍ଷଣୀ ।୪।
କୁବେର ପରିଧାନ, ପାଞ୍ଚ ଗୋଟି ନନ୍ଦନ

Digitized by srujanika@gmail.com

ବିଂଶ ଗୋଟି ନାତୀ ନାତୁଣୀ ଗୋ, ସୁଲକ୍ଷଣୀ ।୫।
କବି ମୁସ୍ତକିମ କହି, ପତିବ୍ରତା ଅଟଇ
ଭୋକୀଙ୍କ ପ୍ରତି ମହାଦାନୀ ଗୋ, ସୁଲକ୍ଷଣୀ ।୬।

।। ଦ୍ୱାରୀ ।।

ଏ ତ ଅଟେ ଧନରାଢ଼ୀ, ସାଧବାଣୀ ବୁଢ଼ୀ ।ପଦ।
ନ ଖାଇ ନ ପିଇ, ଧନ ସଞ୍ଚି ଅଛି
ଚୋରେ ନେବେ ଖୋଜି ଲୋଡ଼ି ।୧।
ଖାଏ, ଉଳି ନୁନଲଙ୍କା, ତୁନ ମଧ୍ୟେ ଲେଥା
ପିଠା ବୋଲି ଘାଣ୍ଟେ ମଡ଼ି, ସାଧବାଣୀ ବୁଢ଼ୀ ।୨।
ମୁସ୍ତକିମ କହି, କାମେ ଘାଣ୍ଟି ହୋଇ
ହେଉଥାଏ କୁଡ଼କୁଡ଼ି, ସାଧବାଣୀ ବୁଢ଼ୀ ।୩।

।।ସାଧବାଣୀ ଓ ଲକ୍ଷ୍ମୀ ।।

ଶୁଣ ଆହେ ସୁଜ୍ଞଜନ, ଲକ୍ଷ୍ମୀ କଲେ ନଗର ଭ୍ରମଣ ହେ
ସାଧବପୁରେ ପ୍ରବେଶ ଜାଣି, ସୁଜନେ ହେ ।୧।
ସାଧବାଣୀ ଦ୍ୱାରେ ଥିଲା, ବୁଢ଼ୀ ବ୍ରାହ୍ମଣୀକୁ ଯହୁଁ ଦେଖିଲା ହେ
ପାସେ ପ୍ରବେଶି ଓଲଗି ହେଲା, ସୁଜନେ ହେ ।୨।
କହନ୍ତି ଜଗତ ମାତ, ଆଜି ଗୁରୁବାରେ ଲକ୍ଷ୍ମୀଙ୍କ ବ୍ରତ ଯେ
ଗୃହ କରିଛୁ ଅପରିସ୍କୃତ, ସାଧବୀ ଲୋ ।୩।
ସାଧବାଣୀ କହେ ଶୁଣି, କିପରି ଏ ବ୍ରତ ଅଟଇ ଜାଣି ଲୋ
କା'କୁ ଏ ବ୍ରତେ ପୂଜନ୍ତି ପ୍ରାଣୀ, ବ୍ରାହ୍ମଣୀ ଗୋ ।୪।
ଲକ୍ଷ୍ମୀ କହନ୍ତି ସଧୀରେ, ପଡ଼େ ଗୁରୁବାର ଏ ମାର୍ଗଶୀରେ ଗୋ
ଧାନମାଣିକ୍ୟ ଉଷା ନାମରେ, ସାଧବୀ ଗୋ ।୫।
କହେ ସାଧବ ଗୃହିଣୀ, କିପରି କରନ୍ତି କହ ବ୍ରାହ୍ମଣୀ
ସର୍ବ ବିସ୍ତାରିତ କରି ପୁଣି, ବ୍ରାହ୍ମଣୀ ଗୋ ।୬।
ଲକ୍ଷ୍ମୀ କହନ୍ତି ସାଧବୀ, ହୋଇ ତତପର ଶଯ୍ୟାରୁ ଉଠି ଗୋ
ଗୋମୟରେ ଘରଦ୍ୱାର ଲିପି, ସାଧବୀ ଗୋ ।୭।
ଉଆ ଚୂନା ବାଟି ଗୋଳି, ଝୁଣ୍ଟିକି ଲେଖିବ ଯତନ କରି ଗୋ
ଲକ୍ଷ୍ମୀପାଦ ଧାନ ଶିଶା ଭଳି, ସାଧବୀ ଗୋ ।୮।

Digitized by srujanika@gmail.com

ଖଟୁଲି, ପିଣ୍ଡା ଯେ ଥିବ, ନୂଆ ମାଣ ଚିତ୍ରି ତଥି ରଖିବ ଗୋ
ମାଣେ ଧାନ ପୂର୍ଣ୍ଣ କରିଦେବ, ସାଧବୀ ଗୋ ।୯।
ତା'ପରେ ହଳଦି, ଗୁଆ, ଆଖୁ ମୂଳା କଦଳି ଯେ ନଡ଼ିଆ ଗୋ
ନୂଆ ବସନ, କୁସୁମ ଥୁଆ, ସାଧବୀ ଗୋ ।୧୦।
ଲକ୍ଷ୍ମୀଙ୍କୁ ଭକତି ଭରେ, ଗନ୍ଧପୁଷ୍ପ ଧୂପ ଦୀପ ଆଦିରେ ଗୋ
ପୂଜା କରିବ ଶୁଦ୍ଧ ଚିତ୍ତରେ, ସାଧବୀ ଗୋ ।୧୧।
ପୁଚ୍ଛେ ସାଧବୀ ସାଦରେ, ଆଉ କି କି ବ୍ରତ କରନ୍ତି ନରେ ଗୋ
କହ ଚିନ୍ତା ଉପେଖି ବିନ୍ଦୁରେ, ବ୍ରାହ୍ମଣୀ ଗୋ ।୧୨।
ଲକ୍ଷ୍ମୀ କହନ୍ତି ଗୋ ଶୁଣ, ସୁଦଶା ବୋଲିଣ ବ୍ରତେକ ଜାଣ ଗୋ
ଶୁକ୍ଳ ଗୁରୁ ଯେ ଦଶମୀ ଦିନ, ସାଧବୀ ଗୋ ।୧୩।
ପୂର୍ବ ପରି ଗୃହ ଲିପି, ଉଆ ତଣ୍ଡୁଳରେ ଲିଖିବ ଝୁଣ୍ଟି ଗୋ
ତହିଁ ଖଟୁଲି ଯତନେ ଲେଖି, ସାଧବୀ ଲୋ ।୧୪।
ସାଧବୀ କହଇ ଶୁଣି, ତଦୂତାରୁ କିସ ହୋଇବ ପୁଣି ଗୋ
କହ ବିସ୍ତାରି ଦ୍ୱିଜ ରମଣୀ, ବ୍ରାହ୍ମଣୀ ଗୋ ।୧୫।
ପଞ୍ଚାମୃତେ ଗଧାଇବ, ତା' ପରେ ଗୁଆକୁ ନେଇ ଥୋଇବ ଗୋ
ଦଶ ଖିଅ ସୁତାରେ ଭାଙ୍ଗିବ, ସାଧବୀ ଗୋ ।୧୬।
ଲକ୍ଷ୍ମୀ ନାମେ ଦଶ ଗଣ୍ଠି, ଦଶ ନାଡ଼ ଦୁବେ କରିବ ବେଷ୍ଟି ଗୋ
ଗୁଆ ପାଖେ ଦେବ ତାହା ରଖି, ସାଧବୀ ଲୋ ।୧୭।
ପୂର୍ବୁଁ ଯେ କରୁଛି ବ୍ରତ, ସେ ଡ଼ୋରକୁ ନେଇ ତାହିଁ ରଖିବ ଗୋ
ମନାନନ୍ଦେ ହୁଳହୁଳି ଦେବ, ସାଧବୀ ଗୋ ।୧୮।
ଧୂପାଦି ନୈବେଦ୍ୟ ଦେବ, କଦଳି ନଡ଼ିଆ ଛେନାଦି ଦ୍ରବ୍ୟ ଗୋ
ମଣ୍ଡା ଦଶେ ଲକ୍ଷ୍ମୀଙ୍କୁ ପୂଜିବ, ସାଧବୀ ଗୋ ।୧୯।
ପ୍ରସାଦ ସାଦରେ ରଖି, ଅନ୍ୟକୁ ବା ନିଜ ବିବାହୀ ଟୁକି ଗୋ
ଦେବ ନାହିଁ ପ୍ରସାଦ ସୁମୁଖୀ, ସାଧବୀ ଗୋ ।୨୦।
ଏତେ କହି ଲକ୍ଷ୍ମୀ ଗଲେ, କବି ମୁସ୍ତକିମ ରସରେ ବୋଲେ ହେ,
ରସ ବସୁ କ୍ଷମ ଦୋଷ ଥିଲେ, ସୁଜନେ ହୋ ।୨୧।

Digitized by srujanika@gmail.com

।। ସାଧବାଣୀ-ଦ୍ୱାରୀ ।।

ଭଲା ଠକୁଛି ଏ ବ୍ରାହ୍ମଣୀ, ଆଲୋ ସାଧବାଣୀ ।ପଦ।
ବୃଥା ଖରଚ ହେବ, କଡ଼ାଏ ନୁହେ ଲାଭ
ହରବର ହୋଇବ ପୁଣି, ଆଲୋ ସାଧବାଣୀ ।୧।
ବ୍ରାହ୍ମଣ କୁଳିତା, ପର ଶିରୀହନ୍ତା
ଆପେ ଇଚ୍ଛନ୍ତି ହେବା ଧନି, ଆଲୋ ସାଧବାଣୀ ।୨।

।। ସାଧବାଣୀଠାରୁ ଲକ୍ଷ୍ମୀ ଯାଇ ନଗ୍ର ଭ୍ରମଣ ।।

ଶୁଣ ହେ ସୁଜନେ, ଲକ୍ଷ୍ମୀ ସେଠାରୁ ଗମିଲେ
କେତେ ପୁର ନଗ୍ର ଦେବୀ ଭ୍ରମଣ ଯେ କଲେ ।୧।
କାହାରି ଗୃହ ଶଉଚ ଲକ୍ଷ୍ମୀ ନ ଦେଖିଲେ
କେବଣ ଯୁବତୀ ଶୋଇ ଅଛି ନିଦ୍ରା ଭୋଳେ ।୨।
କେ ନାରୀ ପତି ସାଙ୍ଗରେ ପହୁଡ଼ିଛି ରଙ୍ଗେ
କବରୀ ଖସିଛି କା'ର ନୀବି ନାହିଁ ଅଙ୍ଗେ ।୩।
କାହାର ବସନ ଫିଟି ଭୂମିରେ ପଡ଼ିଛି
କା' ମୁଖରୁ ନିର ଝରି ଗଣ୍ଡେ ଶୁଖିଅଛି ।୪।
କେ ବେଶ୍ୟା ବିଟପୁରୁଷେ କରିଛି ଶୟନ
କେଉଁ ନାରୀ ଶୋଇଛି ମୁଖରେ ଭରି ପାନ ।୫।
କେଉଁ ପୁଂଶ ନାରୀ ମୁଖେ ମୁଖ ଲଗାଇଛି
କେ ଅରାତି ନାଶି ରାତି ଉନିଦ୍ରେ ଶୋଇଛି ।୬।
ଏପରି ବୃତାନ୍ତ ଦେବୀ ଦେଖି ଚଳିଗଲେ
ଗୁଣ୍ଡିଚା ନଗ୍ରରେ ମାତ, ପ୍ରବେଶ ହୋଇଲେ ।୭।
କବି ମୁସ୍ତକିମ ରଚେ ବାଳୁତ ଅଜ୍ଞାନ
ବିଜ୍ଞେ କର ସୁକଲ୍ୟାଣ ଶୁଭେ ହେଉ ପୂର୍ଣ୍ଣ ।୮।

।। ଚାଣ୍ଡାଲୁଣୀ ବାହାର ।।

ଶ୍ରୀୟା ଚାଣ୍ଡାଲୁଣୀ ହୋଇଲା ବାହାର ଗୋ
ନଗ୍ର ଖଡ଼ିକିବା ମୂଳ ବେପାର ଗୋ ।ପଦ।
ବାଡୁଣୀ ଧରିଛି କରେ, ଡାଙ୍ଗିଏ ଅନ୍ୟ ହସ୍ତରେ

Digitized by srujanika@gmail.com

ସଫା କରି ଛାଣେ ବାଡ଼ି ଦୁଆର ଗୋ ।୧।
ଚକନୀ, ଖଲି, ଅଇଁଠା, ଖତ ଲିପା ଲଟା କୁଟା
ପାଇଖାନା ସଫା ମୋ ରୋଜଗାର ଗୋ ।୨।
ସଡ଼କ ଯେ ଖୁଲି, ଗଲି, ସଫା କରେଁ ବୁଲି ବୁଲି
ରାନ୍ଧିଖିଆ ଲକି, ମଜା ବ୍ୟାପାର ଗୋ ।୩।
ଭାତ ତୁଣ ପାଇଁ ଦାଣ୍ଡେ ଡାକୁଁ ହାଣ୍ଡି ବହି ମୁଣ୍ଡେ
ମୁସ୍ତକିମ ଭଣ୍ଡେ, ନେଲେ କରୁ ଆହାର ଗୋ ।୪।

॥ ଦ୍ୱାରୀ ॥

ଚାଣ୍ଡାଳୀ ଆସୁଛି ଧାଇଁ, ଦେଖ ଦେଖ ଭାଇ । ପଦ ।
ଦାମୁରୀ ଲେଞ୍ଜକୁ କାଠି କରିଦିଏ, ପୋଢ଼ ଅନ୍ତ ଦିଏ ଖାଇ ।୧।
ଗଣ୍ଡା କି ଚମାର, କୁକୁର ମାକର
ସବୁ ମଳ ସଫା କରଇ, ଦେଖ, ଦେଖ ଭାଇ ।୨।
ମୁସ୍ତକିମ ଭଣି, ପ୍ରାତୁ ଉଠି ପୁଣି,
ମୁହଁ ଦେଖିଲେ ଜଏ ନାହିଁ, ଦେଖ, ଦେଖ ଭାଇ ।୩।

ଶୁଣ ହେ ସୁଜନ, ହୋଇ ଏକ ମନ, ଶ୍ରୀୟା ଚାଣ୍ଡାଳୁଣି କଥା
ରାତ୍ର ଦୁଇଦଣ୍ଡ ଥାଇ ଚାଣ୍ଡାଳୁଣୀ, ସର୍ବକାର୍ଯ୍ୟ କରି ବୃଥା
ଏକବର୍ଣ୍ଣୀ, ଗାଈ ଗୋମୟ ବହନେ ଆଣି ।୧।
ବେଗ ବେଗ ଛରା, ଦେଲା ହୋଇ ତ୍ୱରା, ଘର ଦୁଆର ଲିପିଲା
ଝୁଣ୍ଟି ପାଇଁ ଉଆ ତଣ୍ଡୁଳ ବାଟିଣ, ଲକ୍ଷ୍ମୀଙ୍କ ପଦ ଲେଖିଲା
ଧାନଶିଂଶା, ପଦ୍ମ ଲେଖିଲାକ ସୋଲହ କୋଠା ।୨।
ଦଶବର୍ଣ୍ଣ ଫଳ, ଦଶବର୍ଣ୍ଣ ଫୁଲ, ମଣ୍ଡଳ ପରେ ରଖିଲା ।
ଦଶମୁଖ ଦିପାବଳି ଘୃତ ଦେଇ, ମଣ୍ଡଳ ପରେ ଜାଳିଲା
ଚାଣ୍ଡାଳୁଣି, ଦଶକ୍ଷ ଡ଼ୋର ରଖିଲା ପୁଣି ।୩।
ଦଶ ଗୋଟି ନୂଆ ତଣ୍ଡୁଳ ଯେ ଦୁବ, ଆଣିଲାକ ଦଶ କେରା
ଥୋଇ ଧୂପ ଦୀପ, ନଇବେଦ୍ୟ ଦେଲା, ମନରେ ବହିଣ ତ୍ୱରା
ଭକ୍ତି ଭରେ, ହୁଳହୁଳି ଦେଲା ହରଷରେ ।୪।
ଆଗୋ ମାତା ମାନେ ହୁଳହୁଳି ଦିଅ, ଜଣାଉଛି କର ଯୋଡ଼ି

Digitized by srujanika@gmail.com

ହୁଳହୁଳି ଯେହ୍ନ ନ ଦେବଟି ମୁଖେ, ଯିବେଟି ଅସାଇପଡ଼ି
ଅର୍ଣକଷ୍ଟୀ, କରିବେ ପରମ ଲକ୍ଷ୍ମୀ ।୫।

।। ସ୍ତୁତି ଶ୍ଳୋକ ।।

ଲକ୍ଷ୍ମୀ ପଦ୍ମାଳୟା ପଦ୍ମା କମଳା ଶ୍ରୀହରିପ୍ରିୟା
ଇନ୍ଦିରା ଲୋକାମାତା ମା କ୍ଷୀରାବ୍ଧୀ ତନୟା ରମା
ଭାର୍ଗବୀ ଲୋକଜନନୀ କ୍ଷୀର ସାଗର କନ୍ୟକା
ମମଭକ୍ତି ଶୃଣୁ ଦେବୀ ଶ୍ରୀପଦେ ଶରଣଂସଦା
ଲକ୍ଷ୍ମୀ ପଦ୍ମାଳୟା ଗୋ, ଶ୍ରୀହରିପ୍ରିୟା, କ୍ଷିର ସାଗର ବାସିନୀ
ସିନ୍ଧୁଜେମା ରମା ଗୋ ଲୋକମାତା ମା, କଷ୍ଟାକଷ୍ଟ ବିଧ୍ୱଂଶିନୀ
କମଳା ଗୋ ଭାର୍ଗବୀ ଲୋକଜନନୀ ।୬।
ତୋର ଭକ୍ତଜନ, ସୁଖେ କାଟେ ଦିନ, ଯେ ଜନ ହୋଏ ତୋ ଦ୍ରୋହୀ
ଗୋ ମାତ ଇନ୍ଦିରା, ତା' ଦୁଃଖର ଭାରା, ମୁଖରେ ନୁହଇ କହି
ହୀନ ମୁହିଁ, ତୁସ୍ତି ଭକ୍ତି ନ ଜାଣଇଁ ।୭।
ଏମନ୍ତ ସମଏ, ଜଗତର ମାଏ, ସେହି ବାଟେ ଯାଉଥିଲେ
ଭକ୍ତି ଦେଖି ବଶ, ହୋଇ ହସ ହସ, ଶ୍ରୀୟା ପୁରକୁ ଗମିଲେ
ପଦ୍ମାପରେ, ଉଭା ହେଲେ ହରଷରେ ।୮।
ଶ୍ରୀୟାକୁ କହନ୍ତି, ଦେଖି ତୋର ଭକ୍ତି, ମୋ ମନ ହୋଇଲା ବଶ
ମାଗ ଶ୍ରୀୟା ବର, ଯେ ଇଚ୍ଛା ତୋହର, ଦେବଇଁ ତାହା ଅବଶ୍ୟ
ଶ୍ରୀୟା ଶୁଣି, ପାଦେ ଶୋଇଲା ସେ କ୍ଷଣି ।୯।
ଶ୍ରୀୟା ଭଣେ ବାଣୀ, ଆଗୋ ଗୋସାମଣି, ମୁଁ ତ ଅଟେ ଚାଣ୍ଡାଲୁଣୀ
କି ବର ମାଗିବି, ନ ଜାଣଇ ମାଗି, ଲକ୍ଷେ ଦିଅ ଧେନୁ ଶ୍ରେଣୀ
ଚାରିସୁତ, ପ୍ରଦାନ କର ଗୋ ମାତ ।୧୦।
ଅଙ୍ଗେ ଅଳଙ୍କାର, ହେଉ ସୁବର୍ଣ୍ଣର, ଦିଅ ଅକ୍ଷୟ ସଂପତ୍ତି
ନ ହେବ ପ୍ରମାଦ, ପୂଜୁଥିବି ପାଦ, ଯୁଗେ ଯୁଗେ ଥିବ କିର୍ତ୍ତି
କମଳା ଗୋ, ଚିରଜୀବୀ ହୋନ୍ତୁ ମୋ ପତି ।୧୧।
ଲକ୍ଷ୍ମୀ କହୁଛନ୍ତି, ଆଗୋ ଶ୍ରୀୟାବତୀ, ଲକ୍ଷେ ଗୋଷ୍ଠ ଦେଲି ଗାଇ
କୁଳୋଜ୍ଜ୍ୱଳ ପାଇଁ, ନନ୍ଦନ ଦେଲଇଁ, ନନ୍ଦିନୀ ହୋଇବେ ଦୁଇ
ବହୁଧନ, ସଂପଦ ହୋଇବ ପୁଣ ।୧୨।

Digitized by srujanika@gmail.com

କୃଷ୍ଣପ୍ରିୟା ଭଣି, ଶୁଣ ଚଣ୍ଡାଳୁଣୀ, ମାଗିଲୁ ତ୍ରିଜୀବୀ ବର
ତୋତେ ତାହା ମୁହିଁ, ଦେଇ ନ ପାରଇ, ମଲେ ଯିବୁ ବୈକୁଣ୍ଠର
ବେନି ଜନ, କହେ କବି ମୁସ୍ତକିମ ।୧୩।

।। ନାରଦ ବାହାର ।।

ବାହାର ହେଲେ ନାରଦ ମୁନି
କଳି ଧୋକଡ଼ିକୁ କାଖରେ ଘେନି ।ପଦ।
ମନଯାନେ ଚଢ଼ି, ଆସେ ତଡ଼ାତଡ଼ି
କ୍ଷଣକେ ଭ୍ରମଇ ଜଗତ ତିନି ହୋ ।୧।
ଅଟେ ବ୍ରହ୍ମଜତି, ଲଗାଏ ଅରଷ୍ଟି
ଦାଢ଼ି ମୁଛମାନ ଧୋବ ହେଲାଣି ହୋ ।୨।
କରେ କୋମଣ୍ଡଳ, କାଖେ ବ୍ୟାଘ୍ର ଛାଲ
ଆଶା ଚିମୁଟାରେ କର ମଣ୍ଡନୀ ହୋ ।୩।
ଗଳାରେ ରୁଦ୍ରାକ୍ଷ, ମାଳା ସୁଶୋଭିତ
ରାମାନନ୍ଦୀ ଶତା, ମୁସ୍ତକି ଭଣି ।୪।

।। ଦ୍ୱାରୀ ।।

ଦେଖ ଏ ଜଟିଆ ବୁଢ଼ା
ଚୋରି କରେ ଖଡ଼ା ।ପଦ।
ହେଟା ଲେଣ୍ଡି ଚିତା, ପଟର ପଇତା
ଏ ବୁଢ଼ା ବଡ଼ା ଖେଚଡ଼ା ।୧।
ମୁଖେ ଦାନ୍ତ ନାହିଁ, ପାନ ଖାଉଅଛି
ପାକୁ ପାକୁ କରେ ତଁଢ଼ା ।୨।
ଯୋଉଠାକୁ ଯିବ, କଳି ଲଗାଇବ
ଏଣୁ ବୁଲେ ପଡ଼ା ପଡ଼ାରେ ।୩।
ମୁସ୍ତକିମ କହି, ଗଂଜା ପିଇ ପିଇ
ଗାଲ ହୋଇଅଛି ଢୁଢ଼ା ହୋ ।୪।

Digitized by srujanika@gmail.com

।।ଦ୍ୱାରୀ।।

ଏ ବଡ଼ଘର ବୋହୁ ଚାଲ, ମୁଡ଼ କପାଳ ।।
ଉପରଟି ପର୍ଦ୍ଦା, ଭିତରେ ସବୁ ଛୁଛା
ଚମ ଢୋଲ ଭିତରେ ପୋଲ ।୧।
ଘିଅଗୁଡ଼ ବୋଲି, ସେ ଶ୍ରୀୟା ଚାଣ୍ଡାଳୀ
ପୁଡ଼ଉଛି ମଙ୍ଗଁଷୀ ଛାଲ ।୨।
ମୁସ୍ତକିମ କହି, ସେ ଧୁଙ୍ଗିଆ ପିଇ
ଲକ୍ଷ୍ମୀଙ୍କର ଗଲା ଜାତିକୁଳ, ମୁଢ଼ କପାଳ ।

।। ନାରଦ ଓ ରାମକୃଷ୍ଣ ।।

ଶୁଣ ଜନେ ତୋଷମନେ ନାରଦ ଯେ ଗଲେ
ରାମକୃଷ୍ଣଙ୍କ ନିକଟେ ପ୍ରବେଶ ହୋଇଲେ ।।
ଦେଖି ରାମକୃଷ୍ଣ ତାଙ୍କୁ ଦଣ୍ଡବତ ହେଲେ
ଆଶୀର୍ବାଦ ଦେଇ ଋଷି ମଙ୍ଗଳ ପୁଛିଲେ ।।
ଆମ୍ଭେ ବେନିଭାଇ ତବ କଲ୍ୟାଣରେ ମୁନି
ଭଲଅଛୁ ବୋଲି ରାମକୃଷ୍ଣ ହେଲେ ତୁନି ।।
ନାରଦ କହନ୍ତି ବାବୁ କେଣେ ଯାଇଥିଲ
ଖରାରେ ମୁଖ ଶୁଖିଣ ବହୁଅଛି ଝାଳ ।।
ରାମ କହନ୍ତି ମୃଗୟା ନିମନ୍ତରେ ଗଲୁଁ
ଅନେକ ବୁଲିଲୁଁ ଋଷି ମୃଗ ନ ପାଇଲୁଁ ।।
ଋଷିକହି ଗୁଣ୍ଡିଚା ନଗ୍ରକୁ ଯାଇଥିଲି
ଶ୍ରୀୟା ଚାଣ୍ଡାଳୁଣୀ ଘରେ ଲକ୍ଷ୍ମୀଙ୍କୁ ଦେଖିଲି ।।
ମଣ୍ଡଳ ଉପରେ ପିଣ୍ଡା ଟିକେ ମହାମାଇ
ଫଳମୂଳ ଚାଣ୍ଡାଳୁଣୀ ଛାମୁରେ ରଖାଇ ।।
ଭୋଜନ କରୁଣ ଥିଲେ ତୁମ୍ଭର ଘରଣୀ
ଏପରି ଅନ୍ୟାୟ ଦେଖି ନାହିଁ କେବେ ଶୁଣି ।।
ଜାତିଗୋତ୍ର ତୁମ୍ଭମାନଙ୍କର କିଛି ନାହିଁ
ତିନିପୁରେ ନିନ୍ଦା ଯେ ପାଇବ ବେନି ଭାଇ ।।
ତୁମ୍ଭେମାନେ ଏହିପରି ସବୁଦିନେ କର

Digitized by srujanika@gmail.com

ଚାଣ୍ଡାଳପୁରରେ ତୁମ୍ଭେ କରୁଛ ଆହାର ॥
ଜଗତେ ଚାଣ୍ଡାଳଠାରୁ ନର ମଧ୍ୟେ ହୀନ
ପକ୍ଷୀ ମଧ୍ୟେ କାକ ଜୀବେ ମୂଷିକକୁ ଜାଣ ॥
କୀଟ ମଧ୍ୟେ ଉଈକୁ ଯେ ଜଗତ୍ରେ ନିନ୍ଦନ୍ତି
ଏବେ ସେହିପରି ତୁମ୍ଭେ ନିନ୍ଦା ପାଇବଟି ॥
ଜାତିଗୋତ୍ର ବନ୍ଧୁବର୍ଗ କି ବୋଲି ବୋଲିବେ
ରାମକୃଷ୍ଣ ଚାଣ୍ଡାଳ ବୋଲିଣ ଧିକ୍‌କାରିବେ ॥
ଯଦି ଅବିଶ୍ୱାସ ମୋର ବଚନକୁ କର
ଚାଣ୍ଡାଳ ସାହିକୁ ଯାଅ ହୋଇ ତତପର ॥
ଏତେ କହି ନାରଦ ଚଳିଲେ ଚିତ ତୋଷେ
ଶ୍ରୀଲକ୍ଷ୍ମୀ ପୁରାଣ କବି ମୁସ୍ତକିମ ଭାଷେ ॥
ବଳରାମ କହନ୍ତି ସେ ସ୍ୱର୍ଗରେ ରହନ୍ତି
ମଞ୍ଚରେ କଳଙ୍କ ହେବ ନାଶଯିବ କିର୍ତ୍ତୀ
ବନମାଳି, ନାରୀ ଛାର ପାଇଁ ହେଉ ଭାଳି ।୧।
ଗୋବିନ୍ଦ ବୋଲନ୍ତି କୁନ୍ତୀ, ଅହଲ୍ୟ, ଦ୍ରୌପଦୀ
ତାରା, ମନ୍ଦୋଦରୀ ଏ ଅଟନ୍ତି ପାଞ୍ଚ ସତୀ
ନିକଳଙ୍କ, ଅଛନ୍ତିକି କହ ଜ୍ୟେଷ୍ଠଭ୍ରାତ ।୨।
ଶୁଣି ରାମ ହୋଇ ତମ ତମ କୋପେ କହି
ଯଦି ଲକ୍ଷ୍ମୀଙ୍କୁ ରଖିବୁ ଶୁଣରେ କହ୍ନାଇ
ମୋର ବୋଲ, ସେ ଚାଣ୍ଡାଳୀ ତୁ ହେଲୁ ଚାଣ୍ଡାଳ ।୩।
ଯଦି ଜ୍ୟେଷ୍ଠଭ୍ରାତ ବୋଲି ମୋତେ ତୁ ମାନିବୁ
ଲକ୍ଷ୍ମୀଙ୍କୁ ଦୁଆରୁ ବାବୁ ଘଉଡ଼ିଣ ଦେବୁ
ଲକ୍ଷ୍ମୀ ପରି, ବିଭା କରାଇବି ଅନ୍ୟ ନାରୀ ।୪।
ଗୋବିନ୍ଦ ବୋଲନ୍ତି ଭାଇ ଲକ୍ଷ୍ମୀଙ୍କୁ ଛାଡ଼ିବା
ଏପରି ରମଣୀ ମର୍ତ୍ତ୍ୟେ କାହିଁ ବା ପାଇବା
ବଡ଼ ଭାଇ, ଦେଖିଥିଲେ କହ ବେଗ ହୋଇ ।୫।
ଶୁଣି ରାମ ବହି ତମ ଧିକାରି କହନ୍ତି
ମୋ ଠାରୁ ବଡ଼ ବିଚାରୁ ବରୁଣ ଦୁହିତୀ
ତେବେ ଯାଅ, ଚାଣ୍ଡାଳ ସାହିରେ ତୁମ୍ଭେ ରହ ।୬।

Digitized by srujanika@gmail.com

ଆରେ ବନମାଳୀ ତୁଯେ ବଡ଼ ଦେଉଳକୁ
ନ ଆସିବୁ ଲକ୍ଷ୍ମୀଙ୍କୁରେ ଯେବେ ତୁ ରଖିବୁ
ଭାଇ ମାନ୍ୟ, ଆଜିଠାରୁ ମେଣ୍ଟି ଗଲା ଜାଣ ।୭।
ବଡ଼ଭାଇ କୋପ ସହି ନ ପାରିଲେ ହରି
ଛାଡ଼ିଲେ ବୋଲି ତ୍ରିବାର ଦେଲେ ସତ୍ୟ କରି
ସାଧୁଜନ, ରଚେ କବି ମୁସ୍ତକିମ ଖାନ ।୮।

।। ଦ୍ୱାରୀ ।।

କପାଳ ତୋର ଫାଟିଲା, କିଲୋ କମଳା ।ପଦ।
ଠାକୁରାଣୀ ହୋଇ, ଚାଣ୍ଡାଳୀ ହୋଇଲୁ
ନ ଆସ ନ ଆସ ପଲା କିଲୋ କମଳା ।୧।
ଥିଲା ତୋର ଯୋଗ, କଲୁ ରାଜ ଭୋଗ
ଆଜଠାରୁ ତା ଉଠିଲା, କି ଲୋ କମଳା ।୨।
ମୁସ୍ତକିମ୍ କହି, ଦେଢ଼ଶୁର ହୋଇ
ଛଡ଼ାଇବାକୁ ହଟିଲା, କି ଲୋ କମଳା ।୩।

।। ଲକ୍ଷ୍ମୀ ଓ କୃଷ୍ଣ ।।

ଶୁଣିବା ହେ ଜନେ, ଲୟ କରି ମନେ, ଲକ୍ଷ୍ମୀ ଶ୍ରୀୟାପୁରେ ଥିଲେ
ସେବାରେ ସନ୍ତୋଷ, ହୋଇ ଜଗନ୍ନାଥ, ବର ଦେଇ ବାହୁଡ଼ିଲେ
ତରତରେ, ହେଲେ ମନ୍ଦିର ମୁଖରେ ।୧।
ଦେଖିଲେ ଦୁଆରେ, ବଳରାମ ହରି, ବେନି ଭାଇଛନ୍ତି ବସି
କମଳା କହନ୍ତି, ପଥ ଛାଡ଼ ଯିବି, ଉଛୁର ହେଉଛି ଆସି
ଦଶମୀର, କରିବି ରନ୍ଧା ବେଭାର ।୨।
ଶୁଣି ବଳରାମ, କୁହ୍ନାଏ ଛାଡ଼ିଣ, ଆସନରୁ ଉଠି ଖରେ
ଭିତରକୁ ଗଲେ, ମନର ଚଞ୍ଚଳେ, କୃଷ୍ଣ ମହାକୋପ ଭରେ
କହୁଛନ୍ତି, ସେହିଠାରେ ରହ ସତୀ ।୩।
ଅଛବ ସାହିରେ, ଥିଲୁ ଶ୍ରୀୟା ପୁରେ, ବଡ଼ ଭାଇଛନ୍ତି ଦେଖି
ମୁଁ ସିନା ଦେଖିଲେ, ମନେ ନ ଧରନ୍ତି, ଶରଦ ଚନ୍ଦ୍ରମାମୁଖୀ
ତୋର ପାଇଁ, ଧିକାରନ୍ତି ବଡ଼ ଭାଇ ।୪।

Digitized by srujanika@gmail.com

ହାଡ଼ି ପାଣ ଦ୍ୱାର, ଯିବା ଅବେଭାର, ପୁଣି ତ ଅଶୁଚି ହୋଇ
ଲାଜ ନ ମାଡ଼ଇ, ଦେଉଳେ ପଶୁଛୁ, ଯାଅ ତୋରେ କାର୍ଯ୍ୟ ନାହିଁ
ଯହିଁ ମନ, ତହିଁକି କର ଗମନ ।୪।
କମଳା କହନ୍ତି, ଆହେ ପ୍ରାଣପତି, କିଛି ଦୋଷ କରିନାହିଁ
ଚାଣ୍ଡାଳ ଦୁଆରେ, ଯିବାର ମାତ୍ରକେ, ଘରୁ ଦିଅ ଘଉଡ଼ାଇ
ପ୍ରାଣନାଥ, ଏତ ବଡ଼ ଅଦଭୂତ ।୫।
ଜଗତେ୍ ତୋ ନାମ, ବାଇ ଠାକୁରାଣୀ, ବୋଲନ୍ତି ସକଳେ ତୋତେ
ଶତ ଗୃହ ଭାଙ୍ଗି, ଏକ ଗୃହ ତୋଳୁ, ଏକ ଭାଙ୍ଗି ରଖୁ ସତେ
ମୋ ଘରଣୀ, ହୋଇ ହେଲୁ ଚାଣ୍ଡାଳୁଣୀ ।୭।
କମଳା କହନ୍ତି, ଆହେ ପ୍ରାଣପତି, ଚାଣ୍ଡାଳ ହେଲେ କି ହେବ
ଭକତି ଦୃଢ଼ରେ, କରଇ ହୃଦରେ, ଏଣୁ ତା ପୁରକୁ ଧବ
ଥିଲି ଯାଇ, ବୃଥା କୋପ କର ଏଥିପାଇଁ ।୮।
କୃଷ୍ଣ କହୁଛନ୍ତି, ଲୁଣିଆଁ ଦୁହିତୀ, ଛୋଡ଼ ଘର ଝିଅ ତୁହି
କାକ, କୁକୁରକୁ ଯତନେ ପାଳିଲେ, ସ୍ୱଭାବ ତା' ଯିବ କାହିଁ
ବିଷ୍ଣାଭକ୍ଷ, କରଇ ଜାଣ ପ୍ରତ୍ୟକ୍ଷ ।୯।
କୃଷ୍ଣପ୍ରିୟା ଭଣି, ଆହେ ଚକ୍ରପାଣି, ନୀଚ ଜାତି ମୋର ବାପ
ଜାଣୁଥିଲ ଯେବେ, କାହିଁ ପାଇଁ ତେବେ, ବିଭା ହେଲ ପ୍ରାଣନାଥ
ତୁମ୍ଭକୁତ, ଯାଚି ଦେଇ ନାହାନ୍ତି ତ ।୧୦।
ଶୁଣି ଜଗନ୍ନାଥ, ହୋଇ କୋପଚିତ୍ତ, କହନ୍ତି ଆରେ ନିର୍ଲ୍ଲଜୀ
ଆଜିଠାରୁ ତୋର, ମୁଖ ନ ଦେଖିବି, ଯାଅ ଦେଲିଣି ବରଜି
ଯହିଁ ତହିଁ, ବୁଲିଲୁ ମୋ ନାରୀ ହୋଇ ।୧୧।
ଲକ୍ଷ୍ମୀ କହୁଛନ୍ତି, ଆହେ ପ୍ରାଣପତି, ତବ ଅଜ୍ଞାରେ ମୁଁ ଗଲି
ଦୋଷ କ୍ଷମା କର, ଯୋଡ଼ୁଅଛି କର, କାହିଁ ପାଇଁ ଦିଅ ଗାଳି
ପ୍ରାଣପତି, ଘେନ ବାରେ ମୋ ବିନତୀ ।୧୨।
ବିଭା ଶେଷେ, ଜୁତ ପ୍ରାନ୍ତେ ଆହେ ନାଥ ମୋ କରେ ଧଇଲ ମୁଦି
ତିନି ଅଙ୍ଗୁଳିରେ, ଫେଡ଼ି ନ ପାରିଣ, ଦଶ ଦୋଷ ପାଇଁ ପତି
କହିଥିଲ, କ୍ଷମା ପାଇଁ ଏବେ ଭୁଲ ।୧୩।
କହନ୍ତି ଶ୍ରୀ ହରି, ଚାଣ୍ଡାଳୁଣୀ ହୋଇ, କେତେ ଚଳାଉଛୁ ମୋତେ
ତୋର ପାଇଁ ଆମ୍ଭେ, ଦୁଇ ଗୋଟି ଭାଇ, ନିନ୍ଦା ପାଇଲୁଁ ଜଗତେ

Digitized by srujanika@gmail.com

ରେ ବିଟାଳୀ, ତୁ ନହୁ ଆମ୍ଭର ଭଳି ।୧୪।
ସିନ୍ଧୁଜେମା ଭଣି, ଆହେ ଚକ୍ରପାଣି, ମୁଁ ତୁମ୍ଭପରି ନୁହଇତ
ଗଉଡ଼ ଗୃହରେ, ପୋଷା ହୋଇନାହିଁ, ବିଦୂର ଘରେ ଭୁଞ୍ଜିଛ
ପ୍ରାଣପତି, ସେଥିରେ ନ ଗଲା ଜାତି ।୧୫।
ବାଳକାଳେ ସିନା, ଆମ୍ଭେ ନନ୍ଦ ଘରେ, ପ୍ରତିପାଳିତ ହୋଇଲୁ
ହାଡ଼ି କିବା ପାଣ, ନୁହଇ ବିଦୂର, ଭକ୍ତି ଦେଖିଣ ଭୁଞ୍ଜିଲୁ
ଫଳମୂଳ, କେବଳ କଲୁଁ କବୁଲ ।୧୬।
କହେ କମଳିଣି, ଆହେ କମ୍ବୁପାଣି, ତୁମ୍ଭ ପୂର୍ବ ଜନ୍ମକଥା
ଶବରୀ ଉଚିଷ୍ଟ, ଫଳ ଭୁଞ୍ଜିଅଛ, ଏବେ ଭୁଲିଲ କି ତାହା
ପ୍ରାଣପତି, ତୁମ୍ଭେ ପରା ବଡ଼ ଜାତି ।୧୭।
ହରି କହୁଛନ୍ତି, ଶୁଣ ଆଲୋ ଲକ୍ଷ୍ମୀ, ପୂର୍ବଜନ୍ମ କଥା ଛାଡ଼
ପଡ଼ି ମାଣେ ମାଣେ, ଖାଇ ରହିବନି, ଏ ବଚନ ଜାଣ ଦୃଢ଼
ସିନ୍ଧୁସୂତା, ରାଜି ହେଲେ ଜ୍ୟେଷ୍ଠଭ୍ରାତା ।୧୮।
କମଳିଣି କହି, ମାଣେ ପଡ଼ି ଖାଇ, ରହିବା ଉଚିତ ନୋହି
ରାଣ୍ଡ ଅଲକ୍ଷଣୀ, ଛେଉଣ୍ଡ ନୁହେଁ ତ, ପିତାଗୃହକୁ ଯିବଇଁ
ଅଳଙ୍କାର, ନିଅ ହେ ନାଥ ତୁମ୍ଭର ।୧୯।
ହରି କହୁଛନ୍ତି, ଅଳଙ୍କାର ମାନ, ନେଇ ଆମ୍ଭେ କି କରିବୁଁ
ଆମ୍ଭଙ୍କୁ ଏ ମାନ ଅପରୂବ ନୁହେଁ, ଇଚ୍ଛା ମାତ୍ରେ ଗଢ଼ାଇବୁ
ଅଳଙ୍କାର, ବିକି ପୋଷିବୁ ଉଦର ।୨୦।
କୋପେ କମଳିଣି, ପ୍ରଜ୍ୱଳିତ ହୋଇ, ଅଳଙ୍କାର ମାନ କାଢ଼ି
ପତି ସନ୍ନିଧରେ, ଥୋଇଲେ ସଧିରେ, ପାଦେ ପଡ଼ି କର ଯୋଡ଼ି
କହୁଛନ୍ତି, ଶୁଣ ପ୍ରଭୁ ଜଗତ୍ପତି ।୨୧।
ବିନା ଦୋଷେ ମୋତେ, ତେଜିଲ ଯେଣୁ ସେ, ଶାପ୍ୟ ଲଭ ବେନି ଭ୍ରାତ
ମୋ ନ ଥିବା ଯାଏ, ଅନ୍ନ ନ ମିଳିବ, ବୁଲିବ ହୋଇ ଦରିଦ୍ର
ଭିକ୍ଷା ମାଗ, ବୋଲି ଗଲେ ଜଗନ୍ନାତ ।୨୨।
କବି ମୁସ୍ତକିମ, ଏ ଲକ୍ଷ୍ମୀ ପୁରାଣ, ନାଟ୍ୟରଙ୍ଗେ ବିରଚିଲେ
କମଳାଙ୍କ ଯିବା, ଶୁଣି ଦାସୀଗଣେ, ମନ୍ଦିରୁ ବାହାର ହେଲେ
ହାହାକାର, ଶୁଭିଗଲା ତିନିପୁର ।୨୩।

Digitized by srujanika@gmail.com

॥ ଦ୍ୱାରୀ ॥

ବାହାର ହେଲେ ଦାସୀଗଣେ ବିରସରେ ।ପଦ।
ପାଦେ ଶୋଭେ ଝୁଣ୍ଟିଆ, କଂଷାପଇଁରୀ ନୂଆ
ଚରଣ ପଡ଼େ ଏଣେତେଣେ ।୧।
ହସ୍ତେ ଟିକିଲି ଚୂଡ଼ି, କଂଶା ମୁଦ୍ରି ଅଙ୍ଗୁଳି
ବରତ ବିଦ ଚିତ୍ତ ହାଣେ ।୨।
ଚଂପାବତୀ, ମାଳତୀ, ଶୋକେ ରୋଦି ଧାମନ୍ତି
ନୂଆ କବି ମୁସ୍ତକି ଭଣେ ।୩।

॥ ଦ୍ୱାରୀ ॥

ମିଛେ କାନ୍ଦ କୁଇଁ କୁଇଁ, ଲୋହ ଟିକେ ନାହିଁ । ପଦ ।
କାହିଁ ପାଇଁ ଯିବ, ଭୁଖରେ ମରିବ
ତୁମ୍ଭଙ୍କୁ ରଖିବି ମୁହିଁ, ଲୋହ ଟିକେ ...... ।୧।
ମୁସ୍ତକିମ ବୋଲେ, ଲକ୍ଷ୍ମୀ ସିନା ଗଲେ
ତୁମ୍ଭଙ୍କୁତ ତଡ଼ି ନାହିଁ, ଲୋହ ଟିକେ .....।୨।

॥ ଦାସୀ ଲକ୍ଷ୍ମୀ ॥

ଶୁଣ ହେ ସୁଜନେ ଦାସୀ ଗଣେ ତହୁଁ ଗଲେ
ଲକ୍ଷ୍ମୀଙ୍କ ଅଗ୍ରତେ ଯାଇ ଓଳଗି ହୋଇଲେ, ସୁଜନେ ।୧।
ଲକ୍ଷ୍ମୀ ପଚାରିଲେ କିଲୋ ଚମ୍ପକ ମାଳତୀ
କିପାଇଁ ଅଇଲ ବୋଇଲେ ଶ୍ରୀପତି, ଦାସିଏ ଲୋ ।୨।
ପରିବାରିଏ ବୋଲନ୍ତି ଶୁଣ ଠାକୁରାଣୀ
ତୁମ୍ଭ ସଙ୍ଗେ ସିନା ଆସିଥିଲୁ ସାମନ୍ତାଣୀ, ଠାକୁରାଣୀ ।୩।
ଲକ୍ଷ୍ମୀ କହି କି ହେଲା ମୋ ସଙ୍ଗେ ଆସିଥିଲ
ପ୍ରଭୁ ଆଜ୍ଞା ବିନା କିଁପା ମନ୍ଦିରୁ ଅଇଲ, ଦାସୀମାନେ ।୪।
ଦାସୀ ଭାସି ତୁମ୍ଭ ତୁଳେ ଯିବୁଁ ଆଗୋ ମାତ
ତୁମ୍ଭେ ନ ଥିଲେ ଆମ୍ଭେ ନ ରହିବୁଟି ସତ୍ୟ, କମଳିଣୀ ।୫।
କମଳା କହନ୍ତି ମୋତେ ପ୍ରଭୁ ତେଜ୍ୟା କଲେ
ଭୋକରେ ମରିବ ରହିଲେ ମୋର ତୁଳେ, ଦାସୀଏଲୋ ।୬।

Digitized by srujanika@gmail.com

ଦାସିଏ ଭାଷନ୍ତି ମାତ ତୁମ୍ଭର ଯେ ଗତି
ସେହିପରିରେ ରହିବୁ ମୁସ୍ତକି ବଦତି, ଚଳିଗଲେ ।୭।

।। ଦ୍ୱାରୀ ।।

ଧିକ୍‌ଯାଏ ମାଏଝି ଜନମ୍ ଆଚାର ବିଚାର କିଛି ନାଇଁ
ନିଆଏ ଅନିଆଏ ବିଚାର ନାଇଁ କରନ୍ତି ଗାଁଡ଼େ
ଘଏତାଖାଇ ।। ପଦ ।।
ନିକର ବୋଲି କହେଲେ ଖରୋ, ହୋଇ ଚଲିଯାଁତି ଟରୋ ଟରେ ।
ଅରଜି ଲିଖାଇ ଚରୋ ଚରୋ, କଚରୀ କରନ୍ତି ଧାଇଁ ।୧।
ମାଏଝିର ଲାଗି ପାଉ କଷ୍ଟ, ବୋଲି ଆଙ୍ଗୁଠି ଫୁଟାନ୍ତି ପଟ ପଟ
ଦାଁତ ଚାବୁଥାନ୍ ରଟ୍ ରଟ୍, ଦୁଖ ନିଶ୍ୱାସ ପଡୁ କହି ।୨।
ମାଁ ଘରେ ଥାଇ ପାଏଲେ ଖରଚ, ପାନ ଖାଏତେ ମଚ୍ ମଚ୍
ଚାଲି ଯା ଏତେ ଟରକ୍ ଟରକ୍, ତେଲ ହଳଦି ଜରଜର ହୋଇ ।୩।
ଏପରା ସେ ପରା ଘର ଘର ବୁଲି, ଡିଣ୍ଡା ପିଲାଙ୍କୁ ଭେଟଲେ ଖୁଲି
ମୁଚ୍ କରି ହସି ଦ୍ୟନ୍ତି ଠେଲି, କବି ମୁସ୍ତକିମ କହେ ନିଡର ହୋଇ ।୪।

।। ଲକ୍ଷ୍ମୀ ପ୍ରସ୍ଥାନ ।।

ଶୁଣ ହେ ସୁଜନେ ଲକ୍ଷ୍ମୀ ତହୁଁ ଚଳିଗଲେ
ପଥେ ଯାଉଁ ଲକ୍ଷ୍ମୀ ଦାସୀ ଗଣଙ୍କୁ ବୋଇଲେ ।୧।
ପିତାପୁର ଗଲେ ହରି ପୁଣି ଯିବେ ତହିଁ
ପିତାଙ୍କୁ ପ୍ରବୋଧି ଘେନି ଆସିବେ ଗୋ ସହି ।୨।
ଦାସିଏ ବୋଲନ୍ତି ପିତା ଛାଡ଼ିବା ଜାଣିଲେ
ଯୁଦ୍ଧ ଆରମ୍ଭିବେ ରାମକୃଷ୍ଣ ନେଇଗଲେ ।୩।
କମଳା ବୋଲନ୍ତି ବଡ଼ ଲୋକ ରୀତି ହୋଇ
ଦୁହିତାଙ୍କୁ ସାନ ବଡ଼ କରନ୍ତି ଜୁଆଁଇ ।୪।
ଜଳରାଜଙ୍କ ତନୟୀ ଚାରି ଯୁଗେ ସହି
ବିଭା ହୋଇଛନ୍ତି ପ୍ରଭୁ ସର୍ବଦା ଜୁଆଁଇ ।୫।
ଦାସୀ କହନ୍ତି ଗୋ ମାତ, କେଉଁଠାକୁ ଯିବା
କରେ ତ କଡ଼ାଏ ନାହିଁ କି ଖାଇ ବଞ୍ଚିବା ।୬।
କମଳା କହନ୍ତି ସିନ୍ଧୁ ତଟରେ ରହିବା

Digitized by srujanika@gmail.com

ବିଶ୍ୱକର୍ମାଙ୍କୁ ନର୍ମାଣି ପୁର ମଣ୍ଡାଇବା ।୭।
କବି ମୁସ୍ତକିମ କହେ ତହୁଁ ଚଳିଗଲେ
ସିନ୍ଧୁକୂଳେ ଯାଇ ବିଶ୍ୱକର୍ମାଙ୍କୁ ସ୍ମରିଲେ ।୮।

।। ବିଶ୍ୱକର୍ମା ବାହାର ।।

ବାହାର ବିଶ୍ୱକର୍ମା ବଢ଼ାଇ ହୋ
ଲକ୍ଷ୍ମୀ ଭେଟ ପାଇଁ ଆକୁଳ ହୋଇ ହୋ ।ପଦ।
ବିନ୍ଧନ, ଖୁଟୁଲା, ରନ୍ଦା କରତ, ଭଅଁର, ବଟାଳି, ଆଗିରମିଟ
ଇଞ୍ଚଫୁଟ ବାଡ଼ି, ସୁତୁଲି ସଜାଡ଼ି, ଅନିଶା ବାରିସୀ କନ୍ଧରେ ବୋହି ହୋ ।୧।
ଧୋବ ମେଛା ଦିଶେ କେଡ଼େ ଶୋଭନ, ଅଙ୍ଗ ନିନ୍ଦୁଅଛି ପୂର୍ଣମୀ ଜହ୍ନ ହୋ
ଶ୍ୱେତବାଳ ଚାରୁ, ଉଡ଼େ ଫୁରୁଫୁରୁ,
ଦାନ୍ତ ନାହିଁ ମୁହଁ ପାକୁ ପାକୁ ହୋଇ ହୋ ।୨।
କାଠ ମାଟି ଟିଣ, ସୁନା, ପିତଳ, ଗିଲଟ, ରଜତ, ତାମ୍ରକ, ଷ୍ଟୀଲ ହେ
ଲୋହ, ହଓ୍ୱାଲୁହା ସିଲଭର ବଢ଼ିଆ
ପ୍ରଥମେ ସଂସାରେ ଜାରି କଲଇ ହୋ ।୩।
କାଚ ପଥରର ଯେତେକ କାମ
ମୋ ଠାରୁ ହୋଇଛି ସବୁ ଜନମ ହେ
ମୁସ୍ତକିମ କବି, ବିରଚିଲେ ଭାବି, ଝୁଲି ଝୁଲି ଧପି ଧପି ଚାଲଇ ହୋ ।୪।

।। ବିଶ୍ୱକର୍ମା ପ୍ରବେଶ ।।

କମଳା କି ହେଲା ମା ସୁମରିଲ କାହିଁକି
ମୁଖ ତୁମ୍ଭ ଶୁଖି ଯାଇଅଛି କେଭୁଁ ଖାଇ ନାହିଁ କି ।ପଦ।
କଲ ଯେଣୁ ଚିତ୍ତେ ଧ୍ୟାନ, କମ୍ପିଲା ମୋର ଆସନ
ତେଣୁ ଆସେ ତଡ଼ବଡ଼େ ଦରଶନ ପାଇଁଟି ।୧।
ମୋ ବଂଶ ହେଲେ ଦରିଦ୍ର, ନ ମିଳଇ ଅନ୍ନ ବସ୍ତ୍ର
ଧନୀ ହୁଅନ୍ତି ଜଗତ୍ରେ ଦୟା କର ତୁହିଟି ।୨।
ଚାଲି ଚାଲି ଉଠି ବସି, ଥକି ଗଲି ଆସି ଆସି
ଦହି ଚୂଡ଼ାଗୁଡ଼ ମିଳୁ ଜଳଖିଆ ପାଇଁଟି ।୩।
କବି ମୁସ୍ତକିମ ରଚେ, କାମ କରବି ଛଟକେ
ଯା କହିବ ନିମିଟକେ ଦେବି ତା' ବଣାଇକି ।୪।

Digitized by srujanika@gmail.com

।। ବିଶ୍ୱକର୍ମା ଓ କମଳା ।।

ବିଶ୍ୱକର୍ମା କହେ ମାତ କିପାଁ ସୁମରିଲ
ଯାହା ଆଜ୍ଞା ହେବ କରିବାକୁ ତତକାଳ, ଜଗନ୍ମାତ ।
କମଳା କହନ୍ତି ଆମ୍ଭ ଇଚ୍ଛା ଏହିଠାରେ
ନୀଳଗିରିଠାରୁ ଶୋଭା ହେଉ ଏକ ପୁରେ ।
ଶୁଣି ବିଶ୍ୱକର୍ମା ଶିଳ୍ପୀ ଶାସ୍ତ୍ର ଫିଟାଇଲା
ରାଶି ନକ୍ଷତ୍ର ବାର ଯେ ତିଥିକୁ ଗଣିଲା, ତତପରେ ।
ଯୋଗ, କରଣ, ଲିତା, ବିଲିତା, ଥାବ କଲେ
ଧ୍ୱଜ, ଧୂମ୍ର, ସିଂହ, ଶ୍ୱାନ, ବୃଷ, ଗଜ ତୁଳେ, ଗୃହବନ୍ଧ ।
ଖାର ଧ୍ୱଂକ୍ଷ ଏ ଆଠୋଟି ଗୃହ ବନ୍ଧ କଲେ
ତିନି କୋଶ ଦୀର୍ଘ ପ୍ରତି ପୁର ନିର୍ମାଣିଲେ, ସୁଜ୍ଞଜନ ।
ସୁବର୍ଣ୍ଣର କାନ୍ଥ ନବରତନରେ ଖଞ୍ଜା
ସ୍ଫଟୀକ କାଞ୍ଚନବାଡ଼ ଜାଳି ପୁଂଜା ପୁଂଜା ।
ଦେଖି କମଳିଣୀ ତୋଷେ ବିଦାୟ ଯେ ଦେଲେ
ତୋଷେ ବଢ଼ାଇଙ୍କ ଗୁରୁ ନିଜ ପୁର ଗଲେ, ସୁଜ୍ଞଜନ ।
ତହୁଁ ଦେବୀ ବେତାଳଙ୍କୁ କଲେ ସୁମରଣ
କବି ମୁସ୍ତକିମ ରଚେ ଶ୍ରୀ ଲକ୍ଷ୍ମୀ ପୁରାଣ, ସୁଜ୍ଞଜନ ।

।। ବେତାଳ ବାହାର ।।

ହେଲେ ବାହାର ତାଳ ବେତାଳମାନେ
ହରଷ ହୋଇ ହୋ
କଳା ଧଳା ତମ୍ୱା ସୁନା ପରି ଦେହ ଦିଶଇ ହୋ ।ପଦ।
କେ କାଛେଣୀ, ଛନ୍ଦନୀ କେ, କେ ଜଂଘି ଭିଡ଼ିଛି ଆଣ୍ଠେ
କେ କୁଦାଳ, କେ ଶାବଳ, ଧରି ଡିଆଁ ମାରଇ ହୋ ।୧।
କେ ଖଣ୍ଡା କେ କାତି ଖଡ଼ଗ, କେ ବରଛା ଧରି ବେଗ
କେ ଚନ୍ଦ୍ରହାସ ଟାଙ୍ଗିଆ, କେ ଫରସା ଧରଇ ହୋ ।୨।
କବି ମୁସ୍ତକିମ ଭଣି, ଯହିଁଛନ୍ତି କମଳିଣୀ
ପ୍ରବେଶିଲେ ତତ କ୍ଷଣି, ସର୍ବେ ହରଷ ହୋଇ ହୋ ।୩।

Digitized by srujanika@gmail.com

।। ବେତାଳ ଓ କମଳା ।।

ସୁଞ୍ଜ ସୁବିବେକେ ଶୁଚିତେ ଶୁଣ,
ବେତାଳେ ପ୍ରବେଶି କଲେ ପ୍ରଣାମ କି
ସୁଜନେ ହେ ।୧।
କର ଯୋଡ଼ି କରି କହନ୍ତି ବାଣୀ,
କି କାର୍ଯ୍ୟେ ସ୍ମରିଲ ଆମ୍ଭଙ୍କୁ ପୁଣି କି,
ଜନନୀ ଗୋ ।୨।
ଲକ୍ଷ୍ମୀ କହୁଛନ୍ତି ଶୁଣରେ ବାବୁ,
ଅସମୟରେ ସ୍ମରିଲ ତୁମ୍ଭଙ୍କୁ କି
ବେତାଳରେ ।୩।
ମୋତେ ପ୍ରଭୁ ତେଜି ଦେଲେ ଘଉଡ଼ି,
ଏଣୁ ଅଛଇଁ ମୁଁ ଦୁଃଖରେ ପଡ଼ି କି,
ବେତାଳରେ ।୪।
ବେତାଳେ କହନ୍ତି ଲକ୍ଷ୍ମୀଙ୍କି ଚାହିଁ,
ଜାଣିଲେ ପ୍ରଭୁମ ବ୍ରତିବୁ ନାହିଁ କି
ଜନନୀ ଗୋ ।୬।
ଲକ୍ଷ୍ମୀ କହନ୍ତି ନିଦ୍ରା ବଶେ ଥିବେ,
ଭଣ୍ଡାର ଆଣିବାର ନ ଜାଣିବେ କି
ବେତାଳେରେ ।୭।
ବାଉନ ଭଣ୍ଡାର ଧନ ଆଣିବ,
କାଣି କଉଡ଼ିଟିଏ ନ ଛାଡ଼ିବ କି
ବେତାଳେରେ ।୮।
ଶୁଣିଣ ବେତାଳେ ହରଷେ ଗଲେ,
ନିଦ୍ରାବତୀଙ୍କୁ ଲକ୍ଷ୍ମୀ ସୁମରିଲେ କି
ସୁଜନେ ହେ ।୯।
କହେ ମୁସ୍ତକିମ ବାଲୁତ ମତୀ,
ଜାଣି ବାହାର ହେଲେ ନିଦ୍ରାବତୀ କି
ସୁଜନେ ହେ ।୧୦।

Digitized by srujanika@gmail.com

।। ନିଦ୍ରାବତୀ ବାହାର ।।

ବାହାରିଲେ ନିଦ୍ରାବତୀ ଗୋ, ମନରେ ହୋଇ ହରଷ
ମୋ ମାୟାରେ ଜଗଜ୍ଜନ, ଯୋଗୀ ହେଲେ ହେବେ ବଶ ।ପଦ।
ନୀଳମେଘୀ ଶାଢ଼ି ରଙ୍ଗେ, ଜଡ଼ିଅଛି ଶୁକ୍ଳ ଅଙ୍ଗେ
ମୁକୁଳ କୃଷ୍ଣ କୁଟିଳ ଗୋ, କୋମଳ ଚିକ୍‌କଣ କେଶ ।୧।
ନାଶେ ନଥ, ଦଣ୍ଡି, ଘୋଣା, ନୀଳମଣି ନାକଚନା
ଗଣ୍ଠିଆ, କାପ, ବେଣ୍ଡଲା, ଝଲକା ଶ୍ରବଣ ପାଶ ।୨।
ମଥାମଣି ସୀମନ୍ତରେ, ହୃଦ ଶୋଭାପାଏ ହାରେ
ବାହୁଟୀ, କଙ୍କଣ କରେ, କିଙ୍କିଣୀ ଯେ କଟୀ ଦେଶ ।୩।
ହେମ ବଳା ଚରଣରେ, ନୁପୂର ତଥି ସଙ୍ଗରେ
ବିଛୁଆ, ଝୁଣ୍ଟିଆ ସ୍ୱରେ, ଯତିମତି ହେବ ବଶ ।୪।
ତିନିପୁରେ ଜୀବଗଣ, ମୁଁ କରାଏ ଅଚେତନ
କହେ କବି ମୁସ୍ତକିମ, ମୋ ପାଇଁ ରାତି ଦିବସ ।୫।

।। ନିଦ୍ରାବତୀ ଓ ଲକ୍ଷ୍ମୀ ।।

ନିଦ୍ରାବତୀ ଲକ୍ଷ୍ମୀ କତି ପ୍ରବେଶ ହୋଇଲେ
ଲକ୍ଷ୍ମୀ ପଦତଳେ ନିଦ୍ରାବତୀ ଓଳଗିଲେ । ସୁଜ୍ଞଜନ ।୧।
ନିଦ୍ରା ପଚାରନ୍ତି ଗୋ କମଳା ଠାକୁରାଣୀ
କି କାରଣେ ଚିନ୍ତା କଲ ବିଷ୍ଣୁଙ୍କ ଘରୁଣୀ କମଳିଣୀ ।୨।
ଲକ୍ଷ୍ମୀ କହନ୍ତି ଗୋ ନିଦ୍ରା ଦୁଃଖ ଗୁରୁତର
ଚାଣ୍ଡାଳୀ ବାଦେ ତେଜିଲେ ପ୍ରଭୁ ଚକ୍ରଧର, ନିଦ୍ରାବତୀ ।୩।
ବଡ ଦେଉଳକୁ ଦେବୀ ଯାଇ କର କାର୍ଯ୍ୟ
ନିଦ୍ରାରେ ହୋନ୍ତୁ ଅଚେତ ସାନୁଜ ଅଗ୍ରଜ, ବେନିଭାଇ ।୪।
ବେତାଳେ ଆଣିବେ ସର୍ବ ଭଣ୍ଡାର ଚୋରାଇ
ରତ୍ନ ଖଟେ ଶୋଇଥିବେ ବେନି ଗୋଟି ଭାଇ, ତା ଆଣିବ ।୫।
ନିଦ୍ରା କହେ ପତି ଦେଢ଼ଶୁରକୁ କପଟ
କରିବାର ତୁମ୍ଭଙ୍କୁ ଗୋ ନୁହଇ ଉଚିତ, କମଳିଣୀ ।୬।
ଲକ୍ଷ୍ମୀ କହି ନିନ୍ଦା ଦେଇ ତଡ଼ିଦେଲେ ହରି
ଛାଡ଼ରା ଭାରିଜା ଅଟେ ବାପର ଭଗାରି, ନିଦ୍ରା ଦେଈ ।୭।

Digitized by srujanika@gmail.com

ନିଦ୍ରା କହି ପତିକି ଯେ ଦୋଷେ ବା ଅଦୋଷେ
ଦଣ୍ଡିଲେ ଗିରସ୍ତ ତାହା ସହନ୍ତି ବିଶେଷେ, କମଳିଣୀ ।୮।
କମଳା କହନ୍ତି ନିନ୍ଦା ଗାଳି ମାଡ଼ ଦେଇ
ଘରରେ ରଖିଲେ ସିନା ରମଣୀ ସହଇ, ଏ ତଡ଼ିଲେ ।୯।
ନିଦ୍ରା କହି ଚାରିଯୁଗେ ବିଷ୍ଣୁଙ୍କ ଘରଣୀ
ତୁମ୍ଭବିନେ ନାହିଁ ଆନ ଜାଣି ଠାକୁରାଣୀ, ସେ ସବୁରେ ।୧୦।
କମଳା କହନ୍ତି ବିଷ୍ଣୁ ସଂପଦ ଭୋଗିବେ
କାହିଁକି ସେ ଆଉ ମୋତେ ମନେ ପକାଇବେ, ତେଣୁ କରି ।୧୧।
ଏ ଉପାୟ କରିଅଛି ଜଗତର ନାଥ
ଆସିବେ ନେବାକୁ ଯିବି ଏହା ଅଟେ ସତ୍ୟ, ନିଦ୍ରାବତୀ ।୧୨।
ଶୁଣି ନିଦ୍ରାବତୀ ଆଜ୍ଞା ମାନି ଗଲା ଚଳି
ରାମକୃଷ୍ଣଙ୍କ ଅଙ୍ଗରେ ଘାରିବାକୁ ବଳି, ସୁଜ୍ଞଜନ ।୧୩।
କବି ମୁସ୍ତକିମ ଭାଷେ କମଳା ବସିଣ
ସରସ୍ୱତୀଙ୍କୁ ହୃଦରେ କଲେ ସୁମରଣ, ସୁଜ୍ଞଜନ ।୧୪।

।। ସରସ୍ୱତୀ ବାହାର ।।

ବାହାର ହେଲେ ସରସ୍ୱତୀ, ଆନନ୍ଦ ମତି ।ପଦ।
ଶିରେ ଶୋଭେ ସୀମନ୍ତୀ, ପାଟ ସୂତ୍ରରେ ଗୋଛି
ବୀଣା ସ୍ୱକରେ ମୋହେ ମତି ।୧।
ରକ୍ତ ବସନ ପିନ୍ଧି, ରକ୍ତ କୁସୁମ ମଣ୍ଡି
କବିକୁଳଙ୍କ ବରଦାତ୍ରୀ ।୨।
କବି ମୁସ୍ତକିମ ଭଣି, ଯହିଁରେ କମଳିଣୀ
ସେଠାରେ ମିଳିଲେ ଝଟତି ।୩।

।। ଲକ୍ଷ୍ମୀ ସରସ୍ୱତୀ ।।

ଲକ୍ଷ୍ମୀ ଉଭାଛନ୍ତି ଯହିଁ, ବାକ୍ୟଦେବୀ ବିଜେ ତହିଁ
ଓଳଗା ଓଳଗି ହେଲେ, ଶ୍ରୀୟା ବୋଇଲେ ଗୋ
କମଳିଣୀ ଗୋ କମଳିଣୀ, ଭଲ ଅଛ କିଗୋ ପୁଣି ।୧।
କମଳା କହନ୍ତି ସଖୀ, ମୁଁ ତ ନାରୀ ମଧ୍ୟେ ଅତିପାତକୀ

Digitized by srujanika@gmail.com

ଚାଣ୍ଡାଳୀ ବାଦ ଦେଇଣ ତେଜିଲେ ପତି ଗୋ
ସରସ୍ୱତୀ ଗୋ, ଏଣୁ ଚିନ୍ତାରେ ପଡ଼ିଛି ଗୋ ।୨।
ସରସ୍ୱତୀ କହୁଛନ୍ତି, କି କାର୍ଯ୍ୟେ ସ୍ମରିଲ ସତୀ
କହ କି କରିବି ମୁହିଁ, ପରାଣ ସହି ଗୋ
କମଳିଣୀ, ଶୁଣି କୃଷ୍ଣନାରୀ ଭଣି ।୩।
ଭଣ୍ଡାର ସର୍ବ ଆଣିଲି, ଭିକ୍ଷା ସେ ମାଗିବେ ବୁଲି
ତୁମ୍ଭେ ଯାଇ କଣ୍ଠେ ବସ, କରିବ ବଶ ଗୋ
ସରସ୍ୱତୀ, ଭିକ୍ଷା ନ ମିଳୁ ଅବଶ୍ୟ ।୪।
ସାରୋଳା କହନ୍ତି ସହି, ଏପରି ପାଞ୍ଚ କିପାଇଁ
ପତି ଜ୍ୟେଷ୍ଠରେ କପଟ, ନୁହେ ଉଚିତ ଗୋ
କମଳିଣୀ କଷ୍ଟ ପରେ ହେବ କଷ୍ଟ ।୫।
କମଳିଣୀ କହୁଛନ୍ତି, କେ ସହେ କଟୁ ଭାରତୀ
ପୁରୁଷ ମନ ନିଷ୍ଠୁର, ଯେହ୍ନେ ପଥର ଗୋ
ସରସ୍ୱତୀ, ଦୟା ନ ଥାଏ ଅନ୍ତର ।୬।
ନାରୀ କି ଉଚିତ ପତି, ତାଙ୍କ ସୁଖେ ସୁଖୀ ଦୁଃଖରେ ଦୁଃଖୀ
ସବୁବେଳେ, ଆଜ୍ଞାକାରୀ, ଅଟନ୍ତି ନାରୀ ଗୋ
କମଳିଣୀ, ତେବେ ମିଳେ ସ୍ୱର୍ଗପୁରୀ ।୭।
ଶୁଣ ପୁରୁଷଙ୍କ ରୀତି, ବୃଥାରେ ରାଗୀ ହୁଅନ୍ତି
ଯେତେ କରୁଥିଲେ ମନ, ନୁହେ ପୂରଣ
ସରସ୍ୱତୀ, ତଡ଼ନ୍ତି କହି ଉଛତି ।୮।
ସାରୋଳା କହନ୍ତି ସଖି, ସୁଖୀପରେ ହୋନ୍ତି ଦୁଃଖୀ
ଦୁଃଖୀ ପରେ ସୁଖୀ କହି, ମିଥ୍ୟା ନୁହଇ
କମଳିଣୀ, ଶାସ୍ତ୍ରେ କହିଛନ୍ତି ବିହି ।୯।
କହନ୍ତି କୃଷ୍ଣ ଘରୁଣୀ, ଜାଣିଛି ତାହା ଗୋ ପୁଣି
ମାତ୍ର ସେ ପାଇଲେ ଅର୍ଣ୍ଣ, ନିଶ୍ଚଏ ଜାଣ ଗୋ
ବାକ୍ୟଦେବୀ, ରହିବେ ସେ ମୋତେ ମୂର୍ଚ୍ଛି ।୧୦।
ତେଣୁ କରିଛି ବିଚାର, ସର୍ବ କଣ୍ଠେ ବିଜେ କର
ନ ଦିଅନ୍ତି ଭୀକ୍ଷା କେହି, ତଡ଼ନ୍ତି ସହି
ବାକ୍ୟ ଦେବୀ, ତେବେ ଆସିବେଟି ନେଇ ।୧୧।

Digitized by srujanika@gmail.com

ଶୁଣି ଶ୍ରୀୟା ଚଳିଗଲେ, ସର୍ବକଣ୍ଠେ ବିଜେ କଲେ
କବି ମୁସ୍ତକିମ ବୋଲେ,ମାତି କଲ୍ଲୋଳେ ହେ
ସୁଜ୍ଞଜନ, ଦୋଷ ଥିଲେ ତୁମ୍ଭେ କ୍ଷମ ।୧ ୨।

।। ରାମକୃଷ୍ଣଙ୍କ ନିଦ୍ରାନାଶ ।।

ଶୁଣ ହେ ସୁଜନ ଜନେ ହୋ ଏ ବିଚିତ୍ର ରସ
ନିଦ୍ରା ଭାଜିଲା ଦିବସ ହୋଇଲା ପ୍ରବେଶ, ସୁଜନେ ହେ ।୧।
କୁକ୍‌କୁଟ ମୁକୁଟ ଟେକି ହୋ ଆନନ୍ଦେ ରଟିଲେ
କାକକୁଳ କାଆ କାଆ ରାବେ ବୋବାଇଲେ, ସୁଜନେ ହେ ।୨।
ଗୋରୁକୁଳ ହମ୍ବାରବେ ପୂରିଲା ମେଦିନୀ
ପେଚକ ଲୁଚିଲେ ଯିବା ଜାଣି ନିଶିରାଣୀ, ସୁଜନେ ହେ ।୩।
ପୂର୍ବଦିଗ ରଙ୍ଗବର୍ଣ୍ଣ ଶୋଭା ପ୍ରକାଶିଲା
ଆଦିତ୍ୟ ଆସିବା ଜାଣି ପଙ୍କଜ ହସିଲା, ସୁଜନେ ହେ ।୪।
କୁମୁଦ ପ୍ରୀତିରେ ମୁଦେ ଥିଲେ ଅଳିବଂଶ
ଗୁଣୁଗୁଣୁ ଗୁଣୁ ଗଲେ ଆନ ପୁଷ୍ପ ପାଶ, ସୁଜନେ ହେ ।୫।
ଏମନ୍ତ ସମଏ ରାମକୃଷ୍ଣ ବେନିଭାଇ
ନିଦ୍ରାରୁ ଉଠିଲେ ଦୁହେଁ ଅଙ୍ଗ ମୋଡ଼ି ହୋଇ, ସୁଜନେ ହେ ।୬।
ନେତ୍ର ମଳି ନିଜ ନାମ ନିଜେ ସୁମରିଲେ
ଶଯ୍ୟା ତେଜ୍ୟା କରି ଦ୍ୱାରେ ପ୍ରବେଶ ହୋଇଲେ, ସୁଜନେ ହେ ।୭।
ମୁଖ ପଖାଳିବା ପାଇଁ ନିର ମାଗୁଛନ୍ତି
ନୀର ବା କେ ଦେବ କେହି ନାହାନ୍ତି ଯେ ଦାସୀ, ସୁଜନେ ହେ ।୮।
କୃଷ୍ଣ କହୁଛନ୍ତି ବଳଦେବ ମୁଖ ଚାହିଁ
ଦାସୀଗଣେ କେଣେ ଗଲେ ଜଣେ ଦିଶୁ ନାହିଁ, ବଡ଼ଭାଇ ।୯।
ମୁଖ ପଖାଳିବା ପାଇଁ ଜଳ କେହୁ ଦେବ
ବେଳକାଳ ଜାଣି ଅନ୍ନ କେ ରାନ୍ଧିଣ ଦେବ, ବଡ଼ଭାଇ ।୧ ୦।
ରାମ କହନ୍ତି ଯା' ନାରୀ ରୁଷିଣ ପଳାଏ
ଗିରସ୍ତ କି ନିଜେ ଅନ୍ନ ରାନ୍ଧିଣ ନ ଖାଏ, ସାନୁଜରେ ।୧ ୧।
କୃଷ୍ଣ କହୁଛନ୍ତି କେବେ ରାନ୍ଧିନାହୁଁ ଭାଇ
ଅନ୍ନ ବ୍ୟଞ୍ଜନ କିପରି ରାନ୍ଧିବା ଗୋସାଇଁ, ବଡ଼ଭାଇ ।୧ ୨।

Digitized by srujanika@gmail.com

ରାମ କହନ୍ତି ଭିତର ପୁରେ ଯାଇ ଦେଖ
ଷାଠିଏ ପଉଟି ଅନ୍ନ ବ୍ୟଞ୍ଜନ ତ ଥିବ, ସାନୁଜରେ ।୧୩।
ରୋଷେଇ ଶାଳରେ ହରି ପ୍ରବେଶିଲେ ଯାଇ
ଅନ୍ନ ବ୍ୟଞ୍ଜନର ରନ୍ଧାହାଣ୍ଡି ମଧ ନାହିଁ, ବଡ଼ଭାଇ ।୧୪।
ବିଳମ୍ବ ଦେଖିର ବଡ଼ଭାଇ ମଧ ଗଲେ
ଭିତରେ ବସିଣ କିକି ଖାଉଛୁ ବୋଇଲେ, କୋପଭରେ ।୧୫।
ସାନୁଜ ବୋଲନ୍ତି ଲକ୍ଷ୍ମୀ ଛାଡ଼ିଗଲେ ଯେଣୁ
ଭଣ୍ଡାର ସହିତରେ ଉଭାଇ ଗଲା ତେଣୁ, ସୁଜନେ ହେ ।୧୬।
ତହୁଁ ବେନିଭାଇ ସର୍ବ ଭଣ୍ଡାରେ ପଶିଲେ
କାହିଁ କିଛି ଧନ ନାହିଁ ବିସ୍ମିତ ହୋଇଲେ, ସୁଜନେ ।୧୭।
ଗୃହରୁ ଫେରିଲା ବେଳେ ଦେବ କାମପାଳ
ମୁଦ୍ରିକାଟିଏ ପାଇଲେ ରୋହିଣୀ ଦୁଲାଳ, ସୁଜ୍ଞଜନେ ।୧୮।
କୃଷ୍ଣଙ୍କୁ କହନ୍ତି ଭାଇ ସୁନା ମୁଁ ପାଇଲି
ଦେଖୁ ଦେଖୁ ବୋଲିଣ ଦେଖିଲେ ବନମାଳି, କହୁଛନ୍ତି ।୧୯।
ଏ ବେଙ୍ଗି ପିତଳ ଦାସୀମାନଙ୍କର ହେବ
କି କରିବା ଫିଙ୍ଗ ଫିଙ୍ଗ ଏହାକୁ କେ ନେବ, ବଡ଼ଭାଇ ।୨୦।
ମୁଦି ଫିଙ୍ଗି ମନେ ବିଚାରିଲେ ହଳଧର
ବଡ଼ପଣ୍ଡା ଗୃହକୁ ଯିବା ହେ ବାବୁ ଚାଲ, ବନମାଳି ।୨୧।
ସେ ଆମ୍ଭଙ୍କୁ ଦେଖିଲେ ହୋ ଅନ୍ନଜଳ ଦେବ
ବୋଲି ତହୁଁ ବିଜେ କଲେ କୃଷ୍ଣ ବଳଦେବ, ସୁଜ୍ଞଜନେ ।୨୨।
କବି ମୁସ୍ତକିମ କହେ ଧନ୍ୟରେ ଦଇବ
ନାରୀ ପାଇଁ ଏତେ ଦୂର କୃଷ୍ଣ ବଳଦେବ, ସୁଜ୍ଞଜନେ ।୨୩।

।। ଦ୍ୱାରୀ ।।

ହଏ ଜିନା ତୁହ୍ମାରା, ଧିକି, ଧିକି, ଧିକି ।।ଘୋଷା ।।
ବାଉନ ଭଣ୍ଡାର, ସବ୍ ଚୋରି ଗୁଆଁକେ
ଦ୍ୱାରେ ଦ୍ୱାରେ ମାଗ, ଭିଖ, ଭିଖ ଭିଖ ।୧।
ଔରତ ତୋ ଭାଗି, ତୁମ ହୋ ବୈରାଗୀ
ତକଦିର କି ଚଟନୀ, ଜରା ଚିଖ, ଚିଖ, ଚିଖ ।୨।

Digitized by srujanika@gmail.com

ପ୍ୟାରି କି କରନୀ ସେ ଆଚ୍ଛା ହଏ ମରନୀ
ବୋଲେ ମୁସ୍ତକିମ ହଏ ଠିକ, ଠିକ୍, ଠିକ ।୩।

।। ବଡ଼ପଣ୍ଡାର ସ୍ତ୍ରୀ ଓ ବଧୂ ବାହାର ।।

ପଦ୍ମାବତୀ ବ୍ରାହ୍ମଣୀ ହେଲେ ବାହାର ଗୋ
କୁଳବଧୂ ସଙ୍ଗରେ ଅଛି ତାହାର ଗୋ ।ପଦ।
କପାଳେ ଚିନି ସୁନ୍ଦର, ବିନ୍ଦୁ ନିନ୍ଦେ ଦିବାକର
ନୟନେ ଅଞ୍ଜନ ଦିଶେ ସୁନ୍ଦର ଗୋ ।୧।
ପିନ୍ଧିଛନ୍ତି ପିତ ପାଟ, ଜଡ଼ି ଦିଶେ ଝଟ ଝଟ
ନଖ ନିରେଖି ଚାଲନ୍ତି ଦାଣ୍ଡର ଗୋ ।୨।
ନବରତ୍ନ ଅଳଙ୍କାର, ମଣ୍ଡିଛନ୍ତି ସର୍ବାଙ୍ଗର
ମୁଣ୍ଡ ଢାଙ୍କି ପୁରୁ ହେଲେ ବାହାର ଗୋ ।୩।
ବଡ଼ପଣ୍ଡା ନାରୀ ବଧୂ, ଅଟନ୍ତି ଜାଣ ହେ ସାଧୁ
ମୁସ୍ତକିମ ଭଣେ କର ଯୁହାର ଗୋ ।୪।

।। ଦ୍ୱାରୀ ।।

ଏ ବଡ଼ପଣ୍ଡା ଘରଣୀ, ବୁଢ଼ୀ ବ୍ରାହ୍ମଣୀ ।ପଦ।
ମୁଣ୍ଡରେ ଉଢ଼ୁଣା, ଦେଇଛନ୍ତି ନଣା
ଥିବାରୁ ଲିଖ ଉକୁଣି ।୧।
କେଉଁ ଧନୀ ଠାକୁ, ନେବକି ବଧୂକୁ
ମୋତେ ଦେଲେ ରଖନ୍ତି ପୁଣି ଗୋ ।୨।
କହେ ମୁସ୍ତକିମ, ଉପର ଚିକଣ
ଭିତର ସଢ଼ି ଗଲାଣି ।୩।

।। ଭିକ୍ଷାମଗା ।।

ରାମକୃଷ୍ଣ ହେଲେ ବ୍ରାହ୍ମଣ ରୂପୀ ହେ
ପଣ୍ଡା ଘରେ ଯାଇ ମାଗିଲେ ଭିଖ ହେ ।୧।
ବଡ଼ ପଣ୍ଡା ବଧୂ ଦ୍ୱାର ନିକଟେ ହେ
କଳାଧଳା ଦୁଇ ଦେଖିଣ ନେତ୍ରେ ହେ ।୨।

Digitized by srujanika@gmail.com

ଶାଶୁଙ୍କୁ କହନ୍ତି ସଭୟ ହୋଇ ଗୋ
ଥେଣ୍ଟ ଦୁଇ ଗୋଟି ଆସନ୍ତି ଧାଇଁ ଗୋ ।୩।
ଶୁଣି ପଣ୍ଡିଆଣୀ ଖରେ ଚଳିଲା ହେ
ଦୁଆର କବାଟ କିଳିଣ ଦେଲା ହେ ।୪।
ଦେଖି ବେନିଭାଇ ବିସ୍ମୟ ହୋଇ ହେ
ସାମ ବେଦଧ୍ୱନି ଆଣ୍ଟରେ ଗାଇ ହେ ।୫।
ବେଦଧ୍ୱନି ଶୁଣି ବୁଢ଼ୀ ବ୍ରାହ୍ମଣୀ ହେ
ମନେ ବିଚାରନ୍ତି ହେବେ ବା ମୁନ ହେ ।୬।
ବସ ବୋଲି ଦ୍ୱାର ଦେଲା ଫିଟାଇ ହେ
ପୁଛିଲା କିସ ମାଗ ବିପ୍ର ଦୁଇ ହେ ।୭।
ରାମ କହୁଛନ୍ତି ଗୋ ପଣ୍ଡିଆଣି ଗୋ
ଅନ୍ନ ମାଗିବାକୁ ଆସିଛୁ ବେନି ଗୋ ।୮।
ଶୁଣି ପଣ୍ଡିଆଣୀ ଘରକୁ ଗଲା ହେ
ବଧୂକୁ ଅର୍ଣ ଦିଅଗୋ ବୋଇଲା ହେ ।୯।
ବୁଢ଼ୀ ନେଇ ଦେଲା ପାଣି ଗଡୁରେ ହେ
କଦଳୀ ପତର ଦେଲା ଆଗରେ ହେ ।୧୦।
ଶୁଣିଣ ବ୍ରାହ୍ମଣୀ ଆଣିବା ପାଇଁ ହେଁ
ଯାଇଣ ଦେଖିଲା ହାଣ୍ଡି ହିଁ ନାହିଁ ହେ ।୧୧।
ଶାଶୁକୁ ବୋଇଲା ଶୁଣ ଗୋ ମାତ ଗୋ
ଭାଣ୍ଡ ସହ ଅର୍ଣ କେ ନେଲା ଗୋ ।୧୨।
ଶୁଣିଣ ବ୍ରାହ୍ମଣୀ ଜାଣିଲା ତାହା ହେ
ଏ ଦୁହେଁ ଅଟନ୍ତି ଲକ୍ଷ୍ମୀ ଦୋରେହା ହେ ।୧୩।
କୋପେ ବୁଢ଼ୀ ଘରୁ ବାହାର ହେଲା ହେ
ଦୁଇ ଭାଇଙ୍କର ହାତ ଧଇଲା ହେ ।୧୪।
ବୋଇଲା ପାପିଷ୍ଠେ ପଳାଅ ବେଗ ହେ
ଲକ୍ଷ୍ମୀ ଦ୍ରୋହାମାନେ ଅରନ ମାଗ ହେ ।୧୫।
ରନ୍ଧା ଭାତ ହାଣ୍ଡି ସହ ଉଭିଲା ହେ
ତୁମ୍ଭେ ମାଗିବାରୁ ଏପରି ହେଲା ହେ ।୧୬।
ଆଣ୍ଟେ ନିଶ୍ୱାସ ପକାଇ ଦୁଃଖେ ହେ
ପଣ୍ଡା ଘରରୁ ଫେରିଲେ ବିମୁଖେ ହେ ।୧୭।

Digitized by srujanika@gmail.com

କବି ମୁସ୍ତକିମ କରେ ରଚନ ହେ
ଏବେ ଯାହା ହେଲା ଶୁଣ ସୁଜନ ହେ ।୧୮।

।। ଦ୍ୱାରୀ ।।

ଛି ଛି ଛଡ଼ରା ଶଳେ
ଛଡ଼ାଛଡ଼ି ହେଲ ଛାର କଥାରେ ।ପଦ।
ଧରମଛଡ଼ା, କରମଛଡ଼ା, ରନ୍ଧନଛଡ଼ା, ଉଦ୍‌ଯୋଗଛଡ଼ା
ମୁହେଁ ତୁମ୍ଭର ସରମ ନାହିଁ, ଭିଖ ମାଗୁଛ ପେଟ ଉଥାରେ ।୧।
ଘରବୁଡ଼ାଏ, କୁଳଛଡ଼ାଏ, ଚୋରଡ଼କାଏତ, ସିନ୍ଧଫୁଡ଼ାଏ
ମୁସ୍ତକିମ ବୋଲେ, ଘଉଡ଼ାଇ ଦେଲେ
ବେକେ ଦେଇ ଦୁଇ ଗଲ ମଥାରେ ।୨।

।। କେଉଁଟୁଣୀ ବାହାର ।।

ହେଲା ପାର୍ବତୀ କେଉଁଟୁଣୀ ବାହାର ଗୋ
ମୁଣ୍ଡେ ପସରା ଧରି, ନଡ଼ିଆ ବୁଚି ସରି
ପରଲି, ତାମ୍ବି ତାହିଁ ଭିତରେ ଗୋ ।୧।
ନାସାପୁଟେ ବଉଳ, ଫୁଲ ଦିଶେ ସୁଢ଼ଳ
ଝଲକା ଝଲକୁଛି କର୍ଣ୍ଣର ଗୋ ।୨।
ବେକେ ପଉଁଲା, କଣ୍ଠୀ, ଖଗଲା ଶୋଭୁଅଛି
ବାହେ ବରତ, ବେଢ଼ା ଯନ୍ତ୍ର ଗୋ ।୩।
ରଙ୍ଗଚୂଡ଼ି ବନ୍ଦିଆ, ମୁଦି ପିନ୍ଧିଛି ନୂଆଁ
ଝୁଣ୍ଟିଆ, ପଇଁରୀ ଚରଣର ଗୋ ।୪।
ଖୋସିଛି ଲମ୍ବ ଖୁସା, ଜାଣେ ମୁରୁକି ହସା
ହାଥ ହଲାଇ ବାଣୀ କହିବାର ଗୋ ।୫।
ପିନ୍ଧି ରଙ୍ଗ କପଟା, ହଲାଇ ଚାଲେ ଅଣ୍ଟା
ମନ ମୋହଇ ଭୁଭଙ୍ଗିଠାର ଗୋ ।୬।
ମୁସ୍ତକି କବି ଭଣି, ତା’ ରଙ୍ଗ, ଭଙ୍ଗି ଠାଣି
ବୃଦ୍ଧଙ୍କୁ କରେ ଯୁବା ପ୍ରକାର ଗୋ ।୭।

Digitized by srujanika@gmail.com

।।ଦ୍ୱାରୀ।।

ଦେଖ, ଏ ପାର୍ବତୀ କେଉଟାଣିକି ।ପଦ।
ଝଲକା ହଲାଇ, କହଇ ଗେଲାଇ
ଋଷି ବଶ ହେବେ ଦେଖି ଠାଣିକି ।୧।
ଛଟା, ଟପା, ଧନ୍ଦା, ପଣ୍ଡିତଙ୍କୁ ଅନ୍ଧା
କରିଦିଏ କହେ କବି ମୁସ୍ତକି ।୨।

ଏ କେଉଁଟୁଣୀ ଲହରୀ, ଲେଁଡ଼ ଫୁହୁରୀ ।ପଦ।
ମହୁଲ କାକୋର, ଉଖୁଡ଼ା ଆଣିଛି
ହଳଦି ମିଶାଇ କରି ।୧।
ଚୁଡ଼ା ଦରକୁଟା, ମୁଢ଼ି ଦରଫୁଟା
ଲିଆରୁ ଖଇ ନ ବାରି ।୨।
ମୁସ୍ତକିମ କବି, ବିରଚିଲେ ଭାବି
ଗହକି ମୋହୁଛି ଠାରି ।୩।

।। ଚୁଡ଼ାଦି ବିକା ।।

ଚୁଡ଼ା କେ ନେବ ଲୋ ଆସ
ଆସ ବେଗ ହୋଇ ।ପଦ।
ଖଳି ଧୋଇ ଦେଇ ଲୋ ଚିନି
ଗୁଡ଼ ଦଧି ସଙ୍ଗତେ ସାଣି
ଖାଇବ କି ଅବା ଖିରି କରିଥିଲେ
ଅମୃତ ଠାରୁ ବଳଇ ।୧।
ଆଣିଅଛି ତାତିଲା ମୁଢ଼ି
ଗୁଆଘିଅ ପକାଅ ଲୋଡ଼ି
ମରିଚ ଚଟଣି ସଙ୍ଗତରେ ଅବା
ନଡ଼ିଆ ସଙ୍ଗତେ ଖାଇ ।୨।
ଅଛି ଭଲ ଶାଳ ଉଖୁଡ଼ା
ଛେନା ମାତ୍ର ତହିଁକି ଲୋଡ଼ା
କି ଗରମ ମୁଢ଼ି, ଘିଅ ସଙ୍ଗ କଲେ

Digitized by srujanika@gmail.com

ଅଖିଆ ଭୁଗୁଲେ ଖାଇ ।୩।
ଦେଖ ଲମ ଲମ ହୁଡୁମ
ଏହି କ୍ଷଣି ଭଜା ଗରମ
ଉଖୁଡ଼ା ସଙ୍ଗତେ କି ଗରମ ଦୁଧ
ଖାଇଲେ ମଜା ଲାଗଇ ।୪।
ଭଲ ଲିଆ ଦେଖିଣ ନିଅ,
ବିଷ୍ଣୁ ଆଳେ ପ୍ରସାଦ ଦିଅ
ଗୋରସ ଆଉଟା, ସଙ୍ଗେ ଲାଗେ ମିଠା
ମୁଢ଼ି ବା ହୁଡୁମ ଥିଲେ ମିଶାଇ ।୫।
ମୁସ୍ତକିମ କହେ ମିତଣୀ,
ଭୂଆଷୁଣୀ ହେବେ ତୁରୁଣୀ
ମୁଢ଼ି ଉଖୁଡ଼ାର ଲଡୁ ମନୋହର
କୋରା ନଡ଼ିଆ ମିଶାଇ ।୬।

।। ରାମକୃଷ୍ଣ ଓ କେଉଁଟୁଣୀ ।।

ଏଥୁଅନ୍ତେ ରାମକୃଷ୍ଣ ତହୁଁ ଚଳିଗଲେ
କୈବର୍ତ୍ତ ପଡ଼ାରେ ଯାଇ ପ୍ରବେଶ ହୋଇଲେ ।୧।
ରାମ କହୁଛନ୍ତି ଆରେ ବାବୁ ବନମାଳୀ
କ୍ଷୁଧା ଅତି ଲାଗୁଅଛି ନ ପାରେ ମୁଁ ଚାଲି ।୨।
କେଉଁଟ ପଡ଼ାରୁ ବାବୁ କିଛି ମାଗି ଆଣ
ନ ଭକ୍ଷିଲେ ପିଣ୍ଡୁ ଛାଡ଼ି ଯାଉଛି ପରାଣ ।୩।
ଶୁଣି କୃଷ୍ଣ କେଉଁଟୁଣୀ ନିକଟକୁ ଗଲେ
ଦାତାର ଯେ ଜୟ ହେଉ ବୋଲିଣ ବୋଇଲେ ।୪।
ହସି ହସି କେଉଁଟୁଣୀ ବୋଇଲା ଗୋ ବସ
କଣ କଣ କିଣିବ ହେ କରଟି ପ୍ରକାଶ ।୫।
କୃଷ୍ଣ କହନ୍ତି ଗୋ ମାତା କିଣି ଆସି ନାହିଁ
ଭିକ୍ଷା ମାଗିବାକୁ ମାଆଲୋ ଆସି ଅଛଇ ।୬।
ଶୁଣି କେଉଁଟୁଣୀ ଦେଲା ଆଂଜୁଳାଏ ଖଇ
ବୋଇଲା ହେ ବିପ୍ର କେଲାଇଲା ଲିଆ ନାହିଁ ।୭।

Digitized by srujanika@gmail.com

କୃଷ୍ଣ କହନ୍ତି ଗୋ ଅଛୁ ଦୁଇଟି ବ୍ରାହ୍ମଣ
ଆଂଜୁଳାଏ ଖଇ ଗୋ କାହାକୁ ହେବ ପୁଣ ।୮।
କେଉଁଟୁଣୀ କହଇ ଯେତେକ ଜଣ ଥିଲେ
ମୋର କିସ ଗଲା ନେବୁ ହେଲେ ନିଅ ବୋଲେ ।୯।
କୃଷ୍ଣ କହନ୍ତି ଗୋ ତୋର ପୁତ୍ର ଜୀଇଁ ଥାଉ
ମୁଢ଼ି କିଛି ଦିଅ ଆମ୍ଭ କ୍ଷୁଧାକଷ୍ଟ ଯାଉ ।୧୦।
ନିର୍ଲଜ ବ୍ରାହ୍ମଣ ଦେଉଥିଲେ ମାଗୁଥାନ୍ତି
ନ ନେଲେ ଚଲିଯା ବୋଲି କୈବର୍ତ୍ତ୍ୟ ବଦନ୍ତି ।୧୧।
କଟୁ ଶୁଣି କର୍ମକୁ ଆଦରି ଘେନିଗଲେ
ଜ୍ୟେଷ୍ଠଭାଇ ନିକଟରେ ନେଇଣ ଥୋଇଲେ ।୧୨।
ଛିଣ୍ଡା କନା ଖଣ୍ଡିଏ ପାଡ଼ିଣ ତାହା ଥୋଇ
ଅକେଲା ଲିଆର ଯେ ଛଡ଼ାଉଛନ୍ତି ଖଇ ।୧୩।
ଏମନ୍ତ ସମଏ ଚକ୍ର ପ୍ରବଳ ଘୂରିଲା
କନା ଖଇ ସହିତରେ ଉଡ଼ାଇଣ ନେଲା ।୧୪।
କବି ମୁସ୍ତକିମ କହେ ଦେଖି ରାମହରି
ଶୋକ କରନ୍ତି, କପାଳ, ହୃଦେ କର ମାରି ।୧୫।

॥ଦ୍ୱାରୀ ॥

କାନ୍ଦି କି ହେବ କରମ ଦଶା ଘଟିଛି ।ପଦ।
ବିନା ଦୋଷେ ଛାଡ଼ିଲ ଲକ୍ଷ୍ମୀ ସମ ମାଇ
ତାର ନିଶୁଆସେ ମହାପାପ ଆସି ଘୋଟିଛି ।୧।
ମୁସ୍ତକିମ କହେ ଗ୍ରହ ଦଶା ପୂରିଅଛି
ଲୋଡ଼ି ଯାଇ ଲକ୍ଷ୍ମୀ ପାଦେ ପଡ଼ ମୁହିଁ କହୁଛି ।୨।

॥ ରାମକୃଷ୍ଣ ରୋଦନ ॥

ଲିହି ଥିଲୁକି ଏ କଷ୍ଟ, ମୂଢ଼ ଦଇବ
କା ଆଗେ କହିଲେ ଯାଇ ଦଶା ମେଣ୍ଟାଇବ ।ପଦ।
ତ୍ରିପୁରେ ଆମ୍ଭେ ଠାକୁର, ବାଟ ନ ଛାଡ଼େ କୁକୁର
ତ୍ରିପୁର ନାଥ ବୋଲାଉ, ଅନାଥ ଅତି ଅନାଥ ।୧।

Digitized by srujanika@gmail.com

ଜୀବ ପରିତ୍ରାଣ କର୍ତ୍ତା, ନିଜ ଅତ୍ରାଣ ଅକର୍ତ୍ତା
ତ୍ରିପୁର ପୋଷକ ଆମ୍ଭେ, ପେଟ ପୋଷି ନୁହଇ ତ ।୨।
ସମସ୍ତେ ଆମ୍ଭର ଦାସ, କେହି ନ ରହନ୍ତି ପାଶ
ତ୍ରିପୁର ଗୁହାରୀ ଶୁଣୁ, ଗୁହାରୀ ନ ଶୁଣନ୍ତି ତ ।୩।
କ୍ଷୁଧା ଦେଉଅଛି କଷ୍ଟ, ହାତଗୋଡ଼ ଛଟପଟ
ମୁସ୍ତକିମ ରଚେ ଇଷ୍ଟ, ସୁମର ଦୁଃଖ ମେଣ୍ଟିବ ।୪।

॥ କ୍ରନ୍ଦନ ॥

କାନ୍ଦୁଛନ୍ତି ନନ୍ଦ ଯଶୋଦାଙ୍କ ବଛି ।ପଦ।
ଅର୍ଣ୍ଣବସ୍ତ୍ର କଷ୍ଟ, ହୋଇଲା ଗରିଷ୍ଠ
କିପରି ବଂଚିବୁ ପାଞ୍ଚୁ ।୧।
କେମନ୍ତ କରିବୁ, କି ଖାଇ ବଞ୍ଚିବୁ
ଭୋକେ ଆକୁଳ ଲାଗୁଛି ।୨।
ଧିକ ଏ ଜନମ, ଧିକ ଏ କରମ
ଧିକ ରାମସ୍ତିରୀ ବଛି ।୩।
ଭୋ ଧରମ ଦେବ, ସୁଦୟା କରିବ
ବୁଦ୍ଧି ବଣା ହେଉଅଛି ।୪।
ଭୋଖର ଆକୁଳେ, କର ତାଡ଼ି ଭାଲେ
ରାମକୃଷ୍ଣ ଗମୁଛନ୍ତି ।୫।
ଦେଖିଲେ ଦୂରରେ, ପଦ୍ମ ପୋଖରୀରେ
ନଳିନୀ ଫୁଟି ଅଛନ୍ତି ।୬।
ରୋହେଣୀ ନନ୍ଦନ, ବୋଲନ୍ତି ହେ କୃଷ୍ଣ
ପୁଷ୍କର ଖାଇବା ବାଛି ।୭।
କୃଷ୍ଣ ଗଲେ ଆଣି, ସୁଖି ଗଲା ପାଣି
ବିଷାଦେ ଆଇଲେ ଘୁଞ୍ଚି ।୮।
ମୁସ୍ତକିମ କହେ, ଏମନ୍ତ ସମଏ
ବିଜେ ସତ୍ୟାନନ୍ଦ ଯୋଗୀ ।୯।

Digitized by srujanika@gmail.com

।।ସତ୍ୟାନନ୍ଦ ବାହାର ।।

ବାହାରିଲେ ସତ୍ୟାନନ୍ଦ ମୁଖେ ହରିନାମ ଗାଇ
ନଗ୍ର ଗ୍ରାମ ପଲ୍ଲି ଭିକ୍ଷା ମାଗିବା ପେଶା ଅଟଇ ।ପଦ।
ମୁଣ୍ଡପରେ ଶୋଭେ ଝୁଡ଼ା, ଖୋଷୀ ତୁଳସୀ ପାଖୁଡ଼ା
କଣ୍ଠେ ତୁଳସୀର ମାଳ, ଭିକ୍ଷାମୁଣୀ କାଖେ ସୋହି ।୧।
ଲଲାଟେ ଚନ୍ଦନ ଥୋପି, ପଇତା କାନ୍ଧରେ ଶୋଭି
ତାଳପତ୍ର ଛତା ଧରି, ଲାଉ ଆଲେକ ସେ ଭୁଞ୍ଜଇ ।୨।
କହେ କବି ମୁସ୍ତକିମ, ଧିରେ କରଇ ଗମନ
ଯହିଁଛନ୍ତି କୃଷ୍ଣରାମ, ପ୍ରବେଶ ହୋଇଲା ତହିଁ ।୩।

।। ରାମକୃଷ୍ଣ ଓ ସତ୍ୟାନନ୍ଦ ।।

ସତ୍ୟାନନ୍ଦକୁ ଅନାଇ ରାମ କହୁଛନ୍ତି
କି କି ଭିକ୍ଷା ପାଇଅଛ ଆହେ ନାଥ ଯୋଗୀ ।୧।
ନାଥଯୋଗୀ ବୋଲେ ହୋ ବ୍ରାହ୍ମଣ ପରି ଦିଶ
କହ କି କାରଣେ ବେନି ଜନ କାନ୍ଦୁଅଛ ।୨।
କୃଷ୍ଣ କହୁଛନ୍ତି ଭାଇ ନାଥଯୋଗୀ ଶୁଣ
ଭିକ୍ଷା ମାଗି ଆସିଥିଲୁ ଏ ନଗ୍ରକୁ ଜାଣ ।୩।
ସତ୍ୟାନନ୍ଦ କହେ ତୁମ୍ଭ ଥାଳ, ମୁଣୀ କାହିଁ
କେମନ୍ତେ ଆସିଛ ଭିକ୍ଷା ମାଗିବାର ପାଇଁ ।୪।
କୃଷ୍ଣ କହୁଛନ୍ତି ସବୁ ଚୋର ଗଲେ ନେଇ
ଏଣୁ କରି ଚିନ୍ତାରେ ବସିଛୁ ବେନି ଭାଇ ।୫।
ସତ୍ୟାନନ୍ଦ ବୋଲେ ଥାଳ, ମୁଣୀ ଯେ ନ ଥିଲେ
କାହିଁରେ ରଖିବ ଭିଖ କେ ଦବଟି ଭଲେ ।୬।
ରାମ ବୋଲୁଛନ୍ତି, ବାବୁ କାଲିଠାରୁ ଅନ୍ନ
ନ ମିଳିଲା ଉପବାସେ ଅଛୁ ବେନିଜନ ।୭।
ନାଥଯୋଗୀ ବୋଲେ ଆଜି କିପାଁ ନ ମାଗିଲ
ଭୋକରେ କାହିଁକି ହେଉଅଛ କଲବଲ ।୮।
କୃଷ୍ଣ କହୁଛନ୍ତି ଭାଇ ନ ଥିଲେଟି ଭେକ
ଭୋକ ସିନା ମିଳଇ ହେ ନ ମିଳଇ ଭିଖ ।୯।

Digitized by srujanika@gmail.com

ରାମ କହୁଛନ୍ତି ହୋ ବିଚାରିଘର ଗଲୁଁ
ଭିକ୍ଷା କେହି ନ ଦେବାରୁ ନିରାଶେ ଘୁଞ୍ଚିଲୁ ।୧୦।
ଯୋଗୀ କହେ ଦୟାକରି କେହି ଭିକ୍ଷା ଦ୍ୟନ୍ତି
ନିର୍ଦ୍ଦୟା ପୁରୁଷେ କଟୁ କହିଣ ତଡ଼ନ୍ତି ।୧୧।
କୃଷ୍ଣ କହୁଛନ୍ତି ଭାଇ କିଛି ଅଛ ପାଇ
କିଛି ଦେଇ ପ୍ରାଣ ରଖ ଦୟାଚିତ୍ତ ହୋଇ ।୧୨।
ଯୋଗୀ କହେ ଦୁଗ୍‌ଧ, ଅର୍ଣ୍ଣ ରଖିଅଛି କିଛି
ମାଗି ଫେରିଲା ବେଳକୁ ଖାଇବାର ପାଇଁ ।୧୩।
ରାମ କହନ୍ତି ହେ ବାବା କିଛି ତହୁଁ ଦେଇ
କ୍ଷୁଧା କଷ୍ଟରୁ ଉଦ୍ଧାର କର ଦୁଇଭାଇ ।୧୪।
ଢାଗା ଆଣ ବୋଲି ଯୋଗୀ ଥାଳକୁ ଧରିଲା
କାନି ପଣନ୍ତ ବିଛାଇ ଦେଲେ ନନ୍ଦବଳା ।୧୫।
ନିଗାଡ଼ିଲା ଯୋଗିଆ ଯେ ଚିତ୍ତେ ଦୟା ବହି
କିଛି ନ ପଡ଼ିଲା ଲକ୍ଷ୍ମୀ ଗଲେକ ଉଭାଇ ।୧୬।
ସତ୍ୟାନନ୍ଦ ଏହା ଦେଖି ଆଚମ୍ଭିତ ହେଲା
ଲକ୍ଷ୍ମୀ ଦୋରୋହା ଅଟନ୍ତି ବୋଲିଣ ଚିହ୍ନିଲା ।୧୭।
ବୋଇଲା ହେ ବିପ୍ରମାନେ ଏ ବଡ଼ ଅଦ୍‌ଭୁତ
ଦେବାକୁ କରୁ ଉଡିଲା ଥିବା ଦୁଧଭାତ ।୧୮।
ମାତ୍ର ଭାଇ ବୋଲ କର ଯାଆ ସିନ୍ଧୁତଟ
ସେଠାକୁ ଗଲେ ନିଶ୍ଚୟ ଯିବ ଅନ୍ନକଷ୍ଟ ।୧୯।
କେତେ ଦୂର ପଥ ବୋଲି ତାଙ୍କୁ ପଚାରିଲେ
କେଉଁବାଟ ହୋଇ ଯିବୁ ବୋଲିଣ ବୋଇଲେ ।୨୦।
ଡାହାଣ ବାଟରେ ଯିବ ଅର୍ଦ୍ଧ କୋଶ ଅଛି
ମୁସ୍ତକିମ କହେ ସେଠି ମନ୍ଦିର ଦିଶୁଛି ।୨୧।

।। ଦ୍ୱାରୀ ।।

ବଡ଼ପଣ ଯିବ ଭାଙ୍ଗି, ନୂଆ ବଇରାଗୀ ।ପଦ।
ଛିଛାକର କରି, ଥିଲ ଯାକୁ ଧିକ୍‌କାରୀ
ତାରଠାକୁ ଯିବ ମାଗି ।୧।

Digitized by srujanika@gmail.com

ମୁଖେ ନାହିଁ ଲାଜ, ଜୀବନ ଧରିଅଛ
କହଇ କବି ମୁସ୍ତକି ।୨।

॥ ଲୀଳା ॥

ଶୁଣ ଜନେ ସ୍ଥିର ମନେ, ଏ ଅନ୍ତେ ଯା ହେଲା
ରାମକୃଷ୍ଣ ଆସିବାର, ଜାଣିଲେ କମଳା, ବିଚାରିଲେ ।୧।
ଆଜି ଆସୁଛନ୍ତି ପତି, ଦେଢ଼ଶୁର ମାଗି
ସାଂସାରିକ କଷ୍ଟରୁ ନାହାନ୍ତି କିଛି ଭୋଗି, ବିଚାରିଲେ ।୨।
କୋପ ହୋଇ କମଳା, ସୂର୍ଯ୍ୟଙ୍କୁ କଲେ ସ୍ତୁତି
ନମୋ ଅଂଶୁମାଳି, ଦିବାକର ଛାୟାପତି, ଦିନମଣି ।୩।
ଭାସ୍କର, ଆଦିତ୍ୟ ଦୀନନାଥ, ସହସ୍ରାଂଶୁ
ଦିନେଶ, ସୂର୍ଯ୍ୟ, ତପନ, ଧର୍ମ ବିଭାବସୁ, ଭୋ ମିହିର ।୪।
ମୋ ଜଣାଣ ଘେନ ଦେବ, ଆରତ ନାଶନ
ଏମନ୍ତେ ସ୍ତୁତି କଲେକ, ମହାଲକ୍ଷ୍ମୀ ପୁଣ, ତେଜସ୍କର ।୫।
କମଳା କହନ୍ତି ତୁମ୍ଭେ ଏତିକି କରିବ
ଭିକ୍ଷା ମାଗି ଆସୁଛନ୍ତି, ହରି ବଳଦେବ, ଦିନପତି
ଚାଲି ନ ପାରିବେ କର ତାତି ।୬।
ସୂର୍ଯ୍ୟ କହନ୍ତି କାହିଁକି ପାଞ୍ଚୁଛ ଅନିଷ୍ଟ
ଫୋଟକା ହେବ ଚରଣେ ପୁଣି ନାହିଁ ଛତ୍ର, କମଳିଣୀ
ଏହା କରି କି ଅର୍ଜିବ ପୁଣି ।୭।
କମଳା କହନ୍ତି ଖରା ତେଜ ନ ସହିବେ
କ୍ଷୁଧାତୃଷା ଆକୁଳରେ ଏଠାକୁ ଆସିବେ, ବେନିଭାଇ
ଅନ୍ନପାଣି ମାଗିବେ ତୁହାଇ ।୮।
ଅନ୍ନ ବ୍ୟଞ୍ଜନ ମୋଠାରୁ ଭୁଞ୍ଜିଲା ମାତ୍ରକେ
ଟେକ ତାଙ୍କ ଭାଙ୍ଗିଯିବ, ମୋତେ ସଙ୍ଗେ ନେବେ, ଦିବାକର
ଦୟାକର ହୁଅ ତେଜସ୍କର ।୯।
ଶୁଣି ସୂର୍ଯ୍ୟ ହଉ ବୋଲି ସେଠାରୁ ଚଳିଲେ
ଆକାଶେ ରହି ପ୍ରକୋପ ତେଜ ପ୍ରକାଶିଲେ, ମୁସ୍ତକିମ
କବିରସ କଲେକ ରଚନ ।୧୦।

Digitized by srujanika@gmail.com

।। ଦ୍ୱାରୀ ।।

ଆଜି ହେବ କଳବଳ, କୃଷ୍ଣ କାମପାଳ ।ପଦ।
ତାତି ଯିବ ବାଲି, ନ ପାରିବେ ଚାଲି
ତୃଷା ଭୋକେ କଳବଳ ।୧।
ଛତା ନାହିଁ କରେ, ଏକେ ସୁକୁମାରେ
ନନ୍ଦ ଯଶୋଦା ଦୁଲାଳ ।୨।
ମୁକ୍ତକିମ କହି, ଦୁଃଖ ଯିବ ଯାଇ
ପାରିଲେ ଲକ୍ଷ୍ମୀ ଦେଉଳ, କୃଷ୍ଣ କାମପାଳ ।୩।

।। ରାମକୃଷ୍ଣ ।।

ନାଥ ଯୋଗୀଠାରୁ ଶୁଣିଣ ବାଣୀ
ବେନିଭାଇ ଯାଉ ଅଛନ୍ତି ପୁଣି ହେ, ସୁଜନେ ହେ
ଅତି ହରଷ ହୋଇଣ ମନେ ସୁଜନେ ହେ ।୧।
ଅତି ତେଜ କରେ ସୂର୍ଯ୍ୟ କିରଣ
ତାର ତପତିରେ ଶୁଖଇ ବନ ହେ, ଏ କାଳେ
କୃଷ୍ଣ କହୁଛନ୍ତି କାମପାଳେ ।୨।
ଝାଳ ବହୁଅଛି ବରଷା ଜିଣି
ତୃଷାରେ ଲୋଡ଼ନ୍ତି ନ ମିଳେ ପାଣି ହେ, ଆକୁଳ
ତାଙ୍କ କହି ନୁହେ କଳବଳ ହେ ।୩।
ଏକେ ସିନ୍ଧୁତଟ ବାଲିଆ ସ୍ଥାନ
ଫୋଟକା ହୋଇଲା ତାଙ୍କ ଚରଣ ହେ, ବହଇ
ନେତ୍ରୁ ଅଶ୍ରୁ ବୋହୁ ଯାନ୍ତି ପିଇ ହେ ।୪।
କ୍ଷୁଧାରେ ଆକୁଳ ଶ୍ରୀରାମ ହରି
ଆକୁଳେ ଗମନ୍ତି କର୍ମ ଆଦରି ହେ
ଦଇବ, ହାୟ ହାୟ ତାଙ୍କ କେ କହିବ ।୫।
ହରି କହୁଛନ୍ତି ଭୋ ଜ୍ୟେଷ୍ଠଭ୍ରାତ
କ୍ଷୁଧାଠାରୁ ବଳେ ଖରା ତପତ ହେ
ଅଗ୍ରଜ, ଚାଲିବାକୁ ମାତ୍ରୁ ନାହିଁ ସକ୍ଷ ।୬।
ରାମ କହୁଛନ୍ତି ଶୁଣ କହ୍ନାଇ

Digitized by srujanika@gmail.com

ତୁ ପଛେ ଆସିବୁ ଯାଉଛି ମୁହିଁ ହେ
ମାଗିବି, ଖାଇ ପାରିଲେ ରାନ୍ଧୁଣି ଥିବି ।୭।
କୃଷ୍ଣ କହୁଛନ୍ତି ଶୁଣ ହେ ଦେବ
ଦ୍ୱିଜଣ ଆସିଛୁ ବୋଲି ମାଗିବ ହେ
ଅଗ୍ରଜ, ତେବେ ସିନା ଆମକୁ ଅଣ୍ଟିବ ।୮।
ଶୁଣି ବଳରାମ ଆଗେ ଗମିଲେ
ଲକ୍ଷ୍ମୀ ସିଂହଦ୍ୱାରେ ଯାଇ ମିଳିଲେ, ଡାକିଲେ
ଭିକ୍ଷା ଦିଅ ବୋଲି ଡାକ ଦେଲେ ।୯।
ଡାକ ଶୁଭିଲା ଦାସୀଙ୍କ କର୍ଣ୍ଣର
କବି ମୁସ୍ତକିମ ଭାଷେ ରସର ହେ
ସୁଜନେ, ବାହାରିଲେ ତହୁଁ ଦାସୀମାନେ ।୧୦।

।। ଦାସୀ ବାହାର ।।

ହେଲେ ବାହାର, ଶ୍ରୀଲକ୍ଷ୍ମୀଙ୍କର, ଦାସୀଏ ହରଷରେ
ସୁନ୍ଦର ମୁଖ, ଚନ୍ଦର ଦେଖ, କର ଧରା ଧରିରେ ।ପଦ।
ଗଣ୍ଡେ ଭ୍ରମରୀ, ଓଷ୍ଠେ ମକରୀ, ପାନଖିଲ ମୁଖରେ
ଲାଜ ବିହୀନ, ନେତ୍ରେ ଅଞ୍ଜନ, ମଥାମଣି ମଥାରେ ।୧।
ଗଳାରେ କଣ୍ଠୀ, ଝଟକୁ ଅଛି, ପୋହଳା ସଙ୍ଗରେ
ଖୋସାରେ ନାନା, ବାସ ସୁମନା, ଗୋଡ଼ାବନ୍ତି ଭ୍ରମରେ ।୨।
ମୁସ୍ତକି ଭଣି, ଏଣୀ ନୟନୀ ହେଲେ ସିଂହଦୁଆରେ
ରୋହିଣୀ ସୂତ ପାସେ ପ୍ରବେଶ ଗମିଣ ଧିରେ ଧିରେ ।୩।

।। ଦାସୀ, ରାମ ।।

ରାମଙ୍କ ସନ୍ନିଧେ ଦାସୀଗଣେ ପ୍ରବେଶିଲେ
ଚଂପା ମୁଖ ଚାହିଁଣ କେତକୀ ଦାସୀ ବୋଲେକି ଲୋ ।୧।
ଆଲୋ ସଖୀ ଅନା ଏ ଧୋବିଲା ମୋଟା ଦ୍ୱିଜକି ଲୋ
ଅତି କାଙ୍ଗାଳ ପରାଏ ବେଶଭୂଷା ସଜ କି ଲୋ ।୨।
କେତକୀ କହଇ ଏହିପରି ଜଣେ ଥିଲା କି ଲୋ
ଆମ୍ଭର ଠାକୁରାଣୀକି ଗୃହରୁ ତଡ଼ିଲା କି ଲୋ ।୩।

Digitized by srujanika@gmail.com

ଚଂପା କହି ହେବ ସେହି କପଟେ ଆସିଛି କି ଲୋ
ଏଠାରୁ ତଡ଼ିବାକୁ କି ମନେ ପାଞ୍ଚୁ ଅଛି କି ଲୋ ।୪।
କୋପେ ବେନି ଦାସୀ ରାମେ କହନ୍ତି ରେ ହାଡ଼ି କି ଲୋ
ଚୋର କି ଚାଣ୍ଡାଳ ବସୁ ଦ୍ୱାରବନ୍ଧ ମାଡ଼ିକି ରେ ।୫।
ଏଠାକୁ ପୁରୁଷଙ୍କର ମନା ଅଛି ହୋଇକି ରେ
ବିନା ହୁକୁମରେ କିପାଁ ପସିଲୁ ଧସାଇ କି ରେ ।୬।
ଏତେ କହି ବେନି ଦାସୀ ମାରିଣ ଗଲଥା
ତଡ଼ିଦେଲେ କହିଣ ଯେ ନାନା କଟୁ କଥା କି ହୋ ।୭।
କବାଟ ଓଟାରି କିଳି ଦାସୀ ଚଳିଗଲେ
ରାମ ଶୋକ ଦେଖି କବି ମୁସ୍ତକିମ ଭାଷେ କି ହେ ।୮।

।। ଦ୍ୱାରୀ ।।

ବାଧଇ କି ନାହିଁରେ, ତୋତେ ମାଇଝି ମାଡ଼ ।ପଦ।
ଠାକୁର ବୋଲାଇ, ମୁଖେ ଲାଜ ନାହିଁ
କିପାଁ ଦ୍ୱାରେ କଲୁ ତୁ ଗଡ଼ବଡ଼ ।୧।
ଛି ଛି ରେ ନିର୍ଲଜ, କରିଥିଲୁ ଟେକ
ମୁସ୍ତକିମ ବୋଲେ ପାଣିରେ ବୁଡ଼ ।୨।

।। କ୍ରନ୍ଦନ ।।

ଶୁଣ ସୁଜନେ ରାମ ଶୋକେ ରୋଦନ୍ତି
ହୃଦରେ କରତାଡ଼ି ଆକୁଳ ହୋନ୍ତିରେ
ମନ୍ଦ କପାଳ, କେଉଁ ପାପୁ ଭୁଂଜାଉ ଏ କଳବଳରେ ।୧।
ଆରେ ଦାରୁଣ, ବିହି ଏତେ ନିଷ୍ଠୁର
ଚନ୍ଦ୍ରକୁ କଳା ହୀନ ଅକାରଣ ରେ
କୋକିଳେ ସ୍ୱର, ଦେଲୁ ବିବେକ ନାହିଁ ତାର ହୃଦରରେ ।୨।
ମନୁଷ୍ୟେ ଯୋଗ୍ୟ ଆଖି ମୃଗରେ ଦେଲୁ
ନିଚ ଜାତିରେ ସ୍ଥାନ ଶୋଭନ କଲୁରେ
ରାହୁକୁ ସୁଧା, ଈଶ୍ୱର ଭୋଗ ପାଇଁ ବିଷ କରଣରେ ।୩।
ବେଶ୍ୟାକୁ ଶୋଭା ଦେଲୁ, କୃପଣେ ଧନ

Digitized by srujanika@gmail.com

ନିର୍ଧନକୁ ହେ ଦେଉ, କେତେ ନନ୍ଦନରେ
ଯା' ଘରେ ଦ୍ରବ୍ୟ, ଦେଉ ତାହାକୁ କରୁ ସୂତ ଅଭାବରେ ।୪।
ମୋତେ ଠାକୁର ପଦ ମର୍ତ୍ତ୍ୟରେ ଦେଲୁ
ଭିଖାରୀ କରି ନଗ୍ରରେ ବୁଲାଇଲୁ ରେ
ଧିକରେ ମୁର୍ଖ, ଦାସୀ କରରେ ଦିଆଇଲୁ ପ୍ରାଭବରେ ।୫।
ଏମନ୍ତ ଶୋକ କରୁଛନ୍ତି ଅପାର
କୃଷ୍ଣ ମିଳିଲେ ଆସି ରାମ ଛାମୁର ହେ
ବିବେକୀ ଜନ, ମୁସ୍ତକି କବି ରସ କଲେ ରଚନ ହେ ।୬।

।। ରାମକୃଷ୍ଣ ।।

ଶୁଣ ହେ ସୁଜନ, ହୋଇ ଏକମନ, କାମପାଳ ଦୁଃଖ ଭରେ
ଶୋକ କରୁଥିଲେ, ଶ୍ରୀକୃଷ୍ଣ ମିଳିଲେ, ପୁଛନ୍ତି କରୁଣ ସ୍ୱରେ
ଜ୍ୟେଷ୍ଠଭାଇ, ଦୁଃଖ କେବେ ସହି ନାହିଁ ।୧।
ବଳଦେବ କହି, ଶୁଣରେ କହ୍ନାଇ, ଦୁଃଖକୁ ଚିନ୍ତି କି ହେବ
କରମ ଲେଖନ, ଦଇବ ଘଟନ, ତାହା ଆନ କେ କରିବ
ରେ କହ୍ନାଇ, ନୁହେଁ ଦୁଃଖୀ ଏଥିପାଇଁ ।୨।
ଲକ୍ଷ୍ମୀଧନ କହି, ଆହେ ଜ୍ୟେଷ୍ଠଭାଇ, ଭିକ୍ଷା ମିଳିଲା କି ନାହିଁ
କି ଅବା ରନ୍ଧନ, ନ କରି ପାରିଣ, ଭାଳୁଅଛ ସେଥିପାଇଁ
ଅଗ୍ରଜ ହେ, ଭିକ୍ଷା ମାଗିଲ କି ନାହିଁ ।୩।
କହେ ବଳରାମ, ଶୁଣ ଘନଶାମ, ଭିକ୍ଷା ମାଗିବାର ପାଇଁ
ସିଂହ ଦୁଆରରେ, ଉଭା ହୋଇ ଡ଼ାକ, ଦେଲି ଭିକ୍ଷା ଦିଅ କହି
ଦାସୀ ଦୁଇ, ବାହାରି ତଡ଼ିଲେ ଭାଇ ।୪।
ନାନା ଗାଳି ଦେଲେ, ଗଲଥା ମାରିଲେ, ଦୋଷ କିଛି ନାହିଁ କରି
ଦାସୀ କରେ ଦଣ୍ଡ, ପାଇଲି ବ୍ରହ୍ମାଣ୍ଡ, ଠାକୁର ମୁଁ ହୋଇ କରି
ପିଣ୍ଡେ ପ୍ରାଣ, ନ ରଖିବି ଏ ପ୍ରମାଣ ।୫।
କୃଷ୍ଣ କହୁଛନ୍ତି, ଆହେ ହଳପତି, ନ ଭାଳ ଏ କଥା ପାଇଁ
ଦ୍ରୋପଦ ନଗ୍ରକୁ, ଭିକ୍ଷା ମାଗିବାକୁ, ଦ୍ରୋଣଗୁରୁ ଥିଲେ ଯାଇ
ପଞ୍ଚାକେଶ, କଟାଇଲେ ଦାଢ଼ି, ନିଶ ।୬।
ବଳରାମ କହି, ମିତ୍ର ବୋଲି ଭାଇ, ଦ୍ରୋଣ ପାଇଥିଲେ ଶାସ୍ତି
ସେପରି ତ ମୁହିଁ, କିଛି କହି ନାହିଁ, ବୃଥାରେ ମାଇଲେ ଦାସୀ

Digitized by srujanika@gmail.com

ସାନ ଭାଇ, ଏଣୁ ମୋତେ ବାଧୁଛନ୍ତି ।୭।
କୃଷ୍ଣ କହୁଛନ୍ତି, ତୃଷ୍ଣା ମହାଋଷି, ଭିକ୍ଷା ମାଗି ସ୍ୱର୍ଗ ଗଲେ
ପୁରନ୍ଦର ବଳେ, ନାନା ଦଣ୍ଡ ଦେଲେ, ସେକି ସହି ନ ଜୀଇଁଲେ
ହଳପାଣି, ବୃଥା ଶୋକ କର ଜାଣି ।୮।
ରୋହିଣୀ ନନ୍ଦନ, କହୁଛନ୍ତି ଶୁଣ, ଇନ୍ଦ୍ରପଦ ଋଷି ଇଛ
ପାଇ ପରାଭବ, ଏ ବଚନ ଧ୍ରୁବ, ଦୋଷ ମୁଁ ନ କରି କିଛି
ବାସୁଦେବ, ପାଇଲି ଏ ପରାଭବ ।୯।
କହନ୍ତି ଶ୍ରୀକୃଷ୍ଣ, ଶୁଣ ଜ୍ୟେଷ୍ଠଭ୍ରାତ, ଭିଖାରୀ ଅଟନ୍ତି ହର
ଭିଖାରୀଙ୍କ ମାନ, ପୁଣି ଅପମାନ, ତାହାଙ୍କୁ ଯାଇ ପଚାର
ଠାକୁର ହେ, ଏ କଷ୍ଟ କିଞ୍ଚିତତର ।୧୦।
ଦୁଃଖ ପରେ ସୁଖ, ସୁଖ ପରେ ଦୁଃଖ, ଏ ଜୀବ ସଦା ଭୁଞ୍ଜଇ
ଅପମାନ ପରେ, ମାନ୍ୟ ପା'ନ୍ତି ନରେ, ଜାଣୁ ଜାଣୁ ହୁଅ ବାଇ
ଠାକୁରେ ହେ, ଶୁଣି ରାମ ତୁନି ହୋଇ ।୧୧।
କହନ୍ତି କହ୍ନାଇ, ଚାଲ ଚାଲ ଭାଇ, ଆଉ ଥରେ ମାଗି ଯିବା
ଭିକ୍ଷା ନ ମାଗିଣ, ବେଦ ଉଚ୍ଚାରଣ, କରି ଦୁଆରେ ରହିବା
ଠାକୁରେ ହେ, ଦେବା ନ ଦେବା ଜାଣିବା ।୧୨।
ପ୍ରଥମେ ଓଁକାର, କଲେ ତାହା ପର, ସାମ, ଋକ, ଯଜୁ ଅର୍ଥ
ସୁସ୍ୱରେ ପଢ଼ନ୍ତେ, ଶୁଷ୍କ ତରୁ ଯେତେ, ହୋଇଲେଟି ପଲ୍ଲବିତ
କମଳିନୀ, ଶ୍ରବଣରେ ବେଦ ଶୁଣି ।୧୩।
ନିସ୍ତରିଲି ନିସ୍ତରିଲି, ବୋଲି ଲକ୍ଷ୍ମୀ, ଦାସୀଗଣଙ୍କୁ ବୋଇଲେ
ବେଦ ପଢୁଥିବା, ବ୍ରାହ୍ମଣଙ୍କୁ କହ, କିସ ମାଗନ୍ତି ଲୋ ଭଲେ
ଦାସୀଏ ଲୋ, କବି ମୁସ୍ତକିମ ବୋଲେ ।୧୪।

॥ ଦ୍ୱାରୀ ॥

ଏ ଅଲାଜୁକ ବ୍ରାହ୍ମଣ, ନଣା ଦେଖନ ।ପଦ।
ଏ ତ ମାଡ଼ ଖାଇ, ଭିକ୍ଷା ନେବା ପାଇଁ
ଆସୁଛନ୍ତି ପୁଣ ପୁଣ, ନଣା ଦେଖନ ।୧।
ମଞ୍ଚେ ଏହିପରି, ନିର୍ଲଜ ନାହାନ୍ତି
ରଚେ କବି ମୁସ୍ତକିମ, ନଣା ଦେଖନ ।୨।

Digitized by srujanika@gmail.com

।। ଦାସୀ ଓ ରାମକୃଷ୍ଣ ।।

ଶୁଣ ଜନେ ଦାସୀଗଣେ ଲକ୍ଷ୍ମୀଙ୍କର ବୋଲେ
କବାଟ ଫିଟାଇ ବ୍ରାହ୍ମଣଙ୍କ ପାଶେ ହେଲେ ।୧।
ପଚାରିଲେ ହେ ପଣ୍ଡାଏ କେଉଁଠୁ ଆସିଛ
ବେଗ ହୋଇ କହ ତୁମ୍ଭେ କଣ ମାଗୁଅଛ ଦ୍ୱିଜଗଣ । ।୨।
ରାମ କହନ୍ତି ଗୋ କ୍ଷୁଧା ପୀଡୁଛି ଆମ୍ଭଙ୍କୁ
ଭଲ ସୀଧାଟିଏ ଦିଅ ଏତିକି ମାଗୁଛି, ମାତାମାନେ ।୩।
ଦାସୀଗଣେ ଶୁଣି କମଳିଣୀଙ୍କୁ କହିଲେ
ଗୁଆ, ଆଟିକା, ଚାଉଳ, ଦାଲି, ଲୁଣ ତୁଳେ, ସଜ କଲେ ।୪।
ମୁଗ, ଶାଗ, କନ୍ଦମୂଳ, କଦଳୀ ଯେ ଆଳୁ
ବଡ଼ି, ପୋଟଳ, ମାଖନ, ବାଇଗଣ, ସାରୁ, ତତପରେ ।୫।
ହଳଦି, ମସଲା, ଲଙ୍କାମରିଚ ସଜାଡ଼ି
କାଷ୍ଠନିଆଁ ସହିତରେ ଦେଲେ ତଡ଼ବଡ଼ି, ବ୍ରାହ୍ମଣଙ୍କୁ ।୬।
ଦେଖି ବେନିଭାଇ ଅତି ଆନନ୍ଦ ହୋଇଲେ
ରାନ୍ଧି ଖାଇବାକୁ ବୃକ୍ଷ ମୂଳକୁ ଗମିଲେ, ସିନ୍ଧୁତଟ ।୭।
କମଳା ବିଚାର କଲେ ପତି, ଦେଢ଼ଶୁର
ରାନ୍ଧି ଯଦି ଖାଇଲେ ମୋ ଧିକ ଜୀଇଁବାର, ସୁଜନ ହେ ।୮।
ଆଜ ଯଦି ରାନ୍ଧି ଅନ୍ନ ଭୋଜନ କରିବେ
ଆଉ ପୁଣି ମୋତେ କିସ ପାଇଁକି ଲୋଡ଼ିବେ, ସୁଜନ ହେ ।୯।
ଏମନ୍ତ ବିଚାରି ଦେବୀ ଅଗ୍ନିଙ୍କୁ ସ୍ମରିଲେ
କବି ମୁସ୍ତକିମ ନାଟ୍ୟ ରଙ୍ଗେ ବିରଚିଲେ, ସୁଜନ ହେ ।୧୦।

।। ସ୍ତୁତି ।।

ଅଗ୍ନି ବୈଶ୍ୱାନର ବହ୍ନି, ବିତିହୋତ୍ର, ଧନଞ୍ଜୟ
କୃପୀଟ ଯୋନିର୍ଜ୍ଜ୍ୱଳନୋ ଜାତବେଦ ସ୍ତନୁ ନପାତ୍
ବହ୍ନି ଶୁଷ୍ମା କୃଷ୍ଣବର୍ତ୍ମା ସେଚିସ୍କେଶ ଭକ୍ଷ ବୁଧଃ
ଆଶ୍ରୟାସୋ ବୃହଦ୍‌ଭାନୁ କୃଷାନୁ ପାବକୋନଳଃ
ରୋହିତାଶ୍ୱୋ, ବାୟୁସଖା, ଶୀଖାବାନ ପୁଷ୍ପକ୍ଷଣଃ
ହିରଣ୍ୟରେତା ହୁତ୍ ଭୁକ୍‌ଦାହନୋ ହବ୍ୟବାହନଃ ।

Digitized by srujanika@gmail.com

।। ଅଗ୍ନି ବାହାର ।।

ଦେଖ ବାହାରିଲେ ଅଗ୍ନି ବୃଦ୍ଧ ବିପ୍ର ରୂପ ହୋଇ
ସଧିରେ ଚାଲନ୍ତି ଲକ୍ଷ୍ମୀ ଦେବୀ ବିଜେ ଯହିଁ ।ପଦ।
କପାଳେ ରକ୍ତଚନ୍ଦନ ରକ୍ତ ବସ୍ତ୍ର ଆଭରଣ
ରକତ କୁସୁମ ହାର ଗଳାଦେଶରେ ଲମ୍ବାଇ ।୧।
ତେଜ ରକ୍ତ ନିଳପିତ ଧୂମ୍ରବର୍ଣ୍ଣ ବିକାଶିତ
ଇଚ୍ଛା ମାତ୍ରକେ ଜଗତ କ୍ଷଣକରେ ହେବ ଦହି ।୨।
ଭଣେ କବି ମୁସ୍ତକିମ, ସର୍ବ ଘଟରେ ବିଶ୍ରାମ
ମୁଁ ଯଦି ନ ଥାନ୍ତି ଜୀବ ସଂସାରେ ବ୍ରତନ୍ତି ନାହିଁ ।୩।

।। ଅଗ୍ନି, କମଳା ।।

ଅଗ୍ନି କହୁଛନ୍ତି, ଗୋ ସିନ୍ଧୁ ଦୁହିତୀ, କିପାଇଁ ସ୍ମରିଲ ମୋତେ ଗୋ
କି ବିପତ୍ତିମାନ, ତୁମ୍ଭଙ୍କୁ ପଡ଼ିଲା, ଫେଡ଼ି କହ ମୋ ଅଗ୍ରତେ ଗୋ
ତୁମ୍ଭେ ଜଗଜନନୀ
ଯାହା ପତି ବିଷ୍ଣୁ ଚକ୍ରପାଣି ଗୋ ।୧।
କମଳା କହନ୍ତି, ଶୁଣ ସ୍ୱାହା ପତି, ବିଷ୍ଣୁ ମୋତେ ଦେଲେ ଛାଡ଼ି ହେ
ଭିଖାରୀ ବେଶରେ, ମାଗି ଦ୍ୱାରେ ଦ୍ୱାରେ, କାହିଁ ନ ପାଇଲେ କୋଡ଼ି ହେ
ମାଗି ଅଛନ୍ତି ଆସି
ଭିକ୍ଷା ନେଇଛନ୍ତି ବ୍ରହ୍ମରାସୀ ହେ ।୨।
ବୈଶ୍ୱାନର କହି, ତେଜିଲେ କି ପାଇଁ, କି ଦୋଷ ହେଲା ତୁମ୍ଭର ଗୋ
ଚାରି ଯୁଗେ ତୁମ୍ଭେ, ବିଷ୍ଣୁଙ୍କ ଗୃହିଣୀ, ପାର୍ବତୀ ଈଶ୍ୱରଙ୍କର ଗୋ
ସଚୀ ଇନ୍ଦ୍ର ଘରୁଣୀ, ବ୍ରହ୍ମାଙ୍କ ସାବିତ୍ରୀ ଠାକୁରାଣୀ ଗୋ ।୩।
ରତି ସ୍ମରଙ୍କର, ଛାୟା ସୂର୍ଯ୍ୟଙ୍କର, ମୋ ଘରୁଣୀ ସ୍ୱାହାଦେବୀ
ଏଥୁ ଆନ ନାରୀ, ନାହାନ୍ତି କାହାରି, ଅଧିକ ମୁଁ କି କହିବି ଗୋ
ତୁମ୍ଭେ ସର୍ବ ଜାଣୁଛ, ଜାଣି ବୃଥା ଆକୁଳ ହେଉଛ ।୪।
ଲକ୍ଷ୍ମୀ କହୁଛନ୍ତି, କ୍ଷଣେ ମୋତେ ପତି, ସଙ୍ଗୁ କରି ନାହିଁ ଦୂର
ଏ ବିଚ୍ଛେଦ ଏଣୁ, କଷ୍ଟ ଦିଏ ତେଣୁ, ଚିତ୍ତେ କରିଛି ବିଚାର ହୋ
ମୋର ବୋଲ କରିବ, ବିଷ୍ଣୁ ଜାଳିଥିଲେ ଲିଭି ଯିବ ।୫।

Digitized by srujanika@gmail.com

ଅଗ୍ନି କହୁଛନ୍ତି, ଏପରି ବିପତ୍ତି, ହେବାର କି କାର୍ଯ୍ୟ ମାତ
କମଳା କହନ୍ତି, ଯଦି ଅନ୍ନ ରାନ୍ଧି, ଭକ୍ଷିବେ ଜଗତନାଥ ହେ
ତେବେ ନାରୀଙ୍କି ନର, ନ ରଖିବେ ଏ ଧ୍ରୁବ ବିଚାର ହେ ।୬।
ଲକ୍ଷ୍ମୀ ବାଣି ମାନି, ଚଳିଲେକ ଅଗ୍ନି, ଚିତ୍ତେ ହୋଇ ଆନନ୍ଦିତ
ଯହିଁ ରାମହରି, ଛନ୍ତି ବିଜେ କରି, ସେଠାରେ ହୋଇଲେ ଗୋପ୍ୟ ଯେ
ଫୁଙ୍କି ଫୁଙ୍କି ଥକିଲେ, ନିଆଁ ଯେତେ ଜାଳିଲେ ନ ଜଳେ ଯେ ।୭।
ମୁସ୍ତକିମ କହି, ଲକ୍ଷ୍ମୀଙ୍କର ଦ୍ରୋହୀ, ହୋଇଲେ ହୁଏ ସେପରି
ଲକ୍ଷେ କମାଇଲେ, ପକ୍ଷେ ନ ଅଣ୍ଟଇ, ଯେତେଥିଲେ ପୂରେ ନାହିଁ ଯେ
ସାଧୁ ସୁଜନ ଜନେ, ମୋର ଦୋଷ ନ ଧରିବ ମନେ ହେ ।୮।

।।ରନ୍ଧନ।।

ଶୁଣ ଜନେ ରାମକୃଷ୍ଣ ହେ ରାନ୍ଧିଣ ବସିଲେ
ପଥର ତିନୋଟି ନେଇ ଇଟିଲାଏ କଲେ ।୧।
ପତୁଳିରେ ପାଣି ଆଣି ଥୋଇଲେ ତା'ପରେ
ନିଆଁ ଜାଳି ନ ପାରନ୍ତି ବେନି ସହୋଦରେ ।୨।
ରାମ କହନ୍ତି କହ୍ନାଇ ନଟାକୁଟା ଆଣ
ତହିଁରେ ଅଗ୍ନି ପକାଇ ଫୁଙ୍କିବାଟି ଜାଣ ।୩।
ନଟା ମୁଠାଏ ଶ୍ରୀକୃଷ୍ଣ ସାଉଁଟି ଆଣିଲେ
ତଥିପରେ ଅଙ୍ଗାରେକ ଦେଇଣ ଫୁଙ୍କିଲେ ।୪।
ନ ଜଳିବା ଦେଖି ରାମ କୋପରେ ପ୍ରଜ୍ୱଳି
ଛାର ନିଆଁ ଟିକାଏକୁ ନ ପାରିଲୁ ଜାଳି ।୫।
ଉଠ ଉଠ ବୋଲି ରାମ ଫୁଙ୍କିଲେ ନିଠାଇ
ନିଆଁ ସବୁ ଖାର ହେଲା ଦେଖିଣ କହ୍ନାଇ ।୬।
କହନ୍ତି ଭୋ ଦେବ କହ କେମନ୍ତ କରିବା
ଚାଉଳ ବତୁରି ଗଲା କାହିଁରେ ବାଣ୍ଟିବା ।୭।
ଏମନ୍ତ ହତାଶ ହୋଇ ଶିରେ କର ଦେଇ
ବସି ଭାଳୁଛନ୍ତି କବି ମୁସ୍ତକିମ କହି ।୮।

Digitized by srujanika@gmail.com

।। ଦାସୀ ପ୍ରବେଶ ।।

ଏ ଅନ୍ତେ ଯା ହେଲା ସୁଜନେ ଶୁଣ, ସୁଜନେ ଶୁଣ ହେ
ଲକ୍ଷ୍ମୀ ଦାସୀଙ୍କୁ ପଠାଇ କ୍ଷଣ କ୍ଷଣ ହେ ।୧।
ଆଲୋ ଦାସୀଏ ତୁମ୍ଭେ ଦେଖ ଯାଇ ଯାଇ ଲୋ
ପଚାରିବ କି କି ଲୋଡ଼ା ଅଛଇ ଲୋ ।୨।
ରାମକୃଷ୍ଣ କତି ମିଳିଣ ଦାସୀ, ମିଳିଣ ଦାସୀ ଲୋ
କମଳା ବାଣୀ କହିଲେ ବିଶେଷୀ, କହିଲେ ବିଶେଷୀ ଲୋ ।୩।
ପଣ୍ଡାଏ କହନ୍ତି ଦାସୀଙ୍କୁ ଚାହିଁ, ଦାସୀଙ୍କୁ ଚାହିଁ ହେ
ନିଆଁ ନ ଜଳିଲା ରାନ୍ଧିବୁ କାହିଁ ଗୋ ।୪।
ଦାସୀଏ ପୁଚ୍ଛନ୍ତି ବିପ୍ର ଗୋସାଇଁ, ବିପ୍ର ଗୋସାଇଁ ହେ
ଭିକ୍ଷା ମାଗିକି କର ରଖ କାହିଁ ହୋ ।୫।
ବ୍ରାହ୍ମଣେ କହନ୍ତି ଆଜନ୍ମୁ କେବେ କେବେ ଗୋ
ରନ୍ଧା ପାଣିବୁହା ନ ଜାଣୁ ଲବେ ଗୋ ।୬।
ଦାସୀ କହନ୍ତି ଭିକ୍ଷାମାନ ନିଅ, ଭିକ୍ଷା ମାନ ନିଅ
ନ ରାନ୍ଧି, ନ ଖାଇ ଫିଙ୍ଗିକି ଦିଅ ହେ ।୭।
ଭାରିଜା, ପୁଅ, ଝିଅ ଦୁହିଙ୍କର, ଦୁହିଙ୍କର ହେ
ଛନ୍ତି କି ନାହିଁ କେଉଁ ଦେଶେ ଘର ହେ ।୮।
କୃଷ୍ଣ କହନ୍ତି ଗରୀବ ବ୍ରାହ୍ମଣ, ଗରୀବ ବ୍ରାହ୍ମଣ ଗୋ
କାହିଁ ଘର, ଭାର୍ଯ୍ୟା, ଝିଅ ନନ୍ଦନ ଗୋ ।୯।
ଦାସୀ କହନ୍ତି ମାତା ପିତା ସ୍ଥାନ, ମାତା ପିତା ସ୍ଥାନ ହେ
ବାଡ଼ି ବାସ କେଉଁ ନଗ୍ରେ କହନ ହେ ।୧୦।
ଦାସୀଙ୍କ ଚାତୁରୀ ହରି ଚିହ୍ନିଲେ ହୋ
ଲକ୍ଷ୍ମୀଙ୍କ ଦାସୀଏ ବୋଲି ଜାଣିଲେ ହେ ।୧୧।
କୃଷ୍ଣ ପୁଛନ୍ତି ଲୋ ତୁମ୍ଭ ଠାକୁର ଗୋ
ଛନ୍ତି କି ନାହିଁ କି ନାମ ତାଙ୍କର, କି ନାମ ତାଙ୍କର ଗୋ ।୧୨।
ଦାସୀ କହନ୍ତି ହୋ ପଣ୍ଡାଏ ଶୁଣ, ପଣ୍ଡାଏ ଶୁଣ ହେ
କୃଷ୍ଣ ପଣ୍ଡା ଆମ ଠାକୁର ନାମ ହେ ।୧୩।
ପଣ୍ଡିଆଣି ଆମ୍ଭ ବିନା ଦୋଷରେ ହେ
ରାମପଣ୍ଡା ଯୋଗୁଁ ଛନ୍ତି ଅନ୍ତରେ ହେ ।୧୪।

Digitized by srujanika@gmail.com

ଏଠି ପଣ୍ଡିଆଣି ଏକା ଅଛନ୍ତି, ଏକା ଅଛନ୍ତି ହେ
ଆମେ ବେନି ଦାସୀ,ଚମ୍ପା, ମାଳତି ହେ ।୧୫।
ବଳରାମ ଦାସୀ ମୁଖ ଅନାଇ, ମୁଖ ଅନାଇ ହେ
କହନ୍ତି ବ୍ରାହ୍ମଣୀଙ୍କୁ କହ ଯାଇ ଗୋ ।୧୬।
କ୍ଷୁଧାରେ ହୋଇଲୁଣି ହତଜ୍ଞାନ, ହତଜ୍ଞାନ ଗୋ
ଦୟା କରି ଦ୍ୟନ୍ତୁ ଅନ୍ନ ବ୍ୟଞ୍ଜନ ଗୋ ।୧୭।
ଦାସୀ କହନ୍ତି ଆମ୍ଭ ଠାକୁରାଣୀ ହେ
ଅଛବ ଦୋଷୀଛନ୍ତି ଥାଅ ଜାଣି ହେ ।୧୮।
ରାମ କହନ୍ତି ଅଛବ ଜାତିଙ୍କି ଗୋ
ଛୁଇଁବା ମାତ୍ରକେ ନୁହେ ପାତକୀ ଗୋ ।୧୯।
ଶୁଣି ଦାସୀ ଗଲେ କମଳା କତି ଗୋ
କବି ମୁସ୍ତକିମ ରସେ ଭାସନ୍ତି ହେ ।୨୦।

।।ଦ୍ୱାରୀ ।।

ପେଟୁଆ ଟକରା ଏହି, ଯାଙ୍କୁ ଦେଖ ଭାଇ ।ପଦ।
ଖାଇବା ଆଶାରେ, ଜଗି ରହିଛନ୍ତି
ଗାଳି ମାଡ଼ ଲାତ ସହି ।୧।
ମୋତେ ଏହିପରି, ମାରିଥିଲେ ନାରୀ
ଜୀବନ ରଖନ୍ତି ନାହିଁ ।୨।
କହେ ମୁସ୍ତକିମ, ହୋଇବ କାରଣ
ମର ବେକେ ଡ଼ୋର ଦେଇ ।୩।

।। ଦାସୀ ଓ କମଳା ।।

ଶୁଣଜନେ ଶ୍ରୁତିପଥେ, ଏ ରସ ବିଚିତ୍ର
କମଳା କତିରେ ଦାସୀ ହୋଇଲେ ପ୍ରବେଶ, ତରତରେ ।୧।
ବୋଇଲେ ଜନନୀ ବିପ୍ରେ ରାନ୍ଧି ନ ପାରିଲେ
ରାନ୍ଧିଲା ଅନ୍ନ ମାଗନ୍ତି କ୍ଷୁଧାର ଆକୁଳେ, ଠାକୁରାଣୀ ।୨।
ଶୁଣି ଲକ୍ଷ୍ମୀ ତରତରେ, ରାନ୍ଧିବାକୁ ଗଲେ
ସ୍ୱହସ୍ତରେ ରାନ୍ଧି ଦାସୀ, ଗଣଙ୍କୁ ବୋଇଲେ, ଦାସୀଏ ଲୋ ।୩।

Digitized by srujanika@gmail.com

ଭିଖାରୀ ପଣ୍ଡାଙ୍କୁ ଯାଇ ଡାକିଣ ଲୋ ଆଣ
ରନ୍ଧା ଶେଷ ହୋଇଲାଣି, ଭାତ ଯେ ତିଅଣ, ଦାସୀ ଏ ଲୋ ।୪।
ଲକ୍ଷ୍ମୀ ବାଣୀ ଶୁଣି ଦାସୀଗଣେ ଚଳିଗଲେ
ଆସ ହେ ପଣ୍ଡାଏ ଅନ୍ନ ଭୁଂଜିବ ବୋଇଲେ, ସୁଜନେ ହେ ।୫।
ଶୁଣି ବଳରାମ କହନ୍ତି, ଆଗୋ ମାତାମାନେ
ଦୟାକରି ଆଣିଦେଲେ, ଭୁଞ୍ଜନ୍ତୁ ଏ ସ୍ଥାନେ, ଦାସୀଏ ଗୋ ।୬।
ଶୁଣି ଦାସୀଗଣେ, ଲକ୍ଷ୍ମୀ ଆଗେ ଜଣାଇଲେ
ଅନ୍ନ ପାଣି ଦିଅ ଏଠି ଭୁଞ୍ଜିବୁ ବୋଇଲେ ।୭।
ଶୁଣି ଲକ୍ଷ୍ମୀ ବୋଲନ୍ତି ଲୋ ଦାସୀମାନେ ଶୁଣ
ସର୍ବ ଜାତିରେ ଯେ ଶ୍ରେଷ୍ଠ ଅଟନ୍ତି ବ୍ରାହ୍ମଣ, ଦାସୀଏ ଲୋ ।୮।
ସକଳ ଦାନରେ ଶ୍ରେଷ୍ଠ ଅଟେଦାନ
ସକଳ ଦାନରେ ଶ୍ରେଷ୍ଠ ଅଟେ ଅନ୍ନଦାନ
ସକଳ ପୂଜାରୁ ଶ୍ରେଷ୍ଠ ଅତିଥି ପୂଜନ, ଦାସୀଏ ଲୋ ।୯।
ସକଳ ବିଦ୍ୟାରୁ ଶ୍ରେଷ୍ଠ ଅଟଇଟି ବେଦ
ସକଳ ମନ୍ତ୍ରରୁ ଶ୍ରେଷ୍ଠ ଗାୟତ୍ରୀର ପଦ, ଦାସୀଏ ଲୋ ।୧୦।
ସକଳ କଷ୍ଟରୁ ଶ୍ରେଷ୍ଠ ଅନ୍ନ ଯେ ବସନ
ସର୍ବ ଆଶ୍ରମରୁ ଶ୍ରେଷ୍ଠ ଗୃହସ୍ଥ ଆଶ୍ରମ, ଦାସୀଗଣ ।୧୧।
ସକଳ ମଧୁରୁ ଶ୍ରେଷ୍ଠ ଅଟଇ ବଚନ
ଏହା ଜାଣିଶୁଣି ତୁମ୍ଭେ ହେଲ କି ଅଜ୍ଞାନ, ଦାସୀଗଣ ।୧୨।
ଯାଇ ବ୍ରାହ୍ମଣଙ୍କୁ ଲୋ ପୁରକୁ ଡାକି ଆଣ
ସୁନାର ପିଣ୍ଡା ଦୁଇଟି ଦିଅଲୋ ଆସନ, ଦାସୀଏ ଲୋ ।୧୩।
ଶୁଣି ଦାସୀମାନେ ତରତରେ ହେଲେ ଯାଇ
ବ୍ରାହ୍ମଣଙ୍କ ନିକଟରେ ହୋଇଣ ବିନୟୀ, କହୁଛନ୍ତି ।୧୪।
ଆସ ଆସ ପଣ୍ଡାମାନେ, ଭିତରକୁ ଆସ
ଅନୁଚିତ ବ୍ରାହ୍ମଣେ ବାହାରେ ଦେଲେ ଗ୍ରାସ, ପଣ୍ଡାଏ ହେ ।୧୫।
ଶୁଣି ହସ ହସ ହୋଇ ଉଠିଲେ ମୁରାରୀ
କେଣେ ଯିବାକୁ ହୋ ବୋଲନ୍ତି ହଳଧାରୀ, ସୁଜନେ ହେ ।୧୬।
ଦେହଳି ଦ୍ୱାର ଯିବାରୁ ମୋ ମହତ ଭାଇ
ହରାଇଛି ଜାଣିଶୁଣି ପୁଣି ହେଉ ବାଇ, ସାନୁଜରେ ।୧୭।

Digitized by srujanika@gmail.com

କୃଷ୍ଣ କହନ୍ତି ସେମାନେ ଆସିଛନ୍ତି ଡ଼ାକି
ଡାକି ନେଇ ଆମ୍ଭଙ୍କୁ ସେପରି କରିବେକି, ଜ୍ୟେଷ୍ଠଭାଇ ।୧୮।
ବଳରାମ କହନ୍ତି ଅଟନ୍ତି ନାରୀଜାତି
ପାପପୂଣ୍ୟକୁ ତାଙ୍କର, କଣ ଅଛି ଭୀତି, ସାନୁଜରେ ।୧୯।
କୃଷ୍ଣ କହନ୍ତି ଚାଲ ସେଥିରେ ଭୟ ନାହିଁ
ବିନା ହୁକୁମେ ଯିବାରୁ ଦଣ୍ଡିଲେ ଗୋସାଇଁ, ଠାକୁର ହେ ।୨୦।
ଶୁଣି ରାମ କୂନ୍ଥା ପାଡ଼ି ସଧିରେ ଉଠିଲେ
ତୁ ଆଗ ଚାଲ ତୋ ପଛେ ଯିବି ମୁଁ ବୋଇଲେ,ଚକ୍ରଧର ।୨୧।
କୃଷ୍ଣ ଆଗ ଗମନ୍ତି ପଛରେ ହଳପାଣି
କମଳାଙ୍କ ମନ୍ଦିରେ ପ୍ରବେଶ ଭାଇ ବେନି, ସୁଜନେ ହେ ।୨୨।
ବାହାର ମେଳାରେ ବେନି ଭାଇ ଯାଇ ହେଲେ
ସୁନାର ପିଣ୍ଡା ଦାସୀଏ ବସିବାକୁ ଦେଲେ ।୨୩।
ସୁବର୍ଣ୍ଣଝରି ଗଡୁରେ ଆଣି ଦେଇ ନୀର
ରଖିଗଲେ ଦାସୀମାନେ ହୋଇ ତରତର, ସୁଜନ ହେ ।୨୪।
ତଦୁତ୍ତାରୁ ସୁନା ଥାଳି ମାନଙ୍କରେ ଅନ୍ନ
ଆଣି ଦାସୀଗଣେ ଥୋଇ ଗଲେକି ବନ୍ଧନ, ସୁଜନ ହେ ।୨୫।
ଘୃତ ଢ଼ାଳି ଆଣୁଛନ୍ତି, ଦାସୀଗଣେ ବୋହି
ତାଙ୍କ ନ ଆସୁଣୁ ରାମ, ଭାତ ଗଲେ ଖାଇ ।୨୬।
ତାହା ଦେଖି ଦାସୀଗଣେ ଠରାଠରି ହୋଇ
କମଳାଙ୍କୁ ହସି ହସି କହିଲେକ ଯାଇ, ସୁଜନେ ହେ ।୨୭।
ଭାତ ଡାଲି, ମୁଗ ଶାଗ, ମଧୁ, ଲୁଚି, ଆମ୍ବିଳ
ମୁନୁଗା, ସଜନା, ସାରୁ, ଆଳୁ, କନ୍ଦମୂଳ, ଦେଲେ ନେଇ ।୨୮।
ବଡ଼ି, ବାଇଗଣ ଡାଙ୍ଗ ଯେ ପାତଳଘଣ୍ଟା
କଦଳୀ, ପଣସ, ଆମ୍ବ ଯେ ଅମୃତଭଣ୍ଡା, ଦେଲେ ନେଇ ।୨୯।
ରନ୍ଧା, ଭଜା, ପୁଡ଼ା ଯେ ପୁରୁଗା ତରକାରୀ
ନେଇଦେନ୍ତି ଦାସୀ ଭୁଞ୍ଜୁଛନ୍ତି ରାମହରି, ହରସରେ ।୩୦।
ସୁଆଲି, କାକରା, ବରା, ଆରିସାଦି ଯେତେ
ସରପୁଳି, ଦୁଗ୍ଧପୁଳି, ରସପୁଳି ସହିତେ, ଭୁଂଜାଇଲେ ।୩୧।
ଏପରି ଷାଠି ପଉଟୀ ଅନ୍ନ ଯେ ତିଅଣ
କ୍ଷଣକରେ ଭୋଜନ କଲେକ ବେନି ଜଣ, ସୁଜନେ ହେ ।୩୨।

Digitized by srujanika@gmail.com

ନାନା ଜାତି ସୁମଧୁର ସୁବାସିତ ପଣା
ଦାସୀ ଦେଲେ ନେଇ ପିଇ ହେଲେ ତୋଷମନା, ବେନି ଭାଇ ।୩୩।
ପୋଡ଼ପିଠା ଖଣ୍ଡେ ଦେବୀ ପଠାଇଣ ଦେଲେ
କୃଷ୍ଣଙ୍କ କତିରେ ଦାସୀ ନେଇଣ ଥୋଇଲେ, ସୁଜ୍ଞଜନେ ।୩୪।
ଭୁଂଜି କୃଷ୍ଣ ଜାଣିଲେ ଏ କମଳାଙ୍କ ଘର
ନୋହିଲେ ବା କେ ଜାଣନ୍ତି ମୋ ମନୋଜ୍ଞ ଆହାର, ସୁଜ୍ଞଜନେ ।୩୫।
ମଣୋହି ସାରିଣ ଆଚମନ ହିଁ ସାରିଲେ
ସୁବାସ ତାମ୍ବୁଳ ଆଣି ଦାସୀଗଣେ ଦେଲେ, ହରଷରେ ।୩୬।
କବି ମୁସ୍ତକିମ ରସ ନାଟ୍ୟରଙ୍ଗୀ ଗାନ
ବିରଚିଲେ ସାଧୁଜନମାନେ ଦୋଷ କ୍ଷମ, ହରସରେ ।୩୭।

ଶୁଣଜନେ ଗବାକ୍ଷରୁ ଲକ୍ଷ୍ମୀ ଚାହୁଁଥିଲେ କି ହୋ
ବିପ୍ରଙ୍କୁ ପଚାର ଦାସୀ ବୋଲି ପଠାଇଲେ କି ହେ ।୧।
ବିଭା ହୋଇଛନ୍ତି କି ନା ପଣ୍ଡା ବେନି ଭାଇ କି ଲୋ, ପଣ୍ଡା ବେନିଭାଇ
ବାଡ଼ିବୃତ୍ତି ସୁତସୁତା ଅଛନ୍ତି କି ନାହିଁ କି ଲୋ, ଅଛନ୍ତି କି ନାହିଁ ।୨।
ଶୁଣି ଦାସିଏ ଆନନ୍ଦେ ତହୁଁ ଚଳିଗଲେ କି ହୋ
ରାମକୃଷ୍ଣ ପାସେ ଉଭା ହୋଇ ପଚାରିଲେ କି ହୋ ।୩।
କେଉଁ ରାଜ୍ୟୁ ଆସିଅଛ, ଶାସନ ଯେ କାହିଁ କି ହେ
ବାଡ଼ିବୃତ୍ତି ପୁଅଝିଅ ଅଛନ୍ତି କି ନାହିଁ କି ହୋ ।୪।
କୃଷ୍ଣ କହୁଛନ୍ତି ଆମ୍ଭେ ବିଭା ହୋଇ ନାହୁଁ କି ଗୋ
ବିଭା ହେବାକୁ କଉଡ଼ି ପାଇବୁ ବା କାହୁଁ କି ଗୋ ।୫।
ଲକ୍ଷ୍ମୀ ସମ ନାରୀକି ମୋ ଅଦୋଷେ ଛାଡ଼ିଲୁଁ କି ଗୋ
ଭିକ୍ଷା ମାଗୁ ସେ ଦିନରୁ କର୍ମର ଅବଳୁ କି ଗୋ ।୬।
ଦାସୀ ଭାଷି ବିପ୍ରମାନେ ଅନୀତି କହୁଛ କି ହୋ
ସ୍ତିରୀ ଛାଡ଼ିଲେ କି ଲୋକେ ହୁଅନ୍ତି ଦରିଦ୍ର କି ହୋ ।୭।
କୃଷ୍ଣ କହି ଶୁଣ ଦାସୀ ଚିତ୍ତ କରି ସ୍ଥିର, କି ଗୋ
କା ଯୋଗୁ ସୁଖ କା ଯୋଗୁଁ ଦୁଃଖ ଭୁଞ୍ଜେ ନର, କିଗୋ ।୮।
ପଦ୍ମିନୀ, ଚିତ୍ରିଣୀ ଆଉ ଶଂଖିନୀ, ହସ୍ତିନୀ, କି ଗୋ
ଚାରି ଜାତି ଜଗତରେ ଅଛନ୍ତି କାମିନୀ, କି ଗୋ ।୯।

Digitized by srujanika@gmail.com

ଉତ୍ତମା, ମଧ୍ୟମା ପୁଅ କନିଷ୍ଠା ଯେ ତିନି କି ଗୋ
ତିନି ବର୍ଣ୍ଣେ ଲେଖା ହୋନ୍ତି, ଚାରୋଟି ରମଣୀ କି ଗୋ ।୧୦।
ପଦ୍ମିନୀ ନାରୀ ଯା ଗୃହେ ନିବାସ କରଇ, କିଗୋ
ଜଣେ କମାଇଲେ ଲକ୍ଷେ ଜଣ ପୋଷି ହୋଇ, କିଗୋ ।୧୧।
ତହୁଁ ଅଧେ ଚିତ୍ରିଣୀରେ ଶୁଣ ଆଗୋ ଦାସୀ କି ଗୋ
ଶଂଖିନୀ, ହସ୍ତିନୀ ଏ ଅଟନ୍ତି ସର୍ବନାଶୀ, କି ଗୋ ।୧୨।
କାହାପାଦ ପଡୁ ସୁନା, ବଳା ଧନ କି ଗୋ
କାହା ପାଦ ପଡୁଁ ଧନି ହୁଅଇ ନିଧନ, କି ଗୋ ।୧୩।
ଆଲୋ ଦାସୀ ତୁମ୍ଭ ସାମନ୍ତାଣୀଙ୍କୁ ପଚାର କି ଗୋ
ପତି ତାଙ୍କ ନାହିଁ ହୋନ୍ତୁ ପତନୀ ମୋହାର କି ଗୋ ।୧୪।
ଶୁଣି ଦାସୀଗଣେ ରାଗେ ଭିତରକୁ ଗଲେ କି ହେ
କବି ମୁସ୍ତକିମ ରଙ୍ଗେ ରସ ବିରଚିଲେ, କି ହେ ।୧୫।

।। ଦ୍ୱାରୀ ।।

ଭଲା ଭଲାରେ ।
ଆଣି ଦଇବ ଭେଟାଇ ଦେଲାରେ ।ପଦ।
ଟେକ ଭାଙ୍ଗିଥିଲା, ଦଇବ ଭାଙ୍ଗିଲା,
ମଣାଇବା ବେଳ ହେଲାରେ ।୧।
ଚାଣ୍ଡାଳୀ ବୋଲିଣ ଯାକୁ ତଡିଥିଲା
ତାହା ପାଦ ଆଶ୍ରା କଲାରେ ।୨।
ମୁସ୍ତକିମ କହି, ମାଇଝିଟା ହୋଇ
ଏତେ ଦୂର କରିଦେଲା ରେ ।୩।

।। ରାମ-କୃଷ୍ଣ ।।

ରାମ କହନ୍ତି କୃଷ୍ଣ ମୁଖକୁ ଚାହିଁ
ତୋ ସମେ ମନ୍ଦଜନ ଜଗତ୍ରେ ନାହିଁରେ, କଳାକହ୍ନାଇ
କୋପେ ଦାସୀ ଭିତରେ ଅଛନ୍ତି ଯାଇରେ ।୧।
କୃଷ୍ଣ କହନ୍ତି ଭାଇ କି ଭୟ ଅଛି
ଏ ଗୃହକର୍ତ୍ତ୍ରୀ ଆମ୍ଭ କମଳା ଅଛି ହେ, ଆହେ ଠାକୁରେ

Digitized by srujanika@gmail.com

ଆମ୍ଭ କି ଭୟ ଅଛି କମଳାଠାରେ ହେ ।୨।
ରାମ କହନ୍ତି ତେବେ ମୋ ବୋଲ କର
ଲକ୍ଷ୍ମୀଙ୍କି ନେଇ ଚାଲ ଯିବା ମନ୍ଦିର ହେ, କଳାକହ୍ନାଇ
ବିନୟ ବାକ୍ୟେ ତାଙ୍କୁ କହ ମଣାଇ ହେ ।୩।
କହେ କବି ମୁସ୍ତକି କମଳାପତି
ବଡ଼ରାମ ମୁଖରୁ ଶୁଣି ଭାରତୀ ହେ, ହରଷ ହୋଇ
କମଳାପତି ବିଜେ କଲେ କହ୍ନାଇ ହେ ।୪

॥ ଦ୍ୱାରୀ ॥

ମୁଖରୁ ଶୁଖିବ ପାଣି, ଶୁଣି ଲକ୍ଷ୍ମୀ ବାଣୀ ।ପଦ।
ଯେତେ ଗାଳି ଦେଇ, ଅଛି ନି କିରାଇ
ଆଜି ଅସୁଲ ହେବଣି ।୧।
ମୁସ୍ତକିମ ରଚେ, ବୁଡ଼ି ମର ପଛେ
ନ ଯାଅ ମଣାଇ ଆଣି ।୨।
ଶୁଣ ହେ ସୁଜନେ କୃଷ୍ଣ ତହୁଁ ଚଳିଗଲେ
କମଳାଙ୍କ ଥିବା ପୁରେ ପ୍ରବେଶ ହୋଇଲେ, ହସହସ
ହୋଇ ଉଭା ହେଲେ ପୀତବାସ ।୧।
କୃଷ୍ଣଙ୍କୁ ଦେଖି କମଳା ପାଦେ ପ୍ରଣମିଲେ
ଗଙ୍ଗାବାରିରେ ଶ୍ରୀକରେ ଚରଣ ଧୋଇଲେ, ପାଦୋଦକ
ଶିର, ଗର୍ଭକୁ କଲେ ନିକ୍ଷେପ ।୨।
ରତ୍ନଖଟ ପରେ ବସାଇଲେ କମଳିନୀ
ଦରହାସେ କର ଯୋଡ଼ି କହୁଛନ୍ତି ବାଣୀ, ପ୍ରାଣନାଥ
ନ ଜାଣି ଭୁଂଜିଲେ ଆମ୍ଭ ଭାତ ।୩।
ମୁଁ ତ ଚାଣ୍ଡାଳୁଣୀ ଜାଣି ଘଉଡ଼ାଇ ଦେଲ
ଚାଣ୍ଡାଳୀ ଗୃହରେ କିପାଁ ଅନ୍ନପାଣି କଲ, ପ୍ରାଣନାଥ
ଧିକ ଟେକ କଲେ ଜ୍ୟେଷ୍ଠ ଭ୍ରାତ ।୪।
ଧିକ ତୁମ୍ଭର ପ୍ରତିଜ୍ଞା ଧିକ ତୁମ୍ଭ ପଣ
ନପୁଂସକଠାରୁ ହେଲ ତୁମ୍ଭେ ହୀନିମାନ, ପ୍ରାଣେଶ୍ୱର
ଧିକ ଯାଉ ଜୀବନ ତୁମ୍ଭର ।୫।

Digitized by srujanika@gmail.com

ଜଗତ କରତା ପରା ଅଟ ବେନି ଭାଇ
ଯହିଁ ତହିଁ ଭିକ୍ଷା ମାଗ ମୁଖେ ଲାଜ ନାହିଁ, ବଡ଼ପଣ
ବଡ଼ଜାତି ପରା ହେ ଆପଣ ।୬।
ପୁରୁଷ ଜାତିକୁ କିଏ ବିଶ୍ୱାସ କରିବ
ଯାଆ ବୋଲି ଆଜ୍ଞା ଦେଇଥିବ ଆହେ ଦେବ, ତେଣୁଗଲି
ଆଜ୍ଞା ପାଳି ଛାଡ଼ରି ହୋଇଲି ।୭।
କାଳୀୟ ଗଂଜନ କହି ଶୁଣ ଜୀବେଶ୍ୱରୀ
ଧରୁଛି ତୋ' କର ଦୋଷ କ୍ଷମଲେ ମୋହରି, ପ୍ରାଣପ୍ରିୟା
ତେଜ ରୋଷ କରିଣ ସୁଦୟା ।୮।
କରଧରି କହୁଛନ୍ତି ଚାଲ ସଖୀ ଯିବା
ଯେ ଯାହା କହିଲେ ଆଉ ବିଛେଦ ନୋହିବା, ଏ ପ୍ରମାଣ
ବୋଲି ଓଷ୍ଠେ ଦିଅନ୍ତି ଚୁମ୍ବନ୍ୟ ।୯।
କମଳା କହନ୍ତି ନାଥ ନ କଲେଟି ସତ୍ୟ
କେମନ୍ତ ପ୍ରକାରେ ମନ ହୋଇବ ବିଶ୍ୱାସ, ଗୋରସରେ
ପୋଡ଼ିଥିଲେ ଡରନ୍ତି ମହିରେ ।୧୦।
କୃଷ୍ଣ କହନ୍ତି ତ୍ରିବାର ସତ୍ୟ କରୁଅଛି
ତୁ ଯାହା କହିବୁ ତାହା ନିଶ୍ଚଏ ପାଳିବି, ଜୀବେଶ୍ୱରୀ
ଚାଲ ଯିବା ଆମ୍ଭେ ନିଜ ପୁରୀ ।୧୧।
କମଳା କହନ୍ତି ବଡ଼ ଭାଇ ଆଜ୍ଞା ମାନି
ମୋତେ ତେଜିଦେଲ ସେହିପରି କେବେ ପୁଣି, ତେଜିଦେଲେ
କିପରି ବର୍ତ୍ତିବି ଏ ସୟଳେ ।୧୨।
ବିଷ୍ଣୁ ଭାଷି ଶୁଭ୍ରକେଶୀ ଭାଇ ମାତାପିତା
ବନ୍ଧୁବାନ୍ଧବାଦି ଜ୍ୟେଷ୍ଠ ବା କନିଷ୍ଠ ଭ୍ରାତା, କାହା ବୋଲେ
ନ ତେଜିବି ସତ୍ୟ ଗୋ କମଳେ ।୧୩।
କମଳା କହନ୍ତି ପ୍ରଭୁ ମୋତେ ଏଠୁ ନେବ
କାହା ବୋଲେ ହେଲେ ଧ୍ରୁବ ତଡ଼ି ଯେ ନ ଦେବ
ପଡ଼ି ନିଅ, ମନ୍ଦିର ବାହାର ପୁରେ ଥାଅ ।୧୪।
କୃଷ୍ଣ କହନ୍ତି ବାନ୍ଧବୀ କଲି ମୁହିଁ ସତ୍ୟ
ତୋ ଇଚ୍ଛାରେ ତୁ ରହିବୁ ଆମ୍ଭେ ହେବୁଁ ଭୃତ୍ୟ
ତୋର ପ୍ରତି, ପ୍ରଭୁତ୍ୱ ନ ପ୍ରକାଶିବୁ ସତୀ ।୧୫।

Digitized by srujanika@gmail.com

କମଳା କହନ୍ତି ପ୍ରଭୁ ରନ୍ଧା ହେବା ଭୋଗ
ହାଡ଼ି, ପାଣ, ବ୍ରାହ୍ମଣ, ଚାଣ୍ଡାଳ ଆଦି ସର୍ବ
ଏକଠାରେ, ଭୁଞ୍ଜିବେ ବାରଣ ନୋହି ନରେ ।୧୬।
ଖାଇ ସାରି ଶିରେ କର ଘସିବେ ହେ ନାଥ
କିବା ପଣନ୍ତେ ପୋଛିବେ ନ କରିବେ ଧୌତ, ଜୀବେଶ୍ୱର
ଏହି ମାତ୍ର ମାଗୁଣି ମୋହର ।୧୭।
ଅସ୍ତୁ ଅସ୍ତୁ ଅସ୍ତୁ ବୋଲି ବୋଇଲେ ମାଧବ
ଆଉ ଯା' ମାଗିବା ଅଛି ବେଗେ ତାହା ମାଗ, ଚନ୍ଦ୍ରମୁଖୀ
ମାତ୍ର ମୁଖେ ନ କହିବୁ ଯୋଗୀ ।୧୮।
କମଳା କହନ୍ତି ମୋର ଭକ୍ତି ଯେ କରିବ
ତାହାର ଗୃହକୁ ଯିବି ଏ ବଚନ ଧ୍ରୁବ, ପ୍ରାଣନାହା
ଶୁଣି ହଉ ବୋଲିବେରେ ତାହା ।୧୯।
ତୁହି ନାରୀ ହୋଇ ଆମ ଗରବ ଗଂଜିଲୁ
ତୋତେ ତଡ଼ି ଭିକ୍ଷା ମାଗି ନିନ୍ଦା ଅରଜିଲୁ, ତୋର ଅନ୍ନ
ଆସି ପୁଣି କଲୁଟି ଭୋଜନ ।୨୦।
ଧନ୍ୟ ତୋର ପ୍ରତିଜ୍ଞା ବୋଲିଣ ନରହରି
ଓଷ୍ଠ, ଗଣ୍ଡ, ଚୁମ୍ବି କମଳାଙ୍କ କର ଧରି, ଗଲେ ଚଳି
କବି ମୁସ୍ତକିମ ରସ ବୋଲି ।୨୧।

।। ଅଳିଗୀତ ।।

ଶୁଣିବ ହେ ସଭାଜନେ ଚିତ୍ତ ସ୍ଥିର କରି
ନାଟ କରୁଅଛୁ ଆମ୍ଭେ ଛାମୁରେ ତୁମ୍ଭରି, ସୁଜନେ ହେ ।
ଅଳି କରୁଅଛୁଁ ଯାର ଥିବ ସେହୁ ଦେବ
ଯା'ର ନଥିବ ନ ଦେବ ପଳାଇ ନ ଯିବ, ସୁଜନେ ହେ ।
ତୁମ୍ଭେମାନେ ବସିଥିଲେ ପୁଣ ଆନନ୍ଦରେ
ନୃତ୍ୟ କରିବୁଁ ସଉକେ ସୁଆଙ୍ଗ ବନ୍ଧରେ, ସୁଜନେ ହେ ।
କେହୁ ଅଛ ବଡୁ କକା, ଅଜା ଯେ ମଉସା
ସାଙ୍ଗସଙ୍ଗୀ ରଜା ଜମିଦାର ମୂଲ୍ୟା ଚଷା, ଏଠାରେ ହେ ।

Digitized by srujanika@gmail.com

ଭୋଟ ମେମ୍ବର ପଞ୍ଚ ଆସନେ ଅଛ ବସି
ଧନୀ ମହାଜନ ଦୁକାନିଆଁ ମିଶାମିଶି, ଏଠାରେ ହେ ।
କେହୁ ମାଆ ମାଉସୀ ଗୋ ନାନୀ ଆଈ ବଡ଼ୀ
ଗଣି ଦେଲାବେଳେ କେତେ ଯାଉଥିବ ହୁଡ଼ି, ପଇସା ଗୋ ।
କେତେ ପାଣିରେ ପକାଇ ହଜାଇଣ ଅଛ
ଆମ୍ଭ କରମକୁ ତୁମ୍ଭେ ନ ହୁଅ ବିପକ୍ଷ, ମାଗୁଛୁ ଗୋ ।
ଶାଳୀ ସଙ୍ଗାତ ନାତୁଣୀ ନନା ବହୁ ଖୁଡ଼ୀ
କେତେ ଛକାରେ, ପଶାରେ ହାରୁଛ କଉଡ଼ି, କି ନାହିଁରେ ।
ଗଜାମୁଗ, କୁରେଫୁଲ, ସହି, ସାମନ୍ତାଣୀ
ତୁମ୍ଭ ବିନା ଦେବ କେହୁ ଏକଣି, ଦିଅଣି, ଆମ୍ଭଙ୍କୁ ହୋ ।
ବଉଳ, ଗଙ୍ଗାବାଲି, ହୋ ସାଙ୍ଗ, ନୂଆଁଜନ
କରାଟେ ଧରି କାହିଁକି ହୋଇଛ ମଉନ, ଆମ୍ଭଙ୍କୁ ଗୋ ।
କୁରେଫୁଲ, ଜାମୁଡାଳି, କେତକୀ, ମିତଣୀ
ହସି ହସି ଚାହୁଁଅଛ ନ ଦେଇଣ ପୁଣି, ଆମ୍ଭଙ୍କୁ ଗୋ ।
ମହାପରସାଦ, ମିତ ବସି ଏକାଠାରେ
କେତେ ଦେବା ବୋଲି ବିଚାରୁଛ କି ମନରେ, ଆନନ୍ଦେ ହେ ।
କେତେ ପଇସା ନିଶାରେ, ବେଶ୍ୟାରେ ସାରୁଛ
ଆମ୍ଭଙ୍କୁ ଦେବାକୁ ଭାଳା ବିଚାର କରୁଛ, କାହିଁକି ହେ ।
ଜୁଆ ଗଂଜପା ଯେ ପଶା, ତିନି ପତି ତାସ
କୋରଘିଚା, ଘୁଡୁଘୁଡ଼ି, ଚକର ଖେଳୁଛ, କି ଭାଇ ହେ ।
ବଳାଫିକା, ସଉରୀରେ କେତେ ଦିଅ ହାରି
ଆମ୍ଭଙ୍କୁ ଦେଲେ ତୁମ୍ଭର ନ ଯିବଟି ସରି, କି ସାଙ୍ଗ ହେ ।
ଛକା ଖେଳ ବେଳେ ବହୁ ପଇସା ମିଳଇ
ମାଗିଲେ ନାହିନି ବୋଲି ମୁଣ୍ଡକୁ ହଲାଇ, ସଙ୍ଗାତ ହେ ।
ରସକଦମ, କେଳିକଦମ, ପାନଖାଇ
ନାହିଁକି ବୋଲି ଝଲକା ଦେଉଛ ହଲାଇ, ଆମ୍ଭଙ୍କୁ ଲୋ ।
ଖଣ୍ଡଚୋର, ଦଗାଦାର ଠକି ନେଇଯାନ୍ତି
ଆମ୍ଭଙ୍କୁ ଦେଲେ ଗାଇବୁ ତୁମ୍ଭ ଗୁଣ କୀର୍ତ୍ତି, ମହିରେ ହେ ।

Digitized by srujanika@gmail.com

ଡାକ ପକାପକି ହୋଇ ଘରୁ ଅଛ ଆସି
ଆଇ ଡ଼ାହାଣ ପାଖରେ ଲୁଚି ଅଛି ବସି, କି ସାଙ୍ଗ ହେ ।
ସେବତୀ ଫୁଲ, କରାଟ ଫୁଲ ବସିଅଛ
ନ ଥିଲା ପରାଏ ମିଛେ ଉଧାର କରୁଛ, ଏଠାରେ ଗୋ ।
ଟହ ଟହ ହସୁଅଛ ମୋ ଗୋଲାପ ଫୁଲ
ଟାହି ନୁହେ ତୁମ୍ଭଠାରେ ଫିଟିବ କପାଳ, କି ସହି ହୋ ।
ପୂର୍ଣ୍ଣଚନ୍ଦ୍ରମୁଖୀ ଦରପଣମୁହିଁ ବନ୍ଧୁ
ଆମ୍ଭଙ୍କୁ ଦିଅ ତୁମ୍ଭର ନାମ ପଡୁଥାଉ, ସଂସାରେ ଗୋ ।
ଗଣ୍ଡିଆ, ଗୁଣା, ଝଲକା, ବେଣ୍ଡଲା ପିନ୍ଧିଛ
ଛାର ପଇସା ଗଣ୍ଡାକୁ କେତେ କୁଣ୍ଡାଉଛ, ଟାଡ଼ପିନ୍ଧୀ ହେ ।
ରଙ୍ଗରଙ୍ଗିଆ କପଟା ପିନ୍ଧିଛ ଆଇ ମୋର
ଚାରଅଣି ଗୋଟିଏ ଆମ୍ଭଙ୍କୁ ଦୟାକର, ଚଞ୍ଚଳେ ହେ ।
ଗାଇବୁ ମୁଖରେ ଠାବେ ଠାବେ ତୁମ୍ଭ ନାମ
ଠିକେ ମୁସ୍ତକିମ କବି ଠାବି କଲେ ଗାନ, ସୁଜନେ ହେ ।

□□□

Digitized by srujanika@gmail.com

ତ୍ରିପୁର ମୋହିନୀ ହରଣ

ବନ୍ଦଇ ଶାରଳା ଦେବୀ ବିଷ୍ଣୁ ପାଟରାଣୀ
ବନ୍ଦଇ ସାରଦା ମାଗୋ ଭୟ ବିନାସିନୀ ।
ବନ୍ଦଇ ସାରଦା ମାତ ବୀଣାବାଦ୍ୟେ ଲଏ
ତୋତେ ସେବାକଲେ ମୁର୍ଖ ପଣ୍ଡିତ ବୋଲାଏ ।
ତୋହର ପ୍ରସନ୍ନେ ମୂଢ଼ମତି ହୁଏ ଜ୍ଞାନୀ
ତୋର ଦୟା ବଳେ ଜନେ ଧନେ ମାନେ ମାନୀ ।
ନ ଜାଣେ ମୁଁ ଭକ୍ତି ପୂଜା ସେବା ଆରାଧନା
କେବଳ ତୋ ନାମମାତ୍ର କରୁଛି ଭାବନା ॥
ଆଜନ୍ମ ଅନ୍ଧ ବଧୀର ଜନରେ ତୋ ଦୟା
ମହାମୂରୁଖରେ ଯଦି ହେବ ତୋର ମାୟା ।
ମହା ବିଦ୍ୟାବନ୍ତରେ ସେ ହୁଅଇ ଗଣନା
ବିଷ୍ଣୁ ପାଟରାଣୀ ଗୋ ମୋ ଏକାନ୍ତ କାମନା ।
ଲେଖିବି ମହାଭାରତ ମଧ୍ୟରୁ ବିଚାରି
ଆଗୋ ସରସ୍ୱତୀ ମାତ କରୁଛି ଗୁହାରି ।
କଣ୍ଠେ ବସି ପଦ ମାତ କହିବୁ ବସାଇ
ଶୁଣିଣ ଗୋ ସଭାଜନେ ରସରେ ରସାଇ ।

X X X

ଆହେ ସଭାଜନମାନେ ଘେନ ମୋ ଦଇନୀ
ସ୍ୱଭାବେ ବାଳୁତ ମୁହିଁ ଅଟଇ ଅଜ୍ଞାନୀ
ଆପଣ ଯେ ଚନ୍ଦ୍ର ପରି ଏଠି ବସିଅଛ
ଆପଣଙ୍କ ଆଗେ ମୁହିଁ ଜୁଳୁଜୁଳା ପୋକ ।
ଦୋଷଥିଲେ ରୋଷ ମୋର ନ ଧରିବ ମନେ
ଶରଣ ପଶୁଛି ସଭାଜନଙ୍କ ଚରଣେ ।
ଆଗୋ ମାତା ମାଉସୀ ମୋ ଦୋଷ ନ ଘେନିବ
ପିଲାଲୋକ ଗାଇବାର ଦୋଷ କ୍ଷମା ନେବ ।
ତ୍ରିପୁରମୋହିନୀ ଏ ଯେ ଅମିୟ ସାଗର

Digitized by srujanika@gmail.com

ଶ୍ରୀମହାଭାରତୁ ଏହା ହୋଇଛି ବାହାର ।
ଯାହା ଜାଣିଅଛି ତାହା କରିବି ବଖାଣ
ହରିବୋଲ ଗୋଟାଏକ ଦିଅ ସୁଜ୍ଞଜନ ।
ଏକା ସଙ୍ଗେ ମାତାମାନେ ଦିଅ ହୁଳହୁଳି
ସେ ଶୁଭଧ୍ୱନିରେ ମାତ କଂପିଉଠୁ ମହି ।
ଶ୍ରୀ ଗଣନାଥଙ୍କୁ ମୁହିଁ କରୁଛି ଭାବନା
ଆହେ ସୁଜ୍ଞଜନେ ମନ ନ କରିବ ଊଣା ।

□□

ଗଣନାଥ ହେ, ଘେନ ଦୁଃଖୀ ଜଣାଣ
ଆହେ ଲମ୍ବୋଦର, ଦୟାର ଭଣ୍ଡାର
ଅବିଦ୍ୟା ଚିନ୍ତିଲେ କର ବିଦ୍ୱାନ ।ପଦ।
ହୋମ ଯଜ୍ଞାଦି ମଙ୍ଗଳର,
ଆଗ ପୂଜା ହୁଏ ତୁମ୍ଭର
ତୁମ୍ଭ ଭକ୍ତ ଜନ, ପଣ୍ଡିତେ ଭାଜନ
ଯମ ଯାତନାରେ ନ ପଡ଼େ ପୁଣ ।୧।
ମାତା ଯାର ଦେବୀ ଗିରୀଜା,
ପିତା ତବ କୈଳାସ ରଜା
ପୁଣ ଯେ ଅମୃତ ଲଡୁ ସଙ୍ଗେଣ
ମୂଷିକରେ ବସି କର ଭ୍ରମଣ ।୨।
ମୁକ୍ତକିମ ଭାବନା ଭାବ,
ଭାବଗ୍ରାହୀ ପୂର୍ଣ୍ଣ କରିବ
ଭବେ ଯିବ ରହି, ତୁମ୍ଭ ନାମ ବିହି
ତୁମ୍ଭ ସେବା ଦେବ ମନୁ ପାଇଣ ।୩।

॥ ଲୀଳା ॥

ଏଥୁ ଅନନ୍ତରେ ଆହେ ସଭାଜନେ ଶୁଣ
ବିନ୍ଧ୍ୟମାଳ ବୋଲି କରି ଅଟେ ନଗ୍ର ନାମ ।

Digitized by srujanika@gmail.com

ମେରୁଶୂଳ ବୋଲି ଅଟେ ତହିଁର ନୃପତି
ବଳେ ତାକୁ ହାରିଛନ୍ତି ତିନିପୁର କ୍ଷତ୍ରୀ ।
ଧନବନ୍ତପଣରେ କୁବେର ନୁହେଁ ସରି
ମାନେ ମାନଗୋବିନ୍ଦ ପରାଏ ଦଣ୍ଡଧାରୀ ।
ଦିନେ ବସିଅଛି ରାଜା ମଣ୍ଡାଇଣ ପ୍ରଜା
ପାଟମନ୍ତ୍ରୀ ଅମାତ୍ୟାଦି ଦାସ ଘେନି ଶୋଭା ।
ମଣିମା ମଣିମା ଡାକ ପଡୁଅଛି ଦ୍ୱାରେ
ଭାଟେ କବିତ୍ୱ ପଢ଼ନ୍ତି ପ୍ରଶଂସି ରାଜାରେ ।
ଶ୍ଳୋକ ଭେଟୁ ଅଛନ୍ତି କବିଏ ହରଷିତେ
ଆଶୀର୍ବାଦ କରୁଛନ୍ତି ବିପ୍ରେ ତୋଷଚିତ୍ତେ ।
ଅପକ୍ଷରୀ ସମ ଯେ ଗଣିକା କୁଳ ମିଳି
ଦ୍ୱାରେ ଗାନ ନୃତ୍ୟ କରୁଛନ୍ତି ହୋଇ ଭୋଳି ।
ବସିଛନ୍ତି ମହାରାଜା ଆନନ୍ଦ ମନର
କେ ପାନ ଯୋଗାଉଛି କେ ଢାଳୁଛି ଚାମର ।
କେ ଅତର ଚନ୍ଦନ ସିଞ୍ଚଇ ହରଷରେ
ସୁକାନ୍ତି ନାମରେ ଦାସୀ ଧରି ଫୁଲହାରେ ।
ନୃପତି ନିକଟେ ରଖି ଓଳଗିଲା ଦାସୀ
ଦେଖି ମେରୁଶୂଳ ରାଜା ମନ୍ଦ ମନ୍ଦ ହସି ।
ଦାସୀ ଆଣିଥିବାର ସୁମନ ସୁମନରେ
ରଖିଲେ ନୃପତିବର ଘେନିଣ ହସ୍ତରେ
ଜାଣିଲେ ଦାସୀ ଆଗତ ଯାଅ ଯା ଭାସିଲେ
ଯେ ଯାହାର ଭାବ ସେ କି ନ ଜାଣିବ ହେଲେ ।

।। ଚୌପଦୀ ।।

ଯେ ଯାହାର ଭାବ କଥା,
ତା ବିହୁନେ ନ ଜାଣନ୍ତି ଅନ୍ୟଥା ।।ପଦ।।
ମନଭାବ ଜୀବ, ଯଦି ନ ଜାଣିବ
ଆନ ଜନେ ବୁଝିବ କି ସେ କଥା ।୧।

Digitized by srujanika@gmail.com

ନାରୀ ପୁଂସ ଏକ ଅଂଗ ବୋଲି ଲେଖ
ଲେଖି ଦେଇଅଛି ପୂର୍ବରୁ ଧାତା ।୨।
ପୁରୁଷର ଭାବ ରମଣୀ ଜାଣିବ
ଆକାଶର ଭାବ ଜାଣେ ସବିତା ।୩।
ମୁସ୍ତକି ରଚିତ ପୁତ୍ର ଭାବ ମାତ
ରୋଗ ଭାବ ଜାଣେ ଭିଷକ ଜ୍ଞାତା ।୪।

॥ ଲୀଳା ॥

ସୁକାନ୍ତି ଦେଇଣ ହାର ଫେରିଣ ଯେ ଗଲା
ନୃପତିର ମତି ତହୁଁ ଚଞ୍ଚଳ ହୋଇଲା ।
ଜାଣିଲା ରାଜନ ଆଜି ରାଣୀ ଶୁଦ୍ଧସ୍ନାନ
ତେଣୁ କୁସୁମ ହାରରେ କରିଛି ବରଣ ॥
ଏଣେ ପାଟ ମହାଦେଈ ବସିଛନ୍ତି ପୁରେ
ଦାସୀଗଣ ଲାଗିଛନ୍ତି ବେଶ କରିବାରେ ॥
ଚେଟୀ ବେଶ ପେଟି କ ଫେଡୁଛି ତରତରେ
କେ ସୁବାସ ନାଗବଳି ଭାଙ୍ଗୁଛି ମୋଦରେ ॥
ଅତର କେବଣ ଦାସୀ ଫିଟାଉଛି ତହିଁ
କିଏ ବସି ପନିର ଗୋଳୁଛି ତ୍ଵରା ହୋଇ ॥
କସ୍ତୁରୀ ସଜାଡ଼ଇ କେ ଚିତ୍ର କରିବାକୁ
କେ ପାଟ କୁଞ୍ଚଇ ଧୀରେ ରାଣୀ ପିନ୍ଧିବାକୁ ॥

X X X

ଆଗରେ ରଖିଲେ ମାଜି କରି ଦରପଣ
ଯେ ଯାହା ସ୍ଥାନେ ଖଞ୍ଜିଲେ ଅଳଙ୍କାର ମାନ ॥
ଏକେ ତ ସୁନ୍ଦରୀ ପୁଣି ଅଳଙ୍କାର ଭୂଷା
ନ ଥିଲେ ନ ଥିବେ ଏ ସମାନ ଆନ ଯୋଷା ॥

॥ ଚୌପଦୀ ॥

ରମଣି ମଣି ରାମା, ରାମା କି ମନୋହର ସେ
ଦେଖି ତପ ତେଜିଦେବେଟି ହର ସେ ॥ପଦ॥

Digitized by srujanika@gmail.com

ମଥା ପରେ ମଥାମଣି ଶୋଭଇ
ସୁନା ପ୍ରଜାପତି ଖୋଷାରେ ଶୋହି
ଶିରେ ସୀମନ୍ତିନୀ, ଝଟକର ଠାଣି
କଳା ମେଘେ ଚପଳା ପରକାର ସେ ॥୧॥
ହରିତାଳି କାଳି ଚିତା ଉପରେ
ମାଣିକ୍ୟ ଟିକିଲି ଚିହ୍ନ କହରେ
ଓଷ୍ଠରେ ଭମରୀ
ଝଲକା, ଗଣ୍ଠିଆ, ଶୋଭା କଣ୍ଠର ॥୨॥

X X X

ନବରତ୍ନ ହାର ଗଳା ଦେଶେ
ହୃଦେ ଚାପସରି, କେବଣ ସୁନାରୀ
ଗଢ଼ିଥିଲା ଧନ୍ୟ ସେ କାରିଗର ସେ ॥୩॥
ନାସାରେ ଗୁଣା, ନଥ, ଦଣ୍ଡି ଜାଣ
ମୋତି ମାଣିକ୍ୟରେ କି ମନୋରମ
କେଳି ଭାବ କାଳେ, ଝୁଲିବଟି ଗଳେ
ଶିଙ୍କୁଳି ଖଞ୍ଜିଛି ବଣିକବର ସେ ॥୪॥
କଟିରେ କିଙ୍କିଣୀ ବାହେ ମଣ୍ଡିତା ।
ବନ୍ଧିଆ, ଚୂଡ଼ି, ତାଡ଼, ବାହୁସୂତା
ମୁଦ୍ରକି ଭାଷଇ ନୂପୂର ଝୁଣ୍ଟିଆ
ବାଳା ପାଦଦେଶେ ଦିଶେ ସୁନ୍ଦର ସେ ॥୫॥

॥ ଲୀଳା ॥

ଏଥୁଅନ୍ତେ ଯାହା ହେଲା ଶୁଣ ମନ ଦେଇ
ଛାଡ଼ିଥିବା ପଦମାନ କହିବି ବୁଝାଇ ॥ପଦ॥

X X X

ବେଶ ଶେଷ କରି ଦାସୀଗଣ ହେଲେ ତୋଷ
ମାଳତୀ ଆଗରେ ଦେଖାଇଲେ ଆଦରଶ ॥

Digitized by srujanika@gmail.com

ସଖୀଗଣ ଘେନି ରାଣୀ ମନ ଆନନ୍ଦରେ
ଖେଳ କଉତୁକେ ମାତିଲେଟି ଉଆସରେ ॥
ଦାସୀଗଣେ କେଳୀପୁର ମଣ୍ଡିଲେ ତୁରିତେ
ଅତର ପନିର ଗୋଳି ସିଞ୍ଚି ପୁର ମଧ୍ୟେ ॥
ଗଜଦନ୍ତ ପଲଙ୍କ ବିଛାଇ ଦାସୀକୁଳ
ଶେଯ ସଜାଇଲେ ସିଞ୍ଚିଦେଇ ଶଶୀଜଳ ॥
ଚାନ୍ଦୁଆ ଟାଣିଲେ ତେଜ ଦିଶେ ଝଲମଲ
ଦରପଣ ଖଞ୍ଜିଲେଟି ଚାନ୍ଦୁଆର ତଳ ॥
କେଳିକାଳେ ବିବସନ ହେବେ କାନ୍ତାକାନ୍ତ,
ଦରପଣ ଦେଖାଇବ ସେ ଶୋଭା ବୃତ୍ତାନ୍ତ ॥
ରଖିଲେ ସୁବର୍ଣ୍ଣ କଳସରେ ବାସନୀର
କାମ ପ୍ରାନ୍ତେ, ଧୌତ ଭାବି ଅଗସ୍ତି ସଲୀଳ ॥
ବାସ ସଜଫୁଟା ଫୁଲ...

X X X

ପଢ଼ା ଶୁକ ସାରିକା ପିଞ୍ଜରାଛନ୍ତି ରଖି
ପ୍ରାତଃ ହେବା ଜାଣିବେ ବିଚାରି ସର୍ବସଖୀ ॥
କହୁଁ କହୁଁ ଅସ୍ତ ଆସି ହେଲେ ଦିନମଣି
ପୃଥିବୀକୁ ଘୋଟିଲାଟି ସେ ରଜନୀ ରାଣୀ ॥

॥ ଚୌପଦୀ ॥

ତାରକା ଭୂଷିତା ନିଶା ଉପଗତ ହେଲେଣି ଗୋ
ପକ୍ଷୀକୁଳ କୋଳାହଳ ତେଜି ନିଦ୍ରା ଗଲେଣି ଗୋ ॥ ପଦ ॥
ଗଗନ ମଣ୍ଡଳେ ଶଶି ଉଦୟ ହେଲେଣି ଆସି
ଆନନ୍ଦରେ ଖଦ୍ୟୋତେ ଯେ ତେଜ ବିକାଶିଲେଣି ଗୋ ।୧।
ପେଚକାଦି ନିଶାଚର, କୁଳ କଲେଟି ବିହାର
ପ୍ରହରୀ ଶୃଗାଳ ଗୋଳ ରାବ ପ୍ରକାଶିଲେଣି ଗୋ ।୨।
ମୁସ୍ତକିମ ଭାଷେ ଦର, ଶୁଭିଲେ ଦେବ ମନ୍ଦିର
ଲମ୍ପଟି ଆଦି ଭାସ୍କର ଆନନ୍ଦିତ ହେଲେଣି ଗୋ ।୩।

Digitized by srujanika@gmail.com

|| ଲୀଳା ||

ସନ୍ଧ୍ୟା ହେବା ଜାଣି ରାଜା ସଭା ମଉଳିଲେ
ସ୍ନାହାନ ମାର୍ଜଣା ସାରି ନିତ୍ୟକର୍ମ କଲେ ||
ତଦୁତ୍ତାରୁ ଷଡ଼ରସ ଭୋଜନକୁ ଭୁଞ୍ଜି
ସୁବାସ ତାମ୍ବୁଳ ବିଡ଼ିଆରେ ହେଲେ ରଞ୍ଜି ||
ସାଙ୍ଗ ସଖାଗଣ ସହ ହାସ ପରିହାସେ
କିଛିକ୍ଷଣ ବସିଲେ ନୃପତି ମନତୋଷେ ||
ତଦୁତ୍ତାରୁ ରାଣୀ ଉଆସକୁ ରାଜା ଗଲେ
ଦେଖି ପାଟ ମହାଦେଈ ପାଛୋଟିଣଂ ନେଲେ ||
ଏକାସନେ ବସି ହାସ ଭାଷ ପରକାଶ
କହୁଁ କହୁଁ ପୀଡ଼ା କଲା କନ୍ଦର୍ପର ତ୍ରାସ ||

||ଚୌପଦୀ ||

ଭଲା କି ସୁଖ ନ ଦିଏ ଗୋ କନ୍ଦର୍ପ ଛାଟ
ଜାତିକୁଳ ତେଜି କରାଏ ଧର୍ମ ଛାରଖାର ଗୋ ||
ନିଚତୁଲେ ଖଞ୍ଜେ ଉଚ୍ଚ ଉଚ୍ଚ ତୁଲେ ଖଞ୍ଜେ ନୀଚ
ଋଷି ଜାତି ହାରିଛନ୍ତି ବ୍ରହ୍ମା ବିଷ୍ଣୁ ହର |୧|
କୀଟ ବିହଙ୍ଗ ସହିତେ ଜୀବ ଆଦିଛନ୍ତି ଯେତେ
ରହିଅଛି ସର୍ବଘଟେ ଗୁପ୍ତେ କରି ଘର |୨|
ମୁସ୍ତକିମ ଭାଷେ ଧନ୍ୟ ଯା ଯୋଗୁଁ ସଂସାର ଜନ୍ମ
ଏ ନ ଥିଲେ ନ ଚଳନ୍ତା ଦୁନିଆଁ କାରବାର |୩|

|| ଲୀଳା ||

ଏ ଉତ୍ତାରୁ ଯାହା ହେଲା ଶୁଣ ମନଦେଇ
ଏକାସନେ ରାଜାରାଣୀ ବିଳସିଲେ ତହିଁ ||
ଚନ୍ଦ୍ର ଚାଳନ ଇତ୍ୟାଦି କେତେ ବା କହନି
ଚଉଷଠି ବନ୍ଧେ ସୁଖ କଲେକ ଦମ୍ପତି ||
ସେହି ରାତ୍ରେ ଗର୍ଭବତୀ ହୋଇଲେକ ରାଣୀ
ଏ ଉତ୍ତାରୁ ଯାହା ହେଲା ଶୁଣ ସେ କାହାଣୀ ||

Digitized by srujanika@gmail.com

ପ୍ରଥମରେ ମାତା ପଦ୍ମ ବ୍ରହ୍ମ ଯେ ପଡ଼ଇ
ସେ ପଦ୍ମଟା ତା' ଉଭାରୁ ମୁଦିତ ହୁଅଇ ॥
ଦ୍ୱିତୀୟରେ ପ୍ରବଳ ହୋଇଲା ବ୍ରହ୍ମଗୋଟି
ହିଲ୍ଲୋଳ, କଲ୍ଲୋଳ ହେଲା ତୃତୀୟଟି ॥
ଚତୁର୍ଥରେ ଫେଣ ହେଲା ପଞ୍ଚମେ ବୁଦ୍‌ବୁଦ
ଛଅରେ ରକତ ବର୍ଣ୍ଣ ସପ୍ତମେ ବିଷଦ ॥
ଅଷ୍ଟମରେ ହରିତ୍ ହୋଏ ନବମରେ ନୀଳ
ଦଶମରେ ସ୍ଫଟିକର ବରନ କେବଳ ॥
ଏକାଦଶେ ସିଦ୍ଧ ମୁନା ନାଡ଼ ନିରୂପଣ
ଦ୍ୱାଦଶରେ ଇଅଳା ପିଅଳା ତେର ଜାଣ ॥
ଚଉଦରେ ନାନା ନାଡ଼ ହୋଇଲା ଜୀବର
ପରମାତ୍ମା ଯୋଗ ନଣା ହୁଏ ପନ୍ଦରର ॥
ଷୋହଳରେ ଶିର ଜାଣ ସତରେ ସ୍ଥକିତ
ହୃଦୟ କମଳ ଗୋଟି ହେଲା ଅଠରେ ତ ॥
ଉଣାଇଶେ ନଖ ଲୋମ ସରଜିଲା ବିହୀ
କୋଡ଼ିଏ ଚରଣ କଲା ତଥ୍ୟ କହିଲଇଁ ॥
ଏକୋଇଶେ ଏକାଦଶ ଇନ୍ଦ୍ରି ନିରୂପଣ
ବାଇଶରେ ମୁଖ ତେଇଶରେ ଇନ୍ଦ୍ରି ଜାଣ ॥
ଚବିଶରେ ଲଲାଟରେ ଲେଖା ହେଲା x x x
x x x
ଛବିଷରେ ଷଡ଼ଚକ୍ର ନିର୍ମାଣିଲା ବିହି
ସତାଇଶେ ମଦନଭବନ ଜନ୍ମିଲଇଁ ॥
ଅଠାଇଶେ ନିର୍ମାଣ ହୋଇ ....ଜାଣ
ଉନତ୍ରିଂଶ ଅଣଞ୍ଚାସ ପବନ ଭବନ ॥
ତିରିଶରେ ତ୍ରିଗୁଣ ଜଡ଼ିତ ଦେହ ଗୋଟି
ଏହିପରେ କାୟାର ଗଠଣ ହୋଇଲାଟି ॥

Digitized by srujanika@gmail.com

।। ଚୌପଦୀ ।।

ଧନ୍ୟ ଧନ୍ୟରେ ବିହୀ
କେଡ଼େ ଯତ୍ନେ ଖଂଜି ଦେଇଛି ଦେହୀ ।। ପଦ ।।
ପାଣି ବୁନ୍ଦାକରୁ ହାଡ଼ମାଂସ ଚର୍ମ ରକ୍ତ ମେଦାଦି ହୋଇ
ମୁଣ୍ଡ ମୁଖ ନାସା କର୍ଣ୍ଣ ନେତ୍ର ଯୋଷା
ପୁରୁଷ ଆବର କ୍ଲୀବ ଜନ୍ମଇ ।୧।
ବାହୁ ଅଙ୍ଗୁଳି ଚରଣ ମନ ବୁଦ୍ଧି ପ୍ରକୃତି ନିର୍ମାଣ
କଳା ଗୋରା ନାନା ରଙ୍ଗରେ ଘଟଣ
ଆଠ ସାତ୍ୱିକ ଯେ ଅଛି ପୂରାଇ ।୨।
ମୁସ୍ତକି ରଚିତ ବିଦ୍ୟାବୁଦ୍ଧି ମୂର୍ଖ ସର୍ବଜ୍ଞ ଅଛି ଭିଆଇ
କାହିଁ ବସି ଗତେ ଦେଖା ଯେ ନ ପଡ଼େ
ଦୁଃଖ ସୁଖ ହୃଦେ ଦିଏ ପୂରାଇ ।୩।

।। ଲୀଳା ।।

ପ୍ରଥମ ମାସରେ ମାସ ରତୁହେଲା ବନ୍ଦ
ଦ୍ଵିତୀୟରେ ମୁଖ ନିନ୍ଦେ ପୂର୍ଣ୍ଣମୀରେ ଚାନ୍ଦ ।
ତୃତୀୟରେ ଅରୁଚି ଅଙ୍ଗରେ ପ୍ରକାଶିଲା
ଚତୁର୍ଥ ମାସରେ ଦେହେ ଅରୁଚି ଜନ୍ମିଲା ।।
ଢେଉ ମାଟି ମୁଟୁକୁରି ଖାଇବାକୁ ମନ
ଖାଇଲେ ଅକାର ମାଡ଼େ ପଖାଳ ତିଉଣ ।।·
ଭଜା ପଦାର୍ଥରେ କିଛି କିଛି ହେଲା ରଚି
ଫଳମୂଳ ଖାଇବାରେ ଶରଧା ଜନ୍ମିଛି ।।
କ୍ରମେ କ୍ରମେ ଅଳସ ଅଳପ ଅଳପରେ
ନିସତ ପସିଲା ଆସି ଦେହର ଭିତରେ ।।
ଚଞ୍ଚଳ ଚଳନ ମାନ କ୍ରମରେ ତୁଟଇ
ବସିଥିଲେ ଉଠିବାକୁ ମନ ନ ଲାଗଇ ।।
ପତି ସଙ୍ଗରୁ ଅନ୍ତର ହୋଇଯାଏ ମନ
ନୀଳ ପରବତ ପରି ଦିଶେ ମୁଖ ଜହ୍ନ ।।
ଉଚ୍ଚ ଉଚ୍ଚ ଚକ୍ରାକାର ଧରଇ ......

Digitized by srujanika@gmail.com

ପଞ୍ଚମ ମାସରେ ଯେ ଯିଏ ....
ପେଟରେ ସମୟ ....
ଖେଳିବାରୁ ରମଣୀ .....
କେତେବେଳେ ଫୁକୁଫୁକୁ ଲାଗେ ପେଟେ ବାଳ
ଉପରକୁ ଉଠିଲାଟି ନାଭୀ ଯେ କମଳ ॥
ସଧ ଖାଇବାକୁ ମନ ଉଛନ୍ନ ଲାଗଇ
ଗୋରସ ଖିରିଷା ଚିନି ଖଜା ଯେ ମିଠାଇ ॥
ପାଚିଲା କଦଳୀ ଅମରୁତମଣ୍ଡା ପଣା
ନାନା ରକମର ପିଠା ଘିଏ ଥିବ ଛଣା ॥
ଆହୁରି ଯା' ରଚି ଆଜ୍ଞା ଶୁଣ ମନଦେଇ
ଚଉପଦୀ ଛନ୍ଦ ହାସ୍ୟେ କହୁଛି ବୁଝାଇ ॥

॥ ଚୌପଦୀ ॥

ରାଣୀ ସାଧ ଖାଇତେ ମନ
ଅଣ୍ଡା ଭାଜ୍‌ଲା ମୁଟକେର ମାଟି ଆଣ ଯା'ବହନ ।ଘୋଷା ॥
X X X ଶକନୀ ବିରିହି
X X X ପୁଆଲେ ଝୁରି
X X X ସିଝାଇ କରି
X X X ଝୁରଲା ରାହାଣି
X X X ଘନା ଉଖରା, ପୁଡ଼ାଏଲା ମାଖନ ॥୨॥
କସି ଆମ୍ବ ତେତେଲ କଇଁ, ନୁନ ମିର୍ଚା ଠେସି ଦେଇ
କହେ ମୁସ୍ତକି, ଲଲହାଉ ଅଛେ
ମହୁଲୀ କହରନ୍ ॥୩॥

॥ ଲୀଳା ॥

ଏଥୁ ଅନ୍ତେ ଯାହା ହେଲା ଶୁଣ ହୋଇ ସ୍ଥିର
ଛାଡ଼ିଲା ଠାବରୁ ଆଜ୍ଞା କରୁଛି ପ୍ରଚାର ॥
ଷଷ୍ଠ ମାସେ ଚାଲିବାକୁ ନ ଲାଗଇ ମନ
ଶୋଇଥିଲେ ଉଠିବାକୁ କଷ୍ଟ ହୁଏ ଜାଣ ॥

Digitized by srujanika@gmail.com

ସପତମ ମାସେ ଧକ ଧକ ମନ ଲାଗେ
ମାତାର ପ୍ରଥମ ଖାଦ୍ୟୁ ଛୁଆଖାଏ ଭାଗେ ॥
ମଧୁର ପଦାର୍ଥ ମାତା ଖାଏ ଯଦି ....
ତୁନି ହୋଇ ରହିଥାଏ ପେଟର ......
କଷା ପିତା ପଦାର୍ଥ ଭୁଞ୍ଜଇ ଯେବେ ....
ଆକୁଳେ ଯେ ଛଟପଟ XXX
ଗର୍ଭର ବେଦନା ଲାଗେ .....
ଆନନ୍ଦ ଭାଙ୍ଗଇ XXX
ଗାଧି ଆସି ଗର୍ଭବତୀ ଯେବେ ବା ନ ଖାଏ
ନିର୍ଜଳ ହୋଇଣ ଶିଶୁ କଲବଲ ପାଏ ॥
ଝୁଣ୍ଟି ପଡ଼େ ଅକସ୍ମାତ ଯଦି ଗର୍ଭବତୀ
ଭୟରେ ବାଳକ ଯାଏ ଉପରକୁ ଉଠି ॥
ପାଉଁଚ ଚଢ଼ା ଉତୁରା କରେ ଯେବେ ମାତ
ପେଟରେ ବାଳକ ହୋଇଯାଏ ନିଜବଦ ॥
ଅଷ୍ଟମ ମାସରେ ଚିନ୍ତା ଲାଗେ ଘନ ଘନ
ହସି ଉଷୁନାକକୁ ଯେ ନ ଲାଗଇ ମନ ॥
ନବମ ମାସର ଦଶା କହି ତ ନୁହଇ
ଶୁଭ ଜନ୍ମ ଭାବି ଗୁଡ଼ି ଭାଡ଼ି ମନାସଇ ॥
ଭଗବାନଠାରେ ସବୁବେଳେ ଥାଏ ଲୟ
ଏ କଷ୍ଟରୁ ପାରିକର ଆହେ ଦୟାମୟ ॥
XXX ଆସିଲା ଦଶ ମାସୁ କିଛି ଦିନ
XXX ନାଭୀ ତଳେ ଘନ ଘନ ॥
XXX ପାସେ ଆସି ଧରି ରାଣୀ କର
XXX ଚଲାଇଲା ମହଲ ଭିତର ॥
XXX ଜଳ ଉର୍ଦ୍ଧ୍ୱ ଭାଗୁ ଖସି
XXX ପଛେ ଧାଇ ବସି ॥
ରାଣୀର ଅଣ୍ଟାରେ ଆଣ୍ଠୁ ଯାକିଣ ବସିଲା
ଧୀରେ ଧୀରେ ଉର୍ଦ୍ଧ୍ୱ ଭାଗୁ ସାମଲିଣ ଦେଲା ॥
ଜନମ ହୋଇଲା ଶିଶୁ ଫୁଲନାଡ଼ ଧରି

Digitized by srujanika@gmail.com

ହୁଳହୁଳି ଦେଲେ ଦାସୀ ହର୍ଷ ହୋଇ କରି
ମାଆ ମାଉସୀମାନଙ୍କୁ କରୁଅଛି ଅଳି
ସମସ୍ତେ ମିଶିଣ ଦିଅ ଶୁଭ ହୁଳହୁଳି ॥
ଶୁଣି ରାଜା ନବରରେ ଉଛବ କରିଲେ
ତତ୍‌କାଳୀନ କର୍ମମାନ ନାରୀଗଣ କଲେ ॥

॥ ଚୌପଦୀ ॥

ଆଜି କେଡ଼େ ଉଛବ ଲାଗଇ ରାଜଭବନ ଗୋ
ନରନାରୀ ଗତାଗତ ନୁହଇ ମୁଖେକ ଥନ ॥ପଦ॥
ନାନା ବାଦ୍ୟ ନାଦେ ଉଛୁଳଇ ତିନି ଭୁବନ
ଗୀତ ନାଟ ଗହ ଗହ ବାଟରେ ନାହିଁ XXX
ବନ୍ଦିଏ ଖଲାସ ପାଇ ବନ୍ଦୁଛନ୍ତି XXX
ହଜାର ବଜାର ଜୁର ହେଉଅଛି XXX
ମୁସ୍ତକି ଭାଷଇ ଧନ XXX
ନିଜ ଅତିଥିଙ୍କ XXX

॥ ଲୀଳା ॥

ଏଥୁ ଅନ୍ତେ ଯା ହେଲା ଅଜ୍ଞା ଶୁଣ ହୋଇ ସ୍ଥିର
ନାଭୀକୁ ଛେଦନ ତହୁଁ କଲେ ସେ ଶିଶୁର ॥
ଉଷୁମ ଜଳରେ ତାକୁ ସ୍ନାନ କରାଇଲେ
ନାକକାନ ଫୁକି ପାଦ ଧରି ହଲାଇଲେ ॥
ଉତ୍ତମ କାଠ ଅଣାଇ ଅନ୍ତୁଡ଼ି ଜାଳିଲେ
ମାତା ଗୋରସ ନ ଦେଇ ଗାଈ ଦୁଧ ଦେଲେ ॥
ପଞ୍ଚ ଦିନେ ପଞ୍ଚୁଆତି କାର୍ଯ୍ୟ ସମାପନ
ଛଅ ଦିନେ କଲେ ଷଷ୍ଠୀ ଦେବୀର ପୂଜନ ॥
ବାର ଦିନେ ବାର ଯାତ୍ରା ହୋଇଲାଟି ଶେଷ
ଏକୋଇଶ ଦିନେ ଡାକି ଆଣିଲେ ଜ୍ୟୋତିଷ ॥
XXX ରେ ନଥିଲେ ନାହିଁ ନ ହୋଇ କାହିଁ
XXX ଜ୍ୟୋତିଷ ବର ନାମ ବାଛି ଦେଇ ॥

Digitized by srujanika@gmail.com

XXX ଏହାର ସମେ ରୂପବତୀ ନାହିଁ
XXX ତ୍ରିପୁର ମୋହିନୀ ବୋଲି ନାମ ଦେଇ ।।
XXX ବଢ଼େ ଶିଶୁ ପୁନୀଜହ୍ନ ପରି
XXX ଭୁଞ୍ଜାଇଲେ ବନ୍ଧୁ ବରି ।।
XXX କେତେ ହେଁ କହିବ
ପାଞ୍ଚ ବର୍ଷେ ବିଦ୍ୟା ପଢ଼ାଇଲେ ଇସ୍କୁଲେ ।
କାଚିମାନ କୁଲାଇ, ଚାଙ୍ଗୁଡ଼ି ଧରି ବାଳୀ
ବାଳିକାମାନଙ୍କ ସଙ୍ଗେ ଦାଣ୍ଡେ ଖେଳେ ଧୂଳି ।।
ଦିନୁଦିନ ଉଚ୍ଚ କୁଚମାନ ବାହାରିଲା
ଲାଜ ବଢ଼ି ମୁଖ ତେଜ ଆନ ପ୍ରକାଶିଲା ।।
ତହୁଁ ଅନ୍ତେ ପୁର ଝେମା ନୋହିଲା ବାହାର
ଅନ୍ତପୁରେ ଖେଳେ ଦାସୀ ସଖିଙ୍କ ସାଙ୍ଗର ।।

।। ଚୌପଦୀ ।।

ତୋତେ ଏହା ଦେଲା କେଉଁ ବିହିରେ, ସହି
ହରିହର ବ୍ରହ୍ମା, ପଞ୍ଚସତୀ କନ୍ୟା
ପାଇଛୁ ଅବା ମଣାଇରେ ସହି ।। ଘୋଷା ।।
ସତମୁଖ ବ୍ରହ୍ମା, ସଙ୍ଗେ XXX
ଏ କୁଚ କୁନ୍ଦିଲେ XXX
ନବରନ୍ ଭରି XXX
ଢ଼ାଙ୍କୁଣି ଦେଇ XXX
ଅତି ଯନ୍ତେ ଝୀନ ବସନ ଢ଼ାଙ୍କିଛୁ,
ନ ଦେଖିବେ ବୋଲି କେହି
ଯନ୍ କଲେ ମହା ମହିଧର କେବେ
ସରୋଜ ପାରେ ଲୁଚାଇରେ ।।୨।।
ଯେତେ ଦୂରେ ହେଲେ କୁସୁମ ଫୁଟିତ
କବି ମୁସ୍ତକିମ କହି
ଭ୍ରମର କି ତାହା ଜାଣି ନ ପାରିବ,
ଆନେ ସିନା ଜଣା ନୋହିରେ ସହି ।। ୩ ।।

Digitized by srujanika@gmail.com

।। ଲୀଳା ।।

ଏ ଉତାରୁ ଆନ ରସ ଶୁଣ ଦେଇ ମନ
ଦାସୀ ପରିବାରୀ ସଖୀଗଣଙ୍କୁ ଘେନିଣ ।
XXX ହାସ କଉତୁକେ କାଟୁଛନ୍ତି କାଳ
XXX ବାଳା ଶୋଇଅଛି ଦାସୀ ସଖି ମେଳ ।।
XXX ହେଲା କୁସୁମ ସମୟ
XXX ଚିତ୍ତ ହୋଇଲା ଅଥୟ ।।
XXX ରାଜଜେମା ନିର୍ଜନ ପୁରକୁ
XXX ବେନି ଉରୁର ମଧ୍ୟକୁ ।।
କାଟଗିରୀ ଗୁହାରୁ ହିଙ୍ଗୁ ଧାର ପରି
ଫୁଟି ଦିଶୁଅଛି ଶୋଭା ଅନାଇଲା ହେରି ।।
ନୀବି ବନ୍ଧନରେ ଲାଗି ଦିଶେ ଜରଜର
ସଖିଏ ନ ଜାଣନ୍ତି ଭାବିଣ ତରତର ।।
ପିନ୍ଧା ବାସ ପାଲଟିଣ ଆନ ବାସ ପିନ୍ଧି
ମୋଟ ନୀବିରେ ନିବିଡ଼ ସଦନକୁ ରୁନ୍ଧି ।।
ବାହାର ହୋଇଣ ନିଜ ଶୟନ ବାସକୁ
ଗମନ୍ତେ ମନ୍ତ୍ରୀଜା ଦେଖି ପ୍ରକାଶି ହାସକୁ ।।
ପୁଚ୍ଛାକଲା ଯେମା ସତ କରିବ ପ୍ରକାଶ
ହୋଇଲାନି ଆଜି ପୁଷ୍ପକାଳ ଅବକାସ ।।
ଶିର କଂପାଇଣ ନତ ମୁଖ ହୋଇ X X X
ଉହୁଁ ଉହୁଁ ବୋଲି ନିଜ XXX
ମନ୍ତ୍ରୀସୁତା କହେ ଏଡ଼େ ଗୁପ୍ତ XXX
ଅସୁରଙ୍କ ମାୟା କି XXX
ଦେବତାଙ୍କ ମାୟା ନୁ XXX
ରାଜମାୟା ମନ୍ତ୍ରୀଠାରେ XXX
ଯୋଗୀମାୟା ଯୋଗୀଠାରୁ ଲୁଚଇକି ନାହିଁ
ବାକ୍ୟ ପ୍ରକାଶିଲେ ଦନ୍ତ ଲୁଚିକି ପାରଇ ।।
ଭାନୁ ଚିର ଲୁଚଇକି ଘୋଡ଼ାନ୍ତେ କୁହୁଡ଼ି
ଚନ୍ଦ୍ରମା ଲୁଚେନି ତାରା ଗଣ ହେଲେ ଘେରି ।।

Digitized by srujanika@gmail.com

ତୁଗୋ ଆମ୍ଭଠାରେ ଯେତେ ଲୁଚାଇବୁ ବାଳା
ତୁ ତ ନ କହୁଣୁ ତୋର ବସନ କହିଲା ॥

॥ ଚୌପଦୀ ॥

ବନେ ଯଦି କୁସୁମ ଫୁଟେ
ଭମର କେଣେ ନାଇଜାଣେ ଗୋ ॥ ପଦ ॥
ଏ ଦେହେ ହେଲେ ଭକ୍ତି ଜାତ, ହରି ନ ଜାଣେ ଅନ୍ତ
ଚିତ୍ତେ କଲେ ଦେବତା ସ୍ମରଣ
XXX ତତକ୍ଷଣେ ଗୋ ॥୧।
XXX ଲୁଚାଇ ଜଳ, ପାନ ଅବା କଲେ ....
XXX ଇକି ତା ଆଉ ଗତି
XXX ଏଣେ ଗୋ ॥ ୨ ॥

॥ ଲୀଳା ॥

ଏ ଉତ୍ତାରୁ ଯାହା ହେଲା ଶୁଣ ମନଦେଇ
ଜାଣିଲେ କୁସୁମବତୀ ହେଲେ ଯେମା ଦେଈ ॥
ପ୍ରୋଢ଼ା ମୃଦୁଶୂଳୀ ଆଗେ ଯାଇଣ କହିଲେ
ମୃଦୁଶୂଳୀ ଜଣାଇଲେ ପାଟରାଣୀ ତୁଲେ ॥
ଶୁଣି ପାଟ ଜଉତିଷେ ଡକାଇ ଆଣିଲେ
ମାସ ତଣ୍ଡୁଳରେ ସର ଘର ନିର୍ମାଣିଲେ ॥
ହୋମ କରି ଜଉତିଷ କଲା ସୁକଲ୍ୟାଣ
ତ୍ରିପୁର ମୋହିନୀ ଦେଲା ଯଥାବିଧି ଦାନ ॥
ଷଡ଼ ଦିନ ସର ଗୃହ ବିଧାନକୁ କଲେ
ସପ୍ତମ ଦିବସେ ଶୁଦ୍ଧ ସ୍ନାନକୁ ସାରିଲେ ॥
ନୃପତୀ ଦୁର୍ବାଶାକୁ ଯେ ଆଣିଲେ ଡକାଇ
ବୋଇଲେ ବିବାହଯୋଗ୍ୟ ହେଲା ଜେମାଦେଈ ॥
ଅନୁରୂପ ବର ଲୋଡ଼ି ଆଣ ବିପ୍ରବର
ତୁମ୍ଭଙ୍କୁ ଜଣାଅଛି ଯେ ତ୍ରିପୁର ଖବର ॥
ଦୁର୍ବାସା କହନ୍ତି ଭଲ ପାତ୍ରଥିବ ହୋଇ

Digitized by srujanika@gmail.com

ଉତ୍ତମ ବଂଶରେ ଜାତ ହୋଇଥିବ ସେହି ॥
ତ୍ରିପୁର ମୋହିନୀ ସମ ବର ମୁଁ ଆଣିବି
ମାତ୍ର ଏତେ ପ୍ରତିପାଳି ଥିବଟି ନୃପତୀ ॥
ମୋ ଆସିବା ଯାଏ ଆନ ବର ନ ବରିବ
ଏହି ବାଣୀ ଗୋଟିକି ହୃଦରେ ରଖିଥିବ ॥
ଶୁଣି ରାଜା ସିଉକାର କରି ପଠାଇଲେ
ଦୁର୍ବାସା ଅମୃତ ଲଗେ ଘରୁ ବାହାରିଲେ ॥

॥ ଚୌପଦୀ ॥

ବିହୀ ଘଟାଏ ଯାହା
ଆନ ବଳେ ମେଣ୍ଟି ହୁଏ କି ତାହା ॥ ଘୋଷା ॥
XXX ଚନ୍ଦ୍ରମା ରୂପ ମନୋରମା
XXX ଗଣ ନିର୍ମଳ କାୟା
XXX ପକ୍ଷେ ବଢୁଅଛି, ପକ୍ଷେ ଛିଡୁ ଅଛି
XXX ହୋଇବ ମାୟା ॥ ୧॥
କେଡ଼େ ତେଜସ୍କର ଅଟଇ ଭାସ୍କର
ଦୂରେ ଥାଇ ତାପ ନ ସହେ ହିଆ
ଛାର ରାହୁ ବଳେ ଗିଳିଦିଏ ହେଲେ
ତା' ମୁଖ ନ ଜଳେ ଆଶ୍ଚର୍ଯ୍ୟ ଏହା ॥ ୨॥
ମୁସ୍ତକିମ ଭଣି ସମୁଦ୍ରରୁ ପାଣି
ପାନ କରି ନୁହେ ଲାଗେ ଲୁଣିଆ
ସେ ପାଣି ଉର୍ଦ୍ଧ୍ୱକୁ ଯାଇ ତଳେ ପଡୁ
ସୁମିଷ୍ଟ ଭକ୍ଷଣେ ଆଚମ୍ଭିତ ୟା ॥ ୩ ॥

॥ ଲୀଳା ॥

ଶୁଣ ଶୁଣ ସଭାଜନେ ଶୁଣ ମନ ଦେଇ
ଛାଡ଼ିଥିଲା ଠାରୁ ପଦ ଗାଇବି ବୁଝାଇ ।
ଦୁର୍ବାସା ମହର୍ଷି ଗଲେ XXX
ହୃଦରେ ବିଚାରୁଛନ୍ତି XXX

Digitized by srujanika@gmail.com

ଚହିଁଛନ୍ତି ହରଗୌରୀ ତାହାଙ୍କ ନନ୍ଦନ
ଆଣି ବିଭା କରାଇବି ଏମନ୍ତ ପାଞ୍ଚଣ ।।
ଯାଉଛନ୍ତି ଏକା ହୋଇ ସେ ଋଷି ଶେଖର
ମନ୍ଦର ପର୍ବତରେ ନାରଦ ଯତିବର ।।
ଭେଟ ହେଲେ ବେନି ତପୋଧନ ଗିରି ଶିଖେ
ନାରଦ ପୁଚ୍ଛନ୍ତି କେଣେ ବିଜୟ କି କାର୍ଯ୍ୟେ ।।
ଦୁର୍ବାସା କହନ୍ତି ମେରୁଶୂଳ ନୃପମଣି
ତ୍ରିପୁର ମୋହିନୀ ବୋଲି ତାହାର ନନ୍ଦିନୀ ।।
ତାର ଅନୁରୂପ ବର ଲୋଡ଼ି ଯାଉଅଛି
ଶୁଣିଣ ପୁଚ୍ଛା କରନ୍ତି ସେ ନାରଦ ଋଷି ।।
କେଉଁଠାରେ ଅଛି ଅଟେ କାହାର କୁମର
ଶୁଣିଣ ଦୁର୍ବାସା ଦେଉ ଅଛନ୍ତି ଉତ୍ତର ।।
XXX ଯିବି ଯତି ବିଚାରି ଅଛଇ
XXX କୁ ଆଣି ବିଭା କରିବଇଁ ।।
XXX ବିଦ୍ୟାରେ ନିପୁଣ
XXX ଏ କନ୍ୟାକୁ ଜାଣ ।।
ଏତେ କହି ଦୁର୍ବାସା ସେଠାରୁ ଗଲେ ଚଳି
ନାରଦ ବିଜଏ ତହୁଁ ମେରୁଶୂଳ ପୁରୀ ।।
ବିନ୍ଧ୍ୟମାଳ ଦେଶେ ଯାଇ ପ୍ରବେଶ ହୋଇଲେ
ତ୍ରିପୁର ମୋହିନୀ ଥିବା ମନ୍ଦିରକୁ ଗଲେ ।।
ଦେଖିଲେ ତ୍ରିପୁର ମୋହିନୀର ରୂପ ଦୂରୁ
ସଖିମେଳେ ବସିଅଛି ସେ ନବ ରମ୍ଭୋରୁ ।।
ତାରା ମଧ୍ୟେ ଚନ୍ଦ୍ର ପରି ବିକାଶଇ ତେଜ
ଦେଖିଣ ସେ ଶୋଭା ଭାବୁ ଅଛନ୍ତି ନାରଦ ।।
କାର୍ତ୍ତିକ ଏହା ତୁଲରେ କେହ୍ନେ ହେବ ସମ
କେମନ୍ତ ପ୍ରକାରେ ତକାଇଲେଟି ରାଜନ ।।

Digitized by srujanika@gmail.com

।। ଚୌପଦୀ ।।

ଯାକୁ ଯେହ୍ନୁ ଭାର୍ଜନ
ତା' ବିନେ ନ ଦିଶେ ସୁନ୍ଦର ଆନ ।।
ତାରା ସଙ୍ଗେ କାହିଁ ଜୁଳୁଜୁଳା ଯୋନ
ହୋଇବଟି ସମାନ ।।
ସିଂହ ଶଶକର ତୁଳେ କି ସୁନ୍ଦର
ଶାଗଖିଆ ମୁଖେ ଶୋଭେ କି ପାନ ।।୧।।
ଯୁବାକୁ ଯୁବତୀ ହରେ ସିନା ମତି
ବୃଦ୍ଧା ଜର୍ବତ କି ଦିଶେ ଶୋଭନ ।।
ବନ୍ଧ୍ୟା ନାରୀ କୋଳେ ଘୋଷା ପୁଅ ଥିଲେ
ପାଏ କି ସୁନ୍ଦର ହୃଦରେ ଘେନ ।। ୨ ।।
ଚନ୍ଦ୍ରକିରଣରେ ଚନ୍ଦ୍ର ଉଦିଆଁର
ଆଲୁଅ ସୁନ୍ଦର ଦିଶେ କି ଜାଣ ।।
ମୁସ୍ତକିମ ଭାଷେ କୋଟି ହୋଲା ଦୀପ
ସୂର୍ଯ୍ୟ ସଙ୍ଗେ ଶୋଭା ପାଏ କି ପୁଣ ।। ୩ ।।

।। ଲୀଳା ।।

ଏ ଉତାରୁ ଯାହା ହେଲା ଶୁଣ ହୋଇ ସ୍ଥିର
ଦୁର୍ବାସା ଭେଟକୁ ତେଜି ବ୍ରହ୍ମାଙ୍କ କୁମର ।।
ନାରଦ ଋଷି ଯେ ନଣା ଗଲେ ତରତରେ
ପ୍ରବେଶ ହେଲେ ତ୍ରିପୁର ମୋହିନୀର ପୁରେ ।।
ନାରଦଙ୍କୁ ଦେଖିଣ ଯେ ତ୍ରିପୁର ମୋହିନୀ
ସାଷ୍ଟାଙ୍ଗେ ପ୍ରଣମି ଉଭା ହେଲା ଯୋଡ଼ି ପାଣି ।।
କେଣେ ବିଜେ କଲ ଋଷି ବୋଲି ପଚାରିଲା
କଲ୍ୟାଣ କରି କହନ୍ତି ବ୍ରହ୍ମାଙ୍କର ବଳା ।।
ଆଗୋ ରାଜଜେମା ତୋର ରୂପଯୋଗ୍ୟ ପତି
ମନେ ମନେ ଲୋଡ଼ୁଥିଲି ମିଳିଲାରୁ ସତୀ ।।
ତୋ ନିକଟ ଆସୁ ବାଟେ ମନ୍ଦର ପର୍ବତେ
ଦୁର୍ବାସା ଋଷିକି ଗୋ ଭେଟିଲି ସେହି ବାଟେ ।

Digitized by srujanika@gmail.com

ତୋର ପାଇଁ ଯାଉଛନ୍ତି ବର ଆଣିବାକୁ
ଭେଟ ହେଉଁ ପଚାରିଲି ମୁହିଁ ଦୁର୍ବାସାଙ୍କୁ ॥
ଦୁର୍ବାସା କହିଲେ ମେରୁଶୃଙ୍ଗ ନୃପବର
କନ୍ୟା ପାଇଁ ଯାଉଅଛି ଆଣିବାକୁ ବର ॥
ରାଜାଜ୍ଞା ମେଣ୍ଟନ ଅବା କେମନ୍ତେ କରିବି
ତେଣୁ କରି ଯାଉଅଛି ମନେ ମନେ ଭାବି ॥
ମୁଁ କହିଲି କାହାକୁ ହୋ କରିବ ବରଣ
ସେ କହିଲେ ହରଙ୍କ କୁମର ସଡାନନ ॥
ଆଗୋ ତ୍ରିପୁର ମୋହିନୀ ତାଙ୍କୁ ଜାଣିଛୁକି
ବାଳା ବୋଲେ କେହ୍ନେ ମୁଁ ଜାଣିବି ଦେବଯତି ॥
ଗ୍ରାମେ ଥିବା ବ୍ୟକ୍ତିଙ୍କର ଭାବ ତ ନ ଜାଣି
କେ ଧନୀ କେ ଗରିବ କେ କା' କୁମରମଣି ॥
ପିତାଙ୍କ ଚାକର ରୂପ ଗୁଣ ନ ଜାଣଇ
କୈଳାସ କାହିଁ ଅଛି ମୁଁ କର୍ଣ୍ଣେ ଶୁଣି ନାହିଁ ॥
ହର ଗଉରୀ ଅଦୃଶ ତାଙ୍କର କେ ସୁତ
କେହ୍ନୁ ସୁତା କେମନ୍ତେ ଜାଣିବି ହୋ ତପୋବନ୍ତ ॥
ତ୍ରିପୁର ମୋହିନୀ ବୋଲେ ଶୁଣ ଆହେ ଯତି
ଯାକୁ ଇଚ୍ଛା ପିତାଙ୍କର ଦେଇ ପାରନ୍ତିଟି ॥
ଶୁଣିଣ ନାରଦ କହି ଅକର୍ମ ତ ହେଲା
ତୁ ସିନା ନ ଜାଣୁ ତୋର ପିତା ଜାଣିଥିଲା ॥
ଜାଣି ଶୁଣି ଦେଖି ତାକୁ ବରିଛି କେସନ
ବିଧାତା ତୋ ପକ୍ଷେ ହୋଇଛି କି ବିଡ଼ମ୍ବନ ॥
କି ଅବା କର୍ମ ବିଫଳ ଅଟଇ ଗୋ ଜେମା
କର୍ମ ବଳୁ ଭୋଗହୁଏ ଭଲ ମନ୍ଦ ସିନା ॥

॥ ଚୌପଦୀ ॥

କରମେ ଯାର ଯାହା
ପ୍ରାଣୀ ଭୁଞ୍ଜଇ ତାହା ଗୋ ॥ ପଦ ॥
ଦେଖ ଯେ ଗରୁଡ଼ ପକ୍ଷୀ ମଧ୍ୟେ ବଡ଼

Digitized by srujanika@gmail.com

ମହା ଯୋଗାରୂଢ଼ ବିଷ୍ଣୁ ଯା' ସହ ।
ହରିଙ୍କ ଆସନ ଅମୃତ ଅସନ
ନ କରି ହେଲା ବେଙ୍ଗ, ସାପ ଖିଆ ଗୋ ॥ ୧॥
ଦେବୀ ମାହେଶ୍ୱରୀ ଅଟନ୍ତି ଗଉରୀ
ସିଂହ ପ୍ରତି ତାଙ୍କ ବିଶେଷ ଦୟା
ଯେ ସିଂହେ ବସିଣ ତ୍ରିପୁର ଭ୍ରମଣ
ସେ ସିଂହ ଆହାର ଗାବର ଛୁଆ ଗୋ ॥ ୨॥
ଦେବଙ୍କର ଦେବ ଯେ ଟି ମହାଦେବ
ମହା ବରଦାତା ଦୟାଳୁ ହିଆ
ତାଙ୍କୁ ଷଣ୍ଢ ବୋହି ତୃଣ ଯେ ଭଖଇ
କରମ ଦୁର୍ବଳୁ ଘଟାଏ ଏହା ଗୋ ॥ ୩ ॥
ଜଗତ କରତା ଅଟନ୍ତି ବିଧାତା
ତାଙ୍କୁ ହଂସ ବୋହେ ପାତିଣ ହିଆ
ମୁକ୍ତକି ବଦତି ଅମୃତ ନ ଭଖି (କ୍ଷି)
କର୍ମଯୋଗୁଁ ଘୋଲିଂ, ଜଂଗଲଖିଆ' ଗୋ ॥ ୪ ॥

॥ ଲୀଳା ॥

ଆଗୋ ତ୍ରିପୁର ମୋହିନୀ ଶୁଣ ଦେଇ ମନ
ଯାହାକୁ ତାତ ତୋର କରୁଛି ବରଣ ॥
ଦେଶ ଘୋଷ ନାହିଁ ଘରଦ୍ୱାର ନାହିଁ କିଛି
ପିତା ତା' ଲଙ୍ଗଳା ବ୍ୟାଘ୍ର ଚର୍ମ ପିନ୍ଧି ଅଛି ॥
ପାଞ୍ଚଟି ବଦନ ପୁଣ ପନ୍ଦର ନୟନ
ବଳଦେ ବସି ଡମ୍ବରୁ ବାଏ ରାତ୍ରଦିନ ॥
ମାତା ଅସୁନ୍ଦରୀ ଅଛି ଆଠ ଗୋଟି ହାତ
ବ୍ୟାଘ୍ର ଗୋଟିକରେ ବସେ ଶୁଣ ଆଗୋ ମାତ ॥
ଭାଇଟିର ହାଥୀ ମୁଣ୍ଡ ଚାରି ଗୋଟି ଭୁଜ
ମୂଷିକ ଗୋଟାଏ ତାର ବାହନ ଗୋ ବୁଝ ॥
ଯେହୁ ତୋର ପତିପଦେ ହୋଇଛି ବରନ
ଛଅ ଗୋଟି ମୁଣ୍ଡ ଅଛି ବାରଟି ନୟନ ॥

Digitized by srujanika@gmail.com

ତା'କୋଳେ ବସିବୁ ଯେତେବେଳେ ଆଗୋ ସତୀ
ମୁଁ ଜାଣୁଛି ଡ଼ରେ ବୁଜି ହେବ ତୋର ଆଖି ॥
କେବଣ ମୁଖରେ ମାତ ଦେବୁଟି ଚୁମ୍ବନ
ମୟୁର ପକ୍ଷୀ ଗୋଟିକେ ବସଇଟି ପୁଣ ॥
ମୁଁ ଯାହାକୁ ତୋର ଯୋଗ୍ୟ କରିଅଛି ଠାବ
ଦେଖ ବୋଲି ଚିତ୍ରପଟ ଫେଡ଼ିଲେ ନାରଦ ॥
ଏ ଦ୍ୱାରକାପୁର ରାଜପୁତ୍ରଙ୍କର ରୂପ
ନାମ ଗୋଟି ପଦ୍ମନ ଏ ତୋର ଅନୁରୂପ ॥
ଦ୍ୱିତୀୟ କନ୍ଦର୍ପ ପରି ଦିଶଇ ସୁନ୍ଦର
ବେଦବେଦାନ୍ତ ଜ୍ଞାନରେ ଦ୍ୱିତୀୟ ବେଦବର ॥
ବଳିଷ୍ଠରେ ବଳି ସମ ଅଟଇଟି ଜାଣ
ଧନୁର୍ଦ୍ଧର ପଣେ ଅଟେ ଅର୍ଜୁନ ସମାନ ॥
ବୁଦ୍ଧିରେ ଗଣେଶ ଜ୍ୟୋତିଷରେ ବୃହସ୍ପତି
ଅଶ୍ୱାରୋହୀ ସୂର୍ଯ୍ୟ ପରି ଭୈରବ ପରି ଗତି ॥
ଗଦା ବିଦ୍ୟାରେ ଭୀମର ପରାଏ ଗୋ ମାତ
ବୋଲି ଚିତ୍ରପଟ ଦେଖାଇଲେଟି ନାରଦ ॥

॥ ଚୌପଦୀ ॥

ଏ ନାଗରବର, ଅଟେ କାହା କୁମର
ନ ଥିଲେ ନ ଥିବେ ନାହାନ୍ତି ନୋହିବେ
ନେତ୍ରେ ଦେଖା ଚଉଦ ଭୁବନର ॥ ପଦ ॥
କରୀ କର ଜିଣି ସୁନ୍ଦର କର,
ନବରତ୍ନ ମୁଦି କି ମନୋହର
ଗୋ କି ମନୋହର
ଶରଦ ରାକାର ନିଷ୍କଳଙ୍କାକାର
ଶଶି ଦରପଣ ମୁଖ ସୁନ୍ଦର ॥ ୧ ॥
ହୃଦେ ହାରମାନ କି ମନୋରମ ଗୋ କି ମନୋରମ
ଚନ୍ଦ୍ରକୋଳେ ଯଥା ନକ୍ଷତ୍ର ଗଣ
ତେମନ୍ତ ଶୋଭନ ଦିଶଇଟି ପୁଣ ॥ ୨ ॥

Digitized by srujanika@gmail.com

କବି ମୁସ୍ତକିମ ଭାଷଇ ରସେ ଗୋ ଭାଷଇ ରସେ
ଯେ ମଣାଇଥିବ ଶିବା ମହେଶେ ।
ଲଭିବ ସେ ହୃଦେ ବାଳା ଭୁଜମାଳା
ଛନ୍ଦି କାମ ତାପୁ ହୋଇବ ପାର ॥ ୩ ॥

॥ ଲୀଳା ॥

ଏ ଉତାରୁ ଯାହା ହେଲା ଶୁଣ ଏକ ଲୟେ
ଚିତ୍ରପଟ ଫେଡ଼େ ବାଳା ହୋଇଣ ନିର୍ଭଏ ॥
ବନ୍ଧନ ଫେଇ ଚାହିଁଲା ପଦ୍ମନ ମୂରତୀ
ଅଚେତା ହୋଇଲା ଶୋଭା ଦେଖିଣ ଯୁବତୀ ॥
ଦାସୀଗଣେ ତାକୁ କୋଳେ ଆଉଜି ଧଇଲେ
ପୁଣ ପୁଣ ଚିତ୍ର ଚାହେଁ ମନର ବିହ୍ୱଳେ ॥
ନାରଦଙ୍କୁ ପୁଛେ ପୁଣି ତ୍ରିପୁର ମୋହିନୀ ॥
ସତ କହ ନାରଦ ୟା ଦେଶ, ତାତ ପୁଣି ॥
ନାରଦ କହନ୍ତି ବାଳୀ ଶୁଣ ଦେଇ ମନ
ମର୍ତ୍ତ୍ୟପୁରେ ଦ୍ୱିତୀୟ ସ୍ୱର୍ଗେ ଦ୍ୱାରକା ଭୁବନ ॥
ତହିଁ ରାଜତ୍ୱ କରନ୍ତି ରାମକୃଷ୍ଣ ଜାଣ
ଏ ପଦ୍ମନ ବୀର ଅଟେ ତାହାଙ୍କ ନନ୍ଦନ ॥
ତ୍ରିପୁର ଚତୁର୍ଦ୍ଦଶ ଭୁବନେ ଧନେ ମାନେ
ନାହାନ୍ତି ନୋହିବେ କ୍ଷତ୍ରୀ ପଣରେ ସମାନେ ॥
ଭାଗ୍ୟଥିଲେ ହୋଇବୁ ଗୋ ୟାର ପାଟରାଣୀ
କହେ ତ୍ରିପୁର ମୋହିନୀ କେତେ ଦୂର ପୁଣି ॥
ନାରଦ କହନ୍ତି ଅଛି ମାସକର ପଥ
ଦୂରଦେଶ ଶୁଣି ବାଳି ହେଲା ଆଚମ୍ବିତ ॥
ପୁଚ୍ଛିଲା ନାରଦ ଯତି ପାଦେ ପଡ଼ି ଶୋଇ
କୈଳାସ ଏଠାରୁ କେତେ ଦୂର ତପୀ ସାଇଁ ॥
ଋଷି କହନ୍ତି କୈଳାସ ଅଟଇ ନିକଟ
ଅଧିକ ହୋଇଲେ ହେବ ଆଠ ଦିନ ବାଟ ॥
ଦ୍ୱାରିକା ଯିବା ଆସିବା ହେବ ଦୁଇ ମାସ

Digitized by srujanika@gmail.com

ଶୁଣି ତ୍ରିପୁର ମୋହିନୀ ଛାଡ଼େ ଦୀର୍ଘ ଶ୍ୱାସ ॥
କେମନ୍ତ ଲଭିବି ଏହି ପତି ବୋଲି କହେ
ନାରଦ କହନ୍ତି ତୁ ଗୋ ରହ ନିସନ୍ଦେହେ ॥
କରଯୋଡ଼ି ତ୍ରିପୁର ମୋହିନୀ କହେ ଧିରେ
ସତେ କି ପୁରୁଷଛନ୍ତି ଏମନ୍ତ ପ୍ରକାରେ ॥
ହେ ଋଷି ଶେଖର ଘେନ ମୋର ନିବେଦନ
ଆଜିକ ମଧ୍ୟରେ ଯାଇ ଏ ନାଗରେ ଆଣ ॥
ନ ପାଇଲେ ଭେଟ ଜୀବ ଘଟେ ନ ରଖିବି
ନିଶ୍ଚୟ କରୁଛି ସତ୍ୟ ଜହର ଭକ୍ଷିବି ॥
ନାରଦ କହନ୍ତି ବାଳା ନ ହୁଅ ଆତୁର
ଧିର ହେଲେ କାର୍ଯ୍ୟସିଦ୍ଧି କରଇଟି ନର ॥
ଧିର ପାଣି ପଡ଼ି ପାଷାଣକୁ କରେ ଭେଦ
ଧିରେ ତପକଲେ ଗୋ ଲଭନ୍ତି ମୋକ୍ଷପଦ ॥
ଧିରେ ଧିରେ ବିଦ୍ୟା ପଢ଼ି ମୂର୍ଖ ହୁଏ ଜ୍ଞାନୀ
ଧିରେ ଧିରେ ସଞ୍ଚି ଧନ ଦୀନ ହୁଏ ଧନୀ ॥
ଆଜି ଭେଟ ପାଇଁ ଯେମା କରୁ ତୁ କଟାଳ
ମାସକର ପଥ ଅଛି ଦ୍ୱାରାବତୀ ପୁର ।
ଶୁଣି ତ୍ରିପୁର ମୋହିନୀ ଦୀର୍ଘ ଶ୍ୱାସ ଛାଡ଼ି
ଏକାବେଳେ ଚିନ୍ତା ଚିତାନଳ ଦେଲା ପୋଡ଼ି ॥
ସୁନ୍ଦରୀର ମନ ଭାବ ଜାଣି ଋଷି ଭାଷି
ନ ହୁଅ ବିସ୍ମିତ ମନେ ଆଗୋ ବୀଣାଭାଷୀ ॥
ଆଜି ଯାଇ କାଲି ନିଶ୍ଚେ ଭେଟାଇବି ବର
ଏତେ କହି ଚଳିଲେ ନାରଦ ତପିବର ॥
ମୁଁ ମନଯାନରେ କ୍ଷଣକର ମଧ୍ୟେ ବାଳୀ
ତ୍ରିପୁର ଭ୍ରମିଣ ମାତ ଆସିବଇଁ ଚାଲି ॥
ଶୁଣି ପାଦେ ଶୋଇ କର ଯୋଡ଼ି ଗଦଗଦେ
ନୋହିଲେ ପତି ପରାଣ ନ ରଖିବି ହାଦେ ॥
ନାରଦ କହନ୍ତି ତୁ ଗୋ ନ ହୁଅ ଆକୁଳ
ନିଶ୍ଚେ କାଲି ଭେଟାଇବି ଶ୍ରୀକୃଷ୍ଣ ଦୁଲାଳ ॥

Digitized by srujanika@gmail.com

ଏତେ କହି ତପୀ ସାଇଁ ତହୁଁ ଚଳିଗଲେ
ତ୍ରିପୁର ମୋହିନୀ ପଡ଼ି ପତି କାମଜଳେ ॥
ଆକୁଳେ ଦେବୀଙ୍କୁ କରଯୋଡ଼ି ସ୍ତୁତି କରେ
ମାହେଶ୍ୱରୀଙ୍କୁ ଜଣାଏ ଚୌପଦୀ ଛନ୍ଦରେ ॥

॥ ଚୌପଦୀ ॥

ଜୟ ଗୋ ମାତ ଜୟ ଜୟ ସିଂହ ବାହିନୀ ଗୋ
ତ୍ରିପୁର ଚଉଦ ଭୁବନ ରକ୍ଷଣୀ
ଆର୍ତ୍ତୀ ଆର୍ତ୍ତହନ୍ତା ତୁ ନାରାୟଣୀ ଗୋ ॥ ପଦ ॥
ସତ୍ୟଯୁଗେ ଦେବୀ ତୋର ପାଦେ ସେବି
ଦେବେ ଜଣାଇଲେ ହୋଇ ଦଇନି ମାଁ ହୋଇ ଦଇନି
ସେ କଷ୍ଟ ନ ସହି କାଳୀ ରୂପେ ତୁହିଁ
ମୈଷା ନାଶ କଲୁ ଆୟୁଧ ଘେନି, ଅଭୟଦାନୀ, ଭୟନାଶିନୀ
ସେଦିନୁ ତୋ ନାମ ମୈଷା ମର୍ଦ୍ଦିନୀ ଗୋ ॥ ୧ ॥
ତ୍ରେତୟା ଯୁଗେଣ ଲଙ୍କେଶ୍ୱରୀ ନାମ
ଲଙ୍କାପୁରେ ଥିଲୁ ଗୋ କାତ୍ୟାୟିନୀ ମାଁ ଗୋ କାତ୍ୟାୟିନୀ
ମୁକ୍ତକି ବଦତି ରାମଙ୍କ ବିପତ୍ତି କାଳେ ତୋତେ ଚିନ୍ତିଲେ ରଘୁମଣି
ସେ ଆର୍ତ୍ତ ଶୁଣି, ହେଲୁ କାରେଣୀ
ରାମ ଶରେ ମରାଇଲୁ ରାବେଣୀ ଗୋ ॥ ୨ ॥

॥ ଲୀଳା ॥

ଏଥୁଅନ୍ତେ ଯାହା ହେଲା ଶୁଣ ହୋ ବିଦୁଷେ
ତେଣେ ମନଯାନେ ଋଷି ଗଲେ ଶୂନ୍ୟ ପଥେ ॥
ଏଣେ ତ୍ରିପୁର ମୋହିନୀ ଚିନ୍ତା ଗୁରୁତର
ଅଥୟ ମନ ବାଳାର ନୁହେ କ୍ଷଣେ ଥିର ॥
ଦେବାଦେବୀମାନଙ୍କୁ ଯେ ଭୋଗ ମନାସଇ
ପଦ୍ମନ କୁମରେ ପତି ବରଦିଅ କହି ॥
ଦ୍ୱାରକାରେ ପ୍ରବେଶ ହୋଇଲେ ଋଷିବର
ବିଜୟେ କରିଲେ ଯାଇ ପଦ୍ମନ ମନ୍ଦିର ॥

Digitized by srujanika@gmail.com

ସୁବେଶ ଶେଷ ହେବାର କାଳେ ଋଷି ଗଲେ
ରେ ବାବୁ ପଦ୍ମନ ବୋଲି ନାରଦ ଡାକିଲେ ॥
ସୁବେଶ ହୋଇ କୁମରମଣି ଅଛି ବସି
ମିଳିଲେ ନିକଟେ ଯାଇ ସେ ନାରଦ ଋଷି ॥
ଶୁଣିଣ ପଦ୍ମନ ବୀର ଧଡ଼ପଡ଼ ହୋଇ
ଦେହଳିକୁ ଆସି ଦେଖେ ଉଭା ଋଷି ସାଇଁ ॥
ଦେଖିଣ ଦଣ୍ଡପ୍ରଣାମ କଲାକ ପଦ୍ମନ
ବେନି ହସ୍ତ ଟେକି ମୁନି କଲେ ସୁକଲ୍ୟାଣ ॥
ଆସନରେ ବସାଇଲା ବେନି କର ଯୋଡ଼ି
ମନ୍ଦ ମନ୍ଦ ହସି ଋଷି ଚରଣରେ ପଡ଼ି ॥
ସୁକଲ୍ୟାଣ କଲେ ଚିରଜୀବୀ ସୁଖ ଭୋଗ
ଚିରାୟୁ ହୋଇ ନବ ବିଳାସ କର ଭୋଗ ॥
ମୃଗଚର୍ମ ଆସନକୁ ପୋଛି ବୀରମଣି
ଦାଢ଼ି ନିଶ ଆଉଁଷିଣ ବସିଲେକ ମୁନି ॥
କେଣେ ବିଜେ କରିଥିଲ ବୋଲି ପଚାରିଲା
ଧନ୍ୟ ମୋର ଭାଗ୍ୟ ଯତି ଦ୍ରଶନ ମିଳିଲା ॥
ପଦ୍ମନ ପୁଚ୍ଛଇ ଉଭା କରପତ୍ର ଯୋଡ଼ି
ଏଥେ କେହ୍ନେ ବିଜେ ଯତି ସ୍ୱର୍ଗପୁର ଛାଡ଼ି ॥
ନାରଦ କହନ୍ତି ବାବୁ ଶୁଣରେ ପଦ୍ମନ
ପର ଉପକାରେ ଆମ୍ଭେ ବୁଲୁ ରାତ୍ରଦିନ ॥
ବିନ୍ଧ୍ୟମାଳ ବୋଲି ଏକ ନଗ୍ର ଅଛି ଜାଣ
ତହିଁର ନୃପତି ମେରୁଶୃଙ୍ଗ ବୋଲି ଜାଣ
ଧନେ ମାନେ ବଳେ ରଣେ କେହି ନୁହେ ସମ
ତ୍ରିପୁରରେ ଜିଣିବାରେ କେହି ନାହିଁ ନାମ ॥
ମାଳତୀ ବୋଲିଣ ଅଟେ ତାର ମନୋହାରୀ
ଇନ୍ଦ୍ରାୟଣୀ ପରି ଶୋଭାବତୀ ସେ ସୁନ୍ଦରୀ ॥
ତାର ଗର୍ଭୁଜାତ ଏକ ହୋଇଛି ଦୁଲାଳୀ
ତ୍ରିପୁର ମୋହିନୀ ନାମ ଅଟଇ ସେ ବାଳୀ ॥
ବୟସ ପନ୍ଦର ହେବ ସେ ଟୁକି ଉମର
ତାର ଅନୁରୂପେ ନାହିଁ ତିନିପୁରେ ବର ॥

Digitized by srujanika@gmail.com

ଆମ୍ଭ ବିଚାରରେ ତେଣୁ ଆସିଛୁ ତୋ ପୁର
ଚାଲ ବାବୁ ଆଣିବାଟି ସେହି ନାରୀବର ॥

॥ ଚୌପଦୀ ॥

ବାମା ସମାନେ ଆନ କେ ନୋହିଥିଲେ ନୋହିବେ ଗୋ ॥ ପଦ ॥
ଇନ୍ଦ୍ରଧନୁ ଖଣ୍ଡ ଜିଣି, ଦିଶି ତା' ଭ୍ରୂଲତା ଠାଣି
ଚତୁର୍ଥୀ ଚନ୍ଦ୍ର ଲଲାଟେ ସମ ନୋହି ହାରିବେ ଗୋ ॥ ୧ ॥
ଭକ୍ଷହୀନ ପକ୍ୱ ବିମ୍ୱ, ଓଷ୍ଠକୁ ତୁଳ ନୋହିବ
କୋରକଜିତ ଦଶନ ହାସ ଚିତ୍ତ ମୋହିବ ଗୋ ॥ ୨ ॥
ନାସା ଶୁକ ତିଳ ଫୁଲ, ତୁଳେ କି ତୁଳନା ଛାର
ବାଣୀକୁ ବୀଣା ଅସମ, ଧନ୍ୟ ଗଢ଼ା ଦଇବ ଗୋ ॥ ୩ ॥
ଚଂପା, ସୁନାରୀ, କେତକୀ, ଅସମ ହେବେ କାନ୍ତି କି
ମୁସ୍ତକି କହେ ହଟକ ଛଟକ ତନୁ
ନେତ୍ର ହୋଇବ ଅଟକ ଗୋ ।୪।

॥ ଲୀଳା ॥

ଏଥୁ ଅନ୍ତେ ଶୁଣ ଆହେ ସୁଜ୍ଞାନୀ ପଣ୍ଡିତ
ପଦ୍ମନ କୁମର ସର୍ବ ବିଦ୍ୟାରେ ମଣ୍ଡିତ ॥
ନାରଦ ମୁଖୁ ପ୍ରଶଂସା ଶୁଣିଣ ପଦ୍ମନ
କହଇ କିପରି ବିଚାରିଲେ ତପୋଧନ ॥
ଆମ୍ଭେ କ୍ଷତ୍ରୀୟ କୁମର ସେ ଅସୁର ସୂତା
ଅସୁର ହୁଅଇ ସିନା ଅସୁରୀ ଯୋଗ୍ୟତା ॥
ସେ ଅସୁର ସୂତା ମୁନୀ ଅଟଇ ଅସୁରୀ
ବିଭାକୁ ଅଯୋଗ୍ୟ ଯେତେ ଥିଲେ ହେଁ ସୁନ୍ଦରୀ ॥
ବ୍ରାହ୍ମଣ ଦୁହିତା ବିପ୍ର ବିଭା ପାଏ ଶୋଭା
କ୍ଷତ୍ରୀୟ କ୍ଷତ୍ରିଆଣୀର ବିଭା ସିନା ଶୋଭା ॥
ବୈଶ୍ୟଗୃହେ ବୈଶ୍ୟ ସିନା ବିବାହକୁ ଯୋଗ୍ୟ
ଶୁଦ୍ରାଣୀର ପତି ସିନା ଶୁଦ୍ର ଯେ ହୋଇବ ॥
ଆନ ଆନ ଜାତି ବିବାହକୁ ନ ଯୋଗାଇ

Digitized by srujanika@gmail.com

ମୋତେ କହ ମୁନିବର ବିଭା ହେବା ପାଇଁ ।।
ଅସୁରୀ ଅସୁର ବିବାହକୁ ସିନା ଶୋଭା
ଆହେ ତପିବର ଏଥୁ ମୋତେ କ୍ଷମା ଦେବା ।।
ଶୁଣିଣ ନାରଦ ମନେ କରନ୍ତି ବିଚାର
ଭଲା ବେଦ ଶୁଣାଇଲା ଏ ବାଳୁତ ଛାର ।।
ଶାସ୍ତ୍ରର ବିଧାନ ମୋତେ ବୁଝାଇଲା ଖର
ତ୍ରିପୁର ମୋହିନୀକୁ ମୁଁ କରି ବଳାତ୍କାର ।।
ବର ଆଣିବାକୁ ବୋଲି କରିଛି ପ୍ରତିଜ୍ଞା
ମୋର ବୋଲକୁ କୁମର କଲାକ ଅବଜ୍ଞା ।।
କି ବୋଲିବ ମୋତେ କନ୍ୟା ଦେବି କି ଉତ୍ତର
ଏତେ ବୋଲି ଯୁକ୍ତି ତର୍କ କହେ ତପିବର ।।

ଶୁଣରେ ପଦ୍ମନ ଧର୍ମଶାସ୍ତ୍ରର ବିଧାନ
ନୀଚେ ଭଲ ବିଦ୍ୟା ଥିଲେ ଶିଖିବ ସୁଜନ ।।
ନୀଚ ସ୍ଥଳେ ରତ୍ନ ଥିଲେ ଆଣିବ ଉଚିତ
ଏ ରମଣୀ ରତ୍ନ ଏଥି କରୁ କିଆଁ ଭିତ ।।
ନୀଚ ଯଦି ରତ୍ନହାର ଗଳେ ପିନ୍ଧିଥିବ
ସେ ହାର ବିକିଲେ ଉଚ୍ଚ ନିଏ ଜାଣ ଧ୍ରୁବ ।।
କୁସ୍ଥାନରେ ସୁନ୍ଦରୀ ରମଣୀ ଯଦି ମିଳେ
ଦୋଷ ଏଥି ନାହିଁ ବାବୁ ଧର୍ମଶାସ୍ତ୍ର ବୋଲେ ।।

ପଦ୍ମନ କହି ଆଣନ୍ତି ବୋଲରେ ତୁମ୍ଭର
ଆମ୍ଭ ଜାତିବନ୍ଧୁ ଆଜ୍ଞା କରିବେ ଅନ୍ତର ।।
ତୁମ୍ଭେ ଯାହା ବଖାଣିଲ ସବୁ ସତ ଋଷି
ସାମାଜିକ ଭାବେ ଭାବ ହେବି କି ନା ଦୋଷୀ ।।
ଆମ୍ଭେ ତ କ୍ଷତ୍ରୀୟ ମୁନି ସେ ଅଟେ ଅସୁର
ଆଣିବଇଁ ତା ଦୁହିତା ବୋଲରେ ତୁମ୍ଭର ।।
ଆମ୍ଭ ଜାତିବନ୍ଧୁ ମୋତେ ଅନ୍ତର କରିବେ
ଅଜାତି ଅପଖ୍ୟାତି କି ଦେବାକୁ ଡରିବେ ।।

Digitized by srujanika@gmail.com

ଜଗତରେ ନିନ୍ଦାମାତ୍ର ହୋଇବ ଘୋଷଣା
ଜନମୁଖେ ଧିକ ବନ୍ଧୁ ବାନ୍ଧିବେ ଦୂଷଣା ॥

ନାରଦ କହନ୍ତି ବାବୁ ତୁମ୍ଭର ପିଅର
ଜମ୍ବବତୀ କି ଆଣିଛି ଝିଅ ଭଲ୍ଲୁକର ॥
ନୁହଇ ବ୍ରାହ୍ମଣ କ୍ଷତ୍ରୀ ବୈଶ୍ୟ ଶୂଦ୍ର ନର
ତା' ଦୁହିତା ନୁହଇ କି ଜନନୀ ତୁମ୍ଭର ॥
ତୁମ୍ଭ ପିତା ନୁହଇ କି ଗଉଡ଼ରେ ପେସା
ମାତାମାନେ ତୁମ୍ଭର କି ସର୍ବେ କ୍ଷତ୍ରୀ ଯୋଷା ॥

ଏତେ କହି ଚିତ୍ରପଟ ମୁଣିରୁ କାଢ଼ିଲେ
ପଦ୍ମନ ହାତରେ ତା' ନାରଦ ଋଷି ଦେଲେ ॥
ବାବୁ ଦେଖ ଏ ରମଣୀ ରୂପ ମନୋହର
ଦେଖିଲେ ଅଧୈର୍ଯ୍ୟ ହେବେ ବ୍ରହ୍ମା ବିଷ୍ଣୁ ହର ॥
ଏତେ ବୋଲି ଚିତ୍ରପଟ ଦେଲେ ପଦ୍ମନକୁ
ଦେଖୁ ଦେଖୁ ମାର ସର ମାରେ ମରମକୁ ॥
ରୂପ ଦେଖି ପଦ୍ମନର ଚିତ୍ତ ହେଲା ଭ୍ରମ
କାମେ ଅସାଷ୍ଟମ ଝାଳ ବହେ ଘମ ଘମ ॥
ଧନ୍ୟରେ ରମଣୀ ବୋଲି କରଇ ପ୍ରଶଂସା
ନୟନ ନ ପିଛାଡ଼ଇ ଦେଖି ଚିତ୍ରେ ଯୋଷା ॥

॥ ଚୌପଦୀ ॥

ଏ ରମଣୀମଣି ରାମା
ରାମା ହୋଇଛି ବେଶ
ସ୍ୱର୍ଗ ଅପକ୍ଷରୀ ତୁଲେ ନୋହେ ସରି
ରୂପ ଦେଖି ଭୁଲିଯିବେ ମହେଶ ॥ ପଦ ॥
ମଥା ପରେ ମଥାମଣି ଶୋଭଇ, ହେମ ପ୍ରଜାପତି ଖୋଷାରେ ଶୋହି
ଶିରରେ ସୀମନ୍ତୀ, ପାଟ ଡୋରେ ଗୁନ୍ଥି
ତା ଝଟକ ନିନ୍ଦୁଅଛି ବିଦ୍ୟୁତ୍ ॥ ୧ ॥

Digitized by srujanika@gmail.com

କର୍ଣ୍ଣରେ କାପ ଗଣ୍ଡିଆ ଯେ ଝଲକା, ମାର ରଣକାଳେ ମାଡ଼ିବ ଉକା ।
ନାସେ ଘୋଣା ଦଣ୍ଡି ନୋଥ ଅଛି ମଣ୍ଡି
ଝୋଲର ଟିକିଲି ଲଲାଟ ଦେଶ ॥ ୨ ॥
ଗଳେ ନବରତ୍ନ ହାର ଶୋଭନ, ନିଷ୍କଳଙ୍କ ଶଶି ଜିଣି ବଦନ
ଉରଜ କୋରକ ଫଳ ପ୍ରାୟେ ଉଚ୍ଚ
ମନ ନେତ୍ର ବାନ୍ଧି ରଖିବା ବାସ ॥ ୩ ॥
ବାଳ ମୁସ୍ତକିମ ଭାଷଇ ଦେଖ, କ୍ଷଣେ ପିଛାଡ଼ି କେ ପାରିବ ଆଖି
ଯତି ମତି ହେଲେ ବାଳାକୁ ଚାହିଁଲେ
କାମ କରତିବ ତା' ଅଙ୍ଗ ଦେଶ ॥ ୪ ॥

॥ ଲୀଳା ॥

ମୁନିଙ୍କୁ କହଇ ବୀର ପାଦ ତଳେ ପଡ଼ି
ଆହେ ମୁନିବର ମୁଁ ଜଣାଏ କର ଯୋଡ଼ି ॥
କେମନ୍ତେ ଲଭିବି ଏହି ରମଣୀ ରତନ
ଏଥିପାଇଁ ମୋ ନିମନ୍ତେ କର ହେ ଯତନ ॥
ଚିତ୍ରପଟ ଦେଖି ବୀର ହେଲା ଅସାକ୍ଷମ
ପ୍ରବୋଧ କରନ୍ତି ତାକୁ ବ୍ରହ୍ମାଙ୍କ ନନ୍ଦନ ॥

ଧଇର୍ଯ୍ୟ ଧର ପଦ୍ମନ ଯିବି ବାଳା କତି
ଆସିବଇଁ ତୋତେ ନେଇ ହେଲେ ତା' ସମ୍ମତି ॥
ନାରଦ କହନ୍ତି ବାବୁ ଶୁଣରେ ପଦ୍ମନ
ସେ କନ୍ୟା କରିବ ତୋତେ ଦେଖିଲେ ବରଣ ॥

ପଦ୍ମନ କହଇ ମୁନି ଶରଣ ତୁମ୍ଭର
ନିକଟେ ଭେଟ ନୋହିଲେ ଏ ରମଣୀବର ॥
ହର ଆହାର ଖାଇବି ସତ୍ୟ ସତ୍ୟ ସତ୍ୟ
ଏତେ କହି ବୀରମଣି ହୋଇଲା ମୂର୍ଚ୍ଛିତ ॥
କମଣ୍ଡଳୁ ସିଞ୍ଚି ଜଳ ଚେତାଇ ନାରଦ
ଗଦଗଦରେ ପଦ୍ମନ ଧରେ ଋଷିପାଦ ॥

Digitized by srujanika@gmail.com

ନ ହୁଅ ଆତୁର ବାବୁ ଚାଲ ମୋର ସାଥେ
ଶୁଣିଣ ପଦ୍ମନ ବୀର ବସି ଏକ ରଥେ ॥
କିନ୍ତୁ ଶୂନ୍ୟପଥେ ରଥ ଚଞ୍ଚଳ ତୁ ନିଅ
ଡେରି କଲେ ନ ପାଇବୁ ଦୃଢ଼ ବୁଝିଥାଅ ॥
ଶୁଣିଣ ବୀର ରଥେକ ଚଢ଼ି ଖରେ ଗଲା
ଆଗେ ମନଯାନେ ଚଢ଼ି ଯାନ୍ତି ବ୍ରହ୍ମାବଳା ॥

॥ ଚୌପଦୀ ॥

ଜୟ ଜଗତ ଜନନୀ ଜଗଦମ୍ବେ
ତ୍ରିପୁରେଶ୍ୱରୀ ମାତ ତ୍ରିପୁରେଶ୍ୱରୀ
ଜୟ ଜଗତ ଜନନୀ ଜଗଦମ୍ବେ ॥ ଘୋଷା ॥
ଦଶ ଭୁଜେ କାତି, ଖଡ୍‌ଗ, ଖଣ୍ଡା, ଶୂଳ, କଟାରୀ
ତ୍ରିଶୂଳ କୋଦଣ୍ଡ କାଣ୍ଡ ଲାଙ୍ଗିଆଧାରୀ ॥ ୧ ॥

ଯେ ଯାହା ବାଞ୍ଛଇ ତାହା ତୁହିଁ କରୁ ପୂରଣ
ମହାଶାୟୀ, ବରଦାୟୀ, ଆର୍ତ୍ତୀ ଉଦ୍ଧାରଣ ॥ ୨ ॥

ମୁସ୍ତକି ଭାଷ ନିରାଶ, ନ କରୁ ତୁ କାହାକୁ
ସଙ୍କଟ ମୋଚନ କର ସଙ୍କଟହାରୀ ॥ ୩॥

॥ ଲୀଳା ॥

ଆହେ ସଭାଜନେ ମୋର ନ ଘେନିବ ଦୋଷ
ଏ ଅଟଇ ବନପର୍ବ ଭାରତର ରସ ॥
ମୁଁ ଛାର ବାଳୁତ କିସ କହିବି ବିଚାରି
ଅସମ୍ଭବକୁ ସମ୍ଭବ ସକ୍ଷଟି କାହାରି ॥
ନଈ ବାଲି ନକ୍ଷତ୍ରକୁ ନର ହୋଇ କରି
ଗଣି ନ ପାରଇ ଆଜ୍ଞା ବୁଝ ଦୟାକରି ॥
ଆକାଶକୁ ନିଶୁଣି କେ ପକାଇ ପାରିବ
ଟେକା ଫିଙ୍ଗି ଧୂଳି ଛାଟି ସୂର୍ଯ୍ୟେ କେ ଢାଙ୍କିବ ॥

Digitized by srujanika@gmail.com

ଏ ଅଗାଧ ସମୁଦ୍ର ଯେ ଅଟଇ ଭାରତ
ଏହା ଜାଣିବାକୁ ମୁହିଁ ଛାର କି ସମର୍ଥ ॥
ଏ ତ ଅଗାଧ ସାଗର ନାହିଁ ଏହା ସ୍ଥଳ
ସଂକ୍ଷେପ ଭାବରେ କିଛି କହୁଛି କେବଳ ॥
ଦୋଷ ଥାଇପାରେ ଏଥି ଅପାରୁ ଅପାର
ଶରଣ ପଶୁଛି ବାଳ ଦୋଷ କ୍ଷମାକର ॥
ଏ-ଉତ୍ତାରୁ ଯାହା ହେଲା ଶୁଣ ଚିତ୍ତ ସ୍ଥିରେ
ଛାଡ଼ି ପଦ୍ମନକୁ ଋଷି ପ୍ରବେଶିଲେ ଧୀରେ ॥
ଦେବୀ ମନ୍ଦିରେ ପୂଜନ କରଇ ସୁନ୍ଦରୀ
ପଦ୍ମନକୁ ବର ଦିଅ ଆଗୋ ମାହେଶ୍ୱରୀ ॥
ତେଣେ ଦୁର୍ବାସା ମହର୍ଷି କପିଳାସ ଯାଇ
ବରିଲେ କାର୍ତ୍ତିକକୁ ବରଣମାଳା ଦେଇ
ଦୁର୍ବାସା ସହ ବିଷୟ ସେ କାର୍ତ୍ତିକେଶ୍ୱର
ମେରୁଶୂଳ ଦେଖି ତାଙ୍କୁ କରାଇ ବେଭାର ॥
ଜୁଆଇଁ ବରଣ ରୀତି ଅନୁସାରେ ନେଇ
ବେଦୀ ମଣ୍ଡୁଆ ତଳରେ ହରଷେ ବସାଇ ॥
ବାଜୁଅଛି ବାଦ୍ୟ ନାଦେ କମ୍ପଇ ମେଦିନୀ
ଶଙ୍ଖ, ଘଣ୍ଟ, ବୀର ତୂରୀ, ମହୁରୀ ନିଶୁଣି ॥
ଢୋଲ, ଦମ୍ପାଲୁ, କଂସାଳ, ଭଙ୍ଗହ କାହାଳୀ
ନାରୀଗଣ ମିଳି ଦେଉଛନ୍ତି ହୁଳହୁଳି ॥
ଜନରବେ ଗହଗହ ଶୁଭୁଅଛି ପୁର
ଦୁଃଖୀ ଦରିଦ୍ରଙ୍କୁ ଦ୍ୟନ୍ତି ଲୁଟାଇ ଭଣ୍ଡାର ॥
ହାଟ ବାଟ ଘାଟ ନଟକାରୀ ଗଲେ ପୂରି
ଅନେକ ଗ୍ରାମୁ ଦେଖି ଆସନ୍ତି ନରନାରୀ ॥
ରାଜ ଭବନକୁ ଋଷି ଯାଉଛନ୍ତି ତୋଷେ
ଛାମୁଣ୍ଡିଆ ମାନ ପଥେ କି ସୁନ୍ଦର ଦିଶେ ॥
ଠାବେ ଠାବେ ନୃତ୍ୟଗୀତ ଲାଗିଅଛି ନଗ୍ରେ
ସମସ୍ତେ ମାତି ଅଛନ୍ତି ବିବାହ ସମ୍ଭବେ ॥
ଜାତି ବନ୍ଧୁବାନ୍ଧବ ଅଛନ୍ତି ଅଗଣନ ।

Digitized by srujanika@gmail.com

ଘଷା ପିଟା ଫୁଙ୍କା ଯକା ବାଦ୍ୟ ଅକଳନ ॥
ବାଦ୍ୟ ନାଦେ ଭୂମି କମ୍ପମାନ ହେଉଅଛି
କାହାକୁ କହିଲେ କିଛି କାନେ ନ ଶୁଭୁଛି ॥
ସମସ୍ତଙ୍କୁ ଭଣ୍ଡାରୁ ଖାଇବା ପାଇଁ ଧନ
ଦେବା ପାଇଁ ଆଜ୍ଞା ଦେଲେ ମନ୍ତ୍ରୀଙ୍କୁ ରାଜନ ॥
ରାଜାର ଭଣ୍ଡାର ଖୁଲା ବଣ୍ଟନ ହୁଅଇ
ଦୁଃଖୀ ଦରିଦ୍ର ବ୍ରାହ୍ମଣ ନେଉଛନ୍ତି ବୋହି ॥
ହାଟ ବାଟ ଘାଟ ନଟକାରୀ ଛନ୍ତି ପୂରି
ଖାଇ ଚାଲ, ନେଇ ଚାଲ ପଡୁଅଛି ହୁରି ॥

॥ ଚୌପଦୀ ॥

ଆସ କେ ସେ ଯିବ ହେ ଖାଇ
ରାଜା ଘରର ଖାନା
ଭଜା ସିଝା ପୋଡ଼ା ପୁର୍ଗାର କି ଠିକଣା ॥ ଘୋଷା ॥
ଗୋରସ ଦହି ଖିରସା ମହି ଦରଜମା ଲେଉନା
ମୁହିଁ ଚୁରା, ଶାଳ ଉଖୁଡ଼ା, ହୁରୁମ ଲିଆ ପଣା ॥ ୧ ॥
ବାରଗୁଲିଆ ବୁନ୍ଦିଆ ବରା ଅର୍ସା ଭଜିଆ ଚନା
ମିଠାଇ ପେଡ଼ା, ପାଏନ କୁଆଲୁ, ଜିଲବୀ ଚିଞ୍ଜି ଦାନା ॥ ୨ ॥
ବର୍ଫି ହଲୁଆ ବାଲସରିଆ ଖଜା ଜଗମୋହନା
ରସ ବୁନ୍ଦିଆ ଗୁଲାବଜାମୁ, ରସଗୁଲା ଦନା ଦନା ॥ ୩ ॥
ପାପଡ଼ ପରଟା ପୁରୀ ମାଲପୁଆ ଖିରିସା ପୁରୀ ଛନା
କାକରା ସୁଆଁଲି ବୁବରା ଆଦି ନାନା ରକମର ସିନା ॥ ୪ ॥
କହେ ମୁସ୍ତକି ଜର୍ଦା, ପୁଲାଉ ଅଖ୍ନି, ଖିଚିଡ଼ି ଖାନା
ଖୁଆ ରାବଡ଼ି, ଖିରି ସେଓଁ ମୋତିଚୁର କରି ନୁହେ ଠିକଣା ॥ ୫ ॥

॥ ଲୀଳା ॥

ଏଥୁ ଅନ୍ତେ ଯାହା ହେଲା କହୁଛି ବୁଝାଇ
ବେଦୀରେ ବସିଲା କାର୍ତ୍ତିକେୟ ମୋଦ ହୋଇ ॥

Digitized by srujanika@gmail.com

କୁଆଁର ସତ୍‌କାର କଲେ ରାଜା ମେରୁଶୂଳ
ବସନ ଭୂଷଣ ଆଣି ଆଗେ କରି ଠୁଳ ॥
ଗଣିକାଏ କରୁଛନ୍ତି ମଙ୍ଗଳ ଆଳାପ
ପଣ୍ଡିତଗଣ କଲ୍ୟାଣ ପାଇଁ ପଢ଼ି ଶ୍ଳୋକ ॥
ସଭ୍ୟବୃନ୍ଦ ଆତ୍ମୀୟଙ୍କୁ ଲାଗିଛି ବରଣ
ବନ୍ଧୁବାନ୍ଧବେ ଆସନ୍ତି ବେଭାର ଧରିଣ ॥
ପ୍ରଜାଗଣ ରୀତିମତେ ଆଣନ୍ତି ବେଭାର
କାଠ ଖଳି ଚକୁଣି ଆସୁଛି ଭାର ଭାର ॥
ମେଣ୍ଢା ବୁକା ଖସି ଯେ କୁକ୍କୁଟମାନ ଧରି
ରାଜାଠାରେ ଭେଟ ହୋନ୍ତି ଅସୁର ଅସୁରୀ ॥
ଗଉଡ଼ ଗୋରସ ଖୁଆ ଖିରିଶା ଯେ ଦହି
ଚିକିନା ମହି ଆଣନ୍ତି ଭାର ଭାର ବହି ॥

ଏଠାରେ ରାଜନବରେ ଲାଗିଛି ଏ ରୀତି
ତ୍ରିପୁର ମୋହିନୀ ଦେବୀ ପୂଜି ଯାଇଛନ୍ତି ॥
ସେଠାରେ ନାରଦ ଋଷି ପଦ୍ମନ ବୀରର
ପଥ ଦେଖୁଥିଲେ ଶୂନ୍ୟ ଦେଖିଲା କୁମର ॥
ଋଷି ଦେବୀ ମଣ୍ଡପର ଦ୍ୱାରେ ଉଭା ହେଲେ
ନେତ୍ରଠାରେ ତ୍ରିପୁର ମୋହିନୀକୁ ଯେ କହିଲେ ॥
ବୋଇଲେ ସୁନ୍ଦରୀ ତୋର ବରଣ ସଫଳ
ବିଷ୍ଣୁ କରୁଣାରୁ ହେଉ ଅରିଷ୍ଟ ମଙ୍ଗଳ ॥
ଋଷି ପଦେ ନମି ବାଳି ଶୂନ୍ୟକୁ ଦେଖିଲା
ପଦ୍ମନ ରତ୍ନବର ଯେ ସେଠାରେ ମିଳିଲା ॥
ସେଠାରୁ ନାରଦ ଋଷି ହେଲେ ଅନ୍ତର୍ଦ୍ଧାନ
ଊର୍ଦ୍ଧ୍ୱେ ଭୁଜ ଟେକି ବାଳା ପଦ୍ମନେ ଚାହିଁଣ ॥
ଏକା ହୋଇ ରଥୀ ଅଛି କେହି ନାହିଁ ସାଥି .
ଏକ ଲୟେ ରୂପକୁ ତା' ନିରେଖେ ମୃଗାକ୍ଷୀ ॥

Digitized by srujanika@gmail.com

।। ଚୌପଦୀ ।।

ଏ ରହୁବରେ କିଏ ଆସୁଛି ଗୋ, ଦେଖ ଦେଖ ସଜନୀ
ମୋ ଜୀବଧନ ପରି ଦିଶୁଛି ଗୋ
ଦେଖ ଦେଖ ସଜନୀ ।। ପଦ ।।
କିବା କୈଳାସ ତେଜି ହର ଆସୁଛି, ସେହିପରି ଦିଶୁଛି
ଏ ଯଦି ହର ହୋନ୍ତା, ବୃଷଭେ ଚଢ଼ିଥାନ୍ତା
ଏ ତ ହର ନୁହଇ, ପାର୍ବତୀ କୋଳେ ନାହିଁ
ଡମ୍ବରୁ ବାଜା ତ ନ ଶୁଭୁଛି ଗୋ ।। ୧ ।।

କି ଅବା ସ୍ୱର୍ଗ ତେଜି ଇନ୍ଦ୍ର ଆସୁଛି, ସେହିପରି ଦିଶୁଛି
ଏ ତ ଇନ୍ଦ୍ର ନୁହଇ, କରେ ତା ବଜ୍ର ନାହିଁ
ଏ ଯଦି ଇନ୍ଦ୍ର ହୋନ୍ତା, ସଚି କୋଳରେ ଥାନ୍ତା
ଅହିରାବ୍ରତ ତ ନ ଦିଶୁଛି ଗୋ ।। ୨ ।।

ମୁସ୍ତକିମ ଭାଷି ହେବ ବା ଶିରୀପତି, ସେହିପରି ଦିଶୁଛି
ଏ ତ କୃଷ୍ଣ ନୁହଇ, ଗରୁଡ଼ ସଙ୍ଗେ ନାହିଁ
ଏ ଯଦି କୃଷ୍ଣ ହୋନ୍ତା, ମୋହନ ବଂଶୀ ଥାନ୍ତା
ପୀତ ବସନ ତ ନ ଦିଶୁଛି ଗୋ ।। ୩ ।।

।। ଲୀଳା ।।

ଶୂନ୍ୟ ମାର୍ଗୁ ଧୀରେ ଖସାଇଲା ରହୁବର
ଦେଖିଲା ଊର୍ଦ୍ଧ୍ୱକୁ ଟେକିଅଛି ବେନି କର ।।
ଦେଖିଣ ରାଜଦୁହିତା ବେନି କର ଟେକି
ବେଗେ ନିଅ ବୀରମଣି ଆର୍ତ୍ତସ୍ୱରେ ଡାକି ।।
ମଣ୍ଡୁକୀ ଦେଖିଲେ ଯଥା ଝାମ୍ପଇ ଯେ ଫଣି
ଉରଗ ଦେଖି ଗରୁଡ଼ ପରାୟେ ଯେ ଗୁଣି ।।
ଛଞ୍ଚାଣ ଯେସନ ଧରେ କପୋତ ସେପରି
ଝାମ୍ପି ଘେନିଗଲା ବୀର ବେନି କର ଧରି ।।

Digitized by srujanika@gmail.com

ଧନ୍ୟ ଧନ୍ୟ ନାରୀ ରୂପ ବୋଲିଣ ପ୍ରଶଂସି
କର ଧରି ବୀର ଶୂନ୍ୟେ ନେଲାକ ଆକର୍ଷି ॥
ରହୁବରେ ବସି କୋଳେ ବସାଇଲା ବାଳା
ତ୍ରିପୁର ମୋହିନୀ ତୋଷ ହୃଦୁ କାଢ଼ି ମାଳା ॥
ବରଣ କଲା ପଦ୍ମନେ ହରଷ ଅନ୍ତରେ
ବେନିଜନ ବସିଲେଟି ଆନନ୍ଦେ ରଥରେ ॥
ଫେରାଇଲା ଦ୍ୱାରକା ପଥକୁ ଅନୁସରି
ଦେଖିଣ ତଟକା ହେଲେ ଦାସୀ ସହଚରୀ ॥
ସଖି ଆଦି ଯେତେ ନାରୀ ସଙ୍ଗେ ଆସିଥିଲେ
ପାଷାଣ ପ୍ରତିମା ପରି ସ୍ତମ୍ଭିଭୂତ ହେଲେ ॥
ମୁଖ ଚୁହାଁଚୁହିଁ ହୋଇ କ୍ଷଣେ ହେଲେ ସ୍ଥିର
ତଦୁତ୍ତାରୁ ପୁଣି ସର୍ବେ କଲେକ ବିଚାର ॥
ରାଜାର କୁମର ପ୍ରାୟେ ଦିଶିଲା ତ ସତ
କିନ୍ତୁ ଜଣା ନାହିଁ ଦେଶ ଘୋଷ କୁଳ ଗୋତ୍ର ॥
ଅକସ୍ମାତେ ରଥଟିଏ ଆଣି ନେଲା ହରି
ଭାବି ସ୍ଥିର ହେଲେ କିଛି କ୍ଷଣ ଚିନ୍ତା କରି ॥
ନେଲା ନେଲା ବୋଲି ସର୍ବେ ପାଡ଼ିଲେକ ହୁରି
ଧାଇଁଲେ ପଥିକ କିସ କିସ ହେଲା ବୋଲି ॥
କହନ୍ତି ରମଣୀ ଆମ୍ଭ ତ୍ରିପୁର ମୋହିନୀ
ହରି ନେଲା ଚୋର ରଥେ ଶୂନ୍ୟେ ଯାଏ ଘେନି ॥
ଚାର ମେରୁଶୂଳ ଆଗେ ଚଞ୍ଚଳ ପ୍ରବେଶ
ବାଣୀ ନ ପାରଇ କହି ଉଠେ ଉର୍ଦ୍ଧ୍ୱଶ୍ୱାସ ॥
ଦାସୀଗଣେ ରାଜଭବନରେ ହେଲେ ଯାଇ
କାନ୍ଦିବାର ନାରୀଙ୍କର କୁହା ତ ନ ଯାଇ ॥

ରାଣୀ ହଂସପୁରେ ମୁଦୁଶୂଳି ତରତରେ
ଯାଇଣ ମିଳିଲା ଲୀଳାବତୀର ଆଗରେ ॥
ଯାଇ ରାଣୀ କତି ସର୍ବେ ପ୍ରବେଶ ହୋଇଲେ
ରୋଦନ୍ତି କରୁଣ ସ୍ୱରେ କିଛି ନ କହିଲେ ॥

Digitized by srujanika@gmail.com

କାହିଁକି କାନ୍ଦୁଛ ବୋଲି ରାଣୀ ପଚାରିଲେ
କରଯୋଡ଼ି ସକଳ କାମିନୀ ପ୍ରକାଶିଲେ ॥
ଆଗୋ ମାତ ଆଚମ୍ୱିତ କଥାଏ ହୋଇଲା
ଦେବୀ ପୂଜିବାକୁ ଯାଇଥିଲା ରାଜବାଳା ॥
ଦାସୀ ସହଚରୀ ସଖି ଏକଶତ ନେଇ
ପୂଜା ସାରିବାର ବେଳେ ଆଗୋ ମହାଦେଇ ॥
ଫେରିବା ସମୟେ ଏକ ବୀର ରହୁବରେ
ଶୂନ୍ୟରୁ ଖସିଲା ଏକା ହୋଇ ବିମାନରେ ॥
ଆସି ଜେମା ହରି ନେଲା ବସାଇ ରଥରେ
ଆମ୍ଭ ସମସ୍ତଙ୍କ ମଧ୍ୟୁ ହରି ନେଲା ଖରେ ॥
ନ ଜାଣୁ ଗୋ ଦେଶ ଘୋଷ ଜାତିଗୋତ୍ର ତାର
ଶୁଣିଣ ମାଳତୀ ଢ଼ଳି ପଡ଼ିଲା ଭୂମିର ॥
ଦାସୀ ପରିବାରୀ ଯେ ରୋଦନ କରନ୍ତି
ଉଠି ମୁଣ୍ଡେ ହାତ ମାରି କାନ୍ଦେ ରାଜବାଳୀ ॥
ଦାସୀ ପରିବାରୀ ମୁଖେ ଜଳ ସିଂଚି ବିଂଛି
ଚେତନା କରାନ୍ତେ ଚେତି ରାଣୀ ଧାତା ନିନ୍ଦି ॥
ନାରୀଗଣ ମିଳି ତାଙ୍କୁ ବୁଝାନ୍ତି ନ କାନ୍ଦ
କରମ ଅର୍ଜିତ ଏହା ଅଟଇ ପ୍ରମାଦ ॥

॥ ଚୌପଦୀ ॥

ଧିକ ଯାଏ ବିଧାତା ତୋର, ଅବିବେକ୍ ଏତ୍ତାଟା
ସୁଖର ବେଳେ ଦୁଖ ଖଞ୍ଜିଥାଉ, ଖୁସିର ବେଳେ ଚିନ୍ତାଟା ॥ ପଦ ॥
ସବୁଦିନେ ଥିଲେ ପୂରନ୍ ଶଶି, ସଂସାର ଯାକର ହେତେ ଖୁସି
ପଖେ ଛିଡ଼ଉଛୁ, ପଖେ ବଢ଼ଉଛୁ
ତୁଇ ଏଡ଼େ ବଳବନ୍ତଟା ॥ ୧ ॥
ମୁରୁଖ ଅରୂପ କୁଇଲି କଲୁ, କଁଠର ସୁସ୍ୱର ତାହାକେ ଦେଲୁ
ପଣ୍ ଚଢ଼େଇର ବଡ଼େଇ କଲୁ
ମନେ ବିଚାରଲୁ କେନ୍ତାଟା ॥ ୨ ॥

Digitized by srujanika@gmail.com

କହେ ମୁସ୍ତକିମ ପଠାନ୍ ପିଲା, ବିଧି ବଳି ତୋକେ ନାଁ କେ ଦେଲା
ଅବିଧି ମନ୍‌କୁ ଛାଡ଼ବା ଭାବି
ନାଇଁ ଦେଖି ଏ ଅହନ୍ତାଟା ॥ ୩ ॥

॥ ଲୀଳା ॥

ଏଠାରୁ ଯା' ହେଲା ଶୁଣ ଆହେ ବିଜ୍ଞଜନ
ଛାଡ଼ିଲା ଠାବରୁ ପଦ କରିବି ଗାୟନ ॥
ଏ ଉତାରୁ ଯାହା ହେଲା ଶୁଣ ମନ ଦେଇ
କାନ୍ଦଇ ମାଳତୀ ରାଣୀ ଶିରେ କର ଦେଇ ॥
ଡଗର ଆସିତା ରାଜସଭାରେ ମିଳିଲା
ଦଣ୍ଡବତ କରି କରଯୋଡ଼ି ଉଭା ହେଲା ॥
ରାଜା ପଚାରନ୍ତି ଦୂତ କି ଖବର କହ
ଦୂତ କହେ ଅଦ୍‌ଭୁତ ଘଟଣା ମହାଶୟ ॥
ରାଜା ହକାରନ୍ତି ଦୂତ କି ହେଲାରେ କହ
କି ଆଶ୍ଚର୍ଯ୍ୟ କହ ଫେଡ଼ି ନ ରଖି ସନ୍ଦେହ ॥
କାନ୍ଦି କାନ୍ଦି କହେ ଦୂତ ଶୁଣ ଚକ୍ରବର୍ତ୍ତୀ
ତ୍ରିପୁର ମୋହିନୀ ହରି ନେଲା ଏକ କ୍ଷତ୍ରୀ ।

କି କହିଲୁ କି କହିଲୁ ଦୂତ କି ଖବର
ତ୍ରିପୁର ମୋହିନୀ ପାଇଁ ଏଡ଼େକ ସମ୍ଭାର ॥
ପୁଣି ନୃପମଣି ଦୀର୍ଘ ନିଶ୍ୱାସ ପକାଇ
କେଉଁ ନାରୀ କିଏ ନେଲା ପୁଣ ପଚାରଇ ॥
ଡଗର କହଇ ଆଜ୍ଞା ଆମ୍ଭ ରାଜ ଜେମା
ତ୍ରିପୁର ମୋହିନୀ ସଙ୍ଗେ ଘେନି ବହୁ ବାମା ॥

ମନ୍ତ୍ରୀ ପୁଚ୍ଛେ କିରେ ଦୂତ ହୋଇଲୁ କି ବାଇ
ରାଜପୁରେ ଆସିଛୁ କି ଆଜି ମଦଖାଇ ॥
ଦୂତ କହେ ଶୁଣ ଅଜ୍ଞା ତ୍ରିପୁର ମୋହିନୀ
ଦେବୀ ପୁରେ ବିଜେ କଲେ ନାରୀଗଣେ ଘେନି ॥

Digitized by srujanika@gmail.com

ଦେବୀ ପୂଜି ଫେରିବାର ସମୟରେ ବୀର
ଏକା ହୋଇକରି ଚଢ଼ି ଏକ ରହୁବର ॥
ସାରଥୀ ନାହିଁ ତା ନିଜେ ବାହୁଅଛି ରଥ
ରଥେ ରଖିଅଛି ନାନା ଯୁଦ୍ଧ ଅସ୍ତ୍ରଶସ୍ତ୍ର ॥
ଦେବୀ ମନ୍ଦିର ନିକଟୁ ଢେମା ହରିନେଲା
ରାମାବାମା କର ଧରି ଘେନି ଚାଲିଗଲା ॥
ନେଲା ନେଲା ବୋଲି ହୁରି ପଡ଼ିବାର ଶୁଣି
ସେଠାକୁ ମୁଁ ଗଲି ଧାଇଁ ଆହେ ନୃପମଣି ॥
ଦେଖିଲି ଆକାଶ ମାର୍ଗେ ରଥନିଏ ବାହି
ଜାତିଗୋତ୍ର ଦେଶ ଜାଣି ନୋହିଲା ନୃସାଇଁ ॥
ଡାକିଲି ନ ଶୁଣି ରଥ ବାହି ଚାଲିଗଲା
ଶୁଣି ମେରୁଶୂଳ ରାଜା ବିସ୍ମିତ ହୋଇଲା ॥

ଯେଉଁ ଝିଅ ପାଇଁ ବରି ଆଣିଲଇଁ ବର
ଯାହାର ନିମନ୍ତେ କଲି ଏଡ଼େକ ସମ୍ଭାର ॥
ତାହାକୁ କେବଣ ଚୋର ଘେନି ଗଲା ଆଜି
ମୋର ମୁଖେ କାଳି ଲଗାଇଲା କେଉଁ ପାଜି ॥
କାହାର କୁମର କେଉଁ ଦେଶର ରେ କହ
ମନୁଷ୍ୟ କି ଦେବ ରକ୍ଷ ଗନ୍ଧର୍ବ ସନ୍ଦେହ ॥

ଦୂତ କହେ ମନୁଷ୍ୟ ଅଟଇ ନୃପମଣି
ଦେବଲୋକ ନୁହେ ବା ପାତାଳବାସୀ ପୁଣି ॥
ଯକ୍ଷ ରକ୍ଷ ଗନ୍ଧର୍ବ କିନ୍ନର ନାଗ ଆଦି
ନୁହନ୍ତି ମଣିମା ମୁହିଁ କହୁଛି ସମ୍ବୋଧି ॥
ମାତ୍ର ତାର କୁଳଗୋତ୍ର ଦେଶ ଜାଣି ନାହିଁ
ପଚାରିଲି ନ କହିଣ ରଥ ନେଲା ବାହି ॥

Digitized by srujanika@gmail.com

।। ଚୌପଦୀ ।।

ଦାରୁଣ ଦଇବ ତୁରେ
ନିଦାରୁଣ ତୋର ପ୍ରକୃତି ।। ଘୋଷା ।।
ନୀଚକୁ ତୁ କରାଉ ଉଚ୍ଚ, ଅବିବେକୀ ନୁହେ କି ବୁଝ
ଉଚ୍ଚ ଜନେ କିସ ନ୍ୟାୟ ଅଟଇ ତ
ନୀଚ ଜନ କରେ ଦିଆଉ ଶାସ୍ତି ।। ୧ ।।
ବନେ ଜନ୍ତୁମାନଙ୍କଠାରୁ ରାଜା ବାଳୀ ସିଂହକୁ କଲୁ
କୋକ ହସ୍ତେ ତାର ଗର୍ବ କଲୁ ଚୁର
ଏକି ନୁହଇ ତୋର ଅନୀତି ।। ୨ ।।
ମୁସ୍ତକିମ କହଇ ତୋର, ନ୍ୟାୟାନ୍ୟାୟ ନାହିଁ ବିଚାର
ନଦୀଙ୍କ ରାଜନ ସାଗରେ କରିଣ
ତା' ଜଳ ଅଭକ୍ଷ କଲୁ ସବୁଠି ।। ୩ ।।

।। ଲୀଳା ।।

ଏଥୁ ଅନନ୍ତରେ ଜନେ ଶୁଣ ଯାହା ହେଲା
ତ୍ରିପୁର ମୋହିନୀକୁ ଯେ ପଦ୍ମନ ଘେନି ଗଲା ।।
ଏଥୁ ଅନନ୍ତରେ ମେରୁଶୂଳ ନୃପବର
ଦୂତ ବାର୍ତ୍ତା ପାଇ ରାଜା ହେଲା କୋପଭର ।।
ସୈନ୍ୟ ସାଜ ବୋଲି ମନ୍ତ୍ରୀ ହକାରି ନୃପତି
ଶୁଣି ସୈନ୍ୟ ସଜାଇଲା ହୋଇଣ ତଡ଼ତି ।।
ରଥ ଗଜ ଅଶ୍ୱ କେତେ ନ ଯାଇ କଳଣା
ଧନୁ ତୂଣ ଖଣ୍ଡା କାତି ଲାଙ୍କିଆ ଯେ ମୁନା ।।
ଗଦା ମୁଦୁଗର ଢେଲ, ଭାଲ, କୁନ୍ତ କାଠି
ଭୁଷଣ୍ଡି ଗୁରୁଜ ତରୁଆରୀ ଫରୀ ଲାଠି ।।
ନିଜ ନିଜ ବେଶଭୂଷା ହୋଇ ସୈନ୍ୟଗଣ
ନୃପପୁରକୁ ଗମନ୍ତି ଆଦେଶ ପାଇଣ ।।
ମେରୁଶୂଳ ବିଷାଦରେ ସୈନ୍ୟ କରେ ସଜ
ଏମନ୍ତ ସମୟେ ତହିଁ ମିଳିଲେ ନାରଦ ।।

Digitized by srujanika@gmail.com

ରାଜା ଥିବା ସ୍ଥାନେ ଋଷି ପ୍ରବେଶ ହୋଇଲେ
ଦେଖି ରାଜା ମନ୍ତ୍ରୀ ଆଦି ଦଣ୍ଡବତ କଲେ ।।
କଲ୍ୟାଣ କରିଣ ମୁନି ପୁଚ୍ଛନ୍ତିରେ ବାବୁ
ଉଛବ ଦିଶେ ନଗର ଯାକ ତୋର ସବୁ ।।
ପୁଣି ତୋର ମନଗୋଟି ହୁଅଇ ଚଞ୍ଚଳ
ରଣେ ଯିବା ପରି ସାଜୁଅଛୁ ସୈନ୍ୟ ବଳ ।।
ଆନନ୍ଦ ସମଏ ଦିଶେ ବିରଷ ବଦନ
ଶୁଣ ତପୋଧନ ବୋଲି କହନ୍ତି ରାଜନ ।।
ତ୍ରିପୁର ମୋହିନୀ ନାମେ ମୋହର ଦୁଲଣି
ଅନୁରୂପ ବର କାହିଁ ନ ମିଳିଲା ମୁନି ।।
ହରଗଉରୀ ନନ୍ଦନ କାର୍ତ୍ତିକେଶ୍ୱରକୁ
ବିବାହ ନିମନ୍ତେ ବରି ଆଣିଲି ପୁରକୁ ।।
ଦୁର୍ବାସା କୈଳାସୁ କାର୍ତ୍ତିକେୟକୁ ଆଣିଲେ
ବେଦିରେ ସମାଦରରେ ବସାଇଲୁ ଭଲେ ।।
ଦେବୀ ପୂଜି ଗଲା କନ୍ୟା କନ୍ୟାଗଣେ ଘେନି
ଯାଇ ଫେରୁଥିବା ବେଳେ ପଥେ ଆହେ ମୁନି ।।
କନ୍ୟାକୁ କେବଣ ଚୋର ଘେନିଗଲା ପଥୁ
ବେଦୀରେ କୁମର ମଣି ହେଉଣୁ ପ୍ରବେଶୁ ।।
କନ୍ୟାକୁ କେ ଚୋରି କଲା କେଡ଼େ ତା' ସାହସ
ଶୁଣି ନାରଦ କହନ୍ତି ନହୁଅ ବିରଷ ।।

ଶୁଣିଣ ନାରଦ ତହିଁ କହନ୍ତି ଉତ୍ତର
ତୋ ସମ ବୀର ନାହାନ୍ତି ତ୍ରିପୁର ମଧ୍ୟର ।।
ସ୍ୱର୍ଗରେ ଅମରେ ତୋର ନାମ ଶୁଣି କରି
ଭୟେ ଅପଘନ ତାଙ୍କ ଉଠୁଥାଏ ଥରି ।।
ପାତାଳରେ ନାଗଲୋକେ ତୋତେ ଡରି ବାବୁ
ସଦା ଶରଣ ଯାଉଛନ୍ତି ତୁ କାହିଁ ଜାଣିବୁ ।।
ମର୍ତ୍ତ୍ୟଲୋକେ ତୋର ନାମ ପଡୁଅଛି ହୁରି
କେଡ଼େ ସାହସ ସେ ନେଲା କନ୍ୟା ଚୋରି କରି ।।

Digitized by srujanika@gmail.com

କହେ ମେରୁଶୂଳ ତାକୁ କେହି ଚିହ୍ନି ନାହିଁ
ଏକା ରଥେ ନେଲା ଆସି କନ୍ୟାକୁ ଚୋରାଇ ॥
କେଉଁ ପଥେ ନେଲା ତାର ନ ମିଳଇ ଅନ୍ତ
ଆପଣ ତ୍ରିକାଳଜ୍ଞାତା ଅଟ ତପୋବନ୍ତ ॥
ଜାଣିଥିଲେ କହ, ମହାତମା ଶୁଣି ହସି
ମେରୁଶୂଳ ଆଗେ କହେ ନାରଦ ମହର୍ଷି ॥

ଆହେ ମହାରାଜା ଶୁଣ କହୁଅଛି ସତ
ଦ୍ୱାରକା ବୋଲି ନଗ୍ରକୁ ଜାଣି ତୁ ଥିବୁ ତ ॥
ତାହିଁ ରାମକୃଷ୍ଣ ବେନି ଅଟନ୍ତି ରାଜନ
ଉଗ୍ରସେନ ନୃପ ଯାଙ୍କ ଚଳୁଛି ଶାସନ ॥
ଏହାଙ୍କ ତନୟ ନାମ ପଦ୍ମନ ଅଟଇ
ତ୍ରିପୁର ମୋହିନୀକୁ ସେ ନେଲାଟି ଚୋରେଇ ॥
ବାବୁ ପଥରେ ଦେଖିଲୁ କହିଲୁ ପ୍ରତ୍ୟକ୍ଷ
ଆନ ଦିଗେ ନ ଲୋଡ଼ ହୋ କ୍ଷତ୍ରୀକୁଳ ଦକ୍ଷ ॥

ଶୁଣି ମେରୁଶୂଳ ରାଜା ପ୍ରତିଜ୍ଞା ବଖାଣି
ଆଜି ବ୍ରତିବୁ କି ଚୋର ରାଗେ ଶିର ଝୁଣି ॥

॥ ଚୌପଦୀ ॥

ପାଜି, ଦଗାବାଜିରେ, ବୁଝାଯିବଟି ଆଜି ॥ ପଦ ॥
ଆରେ ଆରେ ବର୍ଣ ଶଙ୍କର, ଇଷ୍ଟଦେବ ତୋର ସୁମର
ନା ଜାଣି ମହିମା, କଲୁ ତୁ ଗାରିମା
ଯମ ଦେବତା ତୋ' ପୋଛିଲା ପାଂଜି ॥ ୧ ॥
ଦଗାଦାର ବେହିଆ ସୂତ, ଉପପତିଠାରୁ ତୁ ଜାତ
ସତୀ ମଧ୍ୟେ ବେଶି, ତୋ ମାତାର ପତି
ଖଗଡ଼ା ବରଡି ଯିବୁ କି ଆଜି ॥ ୨ ॥

Digitized by srujanika@gmail.com

ମୁସ୍ତକିମ ଭାଷେ ବିଜାତି, ସିଂହମୁଖେ ପଡ଼ିବୁ ଆଜି
ଠେକୁଆ ତୋ ଗର୍ବ, ହୋଇଯିବ ଖର୍ବ
ଦର୍ପ ଦଳି ହୋଇ ହେବୁ ତୁ ଗଞ୍ଜି ॥ ୩ ॥

॥ ଲୀଳା ॥

ସୈନ୍ୟ ଧୁଆଇଁଲା ବୀର ପବନ ହୁଁ ଖରେ
ଯେମନ୍ତ ସେ ଯାଇ ନ ପାରିବ ଦ୍ୱାରିକାରେ ॥
ମହାବଳୀ ଅସୁରେ ଧାମନ୍ତି, ଅସ୍ତ୍ର ଘେନି
ସୈନ୍ୟ ପଦଘାତରେ ଯେ କଂପଇ ମେଦିନୀ ॥

ତେଣେ ନୃପତୀ ପାଖରୁ ଗଲେକ ନାରଦ
ବେଦୀଠାରେ ପ୍ରବେଶିଲେ ବ୍ରହ୍ମାଙ୍କର ସୂତ ॥
ଦେଖିଲେ କାର୍ତ୍ତିକେଶ୍ୱର ବରବେଶ ହୋଇ
ଗଣ ସହ ବେଦିଶାଳେ ବସିଣ ଅଛଇ ॥
ଛଅ ଗୋଟି ମୁଣ୍ଡେ ତାର ବିରାଜେ ମୁକୁଟ
ରବି ତେଜ ଜିଣି ଦିଶୁଅଛି ଝଟ ଝଟ ॥
ନବରତନର ହାର, ହାଟକ, ବାହୁଟି
କର୍ଣ୍ଣରେ କୁଣ୍ଡଳ ଦିଶେ ମଧ୍ୟାହ୍ନ ସୂର୍ଯ୍ୟ କି ॥
ନାରଦ ସେଠାରେ ଯାଇ ହସ ହସ ହୋଇ
ପ୍ରବେଶ ହେଲେ ନମସ୍ତେ କଲେ ସର୍ବେ ତହିଁ ॥
ଦେଖିଣ କାର୍ତ୍ତିକେଶ୍ୱର ଉଠି ପ୍ରଣମିଲା
ହସ୍ତ ଟେକି ସୁକଲ୍ୟାଣ କଲେ ବ୍ରହ୍ମବଳା ॥
ଯେତେ ଉପସ୍ଥିତ ସର୍ବେ ଦଣ୍ଡବତ କଲେ
ଦୀର୍ଘାୟୁରସ୍ତୁ କଲ୍ୟାଣ ନାରଦ ବାଂଛିଲେ ॥
ନାରଦ ପୁଚ୍ଛନ୍ତି ଷଡ଼ାନନ ମୁଖ ଚାହିଁ
ବର ବେଶ ତୋର ପିତା କିପାଁ ଆସି ନାହିଁ ॥
କହନ୍ତି କାର୍ତ୍ତିକେଶ୍ୱର ଦୁର୍ବାସା ମହର୍ଷି
ବରିଣ ଆଣିଲେ ଆଜ୍ଞା ଦେବାରୁ ନୃପତି ॥

Digitized by srujanika@gmail.com

ବରଣ କରି ଆଣିଲେ ଯେଣୁ ମେରୁଶୂଳ
ତେଣୁ ପିତା ନ ଆସି ଆସିବେ ବିଭା କାଳ ॥

ନାରଦ କହନ୍ତି ବୃଥା ହେଲା ବର ବେଶ
ବେଦୀରେ ବର ବସିଛି କନ୍ୟା ନାହିଁ ଦେଶ ॥
ଅଯଥା ହୋଇଲା ଯେତେ ସାଜସଜ୍ଜା ବାବୁ
ଅଯଥା ହୋଇଲା ଆଶା କା'କୁ ବିଭା ହେବୁ ॥
ମେରୁଶୂଳ ରାଜଜେମା ତ୍ରିପୁର ମୋହିନୀ
ତାହାକୁ ତ ବଳରେ ପଦ୍ମନ ଗଲା ଘେନି ॥
ଏଡ଼େ ଆଡମ୍ବର ତୋର ବୃଥା ଯେ ହୋଇଲା
ସେ ବୀର ଅଗ୍ରଣୀ ଅଟେ କୃଷ୍ଣଙ୍କର ବଳା ॥
କନ୍ୟା ଚୋର ହରିନେଲା ବସିଛ ଆଶାରେ
ବିବାହ ହେବାକୁ ଭାବି ରହିଛି ବୃଥାରେ ॥

॥ ଚୌପଦୀ ॥

ବାଜମାରି ଘେନି ଗଲା ରେ
ଆଶା, ଭଙ୍ଗାଇ ଦେଲା ॥ ପଦ ॥
କାଣ୍ଡିଆ ଅଠାକାଠି ଖେଳି ବୃଥା ଜଗିଛି
ଲାଗିବ ଆଶା ରଖିଥିଲା ॥ ୧ ॥
କେତେ ଦିନୁ ଶିକାରୀ ଅତି ଯତନ କରି
ଶିକାରୁ ନିରାଶ ହେଲା ରେ ॥ ୨ ॥
ମୁସ୍ତକି କବି ଭାଷେ ଅଯଥା ହେଲା ଆଶ
ନିରାଶ ସମୁଦ୍ରେ ବୁଡ଼ିଲାରେ ଆଶା ॥ ୩ ॥

॥ ଲୀଳା ॥

ରେ ବାବୁ କାର୍ତ୍ତିକେଶ୍ୱର ଶୁଣ ମୋର ବାଣୀ
ବିବାହ ହେବା ଆଶାରେ ଆସିଲୁଟି ପୁଣି ॥
ପିତା ମାତା ଭ୍ରାତା କେହି ନାହାନ୍ତି ତୋ ତୁଲେ

Digitized by srujanika@gmail.com

କେମନ୍ତ ଏଠାକୁ ଆସିଲୁଟି କାହା ବୋଲେ ॥
ଷଡ଼ାନନ କହି ଶୁଣ ଆହେ ତପଚାରୀ
ବର ପାଇଁ ଆଣିଛନ୍ତି ମେରୁଶୂଳ ବରି ॥
ନାରଦ କହନ୍ତି ବାବୁ ଏଡ଼େ ବିଡ଼ମ୍ବନ
ବରବେଦୀରେ କନ୍ୟାକୁ ଘେନିଗଲା ଆନ ॥
ସଂସାରେ ଶୁଣାଗଲାଣି ତୋର ବିଭା ବାର୍ତ୍ତା
କନ୍ୟା ନେଲା ଆନ ତୋତେ ଜଣା ନାହିଁ ବି ତା' ॥

କାର୍ତ୍ତିକେଶ୍ୱର କହଇ ଆଚମ୍ବିତ ହୋଇ
କି କହ କି କହ ହେ ନାରଦ ତପସାଇଁ ॥
ବରଣ ହୋଇ ଆସିଛି ବେଭାର ଏଠାକୁ
ମରଣରୁ ବଳିବ ହୋ କେ ନେଲା କନ୍ୟାକୁ ॥
ନିନ୍ଦାଠାରୁ ବଳି ମୃତ୍ୟୁ ନୁହଇଟି ବଡ଼
ଶୁଣି ମୋତେ କି ବୋଲିବେ ପିତା ଯୋଗାରୂଢ଼ ॥
ତ୍ରିପୁରେ ନିନ୍ଦା ହୋଇଲା ଲଜ୍ୟା ଗଲା ଘୋଟି
କେ ନେଲା ଜାଣି ଅଛ କି ଆହେ ତପୋନିଷ୍ଠୀ ॥

ନାରଦ କହଇ ଶୁଣ ଶୁଣ ଆହେ ବୀର
ତୋ ବୀରତ୍ୱ କି ରହିଲା କନ୍ୟା ନେଲା ଚୋର ॥
ରାଜା ଜୀଇଥାଉ ଯଦି ରାଜ୍ୟ ନିଏ ଆନ
ସେ ରାଜାକୁ କରି ନପୁଂସକରେ ଗଣନ ॥
ପତି ଥାଉଁ ଯଦି ନାରୀ ଉପପତି କରେ
ଉତୁଆ ବୋଲିଣ ତାକୁ କହନ୍ତିଟି ନରେ ॥
କ୍ଷତ୍ରୀ ଥାଉଁ ଯଦି ଯୋଦ୍ଧା ଘେନିଯାଏ ବିତ୍ତ
ଦେଖୁ ଦେଖୁ ଯଦି ଧନ ନିଏ ଡକାଇତ ॥
ପତି ଥାଉଁ ଯଦି ନାରୀ ବଳେ ନେଲେ ହରି
ଭାବି ବୁଝ ଜୀବନ୍ମୃତ ମଧ୍ୟେ ଗଣ୍ୟ କରି ॥
ଏପରି ବ୍ୟକ୍ତିଙ୍କୁ ଲୋକେ ଗାଣ୍ଡୁ ବୋଲି କହି
ତୁମ୍ଭ ଥାଉ ରମଣୀକି ନେଲାଟି ଚୋରାଇ ॥

Digitized by srujanika@gmail.com

ଧିକ ତୁମ୍ଭ ବଳବୀର୍ଯ୍ୟ ଧନୁଶର ଧିକ
ଜୀବନ୍ମୃତଠାରୁ ତୁମ୍ଭେ ନୁହ କି ଅଧିକ ॥

ଶୁଣି ଶିଖିନାହା କୋପେ ଉଠିଲାକ ଗର୍ଜି
ପୁଚ୍ଛେ ନାରଦଙ୍କୁ ତୁମ୍ଭେ ତାକୁ ଜାଣିଛ କି ॥

ନାରଦ କହନ୍ତି ବାବୁ ଦ୍ୱାରକାର ସେହି
କୃଷ୍ଣର ନନ୍ଦନ ନାମ ପଦ୍ମନ ଅଟଇ ॥
ଯଦି ତାକୁ ନାଶି ନାରୀ ଆଣିବୁ ଛଡ଼ାଇ
ତେବେ ସିନା ରହିବଟି ତୋହର ବଡାଇ ॥

॥ ଚୌପଦୀ ॥

ନଣାରେ, ଆଜି ଯିବ ଜଣାରେ । ପଦ ।
ବଳ ବୀର୍ଯ୍ୟ ତେଜ ଗାରିମା ପହିର୍ଯ୍ୟ
ନ କଲେ ଜଗତେ ମାରିବେ ଠଣା
ହାରିଗଲେ ଲାଜ ଜିଣିଲେ ଅକାର୍ଯ୍ୟ
ସହଜେ ରମଣୀ ହେଲା ଦୂଷଣା ରେ ॥ ୧ ॥
ଅପସରି ଗଲେ ଏ ମହୀ ମଣ୍ଡଳେ
ଜନମୁଖେ ହେବ ନିନ୍ଦା ଘୋଷଣା
ବାଳୁତ ମୁସ୍ତକି ବିରଚିଲେ ଭାବି
ନିର୍ଲଜ୍ଜ ବୋଲିବେ ନାହିଁ ଠିକଣା ରେ ॥ ୨ ॥
ନଣାରେ, ଆଜି ଯିବ ଜଣାରେ .....

॥ ଲୀଳା ॥

ନାରଦଙ୍କ ମୁଖୁ ଶୁଣି ବୀର କାର୍ତ୍ତିକେୟ
ପ୍ରଖର ଶ୍ୱାସ ପକାଇ କୋପେ କେକୀପ୍ରିୟ ॥
ଧନୁଶର ଧରି ବୀର ସେଠାରୁ ବାହାର

Digitized by srujanika@gmail.com

ମେରୁଶୂଳ ବସିଲେଟି ରଥର ଉପର ॥
ରେ ରେ ଚୋର ବୋଲି ବୀରେ ପ୍ରଖରେ ଗମିଲେ
ଦ୍ୱାରକାର ପଥରେ ଯେ ପଦ୍ମନେ ଭେଟିଲେ ॥

ଲାଗିଲାକ ରଣ ଘୋର ପଦ୍ମନର ତୁଲେ
ଧନୁରେ ପୂରାଇ ଶର ବିନ୍ଧାବିନ୍ଧି ହେଲେ ॥
ମେରୁଶୂଳ ସହସ୍ରେକ ଶର ଦେଲା ପେଶି
ଏକ ବାଣେ ପଦ୍ମନ ତା' ଦେଲାଟି ବିନାଶି ॥
ପୁଣି ଶତେ ବାଣ ବୀର ବଧିଲାକ ଯୋରେ
କାଟିଲା ପଦ୍ମନ ତାହା ମହାବଳୀ ଶରେ ॥

ଆରେ ଆରେ କନ୍ୟା ଚୋର ଆଜି ଯିବୁ କେଣେ
ସୁମର ଇଷ୍ଟ ତୋହର ରଖିବ କେ ରଣେ ॥
ନ ଜାଣୁକି ମୋର ନାମ ଅଟେ ମେରୁଶୂଳ
ମୁଁ ଧନୁ ଧଇଲେ ପୃଥ୍ୱୀ ହୁଏ ଟଳମଳ ॥
ଦେବପକ୍ଷ ଗନ୍ଧର୍ବ ପିଶାଚ ଗ୍ରହ ଗଣେ
ନକ୍ଷତ୍ର ଚନ୍ଦ୍ର ସୂର୍ଯ୍ୟ ଡରନ୍ତି ମୋତେ ରଣେ ॥
ମାନବ ଟୋକାଟା କେଡ଼େ ଗର୍ବ ଅଟେ ତୋର
ସମ୍ଭାଳ ସମ୍ଭାଳ ଏବେ ଆରେ ନାରୀ ଚୋର ॥

ପଦ୍ମନ କହଇ ତୁମ୍ଭେ ମୋହର ଶ୍ୱଶୁର
ମୁଁ ମଲେ ରାଣ୍ଡ ହୋଇବ ଦୁହିତା ତୁମ୍ଭର ॥
ଅକାରଣେ ରଣ କର ତୁମ୍ଭେ ମୋର ସଙ୍ଗେ
ଚାଲ ଦ୍ୱାରକାକୁ ବିଭା ବଢ଼ାଇବା ରଙ୍ଗେ ॥
ଶୁଣିଣ ଅସୁର ବୀର ଉଠିଲାକ ଜଳି
କୋଟି କୋଟି ଶର ମାରୁଅଛି ମହାବଳୀ ॥
ପ୍ରତିକାର କରେ ବୀର ପଦ୍ମନ କୁମର
ଦେଖିଣ ଧାଇଁଲା କୋପେ ସେ କାର୍ତ୍ତିକେଶ୍ୱର ॥

Digitized by srujanika@gmail.com

ରହ ରହ ଚୋର ବୋଲି ନିଶ ଆଉଁସିଲା
ଆଜିରେ ପଦ୍ମନ ଯମ ତୋ ପାଂଜି ପୋଛିଲା ॥
ଏତେ ବୋଲି ଅଗ୍ନିଶର ବିନ୍ଧିଲା ରାଗରେ
ଅଗ୍ନି ବରଷା ହୋଇଲା ପ୍ରବଳ ବେଗରେ ॥
ଦେଖିଣ ପଦ୍ମନ ମେଘାଶର ଦେଲା ପେଶି
ଜଳ ବରଷନ୍ତେ ଅଗ୍ନି ହୋଇଗଲା ନାଶି ॥
କୁହୁକ ଶର ମାରିଲା ସେ କାର୍ତ୍ତିକେଶ୍ୱର
ସୂର୍ଯ୍ୟାବର୍ତ୍ତ ଶରେ କାଟି ହେଲା ସେ ଅନ୍ଧାର ॥
ତ୍ରିଶୂଳ ଶର ପ୍ରହାର କରେ ଷଡ଼ାନନ
ବାଦଲ ଶରରେ ତାକୁ ଛେଦିଲା ପଦ୍ମନ ॥
ରଣ ଗୋଲମାଳ ଲାଗିଲାଟି ବେଲୁଁବେଳ
ଉଚ୍ଚବାଚ ମୁଖେ ହେଉଛନ୍ତି ବେନିକୁଳ ॥

॥ ଚୌପଦୀ ॥

ଭକୁଆ ଭଡୁଆ ଠେଁଠ, ଭଲ ପଡ଼ିଛୁ ଭେଟରେ
ଠିକଣା ଲୋକର ହାବ୍‌ଡ଼େ ପାପୀ
ଭାଙ୍ଗି ଯିବା ଆଣ୍ଟରେ ॥ ପଦ ॥
ଗାଈଚରା ପୁଅ, ତୋର ଏଡ଼େକ ମୁରାଟରେ
ଖାଇ ଖାଇ ମହୀ କେତେ
ବଢ଼ାଇଛୁ ପେଟରେ ॥ ୧ ॥
ଆମ୍ଭ ହାବୋଡ଼େ ପଡ଼ିଛୁ ମଲି ବୋଲି ନ ଜାଣିବୁ
ମାଆ ତୋର କାନ୍ଦୁଥିବ ମୁଣ୍ଡେ ପିଟି ହାତରେ ॥ ୨ ॥
ମୁସ୍ତକି କହେ ପାଇବ, ଗୋଇଠା ବିଧା ଲାତରେ
ଭାଙ୍ଗିଯିବ ପଂଜ୍ରାହାଡ଼
ବାଜି ବିଧାଘାତରେ ॥ ୩ ॥

॥ ଲୀଳା ॥

ଏ ଅନ୍ତେ ଯା ହେଲା ଜନେ ଶୁଣ ହୋଇ ସ୍ଥିର
ରଣ ଲାଗିଅଛି ଏଣେ ପଦ୍ମନ ବୀରର ॥

Digitized by srujanika@gmail.com

ମେରୁଶୃଙ୍ଗ କାରତିକ ସଙ୍ଗେ ଯୁଦ୍ଧ କରେ
ତେଣେ ନାରଦ ପ୍ରବେଶ ହେଲେ ଦ୍ୱାରକାରେ ॥
ନାରଦଙ୍କୁ ଦେଖି ସର୍ବେ ଦଣ୍ଡବତ କଲେ
ବସିବାର ନିମନ୍ତେ ଆସନ ଆଣିଦେଲେ ॥
ସୁକଲ୍ୟାଣ କରି ଋଷି ବସିଲେ ସଭାରେ
କିମର୍ଥେ ଆଗମ କେଉଁଠାରୁ ତପିବରେ ॥

ନାରଦ କହନ୍ତି ବାବୁ ଶୁଣ ଚକ୍ରଧର
ବହୁତ ନାୟିକା, ପୁତ୍ର ଅଛନ୍ତି ତୁମ୍ଭର ॥
ମାତ୍ର କେହୁ କେଣେ ଗଲା ଅଛି କି ବା ନାହିଁ
ଏଥିର ତଦନ୍ତ ଆପଣଙ୍କୁ ଜଣା ନାହିଁ ॥
କୁମ୍ଭୀର କଚ୍ଛପ ଗୋଧୀ ପରି ଏ ବେଭାର
ଏମାନେ ଡିମ୍ବ ଦେଇଣ ପୋତନ୍ତି ଗର୍ତ୍ତର ॥
ସେ ଡିମ୍ବରୁ କେତେ କାକ, ଶୃଗାଳ ଭକ୍ଷନ୍ତି
କେବଣ ଡିମ୍ବରୁ ସୁତାସୁତ ଜନମନ୍ତି ।
ମାତ୍ର ପିତାମାତା ତାକୁ ଆଦର ନ କରି
ସେପରି ତୁମ୍ଭ ବଂଶ ଉଦ୍‌ଭବ ନରହରି ॥

ଶ୍ରୀକୃଷ୍ଣ କହନ୍ତି ଋଷି କହିଲ କିପରି
ଆମ୍ଭଙ୍କୁ କୁମ୍ଭିର କଚ୍ଛପର ଲକ୍ଷ୍ୟ କରି ॥

ନାରଦ କହନ୍ତି ବାବୁ ପଦ୍ମନ କୁମର
ଅଟଇ କି ନୁହଇ ହେ ସନ୍ତାନ ତୁମ୍ଭର ॥
କେଣେ ଅଛି କି ବିପଦେ ପଡ଼ିଅଛି ସେହି
ଏଥିର ତଦନ୍ତ ତୁମ୍ଭେ ଜାଣ କି କହ୍ନାଇ ॥
ବିନ୍ଧ୍ୟମାଳ ରାଜା ମେରୁଶୃଙ୍ଗ ଯେ ଅସୁର
ତ୍ରିପୁର ମୋହିନୀ ନାମେ ଦୁହିତା ତାହାର ॥
ଅନୁରୂପ ବର ତାର ଯେଣୁ ନ ମିଳିଲା
କୈଳାସରେ କାରତିକ ବୀରେ ସେ ବରିଲା ॥

Digitized by srujanika@gmail.com

ଆସିଲା କାର୍ତ୍ତିକେଶ୍ୱର ବରବେଶ ହୋଇ
ବେଦିରେ ସମାଦରେ ରଖିଲା ନୃପସାଇଁ ॥
ତୋ ପୁତ୍ର ପଦ୍ମନ ଏକ ରହୁବର ନେଇ
ତ୍ରିପୁର ମୋହିନୀକୁ ଯେ ଆଣିଲା ଚୋରାଇ ॥
ଯେଉଁ ମେରୁଶୂଳ ରାଜା କରେ ଶୂଳ ଥିଲେ
ତ୍ରିପୁର କ୍ଷତ୍ରିଏ ତାକୁ ହୋଇ ଏକମେଳେ ॥
ରଣ କଲେ କାହାକୁ ସେ ନ କରଇ ଶଙ୍କା
ତା' ହାବୋଡ଼େ ପଡ଼ିଅଛି ତୋ ପଦ୍ମନ ଏକା ॥
ଷଡ଼ାନନ ମହାକ୍ଷତ୍ରୀ ଜାଣୁ ତୁ କହ୍ନାଇ
ବେନିବୀର ରଣ ଥରେ ଦେଖ ତୁହି ଯାଇ ॥

ଶୁଣି କୃଷ୍ଣଚନ୍ଦ୍ରଙ୍କର ଉଡ଼ିଲା ସାହସ
ଆହା କି କରମ କଲା ହୋଇ ବାଳଶିଷ୍ୟ ॥
ପୁଣି ଏକା ଅଛି ତୁଲେ ଯୋଦ୍ଧା କେହି ନାହିଁ
ଏମନ୍ତ କହି ବିସ୍ମୟ ହେଲେଟି କହ୍ନାଇ ॥
ଧର୍ମକୁ ସ୍ମରଣ କରୁଛନ୍ତି ଚକ୍ରଧର
ପଦ୍ମନେ ରକ୍ଷା କରିବ ଯିବା ଯାଏ ମୋର ॥

॥ ଚୌପଦୀ ॥

ହେ ଧର୍ମଦେବ, ଅଟ ତୁମ୍ଭେ କର୍ମାଧିକାରୀ ହେ ॥ ପଦ ॥
ଅକର୍ମୀର କର୍ମ ଦାୟକ, ସବୁରି ଅଟ ସହାୟକ
ସକଳ ଜୀବର ଅଙ୍ଗରେ ତୁମର
ନିବାସ ସବୁଠି ରହିଛ ପୁରି ହେ ॥ ୧ ॥
ସୃଷ୍ଟି ସ୍ଥିତି ତୁମ୍ଭଠୁ ଜାତ, କରୁଣାରୁ ଜୀବ ସମ୍ଭୂତ
ଆଜ୍ଞାରୁ ପାଳନ ଦିବାନିଶି ଜନ୍ମ
ଶ୍ରୁତି ବେଦାଦି ଭିଆଣ ତୁମ୍ଭରି ହେ ॥ ୨ ॥
ମୁସ୍ତକିମ ଭାଷେ ଅନନ୍ତ ନ ମିଳଇ ତୁମ୍ଭର ଅନ୍ତ
ଅଜ୍ଞାନରେ ଦୋଷ ଥିଲେ ତେଜି ରୋଷ
ରକ୍ଷା କର ଦେବ କରୁଣା କରି ହେ ॥ ୩ ॥

Digitized by srujanika@gmail.com

।। ଲୀଳା ।।

ଧର୍ମଙ୍କୁ ସୁମରି ହରି ହୋଇଲେ ବାହାର
ଅର୍ଜୁନ ସହ ବସିଲେ ଗରୁଡ଼ ଉପର ।।
ସଙ୍ଗେ ଯଦୁବଳ ହେଲେ ଅସଂଖ୍ୟ ବାହାର
ବାଦ୍ୟ ନାଦେ ଉଚ୍ଛୁଳଇ ଦ୍ୱାରକା ନଗର ।।
ଧର ଧର ମାର ମାର ପଡ଼ଇ ଚହଳ
ଧରି ଫରି ଖଣ୍ଡା ଧନୁ ତୂଣ କରବାଳ ।।
କୁନ୍ତ ଶାବେଳୀ ବରଛା ଯଷ୍ଟି ଖଡ଼୍ଗ କାତି
ମୁଦ୍‌ଗର ଢେଳ କୁନ୍ତ ଭୂଷଣ୍ଡି ଶକତି ।।
ରଥାରୋହୀ ଅଶ୍ୱାରୋହୀ କେ ଗଜ ଆରୋହୀ
ପଦଘାତେ ଟଳମଳ ହେଉଅଛି ମହୀ ।।
ବିନ୍ଧ୍ୟ ଗିରିକୁ ବୋଲିଣ ସନ୍ୟଗଣ ଧାଇଁ
ପାର୍ଥ ସହ ଗରୁଡ଼ରେ ବିଜେ ଲକ୍ଷ୍ମୀ ସାଇଁ ।।
ଉଡ଼ିଲାକ ଖବର ପବନୁ ବେଗ ହୋଇ
ବିନ୍ଧ୍ୟ ପର୍ବତରେ ଯେ ପ୍ରବେଶ ହେଲା ଯାଇ ।।

ପଦ୍ମନକୁ ମେରୁଶୂଳ କାରତିକେଶ୍ୱର
ଶ୍ରାବଣ ବରଷା ଜିଣି ମାରୁଛନ୍ତି ଶର ।।
ଏମନ୍ତ ସମଏ ତହିଁ ପ୍ରବେଶ ହୋଇଲେ
ରହ ରହରେ ନିଷ୍ଠୁର ବୋଲି ଡାକଦେଲେ ।।
ଗରୁଡ଼କୁ ଦେଖିଣ ମୟୂର ଭୟ ପାଇ
ପଳାଇଲା କୈଳାସକୁ କାର୍ତ୍ତିକକୁ ନେଇ ।।
କୈଳାସ ପର୍ବତେ ଯାଇ ହୋଇଲା ପ୍ରବେଶ
କାର୍ତ୍ତିକେଶ୍ୱରକୁ ଚାହିଁ ପୁଛନ୍ତି ମହେଶ ।।
ବାବୁ ମେରୁଶୂଳ ତୋତେ ବରି ଡକାଇଲା
ତ୍ରିପୁର ମୋହିନୀ ବିଭା କରିବା ବୋଇଲା ।।
ଏକାକୀ କେମନ୍ତେ ଆସୁ ବଧୂ ମୋର କାହିଁ
ଶୁଣି କାର୍ତ୍ତିକୋଶ୍ୱରର ବାକ୍ୟ ନ ସ୍ଫୁରଇ ।।

Digitized by srujanika@gmail.com

ପୁଣ ପୁଣ ପୁଚ୍ଛା କଲେ ପାର୍ବତୀ ରମଣ
ତଳମୁଖ ହୋଇ ନେତ୍ର କରି ଥନ ଥନ ॥
କହନ୍ତି କାର୍ତ୍ତିକେଶ୍ୱର ଶୁଣ ହେ ପିଅର
ମେରୁଶୂଳ ଆଜ୍ଞାରେ ଦୁର୍ବାଶା ଋଷିବର ॥
ମେରୁଶୂଳପୁରେ ମୋତେ ବରିଣ ଯେ ନେଲେ
ଦେଖିଣ ଯେ ମେରୁଶୂଳ ବହୁମାନ୍ୟ କଲେ ॥
ବେଦୀରେ ବସାଇଲେ ଯେ ସମ୍ମାଦର କରି
ଦେବୀ ପୂଜିବାକୁ ଗଲା ରାଜାର କୁମାରୀ ॥
କୃଷ୍ଣ ତନୟ ପଦ୍ମନ ସେଠାରୁ ବଳରେ
ହରନେଲା ତ୍ରିପୁର ମୋହିନୀକୁ ଯେ ଛନ୍ଦରେ ॥
ତାର ତୁଲେ ମେରୁଶୂଳ ଆଉ ମୁହିଁ ରଣ
କରୁଥିଲୁ ପ୍ରବେଶିଲେ ଶ୍ରୀକୃଷ୍ଣ ଅର୍ଜୁନ ॥
ଖଗବରକୁ ଦେଖିଣ ମୋହର ବାହନ
ଭଏ ଘେନି ଆସିଲାଟି କୈଳାସ ଭବନ ॥

ଶୁଣିଣ ଈଶ୍ୱରଙ୍କର ଜଳିଲାଟି ଦେହ
ଦେଖିବା କେ ରଖିବରେ ଆଜି କୃଷ୍ଣପୁଅ ॥
ଏତେ କହି ବୃଷଭେ ବସିଲେ ମହେଶ୍ୱର
ନନ୍ଦୀ ଭୃଙ୍ଗୀ ଗଣସନ୍ୟ ହୋଇଲେ ବାହାର ॥
ପ୍ରବେଶିଲେ ରଣସ୍ଥଳେ ମହାକୋପ ହୋଇ
ହରଙ୍କୁ ଦେଖି ପାର୍ଥିବ ଆଉ ଯଦୁସାଇଁ ॥
ଖଗବରରୁ ଓହ୍ଲାଇ ବେନି ବୀର ଗଲେ
ହରଙ୍କୁ ପ୍ରଣମି କର ଯୋଡ଼ି ସ୍ତୁତି କଲେ ॥

॥ ଚୌପଦୀ ॥

ଜୟ ଜୟ ହେ ଭୋଳାନାଥ ଶଙ୍କର
ତୁମ୍ଭେ କଲେ ରୋଷ ପୁର ଚତୁର୍ଦ୍ଦଶ
କ୍ଷଣକରେ ହୋଇପାରେ ସଂହାର ॥ ପଦ ॥

Digitized by srujanika@gmail.com

ଜୟ ଜୟ କୈଳାସ ପତି, ହରିପାର ଜନ ବିପତ୍ତି
ଶିବ ବୃଷଈଶ କପର୍ଦ୍ଦୀ ମହେଶ
ଘନରାକ୍ଷୀ ଶ୍ରଦ୍ଧାଙ୍କ ଗଙ୍ଗାଧର, ବ୍ୟାଘ୍ର ଚର୍ମର
ପରିଧାନ କର୍ତ୍ତା ପିନାକଧର ।। ୧ ।।
ଜୟ କୃପାମୟ ମହେଶ, ମହାଯୋଗୀ ଶ୍ମଶାନେ ବାସ
ଦେବ ଦେବ ମହାଦେବ ଦୁର୍ଗା ନାହା
ଡମ୍ବରୁ ତ୍ରିଶୂଳ ଶୋଭନ କର
ଚଂପକ ହାର
ନୀଳକଣ୍ଠ ବିଷ ଭକ୍ଷଣ କର ।। ୨ ।।
ଆର୍ତ୍ତୀ ଆର୍ତ୍ତେ କଲେ ସ୍ମରଣ, ପୂର୍ଣ୍ଣ କର ଅରିଷ୍ଟ କାମ
ମୁସ୍ତକିମ କହି ତୁମ୍ଭ ବିନେ କେହି
ଆନ ଦେବଙ୍କର ଏ ଅଧିକାର, ଜଣାଣ ମୋର
ଘେନି ଦୁଃଖୀ ପ୍ରତି ସୁଦୟା କର ।। ୩ ।।

।। ଲୀଳା ।।

ଶ୍ରୀହରି ଅର୍ଜୁନ ହର ପାଦରେ ପ୍ରଣମି
କରଯୋଡ଼ି ଉଭା ହୋଇ କହନ୍ତି ଭୋ ସ୍ୱାମୀ ।।
କାହା ପ୍ରତି ଏଡ଼େ କୋପ ହୋଇଛ ଆପଣ
ଏଥିର ବୃତ୍ତାନ୍ତ ଫେଡ଼ି କହ ତ୍ରିଲୋଚନ ।।

ଈଶ୍ୱର କହନ୍ତି ବିନ୍ଧ୍ୟମାଳ ନରପତି
ଷଡ଼ାନନେ ଦେବା ପାଞ୍ଚ ତାହାର ଦୁହିତୀ ।।
ଦୁର୍ବାସା ହସ୍ତେ ବରଣ କରିଣ ଆଣିଲା
ସେ ଟୁକୀକୁ ପଦମନ ଚୋରାଇଣ ନେଲା ।।
ସେ ପଦ୍ମନ ପକ୍ଷେ ତୁମ୍ଭେ ପରା ଯୁଦ୍ଧ କର
ବୋଲି କୃଷ୍ଣ ଅର୍ଜୁନକୁ କହିଲେଟି ହର ।।

ଶ୍ରୀକୃଷ୍ଣ କହନ୍ତି ସବିନୟ ହୋଇ କରି
ଶିବ ବ୍ରହ୍ମା ବିଷ୍ଣୁ ଏକ ବ୍ରହ୍ମ ଅବତାରୀ ।।

Digitized by srujanika@gmail.com

ଆପଣ ଅଟନ୍ତି ବଡ଼ ମୁଁ ଅଟଇ ସାନ
ଆପଣଙ୍କଠାରୁ ବିଚାରିଲେ ମୁଁ ଅଜ୍ଞାନ ।।
ସେ ଟୁକୀର କଥା ଆପଣଙ୍କୁ ନୁହେ ଜଣା
କହୁଅଛି ଶୁଣ ପ୍ରଭୁ ଠିକଣା ଠିକଣା ।।
ପିତା ତାର ଦୁର୍ବାସାଙ୍କୁ କୈଳାସ ପେସିଲା
ପୁଣି ତ୍ରିପୁର ମୋହିନୀ ମନଙ୍କୁ ଆସିଲା ।।
ପତ୍ର ଦୂତ ପଠାଇ ପଦ୍ମନେ ଡକାଇଲା
ପଦ୍ମନ ପ୍ରବେଶୁ ତାଙ୍କୁ ବରଣ ସେ କଲା ।।
ଗନ୍ଧର୍ବ ମତ ବିବାହ ପ୍ରସିଦ୍ଧ ବରଣ
ଜାଣି ତାଙ୍କୁ ଘେନି ଯାଉଥିଲାଟି ପଦ୍ମନ ।।
କାର୍ତ୍ତିକ ବରଣ କଥା ନୁହେ ତାଙ୍କୁ ଜଣା
ନୋହିଲେ ଭାତୃବିରୋଧ କରନ୍ତା କି ନଣା ।।
ମୋତେ ମଧ୍ୟ ଜଣା ନାହିଁ ପଦ୍ମନର କଥା
ନାରଦ କହିଲେ ଯାଇ ଏ ସର୍ବବାରତା ।।
ଯଦି ମିଥ୍ୟା ମଣ ପ୍ରଭୁଂ ପୁଚ୍ଛ ନାରଦଙ୍କୁ
ଛାର ସ୍ତିରୀ ଗୋଟା ପାଇଁ ତେଜିବା ଭାତୃଙ୍କୁ ।।
ସଂସାରେ ରମଣି କି ନ ମିଳିବ ହେ ଭାଇ
ଏଥିପାଇଁ ମରାମରି ହେବା କାହିଁ ପାଇଁ ।।

ଶୁଣିଣ ଈଶ୍ୱର ମନୁ କ୍ରୋଧ ସଂହରିଲେ
ମେରୁଶୂଳଙ୍କୁ ଅର୍ଜୁନ ତହୁଁ ବୁଝାଇଲେ ।।
ତୁମ୍ଭରତ କ୍ଷତି ବାବୁ ବୁଝିଲେତ ନାହିଁ
ହରବନ୍ଧୁ କରିଥାନ୍ତ ହରି ପାଇଲଇଁ ।।
ଶୁଣି ମେରୁଶୂଳ ମନେ ଆନନ୍ଦ ହୋଇଲା
ସମସ୍ତଙ୍କୁ ବରି ବିଭା ସମ୍ଭାରେ ଲାଗିଲା ।।

।। ଚୌପଦୀ ।।

ବିଭାଘର, ନ ଖାଇ ନ ପିଇ ହରବର ।। ପଦ ।।
ବନ୍ଧୁବାନ୍ଧବଙ୍କ ପ୍ରମୋଦ ନିମନ୍ତେ

Digitized by srujanika@gmail.com

କୋଡ଼ା ଲାଗେ ନାନା ଉପଚାର ହେ ଉପଚାର
ଶେଷ ହେବାଯାଏ ଦିବାନିଶି ଲଏ
ସବୁବେଳେ ମାଡ଼େ ନିଦ୍ଦାର ଡର ॥ ୧ ॥
ଖାଇବା ପିଇବା ବସିବା ଶୋଇବା,
ପାନ ବିଡ଼ି ଇତ୍ୟାଦି ସମ୍ଭାର
କିଛି ହେଲେ କମ, ଛାତି ଦମ ଦମ
ଚରଚାରେ ମନ ଯେ ତର ତର ॥ ୨ ॥
ମୁସ୍ତକିମ କହି ବାଦୋଇ ନାଟଇ
ନିଶା ମାଗୁଥାନ୍ତି ନିରନ୍ତର
ହେଲେ ଟିକେ ଡ଼େରି ପଡ଼ିଯାଏ ହୁରି
ଚିତ୍ତ ବୁଡ଼େ ଚିନ୍ତା ପାରାବାର ହେ ॥ ୩ ॥

॥ ଲୀଳା ॥

ମେରୁଶୃଙ୍ଗ ନଗରେ ମିଳିଲେ ସର୍ବେ ଯାଇ
ହରିହରି ପାଣ୍ଡୁବଂଶ ଯଦୁବଂଶୀ ହୋଇ ॥
ଆନନ୍ଦରେ ରାଜା ତାଙ୍କୁ ରୁହାଇଲା ପୁରେ
ନଗ୍ରରେ ଉତ୍ସବମାନ କଲେ ହରଷରେ ॥
ଛାମୁଣ୍ଡିଆମାନ ସ୍ଥାନେ ସ୍ଥାନେ ଲଗାଇଲେ
ସ୍ଥଳମାନ ଜାଣି ତହିଁ ଚାନ୍ଦୁଆ ଟାଣିଲେ ॥
ଅପକ୍ଷରୀ ପରି ଗାନକାରୀଗଣ ମିଳି
ଗାଇଲେ ମଙ୍ଗଳ ଗାନମାନ ହୋଇ ମେଳି ॥
ନାନା ନୃତ୍ୟମାନ ଶୋଭା ପାଏ ଠାବେ ଠାବେ
ଦିବସ ପରାଏ ରାତ୍ରି ଉଜ୍ଜ୍ୱଳ ପ୍ରଭାବେ ॥
ରାଜପୁର ଶୋଭା କଲେ ସୋନା କଳସରେ
ସ୍ଥାପିଲେଟି ରମ୍ଭାତରୁ ଦ୍ୱାର ସମ୍ମୁଖରେ ॥
ଚୂତପତ୍ର ମାଳ ମାଳ ସ୍ଥାନକୁ ବିଚାରି
ନେତ ପତାକାରେ ଯେ ସୁନ୍ଦର ଦିଶେ ପୁରୀ ॥
ବେଦୀଶାଳ ଶୋଭା ମୁଖେ କହି ତ ନୁହଇ
ମନ ନୟନକୁ ଏକା ବେଳେ ନିଏ ମୋହି ॥
ନାନା ଜାତି ଫୁଲବୃକ୍ଷ ସହ ଚଉକତି

Digitized by srujanika@gmail.com

ମହ ମହ ସୁବାସରେ ଚିତ୍ତ ହରୁଛନ୍ତି ॥
ଚନ୍ଦ୍ରସୂର୍ଯ୍ୟ ଜିତି ତହିଁ ଆଲୁଅ ଶୋଭନ
ଦିବସ ରାତ୍ରି ସେଠାରେ ଏକାକାର ଜାଣ ॥
ବନ୍ଧୁବାନ୍ଧବ ସକଳେ ଆସନ୍ତି ହରଷେ
ଉପହାର ଦ୍ରବ୍ୟ ବୁହାଇଣ ମନତୋଷେ ॥
ହସହସ ମୁଖେ ପୁର ଦ୍ୱାରରେ ମିଳନ୍ତି
ପଦଧୌତ କରଣରେ ବରନ୍ତି ଅତିଥି ॥
ତଦୂତ୍ତାରୁ ଉତ୍ତମ ଆସନେ ବସାବନ୍ତି
ତାମ୍ବୁଳୀ ତାମ୍ବୁଳ ବିଡ଼ି ଭଣ୍ଡାରୀ ଖଟନ୍ତି ॥
ପୁଣି ଚରଚାକାରୀ ଡେରାଏ ତାକୁ ଦେଇ
ଆସନ ସୁଖାସନାଦି ସେବା ନିଯୋଗାଇ ॥
ଏପରି କହି ବସିଲେ ହୋଇବଟି ପୋଥି
ଏବେ ଆନ ରସ ଶୁଣ ହେ ଜ୍ଞାନୀ ସୁମତୀ ॥

(ଶେଷ ଅଂଶ ଅଲଭ୍ୟ)

□□□

Digitized by srujanika@gmail.com

।। ଦ୍ରୁପତୀ ସ୍ୱୟମ୍ବର ।।

ବନ୍ଦଇ ସାରୋଳା ମା ଗୋ ଜଗତ ଜନନୀ
ବନ୍ଦଇ ଶ୍ରୀ ଅମ୍ବିକା ଗୋ ମଇଁଷା ମର୍ଦ୍ଦନୀ, ଆଦ୍ୟମାତ
ପୂର୍ଣ୍ଣକର ମୋର ମନୋସାର୍ଥ ।। ୧ ।।

ଶ୍ରୀ ମହାଭାରତ ଆଦ୍ୟ ପର୍ବର ବିଧାନ
ବଖାଣିବା ପାଇଁ ମୋର ବଳୁଅଛି ମନ, ମାହେଶ୍ୱରୀ
ଶିବା, ଭବାନୀ, ଉମା, ଗଉରୀ ।। ୨ ।।

କୃପାଜଳ ନନ୍ଦିନୀ ମା ସାହା ମୋତେ ହୁଅ
କଣ୍ଠେ ବସି ସରସ୍ୱତୀ ପଦ କହିଦିଅ - ଦ୍ରୌପଦୀର
ଯେପରି ହୋଇଲା ସ୍ୱୟମ୍ବର ।। ୩ ।।

ଆଦ୍ୟ୍ୟ ପ୍ରାନ୍ତ ପରିଯନ୍ତେ କହିବି ସକଳ
ଦୋଷ ମୋ ନ ଘେନିବ ସ୍ୱଭାବେ ଅଟେ ବାଳ, ସାଧୁଜନ
ଶରଣ ମୁଁ ତୁମ୍ଭର ଚରଣ ।। ୪ ।।

ଜନ୍ମ ହୁଁ ମୁରୁଖ ମୋର ଜ୍ଞାନ କିଛି ନାହିଁ
ସାରଳା ଆଜ୍ଞା ହେବାରୁ ପଦ ଲେଖିଲଇଁ, ସୁଜନେ ହେ
ଭାବି ମୁସ୍ତକିମ ରସେ କହେ ।। ୫ ।।

ଶୁଣହେ ସୁଜନେ ଏ ବିଚିତ୍ର ମହାରସ
ଦ୍ରୌପଦୀ ହରଣ ଏବେ କରୁଛି ପ୍ରକାଶ ।। ୧।।
ଯେପରି ଦ୍ରୁପଦ ରାଜା ସ୍ୱୟମ୍ବର କଲା
ଚାରିଉଣା ଲକ୍ଷେ ନୃପ ବରିଣ ଆଣିଲା ।। ୨ ।।
ଲକ୍ଷେ ରାଜା ସହିତ ସାରଥୀ, ରଥୀ ହୋଇ
ସେ ମହାଲାଖକୁ ବାନ୍ଧି ନ ପାରିଲେ କେହି ।। ୩ ।।

Digitized by srujanika@gmail.com

ଅର୍ଜ୍ଜୁନ ବିନ୍ଧିଲା ଲାଖ ସମସ୍ତେ ଦେଖିଲେ
ଅପମାନେ ଥିବା ଯୋଗୁଁ ନୋହିଲା ବୋଇଲେ ॥ ୪ ॥
ପଣି ଲାଖ ବିନ୍ଧିଲା ଯେ ବାସବ ନନ୍ଦନ
କନ୍ୟା ଶୋଭା ଦେଖି ଲୋଭ କଲା ଦୁର୍ଯ୍ୟୋଧନ ॥ ୫ ॥
ଶକୁନିକୁ ବୋଲେ ମାମୁଁ ଯାଅ ବେଗ ହୋଇ
କନ୍ୟାଗୋଟି ଦେଇ ଦ୍ୱିଜ ଧନ କିଛି ନେଇ ॥ ୬ ॥
ଶକୁନି ମୁଖରୁ ଶୁଣି ପାର୍ଥ ମହାବୀର
ମହାକୋପା କରିଣ ଭାଷିଲା କଟୁ ଗୀର ॥ ୭ ॥
ଲକ୍ଷେ ରାଜା ଶତେଭ୍ରାତ ସଙ୍ଗେ କୁରୁବୀର
ଅର୍ଜ୍ଜୁନ ସଙ୍ଗତେ କଲେ ଦୁସ୍ସହ ସମର ॥ ୮ ॥
ଯୁଦ୍ଧେ ହାରି ପଳାଇଲେ ସକଳ ସଇନୀ
ଦ୍ରୁପଦୀକୁ ବିଭା ହେଲେ ପଞ୍ଚଭ୍ରାତ ପୁଣି ॥ ୯ ॥
ସେ ସକଳ କଥା ଏବେ କହିବି ବିସ୍ତାରି
ଆହେ ସଭାଜନେ ଦୋଷ ନ ଘେନ ମୋହରି ॥ ୧୦ ॥
ଶ୍ରୀମହାଭାରତ ଏହୁ ଆଦ୍ୟପର୍ବ ରସ
ଭାବି ଭାବି ଭଣେ ମୁସ୍ତକିମ ବାଳ ଶିଷ୍ୟ ॥ ୧୧ ॥

॥ ଦ୍ରୁପଦ ରାଜାଙ୍କର ବାହାର ॥

ବାହାର ହୋଇଲେ ଦ୍ରୁପଦେଶ୍ୱର ହୋ
ପାତ୍ରମନ୍ତ୍ରୀ ଅମନ୍ୟାସ ସଙ୍ଗର ହୋ ॥ ପଦ ॥
ପାଦରେ ମଉଜା ଜୋତା, ଚାକର ଧରିଛି ଛତା
ନବଯୁବା ଝିଅ କଥା ମନର ହୋ । ୧ ।
ତା'ରି ଚିନ୍ତାରେ ରାଜନ, ମନ୍ତ୍ରୀକୁ ଭାଷେ ବଚନ
ଯାଜ୍ଞସେନୀ ବିଭା କର ବିଚାର ହୋ । ୨ ।
ମନ୍ତ୍ରୀ ଭାଷେ ଭୋ ରାଜନ, ଶୁଣିବା ମୋର ବଚନ
ଆରମ୍ଭ କରିବାକ ସ୍ୱୟମ୍ବର ହୋ । ୩ ।
ଦ୍ୱାରୀକୁ ବେଗେ ଡକାଅ, ବରଣାର୍ଥେ ପତ୍ର ଦିଅ
ବରଣ କରୁ ସେ ନବଦ୍ୱୀପର ହୋ । ୪ ।

Digitized by srujanika@gmail.com

ଶୁଣିଣ ମନ୍ତ୍ରୀ ସେ ବାଣୀ, ଦ୍ୱାରୀକୁ ଡାକିଲେ ପୁଣି
ଭାବି ମୁସ୍ତକିମ ଭଣେ ଏ ଗୀର ହୋ । ୫ ।

।। ଦ୍ୱାରୀ ବାହାର ।।

ଦ୍ୱାରୀ ଦ୍ୱାରୀ, କେ ଡାକଇ ଗୋ, ଆତୁର ହୋଇ ।। ପଦ ।।
ମୋର ନାମ କାଳିଆ, ମୁଁ ବଡ଼ କଙ୍ଗାଳିଆ
ନୃପତି ସେବକ ଅଟଇଁ ଗୋ ।। ୧ ।।
ଯାଉ ରାନ୍ଧିଲି କାଲୁ, ଖାଇଦେଲି ସକାଳୁ
ହଗି ବସିଅଛି ମୁହିଁ ଗୋ ।।୨ ।।
ବଡ଼ ରସବତୀ, ଅଟେ ମୋ ଯୁବତୀ
ତା' ସଙ୍ଗେ ଶୋଇଥିଲି ମୁହିଁ ।। ୩ ।।
ରାଜାଙ୍କ ଦୁଆରେ ଘେନି ଠେଙ୍ଗା ଗୋଟି
ଜଗି ବସିଥାଏ ମୁହିଁ ଗୋ ।। ୪ ।।
ଭଣେ ମୁସ୍ତକିମ, ଦୁଆରୀ ମୋ ନାମ
ରାଜା ଆଜ୍ଞାରେ ଯାଏଁ ଧାଇଁ ଗୋ ।। ୫ ।।

।। ଦ୍ୱାରୀ ପ୍ରବେଶ ।।

କିମ୍ପା ଡାକ ଦଣ୍ଡଧର ହେ, ଆସିଗଲି ମୁଁ ହଜୁର ହେ
ଆପଣଙ୍କ ଡାକ ଶୁଣିଣ, ଉଚ୍ଚକିତ ହେଉଛି ସୋର ।।
ଘରେ ମୋ ମାଇଝି, ଛାଡ଼ି ଆସିଅଛି
ଚୋରାଇ ନେବେ ବା ଚୋର ହେ ।। ୧ ।।
ରାତିଯାକ ମାତି, କଲି ମୁଁ ସୁରତି, ନାସିଲି ଅରାତି
ଉନିଦ୍ରା ଅଛି ନେତ୍ରର ହେ ।। ୨ ।।
ଗାଂଜା ପିଇ ପିଇ, ମୁସ୍ତକିମ କହି
ଶୁଖି ଗଲିଣି ଏଥର ହେ ।। ୩ ।।

ଶୁଣ ହେ ସୁଜନ ଜନ, ଦ୍ୱାରୀକୁ ଡକାଇ ଆଣି ରାଜନ
ପେଶନ୍ତି ଚତୁର୍ଦ୍ଦିଗ ଗଣ, ସୁଜନେ ହେ
ମନ୍ତ୍ରୀ ଲେଖେ ପତ୍ରମାନ ।। ୧ ।।

Digitized by srujanika@gmail.com

ଜମ୍ବୁଦ୍ୱୀପ ସିଂହଳକୁ, ମଗଧ କର୍ଣାଟ ଆଦି ପ୍ରାନ୍ତକୁ
କାଶ୍ମୀରାଦି ହସ୍ତିନାକୁ, ସୁଜନେ ହେ
ବୁଝାଅନ୍ତି ଦୁଆରୀକୁ ॥ ୨ ॥
ନେପାଳ ରମ୍ୟକ ଦ୍ୱୀପ, ଆଦି ଯିବୁ ସମସ୍ତ
ଯମପ୍ରସ୍ଥ, ଇନ୍ଦ୍ରପସ୍ଥ, ଦୁଆରୀରେ
ଚାରିଦିଗ ଭ୍ରମୁ ତୁତ ॥ ୩ ॥
ପତ୍ର ଲେଖି ମନ୍ତ୍ରୀବର, ନେଇଣ ଦେଲେ ଦୁଆରୀ କର
ମୁସ୍ତକିମ ଭାଷେ ଗୀର, ସୁଜନେ ହେ
ମରେ ଦୋଷ କ୍ଷମାକର ॥ ୪ ॥

॥ ପହଲୀ ॥

ନପାରେ ମୁଲୁକ ଫେରି ମୁହିଁ, କାହାରି ବାପର ଖାଇ ନାହିଁ
ନକରେ ନୌକରୀ,ନ ଯାଏଁ ବରଣ କରି
କି କରିବେ ମୋତେ ନୃପସାଇଁ ॥ ୧ ॥
ବିଭା ହେଲି ଗୁଟେ, କରିଅଛିଁ ପେଟେ (ହୋଇଅଛି ପେଟେ)
କିପରି ତାକୁ ଛାଡ଼ି ଯିବଇଁ ॥ ୨ ॥
ଦାମ ପାଞ୍ଚ ଟଙ୍କା, ମୁହିଁ ଅଛି ଏକା
ମରିଗଲେ କେ କାନ୍ଦିବେ ନାହିଁ ॥ ୩ ॥
କହେ ମୁସ୍ତକିମ, ବଢ଼ାଇଲେ ଦାଣ
ବରଣ କରିବି ଧାଇଁ ଧାଇଁ ॥ ୪ ॥

ଚଲେ ଦୁଆରୀ ଆନନ୍ଦ ହୋଇ ହୋ
ନିମନ୍ତ୍ରଣ ପତ୍ର ହସ୍ତେ ନେଇ ହୋ ॥ ପଦ ॥
ଜମ୍ବୁ ସିଂହଳ ମଗଧ, କର୍ଣ୍ଣାଟ ଭୁଟାନ ପଶ୍ଚି
କାଶ୍ମୀର ହସ୍ତିନା ଆଦି ହୋଇ ହୋ ।୧।
ନେପାଳର ରମ୍ୟକ ଦ୍ୱୀପ, ବିଲାଏତ ଆଦି ସମସ୍ତ
ବରଣ ପାଇଁ ମୁସ୍ତକିମ କହି ହୋ । ୨ ॥

Digitized by srujanika@gmail.com

।। ଦୁଆରୀର ଦିଗବରଣ ।।

ଦୁଆରୀ ହୋଇଲା ବାହାର, ଚଳିଲା ପୂରୁବ ଦିଗର
ସେ ଦିଗ ସକଳ ରାଜାଙ୍କୁ ବରିଣ, ପଛିମକୁ ଗମେ ଧିର ଧିର । ୧
ପଛିମ ଦିଗରେ ମିଳିଲା, ସକଳ ରାଜାଙ୍କୁ ବରିଲା
ଉତ୍ତରେ ପ୍ରବେଶ, ହୋଇଣ ହରଷ
ସ୍ୱୟମ୍ବର କଥା କହିଲା ।୨
ସେଠାରୁ ଦୁଆରୀ ବାହାର, ହୋଇ ଚଳିଲା ଦଖିଣର
କହେ ମୁସ୍ତକିମ, ପତ୍ରିକା ଦେଇଣ, ମିଳିଲା ନୃପତି ଛାମୁର । ୩ ।।

।। ପହଲି ।।

ଆସୁଛନ୍ତି ନୃପଗଣ, ମହାରାଜା ଶୁଣ ।। ପଦ ।।
ବାଜୁଅଛି ବାଜା, ବିଜେ ସବୁ ରାଜା, ବସାଅ ଆଦର କରିଣ । ୧।।
ଓଟ ହାଥୀ ଘୋଡ଼ା, ଛନ୍ତି ମୁଡ଼ାମୁଡ଼ା, ଭେରିତୂରୀ ଅଗଣନ । ୨।।
ଏକଇ ଦ୍ରୌପଦୀ, କେତେ ତାର ପତି, କହେ ଭାବି ମୁସ୍ତକିମ । ୩ ।।

।। ନୃପଗଣଙ୍କ ପ୍ରବେଶ ।।

ବାହାରିଲେ ଲକ୍ଷେ ରାଜା, ଆଗେ ବାଜେ ବୀର ବାଜା
ଦ୍ରୁପଦ ନଗ୍ରେ ପ୍ରବେଶ, ଦିଶୁଅଛି କେଡ଼େ ମାଜା ।। ପଦ ।।
କେହୁ ଟୋପି, କେହୁ ପାଗ, କେ ଭରି ମାଳ ସରାଗ
କେହୁ କୋଟ କେ ପାଜାମା, କା ପାଦେ ଜୋତା ମଉଜା । ୧।।
କେ ପାନ ଖାଇଛି ମୁଖେ, ଛତା କେ ଧରିଛି ସୁଖେ
କେ ନୃପତି ବଡ଼ ସୌକିଆ, କାନ୍ଧେ ପତଲା ଗାମୁଛା । ୨।।
କା କର୍ଣ୍ଣେ ହେମ କୁଣ୍ଡଳ, କା କଣ୍ଠରେ କଣ୍ଠିମାଳ
କେ ନରେଶ ବୀର ବେଶ, କେ ହସ୍ତେ ମୋଡୁଛି ମେଛ । ୩ ।।
ସ୍ୱୟମ୍ବର କଥା ଶୁଣି, ସକଳେ ମିଳିଲେ ପୁଣି
ଭାବି ମୁସ୍ତକିମ ଭଣି, ଯାହା କହିଲେ ଗିରିଜା । ୪ ।।

Digitized by srujanika@gmail.com

॥ ପହଲି ॥

ଅଇଲେ ମାଇପେ ଶଳେ, ରାଜା ସକଳେ । ପଦ ।
ଜଗି ବସିଛି ମୁହିଁ, ତୁମ୍ଭେ ଆସିଛ ଧାଇଁ
ନେବ ତ କପାଳେ ଥିଲେ । ୧॥
ଅଛ ତ ଲକ୍ଷେ ରାଜା, କାହାଠାରେ ଗିରିଜା
ଦୟା ଅଛି ମୁସ୍ତକିମ ବୋଲେ । ୨ ॥

॥ ରାମକୃଷ୍ଣ ବାହାର ॥

ବାହାର ହୋଇଲେ ହରି ଅତି ହରଷେ ହୋ
ଶିରେ ବାଙ୍କ ଜୁଡ଼ା, ଆହା କି ଶୋଭା ଦିଶେ ହୋ ॥ ପଦ ।
ସଙ୍ଗେଛନ୍ତି ବଳରାମ, ରୂପ ଜିଣେ କୋଟି କାମ
ଯଦୁବଳ ଆବୋରିଛନ୍ତି ଚଉପାଶେ ହୋ । ୧॥
ଗୋପପୁର ନୃପସାଇଁ, ଅଟନ୍ତି ଏ ବେନି ଭାଇ
ହରି କରେ ଶଙ୍ଖ ଚକ୍ର ଗଦାପଦ୍ମ ସେ ହୋ । ୨ ॥
ହଳ ମୁଶଳ ଧରିଣ, ବିଜେ ରୋହିଣୀ ନନ୍ଦନ
କଳା ଧଳା ବେନି ଜନ କି ଆଭା ଦିଶେ ହୋ । ୩ ॥
ନନ୍ଦିଘୋଷର ଉପର, ବସି ବେନି ସହୋଦର
ବିଜୟ କଲେ ଦ୍ରୁପଦ ସଭା ପାରୁଶେ ହୋ । ୪ ॥
ଦେଖି ଦ୍ରୁପଦ ରାଜନ, କରିଣ ତାଙ୍କୁ ପ୍ରଣାମ
ଆସନେ ବସାଇଲେ, ମୁସ୍ତକିମ ଭାଷେ ହୋ । ୫ ॥

॥ ପହଲି ॥

ଆସିଲେ ଚକ୍ରଧର ହୋ
କିପାଁ ହୁଅ ହରବର ହୋ ॥ ପଦ ॥
ଲାଖ ଏ ବିନ୍ଧିବେ, ଦ୍ରୌପଦୀଙ୍କି ନେବେ
ସଙ୍ଗେ ଛନ୍ତି ହଳଧର ହୋ । ୧ ॥
ମହି ଖାଇ ଖାଇ, ତାଳା ବେନି ଭାଇ
ଦେଖ କେମନ୍ତ ଶରୀର ହୋ । ୨॥
କହେ ମୁସ୍ତକିମ ତାହାଙ୍କ ଚରଣ
ତଳେ ଚିତ୍ତ ରହୁ ମୋର ହୋ । ୩ ॥

Digitized by srujanika@gmail.com

।। ପାଣ୍ଡବଙ୍କ ବାହାର ।।

ବାହାର ହୋଇଲେ ପଣ୍ଡୁ ପଞ୍ଚ ସୋଦର ହୋ
ମୁଖ ଶୋଭା ନିନ୍ଦୁଅଛି ପୂର୍ଣଚନ୍ଦର ହୋ । ପଦ ।
ଆଗରେ ଧର୍ମଙ୍କ ସୂତ, ଜପାମାଳି ଘେନି ହସ୍ତ
ତାଙ୍କ ପଛେ ଗଦା ଧରିଣ ବୃକୋଦର ହୋ । ୧ ।
ଭୀମ ପଛରେ ଅର୍ଜୁନ, କରେ ଧରି ଧନୁର୍ବାଣ
ପୁଣ କୃଷ୍ଣ ସହଜେ ବାସବ କୁମର ହୋ । ୨ ।
ତା ପଛେ ନକୁଳ ବୀର, ବରିଷ୍ଠ ଯେ ମନ୍ତ୍ରୀବର
ଗମନ କଲେ ଦ୍ରୁପଦ ରାଜା ସଭାର ହୋ । ୩ ।
ଭାବି ମୁସ୍ତକିମ ବୋଲେ, ବସିଲେ ବ୍ରାହ୍ମଣ ମେଳେ
ଦେଖି ଆନନ୍ଦ ହୋଇଲେ ଦେବ ଶ୍ରୀଧର ହୋ । ୪ ।

।। ପହଲି ।।

ଦେଖ ଦେଖ ଭାଇ, ଆସନ୍ତି ବ୍ରାହ୍ମଣେ ଧାଇଁ ।। ପଦ ।।
ହୋଇଛନ୍ତି ବେଶ, ଯେସନେ ରାକ୍ଷସ
ଲୋକେ ଡରିବେ ଯାହାଙ୍କୁ ଚାହିଁ । ୧ ।
ଦ୍ରୌପଦୀର ବିଭା କାଳେ ହୋଇ ଉଭା
ମାଗିବେ ରାଜାଙ୍କୁ ବଧାଇ । ୨ ।
ମୁସ୍ତକିମ ଭାଷେ ଅଟନ୍ତି ରାକ୍ଷସେ
ବିପ୍ରରୂପ ଛନ୍ତି ହୋଇ । ୩ ।।

।। ଦ୍ରୁଷ୍ଟଦ୍ୟୁମ୍ନ ବାହାର ।।

ବାହାର ଦ୍ରୁଷ୍ଟଦ୍ୟୁମ୍ନ ସଭା ନିକଟକୁ ପୁଣ
ପାଦେ ଜୋତା ହାତେ ଛତା ଶୋଭଇ ଲାଲ ବରନ ।। ପଦ ।।
ଦ୍ରୁପଦ ରାଜାର ପୁତ୍ର ଅତି ହିଁ ସୁନ୍ଦର ପାତ୍ର
କରେ ଧରିଛନ୍ତି ବେତ୍ର ଧିରେ କରନ୍ତି ଗମନ । ୧ ।
କର୍ଣ୍ଣରେ ହୀମ କୁଣ୍ଡଳ, ଦୋହଲେ ଗଣ୍ଡମଣ୍ଡଳ
ଦେଖିଲେ ଯୁବା ନାୟିକା, କାମେ ଘାରି ହେବେ ପୁଣ । ୨।

Digitized by srujanika@gmail.com

ରାଜାଗଣଙ୍କର ପାଶେ, ମିଳିଲେ ଅତି ହରଷେ
ଲାଖ ବିନ୍ଧିବା ନିୟମ, ଭାବି କହେ ମୁସ୍ତକିମ । ୩ ।

ଶୁଣ ହେ ସୁଜନ ଜନ ହୋଇ ଏକମନ ହୋ
ସକଳେ ପ୍ରବେଶ ଯହୁଁ ହୋଇଲେ ଆସ୍ଥାନ ହୋ । ୧ ।
ଉଠିଣ ଦ୍ରୁପଦେଶ୍ୱର ଯୋଡ଼ି ବେନି କର ହୋ
ସଭା ମୁଖକୁ ଚାହିଣ ବୋଲନ୍ତି ଉତ୍ତର ହୋ । ୨ ।
ଏକମନେ ଶୁଣିବା ସକଳ ନୃପବର ହୋ
ଯେ ଲାଖ ବିନ୍ଧିବ ନେବ ଦ୍ରୌପଦୀକି ମୋର ହୋ । ୩ ।
ଶୁଣିଣ ମାନଗୋବିନ୍ଦ ନୃପତୀ ଏ ବାଣୀ ହୋ
ବୋଲନ୍ତି ଶୁଣିବା ହେଉ ନୃପଚୂଡ଼ାମଣି ହୋ । ୪ ।
କେମନ୍ତ ରୂପ ପୁଣ ଯେ ଅଛି ଦ୍ରୌପଦୀର ହୋ
ଆଣ ତାହାକୁ ଦେଖନ୍ତୁ ସର୍ବ ଦଣ୍ଡଧର ହୋ । ୫ ।
ଶୁଣିଣ ଦ୍ରୁପଦ ରାଜା ଦୁର୍ଯ୍ୟୋଧନ ବାଣୀ ହୋ
କେଶିନୀ ମୃଦୁଶୂଳୀକୁ ଡକାଇଲେ ପୁଣ ହୋ । ୬।
ଭାବି କଲେ ମୁସ୍ତକିମ ଅଧମ ପାମର ହୋ
ଆହେ ସୁଜ୍ଞଜନେ ମୋର ଦୋଷ କ୍ଷମା କର ହୋ ।୭।

।। ମୃଦୁଶୂଳୀ ପ୍ରବେଶ ।।

ବାହାର ହେଲା ରମଣୀ ସେ କେଶିନୀ
ସଧିରେ ଗଜଗମନୀ । ପଦ ।
ଦ୍ରୌପଦୀ ସେବାକାରୀ, ଅଟଇ ପରିଚାରୀ
ଜଗିଥାଇ ଦିବା ରଜନୀ ସେ । ୧ ।
କେଉଁ କାର୍ଯ୍ୟ ପଡ଼ିଲା ମୋତେ କିଏ ଡାକିଲା
ଏକା ହୋଇବେ ଯାଜ୍ଞସେନୀ ସେ । ୨ ।।
ମୁଁ ଯେ ପରମ ସତୀ ପର ପୁରୁଷେ ମତି
ନ ଦିଏଁ କହୁଅଛି ପୁଣି ସେ । ୩ ।।
ଦ୍ରୌପଦୀ ସ୍ୱୟମ୍ବର ତେଣୁ ନୃପ ଈଶ୍ୱର
ଡାକୁଥିବେ ମୁସ୍ତକିମ ଭଣି ସେ । ୪ ।।

Digitized by srujanika@gmail.com

।। ପହଲି ।।

ଏ ଅଟେ ମୃଦୁଶୂଳୀ ନାନୀ ଉଡ଼େ ପିନ୍ଧାକାନି ।। ପଦ ।।
ଦୃପଟୀ ସାଙ୍ଗରେ ଥାଏ ନିରନ୍ତରେ
ଅଟଇ ଅସଲ କୁଟୁଣୀ । ୧ ।।
ଗଲା ଆଜିର ରାତି କାହା ସଙ୍ଗରେ ମତି
ପାଆଶୋରି ଦେଲା ମୋତେ ପୁଣି । ୨ ।।
କରାଳ କରିଥିଲୁ କାହିଁ ପାଇଁ ନଇଲୁ
ଏ ଭାବି ଶ୍ରୀମୁସ୍ତକିମ ଭଣି । ୩ ।।

ବାହାର ହେଲା ଦ୍ରୌପଟୀ, ସେ ପଦ୍ମାବଟୀଙ୍କ ଦୋହିତୀ
ବ୍ୟାସ ଋଷିଙ୍କ ଯଜ୍ଞରୁ, ଯେ ହୋଇଅଛି ଉତପତି । ପଦ ।।
କର୍ଣ୍ଣରେ ହେମ କୁଣ୍ଡଳ, ଗୋ, ଦୋହଲେ ଗଣ୍ଡମଣ୍ଡଳ
ନାଶାରେ ବସୁଣୀ ମେଳ ଗୋ, କି ଶୋଭା ସେ କୁନ୍ଦଦନ୍ତୀ । ୧ ।।
ଗଳେ ହୀରା ମୋତି ହାର ଗୋ, ଦିଶୁଅଛି କି ସୁନ୍ଦର
ନାରିକେଳ ପରି ଉର ଗୋ, ଦେଖିଣ ଭୁଲିବେ ଯତି । ୨ ।।
ଯତ୍ନେ ସଜାଇଛି ଜୁଡ଼ା ଗୋ ନାନା ପୁଷ୍ପେ କରି ବେଢ଼ା
ହସ୍ତେ ବାହୁଟୀ, କଙ୍କଣ ଗୋ, ଅଙ୍ଗୁଳି ମାନଙ୍କେ ମୁଦି ।। ୩ ।।
କଟୀତଟେ ଝୀନ ଶାଢ଼ୀ ଗୋ କୁଞ୍ଚ ପିନ୍ଧିଛି ସଜାଡ଼ି
ପାଦରେ ନୂପୁର ଯୋଡ଼ି ଗୋ ନାଦରେ ମନ ମୋହୁଛି । ୪ ।
ଭାବି କହେ ମୁସ୍ତକିମ ଗୋ ଚନ୍ଦ୍ର ପରାୟେ ବଦନ
ଯେ ଛୁଇଁବ ତା' ପଳ ପଳସେ କେତେ ଭାଗ୍ୟ କରିଅଛି । ୫ ।

।। ପହଲି ।।

ଦ୍ରୌପଦୀ ପଚାରେ କେଶିନୀର ମୁଖ ଚାହିଁ
କହ ନୃପତୀ କେଉଁ ଦେଶର ଅଟଇ, ମୃଦୁଶୂଳୀ ଲୋ
ଚିହ୍ନା ମୋତେ ତୋ' ଆଗେ କହିଲି ଲୋ । ୧ ।।
ତାହା ଶୁଣି କେଶିନୀ ଯେ କହଇ ବିସ୍ତାରି
ଏ ମୋର ବଚନ ଶୁଣ ନୃପତି କୁମାରୀ, ମହାସତୀ
ଦଣ୍ଡେ ସ୍ଥିର କର ତୋର ମତି । ୨ ।।

Digitized by srujanika@gmail.com

ଏ ଯେ ଦୁର୍ଯ୍ୟୋଧନ ସୋମବଂଶେ ଅବତାର
ମହା ବଳବାନ ଯାର ଶତେକ ସୋଦର, ଲକ୍ଷେ ରାଜା
କରନ୍ତି ଚରଣ ତଳେ ପୂଜା । ୩ ॥
ଚକ୍ରବର୍ତ୍ତୀଙ୍କ ମଧ୍ୟରେ ଅଟଇ ଏ ଶ୍ରେଷ୍ଠ
କୋଟିଏ ପାଦରେ ଲକ୍ଷ୍ମୀ ଯାହାର ମୁକୁଟ, ଏ ଚାଲିଲେ
ସ୍ୱର୍ଣ୍ଣପଦ୍ମ ଫୁଟେ ପାଦ ତଳେ । ୪ ॥
ଶଙ୍ଖନିଧି, ପଦ୍ମନିଧି ଅଛି ବେନି କରେ
ପାଣି ଦ୍ରବ୍ୟ ହୁଏ କର ଲାଗିଲେ ପଥରେ, କୁରୁବୀର
କାହାକୁ ନ କରେ ନମସ୍କାର । ୫ ॥
ଚଉରାଶି ଲକ୍ଷଣ ଯେ ବୋହଇ ନରେଶ
ପାଷାଣ ଘରେ ମାଇଲା ଅଜା କୁଳବଂଶ, ପଣ୍ଡୁସୁତେ
ଅଭାବ ହେବାରୁ ମଲେ ହସ୍ତେ । ୬ ॥
ଏହା ଶୁଣିଣ ଦ୍ରୌପଦୀ କହନ୍ତି ବଚନ
ବିଶ୍ୱାସଘାତକୀ ଏହା ନ ଚାହିଁ ବଦନ, ଏହା ବଂଶ
ନାଶ ଯିବେ କହୁଅଛି ସତ । ୭ ॥
କେଶିନୀ ବୋଲଇ ଦେଖ ଜରାସନ୍ଧ ବୀର
ମଗଧ ଦେଶର ଏ ହୁଅଇ ଠାକୁର, କୃଷ୍ଣେ ଜିଣି
ମହାପ୍ରତାପୀ ଏ ନୃପମଣି । ୮ ॥
ଦ୍ରୌପଦୀ ବୋଲଇ ସଖୀ ଶୁଣିଥାଅ ଏବେ
ଆପଣେ ନ ମାରି କୃଷ୍ଣ ପରେ ମରାଇବେ, ମୋର ବାଣୀ
କେବେ ମିଛ ନୁହେ ଲୋ ସଜନୀ । ୯ ॥
ଦାସୀ ବୋଲେ ଏ ପୁଣ୍ଡରୀକ ନୃପବର
କାଷ୍ଠର ଗରୁଡ଼ ଚଢ଼ି ଭ୍ରମଇ ଏ ବୀର, ବେନିଭୁଜ
କାଷ୍ଠେ କାଷ୍ଠେ କରିଅଛି ସଜ । ୧୦ ॥
ଚତୁର୍ଭୁଜ ହୋଇଣ ବିଷ୍ଣୁକୁ ନିନ୍ଦେ ଏହି
ମହାପ୍ରତାପୀ ନରେଶ ବୋଲାଏରେ ସହୀ, ଦେଖ ହସ୍ତ
ଶଙ୍ଖଚକ୍ର ଗଦାରେ ଭୂଷିତ । ୧୧ ॥
ଶୁଣିଣ ଦ୍ରୋପଦୀ ଦେବୀ କହନ୍ତି ବଚନ
ସେହି ହରି କରେ ଏହୁ ହୋଇବ ନିଧନ, ପ୍ରାଣସହୀ

Digitized by srujanika@gmail.com

ଧର୍ମଶାସ୍ତ୍ର ତେବେ ସତ କହି । ୧୨ ॥
ଏପରି ଲକ୍ଷେ ରାଜାଙ୍କୁ ଦେଖାଇ କହିଲା
ସେନା ମାନଙ୍କୁହିଁ ଜଣେ ଜଣେ ଚିହ୍ନାଇଲା, ପ୍ରାଣସହୀ
ଯେ ମନେ ରୁଚଇ ବର ତୁହି । ୧୩ ॥
ଏହା ଶୁଣି ଦ୍ରୋପତୀ କହନ୍ତି ଉତ୍ତର
ଯେ ଲାଖ ବିନ୍ଧିବ ସହି ସେହି ମୋର ବର, ତେଣୁ କରି
ବରିଲେକ ଲକ୍ଷେ ଦଣ୍ଡଧାରୀ । ୧୪ ॥
କହଇ ଶ୍ରୀମୁସ୍ତକିମ ପାମର ଅଜ୍ଞାନ
ଆହେ ସଭାଜନେ ମୋର ଦୋଷ ବାରେ କ୍ଷମ, ମୂର୍ଖ ମୁହିଁ
ତୁମ୍ଭ ପାଦେ ଦଇନି କରଇ । ୧୫ ॥

॥ ଚରଚା ॥

ଶୁଣ ହେ ସୁଜନ, ହେଇ ଏକମନ, ଏ ଅତି ସୁନ୍ଦର ରସ
ଦୃଷ୍ଟଦ୍ୟୁମ୍ନ ଆସି, ସଭାରେ ପ୍ରବେଶି, କହନ୍ତି ଯୋଡ଼ିଣ ହସ୍ତ
ସୁଜନେ ହେ, ଶୁଣିବା ନୃପ ସମସ୍ତେ । ୧ ॥
କୁରୁପତି ମୁଖ, ଚାହିଁ ବୋଲୁଛନ୍ତି ଶୁଣ ମାନଚକ୍ରବର୍ତ୍ତୀ
ଯେ ଲାଖ ବିନ୍ଧିବ, କନ୍ୟା ସେହୁ ନେବ, ନୋହିଲେ ନୁହେ ପ୍ରାପତି
ନୃପବର, ଲାଖକୁ ବିଜଏ କର । ୨ ॥
ଦୃଷ୍ଟଦ୍ୟୁମ୍ନ ବାଣୀ, ଦୁର୍ଯ୍ୟୋଧନ ଶୁଣି, କର୍ଣ୍ଣ ମୁଖକୁ ଚାହିଁଲେ
ବିନ୍ଧ ମିତ୍ର ଲାଖ, କନ୍ୟା ଗୋଟି ନେବା, ଏମନ୍ତ ବୋଲି ବୋଇଲେ
କର୍ଣ୍ଣ ଶୁଣି, ରାଜାଙ୍କୁ ବୋଲନ୍ତି ବାଣୀ । ୩ ॥
କର୍ଣ୍ଣ ବୋଲୁଛନ୍ତି, ଉଚିତ ନୁହଇ, ନୃପଗଣ ଥାଉଁ ଥାଉଁ
ସେନାମାନେ କେହ୍ନେ, ଲାଖ ବିନ୍ଧି ଯିବୁଁ, ଅବେଭାର ଅଟେ ଏହୁ
ନୃପତୀ ହେ, ଉଚିତ ନୁହଇ ଏହୁ । ୪ ॥
ଶୁଣି କର୍ଣ୍ଣ ବାଣୀ, ରାଜା କୁରୁମଣୀ, ସଭାରୁ ବେଗେ ଉଠିଲେ
ଲାଖ ତଳେ ଯାଇ, ପ୍ରବେଶ ହୋଇଣ, ଦ୍ରୋପତୀଙ୍କୁ ଚାହିଁଲେ
କାମଶର, ଅଙ୍ଗେ କଲାକ ପ୍ରହାର । ୫ ॥
କେହ୍ନୁ ଲାଖ କେହ୍ନୁ ଜଳଘଟ ବୋଲି ନୃପ ନ ପାରିଲେ ବାରି
ଦୃଷ୍ଟଦ୍ୟୁମ୍ନ ଦେଖିଣ ହସନ୍ତି, ହସ୍ତେ କରତାଳ ମାରି

Digitized by srujanika@gmail.com

କୁରୁବୀର, ଲାଜେ ମିଳିଲା ସଭାର । ୬ ॥
ଶ୍ରୀଖଣ୍ଡି ବୋଲନ୍ତି, ତୁ ପରା ନୃପତି, ବୋଲାଉ ମାନଗୋବିନ୍ଦ
ଲାଖ କି ବିନ୍ଧିବୁ, ବାହୁଡ଼ିଣ ଯା ଯା, ପିତା ପରି ହେଲୁ ଅନ୍ଧ
ଶୁଣି ରାଜା, ବସେ ପାଇ ମହାଲଜ୍ୟା । ୭ ॥
ଜରାସନ୍ଧବୀର, କରି ରେରେ କାର, ଲାଖ ତଳେ ବିଜେକଲା
ପଟାପରେ ଉଭା ହୋଇ ଶିବଧନୁ ତୋଳିଣ ଯେ ନ ପାରିଲା
ତହୁଁ ବୀର, ପଡ଼ିଲା ଭୂମି ଉପର । ୮ ॥
ଅତି ଲଜ୍ୟାଭରେ ମଗଧ ରାଜନ ବସିଲା ଯାଇ ସଭାର
ତାହା ଦେଖି କୋପେ ଆଡ଼େ ଆଡ଼େ ବୋଲି ଉଠି ଗଣପତି ବୀର
ଧନୁ ତୋଳି, ନ ପାରିଲା ମହାବଳୀ । ୯ ॥
ଭୂମିରେ ପଡ଼ନ୍ତେ ଅସମ୍ଭାଳ ହୋଇ ଦେଖି ଦୃଷ୍ଟଦିଉମନ
ଘୋଷରାଇ କରି ସଭା ନିକଟରେ ଛାଡ଼ି ଦେଲେକ ବନ୍ଧନ
ନୃପବର, ଲାଜେ ବସିଲା ସଭାର । ୧୦ ॥
ଦେଖି ବଜ୍ରନାଭ ବୀର ଉଠି ବେଗେ ଲାଖ ନିକଟକୁ ଗଲା
ମହାଗର୍ଜନରେ ଆକର୍ଷଣ ଶିବ ଧନୁ ତୋଳି ନ ପାରିଲା
ହେଟ ମୁଖେ, ଲେଉଟି ଆସିଲା ଦୁଃଖେ । ୧୧ ॥
ଦେଖି ଶିଶୁପାଳ ବାହେ ଠୁକି କର, ଉଠିଲା ପଟାରେ ଯାଇ
ଧନୁ ଧରିବାକୁ ନ ପାରିଣ ନୃପ ପଡ଼ିଲା ନିର୍ଜଳ ହୋଇ
ନୃପ ସାଇଁ, ମୁଖେ ଶ୍ରୋଣିତ ବୁହଇ । ୧୨ ॥
ଦେଖି ଦୃଷ୍ଟଦ୍ୟୁମ୍ନ କରି ଆଶ୍ୱାସନ ସଭାରେ ଛାଡ଼ି ଅଇଲେ
ଶାଲୁ ବୀରବେଗେ ରେରେକାର କରି ଗର୍ଜିଣ ଉଠିଲା ବଳେ
ଶିବଧନୁ, ଦେଖିଣ କଂପିଲା ତନୁ । ୧୩ ॥
ଏହି ପରକାରେ ଲକ୍ଷେକ ନୃପତୀ ଲାଖ ବିନ୍ଧି ନ ପାରିଲେ
ହେଟ ମୁଖେ ସର୍ବେ ମଉନ ହୁଅନ୍ତେ ଦୃପଦ ରାଜା ଉଠିଲେ
ସୁଜନେ ହେ, କବି ମୁକ୍ତକିମ ବୋଲେ । ୧୪ ॥

ମିଛରେ ଆସିଛ ଧାଇଁ ସର୍ବ ନୃପସାଇଁ
କେମନ୍ତ ପ୍ରକାରେ ଦ୍ରୁପତି ରହିବ
ଲାଖ ନ ବିନ୍ଧିଲେ କେହି । ୧ ॥

Digitized by srujanika@gmail.com

କନ୍ୟା ରୂପ ଦେଖି, ଗୋଲମାଲ କଲେ
ଠେଙ୍ଗାରେ ମାରିବି ଗୋଡ଼ାଇ । ୨ ॥
କହେ ମୁସ୍ତକିମ, ସକଳ ରାଜନ
ଗଲେ ବା ଲଭନ୍ତି ମୁହିଁ । ୩ ॥

ନୃପତିଙ୍କ ମୌନ ଦେଖି ଉଠିଲେ ଦ୍ରୁପଦ
ସଭା ମଧ୍ୟେ ପ୍ରବେଶିଲା ହୋଇ ଗଦ ଗଦ । ପଦ ॥
ବୋଇଲେ ବ୍ରାହ୍ମଣ ଆଦି ଚାଣ୍ଡାଳ ସହି ତ
ଯେ ଲାଖ ବିନ୍ଧିବ କନ୍ୟା ହେବ ପରାପତ । ୧ ॥
ଏହା ଶୁଣି ସେନାଗଣ କରନ୍ତି ବିଚାର
ଲକ୍ଷେ ରାଜା ନ ବିନ୍ଧିଲେ ଏହା ଲାଖ ଛାର । ୨ ॥
ଦ୍ରୋଣଗୁରୁ ମୁଖ ଚାହିଁ କର୍ଣ୍ଣବୀର କହି
ଭଣେ ମୁସ୍ତକିମ ଲାଖ ବିନ୍ଧ ହେ ଗୋସାଇଁ । ୩ ॥

କର୍ଣ୍ଣବାଣୀ ଶୁଣି ଗୁରୁ ସଭାରୁ ଉଠିଲେ
ଲାଖ ନିକଟକୁ ଯାଇ ପ୍ରବେଶ ହୋଇଲେ
ଦୃଷ୍ଟଦ୍ୟୁମ୍ନ, ମୁଖ ଚାହିଁ ବୋଲନ୍ତି ବଚନ
କହ ଲାଖ ବିନ୍ଧିବାର କେମନ୍ତ ବେଭାର
ଶୁଣିଣ ଦୃଷ୍ଟଦ୍ୟୁମ୍ନ ଭାଷୁଛନ୍ତି ଗିର, ଧନୁଧର
ପଟାର ଉପରେ ବିଜେକର । ୨॥
ଉପରକୁ ଗଣ୍ଡି ମୁଷ୍ଟି ତଳେ ଦେବ ଦୃଷ୍ଟି
ବିନ୍ଧିବ ମାଛର ବାମ ଚକ୍ଷୁ ଯିବ ଫୁଟି, ଏହିପରି
ଯେ ବିନ୍ଧିବ ଲଭିବ ସୁନ୍ଦରୀ । ୩ ॥
ଏହା ଶୁଣିକରି ଗୁରୁ ଧନୁକୁ ଧଇଲେ
ଗୁଣ ଦେଇ ନ ପାରନ୍ତେ ସଲଜ୍ଜେ ଥୋଇଲେ
ଦେଖି କର୍ଣ୍ଣ, ସଭାରୁ ଉଠିଲେ ତତକ୍ଷଣ । ୪ ॥
ଧନୁକୁ ଧରିଣ ବୀର ଗୁଣ ଚଢ଼ାଇଲା

Digitized by srujanika@gmail.com

ଶର ପ୍ରହାରନ୍ତେ ଚକ୍ରେ ହାବୋଡ଼ି ପଡ଼ିଲା
ବେନି ଖଣ୍ଡ, ହୋଇ ବାହୁଡ଼ିଲା କର୍ଣ୍ଣ କାଣ୍ଡ । ୫ ॥
ମହା ଲଜ୍ୟା ପାଇ କର୍ଣ୍ଣ ସଭାରେ ବସିଲେ
ଭୁରିଶ୍ରବା ଏହା ଦେଖି ଗର୍ଜ୍ଜିଣ ଉଠିଲେ
କୋପେ ଶର, ବିନ୍ଧନ୍ତେ ଯେ ବାଜିଲା ଚକ୍ରର । ୬ ॥
ଶଲ୍ୟ ବୀର ଏହା ଦେଖି ଉଠିଲେ ସଭାରୁ
ଲାଖ ଦେଖିଣ ଭରସି ନ ପାରିଲେ ଗୁରୁ
ଲେଉଟିଲେ, ଭୀଷ୍ମ ବୀର ସଭାରୁ ଉଠିଲେ । ୭ ॥
ମାଇଲେ ଆକର୍ଣ୍ଣ ଯାଏ ଓଟାରିଣ ଶର
ଚକ୍ରେ ବାଜି ବାଣ ପଡ଼େ ସଭାର ମଧ୍ୟର
ଏହିପରି ରଥୀ ଗଣେ ନ ପାରିଲେ ମାରି
ମଉନେ ବସିଲେ ସଭା ହେଲା ନିଶବଦ
ଏ ସମଏ ପୁଣି ଡାକ ଦେଲେନି ଦ୍ରୋପଦ
ସୁଜ୍ଞଜନ, ଭାବି କହେ କବି ମୁସ୍ତକିମ । ୮ ॥

॥ ପହଲି ॥

ଦ୍ରୁପଦଙ୍କ ଡାକ ଶୁଣି ସେ ଧର୍ମ ଯୁଧିଷ୍ଠି
ଠାରି ଦେଲେ ଅର୍ଜୁନକୁ ଦେଖି ପାର୍ଥ ଉଠି, ବିପ୍ରେଧରି ।
ବୋଇଲେ ପଣ୍ଡାଏ ତୁମ୍ଭେ ହେଲ ନି ଅଜ୍ଞାନ
ମହା ମହା କ୍ଷତ୍ରୀ ଲାଖ ନ ବିନ୍ଧିଲେ ପୁଣ, ଦ୍ୱିଜବର ।
ବିପ୍ର କୁଳକୁ କଳଙ୍କ ଆଜି ଠାରୁ ହେବ
ବ୍ରାହ୍ମଣ ଅଜ୍ଞାନୀ ସର୍ବଠାରେ ଶୁଣାଯିବ, ଦ୍ୱିଜବର ।
ରାଜାଏ କୋପିବେ ବିପ୍ର ହେଇ ରାଜକନ୍ୟା
ଲଭିବାକୁ ମନେ ଦେଖ କରନ୍ତି ଭାବନା, ଦ୍ୱିଜବର ।
ଏ ବାଣୀ ବିପ୍ରଙ୍କ ମୁଖୁ ଶୁଣି ପାର୍ଥ ବସି
ଏ ସମଏ ଡାକ ଦେଲେ ନୃପବର ଆସି, ସୁଜ୍ଞଜନ ।
ବୋଇଲେ ବ୍ରାହ୍ମଣ ଆଦି ଚାଣ୍ଡାଳ ସହିତେ
ଯେ ବିନ୍ଧିଲେ ଦ୍ରୁପଦୀକି ସମର୍ପିବି ସତେ, ଆନ ନୁହେ ।
ନୃପବାଣି ଶୁଣି ଯୁଧିଷ୍ଠିର ଦେଲେ ଠାରି

Digitized by srujanika@gmail.com

ଉଠିଲା ନକୁଳ ବୀର ବୀରନାଦ କରି, ସୁଜ୍ଞଜନ ।
ବ୍ରାହ୍ମଣ ସଭାରେ ସର୍ବେ ପାର୍ଥ ମୁଖ ଚାହିଁ
ବୋଇଲେ ପଣ୍ଡାଏ କି ହୋଇଲ ତୁମ୍ଭେ ବାଇ, କନ୍ୟା ଦେଖି ।
ଏହା ଶୁଣି ଯୁଧିଷ୍ଠିର ବିପ୍ରଙ୍କୁ କହନ୍ତି
ଧର୍ମଶାସ୍ତ୍ର କ୍ଷତ୍ରି ବିଦ୍ୟା ଶତେ ଗୁଣେ ଅଛି, ବିପ୍ରେ ଶୁଣ ।
ତୁମ୍ଭେ ସର୍ବେ ସୁକଲ୍ୟାଣ କର ହେ ଏହାଙ୍କୁ
ଲାଖ ବିନ୍ଧି ଲଭନ୍ତୁ ଏ ଦ୍ରୌପଦ କନ୍ୟାଙ୍କୁ , ସୁଜ୍ଞଜନେ ।
ବ୍ରାହ୍ମଣେ କଲ୍ୟାଣ କଲେ ଲାଖ ବିନ୍ଧ ଯାଇ
ରାଜଜେମା ଲଭ ବୋଲି ସର୍ବ ଦ୍ୱିଜେ କହି, ସୁଜ୍ଞଜନେ ।
ଲାଖ ନିକଟକୁ ବୀର ଦେଲାକ ଅନାଇ
ଧନୁଗଦା ହରିବଂଶ ପୋଥିଛନ୍ତି ଥୋଇ, ସୁଜ୍ଞଜନେ ।
ଯାଇ ବୀର ଧନୁଗଦା ଆକର୍ଷି ଧଇଲା
ହରିବଂଶ ପୋଥି ଶିରେ ଲଗାଇ ପଢ଼ିଲା, ସୁଜ୍ଞଜନ ।
ଦେଖିଣ ନୃପତିଗଣ ହେଲେ କୃତ୍ୟ କୃତ୍ୟ
ବୋଇଲେ ଏ କନ୍ୟା ଯାକୁ ହୋଇବ ପ୍ରାପତ, ସୁଜ୍ଞଜନ ।
ତହୁଁ ଯାଇ ବୀର ପାର୍ଥ ଲାଖ ତଳେ ହେଲା
କେମନ୍ତ ବିଧି ଏହାର ଦୃମନେ ପୁଚ୍ଛିଲା, ଦୃଷ୍ଟଦ୍ୟୁମ୍ନ ।
ବୋଲନ୍ତି ଉପରେ ଗଣ୍ଡି ଶୁଷି ତଳେ ଦୃଷ୍ଟି
ବିନ୍ଧିବ ମୀନର ବାମ ନେତ୍ର ଯିବ ଫୁଟି, ବିପ୍ରବର ।
ଏହା ଶୁଣି ଅର୍ଜୁନ ଯେ ଧରି ଶିବଧନୁ
ମନେ ଭାଳେ ଗୁଣ ଦେଇ ଅଛି କୁନ୍ତୀ ସୁନୁ, ସୁଜ୍ଞଜନ ।
ବିନ୍ଧିଲେ କନ୍ୟାରେ ଭାଗ ବୋଲିଣ ବୋଲିବ
ଏମନ୍ତ ବିଚାରି ଗୁଣ ଓହ୍ଲାଇ ପାର୍ଥିବ, ସୁଜ୍ଞଜନେ ।
ଧନୁ ସଳଖାଇ ପୁଣ ଗୁଣ ଚଢ଼ାଇଲା
ଦ୍ରୋଣ ଚିହ୍ନି ଭୀଷ୍ମଙ୍କୁ ଯେ କହିଲେ ବୁଝାଇ
ଏ ତ ପାଣ୍ଡବ ଅର୍ଜୁନ ନିଶ୍ଚୟ ଅଟଇ, ସୁଜ୍ଞଜନେ ।
ତହୁଁ ମନେ ଚିନ୍ତି ପଦ୍ମନାଭେ ଓଲଗିଲା
କୃଷ୍ଣ ସୁକଲ୍ୟାଣ
କଲେ ଲାଖ ତଳେ ଗଲା, ବିଧିମତେ ।

Digitized by srujanika@gmail.com

ବିଧିମତେ ଲାଖ ତଳେ ଉଭା ହେଲା ବୀର
ବିନ୍ଧିଲା ମାଛର ବାମ ନୟନକୁ ଶର
ଦେଖିଣ ଦ୍ରୌପଦୀ ଦେବୀ ମେଢ଼ରୁ ଆସିଲେ
କରେ ହେମ ମାଳ ଧରି ପାର୍ଥ ପାଶେ ହେଲେ, ସୁଜ୍ଞଜନେ ।
ଏହା ଦେଖି ଜରାସନ୍ଧ ନୃପତି କହନ୍ତି
ଲାଖ ନ ବିନ୍ଧି କେମନ୍ତେ ବରିବ ଦ୍ରୋପଦୀ, ସୁଜ୍ଞଜନେ ।
ଏହା ଶୁଣି ଅର୍ଜୁନ ଯେ ହେଲେ କୋପାନଳ
ବୋଇଲେ ଲାଖ ମୁଁ ବିନ୍ଧିବାରେ ଶତେ ବେଳ, ସୁଜ୍ଞଜନେ ।
ପାର୍ଥ ମନେ ସୁମରିଲେ ପିତା ବାଶବଙ୍କୁ
ପାଶୁପତ ଶର ଆଉ ଗାଣ୍ଡିବ ଧନୁକୁ, ଦିଅ ତାତ ।
ଜାଣି ଇନ୍ଦ୍ର ଧନୁଶର ପାର୍ଥ କରେ ଦେଲେ
ଧନୁଶର ପାଇ ପାର୍ଥ କୃଷ୍ଣେ ସୁମରିଲେ, ସୁଜ୍ଞଜନେ ।
ଭକ୍ତ ଚିତ୍ତ ଜାଣି କୃଷ୍ଣ କଲେ ଚତୁର୍ଭୁଜ
ବେନି ହସ୍ତେ ବେନି ଧନୁ ବେନି ଯେ ନାରାଜ, ସୁଜ୍ଞଜନେ ।
ଲାଖ ତଳେ ଉଭା ହେଲେ କୁନ୍ତୀଙ୍କ ନନ୍ଦନ
ଦେଖି ଆଚମ୍ଭିତ ହେଲେ ସକଳ ରାଜନ, ସୁଜ୍ଞଜନେ ।
ତଳେ ଦୃଷ୍ଟି ଦେଇ ବୀର ଉପରକୁ ଶର
ବିନ୍ଧନ୍ତେ ବାଜିଲା ଶର ମୀନ ନୟନରେ, ସୁଜ୍ଞଜନେ ।
ପାଶୁପତ ଶରେ ଲାଖ ଚକ୍ର ଗଲା ଛିଡ଼ି
ସଭା ମଧ୍ୟେ ପଡ଼ିଲା ପବନୁ ବେଗେ ଉଡ଼ି, ସୁଜ୍ଞଜନେ ।
ତାକୁ ଦେଖି ଧନ୍ୟ ଧନ୍ୟ କରି ସୁରଗଣ
ପୁଷ୍ପ ବରଷିଲେ ଦେବେ ଅର୍ଜୁନ ଶିରେଣ, ସୁଜ୍ଞଜନ ।
ସେ ଦେବଙ୍କ ପାଦପଙ୍କଜରେ କରି ଲଏ
ଅଧମ ବାଲୁତ କବି ମୁସ୍ତକିମ ଗାଏ, ସୁଜନେ ହେ ।

।। ଦ୍ୱାରୀ ପହଲି ।।

ଏ ଅଂଟେ ଦ୍ରୋପଦୀ ସାଇଁ, ଦେଖ ଦେଖ ଭାଇ । ପଦ ।।
ଲାଖଚକ୍ର ନେଇ, ଦେଇଛି ପକାଇ

Digitized by srujanika@gmail.com

ରାଜାଙ୍କ ଦେଖିବା ପାଇଁ । ୧ ॥
ଦେବ କି ଅସୁର, କି ନାଗ କିନ୍ନର
ବିପ୍ର ରୂପ ଅଛି ହୋଇ । ୨ ॥
ଭାବେ ମୁସ୍ତକିମ, ଏହାର ଜନମ
ହେବା ସଫଳ ଅଟଇ । ୩ ॥

ଲାଖ ବିନ୍ଧିବାର ଦେଖି ଦ୍ରୁପଦ ନନ୍ଦିନୀ
ଅଷ୍ଟରତ୍ନ ହାର ଧରି ବିଜେ କଲେ ପୁଣି ।
ସଙ୍ଗରେ କେଶିନୀ ଦାସୀ ଘେନି ପାର୍ଥ ପାଶେ
ବରିବାକୁ ବିଜେ କଲେ ମନର ହରଷେ ॥
ପାର୍ଥ ଗଳେ ରତ୍ନହାର ପକାଇବା ବେଳେ
ଦେଖିଣ ମଘବାସୁତ ରହ ରହ ବୋଲେ ।
ଜ୍ୟେଷ୍ଠ ଭ୍ରାତ ମୋର ବିପ୍ର ସଭାରେ ଅଛନ୍ତି
ତାଙ୍କୁ ନ ବୁଝି ବରଣ ନ ଘେନିବି ସତୀ ॥
ଅର୍ଜୁନ ମୁଖରୁ ଶୁଣି ଦ୍ରୁପଦ କୁମାରୀ
ମଉନେ ରହିଲେ ମୁସ୍ତକିମ ଧ୍ୟାଏ ହରି ॥

॥ ଫାରସ ॥

ବିଧାତା ତକଦିର ମେ ଯୋ ଲିଖେଗା
ଗୋ କୋନ୍ ମେଟେଗା ॥ ପଦ ॥
ରାଜାକା ଛୋକରୀ, ବହୁନକା ପ୍ୟାରୀ
ମଙ୍ଗନେ ଖାନେୱାଲେ କା ପାଓଁ ଦାବେଗା । ୧ ॥
ଲାଖ ଲାଖ ରାଜା, ଜମାୟା ହେ ରାଜା
ନଶିବ୍ ମେଁ କ୍ୟା ହେ କୌନ ଜାନେଗା । ୨ ॥
ମୁସ୍ତକିମ ଧ୍ୟାଏ, ଯୋ କରେ ଖୋଦାଏ
ବଦନାମୀକା ହାର ଗଲେ ମେଁ ଡାଲ ଦେଗା । ୩ ॥

ବରଣ ନ ଘେନିବାର ଦେଖି କୁରୁପତି
ଶକୁନୀଙ୍କୁ ରାଇ ପଠାଇଲେ ପାର୍ଥ କତି, ମାମୁଁ ଶୁଣ ॥

Digitized by srujanika@gmail.com

କହିବୁ ବ୍ରାହ୍ମଣେ ଯେତେ ଇଚ୍ଛା ଧନ ଦେଉ
ଦ୍ରୋପତୀ କନ୍ୟାକୁ ନେବା ଆମ୍ଭଙ୍କୁହିଁ ଦେଉ, ମନ୍ତ୍ରୀ ଶୁଣ ॥
ବୋଲିବୁ ପଞ୍ଚ କଟକେ କରିବି ନୃପତି
ନିଶ୍ଚିନ୍ତ ହୋଇ ଭୁଞ୍ଜିବ ବିପୁଳ ବିଭୂତି, ମନ୍ତ୍ରୀ ଶୁଣ ।
ଶତେ ବିପ୍ରକନ୍ୟା ତାଙ୍କୁ ବିଭା ଦେବି କରି
ବିପ୍ର ହୋଇ କି କରିବ ନୃପତୀ କୁମାରୀ, ମନ୍ତ୍ରୀ ଶୁଣ ।
ଏହା ଶୁଣି ସକୁନୀ ଅର୍ଜୁନ ପାଶେ ଗଲେ
ମାନଗୋବିନ୍ଦଙ୍କୁ ସବୁ ବୁଝାଇ କହିଲେ, ସୁଜ୍ଞଜନେ ।
ବୋଇଲେ ଯେତକେ ଇଚ୍ଛା ତେତେ ଧନ ନେବ
ଆବର ପଞ୍ଚ କଟକେ ନୃପତି ହୋଇବ, ବିପ୍ରବର ।
ଶତେ ଗୋଟି ବିପ୍ରବଧୂ ବିଭା ଦେବା କରି
ମାନଗୋବିନ୍ଦଙ୍କୁ ଦେଲେ ଦୃପଦ କୁମାରୀ, ବିପ୍ରବର ॥
ମନ୍ତ୍ରୀ ମୁଖୁ ଶୁଣି ବୀର ପାର୍ଥ କୋପ କଲେ
ଦୁର୍ଯ୍ୟୋଧନ ନୃପତିକୁ ବୋଲିବୁ ବୋଇଲେ, ମନ୍ତ୍ରୀବର ॥
ଭାନୁମତୀ ରାଣୀକୁ ଯେ ସମର୍ପୁ ମୋ ଠାରେ
ଖଟୁଥିବ ଦାସୀ ପଣେ ଦ୍ରୋପଦୀ ପୟରେ, ମନ୍ତ୍ରୀବର ॥
ଯାହା ଇଚ୍ଛା ତାହା ଧନ ନେବ ଆମ୍ଭଠାରୁ
ଶହସ୍ତେକ ରାଜକନ୍ୟା ବିଭା କରିପାରୁ, ମନ୍ତ୍ରୀବର ॥
ପାର୍ଥର ନିଷ୍ଠୁର ବାଣୀ ଶୁଣି ମନ୍ତ୍ରୀବର
ଯାଇଣ କହିଲା ମାନଗୋବିନ୍ଦ ଆଗର, ସୁଜନେ ହେ ॥
ଶୁଣିଣ ମାନଗୋବିନ୍ଦ କୋଧେ ପ୍ରଜ୍ୱଳିତ
ଭାବି କହେ ମୁସ୍ତକିମ ଶ୍ରୀମହାଭାରତ, ସୁଜନେ ହେ ॥

ବିପ୍ରକୁ ଛାଡ଼ିଲା, ବିହି, କେ ରଖିବ ଭାଇ ॥ ପଦ ॥
ମୂଷିକ ହୋଇଣ, ବିରାଡ଼ି ସଙ୍ଗେଣ, ଲୋଡୁଛି ଜୁଝିବା ପାଇଁ । ୧ ॥
ଦ୍ୱୀଜକୁ ମାରିଣ, ରାଜା ଦୁର୍ଯ୍ୟୋଧନ, ଦ୍ରୋପତୀ ନେବ ଛଡ଼ାଇ ॥ ୨ ॥
ଲାଖ ନ ବିନ୍ଧିଣ, ଆରମ୍ଭନ୍ତି ରଣ, କବି ମୁସ୍ତକିମ କହି ହେ । ୩ ॥

Digitized by srujanika@gmail.com

କ୍ରୋଧେ ପ୍ରଜ୍ୱଳିତ, ହୋଇ କୁରୁନାଥ, ଦୁଃଶାସନକୁ ହକାରିଲେ
ବ୍ରାହ୍ମଣ ହୋଇଣ, କରେ ଗର୍ବପଣ, ମାର ଏହାକୁ ବୋଇଲେ
ଦୁଃଶା ଶୁଣି ବୋଲେ ଯୋଡ଼ି ବେନି ପାଣି । ୧ ॥
କହେ ଦୁଃଶାସନ, ଭୋ କୁରୁରାଜନ, ବ୍ରାହ୍ମଣ କି ଦୋଷ କଲା
ଲକ୍ଷେ ରାଜା ରଥୀ, ଆଦି କରି ଲାଖ, ନ ବିନ୍ଧିବାରୁ ବିନ୍ଧିଲା
କାହିଁ ପାଇଁ, ବଧିବା ବିପ୍ର ଗୋସାଇଁ । ୨ ॥
ବୋଇଲାରେ ଭାଇ, ବିପ୍ର ଗୋଟା ହୋଇ, ନୀତି ଅନୀତି ନ ଡରି
ଭାନୁମତୀ ଦେଉ, କିଛି ଧନ ନେଉ, ହୋଇଥିବ ପରିବାରୀ
ଦ୍ରୋପତୀର, ବୋଇଲା ଏ ପାପୀ ଛାର । ୩ ॥
ଶୁଣି ଦୁଃଶାସନ, ହୋଇ କୋପମନ, ଗଦା ବେନିକୁ ବୁଲାଇ
ରେରେକାର, କରି, ଗର୍ଜଣ ଧାମନ୍ତେ, ବ୍ରାହ୍ମଣ ସଭାରେ ଥାଇ
ବୃକୋଦର, କ୍ରୋଧେ କଂପେ ଥରହର । ୪ ॥
ଭୀମ ମନ ଜାଣି, ଯୁଧିଷ୍ଠି ନୃପଣି, ଯିବ କି ପଣ୍ଡା ବୋଇଲେ
ଆସ୍ଥାନର ତଳେ ଚିଞ୍ଚା ବୃକ୍ଷ ଥିଲା, ଭୀମ ଓପାଡ଼ି ଧଇଲେ
ଦୁଶା ଆଗେ, ପ୍ରବେଶ ପବନ ବେଗେ । ୫ ॥
ରେ ପାପୀ ଚାଣ୍ଡାଳ, କରୁ ଗୋଳମାଳ, ବରତି ଯିବୁ କି ଆଜ
ଲକ୍ଷେ ରାଜା ଥିଲ, ଲାଖ ନ ବିନ୍ଧିଲେ, ବିନ୍ଧିଲା ଏକଇ ଦ୍ୱିଜ,
ଲାଜ ନାହିଁ, ତେଣୁ ତୁ ଆସୁଛୁ ଧାଇଁ । ୬ ॥
ଆରେ ଆରେ ଦୁଃଶା, ପ୍ରାଣେ ଥିଲେ ଆଶା, ବାହୁଡ଼ି ଏଠାରୁ ଯାଅ
ନୋହିଲେ ନିଷ୍ଟଏ, ଶମନ ରାଜାଙ୍କୁ, ଭେଟାଇବି ଜାଣି ଥାଅ
ଦୁଃଶା ଶୁଣି, କ୍ରୋଧେ ନିଶେ ଦେଲା ପାଣି । ୭ ॥
ଭୀମସେନ ବାଣୀ, ଦୁଃଶାସନ ଶୁଣି, କ୍ରୋଧରେ ଭାଷଇ ଗିର
ବ୍ରାହ୍ମଣଟା ହୋଇ, ଗର୍ବକରୁ ତୁହି, ନ ଜାଣୁ ପ୍ରତିଜ୍ଞା ମୋର
ପାପୀ ଛାର, ମାରିବି ଗଦାଘାତର । ୮ ॥
କହି ଦୁଃଶାସନ,ବୁଲାଇ ନୟନ, କୁରାଳ ଚକ୍ର ପରାୟେ
ଦେଖି ଭୀମସେନ, କରିଣ ଗର୍ଜନ, କ୍ରୋଧଭରେ ଧାଇଁଯାଏ
ଦୁଃଶା ବୀର, ଭୀମେ ମାରେ ଅଣି ଭାର । ୯ ॥
କ୍ରୋଧେ ବୃକୋଦର, ଦୁଃଶାର ଉପର, ଚିଞ୍ଚାବୃକ୍ଷ ପ୍ରହାରିଲା
ଦୁଃଶା ଅଙ୍ଗେ ବାଜି, ବୃକ୍ଷ ଗଲା ଭାଜି, ଦେଖି ଶକୁନୀ ଧାଇଁଲା

Digitized by srujanika@gmail.com

ଅଚେତନ, ହୋଇ ପଡ଼େ ଦୁଃଶାସନ । ୧୦ ॥
ଦୁଃଶାର ଅଜ୍ଞାନ, ଦେଖୀ ଭୀମସେନ, ଗଦା ଛଡ଼ାଇ ଘେନିଲା
ଶକୁନୀ ଆସିବା, ଦେଖିଣ ନକୁଳ, ଯୁଧିଷ୍ଠୀ କି ପ୍ରଣମିଲା
ମାରେ କୁଦା, ହସ୍ତେ ତମ୍ଭା ଗଡ୍ଡୁ, ଛତା । ୧୧ ॥
ନକୁଳ ସଭାରୁ, ବାହାରନ୍ତେ ସହ - ଦେବାଦି ହେଲେ ବାହାର
ଯୁଧିଷ୍ଠିଙ୍କ ପାଦେ, ନମସ୍କାର କରି, ନମିଲେ ବିପ୍ର ସଭାର
ମହାରୋଷେ, ପ୍ରବେଶିଲେ ଯୁଦ୍ଧ ପାଶେ । ୧୨ ॥
ଦେଖି କୁରୁବୀର, କରି ରେ ରେ କାର, ଧାଇଁଲା ସଇନୀ ଘେନି
ଯେତେ ରାଜା ଥିଲେ, ସମସ୍ତେ ଧାଇଁଲେ, ଯେଝା ଶରାସନ ଘେନି
ରଣଗୋଳ, ବଢ଼ିଲା ବେଳକୁ ବେଳ । ୧୩ ॥
ବିପ୍ରେ ଗଡ୍ଡୁ ଛତା, ଧରି ଅପ୍ରମିତା, ଧାଇଁ ରଣେ ପରବେଶ
ଏକକୁ ଆରେକ, ମାରେ କେ ପରିଘ ଅଶିବାର ଗଦାକୁନ୍ତ
ଛେଳି କାତି, ମୂଶଳ ପୁରଲାଠି । ୧୪ ॥
ଏମନ୍ତ ସମଏ, ବୀର ଧନଞ୍ଜଏ ମୋହନାସ୍ତ୍ର ପ୍ରହାରିଲା
କୁରୁବଳ ଆଦି, ଯେତେ ରାଜା ଥିଲେ, ସବୁଙ୍କ ଅଙ୍ଗେ ଭେଦିଲା
ଅସ୍ତ୍ରବଳେ, ଭ୍ରମେ ପଡ଼ି ମୋହ ଗଲେ । ୧୫ ॥
ଦେଖି ଦୁର୍ଯ୍ୟୋଧନ, କରଇ କାରୁଣ୍ୟ, ଭୀଷ୍ମ, ଦ୍ରୋଣଙ୍କର ସଙ୍ଗେ
କି କାର୍ଯ୍ୟ ଅଛି ଏ ଜୀବନ ଥିବାରେ, ସର୍ବେ ମଲେ ରଣରଙ୍ଗେ
ମୁଁ ଏକା ପ୍ରାଣ, ଧରିଛି ଶ୍ରୀ ମୁସ୍ତକିମ । ୧୬ ॥

ଶୁଣ ହେ, ବିବୁଧ ଜନେ, ଦେଇ ମନ ଧ୍ୟାନ
ଯୁଦ୍ଧେ ଜିଣି, ଜୟ କରି, ବାହୁଡ଼ି ଅର୍ଜୁନ । ୧ ॥
ଚାରି ଭ୍ରାତ ତୁଳେ ଯାଇ ଯୁଧିଷ୍ଠି ଦେବଙ୍କୁ
ଦଣ୍ଡବତ କରି ପୁଣି, ପ୍ରଣମି ସଭାକୁ । ୨ ॥
ଯୁଧିଷ୍ଠି ବୋଇଲେ ବାବୁ ଶୁଣ ଧନଞ୍ଜଏ
ସ୍ତିରୀ ଗୋଟା ପାଇଁ ଭୃତ୍ୟ, ଗଣ କଲୁ କ୍ଷଏ । ୩ ॥
ଅବେଭାର, ଅବିଚାର, ବୋଲିବେ ଜଗତେ
ସ୍ତିରି ଛାର ପାଇଁ ଭୃତ୍ୟେ ବଧିଲେ ପାଣ୍ଡବେ । ୪ ॥
ଏ ନିନ୍ଦାରୁ କେଉଁପରି ପାରି ହେବା କହ

Digitized by srujanika@gmail.com

ପାର୍ଥ ବୋଲେ, ମରି ନାହିଁ, ହୋଇଛନ୍ତି ମୋହ । ୫ ॥
ଯୁଧିଷ୍ଠିର ବୋଲୁଛନ୍ତି ଶୁଣ ବୀରବର
ପ୍ରାଣ ଲଭନ୍ତୁ ସମସ୍ତେ କାଢ଼ ବେଗେ ଶର । ୬ ॥
ଶୁଣିଣ ଅର୍ଜୁନ ବେଗେ ଶ୍ରୀହରି ସୁମରି
ଅମୃତ ବରଷା କଲେ ପାଶୁପତ ମାରି । ୭ ॥
ଅମୃତ ପଡ଼ନ୍ତେ ସର୍ବେ ପାଇଲେ ଚେତନା
ପଳାଇଲେ ଏକମୁଖେ ସର୍ବଶୂନ୍ୟ ସେନା । ୮ ॥
ତହୁଁ ପାଞ୍ଚ ଭାଇ ଗଲେ ଦ୍ରୋପଦୀଙ୍କ ତୁଲେ
ପରବେଶ ହେଲେ ଯାଇ ସେ କୁରାଳ ଶାଳେ । ୯ ॥
କବି ମୁସ୍ତକିମ କହି ହୋଇ ହସ ହସ
ଏମନ୍ତ ସମଏ କୁନ୍ତୀ ଦେବୀ ପରବେଶ । ୧୦ ॥

॥ କୁନ୍ତୀ ବାହାରିବା ॥

ବାହାରିଲେ କୁନ୍ତୀ ଦେବୀ ପୁତ୍ରଙ୍କର ସନିଧି
ପାଣ୍ଡୁରାଜା ପାଟରାଣୀ
ସଦା ମନ ସଦାଚାରେ, ମୁଖେ ଜପି କୃଷ୍ଣ ଧ୍ୱନି ॥ ୧ ।
ଗୁରୁଦତ୍ତ ମାଳି ଗଲେ, ହାର ପରି ଦିଶେ ଡ଼ୋଳେ
ନାହିଁ ବେଶଭୂଷା କିଛି, କେବଳ ପାଟପତନୀ ॥ ୨ ।
ବିଜଏ ପୁତ୍ରଙ୍କ ପାଶ, ମନରେ ହୋଇ ହରଷ
ପଞ୍ଚ ଭାଇ ଦଣ୍ଡବତ, କରି ଲୋଟିଲେ ଧରଣୀ ॥ ୩ ।
କୁନ୍ତୀ ସୁକଲ୍ୟାଣ କଲେ, ମହି ଭୋଗ ପାଞ୍ଚ ଜଣ
ଚକ୍ରବର୍ତ୍ତୀ ପଦ ଲଭ, ରଣେ ସର୍ବେ ବୀରେ ଜିଣି ॥ ୪ ।
ଉଠିଣ ପାଞ୍ଚ ସୋଦର, ଆଗେ ଉଭା ଯୋଡ଼ିକର
ମୁସ୍ତକିମର ବିଚାର, ସେ ସଙ୍ଗତେ ହେବି ଗଣି । ୫ ॥

॥ ଲୀଳା ॥

ଶୁଣଜନେ ମନ ଦେଇ ୨, କୁନ୍ତୀ ଆଗେ କର ଯୋଡ଼ି ଜଣାଇ ଯେ
ଆଗେ ଯୁଧିଷ୍ଠିର ନୃପସାଇଁକି, ବୁଧେ ହେ । ୧ ।
ଶୁଣ ମାତ ମୋର ବାଣୀ, ଦ୍ରୁପଦ ନଗ୍ର ଲୁଟି ପାଣି ସେ

Digitized by srujanika@gmail.com

ଅଛୁ ଅପୂର୍ବ ଫଳେକ ଆଣିକି, ମାତ ଗୋ ॥ ୨ ॥
ଯୁଧିଷ୍ଠିର ବାଣୀ ଶୁଣି, ହରଷ ହୋଇଣ ସେ କୁନ୍ତୀ ରାଣୀ ଯେ, କହନ୍ତି
ପାଞ୍ଚଭାଇ, ବାଣ୍ଟି ଭୁଂଜିଲଣି, ସୁଜନେ ହେ ॥ ୩ ॥
ଭୀମ ଶୁଣି କୁନ୍ତୀ ଗିର, ବୋଲେ ମାତ ଗଲୁ ଦ୍ରୁପଦ ନଗ୍ର ଗୋ
ଲାଖ କରିଛି ଦ୍ରୁପଦେଶ୍ୱର କି । ୪ ॥
ସେଠାରେ ପାର୍ଥ ଯେ ଲାଖ ବିନ୍ଧିଲେ,
ଦେଖି ନୃପଗଣ ଗୋଳ ଯେ କଲେ ଗୋ
ରଣେ ହାରିଣ ସର୍ବେ ପଳାଇଲେ କି, ମାତ ଗୋ । ୫ ॥
ସେ କନ୍ୟା ନାମ ଦ୍ରୋପଦୀ, ଆଣିଅଛୁ ସଙ୍ଗେ, ତା' ଶୁଣି କୁନ୍ତୀ ଯେ
ପାଞ୍ଚ ପୁତ୍ର ବିଭା ହୁଅ ସତୀ ତୁମରେ ରେ ॥ ୬ ॥
ପ୍ରବେଶ ଏ କାଳେ ନିଶି, ଫଳମୂଳ ଭୁଞ୍ଜି ହୋଇଣ ଖୁସି ଯେ
ନିଦ୍ରା ଗଲେ ମୁସ୍ତକିମ ଭାଷି, ବିବୁଧେ ହେ । ୭ ॥

॥ ଲୀଳା ॥

ଶୁଣଜନେ ଏକ ମନେ ତ ଏ ବିଚିତ୍ର ରସ ଯେ
ସେକାଳେ ଦ୍ରୁପଦ ନୃପ ହୋଇଣ ବିରସ । ୧ ॥
ଧୃଷ୍ଟଦ୍ୟୁମନକୁ ଘେନି
ଭାଳନ୍ତି କାହିଁ ରହିଲା ସତୀ ଯାଜ୍ଞସେନୀ ଯେ । ୨ ॥
ଦ୍ୱାରୀକି ଅନାଇ ନୃପ, ଭାଷନ୍ତି ଏ ଗିର ଯେ
ଲୋଡ଼ ଦ୍ୱାରୀ ଦ୍ରୋପଦୀକି, ଘେନି ବିପ୍ରବର ଯେ
କେଣେ ରହିଲେ କା' ପୁରେ
ନଗ୍ର ଯାକ ବୁଲି ତୁ ଲୋଡ଼ିବୁ ଘରେ ଘରେ ଯେ । ୩ ॥
କିପରି ଏକାକୀ ହୋଇଥିବ ମୋ ଦୁଲାଳୀ ରେ
ବିପ୍ରଙ୍କୁ ମିଳିବ କାହିଁବା ହଂସୁଳୀ ତୁଳୀରେ
ବିହି କଲୁ କି କରମ, ଶୁଣି ଦୁଆରୀ ଚଳିଲା ଭଣେ ମୁସ୍ତକିମ ଯେ । ୪ ॥

॥ ପହଲି ॥

ଝିଅକୁ ନେଲା ଜୁଆଇଁ କି ହୋ ନୃପସାଇଁ
ଯାହା କପାଳେ ଥିବ, ତାହା ଭୋଗ କରିବ

Digitized by srujanika@gmail.com

ଅଧିକ ଉଣା କିଛି ନାହିଁ । ୧ ॥
ବିଭା ନୃପେ ମୋତେ ନ କଲ, ଲାଖ ସ୍ଥାପନ କଲ
ଗଣ୍ଡା ବା ହାଡ଼ି ଗଲା ନେଇ । ୨ ॥
ତୁଛା ହରବର, ହେବଟି ମୋହର, ବାଲୁତ ମୁସ୍ତକିମ ଗାଇ ॥ ୩ ॥

ଦୁଆରୀ ଚଳଇ ହରସରେ ଲୋ ଗଡ଼ ଦାଣ୍ଡେ ଦାଣ୍ଡେ, ଘରେ
ନ ପାଇ ଦ୍ରୁପଦୀ, ମନ ଦୁଃଖ ଅତି, ପ୍ରବେଶ ହୋଇଲା ଚକ୍ରପୁରେ । ୧ ॥
ଦ୍ୱାରେ ଉଭା ହୋଇ ଦେଲାକ ଅନାଇ,
ଦେଖିଲା ଦ୍ରୋପଦୀ ସେହିଠାରେ । ୨ ॥
ତହୁଁ ଚଳିଗଲା, ନୃପଙ୍କୁ କହିଲା, ଭଣେ ମୁସ୍ତକିମ ତରତରେ । ୩ ॥

॥ ରାଜଦ୍ୱାରୀ ଲୀଳା ॥

ଦୁଆରୀ ନୃପଙ୍କୁ ଯାଇ କଲା ପ୍ରଣିପାତ
ନଗ୍ର ଲୋଡ଼ି ନ ପାଇ ମୁଁ ହୋଇଲି ଦୁଃଖିତ
ନୃପବର, ନଗ୍ରପ୍ରାନ୍ତେ ଏକ ଚକ୍ରପୁର । ୧ ॥
ସେ କୁମ୍ଭକାରର ଗୃହେ, ପ୍ରବେଶିଲି ଯାଇ
କୁମ୍ଭାର ଶାଳର ଧୂଳି, ପାଡ଼ିଛନ୍ତି ଶୋଇ
ସିମ ସ୍ଥାନେ, ଶୋଇଛି ରାଣ୍ଡୀ ବ୍ରାହ୍ମଣୀ ଜଣେ । ୨ ॥
ତା' ଚରଣ ତଳେ ବଡ଼ ବିପ୍ରେକ ଶୋଇଛି
ତା ତଳେ ଶୟନ ବିପ୍ର ଅଦ୍‌ଭୁତ ଦେଖିଛି
ତା ନିଶ୍ୱାସ, ଲାଗି ଚାଳ ଉଡ଼ଇ ଆକାଶ । ୩ ॥
ତାଙ୍କ ତଳେ ତିନି ବିପ୍ର, ତା' ପଦ ତଳରେ
ଶୋଇଛି ଦ୍ରୌପଦୀ ମୁଁ ଦେଖିଲି ପ୍ରତ୍ୟକ୍ଷରେ
ରାଜା ଶୁଣି, ମୋହ ହେଲେ ମୁସ୍ତକିମ ଭଣି । ୪ ॥

॥ ପହଲି ॥

ଶୀତଳ ସିଞ୍ଚିଲେ, ବିଞ୍ଚଣା ବିଞ୍ଚିଲେ, ବେଗି ଦ୍ରୁପଦ ନରେଶ
ହା ଦ୍ରୌପଦୀ ବୋଲି ଶୋକ କରୁଛନ୍ତି

Digitized by srujanika@gmail.com

ବୁଝାଅନ୍ତି ପାତ୍ରଗଣ, ନୃପବର
ମନୁ ଚିନ୍ତା ଦୂର କର ।

ମୋହ ହେଲେ କିସ ହୋଇବ ହେ
ଯାହା ଭିଆଇଛି ଦଇବ ହେ । ପଦ ॥
କରମ ଲେଖନ, କେ କରିବ ଆନ
କାହା ଆଗେ ଯାଇ କହିବି ହେ । ୧ ॥
ହଟିଲେ ଦୁର୍ଯ୍ୟୋଗ, ମିଳିବ ସୁଯୋଗ
ମନ୍ଦ ଶେଷେ ଭଲ ହୋଇବ ହେ । ୨ ॥
ମୁସ୍ତକିମ କହି, ନୃପ ଶୋକ ଚାହିଁ
କାହା ତନୁ ତାହା ସହିବ ହେ । ୩ ॥

॥ କୃଷ୍ଣ ବାହାରିବା ଗୀତ ॥

ଦେଖ ବିଜଏ କଲେ ହରି ହୋ, ସଙ୍ଗେ ଶ୍ରୀ ବଳରାମ ହୋ
ଚତୁର୍ଧା ମୂରତୀ ବେନି, ଦିଶେ କେଡ଼େ ଶୋଭାବନ ହୋ । ପଦ ॥
ଶିରରେ ମଣି ମୁକୁଟ, ଦିଶଇଟି ଝଟଝଟ
ପରିଧାନ ପିତପଟ, ନନ୍ଦନନ୍ଦନ ହେ । ୧ ॥
ସଙ୍ଗତେ ସକଳ ନାରୀ, ରହି ବାରେ ଗତି କରି
ଆଗପଛ ଘେରିଛନ୍ତି, ଗୋପନନ୍ଦନ ହେ । ୨ ॥
ଦ୍ରୁପଦ ନଗ୍ରେ ମିଳିଲେ, କୁନ୍ତୀ ପାଦେ ପ୍ରଣମିଲେ
ଯୁଧିଷ୍ଠିକି ନମସ୍କାର କଲେ ତକ୍ଷଣ ହେ । ୩ ॥

ଭୀମସେନ ଯେ ଅର୍ଜୁନ, ନକୁଳ ସହଦେବ ଜାଣ
ଦଣ୍ଡବତ କଲେ ରାମକୃଷ୍ଣ ପୟର ହେ । ୪ ॥
କବି ମୁସ୍ତକିମ ଭଣି, ଯେତେକ ଥିଲେ ରମଣୀ
ଓଳଗିଲେ କୁନ୍ତୀ ଦେବୀ ପାଦର ହେ । ୫ ॥

Digitized by srujanika@gmail.com

।। ପହଲି ।।

ଆସିଲେ ଶ୍ରୀହରି ରାମ ହେ, ପଦେ ହୋଇଯିବ କାମ ହେ
ସଙ୍ଗେ ଗୋପ ଗୋଇ, ଆସିଛନ୍ତି ଧାଇଁ
କରିବେ ମଙ୍ଗଳ ଗାନ ହେ ।।

।। ଲୀଳା ।।

କୁନ୍ତୀ ବୋଲୁଛନ୍ତି ଶୁଣ ଶିରୀପତି, ତୋ ଉପରେ ଆଶ୍ରେ କରି
ଦେଖ ମୋ କୁମରେ, ଏ କଷ୍ଟ ଲଭନ୍ତି, ଦୟା ତୁ କରୁ ହରି
କେତେ ଦିନୁ, ଭୁଞ୍ଜିବୁ ଏତେ କଷଣ । ୧ ।।
କୃଷ୍ଣ ବୋଲୁଛନ୍ତି, ରହ ଦେବୀ କୁନ୍ତୀ, ଅଳପ ଦିନେ ଏ ଦୁଃଖ
ନାଶ ହୋଇଯିବ, ସୁଖ ହିଁ ଭୁଞ୍ଜିବ, ଏଥିକି ନୁହ ବିମୁଖ
ମହାସତୀ, କିପାଁ ଆକୁଳିତ ମତି । ୨ ।।
ପୁଣି କୁନ୍ତୀ କହି, କୃଷ୍ଣଙ୍କୁ ଅନାଇ, ଦେଖ ଦ୍ରୁପଦ କୁମାରୀ
ସୁକୁମାରୀ ମତୀ, ଅଟଇ ଦ୍ରୁପଦୀ, କାହିଁ ମୁଁ ରଖିବି ନେଇ
ଗୃହ ନାହିଁ, ବିଭା ହେବ କେଉଁଠାରେ । ୩ ।।
କୁନ୍ତୀ ବାଣି ଶୁଣି, କହି ବଂଶୀପାଣି, ତୋଲାଇ ଦେବି ମନ୍ଦିର
ଏଥିପାଇଁ ଚିନ୍ତା, ନ କର କୁଇନ୍ତ, ଏ ରାତ୍ରେ ହୋଇବ ଘର
ବୋଲି ହରି, ବିଶ୍ୱକର୍ମାକୁ ସୁମରି । ୪ ।।
ସର୍ଗରେ ଥାଇଣ, ଜାଣି ବିଶ୍ୱକର୍ମା, ଦ୍ରୁପଦ ନଗ୍ରକୁ ଗଲେ
ସକଳ ସାମଗ୍ରି ହସ୍ତେଛନ୍ତି ଧରି, କବି ମୁସ୍ତକିମ ବୋଲେ
ସୁଜନେ ହେ, ଘଟେ ଯା କପାଳେ ଥିଲେ । ୫ ।।

।। ବିଶ୍ୱକର୍ମା ବାହାର ।।

ବାହାରିଲେ ବିଶ୍ୱକର୍ମା, ମନରେ ହୋଇ ଆନନ୍ଦ
ବଢ଼ାଇମାନଙ୍କ ଗୁରୁ, ମୁଖ ନିନ୍ଦେ ପୂର୍ଣ୍ଣଚାନ୍ଦ ।। ପଦ ।।
ସକଳ କାର୍ଯ୍ୟ ଜାଣନ୍ତି, ଅକଳେ ତିଆରି ଦ୍ୟନ୍ତି
କାନ୍ଧରେ ବାରିସୀ, କାଖେ ଖୁଟୁଲା ଦିଶେ ପସନ୍ଦ । ୧ ।।
ବିନ୍ଧାନି ଅଣ୍ଟାରେ ଖୋସି, ମୁଖେ ରାମନାମ ଘୋଷି
ବିଜେ ମନ୍ଦେ ମନ୍ଦେ ହସି, ଯହିଁ ଅଛନ୍ତି ଗୋବିନ୍ଦ । ୨ ।।

Digitized by srujanika@gmail.com

ଅଷ୍ଟଧାତୁ ନବରତ୍ନ, ଆବର ବୃକ୍ଷ ପାଷାଣ
ଚୂନ ମୃତିକାର କାମ, ଜାଣନ୍ତି ବଡ଼ ସମଳ ।। ୩ ।।
କବି ମୁସ୍ତକିମ ଭଣି, ଯାହା ବୋଇଲେ ପୁଣି
କରିଦ୍ୟନ୍ତି ସେହି କ୍ଷଣି, ଦୃପଦ ନଗ୍ରେ ପ୍ରବେଶ । ୪ ।।

॥ ପହଲି ॥

(ଅସଂପୂର୍ଣ୍ଣ । ପେନ୍‌ସିଲରେ ଲେଖା ସବୁ ଲିଭି ଯାଇଛି)

□□□

Digitized by srujanika@gmail.com

ପୃଥ୍ୱୀ ଯୁଗ ଓ ସତ୍ୟାସତ୍ୟ

ଜନ୍ମ ଓ ଯୁଦ୍ଧ

ଜୟ ଜୟ ପ୍ରଭୁ ଅନନ୍ତ ଅଣାକାର ଶ୍ରୀହରି
ଜୟ ଜୟ ପ୍ରଭୁ ଅନନ୍ତ ଅବ୍ୟକ୍ତ ବ୍ୟକ୍ତକାରୀ । ୧ ।
ଜୟ ହେ କରୁଣାସାଗର ଅଘ ନାଶକରତା
ଜୟ ହେ କରୁଣାସାଗର ଭକ୍ତ ଆରତହନ୍ତା । ୨ ।
ଜୟ ଦୁଃଖୀଜନ ବାନ୍ଧବ ଦେବ ଜଗତନାଥ
ଜୟ ଦୁଃଖୀଜନ ବାନ୍ଧବ ଭୋ ବିଷ୍ଣୁ ସର୍ବବ୍ୟାପ୍ତ । ୩ ।
ନ ଜାଣେ ଭକତି ଶ୍ରୀପଦ ପୂଜା କହଣା ଜପ
ନ ଜାଣଇ ବିଦ୍ୟା ନ କରି ପ୍ରଭୁ କେବେ ସତ୍‌ସଙ୍ଗ । ୪ ।
ନାଦ ଯଜ୍ଞ ହୋମ ଭଜନ କିବା ଅତିଥି ସେବା
ଧ୍ୟାନାଦି ନ କରି ଇନ୍ଦ୍ରିୟ ବଶେ ମୋହିତ ସଦା । ୫ ।
କେବଣ ନାବକୁ ଆଶ୍ରୟ କରିଅଛି ଅନାଦି
ଚତୁର୍ଦ୍ଦଶ ପୁର କରତା ବୋଲି ଆଶ୍ରା କରିଛି । ୬ ।
ଏ ଭବସାଗରେ ଭାଷୁଛି ସ୍ଥଳକୂଳ ନ ପାଇ
ଭାବଗ୍ରାହୀ ଭାବ ନ ଜାଣେ ଭବୁ ତରିବ କେହି । ୭ ।
ଦୀନହୀନ ଜନ ଉଦ୍ଧାର ବାନା ଅଟେ ତୁମ୍ଭର
ଦୀନହୀନ ଜନ ଡାକୁଛି ରଖ ଦୟାସାଗର । ୮ ।
କିରତି ବର୍ଣ୍ଣନ୍ତି ପୀରତି ଶୂନ୍ୟ ଶରୀର ମୋର
ମୂରତୀ ଦର୍ଶନ ଲଭନ୍ତି ପୂଣ୍ୟହୀନ ମୁଁ ନର । ୯ ।
ବରତୀ ହୁଅନ୍ତି କଷାୟୁ ଅରାତି ମୋହେ ଚିତ୍ତ
ମୋର ମୋର ଭାବି ଅଜ୍ଞାୟୁ ଯେଣୁ ବିତ୍ତେ ଲୋଭିତ । ୧୦ ।
ବାରବାର ଥର ଯାହା ମୁଁ ତାହା ହୃଦେ ନ ଘେନି
ବାରବାର ବାର ବରଷ ଆୟୁ ହେଲେ ଗଲାଣି । ୧୧ ।
ସାରସାର ଅଙ୍ଗ ସାରଙ୍ଗେ ସାର ଶର ନିକ୍ଷେପି
ସରୁ ସରୁ ପାଏ ସର୍ବାଙ୍ଗେ ଲାଗି ରହିଛି ବ୍ୟାପି । ୧୨ ।
ଈଶ୍ୱର ବିଶ୍ୱର କରତା କର କର କରୁଣା
ଭୋ ଇଷ୍ଟ ଅନିଷ୍ଟ ନାଶିଣ ଅଭିଷ୍ଟ କର ପୂରଣ । ୧୩ ।

Digitized by srujanika@gmail.com

ମୁସ୍ତକିଂ ସୁସ୍ଥ କି ହୋଇବ ଅସ୍ତ ହେଲେ ଜୀବନ
ଇତସ୍ତତ ହେବ ଚୌରାଣି ରଇରବ ଭ୍ରମିଣ । ୧୪ ।
ନାସ୍ତ ନ ଘେନି ଶାସ୍ତି କି ପଛେ ବିହିବ ଦେବ
କିନ୍ତୁ ମଙ୍ଗେ ଘଙ୍ଗେ ସୁସଙ୍ଗେ ବଂାଛେ ପୂର୍ଣ କରିବ । ୧୫ ।
ସଂକ୍ଷେପ ଭାବରେ ବର୍ଣିବି ହେଲା ଯେପରି କ୍ଷିତି
ସତ୍ୟ ଅସତ୍ୟଙ୍କ ଜନମ ଆଉ ଯୁଗ ଉତ୍ପତି । ୧୬ ।
ସତ୍ୟ ଅସତ୍ୟ ମର୍ତ୍ୟ ବେନି ଭାଗ ବଣ୍ଟନ ଭାବ
ପୁଣ ଯେଉଁ ରୂପେ କଳହ ହୋଇ କଲେଟି ଯୁଦ୍ଧ । ୧୭ ।
କହିବି ଯଥାର୍ଥ ମାଗୁଣି ପ୍ରଭୁ ଜଣାଣ ଘେନ
ବାଲୁତ ମୁସ୍ତକିମ ତବ ପାଦପଦ୍ମେ ଶରଣ । ୧୮ ।

।। ଦ୍ୱିତୀୟ ଛାନ୍ଦ ।।
(ରାଗ ମଙ୍ଗଳଗୁଜ୍ଜରୀ)

ଏ ଉତ୍ତାରୁ ଶୁଣ ଜନେ ଏ ବିଚିତ୍ର ରସ
ପୂର୍ଣ୍ଣ ବ୍ରହ୍ମ ଗୁପ୍ତେ ଥିଲେ ନ ହୋଇ ପ୍ରକାଶ ଯେ ।
ସୃଷ୍ଟି ଇଚ୍ଛା କଲେ ପ୍ରଭୁ ଅନନ୍ତ ସାଗର
ତାଙ୍କ ଆଜ୍ଞାରୁ ପ୍ରକୃତି ପୁରୁଷେ ବାହାର ଯେ ।
ପ୍ରକୃତି ଅଙ୍ଗରୁ ଯେ କିଶୋରୀ ଜାତ ହେଲା
କିଶୋରୀ ତନୁରୁଟି ଅନନ୍ତ ସମ୍ଭବିଲା ଯେ ।
ଅନନ୍ତଠାରୁ ସମ୍ଭୂତ ଶେଷଦେବ ନାମ
ଶେଷ ତହୁଁ ମହତ ହୋଇଲା ଉତପନ୍ନ ଯେ ।
ମହତହୁଁ ବିରାଟ ପୁରୁଷ ହେଲା ଜନ୍ମ
ଶୁଣ ଶୁଣ ସୁଜ୍ଞଜନ ବିଧିର ବିଧାନ ଯେ ।
ବିରାଟ ପୁରୁଷ ବାମ ଅଙ୍ଗୁ ଜାତ କଲେ
ଆଦିଶକ୍ତି ନାମ ଖ୍ୟାତ ଅଟେ ସୟଲେ ଯେ ।
ଆଦିମାତା ଆଜ୍ଞାରୁ କନ୍ଦର୍ପ ଜାତ ହେଲା
ଦେଖି ଜଗନ୍ମାତ ଚିତ୍ତ ହରଷ ହୋଇଲା ଯେ ।
ଉନ୍ମାଦ ଶ୍ୱସନ ସମ୍ମୋହନ ଯେ ଶୋଷନ
ଦନନ ସହ ସୁତକୁ ଦେଲେ ପଞ୍ଚବାଣ ଯେ ।

Digitized by srujanika@gmail.com

କୁସୁମ କୋଦଣ୍ଡ ଦେଇ ତୋଷେ ବର ଦେଲେ
ଏ ଶରେ ଜଗତଜୟୀ ହୁଅରେ ବୋଇଲେ ଯେ ।
ଶର କୋଦଣ୍ଡ ପାଇଣ ମନସିଜ ଗଲା
ଅଣାକାର ପୁରୁଷଙ୍କ ଅଙ୍ଗରେ ବିନ୍ଧିଲା ଯେ ।
ଅନନ୍ତ ଅନନ୍ତ ଶଯ୍ୟା ତେଜ୍ୟା କରି ଉଠି
ପ୍ରବେଶ ହୋଇଲେ ଯହିଁ ଥିଲେ ଆଦିଶକ୍ତି ଯେ ।
ରତି କରିବାକୁ ବିଷ୍ଣୁ ଚିତ୍ତେ ଇଚ୍ଛା କଲେ
ଯୋନି ନ ଥିବାରୁ ମୁଖେ ରେତକୁ ଛାଡ଼ିଲେ ଯେ ।
ଗର୍ଭେ ତ୍ରିମୂର୍ତ୍ତି ସଞ୍ଚରୁଁ ଦେବୀ ଆଦିଶକ୍ତି
ଧ୍ୟାନେ ବିଷ୍ଣୁଙ୍କୁ ସ୍ମରିଲେ ବ୍ୟାକୁଳିତ ମତି ଯେ ।
ଜାଣି ବିଷ୍ଣୁ ମିଳି ଆଦି ଶକତି ନିକଟେ
ବୋଲି କିପାଇଁ ଦେବୀ ସୁମରିଲେ ମୋତେ ଯେ ।

ଆଦି କହନ୍ତି ଗର୍ଭର ଭାରା ଅଶକତ
କହ କେଉଁ ପଥରେ ଜନମ ହେବ ସୂତ ଯେ ।
ତହୁଁ ବିଷ୍ଣୁ ନଖ କୁନ୍ତେ ଭଗଦ୍ୱାର ଚିରି
ଚିରନ୍ତେ ପ୍ରସବ କଲେ ଦେବୀ ଶାକମ୍ଭରୀ ଯେ ।

ପ୍ରଥମ ସୂତଟି ଚାରି ଆନନ ସୁନ୍ଦର
ନିରଞ୍ଜନ ଦେଲେ ନାମ ବ୍ରହ୍ମା ବେଦବର ଯେ ।
ଦ୍ୱିତୀୟ ନନ୍ଦନ ପଞ୍ଚମୁଖ ତ୍ରିନୟନ
ଈଶ୍ୱର ବୋଲିଣ ପିତାମାତା ଦେଲେ ନାମ ଯେ ।
ତୃତୀୟ ନନ୍ଦନ କୃଷ୍ଣ ବର୍ଣ୍ଣ ଚତୁର୍ଭୁଜ
ନେତ୍ର ହୁଏ ବୁଜି ଅନାଇଲେ ଅଙ୍ଗତେଜ ଯେ ।
ନିଦାବିଷ୍ଣୁ ପ୍ରକୃତ କଳାରୁ ଜାତ ଯେଣୁ
ବିଷ୍ଣୁ ବୋଲି ନାମ ତାତ ମାତ ଦେଲେ ତେଣୁ ଯେ ।

ବ୍ରହ୍ମାଙ୍କୁ ପିଅର କହି ଶୁଣରେ ନନ୍ଦନ
ମୋ ବୋଲେ ତୁ କର ବାବୁ ପୃଥିବୀ ସୃଜନ ଯେ ।

Digitized by srujanika@gmail.com

ବିଷ୍ଣୁଙ୍କୁ କହିଲେ ତୋଷେ ବିରାଟ ପୁରୁଷ
ପୃଥ୍ୱୀ ଭାରା ହରି ସୂତ ପାଳ ଚତୁର୍ଦ୍ଦଶ ଯେ ।
ଈଶ୍ୱରଙ୍କୁ କହିଲେ ରେ ଶୁଣ ମୋ ବଚନ
ପାପେ ମହୀ ଭାରା ହେଲେ ନାଶିବୁ ନନ୍ଦନ ଯେ ।
କହେ ମୁସ୍ତକିମ ଇଷ୍ଟ ଚରଣକୁ ଧ୍ୟାୟୀ
ହେ ସୁଜ୍ଞାନୀ ଜନେ ଘେନ ଅଜ୍ଞାନ ବିନୟୀ ଯେ ।
ନୁହେଁ ମୁଁ ପଣ୍ଡିତ ଦୋଷେ ମଣ୍ଡିତ ମୋ ତନୁ
ଇଙ୍ଗୀତ ସଙ୍ଗୀତ ବିଦ୍ୟା ଶିଖା ବାଳଦିନୁ ଯେ ।
ଖର୍ବ ହୋଇ ଗର୍ବ ଧରିବାକୁ ନିଶାପତି
ନେତ୍ର ନାହିଁ ଇଚ୍ଛା ଚାହିଁବାକୁ ବିଷ୍ଣୁମୂର୍ତ୍ତି ଯେ ।
ଜଡ଼ ଯଥା ବେଦ ଶ୍ରବଣକୁ ଇଚ୍ଛା କରେ
ମୋ କବିତ୍ୱ ବାଂଛା ଅଟେ ତେମନ୍ତ ପ୍ରକାରେ ଯେ ।
ମାତ୍ର ଦୋଷ ଥାଇ ଚନ୍ଦ୍ର ଜଗତେ ପୂଜିତ
ଦୋଷ ଥାଇ ଇନ୍ଦ୍ର ହେଲେ ଦେବଙ୍କର ନାଥ ଯେ ।
ଯମ ଦୋଷୀ ହୋଇ ଜନ୍ତୁପତି ବୋଲାଇଲେ
ମଧୂ ଦୋଷୀ ଥିଲେ ମଧ୍ୟ ଅମରେ ଭକ୍ଷିଲେ ଯେ ।
ସେପରି ଦୋଷକୁ ଚିତ୍ତେ ନ ଧରି ବିବେକୀ
କର୍ଣ୍ଣମୁଖେ ପାନକର ମାଗୁଣି ଏତିକି ଯେ ।

।। ତୃତୀୟ ଛାନ୍ଦ ।।

(ରାଗ : ଚିନ୍ତା ଦେଶାକ୍ଷ)

ଚତୁରେ ଆତୁରେ ପଡ଼ି ହେତୁରେ ରଖ
କୁରାଳ ଚକ୍ର ପ୍ରାଏ ନ କରି ଚିତ୍ତ ଯେ ।
ବ୍ରହ୍ମା ଶଙ୍କର ବିଷ୍ଣୁ ପିଅର ବାଣୀ
ଶୁଣି ଉର୍ଦ୍ଧ୍ୱ ଚାହିଁଲେ ନାହିଁ ଧରଣୀ ଯେ ।
ଜଳେ ଅବନୀ ପରିପୂର୍ଣ୍ଣ ହୋଇଛି
ତହିଁ କି ବୁଦ୍ଧି ତାଙ୍କ ନ ସ୍ଫୁରୁ କିଛି ଯେ ।
ଜନକ ନିକଟରେ ପ୍ରବେଶ ହେଲେ

Digitized by srujanika@gmail.com

ଅଥଳ ଜଳେ କିଛି ଯିବୁଁ ବୋଇଲେ ଯେ ।
ଶୁଣି ବିରାଟ ହେଲେ ବିରାଟ ମୂର୍ତ୍ତି
କଟିଏ ପାଣି ହେଲା ଉଭାରୁ ତଥି ଯେ ।
କଟୀରୁ ପାଦ ଯାଏଁ ପୃଥିବୀ କଲେ
କଣ୍ଠରୁ କଟି ମଧ୍ୟପୁର ବୋଇଲେ ଯେ ।
କଣ୍ଠରୁ ଉର୍ଦ୍ଧ୍ୱ କଲେ ଅମର ବାସ
ଚରଣ ତଳୁ ତଳ ପାତାଳ ଦେଶ ହେ ।
ପାତାଳ ସପ୍ତଭାଗେ ବିଭକ୍ତି ଅଛି
ତଳାତଳ ସୁତଳ ବିତଳ ତିନି
ଅଭିତଳ ମଧ୍ୟମ ବିତଳ ଘେନି ଯେ ।
ରସାତଳ ପାତାଳ ନାମ ଏ ସତ୍ୟ
ଏଥି ଉର୍ଦ୍ଧ୍ୱକୁ ବିଷ୍ଣୁ ଥାପିଲେ ମର୍ତ୍ତ୍ୟ ଯେ ।
ସପତ ଦ୍ୱୀପ ସପ୍ତ ସାଗର କଲେ
ଦ୍ୱୀପଙ୍କ ଆୟତନ କହୁଛି ଭଲେ ହେ ।
ଜମ୍ବୁ ଦ୍ୱୀପରେ ଅଛି କୋଟିଏ ନଦୀ
ଲକ୍ଷେ ଯୋଜନ ଆୟତନ ପ୍ରସିଦ୍ଧି ଯେ ।
କ୍ଷାର ସିନ୍ଧୁ ବେଢ଼ିଛି ଚଉଦିଗରେ
ଶତେ ଯୋଜନ ସିନ୍ଧୁ ଅଛି ଦୀର୍ଘରେ ଯେ ।
ନବ ଲକ୍ଷ ପ୍ରଧାନ ପର୍ବତ ଅଛି
ବାକି ଡୋଙ୍ଗର ଗିରି ନୁହଇ ହେଜି ହେ ।

କୁଶ ଦ୍ୱୀପରେ ଶତେ ବାସ୍ତରି ନଦୀ
ଚାରି ଲକ୍ଷ ଯୋଜନ ଦ୍ୱୀପ ଆକୃତି ହେ ।
କ୍ଷୀର ସାଗର ଅଛି ଦ୍ୱୀପକୁ ବେଢ଼ି
ତ୍ରିଂଶ ଶତ ଶୈଳ୍ୟ ଏକୁ ଏକ ବଢ଼ି ଯେ ।

କ୍ରୋଞ୍ଚ ଦ୍ୱୀପଟି ତିନି ଲକ୍ଷ ଯୋଜନ
ନବ ଶତ ବାସ୍ତରି ନଦୀ ପ୍ରଧାନ ଯେ ।

Digitized by srujanika@gmail.com

ସମୁଦ୍ର ସୂରା ନାଶେ ସେ ଦ୍ୱୀପେ ସ୍ଥିତି
ସପ୍ତଶତ ପର୍ବତ ଅଛନ୍ତି ତଥି ଯେ ।

ଶାକଲ୍ୟ ଦ୍ୱୀପ ଲକ୍ଷେ ବତ୍ରିଶ ସସ୍ର
ଆୟତନ ପୁଣ ନଦୀ ଏକଲକ୍ଷ ଯେ ।
ଘୃତ ସମୁଦ୍ର ଅଛି ବେଷ୍ଟନ କରି
ଶୋଭା ଦିଶନ୍ତି ମଧ୍ୟେ ଦ୍ୱିଲକ୍ଷ ଗିରି ଯେ ।

ପ୍ଲକ୍ଷ ଦ୍ୱୀପ ତ୍ରିଲକ୍ଷ ଯୋଜନ ଘାର
ଶତେକ ନଦୀ ମେଳେ ଅଛି ସାଗର ଯେ ।
ତ୍ରିଲକ୍ଷ ଶୈଳ ମଧ୍ୟେ ପୁଣି ଧିଟି ବିରାଜେ
ଶୋଭା ଲୋଭାରେ ଜନ ମନକୁ ଗଞ୍ଜେ ହେ ।

ରମ୍ୟକ ଦ୍ୱୀପ ସିଦ୍ଧି ଯୋଜନ ଲକ୍ଷେ
ଅଷ୍ଟ ଶତକ ନଦୀ ବହନ୍ତି ତା' ମଧ୍ୟେ ହେ ।
ବେଢ଼ି ବହଇ ତଥି ଦୁଗ୍ଧ ସାଗର
ନବ ସସ୍ର ପରବତ ମନୋହର ସେ ।

ପୁଷ୍କର ଦ୍ୱୀପ ବେନି ଲକ୍ଷ ଯୋଜନ
ଶତ ସହସ୍ର ନଦୀରେ ବିଦ୍ୟମାନ ହେ ।
ଇକ୍ଷୁ ସାଗର ବହଇ ମନୋହର
ଶତ ସହସ୍ର ଦୁଇ ତହିଁ ମନ୍ଦର ହେ ।
ସୃଜିଲେ ନିରାକାର ହରଷ ଚିତ୍ତେ
ଇଷ୍ଟ ସୁମରି ଭାଷେ ମୁକ୍ତକି ଗୀତେ ହେ ।

Digitized by srujanika@gmail.com

।। ଚତୁର୍ଥ ଛାନ୍ଦ ।।
(ରାଗ : ପୋଇ)

ଶୁଣ ବିଞ୍ଚେ ଧିରେ, ସୃଜିଲେ ବିଧିରେ ଶୂନ୍ୟରୂପୀ ଶୂନ୍ୟ ସ୍ୱର୍ଗଠାରୁ
ହୋଇଣ ଉତ୍କଣ୍ଠ, ସୃଜିଲେ ବୈକୁଣ୍ଠ
ପୂଣ୍ୟ ଆତ୍ମାଙ୍କ ନିବାସ ଘର ।। ୧ ।।
ଅନନ୍ତ ବୈକୁଣ୍ଠ ଆନନ୍ଦ ବୈକୁଣ୍ଠ ଦାନ ଯଜ୍ଞ ଜପ ବଇକୁଣ୍ଠ
ଲୋଳିତ ବୈକୁଣ୍ଠ ଲୋହିତ ବୈକୁଣ୍ଠ
ରୁଚିର ଶ୍ରଦ୍ଧା ଇନ୍ଦ୍ର ବଇକୁଣ୍ଠ ।। ୨ ।।
ଈଶ୍ୱର ବୈକୁଣ୍ଠ ବ୍ରହ୍ମା ବଇକୁଣ୍ଠ ତପ ହେମ ହୋମ ବଇକୁଣ୍ଠ
ବଇକୁଣ୍ଠ ଠୂଳ ଏହିପରି ସେଲ୍‌ହ
ବଇକୁଣ୍ଠ କଲେଟି ଅନନ୍ତ ।। ୩।।
ଚଉରାଶି ନର୍କ କଲେ ବାସୁଦେବ ପାପୀ ଜୀବଙ୍କ ଯାତନା ସ୍ଥାନ
ଅଗ୍ନି ରଉରବ କାକ ରଉରବ
ବିଛା, ସର୍ପ, ପୂଜ, ବିଷ ଜାଣ ।। ୪ ।।
କୃମି, ମଳ, ମୂତ୍ର, କୀଟ ଆଉ ଗନ୍ଧ ତାପିତ ପୀଡ଼ିତ ଜ୍ୱାଳା ନର୍କ
ଭିତି ଅନ୍ଧକାର ଧୂମ ଥଣ୍ଡ ଅର୍କ
ବୈତରଣୀ ଆଦି ଚଉରବ ।। ୫ ।।
ଅନାଦି ଅରୂପ ସୃଜି ଅପୂରବ ଉଭା ହୋଇ ତାହା ଅନାଇଲେ
ଯେଉଁ ଦିଗେ ମୁଖ ନାମ ପୂର୍ବଦିଗ
ପୃଷ୍ଠକୁ ପଶ୍ଚିମ ନାମ ଦେଲେ ।। ୬ ।।
ଦକ୍ଷ ଦିଗ ସେହି ଦକ୍ଷିଣ ବୋଲାଇ ବାମକୁ ଉତ୍ତର ଖ୍ୟାତ କଲେ
ଆଗ୍ନେୟ ବାୟବ୍ୟ ଐଶାନ ନୈରୁତ
କୋଣମାନଙ୍କ ନାମ ବିହିଲେ ।। ୭ ।।
ଅନାଦିଙ୍କ ତେଜ ତା ଯହୁଁ ସମ୍ଭୂତ ଅନ୍ତରାଳ ନାମ ବୋଲାଇଲା
ତାଙ୍କ ତହୁଁ ଜାତ ହୋଇଲା ଆଦିତ୍ୟ
ପ୍ରଳୟ ଜଳକୁ ଶୁଷ୍କ କଲା ।। ୮ ।।
ତା' ଦେଖି ଅନାଦି ଜାତ କଲେ ଜ୍ୟୋତି ଜ୍ୟୋତିରୁ ନକ୍ଷତ୍ର ଚନ୍ଦ୍ର ଜାତ
ଶଶିଙ୍କ ଜନମ ସମୟଟି ଜାଣ

Digitized by srujanika@gmail.com

ନିଶି ନାମ ହୋଇଅଛି ଖ୍ୟାତ ॥ ୯ ॥
ଦିବାକର ଜାତ ସମୟ ଦିବସ ଦୀନବାନ୍ଧବ ବିହିଲେ ତୋଷେ
ବିଲିତା ଲତା ଦଣ୍ଡ ପ୍ରହର ଆଦି
ସ୍ଥାପନ କଲେ ନିଶି ଦିବସେ ॥ ୧୦ ॥
ଷାଠିଏ ଦଣ୍ଡରେ ଦିବା ନିଶି ଭୋଗ ବେନିଙ୍କ ଭୋଗ ଶେଷକୁ ଦିନେ
ଏହିପରି ସପ୍ତ ଦିବସ ଅନନ୍ତ
ସୃଜି ମାସ ସଂଖ୍ୟାତ୍ରିପ ଦିନେ ॥ ୧୧ ॥
ଦୁଆଦଶ ମାସ ଷଡ଼ ଅୟନାଦି ତ୍ରିକାଳ ଭିଆଣ କଲେ ହରି
ନାନା ବର୍ଣ୍ଣ ଜୀବ ସୃଜିଲେଟି ଦେବ
ନର କି ମୁଖରେ ବର୍ଣ୍ଣ ପାରି ॥ ୧୨ ॥
ଭଜେ ମୁସ୍ତକିମ ସେ ଇଷ୍ଟ ଚରଣ ପଦପଙ୍କଜକୁ ଅବିରତେ
ପତିତପାବନ ଜଗତ ଶରଣ
ନିରାକାରରେ ସୁଦୟା ଚିତ୍ତେ ॥ ୧୩ ॥
ତୁମ୍ଭ ବିନା ଆଉ ଏ ପାପର ଦାଉ ମେଣ୍ଟାଇବ କେହୁ ଆଦିମୂଳ
ନୟନେ ନ ଦିଶ ସର୍ବସ୍ଥାନେ ବାସ
ତୁମ୍ଭ ବିନା ହୁଏ କଲବଲ ॥ ୧୪ ॥

॥ ପଞ୍ଚମ ଛାନ୍ଦ ॥

(ରାଗ : ଭୈରବ)

ବୁଧେ ଶ୍ରଦ୍ଧେ କର ପାନ ସୁଧା ସମ ହରିନାମ
କ୍ଷୁଧା ବାଧା ତୃଷା ବାଧା ବ୍ୟଥାରୁ ଡର
ଯା ଭିଆଣ ଏ ଜଗତ ଜରାୟୁଜ ଉଭିଦଜ
ସ୍ୱେଦଜ ଅଣ୍ଡଜ କଲେ ପ୍ରକାର ।୧।
ଅନନ୍ତ ଶୟନୁ ହରି ଉଠୁ ନିଦ୍ରା ପରିହରି
ମୁଖ କଲା ଦିଗ ଗୋଟି ପୂର୍ବ ବୋଲାଇ
ପୃଷ୍ଠ ପଶ୍ଚିମ ନାମରେ ଖ୍ୟାତ ଅଟଇ ସଂସାରେ
ଦକ୍ଷକର ସ୍ଥିତ ଦିଗ ଦକ୍ଷିଣ କହି ।୨।
ବାମ ହୋଇଲା ଉତ୍ତର ତଦୁତ୍ତାରୁ ନିରାକାର

Digitized by srujanika@gmail.com

ଚାରିଦିଗେ ଚତୁର୍ଦ୍ଦେବ ସ୍ଥାପନ କଲେ
ପୂର୍ବେ ରଖିଲେ ଅରୁଣ ପଶ୍ଚିମରେ ମରୁତ୍ୱାନ
ଦକ୍ଷିଣେ ଯମ ଧନ ଯେ ଉତ୍ତରେ ଦେଲେ ।୩।
ଐଶାନ୍ୟକୁ ଆଇଶ୍ୟାନ ଅଗ୍ନିକୁ ଆଗ୍ନେୟ କୋଣ
ବାୟବ୍ୟେ ବାୟୁ ବରୁଣ ନଇରତରେ
ଏପରି କଲେ ସୃଜନ ନିରାକାର ନିରଞ୍ଜନ
ଅସର ତାହାଙ୍କ କୃତ୍ୟ କେ ଲେଖେ ହେଲେ ।୪।
ଶବ୍‌ଦ ସ୍ପର୍ଶ ରୂପରସ ଗନ୍ଧ ପଞ୍ଚ ମହାଭୂତ
ଏହା କରି ଏଥିରୁ ଜଗତ ସୃଜିଲେ
ସର୍ବଜୀବ ସୃଜି ଶାନ୍ତି ନ ଭଜିଲେଟି ଅନାଦି
ସଶ୍ରଦ୍ଧ ହୋଇ ମାନବ ଉତ୍ପନ୍ନ କଲେ ।
ଶବ୍ଦୁ କଲେ କର୍ଣ୍ଣ ବାକ ସ୍ପର୍ଶ ଗୁଣୁ ଚର୍ମ ହସ୍ତ
ରୂପରୁ ଚକ୍ଷୁ ଚରଣ ହେଲା ଉତ୍ପନ୍ନ
ରଚୁ ଗଗନ ଉପସ୍ଥ ଗନ୍ଧୁ ଘ୍ରାଣ ଇନ୍ଦ୍ରୀ ଜାତ
ପଞ୍ଚ ଭୂତୁଁ ପଞ୍ଚ ଭୂତ ଶରୀର ଜାଣ ।୬।
ସମାନ ଉଦାନ ବ୍ୟାନ ଅପାନ ଆଦିର ପ୍ରାଣ
ବାୟୁ ସ୍ଥାପି ଆୟୁ ଲଲାଟରେ ଲିହିଲେ
ତହୁଁ ସ୍ଥାପିଲେ ସଂସାର ଶ୍ରୀ ଅନନ୍ତ ନିରାକାର
ବ୍ରହ୍ମାହର ବିଷ୍ଣୁଙ୍କୁ ତା' ସମର୍ପି ଦଲେ ।୭।
ଆର ଛାନ୍ଦେ ଯୁଗୋତ୍ପତ୍ତି ସତ୍ୟ ଅତ୍ୟନ୍ତ ଉତ୍ପତ୍ତି
ହୋଇବ ହେ ଜ୍ଞାନୀବର୍ଗ ମୁସ୍ତକି ବୋଲେ
ଆହେ ଅଘସାରୀ ବିପଦ ଭଞ୍ଜନକାରୀ
ଶରଣ ପଶୁଛି ତବ ଚରଣ ତଳେ ।୮।

Digitized by srujanika@gmail.com

।। ଷଷ୍ଠ ଛାନ୍ଦ ।।

(ରାଗ : କାଳୀ)

ଶୁଣ ସୁଧୀରେ ଏ ରସ ଧୀରେ ବିଧିରେ ଜଣାଉଛି
ବିରାଟ ରୂପେ ସୃଷ୍ଟିକି ଆପେ ସୃଜିଲେ ଜଗଜ୍ୟୋତି ।
ସତ୍ୟେ ସଂସାର ରଚି ସଂସାର ସାଗର ପାରକାରୀ
ସତ୍ୟ ବୋଲିଣ ଦେଲେକି ନାମ ଆଦ୍ୟ ଯୁଗ ବିଚାରି ।
ସତ୍ୟ ସତର ଲକ୍ଷ ଆଦିର ସହସ୍ର ଅଠାଇଶ
ଯୁଗ ଆୟୁଷ ଏତେ କେ ଶେଷ କଲେଟି ଜଗଦୀଶ ।
ତହୁଁ ଅନନ୍ତ ତ୍ରେତୟା ଯୁଗ ବୋଲିଣ ନାମ ଦେଲେ
ଦ୍ୱାଦଶ ଲକ୍ଷ ଛେ ଅଣେଇଶ ସୂତ୍ରେ ତାରେ ପରଖିଲେ ।
ଲକ୍ଷରେ ଆଠ ଚୌଷଠି ସସ୍ର ଛଭୋଗ କଲେଟି ସ୍ଥିର
ଶ୍ରୀ ନିରଞ୍ଜନ ଯୁଗର ନାମ ସ୍ଥାପିଲେ ଦ୍ୱାପର ।
ତା'ପରେ କଳି ନାମକୁ ଭାଳି ଦେଲେ ବିରାଟ ଦେବ
ଚାରି ଯେ ଲକ୍ଷ ବତ୍ରିଶ ସଂସ୍ର ଏ ଯୁଗର ଆୟୁଷ ।
ସତ୍ୟରେ ଶାନ୍ତ ସୁଗୁଣବନ୍ତ ସୁସାଧୁ ସୁବିଚାର
ବିଚାରି ସତ୍ୟ ନାମ ବିଦିତ ହୋଇଲା କ୍ଷିତୀ ପର ।
ରଜ ଗୁଣରୁ ତ୍ରେତୟା କଲେ କାମ ଗୁଣୁ ଦ୍ୱାପର
ତମରୁ କଳି ଜନମ ବୋଲି ବଳିଷ୍ଠ କଲା ଚୂର ।
ଏ ସର୍ବ ଚାହିଁ ଆନନ୍ଦ ହୋଇ ବିଷ୍ଣୁ କମଳା ସଙ୍ଗେ
କରୁଁ ବିହାର ହେଲେ ବାହାର କମଳା ଅଙ୍ଗୁ ରଙ୍ଗେ ।
ଦୁଇ ତନୟୀ ତାହା ଅନାଇ ବିରାଟ ହରଷରେ ।
ଦୁଇ ନନ୍ଦନ ଅଙ୍ଗୁ ଜନମ କଲେଟି ରହସରେ ।
ଧର୍ମ ଅଧର୍ମ ସୂତଙ୍କ ନାମ ଦେଲେ ଜନକ ହସି
ସତୀ ଅସତୀ ବେନି ଦୁହିତୀ ନାମ ଜନନୀ ଭାଷୀ ।
ଧର୍ମ କୁମରେ ଅସତ୍ୟବତୀରେ ବିଭା କଲେ ଅନନ୍ତ
ଅଧର୍ମେ ଅହଂଗୁଣାକୁ ବିଭା କଲେଟି ବିଧିମତ ।
ଧର୍ମଙ୍କ ଠାରୁ ନନ୍ଦନ ଚାରୁ ସୁନ୍ଦର ଜନ୍ମ ହେଲା
ଧର୍ମ ତା ଚାହିଁ ହରଷ ହୋଇ ପିତା ନିକଟେ ଦେଲା ।

Digitized by srujanika@gmail.com

କ୍ରମରେ ଚାହିଁ ଅନାଦି କହି ମହୀରେ ଗୁହ୍ଯ ଯାଇ
ଶୂନ୍ୟ ରୂପରେ ସର୍ବଘଟରେ ବିହର ଶେଷ ହୋଇ ।
ତା’ ନାମ ସତ୍ୟ ଜଗତନାଥ ଦେଲେ ସଦୟ ହୋଇ
ଅଧର୍ମ ସତ ହେଲାରୁ ଜାତ ତାତ ମାତ ଅନାଇ ।
ଅସତ୍ୟ ବୋଲି ତା ନାମ ଭାଳି ଦେଲେ ବିଷ୍ଣୁ କମଳା ।
ବୋଇଲେ ଯୁଗ କରରେ ଭୋଗ ଆଜୁ ତୁମ୍ଭର ହେଲା ।
ଧର୍ମ ଅଧର୍ମ ବେନି ନନ୍ଦନ ସତ୍ୟ ଅସତ୍ୟ ଦୁଇ
କ୍ରମରେ ବଳ ବୀର୍ଯ୍ୟେ ପ୍ରବଳ ହୋଇଲେ ବେନିଁ ଭାଇ ।
ମୁସ୍ତକି କହି ଜଗତ ସାଇଁ ଇଷ୍ଟ ଚରଣ ଧ୍ୟାୟି
ଦୟାସାଗର ଅବିଘ୍ନେ କର ପୂରଣ ଗ୍ରନ୍ଥ ଏହି ।

।। ସପ୍ତମ ଛାନ୍ଦ ।।
(ରାଗ : ବିଭାସ ଗୁର୍ଜରୀ)

ଏ ଉତ୍ତାରୁ ରସ ପାନ କର କୋବିଦେ ଶ୍ରବଣ
ସତ୍ୟ ଅସତ୍ୟ ଏ ବେନିଭାଇ ହେ
ଅରୂପ ରୂପକୁ ଧରି ଧରିତ୍ରୀକୁ ବିଜେ କରି
କରି ନିଜ ଆୟତ୍ତରେ ମହୀ ଯେ ।୧।
ଅହିଂସା ଅନହଙ୍କାର କର୍ମ ଧୈର୍ଯ୍ୟ ଦୟାବର
କ୍ଷମା ତପ ଶାନ୍ତି ଘେନି ସତ୍ୟ ଯେ
କ୍ଷୀତି ପର୍ଯ୍ୟଟନ କରେ ପ୍ରବେଶେ ଜୀବ ହୃଦରେ
କ୍ଷଣେ ହେଲେ ନଟେ ଯେ ଜଗତ ଯେ ।୨।
କାମ କ୍ରୋଧ ଲୋଭ ହିଂସା ଦ୍ୱେଷ ବାଦ କପଟତା
ନିର୍ଦ୍ଦୟା ଅଶାନ୍ତି ଘେନି କଳି ହେ
ଭ୍ରମଣ କଲାନି ମହୀ ସର୍ବଘଟେ ପ୍ରକାଶଇ
ଚଉଦ ବ୍ରହ୍ମାଣ୍ଡ ନ ଛାଡ଼ଇଁ ଯେ ।୩।
ବେନିଏ ପାଳନ୍ତି କ୍ଷିତି ଅବିଶ୍ରାମେ ଦିବାନିଶି
ଏକ ଅଙ୍ଗେ ବେନିଙ୍କର ବାସ ଯେ

Digitized by srujanika@gmail.com

ସତ୍ୟ ଯେ କାର୍ଯ୍ୟ କରାଇ କଳି ତାହା ବିନାଶଇ
ଦେଖାଇଣ ନିଜ ପଉରୁଷ ଯେ ।୪।
କଳି ନିଜ ମାର୍ଗେ ଯାଇ ଚିତ୍ତକୁ କରାଏ ସ୍ଥିର
ସତ୍ୟ ତାହା ଭଙ୍ଗାଇଣ ହେଲେ ଯେ
ସୁକର୍ମ ପଥକୁ ନିଏ କୁକର୍ମ ଚିତ୍ତୁଁ ଛଡ଼ାଏ
ନିଜ ପ୍ରତାପୀ ସୁବୁଦ୍ଧି ବଳେ ଯେ ।୫।
ଆଦିମାତାଙ୍କ ତନୁଜ ନାମ ଯାର ମନସୀଜ
[illegible] ତୁଲେ ମଉତ୍ର ହୋଇ ଯେ
ଜ୍ଞାନୀକୁ ଅଜ୍ଞାନୀ କଲେ ନୀତି ପଥ ଛଡ଼ାଇଲେ
ଅନୀତି ମାର୍ଗରେ ପ୍ରବର୍ତ୍ତାଇ ଯେ ।୬।
ଦେଖ ଶିବ ମହାଯତି ଭୁଲାଇଲେ ତାଙ୍କ ମତି
ମାତା ସହ ରତି କରାଇଲେ ଯେ
ବେଦବର ବ୍ରହ୍ମଜ୍ଞାନୀ, ସେ କଳି ଆୟତ୍ତ ଘେନି
ସୁଧର୍ମା ସଭାରେ କି ନ କଲେ ଯେ ।୭।
ଯହିଁ ସର୍ବ ଦେବଗଣ ଇନ୍ଦ୍ର ରାଜ ସହିତେଣ
ଅପ୍‌ସରାଙ୍କ ନୃତ୍ୟ ଦେଖୁ ଦେଖୁ ଯେ
ବ୍ରହ୍ମା ମେନକାକୁ ବଳେ ସେ ସଭା ମଧ୍ୟେ ହରିଲେ
ଲଜ୍ଜା ପ୍ରତି ନ ରଖିଣ ହେତୁ ଯେ ।୮।
ଅହଲ୍ୟା ନାରୀକୁ ହେଲେ ଇନ୍ଦ୍ର ଭାସ୍କର ହରିଲେ
ଗୁରୁ ଋଷିକନ୍ୟା ନ ବିଚାରି ହେ
ଏପରି ଅନୀତି ସତ୍ୟ ଦେଖି ଚିତ୍ତରେ ବିସ୍ମିତ
ଧ୍ୟାନ କଲା ବୈକୁଣ୍ଠ ବିହାରୀ ଯେ ।୯।
ଅନନ୍ତ ଅରୂପ ହରି ଅବ୍ୟକ୍ତ ବ୍ୟକ୍ତକାରୀ
ପାପ ତାପ ଧାପ ମୁକ୍ତ କର ହେ
ଅନାକାର ଅବିନାଶ ପୂର୍ଣ୍ଣବ୍ରହ୍ମ ଜଗଦୀଶ
ଜଗତକରତା ମାୟାଧର ହେ ।୧୦।
ଆର୍ତ୍ତୀ ଆର୍ତ୍ତ ଧ୍ୱଂସକର ଶୂନ୍ୟରୂପୀ ସର୍ବବ୍ୟାପ୍ତ
ଘେନ ଦୀନଜନର ଜଣାଣ ହେ
ଇଷ୍ଟ ଅନିଷ୍ଟହାରକ ତବ ଶ୍ରୀନାମ ତାରକ
ମନ୍ତ୍ର କରି ଭଜେ ମୁସ୍ତକିମ ହେ ।୧୧।

ମୌଲାନା ମୁସ୍ତକିମ ଖାଁ ଗ୍ରନ୍ଥାବଳୀ: ୧୭୯

Digitized by srujanika@gmail.com

।। ଅଷ୍ଟମ ଛାନ୍ଦ ।।

(ରାଗ : ଧନଶ୍ରୀ)

ଜନେ ଶୁଣ ଧୀରେ ଏ ରସ ବିଧିରେ ଅଧିରେ ସତ୍ୟ ଭୁଲାଇ
କଳି ସ୍ମର ଦାଉ ହୃଦବନ ଦାଉ
ଦାଉ ନିରତେ ଜାଳଇ ଯେ ।୧।
ନିଜ କାର୍ଯ୍ୟ ତେଜ୍ୟା କରି ମହାତେଜା ଅନନ୍ତ ବୈକୁଣ୍ଠେ ଗଲା ଯେ
ନିଜ ତାତ କତି ହୋଇଣ ଭକତି
ନତୀ ହୋଇ ପ୍ରଣମିଲା ଯେ ।୨।
କର ଯୋଡ଼ି ସତ୍ୟ ଜଣାଏ ଅସତ୍ୟ ମର୍ତ୍ତ୍ୟ ପାତାଳ ଯେ ନାକ ହେ
ନିଜ କରଗତ କଲା କରଗତ
ହେଲାରୁ ଦେବ କନ୍ଦର୍ପ ହେ ।୩।
ତା' ଶୁଣି ଜନନୀ ଭାଷନ୍ତି ଜନକ ଜଗତର ସୃଷ୍ଟିକାରୀ ଯେ
ତାଙ୍କୁ ଲୟ କର ସେ ଅନ୍ତକର
କରିବେ ବିପଦୁ ପାରି ହେ ।୪।
ଶୁଣି ତାହା ସତ୍ୟ ତାତ ବାକ୍ୟ ସତ୍ୟ ମଣି ନିତ୍ୟସ୍ଥଳେ ଯାଇ ଯେ
ବିଷ୍ଣୁ କଲା ଧାନ ତେଜି ସର୍ବଧାନ
ଏକାନ୍ତେ ଚିତ୍ତ ମଜାଇ ଯେ ।୫।
ଜଣାଏ ଅନନ୍ତ ମହିମା ଅନନ୍ତ ଅଘ ଅନଘ କାରକ ଯେ
ଶିରେ ଯୋଡ଼ି ପାଣି ଜଣାଏ ଭୌ ପ୍ରାଣୀ
ପ୍ରାଣ ହାରକ ତାରକ ଅନନ୍ତ ଅନନ୍ତ ମହିମା ଅନନ୍ତ
ରୂପ ଅନନ୍ତ ବ୍ୟକତ ଯେ ।୬।
ଅଣାକାର ହରି ହରି ମହାଅରି ଅରିକୁଳ ନାଶକାରୀ ହେ
ଖଣ୍ଡ ଭବ ତାପ ଦାପ ଦେଲେ ପାପ
ଆପଣଙ୍କୁ ଯେ ସୁମରି ହେ ।୭।
ତୁମ୍ଭର ଭକତ ଗତ ଅଭ୍ୟାଗତ ଦୁଷ୍କୃତ ଧଉତ କରି
କରି ରହେ ବାସ ବାସବ ସଦୃଶ
ସୁଖେ ବଇକୁଣ୍ଠ ପୁରୀ ଯେ ।୮।

Digitized by srujanika@gmail.com

ମୁଁ ଅତି ଅଧମ ଧର୍ମସୁତ ମମ ଘେନିବା ହେ ଗୁହାରୀ
ହାରିଲି କଳି କନ୍ଦର୍ପ ଗର୍ବ ମୋର
ଖର୍ବ ଦେଉଛନ୍ତି କରି ହେ ।୯।
ଶରଣ ରକ୍ଷଣ କ୍ଷଣକ କଷଣ ଅସହଣ ଭକତର
ଶୁଣି ମୁଁ ଶରଣ ପଶିଛି ବାରଣ
କର ଅନାଦି ଈଶ୍ୱର ହେ ।୧୦।
ବିଜୟ ସତ୍ୟର ସତ୍ୟପ୍ରିୟଙ୍କର କରଣ ପରମେଶ୍ୱର
ଶୁଣି ଶୂନ୍ୟବାଣୀ କିମ୍ପାଇ ଭାଳେଣି
କରୁ କହ ହୋଇ ସ୍ଥିର ଯେ ।୧୧।
ଜଣାଇଲା ସତ୍ୟ ମୋ କୃତ୍ୟ ଅସତ୍ୟ ଭାଙ୍ଗଇଟି ଭୋ ଈଶ୍ୱର
କୃପାଳୁ ଆପଣ ପଣ ମୋ ରକ୍ଷଣ
କର କର କୃପାକର ହେ ।୧୨।
ବିଷ୍ଣୁ କହି ସତ୍ୟ ଯାଉ ଯାଉ ମର୍ତ୍ତ୍ୟ ସ୍ୱର୍ଗ ପାତାଳ ତ୍ରିପୁର
ଭୋଗ କର କଳି ତୋର ଠାରୁ ବଳି
ନୋହି ହାରିବ ଯୁଦ୍ଧର ହେ ।୧୩।
ଶୁଣି ସତ୍ୟ ତୋଷେ ପାଦେ ପଡ଼ି ରୋଷେ ଗମିଲା ତହୁଁ ହରଷେ
ମୁସ୍ତକିମ ଭାଷେ ରଚିଲେ ହରଷେ
ରସେ ରସ ହେ ବିଦୂଷ ।୧୪।
ରେମଣ୍ଡା ଅଧିପ ନାମ ଉଆରସ ମହମ୍ମଦ ବୋଲି ଖ୍ୟାତି
ତାଙ୍କ ଜ୍ୟେଷ୍ଠ ସୁତାସୁତ ଅହମ୍ମଦ
ଖାନଙ୍କ ଔରସୁ ଜାତ ହେ ।୧୫।
ଉତ୍କଳ ଦ୍ୱିତୀୟ କ୍ଲାସ ପଢ଼ି ଲୟ ତ୍ୟାଗ କଲି ମୂଢ଼ ପଣେ
ମୁଁ ଅଲିଉଲ ମହମ୍ମଦ ମୋଦ
ଥାନ୍ତି ମୋରେ ଅନୁକ୍ଷଣେ ଯେ ।୧୬।
ତାଙ୍କ ସଙ୍ଗେ ସଙ୍ଗ ହୋଇଣ ପ୍ରସଙ୍ଗ ନାନା ରଙ୍ଗ ଶିକ୍ଷା କଲି
ନିଜ କର୍ମନିଷ୍ଠା ହୃଦୟ ପ୍ରତିଷ୍ଠା
ଚେଷ୍ଟା କିଛି ନ ଜାଣିଲି ଯେ ।୧୭।
ତାଙ୍କ ହତେ ମୁହିଁ ହତବୁଦ୍ଧି ହୋଇ ଗ୍ରାମ ତେଜି ଅରଣ୍ୟରେ
ବାସ କରି ତହିଁ ରହି ଏକା ହୋଇ

Digitized by srujanika@gmail.com

ଗଣନ ପଶୁ ଗଣ୍ୟରେ ଯେ ।୧୮।
ଦିନେ ଇଷ୍ଟ ତୋଷେ ବିଜେ ସାଧୁ ବେଶେ ବାସେ ତୋଷେ ବସାଇଲେ
ଭାଷେ. କିଛି ଶିକ୍ଷା ଦେଇ ଏହା ରକ୍ଷା
କରିଥିବୁ ଘୋଷାଇଲେ ଯେ ।୧୯।
ତାଙ୍କ ବାଣୀ ମନ୍ତ୍ର ଘୋଷୁ ଦିବାରାତ୍ର ପଦ ସ୍ଫୁରିଲା ହୃଦୟେ
ବୟସ ଯେ ପଞ୍ଚବିଂଶରେ ସୁସଞ୍ଚ
ସଙ୍ଗୀତ ଲେଖିଲି ଥୟେ ।୨୦।
ଇଷ୍ଟ କୃପା ଯାହା ହୁଏ ଲେଖି ତାହା ବାହାରେ ବ୍ୟକତ କଲି
ବିଜ୍ଞେ ମୋ ଜଣାଣ ଘେନି ଦୋଷ କ୍ଷମ
ମୁସ୍ତକିମ ରଚେ ଭାଳି ।୨୧।

।। ନବମ ଛାନ୍ଦ ।।

ହୋ ଜନେ ଶୁଣ ରସ ହୋଇ ଚିତ୍ତ ତୋଷ ସତ୍ୟ କଳି ଦୁଇ
ନିଜ ନିଜ ତେଜ ପ୍ରାକର୍ମ ପହିଜ ମହୀରେ ଦେଖାଇ ।୧।
ବର ପାଇ ସତ୍ୟ କଳି ପ୍ରତି ଭୀତ କିଞ୍ଚିତ ଯେ ନ କରେ
ଜନେ ପ୍ରବର୍ତ୍ତାଇ ମିଥ୍ୟାକୁ ଛଡ଼ାଇ ଚଳାଏ ଧରମରେ ।୨।
ବେଦବର ସୁତ ବିଶ୍ୱମ୍ଭର ଖ୍ୟାତ ମହା ପୂଣ୍ୟକାୟ
ସଦା ସତ୍ୟବକ୍ତା କ୍ରିୟାକର୍ମ ନିଷ୍ଠା ବିଷ୍ଣୁଙ୍କଠାରେ ଯେ ଲୟ ।୩।
ଦିନେ ବିଶ୍ୱମ୍ଭର ଅନନ୍ତ ଠାକୁର ଭେଟକୁ ଗମିଲା
ଅନନ୍ତ ବୈକୁଣ୍ଠ ଦ୍ୱାରୀ ହୃଦେ କଳି ଯାଇ ବିଶ୍ରମିଲା ।୪।
ହୋ ବିଶ୍ୱମ୍ଭରେ ଚାହିଁ ଦୁଆରୀ କହଇ କିରେ ମୂର୍ଖ ବାଇ
କି କାରଣେ କାହୁଁ ଆସି କେଣେ ଯାଉ ଭୟକିରେ ନାହିଁ ।୫।
ହୋ କହେ ବିଶ୍ୱମ୍ଭର ଯିବି ବୈକୁଣ୍ଠର ଅନନ୍ତ ଦର୍ଶନେ
ପଥ ଦିଅ ଛାଡ଼ି ହେ ବୈକୁଣ୍ଠ ଦ୍ୱାରୀ ଦୟାକରି ମନେ ।୬।
ହୋ କୋପ ବହି ଜୟ ଆବର ବିଜୟ ଗଲଥା ମାରିଣ
ଦ୍ୱାରୁ ତଡ଼ିଦେଲେ ପଡ଼ି କଳି ଭୋଳେ ନାନା ଧିକ୍କାରିଣ ।୭।
ହୋ ଲାଜେ ବିଶ୍ୱମ୍ଭର ନ ଯାଇ ମନ୍ଦିର ମେରୁ ମୁଖେ ଗଲା
ହୃଦରେ ଅନନ୍ତ-ବାସୀ ଶ୍ରୀ ଅନନ୍ତ ଅନ୍ତରେ ଘୋଷିଲା ।୮।

Digitized by srujanika@gmail.com

ହୋ ମହାବୃଦ୍ଧ ତପ ବିଶ୍ୱମ୍ବର କଲା ଦେଖି ତାହା କଳି
ଧର୍ମ ନ ତେଜିଲା ବେଦବର ବଳା ବୋଲି ମନେ ଭାଳି ।୯।
ହୋ କନ୍ଦର୍ପକୁ କହି ଭୋ ମଉତ୍ର ତୁହି ଉପାଏକ କର
ଧର୍ମତେଜ୍ୟା କରି ମୋ ଆୟତ୍ତେ ପଡ଼ି ରହୁ ବିଶ୍ୱମ୍ବର ।୧୦।
ହୋ ଶୁଣି ସ୍ମର କହି ମଉତ୍ରକୁ କହି କରିବା ଉପାୟ
ବିଶ୍ୱମ୍ବର ହୃଦେ ରୁହ ଯାଇ ହାଦେ ତୁମ୍ଭେ ସୈନ୍ୟ ସହ ।୧୧।
ହୋ ମୁହିଁ ନାରୀ ରୂପ ଧରି କାମ ତାପ ତା ଅଙ୍ଗେ ବିହିବି
ଫୁଲଧନୁ ଶର ମାରି ଜରଜର ବିବେକ ଧ୍ୱଂସିବି ।୧୨।
ତୁମ୍ଭେ ତା ହୃଦର ବିବେକକୁ ଦୂର କରିବ ସେ କାଳେ
ପରାପର ପାପପୁଣ୍ୟକୁ ତେଜିବ ଋଷି ଅବହେଳେ । ୧୩ ।
ହୋ କଳି ଶୁଣି ତୋଷ ମଉତ୍ରର ଭାଷ ମାନସ ଉଲ୍ଲାସେ
ସସନ୍ୟ ଘେନିଣ ପସିଲା ସେ ପୁଣ ଯତି ହୃଦଦେଶେ । ୧୪ ।
ହୋ ଅନଙ୍ଗରମଣୀ ରୂପରେ ତତ୍‌କ୍ଷଣି କତିରେ ମିଳିଲା
ଜଗତ ମୋହିନୀ ସଚି, ରମା, ଉମା ଶୋଭାରୁ ବଳିଲା । ୧୫ ।
ଶନ ସୁନାରୀ ଚଂପା ଦାହ କନକ ହରିଦ୍ର କୁଙ୍କୁମ
ଅଙ୍ଗ ରଙ୍ଗରେ ଅଙ୍ଗନାର ହାରିଲେ ନ ହୋଇଣ ସମ । ୧୬ ।
ହୋ ଲବଣୀ ତୁଳା ଅତୁଳା ହେଲେ ବାମା କୋମଳ ସଙ୍ଗରେ
ସକ୍ରଜ କୋକିଳ ଷଟପଦ ହାରେ କୁନ୍ତଳ ରଙ୍ଗରେ । ୧୭ ।
ଶର୍‌ଦ୍ ପୂର୍ଣ୍ଣ ଶଶି ଛିଡି ବଦନ କଳଙ୍କ ବିହୀନ
ନାଶାକୁ ଛାର ତିଳ ସୁମନ କାହିଁ ହେବଟି ସମାନ । ୧୮ ।
ବୀଣା କଳକଣ୍ଠ ବେହେଲା ତା’ କଣ୍ଠସ୍ୱରକୁ ହାରିବେ
କି ଛାର କୋରକ ବୀଜ ବାହିରକ ଦନ୍ତେ ସମ ହେବେ । ୧୯ ।
ହୋ ନୟନ ଖଞ୍ଜନ ଏଣୀ ମୀନ ସମ ନୁହନ୍ତି ଯୁକତେ
ବାସବ କାମୁକ ସମାନ କି ହେବ ଉରୁ ଚାରୁ ମତେ । ୨୦ ।
ହୋ ନେତ୍ର ଭଙ୍ଗି ଚାହିଁ ଚପଳା ହାରଇ ହାସେ ପଦ୍ମହାରୀ
କରିକର ବାହୁ ଶୋଭାକୁ ଟି କାହୁଁ ହେବ ସମସରି । ୨୧ ।
ହୋ ହରି ଅରି ହର ବାଦ୍ୟ ମଧ୍ୟ ଗୋରୀ କଟୀ ସମ ନୋହି
ତରୁ ମାତ୍ରକେ ରମ୍ଭା ଜାନୁ ସମାନ ହେବ ଅବା କାହିଁ । ୨୨ ।
କୁଞ୍ଜର ଅଜର ବାହନ ଗମନ ସମ ନୁହନ୍ତିଟି

Digitized by srujanika@gmail.com

ସହସ୍ର ଜାରିତ ରଜତ ହରି ତ ପାରେ ନଖଜ୍ୟୋତି । ୨୩ ।
ହୋ ଅଲତା ଚରଣ ତଳ ତଳୁ ନୋହି ଶରଣ ପଶିଲା
ବିମ୍ବ ଅଧର ଶୋଭାକୁ ହାରି ଲତା ଉର୍ଦ୍ଧ୍ୱରୁ ଖସିଲା । ୨୪ ।
ରମ୍ଭା ପାର୍ବତୀ ମେନକା ଆଦି ଅପସରୀ ଅପସରି
ଗଲେ ଅମର ନବରେ ମର୍ତ୍ତ୍ୟ ତେଜି ଗାନେ ଅପସରି । ୨୫ ।
ସ୍ମର ଏହି ରୂପେ ବିଶ୍ୱମର ପାଖେ ବସି ହରଷରେ
ଗାନ ଆରମ୍ଭିଲା ଜଗତ ମୋହିଲା ତା' କଣ୍ଠ ସୁସ୍ୱରେ । ୨୬ ।
ହୋ ତ୍ରିଦଶ ସ୍ତରେ ଆତୁରେ ଗାନସ୍ୱରେ ଊର୍ଦ୍ଧ୍ୱ ଅନାଇଲେ
କିନ୍ନର କିନ୍ନରୀ ଯକ୍ଷ ରକ୍ଷ ନାଗ ଶୁଣି ମୋହ ହେଲେ । ୨୭ ।
ହୋ ଶ୍ରୁତିରେ ସେ ଗାନ ସ୍ୱନ ଘନ ଘନ ପଶୁ ବିଶ୍ୱମର
ହୃଦେ କଳି ତାପ ଦେଉ ତେଜି ତପ ହେଲେ ଜର ଜର । ୨୮ ।
ହୋ ସତ୍ୟ ନିଜ ତେଜ ଦେଖାଇ ଧଇର୍ଯ୍ୟ ବିଶ୍ୱମ୍ୱରେ କଲେ
ଅପୂର୍ବ ରମଣୀ ମୁଖ ଚାହିଁ ବିଶ୍ୱମ୍ବର କୋପେ ବୋଲେ । ୨୯ ।
ରେ ରେ ପାପିୟସୀ ତୁ ଏଡ଼େ ସାହସୀ ମୋ ତପ ଭାଙ୍ଗିଲୁ
ବିନା ଦୋଷେ ତପ ଭାଙ୍ଗିବାର ପାପ ମୋର ଶାପ ଫଳୁ । ୩୦ ।
ହୋ ସ୍ୱପ୍ନସୁନ୍ଦରୀ ହୋଇ ତୁ ମହୀରେ ନିଦ୍ରାକାଳେ ପିପାସୀ
ଯାର ରୀତିରେ ଭୋଗ ଦିଅ ଯିବରେ ଯାଚି ପାପିୟସୀ । ୩୧ ।
ଶୁଣି ଶାପ ସ୍ମର ଯୋଡ଼ି ବେନି କର କହେ ଭୋ ତାପସ
କର ପ୍ରତିକାର ମୋର ନାମ ସ୍ମର କ୍ଷମାକର ଦୋଷ । ୩୨ ।
କଳିମିତ୍ର ବୋଲେ ଏହା କଲି ବେଳେ ଘେନ ମୋ ଜାଣ
ଶୁଣି ଦୟାକଲା ବେଦବର ବଳା ଆକୁଳ ଦେଖିଣ । ୩୩ ।
ବୋଇଲା ମଦନ କଲୁ ମନ୍ଦକର୍ମ ମାତ୍ର କ୍ଷମା ଦେଲି
ତୋ' ଅର୍ଦ୍ଧକଳାରୁ ସପନ ସୁନ୍ଦରୀ ହେଉ ରେ କହିଲି । ୩୪
ଅର୍ଦ୍ଧ କଳା ଘେନି ରହରେ ଅବନୀ ପରେ ତପି କହି
କନ୍ଦରପ ତହୁଁ ଭୟେ ବାହୁଡ଼ିଲା ସଲଜ୍ଜିତ ହୋଇ । ୩୫ ।
ନାରୀ ରୂପ ତେଜି ନିଜ ରୂପ ଧରି କଳିକୁ ଭେଟିଲା
ସକଳ ବୃତାନ୍ତ କହି ଅତିଅନ୍ତ ଆକୁଳେ ଲୋଟିଲା । ୩୬ ।
ଶୁଣି ମିତ୍ର ବାଣୀ କଳି ଶିର ଝୁଣି ଅସ୍ୱ ଝମକାଇ
ବୋଇଲା ସତ୍ୟ ସକାଶରୁ ମିତ୍ର ଦଶା ଭୋଗିଲଇ । ୩୭ ।

Digitized by srujanika@gmail.com

ହୋ ଆଜି ରଣେ ସତ୍ୟ କରିବି ନିପାତ ବୋଲିଣ ଯେ କଳି
ସୈନ୍ୟ ସଜ କଲା ଯୁଦ୍ଧକୁ ଗମିଲା ହୋଇ ପରଜ୍ୱଳି । ୩୮ ।
ହୋ ଇଷ୍ଟଙ୍କୁ ଚିନ୍ତନ କରି ମୁସ୍ତକିମ ରଚେ ଛାନ୍ଦ ବନ୍ଧେ
ଅବିଘ୍ନରେ ପୂର୍ଣ୍ଣ କର ଆହେ ପୂର୍ଣ୍ଣବ୍ରହ୍ମ ମନାନନ୍ଦେ । ୩୯ ।
ନ ଜାଣେ ଭକତି ମୁଁ ନିକି ମୁକତି ପଥ ନିରେଖିବି
ଜଗତାତ୍ମା ଆତ୍ମା ରୂପକୁ ମୂଢ଼ାତ୍ମା ଚକ୍ଷେ କି ଦେଖିବି । ୪୦ ।
ତବ ନାମ ଗାନ କରନ୍ତି ଶ୍ରବଣ କରି ନାହିଁ କାହିଁ
ଦିନେ ଉଚ୍ଚାରଣ କରିବି ...ାରଣ ଦୀନୁହୀନ ମୁହିଁ । ୪୧ ।

।। ଦଶମ ଛାନ୍ଦ ।।

(ରାଗ : ରାଜବିଜେ)

ବୁଧେ ଶ୍ରଦ୍ଧେ ଶୁଣ କଳି ସତ୍ୟ ରଣ
ରହସ୍ୟ ମନୋଭଞ୍ଜନ
ଅଶାନ୍ତି ମନ୍ତ୍ରୀକି ଡାକିଣ କତିକି
କଳି ଭାଷଇ ବଚନ । ୧ ।
ସୈନ୍ୟ ସଜ କର ସତ୍ୟ ସଙ୍ଗତର କରିବଇଁ ଆଜ ରଣ
ତ୍ରିପୁରେ ଯେ ସାହା ହେବ ଶିଘ୍ର ତାହା
ନିଶ୍ଚେ କରିବି ଛେଦନ । ୨ ।
ଶୁଣି ମନ୍ତ୍ରୀ ଗଲା ସୈନ୍ୟ ସଜ କଲା ବାହାରିଲେ ମୋଦ ହୋଇ
ଧର ଧର ମାର ମାର ଶବଦରେ ଦଳ ଦଳ କଂପେ ମହି । ୩ ।
ସୈନ୍ୟ ମୁଖନାଦ ଶୁଣି ବୀରବାଦ୍ୟ ଦେବେ ଚିରେ ଭୟ କଲେ
ଅମରାବତୀ ନଗରୀ ଦୂର କରି ନୀଳାଞ୍ଚଳରେ ଲୁଚିଲେ । ୪ ।
ସତ୍ୟର ଯେ ଦୂତ ଶୀତଳ ମରୁତ ଯାଇ ତାହା ଜଣାଇଲା
ଶୁଣିଣ ଯେ ସତ୍ୟ କୋପେ ଜର୍ଜରିତ ଶାନ୍ତି ମନ୍ତ୍ରି କି କହିଲା । ୫ ।
ସାଜବେଗେ ସୈନ୍ୟ କଳି ଆସେ ରଣ କରିବାକୁ ମନ୍ତ୍ରୀ ଶୁଣି
ଦିଆଉଁ ନାଗରା ସର୍ବେ ହୋଇ ତ୍ୱରା ବାହାରିଲେ ତତକ୍ଷଣି । ୬ ।
ଶୂନ୍ୟପୁରେ ଭେଟ ହେଲେ ବେନି ଥାଟ ରେରେକାର ଧ୍ୱନି କରି
ରଣେ ମହାକ୍ଷତ୍ରୀ ହିଁଏଁ ଅଟନ୍ତି ସର୍ବଜୀବ ଅଧିକାରୀ । ୭ ।
କେହୁ ପରଚଣ୍ଡ କରେ ଧରି ଖଣ୍ଡା ଝମକାଏ ଛଟକରେ

Digitized by srujanika@gmail.com

ଶୂଳ ଶକତି ବରଛା କୁନ୍ତ ଢେଳ ଲାଙ୍ଗିଆ ସୈନ୍ୟଙ୍କ କରେ । ୮ ।
କ୍ରୋଧ ସେନାପତି ଆଗରେ ଧାମନ୍ତି ଚୋଟ ମୁଦୁଗର ଧରି
ଭକ୍ତି ସେନାପତି ଓଗାଳି ଝଟତି ରେରେକାର ଶବ୍ଦ କରି । ୯ ।
କ୍ରୋଧ ମାରେ ତୀକ୍ଷ୍ଣ ଶର ଲକ୍ଷ୍ୟ ମୂନ କକଡ଼ା ବରଷା ଜିଣି
ଅକର୍ମତାରକ ଶରେ ନିବାରିଲା ଭକ୍ତିବୀର ତତକ୍ଷଣି । ୧୦ ।
ପୁଣ ପୁଣ କ୍ରୋଧ ହୋଇ ପ୍ରଜ୍ୱଳିତ ବାଛି ଚୋଖା ଶର ପେସି
ଦୂରୁ ଭକ୍ତି ତାହା ନିବାରଇ ଶର ନିକଟେ ନ ଦିଏ ଆସି । ୧୧ ।
ଭକ୍ତି ମାରେ ସର ହୋଇ କୋପଭର କ୍ରୋଧ ତାହା ଦିଏ କାଟି
ଦୁହିଁଙ୍କର ରଣ ଅଟେ ଅକଥନ ବର୍ଣ୍ଣିବା କାହିଁ ହେବଟି । ୧୨ ।
କାମ ମହାଭେଳ ମୋହନାସ୍ତ୍ର ପାଶ ଧରିଥାଏ ଦେଖି କରି
ନିର୍ମାୟା ଅଚଳ ନାଶ ପାଶ ଘେନି ନିକଟେ ଯୁଝଇ ଭାରି । ୧୩ ।
ରାଗ ଧରି ଶୂଳ ବହୁ କୋପାନଳ ଅ - ରାଗ ତୁଲେ ତା'ରଣ
ମହାକାଳ ପର୍ଶୁ ଘେନି ବୀରବର ରୋଷେ କରଇ ସଂଗ୍ରାମ । ୧୪ ।
ହଂସାକୁ ଅହିଂସା ନିର୍ଦ୍ୱନ୍ଦ୍ୱକୁ ଦ୍ୱନ୍ଦ୍ୱ ଭକ୍ତି ସଙ୍ଗେ ଅଭକତି
ମାୟାକୁ ନିର୍ମାୟା ତମକୁ ଅ-ରାଗ ଅଶାନ୍ତିର ତୁଲେ ଶାନ୍ତି । ୧୫ ।
କେହୁ କାକୁ ଶର କରଇ ପ୍ରହାର ଖଣ୍ଡା କାତି ଯଷ୍ଟି ଘେନି
କେ ମାରେ କୁଠାର ଗୁରୁଜ ମୁଦ୍‌ଗର ଶକତି ଲାଙ୍ଗିଆ ପୁଣି । ୧୬ ।
କେହୁ କାହା ତୁଲେ ମାଲବନ୍ଧ କଲେ ବାହାସ୍ଫୋଟ ଦେଇ କରି
ବେଲୁବେଳ ଗୋଳ ହୋଇଲା ପ୍ରବଳ ଭୟେ କଂପେ ତିନିପୁରୀ । ୧୭ ।

ସତ୍ୟ କଳି ବେନି ଭେଟାଭେଟି ହେଲେ ନାନା ଅସ୍ତ୍ର ଧରି କରେ
କଳି କହେ ପାପୀ ବୁଝାଯିବ ଆଜି ପେସିବି ସମନ ପୁରେ । ୧୮ ।
ସତ୍ୟ କହେ କଳି ଲକ୍ଷେ ତୋର ଭଳି ଏକ ହୋଇ ମୋ' ତୁଲେ
ଆରମ୍ଭିଲେ ରଣ ନୋହିବେ ମୋ ସମ ଜାଳିବି ବାଣ - ଅନଳେ । ୧୯ ।
ଫଣି ଟେକି ଫେରୁ ଗରଜଇ ମେରୂ ଶ୍ୱାସବାତେ ଉଡ଼ାଇବି
ଗରୁଡ଼ ଆଗରେ ଦର୍ପ ରହେ କିରେ ଭୟେ କ୍ରୋଡ଼େ ଯାଏ ଲୁଚି । ୨୦ ।
ଭେକର କି ଦର୍ପ ଅନାଇଲେ ସର୍ପ ମୂଷିକ ମାର୍ଜାର ଆଗେ
ସେପରି ତୋ ଗର୍ବ ନିଶ୍ଚେ ହେବ ଖର୍ବ
ପଡ଼ିଛୁ ତୁ ମୋର ଆଗେ । ୨୧ ।

Digitized by srujanika@gmail.com

ହେଉ ଉଚ୍ଚବାଚ କ୍ରୋଧରେ ନାରାଚ ପେସେ କଳି ବୀରବର
ଏକ ଶରେ ଛେଦି ପକାଇଲା ଯୋଦ୍ଧା ସତ୍ୟ ହୋଇ ଖରତର । ୨୨ ।
ଦେଖି କଳିବୀର ପେସେ ମେଘାଶର ଆକାଶେ ଆସଇ ଘୋଟି
ପବନ ଶର ପେଷନ୍ତେ ସତ୍ୟ ମେଘେ ପଳାଇ ଗଲା ପାଲଟି । ୨୩ ।
ସତ୍ୟ ମାରେ ଶଲ୍ୟ ଶର ମହାବଳ ପର୍ବତ ହେଲା ବରଷା
ବଜ୍ରଶର ପେଷି ହେଲେ ଦେଲା ନାଶି କଳି ଯେ ମହାମ୍ବରସା । ୨୪ ।
ପୁଣି ଅଗ୍ନିଶର ବିନ୍ଧୁଁ ସତ୍ୟବୀର ତିନିପୁର ଆସେ ଘୋଟି
ଜଳଶର କଳି ମାରି ମହାବଳୀ ତାହା ନିବାରି ଦେଲାଟି । ୨୫ ।
ଲକ୍ଷମୁଣା ଶର କଲାକ ପ୍ରହାର ସତ୍ୟ ମହାକୋପ ହୋଇ
ଅର୍ଦ୍ଧଚନ୍ଦ୍ର ଶର ପେସି କଳିବୀର ଦୂରୁ ତାହା ଛେଦଇ । ୨୬।
କଳି ନାଗପାଶ ପେସନ୍ତେ ଆକାଶ ଘୋଟି ଆସୁଛନ୍ତି ନାଗେ
କରି ଫୁଫୁକାର ଗରଳ ଉଦ୍‌ଗାର କରି ପ୍ରବେଶିଲେ ରାଗେ । ୨୭ ।
ଦେଖି ଗରୁଡ଼ାସ୍ତ୍ର ପେସି ଦେଲା ସତ୍ୟ ନାଗେ ପଳାଇଲେ ଭାଜି
ନବକୋଟି ଶର ଥର ଥରରେ ପ୍ରହାର କଲା ଯେ କଳି ଗରଜି । ୨୮ ।
ରୁଦ୍ର ଶର ପେଷି ପକାଇ ବିନାଶି ସତ୍ୟବୀର କୁନ୍ତ ମାରେ
ଛଟକରେ କଳି ନ ପାରୁ ସମ୍ଭାଳି ବାଜିଲା ହୃଦୟ ପରେ । ୨୯ ।
ଘାଏ ଘୁମାଇଲା ତତ୍‌କ୍ଷଣେ ଉଠିଲା ବିନ୍ଧେ ଶର ଅକଥନ
ବୃହସ୍ପତିଙ୍କ ଚଳନ ପୂର୍ବେ ଯେହ୍ନେ କର୍କଟେ ବରଷେ ଘନ । ୩୦।
କୁହୁକ ଶର ମାରିଣ କଳିବୀର ପୃଥ୍ୱୀ କଲା ଅନ୍ଧକାର
ବେନିକୁଳ ବଳ ବାରି ନ ପାରିଲେ କେ ପର କେ ଆପଣାର । ୩୧ ।
ମହାଗୋଳ ରଣ ହେଲା ଅକଥନ କଳି ପୁଣ ପୁଣ ବିନ୍ଧି
ସତ୍ୟକୁ ଜାଲ ପାଶ ଶର ପେଷିଣ ଏହି କାଳେ କଲା ବନ୍ଦୀ । ୩୨ ।
ଚେତନା ପାଇଣ ସତ୍ୟ ବିଚକ୍ଷଣ ଚିତ୍ତେ ଅନନ୍ତ ସ୍ମରିଲା
ଜାଲପାଶ ଦୂର ହେଲାଟି କଳିର ବନ୍ଧନରୁ ମୁକୁଳିଲା । ୩୩ ।
ମୁସ୍ତକିମ ଭଣି ଇଷ୍ଟପଦ ଗୁଣି ମାଗୁଣି ମୋର ଏତିକି
ଜଗତ ପାଳକ, ତାରକ, ହାରକ ଘେନ ମୋର ବିନତି କି । ୩୪ ।
ଅବିଘ୍ନେ ସଂପୂର୍ଣ କରାଅ ବହନ ଗ୍ରନ୍ଥକୁ ଦୀନବାନ୍ଧବ
ଜନକର୍ଣ୍ଣ ମନ ଲୋଚନକୁ ପ୍ରେମ ଗ୍ରନ୍ଥ ନିଷ୍କଳେ କରୁ ବାନ୍ଧବ । ୩୫ ।

Digitized by srujanika@gmail.com

।। ଏକାଦଶ ଛାନ୍ଦ ।।

(ରାଗ : ବଙ୍ଗଳା ଶ୍ରୀ)

ପଣ୍ଡିତ ମଣ୍ଡିତ ହୁଅ ଶ୍ରଦ୍ଧାବତ ରସ ଆସ୍ୱାଦନ ପାଇ
ଦଣ୍ଡିତ ହୋଇଲା ସତ୍ୟ ପୁଣ ମୁକ୍ତ ହୋଇ ରଣ ଆରମ୍ଭର । ୧ ।
ସତ୍ୟବିନ୍ଧେ ଶର ହୋଇ କୋପଭର ଲକ୍ଷ ଲକ୍ଷ ଲକ୍ଷ କରି
ଅସତ୍ୟ ତା' ସବୁ ନେତ୍ର ପିଛୁଳାକେ ତାହା ଛେଦେ ଧନୁ ଧରି । ୨ ।
ଅସତ୍ୟ ଅନ୍ଧାରୀ ଶରକୁ ତିଆରି ମନ୍ତ୍ର ପଢ଼ିଣ ବିନ୍ଧିଲା
ପୂର୍ଣ୍ଣିମା ଶର ପେଷିଣ ସତ୍ୟବୀର ତାହାକୁ ଟି ନିବାରିଲା । ୩ ।
ଜାଳ ବାଣ କଳି ମନେ ମନେ ଭାଳି ପେସିଲା ଧନୁରେ ଯୋଖି
ଧର୍ମ ଶର ସତ୍ୟ ପେଷନ୍ତେ ତ୍ୱରିତ ଜାଳ ବାଣ ଗଲା ଘୁଞ୍ଚି । ୪ ।
ନିଷ୍ଠୁର ଶର କଳି କଲା ପ୍ରହାର ତ୍ରିପୁର ଘୋଟି ଅଇଲା
ଏକା ଧଇର୍ଯ୍ୟ ନାରାଚ ପେଷିଣ ସତ୍ୟ ଦୂରୁ ନିବାରିଲା । ୫ ।
କାଳ ଶର କଳି ପ୍ରହାରନ୍ତେ ଗିଳି ଦେଲା ଭୂବନ ଚଉଦ
ତପ ଶର ପେଷି ପକାଇଲା ଧ୍ୱଂସ ଦେଖି କଳି ଆଚମ୍ଭିତ । ୬ ।
ଯଜ୍ଞ ଶର ସତ୍ୟ ବିନ୍ଧନ୍ତେ ତ୍ୱରିତ ଧାଏଁ ତେଜରୂପ ଧରି
ଅସୁର ଶର ପ୍ରହାରି କଳିବୀର ଦେଲା ଖଣ୍ଡ ଖଣ୍ଡ କରି । ୭ ।
ଅମୋଘ ଶକତି ପେଷିଲା ଝଟତି ସତ୍ୟ କଂପାଇ ଆନନ
ତାହା ନିବାରିଲା ଅଧର୍ମର ବଳା ଆସକ୍ତି ବାଣ ପେଷିଣ । ୮ ।
ଏହିପରି ରଣ ହୁଏ ବେନି ଜଣ ନ ଘୁଞ୍ଚିଲେ ଜଣେ କେହି
ନିସ୍ପୃହା କାଣ୍ଡ ପ୍ରଚଣ୍ଡ ହୋଇ ସତ୍ୟ କଳିକୁ ମାଇଲା ଧାଇଁ ।୯ ।
ନ ପାରିଲା କଳି ନିବାରିଣ ଚଳି ଗଲା ଶର ତରତରେ
କଳି ଅଙ୍ଗେ ବାଜି ଗଲାରୁ ଗରଜି ଢଳି ପଡ଼ି ମର୍ତ୍ତ୍ୟପୁରେ । ୧୦ ।
ପୁଣ ଚେତି କଳି ଧରିଣ ଶାବେଳୀ ସତ୍ୟକୁ ବିନ୍ଧିଲା ବୀର
କ୍ଷମା ଶରେ ତାକୁ ଦୂରୁ ନିବାରିଲା ଧର୍ମଦେବଙ୍କ କୁମର । ୧୧ ।
ଧର୍ମ ଶର ସତ୍ୟ ବିନ୍ଧିଲା ତ୍ୱରିତ ଘୋଟି ଗଲା ଦଶ ଦିଗ
କଳିର ହସ୍ତରୁ କାଟି ପକାଇଲା ଧନୁତୂଣ ଖରତର । ୧୨ ।
ଧନୁଶୂନ୍ୟ କଳି ଧାଇଁଲା ପ୍ରଜ୍ୱଳି ତମ ମୁଦ୍ଗର ଧରି
ମାରନ୍ତେ ଶାନ୍ତି ଖଡ଼ଗେ ସତ୍ୟ ତାକୁ ଦେଲା ବେନିଖଣ୍ଡ କରି । ୧୩ ।
ବିଷ୍ଣୁ ଶର ଧରି ବିଷ୍ଣୁ ସ୍ମରି କରି ଚାପରେ ବସାଇ ସତ୍ୟ

Digitized by srujanika@gmail.com

ବିନ୍ଧନ୍ତେଣ ଶର କଳିର ଅଙ୍ଗର ଉପରେ ହେଲା ପତିତ । ୧୪ ।
ରୋମେ ଲୋମେ ରକ୍ତ ହେଲା ବହିର୍ଗତ ମୂର୍ଚ୍ଛାରେ କଳି ପଡ଼ିଲା
ଦାନ ପାଶରେ ବନ୍ଧନ କରି ବୀର ଚିତ୍ତରେ ହରଷ ହେଲା । ୧୫ ।
ଦେଖିଣ ଅସତ୍ୟ କ୍ରୋଧ କାମ ହିଂସା ମାୟା ରାଜ୍ଜ ଅଭକତି
ଦମ୍ଭ ଦ୍ୱନ୍ଦ୍ୱ ଗର୍ବ ଆଦି ସୈନ୍ୟ ସର୍ବ ତୂଳରେ ମନ୍ତ୍ରୀ ଅଶାନ୍ତି । ୧୬ ।
ପଳାଇଲେ ଖରେ ଅଧର୍ମ ଆଗରେ ଜଣାଇଲେ ଯୋଡ଼ି ପାଣି
ସତ୍ୟ ତୁଲେ ରଣ କରିଣ ବନ୍ଧନ ହେଲେ ଆମ୍ଭ ନୃପମଣି । ୧୭ ।
କୁମରର ବନ୍ଧନ ଶୁଣି ଛନ ଛନ ଅଧର୍ମ ଅସତୀ ହେଲେ
ବାୟୁ ବିମାନରେ ବସିଣ ଯେ ଖରେ ପ୍ରବେଶିଲେ ରଣ ସ୍ଥଳେ । ୧୮ ।
ସତ୍ୟ ଜୟ ଧ୍ୱନି କରନ୍ତି ସଇନୀ ଏକାଳେ ମିଳିଲେ ତହିଁ
ଭାତୃ ମାତା ପିତା ଦେଖି ଶୁଦ୍ଧ ଚେତା ସତ୍ୟ ଚରଣେ ନମଇଁ । ୧୯ ।
ଅସତୀ ପାଦରେ ପ୍ରଣିପାତ କରେ ସତ୍ୟ ଦଣ୍ଡବତ ହୋଇ
ଆଶୀର୍ବାଦ କରି ଅଧର୍ମର ନାରୀ ମୁଖରେ ଚୁମ୍ବନ ଦେଇ । ୨୦ ।
ବୋଲଇ ସହୋଦରେ କିପାଁ ବେନି ଭ୍ରାତ କଳି କଲ ଅକାରଣେ
ସହୋଦରେ ସହୋଦରେ କିପାଁ ଆରେ ହୁଅ ତୁମ୍ଭେ ଅନ୍ୟୋଅନ୍ୟେ । ୨୧ ।
କର ଯୋଡ଼ି ସତ୍ୟ ଭାଷଇ ଅଗ୍ରତ ନମ୍ର ଭାବେ ଜଣାଇଲା
କବି ମୁକ୍ତକିମ ବାଳୁତ ଅଜ୍ଞାନ ଛାନ୍ଦ ବନ୍ଧେ ବିରଚିଲା । ୨୨ ।
ମାଲିକି ଜଗତ୍ର ଶ୍ରୀ ପୟର ପଦ୍ମ ପାଦରେ ଲୋଟୁ ମୋ ଶିର
ତୁମ୍ଭ ପାଦ ବିନୁ ଆଶ୍ରା ନାହିଁ ଆନ ଚିନ୍ତେ ଦିବସ ନିଶିର । ୨୩ ।
କରୁଣା ନିଧାନ ପ୍ରାଣୀଙ୍କର ପ୍ରାଣ ଅରୂପ ସର୍ବ ବ୍ୟାପତ
କରୁ କରୁଣା ପ୍ରଭୁ ଜଣାଣ ଘେନା ଶୁଭେ ହେବ ସମାପତ । ୨୪ ।
ପତିତକୁ ଗତି ଦେବାରୁ ସୁଖ୍ୟାତି ଶୁଣି ମତି ବଳାଇଛି
ପତୀ ତ ନୁହଇ ଅଗତି ତ ମୁହିଁ ବ୍ୟଥିତ ଯିବ ବା ଘୁଞ୍ଚି । ୨୫ ।
ତାର ନ ତାର ତାରକାପତି ଆସ ଚିତ୍ତ ଚକୋର ମୋହର
ଜ୍ଞାନେ ଅଜ୍ଞାନେ ତବ ନାମ ସ୍ମରଣେ ଥିବି ଦିଅ ଏହି ବର । ୨୬ ।

Digitized by srujanika@gmail.com

।। ଦ୍ୱାଦଶ ଛାନ୍ଦ ।।

(ରାଗ : ଘଣ୍ଟାରବ)

ସତ୍ୟ କଳି ତାତ ଆଗେ, ବୃତ୍ତାନ୍ତ କହଇ ବେଗେ
ଏ ସମୟେ ଧର୍ମ ହୋଇଲେ ପ୍ରବେଶ ବାର୍ତ୍ତା ପାଇଦୂତ ମୁଖେ ।।
ଧର୍ମକୁ ଚାହିଁ ଅଧର୍ମ ଭାଷେ ତୋ ନନ୍ଦନ କର୍ମ
ଦେଖ ମୋ ସୁତକୁ ବିନା ଅପରାଧେ କରି ଅଛଇ ବନ୍ଧନ ।।
ଧର୍ମ ଭାଷେରେ କୁମର ଆମ୍ଭେ ବେନି ସହୋଦର
ଆମ୍ଭ ବେନି ସୁତ ତୁମ୍ଭେ ତ ସମ୍ଭୃତ କାହିଁ ପାଇଁ କଳି କର ।।
ଫେଡ଼ ବନ୍ଧନ ଏହାର ଯୁକତେ ଏ ତୋ ସୋଦର
ବୋଲିଣ ବନ୍ଧନ ଫିଟାଇଲେ ଧର୍ମ ଏବେ ଶୁଣ ବିଜ୍ଞନର ।।
ପୁଛିଲେ ଯୁଦ୍ଧ କାରଣ ଯେଉଁପରି ହେଲା ରଣ
ସତ୍ୟ ସତ୍ୟ କରି ସର୍ବତଥ୍ୟ କରି କହୁଁ କୋପିଲା ଅଧର୍ମ ।।
ଅଧର୍ମ କହଇ ତୁହି ଏକାକୀ ଭୋଗିବୁ ମହୀ
ଜ୍ୟେଷ୍ଠ ବୋଲି ମନେ ଗର୍ବକରି ତୁହି କନିଷ୍ଠେ ଏ ଶାସ୍ତି ଦେଇ ।।
ସଂସାରେ ଭ୍ରାତୃର ଭାଗ ଦେବାଦି ଯକ୍ଷ ଗନ୍ଧର୍ବ
ଦେଇ କି ନାହାନ୍ତି ଏକା କେ ଭୁଞ୍ଜନ୍ତି ପିତୃର୍ଜିତ ଅଇଶ୍ୱର୍ଯ୍ୟ ।।
ଦେଖ ବ୍ରହ୍ମାବିଷ୍ଣୁହର ତିନି ହେଁ ଏକ ସୋଦର
ତ୍ରିଗୁଣକୁ ଭାଗ କରି ଭୋଗୁଛନ୍ତି ପିତାକୁ ତୋର ପଚାର ।।
ଶଶି ସୂର୍ଯ୍ୟ ବେନି ଜନ ନିଶି ଦିବସ ବଣ୍ଟନ
କରି ଇଚ୍ଛା ସୁଖେ ଭୋଗନ୍ତି ପ୍ରତ୍ୟକ୍ଷେ ଦେଖୁନାହିଁ କି ନୟନ ।।
ଛେଦନ୍ତି ମସ୍ତକ ତୋର କେବଳ ଭ୍ରାତୃ ସୋଦର
ବାଳକ ବିଚାରି ଛାଡ଼ିଲି ଏ ଘାନ୍ତି ଦୟାକରି ହୃଦୟର ।।
ଆଉ ବେଳେ ପୁତ୍ର ତୁଲେ ତୁ ଯଦି ସଂଗ୍ରାମ କଲେ
ନିଷ୍ଟେ ତୋର ଶିର କାଟିବି ଦର୍ଦ୍ଧର ହୋଇ ଯୁଝୁ ନାଗବଳେ ।।
ଧର୍ମ ବୋଲେ ବାଳଙ୍କର ଯୁଦ୍ଧେ ବୃଥା କୋପକର
ଅଜ୍ଞାନେ ସୋଦରେ ସୋଦରେ ସଂଗ୍ରାମ କଲେ ତୁମ୍ଭେ ହୁଅ ସ୍ଥିର ।।
ଅଧର୍ମ କହେରେ ବାଇ ଏହା ଅଛୁ ଶିକ୍ଷା ଦେଇ
ନିଷ୍ଠଏ କହୁଛି ଭାଗ ତୁ ନ କଲେ ମୁହିଁ କରିବି ଲଢ଼େଇ ।।
ଚାହିଁ ଅଧର୍ମର କୋପ ଧର୍ମ କରେ ମନେ ତାପ

Digitized by srujanika@gmail.com

ମୂର୍ଖ ଆଗେ ଜ୍ଞାନ କହି ଅପମାନ ନିଜେ ଭୋଗିବାକୁ ହେବ ॥
ଅନ୍ଧ ଆଗରେ ମୁକୁର ବଧୀରେ ସୁହୃଦ ଗିର
ବିଟପୀ କି ପତିସେବା ଶିକ୍ଷା ଦେଲେ ଚିତ୍ତ ତା' ହେବନି ସ୍ଥିର ॥
ତସ୍କରକୁ ପାପପୂଣ୍ୟ ନ୍ୟାୟାନ୍ୟାୟ ବିଚାରଣ
ଯେତେ ବୁଝାଇଲେ ବୁଝିବ କି ଭଲେ ମୂକକୁ ଯଥା ପ୍ରଶନ୍ନ ॥
ଅଧର୍ମ କୁମର ଦୁଃଖେ କଟୁ ଭାଷୁଛି ସମ୍ମୁଖେ
ବୁଝାଇ ବସିଲେ ପ୍ରତ୍ୟୁତ୍ତର ଦେଲେ ରଣ ଆରମ୍ଭିବି ଟେକେ ॥
ମନ୍ଦ ଆଚରଣ ପ୍ରିୟ ଅଟନ୍ତି ପିତା ତନୟ
ନାନା ଛନ୍ଦ ଭାଷ ଏହାଙ୍କ ଅଭ୍ୟାସ ତେଣୁ ଚିତ୍ତେ ମଣେ ଭୟ ॥
ଶୁରେ ଦୁଷ୍ଟ ଅସୁରଙ୍କୁ ଷଡିଏ କୀଟ ପୁଂଶକୁ
ଅଜ୍ଞାନୀଙ୍କୁ ଜ୍ଞାନୀ ଭୟଥାନ୍ତି ତେମନ୍ତ ଏ ଯେ ଆମ୍ଭକୁ ॥
କେମନ୍ତ କରିବି ବୋଲି କବି ମୁସ୍ତକିମ ଭାଳି
ଶ୍ରୀକୃଷ୍ଣ ଚରଣ ହୃଦରେ ଚିନ୍ତନ କରିଣ ଲେଖାକୁ କଲି ॥

॥ ତ୍ରୟୋଦଶ ଛାନ୍ଦ ॥
(ରାଗ : ଚିନ୍ତା ଦେଶାକ୍ଷ)

ଶୁଣ ରସ ହେ ବିଦୂଷ ଏ ଅନ୍ତେ ଯାହା
ହେଲା ଶ୍ରୀକୃଷ୍ଣ କୃପାରୁ କହୁଛି ତାହା ॥
ଧର୍ମ କହେ ଅଧର୍ମକୁ ଯୋଡ଼ିଣ କର
କୁମର ଦୋଷ କ୍ଷମ କନିଷ୍ଠ ସୋଦର ॥
ଭାଗଦିଅ ବୋଲି ଯାହା କହିଲି ଭାଇ
କି ଭାଗ ଦେବି ଆମ୍ଭର ସମ୍ପତ୍ତି ନାହିଁ ॥
ଶୂନ୍ୟ ବ୍ରହ୍ମ ଅଂଶୁ ଜାତ ଯେତେ ହୋଇଲେ
ଭାଗ ନେଇ ନାହାନ୍ତି ସେ କେହୁଣି କାଳେ ॥
ଆମ୍ଭେ ଭାଗ କେଉଁ ମତେ କରିବା କହ
ତୁମ୍ଭ ବାଣୀ ଶୁଣି ମନେହୁଏ ସନ୍ଦେହ ॥
ଶୁଣିଣ ଅଧର୍ମ କାଳ ଅହି ପରାୟେ

Digitized by srujanika@gmail.com

ଗର୍ଜନ କରି ରଣରଙ୍ଗ ନୟନେ ଚାହେଁ ॥
କାଳଚକ୍ର ପ୍ରାୟେକ ଘୂର୍ମାଇ ଲୋଚନ
କହେ ସଂଜୀବନୀପୁର କର ଦର୍ଶନ ॥
ଆଜ ରଣେ ତୁମ୍ଭଙ୍କୁ ମୁଁ ମାରିବି ଯେବେ
ପୁତ୍ରବନ୍ଧା ଅପମାନ ଭୁଲିବି ତେବେ ॥
ମୋ ନଜାଣୁ ମୋ ପୁତ୍ରକୁ ତୁ ବନ୍ଧାଇଲୁ
ଆଗ ହୁଁ ତନୟକୁ ତା ଶିଖାଇ ଥିଲୁ ॥
ଧର୍ମ କହେ ବୃଥା କୋପ କର କିମ୍ପାଇଁ
ଚାଲ ତାତ କତି ଯିବା ସୁତଙ୍କୁ ନେଇ ॥
ତାଙ୍କୁ ଏ ସର୍ବ ବୃତ୍ତାନ୍ତ କହିବା ଯାଇ
ଭାଗ କରିବେ ଯେପରି ହେବା ବିଜୟୀ ॥
ଶୁଣି ସିଂହକାର କରି ତହୁଁ ସେ ଗଲେ
ବିରାଟ ପୁରୁଷଙ୍କର ସାନ୍ନିଧ ହେଲେ ॥
ଶୂନ୍ୟ ମନ୍ଦିରେ ବିଜୟ ବିରାଟ ଆଦି
ଶୂନ୍ୟ ଆସନରେ ବିଜେ କରି ଅଛନ୍ତି ॥
ଷାଷ୍ଟାଙ୍ଗେ ପ୍ରଣାମ କଲେ ଧର୍ମ ଅଧର୍ମ
ନତ ଶିରେ ଉଭା ହେଲେ କର ଯୋଡ଼ିଣ ॥
କଲ୍ୟାଣ କଲେ ବିରାଟ ଅନାଦି ମାତ
ଶିର ଆଘ୍ରାଣି ଚୁମ୍ବିଲେ ପୁତ୍ରଙ୍କ ମୁଖ ॥
କୋଳେ ଘେନି ପୁଚ୍ଛା କଲେ ତାତ ଜନନୀ
ଭଲେ ତ ପାଳୁଛ ଅଧ ଉର୍ଦ୍ଧ୍ୱ ମେଦିନୀ ॥
ଧର୍ମ କହିଲେ ତୁମ୍ଭର କଲ୍ୟାଣ ବଳେ
ଭଲେ ସର୍ବ ଜୀବେଛନ୍ତି ତ୍ରୟ ମଣ୍ଡଳେ ॥
ମାତ୍ର ସତ୍ୟ କଳି ରଣ କଲେ ଭୋ ନାଥ
ବନ୍ଧନ କଲେ ସାନୁଜ ଭ୍ରାତଙ୍କୁ ସତ୍ୟ ॥
ଏତେ ବୋଲି ସକଳ ବୁଝାଇ କହିଲେ
ଆଦ୍ୟରୁ ସଂକ୍ଷେପି ଭାଗ ବିଷୟ ତୁଳେ ॥
ଶୂନ୍ୟ ବିରାଟ କହନ୍ତି, ଏ ନୁହେଁ ଭଲ
ଭାଗ ହେଲେ ପଛେ ବେନି ହୋଇବ ସଲ ॥

Digitized by srujanika@gmail.com

ତାତ ବାଣୀ ଶୁଣିଣ ଅଧର୍ମ କହେ ତହିଁ
ଭାଗ ନ କଲେ ନିଶ୍ଚୟେ ଦ୍ୱନ୍ଦ୍ୱ ଉପୁଜଇ ॥
ଅଧର୍ମ ବଚନ ଶୁଣି ଚିତ୍ତରେ ଭାଳିଲେ
ଧର୍ମକୁ ଏ କଟାଳିବ ଭାଗ ମୁଁ ନ କଲେ ॥
ଧର୍ମସୂତ ସତ୍ୟ ଶାନ୍ତି ମନ୍ତ୍ରୀ ବୋଲ ମାନି
ଅଧର୍ମ ନନ୍ଦନ କଳି ମୂଢ଼ମତି ମୁଣି ॥
କାଳେ ବିବାଦ ଏହାଙ୍କ ହେବ ଉତପନ୍ନ
ଆଜହୁଁ ହେଲେଣି ଦ୍ୱନ୍ଦ୍ୱୀ ନ ହୋଇ ଯୌବନ ॥
ରାଜପଦ ଧନମଦ ଯଉବନ ମଦ
ସୂରା ମଧ ମଦ ବୋଲି ଏ ଚାରି ପ୍ରସିଦ୍ଧ ॥
ଏହା ଭାବି ବୋଇଲେ ପୁତ୍ରଙ୍କ ମୁଖ ଚାହିଁ
ତୁମ୍ଭ ନନ୍ଦନଙ୍କୁ ଭାଗ ଯୁଗ କରୁଛଇଁ ॥
ଆଦ୍ୟ ଯୁଗ ସତ୍ୟ ବୋଲି ସତ୍ୟ କରୁ ଭୋଗ
ତ୍ରେତା ବୋଲି ତାର ପରେ ଜନମିବ ଯୁଗ ॥
ତା'ପରେ ଦ୍ୱାପର ହେବ ଶୁଣରେ କୁମର
ଶୁଣିଣ ଅଧର୍ମ ଭାଷେ ପିତା ସାନ୍ନିଧର ॥
ଧର୍ମ ତୁମ୍ଭ ସୂତ ତାର ସୂତ ନାମ ସତ୍ୟ
ତେଣୁ ଆଦ୍ୟଯୁଗ କଲ ତା ନାମେ ବିଦିତ ॥
ମୁଁ ନୁହଇ ସୂତ ବୋଲି ମୋ ସୂତର ନାମ
କାହିଁ ନ ପଡ଼ିଲା ବୋଲି କହଇ ଅଧର୍ମ ॥
ଭୋ ତାତ ମାତ ବସିଛ କହୁଛି ପ୍ରମାଣେ
ମୋର ତୁଲେ ରଣ କରୁ ଆସିଣ ଯେ ଧର୍ମ ॥
ରଣ କରି ମୋତେ ମାରି କ୍ଷିତି ଘେନି ଯାଉ
ତା' ସୂତ ନାମରେ ସର୍ବ ଯୁଗ ନାମ ହେଉ ॥
ଏତେ ବୋଲି କୋପେ ଉଠି ଅଧର୍ମ ଗମିଲା
କବି ମୁସ୍ତକିମ ଛାନ୍ଦ ବନ୍ଧେ ବିରଚିଲା ॥

Digitized by srujanika@gmail.com

।। ଚତୁର୍ଦ୍ଦଶ ଛାନ୍ଦ ।।
(ରାଗ: ଚନ୍ଦ୍ରକେଳି)

ଶୁଣ ବିବୁଧେ ରସ ଏଥୁ ଅନ୍ତେ, ଅଧର୍ମ ଯାଉଁ କୋପ କରି ଅନ୍ତେ ।
ଅନ୍ତେ ଧର୍ମ ଭାଷେ ତାତ ନିକଟେ, ବିଭୋ ଅଧର୍ମ ନାସିବ କପଟେ ।
ସତ୍ୟ ସୂତ ଯଦି ନାଶ ଲଭିବ, ମୋର ପରାଣ ରଖିବାର ଧିକ ।
ଚାରି ଯୁଗ ହେବ ବୋଲି ଭାଷିଲ, ତିନି ଯୁଗର ନାମ ପ୍ରକାଶିଲ ।
ଏବେ ମୋ ଜଣାଣ ଘେନି ପିଅର, କର କଳି ନାମେ ଯୁଗେ ପ୍ରଚାର ।
ଶୁଣି ହସିଲେ ବିରାଟ ପୁରୁଷ, ତହୁଁ ପ୍ରଳୟ ହୋଇବ ପ୍ରକାଶ ।
ଧର୍ମ କହେ କି ପ୍ରକାର ହୋଇବ, ଶୁଣି କହନ୍ତି ସେ ବିରାଟ ଦେବ ।
ତୋର ବୋଲେ କଳିଯୁଗ ହୋଇଲା
ଏବେ ଯୁଗଙ୍କ ରୀତି ଶୁଣ ବଳା ।

ସତ୍ୟେ ସର୍ବେ ସତ୍ୟ ଗିର ଭାଷିବେ, ସତ୍ୟ ନିରଞ୍ଜନ ତୁଣ୍ଡେ ଘୋଷିବେ ।
ଆନ ନ ପୂଜିବେ ବିଷ୍ଣୁ ବିହୀନ, ଚତୁର୍ପାଦେ ତୁ ଭୋଗିବୁ ନନ୍ଦନ ।
ତ୍ରେତା ଯୁଗ ଏଥୁଅନ୍ତେ ହୋଇବ, ଜନେ କେତେ ପୂଜିବେ ଶିବଲିଙ୍ଗ ।
ତିନି ପାଦ ତୁ ସେ ଯୁଗ ଭୋଗିବୁ, ଅନ୍ତେ ଦ୍ୱାପର ହେବ ଆରେ ବାବୁ ।
ବେନି ପାଦ ଭୁଞ୍ଜିବୁରେ ତନୟ, ନାନା ଦେବାଦେବୀ କରିବେ ଲୟ ।
ମୂର୍ତ୍ତୀ ପୂଜନ ଏ ଯୁଗେ ହୋଇବ
ଏ ମୋ ବଚନ ଅନ୍ୟଥା ନୋହିବ ।

ତଦୁତ୍ତାରୁ କଳିଯୁଗ ପ୍ରବେଶ, ପାଦେ ତୋ ଭୋଗ ହୋଇବ ଅବଶ୍ୟ ।
କାଷ୍ଠ ପାଷାଣ ଧାତୁଙ୍କ ପୂଜନ, ନାନା ପ୍ରତିମା ପୂଜିବେ ତୁ ଶୁଣ ।
କ୍ରମେ କଳି ଯଉବନ ହୋଇବ, ନିଜ ପ୍ରାକର୍ମେ ଜଗତ୍ର ମୋହିବ ।
ହେବ ନାନା ଅନ୍ୟାୟ ତିନିପୁରେ, ଅଭିମାନ ତୁ ପାଇବୁ ତହୁଁରେ ।
ଶୁଣି ଧର୍ମ କହେ ଯୋଡ଼ି ପାଣିକି, ତାତ ଭୟ ମୋ ଅଧର୍ମ ପ୍ରାଣିକି ।
ଯେବେ ନ ଦେବ କଳିଯୁଗ ନାମ, ନିଶ୍ଚେ ପରାଣେ ନାଶିବ ଅଧର୍ମ ।
ଏବେ ମୋ ଜଣାଣ ଶୁଣ ପିୟର, ଅଧର୍ମକୁ ଡାକିଣ ଶାନ୍ତି କର ।
ଶୁଣି ବିରାଟ ଚିତ୍ତେ ସୁମରିଲେ, ଆସି ଅଧର୍ମ ପ୍ରବେଶ ହୋଇଲେ ।

Digitized by srujanika@gmail.com

ବାଳ ଅରୁଣ ପ୍ରାଏ ନେତ୍ର ବେନି, କୋପେ ଟାଙ୍କୁରି ଅଛି ଲୋମଶ୍ରେଣୀ ।
ଜଳ ଭଉଁରୀ ସ୍ଥକିତ ପରାଏ, ବୀର କେଶ ଗଣ୍ଡରେ ଶୋଭାପାଏ ।
ନାଶାବାତ ବହୁଛି ଖରତର, ଶିର କେଶ ଉଡୁଛି ଫରହର ।
ଦଣ୍ଡବତ କରି ପିତା ଚରଣ, ଭାଷେ କିମ୍ବା ସ୍ମରିଲ ନାରାୟଣ ।
ତାତ ମୁଖ ଚୁମ୍ବି କୋଳେ ଧଇଲେ, ଆର ଛାନ୍ଦେ ହେବ ଯାହା ବୋଇଲେ ।
ମୁଁ ଅଜ୍ଞାନ ମତୀ ମୁଁ ବାଳୁତ, ବେଦ ପୁରାଣ ନ ଜାଣଇ ଶାସ୍ତ୍ର ।
ଦିନେ ତୁଣ୍ଡେ ଘାଏ ଇଷ୍ଟ ନ ସ୍ମରେ, ସଦା ବିଷୟା ରସ ଇଚ୍ଛା କରେଁ ।
ଦାରା ସମ୍ପତ୍ତି ଭୋଗକୁ ପାଞ୍ଚୁଣ, କୃଷି ବ୍ୟାପାର କରି ନିଏ ଦିନ ।
ଦୀନବାନ୍ଧବ ଅଘନାଶକାରୀ, ଦୀନ ଜାଣିକି ଦେଲେ ଦୟାକରି ।
ତେଣୁ ଲେଖିଲି ଏ ଗ୍ରନ୍ଥ ବିଦୂଷ, କ୍ଷମା କରିବ ହେବା ନୋହିବା ଦୋଷ ।
ବୋଲି ମୁସ୍ତକିମ ଇଷ୍ଟେ ଚିନ୍ତନ, ଶୁଭେ ହେଉ ଏହି ଗ୍ରନ୍ଥ ସମ୍ପୂର୍ଣ୍ଣ ।

।। ପଞ୍ଚଦଶ ଛାନ୍ଦ ।।

(ରାଗ : କୌଶିକ)

ଏ ଉତ୍ତାରୁ ଜ୍ଞାନୀଗଣ ଶ୍ରବଣ ପୁଟରେ ଶୁଣ
ଅଧର୍ମ ପ୍ରବୋଧନ୍ତି, ଶୁଣ ସନ୍ତତିରେ ।୧।
ଯୁଗ ଯେ ବୋଇଲି ଚାରି ତିନି ମୁଁ ଥିଲି ଉଚ୍ଚାରି
ବୃଥା କରୁ ଦୁଃଖମତି, ଶୁଣ ସନ୍ତତିରେ ।୨।
ପ୍ରାନ୍ତ ଯୁଗ ନାମ କଳି ତୋ ସୁତ ନାମକୁ ଦେଲି
ନଶୁଣି ନାମ ଚତୁର୍ଥ ହେଉ କୁପିତରେ ।୩।
ବେନି ଭ୍ରାତ ଭୋଗ ପାଇଁ ସୃଜନ କରିଛି ମହି
ଜଣେ ଯେବେ ତା ଭୁଞ୍ଜିବ, ଅନ୍ୟାୟ ହେବ ରେ ।୪।
ଶୁଣି ଅଧର୍ମ କହଇ, ଶିରେ ବେନି କର ଦେଇ
ଯଦି ଦେଲ ଯୁଗ ଭାଗ କହୁଛି ଧ୍ରୁବ ଯେ ।୫।
ସତ୍ୟ ଯୁଗେ ମୋର ଭାଗ, ଦେବି ଭୋ ଅନାଦି ଦେବ
ଶୁଣି ଧର୍ମ ମୁଖ ଚାହିଁ, ବିରାଟ କହି ଯେ ।୬।
କହ ଧର୍ମ ତୋ ବିଚାର, ମନକୁ ଆସେ କି ତୋର
ହଉ ବୋଲି ଧର୍ମ କହି, ତୁନି ରହଇ ଯେ ।୭।
ତାତ ବୋଲନ୍ତି ନନ୍ଦନ, ସତ୍ୟଯୁଗ ଭୋଗୁ ଧର୍ମ

Digitized by srujanika@gmail.com

କିଞ୍ଚିତ ମାତ ତୋ ଭୋଗ, ସେ ଯୁଗ ହେବରେ ।୮।
ତ୍ରେତୟା ତିନି ଭାଗ ତୋ ଜ୍ୟେଷ୍ଠଭ୍ରାତ ଭୋଗିବ
ଦ୍ୱାପରେ ଦୁହେଁ ସମାନ, ଭୁଞ୍ଜ ନନ୍ଦନରେ ।୯।
ଶୁଣି ଅଧର୍ମ କହଇ କଳିଯୁଗ ନାମେ ମହି
ମୁଁ ଏକା ଭୋଗ କରିବି ଧର୍ମେ ନ ଦେବି ଯେ ।୧୦।
ଶୁଣି ଜନନୀ କହନ୍ତି ଧର୍ମ ଜ୍ୟେଷ୍ଠ ବୋଲି ଖ୍ୟାତି
କଳିରେ କିଛି ଭୋଗିବ ଏ ବାଣୀ ଧ୍ରୁବରେ ।୧୧।
କଷ୍ଟେ କଲା ସିଉକାର, ଆଦି ମାତାଙ୍କ କୁମର
ଏପରି ଯୁଗ ବଣ୍ଟନ, ପାଇ ଅଧର୍ମ ଯେ ।୧୨।
ହରଷେ ସ୍ୱପୁରେ ଗଲା, ପୁତ୍ରକୁ ସର୍ବ କହିଲା
ଭୋଗକର ତିନିପୁର ଏହି ପ୍ରକାରରେ ।୧୩।
ଶୁଣିଣ କଳି ଆନନ୍ଦ, ନେତ୍ର କି ଲଭିଲା ଅନ୍ଧ
ଦରିଦ୍ର ଲଭିଲା ମଣି, ତହିଁରୁ ଜିଣି ଯେ ।୧୪।
ଅବିଦ୍ୟା କୁଳେ ପଣ୍ଡିତ, ହେଲେ ହୁଅଇ ଯେମନ୍ତ
ନୀଚ ରାଜପଦ ପ୍ରାପ୍ତି, ତେମନ୍ତ ମତି ହେ ।୧୫।
ଇଷ୍ଟ ପଦେ କରି ଧ୍ୟାନ, ରଚେ କବି ମୁସ୍ତକିମ
ଅଭିଷ୍ଟ ରିଷ୍ଟ ଖଣ୍ଡିଣ ହେଉ ପୂରଣ ହେ ।୧୬।

॥ ଷୋଡ଼ଶ ଛାନ୍ଦ ॥
(ରାଗ: ନଳିନୀ ଗୌଡ଼ା)

ଇନେ କର୍ଣ୍ଣେ ରସ ପାନ କରିବ ହେ ବିଚକ୍ଷଣ
ଏ ଉତାରୁ ହେଲା ଯାହା ବୁଝାଇ କହିବି ତାହା ।୧।

(ବାକି ଅଂଶ ଅଲଭ୍ୟ)

□□□

Digitized by srujanika@gmail.com

ଉତ୍ତରମାଳା
(ପ୍ରଥମ ଭାଗ . ରଚନାକାଳ : ୧୯୨୯.)

॥ ମହାଭାରତ ॥

ଆଦ୍ୟ ଚରିତ ଏ ଶୁଣ ଦେଇଣ ମନ । ପଦ ।
ଦେବେ ହୋଇ ଗୋଷ୍ଠୀ ତୁଳାଦଣ୍ଡ କାଠି
ଦ୍ୱାଦଶ ଯୋଜନ ଲମ୍ବ ରଖିଲେଟି
ଯୋଜନ ଯେତିକି ବିସ୍ତାର ତା' ପୁଣି
        କୋଠି କଲେ ଚତୁଷ୍କୋଣ । ୧ ।
ରାମାୟଣ ଚଣ୍ଡୀ ଯୁଦ୍ଧ ଯେ ଗାୟତ୍ରୀ
ବିଷ୍ଣୁ, ଶିବ, ମାର୍କଣ୍ଡ ଖର ସଂପାଦି
ନାରଦ ପୁରାଣ ବ୍ରହ୍ମ ବୈବର୍ତ୍ତାଦି
        ଠୁଳ କଲେ ଦେବଗଣ । ୨ ।
ଉପ ପୁରାଣାଦି ରଖିଲେ ଏକାଠି
ଅନ୍ୟପାଖେ ମହାଭାରତକୁ ରଖି
ମନଜ୍ଞାନ ଡୋରେ ତୁଳିଲେ
        ଭାରତ ହେଲା ଓଜନ । ୩ ।
ମହାଭାରା ଦେଖି ଅଙ୍ଗିରା ମହର୍ଷି
ମହାଭାରତ ନାମ ଦେଲେ ସଂପାଦି
ମନୁ ଆଗେ କହି ଅଛନ୍ତି ଅଗସ୍ତି
        କହେ କବି ମୁସ୍ତକିମ । ୪ ।

ଅଗ୍ନିରେ ପାଣି ସିଂଚିବା ପାପ

x x x

ଶିବଙ୍କ ପତ୍ନୀ ଜାହ୍ନବୀ ପ୍ରତ୍ୟକ୍ଷ ଅଟନ୍ତି ଦେବୀ
ବେଦବ୍ରହ୍ମା ଦେଢ଼ଶୁର ତହୁଁ ଯୁକତେ । ୨ ।
ତେଣୁ ପାଣି ଅଗ୍ନି ଭେଟ, ନ କରିବ କଦାଚିତ
ଅଗ୍ନିରେ ପାଣି ସିଂଚିଲେ ଦୋଷ ଏଥିରେ । ୩ ।

Digitized by srujanika@gmail.com

।। ରକ୍ଷ, ଯକ୍ଷ, ଖନନକାର ଜନ୍ମ ଓ ରକ୍ଷ, ଭକ୍ଷ ଜନ୍ମ ।।

ଶ୍ରୁତି ପଥରେ, ଉତ୍ତର ଶୁଣ ସୁନରେ । ପଦ ।
ରାଧା ଦିନେ କାମାର୍ତ୍ତରେ , ସ୍ୱର୍ଗ ସୁନ୍ଦରୀ ହକାରେ
ନିଜ ବେଶବାସ ତାର ଅଙ୍ଗେ ମଣ୍ଡିଲା ଯତନରେ ।୧।
ଦୂତୀ ଯା କୃଷ୍ଣେ ଆଣିବୁ, ବୋଲି ପେଶୁ କୃଷ୍ଣଠାକୁ
ରାଧା ଭାବି ଭୋଳେ କୃଷ୍ଣ, ମାତିଲେଟି ରମଣରେ । ୨ ।
ଗରଭୁଁ ଜାତ ଯେ ବାଳ, ନାମ ଦେଲେ ଖନିକାର
ତାକୁ ପଠାଇ ବିଦୂର ଅତି ହରଷ ମନରେ । ୩ ।
କୃଷ୍ଣ ବିଦୂ ଭେଟ ହେଲେ, ସର୍ବ ବୃତ୍ତାନ୍ତ କହିଲେ
ଶୁଣ ହରି ବାହୁମୂଳୁ ଯକ୍ଷ ଭକ୍ଷ ଜନମରେ । ୪ ।
ଜାତ ହୋଇ ଖାଇବାକୁ, ମାଗୁ କହିଲେ ତାହାକୁ
ମୃତ୍ତିକା ଭକ୍ଷ କୋଟା, ଅନଳେ ହୋଇବ ଜୀର୍ଣ୍ଣରେ । ୫ ।
(ପରବର୍ତ୍ତୀ ଅଂଶ ଅପଠ୍ୟ)

।। ଅଷ୍ଟବଶୁ ଉପାଖ୍ୟାନ ।।

ବିଶ୍ୱାମିତ୍ର ରାଜରଷି ବନେ ଭ୍ରମିଗଲେ
ବଶିଷ୍ଠଙ୍କ ପଡ଼ିଆରେ ବିଜେ ସୈନ୍ୟ ତୁଳେ । ୧ ।
କାମଧେନୁ ଦୁହିଁ ରାଜା ସୈନ୍ୟ ସହ ମୁନି
ଦୁଗ୍‌ଧ ଭାତ ଖୁଆଇଲେ ପ୍ରିୟ ଭାବ ଘେନି । ୨ ।
ଏକ ଗୋଟି ଗାଈ ଦୁଧ ଏତେକକୁ ଅଣ୍ଟି
ଶତ ଅକ୍ଷୋହିଣି ବଳ ଥିଲେ ରାଜାକତି । ୩ ।
ପଞ୍ଚାଶ ସହସ୍ର ଶିଷ୍ୟ ବଶିଷ୍ଠ ଋଷିର
ଦେଖି ଗାଈ ଲୋଭରେ ପଡ଼ିଲେ ବିଶ୍ୱାମିତ୍ର । ୪ ।
ବଶିଷ୍ଠଙ୍କୁ ମାଗୁ ନାସ୍ତି କଲେ ମହାମୁନି
ବଳେ ନେଉଁ ପ୍ରାଣେ ମଲେ ସକଳ ସଇନି । ୫ ।

XXX

ବଶିଷ୍ଠଙ୍କ ଗାଈ ଯୋଗୁଁ ପ୍ରଭରି ହୋଇଲି
ଏଣୁ କରି ତୁମ୍ଭର ଆଶ୍ରାରେ ତପ କଲି । ୬ ।

Digitized by srujanika@gmail.com

ଶୁଣିଣ ସେ ଅଷ୍ଟବସୁ କି କରିବୁ କହୁଁ
ଋଷି ବୋଇଲେ ଚୋରାଇ ଆଣ କାମଧେନୁ । ୭ ।
ଶୁଣି ଅଷ୍ଟବସୁ ଗାଈ ଚୋରିକରି ଆଣି
ଦ୍ୟୁମନୁ ପର୍ବତେ ବାନ୍ଧି ଗଣ୍ଡା ଏକ ହାଣି । ୮ ।
ଗଣ୍ଡା ମାଂସ ଦୁଗ୍ଧ ହରଷରେ ଖାଉଛନ୍ତି
ଗାଈ ଲୋଡ଼ି ପ୍ରବେଶିଲେ ବଶିଷ୍ଠ ମହର୍ଷି । ୯ ।
ଗାଈର ବନ୍ଧନ ଋଷି ଫେଡ଼ନ୍ତେ ଶ୍ରୀକରେ
ଉମାବସୁ ବଶିଷ୍ଠଙ୍କୁ ପରଶୁ ପ୍ରହାରେ । ୧୦ ।
ଶାପ ଦେଲେ ଋଷି ତୁହି ଅଶ୍ୱ ହୁଅ ବାଇ
ଅନିଳ ବସୁ ମାରନ୍ତେ ଶାପିଲେକ ତାହି । ୧୧ ।
ଅନ୍ଧ ହୋଇ ଏହି ପରବତେ ଥାଅ ବୋଲେ
ପ୍ରିୟବଶୁ ମାରୁ ତାକୁ ଶାପରେ ଜାଳିଲେ । ୧୨ ।

XXX

ଅନିଳ ବସୁ ଅଜ ଯୁଧିଷ୍ଠୀ ଦେଖି ତର
ପ୍ରିୟବସୁ ପୁରୋଚନ ଅଗ୍ନିହ ହମିର ।
ସର୍ବ ଋଷି ଗର୍ଭେ ପଞ୍ଚବସୁ ଜନ୍ମିଥିଲେ ।
ବଶିଷ୍ଠ ଶାପ୍ୟ ଫେଡ଼ିଣ ମୁକତି ଲଭିଲେ ।
ପୂର୍ବେ ଗଙ୍ଗା ବାଲ୍ୟକାଳେ ପ୍ରାଣେ ମାରିଥିଲେ ।
ଜତୁଗୃହ ଦାହ କବି ମୁସ୍ତକିମ ବୋଲେ ।
ଆଦ୍ୟ ପର୍ବ ଭାରତରେ ଅଛଇଟି ଭାଇ
ସାରଳା ଦାସ କୃତିରେ ଚିନ୍ତା ହେବ ଦହି ॥

॥ ମର୍ତ୍ତ୍ୟକୁ ସୁଧର୍ମା ସଭା ଆସିବାର ॥

XXX

ଗଣ୍ଡା ଭ୍ରମରେ କପିଳା, ଗୋମାତା ପାର୍ଥ ବଧିଲା
ଯାଇ ଯୁଧୀଷ୍ଠିର କତି ସର୍ବ ବୃତାନ୍ତ କହିଲା
ତହୁଁ କୃଷ୍ଣ ସ୍ମରନ୍ତେ ଆସିଲେଟି ନନ୍ଦବଳା
କୃଷ୍ଣଙ୍କୁ ମିଳିଲେ ସର୍ବ ବୃନ୍ଦାର୍କେ ହେ ।୩ । ।

Digitized by srujanika@gmail.com

।। କର୍ଣ୍ଣ ମହିମା ବର୍ଣନ ।।

ମନ କହେ ଚୈତନ୍ୟ, କର୍ଣ୍ଣସୁନା ପ୍ରାପ୍ତ ଏମନ୍ତ ଜାଣ ହେ । ପଦ ।
ଜତୁ ଘରେ ପଞ୍ଚପାଣ୍ଡବ କୁଇନ୍ତ ହେଲେ ବୋଲି ଦହନ
ଧୃତରାଷ୍ଟ୍ର ସୁତ ଦୁର୍ଯ୍ୟୋଧନ ନୃପ ହେଲେ
ପିତାଙ୍କର ଆଜ୍ଞାରେ ଜାଣ ହେ । ୧ ।

X X X

ସେ ଦିନରୁ ଶତେ ଭାର ପୃଥ୍ୱୀ ନିତ୍ୟେ
କର୍ଣ୍ଣ ବୀରକୁ ଯେ ଦେଲେ କାଞ୍ଚନ
ସେ କନକ ଦାନ, ନିତି କରେ କର୍ଣ୍ଣ,
ବେଳ ସାତଘଡ଼ିଯାଏ ସଂପୂର୍ଣ୍ଣ ହେ । ୫ ।
ରାଜାଦି ସୈନ୍ୟଙ୍କୁ ନିଜ ଭଣ୍ଡାରକୁ ଦେଇ
ଲକ୍ଷ ଭାର ଅନ୍ୟରେ ଦାନ ମୁସ୍ତକିମ କହି,
ଆଦ୍ୟ ପର୍ବେ ଛଇ, ଶହେ ଅଠାନବେ ପୃଷ୍ଠାରେ ଜାଣ ହେ । ୬ ।

।। ଦ୍ରୌପଦୀ କେତୁକା ଅବତାର ।।

ଶୁଣ ବିବେକୀ ଚିତ୍ତ କରିଣ ସ୍ଥିର, ବୃତ୍ତ ସଭା ନାମରେ ପ୍ରଳୟ ସାର
ସର୍ପ ବିରାଳ ଚକ୍ର, ତାର ମସ୍ତକେ ଯୋଗନିଦ୍ରା ଅଲେଖ । ୧ ।
ନିଦ୍ରା ତେଜି ଚାହିଁଲେ ନାହିଁ ସଂସାର, କେବଳ ଜଳେ ପୂରିଛି ତିନିପୁର
ମୁଦ୍ଧାନେତ୍ରେ ଅନାଦି, ଅନାନ୍ତେ ପଞ୍ଚଦଶ ବ୍ରହ୍ମା ହୁଅନ୍ତି । ୨ ।
ଅନାଦି ସଂଗେ ଆଦିଶକ୍ତି ଯେ ଥିଲେ, ସେ ପଞ୍ଚଦଶ ବ୍ରହ୍ମାଣ୍ଡକୁ ଦେଖିଲେ
କାମେ ଆରତ ହୋଇ, କଟାଳିଲେ ବ୍ରହ୍ମା ଏ ମିଥ୍ୟା ନୁହଇ । ୩ ।

X X X

ଆଦି କହିଲେ ଆଗୋ କେତୁକା ତୁହି, ବ୍ରହ୍ମାକୁ ମାରି ଭକ୍ଷ ପୁଣି ନେଇ
ତହୁଁ କେତୁକା ଧାଏଁ, ଶତେ ସସ୍ର ବରଷରେ ମାରେ ବ୍ରହ୍ମାଏ । ୫ ।
ଚଉଦ ସସ୍ର ବରଷେ ଚଉଦ ବ୍ରହ୍ମା, ମାରିଲା ଆଦିସୁତା କେତୁକା ନାମା
କ୍ଷୁଦ୍ର ବ୍ରହ୍ମା ପଳାଇ, କେତୁକା ଭୟେ ଡାକେ ଭୋ ବିଷ୍ଣୁ ତ୍ରାହି । ୬ ।
ନିରାକାର ଶରଣ କ୍ଷୁଦ୍ର କହିଲେ, ଅନନ୍ତ ଶୟନରୁ ବିଷ୍ଣୁ ଚାହିଁଲେ

X X X

Digitized by srujanika@gmail.com

ତୁରେ କେତୁକା ଆଶ୍ରା କରି ଧାଇଁଛୁ, ଦ୍ୱାପର ଯୁଗେ ତୁହି ଯାକୁ ଭକ୍ଷିବୁ
ହେବୁ ଏ ଦୁଃଶାସନ, ତୋ ପତି ଭୀମ କରେ ହେବ ନିଧନ । ୧୦ ।
ଦ୍ରେପଦୀ କେତୁକାର ମିମାଂଶା ଭାଇ, କହିଲି ତୁମ୍ଭ ଆଗେ ମୁସ୍ତକି ଫେଇ
ଏହି କାଳେ କେସିନୀ, ଉଗ୍ରତାରା ନାମରେ ଆଦି ନନ୍ଦିନୀ । ୧୧ ।

X X X

ସଚି ଯାଇ ଆକାଶ ଜାହ୍ନବୀରେ ଲୁଚି
ଇନ୍ଦ୍ର ହତ ଜାଣି ରୋଦୁଁ ଶଙ୍କର ପାର୍ବତୀ ।
ସେ ପଥେ ଭେଟିଲେ ହର ଉମା ଦେଲେ ବର
ସଚିପତି ପତି ଉଚ୍ଚାରିଲେ ପାଞ୍ଚ ଥର ।
ଅସ୍ତୁ ଅସ୍ତୁ ପାଞ୍ଚଥର କହିଲେ ଧୂର୍ଜଟୀ
ଆଗୋ ସୁଲକ୍ଷଣୀ ପ୍ରାପ୍ତ ହୁଅ ପଞ୍ଚପତି ।
ସଚି କହିଲେ ବିଟପୀ କଲ ବରେ ହର
ଶମ୍ଭୁ କହି ପଞ୍ଚ ଆତ୍ମା ଅଛଇ ଇନ୍ଦ୍ରର ।
ଧର୍ମ ଆତ୍ମାରୁ ଯୁଧିଷ୍ଠୀ ପବନରୁ ଭୀମ
ଶୂନ୍ୟାତ୍ମାରୁ ପାର୍ଥ ତିନି କୁନ୍ତୀରୁ ଉତ୍ପନ୍ନ ।
ଅଶ୍ୱିନୀ ଆତ୍ମାରୁ ଯେ ନକୁଳ ଜାତ ଜାଣ
କୁମାର ଆତ୍ମାରେ ସହଦେବ ସତ୍ୟ ମଣ ।
ତୁହି ସଚି ସେ ସମୟେ ଦ୍ରୌପଦୀ ହୋଇବୁ
ଦ୍ରୁପଦ ପାଳିବେ ଏ ପାଞ୍ଚଙ୍କୁ ବିଭା ହେବୁ ।

X X X

।। ସହଦେବ ଉପାଖ୍ୟାନ ।।

ବିବେକୀ ହେ, ବିବେକୀ ହେ ଶୁଣ ଉତ୍ତର ଶ୍ରୁତି ଟେକି । ପଦ ।
ଯୁଧିଷ୍ଠୀ ଭୀମ ଅର୍ଜୁନ, ନକୁଳ କୁନ୍ତି ସଙ୍ଗେଣ
ଥିଲେ ଧୃତରାଷ୍ଟ୍ର ପୁରେ ହସ୍ତିନାରେଟି । ୧।
ଏକାଳେ ପାଣ୍ଡୁ ଯେ ମାଦ୍ରୀ, ଶୃଙ୍ଗାର ରସରେ ମାତି
ଅକାଳ ଶରରେ ପ୍ରାଣ ହରାଇଲେଟି । ୨ ।
ପଣ୍ଡୁ ବୀର୍ଯ୍ୟ ମାଦ୍ରୀ ରଜ, ହେଲା ଏକଇ ତନୁଜ
କ୍ଷୀର ବିହୁନେ ବାଳକ ପ୍ରାଣ ଗଳାଟି । ୩ ।

Digitized by srujanika@gmail.com

ଦିବାକର ତାହା ଚାହିଁ, ଅଶ୍ୱିନୀ କୁମାରେ କହି
ସମ୍ଭାଳ ବାଳୁତ ପିତାମାତା ହିନଟି । ୪ ।
ଅଶ୍ୱିନୀ କୁମାର ଗଲା, ମୃତ ତନୟ ଦେଖିଲା
ନିଜ ଅର୍ଦ୍ଧ ଆତ୍ମା ଦେଇ ଜିଆଇଲାଟି । ୫ ।

XXX

।। ଦ୍ରୌପଦୀର ଛପନକୋଟି ବସ୍ତ୍ର ପ୍ରାପ୍ତି ।।

ମନ କହଇ ଚଇତନ୍ୟ ଶୁଣ ସୁମନରେ
ତ୍ରେତାଯୁଗର କାହାଣୀ କହୁଅଛି ସନ୍ନିଧାନରେ । ପଦ ।
ଦ୍ରୌପଦୀ ଏକ ବାଳା, ପାର୍ବତୀ ରୂପରେ ଥିଲା
ହିମାଳୟ ଗିରି ତଳେ, ମାଳତୀ ନଦୀର ତଳେ
ତାକୁ ଇଚ୍ଛା କରି ହର ସେବୁଥାନ୍ତି ନିରନ୍ତର
ଆଦିଗାଭୀ ସ୍ତ୍ରୀ ରୂପରେ ବିଜଏ ଜଳଯାନରେ । ୧ ।
ଅନାଦିଙ୍କ ପଞ୍ଚ ଆତ୍ମ, ପଞ୍ଚଷଣ୍ଡ ରୂପେ ଛଦ୍ମ
ବେଶେ ପଛେ ଗୋଡ଼ାଇଲେ, ଦେଖି ହର ହାସ୍ୟ କଲେ
ମାତା ପଞ୍ଚପତି ଦେଖି ପାର୍ବତୀ ତାକୁ ନିନ୍ଦିଲେ
ମାତା ଶାପିଲେ ତୋ ପଞ୍ଚ ଉର୍ଷାରେ ଯିବ ଦିନରେ । ୨ ।
ଶାପ ଶୁଣି ଏକ ବଳା, ଯୋଗ ଧ୍ୟାନରେ ବସିଲା
ପାଟଳ ବସନ ପଞ୍ଚାବନ କୋଟି ଶାଢ଼ୀ ଥିଲା
ତାକୁ ପାତି ତହିଁ ବସି ଯୋଗଳୟ ଅଭ୍ୟାସିଲା
ଏକାଳେ ଶନି ନିମନ୍ତେ କନ୍ୟା ଲୋଡ଼ା ପଡ଼ିଣ ରେ । ୩ ।

X X X

ପଞ୍ଚାନନ ନେତ୍ରାନଳେ ନାରୀଏ ଦଗ୍ଧ ହୋଇଲେ
ଦେବୀ ପଞ୍ଚାବନ କୋଟି ପାଟଳ ବସ୍ତ୍ର ଆଣିଲେ
ନ ପଡ଼ିବ ଶନି ଦୃଷ୍ଟି ଏକବର୍ଣ୍ଣ ବସନରେ । ୫ ।
ଶୁଣି ସୂର୍ଯ୍ୟ ତୋଷ ବହି ଏକବଳାକୁ କହଇ
ବସନ ଦିଅ ଗୋ ମାତା ଶୁଣି ଏକବଳା କହି
କାର୍ଯ୍ୟ କାଳେ ଦେବ ମୋତେ, କୋଟିଏ ତହିଁ ମିଶାଇ
ହଉ ବୋଲି ନେଲେ ତାହା ଆନନ୍ଦରେ ତପନରେ । ୬ ।

Digitized by srujanika@gmail.com

ଦ୍ରୌପଦୀ ବିବାସ କାଳେ, ସ୍ମରନ୍ତେ ସୂର୍ଯ୍ୟ ତା' ଦେଲେ
କୌରବ ସଭାରେ ଦୂଶା କାଢ଼ି ନ ସରିଲା ହେଲେ
ମୁସ୍ତକିମ କବି ବୋଲେ ଅଙ୍ଗ ଜଡ଼ିତ ଦୁକୁଳେ
ପ୍ରତେ ଯଦି ନ ମଣିଲେ ଆଦ୍ୟପର୍ବ ଦେଖ ନରେ । ୭ ।

।। ମୁଖ ଓ ବେଦ ନିର୍ଣ୍ଣୟ ।।

ଶୁଣ ଶୁଣ ଶୁଣ ଭାଇ ପଚାରିଲୁ ଯାହା
ତୋ ଆଗେ ନିର୍ଣ୍ଣୟ କରି କହି ଦେବି ତାହା । ପଦ ।
ସ୍ୱର୍ଗ ତଳେ ମର୍ତ୍ତ୍ୟ, ମର୍ତ୍ତ୍ୟ ତଳରେ ପାତାଳ
ତା' ତଳେ ଭୂତଳ ତଥି ତଳେ ରସାତଳ ।।
ତା' ତଳେ ଅତିତଳ ଯେ ମଧ୍ୟମ ବିତଳ
ମଧ୍ୟମ ବିତଳ ତଳେ ନିରାକାର ସ୍ଥଳ ।।
ତା' ତଳେ ଅଛି ନିଷ୍ଠ ତାଳ ଏ କପିଳାସ
ସଦା ହରଉମା ତହିଁ ରଜନୀ ଦିବସ ।।
ତା' ତଳରେ ରହିଅଛି ଭୂବନ ସୌନିଧି
ନାରାୟଣଙ୍କ ଆସନ ସେଠାରେ ପ୍ରସିଦ୍ଧି ।।
ତହିଁର ତଳେ ଅନ୍ତ ବୈକୁଣ୍ଠ ଅଛଇ

X X X

ସେ ବିଷ୍ଣୁଙ୍କ ନାଭୀ କମଳରୁ ପଦ୍ମଟିଏ
ବ୍ରହ୍ମ ମଣ୍ଡଳରେ ଫୁଟି ପୁଷ୍ପ ଶୋଭାପାଏ ।।
ସେ ପଦ୍ମରେ ବେଦବର ବାସ ଅଟେ ଭାଇ
ତେଣୁକରି ପଦ୍ମଯୋନି ନାମ ସେ ବୋଲାଇ ।।
ସେ ବ୍ରହ୍ମାର ଚାରିମୁଖ ଚତୁର୍ଦ୍ଦିଗେ ଛାଇ
ଉତ୍ତର ମୁଖରେ ସାମ ବ୍ରହ୍ମ ବେଦ କହି ।।
ଦକ୍ଷିଣେ ଯଜୁ ପଶ୍ଚିମ ମୁଖେ ରକବେଦ
ପୂର୍ବ ମୁଖେ ଉଚ୍ଚାରଇ ଦେବ ଅଥରବ ।।
ଏଣୁ ବେଦବର ନାମ ବୋଲାଇଲା ଧାତା
କବି ମୁସ୍ତକିମ ଭାଷେ ଶୁଣିଲୁ ବାରତା ।।

Digitized by srujanika@gmail.com

।। ନନ୍ଦୀ ଘୋଷେ ମୁଣ୍ଡ ସ୍ଥାପନ ।।

ମନ କହେ ଚଇତନ ଶୁଣ ସ୍ଥିର ହୋଇ
ଯାହା ପଚାରିଲୁ ତାହା କହିବା ବୁଝାଇ ।
ନନ୍ଦିଘୋଷ ରଥେ ବିଜେ ସର୍ବ ଦେବଗଣ
ସାରଥୀ ହୋଇଲେ କୃଷ୍ଣ ରଥି ଅରଜୁନ ।।
ଯୁଦ୍ଧସ୍ଥାନେ ପ୍ରବେଶିଲେ କୌରବ ପାଣ୍ଡବ
ଏ ଅନ୍ତେ ଯାହା ହେଲା ଶୁଣି ମନୁ ତେଜ କ୍ଷୋଭ ।।
କଉଶିକ ବନେ ବସୁ ଆସୁ ଅବତାର
କିରାତେ ସେନ ଜରା ଏ ତନୁଜ ପିଅର ।।
ପ୍ରବେଶିଲେ ବେନି ଦଳ ମଧ୍ୟେ ବେନି ଜଣ

x x\x

କିରାତ ସେନ କହଇ ରଣେ ଇଚ୍ଛା କରି
ଆସିଥିଲି ନାସ୍ତିକଲେ ବେନି ଦଣ୍ଡଧାରୀ ।।
କିରାତ କହଇ ରଣ ଦେଖିବା ବିଚାରି
ଆସିଥିଲି ତୁମ୍ଭେ ଦୟାକରି ରଖ ହରି ।।
କୃଷ୍ଣ କହି ମାଗୁଣିଏ ଯେବେ ପାରୁ ଦେଇ
ତୋର ମନୋବାଂଛା ସିଦ୍ଧି କରିବଇଁ ମୁହିଁ ।।
ଶୁଣି ଦେବା ସତ୍ୟ କଲା ସେ କିରାତ ସେନ
ଯା ମାଗିବ ସତ୍ୟ ସତ୍ୟ ଦେବି ଜନାର୍ଦ୍ଦନ ।।
କୃଷ୍ଣ ବୋଇଲେ ତୋ ଶିର କାଟି ମୋତେ ଦିଅ
ସତ୍ୟବନ୍ତା କିରାତ ବୋଇଲା ଛେଦି ନିଅ ।।
ଆନନ୍ଦରେ ହରି ଚକେ କାଟିଲେ ତା' ମୁଣ୍ଡ
କାଟିବା କାଳେ କହିଲା କିରାତ ପାଷଣ୍ଡ ।।

x x x

ସେ ମୁଣ୍ଡ ରହିଲା ସଦା ନନ୍ଦୀଘୋଷ ରଥେ
ଭୀଷ୍ମ ପର୍ବ ଫେଡ଼ି ଦେଖ ନ ମଣିଲେ ପ୍ରତେ ।
ପୂର୍ବଜନ୍ମରେ କିରାତ ଜରା ବେନି ଜନ
ବାଳି ଅଙ୍ଗଦ ଅଟନ୍ତି କହେ ମୁସ୍ତକିମ ।।

Digitized by srujanika@gmail.com

।। ଭୀଷ୍ମ ଶରଶଯ୍ୟା ।।

ଶୁଣ ଶୁଣ ଉତ୍ତର ଶ୍ରୁତି ପଥରେ
ସୋମବଂଶ ଶାୟନ୍ତନୁ ନାଶେ ନୃପ ରୂପେ ଭାନୁ
କୂଟେ ପ୍ରୀତି କଲେ ସେ ଗଂଗା ସଂଗରେ । ୧ ।
ଈଶ୍ୱରଙ୍କୁ ନ ଦେଖିଲେ, ମେରୁ କ୍ରୋଟେ ଗଂଗା ଥିଲେ
ଭୂପ ରମଣୀ କଲା ମାଗିଣ ବର । ୨ ।
ଗଙ୍ଗା ସତ୍ୟ କରିଥିଲେ, ଗାଙ୍ଗୀ ବୋଲିବୁ ଯେ କାଳେ
ତୋତେ ତେଜି ମୁଁ ଯିବି ନୃପ ଶେଖର ।
ଭୂପ ଭୃତ୍ୟ ପ୍ରାୟ ନିତି, ଜାହ୍ନବୀଙ୍କୁ ଥାଏ ସେବି
ଗଙ୍ଗା ଜାତ କରି ନାଶନ୍ତି କୁମର ।
ସପ୍ତପୁତ୍ର ନାଶ କଲେ XXX
XXX

ମରୁ ବା ଜୀଉଁ ଯେ ଇଚ୍ଛା, ବୋଲିଣ ଚଳନ୍ତେ ମାତା
ତେଣୁ ଇଚ୍ଛା ମରଣ ଯେ ଭୀଷ୍ମଙ୍କର
ଶାୟନ୍ତନୁ ଦେଖି ଧରୁ ଶାପିଲେ ଜାହ୍ନବୀ ଭିରୁ
ସତ୍ୟ ସୁକୃତ ନାଶ କଲୁ ତୋହର ।
ଏଣୁ ଏହି ସୁତସୁତ ହସ୍ତେ ହେବ ଶିରଛେଦ
ଭୟେ ଛାଡ଼ିଲେ ଶାନ୍ତନୁ ନୃପବର
XXX

ପୁଣି ଅମ୍ବା ଭୀଷ୍ମକତି ଯାଇ କଲାକ ମିନତି
କୋପେ ଝିଙ୍ଗାସିଲେ ଗଙ୍ଗା କୁମର ।
ନାସ୍ତି କରୁ ପର୍ଶୁରାମ, ଅମ୍ବା ନିମନ୍ତେ ସଂଗ୍ରାମ
କଲେ ଶତେ ବତ୍ସର ଭୀଷ୍ମ ସଙ୍ଗର ।
ପର୍ଶୁରାମ ଗଲେ ହାରି କୋପରେ ଅମ୍ବା ସୁନ୍ଦରୀ
ରଣ କରିବା ପାଇଁ ଭୀଷ୍ମ ସଂଗର ।
ଭୀଷ୍ମଙ୍କୁ ଜିଣିବା ପାଇଁ, ପ୍ରୟାଗରେ ଝାସ ଦେଇ

Digitized by srujanika@gmail.com

ପ୍ରାଣ ହାରି ଜନ୍ମିଲା ପୁଣ ମର୍ତ୍ତ୍ୟର ।
ଦ୍ରୁପଦ ରାଜା କୁମର, ହେଲା ଶିଖଣ୍ଡି ନାମର
ଯୁଦ୍ଧେ ସାରଥୀ ହୋଇଲା XXX

।। ଅର୍ଜୁନ ପୂର୍ବଜନ୍ମ ।।

ଜ୍ଞାନୀ ଶୁଣ ଧିରେ ନିଳବାସୀ ଶ୍ରୁତି
ଅର୍ଜୁନ ପୂର୍ବ ଜନ୍ମକୁ ସଂକ୍ଷେପରେ କହୁଅଛି । ପଦ ।
ସତ୍ୟଯୁଗେ ତ୍ବଷ୍ଟା ଋଷି ଇନ୍ଦ୍ର ବିବାଦରେ ପଶି
ଦଧି ଋଷି ଅଙ୍ଗ କବଚ କରିଣ ହେଉଁ ତୋଷି । ୧ ।
ସେ କବଚ ଭୂତ ଋଷି, ବଧିଲେ ହୋଇଣ ତୋଷି
କବଚ ତହୁଁ ରଖିଲେ ହୀରଣ୍ୟ ଗର୍ଭେ ସମୃଦ୍ଧି ।
X X X
ତାହାର ନନ୍ଦନ ଚାରି ହିଡ଼ମ୍ବ ବକା କୁମ୍ଭିରୀ
କିନ୍ନରୀ ଏ ଚାରି ମଧ୍ୟେ ହିଡ଼ିମ୍ବିକା ଦୁହିତାଟି ।
ହିଡ଼ମ୍ବା ସୁତ ନିର୍ବାତ, କବଚ ନାମରେ ଜାତ
ହୀରଣ୍ୟ ଗର୍ଭରେ ବାସ ଏ ବାଣୀ ଯାଅ ପ୍ରତିତି ।।
ଇନ୍ଦ୍ର ପୁଛି ଏହା ନାଶ, ବୃହସ୍ପତି ଭାଷେ ଇନ୍ଦ୍ର
ବ୍ରହ୍ମା ବିଷ୍ଣୁ ସିଂହ ଇନ୍ଦ୍ର ହେବେ ଯଦି ଏକ ମୂର୍ତ୍ତି
ଇନ୍ଦ୍ର ପୁଛେ କେବେ ହେବ, ଗୁରୁ ବୋଇଲେ ବାସବ
ଏ ଚାରି ଅଂଶୁ ଅର୍ଜୁନ ଜନ୍ମିଛି ନର ଆକୃତି ।
X X X
ହର ଦେଖି କୋପ କଲେ, ନୃତ୍ୟକାରୀ ପରୀ ତୁଲେ
ଶିରପରେ ମୁଣ୍ଡ ରଖୁ ବୋଲି ମୋଡ଼ିଲେ ତ୍ରିନେତ୍ର ।
ସେହି ମୁଣ୍ଡ ଛିଣ୍ଡିଗଲା, ରୁଦ୍ର କରରେ ଲାଗିଲା
ସେ ରୁକ୍ତ ବ୍ରହ୍ମ ରାକ୍ଷସ ଜନ୍ମିଣ ବ୍ରହ୍ମାଙ୍କୁ ଘୋଟି ।।
ଜାତ ହୋଇ ଖାଇବାକୁ, ମାଗିବାରୁଟି ବ୍ରହ୍ମାଙ୍କୁ
ହରକୁ, ଖାଅ ବୋଇଲେ ରାକ୍ଷସକୁ ବେଦମୁଖୀ ।।
ରାକ୍ଷସ ପଛେ ଧାଇଁଲା, ଭୟେ ହର ପଳାଇଲା

Digitized by srujanika@gmail.com

ବିଷ୍ଣୁ ସନ୍ନିଧେ ବୋଇଲା ରଖ ହେ ରାକ୍ଷସ ନାଶି ॥
ଚକ୍ର ଧରନ୍ତୁ ନିରାକାର, ରାକ୍ଷସ ଭାଷେ ନ ମାର
ହର କରେ ବ୍ରହ୍ମାମୁଣ୍ଡ ତାକୁ ଦିଅ ଭକ୍ଷିବି ॥

X X X

ବିଷ୍ଣୁ ନିଜ ରକ୍ତ କଲେ, ବ୍ରହ୍ମା ମୁଣ୍ଡରେ ଭରିଲେ
ଶିବ ବିଭୂତି ପୂରାଇ ପୁରୁଷେ ନିର୍ମାଣ ଧାତି
ପ୍ରସନ୍ତ ତା' ନାମ ଗୋଟି, ତ୍ରେତାରେ ସୁଗ୍ରୀ ନାମଟି
ଦ୍ୱାପରେ ଅର୍ଜୁନ ଇନ୍ଦ୍ରଦେବ ବୀର୍ଯ୍ୟ ଉତପତି ।
ସେ ଅର୍ଜୁନ ରଣେ ହତ, ହେଲା ନିର୍ବାତ କବଚ
କିରିଟକୁ କୂଟ ପାଇ ନାମ ବହିଲା କିରିଟୀ
କବି ମୁସ୍ତକିମ କହି ଅର୍ଜୁନ ବୃତ୍ତାନ୍ତ ଏହି
ମୁସ୍ତ ନାମ ବଳି ଏବେ କର୍ଣ୍ଣ ଅଟେ ପ୍ରତ୍ୟକ୍ଷଟି ॥

॥ ବୃହନ୍ନାରୀ କାରଣ ॥

ତୁ ହେ ଉତ୍ତର ବସି ଶୁଣୁଥା, ନୁହଇ ମିଥ୍ୟା ॥ ପଦ ॥
ବଜ୍ର କବଚକୁ, ନାଶ ପାଇଁ ଗଲେ ପଣ୍ଡୁ ଶିଷ୍ୟ
ଅସୁର ନାଶନ୍ତେ ଦେବେ ମନରୁ ତେଜିଲେ ଚିନ୍ତା ।
କିରିଟ ମୁକୁଟ ଇନ୍ଦ୍ର ବାନ୍ଧିଲେ ପାର୍ଥ ଲଲାଟ
ଅପକ୍ଷରୀ କରେ ନାଟ ସଙ୍ଗେ ସକଳ ବିହନ୍ତା ।
ଅର୍ଜୁନ ରୂପ ଉର୍ବଶୀ ଚାହିଁ କାମେ ହେଲା ଧ୍ୱଂଶି
ପାର୍ଥେ କହୁଁ ନାସ୍ତି କଲା ତୁମ୍ଭେ ଅଟ ବୋଲି ମାତା ।
କୋପେ ଶାପିଲା ଉର୍ବଶୀ ନପୁଂସକ ହୁଅ ତୁସି
ପାର୍ଥ କ୍ଷମା ମାଗିବାରୁ ସମ୍ବୋଧିଲା ସେ ବନୀତା ।
ଗୁପ୍ତ ବନବାସ ହେବ ବିରାଟ ଦେଶେ ରହିବ
ସେକାଳେ ଶାପ୍ୟ ଫଳିବ ବୃହନ୍ନାରୀ ନାମ ହେବ ।
ତୋ ରୂପରେ ମୁହିଁଥିବି XXX
XXX

Digitized by srujanika@gmail.com

॥ ସିଂହ ଶୁକ୍ଳ ଚଉଠିରେ ଚନ୍ଦ୍ର ଅଶୁଦ୍ଧ ॥

ଶୁଣ ବିବୁଧେ ଚିତ୍ତ କରିଣ ସ୍ଥିର,
ପ୍ରକାଶୁ ଅଛି ପ୍ରଶ୍ନକୁ ଉତ୍ତର ଯେ
ଶାସ୍ତ୍ରାନୁସାରେ, ଥିଲା ଯା' ଭାରତର ବନପର୍ବରେ ଯେ । ୧ ।
ପାଞ୍ଚକିର୍ତ୍ତୀ ନାମରେ ଅର୍କ ଦୁହିତୀ,
ଚନ୍ଦ୍ରଭାଗାରେ ଥିଲା ସେ ମନ୍ଦମତୀ ହେ
ଦିନେଟି ଅଜ, ସ୍ନାନ ପାଇଁ ଗଲେ ଚନ୍ଦ୍ରଭାଗା ତୀର୍ଥ ହେ । ୨ ।
ପାଞ୍ଚକିର୍ତ୍ତୀ କାମାର୍ତ୍ତେ ଧଇଲା କୋଲେ,
ଆନନ୍ଦେ ରମି ବ୍ରହ୍ମା ବାହାରି ଗଲେ ହେ
ତା' ଗର୍ଭୁ ସୁତେ, ବ୍ରହ୍ମ ରାକ୍ଷସ ନାମେ ଖ୍ୟାତ ଜଗତେ ହେ । ୩ ।
ଶରତ ପୂର୍ଣ୍ଣିମାର ଚନ୍ଦ୍ରେ ବେଢ଼ିଲା,
ଦେଖି ଭୟରେ ଚନ୍ଦ୍ର ସ୍ୱର୍ଗେ ଲୁଚିଲା ହେ
ଇନ୍ଦ୍ର ଅଗ୍ରତେ, ରହିଲା ସପ୍ତମାସ ଗଲାଣି ଦୁଃଖେ ହେ । ୪ ।

X X X

ତଦୁତ୍ତାରୁ ନହୁଷ ଇନ୍ଦ୍ର ହୋଇଲେ,
ଅଷ୍ଟବକ୍ର ଶାପରେ ସର୍ପ ହୋଇଲେ ହେ
ସେଠାରୁ ଦେବେ, ପ୍ରବେଶ ପଦ୍ମବନେ ଇନ୍ଦ୍ର ସମୀପେ ହେ । ୭ ।
ଇନ୍ଦ୍ରଙ୍କୁ ବ୍ରହ୍ମା କହି ତୋ ଦୋଷ ନାହିଁ,
ଚନ୍ଦ୍ରଙ୍କୁ ଲାଗୁ ହତ୍ୟା ମଲା ତା' ପାଇଁ ହେ
ଶୁଣିଣ ଚନ୍ଦ୍ର, ପ୍ରଭାସ ତୀର୍ଥେ ଗଲେ ଚିନ୍ତି ଗୋବିନ୍ଦ ହେ । ୮ ।
ଚନ୍ଦ୍ର ବିହୂନେ ପୃଥ୍ୱୀ ଅନ୍ଧାର ଦେଖି,
ପୁଣି ଦେବେ ଗମିଲେ ଶଶି କତିକି ଯେ
ଶୁଣ ହେ ଶଶି, ହେଲା ଯେ ଦିନ ବ୍ରହ୍ମ ରାକ୍ଷସ ନାଶି ହେ । ୯ ।

X X X

॥ ରାଧା ଆଗ କୃଷ୍ଣ ପଛେ ॥

ଉତ୍ତର ଶ୍ରୁତି ପଥରେ, ଶୁଣଟି ଥରେ ହେ । ପଦ ।
ବାମ ଅଙ୍ଗ ସ୍ତିରୀ ରୂପ , ଦକ୍ଷିଣ ଅଙ୍ଗ ପୁରୁଷ
ହୋଇଥିଲେ ହୃଷିକେଶ ପ୍ରଳୟ ପରେ ହେ । ୧ ।

Digitized by srujanika@gmail.com

ପ୍ରଥମରେ ଆଦିଶକ୍ତି, ନିରାକାରରୁ ଉତ୍ପତ୍ତି
ବ୍ରହ୍ମାହର ବିଷ୍ଣୁ ଆଦିମାତା କୁମରେ ହେ । ୨ ।
ତେଣୁ ସ୍ତିରୀ ନାମ ଆଗ, ଉଚ୍ଚାରନ୍ତି ମହାଭାଗ
ରାଧାକୃଷ୍ଣ, ସୀତାରାମ ଏହି ରୂପରେ ହେ । ୩ ।
xxx

।। ମନ ଓ ପ୍ରକୃତି ।।

ମନ ପ୍ରକୃତି ନାମ ଶୁଣ ସୁଜନ, ପଚିଶ ପ୍ରକୃତିଙ୍କ ଯାହା ବିଧାନ
ତାହା କହୁଛି
xxx
ସୁମନ ତୁଲେ ଟାହି ହିଂସା ଠାପୁଆ, ତହରା ଢମ ଏହି ପାଞ୍ଚଟି ସାହା
ନଶା ଅମନ ତଳେ, ଥେଣ୍ଡ ତର୍କ ଦାରୁଣ ନିର୍ଜର ହେଲେ । ୩ ।
ଧର୍ମ ନାଶ ଏ ପଞ୍ଚ ମିଳି ପଚିଶ, ମୁସ୍ତକି କହେ ବେଦ ମଧ୍ୟରେ
ମନୁ ସଂଶୟ ଯିବ, ଦେଖ ଶିବ ପୁରାଣ ଦ୍ୱାରକା କୃତ । ୪ ।

।। ଆୟୁ ବୃଦ୍ଧି ।।

x x x

ଶାଲ୍ମକୀ ଲିମ୍ବ ଏ ବାର ବାର ବର୍ଷେ ସିଦ୍ଧ
ବାରବର୍ଷ ପରେ ତାକୁ ଭଂଜେ ତପି ଈଶ ।।
ପଳାସ କଚ୍ଛ ପନ୍ଦର ବାଇଶ ନିଶ୍ଚୟ
ମହାଲିମ୍ବ ନବବର୍ଷ ଶାସ୍ତ୍ରରେ ନିର୍ଣୟ ।
ସାହାଡ଼ା କଳପ ତେର ମାସେ ସିଦ୍ଧ ହୋଇ
ମୁସ୍ତକିମ କହେ ଶିବ ପୁରାଣେ ଅଛଇ ।।
ଦ୍ୱିତୀୟ ଖଣ୍ଡ ଦ୍ୱାରକା ଦାସ କୃତେ ଦେଖ
ଲୋଡ଼ିଲେ ଶହେ ଅଠର ପୃଷ୍ଠାରେ ମିଳିବ ।।

।। ସ୍ୱପ୍ନ ସୁନ୍ଦରୀ ଜନମ ।।

ଶୁଣ ସୁଜ୍ଞଜନେ ସ୍ୱପ୍ନ ସୁନ୍ଦରୀ ଜନମ
ସାବିତ୍ରୀ ଗର୍ଭେ ବ୍ରହ୍ମା ବୀର୍ଯ୍ୟରୁ ଉତ୍ପନ୍ନ ।।

Digitized by srujanika@gmail.com

ବିଶ୍ୱମ୍ଭର ନାମ ବେଦବିଦ୍ୟାରେ ଅଗ୍ରଣୀ
ବୈକୁଣ୍ଠେ ଗଲା ଦର୍ଶନ ଇଛି ଚକ୍ରପାଣି ॥
ଜୟ ବିଜୟ ଦୁଆରୀ ଦ୍ୱାର ନିରୋଧିଲେ
ଯେତେ ହୋଇଲେ ବିନୀତ ମାତ୍ର ନ ଘେନିଲେ ॥
ତହୁଁ ବିଶ୍ୱମ୍ଭର ଚିତ୍ତ ଦୁଃଖେ ବାହୁଡ଼ିଲେ
ମେରୁ ପଶ୍ଚିମ ସ୍ୱର୍ଗରେ ଦୃଢ଼େ ତପ କଲେ ॥
ରମ୍ଭାର ନନ୍ଦିନୀ ଦୁଇ ସୁରୂପା, ସୁରୁଚି
ଏ ଦୁହିଁଙ୍କୁ ଚାହିଁଣ ଭାଷିଲା ସଚିପତି ॥
ବିଶ୍ୱମ୍ଭର ତପ ଭାଙ୍ଗ ଶୁଣିଣ ସେ ଗଲେ
ଲୁଚକାଳି ଖେଳି ଋଷି ତପ ନଷ୍ଟ କଲେ ॥
ଧ୍ୟାନ ଭାଙ୍ଗୁ କୋପେ ଶାପ ଦେଲେ ବିଶ୍ୱମ୍ଭର
ସ୍ୱପ୍ନ ସୁନ୍ଦରୀ ହୋଇଣ ଭ୍ରମ ଜଗତର ॥

X X X

॥ ଧ୍ରୁବ ପୂର୍ବଜନ୍ମ ॥

ବ୍ରହ୍ମାସୁତ ବିଶ୍ୱମ୍ଭର ଦିନେ ହେ ବିଜ୍ଞଜନେ
ବିଷ୍ଣୁ ଦର୍ଶନକୁ ଗଲା ହରଷିତ ମନେ ହେ, ବିଜ୍ଞଜନେ ।
ବୈକୁଣ୍ଠ ଦ୍ୱାରରେ ହେଲେ ଜୟ ବିଜୟ ଏକାଳେ
ପଥ ନିରୋଧିଲେ ଖଡ଼୍ଗ ହସ୍ତେ ଦ୍ୱାରିଗଣେ ହେ । ୧ ।
ଅପମାନେ ବିଶ୍ୱମ୍ଭର, ଯାଇ ମେରୁ ପଶ୍ଚିମର
ଅସ୍ତି ଶହ ଇନ୍ଦ୍ରୀୟ ପୋଡ଼ିଲେ ବିଷ୍ଣୁ ଧ୍ୟାନେ ହେ । ୨ ।
ବିଷ୍ଣୁ ତା' ତପେ ପ୍ରସନ୍ନ, ହୋଇ କଲେ ବରଦାନ
ଉତ୍ତାନପାଦ ଭୂପ ଗୃହେ ଲଭ ଜନମ ହେ । ୩ ।
ସୁନୀତି ଗର୍ଭେ ଜନ୍ମିଲା, ଧ୍ରୁବ ନାମ ବୋଲାଇଲା
ସତ୍ୟ ଲୋକେ ଖ୍ୟାତି ହେଲା ଚତୁର୍ଦ୍ଦଶ ଭୁବନ ହେ । ୪ ।
ମୁସ୍ତକିମ କହେ ଶିବ, ପୁରାଣେ ଲୋଡ଼ ବୈଷ୍ଣବ
ଦ୍ୱିତୀୟ ଖଣ୍ଡ ଦ୍ୱାରକା କୃତେ ଦେଖ ବହନ ହେ । ୫ ।

Digitized by srujanika@gmail.com

।। ପିଙ୍ଗଳା ଉପାଖ୍ୟାନ ।।

ଉତ୍ତର ଶୁଣ ଚିତ୍ତ ଫେଇ ହେ, ନୁହଁ ବାଇ ।।
ପିଙ୍ଗଳା ଜନ୍ମ ବୃତ୍ତାନ୍ତ କହୁଅଛି ଏ ସଭାର ।। ପଦ ।।
ନେପାଳ ଦେଶରେ ଭାଇ, ସ୍ୱୟମ୍ଭୁ ମୁନି ଥିଲଇ
ତପ କଲା ନେପାଳ ଗଙ୍ଗା କୂଳେ
ସାତ ବରଷ ସେ ଯୋଗ, ଆସନ କରି ନିଯୋଗ
ଆହାର ମୈଥୁନ ନିଦ୍ରା ତେଜ୍ୟା କଲା ଦୂରେ । ୧ ।

X X X

ଅମରରୁ ଅପକ୍ଷରୀ ଆସିଥିଲେ ସ୍ନାନ କରି
ମୁନିଙ୍କୁ ଧରିଲେ ଯତ୍ନରେ । ୨ ।
କୂଳକୁ ଆସୁ ସେ ଋଷି, ହୃଦପଦ୍ମେ ଚେତା ବସି
ବେଶ୍ୟା ସହ ଗମିଲେ ସ୍ୱର୍ଗରେ
କିଛି ଦିନ ରହିଲେ ସେ ନାକ ନଗରେ ହରଷେ
ମୃତ୍ୟୁ କାଳ ଆସିଲା ଖରେ ହେ । ୩ ।।
ମୃତ୍ୟୁକାଳ ମୁନି ଜାଣି, ବେଶ୍ୟା ଏକ ଦେଖି ପୁଣି
ନିଜ ପ୍ରାଣ ତା' ପିଣ୍ଡେ ସମ୍ଭାଇ
ଗ୍ରାମ ଅବନ୍ତୀ ନଗରେ ସୁରସେନ ଘରେ
ଜନ୍ମ ଋଷି ରମଣି ରୂପରେ
ସେ ନଗ୍ରର ବିଦ୍ୟାଧର ସାହୁ ତାକୁ ବରିଲା ଆଦର
ପିତା ତାକୁ ବିଭା କରାଇଣ
ତଦ ଅନ୍ତେ ଜାତ ସୁତ, କିଛି କାଳ ଗଲାରୁ ତ
ଷଡ଼ପତ୍ନୀ କଳି ଆରମ୍ଭିଲେ
କଳି ସହି ନ ପାରିଣ, ବେଶ୍ୟା ରୁଷିଲା ପୁରେଣ
ସାଧୁ ନାରୀ ଲୁଚିଲା ଗୁପ୍ତରେ
ସ୍ନେହେ ରଖିଲା ସୁଶୀଳା ପିଙ୍ଗଳା ନାମକୁ
ସୁଶୀଳା ମଲା କାଳ ପରେ । ୩ ।
ସୁଶୀଳାର ଗୃହଧନ, ପିଙ୍ଗଳା ରହିଲା ଜାଣ
ସଦାକାଳେ ବେଶ୍ୟାବୃତ୍ତି କରେ
ବିଦ୍ୟାଧର ସାହୁ ସୁତ, ପିଙ୍ଗଳାର ଗର୍ଭୁଜାତ

Digitized by srujanika@gmail.com

ବତିଶ ବରଷ ବୟସରେ

X X X

ପଛେ ସଙ୍ଗ ସଖାଗଣ, କହୁଁ ସର୍ବ ନିବାରଣ
ଲଜ୍ଜ୍ୟାରେ ନଗଲା ବେଶ୍ୟା ପୁରେ
କବି ମୁସ୍ତକିମ କହି, ଶିବ ପୁରାଣେ ଅଛଇ
ଅଠାବନ ପୃଷ୍ଠା ଲୋଡ଼ ଖରେ
ଦ୍ୱିତୀୟ ଖଣ୍ଡ ଦ୍ୱାରକା ଦାସ କୃତେ ଅଛି ଠିକ
ନସଂଶୟେ ଲୋଡ଼ ଏଥିରେ ।

।। ଗୁଣ୍ଡିଚା ବିବରଣ ।।

ହେ ପଣ୍ଡିତେ ଶୁଦ୍ଧ ଚିତ୍ତେ ଶୁଣ ଦିବ୍ୟରସ
ଯାହା ଜାଣିଥିଲି ତାହା କରୁଛି ପ୍ରକାଶ ।
ଦ୍ୱାପର ଅନ୍ତେ ଶ୍ରୀକୃଷ୍ଣ ପ୍ରାଣ ହରାଇଲେ
ପାଣ୍ଡବେ ନେଇ-ସେ ମଡ଼ା ଅନଳେ ଦହିଲେ ।
କର ଚରଣାଦି ଭାଇ ପୋଡ଼ି ହେଲା ଖାର
ପିଣ୍ଡ ନ ପୋଡ଼ିଲା ଯେତେ ପୋଡ଼ିଲେ ଅଗ୍ନିର ।।
ସେ ପିଣ୍ଡେ ନିରେ ନିକ୍ଷେପିଲେ ହେ ପଣ୍ଡିତେ
ବରୁଣ ସେ ପିଣ୍ଡ ପୂଜୁଥିଲା ତୋଷ ଚିତ୍ତେ ।।
ଇନ୍ଦ୍ରଦ୍ୟୁମ୍ନ ବିଷ୍ଣୁ ତୋଷି ବର ଲାଭ କଲା
ଦାରୁ ରୂପରେ ସେ ପିଣ୍ଡ ବାଙ୍କିରୁ ଆଣିଲା ।।
କ୍ଷେତ୍ରର ବାହାରେ ଇନ୍ଦ୍ରଦ୍ୟୁମ୍ନ ଥିଲା ରହି
ସେଠାରେ ସେ ପିଣ୍ଡଟି ପ୍ରବେଶ ହେଉଁ ଯାଇ ।।
ଆକାଶୁ ଶୁଭିଲା ଦାରୁ କର ଏଠି ପଞ୍ଚା
ଏଥି ଘର ତୋଳ ପ୍ରଭୁ କରିବେ ଗୁଣ୍ଡିଚା ।
ବାଲି ନବରେ ରଖିଲେ ଦାରୁକୁ ହରଷେ
ଗୁଣ୍ଡିଚା ରାଣୀ ଯେ ଅର୍ଘ୍ୟ ଦେଲେ ଅତି ତୋଷେ ।
ସେଠାରୁ ନେଇଣ ନଣା ଦେଉଳେ ରଖିଲେ
ସ୍ଥାନଟିର ନାମଟି ଗୁଣ୍ଡିଚା ନଗ୍ର ଦେଲେ ।
କବି ମୁସ୍ତକିମ କହେ ଦ୍ୱିତୀୟ ଖଣ୍ଡରେ

Digitized by srujanika@gmail.com

ଦାସ ଦୁଆରିକା କୃତ ଶୈବ ପୁରାଣରେ ।
ପୂର୍ବ ଗୋପପୁର ଏବେ ଗୁଣ୍ଡିଚା ନବର
ଶାସ୍ତ୍ରେ ଲୋଡ଼ି କହିଲିଟି ପଣ୍ଡିତ ପ୍ରବର ॥

॥ ଚାରି ଧାମ ଚାରି ଆସନ ॥

ନାଶାଗ୍ର, ଶୂନ୍ୟ, ପାଳି, ବାଲି ଏ ଚାରି
ଏ ଚାରିଧାମ ନାମଶାସ୍ତ୍ରେ ଉଚ୍ଚରି ଯେ ।
କୁମ୍ଭକ ରଚକ ଏହି ଆସନ ବେନି
ବେନି ଡୋଳା ଚକ୍ଷୁ ମଧ୍ୟ ଆସନେ ଘେନି ଯେ ।
ନୟନ ବୁଜି ଧ୍ୟାନେ ବାଲି ଆସନ
ଏ ଚାରି ଆଖଡ଼ା ଧ୍ୟାନ ସ୍ଥାନ ଜାଣ ଯେ ।
ଆଦ୍ୟ ଆସନରେ ଆଦ୍ୟ ପ୍ରହରେ ଲଏ
କଲେ ଶୁକଳ ବିଷ୍ଣୁ ପ୍ରାପତ ହୋଏ ଯେ ।
ଦ୍ୱିତୀୟ ଆସନରେ ଦୁଇ ପ୍ରହରେ
ଶ୍ୟାମ ମୂରତି ହୁଏ ଦର୍ଶନ ଖରେ ଯେ ।
ତୃତୀୟ ଆସନରେ ତିନିରେ ଲୟ
କଲେ ଲୋହିତ ବିଷ୍ଣୁ ପାଇବୁ ଥୟ ଯେ ।
ଚାରି ଆସନେ ଚାରି ପ୍ରହରେ ସେବ
କୃଷ୍ଣବର୍ଣ୍ଣ ଶ୍ରୀକୃଷ୍ଣ ନିଷ୍ଫେ ଲଭିବ ।
ପ୍ରଥମ ପହରେ ପୌଣ୍ଡ୍ରିକ ଶ୍ରୀହରି
ଦୁଯେ ବାଲ୍ୟ ଅବସ୍ଥା ତ୍ରିରେ କିଶୋରୀ ।
ଚତୁର୍ଥେ ବୃଦ୍ଧାବସ୍ଥା ମୁସ୍ତକି କହି
ନିତି ଚାରିବତାର ଶ୍ରୀକୃଷ୍ଣ ହୋଇ ଯେ ।

॥ ଗଣେଶ ଜନ୍ମ ॥

ବାଇମନ ବସି ଶୁଣୁଥା, ଏ ଟି ପୁରାଣ କଥା । ପଦ ।
ଗୌରୀ ଏକ ଦିନେ, ପତି ପଞ୍ଚାନନେ,
ସୁତେକ ମାଗିଲେ ନୁହଇ ମିଥ୍ୟା
ପଣନ୍ତ ଗୁଡ଼ାଇ, ହସି ଶୂଳସାଇଁ,

Digitized by srujanika@gmail.com

ନିଅ ପୁଅ ବୋଲି ଦେଲେ କୋଲେ ତା'
ଜଗତ ମାତା, ଫିଙ୍ଗିଦେଲେ ରାଗେ ଶଇଳସୁତା । ୧ ।
ପଡ଼ିଲା ତଳରେ, ପଡ଼ି ଧାତିକାରେ,
କୁଆଁ କୁଆଁ କାନ୍ଦେ XXX ଯଥା
ଦେଖିଣ ଶାକମ୍ଭରୀ, କୁମରକୁ ଧରି,
ଆନନ୍ଦରେ କ୍ଷୀର ଦେଲେଟି ମାତା
ହର କୋଲେ ଦେଇତା ହର୍ଷିତା,
ମନ ପୂର୍ଣ୍ଣ କଲ ଭୋ ପଞ୍ଚମଥା । ୨ ।
ହର ବେନିକରେ ଧରୁ ସେ କୁମରେ,
ବେନିଖଣ୍ଡେ ପଡ଼ି ଭୂମିର ତେତା
ପାର୍ବତୀ ତା' ଦେଖି, କାନ୍ଦୁ ହୋଇ ଦୁଃଖୀ,
ଯୋଡ଼ୁ ଗଣ୍ଡିମୁଣ୍ଡ ଡମ୍ବରୁହସ୍ତା
ଯୋଡ଼ି ନୋହୁ ତା', ହେଲେ କୋପିତା,
ଏକାଳେ ଶୂନ୍ୟରୁ ଶୁଭିଲା କଥା । ୩ ।
ଉତ୍ତର ମୁଖରେ ଶୋଇବା ଜୀବରେ,
କାଟି ଆଣି ଯୋଡ଼ ତାହାର ମଥା
ଶୁଣି ଶୂଳସାଇଁ, ନନ୍ଦୀକୁ ପଠାଇ,
ଲୋଡ଼େ ନନ୍ଦି ଯାଇ ହରଷରେ ତା'
ଅଇରାବ୍ରତା, କାଟିଣ ମଥା,
ଆଣି ଦେଉଁ ତୋଷ ହେଲେ ତ୍ରିନେତା । ୪ ।
ସେ ମୁଣ୍ଡ ଯୋଡ଼ିଲେ ଜାଣି ଏହି କାଳେ,
ମିଳିଲେ କୈଳାଶେ ସର୍ବ ଦେବତା
ତୀର୍ଥ ନିରେ ସ୍ନାନ କରାଇ ବହନ,
ଅଗ୍ରପୂଜ୍ୟ ବର ଦେଲେ ବିଧାତା
ଯପାମାଳିଟା ଧରତୀମାତା,
ବାହନ ନିମନ୍ତେ ଦେଲେ ମୂଷିକା । ୫ ।
ଯଜ୍ଞ ସୂତ୍ର ତହିଁ ବୃହସ୍ପତି ଦେଇ,
ଦେଲେ ଲେଖି ସରସ୍ୱତୀ ମାତା
ଅମୃତ ଲଡୁକୁ ତୋଷେ ଦେଲେ ବିଷ୍ଣୁ,

Digitized by srujanika@gmail.com

ଉତରୀ ବାସ ଦେଲେ ଲକ୍ଷ୍ମୀ ମାତା ।
ତ୍ରିନେତା ପିତା, ବ୍ୟାଘ୍ର ଚର୍ମଟା
ପଦ୍ମାବତୀ ପଦ୍ମେ କଲେ ଶୋଭିତା । ୬ ।
ପାଶାସ୍ତ୍ର ବରୁଣ, ଗଳାରେ ପବନ
ମନ୍ଦାର ହାରରେ କରି ଶୋଭିତା
ଅଙ୍କୁଶକୁ ଇନ୍ଦ୍ର, ଦେଲେ ହୋଇ ସାନ୍ଦ୍ର,
ଚିରାୟୁ କଲେଟି ଶଇଳ ସୁତା
ମୁସ୍ତକି ବକ୍ତା, ଖଣ୍ଡା ଚତୁର୍ଥା,
ଶିବ ପୁରାଣରେ ଅଛି ଏ କଥା । ୮ ।

।। ଇନ୍ଦ୍ର ଐରାବତ ।।

ଐରାବତ ମୁଣ୍ଡ କାଟି ଆଣିଲାକ ନନ୍ଦୀ
ଗଣେଷ କାନ୍ଧରେ ତା' ଈଶ୍ୱର ଦେଲେ ଖଞ୍ଜି ।
ରୋଦି ଜଣାଇଲା ସୁନାଶିର ହର ପାଶେ
ଐରାବତ ବଞ୍ଚାଇଣ ଦିଅ ଶିବ ତୋଷେ
ଈଶ୍ୱର ବୋଇଲେ ଗଣ୍ଡିଟିକି ନେଇଯାଅ
ସିନ୍ଧୁର ଗଭୀର ନିରେ ଏହା ଫିଙ୍ଗିଦିଅ ।
ଯେ କାଳରେ ପୁଣ ହେବ ସାଗର ମନ୍ଥନ
ସେ କାଳରେ ସେ ଗଜକୁ ଲଭିବ ଆପଣ ।।
ଶୁଣି ସୁରପତି ତୁନି ହୋଇ ଗଲେ ପୁରେ
ମୁସ୍ତକି କହେ ପରତେ ନୋହିଲେ ମନରେ ।
ଶିବ ପୁରାଣ ଚତୁର୍ଥ ଖଣ୍ଡ ଦେଖ ଫେଇ
ଚିନ୍ତାମଣି କୃତ ଚଉଦ ପୃଷ୍ଠାରେ ଅଛଇ ।।

।। ଗଣେଷ ଜନ୍ମ ।।

ଶୁଣ ଆହେ ସଭାଜନେ ଏକମନ ହୋଇ
ଗଣେଷଙ୍କର ଜନମ କହୁଛି ବୁଝାଇ ।।
ତପ କରି ଯାଇଥିଲେ ଦେବ ତ୍ରିପୁରାରୀ
ଜୟା ବିଜୟା ସଖିଙ୍କ ତୁଲେ ଥିଲେ ଗୌରୀ ।।

Digitized by srujanika@gmail.com

ଜୟା ବିଜୟା କହିଲେ ଶୁଣିମା ଭବାନୀ
ହର ତପେ ଗଲେ ଗୃହେ ଆମ୍ଭେ ନାରୀ ବେନି ॥
ଦ୍ୱାରେ ଦ୍ୱାରୀ ସୁବିଶ୍ୱାସୀ ନ ଥିଲେ ଗୋ ସଖୀ
ନିର୍ଭୟରେ ଥିବ ଗୋ କେମନ୍ତେ ହୋଇ ସୁଖୀ ॥
ଶୁଣି ଗଉରୀ କାଦୁଅ ପିଣ୍ଡୁଲାଏ କଲେ
ସଂଜୀବନୀ ଅମୃତରେ ଜୀବନ୍ୟାସ ଦେଲେ ॥
କୁମରେ ହୋଇଲା ତାକୁ କୋଲେ ଦେବୀ ଧରି
ବୋଇଲେ କୁମର ତୁ ଥା ଦୁଆର ଆବୋରି ।
ବଳେ ଯେ ପଶିବ ତାକୁ ପଶି ତୁ ନ ଦେବୁ
ଆକଟ କରିଣ ଶୁଣ ଦ୍ୱାର ଜଗିଥିବୁ ।
ବାଳ ଦ୍ୱାରେ ରହିଲା ଏ କାଳେ ବିଜେ ହର
ଦ୍ୱାର ନିରୋଧିଲା ସୁତ ଦେଖି ଦିଗମ୍ବର ।
ପ୍ରଥମ ଗଣକୁ ପଠିଆଇଣ ସେ ଦେଲେ
ତାକୁ ନାଶିଲା ବାଳକ ହେଲା ଯୁଦ୍ଧେ ହେଲେ ।
ଦେବଙ୍କୁ ସ୍ମରଣ କଲେ ଦେବ ଦେବ ହର
ବାଳକ ରଣେ ହାରିଲେ ସକଳ ଅମର ।
ବିଷ୍ଣୁ କୂଟଚକ୍ର ପାତି କୂଟ ଭିଆଇଲେ
ଈଶ୍ୱର ଶିର କାଟିଲେ ବାଳକର କାଳେ ।
ଶୁଣି ଶିବା ଶକ୍ତି ଜାତ କଲେ
ସେ ଶକତି ଦେବୀ ଦେବଗଣଙ୍କୁ ଭକ୍ଷିଲେ ।
ଏହା ଦେଖି ବ୍ରହ୍ମା ବିଷ୍ଣୁ ହର ଦେବ ତୁଲେ
ସ୍ତୁତି ପଢ଼ି ଦେବଗଣ କୋପ ଶାନ୍ତ କଲେ ।
ଗଣନାଥ ଜିଆଁଇବା ବିଚାରିଲେ ମିଳି
ଉତ୍ତର ମୁଖେ ଶୋଇବା କାଟି ଆଣ ମୌଳି ।
ଲୋଡ଼ିଲେ ରଣଭୂମିରେ ନ ପାଇଲେ ମୌଳି
ବିଷ୍ଣୁଏ କହିଲେ ବ୍ରହ୍ମା ହୋଇଣ ବିହ୍ୱଳି ।
ଧ୍ୟାନେ ଜାଣିଲେ ଅଦ୍‌ଭୁତେ ଅସୁରେ ଅଇଲା ।
ବାଳକର ମୁଣ୍ଡଟିକୁ କ୍ଷୁଧାରେ ଖାଇଲା ।
ଶୁଣି ଦେବଗଣେ ଲୋଡ଼ି ବୁଲିଲେ ରେ ଭାଇ

Digitized by srujanika@gmail.com

ଏକଦନ୍ତ ଗଜମୁଣ୍ଡ କାଟି ଆଣ ବହି ।
ଦେଲେ ବ୍ରହ୍ମା ବିଷ୍ଣୁ ହର ଯହିଁ ମିଳିଥିଲେ
ସେ ବାଳକ କନ୍ଧେ ବିଷ୍ଣୁ ମୁଣ୍ଡକୁ ଖଂଜିଲେ ।
ବ୍ରହ୍ମା ସଂଜିବନୀ ମନ୍ତ୍ର କଲେ ଉଚ୍ଚାରଣ
ଅମୃତ ଆଣି ସିଂଚିଲେ ଦେବ ମଘବାନ ।
ତହୁଁ ପ୍ରାଣ ପାଇ ସେ ବାଳକ ଉଠିଲାଇ ଭାଇ
ଗଣେଷ ଜନମ କବି ମୁସ୍ତକିମ କହି ।

।। ନନ୍ଦୀ, ଭୃଂଗି, ମାତ ଜନ୍ମ ।।

ଶୁଣ ଜନେ ତୋଷ ମନେ ଉତ୍ତରଟି ଭାଇ
ଜାୟା ଦାସୀ ପାର୍ବତୀଙ୍କ କୈଳାସରେ ଥାଇ ।
ହର ଉମା ଭାବଭଙ୍ଗୀ ଦିନେ ଦେଖି ନେତ୍ରେ
ପଞ୍ଚଶର ବିକାର ଜନ୍ମିଲା ଜାୟା ଗାତ୍ରେ ।
ଜାଣି ଉମା ଅଭିଶାପ ଜାୟାକୁ ବିହିଲେ
ମର୍ତ୍ତ୍ୟେ ତୁ ମାନୁଷୀ ହୁଅ ବୋଲିଣ ବୋଇଲେ ।
ମୋର ଭାବ ଦେଖି ଯେଣୁ କାମେ ଭୋଳ ହେଲୁ
ରାଜସୁତା ହୋଇ ତର ଏ କାମ ଅନଳୁ ।
ଶୁଣି ଜାୟା କରଯୋଡ଼ି ମୋକ୍ଷ ମାଗିଲାଟି
କିଛି ଦିନେ ପୁଣି ଆସ ବୋଇଲେ ପାର୍ବତୀ ।
ଧର୍ମକେତୁ ରାଜାର ଗୃହରେ ହେଲା ଜାତ
ହରିଶ୍ଚନ୍ଦ୍ର ନୃପତୀର ହେଲେ ରାଣୀ ପାଟ ।
ସତ୍ୟବତୀ ନାମେ ଖ୍ୟାତ ଏ ମର୍ତ୍ତ୍ୟ ମଣ୍ଡଳେ
କବି ମୁସ୍ତକିମ ଦୋଷ ନ ଧରିବ ତିଳେ ।

।। ନନ୍ଦୀ, ଭୃକୁଟି ଜନ୍ମ ।।

ଉତ୍ତର ଶୁଣ ନଣା, ନଣା ହରଷ ହୋଇ
ଶିବ ପୁରାଣରୁ କହୁଛି ଫେଇ । ପଦ ।
ହରିଶ୍ଚନ୍ଦ୍ର ରାଜା ଯେ ପାଟ ଭାରିଯା,
ସତ୍ୟବତୀ ତାଙ୍କ ନାମ ଅଟଇ

Digitized by srujanika@gmail.com

ଅଟାଳି ଉପରେ ରାତ୍ରେ ଏକାନ୍ତରେ,
ଶୋଇଥିଲେ ଦେବୀ ଆନନ୍ଦ ହୋଇ
ପାର୍ବତୀ ସାଇଁ, ଦେଖିଣ ମୋହି
ହରିଷ୍ଚନ୍ଦ୍ର ରୂପେ ରମିଲେ ଯାଇ । ୧ ।
ରତି ସାରି ହର, କହିଲେକ ଗିର,
ନୁହେଁ ମୁଁ ରାଜନ ଅଟଇ ହର
ଯେ କାଳେ ତୁ ଜାୟା, ଥିଲୁ ଉମା ପ୍ରିୟା,
ସେକାଳୁ ମୋ ଅଙ୍ଗ ଇଚ୍ଛିଲୁ ତୁହି
ତେଣୁଟି ମୁହିଁ, ବାଂଛା ପୂରାଇ
ଯାଉଛି ନନ୍ଦନ ହୋଇବେ ଦୁଇଁ । ୨ ।
ଜାୟା ମାଗୁଁ ବର ବୋଇଲେକ ହର,
ଅନ୍ତବନେ ଯିବୁ ତୁ ଆମ୍ଭ ତହିଁ
ସେହି ଗର୍ଭୁ ଜାତ ହେଲେ ବେନି ସୁତ,
ଜ୍ୟେଷ୍ଠ ନନ୍ଦୀ, ସାନ ଭୃଙ୍ଗୀ ବୋଲାଇ
ନୃପତି ସାଇଁ, ହରସ ହୋଇ
ପାଳିଲେ ନନ୍ଦନ ମିଥ୍ୟା ନୁହଇ । ୩ ।
ବେନି ପୁଅଙ୍କର ଜଟ ମଥାପର,
ହେବାର ଦେଖି ହରିଷ୍ଚନ୍ଦ୍ର ସାଇଁ
ଋଷିଙ୍କୁ ଡକାଇ, ପୁଚ୍ଛା କରୁଁ ତହିଁ,
ଈଶ୍ୱର ନନ୍ଦନ ଋଷିଏ କହି
ସତ୍ୟାକୁ ରାଇ, ପୁଚ୍ଛି ନୃସାଇଁ
ଜାଣିଲେ ବୃତ୍ତାନ୍ତ ସତ୍ୟ ଅଟଇ । ୪ ।
ମାର୍କଣ୍ଡ ଜତି କହିଲେ ନୃପତି
କୁମର ସହିତେ ରାଣୀକୁ ନେଇ
ନାଶୀ କ୍ଷେତ୍ରେ ନେଇ, ହର ପାଶେ ଦେଇ
ଆସ ଶୁଣି ରାଜା ହରଷ ହୋଇ
କଲାଟି ତାହି, ମୁସ୍ତକି କହି
ଚତୁର୍ଥ ଶିବ ପୁରାଣେ ଅଛଇ । ୫ ।

Digitized by srujanika@gmail.com

।। କାର୍ତ୍ତିକ ଜନ୍ମ ।।

ଦକ୍ଷ ଯଜ୍ଞକାଳେ, ହରେ ନ ବରିଲେ, ଅପୁତ୍ରୀ ସନ୍ନ୍ୟାସୀ ବୋଲି
ପତି ନିନ୍ଦା ଶୁଣି, ମହେଶ ଘରଣୀ, ଯଜ୍ଞାନଳେ ଡେଇଁ କରି
ମାହେଶ୍ୱରୀ, ଗଲେ ଯହୁଁ ପ୍ରାଣ ହାରି
ସେ ଦିନରୁ ହର, ରହି ଏକାନ୍ତର, ତପେ ଚିତ୍ତ ମଗ୍ନ କରି । ୧ ।
ପୁଣ ସେ ପାର୍ବତୀ, ହିମାଳୟ ପତ୍ନୀ, ମେନକା ଗର୍ଭରେ ଯାଇ
ପ୍ରଥମରେ ଗଙ୍ଗା, ରୂପେ ଜନ୍ମି ମାତା, ଆକାଶେ ଗଲା ପଳାଇ
ଆର ଗର୍ଭେ, ଉମା ରୂପେ ଜନ୍ମ ହୋଇ
ହରଙ୍କୁ ନାରଦ, କହନ୍ତେ ସମ୍ବାଦ, ବିଭା ହେଲେ ଶୂଳସାଇଁ । ୨ ।
ହିମାଳୟ ଶିରେ, ବସିଲେ ତପରେ, ପାର୍ବତୀ ସେବିଲେ ତହିଁ
ତାରକା ଅସୁର, ସ୍ୱର୍ଗ କରୁ ଯୁର, ଇନ୍ଦ୍ରେ ବୃହସ୍ପତି କହି
ଶୂଳସାଇଁ, ସୁତେ ହତ ହେବ ଏହି
ଶୁଣି କନ୍ଦର୍ପକୁ ପେସିଲେ ସେଠାକୁ, ତପ ଭାଙ୍ଗିବାର ପାଇଁ । ୩ ।
କାମ ଶରେ ବାଇ, ହୋଇ ଶୂଳସାଇଁ, ଉମା ତୁଲେ ମାତିଲେଙ୍କି
କେତେ ବର୍ଷ ଗଲା, ବୀର୍ଯ୍ୟ ନ ଟଳିଲା, ବିପ୍ରକୁ ମଘବା କହି
ହରେ ଯାଇ, ଦେଖାଦିଅ ବେଗ ହୋଇ
ଶୁଣି ବିପ୍ରେ ଯାଇ ପ୍ରବେଶନ୍ତେ ତହିଁ, ଦେଖି ଉମା ଲଜ୍ୟାପାଇ । ୪ ।

ଉମା ଦେଲେ ଶାପ, ହିମାଳୟ ଶିଖ ପୁରୁଷ ଆଜରୁ କେହି
ନ ଆସିବେ ଏଥି, ଆସିଲେ ଯୁବତୀ ହେବେ ଶାପ୍ୟ ମିଥ୍ୟା ନୋହି
ପୁଂସ ତହିଁ ଗଲେ, ରମଣୀ ହୁଅଇ
ସେ ଲଜ୍ୟାରେ ବୀର୍ଯ୍ୟ, ହୋଇଲା ସ୍ଖଳିତ,
ପଡୁ ଟୋପି ଟୋପି ହୋଇ । ୫ ।
ଧରା ନ ସହିଲା, ଅଗ୍ନି ତା' ଧରିଲା, ଗଙ୍ଗାରେ ଫିଙ୍ଗିଲା ନେଇ
ଗଙ୍ଗା ନ ସହିଲେ, ତହୁଁ ଫିଙ୍ଗିଦେଲେ, ଶରବନେ ତାହା ଯାଇ
ସୁତେ ତହିଁ, ଜନମିଲା ବେଗ ହୋଇ
ଷଡ଼ମୁଖ ବେନିଭୁଜ ବେନି ପଦ କୃତିକା ପୟ ଖୁଆଇ । ୬ ।
ମୁସ୍ତକିମ କହେ କାର୍ତ୍ତିକ ନାଁ ଏହି ଜନମ କହିଲି ଭାଇ
ସଂକ୍ଷେପେ କହିଲି, ଗୀତବାନ୍ଧେ ଭାଳି, ତାରକା ନାଶିଲା ସେହି

Digitized by srujanika@gmail.com

ଦେଖ ତୁହି, ଶିବ ପୁରାଣେ ଅଛଇ
ଚତୁର୍ଥ ଖଣ୍ଡର ତେତିଶ ପୃଷ୍ଠାରେ ଚିନ୍ତାମଣି କୃତ ହୋଇ । ୭ ।

।। କର୍ଣ୍ଣ ମନ୍ତ୍ରି ପରେ ଗୁରୁର ପାପ ଯୟ ଉପାୟ ।।

ଗୁରୁ ମନ୍ତ୍ର ଦେଲେ ଶିଷ୍ୟ ମୁକତି ଲଭଇ
କରିଥିବା ପୂର୍ବପାପ ଗୁରୁ ତା' ଭୁଞ୍ଜଇ ।
ସେ ପାପର ପ୍ରାୟଶ୍ଚିତ ଗୁରୁ କରେ ଭାଇ
ନୋହିଲେ ନରକେ ପଡ଼େ ଶିଷ୍ୟ ପାପ ବହି ।
ହରିନାମ ମହାମନ୍ତ୍ର ଯଦି ଗୁରୁ ଜପେ
ନିୟମାନୁସାରେ ତେବେ ଯାଏ ସ୍ୱର୍ଗ ଲୋକେ ।
ବର୍ଷକ ଶିଷ୍ୟକୁ କର୍ଣ୍ଣ ମନ୍ତ୍ର ଦେଲେ ଗୁରୁ
ଶତେ ବାର ପ୍ରହରେ ଜପିବ ମନ୍ତ୍ର ଗୁରୁ ।
ଦିବସର ଶିଷ୍ୟେ ଦେଲେ ଦ୍ୱିପ୍ରହର ଯାଏ
ଚାରିଶତ ଯପ ଏହା ବେଦମାର୍ଗ କହେ ।
ତିନି ଦିନ ଶିଷ୍ୟ ଯୋଗୁଁ ଦିନେ କରି ଯପ
ତିନି ଦିନ ଶିଷ୍ୟ ଦଶଦିନ ଆଠଶତ ।
ଦଶବର୍ଷ ପାଇଁ ଷୋଳହଶତ ପଞ୍ଚଦିନ
ପଚିଶ ତ୍ରିଶତ ଷାଠି ହଜାର ବିଂଶଦିନ ।
ପଞ୍ଚତିରିଶକୁ ଯପ ଏକ ଲକ୍ଷ କଲେ
ତେବେ ଗୁରୁ ଅଙ୍ଗୁ ପାପ ତପ ଯାଏ ଭଲେ ।
ଚାଳିଶ ଷାଠି ସତୁରି ଅଶିରେ କୋବିକେ
ମନ୍ତ୍ର ଦେଲେ ଗୁରୁ ପାପ ନାଶ ନୁହେ ହାଦେ ।
ଛ' ମାସ ଶିଶୁ କର୍ଣ୍ଣରେ ଛ' ନାମ କହିବି
ବର୍ଷକ ବାଳକୁ ବାର ନାମ ଜାଣ ଠିକି ।
ଦି ବରଷକୁ ଚବିଶ ଗ୍ରନ୍ଥଟି ନିପୁଣ
ତିନି ଚାରି ପାଞ୍ଚ ପାଇଁ ଶତେ ଗ୍ରଂଥ ଜାଣ ।
ଦଶକୁ ଦଶ ହଜାର ଗ୍ରଂଥ ଅଟେ ଠିକ
ପଞ୍ଚ ବୟସକୁ ତିରିଶ ହଜାର ଗ୍ରନ୍ଥ ।
ପଞ୍ଚ ତିରିଶକୁ ଶହେ ଗ୍ରନ୍ଥ ନିରୂପଣ

Digitized by srujanika@gmail.com

ଶିବ ପୁରାଣୁ ଉତ୍ତର କହେ ମୁସ୍ତକିମ ।
ଦ୍ୱିତୀୟ ଖଣ୍ଡ ଦ୍ୱାରକା ଦାସ କୃତେ ଦେଖ
ଶତେ ପୃଷ୍ଠା ଅଙ୍କେ ଏହା ମିଳିବ ପ୍ରତ୍ୟକ୍ଷେ ।
ରକ ଯଜୁ ଶାମ ବେଦେ ଲୋଡ଼ିଲେ ରେ ଭାଇ
ମିଳିବ ନିଶ୍ଚୟ ଏଥି ସଂଶୟ ଯେ ନାହିଁ ।

।। ପଞ୍ଚବ୍ରହ୍ମ ବିଷୟ ।।

ଶୁଣଜ୍ଞାନୀ ବେଦବାକ୍ୟ ମନ କରି ସ୍ଥିର
ପଞ୍ଚବ୍ରହ୍ମ ଏହି XXX ହେତୁ କର ।
ସଦ୍ୟୋଜାତ ମନ୍ତ୍ର ଉର୍ଦ୍ଧ୍ୱମୁଖ ଇନ୍ଦ୍ରବର
ପୂର୍ବମୁଖ ମହାଦେବ ଦକ୍ଷିଣୁ ଅଘୋର ।।
ପଶ୍ଚିମରେ XXX ଗୁସ ଈଶାନ ଉତ୍ତର
ଏହି ପଞ୍ଚମୁଖ ଜାଣ ମନ୍ତ୍ର ମୂର୍ତ୍ତିଙ୍କର ।।
ମନ୍ତ୍ର ରୂପୀ ବେଦେ ଯାହା କହିଅଛି ଭାଇ
ଏହି ପଞ୍ଚ ବର୍ଣ୍ଣ ଠିକେ ବୁଝ ଚିତ୍ତ ଦେଇ ।।
ପ୍ରଥମେ 'ଅ'କାର ସ୍ୱର ତା' ପରେ 'ଉ' କାର
'ପ' ବର୍ଗର ଅନ୍ୟ ବର୍ଣ୍ଣ ବୁଝଟି 'ମ' କାର ।।
ଏଥିପରେ ବିନ୍ଦୁ ନଣା ବିନ୍ଦୁ ପରେ ନାଦ
ମନ୍ତ୍ରରୂପୀ ଏ ପଞ୍ଚବର୍ଣ୍ଣକୁ କହେ ବେଦ ।।
ଏହାର ଅପର ନାମ ଓଁକାର ଜାଣିବ
ଏ ଶରୀରେ ପଞ୍ଚବ୍ରହ୍ମ କହୁଛି ଶୁଣିବ ।।
ବାକ୍ୟ ଶାସ୍ତ୍ର ଶବ୍ଦ ଆକାଶ ପୁରୁଷ ହୋଇ
ଈଶାନ ବ୍ରହ୍ମ ନାମରେ ବିଦିତ ଅଟଇ ।।
ଚର୍ମ, ପାଣି, ସ୍ପର୍ଶ, ବାୟୁ, ପ୍ରକୃତି ପୁରୁଷ
ବ୍ରହ୍ମ ବୋଲି ବିଚାରିବ ସୁଜ୍ଞାନୀ ସୁଧୀର ।।
ଚକ୍ଷୁ, ପାଦ, ରୂପ, ତେଜ ଅହଂକାର ହୋଇ
ଅଘୋର ବ୍ରହ୍ମ ଅଥର୍ବ ବେଦେ କହି ।।
ଜିଭ୍ୟା ବାୟୁ ରସ ମଳ ବୁଦ୍ଧି ଏହି ପାଞ୍ଚ
ଐଶ୍ୱରୀ ବ୍ରହ୍ମ ନାମରେ ଅଟଇ ସୁସଞ୍ଚ ।।

Digitized by srujanika@gmail.com

ଗନ୍ଧ ଭୂମ ନାସିକା ଉପସ୍ଥ ପୁଣି ମନ
ସଦ୍ୟ ବ୍ରହ୍ମ ବୋଲିଣ ବୋଲନ୍ତି ଜ୍ଞାନିଜନ ॥
ମୁସ୍ତକିମ କହେ ପିଣ୍ଡେ ବ୍ରହ୍ମ ଗଲି କହି
ମିଥ୍ୟା ମଣିଲେ ଶିବ ପୁରାଣେ ଦେଖ ଯାଇ ॥

॥ କିଏ ଶ୍ରେଷ୍ଠ ॥

ଭୀଷଣ ନରକ ଅଟେ ଦେହ ଅଭିମାନ
ବାସନା କ୍ଷୟ ଅଟଇ ସରଗ ସୋପାନ । ୧ ।
ମୋକ୍ଷର ପ୍ରକୃତ ପଥ ହୃଦ ଆତ୍ମା ବୋଧ
ନରକ ଦୁଆର ନନା କାମିନୀ ଆସକ୍ତ । ୨ ।
ସ୍ୱର୍ଗ ବୋଲି ଜାଣିବ ଅହିଂସାକୁଟି କହି
ସମାଧିମଗ୍ନ ଯୋଗୀକୁ ନିଦ୍ରାସୁଖୀ କହି । ୩ ।
ଭଲମନ୍ଦକୁ ସଂସାରେ ଯେ କରେ ବିଚାର
ସେହିଟି ଅଟଇ ଜାଣ ସଦା ଉଜାଗର । ୪ ।
ପରମ ଶତ୍ରୁ ପ୍ରାଣୀର ଇନ୍ଦ୍ରିୟ ଅଟଇ
ମିତ୍ର ବୋଲି ଇନ୍ଦ୍ରିୟ ଦମନଟିକୁ କହି । ୫ ।
ବିଷୟ ଭୋଗ ମତିଟି ଅଟଇ ଦରିଦ୍ର
ସର୍ବଦା ଯେ ତୋଷ ସେଟି ଶ୍ରୀମନ୍ତ ପୁରୁଷ । ୬ ।
ଶୋକ ଦୁଃଖ ବିପଦ ମୋହରୁ ଯେହୁ ଦୂର
ସୁଖୀ ସଂସାରେ କେବଳ ଆନନ୍ଦ ଚିତ୍ତ କର । ୭ ।
ପୌରୁଷ ହୀନକୁ ଜୀବଜନ୍ତୁ ମନେ ଜାଣ
ନିରାଶାକୁ ଅମୃତ ବୋଲନ୍ତି ଜ୍ଞାନୀଜନ । ୮ ।
ସଂସାରେ ସାରଟି ଭାଇ ମମତାର ନାମ
ସୁନ୍ଦରୀ ରମଣୀ ସୁରା ନାମରେ ଗଣନ । ୯ ।
ଅନ୍ଧଠାରୁ ବଳି ଅନ୍ଧ କାମୀକୁଟି ଜାଣ
ଅପଯଶ ମୃତ୍ୟୁଠାରୁ ମୃତ ଥାଇ ପ୍ରାଣ । ୧୦ ।
ଅକପଟ ହୃଦୟ ଉତ୍ତମ ଶିଷ୍ୟ ଅଟେ
ଚିର ରୋଗ ଯେ ନରକ ନାମଟି ପ୍ରକଟେ । ୧୧ ।
ଚିର ରୋଗର ଔଷଧ ବିକ୍ରମ ତତ୍ତ୍ୱ

Digitized by srujanika@gmail.com

ଉତ୍ତମ ସ୍ୱଭାବ ଆଭରଣ ମଧ୍ୟେ ଶ୍ରେଷ୍ଠ । ୧୨ ।
ଏ ସଂସାରେ ତୀର୍ଥ ବୋଲି ମନକୁଟି ଜାଣ
ଗୁରୁ ଉପଦେଶ ସଦା କର୍ତ୍ତବ୍ୟ ଶ୍ରବଣ । ୧୩ ।
ବ୍ରହ୍ମ ଲାଭ ହୁଏ ସାଧୁ ସଙ୍ଗ କଲେ ନର
ସଂସାରର ଚିନ୍ତା ଅଟେ ପ୍ରାଣୀଙ୍କର ଜ୍ୱର । ୧୪ ।
ତତ୍ତ୍ୱ ଜ୍ଞାନ ଅବୁଝାଟି ସଂସାରେ ମୁରୁଖ
ନିତ୍ୟ କର୍ମ ହରିହର ପୂଜନ ଜାଣିବ । ୧୫ ।
ନିଷ୍ପାପୀକୁ ଜଗତରେ ସୁଖୀ ବୋଲି ଜାଣ
ପ୍ରକୃତ ବିଦ୍ୟାନ୍ତୀ ଯେହୁ ଜାଣେ ବ୍ରହ୍ମଜ୍ଞାନ । ୧୬ ।
ଭବ ତରିବାକୁ ଜାଣ ବୋଧ ବୋଲି କହି
ଆତ୍ମତତ୍ତ୍ୱ ଜ୍ଞାନ ଲାଭଠାରୁ ଜ୍ଞାନ ନାହିଁ । ୧୭ ।
ମନ୍ଦ ଜିଣିଲାକୁ କହି ଜଗତ ବିଜୟୀ
କାମକୁ ଜିଣିଲେ ତାକୁ ଶ୍ରେଷ୍ଠ ବୀର କହି । ୧୮ ।
ଯେ କାମିନୀ କଟାକ୍ଷରେ ନୁହଇ ମୋହିତ୍
ତାକୁ ବୋଲି ସର୍ବଦର୍ଶୀ ସୁଧି ଓ ପଣ୍ଡିତ । ୧୯ ।
କାଳକୂଟ ବିଷ ବୋଲି ବିଷୟକୁ ଜାଣ
ପର ଉପକାରୀ ଧନ୍ୟ ବିଚାରିବ ମନ । ୨୦ ।
ଜଗତରେ ପୂଜ୍ୟ ଅଟେ ତତ୍ୱଜ୍ଞ ପୁରୁଷ
ଅବିଦ୍ୟା ମୂଳ ଅଟଇ ଜଗତର ଭାସ । ୨୧ ।
ଅହଂକାର ତ୍ୟାଗ ଅଟେ ବ୍ରତ ମଧ୍ୟେ ସାର
ନାରୀକୁ ମିତ୍ର ନ ଜାଣେ ହେଲେ ବିଜ୍ଞନର । ୨୨ ।
ସହଜେ ନ ତେଜେ ଜୀବ XXX କୁ ଭାଇ
ବିଦ୍ୟାହିନ ନରକୁଟି ପଶୁ ବୋଲି କହି । ୨୩ ।
ମୃତ୍ୟୁ ବୋଲି କହି ପ୍ରାଣୀ ମୁକତି ଲଭିଲେ
ବଧିର ସୁହୃଦ ବଚନ ଯେ ନ ଶୁଣେ ଭଲେ । ୨୪ ।
ଉପଯୁକ୍ତ ଉତ୍ତର ନ ଦେବା ଜନ ମୂକ
ଅତ୍ୟୁତ୍ତମ ସୁଶୀଳତା ଗୁଣ ଜାଣ ଠିକ । ୨୫ ।
ଅଭୟ ପ୍ରଦାନ ଜାଣ ଦାନ ମଧ୍ୟେ ସାର
ସ୍ୱରୂପ ମୁକ୍ତି ଲଭିଲେ ଭୟ ନାହିଁ ତାର । ୨୬ ।

Digitized by srujanika@gmail.com

କୁବାସନା ଦସ୍ୟୁ ମଧ୍ୟେ ଅଟଇ ଗଣନ
ତତ୍ତ୍ୱବିଦ୍ୟା ହିତ କରେ ମାତାର ସମାନ । ୨୭ ।
ଶେଷ କଥା ଜଣା ନୁହେଁ ଅନନ୍ତ ନାଥଙ୍କ
ସଦଗୁରୁ ମିଳିବାର ଅଟଇ ଦୁର୍ଲଭ । ୨୮ ।
ମହିରେ ଦୁର୍ଜୟ ବୋଲି ଅନଙ୍ଗକୁ କହି
ଧର୍ମ ବେଦ ଜ୍ଞାନୀହୀନ ପଶୁକୁ ବୋଲାଇ । ୨୯ ।
ଦାରାସୁତ ବନ୍ଧୁ ଆଦି ଅରାତି ମହିରେ
ଧନପ୍ରାଣ ଚଞ୍ଚଳେ ବିଦ୍ୟୁକୁ ଜିଣିପାରେ । ୩୦ ।
ଅନିତ୍ୟ ଅଟଇ ଦିଶେ ଲୋଚନରେ ଯେତେ
ଆତ୍ମ ଚିନ୍ତନକୁଟି ନିତ୍ୟ ବୋଲି କହି । ୩୧ ।
ସଂସାରରେ ବନ୍ଧୁ ଧର୍ମ ଇହ ପରୁ ରଖେ
ବାଲୁତ ମୁସ୍ତକି ଏଣୁ ତେଣୁ ପଦ ଲେଖେ । ୩୨ ।

।। ଶରୀରେ ସପ୍ତ ଦୀପ ।।

ଶୁଣ ଜ୍ଞାନୀ ସପ୍ତ ଦୀପ ଶରୀରରେ ଯହିଁ
ନୟନରେ ସପ୍ତ ଦୀପ ଅଛଇଟି ଭାଇ । ୧ ।
ପ୍ରଥମେ ଅଲେଖ ଖଣ୍ଡ ସର୍ବ ଦୀପ ମୂଳ
ତା' ମଧ୍ୟେ ଅବ୍ୟକ୍ତ ଖଣ୍ଡ ଅଛି ସଦାକାଳ । ୨ ।
ତା' ମଧ୍ୟେ ଯା ନନ୍ଦ ଦୀପ ଅଛି ରହି
ନିରାଲମ୍ବ ଦୀପ ତଥି ମଧ୍ୟରେ ଅଛଇ । ୩ ।
ତା' ଭିତରେ ନିରାକାର ତା' ମଧ୍ୟେ ଅନନ୍ତ
ତା' ଭିତରେ ନିରଞ୍ଜନା ନାମେ ଅଛି ଦୀପ । ୪ ।
ନିରଞ୍ଜନ ଅଞ୍ଜନ ତା' ନାହିଁ ଜଳେ ସଦା
ଅଗ୍ନି ନାହିଁ ଜଳେ ବିନା ତଲ୍ୟେ ବୁଝ ଦଦା । ୫ ।
ସହସ୍ରଦଳ ପଦ୍ମ ତହିଁ ସୁଚିମୂନେ ବାଟ
ପଶିବ କେ ତହିଁ କାଳ ତହିଁର କବାଟ । ୬ ।
ଢ଼ାଙ୍କିଲେ ଲିଭଇ ପୁଣି ଜଳେ ଫେଇଦେଲେ
ବେନି ନାଶାପୁଡ଼ା ବାତ ଶିଂଶା ଝାଡ଼େ ହେଲେ । ୭ ।
କବି ମୁସ୍ତକିମ କହି ବାଲୁତ ଅଧମ
ଏଥିକି ତଗଇ ବୋଲି ପରାଣ ପବନ । ୮ ।

Digitized by srujanika@gmail.com

।। ମନର ଜନ୍ମ ।।

ତୁମ୍ଭେ ଶୁଣିବ ହେଲେ ଶୁଣ ହେ ମନର ଜନମ ।
ଅନାମ ନାମେ ପୁରୁଷେ, ମେରୁଶୃଙ୍ଗେ ଶିଖେ ବସେ
ମେରୁର ଝିଅ ତିନି ମାତମ. ବିଭା ହେଲା ଜାଣ ହେ । ୧ ।
ବସିଲା ଶୁଭନ ବେଦି ଉପରେ, ଶୁଭନ ପଣ୍ଡା ବିଭା କରେ
ଶୂନ୍ୟ ମାଏଝିମାନେ ମଙ୍ଗଳ ଧ୍ୱନି କଲେ ଟାନ ହେ । ୨ ।
ଅନାହତ ପୁର କେ ଗଲେ, ମଧୂଶଯ୍ୟା ତହିଁ କଲେ
ଦୁହିଙ୍କର ରଜବୀର୍ଯ୍ୟେ ଜନମ ପାଞ୍ଚଟା ନନ୍ଦନ ହେ । ୩ ।
ପହିଲେ କୁମନ ହେଲା, ତହୁଁ ସୁମନ ଜନ୍ମିଲା
ତାର ପଛେ ବିମନ ସେନୁ ଜନମ ଅମନ ହେ । ୪ ।
ତାର ତଳେ ହେଲା ମନୁ ଏନ୍ତା ହେଲେ ପାଞ୍ଚଟା ସୁନୁ
ଏପରି ନିଗମୁ ଜନମ କହେ ମୁସ୍ତକିମ ହେ । ୫ ।

।। ପ୍ରଥମେ କାହାର ଜନ୍ମ ।।

ପ୍ରଥମେ ଧରଣୀ ପଛେ ଆକାଶ ହୋଇଲା
ଆଗ ପୁଷ୍ପ ଜନ୍ମି ପଛେ ବାସନା ଜନ୍ମିଲା । ୧
ପ୍ରଥମେ ଗୁରୁ ପଛରେ ଶିଷ୍ୟ ହେଲା ଜାତ
ପ୍ରଥମେ ରଜନୀ ପରେ ହୋଇଲା ଦିବସ । ୨ ।
ପ୍ରଥମେ ଶଶି ତା' ପରେ ଦିବାକର ଜାଣ
ପ୍ରଥମେ ଅବିଦ୍ୟା ପଛେ ବିଦ୍ୟା ଉତପନ୍ନ । ୩ ।
ପ୍ରଥମେ ଓଁକାର ପଛେ ମନ୍ତ୍ର ଜନ୍ମ ହେଲା
ପ୍ରଥମରେ ପୂଣ୍ୟ ତହୁଁ ପାପ ଜନମିଲା । ୪ ।
ଆଗେ ଅଣାକ୍ଷର ପଛେ ଅକ୍ଷରଟି ହୋଇ
ପ୍ରଥମେ ଅକର୍ମ ପରେ କରମ ଜନ୍ମଇ ।।
ଆଗ ଅଣହେତୁ ହେତୁ ହୋଇଛି ପଛରେ
ଆଗ ପବନ ମନ ଜନମ ତଥିପରେ । ୬ ।
ପ୍ରଥମେ ପରମ ଜୀବ ତାର ପଛେ ଜାତ
ପ୍ରଥମେ ସାଗର ପରେ ମେରୁଟି ସମ୍ଭୁତ । ୭ ।
ପ୍ରଥମେ କରଣ ପରେ ଗୁହଟି ଯେ ହୋଇ

Digitized by srujanika@gmail.com

ପ୍ରଥମେ ବୈଷ୍ଣବ ପରେ ଗୁରୁ ଜାଣ ଭାଇ । ୮ ।
ପ୍ରଥମରେ ନିଦ୍ରା ତଦୁତ୍ତାରୁ ଉଜାଗର
ପ୍ରଥମେ ନିଶବ୍ଦ ପରେ ଜନ୍ମ ଶବଦର । ୯ ।
ପ୍ରଥମେ ଷୋଳ ଡମ୍ବରୁ ପଛେ ଷଡ଼ଚକ୍ର
ପ୍ରଥମରେ ଅସ୍ଥି ତାର ପଛେ ହେଲା ଚର୍ମ । ୧୦ ।
ପ୍ରଥମେ ଆହାର ତହୁଁ ଜୀବ ଜନମିଲା
ବାର ମାସର ପ୍ରଥମ ଜ୍ୟେଷ୍ଠ ମାସ ହେଲା । ୧୧ ।
ଆଗ ଗୁରୁବାର ତହୁଁ ଜନ୍ମବାର ସବୁ
ଆଗ କର୍ମ ପଛେ ଉଦଯୋଗ ହେଲା ବାବୁ । ୧୨ ।
ପ୍ରଥମେ ବେଦ ତା' ପରେ ସଂସାର ଜନମ
ଶିବ ପୁରାଣେ ମିଳିବ କହେ ମୁସ୍ତକିମ । ୧୩ ।

।। ସୂର୍ଯ୍ୟ ଜନମ ।।

ପ୍ରଳୟରେ ନାଶଗଲା ସକଳ ସଂସାର
ଆବର ଯେ ନାଶ ଗଲେ ବ୍ରହ୍ମା ବିଷ୍ଣୁ ହର ।। ୧ ।
କେବଳ ଅବ୍ୟକ୍ତ ନାଥ ନାଶ ଯେ ନୋହିଲେ
କିଛି କାଳ ପରେ ପୁଣି ଆଦିମାତା ହେଲେ ।। ୨
ତାଙ୍କ ତହୁଁ ହରବ୍ରହ୍ମା ବିଷ୍ଣୁ ଜନମିଲେ
କିଛି ଦିନ ପରେ ସୃଷ୍ଟି ସ୍ଥାପନ ସେ କଲେ । ୩ ।
ଅନ୍ଧାର ସଂସାରେ ସୃଷ୍ଟି ଭିଆଇଲେ ହେଲେ
କିଛି ନ ଦିଶିଲା ଭାଇ ଅନନ୍ତେ କହିଲେ । ୪ ।
ଅନନ୍ତ ସତ୍ରଲକ୍ଷେ ମାତା ମଣି ଦେଲେ
ଏହା ନାମ ଦିବାକର ହେଉ ହେ ବୋଇଲେ । ୫ ।
ତହୁଁ ଦିବାକର ନବ ସୃଷ୍ଟିରେ ଉଇଁଲା
ଲକ୍ଷେ କିରଣ ଉଦନ୍ତେ ସୃଷ୍ଟ ନାଶ ହେଲା । ୬ ।
ତାଙ୍କୁ ବିଷ୍ଣୁ ସାତଖଣ୍ଡ କରି ବାଣ୍ଟିଦେଲେ
ଜମ୍ବୁ ଦ୍ୱୀପରେ ଆଦିତ୍ୟ ନାମେକ ସ୍ଥାପିଲେ । ୭ ।
ବାର ସହସ୍ର କିରଣେ ଉଦୟ ହୁଅଇ
ବାର ମାସେ ବାର ସୂର୍ଯ୍ୟ ରୂପକୁ ଧରଇ । ୮ ।

Digitized by srujanika@gmail.com

କ୍ରୋଞ୍ଚ ଦ୍ୱୀପେ ସହସ୍ରାଂଶୁ ସୂର୍ଯ୍ୟ ଉଦେ ଜାଣ
ସାକଲ୍ୟରେ ଆଖଣ୍ଡଳ ଉଦେ ସୂର୍ଯ୍ୟ ନାମ । ୯ ।
ସବିତା ଶାଲ୍ମଳୀରେ ପୁଷ୍କର ଦ୍ୱୀପେ ରବି
ଅହଂକାର ନାଶେ ସୂର୍ଯ୍ୟ ପାତାଳରେ ସ୍ଥାପି । ୧୦ ।
ଉତ୍ପତ୍ତି ବିବୁଧ ମଞ୍ଚେ ମନୁ ସୂର୍ଯ୍ୟ ନଭେ
ଆଉ ଦୁଇ ସୂର୍ଯ୍ୟ ସଦାଶିବ ଶିରେ ଉଦେ । ୧୧ ।
ମୁସ୍ତକିମ କହି ସୂର୍ଯ୍ୟ ଜନ୍ମ କହିଲଇ
ବିଶ୍ୱାସ କରିବ ଶିବ ପୁରାଣେ ଅଛଇ । ୧୨ ।

।। ଚନ୍ଦ୍ର ତାରା ଜନ୍ମ ।।

ବ୍ରହ୍ମା ଦିନେ ଉର୍ବସୀକୁ କରିଲେ ରମଣ
ଶୃଂଗାର କରନ୍ତେ ରେତ ଖସିଲାଟି ଜାଣ । ୧ ।
କ୍ଷୀର ସମୁଦ୍ରରେ କିଛି ଥୋପି ହୋଇ ହେଲା
ଥୋକାଏ ବ୍ରହ୍ମ ଯେ ବିଂଛି ହୋଇଣ ପଡ଼ିଲା । ୨ ।
ଥୋପି ହୋଇପଡ଼ା ବୀର୍ଯ୍ୟୁ ଶଶି ଜନ୍ମ ହେଲା
ବିଂଛି ହେଲା ରେତୁଁ ତାରା ଜନମିଲେ ଭଲା । ୩ ।
ନକ୍ଷତ୍ର, ତାରା ଉଦୟ ଜମ୍ବୁଦ୍ୱୀପେ ଭାଇ
ସାତ ପଦ୍ମ ସମୁଦ୍ରରେ ଥାନ୍ତି ଉଦେ ହୋଇ । ୪ ।
ଶଂଖେକ ତାରା ସାକଲ୍ୟ ଦ୍ୱୀପରେଟି ଜାଣ
ସାତ ଅରବୁଦ ଉଦେ ମଧୁ ସମୁଦ୍ରେଣ । ୫ ।
ଦଶମେ ବଛ ଉଦୟ କୁଶ ଦ୍ୱୀପରେଟି
ନଭ ସସ୍ର ତାରା ଯେ ଶାଲ୍ମଳୀ ଦ୍ୱୀପେ ଖଟି । ୬ ।
ମହାନୀଳ ଶହେ ତାରା ସୁରାସିନ୍ଧୁ ପରେ
ଦଶ ପରାର୍ଦ୍ଧେ ଉଦୟ ପଳାସ ଦ୍ୱୀପରେ । ୭ ।
ଦଶ ସସ୍ର ମେବନ୍ଧ ଯେ ଲବଣ ଦ୍ୱୀପରେ ।
ଅଣି ପଦ୍ମ ତାରା ଉଦେ ସମୁଦ୍ର ଦୁଗ୍ଧରେ । ୮ ।
ଷାଠିଏ ମେବନ୍ଧ କ୍ରୋଞ୍ଚ ଦ୍ୱୀପରେଟି ଜାଣ
ଶହେ ସତୁରି ଲକ୍ଷ ଉଦୟ ପୁଷ୍କରେଣ । ୯ ।
ବୟାଣି ସହସ୍ର ଜଳ ସମୁଦ୍ରେ ହେ ଭାଇ

Digitized by srujanika@gmail.com

ମୁସ୍ତକିମ ବାଲୁତ କହେ ବେଦ ଦେଖ ଫେଇ । ୧୦ ।
ଶିବପୁରାଣ ଦ୍ୱିତୀୟ ଖଣ୍ଡ ପୃଷ୍ଠା ପାଞ୍ଚ
ଦ୍ୱାରକା କୃତେ ପାଇବ କର ଯାଇ ଯାଞ୍ଚ । ୧୧

।। ଦ୍ୱୀପ ନିରୂପଣ ।।

ଶୁଣ ଭାଇ ଚିତ୍ତ ଦେଇ ପ୍ରଶ୍ନକୁ ଉତ୍ତର
ଜମ୍ବୁଦ୍ୱୀପ ଏକ କୋଟି ତୀର୍ଥନଦୀ ସାର । ୧ ।
ଲକ୍ଷେ ଯୋଜନ ଆୟତନଟି କ୍ଷୀର ସିନ୍ଧୁ
ବହେ ଶହେ ଲୁଣ ପୁରାଣରେ କର ହେତୁ । ୨ ।
ନବଲକ୍ଷ ପର୍ବତ ଅଛନ୍ତି ତଥି ମଧ୍ୟେ
କୁଶ ଦ୍ୱୀପ କଥା ଏବେ ଶୁଣ ହେ କୋବିଦେ । ୩ ।
ତ୍ରିଶ ଶତ ପର୍ବତ ଶଏ ବାସ୍ତରୀ ନଦୀ
ଚାରିଲକ୍ଷ ଯୋଜନଟି ଦ୍ୱୀପର ପ୍ରସିଦ୍ଧି । ୪ ।
କ୍ଷୀର ସାଗର ବହଇ ବେଢ଼ିଣ ହେ ଭାଇ
କ୍ରୌଞ୍ଚ ଦ୍ୱୀପର ଚରିତ୍ର ଶୁଣ କହୁଛଇ । ୫ ।
ସାତ ଶ' ପର୍ବତ ନଅ ଶ' ବାସ୍ତରୀ ନଦୀ
ତିନିଲକ୍ଷ ଯୋଜନ ଯା ଅଟଇ ପ୍ରସିଦ୍ଧି । ୬ ।
ସୁରା ସମୁଦ୍ର ବେଢ଼ିଛି କହିଲିରେ ଭାଇ
ଶାକଲ୍ୟ ଦ୍ୱୀପର କଥା ଶୁଣ ମନ ଦେଇ । ୭ ।
ଦି ଲକ୍ଷ ପର୍ବତ ଲକ୍ଷେକ ନଦୀ ଅଛଇ
ଲକ୍ଷେ ବତିଶ ସହସ୍ର ଆୟତନ ଭାଇ । ୮ ।
ଘୃତ ସମୁଦ୍ରେ ଅଛଇ ସେ ଦ୍ୱୀପେଟି ଜାଣ
ପ୍ଲକ୍ଷ ଦ୍ୱୀପ କଥାକୁ ହେ ଡେରିବ ଶ୍ରବଣ । ୯ ।
ତିନି ଲକ୍ଷ ପରବତ ନଦୀ ଏକଶତ
ଦୁଇ ଲକ୍ଷ ଯୋଜନ ଯେ ଦଧି ସମୁଦ୍ର ତ । ୧୦ ।
ଦ୍ୱୀପ ଆୟତନ ତିନି ଲକ୍ଷ ଯେ ଯୋଜନ
ରମ୍ୟକ ଦ୍ୱୀପର କଥା ମନଦେଇ ଶୁଣ । ୧୧ ।
ନ' ସହସ୍ର ପର୍ବତ ଆଠ ଶ' ଛନ୍ତି ନଦୀ
ଦୁଗ୍ଧ ସାଗରଟି ଏହି ଦ୍ୱୀପରେ ପ୍ରସିଦ୍ଧି । ୧୨ ।

Digitized by srujanika@gmail.com

ଲକ୍ଷେ ଯୋଜନ ବିସ୍ତାର ଅଟେ ଯାପ ଦ୍ୱୀପ
ଏବେ ପୁଷ୍କର ଦ୍ୱୀପର ଶୁଣ ଶୁଣ ଭାବ । ୧୩ ।
ଶତେ ସହସ୍ର ପର୍ବତ ଲୋକାଲୋକି ଛନ୍ତି
ଶତ ସହସ୍ର ତହିଁରେ ବହଇଟି ନଦୀ । ୧୪ ।
ଦୁଇ ଲକ୍ଷ ଆୟତନ ଇକ୍ଷୁ ଯେ ସାଗର
ବହଇ ମୁସ୍ତକି କହେ ବାଲୁତ କୁମର । ୧୫ ।

।। ବିଷ୍ଣୁ ଜନ୍ମ, ଦିଗ, କୋଣ ଜନ୍ମ ଏବଂ ଦିଗରାଜ ।।

ପ୍ରଥମରେ ଏକ ବ୍ରହ୍ମ ଗୁପତରେ ଥିଲା
ପ୍ରକୃତି ପୁରୁଷ ତାର ତହୁଁ ଜାତ ହଲା । ୧ ।
ପ୍ରକୃତିରୁ କିଶୋରୀ ଯେ ହୋଇଲା ଜନମ
ତାଙ୍କଠାରୁ ଶେଷ ଦେବ ହେଲା ଉତପନ୍ନ । ୨ ।
ଶେଷରୁ ଅନନ୍ତ ତାଠୁ ମହତ ହୋଇଲା
ମହତରୁ ବିରାଟ ପୁରୁଷ ଜନ୍ମ ହେଲା । ୩ ।
ପ୍ରଳୟ ଆଦ୍ୟେ ସେ ମହାପୁରୁଷ ଜନ୍ମିଲା
ସସ୍ରେ ଯୁଗଯାଏ ଶୂନ୍ୟେ ଶୟନ ସେ କଲା । ୪ ।
ସୃଷ୍ଟି ଆଦ୍ୟେ ନିଦ୍ରାନାଶ ହୋଇଲାଟି ଜାଣ
ପ୍ରଳୟ ଜଳ ତା' କଟି ଯାଏ ହେଲା ପୁଣ । ୫ ।
ମହାପୁରୁଷ ପ୍ରଳୟ ଜଳେ ଉଭା ହୋଇ
ବିଷ୍ଣୁରୂପ ଧରିଣ ସର୍ଜନ କରେ ମହି । ୬ ।
ଯେ ଆଡ଼କୁ ମୁଖ କଲା ପୂର୍ବ ସେ ହୋଇଲା
ପଛ ପଶ୍ଚିମ ଦକ୍ଷ ଦକ୍ଷିଣ ବୋଲାଇଲା । ୭ ।
ବାମ ଦିଗ ଉତ୍ତର ବୋଲାଏ ଆରେ ଭାଇ
ଚାରିଦିଗ ଚାରିକୋଣ ନାମ ଦେଲା ସେହି । ୮ ।
ଐଶାନ୍ୟ କୋଣରେ ଭାଇ ଈଶ୍ୱର ରହିଲେ
ଅଗ୍ନିକୋଣେ ବୈଶ୍ୱାନର ଛନ୍ତି ସର୍ବକାଳେ । ୯ ।
ବାୟବ୍ୟେ ମରୁତ ନଇରୁତରେ ବରୁଣ
ଉତ୍ତର ଦିଗେ କୁବେର ରହିଅଛି ଜାଣ । ୧୦ ।
ପଶ୍ଚିମରେ ସୁରପତି ପୂର୍ବରେ ଅରୁଣ

Digitized by srujanika@gmail.com

ଦକ୍ଷିଣ ଦିଗରେ ବାସ କରିଅଛି ଯମ । ୧୧ ।
ମୁସ୍ତକିମ କହେ ଶିବ ପୁରାଣରେ ଦେଖ
ଦ୍ୱିତୀୟ ଖଣ୍ଡରେ ନନା ଦୁଆରିକା କୃତ । ୧୨ ।

।। ଚାରିଜାତି ସ୍ତ୍ରୀ ଜନମ ।।

ଶୁଣ ସୁଜନ ଚିତ୍ତ ଦେଇ । ବ୍ରହ୍ମଟି ଗୁପ୍ତେ ଥିଲା ରହି ।।
ତାଙ୍କ ମସ୍ତକମଣି ଜାଣ । ଅଟଇ ତେଜେ ଲକ୍ଷେମାନ ।।
ମହିରେ ମଣି ଉଦେ ହେଲା । ଲକ୍ଷେ କିରଣ ପ୍ରକାଶିଲା ।।
ଶୋଷିଲା ସେ ପ୍ରଳୟ ପାଣି । ଉଦୟ ହୋଇ ବିଷ୍ଣୁ ମଣି ।।
ତହୁଁ ଦ୍ୱାଦଶ-ଅଂଶ ନେଇ । ସୂର୍ଯ୍ୟ ନାମରେ ଥାପି ଦେଇ ।।
ଛାୟା ମାୟାକୁ ବିଭା କଲେ । ମାୟା ଯେ ଗର୍ଭବତୀ ହେଲେ ।।
ତା ତହୁଁ ଯୋଗମାୟା ଜନମ । ତାଠୁ ଦେବମାୟା ଉତପନ୍ନ ।।
ତା' ଠାରୁ ଜନମ ମୋହିନୀ । ତା' ଦେହୁଁ ଚଉଷଠି ଯୋଗ୍ନି ।।
ଯୋଗ୍ନିରୁ ସପନ ସୁନ୍ଦରୀ । ତା' ଅଂଗୁ ଦୁର୍ଗା ଅବତରି ।।
ଦୁର୍ଗାରୁ ଚାରି କନ୍ୟା ଜାତ । ଋଷି ଆବର ଦେବରାଜ ।।
ମୁନି ଗୋପକ୍ୟା ଏ ଚାରି । ଭଗ୍ନିଏ ପରମ ସୁନ୍ଦରୀ ।।
ଏହାଙ୍କ ତହୁଁ ହେଲେ ଜନ୍ମ । ଶୁଣ କହୁଛି ତାଙ୍କ ନାମ ।।
ଦେବକନ୍ୟାଠାରୁ ପଦ୍ମିନୀ । ଋଷିରୁ ଜନମ ଚିତ୍ରିଣୀ ।।
ରାଜନାରୀରୁ ଯେ ଶଙ୍ଖିନୀ । ଗୋପକନ୍ୟାଠାରୁ ହସ୍ତିନୀ ।।
ଛପନ କୋଟି ଜୀବ ରୁପେଣ । ମହି ଭୋଗିଲେ କନ୍ୟା ଗଣ ।।
କବି ମୁସ୍ତକିମ କହେ ଭାଇ । ଶିବ ପୁରାଣେ ଲୋଡ଼ି ପାଇ ।।
ଦ୍ୱିତୀୟ ଖଣ୍ଡ ଏକାନବେ । ପୃଷ୍ଠା ଯେ ଦୁଆରିକା କୃତେ ।।
ଋଷି କନ୍ୟାକୁ ବିପ୍ରେ ଦେଲେ । ମୁନିକି କ୍ଷତ୍ରୀୟ ବରିଲେ ।।
ଗୋପକନ୍ୟାକୁ ବୈଶ୍ୟ ନେଲା । ରାଜକନ୍ୟା ଶୂଦ୍ର ଲଭିଲା ।।
କବି ମୁସ୍ତକି ଧ୍ୟାୟୀ ଇଷ୍ଟ । ଉତ୍ତର କଲା କରି ରିଷ୍ଟ ।।
ଶିବ ପୁରାଣ ମଧ୍ୟେ ଦେଖ । ଚିତ୍ତରୁ ଫିଟିଯିବ ଦୁଃଖ ।।

Digitized by srujanika@gmail.com

।। ଶାଳଗ୍ରାମ ଶିଳା ଜନ୍ମ ।।

ଉତ୍ତର ସୁଧିର ଚିତ୍ତ କରି ଧିର ନ ହୋଇ ଅଧିର ଶୁଣୁଥା
ଶୁଣୁଥା ସତ ଜାଣୁଥା, ଶାସ୍ତ୍ର ପଥ ମନେ ଗୁଣୁଥା । ପଦ ।
ମଧୁ ଦୈତ୍ୟସୁତ, ମୟ ଦୈତ୍ୟ ଖ୍ୟାତ, ମଥୁରା କଟକ ରାଜା
ବୃନ୍ଦାସୁର ସୁତା ବୃନ୍ଦାବତୀ ଖ୍ୟାତା, ରୂପ ତେଜେ ରତିଜିତା । ୧ ।
ତା' ବିଭା ଅର୍ଥର ହେଲା ସ୍ୱୟମ୍ବର ମିଳି ତିନିପୁର ରାଜା
ହର ଏକା ନାହିଁ, ବ୍ରହ୍ମା ବିଷ୍ଣୁ ଆଦି ବିଜେ ସେଠାରେ ବିଡ଼ୋଜା । ୨ ।
ମୟ ଦୈତ୍ୟବଳେ, ବୃନ୍ଦାକୁ ସେ କାଳେ, ହରିନେଲା ମହାଯୋଦ୍ଧା
ଯୁଦ୍ଧ କଲେ ମିଳି, ସମସ୍ତଙ୍କୁ ଦଳି, ବାନ୍ଧିଲା ମଥୁରା ରାଜା । ୩ ।
ଦିନେ ମୟବୀର, ମନ୍ତ୍ରୀକି ଉତ୍ତର, ପାଇବାକୁ କଲା ପୁଚ୍ଛା
ରଣେ ମୋତେ ସରି ଅଛି କେ ତ୍ରିପୁରି, ଶୁଣି ମନ୍ତ୍ରୀ ଭଣି ରାଜା । ୪ ।
ହର ଛନ୍ତି ଶୁଣି ବେଗେ ନୃପମଣି କଲା ତହୁଁ ସୈନ୍ୟ ସଜା
ହର ସହ ରଣ, କଲା କୈଳାସେଣ, ଶହେ ଦିନ ମହାତେଜା । ୫ ।
ଜିଣି ନ ପାରିଲା, ମନ୍ତ୍ରୀ କି ପୁଚ୍ଛିଲା, ମନ୍ତ୍ରୀ କହିଲା ଗିରିଜା
କଲେ ତୁ ହରଣ, ଗଲେ ସତୀପଣ, ମରିବ ତେବେ ଭୂତଜା । ୬ ।
ତହୁଁ ମୟ ଗଲା, ମାୟା ରୂପ ହେଲା, ମିଳିଲା ଯହିଁ ଗିରିଜା
ଜାଣି ଉମା ଶାପି, ଆରେ ମହାପାପୀ, ମଲେ କୀଟରୂପ ହୋ ଯା । ୭ ।
ତେଣେ ମୟପରେ, ବୃନ୍ଦା ହରିବାରେ, ମାୟାରେ ବିଷ୍ଣୁ ପହିଜା
ବୃନ୍ଦାକୁ ହରିଲା ସତୀତ୍ୱ ତା' ଗଲା, ତେଣୁ ନାଶ ମୟ ରାଜା । ୮ ।
ମୟରୂପୀ ପ୍ରେତ ହୋଇ ଜଗନ୍ନାଥ କତି ଗଲା ହୋଇ ତେଜା
ମୋ ନାରୀ ହରିଲୁ କପଟ ତୁ କଲୁ, ମୋ କରେ ଲଭିବୁ ସଜା । ୯ ।
ଜାଣି ବୃନ୍ଦା, ଶାପି, ପଥର ହୁଅସି, କଲୁ ଯେଣୁ ପତି ତେଜା
ଯେ ଶାପ୍ୟରେ ହରି ପଥର ହୋଇଲେ ଶାସ୍ତ୍ରରେ ଅଛି ଦେଖ ଯା । ୧୦ ।
ଶୁଣି କୃଷ୍ଣ କହି ଉଚିତ ଅଟଇ ତୁ ବଜ୍ରକୀଟ ହୁଅ ଯା
ମୋ ରୂପକୁ କାଟ କୋପେ ହୋଇ ଆଣ୍ଠ କହି ତିନିପୁର ରାଜା । ୧୧ ।
ତେଣୁ ବଜ୍ରକୀଟ ଗଣ୍ଡକୀର ତଟ ବିଷ୍ଣୁ ପାଷାଣ ଶୈଳଟା
ପକାଉଛି କାଟି ପର୍ବତ ଗଣ୍ଡୁକି ରସ ବିନୋଦେ ଦେଖ ଯା । ୧୨ ।
ଦଶ ସସ୍ର ବର୍ଷେ ମୂର୍ତ୍ତି ଏକ ହର୍ଷେ, କାଟେ କୀଟବର ରାଜା
ଶାଳଗ୍ରାମ ନାମେ ଏ ମର୍ତ୍ତ୍ୟ ଭୂବନେ ଜନେ କରୁଛନ୍ତି ପୂଜା । ୧୩ ।

Digitized by srujanika@gmail.com

ମୁସ୍ତକିମ କହେ, ପଞ୍ଚମ ଅଧ୍ୟାୟେ କହେ ଦୀନକୃଷ୍ଣ ରଜା
ହୋଇଲେ ଅପ୍ରତେ, ଦେଖଯିବ ପ୍ରତେ, ଷାଠିଏ ଅଙ୍କରେ ମଜା ।୧୪ ।

।। ସ୍ୱାହା ଜନ୍ମ ଓ ବିଭା ।।

ଶୁଣ ଚିତ୍ତ ଦେଇ ଭାଇ ଉତ୍ତର ଶ୍ରୁତିରେ ହେ
ମହାସତୀପୁର ଅଛି ନର୍ଦ୍ଦମା ମଧ୍ୟରେ ହେ ।
ଚଉକତି ଅଛି ନଈ ତଥି ମଧ୍ୟେ ପୁର ହେ
ସେ ପୁର ଶୋଭା ପାଉଛି ଲିଙ୍ଗର ଆକାର ହେ ।
ନୀଳସେନ ନୃପ ସୁତ ନୀଳଧ୍ୱଜ ତହିଁ ହେ
ନୃପତି ଅଟଇ ଜ୍ୱାଳା ରାଣୀ ନାମ କହି ହେ ।
ତା' ଗର୍ଭରୁ ଜାତ ସ୍ୱାହା କନ୍ୟା ଗୋଟି ହେଲା
ପିତାର ଗୃହରେ ଯୁବା କାଳ ହେଉଁ ବାଳା ।
ପିତା ପଚାରିଲେ ରାଜପୁତ୍ରେ ଡକାଇବି ଗୋ
ଯାକୁ ବରିବୁ ଇଚ୍ଛାରେ ବିଭା କରାଇବି ଯେ ।
ସ୍ୱାହା କହେ ଅଗ୍ନି ବିନେ ନଦେ ମୋତେ ଆନେ
ବିବାହ ନୋହିବି ତାତ ଅଗ୍ନିଙ୍କ ବିହୁନେ ।
ଏହା କହି ସ୍ୱାହା ଅଗ୍ନିଠାରେ ଲୟ ଦେଲା
ଅଗ୍ନିକି ଏହା କହି ନାରଦ ତପିସିଲା ।
ଶୁଣି ଅଗ୍ନି ବିପ୍ରରୂପେ ସେଠାରେ ମିଳିଲେ
ନିଜ ପରିଚୟ ଦେଇ ସ୍ୱାହା ବିଭା ହେଲେ ।
ମୁସ୍ତକିମ କହେ ଦେଖ ଜୈମିନୀ ଭାରତେ
ନବନ ଅଧ୍ୟାୟେ ଫେଡ଼ି ଏକଷଠି ଅଙ୍କେ ।

।। ପୁରୁଷ ଗଲେ ସ୍ତ୍ରୀ ହୁଏ ।।

ଶୁଣ ଉତ୍ତର, ମନ ପରାଣ କାନ କରିଣ ସ୍ଥିର ଭାଇ । ପଦ ।
ଉମାବନ ବୋଲିଣ କାନନ ଗୋଟି । ତପସ୍ୟା ତହିଁ ନିତି ଗୌରୀ କରନ୍ତି ହେ ।୧।
ଘୋର ମୁଖ ନାମରେ ଏକ ଅସୁର । ଦିନେ ପ୍ରବେଶ ହେଲା ଉମା ପାଖର ହେ ।୨।
କାମ ବିହ୍ୱଳେ ନାନା ଚାଟୁ ଭାଷିଲା । ବଳାତ୍କାର ରମଣ ଇଚ୍ଛା ପାଞ୍ଚିଲା ହେ ।୩।
ଶିବା ଶାପିଲେ ଭସ୍ମ ହୁଅ ପାମର, ସେ ଶାପେ ଭସ୍ମ ଘୋରମୁଖ ଅସୁର ହେ । ୪ ।

Digitized by srujanika@gmail.com

ପୁଣି ଶାପିଲେ ମୋର ବନ ସୀମାର, ପୁରୁଷ ଆସି ହେବେ ନାରୀ ପ୍ରକାର ହେ । ୫ ।
ମନୁଷ୍ୟ, କୀଟ, ପଶୁ, ପକ୍ଷୀ, ପତଙ୍ଗ, ପୁରୁଷ ଗଲେ ହୋନ୍ତି ରମଣୀ ଅଙ୍ଗ ହେ । ୬ ।
ତା' ପାଶେ ଅଛି ପୂଣ୍ୟ ସରୋବରଟି, ପାପ ଧ୍ୱଂଶିନୀ ବୋଲି ତା' ନାମ ଗୋଟି । ୭ ।
ସତ୍ୟଯୁଗରେ କୃତ ବ୍ରାହ୍ମଣ ତହିଁ, ଶୁଚି ଅର୍ଥେ ପ୍ରବେଶ ହୋଇଲା ଯାଇ । ୮ ।
ନକ୍ର ବିପ୍ର ଚରଣ ଧରିଲା ନିରେ, ବ୍ୟାକୁଳେ ଛଡ଼ାଇ ଆସିଲା କୂଳରେ । ୯ ।
ଜଳଦେବତାଙ୍କୁ ସେ ବିପ୍ର ଶାପିଲା, ତୀର୍ଥେ ଅନୀତି କାହିଁ ଦେଖା ନ ଥିଲା । ୧୦ ।
ଏଣୁ ଏ ସରୋବରେ ଯେହୁ ପଶିବ, ନିଜ ସ୍ୱରୂପ ତେଜି ବ୍ୟାଘ୍ର ହୋଇବ । ୧୧ ।
ସେଦିନୁ ସେ ଜଳରେ ଯେହୁ ପଶନ୍ତି, ବ୍ୟାଘ୍ର ସ୍ୱରୂପ ହୋଇ ସେଠାରୁ ଯାନ୍ତି । ୧୨ ।
ଯଇମିନୀ ଭାରତ ଅଧ୍ୟା ପନ୍ଦର, ଛୟାଶୋଇ ପୃଷ୍ଠା କୃତ ନିଳାମ୍ବର । ୧୩ ।
ମୁସ୍ତକି କହେ ମନୁ ସଂଶୟ ଯିବ, ଆବର ଲୋଡ଼ି ଦେଖ ପୁରାଣ ଶିବ । ୧୪ ।

।। ଜଳଙ୍ଗ, କସ୍ତୁରୀ ଆଦି ଜନ୍ମ ।।

ଶୁଣ ଚିତ୍ତ କରି ସ୍ଥିର ଏ ଉତ୍ତର,
ମିଥ୍ୟା ବା ବାହୁଲ୍ୟ ନୁହଇ ମୋ ବୋଲ
ଭାରତ ସଭା ପର୍ବର । ପଦ ।
କାଶୀ ନଦୀ ତୀର, କୁଣ୍ଡଳୀ ନଗର, ନୃପତୀ କୁଣ୍ଡଳାଶ୍ୱର
ତା' ନିକଟେ ବନ, ଅତି ମନୋରମ, ଗଉରା ବନ ନାମର । ୧ ।
ଦଶ ସସ୍ର ବର୍ଷ, ହୋଇଣ ହରଷ, ଉମା ତହିଁ ସେ ବିହର
ନାନା ସୁବାସିତ ଦ୍ରବ୍ୟ ଜଗନ୍ନାତ କରିଣ ଯେ ଏକତ୍ରର । ୨ ।
ବାଲୁକା ଲିଙ୍ଗରେ ଢ଼ାଳନ୍ତି ତୋଷରେ, ବହିଯାଏ ଲିଙ୍ଗୁ ନିର
ସେ ନୀର ଭକ୍ଷିଣ, କସ୍ତୁରୀ ଉତ୍ପନ୍ନ, ହେଲା ସୁବାସ ଶରୀର । ୩ ।
ତହିଁର ଉବୁରା ଜଳ ଭକ୍ଷି ଦ୍ୱରା ନାମ ସାଳେହା ପକ୍ଷୀର
ଅବଶିଷ୍ଟ ଭକ୍ଷି ସୁବାସ ଜୀବେଚି ଜାତ ହେଲେ ଯେ ମର୍ତ୍ତ୍ୟରେ । ୪ ।
ତହୁଁ ଯା ବଳିଲା, ନଦୀରେ ମିଶିଲା, ତାହାକୁ କରି କବଳ
ଜଳଙ୍ଗ ଜନମ, କହେ ମୁସ୍ତକିମ, ଷଡ଼ତ୍ରିଂଶ ପୃଷ୍ଠାଧର । ୫ ।
ରାଜସୂୟ ଯଜ୍ଞଶାଳ ନିର୍ଣ୍ଣୟ ।।
ଜ୍ଞାନୀ ଜନେ ଶୁଣ ସୁମନେ ଶୁଣ, ଉତ୍ତରକୁ ଭାଇ ହେ
ସଂକ୍ଷେପ ଭାବରେ ତୁମ୍ଭ ଆଗେ କହିବଇଁ ହେ । ପଦ ।
ଗଙ୍ଗା ଜମୁନାର ମଧ୍ୟେ ଯଜ୍ଞଶାଳ ହୋଇ

Digitized by srujanika@gmail.com

ହସ୍ତିନା ବାରୁଣୀ ଇନ୍ଦ୍ର ଯମ ମଧ୍ୟ ଯେହି ଯେ । ୧ ।
ଯକ୍ଷଶାଳ ଉତରେ ଯଦି ପଦ ଶୋଭା ପାଇ
ଦକ୍ଷିଣେ ପ୍ରୟାମୀ ପୂର୍ବେ ବଟଥିଲା ରହି ହେ । ୨ ।
ପଶ୍ଚିମରେ ସେମି ନନା ସତ୍ୟ ମଣ ତୁହି
ଯକ୍ଷଶାଳ ଆୟତନ କ୍ରୋଶେକ ଅଟଇ । ୩ ।
ବିଶାଶତେ ତାଳ ଉଚ୍ଚ ପୁର ଜାଣ ଭାଇ
ହସ୍ତି ଯଷ୍ଟି ବଟି ସଟି ଚାରିକୋଣେ ସେହି ହେ । ୪ ।
ବ୍ୟାସ ଯକ୍ଷଶାଳ ସୁତା ନିର୍ଣ୍ଣେ କରିଛଇ
ଶୂଳେ ଚିରି ତିଳ ବୁଣି ସିଦ୍ଧ କରି ଭୂଇଁ ହେ । ୫ ।
ଖଞ୍ଜନ ନାମେଣ ମଧୁବନର ବଢ଼େଇ
ଏ ଗଢ଼ିଲା ଯକ୍ଷଶାଳ ମୁସ୍ତକିମ କହି ହେ । ୬ ।
ସାରଳା ରଚିତ ସଭାପର୍ବ ଦେଖ ଫେଇ
ଷଡ଼ଚାଳିଶ ପୃଷ୍ଠାଙ୍କେ ଅଛି ମିଥ୍ୟା ନୋହି ହେ । ୭ ।

।। ଅଶ୍ୱିନୀ କୁମାର ଓ ଅଶ୍ୱ ଜନ୍ମ ।।

ସବିତା ଦେବଙ୍କ ସଞ୍ଜା ଅଟନ୍ତି ଘରଣୀ
ରତି ସହି ନ ପାରିଣ କଲେକ ଭାଳେଣି ।।
ନିଜ ଅଙ୍ଗୁ ନିଜ ରୂପେ ଛାୟାକୁ ଜନ୍ମାଇ
ସୂର୍ଯ୍ୟଙ୍କ ନିକଟେ ରଖି ଗଲେ ଗୋପ୍ୟ ହୋଇ ।।
ନିଜ ରୂପ ଗୋପ୍ୟ କରି ଅଶ୍ୱି ରୂପ ଧରି
ପଶ୍ଚିମ ମେରୁ ମେଖଳେ ଲୁଚି ସଞ୍ଜା ନାରୀ ।।
ମନୋହର ବନେ ଯାଇ ଗୁପତେ ରହିଲେ
ଗଙ୍ଗା ଜମୁନା ଆବର ସରସ୍ୱତୀ ତୁଳେ ।।
ବହଇ ମେରୁ ମେଖଳୁ ଝର ଝର ଫୁଟି
ଧ୍ୟାନରେ ଜାଣି ସୂର୍ଯ୍ୟ ଏ ଭାବନା ଗୋଟି ।।
ନିଜେ ଅଶ୍ୱରୂପ ହୋଇ ତହିଁ ପ୍ରବେଶିଲେ
ସଞ୍ଜା ତୁଳେ ରତି କରୁ ବୀର୍ଯ୍ୟକୁ ତେଜିଲେ ।।
ଅର୍ଦ୍ଧଟୋପା ବିନ୍ଦୁ ସଞ୍ଜା ଗର୍ଭରେ ପଡ଼ିଲା
ଅଶ୍ୱିନୀ କୁମାର ପୁତ୍ର ତହୁଁ ଜନମିଲା ।।

Digitized by srujanika@gmail.com

ମନୁଷ୍ୟ ପରାଏ ଅଙ୍ଗ ମୁଣ୍ଡ ଅଶ୍ୱପରି
ଆଉ ବୀର୍ଯ୍ୟ ପଡ଼ିଲା ଯା ତହିଁରୁ ଉବୁରି ॥
ସରସ୍ୱତୀ ନିରେ ତାହା ଗୋଲିଣ ହୋଇଲା
ବଡ଼ ଜନ୍ତୁମାନେ ପାନ କଲେ ହୋଇ ହେଲା ॥
ସେ ଗର୍ଭବାସ ହୋଇଣ ହୟ ଜନ୍ମ କଲେ
କବି ମୁସ୍ତକି ଅଧମ ଉତ୍ତର କହିଲେ ॥
ତାହାଲ ଦେଶ ସେ ନିକଟରେ ଅଛି ଭାଇ
ସଭାପର୍ବ ଏକାଅଶି ପୃଷ୍ଠା ଦେଖ ଫେଇ ॥

॥ ମୃଦଙ୍ଗ ॥

ମୁର୍ତ୍ତିକାୟାଂ ବିକାଶ୍ୟଞ୍ଚ ମୃତ ଚର୍ମେ ସବେଷ୍ଟିତମ୍
ଦଗ୍ଧିତୋମ୍ୟଙ୍ଗରୂପେଣଂ ଦଶାଙ୍ଗୁଳେ ନବାଦଏତ୍
ମୃଦୁ ସ୍ୱରେ ନ ହରିତ ଅଙ୍ଗେ ଅଙ୍ଗ ସମାଗମେ
ଏତାନି ମୃଦଙ୍ଗନାମ୍ନି କୈତ ବିଧି ସହର୍ଷିତମ୍ ।

॥ ଅନୁବାଦ ॥

ମୁର୍ତ୍ତିକାରୁ ଜାତ ମୃଦୁ ସ୍ୱରେ ହରେ ମନ
ମୃତଚର୍ମ ବେଢ଼ା ଅଛି ଶୁଣ ବିଜ୍ଞଜନ ।
ଦଗ୍ଧ ହୋଇଛି ଦଶାଙ୍ଗୁଳେ ବାଦ୍ୟ ତାର
ଅଙ୍ଗ ରୂପ ଧରି ଅଙ୍ଗେ ବହନ୍ତିଟି ଧିର ।
ଆଦ୍ୟାକ୍ଷର ବୁଝ ଏଣୁ ମୃଦଙ୍ଗ ନାମଟି
ହରଷରେ ଦେଲେ ଏ ନାମକୁ ପରମେଷ୍ଟି ।
ବାଳ ମୁସ୍ତକିମ ଭାଷ ସ୍ମୃତି ଦେଖ ଭାଇ
ନାବ କିର୍ତ୍ତବ୍ୟ ଶ୍ରୁତି ଆଦ୍ୟ ଖଣ୍ଡରେ ଅଛଇ ।
ଗୌଳୁ ଶତାକ୍ଷର ମନ୍ତ୍ରେ ହୋଇଛି ପ୍ରତିଷ୍ଠା
ଏଣୁ ମହାଶୁଦ୍ଧ ଯେ ହୋଇଛି ମୃଦଙ୍ଗଟା ॥

Digitized by srujanika@gmail.com

।। କୁରୁକ୍ଷେତ୍ର ବଣ୍ଟନ ଓ ସ୍ୱର୍ଣ୍ଣକାଠି ନିର୍ଣ୍ଣୟ ।।

ଶୁଣ ଭାଇ ଚିତ୍ତ ଦେଇ ପ୍ରଶ୍ନକୁ ଉତ୍ତର ତ
ନୁହେ ବାହୁଲ୍ୟ ଅଛଇ ଶାସ୍ତ୍ରର ଭିତର ତ । ପଦ ।
ତ୍ରୟୋଦଶୀ ମାର୍ଗଶିର ରୋହିଣୀ ଯେ ବୁଧବାର
ବାଳବ କରଣ ଅତି ଗଣ୍ଡ ଯୋଗର ତ ।୧ ।
ବିଛା ସଂକ୍ରାନ୍ତିକି ଭୋଗ ଦଶ ଛଅ ଯେ ହେଜିବ
ଏଥି ରଣଭୂମି ଭାଗ କୁରୁ ପାଣ୍ଡବର ତ । ୨ ।
ପୂର୍ବେ ହସ୍ତିନା ନଗର ଯଇନ୍ତା ଯେ ପଶ୍ଚିମରେ
ଉତ୍ତରେ ଯମପ୍ରସ୍ଥ ନାମ ନବରର ତ । ୩ ।
ଦକ୍ଷିଣେ ବାରୁଣାବନ୍ତ ମଧ୍ୟେ ହେଲା ରଣକ୍ଷେତ୍ର
ଦ୍ୱାଦଶ ଯୋଜନ ଭୂମି ଅଟେ ସେ ଠାବର ତ । ୪ ।
ପୂର୍ବ-ପଶ୍ଚିମ ଦ୍ୱିଭାଗ, କରୁଁ ଦୁଃଶା କହେ ଆଗ
ଆମ୍ଭେ ପୂର୍ବ ନେବୁ ବୋଲୁ ମାରୁତ କୁମର ତ । ୫ ।
ଆମ୍ଭେ ନେବୁ ବୋଲି ବୋଲେ, ଶୁଣି ସକୁନି ବୋଇଲେ
ଗୁଳା ଭାଗ କରୁଁ ପାଅ କର୍ମ ସୁଯୋଗର ତ । ୬ ।
ଏ ସମଏ କୁରୁଭୂପ, ଭୂମିରେ କ୍ଷେପିଲେ ନେତ୍ର
ପଡ଼ିଛି ଦି ଖଣ୍ଡ କାଠି ଶୁଦ୍ଧ ସୁବର୍ଣ୍ଣର ତ । ୭ ।
ସେ କାଠି ଯୁଧିଷ୍ଠି ଏକ ଛଡ଼ାଙ୍ଗୁଳି ଥିଲା ଲମ୍ବ
କାଠିଏ ମାନଗୋବିନ୍ଦ ଦ୍ୱାଦଶ ଅଙ୍ଗୁଳିର ତ । ୮ ।
ବିଦୁରର କରେ ଦେଲେ ବିଦୁର ତାହା ଫିଙ୍ଗିଲେ
ପୂର୍ବ କୁରୁଏ ପାଇଲେ ଚିତ୍ତଗତେ ଧର ତ । ୯ ।
ଦେଖି ବିଷାଦ ପାଣ୍ଡବ ବୋଇଲେ ତହୁଁ ଗୋବିନ୍ଦ
କାଠି ଆଣି ମାପ ବୋଲି ଆଣିଲେ ସତ୍ୱର ତ । ୧୦ ।
ମାୟା କରୁଁ ବନମାଳୀ, ଦ୍ୱାଦଶ ଷଡ଼ ଆଙ୍ଗୁଳି
ଷଡ଼ାଙ୍ଗୁଳି ହେଲା ବାର କୃଷ୍ଣଙ୍କ କୂଟର ତ । ୧୧ ।
କବି ମୁସ୍ତକିମ କହି କଳିକାଳ କାଠିଦୁଇ
ପଡ଼ିଥିଲେ ସେ ଠାବରେ ସୁନା ପରକାର ତ । ୧୨ ।

Digitized by srujanika@gmail.com

।। ଶୁଭ ସ୍ତମ୍ଭ ନିର୍ଣ୍ଣୟ ।।

ସୁମନେ ଶୁଣ ଶ୍ରୁତିପଥରେ ହେ, କହେ ଲୋଡ଼ି ଶାସ୍ତ୍ରରେ ।। ପଦ ।
ପ୍ରଳୟ ହେଲେ ସର୍ବେ ଜଳେ ବୁଡ଼ିଲା, ଆଉ କିଛି ନ ଥିଲା (ପଢ଼ି)
ଏକାକୀ ନିରାକାର, ଥିଲେ ରହି ମାତର, ସେ ରଚିଲେକ ପୁର
ଅଲେଖ ନାମ ତାର, ବେଢ଼ିଲା ପଦ୍ମନାଗ ତା' ଚାରି ପାର୍ଶ୍ୱର
ଜୟ ଅଜୟ ଦ୍ୱାରୀ ଜଗି ରହିଲେ ଦ୍ୱାର
କୁମ୍ଭକ ନାମେ ଖଗ, ଦେବିନାଶ ବୃକ୍ଷର,
ସେ ତରୁ ଅଛି ଦ୍ୱାର ଦେଶର ହେ । ୧ ।
ଦେହଧାରୀ ଯେ ଦେବେ, ଦ୍ରଶନେ ଯାନ୍ତି, ବୃକ୍ଷ ତଳେ ରହନ୍ତି
କାଳେ ମରନ୍ତି ସେହି, ବ୍ରହ୍ମା ଦ୍ରଶନ ପାଇଁ ସେ ଗଲେ ସେ ପୁରକୁ
ରହିଲେ ଗଛ ଛାଇ, ତାଙ୍କ ମରଣ କାଳେ, ନାରଦ ଗଲେ ତହିଁ
ଗଣନ ଚାରି ବୋଲି, ତାଙ୍କ ନାମ ଅଟଇ
ସେ କହିଲେ ଏ ତଳେ ଯେ ରହେ ସେ ମରଇ
ତୁମ୍ଭେ ରହିଲ କିପାଁ ଏଠାରେ । ୨ ।
ଶୁଣି ବ୍ରହ୍ମା ଶାପିଲେ, ମର୍ତ୍ତ୍ୟେ ଜନମ ଏ ଦୁଷ୍ଟ ଦେବନାଶନ
ଶୁଣିଣ ତରୁବର, ମାଗିଲା ପ୍ରତିକାର, ବୋଇଲେ ବେଦବରର
ବାରୁଣା କୁଣ୍ଡଳୀର, ଅସୁରୁ ନାମେ ରହ, ଦ୍ରୋଣ ଛେଦୁ ତୋ କର
ଭୀମ ଦୁଃଶା ଉପାଡ଼ି, ନେବା ଜାଣ ନିକର
ଦ୍ୱାପର ରଣ କ୍ଷେତ୍ରେ, ତୋତେ ସ୍ଥାପି ମଧ୍ୟର
ଜୁଝିବେ କୁରୁପାଣ୍ଡୁ କୁମର ରେ । ୩ ।
ସେକାଳେ ବିଷ୍ଣୁଙ୍କର ତୋ ଅଙ୍ଗେ ସ୍ପର୍ଶ ଯୋଗୁଁ ହେବୁ ମୁକତ (ପଢ଼ି)
ତୋ ମୂଳେ ଦେବ ଅସ୍ଥି, ରକ୍ତ, ମାଂସ ସଂଚିଛି
ଭାରତ ଯୁଦ୍ଧ ରକ୍ତ ମାଂସରେ ରହ ଡୁବି
ରକ୍ତ ଗନ୍ଧନ ନାମେ ସେ ଦିନୁ ସେ ସମ୍ଭବ
ବାଲୁତ ମୁସ୍ତକିମ, ଅଜ୍ଞାନ ରଚେ ଭାବି
ପରତେ ନ ମଣିଲେ, ପୃଷ୍ଠା ଅଙ୍କ ପଞ୍ଚଶି
ଫେଇ ଦେଖ ଉଦ୍‌ଯୋଗ ପର୍ବର ହେ । ୪ ।

Digitized by srujanika@gmail.com

।। କୃଷ୍ଣ ଶଂଖାସୁର ବଧ ଓ ଶଂଖ ଧାରଣ ।।

ଉତର ଭାଇ, ଶୁଣ ଶୁଣ ସୁଚିତରେ ।।
ଏକ ଦିନେ ବେଦବର, ଶ୍ରୀଚନ୍ଦ୍ରଭାଗା ତୀର୍ଥର
ନିତ୍ୟକର୍ମ ପାଇଁ ବିଜେ ହେଲେ ମର୍ତ୍ତ୍ୟରେ । ୧ ।
ବେଦ ପୋଥି ଥୋଇ ସ୍ନାନ, କରନ୍ତି ନିରେ ପସିଣ
ଶଂଖାସୁର ଭକ୍ଷି ଜଳେ ପସିଲା ଖରେ । ୨ ।
ଲୋଡ଼ି ଯହୁଁ ନ ପାଇଲେ, ବିଷ୍ଣୁଙ୍କୁ ସ୍ମରଣ କଲେ
ବୈକୁଣ୍ଠେ ଜାଣିଣ ବିଷ୍ଣୁ ହେଲେ ପାଖରେ । ୩ ।
ବେଦ ଚୋରି କଲା ଶୁଣି, ଧ୍ୟାନରେ ପାରିଲେ ଜାଣି
କ୍ଷୀର ସାଗରେ ଭେଟିଲେ ମୀନ ରୂପରେ । ୪ ।
ମୀନ ରୂପେ ଜିଣି ନୋହୁଁ, ଚତୁର୍ଭୁଜୀ ମହାବାବୁ
ଦକ୍ଷିଣ ଭୁଜରେ ଚକ୍ର ବାମେ କୋଦଣ୍ଡ ଧରେ । ୫ ।
କୌମୁଦିନି କରେ ଧରି ଶଂଖାକୁ ବଧିଲେ ହରି
ସେ ଶଂଖ ଧରିଲେ ତହୁଁ ଦକ୍ଷିଣ ହସ୍ତରେ । ୬ ।
ମୁସ୍ତକିମ କହେ ଦେଖ, ଶ୍ରୀ ଭାରତ ଉଦ୍‌ଯୋଗ
ପରବେ ହୋଇଛି ବ୍ୟକ୍ତ ନୁହେ ମିଛରେ । ୭ ।

।। କୃଷ୍ଣ ବାମ ପାଦେ ଶବର ଶର ବାଜିବା ।।

ବାମପାଦେ ବାଜିଲା ଶର, ଏ କାରଣରେ । ପଦ ।
ଶ୍ରୀ ସତ୍ୟଯୁଗରେ ବଳିରାଜାପୁରେ, ଦାନ ମାଗିଲେଟି ଶ୍ରୀ ଦାମୋଦର
ବାମନାବତାର ହୋଇ ଚକ୍ରଧର ଭୂମିଦାନ ନେଲେ ତିନି ପାଦର । ୧ ।
ପାଦ ଯେ ଦକ୍ଷିଣ ବ୍ରହ୍ମାଣ୍ଡ କ୍ଷେପିଣ, ବାମରେ କ୍ଷେପିଲେ ଅମରପୁର
ନାଭୀ କମଳରୁ ପାଦେକ ଜନ୍ମାଇ ବଳିକୁ ଚାପେ ପାଦ ଥୋଇ ମଥାର । ୨
ଆକାଶର ପାଦେ ବେଦବର ଶ୍ରଦ୍ଧେ ଭକତ ସଶ୍ରଦ୍ଧେ ହୋଇ ତତ୍ତ୍ୱର
କମଣ୍ଡଳୁ ଗଙ୍ଗା ଢ଼ାଳନ୍ତେ ବିଧାତା ଗୋପ୍ୟକଲେ ବିଷ୍ଣୁ ନଖ କୋଣର । ୩ ।
ଦେଖି ଧାତା କୋପ କରି ଦେଲେ ଶାପ ଏ ଚରଣେ କାଳେ ପଡ଼ିବ ଶର
ମୁସ୍ତକିମ କହି, ଶାପିଥିଲେ ବିହି, ଏଣୁ ଶରେ ନାଶ ହେଲେ ଶ୍ରୀଧର । ୪ ।

Digitized by srujanika@gmail.com

।। ଶରବିନ୍ଧା : ଶବର ବୃତ୍ତାନ୍ତ ।।

ଶୁଣ ଲୟ ଦେଇ ଭାଇ ଏ ବିଚିତ୍ର ରସ
ବାମନ ମୂରତି ହୋଇଥିଲେ ଚକ୍ରହସ୍ତ ।
ବଳିଠାରୁ ଦାନ ତିନି ପାଦ ଯେ ମାଗିଲେ
ବଳିମୁଣ୍ଡେ ପାଦେ ପାଦେ ମର୍ତ୍ତ୍ୟ ଆବୋରିଲେ ।
ବାମପାଦ ଆକାଶକୁ ନିକ୍ଷେପିଲେ ହରି
ପାଦୋଦକ ଆସେ ବ୍ରହ୍ମା ଗଙ୍ଗାକୁ ନିଉତି ।
ନ ପଡ଼ି ନଖ କୋଣରେ ରହିଲେ ଧଇଲି
ବ୍ରହ୍ମା ଶାପ ଦେଲେ ମାୟା କଲୁ ବନମାଳୀ ।
ଏ ଚରଣେ ଶର ଲାଗୁ ଶିଆଳିର ତଳେ
ଏହା ଦେଖିଣ ସମନ ବ୍ରହ୍ମାଙ୍କୁ ଶାପିଲେ ।
ତୋ ନାତି ଶର କୃଷ୍ଣଙ୍କୁ ବିନ୍ଧିବ ବୋଇଲେ
ତେଣୁ କିରାତ ନନ୍ଦନ ଅଯ ନାମ ହେଲା
ଏହାର ନନ୍ଦନ ନାମ ଜାରା ବୋଲାଇଲା
ଏହାର ନନ୍ଦନ ଜାରା ଅଯ ପଣନାତି
ଏହା ଶରେ ନାଶ ଗଲେ ଦେବ ଶିରୀପତି ।
ମୁସ୍ତକିମ କହେ ବନପର୍ବ ଦେଖ ଭାଇ
ମୁଁ ବାଲୁତ ମତି ଏଥି ମୋରେ ଦୋଷ ନାହିଁ ।

।। ମୃଦଙ୍ଗ ଉପାଖ୍ୟାନ ।।

ମୃତ୍ତିକାରୁ ଜାତ ଯେଣୁ, 'ମୃ' ଅକ୍ଷର ଆଦ୍ୟେ
ଦଗ୍ଧ କଲାରୁ 'ଦ' ଅକ୍ଷର ଯେ ପ୍ରାନ୍ତେ
ଅନନ୍ତ ବୈକୁଣ୍ଠେ ରାସେ ଯେଣୁ ସେ ରହଇ
ଅଙ୍ଗ ଅକ୍ଷର ଯୋଗରୁ ମୃଦଙ୍ଗ ବୋଲାଇ । ୧ ।
ମୃତ ଗୋଚର୍ମ ଛାଦନ ଯୋଗୁଁ 'ମୃ' ଅକ୍ଷର
ଦକ୍ଷ ବ୍ରହ୍ମା ତାଣ୍ଡବରେ ବାଇଲେ ମଧୁର
ଏଣୁ 'ଦ' ଅକ୍ଷର ଗୋଟି ସଂଯୋଗ ହୋଇଛି
ଅଙ୍ଗରେ ବ୍ରହ୍ମା ବୋହିଲେ ଯେ ଜଗତ ସୃଷ୍ଟି । ୨ ।
ଏଣୁ ଅଂଗ ଅକ୍ଷର ସଂଯୋଗ ହେଲା ଭାଇ

Digitized by srujanika@gmail.com

ମୃଦଙ୍ଗ ନିର୍ଣ୍ଣୟ ଗୌରୀ ଆଗେ ହର କହି ।
କବି ମୁସ୍ତକିମ କହେ ବେଦ ମଧ୍ୟେ ଲୋଡ଼
ଏ ଭେଦ ଜାଣିବ ଅଟେ ଅତିଶୟ ଗାଢ଼ । ୩ ।
ମୂର୍ତ୍ତିମନ୍ତ ମୃତଚର୍ମ ମୃର୍ତ୍ତିକାର ଖୋଳ
ଦକ୍ଷବ୍ରହ୍ମା ସୃଜେ ଆଜ୍ଞା ଦେଉଁ ଆଦିମୂଳ
ଦୟାନିଧି ଷଡ଼କ୍ଷର ମନ୍ତ୍ରେ ଦେଇ ପ୍ରାଣ
ଦଶାଙ୍ଗୁଳି ଘାତେ ନାଦ ଜଗତ ମୋହନ । ୪ ।
ଅଙ୍ଗରେ ବ୍ରହ୍ମା ବୋହିଲେଟି ହରଷ ମନରେ
ଅଙ୍ଗ ପାପ ହରେ ଅନନ୍ତଙ୍କ ମହିମାରେ
ଓଁକାର କରି ତାଣ୍ଡବେ ବାଦନ
ଏଣୁଟି ମୃଦଙ୍ଗ ବୋଲି ବୋଲାଇଲା ନାମ । ୫ ।
ତେତ୍ରିଶ କୋଟି ଦେବତା ମାତିଲେ ତାଣ୍ଡବେ
ମୁସ୍ତକିମ କହେ ଅପ୍ରତେ ହେଲେ ଦେଖ ବେଦେ ।

।। ଷୋଳ ସହସ୍ର ଗୋପୀ ଉପାଖ୍ୟାନ ।।

ସ୍ୱର୍ଗେ ଧାଡି ଦେଲା ଦଶାନନ ସତ୍ୟ ଯୁଗେ
ବତ୍ରିଶ ଶସ୍ର ନାୟିକା ଆଣିଲା ସରାଗେ । ୧ ।
ଲଙ୍କା ଭୁବନେ ସେ କନ୍ୟା ଗଣଙ୍କୁ ରଖିଲା
ରଜୋବତୀ ପରେ ନାରୀ କରିବି ପାଞ୍ଚିଲା । ୨ ।
ସେ କନ୍ୟା ଏ ଜାଣି ସେ ନୋହିଲା ରଜୋବତୀ
ତ୍ରେତା ଯୁଗେ ସୀତା ଯୋଗେ ମଲା ଲଙ୍କପତି । ୩ ।
ରାମ ବିମୀଷଣ ଲଙ୍କେ ନୃପତୀ କରିଲେ
ସେ କନ୍ୟାଙ୍କୁ ବିଭୀଷଣ ଇନ୍ଦ୍ରେ ସମର୍ପିଲେ । ୪ ।
ଶୁକ୍ର ବୋଇଲେ ଏଥିରୁ ଷୋଳ ସସ୍ରବାଳୀ
ଗୋପରେ ବଢ଼ି ହୁଅନ୍ତ କୃଷ୍ଣେ କୁତୁହଳି । ୫ ।
ଆଉ ଷୋଳ ସସ୍ର କନ୍ୟା ଇନ୍ଦ୍ର ସଂପାଦିଲେ
ତାରକା ବଧେ ଶ୍ରୀକୃଷ୍ଣେ ତା' ପ୍ରଦାନ କଲେ । ୬ ।
କବି ମୁସ୍ତକିମ ରଚି ବାଲୁତ ଅଧମ
ପଢିବ ମୂଷଳୀ ପବେ ଏଇ ଉପାଖ୍ୟାନ । ୭ ।

Digitized by srujanika@gmail.com

।। ଦ୍ୱାପରେ ହନୁଯୁଦ୍ଧ ।।

ଶୁଣ ଚିତ୍ତ ଦେଇ, ଏ ଉତ୍ତର ଭାଗ, ଭାରତ ଯୁଦ୍ଧର ଉତ୍ତାରୁ
ଶ୍ରୀ ଯୁଧିଷ୍ଠୀ ଦେବ, ଅଶ୍ୱମେଧ ଯାଗ, କଲେ ବରି ସର୍ବ ଦେଶରୁ
ରାଜା ଋଷି ବିପ୍ର ଦୁଃଖୀ ଅଇଲେ
ମଦମତ ସୂତ ମୂଢ଼ା ସୁର ଦୈତ୍ୟ ଅବରଣେ ତହିଁ ମିଳିଲେ । ୧ ।
ତାହା ସଙ୍ଗତରେ ସରସ୍ୱତୀ ତୀରେ ଭୀମ ନକୁଳ ସହଦେବ
ଯୁଦ୍ଧେ ମୋହ ହେଲେ ଅସୁରେ ମିଳିଲେ ବାନ୍ଧି ନେଲେ ଯୁଧିଷ୍ଠୀ ଦେବ
ପାର୍ଥ କୃଷ୍ଣ ରାମ ଆସୁ ପଥରେ
ଯୁଦ୍ଧରେ ଶ୍ରୀରାମ କୃଷ୍ଣ ମୋହ ଗଲେ ଏକା ପାର୍ଥ ଜୁଝେ ସାଥରେ । ୨ ।
ଏକାଳେ ମିଳିଲେ ନାରଦ ଚଞ୍ଚଳେ ଅସକନ୍ଧ ନାମ ବନରେ
ଏ ସର୍ବ ବୃତାନ୍ତ ହନୁ ଆଗେ କହୁଁ କୋପ କରି ହନୁ ମନରେ
ମୂଢ଼ ସଂଗେ ସମର କରିଲା
ମୁସ୍ତକିମ କହି ମୂଢ଼ା ମରି ଭାଇ ପାବନୀ ହରଷ ହୋଇଲା । ୩ ।

।। ଅର୍ଜ୍ଜୁନ ଗଂଗା ଆଣିଲା ।।

ବିବେକୀ ଶ୍ରୁତି ଡେରି ଶୁଣ ଉତ୍ତର, ଏ ଯେ ଅମିୟ ଗିର
ଦ୍ରୌପତୀ ତୁଲେ ରତି ପାଳି କଲେ ଯୁଧିଷ୍ଠୀ
ଆନ ଯେ ପାଳି ବିନା ଯିବ ତା ପୁରେ ଝାତି
ଦ୍ୱାଦଶ ବର୍ଷ ବନବାସ କରିବ ସେଟି
ଏହା କଲେ ସମ୍ମତ ପଞ୍ଚ ସୋଦର । ୧ ।
ଦିନେ ଯୁଧିଷ୍ଠୀ ପାଳି, କାଳେ ବ୍ରାହ୍ମଣେ ମିଳି
ଅଜ କହେ ଯୁଧିଷ୍ଠୀ ଆଣ ହେ ରାଇ ବରି
ନହିଲେ କୋପାନଳେ ସକଳ ଦେବି ଜାଳି
ଶୁଣି ପାର୍ଥ ଗଲେଟି କେଳି ମନ୍ଦିର ହେ । ୨ ।
ତେଣୁ ପାର୍ଥ ବନ୍ଧନ ବାସେ କଲେ ଗମନ
ମଣିଭଦ୍ରା ପର୍ବତେ ଛନ୍ତି ଏକାଳେ କୃଷ୍ଣ
ମିଳିଲେ ତ୍ରୟୋଦଶୀ, ଶୁକ୍ଳ ଚୈତ୍ର ମାସେଣ
ମହାବାରୁଣୀ ତୀର୍ଥ ଗଙ୍ଗା ତୀର୍ଥର । ୩ ।
କୃଷ୍ଣ ପାର୍ଥବେ କହି ଆଜି ଯେ ଅବଗାହୀ

Digitized by srujanika@gmail.com

ପାରେ ଗଙ୍ଗାରେ ନର ପାପ ନାଶ ହୁଅଇ
କହି ଏଥି ବିଚାର ଗଙ୍ଗା ତ ପାଖେ ନାହିଁ ।   (ଅପଠ୍ୟ)

।। ତାରାକ୍ଷି ବୃତ୍ତାନ୍ତ ।।

ଏ ଉତ୍ତର ଶୁଣରେ ମନ, ଡେରି ବେନି ଶ୍ରବଣ ।। ପଦ ।।
ତିଳୋତ୍ତମା ଅପସରୀ ବଜ୍ରଧାରୀ ମନ କିଣେ ଗାନ ନୃତ୍ୟ ରଙ୍ଗେଣ
ବୈଶାଖ ଶୁକଳ ରାତ୍ରେ ଆଖଣ୍ଡଳ କଲେ ତିଲୋତ୍ତମା ରୂପ ସ୍ମରଣ । ୧ ।
ବୃଦ୍ଧଶ୍ରବା ନାମେ ଗନ୍ଧର୍ବଙ୍କୁ କହି ବେଗେ ଯାଇ ତିଳୋତ୍ତମାକୁ ଆଣ
ଇନ୍ଦ୍ରଙ୍କ ଆଜ୍ଞାରେ ଆଣନ୍ତେ ପଥରେ ମତି ବିହ୍ୱଳେ ମାଗିଲା ରମଣ । ୨ ।
ନାସ୍ତି କରୁ ବାଳା ଗନ୍ଧର୍ବ ଶାପିଲା ପକ୍ଷୀ ହୋଇ ମର୍ତ୍ତ୍ୟେ ହୁଅ ଜନମ
ତହୁଁ ଇନ୍ଦ୍ର ପାସେ ମନର ବିରକ୍ଷେ ତିଳୋତ୍ତମା ସର୍ବ କଲା ବଖାଣ । ୩ ।
ଶୁଣି ସୁନାଶିର ବୃଦ୍ଧଶ୍ରବାପର ଶାପ୍ୟ ଦେଲେ ନୀଳକଣ୍ଠ ନାମେଣ
ପକ୍ଷୀ ହୋଇ ଜନ୍ମ ଇଚ୍ଛିଛୁ ରମଣ, ପତିପତ୍ନୀ ହୁଅ ମର୍ତ୍ତ୍ୟେ ଯାଇଣ । ୪ ।
ସେହି ଅଭିଶାପେ ପତିପତ୍ନୀ ରୂପେ ଥିଲେ ଖାଣ୍ଡବେ ତା' ହେଉଁ ଦହନ
ଅର୍ଜୁନେ ଶରଣ ହୋଇ ରକ୍ଷା ହେଲେ ଡିମ୍ବ ଥିଲା ଚାରି ତାରା ଗର୍ଭେଣ । ୫ ।
ମୁସ୍ତକିମ କହି ଭରତିଆ ଏହି ପକ୍ଷିସୁତ ସତ୍ୟ ମିଛ ନ ମଣ
ମଧ୍ୟ ପର୍ବେ ଦେଖ ଅଛଇ ପ୍ରତ୍ୟକ୍ଷ ମୁଁ ବାଲୁତ ମୋର ଦୋଷ ନ ଘେନ । ୬

।। ଖାଣ୍ଡବ ଦହନର କାରଣ ।।

ଉତ୍ତର ଶୁଣ ଶ୍ରୁତିରେ, ମନ ଚିତ୍ତ ସ୍ଥିର କରି ହେ ।।
ବୃହସ୍ପତି ଲଗ୍ନ କଲେ, ବ୍ରହ୍ମା ମନ୍ତ୍ର ଉଚ୍ଚାରିଲେ
ଇନ୍ଦ୍ର ବିଷ୍ଣୁ ବୃକ୍ଷ ରୋପି ଦେଲେ ଆକାଶଗଙ୍ଗାର ବାରି ହେ । ୧ ।
ଖଣ୍ଡନ ନ ହେବ ଭାଳି, ଖାଣ୍ଡବ ନାମ କହିଲି
ତ୍ରିପୁର ଜୀବ, ଲତିକା, ବୃକ୍ଷ ତହିଁ ଥିଲା ପୁରି ହେ । ୨ ।
ଋଷି ନାରୀ ଶତାଇଶ, ଋକ୍ଷ ଅଟନ୍ତି ପ୍ରତ୍ୟକ୍ଷ
ଏକକୁ ଅଢ଼େଇ ଦିନ ଭୋଗନ୍ତିଟି ଭାଗ କରି ହେ । ୩ ।
ଉତ୍ତର ଭାଦ୍ରବେ ଶଶି, ଭୋଗ ସାରି ବାହୁଡ଼ନ୍ତି
ରେବତୀ ସ୍ତନକୁ ଦେଖି କାମାନଳେ ହେଉ ଘାରି ହେ । ୪ ।
ଏସନ ଲଗ୍ନର ବେଳେ ଡୋଟାରେଟି ଶୁଭ ଦେଲେ

Digitized by srujanika@gmail.com

ଏଣୁ ଅଗ୍ନିରେ ପୋଡ଼ିଲା ମୁସ୍ତକି ଶାସ୍ତ୍ର ଉଚ୍ଚାରି ହୋ । ୫ ।
ଶାରଳା କୃତ ଭାରତ ମଧ୍ୟପର୍ବରୁ ଭକତ
ଚଉରାଳିଶି ପୃଷ୍ଠାଙ୍କେ ଲୋଡ଼ ଚିର ଲୟ କରି ହେ । ୬ ।

।। ଅଷ୍ଟସତୀ ।।

ସତୀ ସାବିତ୍ରୀ ପାର୍ବତୀ ତାରା ଯେ ରୋହିଣୀ
ସ୍ୱାହା, ସ୍ୱାଧା, ଭଗବତୀ ଅଷ୍ଟସତୀ ଗଣି ।
ସଚି ତାରା ମନ୍ଦୋଦୀ ଅହଲ୍ୟା ପାର୍ବତୀ
ସତୀଙ୍କ ଉପରେ ଏ ଅଟନ୍ତି ମହାସତୀ ।

।। ଅର୍ଜୁନ ରଥରେ କପିକେତନ ଧ୍ୱଜ ।।

ଉତ୍ତରଟି ଶୁଣ ଆରେ ଭାଇ ଶ୍ରୁତିରେଟି ।। ପଦ ।
ଯଶୋବନ୍ତୀ କଲେ କାମାକ୍ଷୀ ବ୍ରତକୁ ଲକ୍ଷେ ସୁଗନ୍ଧି ପୁଷ୍ପ ପାଇ ଟି
ସୁର ମଧୁବନ ତହିଁ ହନୁମାନ, ଶାସନ କରଇ ହରଷେ ରେ ଟି । ୧ ।
ତହିଁରେ କିରିଟି, ପ୍ରବେଶୁ ତୋଷେ ଟି
ବାନରେ ଜୁଝିଲେ କୋପଭରେ ଟି । ୨ ।
ଅର୍ଜୁନ ନ ପାରି ପଳାଇଲେ ହାରି
କୁଳ ଆକୁଳେ ପାଇ ନି କତିଟି । ୩ ।
ଶୁଣି ବାତସୂତ ପାର୍ଥ ସଂଗେ ଯୁଦ୍ଧ ଆରମ୍ଭିଲା ହୋଇ କୋପ ଚିତ୍ତଟି
ଦେବ ଶର ପାର୍ଥ ପେଶୁ ହନୁମନ୍ତ ହୋଇ ଆଚମ୍ଭିତ ପୁଚ୍ଛା କଲାଟି । ୪ ।
ରାମ ଅବତାରେ ଏ ଶରେ ଅସୁରେ ନାଶିଥିଲେ ରାମ ତୁମ୍ଭେ କହଟି
ସେକାଳେ ମୁଁ ଗିରି ବହି ଧରି ଧରି ବାନ୍ଧିଥିଲି ସିନ୍ଧୁ ରାମ ପାଇଁଟି । ୫ ।
ଅର୍ଜୁନ କହଇ ଶରରେ ପାରଇ ବନ୍ଧ କରି ସାଗରକୁ ମୁହିଁଟି
ଶୁଣି ହନୁବୀର ଦେଖାନ୍ତେ ସାଗର ଶରବିନ୍ଧ କଲା ପାର୍ଥ ବୀରଟି । ୬ ।
ହନୁ ବିଶ୍ୱମୂର୍ତ୍ତି ହୋଇ ବନ୍ଦେ ବସୁଁ ପାର୍ଥେ ଦୟାକଲେ କମଳାପତି
ରୋହି ମାଛ ରୂପେ ହନୁ ଭାରା ଗୋପ୍ୟେ ରହି
ସହିଲେ ନୋହି ରୁଧୀର ପାଟି । ୭ ।
ଦେଖି ହନୁ ବନ୍ଧୁ ଦେଇଁ ଅର୍ଜୁନକୁ
କୋଳକଲା ହୋଇ ତୋଷ ମନଟି ।

Digitized by srujanika@gmail.com

ବୋଇଲା ତୁ ଧନ୍ୟ, ତୋ ପାଇଁ ଶ୍ରୀରାମ
ମୀନ ରୂପେ ବନ୍ଧ ତଳେ ହେଲେଟି । ୮ ।
ମୁଁ ଆନନ୍ଦେ ବର ଦେଉଛି ହେ ବୀର
ତୋ ରଥେ ମୁଁ ସଦାବେଳେ ଥିବି ଟି
ଯେବେ ସୁମରିବୁ ମୋତେ ତୁ ପାଇବୁ
ବୋଇଲା ପବନ ସୁତ ମାରୁତୀ । ୯ ।
ତେଣୁ ଅର୍ଜୁନର ରଥ ଧ୍ୱଜ ପର
ପାବନୀ ରହିଲା ନିଶ୍ଚୟ ଏଟି
ମଧ୍ୟପର୍ବ ସୁଗନ୍ଧିକା ହରଣରେ ଲୋଡ଼
ମୁସ୍ତକିମ ବାଳ କହିଟି । ୯ ।

।। ଅପୋଡ଼ା ଭୂମି ।।

ଉତ୍ତର ଶୁଣି ସୁମନ ହରଷ ଚିତ୍ତରେ
ଅନେକ ଅପୋଡ଼ା ଭୂମି ଅଛଇ ଶାସ୍ତ୍ରରେ ।।
ଏକଇ ଅପୋଡ଼ା ଭୂମି କହୁଅଛି ଶୁଣ
ଏହି ମର୍ତ୍ତ୍ୟପୁରେ ଅଛି ଦ୍ୱାରିକା ଭୁବନ ।।
ଦ୍ୱାରିକାପୁର ଦକ୍ଷିଣ ଦିଗରେ ହେ ଭାଇ
ବିଜସୁନ୍ଦର ନାମ ଯେ ବଟ ଏକ ହୋଇ ।
ସେ ବଟ ଉତ୍ତର କୋଣେ ଅଢ଼ାଇ ଯେ ହାତ
ଅପୋଡ଼ା ଭୂମି ଅଛଇ ଶୁଣ ଦେଇ ଚିତ୍ତ ।
ବିଜେ ତହିଁ ବିଲଙ୍କା ନାମେ ମହାଚଣ୍ଡୀ
ଏହିଟି ବୋଲାଇ ହେ ଅପୋଡ଼ା ଭୂମି ଖଣ୍ଡି ।।
କବି ମୁସ୍ତକିମ କହି ମଧ୍ୟ ପର୍ବେ ଦେଖ
ଶାରଳା କୃତ ଏକଶ ଏକଷଠି ଅଙ୍କ ।।

।। କାଳୀ ସର୍ବ ବିନାଶ ।।

ମନ କହେ ଚଇତନ ଶୁଣ ମନ ଦେଇ
କାଳିନ୍ଦ୍ରୀ ହ୍ରଦରେ କାଳିନାଗ ଥିଲା ରହି ।
କୃଷ୍ଣ ପଦ୍ମ ତୋଳୁ ତାଙ୍କୁ ଦଂଶିଲା ନାଗୁଣୀ

Digitized by srujanika@gmail.com

ତା' ଗର୍ବ ଗଞ୍ଜି କଠଉ ଚିହ୍ନ କଲେ ଫଣି ॥
ଶଂଖଚକ୍ର ଚିହ୍ନ କାଳି ମସ୍ତକରେ ଦେଲେ
ଶରଣ ପସନ୍ତେ ତାକୁ ପ୍ରାଣେ ନ ମାରିଲେ ॥
ପଳା ବୋଲି କାଳିନାଗ ବାଳ ଧରି ସଙ୍ଗେ
ଭୟେ ପଳାଇଲା ତହୁଁ ମନ ଉଦବେଗେ ॥
ବେଳାଳ ମଳୟ ବଜ୍ର ଅନନ୍ତ ଏ ଚାରି
ଚାରି ଗିରି ମଧ୍ୟେ ସରୋବରେ ଅଛି ପୁରି ॥
ନୀଳ ଇନ୍ଦିବର ସରୋବର ନାମ ଅଟେ
ତହିଁରେ ରହିଲା କାଳି କହିଲି ପ୍ରକଟେ ।
ଶତେକ ଯୋଜନ ସେ ସରୋବର ଆୟତନ
ଗର୍ଭ ଆୟତନ ତାର ପନ୍ଦର ଯୋଜନ ॥
ସୁଗନ୍ଧିକା ପୁଷ୍ପ ପାଇଁ ଗଲା ଅରଜୁନ
କାଳି ସହ ଯୁଦ୍ଧ କରି ନାସିଲାକ ପ୍ରାଣ ॥
ଅଗ୍ନି ଦେବ ଅଉଷଧି ଶର ମାରି ବୀର
ଦର୍ପ ବିଧ୍ୱଂସିଲା ଭାଇ ସର୍ବ ସର୍ପଙ୍କର ॥
ବଇଷ୍ଣବୀ ଚକ୍ର ଶରେ କାଳି ମଲା ଭାଇ
ମଧ୍ୟପର୍ବ ସୁଗନ୍ଧିକା ହରଣେ ଅଛଇ ॥
କବି ମୁସ୍ତକିମ କହେ ବାଲୁତ ଅଜ୍ଞାନ
ହେବା ନୋହିବାର ଦୋଷ କ୍ଷମ ସାଧୁଜନ ॥

॥ ଚନ୍ଦ୍ରାବତୀ ସ୍ୱୟମ୍ବରରେ ବରଣକାରୀ ॥

ସୁଜନେ ଶୁଣ ମନ କରି ସୁଧୀର
ଚନ୍ଦ୍ରାବତୀ ସ୍ୱୟମ୍ବର ପାଇଁ ଗଲେ
ବରଣ ନିମନ୍ତେ ଚଉଦିଗର । ପଦ ।
ପୂର୍ବ ଦିଗକୁ ଗଲା ଜୟଦ୍ରଥ
ସଙ୍ଗତରେ ହସ୍ତି ଦଶ ସହସ୍ର
ରଥ ଗଜ ଅଶ୍ୱ ସୈନ୍ୟ ଘେନିଣ
ସର୍ବେ ମିଳିଲେ ଆସି ହସ୍ତିନାର ।
ପଶ୍ଚିମ ଦିଗର ବରଣ ପାଇଁ

Digitized by srujanika@gmail.com

ସଂଜୟ ଦଶ ସହସ୍ର ରଥ୍ ନେଇ
ଗୁଆ ଅକ୍ଷତ କଲେ ନିମନ୍ତ୍ରଣ
ହରଷେ ରାଜାଏ ହେଲେ ବାହାର ।
ଅୟୁତେକ ଯୋଦ୍ଧା ସଂଗେ ଘେନିଣ
ବିକର୍ଣ୍ଣ ଦକ୍ଷିଣ ନିମନ୍ତି ଗଲେ,
ଦଶ ସସ୍ର ଯୋଦ୍ଧା ଘେନିଣ ତୁଲେ
ଦକ୍ଷିଣ ରାଜାଙ୍କୁ ଆମନ୍ତିଲେ
କବି ମୁସ୍ତକିମ ରସ କଲେ ପ୍ରଚାର ।
ଅୟୁତେକ ଯୋଦ୍ଧା ସଙ୍ଗେ ଘେନିଣ
ବଦ୍ଦୂର ଉତ୍ତରେ କଲେ ଗମନ
ନୃପତୀ ଗଣେ ନିମନ୍ତ୍ରଣ କଲେ
ଶୁଣି ତୋଷେ ନୃପ ହେଲେ ବାହାର ।

।। ମୃଦଙ୍ଗର ସ୍ନାନ ।।

ଶୁଣ ଶୁଣ ବିଜ୍ଞ ଭାଇ ଚିତ୍ତ କରି ସ୍ଥିର
ମୃଦଙ୍ଗକୁ ସ୍ନାନ କରାଇଲେ ବେଦବର ।।
ଦୈବ ତୀର୍ଥ, କଯ ତୀର୍ଥ, ମୈତ୍ର ତୀର୍ଥ ତିନି
ବ୍ରହ୍ମ ତୀର୍ଥ ଏମାନଙ୍କୁ କ୍ଲୀବ ବୋଲି ଗଣି ।।
ଏ ଚାରି ତୀର୍ଥେ ମୃଦଙ୍ଗ ସ୍ନାନ କରେ ଭାଇ
ଏଣୁ ମୃଦଙ୍ଗର ଅଙ୍ଗ ଅଶୁଦ୍ଧ ନୁହଇ ।।
ଖିରଣ ହୀନେ ମୃଦଙ୍ଗ ରଜୋବତୀ ହୁଏ
ଖିରଣ ଦେଲାରୁ ସ୍ପର୍ଶ ଯୋଗ୍ୟ ଶାସ୍ତ୍ରେ କହି ।।
ଛଡ଼ାକ୍ଷର ଗଉଡ଼ ମନ୍ତ୍ର ଏଣୁ କରି ପଢ଼ି
ବିଶୁଦ୍ଧ ଶରୀରେ ଶୁଦ୍ଧ ମୃଦଙ୍ଗ ଚାପଡ଼ି ।।
କବି ମୁସ୍ତକିମ କହେ ହେ ବିବେକୀ ଜନ
ମୃଦଙ୍ଗର ସ୍ନାନ ତୀର୍ଥ ଅଙ୍ଗୁଳିଟି ଜାଣ
କଯତୀର୍ଥ କନିଷ୍ଠା ଅନାମିକାର ମୂଳ
ଅଙ୍ଗୁଷ୍ଠ ତର୍ଜନୀ ମଧ୍ୟ ପୈତ୍ର ତୀର୍ଥ ବୋଲ ।।
ବୃଦ୍ଧାଙ୍ଗୁଳି ମୂଳ ବ୍ରହ୍ମ ତୀର୍ଥ ବୋଲି କହି

Digitized by srujanika@gmail.com

ହେଲେ ଅବିଶ୍ୱାସ ଅଭିଧାନେ ଲୋଡ଼ ଭାଇ ॥
ମୁସ୍ତକିମ କବି କହେ ବ୍ରହ୍ମ ବର୍ଗ ଦେଖ
ଏକଶ ଅଠାଶି ପୃଷ୍ଠା ଦ୍ୱିତୀୟ ଯେ କାଣ୍ଡ ॥

॥ ଅଷ୍ଟ ଦିଗପାଳ, ବାହନ ଓ ଦିଗଦନ୍ତିନୀ ॥

ଶୁଣ ଚିତ୍ତ ସ୍ଥିର କରି ଉତ୍ତର ॥ ଘୋଷା ॥
ପୂର୍ବ ଅଧିପତି ଇନ୍ଦ୍ର ଯେ ଅଟନ୍ତି ବହ୍ନି ଅଗ୍ନିକୋଣେଶ୍ୱର
ଦକ୍ଷିଣ ନୃପତି ନାମ ପିତୃପତି ନୈରତ ନଇରୁତେଶ୍ୱର ॥ ୧ ॥
ବରୁଣ ପଶ୍ଚିମ ବାୟବ୍ୟ ପବନ ଉତ୍ତରାଧିପତି କୁବେର
ଈଶ ଅଇଶାନ୍ୟ ଅଧିପତି ଜାଣ ଅଷ୍ଟ ଦିଗପାଳ ପୁଂଲିଙ୍ଗର ॥ ୨ ॥
ପୂର୍ବ ଦିଗ ଗଜ ଐରାବତ ହେଜ ପୁଣ୍ଡରୀକ ଅଗ୍ନି କୋଣର
ବାମନ ଦକ୍ଷିଣ କୁମୁଦ ନୈରତ କୋଣ ଅଞ୍ଜନ ଗଜ ପଶ୍ଚିମର ॥ ୩ ॥
ପୁଷ୍ପଦନ୍ତ ଗଜ ବାୟୁ କୋଣ ବୁଝ ସର୍ବଭୌମ ଗଜ ଉତ୍ତର
ସୁପ୍ରତିକ ଭାବି ଐଶାନ୍ୟେ ରହଇ ଅଷ୍ଟ ଦିଗଦନ୍ତୀ ବିଚାର ॥ ୪ ॥
ଅଭ୍ରମୁ ହସ୍ତିନ ପୂର୍ବେ ରହେ ଭଣି କପିଳ ତ ଅଗ୍ନିକୋଣର
ପିଙ୍ଗଳା ଦକ୍ଷିଣ ନୈରତ ଅନୁପମା ତାମ୍ରକର୍ଣ୍ଣି ପଶ୍ଚିମର ॥
ଶୁଭ୍ରଦନ୍ତି, ବାୟୁ କୋଣର ଆଶ୍ରୟ ଅଞ୍ଜନାବତୀ ଈଶାନର
ଅଙ୍ଗନା ଉତ୍ତର ସ୍ତ୍ରୀଲିଙ୍ଗେ ବିଚାର ଅଷ୍ଟ ଦିଗଦନ୍ତୀ ପ୍ରଚାର ॥
ପ୍ରତେ ଯେବେ ନୋହି ଲୋଡ଼ ବେଗେ ଯାଇ ପୁସ୍ତକ ଅଭିଧାନର
ମୁସ୍ତକିମ ଭାଷ ସ୍ୱର୍ଗବର୍ଗେ ଦେଖ ଅଛି ପ୍ରଥମ କାଣ୍ଡର ॥

॥ ମୃଦଙ୍ଗର ବାଦ୍ୟଧ୍ୱନି ଓ ନାମ ॥

ଶୁଣ ଧୀର ବୁଦ୍ଧିରେ ଭାଇ ନୋହି ଅଧିର
ମୃଦଙ୍ଗ ମୁରଜ ଦୁଇ ନାମଟି ପୁଂଲିଙ୍ଗର । ଘୋଷା ॥
ଶବ୍ଦ ନିନାଦିନୀ ନବ, ଧ୍ୱନି ଧ୍ୱାନ ଶ୍ୱନ ରବ
ନିର୍ଘୋଷ ନିର୍ହ୍ରଦ ନାଦ ନିଶ୍ୱନ ଯେ ଆବର । ୧ ।
ନିଶ୍ୱାନ ପୁଣ ଆରାବ, ବିରାବ ସଂରାବ ଭାବ
ବାଦ୍ୟ ଶବଦର ଏହି ନାମ ଅଟେ ସତର । ୨ ।
ନିକ୍ୱଣ କଣନ କ୍ୱାଣ ନିକ୍ୱଣ ଆନନ୍ଦ କ୍ୱଣ

Digitized by srujanika@gmail.com

କ୍ଳିବ ପୁଂଲିଙ୍ଗେ ଛ'ନାମ ଅଟେ ବାଦ୍ୟ ଧ୍ୱନିର । ୩ ।
ତାଣ୍ଡବ ନଟନ ନାଟ୍ୟ ନର୍ତ୍ତନ ଯେ ଲାସ୍ୟ ନୃତ୍ୟ
କ୍ଳୀବରେ ଏ ଷଡ଼ନାମ ଅଟଇ ନାଚିବାର । ୪ ।
ମୁସ୍ତକିମ କବି ରସ ଉତ୍ତର କଲେ ପ୍ରକାଶ
ଲୋଡ଼ିଲେ ଅଛି ଅଠର ବର୍ଗ ଅଭିଧାନର । ୫ ।

।। ଦଣ୍ଡା ଖେଳର ପଚାର ।।

ଶୁଣ ହେ ସୁଜନ ଜନ ହୋଇ ଏକ ମନ
ଦଣ୍ଡା ଖେଳ ଖେଳୁଅଛ କରିବି ବରଣ, ଏହି ଖେଳ ହେ
କେ ଆଣିଲା ଏ ମର୍ତ୍ତ୍ୟମଣ୍ଡଳ ହେ । ୧ ।
ପ୍ରଥମେ ଏ ଖେଳ ଗୋଟି କେଉଁଠାରେ ଥିଲା
କେମନ୍ତ ପ୍ରକାରେ ଆସି ମଞ୍ଚେ ପ୍ରକଟିଲା, ତଥ୍ୟ କରି ହେ
କହ ଥିଲେ ଗୁରୁ ଶିଷ୍ୟ କରି ହେ । ୨ ।
କହ କେବଣ ଲଉଡ଼ି କେତେ ଲମ୍ବ ରଖି
କେତେ ଗୋଟି କଳା ଏହି ଖେଳର ଯେ ଅଛି, ଏ ସଭାର ହେ
ଜାଣିଥିଲେ ପରକାଶ କର ହେ । ୩ ।
କବି ମୁସ୍ତକିମ କହେ ବାଲୁତ ଅଜ୍ଞାନ
କେଉଁ ଯୁଗେ ଖେଳ ହେଲା ମର୍ତ୍ତ୍ୟ ମଣ୍ଡଳେଣ, କା'କୁ ପୂଜା ହେ
ଫେଡ଼ି କହ ନ ପାଇବ ଲଜ୍ୟା ହେ । ୪ ।

।। ଦଣ୍ଡା ଖେଳର ଉତ୍ତର ।।

ଶୁଣ ହେ ସୁଧୀର ଭାଇ ପଚାରିଲୁ ଯାହା
ଯାହା ଜାଣିଅଛି ଭାଇ କହୁଅଛି ତାହା, ଦଣ୍ଡା ଖେଳ ହେ
ଯେମନ୍ତେ ଆସିଲା ଭୂମଣ୍ଡଳେ ହେ । ୧ ।
ପ୍ରଥମେ ଏ ଖେଳରାଜି ସ୍ୱର୍ଗପୁରେ ଥିଲା
ତେତିଶ କୋଟି ଦେବତା ହୋଇଣ ଉତ୍ତଳା, ଖେଳୁଥାନ୍ତି ହେ
ବିଷ୍ଣୁ କଲେ ଏ ଖେଳ ଉତ୍ପନ୍ନ ହେ । ୨ ।
ଦ୍ୱାପର ଯୁଗରେ ମହି କଂସରାଜ ଭାର
ନ ସହି ପାରି କହିଲା ବ୍ରହ୍ମାଙ୍କ ଛାମୁର, ବ୍ରହ୍ମା ଗଲେ ଯେ

Digitized by srujanika@gmail.com

ବିଷ୍ଣୁଙ୍କ ଅଗ୍ରତେ ଜଣାଇଲେ ଯେ । ୩ ।
ତା' ଶୁଣି ଜଗତନାଥ ହୋଇ କୋପଭର
ମଥୁରାରେ ଜନମିଲେ ଦେବକୀ ଗର୍ଭର, ଗୋପପୁରେ ଯେ
ଗୁପତେ ବଢ଼ିଲେ ନନ୍ଦଘରେ ଯେ । ୪ ।
ଦେବକନ୍ୟା ଗଣଙ୍କୁ ତ୍ରେତାରେ ବିଂଶପାଣି
ନେଇଥିଲା ହରି ଭୋଗ କରିଣ ପୁଣି, ସୀତା ଛଳେ ହେ
ରାମ ମାରି କନ୍ୟାଙ୍କୁ ମୁକ୍ତ କଲେ ହୋ । ୫ ।
ସେ କନ୍ୟାଏ ଜାତ ହେଲେ ଗୋପୀ ହୋଇ କରି
ଷୋହଳ ସସ୍ର ହୋଇଲେ କୃଷ୍ଣଙ୍କ ବିହାରୀ, କୁତୂହଳେ ଯେ
ନାନା ରଙ୍ଗେ ମର୍ତ୍ତ୍ୟେ କେଳୀ କଲେ ଯେ । ୬ ।
ନାନା ଖେଳ ଖେଳୁ ମନେ ପାଞ୍ଚିଲେ ମୁରାରୀ
ବିଶ୍ୱକର୍ମାଙ୍କୁ ଚିନ୍ତିଲେ ହୃଦେ ଦଇତାରୀ, ତାହା ଜାଣି ହେ
ବିଶ୍ୱକର୍ମା ମିଳିଲେ ସେ କ୍ଷଣି ହେ । ୭ ।
ବିଶ୍ୱକର୍ମାଙ୍କୁ ବୋଇଲେ ଏହି କ୍ଷଣି ଯାଅ
ଶିଂଶପା ବୃକ୍ଷର ବାଡ଼ି ଆଣିଣ ଯୋଗାଅ, ମୁଠୁଣିଏ ହେ
ଲମ୍ବ ଥିବ ଆଣ ଏ କ୍ଷଣିରେ ହେ । ୮ ।
ବିଶ୍ୱକର୍ମା କୁନ୍ଦି ଦଣ୍ଡା ଆଣି ଆଗେ ଦେଲା
ଖେଳ ଆରମ୍ଭିଲେ ତହିଁ ଦେବକୀଙ୍କ ବଳା, ସେ ଦିନରୁ ଯେ
ମର୍ତ୍ତ୍ୟେ ହେଲା କୃଷ୍ଣ ଖେଳ ଗୁରୁ ହେ । ୯ ।
ଷୋଳ କୁଂଜେ ଷୋଳ ସସ୍ର କନ୍ୟା ଉଭା ହୋଇ
ସ୍ତିରୀକେ ମାୟା ପୁରୁଷେ ହୋଇଲେ କହ୍ନାଇ, ଷୋଳହ କଳା ହେ
ଠାବେ ଠାବେ ଆନ ଖେଳ ହେଲା ହେ । ୧୦ ।
ମୁଦଗର ପରା ଏ ଦଣ୍ଡା ଲଉଡ଼ିକି ଚାହିଁ
ଦୁର୍ଗାଙ୍କୁ ସ୍ଥାପନ କଲେ ଛଇଳ କହ୍ନାଇ, ଏଣୁ କରି ଯେ
ପୂଜାହୁଏ ଦୁର୍ଗା ନାମ ସ୍ମରି ହେ । ୧୧ ।
ଶୁଣିଲୁଟି ଭାଇ ଦଣ୍ଡା ଖେଳର ଉତ୍ପତ୍ତି
କହେ ଅଜ୍ଞାନ ବାଳୁତ ମୁସ୍ତକିମ କବି, ସାଧୁଜନେ ହେ
ଦୋଷଥିଲେ ନ ଧରିବ ମନେ ହେ । ୧୨ ।

Digitized by srujanika@gmail.com

॥ ତାଳ ॥

ଶୁଣ ହେ ପଣ୍ଡିତ ବର୍ଗ ଲୟ କରି ଏକ
ଅମରେ ତାଣ୍ଡବ କଲେ ହୋଇଣ ଉସ୍ତୁକ ॥
ବ୍ରହ୍ମା ବାଇ ମୃଦଙ୍ଗ ଈଶ୍ୱର ଡମ୍ବରୁ
ନାରଦଙ୍କ ବୀଣାନାଦ ଶୁଭଇ ସୁଚାରୁ ॥
ସୀତାରା ତମ୍ବୁର ଯେ ବେହେଲା ଆଦି କରି
ଅଷ୍ଟବସୁ ବଜାଇଲେ ତୋଷ ହୋଇ କରି ॥
ନାଚିଲେ ଭୋଳେ ଅନନ୍ତ ବିଷ୍ଣୁ ରସ ଗାଇ
ଦେବଗୁରୁ ବୃହସ୍ପତୀ କରତାଳ ବାଇ ॥
ଦକ୍ଷ ବ୍ରହ୍ମା ମର୍ତ୍ତ୍ୟେ ରହି ଜଗତ ସୃଜିଲେ
ହରଷରେ ଦେବେ ଆସି ତାଣ୍ଡବ ରଚିଲେ ॥
ସୃଷ୍ଟିକର୍ତ୍ତା ଦକ୍ଷ କରତାଳର ବାଦନ
ଅଶୋଭା ଦିଶଇ ବୋଲି କଲେକ ରଚନ ॥
କରତାଳ ବାଦକକୁ ନୋହୁଥିଲା ବାରି
କଳା ଜାଣିବାକୁ ତେଣୁ ତାଳ ଅବତାରୀ ॥
ଚନ୍ଦ୍ର ସୂର୍ଯ୍ୟ ପରି କଂସା ଗୋଲାକାର କଲେ
କରତାଳ ବଦଳରେ ତାହାକୁ ବାଇଲେ ॥
ଏଣୁ କରି ତାଳ ନାମ ହୋଇଲାଟି ଜାଣ
ଦକ୍ଷବ୍ରହ୍ମା ଏହା କଲେ ପୂର୍ବରେ ରଚନ ॥
ଅପ୍ରତେ ହୋଇଲେ ଦେଖ ବେଦାଙ୍ଗରେ ଫେଡ଼ି
ବାଲୁତ ମୁସ୍ତକି କହେ କବି ଶାସ୍ତ୍ର ଲୋଡ଼ି ॥
ଷୋହଳ କଳା ଶଶିର ଷୋହଳ ସୂର୍ଯ୍ୟର
ବତ୍ରିଶ କଳା ସେପରି ବାଦନ ତାଳର ॥
ତାଣ୍ଡବରେ ବାଇଲେ ହରଷେ ଦେବଗୁରୁ
ଲୟ ଜାଣି ହେଉ ଦେଲେ ତାଳ ନାଁ ସୁଚାରୁ ॥
କରତାଳ ବଦଳରେ ଦକ୍ଷବ୍ରହ୍ମା କଲେ
ଆଦ୍ୟ ବେନି ଛାଡ଼ି ପ୍ରାନ୍ତ XXX ଭାସିଲେ ॥

Digitized by srujanika@gmail.com

।। ହରଙ୍କର ଚନ୍ଦ୍ର ଧାରଣ ।।

ଦକ୍ଷ ପ୍ରଜାପତି ସୁତା ସତୀ ବୋଲି ନାମ
ଈଶ୍ୱରଙ୍କୁ ଦକ୍ଷ କରିଥିଲେକ ପ୍ରଦାନ ।।
ଦକ୍ଷ ଯଜ୍ଞକାଳେ ସର୍ବଦେବେ ଆମନ୍ତ୍ରିଲେ
ଅପୁତ୍ରୀ ସନ୍ୟାସୀ ବୋଲି ହରେ ନ ବରିଲେ ।।
ସେହି କୋପେ ଦକ୍ଷ ଯଜ୍ଞେ ଝାସିଲେ ଶଙ୍କରୀ
ତାଙ୍କ ବିରହରେ ମହାଦେବ ତପ କରି ।।
ମନ୍ଦରକୁ ଛାଡ଼ି ଗଲେ କଇଲାସପୁର
ତାଙ୍କ କୋପ ଅଗ୍ନି ସହି ନ ପାରିଲେ ସୁର ।।
ଇନ୍ଦ୍ରାଦି ସର୍ବେ ବ୍ରହ୍ମାଙ୍କ ନିକଟେ କହିଲେ
ମନ୍ଦର ପର୍ବତେ ହର ତପ ଆରମ୍ଭିଲେ ।।
ସେ ତପ ଅନଳ ଦହି ଦେବ ତନିପୁର
କେମନ୍ତ କରିବା ବୋଲି କଲେକ ବିଚାର ।।
ଚନ୍ଦ୍ରକାନ୍ତ ମଣି ହର ଶିରେ ଦେବା ବୋଲି
ଅମୃତ ଘଟକୁ ଧରି ଦେବେ ଗଲେ ଚଳି ।।
ହରଙ୍କର ତପସ୍ଥାନେ ଯାଇ ପ୍ରବେଶିଲେ
ନାନା ସ୍ତୁତି କରି ସୁଧା କୁମ୍ଭ ସମର୍ପିଲେ ।।
ସେ ଅମୃତକୁ ଶରଧା କଲେକ ଶଙ୍କର
ବାସ ଆଘ୍ରାଣନ୍ତେ ହେଲା ଅତି ଚମତ୍କାର ।।
ଅଦଭୁତେ ମସ୍ତକରେ ଶଶିରେଖା ହେଲା
ଈଶ୍ୱରଙ୍କ କୋପାନଳ ଶାନ୍ତ ହୋଇଗଲା ।।
ବ୍ରହ୍ମା ଚନ୍ଦ୍ରଚୂଡ଼ ନାମ ଦେଲେ ସେହି ଦିନ
ଶଶାଙ୍କ ମୌଳୀ ବୋଲି କହିଲେ ମଘବାନ ।।
ଚନ୍ଦ୍ରମୌଳୀ ନାମ ଦେଲେ ସର୍ବ ଦେବଗଣ
ଏହିପରି ଈଶ୍ୱରଙ୍କ ଚନ୍ଦ୍ରମା ଭୂଷଣ ।।
ମୁସ୍ତକିମ କହେ ପ୍ରତେ ନ ମଣିଲେ ଭାଇ
ଶିବ ପୁରାଣକୁ ଦେଖ ହେବ ନିଃସଂଶୟୀ ।।

Digitized by srujanika@gmail.com

।। ଶ୍ମଶାନବାସ ।।

ଭଜରେ ଈଶ୍ୱର ପାର୍ବତୀ ଗୌରା ହେ ଚିରକାଳ ଚିର କାଳ ।।
ଶୁଣ ହେ ପଣ୍ଡିତ ଜନେ ଶୁଣ ମନ ଦେଇ
ଶିବ ପୁରାଣୁ ଉତ୍ତର ସଂକ୍ଷେପି କହଇ ।।
ଜାତ ହୋଇ ଈଶ୍ୱର ରୋଦିଲେ ବିକଳରେ
ଅନାଦି ସଦୟ ହୋଇ ଘେନିଲେ କୋଳରେ ।।
କିପାଁ କାନ୍ଦୁ ସୁତ ବୋଲି ବୋଲନ୍ତେ ଅନାଦି
ଦେବ ଦେବ ନାମ ଦିଅ ଈଶ୍ୱର ଭାଷନ୍ତି ।।
ଅନାଦି କହିଲେ ରୌଦ୍ର ମୁହୂର୍ତ୍ତ କାନ୍ଦିଲୁ
ଆଜିଠାରୁ ଶୁଳରୁଦ୍ର ନାମ ବୋଲାଇଲୁ ।।
ପୁଣି କାନ୍ଦୁ ଦୟାକରି ପୁଚ୍ଛିଲେଟି ତାତ
ନାମ ଦିଅ ବୋଲୁଁ ଆଉ ନାମ ଦେଲେ ସାତ ।।
ତଥାପି ରୋଦନ୍ତେ ଦେଲେ ମହାଦେବ ନାମ
ପୁଣି ପୁଣ ରୋଦିବାରୁ କହିଲେଟି ତମ ।।
ପୁଣ ପୁଣ ରୋଦୁ ସୁତ ଏଣୁକରି ତୁହିଁ
ଶ୍ମଶାନେ ବିହର ତୁ କ୍ରନ୍ଦନ ସ୍ଥାନ ତହିଁ ।।
ତେଣୁ ଶ୍ମଶାନେ ରହିଲେ ଈଶ୍ୱର ଦେବତା
ପ୍ରଥମ ଖଣ୍ଡରେ ଅଠାଇଶ ପୃଷ୍ଠା ।।
ତ୍ରିଲୋକ ସଂହାର ଶୁଣୁ ହର ନାମ ହେଲା
କାଳରୁ ଯେ ଭ୍ରମୁ ମହାକାଳ ବୋଲାଇଲା ।।
ପ୍ରଳୟରେ ସର୍ବପ୍ରାଣି ଭରୁଁ ଉଦରରେ
ଏଣୁଇ ଈଶ୍ୱର ନାମ ସର୍ବନାମ ଗୋଟି ଧରେ ।।
ଜ୍ଞାନୀଙ୍କୁ ଭୟ ଦେବାରୁ ଭବ ନାମ କହି
ରୌଦ୍ରକାଳେ କାନ୍ଦିବାରୁ ଫଳ ଶୁଣ ଭାଇ ।।
ଚିତାଭସ୍ମରେ ଶରଧା ହରଙ୍କର ତେଣୁ
ମୁସ୍ତକି ବାଲୁତ କହେ ଦୋଷ ତେଜ ମନୁ ।।

Digitized by srujanika@gmail.com

॥ ବିଭୂତି ଜନ୍ମ ॥

ଶୁଣ ବିଜ୍ଞଜନେ ଉତର ଚିର ସୁସ୍ଥିର କରି
ପର୍ଣ୍ଣଦ ନାମରେ ବିପ୍ରେକ ଭୃଗୁ ବଂଶାବତରି ॥
ତପ କଲା ଅତି କଠୋର ଅନ୍ନ ଫଳ ଛାଡ଼ି
ଦିନେ କୁଶ କାଟୁ କୁଶ ହସ୍ତେ ଗଲା ଗଡ଼ି ॥
ରକ୍ତ ନ ବାହାରି ବହିଲା ସିକର ଅଳପ
ମନରେ ପର୍ଣ୍ଣଦ ଭାବି ସିଦ୍ଧ ହେଲା ତପ ॥
ମୋହଠାରୁ ବଳି ନ ଥିବେ ତପୀ ଅବନୀରେ
ଏମନ୍ତ ବିଚାରି ବିପ୍ର ନାଚିଲା ଗର୍ବରେ ॥
ଏମନ୍ତ ସମୟେ ବ୍ରାହ୍ମଣ ରୂପେ ମିଳି ହର
ଭାଷିଲେ ପର୍ଣ୍ଣଦେ ବିହ୍ୱଳ ହୁଅନା ବୃଥାର ॥
ପର୍ଣ୍ଣଦ କହିଲା ଏବେ ହେଲି ତପ ସିଦ୍ଧ
ଅଙ୍ଗୁ ଶାକରସ ବହି ହେଉଁ କୁଶ ବିଦ୍ଧ ॥
ଶୁଣି ହର କହି ବୃଥା ଗର୍ବ କରୁଛୁ ବ୍ରାହ୍ମଣ
ମୋ ବିଚାରେ ତପ ତୋହ ହୋଇନି ପୂରଣ ॥
ଦେଖ ବୋଲି ନିଜ ମଧମାଙ୍ଗୁଳି କଲେକ ଛେଦନ
ତତ୍‌କ୍ଷଣେ ହୋଇଲା ତହୁଁ ଭଷ୍ମ ପତନ ॥
ସେଦିନୁ ବିଭୂତେ ସର୍ବେ କରିଲେ ଆଦର
ଯୋଗୀ ଋଷି ତପୀ ଦେବ ନର ବହିଲେ ଅଙ୍ଗର ॥
ମୁସ୍ତକିମ କହେ ଶୈବ ପୁରାଣ ପ୍ରଥମ ଖଣ୍ଡେ
ଲୋଡ଼ ଦେଖ ଯିବ ଯଦି ନ ହୁଅଇ ପ୍ରତେ ॥

॥ ବେଲ ବୃକ୍ଷ ଜନ୍ମ ॥

ବେ'ଲ ବୃକ୍ଷର ଜନମ, ଶୁଣ ସୁଜନ ॥ ପଦ ॥
ଶତେ ପଦ୍ମ ସୁମନରେ ଲକ୍ଷ୍ମୀ ନିତି ସୁମନରେ
ଦେଉଥିଲେ ହର ଶିରେ ହେଲା ବରଷ ସମ୍ପୂର୍ଣ୍ଣ ॥
ହର ଦିନେ ମାୟା କଲେ ଫୁଲ ଦୁଇଟି ହରିଲେ
ଲକ୍ଷ୍ମୀ ତାହା ନ ଜାଣିଲେ, ଦେଉଲେ କଲେ ଗମନ ॥
ଦେବା ବେଳେ ପଦ୍ମ ପୁଷ୍ପ ହେଲା ଦୁଇ ଊଣା ଶତ

Digitized by srujanika@gmail.com

ତାହା ଦେଖିଣ ବିରଷ ହୋଇଲା କମଳା ମନ ॥
ଭାବିଲେ ଲକ୍ଷ୍ମୀ ଚିତ୍ତରେ, ବିଷ୍ଣୁ କହୁଥାନ୍ତି ମୋରେ
ପଦ୍ମବତ୍ ବେନି ସ୍ତନ କରିଅଛନ୍ତି ସମାନ ॥
ସ୍ତନପଦ୍ମ କାଟି ଦେବି ବୋଲି କଟାରୀରେ ଦେବୀ
ସ୍ତନେକ କାଟି ଅର୍ପିଲେ, ପୁଣି କାଟୁ ଆନ ସ୍ତନ ॥
ଲିଙ୍ଗୁ ହର ବାହାରିଲେ, ରହ କମଳା ବୋଇଲେ
ତୁମ୍ଭ ପୂଜାରେ ମୁଁ ବଶ ଯା ଇଚ୍ଛା ତା ବର ଘେନ ॥
ତୁମ୍ଭ ବାମସ୍ତନ ଗୋଟି ବିଲ୍ୱ ନାମରେ ପ୍ରକଟି
ମୋ ସେବାରେ ମର୍ତ୍ତ୍ୟେ ଜନ୍ମୁ ଭାଷିଲେ ପଞ୍ଚବଦନ ॥
ସେ ଦିନରୁ ବିଲ୍ୱ ବୃକ୍ଷ ଜନମି ଅଛି ପ୍ରତ୍ୟକ୍ଷ
ହର ହୁଅନ୍ତି ସନ୍ତୋଷ, ତା ପତ୍ର କଲେ ଅର୍ପଣ ॥
କବି ମୁସ୍ତକିମ କହି ଲକ୍ଷ୍ମୀ ଗଲେ ବର ପାଇ
ଶିବ ପୁରାଣରେ ଦେଖ ହେବ ସଂଶୟ ମୋଚନ ॥

॥ ମର୍ତ୍ତ୍ୟରେ ଷୋହଳ ବୈକୁଣ୍ଠ ॥

ଶୁଣ ଉତ୍ତର ସୁଧିରେ, ସଂକ୍ଷେପି କହେ ସଭାରେ ॥ ପଦ ॥
ସାତ ସିନ୍ଧୁ ନବ ଦ୍ୱୀପ ନବଲକ୍ଷ ଯେ ପର୍ବତ
ଘେନି କୋଟି ତୀର୍ଥ ଗଙ୍ଗା ବହେ ମଧ୍ୟରେ ହେ ॥
ଷୋଳ ବଇକୁଣ୍ଠ ଭାଇ ମର୍ତ୍ତ୍ୟ ମଣ୍ଡଳେ ଅଛଇ
ଅଯୋଧ୍ୟା ମିଥିଳା ଦ୍ୱାରକା ତୃତୀୟରେ ହେ ॥
ବୃନ୍ଦାବନ କୂର୍ମତୀର୍ଥ ଗୋବର୍ଦ୍ଧନ ରାମନାଥ
ଗୋପ, ଖଣ୍ଡଗିରି ପୁଣ ଭୁବନେଶ୍ୱରେ ହେ ॥
ହଟକେଶ୍ୱର କୋଣାର୍କ ପାରାଦୀପ କପିଳାସ
ନୀଳଗିରି ଶ୍ରୀପୁରୁଷୋତ୍ତମ ସୋହଳରେ ହେ ॥
କବି ମୁସ୍ତକିମ କହି ମର୍ତ୍ତ୍ୟେ ବଇକୁଣ୍ଠ ଏହି
ଦ୍ୱିତୀୟ ଖଣ୍ଡରେ ଦେଖ ଶିବ ପୁରାଣରେ ହେ ॥

Digitized by srujanika@gmail.com

।। ଗୂଢ଼ ଉତ୍ତର ।।

ସଖୀ ଦେଖୁ ଲାଖି ଆକ୍ଷି ରହିଲାଟି, ଏ ଭାବନାଟି ।। ପଦ ।।
ମୋହ ବତାସଟି ବୁଦ୍ଧି ରମ୍ଭା ନାସ କରଇଟି
ସୁବୁଦ୍ଧି ଶାରୀକି କ୍ରୋଧ ବିଡ଼ାଳ ଖାଇଲାଟି ।।
ଠେକି ଶରୀରେ ଆକାଶ ନଉଡି ହୋଇଲା ଗୋପ୍ୟ
ଖେଦ ବିନା ଚରଣରେ ଶରୀର ଭ୍ରମଣ କରେ
ଶାନ୍ତି ବେଙ୍ଗ ଜିଣେ ଯୁଦ୍ଧେ, ଅଶାନ୍ତି ଅହି କି ।। ୧ ।।
ଦଶମନା ଦେହେ ମନ, ପବନ ହୁଏ ବନ୍ଧନ
ଅକ୍ରୋଧ ମଶା ହୋଇଣ କ୍ରୋଧ ଗଜେ ବାନ୍ଧେ ଘେନି
କଳପନା କର୍କଟ ବିକଚ୍ଛମନା ବାକେ ଛନ୍ଦି ।। ୨ ।।
ଜିହ୍ୱା ଯୋକ ପଞ୍ଚବାଦ୍ୟ ବାଇ ବାଦ୍ୟେ ରଖେ ନାଦ
ଆସକ୍ତା ଶରୀର ଆସି ଠାବରେ ରହିଲ ବସି
ବହନ୍ତା ମନପକ୍ଷୀ ବସାକୁ ଘେନି ଉଡ଼ିରେ ।। ୩ ।।
ଆତ୍ମା ପରବାସୀ ବାସ ଅଙ୍ଗେ କଲା ଚତୁର୍ମାସ
ଚତୁର୍ମାସ ଶେଷ କରି ଗଲାଟି ସେ ନିଜ ପୁରୀ
ନାହି ରଜ ବୀର୍ଯ୍ୟେ ଜାତ ଅଚିନ୍ତା ପୁଂଶଟିରେ ।। ୪ ।।
ନାମ କ୍ଷଣ କ୍ଷଣ କରେ, ନାନା ବର୍ଣ୍ଣ ଆଶ୍ରେ କରେ
ନାହିଁ ବାସ ଭକ୍ଷେ ନରେ ବୁଝି ଶରୀର ଅର୍ଥରେ
ମୁସ୍ତକିମ କବି ରଚେ ବାଳ ଅଧମଟିରେ ।। ୫ ।।

।। ଅଲେଖ ମଣ୍ଡଳ ରାସ ।।

ଉତ୍ତର ଭାଇ, ଶୁଣିବ ଶ୍ରବଣ ଦେଇ ।। ପଦ ।।
ଯେ କାଳେ ନ ଥିଲା ସ୍ଥଳ, ଚନ୍ଦ୍ରାଦି ସୂର୍ଯ୍ୟ ମଣ୍ଡଳ
ପୃଥ୍ୱୀ ଅପ ତେଜ ବାୟି, ଛପ୍ପା କୋଟି ଜୀବ କାହିଁ
ଜଳେ ବୁଡ଼ିଥିଲା ମହି, ପ୍ରଳୟ ନାମଟି ଏହି ।। ୧ ।।
ସେ କାଳେ ନିରାକାର, ଥିଲେଟି ଶୂନ୍ୟ ରୂପର
କଳ୍ପନାରୁ ଜାତ କଲେ ପ୍ରକୃତି ଆଦିକୁ ହେଲେ
ସେ ଦେବୀ ଜଗତମାତା ଏଥିରେ ସନ୍ଦେହ ନାହିଁ ।। ୨ ।।

Digitized by srujanika@gmail.com

ଅନାଦିଙ୍କ ଭୋଗ ପାଇଁ ଇଚ୍ଛିଲେ ଜଗତ ମାଈ
ତା' ଶରୀରୁ ଷୋହଳ ସସ୍ତ୍ର, କନ୍ୟା କଲେ ଦେବୀ ଜାତ
ମନ ମୃଦଙ୍ଗ ଚୈତନ୍ୟ ତାଳ କଲେ ମହାମାଈ ॥ ୩ ॥
ବୀଣାଦି ଅମୃତ ବାଦ୍ୟ, ଆଵର ବିଚିତ୍ର ନୃତ୍ୟ
ଷଡ଼ ରାଗିଣୀ ଛତିଶ, ରାଗ ଦେବୀ କଲେ ଜାତ
କନ୍ୟାଙ୍କର ସହ ରାସ ଆରମ୍ଭିଲେ ଆଦି ତହିଁ ॥ ୪ ॥
ପ୍ରଥମରେ ବ୍ରହ୍ମା ଜାତ ଚତୁର୍ମୁଖ ହୋଇ
ଅକାରରୁ ବେଦ ଘେନିଣ ଶାସ୍ତ୍ର ସେହି
ତୃତୀୟରେ ବିଷ୍ଣୁ ଓଁକାର ଯଜୁକୁ ଘେନି
ମ କାର ସାମ ଘେନି ଜନମିଲେ ଶୂଳପାଣି ॥ ୫ ॥

॥ ଅଗ୍ନି ଜନ୍ମ ॥

ଶୁଣ ବିଜ୍ଞେ ଉତ୍ତର ଧାରେ, ଦ୍ୱାଦଶ ଅଗ୍ନିଙ୍କ ଜନ୍ମ ବିଧିରେ ॥ ପଦ ॥
ଅନନ୍ତ ମୁଖରୁ ଅଗ୍ନି ଜନ୍ମ ହେଲେ ବ୍ରହ୍ମାଗ୍ନି ରହିଲା ବ୍ରହ୍ମାଙ୍କଠାରେ
ଭୋ ଅଗ୍ନି ଈଶ୍ୱର, ହୃଦେ କଲା ଘର
ପ୍ରଚଣ୍ଡାଗ୍ନି ଜନ୍ତୁଙ୍କର ହୃଦରେ ॥ ୧ ॥
ବଡ଼ାଗ୍ନି ସ୍ରାବରେ ରୁଦ୍ରାଗ୍ନି ରୁଦ୍ରଙ୍କରେ, ଚଣ୍ଡାଗ୍ନି ରହିଲା ତରୁଲତାରେ
ମହା ପ୍ରଚଣ୍ଡାଗ୍ନି ଗୋମାତାରେ ରହେ
ପ୍ରଳୟାଗ୍ନି ଅଛି ବିଷ୍ଣୁଙ୍କଠାରେ ॥ ୨ ॥
ଅଗ୍ନି ଅଖଣ୍ଡଳ ରହେ ପାକଶାଳ, ଯମ ଅଗ୍ନି ରହେ ସ୍ତିରୀ ଗର୍ଭରେ
ଯୋଗ ଅଗ୍ନି ଯୋଗୀ ହୃଦେ ଗଲା ଲାଗି
ଶ୍ୱାନ ଅଗ୍ନି ରହେ ସର୍ବସ୍ଥାନରେ ॥ ୩ ॥
ମୁସ୍ତକିମ କବି ଏ ଉତ୍ତର ଭାବି କହେ ଲୋଡ଼ ବସି ଶିବ ପୁରାଣରେ
ଦ୍ୱିତୀୟ ଖଣ୍ଡରେ, ଦ୍ୱାରକା କୃତିରେ
ଅଛି ଏଗାର ବାର ପୃଷ୍ଠାରେ ॥ ୪ ॥

॥ ମେଘ ଜନ୍ମ ॥

ଭାଇ ଶୁଣୁଥା, ହୃଦପଦ୍ମେ ଗୁଣୁଥା ॥ ପଦ ॥
ବେଦରୁ ବ୍ରହ୍ମା ଜନ୍ମିଲା, ବ୍ରହ୍ମା ବେଦୁ କର୍ମ କଲା

Digitized by srujanika@gmail.com

କର୍ମରୁ ଜନ୍ମିଲା ଯଜ୍ଞ ନୁହଇ ଏ ବାଣୀ ମିଥ୍ୟା ॥ ୧। ॥
ଋକ କର୍ମ ଯଜ୍ଞ, ଧୂମ ହୋଇଲାଟି ଉତପନ୍ନ
ତହୁଁ ଜାତ ଧୂମ୍ରୁ ଦ୍ରୋଣ, ମେଘ ନାମ ହେତୁରେ ଥା ॥ ୨ ॥
ସାମବେଦ ଯଜ୍ଞ ଧୂମ ତହୁଁ ସମ୍ଵର୍ତ୍ତ ଜନମ
ଯଜୁ ଯଜ୍ଞ ଧୂମୁ ଜାତ, ମେଘ ଆବର୍ତ୍ତ ନାମ ତା ॥ ୩ ॥
ଅଥର୍ବ କର୍ମ ଯଜ୍ଞରୁ ଧୂମ ପୁଷ୍କର ତହିଁରୁ
ଜନ୍ମ ଚାରି ମେଘ ତୋଷେ ସେବନ କଲେ ସବିତା ॥ ୪ ॥
ଅଂଶୁମାଳି ଦେଲେ ବର, ଇଚ୍ଛାରେ ବରଷ ନିର
ମୁସ୍ତକିମ କହେ ଶିବ ପୁରାଣରେ ଲୋଡ଼ିବୁ ଯା ॥ ୫ ॥

॥ ପିଣ୍ଡ ବ୍ରହ୍ମାଣ୍ଡ ଜନ୍ମ ॥

ନନ୍ଦା ନାମେ କୁରାଳ ଅଟଇ ଭାଇ, ବ୍ରହ୍ମାଣ୍ଡ ହାଣ୍ଡି ସଦା କାଳେ ଗଢ଼ଇ
ନିରଞ୍ଜନ ପାଟଣା, ତାହାର ନିଜ ବାସ ଅଟଇ ସିନା ॥ ୧ ॥
ମସ୍ତକେ ଟେକି ରଖିଛି ଚାରି ଚାଳ, ଆଦିକାଳୁ ଛାଇ ଗଲା କେତେ କାଳ
ପୁଣ ଭଲାଇ କରି, ଆଉ ଛାଦନ ନ ପାରିଲାଟି କରି ॥ ୨ ॥
ବତାସେ ନ ଉଡ଼ଇ ନ ବୁଡ଼େ ପାଣି, ନୂଆ ପ୍ରକାରେ ସଦାବେଳେ ସେ ପୁଣି
ପୁଅ ଭାରିଜା ନାହିଁ, ଏକାକୀ ବ୍ରହ୍ମାଣ୍ଡ ହାଣ୍ଡି କି ଗଢ଼ଇ ॥ ୩ ॥
ଚକ ବସାଇ ତିନି ତିହୁଡ଼ି ପରେ ବିନା ହସ୍ତେ ବୁଲାଇ ଅଣସୂତ୍ରରେ
ଶୂନ୍ୟ ଗିରି ପାଟଣା, ତହୁଁ ମୃତିକା ଆଣେ ବୁଝିଏ କିନା ॥ ୪ ॥
ପାଣି ପକାଇ ମେଦି ଚକେ ବସାଇ ଚଇତନ୍ୟ ଲଗାଇ ହାଣ୍ଡି ବନାଇ
ମନବୁଦ୍ଧି ପିଟଣା, ତହିଁରେ ତାରି ବାତେ ଶୁଖାଇ ସିନା ॥ ୫ ॥
ମେରୁ ଲଗାଇ ଦୀପ ରୁଖା ଉହାଡ଼ି, ପ୍ରକୃତି ଅଙ୍ଗାରରେ ତା' ଦିଅଇ ଯୋଡ଼ି
ଦକ୍ଷିଣେ ସୂର୍ଯ୍ୟ ଅଛି, ଚନ୍ଦ୍ର ଉପରେ ରଖି ଯତନେ ପୁଣି ॥ ୬ ॥
ଦଶ ସସ୍ର ବରଷ ଉଆରେ ଥିଲା, ପାକ ହୋନ୍ତେ ତହିଁରୁ ବାହାର କଲା
କବି ମୁସ୍ତକି କହି, ଶିବ ପୁରାଣେ ଲୋଡ଼ ମିଳିବ ଭାଇ ॥ ୭ ॥

Digitized by srujanika@gmail.com

।। କର୍ଣ୍ଣ ମନ୍ତ୍ର ।।

କର୍ଣ୍ଣମନ୍ତ୍ରର ଏ ନିର୍ଣ୍ଣୟ, କର ଲୟ
ଠିକେ ଠିକେ ସଂକ୍ଷେପରେ କହୁଅଛି କରି ଥୟ । ପଦ ।
ବୈଶାଖ ଶ୍ରାବଣ ମାଘ, ଫଗୁଣ ଆଶ୍ୱିନ ଜ୍ୟେଷ୍ଠ
ମଘା ପୁଷ୍ୟା ଉତ୍ତର ଭାଦ୍ରବ ରେବତୀ ପୁଷ୍ୟା ଅଶ୍ଳେଷା
ରୋହିଣୀ ଯେ ଅନୁରାଧା, ବୁଧରବି ସୋମ ଗୁରୁ ଥୟ ।୧।
ଏ ପ୍ରସ୍ତାବେ କର୍ଣ୍ଣମନ୍ତ୍ର, ଶିଷ୍ୟ ଗୁରୁଙ୍କର ଲାଭ
ବୃଦ୍ଧି ଧନ ଆୟୁ ସୁତାସୁତ, ରାଜ ପୂଜନ ସୁଜ୍ଞାନ
ଶିଷ୍ୟ ହୁଏ ଥାଅ ଜାଣି, ମଲେ ବୈକୁଣ୍ଠ ଭୋଗ ହୟ ।୨।
ଆଷାଢ଼ ଭାଦ୍ରବ କାର୍ତ୍ତିକ ମାର୍ଗଶିର ପୌଷ ଚୈତ୍ର
ଶନି ଶୁକ୍ର ମଙ୍ଗଳବାରେକ
ଅଶ୍ୱିନୀ ଦ୍ୱିଜା କୃତ୍ତିକା ପୁନର୍ବସୁ ଆରଦ୍ରା, ମୃଗଶିରା ଶୁଭେ ନୁହେ ଥୟ
।୩।
ଅଶ୍ଳେଷା ପୂର୍ବା ଫାଲଗୁନି, ଉତ୍ତରା ଫାଲଗୁନି ଘେନି
ହସ୍ତା ଚିତ୍ରା ଶ୍ୱାତୀ ଯେ ବିଶାଖା
ଜ୍ୟେଷ୍ଠା ମୂଳା ସାଢ଼ା ଦୁଇ ଶ୍ରବଣା ଧନିଷ୍ଠା ହୋଇ
ଶତଭିକ୍ଷା ଭାଦ୍ର ବେନି କୟ ।୪।
ଏ ରାଶି ନକ୍ଷତ୍ର ଦିନେ ଗୁରୁ ମନ୍ତ୍ର ଦେଲେ କାନେ
ଆୟୁ ଧନ ସୁତସୁତା କ୍ଷୟ
ରୋଗୀ ପାଗଳ ଯେ ଶିଷ୍ୟ ଗୁରୁ ପାଏ ଅପଯଶ
ବେନିଙ୍କ ନରକ ଭୋଗ ହୋୟ । ୫ ।
କବି ମୁସ୍ତକିମ କହି ଏ ବାଣି ବିଥ୍ୟା ନହଇ
ଉଚାରିଲେ ଶାସ୍ତ୍ର କରି ଥୟ
ଅପ୍ରତେ ବିଚାର କଲେ, ଶିବ ପୁରାଣରେ ଭଲେ
ଲୋଡ଼ ଦ୍ୱିତୀୟ ଖଣ୍ଡ ରସମୟ ।୬।

Digitized by srujanika@gmail.com

।। ସୃଷ୍ଟି ନିର୍ମାଣ ।।

କହୁଅଛି ଜନେ ଶ୍ରବଣେ ଶୁଣ ଏ ଦିବ୍ୟ ରସ
ସଂକ୍ଷେପ ଭାବରେ ଉତ୍ତର କରୁଅଛି ପ୍ରକାଶ ।।
ଶୂନ୍ୟ ନିରାକାର ଶୂନ୍ୟର୍ ଜାତ ଅଟନ୍ତି ଜାଣ
ଅକଳ୍ପିତ ସେ ଯେ କଳ୍ପିତ ସୃଷ୍ଟି କଲେ ଭିଆଣ ।।
ଅନନ୍ତ ଦେହରୁ ଜନମ ଶେଷ ବିଚାରି ଘେନ
ଶେଷରୁ ଜନମ ମହତ ମିଥ୍ୟା ନୁହଇ ପୁଣ ।।
ମହତ ଦେହରୁ ବିରାଟ ଜାତ ହୋଇଲା ଭାଇ
କଟୀଠୁ ଚରଣ ଯାକରେ ସପ୍ତ ପୃଥ୍ବୁ କଲାଇ ।।
କଟୀରୁ କଣ୍ଠକୁ ମଞ୍ଚ ଭୁବନ ଭିଆଣ ଜାଣ
କଣ୍ଠୁ ଶିରଯାକେ ଅମର ନଗ୍ର କଲେ ଭିଆଣ ।।
ନାଶାରୁ ପବନ ଜନମ ନେତ୍ରୁ ଚନ୍ଦ୍ର ଆଦିତ୍ୟ
ମନୁ ଇନ୍ଦ୍ର କଣ୍ଠୁ କୁବେର ଆବର ନଇରୁତ ।।
ତେଜରୁ ଅନଳ ଜନ୍ମିଲେ ଅପ ଅହଂକାରରୁ
ଅନନ୍ତ ଅନନ୍ତ ଜନ୍ମି ଧଇଲେ ବସୁଧା ଗରୁ
ରକତରୁ ସିନ୍ଧୁ ସପତ ମେଦୁ ସପତ ଦ୍ୱୀପ
ଚିତ୍ତୁ ଚାରିଗାନ ବୁଦ୍ଧିରୁ ମାନବ ବିଷ୍ଣୁ ଜାତ ।।
ଚମୁ ରୁଦ୍ର ଦେବ ଜନମ ହେଲେ ଚତୁରେ ଶୁଣ
ସତ୍ୟୁ ସତ୍ୟଯୁଗ ବିରାଟ କରିଛନ୍ତି ଭିଆଣ ।।
ରଜରୁ ସୁଯୁଗ ତ୍ରେତୟା କାମୁ ହେଲା ଦ୍ୱାପର
ତମ ଗୁଣୁ କଳି ଜନ୍ମିଲା କହେ ମୁସ୍ତକି ଛାର ।।

।। ସୂର୍ଯ୍ୟଚନ୍ଦ୍ର ଜନ୍ମ ।।

ଆଦି ଈଶ୍ୱର ସେ ଯେ ଅଟନ୍ତି ଭଗବାନ
ତାହାଙ୍କ ଦେହରୁ ତେଜ ହୋଇଲା ଜନମ ।।
ତେଜ ଅନ୍ତରାଳରୁ ଅରୁଣ ଜାତ ହେଲା

Digitized by srujanika@gmail.com

କାଳ ଦେହରୁ ଇନ୍ଦ୍ର ଦେବତା ଜନମିଲା ॥
ଚନ୍ଦ୍ର ସୂର୍ଯ୍ୟ ଦୁଇ ଦେବ ସୃଷ୍ଟି କି କରତା
ସୁଦର୍ଶନ ଚକ୍ର ଦୁଇ ଦଇବ ବିଧାତା ॥
ସୂର୍ଯ୍ୟ ଉତପତ୍ତି ପ୍ରାଣ ଚନ୍ଦ୍ର ଅନଶ୍ୟତି
ଶିବ ପୁରାଣରେ ଦେଖ ମୁସ୍ତକି ବଦତି ॥

॥ ଦ୍ରୌପଦୀ ଜନ୍ମ ବୃତ୍ତାନ୍ତ ॥

ଆଦ୍ୟ ଅବତାରେ ନାମ କେତୁକା ହିଙ୍ଗୁଳା
ଦ୍ୱିତୀୟରେ ହୋଇଲା ପାର୍ବତୀ ଏବ ବାଳା ।
ତୃତୀୟ ଅବତାରେ ଯେ ହେଲା ଦେବୀ ସଚି
ଇନ୍ଦ୍ର ଦହନେ ରଖିଲେ ଗଂଷି ବଧି ଗୁଚି ॥
ଚତୁର୍ଥାବତାରେ ଯଜ୍ଞୁ ଜାତ ଯାଜ୍ଞସେନୀ
ଶ୍ରୀକୃଷ୍ଣ ଆଗେ ସୁଦେଷ୍ଣା ଅଛନ୍ତି ବଖାଣି ॥
ମୁସ୍ତକିମ କହେ ଯଦି ପରତେ ନ ମଣ
ଶ୍ରୀ ମହାଭାରତ ଦେଖ ତୃପ୍ତି ହେବ ମନ ॥
XXX
ଆଶ୍ରୟ ହିନେ କେବା ମହିରେ ଅଛି ରହି
ଆସନ ନାସ କୁନ୍ଦଦଶନୀ ଗୋରୀ ॥ ପଦ ॥
ମେରୁ ଆଶ୍ରା ପୃଥ୍ୱୀର ନରାଶ୍ରମ ହଦ୍ୱର
ଅଗୁଣ ଗୁଣାଶ୍ରୟ ଶୁଣ ବିଚାରି
କୃଷ୍ଣ ଆଶ୍ରୟ ଅପ ତେଜାଶ୍ରୟ ମରୁତ
ଅନ୍ନାଶ୍ରା ଆତ୍ମ କଳିଦ୍ୱନ୍ଦ୍ୱା ଶ୍ରାକରୀ ।୧।
ଗୃହାଶୟ ପ୍ରବାସୀ ନାରୀ ଆଶ୍ରୟ ପତି
ପ୍ରାଣାଶ୍ରା ପିଣ୍ଡ ଭକ୍ତ ଆଶ୍ରିତ ହରି
ବିଜ୍ଞ ମହାତାଶ୍ରୟ ଅଧର୍ମ ମନ୍ଦାଶୟ
ପଣ୍ଡିତ ଜନ ବିଦ୍ୟା ଆଶ୍ରୟ କରି ।୨।
ଜଳ ଆଶ୍ରା ପୃଥିବୀ ଆସନ ଆଶା ତପୀ
କାମିଙ୍କ ଆଶ୍ରା ନବନବୀନା ଗୋରୀ
ଆଶ୍ରା ମୁସ୍ତକିମର ଇଷ୍ଟ ପଦ୍ମ ପୟର

Digitized by srujanika@gmail.com

ଯୋଦ୍ଧା ଆସ୍ତ୍ରା ଆୟୁଧ ବଳ ଯେ ଫରୀ ।୪।

।। ଲଙ୍କା ନିର୍ମାଣ, ରାବଣ ଜନ୍ମ ଓ ତପ ।।

ଶୁଣ ଭାଇ ମନଦେଇ ପଚାରିଲୁ ଯାହା
ତୋ ଆଗେ ନିର୍ଣୟ ରୂପେ କହି ଦେବି ତାହା ।।
ପୂର୍ବେ ବ୍ରହ୍ମା ତହୁଁ ଚାରି ପୁତ୍ର ହେଲେ ଜାତ
ପୌଳସ୍ତ ଅଗସ୍ତି ପୁଣ ନାରଦ ବଶିଷ୍ଠ ।।
ପୌଳସ୍ତିଙ୍କର ନନ୍ଦନ କପିଳ ନାମରେ -
ତାଙ୍କ ସୁତ ଶୂନ୍ୟମୁନି ବୋଲି ଖ୍ୟାତ ନାଁରେ ।।
ତାଙ୍କ ସୁତ ନାମ ହେ ପ୍ରୟାଗ ବାସୁଦେବ
ଏହାଙ୍କ ବଂଶେ ବିଶ୍ରବା ହୋଇଲେ ସମ୍ଭୂତ ।।
ବୈବସ୍ୱତ ସୁତା ଜମ୍ବୁବତୀ ବିଭା ହେଲେ
ବୈବସ୍ୱତ ମନୁ ପୁରେ ଆନନ୍ଦେ ରହିଲେ ।
ତା ସୁତ ସୁମନ ମେରୁ ଶୃଙ୍ଗକୁ ଭାଙ୍ଗିଲେ
ଦକ୍ଷିଣ ମହୋଦଧିରେ ଫୋପାଡ଼ି ଫିଙ୍ଗିଲେ ।।
ଭାଇ ସୁବର୍ଣ୍ଣ ସିଂହ ବୋଲିଣ ଏକ ଗଧ
ତା' ବଂଶରେ ଜାତ ହେଲେ ନାମ ରକ୍ଷ ଭକ୍ଷ ।।
ତାକୁ ରାଇ ଆଜ୍ଞା ଦେଲେ ଦେବ ପଦ୍ମଯୋନି
ଏଥେ ଗଡ଼େକ ନିର୍ମାଣ କର ଭାଇ ବେନି ।।
ଚିତ୍ରପଟଟିଏ ତାଙ୍କ କରେ ଅଙ୍କ ଦେଲେ
ଅସୁର ଭୟେ ଏଠାରେ ଲୁଚିବ ବୋଇଲେ ।।
ବହୁ ପରିଶ୍ରମେ ଗଡ଼ ନିର୍ମାଣିଲେ ବେନି
ତାକୁ ସେଠି ରାଜା କଲେ ଦେବ ପଦ୍ମଯୋନି ।।
ରକ୍ଷ ଭକ୍ଷ ସ୍ୱର୍ଗ ଜୁର କଲେ କିଛି ଦିନେ
ତାଙ୍କୁ ନାଶ କଲେ ବିଷ୍ଣୁ ଚକ୍ର ସୁଦର୍ଶନେ ।।
ତାହାଙ୍କର ପୁତ୍ର ଥିଲେ ହେତି ଯେ ପ୍ରହେତି
ଲଙ୍କାଗଡ଼ରେ ସେ ପୁଣ ହୋଇଲେ ନୃପତି ।।
ଏ ମଧ୍ୟ ଅମରପୁରେ ଅନ୍ୟାୟ ଯେ କଲେ
ନାରାୟଣ ଅତିକଷ୍ଟେ ତାଙ୍କୁ ବିନାଶିଲେ ।।
ଛପନ ଗଣ୍ଡା ଯୁଗ ମୁଁ ହୋଇବି ରାଜନ

Digitized by srujanika@gmail.com

ବିଂଶ ଗୋଟି ଭୁଜ ଦଶ ଗୋଟି ଯେ ବଦନ ॥
ବେନି ନାଗ ଲୋକେ ହସ୍ତେ ନ ମରିବି ମୁହିଁ
ଐଶ୍ୱର୍ଯ୍ୟ ଭୁଂଜିବି ହେବି ତ୍ରିପୁର ବିଜୟୀ ॥
ଏ କପିଳ ଲିଙ୍ଗ ପୁଜି ପାଇଥିଲା ବର
ମୁସ୍ତକିମ କହେ ବନ ପର୍ବର ବେଭାର ॥
ସାରଳା ଦାସ କୃତରେ ଫେର ଦେଖ ଅଛି
ଯୁଧିଷ୍ଠୀ ଅଗ୍ରତେ କଉଶିକ କହିଛନ୍ତି ॥

॥ ନୀଳଗିରି ବର୍ଣନା ॥

ଶୁଣ ଜନେ ସ୍ମୃତି ପଥେ ଆନନ୍ଦ ଚିତ୍ତରେ
ପର୍ବତଙ୍କ ପକ୍ଷ ଇନ୍ଦ୍ର କାଟିଲେ କୋପରେ ।୧।
ନୀଳ ସୁନ୍ଦର ନାମରେ ଦୁଇ ପରବତ
ଏହାକୁ ଉଡାଇଣ ଯେ ଆଣିଲା ମରୁତ ।୨।
ସୁନ୍ଦର ଗିରି ପାତାଳ ପୁରରେ ରହିଲା
ନୀଳଗିରୀ ଚନ୍ଦ୍ରଭାଗା ତୀର୍ଥରେ ରହିଲା ।୩।
ସତ୍ୟଯୁଗେ ଗିରି ଶତ ସହସ୍ର ଯୋଜନ
ତ୍ରେତୟାଯୁଗରେ ହେଲା ସ'ସ୍ର ଆୟତନ ।୪।
ଦ୍ୱାପରେ ବାର କଳିରେ ଚାରି ଯେ ସହସ୍ର
ଚାରିଯୁଗେ ଏହିପରି କ୍ଷୟ ବୃଦ୍ଧି ବୁଝ ।୫।
ଶତେ ଚକ୍ର ରଥେ ସୂର୍ଯ୍ୟ ରଥ ଥିଲା ଭାଇ
ଅନେଶ୍ୱତ ଗିରି ଶୃଂଗେ ବାଜି ଭାଙ୍ଗି ଯାଇ ।୬।
ଏକ ଚକ ରଥେ ସୂର୍ଯ୍ୟ କରଇ ଭ୍ରମଣ
ଦକ୍ଷିଣାୟନ ନ ହୋଇ ଉତ୍ତର ଅୟନ ।୭।
ସତ୍ୟଯୁଗେ ଗିରି ରୂପ କାଞ୍ଚନ ପରାଏ
ତ୍ରେତାଯୁଗେ ମରକତ ରୂପ ଗିରି ହୁଏ ।୮।
ଦ୍ୱାପର ନୀଳମଣି ପରାଏ ରୂପ ଗୋଟି
କଳିଯୁଗେ ଗୋପ୍ୟ ହୋଇ ବାଲୁକା ରୂପଟି ।୯।
କବି ମୁସ୍ତକିମ କହେ ବନ ପର୍ବେ ଦେଖ
ମନରୁ ତୁଟିବ ଭାଇ ପଢ଼ିଲେ ଭାରତ ।୧୦।

Digitized by srujanika@gmail.com

।। ପୁରୁଷରୁ ପୁତ୍ରଜାତ ।।

ବିହି ଘଟାଏ ଯାହା, ଆନ କେ କରି ପାରଇ ତାହା ହେ ।
ଇକ୍ଷ୍ୱାକୁ ବଂଶରେ ଯୁବନାସ ବୋଲି ଥିଲେ ଏକ ନରନାହା
ନିଃସନ୍ତାନୀ ହେଉଁ ବହୁ ଯଜ୍ଞ କଲା କେତେବା କହିବି ତାହା ଯେ ।୧।
ନ ହେଉ ନନ୍ଦନ କୋପରେ ରାଜନ ଦଶାୟୁତ ବର୍ଷ ପରେ
ଦେବ ବ୍ରହ୍ମବୃତ୍ତି ହରିଣ ନୃପତି ଅନ୍ୟାୟ କଲେ ତୀର୍ଥରେ ।୨।
ଧର୍ମ ପରାଣଙ୍କୁ ନିନ୍ଦା କଲା କଲା ଦାନାଦି ଅପହରଣ
ଏ ଅନୀତି ଦେଖି ବଶିଷ୍ଠ ମହର୍ଷି ଅଳେ କଲେ ସମ୍ଭାଷଣେ ହେ ।୩।
ପିତାମହ କାହୁଁ ଆସି ଋଷି ରାହୁ ଯୁବନାସେ ପ୍ରବୋଧିଲେ
ସନ୍ତାନ ନିମନ୍ତେ ଯଜ୍ଞ କରି ଋଷି ଘଟେ ଦଳ ପୂରାଇଲେ ହେ ।୪।
ସାହାଡ଼ା ବୃକ୍ଷରେ ରଖି ଜଳଘଟ ନୃପକୁ କହି ମହର୍ଷି
ଏ ଜଳ ପାନ ମାତ୍ରକେ ସୁତ ହେବ ଶୁଣି ନୃପ ହେଲେ ଖୁସି ।୫।
ତା' ଧାତାକୁ ତହୁଁ ଋଷି ଗଲେ ଥୋଇ ସାହାଡ଼ା ବୃକ୍ଷରେ ପାଣି
ଦିନେ ମୃଗୟାକୁ ଯାଇଥିଲେ ଯୁବନାସ ନୃପ ଶିରୋମଣି ହେ ।୬।
ତୃଷାର ଆରତେ ଭୋଳେ ସେହି ଜଳ ପାନ କରୁ ନୃପବର
ତାଙ୍କ ଗର୍ଭୁ ଏକ ସୁତ ଜାତ ହେଲା ମାନଧାତା ନାମ ତାର ହେ ।୭।
କବି ମୁସ୍ତକିମ ବାଲୁତ ଅଧମ ଦୋଷ କ୍ଷମାକର ଭାଇ
ଅପ୍ରତେ ହୋଇଲେ ଶ୍ରୀ ମହାଭାରତ ବନପର୍ବ ଦେଖ ଫେଇ ।୮।

।। ଅଷ୍ଟସରା ପୂର୍ବ ଜନ୍ମ ।।

ଭଲ ଫଳ ମିଳେ ହେ ଭାଇ, ଧରମ ବଳେ କରମ ବଳେ
ବଇତରଣୀର କୂଳେ ବେଦପୁର ଗ୍ରାମ
ଭଦ୍ର ନର'ଛନ୍ତି ତହିଁ ବ୍ରହ୍ମନାଭୀ ନାମ ।୧।
ତାହାର ଉତରେ କୁଶବତୀ ଯେ ପାଟଣା
ତହିଁ ପୂର୍ବ ମହୋଦଧି ନିକଟଟି ସିନା ।୨।
ସେ ପାଟଣା ନିକଟରେ ଅଛଇ ଯେ ହାଟ
ତାହା ଚଉକତି ଅଛି ଚାରି ଗୋଟି ବାଟ ।୩।
ସେ ନଗ୍ରର ଆଠ ଗୋଟି କନ୍ୟା ଅବିବାହୀ

Digitized by srujanika@gmail.com

ସାତବର୍ଷ ଟୋକୀ ଅଂଗେ ବସନ ଯେ ନାହିଁ ।୪।
ମକର ମାସ ଶୁକଳ ପକ୍ଷ ଚତୁର୍ଦଶୀ
ମାଘସ୍ନାନ କରି ସର୍ବେ ନଇ କୂଳେ ଆସି ।୫।
ବାଲିଘର କରି ବାଳିକାଏ ଖେଳୁଥିଲେ
ହରଗୌରୀ ସେହି ପଥେ ଶୂନ୍ୟୁ ତା' ଦେଖିଲେ ।୬।
ଖେଳଗୃହେ ବାଲିଭାନ ବାଲିର ତିଅଣ
ରନ୍ଧାବଢ଼ା କରୁଛନ୍ତି ବାଳ ଶିଶୁଗଣ ।୭।
ମନ ଜାଣିବାକୁ ବାଳ ବିପ୍ର ରୂପେ ହର
ବାଳିକାଙ୍କ ନିକଟରେ ପ୍ରବେଶ ସତ୍ୱର ।୮।
ମାଗିଲେ ଗୋ ମାତମାନେ ଭିକ୍ଷା କିଛି ଦିଅ
ହରଷେ ଟୋକିଏ ବାଲି ଭିକ୍ଷା ଦେଲେ ନିଅ ।୯।
ହର ଥାଳେ ବାଲି ନିଉଡ଼ିଲେ ବାଳିକାଏ
ତୋଷେ ହର ବର ଦେଲେ ଅପସରା ହୁଅରେ ।୧୦।
କି କି ନାମ ବୋଲୁ ବାଳେ କହିଲେ ଗେଲହାଇ
ରମ୍ଭା ଉର୍ବଶୀ ମେନକା ଚିତ୍ରଲେଖା ହୋଇ ।୧୧।
କାମସେନୀ, ମଦନିକା, ମୋହିନୀ, ଅମ୍ବିକା
ଏମାନେ ଏ ନାମେ ସ୍ୱର୍ଗେ ରହିଲେ ଏକଠା ।୧୨।
ମିଥ୍ୟା ମଣିଲେ ତୁ ଦେଖ ଶ୍ରୀମହାଭାରତ
ମୁସ୍ତକିମ କହେ ଅଷ୍ଟ ଅପସରା ବୃତ୍ତାନ୍ତ ।୧୩।

।। ଦଶରଥଙ୍କ ଅପୁତ୍ରୀ କାରଣ ।।

ଶ୍ରୁତି ପଥେ ଶୁଣ ଉତ୍ତର, ଅରଣ୍ୟ ପର୍ବରେ, ଯୁଧିଷ୍ଠୀର ଆଗେ
ପ୍ରକାଶିଲେ ଯାହା ମାର୍କଣ୍ଡକର ।ପଦ।
ଇନ୍ଦ୍ର ଦଶରଥ ଅଟନ୍ତି ମଇତ୍ର ଅଭେଦ ପୀରତି ଏ ଦୁହିଙ୍କର
ରୋହିଣୀ ବୃକ୍ଷ ଏ ଦୁହିଁଙ୍କ ଅଟଇ ସେ ରାଶିରେ ପ୍ରବେଶ ଶନିଷ୍ଟର ।୧।
ଏଣୁ ନକ୍ଷତ୍ରର ବନ୍ଦାପନା କଲେ ଅମରପୁରେ ଅମର ଈଶ୍ୱର
ମାତଲି ପଠାଇ ଆଣିଲେ ଡକାଇ ଅଯୋଧ୍ୟାରୁ ଦଶରଥ ନୃବର ।୨।
ବେନି ମିତ୍ର ତହିଁ ଉତ୍ସବ କରାଇ ପଞ୍ଚଦିନ ଥିଲେ ଅଯୋଧ୍ୟାଶ୍ୱର
କୈକେୟୀର ଶୁଦ୍ଧ ସ୍ନାନ କାଳ ହେଲୁଁ

Digitized by srujanika@gmail.com

ମନ୍ଥରା ଦାସୀ ଯେ ନେଲା ଖବର ।୩।
ଇନ୍ଦ୍ରଠୁ ନରେନ୍ଦ୍ର ବିଦା ମାଗି ତତକ୍ଷଣ ଆନନ୍ଦେ ହେଲେ ବାହାର
ପାଦ ତଳ କରି ରଥେ ବସିଛନ୍ତି ଚିତ୍ତ ଅଛି ଆଜି ହେବ ଶୃଂଗାର ।୪।
କପିଳା ଗାବ ଯେ ପଥେ ଶୋଇଥିଲା ରଥ ଚଳିଗଲା ଧାତିକାର
କପିଳା ପୃଷ୍ଠରେ ନରେନ୍ଦ୍ର ଚରଣ ବାଜିଲା ନ ଦେଖିଲେ ନୃପବର ।୫।
ରାଗରେ କପିଳା ତାଙ୍କୁ ଶାପ୍ୟ ଦେଲା ଅପୁତ୍ରିକ ହୁଅ ତୁ ନରେଶ୍ୱର
ଶାପ୍ୟ ଶୁଣି ରାୟ ଚିତ୍ତେ କରି ଭୟ ସେବିଲେ କପିଳା ଦଶ ବତ୍ସର ।୬।
ଦୟାରେ କପିଳା ରାଜାଙ୍କୁ କହିଲା ହୋଇବ ତୋହର ଚାରି କୁମର
ବ୍ରହ୍ମା ବିଷ୍ଣୁ ହର ଚାରି ଦିଗପାଳ ମାତ୍ର ଯଜ୍ଞ କରିବୁ ନୃପବର ।୭।
ମୁସ୍ତକିମ କହି ଶୁଣିଲୁ କି ଭାଇ ତୋ ପଶ୍ନକୁ ଅଟେ ଏହି ଉତ୍ତର
ଶାସ୍ତ୍ରେ ଯାହା ଥିଲା ପ୍ରକାଶ ହୋଇଲା ମୁଁ ବାଲୁତ ମୋର ଦୋଷ ନ ଧର ।୮।

।। ଋଷ୍ୟଶୃଙ୍ଗଙ୍କ ପିତାମାତା ଉପାଖ୍ୟାନ ।।

ବିଷ୍ଣୁପ୍ରଭା ନାମେ ସତ୍ୟଯୁଗର ବାରତା
ଋତୁପର୍ଣ୍ଣ ବୃହସ୍ପତି ସେ କାଳରେ ସ୍ଥିତା ।।
ପଞ୍ଚଧାରା ତୀର୍ଥ ସ୍ନାନେ ଗଲେ ବୃହସ୍ପତି
ବାଟରେ ଭେଟିଲେ ଅତି ସୁନ୍ଦରୀ ରାକ୍ଷସୀ ।।
କୋଳାଗ୍ରତ କଲା ତାଙ୍କୁ କାମର ବିକଳେ
ରାକ୍ଷସୀ ବଧିବା ବୋଲିଣ ଜଳୁଁ ରାଗାନଳେ ।।
ଶାପ୍ୟ ଦେଲେ ବୃହସ୍ପତି ହୁଅ ତୁ ମୃଗୁଣୀ
କୁରଙ୍ଗୀ ହୋଇଲା ସେ ରାକ୍ଷସୀ ସେହି କ୍ଷଣି ।।
ମନ୍ଦାଚରଣରୁ ବୃହସ୍ପତି ତନୁ ତ୍ୟାଗି
ଜନମ ହୋଇଲା ବିଭାଣ୍ଡକ ନାମେ ଋଷି ।।
ଭଣ୍ଡ ଋଷିଙ୍କର ଭାଇ ଅଟଇ ନନ୍ଦନ
ବିପିନ ପର୍ବୁ କହଇ କବି ମୁସ୍ତକିମ ।।

।। ଋଷ୍ୟଶୃଂଗ ଜନ୍ମ ।।

ଶୁଣ ଭାଇ ଆଦି ଦେବଠାରୁ ପାଠ ଋଷି
ଜନମିଲେ ତାଙ୍କ ସୁତ ଜୈମିନୀ ତପସ୍ୱୀ ।।

Digitized by srujanika@gmail.com

ତା' ତନୟ କାଶପର୍ଣ୍ଣା ତା' ସୁତ ବାଳକା
ତା' ନନ୍ଦନ ଉଶାନ ତା' ପୁତ୍ର ମହାତପୀ ॥
ତା' ସୁତ ରୋମାଞ୍ଚ ତାଙ୍କ ସୁନୁ ନାମ ଭାଣ୍ଡ
ତାଙ୍କ ସୁତ ବିଭାଣ୍ଡକ ନୁହଇ ଏ ଭାଣ୍ଡ ॥
ବିଭାଣ୍ଡକ ଦିନେ ଇନ୍ଦ୍ରସଭାକୁ ଯେ ଗଲେ
ବାସବ ଦେବ ତାକୁ ଆସନ ନ ଦେଲେ ॥
କୋପେ ଫେରି ପୂଣ୍ୟତୋୟା ପାରେ ତପ କଲେ
ଶତେ ବର୍ଷ ଅନାହାରେ ବିଷ୍ଣୁ ସୁମରିଲେ ॥
ଶୁଣ ଭାଇ ନାରଦ ଇନ୍ଦ୍ରକୁ ଯାଇ କହି
ଇନ୍ଦ୍ର ପଦ ଋଷି ନେବ ତପ କରୁଛଇ ॥
ଶୁଣି ଋଷି ଅମ୍ବିକାକୁ ଦେଲେ ପଠିଆଇ
ଋଷିଙ୍କ ତପ ଭାଙ୍ଗିଲା କାମେ ହେଲେ ମୋହି ॥
ତରଳି ପଡ଼ିଲା ରେତ ମନ୍ଦାଏ ଭୂମିରେ
ଅନ୍ୟ ମନ୍ଦାଏକ ଋଷି ଧଇଲେକ କରେ ॥
ସେ ରେତ ଜଳରେ ଫିଙ୍ଗି ସ୍ନାନ ସାରି କରି
ଅପ୍‌ସରାକୁ ଶାପ୍ୟ ଦେଲେ ହୁଅ ନୀଚ ନାରୀ ॥
ଜଳେ ବୋହି ଯାଇଥିବା ରେତକୁ ମୃଗୁଣୀ
ନିର ସଙ୍ଗେ ନେଉଁ ଜାତ ଋଷ୍ୟଶୃଂଗ ମୁନି ॥
କବି ମୁକ୍ତକିମ ରଚେ ଦେଖ ବନପର୍ବେ
ସାରଳା ଦାଶ କୃତରେ ଅଛଇ ପ୍ରତ୍ୟକ୍ଷେ ॥

॥ ବ୍ରହ୍ମା ଅପୂଜା ॥

ସଂପାଦି ମୁଁ କହୁଛି ଜନେ ଶୁଣ ଶ୍ରୁତିରେ
ଯେପରି ବ୍ରହ୍ମା ଅପୂଜା ମର୍ତ୍ତ୍ୟରେ । ପଦ ।
ବଛାପଲ ଘେନି ଦୀନେ ନୀଳମଣି ଚରାଉ ଅଛନ୍ତି ଜମୁନା ତୀରେ
ପୁଷ୍ପକ ଦୁହିତୀ ସ୍ନାନ ସାରି ଉଠି ବାହୁଡ଼ି ଆସନ୍ତେ ଦେଖିଲେ ତାରେ ।୧।
ନନ୍ଦର ନନ୍ଦନ ସ୍ମରଣରେ ମଗ୍ନ ହୋଇ କେତେ ସ୍ତୁତି କରି ରାଧାରେ
ବଛାଙ୍କୁ ଛାଡ଼ିଲେ କୁଂଜେ ଘେନିଗଲେ ମାତିଲେ ଅନଙ୍ଗ ରସ ବାଧାରେ ।୨।
ଏ କାଳରେ ବେଦବର ରହୁବର ଚଢ଼ି ଆସି ହରିନେଲେ ବଛାରେ

Digitized by srujanika@gmail.com

ଲୋଡ଼ି ନପାଇଲେ ନନ୍ଦ କୋପ କଲେ କୃଷ୍ଣଙ୍କୁ ମାଇଲେ ଛାଟସିଂଛାରେ ।୩।
ଗଣ୍ଡ ମଣ୍ଡଳରେ ଚାପୁଡ଼ା ପ୍ରହାରେ ମୁଖରୁ ଶୋଣିତ ବହଇ ଖରେ
ଦେଖି ବେଦବର ଆକୁଳ କୃଷ୍ଣର ଗୋଷ୍ଠେ ଦେଲା ଆଣି ବାଛି ବନ୍ଧାରେ ।୪।
ମୁସ୍ତକିମ କହି ସେ ରାଗେ କହ୍ନାଇ ମର୍ତ୍ତ୍ୟେ ହୁଅ ଅପୂଜାରେ
ବନ ପର୍ବେ ଦେଖ ଫିଟିବ ସନ୍ତାପ ଶୁଦ୍ର ମୁନି ଶାରଜା କୃତ ଯାରେ ।୫।

।। ସୁଦେଷ୍ଣା ଜନ୍ମ ।।

ମନ ଚିତ୍ତ ଦେଇ ହେ, ଏ ଉତ୍ତର ଶୁଣିବ ଭାଇ ।ପଦ।
ନବର ଯେ ମଛ ନୃପ ବଇରାଷ୍ଟ୍ର କାଶି ନୃପ କାଳନେମି ଅଟଇ
ବଇରାଷ୍ଟ୍ରକୁ ସେ ସମରେ ମାଇଲା ସେ ଦେଶ ତା’ ତହୁଁ ନେଲା ଛଡ଼ାଇ
ବଇରାଷ୍ଟ୍ର ରାଣୀ ପଳାଇଲା ଶୁଣି କାହ୍ନି ନୃପେ ଶରଣ ହେଲା ଯାଇ
ରାଜା ସଙ୍କୋଚନ ଶରଣ ରଖିଣ ଗୃହରେ ରଖିଲା ସୁଦୟା ବହି ।୨।
ପଞ୍ଚମାସ ଗର୍ଭ ବୈରାଷ୍ଟ୍ର ରାଣୀର କିଛି ଦିନେ ସୁତ ଜନ୍ମ ହେଲାଇ
ବଇରାଷ୍ଟ୍ର ସୁତ ଯୋଗରୁ ବିରାଟ ବୋଲି ନାମ ଦେଲେ କାହ୍ନି ନୃସାଇଁ ।୩।
ବଶିଷ୍ଠ ବିବାଦେ ବିଶ୍ୱାମିତ୍ର ହାଦେ ତପ କଲେ କୋପେ ବନକୁ ଯାଇ
ଶୁଣି ମଘବାନ ମେନକା ପ୍ରେରଣ କଲେ ତପ ନଷ୍ଟ କରିବା ପାଇଁ ।୪।
ମେନକା ସଙ୍ଗତ ବିଶ୍ୱାମିତ୍ର ତପ ତେଜି ମନସିଜେ ହୋଇଲେ ମୋହି
ସେ ବୀର୍ଯ୍ୟରୁ ବାଳା ଜାଣ ଶକୁନ୍ତଳା ମେନକା ଅମରେ ଗଲାକ ନେଇ ।୫।
ବାସବ ଦେଖିଲେ ଆନନ୍ଦେ ବୋଇଲେ ଆଗୋ ଶକୁନ୍ତଳେ ମର୍ତ୍ତ୍ୟରେ ତୁହି
ସଙ୍କୋଚନ ଘରେ ସରଦୃଷ୍ଟ ଉଦରେ ଜନ୍ମ ହୁଅ ନାମ ସୁଦେଷ୍ଣା ବହି ।।
ଅଗସ୍ତିଙ୍କ ଶିଷ୍ୟ ନାମ ମନସିଜ ତାଙ୍କୁ ସଙ୍କୋଚନ ସେବି ମନାଇ
ସରଦୃଷ୍ଟାଙ୍କୁ ସେ ଶତେ ଫଳ ଦେଲେ ଶତେ ପୁତ୍ର ଏକ ହେଲା ତନୟୀ ।।
ସେ ସୁଦେଷ୍ଣା ବାଳା ବିରାଟକୁ ଦେଲା ସେ ଦେଶେ ପାଣ୍ଡବେ ଗୁପ୍ତେ ଥିଲଇ
ଭାରତ ଚରିତ କହିଲା ଆଗତ କହି ସାରି ମଲା ମିଥ୍ୟା ନୁହଇ ।।
ଉଦଯୋଗ ପର୍ବେ ଶ୍ରୀକୃଷ୍ଣ ପାଣ୍ଡବେ ଶୁଣିଲେ ପାରିଲେ ଦେଖ ଫିଟାଇ
ଇନ୍ଦ୍ର କହିଥିଲେ ଜାତିସ୍ମର ହେବୁ ଏଣୁ ସେ ତ୍ରିକାଳ ଜ୍ଞାତା ଅଟଇ ।।
କବି ମୁସ୍ତକିମ ବଲ୍ଲୁତ ଅଧମ ସଂକ୍ଷେପ କହିଲା ଉତ୍ତର ଏହି
ବନପର୍ବୁ ଜାତ ହୋଇଛି ଭକତ ସଂଶୟ ଫିଟିବ ଦେଖିଲେ ଫେଇ ।।

Digitized by srujanika@gmail.com

।। ପାଣ୍ଡବଙ୍କ ଗୁପ୍ତରୂପ ଗୁପ୍ତ ବନବାସରେ ।।

ବିଜ୍ଞଜନେ କହୁଛି, ଏବେ ଶ୍ରବଣେ ଶୁଣ
ପ୍ରଶ୍ନକୁ ଉତ୍ତର ଯା' ହୋଇଛି ସ୍ଥିର ନୁହେ ବାହୁଲ୍ୟ ଏ ଶାସ୍ତ୍ରମତେଣ ।।ପଦ।
ବଂଛାବଟ କଟି ମିଳିଲେ ଛଟତି ପାଞ୍ଚାଳି ପାଣ୍ଡବେ କୃଷ୍ଣ ସଙ୍ଗେଣ
ବ୍ୟାସ ଋଷି ଧୌମ୍ୟ ପୁରୋହିତ ବିନୁ ଆଉ ସଙ୍ଗେ କେହି ନ ଥିଲେ ପୁଣ ।।୧।
ଜଳଘୋଷ ବୋଲି ମନ୍ତ୍ର ବନମାଳି ଶିଖାଇ ଅଙ୍ଗରଙ୍ଗ କଲେ ଭିନ୍ନ
ବୋଇଲେ ଏ ମନ୍ତ୍ର ନୀତି ପାଠ କଲେ ଚିହ୍ନି ନ ପାରିବେ ହେଲେ ସୁଜ୍ଞାନ ।୨।
ପଢ଼ି ସେ ମନ୍ତ୍ରର ଦେବ ଯୁଧୀଷ୍ଠି ଅଙ୍ଗ ତେଜ ହେଲା ଚଂପା ବରନ ।୩।
ସ୍ଫଟିକ ନକୁଳ, କାଞ୍ଚନ ହୋଇଲା ସହଦେବ ହେଲା ସୁରଭି ବର୍ଣ୍ଣ
କଳା ଯେ ଦ୍ରୌପଦୀ ଗୌରବର୍ଣ୍ଣ ହେଲା ମନ୍ତ୍ର ତେଜେ ରଙ୍ଗ ହୋଇଲା ଭିନ୍ନ ।୪।
ହରିପୁଣ ଦେଲେ ଅଦୃଶ୍ୟ ବିଷୟ ନାମ ବିଦ୍ୟା ଶିଖିଲେ ଷଡ଼ଜନ
କବି ମୁସ୍ତକିମ ପରବ ଅରଣ୍ୟ ଦେଖ ବୋଲେ ପ୍ରତେ ପାଇବ ମନ ।୫।

।। ଶଶି ବୃକ୍ଷ ବୃତ୍ତାନ୍ତ ।।

(ପଦ୍ମ ବନେ ଅଛି କାଳୀ ବୃତ୍ତେ)

ସାଧୁଜନେ ମନ ଦେଇ
ଶୁଣିବା ହେଉ ଉତ୍ତର କହୁଛି ବୁଝାଇ ହେ ।ପଦ।
ପୂର୍ବେ ଈଶ୍ୱର ହଟକେଶ୍ୱର ଗଲେ ମନ ତୋଷେ
ହୀରଣାକ୍ଷି ରାକ୍ଷସୀ ଭେଟିଲେ ପଥେ ଥାଇ ହେ ।୧।
ସାରବଟ ତଳେ ସେ ପାତାଳପୁର ମଧ୍ୟେ
ପାର୍ବତୀ ରୂପକୁ ଧରିଥିବାରୁଟି ସେହି ହେ ।୨।
ହରଦେଖି, କାମେ ଦୁଃଖୀ ହୋଇ କଲେ କୋଳ
ତା' ତୁଲେ ମାତି ରହିଲେ ସର୍ବ ଭୁଲିଯାଇ ହେ ।୩।
କୁଜ୍ଞାନ ମନ୍ତ୍ର ଯେ ସେବା ମନ ଜାଣି କଲା
ବାରବର୍ଷ ହେଲା ହର ମନ ନେଲା ମୋହି ହେ ।୪।
ପାର୍ବତୀ ବିରକ୍ଷ ହୋଇ ବିଷ୍ଣୁ କତି ଗଲେ
କୃଷ୍ଣାର୍ଜୁନେ ସେ ପୁଛା କଲେ ହର ମିଳୁ ନାହିଁ ହେ ।୫।
ଶୁଣି ପାର୍ଥ ମନଭେଦୀ ଗାଣ୍ଡିବେ ଯୋଚିଲେ

Digitized by srujanika@gmail.com

ଲକ୍ଷ୍ୟ କରୁ ଦେଖୁ ଦେଖିଲେ କରମା ସାଇଁ ହେ ।୬।
ସର୍ବ ବୃତ୍ତାନ୍ତ ଦିଶିଲା ଯେଣୁ ମାରି ଶର
ଅସୁରୀ ପ୍ରାଣ ହାରିଲା ବାସବ ତନଇ ହେ ।୭।
ଅସୁରୀ ହତେ ମୋହ ତେଜିଣ ତ୍ରିପୁରାରୀ
ଆସି ମିଳିଲେ କୃଷ୍ଣ ଅର୍ଜୁନ ଗୌରୀ ଯହିଁ ହେ ।୮।
ଅର୍ଜୁନେ ବର ଯାଚିଲେ ମହେଶ ଗଉରୀ
ସେକାଳେ ନ ନେଲୋ ବାସବ ତନଇ ହେ ।୯।
ହର ବୋଇଲେ ହରଷେ ଗୁପ୍ତ ବାସ କାଳେ
ଖଡ଼ି କାଟିଲେ ହୋଇବୁ ଅସ୍ତ୍ର ରକ୍ଷା ପାଇଁ ହେ ।୧୦।
ତେଣୁ ସ୍ମରି ଖଡ଼ି ପାର୍ଥ କାଟୁ ସମୀବୃକ୍ଷ
ଜନ୍ମ କ୍ରୋସେ ବିସ୍ତାର ଦ୍ୱିକାଠି ଉଚ୍ଚ ହୋଇ ଯେ ।୧୧।
ମଧ୍ୟେ କ୍ରୋଟ ନବ ତାଳ ଗଭୀର ଅଟଇ
ଚାରି ଦିଗେ ଶାଖା ଲମ୍ବ ସୀମା ତା' ନୁହଇ ହେ ।୧୨।
ଏକ ଶାଖା ହରି ଆର ଶାଖା ହର ଜାଣ
ଚାରି ଡ଼ାଳ ବେଦବର କ୍ରୋଟ ହିଙ୍ଗୁଳାଇ ହେ ।୧୩।
ତହିଁ ରଖିଲେ ପାଣ୍ଡବେ ସର୍ବ ଶରାସନ
ବାଲୁତ ଅଧମ କବି ମୁସ୍ତକିମ କହି ହେ ।୧୪।

।। ମୃତପିଣ୍ଡର ଶମି ବୃକ୍ଷ ଜଗିବା ।।

ବିଶ୍ୱାବସୁ ଗନ୍ଧର୍ବ ସୁତ କଣୟ ପର୍ଣ୍ଣ ତା' ସୁତ ବିରଞ୍ଚଧ୍ୱଜ
ଶୁଣ ଦେଇ ହେତୁ ।
ବୃଦ୍ଧଶ୍ରବ ତା ପୁତ୍ର ପ୍ରଚଣ୍ଡା ବଳି
ତାହାର ଭାରିଜା ନାମ ଅଟେ ଗନ୍ଧବାଳି ।୨।
ସେ ଗନ୍ଧବାଳିର ସଙ୍ଗେ ଇନ୍ଦ୍ରଙ୍କର ଭାବ
ତାକୁ ହରି ନେଇଥିଲା ନିର୍ବାତ କବଚ ।୩।
ପସାରେ ହାରି ପାଣ୍ଡବେ ବନବାସେ ଥିଲେ
ଇନ୍ଦ୍ର ଅର୍ଜୁନ ହାତେ ନିର୍ବାତ ମରାଇଲେ ।୪।
ଦେବନାରୀ ଦେବ ଦ୍ରବ ନିର୍ବାତର ତହୁଁ

Digitized by srujanika@gmail.com

ସର୍ବ ଆଣି ଇନ୍ଦ୍ରକୁ ଦେଲାକ ପାର୍ଥ ଯହୁଁ ।୫।
ପ୍ରଚଣ୍ଡାବଳି ରମଣୀ ଗନ୍ଧବାଳି ବାମା
ତାକୁ ମଧ୍ୟ ଆଣିଦେଲା ଅର୍ଜୁନ ମହାତ୍ମା ।୬।
ରମଣି ପ୍ରାପ୍ତେ ଗନ୍ଧର୍ବ ବର ଯାଚି ଦେଲା
ଅଜ୍ଞାତ ବାସରେ ଅସ୍ତ୍ର ରଖିବି ବୋଇଲା ।୭।
ତେଣୁ ମାଂସପିଣ୍ଡ ରୂପେ ଜଗି ରଡ଼ି ଦିଏ
କାନନ ପର୍ବ ଚରିତ ମୁସ୍ତକିମ କହେ ।

।। ବଳରାମ ଜନ୍ମ ।।

ଉଉର ସାବଧାନେ ଶୁଣିବ ହେ ସାଧୁ ସୁଜ୍ଞାନୀ ଦେବ ।।ପଦ।
ଜମୁନା ତଟେ ଗୋପ ନଗର ଅଛି, ତହିଁ ନନ୍ଦ ନୃପତି
ଅଶି ପଦ୍ମ ପ୍ରଜାୟେ ନଗର ଶୋଭାପାଏ
ଷୋଳ ସସ୍ର ଗୋପାଳ ଅଛନ୍ତି ସେହି ଠାଏ
ପାଞ୍ଚ କ୍ରୋସ ମାଡ଼ିଣ ଚରନ୍ତି ଗାବ ।୧।
ନୃପତିର କପିଳା ନାମରେ ଗାଈ, ତହୁଁ ବଉଳା ହୋଇ
ତା ନନ୍ଦିନୀ ଅବନି ତହୁଁ ଜାତ ଅଶ୍ୱିନୀ
ତାର ସୁତା ସୁରଭୀ, ତା' ବତ୍ସା ମହାଦେଈ
ଏହା ତହୁଁ ଜନ୍ମିଲା କୃତିକା ଗାବ ।୨।
କୃତିକା ସୁତାସୁତ ଅଶି ପଦ୍ମ ସମ୍ଭୁତ,
ଜ୍ୟେଷ୍ଠ ଦୁହିତା ନାମ ଅଟେ ରୋହିଣୀ ଗାବ
ଯା ଠାରୁ କ୍ଷୀର ସିନ୍ଧୁ ଉଦ୍‌ଭବ ହେ ।୩।
ନିରାକାରଙ୍କ ରେତ ନିରେ ଫେଣ ସଦୃଶ
ବହି ଆସୁ ରୋହିଣୀ ପିଉଁ ଜଳ ସଙ୍ଗତ
ଗର୍ଭରେ ଶିଶୁ ହେଲା ସଂଜାତ ହେ ।୪।
ବାମ ନେତ୍ର ଡୋଳରେ ଜନମିଲା କୁମରେ
ଦେଖି ଗାବେ ଭାକିଲେ ନ ରହିଲେ କତିରେ
ଆବୋରେ ଅଣାକାନ ବଦଳ ହେ ।୫।
ଧାଇ ନନ୍ଦ ଦେଖିଲେ କବି ମୁସ୍ତକି ବୋଲେ
ଶୂନ୍ୟ ଶବଦ ଶୁଣି ବାଳ ଶିଶୁ ପାଳିଲେ

Digitized by srujanika@gmail.com

ଶିରେ ଫଣି ଶୋଭଇ ଧବଳ ଅଙ୍ଗ ।୬।
ବଳରାମ ଜନମ ଶୁଣିଲ ନିକି ମନ
ପରତେ ଯେବେ ନୁହେ ଫେଡ଼ ପରବ ବନ
ଶାରଳା ଦାସ କୃତ ମହାଭାରତ ।୭।

।। ନନ୍ଦ ପୂର୍ବ ଉପାଖ୍ୟାନ ।।

ମନ କହେ ଚଇତନ ଶୁଣ ହୋଇ ସ୍ଥିର
ତ୍ରେତା ଯୁଗେ ଜାନକୀ ହରିଲା ଦଶ ଶିର ।୧।
ତାଙ୍କୁ ଲୋଡ଼ୁ ରାମ ସଉମିତ୍ରୀ ଗୋଷ୍ଠେ ହେଲେ
ଯଜ୍ଞ ମୁଦି ଦେଇ ତହିଁ ଦୁଗ୍ଧ ପାନ କଲେ ।୨।
ଅନ୍ଧ ଗଉଡ଼ ସେ ଦୁଗ୍ଧ ଦିଆଇଲା ଭାଇ
ମୁଦି ଦେଖିଣ ଗଉଡ଼େ ଫିଙ୍ଗୁଥିଲେ ନେଇ ।୩।
ଯଶୋବନ୍ତୀ ଗଉଡୁଣୀ ଅନ୍ଧର ଗୃହିଣୀ
ସେ ମୁଦ୍ରିକାକୁ କୁସାରେ ରଖିଲା ସେ ଘେନି ।୪।
ରାବଣ ମାରି ଫେରିଲେ ରାମ ସେ ପଥରେ
ଅନ୍ଧକୁ ବୋଇଲେ ତୋର ଦୁଗ୍ଧର ପାନରେ ।୫।
ମହାବଳ ହେଲା ଶତ୍ରୁ କଲି ନିଶୋଧନ
ବର ମାଗ ବୋଇଲେକ ଶ୍ରୀରାମ ଲକ୍ଷ୍ମଣ ।୬।
ଅନ୍ଧ ମାଗିଲେଟି ବର ସୁତ ତୁମ୍ଭେ ହେବ
ଅସ୍ତୁ ବୋଲିଥିଲେ ସଉମିତ୍ରୀ ଯେ ରାଘବ ।୭।
ଏଣୁ ଏ ଦ୍ୱାପରେ ତାଙ୍କ ସୁତ ବୋଲାଇଲେ
ଅନ୍ଧ ନନ୍ଦ ଯଶୋବନ୍ତୀ ଯେଶୋଦା ହୋଇଲେ ।୮।
କବି ମୁସ୍ତକିମ କହେ ଦେଖ ଭାରତରେ
ବର୍ଣ୍ଣନ କଲି ହେ ଭାଇ ଅତି ସଂକ୍ଷେପରେ ।୯।

।। ରେବତୀ ଜନ୍ମ ।।

ରୈବତ ଗିରିର ରାଜା ଅଟେ ବିଶ୍ୱାବସୁ
ତା ନନ୍ଦନ ଉମା ତାର ସୁତ କାନ୍ତିବସୁ ।।
ତାର ସୁତ ରୁଦ୍ର, ରୁବ, ରୁଷ, ରୁକ୍ଷପାତ

Digitized by srujanika@gmail.com

ରୁଦ୍ରର ନନ୍ଦନ ଏକାଙ୍ଗ ତ୍ରିଦଣ୍ଡି ଖ୍ୟାତ ॥
ଅରୁଣ ଉଲ୍ଲୋଳ ଏହା ସୁତ ନାମ ଗୋଟି
ତା' ସୁତ ବୀର ଧୂଷ ତା ତହୁଁ ବିରୁପାକ୍ଷଟି ॥
ତା' ସୁତ ନରମାଳି ତା' ସୁତ ବେଲାବଳି
ହରଜିତ ସୁରଜିତ ତା' ସୁତ କହିଲି ॥
ଏହାଙ୍କର ବଂଶୁ ହେଲା ଜୟନ୍ତୀଙ୍କ ନାମ
ତାଙ୍କ ସୁତ ରଇବତ ଋଷି ସର୍ବୋତ୍ତମ ॥
ସର୍ବଯୋଗ ସିଦ୍ଧ ସର୍ବ ବିଦ୍ୟାର ଅଗ୍ରଣୀ
ତାଙ୍କ ଅଙ୍ଗୁ ଜାତ ହେଲେ ରେବତୀ ଦୁଲଣୀ ॥
ବଳରାମଙ୍କୁ ରେବତୀ ବିଭା ହେଲେ ଭାଇ
ମୁସ୍ତକିମ କହେ ବନପର୍ବ ଦେଖ ଫେଇ ॥

॥ ତାରାକ୍ଷୀ ପୂର୍ବ ବୃତ୍ତାନ୍ତ ଓ ଡିମ୍ବ ରକ୍ଷା ॥

ସୁଜନେ ଶ୍ରୁତି ପଥେ ଶୁଣିବ ହେ
ଏପରି ଅଟଇ ତାରାକ୍ଷି ଭାବ ହେ ।ପଦ।
ସତ୍ୟେ ଶ୍ୱେତକଣ୍ଠ ବୋଲି ରାଜନ
ହୋଇଥିଲେ ସ୍ୱର୍ଗେ ସେ ମଘବାନ
ପଦ୍ମନାଭ ଦ୍ୱୀପର ଅଧିକାରୀ
ତାଙ୍କ ସୁତ ଶୁକ୍ର ଜାଣ ପ୍ରତ୍ୟକ୍ଷ ହେ ।୧।
ତାଙ୍କ ଭାରିଜା ନାମ ପଦ୍ମାବତୀ
ସାର, ସୁର, ସୁର, ସିର ସନ୍ତତି
ଶ୍ୱେତ, କୃଶ, କ୍ରୌଞ୍ଚ ସାକଳ ଦ୍ୱୀପେ
ପଦ୍ମ ମିଶି ହୁଅଇ ପଞ୍ଚଦୀପ ହେ ।୨।
ଚାରି ଲକ୍ଷ ଜୁଣେ ଶୁକ୍ର ନୃପତି
ଧର୍ମେ ପାଳଇ ଦାନେ ଚିତ୍ତ ଅତି
ତା' ଦାନ ଭୟେ ଦିନେ ପୁରନ୍ଦର
କୁବେର ସହିତେ ତହିଁ ଆଗତ ।୩।
ରାଜାଙ୍କୁ ଦାନ ମାଗିଲେ ନନ୍ଦନ
ଦୁଇ ରାଣ୍ଡ ଦୁଇ ଦିଅ ସଙ୍ଗେଣ

Digitized by srujanika@gmail.com

ସମ୍ପତକରୁଁ ବିପେ ସୁତ କତି
କହିଲେ ମାରିବୁ ଆମ୍ଭେ ତୁମ୍ଭକି ।୪।
ସୁତେ ନାସ୍ତି କରୁଁ ପ୍ରେ ଫେରିଲେ
ଶୁକ୍ର ରାଜାକୁ ବହୁ ଝିଙ୍ଗାସିଲେ
ବୋଇଲେ ବୀଟ ଅଗ୍ନୁ ସୁତ ଜାତ
ଶୁଣି ରାଗେ ଜଳିଲେ ରାଜା ଶୁକ୍ର ।୫।
ଶାପିଲେ ରାଣୀକି ତୁ ପକ୍ଷି ହୁଅ
ଦୁଷ୍ଟ ସୁତଙ୍କୁ ଡିମ୍ବ ରୂପେ ବହ
ନାରୀ ବୋଲେ ଅଦୋଷେ ଦେଲ ଶାପ
କହ ପ୍ରଭୁ ଏଥି ମୁକତି ପଥ ।୬।
ଦୟାରେ ନୃପତି ରାଣୀକୁ କହି
ସତ୍ୟ ତ୍ରେତା ଦ୍ୱାପର ଅନ୍ତେରେ ସହି
କୁରୁ ପାଣ୍ଡବ ଯୁଦ୍ଧ ତହିଁ ହେବ
ଏ ଶାପ ସେକାଳେ ମନେ ପଡ଼ିବ ।୭।
ଉର୍ଦ୍ଧ୍ୱେ ଉଡ଼ି ଯୁଦ୍ଧ ଦେଖିବା ବେଳେ
ଭୀଷ୍ମ ଶରେ ଫାଳ ହେବୁ ତୁ ଭଲେ
ଏ ଡିମ୍ବ ଚାରିଟି ପଡ଼ିବ ଫିଟି
ଉଦ୍ଧାର ହୋଇବୁ ଆନ ନୋହିବ ।୮।
ଏଣୁ ତାରାକ୍ଷି ଶୂନ୍ୟେ ଥିଲା ଶର
ଦୁଇ ଫାଳ କଲା ହୃଦ ତାହାର
ଡିମ୍ବ ଚାରିଟି ପଡ଼ିଲେ ଭୂତଳେ
ଘଣ୍ଟ ଘୋଡ଼ାଇଲେ ଶ୍ରୀ ବାସୁଦେବ ।୯।
ଯମନିକୀ ଭୂପ ନାମଟି ଶିବ
ଶ୍ୱେତ ମକର ତା'ହସ୍ତି ଜାଣିବ
ସେ ହସ୍ତିର ଘଣ୍ଟି ଡିମ୍ବ ଢ଼ାଙ୍କିଲା
ସୁସ୍ତେ ଚାରି ଶିଶୁ ହେଲେ ଉଦ୍‌ଭବ ।୯।
ତାରାକ୍ଷି ସୁତେ ଭରତିଆ ନାମ
ମିଥ୍ୟା ନ ମଣ ଭଣେ ମୁସ୍ତକିମ
ଅଠର ଦିନ ଦେଖିଲେ ସମର
ଫେଡ଼ ଚିନ୍ତା ଯିବ ଭୀଷ୍ମ ପରବ ।୧୦।

Digitized by srujanika@gmail.com

।। କୈବର୍ତ୍ତ ଜନମ ।।

ଜନେ ଶୁଣ ଶ୍ରୁତିରେ ମତି କରିଣ ସ୍ଥିର
ଯାହା ଜାଣିଅଛି ବୁଝାଇ କହୁଛି
ଯାହା ଜାଣିଅଛି ବୁଝାଇ କହୁଛି
ସଂକ୍ଷେପ ଭାବରେ ତୁମ୍ଭେ ଆଗର ।ପଦ।
ତା'ପରେ ଏକ ହେଲେ ନିଶ୍ୱାସେକ
ରାଢ଼ ନିଶ୍ୱାସରେ ଏକ ମୁହୁର୍ତ୍ତ
ହେଲେ ଷଡ଼ କ୍ଷଣ, ଲିତା ଏକ ଜାଣ
ସାଠିଏ ଲିତାରେ ଦଣ୍ଡେ ବିଚାର ।୧।
ଦି ଦଣ୍ଡରେ ଘଡ଼ିଏ ଚାରି ଦଣ୍ଡେ ପ୍ରହରେ
ଦିନ ହୁଏ ହେଲେ ଚାରି ପ୍ରହର
ଆଠ ପ୍ରହରରେ ଦିନ ରାତ୍ରୀ ହରେ
ତିନିଶ ଷାଠିଏ ଦିନେ ସମ୍ୱତ୍ସର ।୨।
ମନୁଷ୍ୟ ବରଷେ ଦିନେଟି ଆକାଶେ
ଆକାଶ ବର୍ଷ ଦିନେ ବିଶ୍ୱଦେବର
ବିଂଶ ବର୍ଷ କର୍ମ ଦେବ ଏକ ଦିନ
କର୍ମ ବର୍ଷ ଦିନେ ଦଇବର ।୩।
ଦଇବ ପୁଂଶର ହୋଇଲେ ବତ୍ସର
ଦିନେ ଭୋଗ ଅରିଷ୍ଟ ପୁରୁଷର
ଅରିଷ୍ଟ ବର୍ଷେ ବିଦ୍ୟାଧରର ଦିବସେ
ବିଦ୍ୟାବର୍ଷ ଦିନେଟି ବିଶାଖାର ।୪।
ବିଶାଖା ଏକଶତ ଆଠ ବରଷେ
ସମନକୁ ଭୋଗ ଆଠ ପ୍ରହର
ଯାଙ୍କ ଶତେ ଆଠ ବିହନ୍ତାକୁ ଭୋଗ
କେବଳ ହୁଅଇ ଏକ ବତ୍ସର ।୫।
ଯାଙ୍କ ଶତେ ଆଠ ହେଲେ ସୂର୍ଯ୍ୟଦେବ
ଦିବସେ ହୁଅଇ ଶାସ୍ତ୍ର ବିଚାର
ସୂର୍ଯ୍ୟ ଶତେ ଆଠ ବରଷ ଭୋଗକୁ
ଦିବସେ ଜାଣିବ ନିଶା ନାଥର ।୬।

Digitized by srujanika@gmail.com

ଚନ୍ଦ୍ର ଶତେ ଆଠ ପୂରିଲା ବୟସ
ଏକ ଦିନ ଭୋଗ ପିତାମହର
ତହୁଁ ପିତାମହ ଅଚେଷ୍ଟେ ଶୋଇଲେ
ଜଳରେ ପ୍ରଳୟ ହେଲା ସଂସାର ।୭।
କଳ୍ପବଟ ମୁଖେ ଅନନ୍ତ ଯେ ଥିଲେ
ନିରେ ଭାସେ ତରୁ ବନସ୍ପତିର
କଣ୍ଡୁ ଲୋମେ ଦେଲେ ପୁରୁଷେ ହୋଇଲେ
କଇବର୍ତ୍ତ ଦାସ ନାମ ତାହାର ।୮।
ଖସି ବଟ ଶୃଙ୍ଗ ପଡ଼ୁ ବେଣୁଦଣ୍ଡ
କେରୁଆଳ କଲେ ବଟ ପତର
ନବଗୁଣ ପଢ଼ିବାରୁ ଛଅ ଗୁଣ
କଲେ ନିଦାବିଷ୍ଣୁ ଯେ କଣ୍ଡିଖାର ।୯।
ବଟକୁ ନିଷଳ ରଖେ କଇବର୍ତ୍ତ
ମୁସ୍ତକିମ କହେ ବାଲୁତ ଛାର
କୈବର୍ତ୍ତ ପୁରାଣେ ଲୋଡ଼ିଲେ ମିଳିବ
ନ ଥିଲେ ବ୍ରହ୍ମା ବିଷ୍ଣୁ ହର ।୧୦।

।। ଅଫଳା ବନ ।।

ସୀତା ହରିଲା ରାବଣ ଲୋଡ଼ନ୍ତି ରାମ ଲକ୍ଷ୍ମଣ
କରେ ଧନୁ ଶୋଭେ ପୃଷ୍ଠ ଶୋଭା ବାରୁଣି
କଟୀରେ ବୃକ୍ଷ ବକଳ ପିନ୍ଧି ଦଶରଥ ବାଳ
ଶିରେ ଜଟା ନୟନରୁ ବହଇ ପାଣି ।୧।
ତ୍ରେତା ଯୁଗର କାହାଣୀ, ଯାଅ ହେ ଶୁଣି
ପିତା ସତ୍ୟ ପାଳିବାକୁ ରାମ ଗମିଲେ ବନକୁ
ସଙ୍ଗେଛନ୍ତି ସୌମିତ୍ରୀ ସୀତା ଠାକୁରାଣି, ଯାଅ ହେ ଶୁଣି ।୨।
ବୁଲନ୍ତେ ନାନା ଅରଣ୍ୟେ ମିଳିଲେ ସ୍କନ୍ଧ ବନେ
ମୁକତି ଗଙ୍ଗା ବହେ ଉତ୍ତର ବାହିନୀ
ତହିଁରେ ସ୍ନାନ ସାରିଲେ, ଅରଣ୍ୟେ ଭ୍ରମଣ କଲେ
ଫଳ ଫୁଲ ମୂଳ କିଛି ନ ମିଳୁଁ ପୁଣି ।୩।

Digitized by srujanika@gmail.com

କୌଣସି ଜନ୍ତୁ ନ ପାଇ କୋପ କଲେ ରଘୁସାଇଁ
ସୀତା ଚୋର ଏ ବନ ଗୋଟାକ ଜାଣି
ଆମ୍ଭଙ୍କୁ ଦେଖିଣ ଫଳଫୁଲ ଜୀବ ଜନ୍ତୁ କୁଳ
ଗୋପ୍ୟ ହେଲେ ବୋଲି ଶାପିଲେ ରଘୁମଣି ।୪।
ଏ ଶତେ ଯୋଜନ ବନେ ନ ରହିବେ ଜୀବ ଗଣେ
ଆସିବ ଯେ ଜନ୍ତୁ ଏଥେ ଭଷ୍ମ ହେବଣି
ଏ ପାଦପେ ଫଳ ଫୁଲ ନ ହୋଇବ ଯେତେ କାଳ
ଥିବ ବୋଲି ବାଳକବି ମୁସ୍ତକି ଭଣି ।୫।
ପରତେ ନୋହିଲେ ଭାଇ ବନ ପର୍ବ ଦେଖ ଫେଇ
ଏକଶ ଛପନ ପୃଷ୍ଠା ଅଙ୍ଗକୁ ଗଣି
ଗୌର ମୋକ୍ଷ ମାୟା ତପି
ଆଗେ କହିଲେ ଯୁଧୀଷ୍ଠି
ରଚି ଅଛନ୍ତି ସାରଳା ଦାସ ଶୁଦ୍ରମୁନି ।୬।

।। ପଞ୍ଚବଟୀ ଉପାଖ୍ୟାନ ।।

ଭାଇ ଶ୍ରୁତିପଥେ ଶୁଣ କହୁଛି ।ପଦ।
ଦଣ୍ଡକା ଅରଣ୍ୟ ପରେ ଗଲେ ରାମ
ସେ ବନ ନାମ ଗୋଟି ପଞ୍ଚବଟୀ ।
ଅଶ୍ୱସ୍ତ ଅଶୋକ ବିଲ୍ୱଧାତ୍ରୀ ବଟ
ଏ ବୃକ୍ଷରେ ବନ ଶୋଭା ପାଏଟି
ଏହି ପଞ୍ଚ ବୃକ୍ଷ ବଟ ବୋଲି ଖ୍ୟାତ
ଏଣୁ ସେ ବନ ନାମ ପଞ୍ଚବଟୀ ।
ମୁସ୍ତକିମ କହି ସାହିତ୍ୟ ମଂଜରୀ
ବାଳ ବୋଧିନୀରେ ଏହା ଲିହିଛି
ଦଶମ ପୃଷ୍ଠାରେ ଲୋଡ଼ିଲେ ମିଳିବ
ରାମକୃଷ୍ଣ ରାଓ କର୍ତ୍ତୃକେ ଅଛି ।

□□□

Digitized by srujanika@gmail.com

ଉତ୍ତରମାଳା

(ଦ୍ବିତୀୟ ଭାଗ)

ସୂଚୀ

(ରଚନା - ୧୯୩୧)

୧. ନୀଳଚକ୍ର ପୂର୍ବ ବର୍ଣ୍ଣନା
୨. ନୀଳଚକ୍ର ସ୍ଥାପନ
୩. ନବଧା ଭକ୍ତି
୪. କଳୀରେ ଦେବକୀ ଅବତାର
୫. ପାର୍ବତୀ ଟେରୀ
୬. ଅର୍ଜୁନ ସୈନ୍ୟନାଶ ଓ ପ୍ରାଣଦାନ
୭. କାଳୀୟ କାଳିଞ୍ଜଦ ଯଜ୍ଞରେ ମୁକ୍ତ
୮. ମେରୁଶୃଙ୍ଗ ଋଷି ଓ ରକ୍ଷ ଯକ୍ଷ ଜନ୍ମ
୯. ଘଟୋତ୍କଚ ଶାପ
୧୦. ରାଜସୂୟ ଯାଗରେ ଯୁଧିଷ୍ଠିର ଦଣ୍ଡିତ ଓ ଦୃଷ୍ଟଦ୍ୟୁମ୍ନ ପୂର୍ବ ଜନ୍ମ
୧୧. ବିରାଟ ଅପମାନ: ରାଜସୂୟ ଯାଗ ଓ ଅଦର୍ଶନ
୧୨. ଶିଶୁପାଳ ବଧ
୧୩. ଗାନ୍ଧାର ବଂଶ ପଥର ଘରେ ମରିବା କାରଣ
୧୪. ଅର୍ଜୁନ ବୃକ୍ଷ ଜନ୍ମ
୧୫. ମାସାନୁସାରେ ସୂର୍ଯ୍ୟ କିରଣ
୧୬. ପୁରୁଷ ଓ ସ୍ତ୍ରୀ କେତେ ବର ମାଗନ୍ତି
୧୭. ଦ୍ରୌପଦୀର ବସ୍ତ୍ର ପ୍ରାପ୍ତି
୧୮. ଶ୍ରୀବତ୍ସ ଋଷି ପୂର୍ବଜନ୍ମ
୧୯. ଅଷ୍ଟକନ୍ୟା ସେବାସ୍ଥାନ
୨୦. ନିତ୍ୟସ୍ଥଳ
୨୧. ମାନବା ବିଷ୍ଣୁ କାରଣ

Digitized by srujanika@gmail.com

୨୨. ଏକବିଂଶପୁର ପାତାଳ
୨୩. ରାବଣ ପୂର୍ବଜନ୍ମ : ସୀତା ହରଣ
୨୪. ଦେବ ନାଶନ ବୃକ୍ଷ ଜନମ
୨୫. ସୁଜାଣ ସର୍ପ ଜନ୍ମ ଓ ଦ୍ୱାର
୨୬. ପବନ, ସୂର୍ଯ୍ୟ ଜନ୍ମ
୨୭. ହନୁ ପୂର୍ବଜନ୍ମ
୨୮. ଯୁଧୀଷ୍ଠିର, ଦୁର୍ଯ୍ୟୋଧନ ପୂର୍ବ ଜନମ
୨୯. ରାବଣ, କୁମ୍ଭକର୍ଣ୍ଣ, ପୂର୍ବ ଜନମ
୩୦. ନୀଳଗିରି ପୂର୍ବ ବୃତାନ୍ତ
୩୧. ଶୁକମୁନି ପୂର୍ବ ଜନମ
୩୨. ଗଂଗା, ଯମୁନା, ସରସ୍ୱତୀ ଜଳ ଶୁଦ୍ଧ ସ୍ନାନ
୩୩. ପୃଥ୍ୱୀର ସ୍ତ୍ରୀ ନାମ ଧାରଣ
୩୪. ସୃଷ୍ଟିକର୍ତ୍ତା ଋଷି
୩୫. ନାରଦ ଜନ୍ମ
୩୬. ଲକ୍ଷ୍ମୀଙ୍କ ଚାରି ଅବତାର
୩୭. ଚନ୍ଦ୍ର ଜନ୍ମ
୩୮.ଅଗସ୍ତିଙ୍କ ଉଚ୍ଛିଷ୍ଟ ପାଣି ଶୁଦ୍ଧ
୩୯. ନକ୍ଷତ୍ରାଦି ଜନ୍ମ
୪୦. ଚନ୍ଦ୍ର ଅମାସ୍ୟାରେ କାହିଁ ରହିଥାନ୍ତି
୪୧. ଦେବ, ଅସୁର, ନାନା ଜୀବ ଜନ୍ମ
୪୨. ଲକ୍ଷ୍ମୀଙ୍କ ଲାଖ ନିର୍ମାଣ
୪୩. ଲାଖ ମୃଗର କାରଣ
୪୪. କଉସ୍ତୁଭ ମଣି ପୂର୍ବ ଜନ୍ମ
୪୫. ବାଂଶ ଜନ୍ମ
୪୬. ବିଷ୍ଣୁ, ଲକ୍ଷ୍ମୀ ଚାରି ଅବତାର
୪୭. ଦଶରଥ, ବସୁଦେବ ପୂର୍ବଜନ୍ମ
୪୮. ଲକ୍ଷ୍ମଣ ପୂର୍ବ ବୃତାନ୍ତ
୪୯. ବ୍ରହ୍ମା, ଉର୍ବଶୀ ହରଣର କାରଣ
୫୦. ବାଲି, ସୁଗ୍ରୀ, ଦୁଃଶା, ଭୀମ ବୃତାନ୍ତ

Digitized by srujanika@gmail.com

୫୧. କଂଶ ପୂର୍ବଜନ୍ମ ବୃତାନ୍ତ
୫୨. ଦୁର୍ଯ୍ୟୋଧନ ଜାନୁଭଙ୍ଗର କାରଣ
୫୩. ଦୂତୀ ରାଧାପୁତ୍ର ଖନନକାର ଓ କଚ୍ଛନାର ବୃତ୍ତାନ୍ତ
୫୪. ଭରତିଆ ପକ୍ଷୀ ରକ୍ଷା
୫୫. ଅର୍ଜୁନ ପୂର୍ବ ଜନ୍ମ ବୃତ୍ତାନ୍ତ
୫୬. ପଞ୍ଚଜନ୍ୟ ଶଂଖ ବୃତ୍ତାନ୍ତ
୫୭. ଭୂଷଣ୍ଡ କାକ ଉପାଖ୍ୟାନ
୫୮. ପ୍ରଳୟରେ ମର୍ତ୍ତ୍ୟେ ନ ବୁଡ଼ି ଶ୍ରୀ ପୁରୁଷୋତ୍ତମେ ଅର୍ଦ୍ଧ
୫୯. ପୁରାଣ ଓ ଶ୍ଳୋକ
୬୦. ସୋମବଂଶ ଉପାଖ୍ୟାନ
୬୧. ମୁର - ଦାରୁଣ ଜନ୍ମ
୬୨. ଦୁର୍ଯ୍ୟୋଧନ ପୂର୍ବଜନ୍ମ
୬୩. ଉର୍ବସୀ ପୂର୍ବଜନ୍ମ
୬୪. ବିଷ୍ଣୁ ଅବତାର
୬୫. ମୁର ସ୍ତ୍ରୀ ସୈନ୍ୟ ପ୍ରାପ୍ତି
୬୬. ମୁର ପୂର୍ବ ଜନ୍ମ ବୃତ୍ତାନ୍ତ
୬୭. ମୁରର ଦିଗ୍‌ବିଜୟ
୬୮. ଅକ୍ଷୟ ଅଷ୍ଟରଥ
୬୯. ବଂଶୀ
୭୦. ସଂପ୍ରଦା ଉପାଖ୍ୟାନ
୭୧. ଭୁମେ ଚାରି ସଂପ୍ରଦା ଓ ପ୍ରଚାରକ
୭୨. ମୁରାସୁର ପୂର୍ବାଖ୍ୟାନ
୭୩. କନ୍ଦର୍ପକୁ ଶାପ ଓ ନୃତ୍ୟର ନିୟମ
୭୪. ପଦ୍ମରୁ ବ୍ରହ୍ମା ଜନ୍ମ ଓ ଚତୁର୍ମୁଖ
୭୫. କଚ୍ଛବଟ ଜନ୍ମ
୭୬. ଭୂମିକମ୍ପ
୭୭. ମୁରର ମନ୍ତ୍ରୀ ମୁଭିକ ଉପାଖ୍ୟାନ
୭୮. ଚଉଦ ମନୁ ନାଶ
୭୯. ସପ୍ତ କଳସ

Digitized by srujanika@gmail.com

୮୦. ମୁରର ସ୍ୱର୍ଗ ଆକ୍ରମଣ ଜାଣି ଦେବେ ଲୁଚିଲେ
୮୧. ଖନନ୍ତକାର ଜନ୍ମ
୮୨. ସୂର୍ଯ୍ୟ ଐଶାନ୍ୟେ ଉଦୟ କାହିଁକି
୮୩. ଭଗବତୀ ଜନ୍ମ
୮୪. ଭଗବତୀ ଗର୍ଭରୁ ବିଷ୍ଣୁ ଚାରି ଅବତାର
୮୫. ନିନ୍ଦା ଓ ପାପ
୮୬. ପାର୍ଥମନ ଓ ପ୍ରକୃତି : ନାମ ଓ ସ୍ଥାନ
୮୭. ଷଡ଼ଚକ୍ର ଓ ଅକ୍ଷର ଭେଦ
୮୮. ଗର୍ଭାବସ୍ଥା
୮୯. ପୁତ୍ର ବାପ ଗୋଡ଼ ତଳେ ପଡ଼ିବା
୯୦. ନୃସିଂହ ରାସ
୯୧. ଚଉଷଠି ସହସ୍ର ସ୍ତ୍ରୀ ଉପାଖ୍ୟାନ
୯୨. ଶରୀରେ ନୃସିଂହ ରାସ
୯୩. ସତ୍ୟଯୁଗେ ନୃସିଂହ ରାସ
୯୪. ଜୀବର ଗମନାଗମନ ପ୍ରଶ୍ନ
୯୫. ଗୁରୁଠାରୁ ମନ୍ତ୍ର ନେବା ସ୍ଥାନ
୯୬. ଗୁରୁଦର୍ଶନ
୯୭. ସ୍ତ୍ରୀ ହୋଇ ବିଷ୍ଣୁ ଶାଳଗ୍ରାମ ପୂଜିବା
୯୮. ଶିଆଳ ପୂର୍ବଜନ୍ମ ଓ ବେଦବ୍ୟାସ ଶିଷ୍ୟ
୯୯. ବ୍ରତ ନ ହେଉ ବିଭା ଆଗ
୧୦୦. ପଇତା ମନ୍ତ୍ର ନାମ
୧୦୧. ସ୍ୱୟମ୍ବର ନ ହେଉ ପତିଦର୍ଶନ
୧୦୨. ସପ୍ତଦ୍ୱୀପକୁ ସପ୍ତ ସମୁଦ୍ର
୧୦୩. ଲକ୍ଷ୍ମୀଙ୍କ ଅଷ୍ଟସଖୀଙ୍କ ନାମ
୧୦୪. ଚାରିଚକ୍ରର ନାମ
୧୦୫. କୃଷ୍ଣବଲ୍ଲଭ ଜନ୍ମ
୧୦୬. ହୀରଣ୍ୟ ନାଶ କାଳେ ନୃସିଂହ ସ୍ତମ୍ଭଜାତ, ସେ ସ୍ତମ୍ଭ କିଏ ?
୧୦୭. ନୀଳଗିରି ଚାରିଯୁଗେ ଉଭା
୧୦୮. ନୃସିଂହ ମଧୁଶଯ୍ୟା ପୁରେ ଲୁଚିଥିଲେ

Digitized by srujanika@gmail.com

୧୦୯. ନୃସିଂହ ବିଭା ଶେଷେ ଚଉଷଠି, ସାତ ମଙ୍ଗଳା
୧୧୦. ବସନ୍ତ ରୋଗ ବିବରଣ
୧୧୧. ଚାରିଯୁଗେ ମନ୍ତ୍ରୀ
୧୧୨. ମୁରାର ପୁତ୍ର ନାତି ଏକାବେଳକେ ନାଶ
୧୧୩. ସ୍ତ୍ରୀ ସୈନ୍ୟଙ୍କ ପୂର୍ବ ବୃତ୍ତାନ୍ତ
୧୧୪. ତାଳଧ୍ୱଜ ପୂର୍ବ ବୃତ୍ତାନ୍ତ
୧୧୫. ଯଦୁବଂଶ ପୂର୍ବ ଉପାଖ୍ୟାନ
୧୧୬. ଲକ୍ଷ୍ମଣ ଶକ୍ତି ଭେଦ
୧୧୭. ପ୍ରତ୍ୟହ ପବନ ଦଣ୍ଡେ ନ ବହିବା କାରଣ
୧୧୮. ଏକଘନି ଶକ୍ତି ଉପାଖ୍ୟାନ
୧୧୯. ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ କାଳେ ମାୟା ସଭାର ପୂର୍ବାଖ୍ୟାନ
୧୨୦. ମୁରଦାରୁଣର ଚାରି ଜନ୍ମର ପିତା
୧୨୧. ନୃସିଂହ ବିଷ୍ଣୁ ପୂଜା କରିବା
୧୨୨. ଗଣେଶଙ୍କ ଗଜମୁଣ୍ଡ ବୋହିବାର କାରଣ
୧୨୩. ନାରଦଙ୍କୁ ବ୍ରହ୍ମଶାସ୍ତ୍ରର କାରଣ

।। ନୀଳଚକ୍ର ପୂର୍ବ ବର୍ଣ୍ଣନା ।।

ଶୁଣ ବିଜ୍ଞେ ଚିତ୍ତ ଦେଇ ଏ ଦିବ୍ୟ ରହସ୍ୟ
ଦକ୍ଷ ପ୍ରଜାପତି ଯଜ୍ଞେ ଶାବା ହେଲେ ନାଶ ।।
ତହୁଁ ଶିବ କଇଳାସେ ବଟ କ୍ରୋଟେ ତପ
କରୁଥିଲେ ପତ୍ନୀ କଷ୍ଟେ ହୋଇ ମନସ୍ତାପ ।।
ପାର୍ବତୀ ହୀମଗିରିର ନନ୍ଦିନୀ ହୋଇଲେ
ହର ପତି ହେବା ପାଇଁ ରୋମାଞ୍ଚଙ୍କ ବୋଲେ ।।
ମନ୍ତ୍ରରେ ତୋଷିଲେ ଦେବୀ କମଳାଙ୍କ ପତି
ବୋଇଲେ ଈଶ୍ୱରଙ୍କୁ ମାଗୁଛି ମୁହିଁ ପତି ।।
ଶୁଣି ବିଷ୍ଣୁ କନ୍ଦର୍ପଙ୍କୁ ଆଦେଶ ବିହିଲେ
କଇଳାସେ ହର ଅଙ୍ଗେ କନ୍ଦର୍ପ ଭେଦିଲେ ।।
କାମେ ଭୋଳ ହୋଇ ହରି ଲୋଡ଼ନ୍ତେ ପାର୍ବତୀ
ଏକାଳେ ପ୍ରବେଶ ହେଉଁ ମହାମାଇ ତଥି ।।

Digitized by srujanika@gmail.com

କାମତାପେ ବିପରୀତ ରତି କଲେ ହର
ଲିଙ୍ଗରେ ଟେକିଲେ ତାଙ୍କୁ ଆକାଶ ମାର୍ଗର ॥
ଦେଖି ଦେବେ ସକାତରେ ବିଷ୍ଣୁଙ୍କୁ କହିଲେ
ବିଷ୍ଣୁ ତହୁଁ ଚକ୍ରକୁ ଅନାଇ ଆଜ୍ଞା ଦେଲେ ॥
ଆଜ୍ଞା ପାଇ ଚକ୍ର ଶିବ ଲିଙ୍ଗକୁ ଛେଦିଲା
ପାର୍ବତୀଙ୍କୁ ହର ବାମ ଅଙ୍ଗେ ବସାଇଲା ॥
ତହୁଁ ଲିଙ୍ଗ ତିନି ଭାଗ କରି ଚକ୍ରବର
ବଦ୍ରିକାରେ ଏକ ପୁଣ ଏକ କାମାକ୍ଷାର ॥
ଏକ ଖଣ୍ଡ ଗିରି ଶିରେ ରହିଲାଟି ଭାଇ
ସ୍ୱୟଂ ଲିଙ୍ଗେ କପିଳାସେ ରହେ ଉମାସାଇଁ ॥
ବଦ୍ରିକାର ଲିଙ୍ଗ ନାମ ପାପ ନାଶକାରୀ
କାମାକ୍ଷାରେ ସ୍ଥିତ ବିଶ୍ୱେଶ୍ୱର ନାମଧାରୀ ॥
ପର୍ବତ ଶିଖ ଲିଙ୍ଗକୁ ପଶୁପତି କହି
ଭୋଲା ମହେଶ୍ୱର ଲିଙ୍ଗ କୈଳାସେ ବସଇ ॥
ଚକ୍ରର କଳ୍ପନା ହେତୁ ଚକ୍ରକଳ୍ପ ହେଲା
କଳ୍ପବଟ ନୀଳଚକ୍ର ନାମକୁ ବହିଲା ॥
ମୁକ୍ତକିମ କହେ ନୀଳଚକ୍ର ପୂର୍ବ ବିଧି
ସଂକ୍ଷେପରେ ବର୍ଣ୍ଣିଲଇଁ ଶୁଣିଲ ସୁବୁଦ୍ଧି ॥
ଅପ୍ରତେ ହୋଇଲେ ଦେଖ ଶିବ ପୁରାଣରେ
ଚିନ୍ତାମଣି ଦାସ କୃତ ତୃତୀୟ ଖଣ୍ଡରେ ॥

॥ ନୀଳଚକ୍ର ସ୍ଥାପନ ॥

କହୁଅଛି ସାଧୁଜନେ ନୀଳଚକ୍ର କଥା
ଦେଉଳେ ହେଲା ସ୍ଥାପନ ନ ମଣିବ ମିଥ୍ୟା ॥
ଇନ୍ଦ୍ରଦ୍ୟୁମ୍ନ ଦେଉଳ ନିର୍ମାଣ କରାଇଲା
ଦାରୁମୂର୍ତ୍ତି ବିଷ୍ଣୁଙ୍କୁ ସ୍ଥାପନ ତହିଁ କଲା ॥
ଚକ୍ର ପତାକା ନ ଥିଲେ ନ ଶୋଭେ ଦେଉଳ
ଏହା ଚିନ୍ତି ନୃପ ହୃଦେ ଚିନ୍ତୁଁ ଆଦିମୂଳ ॥
ବିଷ୍ଣୁ ଆଜ୍ଞା କଲେ ନୀଳଗିରିର ଭିତରେ
ପାରେଖି ପର୍ବତ ରହିଅଛି ସେ ଠାବରେ ॥

Digitized by srujanika@gmail.com

ନୀଳମଣି ନାମେ ନାଗ ତହିଁ ମରିଛଇ
ତା' ମସ୍ତକ ସ୍ଥିତ ମଣି ନୀଳମଣି କହି ॥
ପୂର୍ବରୁ ଯେ ନାଗ ଥିଲା ନୀଳ ପର୍ବତରେ
ଦେଉଳକୁ ଉଚ୍ଚ ଦେଖି ଛାଡ଼ିଲା ସତ୍ୱରେ ॥
ପାରେଖୀ ପର୍ବତେ ନାଗ ଯାଇଣ ରହିଲା
ସ୍ଥାନଛଡ଼ା ହେବାରୁ ପରାଣେ ନାଶ ଗଲା ॥
ସେହି ନୀଳମଣି ଇନ୍ଦ୍ରଦ୍ୟୁମ୍ନ ଆଣିଲେ
ଲୁହାରେ ଚକ୍ର ବନାନ୍ତେ ଚୂର୍ଣ୍ଣ ହେଉଁ ଭାଳେ ॥
ଆଦିମୂଳଙ୍କୁ ଯେ ସାତ ଦିନ ଧ୍ୟାନ କଲା
ଜାଣି ବିଷ୍ଣୁଙ୍କର ମନ ଆନନ୍ଦ ହୋଇଲା ॥
କହିଲେ ସପତ ଦିନେ ଗଢ଼ିବି ମୁଁ ଚକ୍ର
ଶୁଣିଣ ଇନ୍ଦ୍ରଦ୍ୟୁମ୍ନ ହୋଇଲା ସନ୍ତୋଷ ॥
ଜଗତକରତା ଚକ୍ର ହରଷେ ଗଢ଼ିଲେ
ତେତ୍ରିଶ କୋଟି ଦେବ ସେ ଚକ୍ରରେ ରହିଲେ ॥
ପତାକା ବାନ୍ଧିଲେ ନାମ ପତିତପାବନ
ଯାହା ନିଜେ ନିର୍ମାଣିଲେ ପତିତପାବନ ॥
ତୁଳ ମାସ ପୂର୍ଣ୍ଣିମାଟି ଦେବ ଉତ୍‌ଥାପନ
ସେଦିନ ଅନାଦି କଲେ ଚକ୍ରଟି ସ୍ଥାପନ ॥
ମୁସ୍ତକିମ କହେ ଠିକ ଠିକ କରି ଭାଇ
ଗୁରୁ ଆଦେଶରୁ ଏ ସଭାରେ କହିଲଇଁ ॥
ତୃତୀୟ ଖଣ୍ଡ ଶିବ ପୁରାଣ ଦେଖ ଯାଇ
ଚିନ୍ତାମଣି କୃତ ପୃଷ୍ଠା ଚୌତ୍ରିଶେ ଅଛଇ ॥

॥ ନବଧା ଭକ୍ତି ॥

ହେ ମଧୁହାରୀ, ହରି ହରିଲ ପରା ବେଦନା ହେ ମୁରାରୀ ।
ତବ ଗୁଣ କିର୍ତ୍ତନେ, ଶୁକ ତରିଲେ କ୍ଷଣେ
ପ୍ରହଲ୍ଲାଦ ସ୍ମରଣେ, ଲକ୍ଷ୍ମୀ ସେବି ଚରଣେ
ପୂର୍ଣ୍ଣ କରିଲେ ମନ କାମନା ।୧।

Digitized by srujanika@gmail.com

ଅର୍ଚ୍ଚନେ ପୃଥୁ ବନ୍ଦନରେ ଅକ୍ରୂର
ଦାସ୍ୟେ ବେଲାଳ ହନୁ, ସଖ୍ୟରେ ପାର୍ଥବୀର
ହେଲେ କାଟିଲେ ଭବ ଯାତନା ।୨।
ଆତ୍ମ ସମର୍ପି ବଳି ତରିଲା ବନମାଳୀ
ଏ ନବ ଭକ୍ତି ଅଙ୍ଗ, କିଛି ମୁଁ ନ ଜାଣିଲି
ବୋଲି ମୁସ୍ତକି କରେ ଭାବନା ।୩।

।। କଳିରେ ଦେବକୀ ଅବତାର ।।

ଶାନ୍ତିପୁରେ ହର ଜନ୍ମ ଅଦ୍ୱୈତ ନାମରେ
ହରିଙ୍କି ଅର୍ପିବେ ଗଙ୍ଗା ନିର ତୁଳସରେ ।।
ଗଙ୍ଗାତିରେ ହରି ଜନ୍ମ ଲଭିବେଟି ଜାଣ
ପ୍ରେମ ବୋଲି କଳିଯୁଗେ ହେବ ତାଙ୍କ ନାମ ।।
ବ୍ରହ୍ମା ହରିଦାସ ନାମ ବହି ଜନମିବେ
ଶ୍ରୀ ବାସ ନାମରେ ଜନ୍ମ ଲଭିବେ ନାରଦେ ।।
ଡମ୍ବରୁ ହୋଇବ ମଞ୍ଚେ ରାମାନନ୍ଦ ନାମ
ପ୍ରତାପରୁଦ୍ର ନାମରେ ମଘବା ଜନମ ।।
ହରି ଯୁଗେ ଯୁଗେ ଜନ୍ମ ହର କଳିକାଳେ
ଅଂଶ ଅବତାର ହର ଆନ ଯୁଗେ ଥିଲେ ।।

।। ପାର୍ବତୀ ଟେରୀ ।।

ଶୁଣ ଜନେ ଉତ୍ତରକୁ ମନ ସ୍ଥିର କରି
ଦକ୍ଷ ଯଜ୍ଞେ ଝାସ ଦେଇ ମଲେଟି ଗଉରୀ ।।
ପୁଣି ଶୈଳରାଜ ଘରେ ଜନମିଲେ ଦେବୀ
ଗିରିଜା ନାମ ଗୋଟି ବିଖ୍ୟାତ ହେଲା ଭୁବି ।।
ବାପଘରେ ବାଳି ଖେଳେ ବାଳିକାଙ୍କ ମେଳେ
ହର ମିଳିଲେ ସେହି ଆକାଶଗଙ୍ଗା କୂଳେ ।।
ବାଳଯୋଗୀ ରୂପେ ଭିକ୍ଷା ମାଗିଲେକ ଯାଇ
ଡିବିଡିବି ଡିବି ଡିବି ଡମ୍ବରୁ ବଜାଇ ।।

Digitized by srujanika@gmail.com

ହସିଲେ ବାଳିକା ସହ ଗିରିଜା ତା’ ଦେଖି
ବାଳିଖେଳ ଘରେ କିସ ପାଇବୁ ହେ ଯୋଗୀ ॥
ଅପୂର୍ବ ମଣି ତା’ ପାଶେ ଥିବା ଦେଖୁ ଗୌରୀ
ଡମ୍ବରୁ ଗଣ୍ଡି ତା’ ବାମ ଚକ୍ଷୁର ଉପରି ॥
ବାଜିଲା ସେ ଦିନୁ ବାମଚକ୍ଷୁ ଟେରି ହେଲା
ବାଲୁତ ମୁସ୍ତକି କବି ଉତ୍ତର ଲେଖିଲା ॥
ସତ ନ ମଣିଲେ ମଧ୍ୟ ପର୍ବ ଶତେ ବିଂଶ
ପୃଷ୍ଠାଙ୍କେ ଦେଖ ମିଳିବ ଶୁଦ୍ର ମୁନି କୃତ ॥

॥ ଅର୍ଜୁନ ସୈନ୍ୟ ନାଶ ଓ ପ୍ରାଣଦାନ ॥

ଜନେ ଶୁଣ ଉତ୍ତର, ଶ୍ରୁତି ପଥେ ସୁଧା ସମ ଗିର ॥ପଦ॥
ରାଜସୂୟ କାଳେ, ଉତ୍ତରକୁ ଗଲେ, ରାଜା ମନ୍ତ୍ରୀ ପାର୍ଥବୀର
ଶଂଖ ମଣ୍ଡଳରେ, ପ୍ରବେଶିଲେ ଖରେ, ରହିଲେ ରୁଦ୍ରଧ୍ୱଜ ଗିରିର ।୧।
ତହୁଁ ପତ୍ର ଦେଲେ ଦୂତ ଘେନି ଗଲେ, ଯମା ଗୋଷ୍ଠର ଛାମୁର
ଶୁଣି ନରପତି, କୋପିଲା ପ୍ରତାପୀ, ବୋଲେ ଆସି ଗଣଙ୍କର ।୨।
ଶୁଣି କାଳିଞ୍ଜନ, ଅର୍ଜୁନ ପାଖେଣ, ଦେଲା ରାଜା ସମାଚାର
ଶୁଣି କୋପ କଲା, ବାସବର ବଳା, ଜୁଝିବାର କଲା ସାର ।୩।
ରାତ୍ରେ ଯମାଗୋଷ୍ଠ, ପେଶି ଗୁପ୍ତେ ଦୂତ, ନାମ ଜାଣି ସଭିଙ୍କର
ଦକ୍ଷିଣେ ଲେଖିଲା, ବାମେ ପୋଛି ଦେଲା, ଛିଡ଼ିଲା ସଭିଙ୍କ ଶିର ।୪।
ଏକା ଯେ ଅର୍ଜୁନ, ମାତଳି ଯେ ପୁଣ, ଆଉ ଚାରି ହୟବର
ଏତିକି ବର୍ତ୍ତିଲେ, ସର୍ବେ ନାଶ ହେଲେ, ତହୁଁ ଗଲେ ପାର୍ଥବୀର ।୫।
ଶମ୍ଭୁ ପର୍ବତରେ, ହୀରଣାକ୍ଷୀ ତୁଳେ ସ୍ତୁତି କଲେଟି ଅପାରେ
ସୈନ୍ୟ ଚିତ୍ରପଟ, ଲେଖିଦିଅ ଝଟ, ବୋଇଲେ ମାତା ସତ୍ୱର ହେ ।୬।
ଚିତ୍ରପଟ ଦେଲା, ବାସବର ବଳା, ଦେବୀ ମନ୍ତ୍ରିଲେ ସତ୍ତ୍ୱର
ସକଳ ସଇନି, ଉଠି ପ୍ରାଣ ଘେନି, ମିଳିଲେ ପାର୍ଥ ଛାମୁର ।୭।
ସହସ୍ରେକ ରଥ, ଦୁଇ ଐରାବତ, ମାତଙ୍ଗ ଜାଣ ନିକର
ଆଠ ଅଇବ୍ରତ, ଘୋଡ଼ା ଦୁଇ ଲକ୍ଷ, ପଦାତି ହେଲେ ଉଦ୍ଧାର ।୮।
ମୁସ୍ତକି କହି, ପ୍ରତେ ଯେବେ ନୋହି, ଦେଖ ତୁ ସଭାପର୍ବର
ଏକଶ ତେପନ ପୃଷ୍ଠା ଅଙ୍କେର, କୃତେ ସାରଳା ଦାଶର ।୯।

Digitized by srujanika@gmail.com

।। ଯମାପୃଷ୍ଟ ରାଜା ବରଲାଭ ।।

ଶୁଣ ଜନେ ମନଦେଇ ପ୍ରଶ୍ନକୁ ଉତ୍ତର
ଶଂଖପୁର ନଗ୍ରେ ଯମାଗୋଷ୍ଟ ନୃପବର ।୧।
ଯମକୁ ଭକତି କରି ପୂଜିବାରୁ ରାଏ
ଯମ ସନ୍ତୁଷ୍ଟରେ ବର ଦେଲେ ଶୁଣ   ଆହେ ।୨।
ଯମ ଯମାଗୋଷ୍ଟ ଦକ୍ଷ କରର ଉପରେ
କାଳଚକ୍ର ଚିହ୍ନଟି ହେ ଲେଖିଲେ ନଖରେ ।୩।
ମୃତ୍ୟୁ ଚିହ୍ନ ବାମ ହାତେ ବହିଲା ରାଜନ
ନାମ ଲେଖି ପୋଛିଲେ ଛିଡଇ ଶିରମାନ ।୪।
ମୁସ୍ତକି ବାଲୁତ କହେ ମିଥ୍ୟା ନୁହେ ଭାଇ
ମଧ୍ୟ ପର୍ବରେ ପାଇବୁ ଲୋଡ଼ ବେଗେ ଯାଇ ।୫।

।। ମୃଗସେନ ଓ ଭୀମର ଯୁଦ୍ଧ ।।

ସୁରଶିଦ୍ଧ ବୋଲି କରି ଏକ ସତ୍ୟଯୁଗ
ଯୁବାକାଳେ ବ୍ୟାସ କଲେ ମୃଗୁଣୀର ସଙ୍ଗ ।
ମୃଗୁଣୀ ଗର୍ଭରୁ ସୁତେ ଜନମ ହୋଇଲା
ଶରୀର ମନୁଷ୍ୟାକୃତି ମୃଗ ଶିର ହେଲା ।
ଅଭେଦ କବଚ ଋଷି ତାର ଅଙ୍ଗେ ଦେଲେ
ଅତୁଟ ଶରୀର ଅବିନାଶୀ ତାଙ୍କୁ କଲେ ।
ପଶ୍ଚିମ ଦିଗରେ ଅଛି ଲୋକାଲୋକ ଗିରି
ତହିଁରେ ଅଟଇ ମୃଗସେନ ଦଣ୍ଡଧାରୀ ।
ତାହା ତୁଲେ ଭୀମ ଭେଟୁଁ ମାଇଲା ନିଠାଇ
ସର୍ବ ସୈନ୍ୟ ରଥ ଅଶ୍ୱ ବିନାଶିଲା ଭାଇ ।
ପୁଣି ମାଲବନ୍ଧେ ଯୁଦ୍ଧ କରୁଁ ଭୀମସେନ
ନ ପାରି ତାହାକୁ ରଣେ ହେଲା ଅସାକ୍ଷମ ।
ବ୍ୟାସଙ୍କୁ ସୁମରୁଁ ଋଷି ସେଠାରେ ମିଳିଲେ
ନିଜ ପୁତ୍ର ମୁଖରୁ ନାତିକି ମୁକ୍ତ କଲେ ।
ସର୍ବ ସୈନ୍ୟ ବଂଚାଇଲେ ନିଜ ମନ୍ତ୍ର ବଳେ
ବାଲୁତ ମୁସ୍ତକି କବି ଉତ୍ତର ରଚିଲେ ।

Digitized by srujanika@gmail.com

ସାରଳା ଦାସ ସଭା ପର୍ବ ଦୁଇଶ ଦୁଇ
ପୃଷ୍ଠାଙ୍କେ ଲୋଡିଲେ ଏହା ପାଇବୁ ହେ ଭାଇ ।

।। କାଳୀୟ କାଳିଞ୍ଜନ ଯଜ୍ଞରେ ମୁକ୍ତ ।।

ସତ୍ୟ ଯୁଗରେ ଯଯାତି ନୃପତୀ, ପୁରୁ, ପ୍ରବୀର ତା' ଦୁଇ ସନ୍ତତି ।।
ମୃଗୟା ଗଲେ ମନ୍ତ୍ରୀ ସଙ୍ଗେ ଘେନି, ବନେ ମନ୍ତ୍ରୀ ଶିର ସେ ଭାଇ ବେନି
ହାଣିବାକୁ କଲେ, କିପାଁ ମାରିବ ମନ୍ତ୍ରୀ ପଚାରିଲେ ।୧।
ରାଜସୂତେ କହି ପିତା ଆମ୍ଭର, ରାଜାଛନ୍ତି ହୋଇ ତିନି ଯୁଗର
ଆମ୍ଭେ ବୃଦ୍ଧ ହେଲୁ ରାଜା ନୋହିଲୁ, ତୁ ତାଙ୍କୁ ନ କହି ରାଜା ନ କଲୁ
ତୁ ରାଜାକୁ ମାର, ନୋହିଲେ ମାରିବୁଁ ଦିଅ ବିଚାର ।୨।
ମନ୍ତ୍ରୀ ପ୍ରାଣ ରକ୍ଷା ପାଇ କହିଲା, ରାଜାକୁ ମାର ମୋ ସମ୍ମତି ହେଲା
ପୁଷ୍ୟା ଅଭିଷେକ ଯୋଗ କାଳରେ, ବଧିବ କହେ ମନ୍ତ୍ରୀ କୌଶଳରେ
ଶୁଣି ଦେଲେ ଛାଡ଼ି, ମୃଗୟାରୁ ବାସେ ଗଲେ ବାହୁଡ଼ି ।୩।
ମନ୍ତ୍ରୀ ସର୍ବ ଭୂପେ କହିଲା ଯାଇ, ଶୁଣି ଯଯାତି ହର୍ଷ ବିଷ ହୋଇ
ପୁତ୍ରକୁ ରାଜା କରିଣ ଫେରିଲା, ବ୍ୟାସ ପାଖେ ଯାଇ ତପେ ବସିଲା
କ୍ରମେ ରାଜ୍ୟ କଲେ, କିଛି ଦିନେ ପୁରୁ ପ୍ରବୀର ମଲେ ଯେ ।୪।
ଯମ ଜୀର୍ଣ୍ଣ କୂପେ ପଡ଼ିଥିଲେ, ଯୁଧିଷ୍ଠି ରାଜସୂୟ ଯଜ୍ଞ କଲେ
କାଳୀୟ କାଳୀଞ୍ଜନ ନାମ ପାଇ, ଡଗର ରୂପେ ଆକାଶୁ ଓହ୍ଲାଇ
ଯଜ୍ଞ ସ୍ଥାପନ ହେଲେ, ପିତାବଧ ପାପୁଁ ବେନି ତରିଲେ ।୫।
କବି ମୁସ୍ତକିମ କହେ ଉତ୍ତର, ମିଥ୍ୟା ନୁହେ ଅଛି ସଭା ପର୍ବର
ଦୁଇଶତ ଚଉତ୍ରିଶ ପୃଷ୍ଠାଙ୍କେ, ଲୋଡ଼ ଶୂଦ୍ର ମୁନି ସାରଳା କୃତେ
ହେ ନଣା ଏ ସତ୍ୟ, ମିଥ୍ୟା ନ ବିଚାର ଉତ୍ତର ତଥ୍ୟ ଯେ ।୬।

।। ମେରୁଶୃଙ୍ଗ ଋଷି ଓ ରକ୍ଷ ଯକ୍ଷ୍ୟ ଜନ୍ମ ।।

ଦିନେ ବ୍ରହ୍ମା ଆକାଶ ଗଙ୍ଗାକୁ ସ୍ନାନେ ଗଲେ
ମେରୁ ମେଖଳାରେ ସ୍ନାନ କର୍ମ ନିର୍ବାହିଲେ ।।
କାମିନୀ କାମସେଣା ଯେ ନୀଳା ମଦନିକା
ମୋହିନୀ ସର୍ବାଙ୍ଗ ପୁଣ ଚଞ୍ଚଳା କମଳା ।।

Digitized by srujanika@gmail.com

ଏ ଅଷ୍ଟ ନାୟିକା ବାସ ଧୋଇ ଗାଧୁଥିଲେ
ଦେଖି ବ୍ରହ୍ମା କନ୍ଦରପ ଶରେ ଘାରିହେଲେ ॥
ରେତ ଖସି ପଡ଼ିଲା ଯେ ମେରୁ ମେଖଳରେ
ଦୁଇ ବିନ୍ଦୁ ପଡୁ ମେରୁର ଖଡ଼ା କୋଖରେ ॥
ଆର-ମନ୍ଦାବିନ୍ଦୁ ତାତ କରେ ଧରି କରି
ଗଙ୍ଗା ବାଲିକି ଫିଙ୍ଗିଲେ ମେରୁ ଦୁଃଖ ସ୍ମରି ॥
ଆର ମନ୍ଦା ବାହାରନ୍ତେ ଧାତା ଧରି କରେ
ମେରୁ କ୍ରୋଟ ଅଗ୍ନିପରେ ଫିଙ୍ଗିଲେ ସତ୍ୱରେ
ଶୁଣ ଭାଇ ମେରୁପରେ ପଡ଼ିଲା ଯେ ବୀର୍ଯ୍ୟ
ସେ ବୀର୍ଯ୍ୟରୁ ଜାତ ନନା ହେଲେ ଯକ୍ଷରାଜ ॥
ବାଲିପଡ଼ା ରେତୁ ବାଲମିକ ବାଳଖିଲ୍ୟା
ଋଷି ଜନମିଲେ ଏହା ଯଥାର୍ଥ ହୋଇଲା ॥
ଅଗ୍ନିରେ ପତିତ ବୀର୍ଯ୍ୟ ମେରୁଶୂଳ ଜାତ
ଏକପାଦ ତିନିମୁଣ୍ଡ ନଅ ତାଳ ଉଚ ॥
ସେ ଯେଉଁ ଦିଗେ ଚାହିଁଇ ଦ୍ୱାଦଶ ଯୋଯନ
ଦଗ୍ଧ ହୁଅନ୍ତି ଜୀବେ ଏ କଥା ପ୍ରମାଣ ॥
ଭୀମ ଆଣିଲାଟି ଯାଇ ମେରୁଶୂଳ ମୁନି
ବାରୁଣାବନ୍ତ ପର୍ବତେ ରହେ ଋଷି ତୁନି ॥
ରାଜସୂୟ ଯଜ୍ଞ ରାଜା ସୈନ୍ୟ ଭାଜନାନ୍ତେ
ଉଚିଷ୍ଟ ପତ୍ର ଦହଇ ସେ ଋଷି ଚାହାନ୍ତେ ॥
ମୁସ୍ତକିମ କହେ ସଭାପର୍ବ ଦେଖ ଯାଇ
ଦୋଷ ମୋର କ୍ଷମା କର ବାଲୁତ ଅଟଇ ॥

॥ ଘଟୋତ୍କଚ ଶାପ ॥

ଶୁଣ ଜନେ ଉତ୍ତରକୁ ଚିତ୍ତ କରି ସ୍ଥିର
ରାଜସୂୟ ଯାଗ କଲେ ଯୁଧିଷ୍ଠି ନୃ'ବର ॥
ଚାରି ଦେଶ ନୃପ, ଋଷି ବରଣେ ଆସିଲେ
ପ୍ରଥମେ ଆହୂତୀ ବ୍ୟାସ ଉପଚାରି ଦେଲେ ॥
ଉର୍ଦ୍ଧ୍ୱକୁ ଅନଳ ଶିଖା ନ ଉଠିଲା ଭାରି

Digitized by srujanika@gmail.com

ଦୁର୍ବାସା ଦେଖି ବ୍ୟାସଙ୍କୁ ପୁଚ୍ଛିଲେ ସମସ୍ୟା
ଯୋତିହୀନ ଦେଲେ କିପାଁ ବୈଶ୍ୱାନର ତା' କହିବା ॥
ମାର୍କଣ୍ଡ ବୋଇଲେ ଅଟେ ଦିନ ଯେ ମକର
ଏଣୁ ଶିଖା ସକାଶ ନ କଲେ ବୈଶ୍ୱାନର ॥
ଶୁଣି ନାରଦ ବୋଇଲେ ଯୁଧିଷ୍ଠି ରାଜନ
ଅପୁତ୍ରୀ ଅଟନ୍ତି ଅଗ୍ନି ଶିଖା ହୀନ ॥
ଶୁଣି ବ୍ୟାସ କହନ୍ତି ପାଣ୍ଡବେ ପାଞ୍ଚ ଭାଇ
ଏକ ଆତ୍ମା ବୋଲି ଜାଣ ହେ ନାରଦ ତୁହି ॥
ଆଦ୍ୟ ବନବାସେ ହିଡ଼ମ୍ବିକା ବନେ ଭୀମ
ହିଡ଼ିମ୍ବି ବିବାହେ ତାର ହୋଇଛି ନନ୍ଦନ ॥
ଘଟୋତ୍କଚ ନାମ ସେତ ଅଛଇ ଗୋସାଇଁ
ଅପୁତ୍ରୀ ବୋଲିଣ ତୁ କହିଲୁ କାହିଁ ପାଇଁ ?
ଶୁଣି ନାରଦ କହିଲେ ତାକୁ ବେଗେ ଡକା
ତେବେ ଯାଇ ଉର୍ଦ୍ଧ୍ୱକୁ ଟେକିବ ଅଗ୍ନି ଶିଖା ॥
ତହୁଁ ଭୀମ ସୁମରନ୍ତେ ଘଟୋତ୍କଚ ବୀର
ପ୍ରବେଶ ହୋଇଲା ଯାଇ ସେ ଯାଗ ସଭାର ॥
ମାତା କହିଥିଲା ନାରୀ ଦ୍ରଶନ ଅଯୋଗ୍ୟ
ଏଣୁ ଦ୍ରୌପଦୀକୁ ନ ନମିଲା ଘଟୋତ୍କଚ ॥
ଅପମାନ ପାଇଣ ଶାପିଲେ ଯାଜ୍ଞସେନୀ
ବିନା ଯୁଦ୍ଧେ ଶକ୍ତି ହୃଦେ ପଡ଼ିବ ଥା' ଜାଣି ॥
ଶୁଣି ହିଡ଼ିମ୍ବିନୀ ପ୍ରତି ଶାପ ତାକୁ ଦେଲା
ପଞ୍ଚପତିଠାରୁ ପଞ୍ଚପୁତ୍ର ହେଉ ଭଲା ॥
ବିନା ଯୁଦ୍ଧେ ନାଶ ହେବେ ଶୋଇଥିବା ସ୍ଥାନେ
ମୋ ଶାପ ଫଳୁ ଶାପିଲୁ ଯେଣୁ ମୋ ନନ୍ଦନେ ॥
ସେହି ଯାଜ୍ଞସେନୀ ଶାପେ ଭାରତ ଯୁଦ୍ଧରେ
ରାଧାସୂତ ସର୍ବଣକୁ ପ୍ରହାରିଲା ଖରେ ॥
କୃଷ୍ଣ ନନ୍ଦିଘୋଷ ପାତାଳରେ ଲୁଚାଇଲେ
ଘଟୋତ୍କଚ ନନ୍ଦିଘୋଷ ପଛେ ରହିଥିଲେ ॥
ସେ ଶକତି ତାର ହୃଦେ ବାଜୁ ନାଶ ହେଲା
ଅସୁରୀର ଶାପ ମଧ୍ୟ ଶୁଣ ଯାହା ହେଲା ॥

Digitized by srujanika@gmail.com

ଗଦାଯୁଦ୍ଧ ଅନ୍ତେ ଉରୁଭଙ୍ଗ ଦୁର୍ଯ୍ୟୋଧନ
ଜୁର କରି ଦ୍ୱାରକାକୁ ଗଲେ ସର୍ବଜନ ।
ସେହି ରାତ୍ରେ ଅଶ୍ୱତ୍‌ଥାମା ତହିଁ ରଥି ହୋଇଲା
ଯମ ପ୍ରସ୍ତେ ପାଞ୍ଚାଳୀର ସୂତଙ୍କୁ ମାଇଲା ॥
ମସ୍ତକ ଭାର କରିଣ ଦୁର୍ଯ୍ୟୋଧନେ ଦେଲା
ଦେଖିଣ ମାନଗୋବିନ୍ଦ ପ୍ରାଣ ବିସର୍ଜିଲା ॥
ଏହ ସତ୍ୟ ସତ୍ୟ ସତ୍ୟ ଅଟେ ଆହେ ଭାଇ
ମୁସ୍ତକିମ କହେ ସଭାପର୍ବ ଦେଖ ଯାଇ ॥

॥ ରାଜସୂୟ ଯଜ୍ଞରେ ଯୁଧିଷ୍ଠୀର ଦଣ୍ଡିତ ଓ ଦୃଷ୍ଟଦ୍ୟୁମ୍ନ ପୂର୍ବଜନ୍ମ ॥

ଶୁଣ ହେ ସୁଜନ ଜନେ ଶୁଣ ମନ ଦେଇ
ରାଜସୂୟ ଯାଗ କଲେ ଯୁଧିଷ୍ଠୀ ନରସାଇଁ ॥
ସୂୟଂ ଶ୍ରୀକୃଷ୍ଣ ଯୁଧିଷ୍ଠି ଚରଣେ ପଡ଼ନ୍ତି
ଦୃଷ୍ଟଦ୍ୟୁମ୍ନ୍ୟ ମିଳିଲେ ସେ ସଭାକୁ ଝଟତି ॥
ଉଠି ଯୁଧିଷ୍ଠିର ତାଙ୍କ ଚରଣେ ନମିଲେ
ଦ୍ରୌପଦୀଙ୍କ ଜ୍ୟେଷ୍ଠଭାଇ ଜୁଗତେ ସେ ଥିଲେ ॥
ଆଦ୍ୟାବତାରେ ଦ୍ରୌପଦୀ କେତୁକା ହିଙ୍ଗୁଳା
ଦ୍ୱିତୀ ଅବତାରେ ସେ ପାର୍ବତୀ ଏକବଳା ॥
ହିମାଳୟ ଗିରି ତଳେ ମାଳତୀ ଯେ ନଦୀ
ତାର ତୀରେ ଏକ ବଳା ପାର୍ବତୀ ସମାଧି ॥
ତହିଁ ହର ଦିବାନିଶି ଖଟି ବସିଥିଲେ
ଆଦିମାତା କପିଳାସେ ପାଣି ପିଇ ଗଲେ ॥
ପାଞ୍ଚ ଷଣ୍ଢ ତାଙ୍କ ତୁଲେ ଥିବାରୁ ଗୋ ଭାଇ
ହସି ଈଶ୍ୱର ପାର୍ବତୀ ଦେବୀଙ୍କୁ ଯେ କହି ॥
ଦେଖ ସଖୀ ଏକ ପତ୍ନୀ ପାଞ୍ଚ ଗୋଟି ପତି
ଦେଖି ଆଦିମାତା ପ୍ରତି କୋପିଲେ ପାର୍ବତୀ ॥
ଝିଙ୍ଗାସନ୍ତେ କୋପେ ଶାପ କପିଳା ବିହିଲା
ଦ୍ୱାପରେ ତୋ ପାଞ୍ଚପତି ହେଉ ଏକବଳା ॥
ହେ ଈଶ୍ୱର ମୋତେ ଦେଖି ହାସ୍ୟ କଲୁ ତୁହି

Digitized by srujanika@gmail.com

ତୋ ଭଗିନୀ ପଞ୍ଚପତି ଦେଖ ଜ୍ୟେଷ୍ଠ ହୋଇ ॥
କପିଳା ଶାପ୍ୟରେ ଦୃଷ୍ଟଦ୍ୟୁମ୍ନ ନାମେ ହର
ଦ୍ରୁପଦ ରାଜାର ହେଲେ ପ୍ରଥମ କୁମର ॥
ସେ ଶାପ୍ୟରେ ଏକବଳା ପାଞ୍ଚାଳୀ ହୋଇଲା
ତେଣୁ ଯୁଧିଷ୍ଠିଙ୍କ ନମସ୍କାର ପାର ଗଲା ॥
ମୁସ୍ତକିମ କହେ ନଣା ହୋ ଭାରତରେ ଅଛି
ସଭା ପର୍ବରେ ମିଳିବ ନିଶ୍ଚୟ କହୁଛି ॥
ଦୁଇଶ' ବାସ୍ତରୀ ପୃଷ୍ଠା ଫିଟାଇଣ ଦେଖ
ଶ୍ରୀ ଶୂଦ୍ରମୁନି ସାରଳା ଦାସ ବିରଚିତ ॥

॥ ବିରାଟ ଅପମାନ: ରାଜସୂୟ ଯାଗ ଓ ଅଦର୍ଶନ ॥

ଶୁଣ ହେ ଜନେ ଉତ୍ତର ଭାଇ ହେ
ନୁହେ ମିଥ୍ୟା ଦେଖ ଭାରତେ ଅଛଇ ହେ ॥
ରାଜସୂୟ ଯାଗ ଯୁଧିଷ୍ଠିର ଦେବ
କଲେ ଲକ୍ଷେ ନୃପ ମିଳିଲେ ତହିଁ
ଦର୍ଶନ ସେ କଲେ ମୁଖ ଚାହିଁ କଲେ
ବିରାଟ ଶ୍ରୀମୁଖ ଦେଖିଲା ନାହିଁ ॥
ବ୍ୟାସ କହଇ ଶୁଣ କହ୍ନାଇ
ଯୁଧିଷ୍ଠିକୁ ଚାହିଁ ଦୁଃଖ ଅଛଇ
ଗୁପ୍ତ ବନବାସେ ଲୁଚିବେ ଯାଇ ହେ ॥
ଏଣୁଟି ବିରାଟ ଭୂପେ ବାୟୁ ଚାଟ
କ୍ଳାନ୍ତ କରିନେଲା ଜଗତି ତହିଁ
କୃଷ୍ଣ ସୁଦର୍ଶନ କଲେ ଆଚ୍ଛାଦନ
ଯୁଧୀଷ୍ଠିଙ୍କ ମୁଖ ଦିଶିଲା ନାହିଁ
ଚରଣ ଦୁଇ ଦେଖିଲା ସେହି
ଲେଟି ନେଇ ବାହାରେ ଥୋଇ
ରଖିଲେ ସଭାକୁ ଛାଡ଼ିଲେ ନାହିଁ ॥
ତେଣୁ ନ ଲୁଚିଲେ ଗୁପତ ହୋଇ
ମୁସ୍ତକିମ କବି ବାଳ ରଚେ ଭାବି
ସଭା ପରବରେ ଲୋଡ଼ ଅଛଇ

Digitized by srujanika@gmail.com

ସଂକ୍ଷେପେ ମୁହିଁ ଦେଲିଟି କହି ଆନ ନୁହଇ
ନିଶ୍ଚୟ ଭାଇ ଦୂଇଶ ବାସ୍ତରି ପୃଷ୍ଠାଙ୍କେ ଛଇ ॥

॥ ଶିଶୁପାଳ ବଧ ॥

ଶୁଣ ହେ ସୁଧୀର ଏ ମୋର ଉତ୍ତର ହେ, ଶୁଣ ବିଜ୍ଞନର ॥
ଯୁଧିଷ୍ଠୀ ରାଜୁସୀ ଯାଗେ ବସିଥିଲେ ରାଜା ଲକ୍ଷେ
ସେ ସଭା ମଧ୍ୟେ ପ୍ରତ୍ୟକ୍ଷେ ଶିଶୁପାଳ ମଲା ଚକ୍ରେ
ଚେଦୀ ଦେଶ ଭୂପ ଦଶଘୋଷର କୁମର ହେ ।୧।
ଶୁଣ ତା' ବୃତ୍ତାନ୍ତ ଭାଇ, ବିଷ୍ଣୁ ଦରଶନ ପାଇଁ
ଦିନେ ମନୁ ଋଷି ଗଲେ, ଦ୍ୱାରୀ ପଥ ନିରୋଧିଲେ
ସେ ଜୟ ବିଜୟ ଶାପେ ବ୍ରହ୍ମାଙ୍କ କୁମର ହେ ।୨।
ସେ ଶାପୁ ଜୟ ବିଜୟ ହିରଣ୍ୟାକ୍ଷ ହୀରଣ୍ଣ୍ୟ
ଦ୍ଵିତୀୟରେ ଦଶାନନ, ଆବର ଯେ କୁମ୍ଭକର୍ଣ୍ଣ
ଦନ୍ତବକ୍ର ଶିଶୁପାଳ, ତୃତୀୟ ଜନ୍ମର ହେ ।୩।
ରୁକ୍ମିଣୀ ହରଣ କଲେ, ଦନ୍ତ ବକ୍ରେ ନାଶିଥିଲେ
ଋଷି ଶାପୁ ବିଷ୍ଣୁ ଦ୍ୱାରୀ, ତ୍ରିଜନ୍ମେ ମୁକ୍ତ ହୋଇଲେ
ମୁସ୍ତକିମ କବି କହେ, ଦେଖ ଭାଇ ଭାରତରେ ହେ ।୪।

॥ ଗାନ୍ଧାର ବଂଶ ପଥର ଘରେ ମରିବା କାରଣ ॥

ଗାନ୍ଧାର ଦେଶ ଗାନ୍ଧାର ସେନ ନରପତି
ସଦା ପଶା ଖେଳିବାରେ ଥାଏ ତାଙ୍କ ମତି ଯେ ॥
କ୍ରମେ ହାରିଦେଲେ ରାଜା ଅର୍ଜିତ ବିଭୂତି
ତହୁଁ ଗଙ୍ଗାକୁ ସହସ୍ରେ ବାର ସେବନ୍ତି ଯେ ।୧।
ବର ଯାଚୁ ଗଙ୍ଗା ରାଜା ମାଗେ ପଶାକାଠି
ବିଜୟ ପଶାକାଠିକୁ ଦେଲେଟି ଜାହ୍ନବୀ ଯେ ।୨।
ଗଙ୍ଗା ବୋଇଲେ ବର୍ଷକେ ଫେରି ଦେବୁ କାଠି
ନ ଫେରିଲା ଭୂପ ହେଲା ଦ୍ୱାଦଶ ବର୍ଷଟି ଯେ ।୩।
କାଠି ନ ଫେରୁ କୋପରେ ଶାପିଲେ ଯାହ୍ନବୀ
ମରିବ ପାଷାଣ ଗୃହେ ହୋଇଣ ଯେ ବନ୍ଦୀ ଯେ ।୪।

Digitized by srujanika@gmail.com

ସେ ଗଙ୍ଗା ଶାପରୁ ଦୁର୍ଯ୍ୟୋଧନ କଲେ ବନ୍ଧି
ମୁସ୍ତକିମ କହେ ସଭା ପର୍ବେ ଏହା ସିଦ୍ଧି ହେ ।୫।

।। ଅର୍ଜୁନ ବୃକ୍ଷ ଜନ୍ମ ।।

ଶୁଣ ଶୁଣ ସଭାଜନେ ଏ ଉତ୍ତର ଟିକି
ରାଜସୂୟ ଯାଗକଲେ ଧର୍ମଜ ଯୁଧିଷ୍ଠୀ ।୧।
ପାତାଳକୁ ଗଲେ ପାର୍ଥ ବାସୁକୀ ବରଣେ
ଦେଖିଲେ ଅନନ୍ତ ପୃଥ୍ୱୀ ବହିଅଛି ଫେଣେ ।୨।
ଧନୁ ହୂଳେ ଅରଜୁନ ପୃଥିବୀ ଧଇଲେ
ତା' ଦେଖି ତୋଷେ ଅନନ୍ତ ନିଜ ଝିଅ ତୁଲେ ।୩।
ଅରଜୁନେ ବିଭା କଲେ ନାଗବାଳୀ ନାରୀ
ସେଠାରୁ ଅନନ୍ତ ରାଜସୂୟ ଯାଗୁ ଫେରି ।୪।
ନିଜ ଶିରେ ପୃଥିବୀ ଧଇଲେ ପୂର୍ବ ପରି
ନାଗବାଳୀ ସହ ସୁଖେ ପାର୍ଥବ ବିହରି ।୫।
ଦିନେ ଯୁଧିଷ୍ଠି ପୁଚ୍ଛନ୍ତେ ସହଦେବ କହି
ସୁଖେ ରହିଲେ ପାତାଳେ ପାର୍ଥ ନାରୀ ପାଇ ।୬।
ଏହା ଜାଣି କୃଷ୍ଣ ସୁମରିଲେ କିରିଟୀକୁ
ଜାଣି ପାର୍ଥ ବାହାରିଲା ଭାଇଙ୍କ ଠାକୁ ।୭।
ନାଗବାଳୀ କହିଲା ତୁମ୍ଭେ ତ କ୍ଷତ୍ରିବର
ତୁମ୍ଭ ନାମ ଜାଣିବି ମୁଁ କେମନ୍ତ ପ୍ରକାର ।୮।
ପୁଣି କାମଶର ତାପୁ କେମନ୍ତେ ତରିବି
ଶୁଣି ଫାଲଗୁନି ହୃଦଗତେ ତାହା ଭାବି ।୯।
ବାବନ ଶରେ ଦକ୍ଷିଣ ଭୁଜ ତିନିବାର
ଚିରନ୍ତେ ରୁଧିରୁ ତହିଁ ହୋଇଲା ବାହାର ।୧୦।
ସେ ରୁଧିରୁ ବୃକ୍ଷେ ଜାତ ଦେଖି ସବ୍ୟସାଚୀ
ଅରଜୁନ ବୃକ୍ଷ ବୋଲି ନାମ ଦେଲେ ବାଛି ।୧୧।
ନାଗବାଳୀକୁ କହିଲେ କାମ ତାପ ଦେଲେ
ଏହି ବୃକ୍ଷ ଆଲିଙ୍ଗନ କର କୁତୁହଳେ ।୧୨।
କାମତାପ ନାଶ ଯିବ ଶୁଣ ପ୍ରାଣସହି

Digitized by srujanika@gmail.com

ଏ ବୃକ୍ଷ ମଲେ ମୋ ମୃତ୍ୟୁ ଜାଣିବୁରେ ତୁହି ।୧୩।
ମୁସ୍ତକିମ କହେ ନନା ଭାରତେ ପାଇବ
ସାରଳା ଦାସ ରଚିତେ ଅଛଇଟି ଧ୍ରୁବ ।୧୪।

।। ମାସାନୁସାରେ ସୂର୍ଯ୍ୟ କିରଣ ।।

ମେଷ ମାସେ ଷାଠିଏ କିରଣ ସୂର୍ଯ୍ୟ
ବୃଷେ ସସ୍ର ମିଥୁନେ ଅଶିଟି ବୁଝ ହେ ।
କକଡ଼ାରେ ତିରିଶ ସିଂହରେ ଶତ
କନ୍ୟେ ପଞ୍ଚାଶ ତୁଳାରେ ଦ୍ୱିତିରିଶ ହେ ।
ବିଛାରେ ଷୋଡ଼ଶ ଧନୁ ସତଚାଳିଶ
ମକରେ ଶତ ଅଂଶେ ହୋଏ ଉଦିତ ହେ ।
କୁମ୍ଭେ ଷାଠିଏ ମୀନେ ଉଦେ ଚାଳିଶ
ମୁସ୍ତକି କହେ ସଭା ପର୍ବେ ଭକତ ହେ
ଉଉରଟିକୁ ଶ୍ରବଣ ଦେଇ ଶୁଣ ସାଧୁ ବିବେକ ହେ ।

।। ପୁରୁଷ ଓ ସ୍ତ୍ରୀ କେତେ ବର ମାଗନ୍ତି ।।

ମନ ଠିକ କରି ଶୁଣିବ ହେ ଭାଏ
ଉତରଟିକୁ ଘାଏ ।ପଦ।
ଦେବାଦେବୀ ବିଷ୍ଣୁ ଲକ୍ଷ୍ମୀ ଶିବ ବା ଶିବାଏ
ବର ମାଗିବ ଯା ଇଚ୍ଛା ହେବ ମନାଇ ସେବାଏ ।୧।
ପୁରୁଷ ଯେ ଦଶଥର ତିରି ତିନି ଘାଏ
ଏଥୁ ଆନ ଯେ ମାଗେ ସେ ଶୁଣ ତା ସଜାଏ ।୨।
ପୁରୁଷ ଶିରୀ ତୁଟଇ କନ୍ଧୁ ଶିର ଯାଏ
ପ୍ରାଣ ଗଲେ ଯମାଳୟେ ନାନା ଦଣ୍ଡ ପାଏ ।୩।
ସ୍ତିରୀ ଶିରୀ ଯାଇ କାଳେ ନାସିକା କଟାଏ
ମୁସ୍ତକିମ କହେ ଅନ୍ତେ କୁଂଭିପାକେ ଥାଏ ।୪।
ମଧ୍ୟପର୍ବ ଦେଖ ଯା’ ଶାରୋଳା ଦାସ ଗାଏ
ମନ ପରତେ ହୋଇବ ତିନିଶ’ ତ୍ରିଶ ପୃଷ୍ଠାଏ ।୫।

Digitized by srujanika@gmail.com

।। ଦ୍ରୌପଦୀର ବସ୍ତ୍ରପ୍ରାପ୍ତି ।।

ଶୁଣ ହେ ସୁଜନ ଜନ ମନକର୍ଣ୍ଣ ଦେଇ
ଆଦ୍ୟାବତାରେ କେତୁକା ଦ୍ରୌପଦୀଟି ଭାଇ ।୧।
ନାରାୟଣ ଜାତ କଲେ ପଞ୍ଚଦଶ ବ୍ରହ୍ମା
ତହୁଁ ଚଉଦ ଭକ୍ଷିଲା ଯେ କେତୁକା ବାମା ।୨।
ଏକ ବ୍ରହ୍ମା ବିଷ୍ଣୁ ତହିଁ ଶରଣ ପସିଲା
ସେ ଶୂଦ୍ରକ ବ୍ରହ୍ମା ଏକା ବର୍ତ୍ତିଣ ରହିଲା ।୩।
ଦ୍ୱାପରେ କେତୁକା ଦେବୀ ଅଟଇ ଦ୍ରୌପଦୀ
ଶୂଦ୍ରକ ବ୍ରହ୍ମାଟି ଦୁଃଶାସନ ଅଟଇଟି ।୪।
ପୂର୍ବେ କର୍ଣ୍ଣଥିଲା ବ୍ରହ୍ମା କେତୁକା ମୁଖରୁ
ଏକାଳେ ରକ୍ତ ରଖିଲା ଦେବୀ ତା' ଭୁଜରୁ ।୫।
ଏବେ ବସ୍ତ୍ର କଥା ଭାଇ ମାନ ଦେଇ ଶୁଣ
ଏକ ବଳା ପାର୍ବତୀ ଦ୍ରୌପଦୀ ଦ୍ୱିତୀଏଣ ।୬।
ସେ ଦେବୀ ପଟଳ ବସ୍ତ୍ର ପଞ୍ଚ କୋଟି
ମାଡ଼ି ବସିଥିଲେ ଗୃହବାସ ତେଜିଣଟି ।୭।
ଦକ୍ଷସୁତା ଶଙ୍ଖା ଗର୍ଭୁ ସୂର୍ଯ୍ୟ ସୁତ ବେନି

କାଳେ ସଞ୍ଜା ଗର୍ଭୁ ସୂର୍ଯ୍ୟ ସୁତ ହେଲେ ବେନି
ଏକ ନାମ ଯମ ନନା ଆରକ ଯେ ଶନି ।୮।
କାଳୀ ଯେ କରାଳୀ ବେନି କଶ୍ୟପଙ୍କ ସୁତା
ଯମକୁ ବିବାହ କରାଇଲେଟି ସବିତା ।୯।
ଗନ୍ଧର୍ବ ରାଜନ ସୋମ ଦାସର ନନ୍ଦିନୀ
ଅଂଶୁମାଳୀ ଶନି ପାଇଁ ମାଗିଲେଟି ଯାଅ ନଣା ଶୁଣି ।୧୦।
ଶନି ନେତ୍ର ଭୟେ ତହିଁ ଭାବିଲେ ବିରଞ୍ଚି
ରଙ୍ଗବସ୍ତ୍ର ଶନିଶ୍ଚର ଦୃଷ୍ଟି କି ଯେ କଷ୍ଟୀ ।୧୧।
ଏକ ବଳା ପାର୍ବତୀଙ୍କୁ ବସନ ମାଗିଲେ
ପଞ୍ଚାବନ କୋଟି ତାଙ୍କଠାରୁ ଆଣିଥିଲେ ।୧୨।

Digitized by srujanika@gmail.com

ସେ ଏକ ବଳା କହିଲେ ପଢ଼ିଲେ ମୋ କାର୍ଯ୍ୟ
ଛପନ କୋଟି କରି ମୁଁ ନେବି ଧର୍ମରାଜ ।୧୩।
ସେ ଏକ ବଳା ଦ୍ରୌପଦୀ ହୋଇ ଜନ୍ମ ହେଲେ
କୁରୁସଭାରେ ଉଲଗ୍ନି କାଳେ ତା' ମାଗିଲେ ।୧୪।
ଛପନ କୋଟି ବସନ ଦିନମଣି ଦେଲେ
ଛାୟାମାୟା ଦ୍ରଉପଦୀ ଅଙ୍ଗେ ଗୁଡ଼ାଇଲେ ।୧୫।
ମୁସ୍ତକିମ କହେ ଭାଇ ନୁହଇ ଏ ମିଛ
ଅପ୍ରତେ ହେଲେ ତୁ ଲୋଡ଼ ବେଗେ ସଭାପର୍ବ ।୧୬।
ତିନିଶ' ଅଠାଇଶ ଅଙ୍କ ଶାରଳା ଦାସ କୃତେ
ମିଳିବ ନିଶ୍ଚୟ ଭାଇ କହିଦେଲି ତୋ ଅଗ୍ରତେ ।୧୭।

।। ଶ୍ରୀବତ୍ସ ଋଷି ପୂର୍ବଜନ୍ମ ।।

ଉତ୍ତର ଶୁଣ ବିବେକୀ ଶାସ୍ତ୍ରେ ଅଛି ଯାହା
ଠିକ ଠିକ ପଦ କେତେ କହୁଅଛି ତାହା ।।
ସତ୍ୟ ଯୁଗେ ସତ୍ୟ ନଗ୍ରେ ତାମ୍ରକର ଦ୍ୱିଜ
ସେ ଯୁଗ ନାମ ସୁନାକର ବୋଲି ହେଜ ।।
ତାର ସୁତ ରୂପାକର ବେଦାଭ୍ୟାସେ ତେଜ
ତାର ଔରସରେ ଜନ୍ମ ତପିବର ବୁଝ ।।
ସୁନାକର ରୂପାକର ପିତାପୁତ୍ର ଦୁଇ
ସନ୍ଧ୍ୟା କରିବାକୁ ଗଙ୍ଗା କୂଳେ ଥିଲେ ଯାଇ ।।
କପିଳା ଗୋମାତା ଶ୍ରୀବଉଳାକୁ ଘେନି
ଗଂଗାକୁ ଅଇଲା ନଣା ପିଇବାକୁ ପାଣି ।।
ବିପ୍ରଙ୍କର କୁଶବାଡ଼ି ବଉଳା ଖାଇଲା
ଦେଖି ସୁନାକର ସୁତା ଜଷ୍ଟି ପ୍ରହାରିଲା ।।
ଶିରେ ବାଜୁଁ ନାସାରନ୍ଧ୍ର ବହିଲା ରକତ
ସୁନାକରେ ଚାହିଁ କୋପେ ବୋଇଲା ଗୋ ମାତ ।।
କି ଦୋଷେ ମୋ ସୁତାକୁ ତୋ ସୁତ ମାରେ ମାଡ଼
ଧାର୍ମିକ ପ୍ରାଏକ ଦିଶି ପାପେ କିପାଁ ବୁଡ଼ ।।

Digitized by srujanika@gmail.com

ସୁନାକର କହେ ମୁହିଁ ଦେଖିନାହିଁ ନେତ୍ରେ
ମାଇଲା ବୋଲି ତୁ ମିଥ୍ୟା କହି କି ନିମନ୍ତେ ॥
ଶୁଣି ଶାପ ଦେଲେ ଯେ କପିଳା ଅନ୍ଧ ହୁଅ
ଦେଖିଣ ନ ଦେଖି ବୋଲି ମିଥ୍ୟା ଯେଣୁ କୁହ ॥
ଶୁଣିଣ ବ୍ରାହ୍ମଣ ତାକୁ ବାରଣ ମାଗିଲା
ଶୁଣି ଦୟା କରିଣ ଯେ କହନ୍ତ କପିଳା ॥
ଦ୍ୱାପରେ ମୁକ୍ତି ହୋଇବୁ ଶୁଣି ବିପ୍ର ଗଲା
ଗୋପେ କୃଷ୍ଣ ବାଳ ଖେଳେ ଅନ୍ଧ ନନ୍ଦକୁ
ମାରନ୍ତେ ବ୍ରାହ୍ମଣ ଯାଇ କହିଲା ଅନ୍ଧକୁ ॥
ନାନା ଗାଳି ଦେଇ ଅନ୍ଧ ଖେଳ ସ୍ଥାନେ ହେଲା
ଦେଖୁ ଦେଖୁ ପୁତ୍ର ଖେଳ ଘରକୁ ଭାଂଗିଲା ॥
ଦେଖ ଦେଖ ବୋଲୁଁ ତାର ନୟନ ଦିଶିଲା
ଆର ଜନମରେ ସେ ଶ୍ରୀବତ୍ସ ବିପ୍ର ହେଲା ॥
ପ୍ରଭୁଙ୍କର ସେବକ ଯେ ହୋଇଣ ରହିଲା
ବର୍ତ୍ତନ ନିମନ୍ତେ ଦ୍ୱନ୍ଦ୍ୱ କଲେ ଯେଣୁ ହରି
ପାଇଲା ଶ୍ରୀବତ୍ସ ବିପ୍ର ନାମ କୋପ କରି
ସେ ଶ୍ରୀବତ୍ସ ପଦଚିହ୍ନ ବୋହିଲେ ମୁରାରୀ
ମୁକ୍ତକି କହେ ରସ ବିନୋଦେ ଦେଖ ହେରି
(ଅଷ୍ଟମ ଅଧ୍ୟାୟ, ପୃଷ୍ଠା ୨୫)

॥ ଅଷ୍ଟକନ୍ୟା ସେବାସ୍ଥାନ ॥

ସମ୍ମୁଖେ ଲତିକା ଦେବୀ ବାୟବ୍ୟେ ଶ୍ୟାମଳା
ଉତ୍ତରେ ଶ୍ରୀମତୀ ଅଇଶାନ୍ୟେ ହରିପ୍ରିୟା ॥
ଦକ୍ଷିଣେ ପଦ୍ମା ନୈଋତେ ଶଶିରେଖା ଜାଣ
ପୂର୍ବେ ବିଶାଖା ସୁଭଦ୍ରା ରହେ ଅଗ୍ନିକୋଣ ॥
ଏପରି ଅଷ୍ଟ ଦଳରେ ବିଜେ ଅଷ୍ଟ ସଖୀ
କେଶରେ ଶ୍ରୀରାଧା କୃଷ୍ଣ ରାସେ ରସିଥାନ୍ତି ॥
ନିତ୍ୟରାସ କଥା ଭାଇ କହିଲି ବୁଝାଇ
ସଂକ୍ଷେପେ ମୁକ୍ତକି କହେ ମୋର ଦୋଷ ନାହିଁ

Digitized by srujanika@gmail.com

ରସ ବିନୋଦରେ ଥରେ ଦେଖିଲେ ପାଇବ
ଏକଶତ ଛଅ ପୃଷ୍ଠା କୃଷ୍ଣଦାସ କୃତ

।। ନିତ୍ୟ ସ୍ଥଳ ।।

ମଞ୍ଚେ ନିତ୍ୟସ୍ଥଳ କଥା କହୁଅଛି ମୁହିଁ
ଏ ଜମ୍ବୁଦ୍ୱୀପ ପୃଥ୍ୱୀରେ ସାରସ୍ୱତ ସେହି
ଜମ୍ବୁଦ୍ୱୀପ ଦକ୍ଷିଣ ସିନ୍ଧୁ ଉତ୍ତର ତଟ
ନୀଳାଚଳ ଗିରି ନାମ ଅଟଇ ପ୍ରକଟ ।
ପୁରୁଷୋତ୍ତମ ପାଟଣା ବୋଲିଣଟି କହି
ତହିଁରେ ଶୂନ୍ୟ ବେଦରେ ରାଧାକୃଷ୍ଣ ମୋହି ।।
ଚଉଷଠୀ ଶସ ଗୋପୀ ସେବିକା ଅଛନ୍ତି
ରସ ବିନୋଦେ ପାଇବ କହଇ ମୁକ୍ତକି ।।

।। ମାନବା ବିଷ୍ଣୁ କାରଣ ।।

(ମହିମା ମହି ମଣ୍ଡଳେ ବାନା ତୁମ୍ଭ ବୁଡ଼ିଲା, ବୃତେ)
ଉତ୍ତର ଶ୍ରୁତି ପଥରେ ଥରେ ଶୁଣ ବିବେକୀ ହେ
ଯାହା ଶାହାସ୍ତରେ ଅଛି କହୁଛି ତାହା ସଂକ୍ଷେପି ହେ ।ପଦ।
ଯେ ଅନନ୍ତ ଅଣାକାର, ବାସ ଶୂନ୍ୟ ବୈକୁଣ୍ଠର
କଲେଟି ସଚରାଚର ପ୍ରକାର ଛପନ କୋଟି ।୧।
ଚଳ ଅଚଳ ଯେ ଜୀବ, ଉଡ଼ା ବୁଡ଼ା ହୃଦେ ଭାବ
ଚାରି ଭାଗେ ବିଭକ୍ତ ଚଉଦ ଲେଖାଏଟି ହେ ।୨।
ଅସୁରଙ୍କ ଦର୍ପେ ମହି, ଭାରା ନ ପାରିଲା ସହି
ଗୁହାରିଲା ସ୍ୱର୍ଗେ ଯାଇ, ସୁଧର୍ମା ସଭାରେ ଟି ହେ ।୩।
ଶୁଣି ବ୍ରହ୍ମା, ଇନ୍ଦ୍ର ଆଦି, ଅଣାକାରେ କଲେ ସ୍ତୁତି
ଆକାର ରୂପେ ଦ୍ରଶନ ଦେଲେ ତାଙ୍କୁ ଅନାଦି ହେ ।୪।
ଦୁଷ୍ଟ ଉପଦ୍ରବେ ନାଶ, କରିବେ ସୃଷ୍ଟି ଅବଶ୍ୟ
ତୁମ୍ଭ ବିନା ସାହା ପକ୍ଷ, ଆଉ ଆମ୍ଭ ନାହିଁଟି ହେ ।୫।
ଶୁଣି ବିଷ୍ଣୁ ଜାନୁ ଦୁଇ, ଲୋମ ଝିଙ୍କି ତୋଷ ହୋଇ
ବୋଇଲେ ବେନି ପୁରୁଷ, ହୋଇ ରଖ ସୃଷ୍ଟିଟି ହେ ।୬।

Digitized by srujanika@gmail.com

କଳା ଧଳା ଲୋକ ଦୁଇ, ସେ ରଂଗ ପୁରୁଷ ଭାଇ
ସତ୍ୟଯୁଗେ ଶେଷ, ନରସିଂହ ଯାଅ ପ୍ରତେଟି ହେ ।୭।
ତ୍ରେତାରେ ରାମ, ଲକ୍ଷ୍ମଣ ଦ୍ୱାପରେ ଶ୍ରୀକୃଷ୍ଣ ରାମ
କଳିଯୁଗେ ଜଗନ୍ନାଥ ବଡ଼ ଠାକୁରଟି କି ହେ ।୮।
କବି ମୁସ୍ତକିମ କହି ମିଥ୍ୟା ନ ବିଚାର ଭାଇ
ରସ ବିନୋଦେ ଅଛଇ ଧ୍ୟାନ କରି ଲେଉଟି ହେ ।।୯।।
(ପୃଷ୍ଠା ୧୩୪. ୧୩ଶ ଅଧ୍ୟାୟ)

।। ଏକବିଂଶପୁର ପାତାଳ ।।

'ପାତାଳ ନିର୍ଣ୍ଣୟ ଜନେ ଶୁଣ ମନ ଦେଇ
ଏକବିଂଶପୁର ବୋଲି ଶାସ୍ତ୍ରେ ଅଛି କହି ।
ପ୍ରଥମ ପୁର ବାସୁକୀ ନାଗ ବୋହି ଅଛି
ମୋଟରେ ଯେ ତିନି ଲକ୍ଷ ଯୋଜନ ଅଟେଟି ।
ତଥି ତଳେ ବସୁର ଅନନ୍ତ କୁରୁମ
ଧରିଛି ପାଞ୍ଚ ଲକ୍ଷ (ଦଶ ଲକ୍ଷ) ଯେ ଯୋଜନ ।
ତଥି ତଳେ ଦଶ ଲକ୍ଷ ଯୋଜନ ପୁରେକ
ତାହା ବୋହିଅଛି ନଣା ଅନନ୍ତ ମଣ୍ଡୁକ ।
ତା' ତଳେ ତେର ଲକ୍ଷ ଯୋଜନ ଏକ ପୁର
ନୀଳା ବାସୁଦେବ ଧରି ଅଛଇ ସଂସାର ।
ତା' ତଳେ ପୁର ବଳବନ୍ତ ବାହୁ ବହେ
ପନ୍ଦର ଲକ୍ଷ ଯୋଜନ ବୋଲି ଶାସ୍ତ୍ର କହେ ।
ଊନବିଂଶ ଲକ୍ଷ ଯେ ଯୋଜନ ତଥି ତଳେ
ମେଦ ବହିଅଛି ଯେ ସାରସପୁର ବାଳେ ।
ତା' ତଳେ କାଞ୍ଚନପୁର ଏକୋଇଶ ହେଳ
ହଳଧର ଶଂକର୍ଷଣ ସେ ପୁର ରକ୍ଷକ ।
ତା' ଅଧକୁ ବିଶ୍ୱଧର ପୁର ନାମ ଖ୍ୟାତି
ବସୁ ଭଗବାନ ଧରେ ଦଶ ଲକ୍ଷଯେତି ।
ସଂଖ୍ୟା ତେଇଶ ଲକ୍ଷ ଯୋଜନ ତାର ତଳେ
ପ୍ରାଣବନ୍ଧୁ ପୁର ଇନ୍ଦ୍ର ଧରିଅଛି ଭଳେ ।

Digitized by srujanika@gmail.com

ତଥି ତଳେ ଦିବ୍ୟ କଳେବର ପୁର ଜାଣ
ବିଶ୍ୱେଶ୍ୱର ଧରେ ବାର ଲକ୍ଷ ବୋଲି ପୁଣ ।
ତା' ତଳେ ତେର ଲକ୍ଷ ପିଂପୁଡ଼ି ଜ୍ଞାନମୋଦ
ବହିଛି ଦକ୍ଷଣ ତଳେ ନାମ ପ୍ରସିଦ୍ଧ ।
ଶଂଖପୁର ଶଂଖ ମହିପତି ବହିଅଛି
ପନ୍ଦର ଲକ୍ଷ ଯୋଜନ ପୁରଟି ହୋଇଛି ।
ତଥି ତଳେ ବିଷ୍ଣୁପୁର ଶ୍ରୀନିବାସ ଧରେ
ଷୋହଳ ଲକ୍ଷ ଯୋଜନ ସେ ଆୟତନରେ ।
ତା' ତଳେ ଦୁଇ ଲକ୍ଷ ଯୋଜନ ଯେ ମହି
ନାରାୟଣୀ ଚତୁର୍ଭୁଜ ନାରାୟଣବାହୀ ।
ଏକ ପୁର ତା' ତଳରେ ସଂଖ୍ୟାରେ ଅଠର
ସିଂହାସନପୁର ସିଂହବିଷ୍ଣୁ ଅଧିକାର ।
ଲକ୍ଷ ଉନବିଂଶ ପୁରେ ଅଛି ତା' ତଳକୁ
ତପିପୁର ଅଧିକାର ତପି ଜଙ୍ଗମକୁ ।
ବିଶ୍ୱପୁର ନାମ ତାହା ତଳେ ଅଛି ରହି
କୋଡ଼ିଏ ସଂଖ୍ୟା ବିଶ୍ୱଦେବ ତା' ଅଛି ବହି ।
ତେଇଶ ଲକ୍ଷ ଯୋଜନ ତାହା ତଳ ପୁର
ନୀଳକଣ୍ଠ ପୁରର ନୀଳକଣ୍ଠ ବହେ ଶିର ।
ତା' ତଳେ ସଚିଦାନନ୍ଦ ପୁର ବୋଲି ଜାଣ
ସଚିଦାନନ୍ଦ ବହେ ଚବିଶ ଆୟତନ ।
ତାହା ତଳେ ବଇକୁଣ୍ଠ ବୋଲି ପୁର ଗୋଟି
ନିରାକାର ବିଷ୍ଣୁଙ୍କର ଅଧିକାରେ ସେଟି ।
ମୁସ୍ତକିମ କହେ ରସ ବିନୋଦକୁ ଦେଖ
ଚତୁରଦଶ ଅଧ୍ୟା ସତ ଚଉରାଳିଶ ଅଙ୍କ ।
ଦୀନକୃଷ୍ଣ ଦାସ କୃତେ ପାଇବ ହେ ଭାଇ
ସଂକ୍ଷେପେ ଉତ୍ତର ଗୋଟି କହିଦେଲି ମୁହିଁ ।

Digitized by srujanika@gmail.com

।। ରାବଣ ପୂର୍ବ ଜନ୍ମ: ସୀତା ହରଣ ।।

ଉତ୍ତର ସୁଜ୍ଞାନୀ ଜନେ ଚିତ୍ତ ଦେଇ ଶୁଣ
ରାବଣ ପୂର୍ବ ଜନମ ବୃତ୍ତାନ୍ତ ଏସନ ।
ଦିବ୍ୟ ସତ୍ୟଯୁଗେ ବ୍ରହ୍ମା ଅଠର କଳପ
ତପ କଲା ନେବା ପାଇଁ ନିରାକାର ପଦ ।
ବଡ଼ିମା ଜାଣି ଅନନ୍ତ ସନାତନ ବ୍ରହ୍ମା
ରାଇ ତପ ଭଙ୍ଗ ବୋଲି ପେସି ମହାତମା ।
ସନାତନ ବ୍ରହ୍ମ ତପ ଭାଙ୍ଗି ନ ପାରିଲା
କଠୋର ତପସ୍ୟା କରେ ଆଦି ଦେବୀ ବଳା ।
କୋପେ ନିରାକାର ତାକୁ ଶାପିଲେ ରେ ବାଇ
ମୋ ପଦ ନେବାକୁ ମନେ କଲୁରେ ବଡ଼ାଇ ।
ଏ କାରଣ ମୋ ଅଇରୀ ହୋଇ ମର୍ତ୍ତ୍ୟେ ଜନ୍ମ
ମୋ ଅଂଶୁ ଜନମି ତୋତେ ଦେବେରେ ମରଣ ।।
ରାମ ରୂପେ ମୋ ଅଂଶୁ ଜନମ ହେବେ ଯାଇ
ରାବଣ ନାମ ତୋହର ଲଙ୍କେ ଥିବୁ ରହି ।।
ରାମନାରୀ ସୀତାକୁ ତୁ ଚୋରାଇ ମରିବୁ
ବୋଲି ନିରାକାର ଶାପ ଶୁଣିଲ ଶାସ୍ତ୍ରକୁ ।।
ମୁସ୍ତକିମ କହେ ବାଳ ଅଧମ ହେ ଭାଇ
ରସ ବିନୋଦରେ ଦେଖ ପ୍ରତ୍ୟକ୍ଷ ହେବଇ ।

(୧୫ଅଧ୍ୟାୟ: ୧୪୯ପୃଷ୍ଠା)

।। ଦେବନାଶନ ବୃକ୍ଷ ଜନ୍ମ ।।

ଶୁଣିଣ ଉତ୍ତର ନଣା, ଚିତ୍ତେ ଧରିଥିବ ନ ହୋଇ ବଣା ହେ । ପଦ ।
ପ୍ରଭୁ ନିରାକାର, ଏ ସୃଷ୍ଟି ବିଚାର କରି କରୁଁ କଳପଣା
ହୋଇଲା ମେଦିନୀ, ସିନ୍ଧୁ ଗିରି ଘେନି
ଅଶୋଭା ସକଳ ତରୁଙ୍କ ବିନା ହେ ।୧।
ମନରୁ ଜନମ କଲେକ ଆପଣ
ଦେବନାଶ ବୃକ୍ଷ ହୋଇ ପୁରଣ
ତା' ପରେ ଫୁଲ ଫଳ ଆଉ ମୂଳ

Digitized by srujanika@gmail.com

କ୍ରୋଶେକ ବିସାର, ଦ୍ୱିକୋଶ ଡାଳ
ପଞ୍ଚହସ୍ତ ଲମ୍ବ ପତରଣା ।୨।
ଉଚ୍ଚ ତା' ଯୋଜନେ ବୁଝେ ସୁଜ୍ଞ ଜନେ
ନିରାକାର ଦ୍ୱାରେ ଦ୍ୱାରୀ ସେ ଗଣା ହେ ।୩।
କପଟେ ଯେ ଯାଇ ଦରଶନ ପାଇ
ସେ ବୃକ୍ଷ ଛିଣ୍ଡାଏ ତାର ମୁର୍ଦ୍ଧନା
କହେ ମୁସ୍ତକିମ, ଦେବନାଶ ନାମ
ସଂକ୍ଷେପରେ ଭାଇ କଲି ରଚନା ।୪।
(ରସ ବିନୋଦ, ଅଧ୍ୟାୟ ୧୬, ପୃଷ୍ଠା ୧୫୭)

।। ସୁଜାତା ସର୍ପ ଜନ୍ମ ଓ ଦ୍ୱାର ।।

ନଣା ଭାଇ ଶୁଣିବ ଉତ୍ତର ସଂକ୍ଷେପେ କହୁଛି ଯେ ।ପଦ।
ନିରାକାର ଏକା ଥିଲେ, ନିରାଳମ୍ବ ପୁରେ ଭଲେ
ନ ଥିଲା ତ୍ରିପୁର ଯୁଗ ଦିବସ ବା ରାତି ହେ ।୧।
କନ୍ଧର ପଇତା ଫେଇ ବୋଇଲେ ତୁ ହୁଅ ଅହି
ତତକ୍ଷଣେ ସର୍ପ ହେଲା ତେଜାନଳ ଜ୍ୟୋତି ହେ ।୨।
ଯୋଜନେ ଫଣା ତାହର, ଅଙ୍ଗ କି ବା ଗିରିବର
ସୁଜାଣ ନାମ ତା' ଦ୍ୱାର ଯଗେ ଦିବାରାତି ହେ ।୩।
ମୁସ୍ତକିମ କବି କହି ଅନନ୍ତ ଦର୍ଶନ ପାଇ
କପଟୀ ଗର୍ବ X X X

।। ପବନ, ଚନ୍ଦ୍ର ଜନ୍ମ ।।

ନିରାକାର ତହୁଁ ସର୍ବ ହୋଇଲା ଜନମ
ଅଦ୍‌ଭୁତ, ଅଶ୍ରୁତ ସୃଷ୍ଟି କରନ୍ତି ସୃଜନ ।
ଦେଖିଣ ପବ ଚନ୍ଦ୍ର ଚିତ୍ତେ ବିଚାରିଲେ
ଏ ପଦ ଘେନିବା ଆମ୍ଭେ ତପସ୍ୟା କରିଲେ ।
ପବନ ସୁର୍‌ଗିରିରେ ସାତ କଳପ ବସି
ତପକରୁଁ ଜାଣି ପ୍ରଭୁ ଶତମୁଖୀ ବ୍ରହ୍ମା
ରାଈ ପଠାଇ ବାୟୁକୁ ଆଣ ମହାତମା ।

Digitized by srujanika@gmail.com

ତପ ନ ଭାଙ୍ଗିଲା ମରୁତର ବ୍ରହ୍ମାବଳେ
ଜାଣି ବିଷ୍ଣୁ ଚକ୍ରେ ବାୟୁ ଖଣ୍ଡ ଖଣ୍ଡ କଲେ ।
ଅଣଚାଶ ଖଣ୍ଡ ହେଲା ସେ ଦିନରୁ ଭାଇ
ଚାରି ଭାଗରେ ପବନ ବିଭକ୍ତ ଯେ ହୋଇ ।
ପାତାଳେ ଷୋଳହ ଅଠର ଅମର ନଗରେ
ଏଗାର ମଞ୍ଚରେ ଚାରି ଅଛନ୍ତି ମେଘରେ ।
ଚନ୍ଦ୍ର ତପ କଲେ ନାମ ତା' ବଦନେଶ୍ୱର
କେତୁକା ବ୍ରହ୍ମାଙ୍କୁ ପେଶି ଦେଲେ ନିରାକାର ।
ଗର୍ବ କରି ଅବଜ୍ଞା କଲାରୁ କଳାକର
ଚକ୍ରରେ ଛେଦିଲେ ନିରାକାର ତାର ଶିର ।
ତପସ୍ୟା ସିଦ୍ଧାନ୍ତ ଭାବି କୋଳରେ ଧଇଲେ
ଜୀବିତ କରି ବୋଇଲେ ଘେନ ଆମ୍ଭ ଗିର ।
ଆଜି ନିଶି ଅମାବାସ୍ୟା ମର୍ତ୍ତ୍ୟେ ହେବ ଜାଣ
ଆମ୍ଭ କ୍ରୋଡରେ ରହିବୁ ଅଦୃଶ୍ୟ ହୋଇଣ ।
କ୍ରମେ କଳା ବୃଦ୍ଧି ପୂର୍ଣ୍ଣମୀରେ ପୂର୍ଣ୍ଣ ହୁଅ
କ୍ରମେ କଳା କ୍ଷୟ ରାତ୍ରେ କ୍ରୋଡେ ଗୁପ୍ତ ରୁହ ।
ସେହି ହେତୁ ଅମାବାସ୍ୟା ପୁଣ କ୍ଷୟ ବୃଦ୍ଧି
ମୁକ୍ତକିମ କହେ ହୁଏ ନିଶାରେ ଏ ରୀତି ॥

(ରସ ବିନୋଦ, ଅଧ୍ୟାୟ : ୧୮ ପୃଷ୍ଠା : ୧୭୩)

॥ ହନୁ ପୂର୍ବଜନ୍ମ ॥

ସଭାରେ ମୋ ଉତର ଶୁଣ ହେ ବିଜ୍ଞନର
ମହି ରାବଣର ସହି ନ ପାରିଲା ଭାର ।
ଦେବଙ୍କୁ କହନ୍ତେ ସର୍ବେ ବିଷ୍ଣୁଙ୍କୁ କହିଲେ
ଦେବଙ୍କ ବୋଲରେ ବିଷ୍ଣୁ ଜନମ ହୋଇଲେ ।
ତାଙ୍କ ଦୂତ ପାଇଁ ଦେବେ ଚିତ୍ତେ ବିଚାରିଲେ
'ହ' ଅକ୍ଷରୁ ହରି ଧ୍ୱନି 'ନ'ରୁ ବ୍ରହ୍ମତେଜ
'ମ'ରୁ ଯେ ମହାଦେବ 'ଅନ୍ତ'ରୁ କାନ୍ତାରି ।
ଚାରି ଅଂଶୁ ହନୁମନ୍ତ ଜାତ କଲେ ଭାଇ

Digitized by srujanika@gmail.com

ହରେ ସମର୍ପିଲେ ମର୍ତ୍ତ୍ୟେ ଜନ୍ମାଇବା ପାଇଁ ।
ନିଜ ଅଙ୍ଗେ ଲୀନ କରି ରଖିଥିଲେ ହର
କପିରୁ ଯେ କ୍ରୀଡ଼ା କରୁ ପାର୍ବତୀ ସଙ୍ଗର ।
ସେ ରେତ ଖସନ୍ତେ କରେ ଧରି ପବନକୁ
ଦେଲେ ପବନ ତା' ଦେଲା ଅଞ୍ଜନା ବାଳୀକୁ ।
ହନୁମନ୍ତ ଜନ୍ମ ହେଲା କହେ ମୁକ୍ତକିମ
ଉନିବଂଶ ଅଧ୍ୟା ରସ ବିନୋଦେ ଲେଖନ ।

(ପୃ. ୧୭୮)

।। ଯୁଧୀଷ୍ଠିର ଦୁର୍ଯ୍ୟୋଧନଃ ପୂର୍ବ ଜନ୍ମ ।।

ଦୁର୍ଯ୍ୟୋଧନ ଇନ୍ଦ୍ର ଅଟେ ସ୍ୱର୍ଗ ନରପତି
କେତୁକା ବ୍ରହ୍ମା ସ୍ୱର୍ଗରେ ଅଟଇ ଯୁଧୀଷ୍ଠି ।
ଇନ୍ଦ୍ର ପଦ ପାଇଁ ସେ କେତୁକା ତପ କଲା
ନିରାକାର ତପ ଜାଣି ବିଜେ କଲେ ଭଲା
ବୋଇଲେ କିପାଇଁ ତପ କେତେ କାଳ କଲୁ
କେତୁକା କହଇ ଶତେ କଳ୍ପ ଯେ ସେବିଲୁଁ ।
ନିରାକାର କହି କଳ୍ପ ସଂଖ୍ୟା କାହିଁ ଦେଖା
ଶୁଣି ପଦ୍ମପୁଷ୍ପ ଗଣି ବସିଲା କେତୁକା ।
କଳପକେ ଏକ ପୁଷ୍ପ ରଖିଥିଲା ଥୋଇ
ଜାଣି ଇନ୍ଦ୍ର ପୁଷ୍ପେ ହରି ନେଲା ତହୁଁ ଭାଇ ।
ଅଣେଶ୍ୱତ ହେଲା ଏକ ପୁଷ୍ପ ହେଲା କମ
ମିଥ୍ୟା ଦେଖିଣ ଅନନ୍ତ ଶାପି ହୋଇ ତମ ।
ଶାପର କାରଣ ନଶା କେତୁକା ମାଗିଲା
ମର୍ତ୍ତ୍ୟେ ଯୁଧୀଷ୍ଠିର ରୂପେ ଜନମ ହୋଇଲା ।
ସତ୍ୟ କହି ମୁକ୍ତ ହୋଇ ଗଲା ସ୍ୱର୍ଗପୁର
କେତୁକା ରୀତିକୁ ଭାଇ ଶୁଣ ଶ୍ରବଣର ।
ଧ୍ୟାନରେ ଜାଣିଲା ଇନ୍ଦ୍ର ପୁଷ୍ପ ଚୋରିକଲା
ଇନ୍ଦ୍ରଦେବ ତାକୁ ଯେ କେତୁକା ଶାପ ଦେଲା ।
ବୋଇଲା ମୋର ବଇରି ଅଟୁ ସହସ୍ରାକ୍ଷ

Digitized by srujanika@gmail.com

ଏ ତନୁକୁ ଛାଡ଼ି ମର୍ତ୍ତ୍ୟେ ଜନ୍ମିବୁ ଅବଶ୍ୟ ।
ଅଶେଶ୍ୱତ ପୁଷ୍ପ ଥୋଇ ଚୋରାଇଲୁ ଏକ
ଏକ ଅଙ୍ଗୁ ଅଶେଶ୍ୱତ ଭାଗେ ଜନ୍ମି ବ୍ରତ ।
ଇନ୍ଦ୍ର ଶାପକୁ କାରଣ ମାଗୁ ଦେଲେ ବର
ଭୀମ ହସ୍ତେ ମରି ପୁଣ ହୁଅ ସୁନଶିର ।
ମୁସ୍ତକିମ କହେ ରସ ବିନୋଦରେ ଲୋଡ଼
ଉନବିଂଶ ଅଧ୍ୟା ମଧ୍ୟେ ଅଛି ନଣା ଫେଡ଼ ।

।। ରାବଣ, କୁମ୍ଭକର୍ଣ୍ଣ ପୂର୍ବଜନ୍ମ ।।

ଶୁଣ ହେ ପଣ୍ଡିତ ଗଣ ମନକର୍ଣ୍ଣ ଦେଇ
ଅନନ୍ତ ବୈକୁଣ୍ଠେ ଅଣାକାର ବିଷ୍ଣୁ ଥାଇ ।
ଏକୋଇଶ ପାତାଳ ଯେ ତାହାଙ୍କର ସ୍ଥାନ
ଭିତରେ ହେ ଦ୍ୱାରୀ ନାହିଁ ବିଚାରିଲେ ମନ ।
ଶ୍ରୀଭୁଜ ବେନିରୁ ରକ୍ତ ଚିରି ପକାଇଲେ
ବିଭୂତି ଦେଇଣ ମର୍ଦ୍ଦି ପିତୁଳା ଗଢ଼ିଲେ ।
ଜୀବନ୍ୟାସ ପଢ଼ି ଜୀବ ଦେଲେ ଦୁହିଁଙ୍କୁ ହିଁ
ଦ୍ୱାର ଜଗାଇଲେ ଜୟ ବିଜୟ ନାଁ ଦେଇ
ମୁସ୍ତକିମ କହେ ରାବଣ ଯେ କୁମ୍ଭକର୍ଣ୍ଣ
ପୂର୍ବଜନ୍ମେ ଅନନ୍ତଙ୍କ ଅଟନ୍ତି ନନ୍ଦନ ।

(ଅଧ୍ୟାୟ ୨୦ ପୃଷ୍ଠା ୧୮୨. ରସବିନୋଦ)

।। ନୀଳଗିରି ପୂର୍ବ ବୃତାନ୍ତ ।।

ଜନେ କର୍ଣ୍ଣେ ଶୁଣ ଉତର
ଜନମ କହୁଛି ନୀଳଗିରିର ।ପଦା
ମେରୁ ମେଖଳରେ, ରହନ୍ତି ଅମରେ ଶୃଙ୍ଗେ ବିଷ୍ଣୁବାସ ଜାଣ ନିକର
ପଦ୍ମ ସିନ୍ଧୁ ତୁଳେ, ମେରୁ ରଣ କଲେ, ଓଫାଡ଼ିଲା ସିନ୍ଧୁ ମେରୁ ମନ୍ଦର ।୧।
ଉପାଡ଼ନ୍ତେ ବଳେ, ଶୃଂଗ ଭାଙ୍ଗି ଦେଲେ, ପଡ଼ିଲାଟି ତଳେ ସେ ଶୃଙ୍ଗବର
ଲମ୍ବ ଦଶ ଜୁଣ, ଜାଣ ସୁଜ୍ଞ ଜନ,
ଦେବା ବେଳେ କଳି ଭାଙ୍ଗିଲା ତାଙ୍କର ।୨।

Digitized by srujanika@gmail.com

ଗିରିବର ତହୁଁ, ଶୃଂଗେ ଆଣି ଯାଉ, ମନାକଲେ ଇନ୍ଦ୍ର ବ୍ରହ୍ମା ଶଙ୍କର
କଳିଯୁଗେ ହରି, ସେ ଶୃଂଗେ ବିହରି, କାଳ କାଟିବେ ଚଉଦ ରୂପର ।୩।
ମେରୁ ଶୃଂଗ ନୀଳାଞ୍ଚଳ ନାମ ହେଲା, ଜଗନ୍ନାଥ ଛନ୍ତି ତହିଁ ମଧ୍ୟର
ମୁସ୍ତକିମ କବି, ରଚେ ଇଚ୍ଛା ଛବି, ଦେଖ ଯା ଅଛି ରସ ବିଦୋଦର ।୪।

।। ଶୁକମୁନି ପୂର୍ବଜନ୍ମ ।।

ସତ୍ୟଯୁଗର ଚରିତ ଶୁଣ ମନ ଦେଇ
ଶବରେକ ବୁଲୁଥିଲା ଅରଣ୍ୟରେ ଭାଇ ।
ନୈମିଶ୍ୟାରଣ୍ୟେ ଶବର ପ୍ରବେଶିଲା ଯାଇ
ଏକ ଶୁକ ପକ୍ଷିକୁ ଦେଖିଲା ବୃକ୍ଷେଇ ।
ନଳରେ ଲଗାଇ ଅଠାକାଠି ବିଦ୍ଧ କଲା
ଲାଗି ଶୁକ ତାଳୁ ଖସି କ୍ରୋଡ଼ରେ ପଡ଼ିଲା ।
ଦେଖି ନ ପାରି ଶବର ଗଲା ବିସ୍ମୟରେ
ଶୁକ କ୍ରୋଡ଼େ ପ୍ରାଣ ବିସର୍ଜି ଅନାହାରେ ।
କାଳେ ତହିଁ ହରଗଉରୀକୁ ବ୍ରହ୍ମଜ୍ଞାନ
କହନ୍ତେ ସେ ମୃତ ଶୁକ ପାଇଲାଟି ପ୍ରାଣ ।
ହର ତାକୁ ବଧିବାକୁ ଗୋଡ଼ାଇଲେ ଭାଇ
ବ୍ୟାସନାରୀ ଶ୍ରୀଯା ଜଳେ ସ୍ନାନ କରୁଥାଇ ।
ଉର୍ଦ୍ଧ୍ୱମୁଖେ କେଶ ସାମଳିବା କାଳେ ଶୁକି
ମୁଖବାଟେ ପସିଲା ହୋଇଣ ମଶା ରୂପ ।
ଗର୍ଭବତୀ ହେଲେ ବହୁ କାଳ ଗଲା ବହି
ମାତାକୁ ବଜ୍ରକାଛ ମାଗିଲା ଜନ୍ମ ପାଇଁ ।
ମାତା ଗର୍ଭେ ଥାଇ ହରଦତ୍ତ ବଜ୍ରକାଛ
ପିନ୍ଧିଣ ଜନମ ହେଲା ବ୍ରହ୍ମ ଯତି ଶୁକ ।
ମୁସ୍ତକିମ କହେ ଯଦି ପ୍ରତେ ନୁହେ ମନ
ଦେଖ ପ୍ରଥମ ରତ୍ନାକୁ ନୃସିଂହ ପୁରାଣ ।

Digitized by srujanika@gmail.com

॥ ଗଂଗା, ଯମୁନା, ସରସ୍ୱତୀ ଜଳ ଶୁଦ୍ଧ ସ୍ନାନ ॥

ଶୁଣ ଶୁଣ ସୁବିବେକୀ ପଚାରିଲୁ ଯାହା
ସାହାସ୍ତେ ଅଛି ଯା' ଲୋଡ଼ି ପ୍ରକାଶୁଛି ତାହା ।
ଜଳ ରଜସ୍ୱଳା ଆଦ୍ୟ ଭୂମରଇ
ତା' ପରେ ଦେବ ମାନବ ବିଷ୍ଣୁ ନାଶ ଯାଇ ।
ପରେ ରୁଦ୍ର ତହୁଁ ଧର୍ମ ପୁଣ ନିରଞ୍ଜନ
ତଦୁତାରୁ ଶକଳ ଜଗତ୍ର ହୁଏ ଶୂନ୍ୟ ।
ପଞ୍ଚକୋଟି ପଦ୍ମକାଠି ଯୁଗ ହେଲେ ଜାଣ
ଜଳ ରଜସ୍ୱଳା ହୋଏ ଆହେ ସୁଜ୍ଞଜନ ।
ବିଷ୍ଣୁ ନିରାକାର ନଖ କୋଣପରେ ଜଳ
ପସି ପୁଣି ବାହାରିଲେ ହୁଅଇ ନିର୍ମଳ ॥
ବିଷ୍ଣୁ ନଖେ ଯାଇ ଜଳ ଗୁପତ ହୁଅଇ
ପୁଣି ସ୍ରବିଲେ ମର୍ତ୍ତ୍ୟରେ ଶୁଦ୍ଧ ଜାଣ ହୋଇ ।
ପଞ୍ଚଦିନେ ଶୁଦ୍ଧ ସ୍ନାନ ହେଲା ପରେ ବନ
ତହୁଁ ଅରୂପରୁ ରୂପ ହୁଅଇ ଜନମ ।
ବ୍ରହ୍ମା, ବିଷ୍ଣୁ, ହର ଆଦି ସର୍ବଜାତ ହୋନ୍ତି
ଜଳ ଶୁଦ୍ଧ ସ୍ନାନ କବି ମୁସ୍ତକି' ବଦତି ।
ପ୍ରତେ ହେବ ରତ୍ନାକର ପ୍ରଥମ ଖଣ୍ଡରେ
ନୃସିଂହ ପୁରାଣ ଲୋଡ଼ ଯତ୍ନ ସହକାରେ ।

॥ ପୃଥ୍ୱୀର ସ୍ତ୍ରୀ ନାମ ଧାରଣ ॥

ଶୁଣ ଜନେ ମନ ଦେଇ ଏ ଉତ୍ତର ନଣା
ସଂକ୍ଷେପରେ କହୁଅଛି କରିଣ ଠିକଣା ॥
ପ୍ରଳୟର ପରେ ବିଷ୍ଣୁ ଚିତ୍ତେ ବିଚାରିଲେ
ନାଭି - କମଳରୁ ଯେ ପଦ୍ମେକ ଜାତ କଲେ ।
ସେ ପଦ୍ମରେ ବିରଞ୍ଚିକୁ କଲେଟି ଜନମ
ସୃଷ୍ଟି ସୃଜିବା ଭାବି ଅନନ୍ତ ନାରାୟଣ ॥
ଅଥଳ ଜଳ ଶୂନ୍ୟ ନ ଦେଖି କିଛି ଅଜ
ପଦ୍ମନାଡ଼େ ଉତୁରିବା ପାଇଁ ହେଲା ସଜ ।

Digitized by srujanika@gmail.com

ଜାଣି ବିଷ୍ଣୁ ଆଦିକୁ ଜନ୍ମାଇ ପଠାଇଲେ
ସୃଷ୍ଟିକର୍ତ୍ତା ବ୍ରହ୍ମା ଆଶେ ମନ ବଳାଇଲେ ।
ଶୁଣି ଆଦି ବ୍ରହ୍ମାଙ୍କୁ ଆସନ୍ତେ କଲା ମନ ।
ଏଣେ ବିଷ୍ଣୁ ଅଙ୍ଗ ମଳି ଘଷିଣ ଫିଙ୍ଗିଲେ
ଅସୁର ହୁଅ କହୁଁ ଅସୁରେ ହେଲା ଭଲେ
ଆଦି ରୂପ ଦେଖି କାମ ଭୋଳରେ ଅସୁର
ଗୋଡ଼ାନ୍ତେ ଆଦି କହିଲେ ଶୁଣ ମୋର ଶିର ।
ଅସୁର ତା' ଶୁଣି ମହା ଆନନ୍ଦ ହୋଇଲା
ନିଦା ବିଷ୍ଣୁଠାରେ ଯାଇ ରଣ ଆରମ୍ଭିଲା ।
ରଣେ ନ ପାରିଣ ସ୍ତୁତି କଲା ମନେ ହରି
ବୋଇଲା ନ ଚିହ୍ନି ବୃଥା ହେଲି ଦ୍ୱନ୍ଦ୍ୱକାରୀ ।
ତୋ' ଚରଣ ତଳେ ମୋତେ ସଜୀବରେ ରଖ
ଶୁଣି ବିଷ୍ଣୁ ବୋଲେ ତେବେ ଶୁଣରେ ରାକ୍ଷସ ।
ନ ମଲେ ଅସୁର ଜନ୍ମ କେହ୍ନେ ପାରି ହେବୁ
ମୋ ବୋଲେ ତୋର ମସ୍ତକ ସମର୍ପରେ ବାବୁ ।
ଶୁଣି ଅସୁର ମସ୍ତକ ସମର୍ପଣ କଲା
ଅସୁର ମୁଣ୍ଡକୁ ଚକ୍ର ଛେଦି ପକାଇଲା ।
ବିଷ୍ଣୁ ଫୁଲ ପାଣି ତାକୁ ଦେଇ ମନ୍ତ୍ର ବଳେ
ସ୍ତିରୀ ରୂପ କରିଣ ଥୋଇଲେ ସଅଳେ ।
ନବ ଯୁବା ହୋଇ ସେ ସଜୀବ ତନୁ ହେଲା
ସବୁ ଭାର ବହି ବସୁନ୍ଧରା ବୋଲାଇଲା ।
ମେଦା ନାମ ଲୋପ ହୋଇ ହୋଇଲା ମେଦିନୀ
ପୃଥୁ ଶରୀର ଥିଲାରୁ ପୃଥିବୀ ବୋଲାଇ ।
କୁଜ୍ଞାନ ପ୍ରଥମୁ ଯେଣୁ 'କୁ' ବୋଲି କହି
କବି ମୁସ୍ତକିମ କହେ ବାଲୁତ ଅଧମ
ଦୋଷ ଥିଲେ ରସବସ୍ତୁ କ୍ଷମ ବିଜ୍ଞଜନ ।
ରତ୍ନାକର ପ୍ରଥମ ପୁରାଣ ଶ୍ରୀନୃସିଂହ
ବାଷଠି ପୃଷ୍ଠାରେ ଦେଖ ଫିଟିବ ସନ୍ଦେହ ।

Digitized by srujanika@gmail.com

।। ସୃଷ୍ଟିକର୍ତ୍ତା ଋଷି ।।

ଗାୟତ୍ରୀ, ଚାରିବେଦ ଓଁକାର ମନ୍ତ୍ରୁଁ ଜାତ
ବ୍ରହ୍ମାକୁ ବାହା କଲେ ହୋଇଣ ହରଷିତ ।
ବେଦମାନେ ଦୁହିତାକୁ ବେଦବରେ ଦେଲେ
ଚଉଷଠି ବେଦ କାଣ୍ଡୀ ମନ୍ତ୍ରେ ବିଭା କଲେ ।
ଯଉତୁକ ହୋଇ ବେଦେ ବ୍ରହ୍ମାଠାକୁ ଗଲେ
ଚାରିମୁଖେ ଚାରିବେଦ ପ୍ରସନ୍ନେ ରହିଲେ ।
ବ୍ରହ୍ମା ଗାୟତ୍ରୀକୁ ପୁତ୍ର ଅର୍ଥରେ ରମିଲେ
ପ୍ରଥମ ପାଦ ଟେକି ରମନ୍ତେ ପୁତ୍ର ଦୁଇ
ଜନମିଲେ ମରିଚି ଯେ ଅତ୍ରି ନାମ ହୋଇ ।
ଦ୍ୱିତୀୟ ପାଦରୁ ଜାତ ଅଙ୍ଗିରା ବଶିଷ୍ଠ
ପୁଲହ କ୍ରତୁ ଜାତ ଟେକନ୍ତେ ଆନ ପାଦ ।
ଭୃଗୁ ପ୍ରଜାପତି ଚତୁର୍ଥ ପାଦରୁ ଜନ୍ମ
ମନକୁ ପୁରୁଷ କଲେ ତହୁଁ ବେଦବର
ଅଷ୍ଟଦଳକୁ ସ୍ତ୍ରୀ ରୂପ କଲେ ତତପର
ନାମ ଯାର ଦେବଦୂତୀ ମନ ପୁଂସେ ବିଭା
ତହୁଁ ଜାତ ହେଲେ ନଣା ଆଠଟି ଦୁହିତା ।
ସୁକିନ୍ଦା ହେମବତୀ ଏ ସବିତାରୁ ଜନ୍ମ
ସୁମତୀ, ଜୟବତୀ ନେତ୍ରରୁ ଉତପନ୍ନ ।
ସୁକ୍ରିଆ ଅନୁସୂୟା ନାଶାରୁ ଉତପତି
ମୁଖୁ ସୁକାନ୍ତି ତ୍ରିକୂଟ ତାଳୁ ଅରୁନ୍ଧତୀ ।
ମରିଚି ସୁକୁନ୍ଦାକୁ ଅତ୍ରିକୁ ଅନସୂୟା
ଅଗ୍ନିରୂପୀ ହେମବନ୍ତି କନ୍ୟା କଲେ ବିଭା ।
ଅରୁନ୍ଧତୀ ବଶିଷ୍ଠ ସୁମତୀ ପୁରୁ ଋଷି
ସୁକ୍ରିଆକୁ କ୍ରତୁ ଦିତୀକୁ ଦେଲେ ଭୃଗୁ ଋଷି ।
ସୁକାନ୍ତିକି ଦକ୍ଷ ପ୍ରଜାପତି ବିଭା ହେଲେ
ଏବେ ଭାଇ ଯାଙ୍କଠାରୁ ବଂଶବୃଦ୍ଧି ଭଲେ ।
ପ୍ରଜାପତିଠାରୁ ଯେ ଷାଠିଏ ଝିଅ ଜାତ
ବ୍ରହ୍ମାଙ୍କ କତିରେ ଦେଲେ ହୋଇ ତୋଷ ଚିତ୍ତ ।

Digitized by srujanika@gmail.com

ଈଶ୍ୱରଙ୍କୁ ଦେଲେ ଜ୍ୟେଷ୍ଠ ଦୁହିତା ପାର୍ବତୀ
ଅଧର ଆଉ ସନ୍ତେ ବ୍ରହ୍ମାରୁ ଉତ୍ପତି ।
ନାମ ତାଙ୍କ ଧର୍ମ ବୋଲି ଖ୍ୟାତ ଅଟେ ଭାଇ
ତନୁ ଭାନୁ ସୁମେଧା ମେଧା ଦକ୍ଷ ତନଇ ।
କ୍ଷିତୀ, କ୍ଷମା, ଶ୍ରୁତି, ଧୃତି, ଶ୍ରଦ୍ଧା ଯେଣୁ ଚାରୁ
ଧର୍ମ ନିରଂଜନ ବିଭା ହେଲେଟି ସ୍ନେହରୁ ।
ଏବେ ଯାଙ୍କ ବଂଶ ଭାଇ ଶୁଣ ମନ ଦେଇ
ସୁମେଧା ଗର୍ଭୁଦ୍ରୋଣ ଯେ ମେଘ ଜାତ କହି ।
ଶ୍ରଦ୍ଧାରୁ ଅବର୍ତ୍ତ ଯେ ସୁଚାରୁ ସୁସ୍ୱର୍ତ୍ତକ
ଭାନୁରୁ ପୁସ୍କର କ୍ଷିତିଠାରୁ ଚାରିଯୁଗ ।
ଧୃତି ଉଦରରୁ ମୃତ୍ୟୁ ହୋଇଲା ଜନମ
କ୍ଷମା କନ୍ୟ ଉଦରୁ ଯେ ଏଗାର କରଣ ।
ସୁଧା ତହିଁ ସନ୍ଧ୍ୟା ତିନି ସୃଷ୍ଟିରୁ ରଜନୀ
ସଉରୁଣ୍ଡଙ୍କର ଅଟେ ସୁଚାରୁ ଜନନୀ ।
ବେଦପତି ରସନାରୁ ଅଗ୍ନି ଜନ୍ମ ହେଲେ
ସ୍ୱାହା ସ୍ୱଧାକୁ ତାହାଙ୍କୁ ବିଭା କରାଇଲେ ।
ସ୍ୱାହାରୁ ଧୂମ୍ର ସ୍ୱଧାରୁ କଳା ହେଲେ ଜାତ
କହେ କବି ମୁସ୍ତକିମ ଅଧମ ବାଳୁତ ।
(ନୃସିଂହ ପୁରାଣ ୧ମ ରତ୍ନାକର)

।। ନାରଦ ଜନ୍ମ ।।

ଶୁଣ ଜନେ ଏକ ମନେ ନାରଦ ଜନମ
ବ୍ରହ୍ମା ବ୍ରହ୍ମେ ଲୟ କରି ବସି କଲେ ଧ୍ୟାନ ।
ପ୍ରସନ୍ନ ହୋଇଣ ବିଷ୍ଣୁ ବ୍ରହ୍ମାଙ୍କୁ କହିଲେ
କିପାଇଁ ସ୍ମରିଲୁ ମାଗ ଯାହା ଇଚ୍ଛୁ ଭଲେ ।
ବ୍ରହ୍ମା କହି ପୁତ୍ରେକ ମାଗୁଛି ଦିଅ ମୋତେ
ବିଷ୍ଣୁ କହି ବାର ଶବଦକୁ ଧର ହୃଦେ ।
ଅନାହତ ଦ୍ୱାରେ ବାଜି ଶୁଭଇ ଯେ ଧ୍ୱନି
ତାହାକୁ ଯେ ବ୍ରହ୍ମା ଧରିଲେକ ହୃଦେ ଚିହ୍ନି ।

Digitized by srujanika@gmail.com

ସେ ନାଦକୁ ଧରନ୍ତେ ପୁତ୍ରେକ ହେଲା ଜାତ
ସେହି ପୁତ୍ର ନାମ ଗୋଟି ହୋଇଲା ନାରଦ ।
ମୁସ୍ତକିମ କବି କହେ ସଂକ୍ଷେପେ ବୁଝାଇ
ମିଥ୍ୟା ନୁହେ ନୃସିଂହ ପୁରାଣ ଦେଖ ଫେଇ ॥

॥ ଲକ୍ଷ୍ମୀଙ୍କ ଚାରି ଅବତାର ॥

ଶୁଣ ଜନେ ତୋଷ ମନେ ପ୍ରଶ୍ନକୁ ଉତ୍ତର
ଆଦ୍ୟ ଅବତାରେ ଲକ୍ଷ୍ମୀ ପ୍ରିୟା ବିଷ୍ଣୁଙ୍କର ।
ଦ୍ୱିତୀୟ ଅବତାରରେ ବେଦମତୀ ନାମ
ତୃତୀୟରେ ସୀତା, ଚତୁର୍ଥେ ରୁକ୍ମିଣୀ ନାମ ।

॥ ଚନ୍ଦ୍ର ଜନ୍ମ ॥

ଅତ୍ରି ଋଷି ଭାରିଜା ଅଟନ୍ତି ଅନସୂୟା
ଦିନେ ପାକାପ୍ରସନ୍ନରୁ ଶୁଦ୍ଧ ପାଇଁ କାୟା ।
ଗଲେ ସେ ସାଗରକୁ ପ୍ରାତରୁ ଋଷିନାରୀ
ଅତ୍ରି ଅଙ୍ଗ କନ୍ଦରପ ଶର ଦେଲା ଘାରି ।
ନ ଦେଖି ନାରୀକି ଋଷି ଆତୁର ହୋଇଲେ
ଜୀବତରୁ ତୃଣାଦିଙ୍କୁ ଯିବାର ପୁଚ୍ଛିଲେ ।
ଧରଣୀକୁ ପଚାରିଲେ କାମେ ମତ୍ତ ହୋଇ
ସିନ୍ଧୁରେ ସ୍ନାନ କରୁଛି ଜାଣି ଋଷି ଯାଇ ।
ରମଣ କଲେ ପନ୍ଦର ଦିନ ପରିଯନ୍ତେ
ବ୍ରହ୍ମ ନ ଖସିଲା ଅନସୂୟା ଗର୍ଭ ଗତେ ।
ନାରୀ ପ୍ରାର୍ଥନା କଲା ପତିଙ୍କୁ ଶୁଣ ଆହେ ମୁନି
ବୀର୍ଯ୍ୟ ଛାଡ଼ ନୋହିଲେ ମରିବି ପୀଡ଼ା ଘେନି ।
ତା’ ଶୁଣି ଅତ୍ରି କହିଲେ ତୁ ସ୍ୱାମ ମୋ ଖଣ୍ଡିଲୁ
ପୂର୍ଣ୍ଣକାମ ନ ହେଉଣୁ ନିରାଶ କରିଲୁ ।
ପୂର୍ଣ୍ଣ ମନୋରଥେ ବୀର୍ଯ୍ୟ ଛାଡ଼ିଥାନ୍ତି ଯେବେ
ପୂର୍ଣ୍ଣଶୋଭା ଚିରଜୀବୀ ଜନ୍ମନ୍ତା ପୁତ୍ର ତେବେ ।

Digitized by srujanika@gmail.com

ଏତେ ବୋଲି ଋଷି ହୃଦେ ବ୍ରହ୍ମ ସଂହରିଲେ
ଲିଙ୍ଗ ଚକ୍ରୁ ଟେକି ନାଭୀ ଚକ୍ରକୁ ଯେ ନେଲେ ।
ପୁଣ ଟେକି ହୃଦ ଚକ୍ରେ ପୁଣ କଣ୍ଠ ଚକ୍ରେ
ଲଲାଟ ଚକ୍ରକୁ ରେତ ନେଲେ ଋଷି ବ୍ୟଗ୍ରେ ।
ରହି ନ ପାରିଲା ରେତ ଲଲାଟ ଚକ୍ରରେ
ନେତ୍ର ପଥେ ବହିଲା ସେ ନୀର ପ୍ରାୟେ ଖରେ ।
କ୍ଷୀରସିନ୍ଧୁରେ ଯେ ଋଷି ପସିଥିବା କାଳେ
ନେତ୍ରୁ ବୀର୍ଯ୍ୟ ଖସିଣ ପଡ଼ିଲା ସିନ୍ଧୁ ଜଳେ ।
କ୍ଷୀରସିନ୍ଧୁରେ ପଡ଼ି ପ୍ରକାଶ ତନୁ ହେଲା
ସେହି ତିଥୀ ଗୋଟିକ ଦ୍ୱିତୀୟା ତିଥି ଥିଲା ।
ଅତ୍ରି ଋଷି ନେତ୍ରୁ ନୀର ଖସିପଡ଼ୁ ସିନ୍ଧୁ
ତେଣୁ କରି ନାମ ଗୋଟି ଦେଲେ ତାଙ୍କ ଇନ୍ଦୁ ।
ନେତ୍ରୁ ଜାତ ଯୋଗୁଁ ଶଶି ନାମ ବୋଲାଇଲା
ନିଶା ପାଳିବାରୁ ନିଶାକର ନାମ ହେଲା ।
ପୂର୍ଣ୍ଣକାମ ନ ହେବାରୁ ଖଣ୍ଡିଆ ହୋଇଲା
ଉଚ୍ଛାହ ପକ୍ଷରେ ବୃଦ୍ଧି ହେଉ ଏହି ବାଳା ।
ଅଜାମର ହୋଇ ରହୁ X X X ସୁତ
ବୋଲିଣ ହରଷେ ବର ଦେଲେ ତାକୁ ମାତ ।
ମୁସ୍ତକିମ କହେ ଦେଖ ନୃସିଂହ ପୁରାଣ
ପ୍ରଥମ ରତ୍ନାକରରେ ଚନ୍ଦ୍ରଙ୍କ ଜନମ ।

।। ଅଗସ୍ତୀର ଉଚିଷ୍ଟ ପାଣି ଶୁଦ୍ଧ ।।

ବ୍ରହ୍ମାଙ୍କର କମଣ୍ଡଳୁ କୁମ୍ଭ ଋଷି ଜନ୍ମ
କାମାକ୍ଷାକୁ ବିଭା ହେଲେ ବ୍ରହ୍ମା ହୁକୁମେଣ ।
ତାଙ୍କ ସୁତ ନାମ ଗୋଟି ଅଟଇ ଅଗସ୍ତି
ସେ ଗଣ୍ଡୁଷ କରି ଦେଲେ ସମୁଦ୍ରକୁ ଶୋଷି ।
ମକର ମାସରେ ସୋମବାର ଅମାବାସ୍ୟା
ମହତୀ ଯୋଗ ସେଦିନ ଶୁଣ ଏ ସମସ୍ୟା ।
ସ୍ନାହାନ କରିବାକୁ ସମୁଦ୍ରେ ଋଷିଗଣ

Digitized by srujanika@gmail.com

ଜଳେ ପସିଛନ୍ତି ଏ ସମୟରେ ଅଗସ୍ତି
ସ୍ନାନ କରିବାକୁ ତହିଁ ପ୍ରବେଶନ୍ତେ ଆସି ।
ଦେଖି ପୁଙ୍ଗରଷି ମରିଚୀକୁ ହସି ଭାଷି
ଏ ଅଗସ୍ତି ତାତ ପରା ଅଟେ କୁମ୍ଭ ଋଷି ।
ଏହା ପିତା ବ୍ରହ୍ମା କମଣ୍ଡଳେ ଭାସୁଥିଲେ
ସୁଦୟା କରିଣ ବ୍ରହ୍ମା ତହିଁରୁ କାଢ଼ିଲେ ।
ଅଗସ୍ତି ତା' ସୁତ ଆଜି ସମୁଦ୍ରେ ପଶିବ
ପିତାର ପ୍ରାୟେକ ପୁଣ ଭାସି ବୁଡ଼ିଯିବ ।
ଶୁଣି ଋଷିଏ ହସିଲେ ଅଗସ୍ତି ତା' ଜାଣି
କୋପ କରି ଗଣ୍ଡୁଷେ ଧଇଲେ ସିନ୍ଧୁପାଣି ।
ଋଷି ସହିତରେ ଯେ ଶୋଷିଲେ ତପି ମଣି ।
ତିନି ପୁର ଯାକେ ଯେତେ ଜଳ ଯହିଁଥିଲା
ଅଗସ୍ତି ଶୋଷନ୍ତେ ସର୍ବ ନୀର ଶୁଖିଗଲା ।
ବ୍ରହ୍ମା କମଣ୍ଡଳୁ ମଧ୍ୟ ଜଳ ଶୁଖିଗଲା
ଜାଣିଲେ ବ୍ରହ୍ମା ଅଗସ୍ତି କେତେ କୃତ୍ୟକଲା ।
ଅଗସ୍ତି ପାଖରେ ଯାଇ କେତେ ବୁଝାଇଲେ
ଧନ୍ୟ ହୋ ଅଗସ୍ତି ବୋଲି କେତେ ପ୍ରଶଂସିଲେ ।
ବୋଇଲେ ବାବୁ ମୋ ବୋଲେ ଛାଡ଼ିଦିଅ ଜଳ
ନୋହିଲେ ମରିବେ ଜୀବେ ହୋଇ କଳବଳ ।
ଅଗସ୍ତି କହନ୍ତି ଜଳ କାହିଁରେ କାଢ଼ିବି
ଅଶୁଦ୍ଧ କହିବେ ସର୍ବେ ନିନ୍ଦିତ ହୋଇବି ।
ଧାତା କହି ଟେକି ତ୍ରିବେଣୀକି ଘେନି ଯାଅ
ଅଷ୍ଟ ଦଳ ମଧ୍ୟେ ନେଇ ପାଣିକି ଋହାଅ ।
ତା' ମଧ୍ୟେ ମଗର ମୁହାଁ ସାତ ଦ୍ୱାର ଅଛି
ଲିଙ୍ଗ ମୂର୍ତ୍ତି ନିରଂଜନ ତହିଁ ବିରାଜନ୍ତି ।
ସେ ପାଣି ଆସିବ ନିରଞ୍ଜନ ଶିରେ ପଡ଼ି
ସର୍ବେ ଭକ୍ଷିବେଟି ଜୀବ ଅଶୁଦ୍ଧତା ଉଡ଼ି ।
ଋଷି ଭାଷି ଏତେ କଷ୍ଟେ ଜଳ ସ୍ରବାଇବି
ତେବେ ମୋ ମାଗୁଣି ଏକ ଦିଅ ଭୋ ବିରଞ୍ଚି ।

Digitized by srujanika@gmail.com

ସାତ ଦ୍ୱାରେ ପୂରାଇ ପୃଥ୍ୱୀକି ବୁହାଇବି
ସାତ ସମୁଦ୍ର ନାମରେ ହେବଟି ପ୍ରସିଦ୍ଧି ।
ହଉ ବୋଲୁ ବେଦବର ଅଗସ୍ତି ତା' କଲେ
ଚୌରାଶି ସସ୍ତବାସ୍ତରି କୋଟି ନାଡ଼ି ମୂଳେ ।
ଜଳ କୂଟେ କି ଉର୍ଦ୍ଧ୍ୱକୁ ଛାଡ଼ିଲେ ହରଷେ
ନିରଞ୍ଜନ ଶିରୁ ସପ୍ତଧାରା ହୋଇ ଆସେ ।
ମହିରେ ବହିଣ ସପ୍ତ ସିନ୍ଧୁ ନାମ ହେଲା
ମୁସ୍ତକି ବାଲୁତ ସଂକ୍ଷେପରେ ବିରଚିଲା ।
ପରଥମ ରତ୍ନାକର ନୃସିଂହ ପୁରାଣରେ
ଲୋଡ଼ିଲେ ମିଳିବ ଭାଇ ବୟାଶି ପୃଷ୍ଠାରେ ।

।। ନକ୍ଷତ୍ରାଦି ଜନ୍ମ ।।

ଶୁଣବାରେ ମନ ଦେଇ ପ୍ରଶ୍ନକୁ ଉତ୍ତର
ସାବିତ୍ରୀ କନ୍ୟାକୁ ବିଭା ହୋଇ ବେଦବର ।
ରତ୍ନ କରି ବୀର୍ଯ୍ୟ ଛାଡ଼ିଦେଲେ ଯୋନିମାର୍ଗେ
ସାବିତ୍ରୀ ନ ସମ୍ଭାଳି ପାରିଲେ ତାହା ଗର୍ଭେ ।
ଉଦ୍‌ଗାରି ପକାନ୍ତେ ବୀର୍ଯ୍ୟ ଭୂମିରେ ପଡ଼ିଲା
ଧରା ନ ସମ୍ଭାଳି ବେଦବରେ ଜଣାଇଲା ।
ବେଦବର କରେ ଧରି ବିଷ୍ଣୁଙ୍କୁ ସ୍ମରିଲେ
ବିଷ୍ଣୁ ଅଙ୍ଗେ ଲେପି ପୁତ୍ର ଜନ୍ମନ୍ତୁ ବୋଇଲେ ।
ଅଙ୍ଗେ ବୋଳିହେଲେ ବୀର୍ଯ୍ୟ ବେଦବର ଭାଇ
କର୍ଣ୍ଣ ମୂଳୁ ଜାତ ଶ୍ରୁତିକର୍ଣ୍ଣ ନାମ କହି ।
ଶରୀରୁ ଜାତ ସନାନ୍ତ, ସୌନକ, ସନକ
ମୁନୁସାଲ ଋଷି ମନୁ ଜାତ ବିଭାଣ୍ଡକି ।
ଭୃଗୁ ଭରଦ୍ୱାଜ କର କମଳୁ କପିଳା
ବାଳରୁ ଗୋଡ଼ର ଲୋମ ରୋମାଞ୍ଚ ଜନ୍ମିଲା ।
ଜଙ୍ଘରୁ ଚୈବନ ଉରୁଁ ଭୁଜଙ୍ଗ ଜନମ
କୃପାଜଳ କଣ୍ଠୁ ଜାତ ହୋଇଲେକ ପୁଣ ।
ଶରୀରରୁ ସ୍ୱରଭଙ୍ଗ ହାତରୁ ହୋମହୋତ୍ର

Digitized by srujanika@gmail.com

ଦଶଦ୍ୱାରୁ ଦଶ ଦିଗ ବିଦିଗ ଜନ୍ମ ତ ।
କଟିରୁ କର୍ଦ୍ଦମ ପାଦୁ ପୁଙ୍ଗ ଋଷି ଜାତ
ତାଳୁରୁ ତାରାଙ୍କ ଜନ୍ମ କେ କରିବ ଅନ୍ତ ।
ନାଶା ରନ୍ଧ୍ରୁ ନିଗମ ପୁରାଣ ଜାଣ ଭାଇ
ଅଙ୍ଗୁଳିରୁ ଅକ୍ଷର ଜନ୍ମ ଯେତେ ଛଇ ।
ଭ୍ରୂଲତାରୁ ବିଷ୍ଣୁଭକ୍ତେ ମୌଳିରୁ ମନ୍ଦର ଋଷି
ଅଧରୁ ଅପ୍‌ସରୀବୃନ୍ଦ ଜନ୍ମ ହୋଇଲେଟି ।
କପାଳରୁ କ୍ରୌଞ୍ଚ ଋଷି, କାଖରୁ କୋଟି ମାୟା
ନେତ୍ରୁ ନବଗ୍ରହ ସୃଷ୍ଟି ତିଥିଛନ୍ତି ଯାହା ।
ସ୍ୱେଦୁଁ ସତାଇଶ ଯୋଗ କର୍ମରୁ ଚ୍ୟବନ
ସୋହଂଶରୁ ଜନମିଲେ ସପ୍ତ ଆବରଣ ।
ବଚନରୁ ବିଷ୍ଣୁ ଦେବଗଣ ଜନମିଲେ
ମନୁ ମୁହୂର୍ତ୍ତ ନିମିଷ ଜନମ ଲଭିଲେ ।
ବୀର୍ଯ୍ୟୁ ବିହଙ୍ଗା ପୁରୁଷେ ଗନ୍ଧର୍ବେ ଗଣ୍ଡିରୁ
ଦନ୍ତୁ ଦଧିଚୀ ମହିଷୀ, ଚିନ୍ତା ଜନ୍ମ ଚୈତନ୍ୟରୁ ।
ରୁଧିରୁ ରୋଗକୁଳ, ଭ୍ରୂମଧ୍ୟୁ ଭୟ ଦୁଃଖ
ଆଧାରୁ ଅହଲ୍ୟା ସତ୍ତ୍ୟ ଜନମିଲେ ସୁଖ ।
ଲିଙ୍ଗୁ ରତି ନାଭିରୁ ନର୍ମଦା, ସରସ୍ୱତୀ
ହୃଦଚକ୍ରୁ ତିପନିଷ୍ଠି କଣ୍ଠରୁ କାମାକ୍ଷୀ ।
ଲଲାଟ ଚକ୍ରରୁ ବ୍ରହ୍ମା ଜନମିଲେ ଭାଇ
ଚାରିମୁଖ ବେଦବର ନାମ ତାର କହି ।
ଯା ଜନମ ଶେଷେ ବ୍ରହ୍ମା ପ୍ରାଣ ହରାଇଲେ
ଦ୍ୱିଖଣ୍ଡ ହୋଇଣ ପଡ଼ି ଗଲେଟି ଭୂତଳେ ।
ଖଣ୍ଡେ ସ୍ୱୟମ୍ଭୁମନୁ ଆରେକ ଶତରୂପା
ପତିପତ୍ନୀ ହେଲେ ଏହା ଶୁଣିଲଟି ବାବା ।
ମୁସ୍ତକିମ କହେ ଦେଖ ନୃସିଂହ ପୁରାଣ
ଆଦ୍ୟ ରତ୍ନାକରରେ ବାସ୍ତବ ପୃଷ୍ଠାରେଣ ।

Digitized by srujanika@gmail.com

।। ଚନ୍ଦ୍ର ଅମାବାସ୍ୟାରେ କାହିଁ ରହିଥାନ୍ତି ।।

ଏଥୁ ଅନ୍ତେ ଏ ଉତ୍ତର ଶୁଣ ସୁଜ୍ଞଜନ
ଚନ୍ଦ୍ର ବିଚାରଇ ନିଜ ହୃଦ ପଦ୍ମରେଣ ।
ଅମାସ୍ୟା ପ୍ରତିପଦରେ ଆକାଶେ ହିଁ ଥିବି
ବୃହସ୍ପତି ପୁରେ ଲୁଚି ବିଦ୍ୟାଶିକ୍ଷା ନେବି ।
ଏହା ପାଞ୍ଚି ଅମାସ୍ୟାରେ ବୃହସ୍ପତି ପୁରେ
ଗଲେ ଚନ୍ଦ୍ର ଲୁଚିବାକୁ ହରଷ ହୃଦରେ ।
ବିଦ୍ୟାଶିକ୍ଷା କାଳେ ବୃହସ୍ପତି ନାରୀ ତାରା
ଚନ୍ଦ୍ରେ ଚାହିଁ କାମବଶେ ହୋଇଲା ଅଧୀରା ।
ଚନ୍ଦ୍ରଙ୍କୁ ମୋହି କହିଲା ଲୁଚି ଆସିଅଛ
ଗୁରୁ ଶିଷ୍ୟେ ଦେଖୁଛନ୍ତି କାହିଁ ବା ଲୁଚିଛ ।
ଆସ ଅନ୍ତପୁରେ ମୁଁ ଗୁପତେ ଲୁଚାଇବି
କେହି ନ ଦେଖିବେ ଜାନୁକୁପରେ ରଖିବି ।
ଚନ୍ଦ୍ର ତାଙ୍କ ବାଣୀ ଶୁଣି ତାରାପୁରେ ଗଲେ
ଅମାସ୍ୟାରେ ରହି ପ୍ରତିପଦେ ବାହାରିଲେ ।
ପ୍ରତିପଦେ ଗୁରୁ ତୁଲେ ରହି ପାଠ ଶିଖି
ଦ୍ୱିତୀୟାରେ ଉଦେ ହେଲେ ମାତୃଙ୍କ ବରେଟି ।
ସର୍ବ ଅମାସ୍ୟାରେ ଚନ୍ଦ୍ର ଗୁରୁପତ୍ନୀ ପୁରେ
ନିଶ୍ଚିନ୍ତେ ଲୁଚନ୍ତି ତାହା ନ ଜାଣନ୍ତି ନରେ ।
ତାରା ଗର୍ଭ ହୋଇଣ କୁମାରେ ଜାତ କଲେ
ଶୁଣି ବୃହସ୍ପତି ତୋଷେ ଦେଖିବାକୁ ଗଲେ ।
ଖଡ଼ି କାଟି ଜାଣିଲେ ଏ ଚନ୍ଦ୍ର ବୀର୍ଯ୍ୟୁଁ ଜାତ
ଶାପିଲେ ଚନ୍ଦ୍ରକୁ ତୋର ଏ କିରେ ଉଚିତ ।
ଆଜଠାରୁ ତୋ' ଅଙ୍ଗରେ କୃଷ୍ଣ ଚିହ୍ନ ଦିଶୁ
କଳଙ୍କି ହୋଇ ଉଦେ ହୋ ମୋହୋ ଶାପ ବଶୁ ।
ତାରାକୁ ବୋଇଲେ ମୋର ଶାପ୍ୟ ଫଳୁ ତୋତେ
ଅମାସ୍ୟାରେ ଚନ୍ଦ୍ର ତୁଲେ ବଞ୍ଚରେ ଏକାନ୍ତେ ।
ସେ ବାଳକ ନାମ ବୁଦ୍ଧ ଗ୍ରହ ଅଟେ ଭାଇ
ବାଲୁତ ମୁସ୍ତକି କବି ଉତ୍ତର ଭାଷଇ ।

(ନୃସିଂହ ପୁରାଣ ରତ୍ନାକର-୧, ପୃ. ୯୧)

Digitized by srujanika@gmail.com

।। ଦେବ, ଅସୁର ନାନା ଜୀବ ଜନ୍ମ ।।

ଜ୍ଞାନୀଗଣେ ଏକ ମନେ ଶୁଣ ହେ ଉତ୍ତର
ମରିଚୀ ଋଷିପତି ଅଟନ୍ତି ନାରୀ ସୁକୁଦାର ।
ଏହାଙ୍କରୁ ଜାତ ହେଲେ କଶ୍ୟମ ମହର୍ଷି
ଦକ୍ଷ ଦୁହିତାରୁ ତେର କନ୍ୟା ତାଙ୍କ ପତ୍ନୀ ।
ନାରୀକୁଳ ଘେନି ତହୁଁ ଚଳିଲେ କଶ୍ୟପ
ଜମ୍ବୁଦ୍ୱୀପେ ଉଦୟାଚଳରେ ରହିଲେ ତ ।
ବ୍ରହ୍ମା କହିଥିଲେ ଭାବି ଯାଗ ଆରମ୍ଭିଲେ
ମାରକଣ୍ଡ ଯାଗନିକ ହୋଇଲେଟି ଭାଇ
ବଶିଷ୍ଠ ଅଧିଷ୍ଠାନ ଘଟରେ ନିର ଦେଇ
ବାଳଖିଲ୍ୟାଗଣେ କାଠ ସଂଜୀବନି ବନୁ
ଆଣି ଯୋଗାଇଲେ ମୁକ୍ତ କରିଲେଟି ତନୁ ।
ଯାଗ ଶେଷେ ଚରୁ ଯେ ବଶିଷ୍ଠ କାଢ଼ି ନେଲେ
କଶ୍ୟପଙ୍କୁ ନାରୀଙ୍କୁ ଖୁଆଅ ବୋଲି ଦେଲେ ।
ନାରୀଙ୍କୁ ପରସି ଦେଲେ କଶ୍ୟପ ମହର୍ଷି
ସର୍ବ ନାରୀ ଭକ୍ଷିଲେ ଚିତ୍ତରେ ହୋଇ ତୋଷୀ ।
ଚରୁ ଭକ୍ଷନ୍ତେ ସନ୍ତାନ ନୟନେ ଦିଶିଲେ
ଯେ ଯାହାକୁ ଦୃଶ୍ୟ ହେଲା ସେ ଜନମ କଲେ ।
ଅଦିତିରୁ ଜନମ ହୋଇଲେ ମଘବାନ
ବରୁଣ ଦିବାକର ଏମାନେ ହେଲେ ଜନମ ।
ଦିତୀ ଗର୍ଭରୁ ପବନ ଜନମ ହୋଇଲେ
କଦ୍ରୁରୁ ସର୍ପ ଗରୁଡ଼ ବିନତାରୁ ହେଲେ ।
ଦିନୁ କଖାରୁ ଦନୁଜ ସିଂହିକାରୁ ରାହୁ
ରୁମୁ ରମନ୍ତି ଶୁଭିଙ୍କା ଜନମ ଅନତି ହୁଁ ।
ବାଳାକନ୍ୟା ଗର୍ଭରୁ ଜନମ ସସ୍ର ଗଣ
କ୍ରୋଧାରୁ କର୍କଟ ନକ୍ର ହେଲେ ଉତପନ୍ନ ।
ଅରିଷ୍ଟାରୁ ମାସଳ ବାୟସା ସେଣା ପକ୍ଷୀ
କ୍ଷୁଦ୍ର ଚିଲ ଶୂକ ପିକ ଟେଣ୍ଟୁଆ କପୋତୀ ।
କୁମ୍ଭାଟୁଆ ପାରାବତ ଟୀଟୀଭ ହଂସରାଳି

Digitized by srujanika@gmail.com

ପାଣିକୁଆ ଗେଣ୍ଡାଳିଆ ଗୁଣ୍ଡୁରୀ ତିତିରୀ ।
ତାମ୍ରଚୂଡ଼ ଗଙ୍ଗାଇ ଡୁବାଇ ଆଦି ଭାଇ
ରିଷ୍ଟା ଗର୍ଭୁ ଜାତ ଏବେ ଶୁଣ ମନ ଦେଇ ।
ଶଂଖ ସାପ କପର୍ଦ୍ଦୀ ଇତ୍ୟାଦି ହେଲେ ଜାତ
କପିଳାଠୁ ଗୋରୁ ଗଣ୍ଡା ଗୟଳ ଯେ ଗଜ ।
ଅଶ୍ୱ ହରୀଣ ଶଶା ସମ୍ବର ଆଦି ଭାଇ
ସାଳେହା ଅଜା, ମେଷ କୁକୁଡ଼ା ଭାଲୁ ହୋଇ ।
ଖୁରାଣ୍ଡି ଖୁରୁଙ୍ଗ ଯେ ସୁରଭି ସିଂହ କରି
ଶିବା ବ୍ୟାଘ୍ର ବଳିଆ ଯେ ନେଉଳ ମଞ୍ଜରି ।
ମନୁଷ୍ୟ ଉତପନ୍ନ ଶ୍ରଦ୍ଧା କନ୍ୟାଠାରୁ ହେଲେ
ବାଲୁତ କବି ମୁସ୍ତକିମ ଉତ୍ତର ରଚିଲେ ॥

॥ ଲକ୍ଷ୍ମୀଙ୍କ ଲାଖ ନିର୍ମାଣ ॥

ଶୁଣ ଭାଇ ମନ ଦେଇ ଲକ୍ଷ୍ମୀ ବିଭା କାଳେ
ଦ୍ୱାଦଶ ତାଳ ଉଚ୍ଚ ମାଣିକ୍ୟ ଖମ୍ବେ କଲେ ।
ତଥିପରେ ଚକ୍ରେ ନେଇ ଥାପିଲେ ଜତନେ
ତା' ପରେ ମୃଗେକ ଥିଲା ବୁଝିବ ପ୍ରମାଣେ ।
କେତୁ ମଙ୍ଗଳ ଯେ ଶନିଶ୍ଚର ରାହୁ ଖୁର
ବୁଦ୍ଧଗ୍ରହ ଅଙ୍ଗ ଚନ୍ଦ୍ର ସୂର୍ଯ୍ୟ ନେତ୍ର ସାର
ଶୁକ୍ର ବୃହସ୍ପତି କର୍ଣ୍ଣ ହୋଇଲେରେ ଭାଇ
ଚକ୍ର ପରେ ବସି ଯେ ଭ୍ରମିଲେ ତୁହାଇ ।
ଲାଂଜ ଧରି ନୃସିଂହ ବାମ ପାଦେ ମୃଗର
ମାରନ୍ତେ ଶର ଗଳିଣ ଡାହାଣ କର୍ଣ୍ଣର ।
ବେନି ନେତ୍ର ମଧ୍ୟେ ଗଳିଗଲା ଶର ଜାଣ
ବାଲୁତ ମୁସ୍ତକି କହେ ମିଥ୍ୟା ଯେ ନ ମଣ ॥

॥ ଲାଖ ମୃଗର କାରଣ ॥

ଲୋମାଞ୍ଚ ଋଷି ତପ ମେରୁର କ୍ରୋଡେ ରହି
ଇନ୍ଦ୍ର ଦେଖି ମନରେ ଅତ୍ୟନ୍ତ ଭୟ ପାଇ ।

Digitized by srujanika@gmail.com

ଭାବିଲେ ବିଷ୍ଣୁ ପ୍ରସନ୍ନେ ଇନ୍ଦ୍ରପଦ ନେବ
ଏଣୁ କରି ଏହାର ଭାଙ୍ଗିବା ଧ୍ୟାନ ତପ ।
ଏତେ ପାଞ୍ଚ ମରୁତ୍ୱାନ ନବଗ୍ରହେ ରାଇ
କହିଲେ ଲୋମାଞ୍ଚ ତପ ଭାଙ୍ଗିବାର ପାଇଁ ।।
ନବଗ୍ରହେ ରଷି ଗଲେ ମୃଗ ରୂପ ହୋଇ
ଭ୍ରମିଲେ ରୋମାଞ୍ଚକୁ ଯେ ପିଠିରେ ବସାଇ ।
ନ ଭାଜନ୍ତେ ତପ ତଳେ ପକାଇଣ ଦେଲେ
ଗ୍ରହ ଗଣ ଚଉଷଠି ରୋଗକୁ ପେସିଲେ ।
ରୋଗଯାଇ ଲୋମାଞ୍ଚ ଶରୀରେ ଘୋଟିଗଲେ
ଜାଣିଣ ଲୋମାଞ୍ଚ ରଷି ଶାପ ତାଙ୍କୁ ଦେଲେ ।
ମୁକତି ମାଗନ୍ତେ ଗ୍ରହେ କହିଲେ ଉତ୍ତର
ମୃଗ ରୂପେ ଲକ୍ଷ୍ମୀ ଲାଖ ପରେ ବିଜେ କର ।
ବାଣ ବାଜି ମୁକ୍ତ ହେବ ବୋଲି କହିଥିଲେ
ଏଣୁ ମୃଗ ହେଲେ କବି ମୁସ୍ତକିମ ବୋଲେ ।

(ନୃସିଂହ ପୁରାଣ: ପ୍ରଥମ ରତ୍ନାକର ପୃ ୧୨୯)

।। କଉସ୍ତୁଭ ମଣି ପୂର୍ବଜନ୍ମ ।।

ଶୁଣ ଭାଇ ମଧୁ ନଗରରେ ବିପ୍ରେ ରାଜା
କଉଶିକ ନାମ ଧର୍ମେ ସଦା ମତି ତେଜା ।
ଦିନେ ନାରଦ ସେ ରାଜା ନିକଟେ ମିଳିଲେ
ବିଷ୍ଣୁ ଭକ୍ତି ଜାଣି ରାମ ନାମ ଶିଖାଇଲେ ।
ରାମନାମ ସବୁବେଳେ କୌଶିକ ଜପିଲା
ପୁତ୍ରକୁ ରାଜ୍ୟ ଦେଇ ତପ ଆଚରିଲା ।।
ତାର ତପେ ତୋଷ ହୋଇ କୃଷ୍ଣ ବିଜେ କଲେ
ବର ମାଗ ବୋଲି ବିଷ୍ଣୁ କୌଶିକେ ବୋଇଲେ ।
ଚରଣ କାଟ ବୋଲି ମାଗିଲା ବିପ୍ରବର
କଟିରୁ ଚକ୍ରେ କାଟିଲେ ଦେବ ଚକ୍ରଧର ।
ପୁଣି ବୋଲେ ପ୍ରସନ୍ନେ ଯାଚିଲେ ବର ହରି
ଗଳା କାଟ କହିଲା କୌଶିକ ଦଣ୍ଡଧାରୀ ।

Digitized by srujanika@gmail.com

ଚକ୍ରେ ମୁଣ୍ଡ କାଟନ୍ତେ ଆନନ୍ଦେ ରାମ ଜପେ
ଦିନେ ଦୁର୍ବାସା ଋଷି ଗମନ୍ତେ ସେହି ବାଟେ ।
ଦେଖିଲେ ମୁଣ୍ଡଟିଏ ଯପଇ ରାମନାମ
ଆଶ୍ଚର୍ଯ୍ୟରେ ଗଲେ ଋଷି ବିଷ୍ଣୁ ସନ୍ନିଧାନ ।
ବିଷ୍ଣୁଙ୍କୁ କହିଲେ କଟାମୁଣ୍ଡ ଜପେ ରାମ
ତହୁଁ ବିଷ୍ଣୁ ବିଜେ କଲେ ଋଷିଙ୍କ ସଂଗେଣ ।
ଶ୍ରୀକରେ ସେ ମୁଣ୍ଡଧରି ହୃଦେ ଲଗାଇଲେ
କଉସ୍ତୁଭ ମଣି ହୁଅ ବୋଲି ବର ଦେଲେ ।
ସେ ଦିନୁ କୌସ୍ତୁଭ ମଣି ବହିଲେ ମୁରାରୀ
ମୁସ୍ତକିମ କହେ ନଣା ଶାସ୍ତ୍ରେ ଲୋଡ଼ିକରି ।

।। ବାଂଶ ଜନ୍ମ ।।

ଶୁଣ ସୁଜ୍ଞଜନେ ଏବେ ପ୍ରଶ୍ନକୁ ଉତ୍ତର
କଶ୍ୟପ ଋଷି ଭାରିଜା ଅଟନ୍ତିଟି ତେର ।
ଅଦିତି ପ୍ରଥମା ତାର ଗର୍ଭୁ ଇନ୍ଦ୍ରଜାତ
ଦେବରାଜ ପଦଦେଲେ ସ୍ୱର୍ଗେ ତାହାଙ୍କୁ ତ ।
ଅଭିଷେକ କଲାରୁ ନାରଦ ଛିଦ୍ରେ କଲେ
ନାରୀ ବିନା ଅଭିଷେକ ଅସିଦ୍ଧ ବୋଇଲେ ।
ଶୁଣି ବିଷ୍ଣୁ ଉରୁ ମଳି ଉର୍ବଶୀ ଜନ୍ମାଇ
ଇନ୍ଦ୍ରଙ୍କୁ ଦେବାକୁ ମନେ ଆନନ୍ଦିତ ହୋଇ ।
ରୂପେ ମୋହି ହୋଇ ବ୍ରହ୍ମା ସଭାରେ ହରିଲେ
ଇନ୍ଦ୍ରେ କନ୍ୟାଏ ଦେବାକୁ ନିଶି ଯଜ୍ଞ କଲେ ।
ଶିଶୁ ବେଦ ପଢ଼ି ଯଜ୍ଞେ ଅବିଭାଗ ଦେଲେ
ସେ ଯଜ୍ଞ କୁଣ୍ଡ ବାଉଁଶ ଜନ୍ମିଲାଟି ଭଲେ ।
ଶତତ୍ରିଂଶ ପଗ ହୋଇ ଜାତ ହେଲା ଭାଇ
ପାଞ୍ଚଖଣ୍ଡ କଲେ ତାକୁ ଆଗେ ବ୍ରହ୍ମ ତହିଁ
ପ୍ରଥମ ଖଣ୍ଡ ଏଗାର ପଗେ ଧନୁ କଲେ
ନବଗଣ୍ଠି ଗଣ ଜିଣେ ଚନ୍ଦ୍ରକୁ ଉଚ୍ଚଲେ ।
ବାସ୍ତରି ଯୁଗରେ ଧନୁ ନିର୍ମାଣିଲେ ଧାତା

Digitized by srujanika@gmail.com

ପିନାକୀ ନାମ ତାହାର ଧଇଲେ ତ୍ର୍ୟମ୍ବକ ।
ନବପରେ ଧନୁ କଲେ ବହ୍ନି ଜିଣି ତେଜ
ଷାଠିଏ ଯୁଗରେ ସେ ସାରଙ୍ଗ ଧନୁ ଭଜ ।
ଇନ୍ଦ୍ର ଧରିଲେ ସେ ଧନୁ ଶୁଣିହୁ କି ଭାଇ
ସାତ ପଗେ ଆର ଧନୂ କଲେ ନିଜେ ବିହି ।
ଅଜଗ ଧନୁ ନାମ ସେ ପଞ୍ଚାଶ ଯୁଗେ ନିର୍ଭା
ଶତସିଂହ ବଳ ପର୍ଶୁରାମ ଦେଲେ ବାବା ।
ପଞ୍ଚପଗେ ଗଠନ ଧନୁଏ ହେଲା ପୁଣ
ଚାଳିଶ ଯୁଗରେ ନବଲକ୍ଷ ବଳ ଜାଣ ।
କୋଦଣ୍ଡ ନାମ ତାର ଧରନ୍ତି ସୀତାପତି
ତିନି ପରେ ଆର ଧନୁ ତ୍ରିଶ ଯୁଗେ ଖ୍ୟାତ
ଲକ୍ଷେ ବଳ ଗାଣ୍ଡିବ ଧଇଲେ ବୀରପାର୍ଥ ।

X X X

।। ବିଷ୍ଣୁଲକ୍ଷ୍ମୀ ଚାରି ଅବତାର ।।

ବୁଝ ହେ ସୁପଣ୍ଡିତେ ଉତ୍ତର ଶୁଦ୍ଧ ଚିତ୍ତେ
ସଂକ୍ଷେପେ କହୁଅଛି ମୁହିଁ ବୁଝାଇ ।ପଦ।
ସତ୍ୟେ କଶ୍ୟପ ସୁତ ବରୁଣ ନାମ ଖ୍ୟାତ
ନିରବତୀ ଦୁହିତା ଇଳା, କମଳା
ନୃସିଂହ ଶେଷ ଦ୍ୱୟ, ବଦ୍ରୀ ଭୂପ ତନୟ
କୃଶବଲ୍ଲଭ ଭଗବତୀ ମାତ ।୧।
ତ୍ରେତା ଯୁଗେ ଜନକ ଋଷି ସୀତା ଉର୍ମିଳା ଜନମିବେ
କୌଶଲ୍ୟା ସୁମିତ୍ରାରୁ ରାମ ଲକ୍ଷ୍ମଣ ଚାରୁ
ରୂପେ ବିଭାହେବେ ଦଶରଥରୁ ହୋଇ ।୨।
ଦ୍ୱାପରେ ରଇବତ ସୁତା ରେବତୀ ଜାତ
ରକ୍ମଣ ସୁତା ରୁକ୍ମଣୀ ଜନ୍ମ ହୋଇ
ବସୁଦେବ ଦେବକୀ ଗର୍ଭରୁ ଉତପତି
ରାମକୃଷ୍ଣ ଯେ ବିଭା ହୋଇବେ ଭାବି ।୩।

Digitized by srujanika@gmail.com

।। ଦଶରଥ-ବସୁଦେବ ପୂର୍ବ ଜନ୍ମ ।।

ନଣା ଶୁଣ ଉତ୍ତର, ପୂର୍ବେ ବ୍ରହ୍ମାଏ ନାମ ସେ ତୁଷାର ।ପଦ।
ବିଷ୍ଣୁ ପଦ ଇଚ୍ଛା, କରିଣ ତପସ୍ୟା, କଲାଟି ଗୁରୁତର
ବିଷ୍ଣୁ ଜାଣିଗଲେ, ବ୍ରହ୍ମାଙ୍କୁ ପୁଚ୍ଛିଲେ, କି କାରଣେ ତପ ଅତି କଠୋର ହେ ।୧।
ଭୟେ ସେ ତୁଷାର,କହେ ହୋଇ ଧୀର, ମୁକ୍ତି ତପ ମୋହର
ଶୁଣି ବିଷ୍ଣୁ ଭଣି, ମନେ ଆନ ଗୁଣି, ମୋ ଅଗ୍ରତେ କହୁ ତୁ ଛଳ ଗିର ।୨।
ଛଳ ବୋଲିବାର, ଫଳ ଭୋଗ କର, ମର୍ତ୍ତ୍ୟରେ ହୁଅ ନର
ଭୟେ ସେ ତୁଷାର, ମାଗୁ ପ୍ରତିକାର, ସଦୟ ହୋଇଲେ ଶ୍ରୀନିରାକାର ହେ ।୩।
ତ୍ରେତାରେ ତୋ' ନାମ, ଦଶରଥ ରାଣ, ମୁହିଁ ଜନମିବି ତୋର କୋଳର
ଦ୍ୱାପରେ ତୁ, ବସୁଦେବ ବୋଲାଇବୁ, ମଥୁରାରେ ହେବୁ ବନ୍ଦି ନିକର ।୪।
ତୋ କୋଳେ ମୁଁ ଜାତ, ହେଲାରୁ ମୁକତ, ହେବୁ କହେ ମୁସ୍ତକିମ ପାମର ହେ
ଶୁଣିଲ କି ଭାଇ ଶେଷୁ ବ୍ରହ୍ମ ସେହି ଦଶରଥ ବସୁଦେବର
ମୋର ପଦ ପାଞ୍ଚି ଥିଲୁରେ ବିରଞ୍ଚି ମୁଁ ମାନ୍ୟ କରିବି ତୋର ପୟର
ବିଷ୍ଣୁ ତାତ ବୋଲି ଜଗତ୍ରେ କହିବେ ମାତ୍ର ନ ପୂଜିବେ ସଂସାରରେ ।୫।

।। ଲକ୍ଷ୍ମଣ ପୂର୍ବ ବୃତ୍ତାନ୍ତ ।।

ଜ୍ଞାନୀ ଜନେ କର୍ଣ୍ଣେ ଶୁଣ ଏ ଉତ୍ତରଟିକି ହେ ।
ଆକାଶ ଗଙ୍ଗାକୁ ହରସ୍ନାନେ ଯାଇଥିଲେ ଟି ।ପଦ।
କୂଳେ କୁଶପାତ୍ରୀ ଆଦି ଥୋଇ ସ୍ନାହାନ କରନ୍ତି
କପିଳା ସୁତା ନନ୍ଦିନୀ ସେ କୁଶ ଭକ୍ଷିଲାଟି ହେ ।୧।
ଚାପୁଡ଼େ ମାରନ୍ତେ ହର ମସ୍ତକ ଛିଡ଼ିଲା ତାର
ପାପ ଭୟେ ପାତାଳକୁ ତପେ ଗଲେ ଦୁର୍ଜ୍ଜଟି ହେ ।୨।
ତପେ ତୋଷ ହୋଇ ହରି, ବୋଇଲେ ପାପ ତୋହରି
ତ୍ରେତାରେ ଯିବ ଲଙ୍କାରେ ମିଥ୍ୟା ନୁହଇଟି ହେ ।୩।
ଗୋମୁଣ୍ଡ ହେଲା ଶକତି ସେହି ଈଶ୍ୱର ସୌମିତ୍ରୀ
ଶକତି ବାଜି ହେଲା ଗୋହତ୍ୟାରୁ ମୁକ୍ତିଟି ।୪।
କବି ମୁସ୍ତକିମ ଭଣି ଲକ୍ଷ୍ମଣ ପୂର୍ବ କାହାଣୀ
ରସ ବିନୋଦେ ଦେଖ ଯାଇ ଅପ୍ରତେ ହୋଇଲେଟି ହେ ।୫।

Digitized by srujanika@gmail.com

।। ବ୍ରହ୍ମା ଉର୍ବଶୀ ହରଣର କାରଣ ।।

ବିଜ୍ଞେ ଚିତ୍ତ ସ୍ଥିର କର ଉତର ଶ୍ରବଣ
ସୁଧର୍ମା ସଭାରେ ସର୍ବ ଅମର ମିଳିଣ ।
ଉର୍ବସୀ ନୃତ୍ୟ ଦେଖନ୍ତି ଏ କାଳେ କନ୍ଦର୍ପ
ସେ ସ୍ଥାନେ ପ୍ରବେଶ ହେଲେ ତଳ ପାବନ୍ତେ ତ ।
ନୃତ୍ୟ ଗୀତ ଦେଖି ସର୍ବେ ଭୋଳ ହୋଇଥିଲେ
ଦୂରେ ଥାଉ ଆସ ବସ ଆଁଉ ପଥ ନ ଛାଡ଼ିଲେ ।
କନ୍ଦର୍ପ ଅପମାନରେ କୋପ ଗୁରୁତର
ଦେଖୁଛନ୍ତି ବ୍ରହ୍ମା ମୋତେ ନ ଦ୍ୟନ୍ତି ଉତ୍ତର ।
ଆନ ନ ପଚାରିଲେ ସେ ପଚାରନ୍ତେ ମୋତେ
ଯେଣୁ ଦୁହିତାର ପତି କୁଆଇଁ ଜଗତେ ।
ଏତେ ଭାବି କୁସୁମ ଶରକୁ ପେଶି ଦେଲା
ବାଜି ବ୍ରହ୍ମା ଅଙ୍ଗେ କାମଶର ପୀଡ଼ା କଲା ।
ଲଜ୍ୟା ତେଜି ଉର୍ବସୀକୁ ବଳେ ରତି କଲେ
ରସ ବିନୋଦରେ ଦେଖ ମୁସ୍ତକିମ ବୋଲେ ।

।। ବାଳି, ସୁଗ୍ରୀ, ଦୁଃଶା, ଭୀମ ବୃତ୍ତାନ୍ତ ।।

ଉତ୍ତର ସୁଜ୍ଞଜନେ ଶୁଣ ଶ୍ରବଣେ
ଇନ୍ଦ୍ରସଭାରେ ଉରୁବସୀ କୀର୍ତ୍ତନେ
ବ୍ରହ୍ମା ରମଣ କଲେ
ଦେଖି ଈଶ୍ୱର ନାନା କଟୁ କହିଲେ ।୧।
ବ୍ରହ୍ମା ବୀର୍ଯ୍ୟରୁ ସୂତେ ଜନମ ହେଲା
ଖାଇବାକୁ ମାଗନ୍ତେ ବ୍ରହ୍ମା ବୋଇଲା
ହରେ କର ଭକ୍ଷଣ
ତୋ ନାମ ରକ୍ଷା ହେଉ ଆରେ ନନ୍ଦନ ।୨।
ରକ୍ଷ ଈଶ୍ବର ନାଶ ପାଇଁ ଧାଇଁଲ ।
ଭୟେ ବିଷ୍ଣୁ ସାନିଧ୍ୟେ ପଳାଇ ଗଲା
ସର୍ବ ତାଙ୍କୁ କହିଲା
ଦେଖି ବିଷ୍ଣୁଙ୍କ ଚିତ୍ତେ ଦୟା ହୋଇଲା ।୩।

Digitized by srujanika@gmail.com

ନିଜ କପାଳ ସ୍ୱେଦ ପୋଛିଣ ହରି
ବିଭୂତିରେ ଚକଟି ପିତୁଳା କରି
ଜୀବ ଦେଇ ବୋଇଲେ
ତୋ ନାମ ଭକ୍ଷ ରକ୍ଷେ ନାଶ ତ ବଳେ ।୪।
ରକ୍ଷ ଭକ୍ଷଙ୍କ ରଣେ ସ୍ୱର୍ଗ କଂପିଲା
ଦେଖି ଅମର ଭୟ ଜନ୍ମିଲା
ସର୍ବେ କତିକି ଗଲେ
ସ୍ତୁତି କରି ଦେବେ ତାଙ୍କୁ ତୋଷ କଲେ ।୫।
ବୋଇଲେ ଏ ଜନମେ କେହି କାହାକୁ
ଜିଣି ନ ପାର ଘେନ ଆମ୍ଭ ବାଣୀକୁ
ତ୍ରେତା ଯୁଗେ ଜନ୍ମ
ବାଳି, ସୁଗ୍ରୀ ଅହଲ୍ୟା ଉଦରୁଦ୍‌ଭବ ।୬।
ଦ୍ୱାପରେ ଭୀମ ଦୁଃଶା ହେବରେ ବେନି
ଭକ୍ଷ ମାରିବ ରକ୍ଷେ ମୁସ୍ତକି' ଭଣି
ଶୁଣିଲଟି କି ଭାଇ
ବାଳି ସୁଗ୍ରୀ ଭୀମ ଦୁଃଶା ବୃତାନ୍ତ ଏହି ।୭।

।। କଂଶ ପୂର୍ବ ଜନ୍ମ ବୃତାନ୍ତ ।।

ସୁଧର୍ମା ସଭାରେ ଉର୍ବସୀ ନର୍ତନ
ଦେଖିଣ ବେଦବର ମୋହି ହୋଇଣ ଯେ ।
ଅନଙ୍ଗ ତାପେ ଅଜ କଲେ ରମଣ
କନ୍ଦର୍ପ ତାପ ନାଶୁ ହୁଅନ୍ତେ ଜ୍ଞାନ ଯେ ।
କୋପିଲେ କନ୍ଦର୍ପକୁ ସେ ପିତାମହ
ସଭାରେ ମୋତେ କଲୁ ଏତେ ଦୁରୁହ ଯେ ।
କୁଆଁଇ ହୋଇ କଲୁ ତୁ ଅବିବେକ
ତେଣୁ ତୋ' ପରେ ପଡୁ ଏ ମୋର ଶାପ ।
ସୂରକୁ ତୁ ଅସୂର ରୀତିଟି କଲୁ
ଅସୁର ହୁଅ ମର୍ତ୍ତ୍ୟେ ଦୋରେହା ହେଲୁ ।
ଶୁଣିଣ ଶାପ ରତି କଲେ ବିନତୀ

Digitized by srujanika@gmail.com

ବିଧବା ହେଲି ପିତା କରୁ ଅନୀତି ।
ରତିକୁ ଦୟା କରି ବିରଞ୍ଚି ଦେବ
ଦି' ଫାଳ କଲେ ଡାକିଣ କାମଦେବ ଯେ ।
ନିଜ ଅଙ୍ଗୁ ଅର୍ଦ୍ଧାଂଶ କାମ ଅର୍ଦ୍ଧାଙ୍ଗେ
ଖଂଜିଣ ତାତ ତାଙ୍କୁ ଯୋଡ଼ିଲେ ରଙ୍ଗେ ଯେ ।
ଅନଙ୍ଗ ନାମ ଦେଇ ରତିକି ଦେଲେ
ଆଉ ଅର୍ଦ୍ଧାଙ୍ଗେ ଶାପ ଫଳିଲା ଭଲେ ଯେ ।
ମଥୁରାପୁରେ ରାଜା ସେ ଉଗ୍ରସେନ
ତା' ପାଟରାଣୀ ଇନ୍ଦୁମତୀ ତା' ନାମ ଯେ ।
ତାକୁ ବଳେ ଧଇଲା ଦ୍ରୁମିଳା ଦତ୍ୟ
ସେ ବୀର୍ଯ୍ୟୁ, କଂଶ ଜନ୍ମ ଅଟେ ପ୍ରତ୍ୟକ୍ଷ ।
ପୂର୍ବେ କନ୍ଦର୍ପ ଅଙ୍ଗ ହୋଇଲା କଂଶ
ଅଷ୍ଟ ବର୍ଷେ ଶ୍ରୀ ହରିଲେ କଲେଟି ଧ୍ୱଂଶ ।
ମୁସ୍ତକିମ କହେ ଦେଖ ରସ ବିନୋଦେ
ଏକବିଂଶ ପିତେ ଦୀନକୃଷ୍ଣ କୃତେ ଯେ ।

।। ଦୁର୍ଯ୍ୟୋଧନ ଜାନୁ ଭଙ୍ଗର କାରଣ ।।

କେତୁକା ବ୍ରହ୍ମା ଇନ୍ଦ୍ର ହେବାର ପାଇଁ
ତପ କଲା ତା' ଜାଣି ଶଚି ଚିର ସାଇଁ, ନ ଶୁଣୁଣୁ ଉତ୍ତର ।୧।
କଳପକେ ଗୋଟିଏ ପଦ୍ମ ରଖଇ
ଶଏ କଳପ ତପ କଲାକ ସେହି
ଜାଣି ଇନ୍ଦ୍ର ପଦ୍ମରୁ ଏକ ଚୋରାଇ
ବିଷ୍ଣୁ ପୂଜନେ ପୁଷ୍ପ ଗୋଟିଏ ନାହିଁ, ନଣା ଶୁଣ ଚିରୋଇ ।୨।
ବିଷ୍ଣୁ ଶାପୁ କେତୁକା ଯୁଧିଷ୍ଠି ହେ ଭାଇ
ମର୍ତ୍ତ୍ୟେ ଜନମ ଯାଅ ପ୍ରତିତି ଭାଇ
କେତୁକା ଜାଣି ତାହା ଇନ୍ଦ୍ରେ ଶାପଇ
ମର୍ତ୍ତ୍ୟେ ଜନମ ତୁ ଦୁର୍ଯ୍ୟୋଧନ ବୋଲାଇ
ମାନବ ବିଷ୍ଣୁ ତୁଲେ କର ଲଢ଼ାଇ ।
ଗର୍ବେ ଯାନୁ ଲୋମକୁ ଦେଇ ଦେଖାଇ

Digitized by srujanika@gmail.com

ବୋଇଲା ମୋ ଲୋମ ସରି ନୁହଇ କେଇ ।
ଦେଖି ତା ଭାଷିଲେ ଜଗତ ସାଇଁ
ଯେବଣ ଯାନୁ ଲୋକ ଅଛୁ ଦେଖାଇ
ସେ ଯାନୁ ଭଗ୍ନ ହୋଇ ମରିବୁ ବାଇ
ବିଷ୍ଣୁ ଶାପରେ ଦୁର୍ଯ୍ୟୋଧନ ନୃସାଇଁ
ଯାନୁ ଉଗ୍ନି ହୋଇଲା ମୁସ୍ତକି କହି ।

(୨୨ଶ ଅଧ୍ୟାୟ: ରସ ବିନୋଦ ପୃଷ୍ଠା ୧୯୮)

•

।। ଦୂତୀ, ରାଧାପୁତ୍ର : ଖନନକାର ଓ କଞ୍ଚକାର ବୃତ୍ତାନ୍ତ ।।

ଶୁଣ ଏ ଉତ୍ତର ଜନେ ଧ୍ୟାନେ ରଖି ଶ୍ରୁତି କି
ଦୂତୀ କହେ ଚନ୍ଦ୍ରାବତୀ କି
ବେଶଭୂଷା ହୀନେ ମୁଁ ନ ଯିବି କାହ୍ନା କତିକି ।
ଶୁଣି ନିଜ ବେଶରେ ଆବେଶ କଲେ ଦୂତୀକି
ଅନ୍ଧାରେ ନିକୁଂଜେ ଦୂତୀ ଗଲେ କୃଷ୍ଣ କତିକି
କୃଷ୍ଣ ଯେ ଅନାଇ ତୋଷେ ଅତିକି ।
ରାଧାବେଶ ଦେଖି ନ ବାରିଣ କଲେ ରତିକି
ରତିକାଳେ ବାରିଲେ ନୁହଇ ଚନ୍ଦ୍ରାବତୀ କି
ସେ ବୀର୍ଯ୍ୟୁ କୁମର ଏକ ହୋଇଲା ଉତ୍ପତିଟି
ଶ୍ରୀକୃଷ୍ଣ ବୋଇଲେ ଶୁଣ ଦୂତୀକି
ଚୋରି ରତି କରାଇ ଏ କୁମର ଉତ୍ପତିଟି ।
ଚୌର କାର୍ଯ୍ୟ କରୁ ଏ ଖନନକାର ଖ୍ୟାତିଟି
ଯାଅ ରାଧା ଆଣ ଦୂତୀ ଘେନି ମୋ ବିନତିଟି
ଦୂତିକା ଆଣିଲା ରାଧା ଜାଣ କି
ରାଧାକୃଷ୍ଣ ବିହରି ନାଶିଲେ ମାର ତାତିକି ।
ସେ ବୀର୍ଯ୍ୟୁ ରାଧା ଉଦରୁ ସୁତେକ ଉତ୍ପତିଟି
କଞ୍ଚକାର ନାମ ସିଦ୍ଧି କାର୍ଯ୍ୟ ମହା କାତିଟି
ସୁଜନେ ମୁସ୍ତକିମ ବାଳମତିଟି
ରସ ବିନୋଦୁ ଉତ୍ତର ଦେଲା ପଦେ ରଚିଟି ।

Digitized by srujanika@gmail.com

।। ଭରତିଆ ପକ୍ଷୀ ରକ୍ଷା ।।

ଶୁଣ ଜନେ ଏକମନେ ହୋଇ ସାବଧାନ
କୁରୁକ୍ଷେତ୍ର ଯୁଦ୍ଧସ୍ଥଳ ଦ୍ୱାଦଶ ଯୋଜନ ।
ତହିଁ ଭରତିଆ ପକ୍ଷୀ ଡିମ୍ବ ପାରିଥିଲା
ଯୁଦ୍ଧ ସ୍ଥାନ ଦେଖି ଚଲେ କୃଷ୍ଣ ଧର୍ମବଳା ।
ଦେଖିଲେ ବେଣା ବୁଦାଏ ଡିମ୍ବ ଚାରିଗୋଟି
ଉପରେ କିଞ୍ଚିତ ଘାସ ଢ଼ାଙ୍କି ହୋଇଅଛି ।
କୃଷ୍ଣଙ୍କୁ ପୁଚ୍ଛିଲେ ଧର୍ମସୁତ ଶୁଣ ହରି
ପକ୍ଷୀ ଡିମ୍ବ ଫୁଟି ବାଳ ଜନମିବେ ଚାରି ।
ଯଦି ଏଥି ରଣ ହେଲେ ମରିବେ ଅବଶ୍ୟ
ପିତାମାତା ସହିତେ ବାଳକେ ହେବେ ନାଶ ।
ଏଡ଼େ ପାପ କାହାକୁ ହିଁ ପାର ଯେ ନ ଯିବ
ଏଥୁ ଭଲ ବନେ ଯିବି ମାଗିବଟି ଭିଖ ।
ମୋ ଲାଗି ବାଳକେ ନାଶ ଯିବେ ଜନାର୍ଦ୍ଦନ
ଶୁଣି କୃଷ୍ଣ କହୁଛନ୍ତି ଶୁଣ ହେ ରାଜନ ।
ପ୍ରଥମ ଦିନ ରଣରେ ଅଶ୍ୱତ୍‌ଥାମା ଘଣ୍ଟ
ଛିଣ୍ଡିବ ଢ଼ାଙ୍କି ରଖିବ ଏହାକୁ ଅବଶ୍ୟ ।
ଶୁଣ ଜ୍ଞାନୀଜନେ ଅଶ୍ୱତ୍‌ଥାମା ହସ୍ତି କଥା
ଦ୍ୱାଦଶ ଯୋଜନ ନର ଯୋଜନରେ ମୋଟା ।
ଯୋଜନେ ଗଭୀର ଘଣ୍ଟ ଉଚ୍ଚ ବେନି କୋଶ
ସେ ଘଣ୍ଟ ଛିଣ୍ଡିଲା ସେହି ପକ୍ଷୀଙ୍କର ପାଶ ।
କ୍ରୋଶେ ଗଭୀର ଭୂମିରେ ଘଣ୍ଟ ପସିଗଲା
ଯୁଦ୍ଧ ଶେଷେ ସେ ଘଣ୍ଟକୁ ଭୀମ ଓପାଡିଲା ।
ପକ୍ଷିଏ ସେ'ମଧ୍ୟେ ପ୍ରାଣ ଧରିଥିଲେ ଭାଇ
ଯେଣୁ ରକ୍ଷା କରିଥିଲେ ଜଗତ ଗୋସାଇଁ ।
ମୁକ୍ତକିମ କହେ ରସ ବିନୋଦରେ ଦେଖ
ସପ୍ତବିଂଶ ପିଢେ ଲୋଡ଼ ମିଳିବ ପ୍ରତ୍ୟକ୍ଷ ।।

Digitized by srujanika@gmail.com

।। ଅର୍ଜୁନ ପୂର୍ବ ଜନ୍ମ ବୃତ୍ତାନ୍ତ ।।

ଶୁଣ ହେ ସୁଜନେ ସତ୍ୟଯୁଗ କାହାଣୀ ଏ
କନକା ଅସୁର ଜାତ ହେଲା ଧରଣିରେ ।।
ଲକ୍ଷେ ବେଳ ସ୍ୱର୍ଗପୁର କଲା ବୀରବର
ମାନବା ବିଷ୍ଣୁ ଶିବ ହାରିଲେ ସୁନାଶିର ।।
ବ୍ରହ୍ମା ବିଷ୍ଣୁ ହର ଆଦି ସର୍ବେ ତହୁଁ ଗଲେ
ଅଣାକାର ବିଷ୍ଣୁଠାରେ କାନ୍ଦି ଜଣାଇଲେ ।
ନିରାକାର ଅଙ୍ଗ ଖାରି ରୁଧିର କାଢ଼ିଲେ
ସଂଜୀବନୀ ମନ୍ତ୍ରେ ନର ରୂପ ଯେ ଗଢ଼ିଲେ ।
ମହାପୁରୁଷ ବୋଲିଣ ଦେଲେ ତାର ନାମ
କନକାକୁ ସେ ନାଶିଲା କରିଣ ସଂଗ୍ରାମ ।
ନିରାକାର ମହାପୁରୁଷକୁ ତୋଷ ହେଲେ
ମହାପୁରୁଷ ବୋଇଲା କାର୍ଯ୍ୟ ହେଲା ହେଲେ ।
ଅଙ୍ଗେ ଲୀନ କର ବୋଲୁଁ ନିରାକାର କହି
ଦ୍ୱାପରେ ଅର୍ଜୁନ ହୋଇ ଉଶ୍ୱାସିବୁ ମହି ।
ତଦୁତ୍ତାରୁ ଅଙ୍ଗେ ଲୀନ ହେବୁ ବୋଲି ଥିଲେ
ଏଣୁ ମହାପୁରୁଷ ଅର୍ଜୁନ ଜନମ ହେଲେ ।
ମୁସ୍ତକିମ କବି କହେ ବାଲୁତ କୁମର
ଅପ୍ରତେ ହେଲେ ରାସ ବିନୋଦ ଯାଇ ଫେଡ଼ ।

।। ପଞ୍ଚଜନ୍ୟ ଶଂଖ ବୃତ୍ତାନ୍ତ ।।

ଶୁଣ ସୁଜନେ ସୁମନେ ଉତ୍ତରକୁ ଭାଇ
ପାତାଳ ବୈକୁଣ୍ଠେ ନିରାକାର ବିଷ୍ଣୁ ଥାଇ ।
ମନେ ବିଚାରିଲେ ମର୍ତ୍ତ୍ୟ ଅରକ୍ଷ ହୋଇବ
ମାନବା ବିଷ୍ଣୁ ପେଶିଲେ ମର୍ତ୍ତ୍ୟ ଏ ରଖିବ ।
ପଞ୍ଚଜନ୍ୟ ଶଂଖ ବେଦବର କରେ ଦେଲେ
ବିଷ୍ଣୁଙ୍କୁ ଦେବୁ ସଂଗ୍ରାମ ସ୍ଥଳେ ଯିବା କାଳେ ।
ଏମନ୍ତେ ନିର୍ବାତ କପଚ ଅସୁର ବୀର
ଜନ୍ମ ହୋଇ ତିନିପୁର ଲୁଟି କଲା ଯୁର ।

Digitized by srujanika@gmail.com

ବ୍ରହ୍ମ ଶିବ ଇନ୍ଦ୍ର ଯେ ମାନବା ବିଷ୍ଣୁ ଆଦି
ନ ପାରିଲେ ଯେଣୁ ଆପେ ଅଇଲେ ଅନାଦି ।
କେଶ ଧରି ଝିଙ୍କୁ ମଲା ନିର୍ବାତ କବଚ
ବ୍ରହ୍ମାଙ୍କୁ ମାଗିଲେ ପ୍ରଭୁ ପଞ୍ଚଜନ୍ୟ ଶଂଖ ।
ଶୀଘ୍ରେ ନ ଦେବାରୁ କୋପେ ଶାପ ତାକୁ ଦେଲେ
ଉଲ୍ଲୁକ ପରା ମୁଖ ପୋତିଲୁ ମୁକେ ଭଲେ ।
ଉଲ୍ଲୁକ ହୋଇ ଜନମ ହୁଅ ଆରେ ବ୍ରହ୍ମା
ଭୟେ ନିରାକାରକୁ ମାଗିଲା ଅଯ କ୍ଷମା ।
ପ୍ରଭୁ ଦୟାକରି ପୁଣି କ୍ଷମା ଦେଲେ କହି
ତ୍ରେତାରେ ଜନ୍ମେବ ନାମ ଭାଲୁ ହେବୁ ତୁହି ।
ସୀତା ହରଣ କାଳରେ ମାନବା ବିଷ୍ଣୁକୁ
ସାହା ହୋଇ ସ୍ୱଚ୍ଛନ୍ଦରେ ଆସିବୁ ସ୍ୱର୍ଗକୁ ।
ଦ୍ୱାପରେ ତୁ ସହଦେବ ନାମେ ଜାତ ହେବୁ
କୃଷ୍ଣ ସେବୀ ମନ୍ତ୍ରୀ କାର୍ଯ୍ୟ କରି ତରିଯିବୁ ।
ଶୁଣି ବ୍ରହ୍ମା ଆନନ୍ଦିତ ହୋଇଲା ହେ ଭାଇ
ମୁସ୍ତକିମ କହେ ରସ ବିନୋଦେ ଅଛଇ ।

।। ଭୂଷଣ୍ଡ କାକ ଉପାଖ୍ୟାନ ।।

ଶୁଣ ହେ ସୁଜନ ଜନ ମନ କରି ସ୍ଥିର
ସଂକ୍ଷେପେ କହୁଛି ଜନ୍ମ ଭୂଷଣ୍ଡ କାକର ।
ନ ଥିଲା ଅବନି ଏକା ଥିଲେ ନିରାକାର
ନ ଥିଲେ କେହୁଣି ଜୀବ ଆଦି ସୁରାସୁର ।
ଏକା ନିରାକାର ଥିଲେ ଶୂନ୍ୟ ବଇକୁଣ୍ଠେ
ଅନନ୍ତ ଶୟନେ ନିଦ୍ରା ଯାଇଥିଲେ ଆଣ୍ଠେ ।
ନିଦ୍ରା ଭାଙ୍ଗୁ ନେତ୍ର ମଳି ନିଶ୍ୱାସ ଛାଡ଼ିଲେ
ସେ ବତାସୁ ପକ୍ଷୀଏ ଜନମ ହେଲା ଭଲେ ।
ବାୟସ ନାମ ତାହା ଦକ୍ଷିଣ ଘ୍ରାଣୁ ଜାତ
ବାମ ଘ୍ରାଣୁ ଜାତ ନାମ ଯେ ପବନ ଚଣ୍ଡ ।
ବାୟସ ପୁରୁଷ ମାଇ ପବନ ଚଣ୍ଡଟି

Digitized by srujanika@gmail.com

ଏହାଙ୍କର ସୁତ ନାମ ପ୍ରଚଣ୍ଡ ଜାଣଟି ।
ପ୍ରଚଣ୍ଡ ଯୁବା ହୁଅନ୍ତେ ମଦନେ ପଡ଼ିଲା
ନାରୀ ନ ଥିବାରୁ ମାତୃ ହରଣ ଇଚ୍ଛିଲା ।
ପବନ ଚଣ୍ଡ ଶାପିଲା ଏ ଅନୀତି ଦେଖି
ବାହା ନ କଲେ ତାହାକୁ ଅଳମ୍ବୁସା ଦେବୀ ।
ମାତ୍ର ଗଣଙ୍କ ବାହନ ସଙ୍ଗେ ଏକଦିନ
ବ୍ରାହ୍ମୀ ମାତୃବାହନ ହଂସିନୀକୁ ରମଣ ।
କଲା ପ୍ରଚଣ୍ଡ କାକ ହେ ହେଲା ତା ନନ୍ଦନ
ଭୂଷଣ୍ଡ ବୋଲିଣ ନାମ ମହାତପୀ ସେହି
ଅମର ଅଟଇ ସଦା ଯୋଗେ ମଗ୍ନ ହୋଇ ।
ମେରୁ ଗିରି ଉତ୍ତର ଐଶାନ୍ୟ ଦିଗ ଯେହି
କଳପ ବୃକ୍ଷ ଭୂଷଣ୍ଡ କାକ ରହେ ତହିଁ ।
କବି ମୁସ୍ତକିମ କହେ ଆହେ ସାଧୁ ଜନେ
ଯାହା ଜାଣିଥିଲି ତା' କହିଲି ବିଦ୍ୟମାନେ ।

।। ପ୍ରଳୟରେ ମର୍ତ୍ତ୍ୟେ ନ ବୁଡ଼ି ଶ୍ରୀ ପୁରୁଷ ତଳେ ଅର୍ଦ୍ଧ ।।

ମନ କର୍ଣ୍ଣ ଦେଇ ଜନେ ଶୁଣ ଏ ଉତ୍ତର
ପାପରେ ପୃଥିବୀ ଯେଣୁ ହୋଇଯାଏ ଭାର ।
ବାସୁକୀ ନିରାକାରଙ୍କୁ କଲାଟି ଗୁହାରି
ଶୁଣି ବିଷ୍ଣୁ ଅଙ୍ଗୁ ସ୍ୱେଦ ବହେ ଫୁଟିକରି
ସେ ଜଳ ମାଣକୁ ଫୁଟି ମର୍ତ୍ତ୍ୟେ ହେଲା ଭାଇ
ତପତ ତା ଅକଥନ ସର୍ବ ଯାଏ ଖାଇ ।
ଶ୍ରୀପୁରୁଷୋତ୍ତମେ ଅଛି ଦେବୀ ବୁଝ କିନା
ଅର୍ଦ୍ଧ ଶୋଷିଣ ଖର୍ପର କରେ ଧରି ସିନା ।
ସେ ଜଳେ ତା ନିକଟକୁ ଯେତେବେଳେ ହୁଏ
ଖପରେ ଶୋଷଇ ଜଳ ତାର ନାହିଁ ଭୟେ ।
ଅର୍ଦ୍ଧେ ଜଳେ ବୁଡ଼ି ତିନିପୁର ନାଶ କରେ
ଅର୍ଦ୍ଧେ ଶୋଷି ସେ ଅର୍ଦ୍ଧ ଶୋଷିଣି ନାମ ଧରେ ।
ସେ ଏକା ବର୍ତ୍ତଇ ଆଉ ସର୍ବେ ନାଶ ଯାନ୍ତି

Digitized by srujanika@gmail.com

ବ୍ରହ୍ମା ହର ବିଷ୍ଣୁ ଚନ୍ଦ୍ର ଇନ୍ଦ୍ରାଦି ଦେବତା ।
ମୁସ୍ତକିମ କହେ ଯଦି ପ୍ରତେ ନୁହେ ଭାଇ
ଆଣ ରସ ବିନୋଦ ସଭାରେ ଦେଖ ଫେଇ ।

।। ପୁରାଣ ଓ ଶ୍ଳୋକ ।।

ଶୁଣ ହେ ବିବେକୀ ଜନ ଦେଇ ହେତୁ ଜ୍ଞାନ
ଅଷ୍ଟାଦଶ ପୁରାଣ ବେଦବ୍ୟାସ ବଖାଣ ।
ପ୍ରଥମ ପୁରାଣ ବ୍ରହ୍ମ ଶ୍ଳୋକ ଦଶ ସସ୍ର
ଦ୍ୱିତୀୟ ପଦ୍ମପୁରାଣ ପଞ୍ଚାନନେ ସସ୍ର ।
ତୃତୀୟେ ବିଷ୍ଣୁପୁରାଣ ତ୍ରିଶ ସସ୍ର ଶ୍ଳୋକ
ଚତୁର୍ଥ ଶିବ ପୁରାଣ ଚବିଶ ସହସ୍ର ।
ପଞ୍ଚ ଭଗବତ୍ ପୁରାଣ ସସ୍ର ଅଠର
ଷଷ୍ଟ ନାରଦ ପଚିଶ ସସ୍ର ଶୋଲକର ।
ସପ୍ତମ ମାରକଣ୍ଡ ନବ ସହସ୍ର ଶ୍ଳୋକ
ଅଷ୍ଟ ଅଗ୍ନି ତେର ସସ୍ର ଶୋଳକ ପ୍ରତ୍ୟକ୍ଷ ।
ନବମ ପବନ ଶ୍ଳୋକ ସହସ୍ର ଅଠର
ଦଶମେ ଲିଙ୍ଗ ପୁରାଣ ସହସ୍ର ଏଗାର ।
ଏଗାର ବରାହ ଚଉବିଂଶ ସସ୍ର ଲେଖେ
ବାର ଅସ୍କନ୍ଧ ପୁରାଣ ଏକାଶି ସସ୍ର ସତେ ।
ତେରରେ ବାମନ ଦଶ ସସ୍ର ଶ୍ଳୋକ ଜାଣ
ଚଉଦ କୂର୍ମ ସତର ଶାସ୍ତରେ ନିପୁର ।
ନବମ ପୁରାଣ ନାମ ଅଟେ ଭବିଷ୍ୟତ
ଶ୍ଳୋକ ହୋଇଛି ବିଦିତ ତେତିଶି ସହସ୍ର ।
ପନ୍ଦର ମତ୍ସ୍ୟ ପୁରାଣ ଚଉଦ ସହସ୍ର
ଷୋହଳ ଗରୁଡ଼ ଏକୋଇଶ ସସ୍ର ଦେଖ ।
ସତର ବ୍ରହ୍ମାଣ୍ଡ ବାର ସହସ୍ର ସ୍ୱତି
ମୁସ୍ତକିମ କହେ ମୁଁ ଯେ ବାଲୁତ ଅଟଇ
ସଂକ୍ଷେପେ କହିଲି ମିଥ୍ୟା ନୁହଇ ହେ ଭାଇ ।

Digitized by srujanika@gmail.com

।। ସୋମବଂଶ ଉପାଖ୍ୟାନ ।।

ପ୍ରଥମରେ ଶୂନ୍ୟ ପରେ ପବନ ହୋଇଲା
ତହୁଁ ଯୋଗ ପୁଂଶ ପରେ ଗାୟତିରୀ ହେଲା ।
ତହୁଁ ଚାରି ମହାଯନ୍ତ ତହୁଁ ଚାରିବେଦ
ତା' ତହୁଁ ସପତ ଛନ୍ଦ ସେଠୁ କର୍ମକାଣ୍ଡ ।
ଏଥିରୁ ନିର୍ଗୁଣ ତହୁଁ ଜାତ ହେଲା ଅଣ୍ଡ
ଅଣ୍ଡରୁ ଧରମ ନିରଂଜନରୁ ତପନ
ତହୁଁ ଶକତିରୁ ତିନି ପୁତ୍ର ଉତପନ୍ନ ।
ବ୍ରହ୍ମା ବିଷ୍ଣୁ ଶିବ ତିନି ଗଣ ଘେନି ଜାତ
ତ୍ରିପୁର ଠୁଳ କରି ଏ ମନ୍ଥିଲେ ସମୁଦ୍ର ।
ତହୁଁ ଚନ୍ଦ୍ର ଜାତ କାଳେ ତାରାକୁ ହରିଲା
ତହୁଁ ବୁଧ ଜାତ ତା'ଠୁ ପୁରୁରବା ହେଲା ।
ନବ ଦ୍ୱୀପେ ରାଜା ତାର ସୁତ ଆୟୁ ଜାତ
ତହୁଁ ନହୁଷ ଆକାଶେ ଯାଇ ହେଲା ଇନ୍ଦ୍ର ।
ତା' ସୁତ ଯଯାତି ନବ କନ୍ୟା ବିଭା ହେଲେ
କାଳେ ନବପୁତ୍ର ହେଉଁ ପୃଥ୍ୱୀ ବାଣ୍ଟିଦେଲେ ।
ଜ୍ୟେଷ୍ଠପୁତ୍ର ପ୍ରବୀର ଓଡ୍ର ରାଷ୍ଟ୍ର ପାଇ
ଓଡ଼ିଶା ବୋଲିଣ ଦେଶ ତେଣୁ ଜାଣ ଭାଇ ।
ତା' ତନୟ ମନୁ ତାର ସୁତ ଅନୁପମ
ତା ସୁତ ସମୀର ତାଠୁ ଦୁଷ୍ମନ୍ତ ଜନମ ।
ମୋଦବତୀ ଶକୁନ୍ତଳା ଦୁଇ ନାରୀ ତାର
ଏହାଙ୍କ ନନ୍ଦନ ହୋ ଭରତ ମହାବୀର ।
ତା ସୁତ ଭୂମନ୍ୟୁ ତହୁଁ ହସ୍ତି ରାଜା ଜନ୍ମ
ତା ସୁତ ଅଜମିତ ତା ସୁତ ସମ୍ବରଣ ।
ତାର ସୁତ କୁରୁ ତାର ସୁତ ପୃଥ୍ୱୀ ହେଲା
ତା ସୁତ ପ୍ରଦୀପ ତା ନନ୍ଦନ ଶାୟନ୍ତନୁ
ଚିତ୍ରାଙ୍ଗଦ, ବିଚିତ୍ର ବୀର୍ଯ୍ୟ ଭୀଷ୍ମ ଯା ସୁନୁ ।
ଅମ୍ବିକାକୁ ବିଭା ହେଲେ ସେ ବିଚିତ୍ରବୀର୍ଯ୍ୟ
ଚିତ୍ରାଙ୍ଗଦା ବିଭା ହେଲେ ଅମ୍ବାଳିକା ବୁଝ ।

Digitized by srujanika@gmail.com

ଦାରା ସହ ରମଣ କଲେ ଭୀଷ୍ମ ଗଙ୍ଗାସୁତ
ଚିତ୍ର ବିଚିତ୍ର ନିବଂଶେ ହେଲେ ପ୍ରାଣେ ହତ ।
ମୁସ୍ତକିମ କହେ ଏଠୁ କୁରୁବଂଶ ଶେଷ
ପୁଣ ବ୍ୟାସ ବୀର୍ଯ୍ୟେ ରାଣ୍ଡ ଗର୍ଭେ ଧୃତରାଷ୍ଟ୍ର ।
ପଣ୍ଡୁ ଜନମିଲେ ଆଉ ବିଦୁର ସମୂତ
ଧୃତରାଷ୍ଟ୍ର ଯଜ୍ଞ କରୁ ଶତେ ପୁତ୍ର ଜାତ ।
ପଣ୍ଡୁ ପୁତ୍ରେ ପାଞ୍ଚ ଔରଷରୁ ଉତପ
ମୁସ୍ତକିମ କବି କହେ ବଂଶାନୁଚରିତ
ଦୋଷ ନ ଧରିବ ବିଜ୍ଞେ ସ୍ୱଭାବେ ବାଲୁତ ।

।। ମୁର, ଦାରୁଣ ଜନ୍ମ ।।

ଶୁଣ ବିଜ୍ଞଜନ ଜୟ ବିଜୟ ଯେ ଦ୍ୱାରୀ
ବିଷ୍ଣୁ ସିଂହଦ୍ୱାରେ ବିଷ୍ଣୁଙ୍କ କରନ୍ତି ମାହାରୀ ।
ଦିନେକ ଦୁର୍ବାସା ଋଷି ବୈକୁଣ୍ଠପୁର ଗଲେ
ଜୟ ବିଜୟ ତାହାଙ୍କୁ ପଥ ନିରୋଧିଲେ ।
ଦୁର୍ବାସା ପଶନ୍ତେ ତାଙ୍କୁ ଗଳଥା ମାରିଣ
ଛାଡ଼ିଲେ ସିଂହ ଦୁଆରେ ଋଷି କୋପମନ ।
ଶାପିଲେ ଅସୁର ପୁଅ ହେବନିଜନ ତୁମ୍ଭେ
ଏ ସମୟେ ଲକ୍ଷ୍ମୀ ଯାଇ ପ୍ରବେଶ ଆରମ୍ଭେ ।
ତାଙ୍କୁ ପଥ ନିରୋଧିଲେ ବୋଇଲେ ଗୋ ଦେବ ମାତ
ବିଷ୍ଣୁ ଆଜ୍ଞା ହେବା ଯାଏ ଥାଅ ତୁମ୍ଭେ ଏଥ ।
ଶୁଣି କୋପେ ଶାପ ଦେଲେ ଜୟ ବିଜୟଙ୍କୁ
ଚାରି ଜନ୍ମ ଯାଏ ଲଭ ଅସୁର ଜନ୍ମକୁ ।
ଏଣୁ ଜୟ ବିଜୟ ଅସୁର ହେଲେ ଭାଇ
ବ୍ରହ୍ମା ତାତ ଉର୍ବସୀ ମାତାଟିର ନାମ
ଦ୍ୱିତୀୟରେ ହିରଣ୍ୟ ହିରଣ୍ୟାକ୍ଷ ନାମ ।
କଶ୍ୟପ ସୁତ ଦୀତି ଉଦରେ ହେଲେ ଜାତ
ତୃତୀୟରେ ରାବଣ ଯେ କୁମ୍ଭକର୍ଣ୍ଣ ହେଲେ
ବିଶ୍ରବା ପିତା ଜନନୀ ନୀଳ ଉକେଶୀ ବୋଲେ ।

Digitized by srujanika@gmail.com

ଚତୁର୍ଥ ଜନମେ ଦନ୍ତବକ୍ର ଶିଶୁପାଳ
ଦମଘୋଷ ସୁତ ହେଲେ ଶୁଣ ହେ ସକଳ ।
ବିଷ୍ଣୁ ନାଶିଲେ ପ୍ରଥମ ଜନ୍ମେ ପାଦଘାତେ
ଦ୍ୱିତୀୟରେ ନାଶ ସେ ହୋଇଲେ ନଖଦନ୍ତେ ।
ତୃତୀୟରେ ଶରେ ଚତୁର୍ଥରେ ଚକ୍ରେ ଜାଣ
ରଚିଲେ ଉତର କବି ମୁସ୍ତକିମ ନାମ ।

।। ଦୁର୍ଯ୍ୟୋଧନ ପୂର୍ବ ଜନ୍ମ ।।

ଶୁଣ ହେ ପଣ୍ଡିତ ଜନେ ମନ କରି ସ୍ଥିର
ଶୁକ୍ଲ ସତ୍ୟଯୁଗ କଥା କହୁଛି ଉତର ।
ଅକଣ୍ଟକ ରାଜ୍ୟ ନାମ ନୃପ ନାମ ମନୁ
ଅନ୍ନପୂର୍ଣ୍ଣା ତା ରମଣୀ X X X
X X X X X X X X X
ବହ୍ମା ପ୍ରାଣ ଗଲା ଭୟେ ବିଷ୍ଣୁ ଚିନ୍ତାକଲା
ମଞ୍ଚେ ମାନବେ କହିଲେ ପାପ ନାଶ ଗଲା ।
X X X X X X X X X
ଦେବେ ମଧ୍ଧ ଚିତ୍ରସେନ ମୁଖରୁ ଶୁଣିଲେ
ସେମାନେ ମଧ୍ଧ ପାତକ ନାହିଁ ସାଧୁଠାରେ
ବିଷ୍ଣୁ ନେଲେ ବୋଲିଣ ଯେ କହିଲେ ଅମରେ ।
ସେ ପାପରେ ନରହରି କ୍ଷୀଣ ହୋଇଗଲେ
ଧନ୍ୱନ୍ତରୀ ବୈଦ୍ୟ ଡାକି ରୋଗ ପଚାରିଲେ ।
ସର୍ବ ବିଷୟ କହିଲେ ବୈଦ୍ୟ ଧନ୍ୱନ୍ତରୀ
ବିଷ୍ଣୁ ନାମ ଜପି ତାପ ଖଣ୍ଡିଲେ ଶ୍ରୀହରି ।
କିଛିଦିନ ପରେ ପ୍ରଭୁ ଅକଣ୍ଟକ ପୁରେ
ବିପ୍ର ରୂପେ ବିଜେ ମନୁ ସାଧବ ଦୁଆରେ ।
ସାଧବ ମୁଁକାର ସର୍ବ ବାକ୍ୟରେ କହିଲା
ତେଣୁ ତା ପାତକ ତାକୁ ସେ କ୍ଷଣି ଲାଗିଲା ।
ସାଧବ ଭାବିଲା ଏ ଅଟନ୍ତି ନିଶ୍ଚେ ହରି
ମୁଁକାର କହିଲି ସର୍ବ ଅଟଇ ମୋହରି ।

Digitized by srujanika@gmail.com

ଗୋହତ୍ୟା ପାତକ ତେଣୁ ଆସି ଘୋଟିଲାଟି
ଏହା ପାଞ୍ଚି ବିଷ୍ଣୁ ପାଦ ଧରି ଶୋଇଲେଟି ।
କୃପା କରି ପ୍ରଭୁ ବିଷ୍ଣୁ ପଞ୍ଚର କହିଲେ
ଏମନ୍ତେ ମୋକ୍ଷ ଗୋହତ୍ୟା ଦୋଷ ହୁଏ ଭଲେ ।
ପୁଣ ବୋଇଲେ ସାଧୁ ତ ମୁଁକାର ତୁ ଛାଡ଼
ଅନ୍ୟ ଜନ୍ମେ ସତ୍ୟବ୍ରତ ନୃପ ମଧେ ବଡ଼ ।
ଜନମି ମର୍ତ୍ତ୍ୟରେ ସୁଖ ଭୋଗି ସ୍ୱର୍ଗ ଯିବୁ
ତୃତୀୟ ଜନମରେ ମାନଗୋବିନ୍ଦ ଭାବକୁ ।
କବି ମୁସ୍ତକିମ କହେ ଆହେ ବିଜ୍ଞବରେ
ପ୍ରଶ୍ନକୁ ଉତ୍ତର ଦେଲି ଶାସ୍ତ୍ର ସମ୍ମତରେ ।

॥ ଉର୍ବସୀ ପୂର୍ବଜନ୍ମ ॥

ଶୁଣ ସୁଜନେ ଚିତ୍ତ କରିଣ ସ୍ଥିର
ଉର୍ବସୀ ପୂର୍ବଜନ୍ମ ଯେଉଁ ପ୍ରକାର ଯେ । ପଦ ।
ଦୈନିକ ପ୍ରଳୟ ଅନ୍ତେ ଯୁଗ ହେଲା ଖ୍ୟାତ
ଅନାଦି ଅପର୍ଣ୍ଣା ଗର୍ଭୁ ତିନି ପୁତ୍ର ଜାତ ।
ବ୍ରହ୍ମା, ବିଷ୍ଣୁ, ଈଶ୍ୱର ଯେ ତାଙ୍କ ନାମ କହି
କନ୍ୟାଏ ଜାତ ଜଗନ୍ମୋହିନୀ ଜନ୍ମିଲଇଁ ।
ତିନି ସୁତ ସର୍ଜିଲେଟି କଷ୍ଟେ ବସୁନ୍ଧରୀ
କନ୍ୟା ଘେନି ବିଜେ ଆଦି ଅପର୍ଣ୍ଣା ବିହରି ।
ବ୍ରହ୍ମାଣ୍ଡେ ସର୍ଜିଲେ ତିନି ଦେବ ଜାଣ ଭାଇ
ଦିନେ ଆଦି ଭ୍ରମୁଛନ୍ତି କନ୍ୟା ସଙ୍ଗେ ନେଇ ।
ପଥେ ଭ୍ରମନ୍ତେ ମହେଶ ଭେଟିଲେ ଅପର୍ଣ୍ଣା
ରତି ଦେଲେ ହରଙ୍କୁ ଅନାଦି ବିଷ୍ଣୁ ବାମା ।
ଦେଖି ଦୂଲଣୀ ସେଠାରୁ ସଲଜ୍ଜେ ଫେରିଲା
ବ୍ରହ୍ମା ବିଷ୍ଣୁ ଆଗେ ସର୍ବ ବିଷୟ କହିଲା ।
କୋପ କରି ବିଷ୍ଣୁବ୍ରହ୍ମା ସେଠାରୁ ଗମିଲେ
ପଥେ ଆଦିମାତାଙ୍କୁ ଅନାଇ ଝିଙ୍ଗାସିଲେ ।
ପୁଅଙ୍କର ମୁଖୁ ନିନ୍ଦା ଶୁଣି ଦେବୀ କୋପ

Digitized by srujanika@gmail.com

ଝିଅ ଯା କହିଲା ଭାବି ଦେଲେ ତାକୁ ଶାପ ।
ଦୁହିତା ହୋଇ ପାମରି ନିନ୍ଦା ଦିଆଇଲୁ
ଆରଜନ୍ମେ ନଟୀ ହୁଅ ମୋର ଶାପ ବଳୁଁ ।
ମୋର ରତି ଦେଖି ଜାତ କଲୁ ଯେ ଶୂକରୀ
ତୋର ରତି ସଭା ମଧ୍ୟେ ଦେଖିବେ ନିହିରି ।
ସେ ଶାପ୍ୟରେ ଉର୍ବସୀ ଜନ୍ମିଲାରେ ଭାଇ
ବେଶ୍ୟା ହୋଇ ରହିଲା ଅମରପୁରେ ଯାଇ ।
କବି ମୁସ୍ତକିମ କହେ ବାଳକ ଅଜ୍ଞାନ
ପ୍ରଶ୍ନକୁ ଉତ୍ତର ଭାଇ କରିଲି ବଖାଣ ।

।। ବିଷ୍ଣୁ ଅବତାର ।।

କହୁଅଛି ସୁଜନେ ସୁଲୟେ ଶୁଣ
ଆଦ୍ୟେ ମତ୍ସ୍ୟ ଦ୍ୱିତିଏ ଜନମ କୂର୍ମ ।
ତୃତୀୟେ ବରାହ ଚତୁର୍ଥେ ନୃସିଂହ
ପଞ୍ଚେ ବାମନ ପର୍ଶୁରାମଟି ଛଅ ।
ସପ୍ତମେ ରାମ ଅଷ୍ଟେ କୃଷ୍ଣାବତାର
ନବରେ ବାଉନ କଲ୍କୀ ଦଶମରେ ।
ଏଗାରେ ହଂସ ଦ୍ୱାଦଶେ ଚକ୍ରପାଣି
ତେରରେ ବ୍ୟାସ ଚଉଦେ ଚୂଡ଼ାମଣି ।
ପନ୍ଦରେ ମୋହିନୀ ସୋଳହେ ନାରାୟଣ
ସତରେ କପିଳ ଅଠରେ ପୃଥୁ ଜାଣ ।
ଉଣାଇଶେ ନାରଦ ବିଂଶେ ଦାମୋଦର
ଏକବିଂଶରେ ଦତ୍ତାତ୍ରେୟ ରୂପର ।
ବାଇଶେ ଋଷଭ ତେଇଶେ ଧନ୍ୱନ୍ତରୀ
ଚବିଶେ ଗୋମୁଖୀ କେଶବ ରୂପ ଧରି ।
ପଚିଶେ ଚତୁର୍ଭୁଜ ରୂପ ଅବତାର
ଛବିଶେ ମଧୁସୂଦନ ଅବତାର ।
ସପ୍ତବିଂଶରେ ଭଗବାନ ପ୍ରକାଶ ।
ମୁସ୍ତକି କହେ ଅବତାର ସପ୍ତବିଂଶ ।

Digitized by srujanika@gmail.com

ମାତା ଶାପ୍ୟରୁ ଏତେକ ଅବତାର
ଶୁଣିଲଟି କି ବିଞ୍ଚେ ଶ୍ରେଷ୍ଠ ଚିତ୍ତର ।

।। ମୁର ସ୍ତ୍ରୀ ସୈନ୍ୟ ପ୍ରାପ୍ତି ।।

ସୁଜ୍ଞାନୀ ପଣ୍ଡିତ ବର୍ଗ ଏକ ଲୟେ ଶୁଣ
କର୍ଣ୍ଣାଟ ଦେଶ ଜିଣିଣ ମୁର ଯେ ଦାରୁଣ
ତହିଁ ମୁର ରୂପ ହେଲା
କିଛିଦିନ ଅନ୍ତେ, ଦିଗ୍‌ବିଜୟ ସେ କଲା ।
ଜମ୍ବୁଦ୍ୱୀପ ତେଜି ସୈନ୍ୟ ସହ ମୁର ରାଏ
କରଞ୍ଜ ଦ୍ୱୀପକୁ ଜିଣି ପ୍ଳକ୍ଷ ଦ୍ୱୀପ ଯାଏ
ତହିଁ ତ୍ରିମୁଣ୍ଡା ଭୂପତି
କଣ୍ଡ ବିକଣ୍ଡ ବୋଲିଣ ଦୁଇଟି ସନ୍ତତି ।
ତାହା ତୁଲେ ରଣକଲା ନ ପାରିଲା ଜିଣି
ତ୍ରିମୁଣ୍ଡାକୁ ଶରଣ ପଶିଲା ମୁର ପୁଣି
ପ୍ରୀତି କଲା ଗୁରୁତର
ଦେଶକୁ ଯିବି ମେଲାଣି କର ନୃପବର ।
ତ୍ରିମୁଣ୍ଡା ତା' ପ୍ରୀତି ଦେଖି ଯାଚିଲା ରତନ
ମୁର କହେ ସତ୍ୟ କଲେ ମାଗି ନେବି ଜାଣ
ଶୁଣି ତ୍ରିମୁଣ୍ଡା ହରଷ
ସତ୍ୟ କଲା ଯା ମାଗିବ ଦେବି ମୁଁ ଅବଶ୍ୟ ।
ମୁର ମାଗିଲା କଣ୍ଡ ବିକଣ୍ଡ ମୋତେ ଦେବ
ସତ୍ୟବଦ୍ଧ ଥିବା ଯୋଗୁଁ ଦେଲେ ନୃପଦେବ
ସେବି ପାର୍ବତୀକୁ ପୂର୍ବେ
ଅଶି ପଦ୍ମ ନାରୀସୈନ୍ୟ ଥିଲେ ତା' ସମ୍ଭବେ ।
ଅଶି ପଦ୍ମ ରମଣୀ ସଂଗମି ସୈନ୍ୟ ଦେଲା
କବି ମୁସ୍ତକିମ ରସବନ୍ଧେ ବିରଚିଲା
ଭାଉ ନାରୀ ମୁର ପାଇ
କଣ୍ଡ ବିକଣ୍ଡ ସହ ମିଳିଲା ଦେଶ ଯାଇ ।

Digitized by srujanika@gmail.com

।। ମୁର ପୂର୍ବଜନ୍ମ ବୃତ୍ତାନ୍ତ ।।

ଜ୍ଞାନୀଗଣେ ଶୁଣ ମନେ ସ୍ଥିର କରି ଶ୍ରୁତି
ମୁରଦାରୁଣ ପୂର୍ବ ଜନମ ଭକତି ଯେ ।
ସାକଲ୍ୟ ଦ୍ୱୀପରେ ମନୁବଂଶେ ଜାତ ଭାଇ
ଚଣ୍ଡ ପ୍ରଚଣ୍ଡ ନାମରେ ଖ୍ୟାତ ହେଲେ ମହି ।
ତାହା ପୂର୍ବଜନ୍ମ କହୁଅଛି କର୍ଣେ ଶୁଣ
ରୁଦ୍ର ପ୍ରଳୟ ପରେ ଜଳ ପ୍ରଳୟ ହେଲା
ଅନାଦି ପୃଥ୍ୱୀ ନିମନ୍ତେ ମନରେ ପାଞ୍ଚିଲା ।
ଆଦିମାତାଙ୍କୁ ରମିଲେ ଅନାଦି ପୁରୁଷ
ତା ତହୁଁ ଜନ୍ମ ବ୍ରହ୍ମା, ବିଷ୍ଣୁ ଯେ ମହେଶ ।
ଦିନେ ମାତା ସରପୁଲି କଲେ ପୁତ୍ର ପାଇଁ
ବିଷ୍ଣୁ ଖେଳି ଗଲେ ବ୍ରହ୍ମା, ହର ଛାଡ଼ିଦେଇ ।
ପାକ ସାରି ପୁତ୍ରଙ୍କୁ ଲୋଡ଼ିଲେ ଆଦି ଶକ୍ତି
ବିଷ୍ଣୁ ନାହିଁ ବେନି ପୁତ୍ରେ ସୁଖେ ଖେଳୁଛନ୍ତି ।
ବିଷ୍ଣୁଙ୍କୁ ଲୋଡ଼ିବା ପାଇଁ ଗଲେକ ଜନନୀ
ପାକଶାଳେ ଏକାଳେ ମିଳିଲେ ଭାଇ ବେନି ।
ମନୋହର ପୁଲି ଯେ କାକରାଦି ପିଷ୍ଟକ
ରଖିଥିବାର ଦେଖିଲେ ପୁଣି ଥିଲା ଭୋକ ।
ବ୍ରହ୍ମା ତାହା ମଧ୍ୟରୁ ଆଣିଲେ ପହୁଞ୍ଚାଇ
ହର ହସ୍ତ ନ ପାଇଲା ଖାଦ୍ୟ ଥିଲା ଯହିଁ ।
ବ୍ରହ୍ମା କରୁ ଛଡ଼ାଇ ଭକ୍ଷିଲେ ବୃଷଧ୍ୱଜ
କୋପ ହୋଇ ଗାଳିଦେଲେ ତାହାଙ୍କୁ ଯେ ଅଜ ।
ଈଶ୍ୱର ବୋଇଲେ ଗାଳି ଦେଉ ନ ବିଚାରି
ମୋର ପଞ୍ଚମୁଖ ତୋର ମୁଖ ଅଛି ଚାରି ।
ବିଚାରିଲେ ମୁହିଁ ତୁମ୍ଭଠାରୁ ଯେ ଗରିଷ୍ଠ
ଶୁଣି ବେଦବରଙ୍କର କୋପ ହେଲା ଚିତ୍ତ ।
ବୋଇଲେ ରେ ଜନମରେ ବଡ଼ ମୁଁ ଅଟଇ
ଜନ୍ମେ ବଡ଼ କି କାର୍ଯ୍ୟକର୍ମରେ ବଡ଼ ମୁହିଁ ।
ଶୁଣି ହରବାଣୀ ଅଜ ସହି ନ ପାରିଲେ

Digitized by srujanika@gmail.com

ଚାରିମୁଗ ଉପରେ ମଥାଏ ଜାତ କଲେ ।
ହର ଦେଖି ଦୁଃଖୀ ହୋଇ କୋପେ ତା ହାଣିଲେ
ସେ ରକ୍ତରୁ ବ୍ରହ୍ମ ରାକ୍ଷସେକ ଉପୁଜିଲେ ।
ପିତାଙ୍କୁ ବୋଇଲା ଖାଇବାକୁ ମୋତେ ଦିଅ
ଈଶ୍ୱରଙ୍କୁ ଭକ୍ଷ ବୋଲି କହେ ପିତାମହ ।
ଖାଇବାକୁ ଗୋଡ଼ାନ୍ତେ ଈଶ୍ୱର ପଳାଇଲେ
ପଥେ ମାତା ସହ ବିଷ୍ଣୁ ଆସନ୍ତି ଭେଟିଲେ ।
ବିଷ୍ଣୁ ପଚାରିଲେ କାହିଁ ପାଇଁ ପଳାଉଛ
ହର ବୁଝାଇଲେ ସର୍ବ ଗୋଡ଼ାଏ ରାକ୍ଷସ ।
ବିଷ୍ଣୁ ରାକ୍ଷସକୁ ଓଗାଳିଲେ ଆଗ ହୋଇ
ଦେ ଦେ ବୋଲି ରାକ୍ଷସ ମାଗିଲା ବିଷ୍ଣୁଙ୍କୁ ହିଁ ।
ହରି ବିଚାରିଲେ ରଣ ମାଗୁଛୁରେ ତୁହି
ଅସୁର ହୋଇ ଜନମ ତୋତେ ମାରିବଇଁ ।
ବେନିଥର ଦେ ଦେ ବୋଲି ମାଗିଲୁ ତୁ ଯେଣୁ
ବେନି ରୂପେ ଗର୍ଭରେ ଜନମ ଲଭ ତେଣୁ ।
ପ୍ରଥମେ ମନୁ ବଂଶରେ ଅବତାର ହୁଅ
ମୃତ୍ୟୁ ଲଭି ତେର ଦିନ ଯମ ପଦ ନିଅ ।
ତା'ପରେ ମୋ ଦ୍ୱାରୀ ହୋଇ ରହ କିଛି କାଳ
ଲକ୍ଷ୍ମୀ ରୂପୀ ଶାପେ ପୁଣି ଜନମ ଭୂତଳ ।
ସେହି ଯୋଗୁଁ ମର୍ତ୍ତେ ଚଣ୍ଡ ପ୍ରଚଣ୍ଡ ଜନମ
ଦ୍ୱିତୀୟେ ମରିଲେ ଜନ୍ମି ମୁର ଯେ ଦାରୁଣ ।
କବି ମୁସ୍ତକିମ କହେ ଶୁଣିଲ କି ନନା
ମୁର ଦାରୁଣ ଉପର ତ୍ରିଜନ୍ମ ଠିକଣା ।

।। ମୁରାର ଦିଗ୍‌ବିଜୟ ।।

ଶୁଣ ଜଣେ ମୁର ଯେ ଦାରୁଣ ବେନି ଭାଇ
ଦିଗ ବିଜେ କଲେ ହରଠାରୁ ବର ପାଇ ।
ଜମ୍ବୁ ଦ୍ୱୀପ ମଧ୍ୟେରେ କର୍ଣ୍ଣାଟ ନୃପବର
ତାକୁ ଯୁଦ୍ଧେ ହରାଇଲେ ଦାରୁଣ ଯେ ମୁର ।
କ୍ରୌଞ୍ଚ ଦ୍ୱୀପ ଚକ୍ରବର୍ତ୍ତୀ ମୋହନା ଅସୁର

Digitized by srujanika@gmail.com

ଜିଣିଲେ ତାହାକୁ ଯୁଦ୍ଧେ ଦାରୁଣ ଯେ ମୁର ।
ପ୍ଲକ୍ଷ ଦ୍ୱୀପେ ତ୍ରିମୁଣ୍ଡା ଅଟଇ ଚକ୍ରବର୍ତ୍ତୀ
ତାକୁ ସନ୍ଧି କରି ତାର ଆଣିଲା ସନ୍ତତି ।
ଶାଲ୍ମଳୀ ଦ୍ୱୀପର ଭୂପ ଭୋପାଳ କେଶରୀ
ତହିଁ ଲାଖ ବିନ୍ଧି କନ୍ୟା ନେଲା ଜୟକରି ।
କୁଶ ଦ୍ୱୀପେଶ୍ୱର ବିଷ୍ଣୁ ମାଝୀ ରଣେ ମାରି
ସୂର୍ଯ୍ୟମଣି ଆଣିଲା ପିନ୍ଧିଲା ହାର କରି ।
ପୁଷ୍କର ଦ୍ୱୀପାଧିକାରୀ ଅଟନ୍ତି ଯେ ଲକ୍ଷ୍ମୀ
ମୁର ଭୟେ ଗଲେ ବିଷ୍ଣୁଙ୍କର ପାଟରାଣୀ ।
ସେ ଦ୍ୱୀପ ଜୟ କରି ସାକଲ୍ୟ ଦ୍ୱୀପ ଗଲା
ତହିଁ ବିଷ୍ଣୁମାୟାଂ ବାଳ ରୂପଟି ଦେଖିଲା ।
ବହି ଆଣି ନ ପାରି କଚାଡ଼ି ବହି କ୍ରୋପ
ନଗ୍ର ମଧ୍ୟେ ବିଷ୍ଣୁ ଯାଇ ହୋଇଲେଟି ଗୋପ୍ୟ ।
ପୋଡ଼ିଦେଇ ଜୟ କରିଲାଟି ସାତ ଦ୍ୱୀପ
ମୁସ୍ତକିମ କବି କହେ ଅଧମ ବାଲୁତ ।

।। ଅକ୍ଷୟ ଅଷ୍ଟରଥ ।।

ନନ୍ଦିଘୋଷ ତାଳଧ୍ୱଜ ବିଜୟା ଏ ତିନି
ଚନ୍ଦ୍ରରଥ ସୂର୍ଯ୍ୟରଥ ପୁଷ୍ପକକୁ ଘେନି ।
ଅନନ୍ତଧ୍ୱଜ ଚନ୍ଦ୍ରସୂର୍ଯ୍ୟ ମଣ୍ଡଳ ଆଠ
ଅକ୍ଷର ଅଟନ୍ତି ନନା ଆଠ ଗୋଟି ରଥ ।
ବ୍ରହ୍ମ ପ୍ରଳୟ ହେଲେ ବୈକୁଣ୍ଠେ ଯାଇ ହୋଇ
ସୃଷ୍ଟି, ହେଲେ ଭଣ୍ଡାର ବ୍ରହ୍ମାଙ୍କୁ ସେବନ୍ତି
ମୁସ୍ତକିମ କହେ ବ୍ରହ୍ମାଠାରେ ଥାଏ ତୁହି
କର୍ମ ଅନୁସାରେ ଯାକ ଆନକୁ ମିଳଇ ।

□□

Digitized by srujanika@gmail.com

ଖପ୍‌ଖପାରେ - ଅତି ଦୁଃଖରେ
ଜବ୍ ଜବାରେ - ଅତି ଘଞ୍ଚରେ
ଦଫଦଫାରେ-ଅତି ବ୍ୟସନରେ
ସ୍ୱର୍ଗରୁ ଉଚ୍ଚ କିଏ - ପିତା/ବୁଦ୍ଧି
ପବନରୁ ଦ୍ରୁତଗାମୀ - ମନ
ତୃଣଠାରୁ ବେଶି ସଂଖ୍ୟା - ଚିନ୍ତା/ବିଷ୍ଣୁନାମ
ଶୋଇଲେ ଆଖି ବୁଜେ ନାହିଁ - ମାଛ / ଜୀବ
କାହାର ହୃଦୟ ନାହିଁ - ପଥରର/ନିରାକାର
ସୁଖୀ କିଏ - ଋଣ ନାହିଁ / ନାମ
ଅପ୍ରବାସୀ - ନିଜ ଘରେ ଦିନ ଦ୍ୱିପ୍ରହରେ ବେଳେ ଯିଏ ଶାଗଭାତ ଖାଏ
ଦୁଃଖୀ କିଏ - ବିଷୟାସକ୍ତ / ସ୍ତ୍ରୀ ଓ ଗୋରୁ
ପଥ କିଏ - ମହାଜନ ଯେନ ଗତଃସ ପନ୍ଥା / ବେଦ
ଆଶ୍ଚର୍ଯ୍ୟ କଣ - ପ୍ରାଣୀମାନେ ମରୁଛନ୍ତି ତଥାପି ଯେ ଲୋକମାନେ
ଚିରକାଳ ବଞ୍ଚିବାକୁ ଇଚ୍ଛା କରନ୍ତି / ଦିନ, ରାତି, ବର୍ଷ, ମାସ

।। ବଂଶୀ ।।

ଆଗ ପଗକୁ ବଂଶୀ କଲେଟି ବେଦବର
ମୋହନ ବଂଶୀ ଶ୍ରଦ୍ଧେ ଧରିଲେ କୃଷ୍ଣବୀର ।
ସପତ ସ୍ୱରରେ ବଂଶୀ ହୋଇଲା ନିର୍ମାଣ
ପ୍ରଥମ ରନ୍ଧ୍ରରେ ସରସ୍ୱତୀ ବାସ ଜାଣ ।
ଦ୍ୱିତୀୟ ରନ୍ଧ୍ରରେ ରତି ତୃତୀୟରେ ଉମା
ଚତୁର୍ଥ ରନ୍ଧ୍ର ମୂଳେ ବସିଲେଟି ରମା ।
ପଞ୍ଚ ରନ୍ଧ୍ରେ ଜଗଦ୍ଧାତ୍ରୀ ଷଷ୍ଠରେ ସାବିତ୍ରୀ
ସପ୍ତମେ କାମଦେବ ରନ୍ଧ୍ର ମୂଳରେ ଅଛନ୍ତି ।
କୋଡ଼ିଏ ଯୁଗେ ନିର୍ମାଣ ହୋଇଲା ଶୁଣିଲ କି
ମୁସ୍ତକିମ କହେ ନୁହ ସଂଶୟ ଏଥିଟି ।

Digitized by srujanika@gmail.com

।। ସଂପ୍ରଦା ଉପାଖ୍ୟାନ ।।

ଶୁଣ ଜନେ ଚାରି ସମ୍ପ୍ରଦାର ପୂର୍ବଜନ୍ମ
ବ୍ରହ୍ମା ହର ଋଷି ମିଳି ଗଲେ ନିତ୍ୟଧାମ ।
ବୋଇଲେ ମହି ସୃଜିଲୁ ପ୍ରଭୁ ଦଣ୍ଡଧାରୀ
ଅଗୁରୁ ହୋଇ ରହିଲୁ ଆମ୍ଭେ ଯେଣୁ କରି ।
ଧର୍ମସ୍ଥାପନ ନ କରି ପଚାରି ଅଇଲୁଁ
ଧର୍ମ ସ୍ଥାପନ କିପରି ହେବଟି ହେ ବୋଲୁଁ ।
ଚତୁର୍ଭୁଜ ହେଲେ ବିଷ୍ଣୁ ତାହାଙ୍କ ଆଗର
ଶଙ୍ଖ ଚକ୍ର ଗଦା ପଦ୍ମ ଧରିଣ ଶ୍ରୀକର ।
ସତ୍ୟ ଧର୍ମ ଦୟା ଜ୍ଞାନ ଚାରିଧାମ ଏହି
ପୂଜନ କରି ଯେ କରେ ଯା ଇଚ୍ଛା ବକଇଁ ।
ଶୁଣି ଲକ୍ଷ୍ମୀ ପଦ୍ମ ପୂଜିଲେଟି ଆରେ ଭାଇ
ଶ୍ରୀ ସମ୍ପ୍ରଦା ନାମ ଗୋଟି ବୋଲାଇଲା ସେହି ।
ଶରୀରେ ଶ୍ରୀସଂପ୍ରଦା ଲଲାଟ ବିନ୍ଦୁ ଟିକା
ପିଣ୍ଡ ବ୍ରହ୍ମାଣ୍ଡାଦି ମତେ ବୁଝୁଥିବେ ଏକା ।
ବଇଷ୍ଣବୀ ଦିକ୍ଷା ଏ ଧର୍ମମନ୍ତ୍ର ଭେଦି
ପୂର୍ବଦ୍ୱାର ବୈକୁଣ୍ଠର ଅଟେ ସାମବେଦୀ ।
ଦୟାଧାମ ଗଦା ତାକୁ ପୂଜିଲେ ସନକ
ନାଶା ଅଧରୁ ତିଳକ ପରେ ବିନ୍ଦୁ ଠିକ ।
ଉତ୍ତର ଦ୍ୱାର ବୈକୁଣ୍ଠ ଯଜୁର୍ବେଦ ଜାଣ
ସନକ ସଂପ୍ରଦା ବୋଲି ହୋଇଲା ତା ନାମ ।
ଧର୍ମ ଧାମ ଶଙ୍ଖ ତାକୁ ପୂଜିଲେ ଈଶ୍ୱର
ନାସାର୍ଦ୍ଧରୁ ତିଳକ ଯେ ପୁଣି ହିଁ ହୃଦର ।
ରୁଦ୍ର ସମ୍ପ୍ରଦା ବୋଲାଇ ବେଦ ଯେ ଅଥର୍ବ
ବୈକୁଣ୍ଠ ଯିବାରଟି ଅଟେ ଦକ୍ଷିଣ ପଥ ।
ସତ୍ୟ ଧାମ ଚକ୍ର ନନା ପୂଜିଲେଟି ବ୍ରହ୍ମା
ହରି ମନ୍ଦିର ଚିତା ଯେ କହିଲୁ ଠିକଣା ।
ପଶ୍ଚିମ ଦ୍ୱାରର ପଥ ଅଟେ ବୈକୁଣ୍ଠର
ଋକବେଦ ଜାଣ ନାମ ବ୍ରହ୍ମ ସମ୍ପ୍ରଦାର ।

Digitized by srujanika@gmail.com

ଚାରି ସମ୍ପ୍ରଦାର ନାମ କହିଲି ବୁଝାଇ
ଏଥି ଯେ ଯେ ଶିଷ୍ୟ ଜଣା ଶୁଣ ମନଦେଇ ।
ଶ୍ରୀସମ୍ପ୍ରଦା ଶିଷ୍ୟ ବଶିଷ୍ଟ ଅଙ୍ଗିରା ମୁନି
ଜାବାଳୀ କଶ୍ୟପ ବାମଦେବ ଭୃଗୁ ଘେନି ।
କଣ୍ବ ସନକ ପୌଲସ୍ତି କବି ହବି ଋଷି
ଋଷ୍ୟଶୃଙ୍ଗ ଅଷ୍ଟବକ୍ର ଯାଜ୍ଞବଲ୍‌କ୍ୟ ମିଶି ।
ଜୟ ମୁନି ଏମାନେ ଶ୍ରୀ ବୈଷ୍ଣବ ବୋଲାନ୍ତି
ସନକ ସଂପ୍ରଦା ଶିଷ୍ୟ ଶୁଣ ହେ ସୁମତି ।
ଦୁର୍ବାଶା କ୍ରୌଞ୍ଚ ଲୋମଶ ଗାର୍ଗବ ଭାଣ୍ଡେକ
ଯଦୁ କୋକିଳ ପୁଙ୍ଗ କଶ୍ୟପ ବିଭାଣ୍ଡକ ।
ଉସନା କାଳିଞ୍ଜନ ଭରଦ୍ୱାଜ ସନକ
ବେଦଗର୍ଭ ଗାଳବ୍ୟ ଆବର ଉଦ୍ଦାଳକ ।
ସନାତନ ମନ୍ଦ କର୍ମ ଜାଣିଲକି ବିଜ୍ଞେ
ହର ସଂପ୍ରଦା ଭାବକୁ ଶୁଣ ହେ ସର୍ବଜ୍ଞେ ।
ବାଲ୍ମିକୀ ଦଧିଚି ବିଶ୍ୱଶ୍ରବା କୃଷ୍ଣଙ୍କର
ମୃକୁଣ୍ଡ ମାରକଣ୍ଡ କହ୍ନଯଜ୍ଞ ମନ୍ଦର ।
ତିଥି ବାର ଋକ୍ଷ ଗ୍ରହ ଇନ୍ଦ୍ର ଚନ୍ଦ୍ର ବହ୍ନି
ପବନ ଯମ ବରୁଣ ନୈରତକୁ ଘେନି ।
ବାସୁକୀ ବସୁଧା ଯେ କରଣ ଆଦି ଜାଣ
ରୁଦ୍ର ସମ୍ପ୍ରଦାର ଶିଷ୍ୟ ଶୁଣ ଏ ପ୍ରମାଣ ।
ବ୍ରହ୍ମ ସମ୍ପ୍ରଦାର ଶିଷ୍ୟ ଚିତ୍ତ ଦେଇ ବୁଝ
ଅସୁରୀ ପଞ୍ଚଶିଖ ନାରଦ ବେଦବ୍ୟାସ ।
ଅଗସ୍ତି ଗୌତମ କ୍ରତୁ ଆଉ ପରାସର
ଲୋମାଞ୍ଚ ଚୈବନ ସ୍ଥୂଳ ଅତ୍ରି ମୁନିବର
ବଇଶଂପାୟନ କୃପାଜଳ ଋଷିଜାଣ
ବ୍ରହ୍ମ ସଂପ୍ରଦାର ଶିଷ୍ୟ ଭାସେ ମୁସ୍ତକିମ ।

।। ଭୂମେ ଚାରି ସଂପ୍ରଦା ଓ ପ୍ରଚାରକ ।।

ଶୁଣ ସୁଜ୍ଞଜନେ ପ୍ରଶ୍ନକୁ ଉତ୍ତର
ସର୍ବେ ମଳେ ମାତ୍ରକ ଭୂଷଣ୍ଡ ପକ୍ଷୀବର ।

Digitized by srujanika@gmail.com

ପ୍ରାଣ ଧରି ରହିଥିଲା
କାଳେ ଧରଣୀ ପୂରନ୍ତେ ଜ୍ଞାନ ସେ କହିଲା ।୧।
ଗୋରେଖ ଯତିଟିକି ବାୟସ ଜ୍ଞାନ ଦେଲେ
ଅଝାଡ଼ ବ୍ରାହ୍ମଣ ତାହାଙ୍କର ଶିଷ୍ୟ ହେଲେ
ତାଙ୍କ ଶିଷ୍ୟ ସଦଗୁରୁ
ତାହାଙ୍କ ଚେଲା ଗୋଦର ବାବାଜୀ ପ୍ରକାଶ ।୨।
ତାଙ୍କ ଶିଷ୍ୟ ବୃନ୍ଦାବନ ତା ଚେଲା ଭାରତୀ
ତାତ ମୁଁ ଶିକ୍ଷା ଆଚାର୍ଯ୍ୟ ଶିଖିଲେ ସବୁନ୍ତି
ଚାରି ସଂପ୍ରଦାର ଭାବ
ସେବି ଖ୍ୟାତ ନ କଲେ ରଖିଲେ ବିଦ୍ୟା ଗର୍ଭ ।୩।
ତେଣୁ ରାମାନନ୍ଦ ଜନ୍ମ ହେଲେ ଭୂମେ ଆସି
ମହାବ୍ରହ୍ମ ରୂପେ ରାମାନନ୍ଦ ଧର୍ମ ସ୍ଥାପି
ଶିଷ୍ୟ ତା' ତୁଳସୀ ଦାସ
ରାମନାମ ଗ୍ରନ୍ଥ କରି କରିଲେ ପ୍ରକାଶ ।୪।
ତାହା ଅଭ୍ୟାସିଲେ ଶ୍ରୀ ମୁଳକ ଦାସ ଭାଇ
ତା ତହୁଁ ଚର୍ପଟୀ ପ୍ରକାଶିଲେ ଶିକ୍ଷା ପାଇ
ଏଯେ ଶ୍ରୀ ସଂପ୍ରଦା ମତ
ମନ୍ତ୍ର ଖଣ୍ଡି ଏହାର ଅଟଇ ସାମବେଦ ।୫।
ଧାମନାମ ସୋମନାଥ ବିଳାସ ଚିତ୍ରକୁଟ
ଧର୍ମଶାଳା ଅଯୋଧ୍ୟା ମଦାଗ୍ନି ନାମେ ତୀର୍ଥ
ପରିକ୍ରମା ପଞ୍ଚବଟି
ଫଲଗୁ ନାମରେ ନଦୀ ଅଟଇ ତୀର୍ଥଟି ।୬।
ଶ୍ରୀରାମ ଉପାସିଣ ବଶିଷ୍ଟ ତପୋନିଷ୍ଠ
ଗୋଦାବରୀ ଆଚମନ ଶ୍ରୀବିନ୍ଦୁ ତିଳକ
ରାମ ଗାୟତ୍ରୀ ଆଖଡ଼ା
ଶ୍ରୀ ଦେବତା ହନୁମାନ ଭକ୍ତି ସାତ୍ୱିକତା ।୭।
ଅଷ୍ଟ ନାୟିକା ସେବକୀ ନାମ ଶୁଣ ଧୀରେ
ଲକ୍ଷଣା ସାମଳା ମୁହଂସି ସୁବିଜ୍ଞା ଆଦରେ
ବଇସିଜ ତେଜରୂପ

Digitized by srujanika@gmail.com

ଇନ୍ଦ୍ରାବଳୀ ଚିତ୍ରରେଖା ଏ ଅଷ୍ଟ ନାୟିକା ।୮।
ମାଧବାନନ୍ଦ ସଂପ୍ରଦା ଶୁଣିବ ହେ ଜନ
ବ୍ରହ୍ମ ସଂପ୍ରଦାର ଧର୍ମଶାଳା ମନେ ଗୁଣ
ନାମ ବଦରିକାଶ୍ରମ
କ୍ଷେତ୍ରବର ନାମ ଗୋଟି ଶ୍ରୀପୁରୁଷୋତ୍ତମ ।୯।
ରାହାସ ଯେ ଯଜ୍ଞବେଦି ବେଦ ଋକବେଦ
ଦେବତା ଜଗନ୍ନାଥ ଗଙ୍ଗାତୀର୍ଥ ନନ୍ଦ
ବନ ଆନନ୍ଦ ବୋଲାଇ
ବୃକ୍ଷ କଳ୍ପବଟ ଅଟେ ଜାଣିଲ କି ଭାଇ ।୧୦।
ବିହାର ବଇକୁଣ୍ଠ ଆସନ ନନ୍ଦିଘୋଷ
ଅଷ୍ଟ ସଖୀ ନାମ ଶୁଣ କରୁଛି ପ୍ରକାଶ
ସୁକାନ୍ତି ଯେ ଶତରୂପା
ସୁଲଗ୍ନା, ସୁଲକ୍ଷଣୀ, ସୁବ୍ରହ୍ମୀ ଯେ ସୁରେଖା ।୧୧।
ସୁରତି, ସୁଦୁର୍ଗା ଏ ଯେ ସେବନ୍ତି ନିରତେ
ନାସାଗ୍ରକୁ ଧରି କରୁଣାର୍ଦ୍ର ଚିତା ରଚେ
ହରେ ରାମକୃଷ୍ଣ ମନ୍ତ୍ର
ନିମାନନ୍ଦ ପନ୍ଥା ଏବେ ଶୁଣ ହେ କୋବିଦ ।୧୨।
ଜୀବ ପରମେ ରଖନ୍ତେ ଚୈତନ୍ୟ ତା ନାମ
ମଥୁରା ଧର୍ମଶାଳା ବିଳାସ ବୃନ୍ଦାବନ
ତୀର୍ଥ ନାମଟି ଗୋମତୀ
ଗୋକୁଳ ଅଟଇ କ୍ଷେତ୍ର ଧାମ ଦ୍ୱାରକାଟି ।୧୩।
ଗୋବର୍ଦ୍ଧନ ପରିକ୍ରମା ବଟ ଯେ କଦମ୍ବ
ଗୋପାଳ ଗାୟତ୍ରୀ ଦେବ ଗରୁଡ଼ ଜାଣିବ
ଗୋପୀ ତିଳକ ଚନ୍ଦନ
ଭକ୍ତି ନାମଟି ନବଧା ସଖୀ ନାମ ଶୁଣ ।୧୪।
ସାମକୁଣ୍ଡ ରାଧାକୁଣ୍ଡ ଅଟନ୍ତି ଏ ସ୍ୱର୍ଗ
ନାରଦ ଆଚାର୍ଯ୍ୟ କମଳା ଆଦି ଗାର୍ଗବ
ଦୁର୍ବାସାଦି ମୁନିଶ୍ରେଷ୍ଠ
ପ୍ରକାଶ କରୁଛି ଶୁଣ ସଖି ନାମ ଅଷ୍ଟ ।୧୫।

Digitized by srujanika@gmail.com

ଚମ୍ପକ, ଲତିକା, ବିଶାଖା, ତୁଙ୍ଗବିଦ୍ୟା
ସୁଦେବୀ, ଇନ୍ଦୁରେଖା, ଲଳିତା, ଚିତ୍ରରେଖା
ରଙ୍ଗଦେବୀ ମିଶି ଅଷ୍ଟା
ଦାମସୁଦାମ ମଧୁମଙ୍ଗଳ ପ୍ରିୟ ସଖା ।୧୬।
କାମମଞ୍ଜରୀ ପ୍ରେମମଞ୍ଜରୀ ତାଙ୍କୁ କହି
ନବ ଅନଙ୍ଗମଞ୍ଜରୀ କୁଶଳରେ ଧାୟୀ
ଭୋଗ ନାମ ନିରମାଲ୍ୟ
ଅଷ୍ଟ ଗ୍ରହରେ ସେବିଣ ଭୁଞ୍ଜନ୍ତି କୈବଲ୍ୟ ।୧୭।
ଶ୍ୟାମାନନ୍ଦ ସମ୍ପ୍ରଦାର ଏବେ ମତ ଶୁଣ
କ୍ଷୀରଶାୟୀ ଧର୍ମଶାଳା ବଇକୁଣ୍ଠ ଧାମ
କ୍ଷେତ୍ର ଗୋଲେକ ଅଟଇ
ଗୋଲାହଟୀ ବୁଝିବଟି ଦ୍ୱାରକାକୁ ଭାଇ ।୧୮।
ଅଥର୍ବ ବେଦ ନାମ ନଦୀଟି ସଙ୍ଗବେଣୀ
ଋଷି ଗଉତମ ନାରଦ ଆଚାର୍ଯ୍ୟ ପୁଣି
ମୂଳମନ୍ତ୍ରଟି ଓଁକାର
ବ୍ରହ୍ମସୂତ୍ର ବଡ଼ଦାଣ୍ଡ ଜାଣ ବିଜ୍ଞନର ।୧୯।
ବଟ ଗୋଟି ବାଣ୍ଠା କଳ୍ପବଟ ବୋଲି କହି
ପଦ୍ମାସନ ଗାୟତ୍ରୀ ଯେ ପଦ୍ମ ଅଟେ ଭାଇ
ସେବା ଆଳଟ ପବନ
ଏବେ ଅଷ୍ଟ ସଖୀନାମ ଶୁଣ ଦେଇ ମନ ।୨୦।
ପଦ୍ମିନୀ, ପଦ୍ମମୁଖୀ, ପାବନୀ, ପଦ୍ମନେତ୍ରୀ
ପିତୁଳା, ପରିମଳା, ପିଙ୍ଗଳା ଜାଣିବଟି
ପଦ୍ମତୋଳା ହୋଇ ଆଠ
ବିଷ୍ଣୁ ସାମପନ୍ଥା ନାମ ଅଟଇ ଯେ ଶ୍ରେଷ୍ଠ ।୨୧।
ରାମାନନ୍ଦ ମାଧବାନନ୍ଦ ଯେ ନିମାନନ୍ଦ
ଶ୍ୟାମାନନ୍ଦ ଚାରିଧର୍ମ ଅଟଇ ପ୍ରସିଦ୍ଧ
କହିଗଲି ଏକାଠିକ
ଚାରିଧର୍ମ ଚାରିମଠ ବଟ ଯେ ତିଳକ ।୨୨।
ମୁସ୍ତକିମ ବାଳୁତ ଅଧମ ହୀନବୁଦ୍ଧି

Digitized by srujanika@gmail.com

ଶ୍ରୀଗୁରୁ ନ ସେବେ ନୁହେ ବିଦ୍ୟାରେଟି ସିଦ୍ଧି
କଲା ଉତ୍ତର ରଚନ
ହେବା ନୋହିବାର ଦୋଷ କ୍ଷମିବ ସୁଜନ ।୨୩।

।। ମୁରାସୁର ପୂର୍ବାଖ୍ୟାନ ।।

ଶିବ ସତ୍ୟଯୁଗ କଥା ଶୁଣ ମନଦେଇ
ଶାକଲ୍ୟ ଦ୍ୱୀପରେ ମନୁନାମେ ନୃପସାଇଁ ।
ଶତେ ଯୋଜନ ତା ପୃଥ୍ୱୀ
ଅଷ୍ଟାଦଶ ମନୁରେ ସେ ପ୍ରଧାନ ନୃପତି ।୧।
ତାର ସୁତ ଚକ୍ଷୁ ମନୁ ତା ସୁତ ଦୃଦଣ୍ଡ
ତାର କୁମରଙ୍କ ନାମ ଚଣ୍ଡ ଯେ ପ୍ରଚଣ୍ଡ
ସେ ଯେ ବେନି ସହୋଦର
ଅନ୍ୟାୟୀ ପାତକୀ ଦୁଷ୍ଟ ଦୁର୍ଗତି ନିଷ୍ଠୁର ।୨।
କାଳେ ତାଙ୍କ ମୃତ୍ୟୁ ହେଉଁ ଯମପୁରେ ଗଲେ
ପାପପୂଣ୍ୟ ପାଞ୍ଜି ଫେଇ ଶମନ ବୁଝିଲେ
ମୃତ୍ୟୁକାଳେ ଗୋରୁଦାନ
ଏତିକି ପୂଣ୍ୟରୁ ସ୍ୱର୍ଗ ଯିବେ ତେରଦିନ ।୩।
ଶମନ କହନ୍ତି ବହୁ ପାପ ପୂଣ୍ୟ ଅଳପ
କହ କି ଭୁଞ୍ଜିବ ଆଗ ଦେବି ଏହା ତଥ୍ୟ
ଶୁଣି କହିଲେ ଭୂପାଳ
ସତ୍ୟକଲେ ମାଗିବି ପୂଣ୍ୟର ଭାବଫଳ ।୪।
ଯମ ସତ୍ୟ କରନ୍ତେ ମାଗିଲେ ଯମପଦ
ତେର ଦିନ ଭୋଗ କରି ଅନ୍ତର ହେବ ତ
ଭାବି ଦେଲେ ଜନ୍ତୁନାହା
ପୂଣ୍ୟ ଭୋ ତେରଦିନ ଭୁଞ୍ଜ କଲି ଦୟା ।୫।
ମହାପାପୀ ତେରଦିନ ଯମପଦ ପାଇ
ଯମକୁ ବାନ୍ଧିବାକୁ ସଇନ୍ୟ ସଙ୍ଗେ ନେଇ
ହେଲା ପୁରରୁ ବାହାର
ଭୟେ ଯମ ପଳାଇଲା ଇନ୍ଦ୍ରଙ୍କ ଛାମୁର ।୬।

Digitized by srujanika@gmail.com

ଇନ୍ଦ୍ର ରଣେ ହାରନ୍ତେ ବ୍ରହ୍ମାରେ ଯାଇ କହି
ବ୍ରହ୍ମା ଶରଣ ନ ରଖୁଁ କୈଳାସରେ ଯାଇ
ତହିଁ ଶରଣ ପଶିଲା
ନାସ୍ତି କରୁ ହର ବରୁଣଙ୍କୁ ଜଣାଇଲା ।୭।
ତହୁଁ ବିଷ୍ଣୁଠାରେ ଯାଇ ପଶିଲା ଶରଣ
ରଖିଲି ବୋଲି ରଖିଲେ ପ୍ରଭୁ ନାରାୟଣ
ଚକ୍ର ତଳରେ ବସାଇ
ଅଛନ୍ତି ଏକାଳେ ନୂଆ ଯମ ହେଲା ଯାଇ ।୮।
ତହିଁ ପ୍ରବେଶିଲା ଭୋଗ ତେର ଦିନ ପୂର୍ଣ
ଜନ୍ମୁପତି ଖଡ଼ି କାଟି ଉଠିଲା ବହନ
ନୂଆ ଯମକୁ କହିଲା
ମୋର ସର୍ବ ଦିଅ ତୋର ଭୋଗ ପୂର୍ଣ ହେଲା ।୯।
ଶୁଣି ଚଣ୍ଡ ପ୍ରଚଣ୍ଡର ଉଡ଼ିଲା ସାହସ
ଆତଙ୍କେ ଡାକିଲେ ରଖ ପ୍ରଭୁ ପୀତବାସ
ବୈକୁଣ୍ଠରୁ ଜନ୍ମୁନାହା
ମୋତେ ବାନ୍ଧି ନେଉଅଛି ରଖ ଚଉବାହା ।୧୦।
ବିଷ୍ଣୁ ବୋଇଲେ ଯମ ତୁ ନ କର କଟାଳ
ଏହା ପାପ ଆଉ ନାହିଁ ମୋ ଦ୍ରଶନ ଫଳ
ଯୋଗୁଁ ହୋଇଲାଟି କ୍ଷୟ
ଶୁଣି ଯମ ଛାଡ଼ିଗଲା ମନେ ପାଇ ଭୟ ।୧୧।
ବୈକୁଣ୍ଠ ଦୁଆରେ ଦ୍ୱାରୀ ହୋଇଣ ରହିଲେ
ଜୟ ଯେ ବିଜୟ ବୋଲି ଶାଢ଼ି ଯେ ପାଇଲେ
କବି ମୁସ୍ତକିମ କହି
ମୁର ଦାରୁଣର ପୂର୍ବ ବଂଶାନୁଟି ଭାଇ ।୧୨।

।। କନ୍ଦର୍ପଙ୍କୁ ଶାପ ଓ ନୃତ୍ୟର ନିୟମ ।।

ଶୁଣ ବିଜ୍ଞେ ଇନ୍ଦ୍ର ସ୍ୱର୍ଗେ ନୃପତି ହୋଇଲେ
ତେତିଶ କୋଟି ଦେବତା ଘେନି ସଭାକଲେ ।

Digitized by srujanika@gmail.com

ନାରଦ ଏ ସଭା ଦେଖି ଇନ୍ଦ୍ରଙ୍କୁ ପ୍ରଶଂସି
ବୋଇଲେ ନୃତ୍ୟ କରାଅ ଜୀବ ହେବ ତୋଷି ।
ଶୁଣି ଇନ୍ଦ୍ର ଆଜ୍ଞାଦ୍ୟନ୍ତେ ଅପସରାଗଣ
ନୃତ୍ୟ ବେଶମାନ ହେଲେ ଅଙ୍ଗେ ଆଭରଣ ।
ଚିତ୍ରସେନ ତାଳ ତାନ ଧଇଲେ ହରଷେଣ
ବିଶ୍ୱାବସୁ ତାଳ ବାଏ ବେଣୁ ସୁରସେନ ।
ଅନଙ୍ଗ ପନଙ୍ଗ ଯେ ମର୍ଦ୍ଦଳ ଧରି ବାଇ
ତୁମ୍ବୁର ବାଇଲେ ତୋଷେ ମନାନନ୍ଦ ହୋଇ ।
ଜୟସେନ ବୀଣା ମେଘନାଦ ଅଳାବଂଶୀ
ଆଳାପ କଲେ ନାରୀଏ ଦେଖି ସର୍ବେ ତୋଷୀ ।
ବୟାଳିଶ ତାଳ କରେ ଦ୍ୟନ୍ତି ରାଗମାଳ
ଆଉ ଗନ୍ଧର୍ବ ଗଣ ଧରିଲେ ପରତାଳ ।
ଛ ଅଶ ସୁତା ଶୋଇ ପ୍ରକାରେ କରି ତାନ
ବୟାଳିଶ ଚାଳନରେ ଟେକି ରାଗମାନ ।
ତେପନ ଆଖି ଛଟା ବାସ୍ତରି ଆଡ୍‌ଭଙ୍ଗୀ
ଚଉରାଶି ଚାହାଣି ତେୟାଶି ପ୍ରେମଲାଗି ।
ଚଉବନ ଆଳାପରେ ଖଞ୍ଜ ପଞ୍ଚଧାତୁ
ଏକାଅଶି ରସନାରେ ବୟାଶୋଇ ମାତୁ ।
ତିନିଶ କାଛେଣିରେ ବତିଶ ଗତି ନାଟ
ବାଷଠି ସୁସ୍ୱରେ ଛଅତ୍ରିଶ ପରିପାଟ ।

।। ପଦ୍ମରୁ ବ୍ରହ୍ମା ଜନ୍ମ ଓ ଚତୁର୍ମୁଖ ।।

ଶୁଣ ଶୁଣ ସୁଜ୍ଞଜନେ ମନକରି ସ୍ଥିର
ସଂକ୍ଷେପ ଭାବରେ କହୁ ଅଛଇ ଉତ୍ତର ।
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଯେ ସୁତଳ ବିତଳ
ଭୂତଳ ତଳାତଳ ରସାତଳ ତଳ ।
ତା' ତଳେ ବୈକୁଣ୍ଠ ବିଷ୍ଣୁ ଅନନ୍ତ ଶୟନ
ତା' ତଳେ ବାସୁକୀ ତଥିତଳେ କୂର୍ମ ଜାଣ ।
ତା' ତଳେ ମଣ୍ଡୁକୀ ତଥି ତଳରେ ଅନିଳ

Digitized by srujanika@gmail.com

ତଥି ତଳେ ଧୂର୍ମ ତଳେ ନିର୍ଧୂମ ପାତାଳ ।
ତାହା ତଳେ ଶୂନ୍ୟ ଅଟେ ତା' ତଳେ ଶବଦ
ତା' ତଳେ ଧୂତି ତା ତଳେ ଜ୍ୟୋତି ହୃଦେ ଭେଦ ।
ତା' ତଳେ ଅଗ୍ନି ତା ତଳେ ଅଗମ୍ୟ ନିରାକାର
ଶସ୍ତ୍ରେ ମୁଖ ନାଶା କର୍ଣ୍ଣ ପାଦ ନେତ୍ର କର ।
ଜବ ଅଙ୍ଗୁଳି ପ୍ରମାଣେ ପୁରୁଷେକ ସେହି
ଇଚ୍ଛାକଲା ମାତ୍ରକେ ବିରାଟ ରୂପ ହୋଇ
ସେ ପ୍ରଭୁଙ୍କ ନାଭିରୁ ପଦ୍ମେକ ଜାତ ହେଲା
ଦଶ ପାଖୁଡ଼ା ସହସ୍ର ଦଳ ଜାଣ ଭଲା ।
ବିଷ୍ଣୁ ମନକୁ କହିଲେ ପଦ୍ମେ ବିଜେ କର
ରଜଗୁଣ ଧରି ସୃଷ୍ଟି ସୃଜନାଟି କର ।
ମନ ବ୍ରହ୍ମ ହୋଇ ଆତ୍ମା ପଦ୍ମେ ଜନ୍ମ ହେଲା
ପଦ୍ମରେ ଜନ୍ମନ୍ତେ ପଦ୍ମଯୋନି ବୋଲାଇଲା
ନାଡ଼ଗୁଡ଼ାକୁ ଦେଖି ସେ ମନେ ଭୟ କଲା
ଚାରିଦିଗେ ଅନାନ୍ତେ ଯେ ଚାରିମୁଖ ହେଲା ।
ନାମ ଧାତା ପ୍ରଜାପତି ବ୍ରହ୍ମା ଯେ ବିରଞ୍ଚି
ମୁଖମାନଙ୍କର ନାମ ମୁସ୍ତକି ବିରଚି ॥

॥ କଚ୍ଛବଟ ଜନ୍ମ ॥

ଆହେ ଜଣା ନୁହ ବଣା ଉତ୍ତରକୁ ଶୁଣ
ବିଷ୍ଣୁ ନାଭୀକମଳୁ ଦଳରେ ବ୍ରହ୍ମା ଜନ୍ମ ।
କିଛି ନ ଦେଖି ବିଧାତା ବିସ୍ମୟ ହୋଇଲା
ପଦ୍ମନାଡ଼ ରନ୍ଧ୍ରପଥେ ତଳକୁ ଖସିଲା ।
ଜାଣି ନିରାକାର ଆଦି ପୁଂସେ ନିର୍ଭା କଲେ
ବ୍ରହ୍ମା ଆସୁଅଛି ତାକୁ ରଖ ଯା ବୋଇଲେ ।
ଆଦିପୁଂସ ବ୍ରହ୍ମାଙ୍କୁ କହିଲା ଆସୁ ପଥେ
ପୃଥ୍ୱୀ ନ ସର୍ଜି କିମ୍ପା ଆସୁଅଛ ଅକସ୍ମାତେ ।
ବ୍ରହ୍ମା କହେ ଜଳମୟ ସ୍ଥଳ ନ ମିଳଇ
ବିଷ୍ଣୁରେ ଦର୍ଶନ କଲେ ସୃଜି ହେବ ମହି ।

Digitized by srujanika@gmail.com

ଆଦି ପୁରୁଷ କହଇ ମନ ସ୍ଥିରେ ଘୁଞ୍ଚ
ଦେଖିବୁ ନିରାକାର ସର୍ଜିବୁ ତୁହି ମଞ୍ଚ ।
ଶୁଣି ବ୍ରହ୍ମା ଫେରିଗଲେ ଏକାଳେ ଅନନ୍ତ
ଅକସ୍ମାତେ ଜଟାରୁ ବୃକ୍ଷେକ କଲେ ଜାତ ।
ତା' ନାମ କଳପବଟ ତଥି ପୁଟେ ହରି
ଆପେ ସ୍ତିରୀ ପୁଣ ଯେ ପୁରୁଷ ରୂପ ଧରି ।
ଅଙ୍ଗୁ ମଳି କାଢ଼ିଣ ପୁରୁଷେ ଜାତ କଲେ
ମଧୁକଇଟଭ ନାମ ଦେଲେଟି ସୟଲେ ।
ପ୍ରଳୟ ଜଳ ତା ଆଣ୍ଠୁପାଣି ହେଲା ଭାଇ
ଦେଖିଲା ବଟ ପୁଟେ ଅନନ୍ତ ଛନ୍ତି ଶୋଇ ।
ପୁରୁଷ ହୋଇ ଶୋଇଛି ଜୀବ ବିଷ୍ଣୁଙ୍କର
ପରମ ରମଣୀ ରୂପ ଅତି ମନୋହର ।
ମଧୁକଇଟଭ ସେ ନାରୀକୁ ରମିବାକୁ
ଧରିବି ବୋଲି ଧାଇଁଲା ସେ ବଟ ପୁଟକୁ ।
ସେ ନାରୀ କହିଲା ତୁ ଏ ପୁରୁଷେ ମାଇଲେ
ତେବେ ମୋତେ ରମିବୁଟି ଜାଣିଥାଅ ଭଲେ ।
ଶୁଣି ଦୈତ୍ର ବିଷ୍ଣୁ ସଙ୍ଗେ ପ୍ରକାଶିଲା ରଣ
ନିଷ୍ଠିନ୍ତେ ଶୋଇ ବିଷ୍ଣୁ ବଢ଼ାଇ କର ଜାଣ
ରଣ କରୁଁ ନିଦ ନ ଭାଙ୍ଗିବା ଦେଖି ବୀର
ବିଷ୍ଣୁ ବୋଲି ଜାଣିଣ ମାଗିଲା ଏହି ବର ।
ତୋ ଚରଣ ତଳେ ସଦା ଜୀବିତରେ ଥିବି
ଶୁଣି ବିଷ୍ଣୁ ତାହାକୁଟି ସ୍ଥାପିଲେ ପୃଥିବୀ ।
ପଞ୍ଚଶତ କୋଟି କାୟା କଲେଟି ତାକୁ ଇନ
ଚକ୍ରେ ଶିର ଛେଦିଲେଟି କହେ ମୁସ୍ତକିମ ।
ଜଳ ଉପରେ ରହିଲା ନାରୀ ରୂପ ହୋଇ
ବସୁମାତା ନାମ ଦେଲେ ସର୍ବବୀଜ ଥୋଇ ।

Digitized by srujanika@gmail.com

॥ ଭୂମିକମ୍ପ ॥

ଶୁଣ ଭାଇ ଭୂମିକମ୍ପ ବିଧାନ କହଇ
ଆଦି ସତ୍ୟଯୁଗ କଥା ଯାଅ ତୁ ଚିରୋଇ ।
ମୁର ଦାରୁଣ ଉର୍ବସୀ ଉଦରୁ ଜନ୍ମିଲେ
ଇନ୍ଦ୍ର ସଙ୍ଗେ ସ୍ୱର୍ଗେ ପଶା ଖେଳରେ ହାରିଲେ ।
କପିଳାସ ଉପରେ ହର ଉଦ୍ୟାନେ ଯାଇ
ତପ କରନ୍ତେ ସନ୍ତୋଷ ହେଲେ ଉମା ସାଇଁ ।
ବର ମାଗିଲେ ତ୍ରିପୁରେ କେହି ନ ଜିଣିବେ ।
ଛପନ କୋଟି ଜୀବ ଆମ୍ଭଙ୍କୁ ସେବୁଥିବେ ।
ଅମ୍ଭେ ନ ମରିବୁ ଶୁଣି ହର ଅସ୍ତୁ କଲେ
ଶୁଣି ପୃଥ୍ୱୀ ଦେବୀ ଭୟେ ତଳକୁ ଖସିଲେ ।
ବିଶାସଏ ଅଙ୍ଗୁଳି ତଳକୁ ପଶିଯାନ୍ତେ
ସର୍ବ ଦେବେ ସ୍ତୁତି କଲେ ଧରଣୀ ଅଗ୍ରତେ ।
ଦେବଙ୍କର ସ୍ତୁତିରେ ପ୍ରବୋଧ ହେଲେ ମହି
ବିଶା ଶହେ ଅଙ୍ଗୁଳ ଟେକିଲେ ଊର୍ଦ୍ଧ୍ୱକୁ ହିଁ ।
ଖସିବା ଟେକିବାରୁ ଧରଣୀ ଟଳମଳ
ତେଣୁ ଭୂମିକମ୍ପ ହେଲା ବୁଝି କି ପାରିଲ ।
ଈଶ୍ୱର ଦୟାକରି ବିଜୟା ରଥ ଦେଲେ
କଳପନା କଲେ ରଥ ମୁରକୁ ଯାଇ ମିଳେ ।
ସେ ରଥେ ମୁରଦାରୁ ବସିଲେ ପ୍ରଥମରେ
କର୍ଣାଟ ଦେଶ ଜିଣିଲେ ଓ ତହିଁ ରାଜା ହେଲେ ।
ସେ ଦିନରୁ ଭୂମିକମ୍ପ ଜାତ ହେଲା ଭାଇ
ସେହି ଦିନ ପ୍ରବେଶିଲେ ସେ ଭାବ ଚିରୋଇ ।
କମ୍ପମାନ ହୁଏ ବସୁନ୍ଧରା ଏ ପ୍ରମାଣ
ଅଲ୍ପ ଭୂମିକମ୍ପ କଥା ଏକ ମନେ ଶୁଣ ।
ଯଦି ମଝେ ଅତି ଦୁଷ୍ଟ ଜାତ ହେଲା ଭାଇ
ତାର ପାପ ଭାରେ ମହି କମ୍ପିତ ହୁଅଇ ।
କହେ କବି ମୁସ୍ତକିମ ବାଲୁତ ଅଜ୍ଞାନ
ମିଥ୍ୟା ନୁହେଁ ଦେଖ ଫେଇ ନୃସିଂହ ପୁରାଣ ।

Digitized by srujanika@gmail.com

।। ମୁରର ମନ୍ତ୍ରୀ ସୁଭିଞ୍ଜ ଉପାଖ୍ୟାନ ।।

ଶୁଣ ଉତ୍ତର ଚିତ୍ତ ହୋଇ ସ୍ଥିର ହେ । ପଦ ।
ମୁରାସୁର ହରଠାରୁ ବରପ୍ରାପ୍ତ ହୋଇ
କୈଳାସୁ ଉତ୍ତର ମୁଖେ ବିଜେ ଦୈତ୍ୟସାଇଁ ।୧।
ସିମୁଳି ନାମ ବନରେ ବିଜେ ବେନିଭାଇ
ସୁଭିଞ୍ଜ ନାମରେ ମନ୍ତ୍ରୀ ଭେଟିଲେ ସେଠାଇ ।୨।
ତାକୁ ଧରି ଆଣିଲେଟି ମୁର ଦାରୁଣହି
ପଚାରିଲେ ନାମଗୋତ୍ର କହ ବେଗ ହୋଇ ।୩।
ସୁଭିଞ୍ଜ କହେ କଶ୍ୟପ ଜନକ ଅଟଇ
ଅଦିତି ଜନନୀ ମନ୍ତ୍ରୀ ସୁଭିଞ୍ଜ ବୋଲଇ ।୪।
କିମ୍ପା ଧରି ଆଣୁ ବୀର ଦୋଷୀ ମୁଁ ନୁହଇ
ମୁର କହେ ରାଜକ୍ଷତ୍ରୀ ଆମ୍ଭେ ବେନି ଭାଇ ।୫।
ଆମ୍ଭ ତୁଲେ ରହ ଦିଗ କରୁଛୁ ବିଜୟୀ
କାଳେ ମନ୍ତ୍ରୀ ହେବୁ ଶୁଣି ତୋଷ ହେଲା ରାଇ ।୬।
ସେଦିନୁ ସୁଭିଞ୍ଜ ମନ୍ତ୍ରୀ ରହିଥିଲା ଭାଇ
କବି ମୁସ୍ତକିମ ବାଳ ଅଧମ କହଇ ।୭।

।। ଚଉଦ ମନୁ ନାମ ।।

ସ୍ୱୟଂଭୂବ ମନୁ ଉତ୍ତର ତାମସ ମନୁ
ରୈବତ ମନୁ ଚାକ୍ଷୁସ ବୈବସ୍ୱତ ମନୁ ।
ସାବର୍ଣ୍ଣିକ ମନୁ ଦକ୍ଷମନୁ ବ୍ରହ୍ମାମନୁ
ଦେବମନୁ ରୁଦ୍ର ମନୁ ଆଉ ଦୂର୍ଯ୍ୟମନୁ ।
ଧର୍ମମନୁ ସାବର୍ଣ୍ଣିକ ମନୁ ଏ ଭେଦ
ମୁସ୍ତକିମ କହେ ଏ ଉତ୍ତର ଚିତ୍ତେ ହେଜ ।

।। ସପ୍ତ କଳ୍ପ ।।

ବ୍ରହ୍ମ କଳ୍ପ ପଦ୍ମ କଳ୍ପ ଶ୍ୱେତ ବାରାହ କଳ୍ପ
ଅନନ୍ତ କଳ୍ପ ପ୍ରଳୟ କଳ୍ପ ଯକ୍ଷ କଳ୍ପ ।।

Digitized by srujanika@gmail.com

।। ମୁର ସ୍ୱର୍ଗ ଆକ୍ରମଣ କରିବାର ଜାଣି ଦେବେ ଲୁଚିଲେ ।।

ଶୁଣ ସୁପଣ୍ଡିତେ ଚିତ୍ତେ ମନକୁ ମିଶାଇ
ମୁର ଭୟେ ବ୍ରହ୍ମାପାଶେ ଦେବେ ହେଲେ ଯାଇ
ବ୍ରହ୍ମା ବୋଇଲେ ତାହାଙ୍କୁ
ରଣେ ନ ପାରିବ ଜିଣି ମୁର ଦଇତ୍ୟକୁ ।୧।
ଶୁଣି ଦେବେ ଲୁଚି ପଳାଇଲେ ବିତ୍ତ ଘେନି
ଯେବଣ କାଳେ ଅନାଦି ସୃଜିଲେ ମେଦିନୀ
ମେରୁଦଣ୍ଡ କରେ ବ୍ରହ୍ମା
ଧରିଥିଲେ କହୁଅଛି ବୁଝିଣ ଜାଣିମା ।୨।
ବିଷ୍ଣୁ ଆଜ୍ଞା ଦେବାରୁ ମେରୁ ଦଣ୍ଡ ରଖିଲେ
ଅକର୍ମ ଶିଳା ବୋଲି ଲାଗିଲା ଜାଣ ଭଲେ
ବ୍ରହ୍ମା ଧରିଥିବା ଗଣ୍ଡି
ଦିବସ ରଜନୀରେ ସେ ଗୋପ୍ୟ ଅଟଇଟି ।୩।
ସେ ସ୍ଥାନରେ ପବନର ଗତାଗତ ନାହିଁ
ଚନ୍ଦ୍ର ସୂର୍ଯ୍ୟ ଅନଳ ଆସିବେ ଅବା କାହିଁ
ମେରୁ ଦଣ୍ଡର ପଶ୍ଚିମ
ଲୋକାଲୋକ ଅସ୍ତଗିରି ମଧ ଗୋଟି ଜାଣ ।୪।
ତହିଁ ଲୁଚିଲେ ବାସବ ଆଦି ଦେବଗଣ
କବି ମୁସ୍ତକିମ କହେ ବାଲୁତ ଅଜ୍ଞାନ
ସୁଜ୍ଞଜନେ ଥିଲେ ଦୋଷ
କ୍ଷମା କରିବଟି ରଚି ପାନକର ରସ ।୫।

।। ଖନନ୍ତକାର ଜନ୍ମ ।।

ଶୁଣ ଜନେ ବ୍ରହ୍ମା ଯେଉଁକାଳେ ପୃଥ୍ୱୀ କଲେ
ଚକ୍ଷୁରୁ ବିଶ୍ୱକର୍ମାକୁ ଜନମ କରିଲେ ।
ପୁଣି ହୃଦଗତେ ପାଞ୍ଚି ଦକ୍ଷିଣ ଭୁଜରୁ
ପୁରୁଷେ ଜାତ କଲେ ଯେ ଅତି ଅନ୍ତଗୁରୁ ।
ଖଲ୍ୟକାର ନାମ ତାର ଦେଲେ ବେଦବର

Digitized by srujanika@gmail.com

ବେନି ଜନକୁ ସକଳ ବିଦ୍ୟା ଶିକ୍ଷାଦେଲେ ।
ଶେଷ ହେଉ ବିଦ୍ୟା ତାଙ୍କ ପରୀକ୍ଷା ଯେ କଲେ
ସର୍ବ ବିଦ୍ୟାରେ ନିପୂଣ ବିଶ୍ୱକର୍ମା ହେଲା
ଚଉର୍ଯ୍ୟ ବିଦ୍ୟାରେ ଖଲ୍ୟକାର ବିଜ୍ଞ ହେଲା
ବୈକୁଣ୍ଠ ନିର୍ମାଣ କାଳେ କଲେ ବିଶ୍ୱକର୍ମା
ଗୋବିନ୍ଦ ବୋଇଲେ ଖଲ୍ୟକାର ଦେବ ଆଣି
ବିଶ୍ୱକର୍ମା କହିଲା ଆଣିବ କାହୁଁ ପୁଣି ।
ହରି ବୋଇଲେ ଯେବଣଠାରେ ଯାହା ମିଳି
ହରି ଆଣିବ ସେ ଖଲ୍ୟକାର ମହାବଳୀ ।
(ଏହି ଖଲ୍ୟକାର ମୁରାର ବନ୍ଦିଶାଳାରୁ ଇନ୍ଦ୍ରକୁ ପତ୍ନୀଙ୍କ ସହ ଚୋରାଇ
ଆଣିଲା ଯମ ପବନ ନୈଋତ ଅଗ୍ନି ଏଙ୍କୁ ସଙ୍ଗେ ନେଇ ।)

।। ସୂର୍ଯ୍ୟ ଐଶାନ୍ୟେ ଉଦୟ କାହିଁକି ? ।।

ଦିନେ ମୁର ନିଶାକାଳେ ମେରୁ ନିକଟରେ
ଭ୍ରମୁ ଭ୍ରମୁ ପ୍ରବେଶ ହୋଇଲା ମେରୁଠାରେ ।
ଦେବେ ମେରୁପରେ ବସି କରନ୍ତି ବିଚାର
କେବେ ନାଶ ଯିବ ମୁର ପାପୀ ଦୂରାଚାର ।
ଶୁଣି କୋପେ ମୁର ମେରୁଗିରି ଉପାଡ଼ିଲା
ଶିରେ ବୋହି ସମୁଦ୍ରେ ପିଙ୍ଗିବା ବିଚାରିଲା ।
ଏକାଳେ ଶୁକ୍ରଗୁରୁ ପ୍ରବୋଧ କଲେ ତାକୁ
ମଥାରୁ ଓହ୍ଲାଇ ମୁର ରଖିଲା ମେରୁକୁ ।
ଐଶାନ୍ୟ ମେରୁ କରି ରଖିଲା ତଳେ ଯେଣୁ
ଐଶାନ୍ୟ ମୋଡ଼ ହୋଇ ରହିଲା ମେରୁ ତେଣୁ ।
ସେଦିନୁ ଐଶାନ୍ୟେ ଉଦେ ହୋଇଲେ ଭାସ୍କର
ଏକା ଏ ପ୍ରତିଜ୍ଞା ରୁହାଇଲା ମୁରାସୁର ।
କବି ମୁସ୍ତକିମ କହେ ସଂକ୍ଷେପେ କହିଲି
ବୁଝିବ ଯେ ବିଜ୍ଞ ଗଣେ ହୃଦପଦ୍ମେ ଭାଳି ।

Digitized by srujanika@gmail.com

।। ଭଗବତୀ ଜନ୍ମ ।।

ଶୁଣ ଉତ୍ତରକୁ ନନା ମନକର୍ଣ୍ଣ ଦେଇ
ଏକଲକ୍ଷ ବର୍ଷ ସ୍ୱର୍ଗୁ ଅମରେ ପଳାଇ
ଲୁଚିଥିଲେ ମୁର ଡରେ
ଦିନେ ସର୍ବେ ମିଳି ଗଲେ ବ୍ରହ୍ମାଙ୍କ ନବରେ ।୧।
ଧରଣୀ ସହିତେ ସର୍ବେ ବ୍ରହ୍ମା ଆଗେ କାନ୍ଦୁ
ଲୋଚନ କମଳରୁ ଯେ ବହି ବଡ଼େ ବିନ୍ଦୁ
ହେଉଁ ସମସ୍ତଙ୍କ କ୍ରୋଧ
ସବୁର କ୍ରୋଧୁ ଅନଳ ହୋଇଲା ବର୍ଷିତ ।୨।
ବ୍ରହ୍ମାଏ ବୋଇଲେ ସର୍ବେ ସ୍ଥିର ହୋଇ ରହ
ଅନଳକୁ ସ୍ତୁତି କରି ଆଗରେ ଜଣାଅ
ଏକ କନ୍ୟା ସେ ଦିଅନ୍ତୁ
ତାହାର ଉଦରେ ମର୍ତ୍ତ୍ୟେ ଜନମିବେ ବିଷ୍ଣୁ ।୩।
ଏତେ କହି ଅଗ୍ନିକି ଆହୂତି ଧାତା ଦେଲେ
ମୁର ପାବକ ମନ୍ତ୍ରେଣ ଋଷି ଛନ୍ଦ କଲେ
ଚାରିମୁଖେ ଗାଇ ବେଦ
ପ୍ରାଣାୟାମ ଦୋହୋରା ହୋଇଲେ ହୋଇ ସୁସ୍ଥ ।୪।
ପରମେଷ୍ଠୀ ତେଜେ ଲତା ବିଷ୍ଣୁ ତେଜେ ଦେହ
ହର ତେଜେ ଦନ୍ତ ସୂର୍ଯ୍ୟ ତେଜେ କର୍ଣ୍ଣଗୁହ
ଚନ୍ଦ୍ର ତେଜେ ଶୁକ୍ଳ ଜ୍ୟୋତି
ବାୟୁ ତେଜେ ନାଶା ଅଗ୍ନି ତେଜେ ଭୁଜ ଖ୍ୟାତି ।୫।
ଯମ ତେଜୁ କଣ୍ଠ, ଇନ୍ଦ୍ର ତେଜରୁଟି ଶିର
ବସୁନ୍ଧ୍ରା ତେଜୁ ଲୋମ କୁବେରରୁ ଚର୍ମସାର
ବରୁଣରୁଟି ଉଦର
ନୈଋତ ତେଜୁ କଟି କନ୍ଦର୍ପୁ ଭଗଦ୍ୱାର ।୬।
ଦେବସ୍ତିରୀଙ୍କ ତେଜୁ ଯୁଗଳ କୁଚ ହେଲା
ବିଶ୍ୱାବସୁ, ଗୁହ୍ୟ ନାଭୀ ଗନ୍ଧର୍ବୁ ପାଇଲା
ବାସୁକୀ ତେଜୁ ଅଙ୍ଗୁଳି
ଅଶ୍ୱିନୀ କୁମାର ତେଜୁ ଯାନୁ ଶୋଭାବନ ।୭।

Digitized by srujanika@gmail.com

ବିଦ୍ୟାଧର ତେଜୁ କାନ୍ତି ହେମନ୍ତରୁ ପୃଷ୍ଠଭବ
ମେଘ ତେଜୁ ନେତ୍ର ପ୍ରଭାକରୁ ବୁଦ୍ଧି ହେଜ
ଗ୍ରୀବା ଗାୟତ୍ରୀ ତେଜରୁ
ନବଗ୍ରହ ତେଜୁ ନବଦ୍ୱାର ହେଲା ଚାରୁ ।୮।
ବାର ତୀର୍ଥ କରଣ ନକ୍ଷତ୍ର ଯୋଗ ତେଜ
ଘେନିଣ ହୋଇଲା ବାମା ତଳିପାଟି ଭଜ
ଦେବ ତେତିଶ କୋଟିର
ତେଜ ପାଇ ମନ ଯେ ପ୍ରକୃତି ସୁବିଚାର ।୯।
ଏପରି ଅଗ୍ନିରୁ ଜନ୍ମ ଅଗ୍ନି ଶାନ୍ତି ହେଲେ
ବେଦବର ଧରି ଭଗବତୀ ନାମ ଦେଲେ
ତାକୁ ଲୁଚାଇବା ପାଇଁ
ନାରଦ ଗୋଲକ ନଗେ ନେଲେ ଜାଣ ଭାଇ ।୧୦।
ଭଗବନ୍ତ ରାଜା କୋଲେ ଦେଇ ସର୍ବ କହି
ବିଭା ଦେବୁ କୃଷ୍ଣବଲ୍ଲଭ ବିପ୍ରକୁ ତୁହିଁ
ଏହା ଗର୍ଭେ ନରହରି
ନୃସିଂହ ନାମେ ଜନମି ମୁରେ ଯିବେ ମାରି ।୧୧।
ଶୁଣି ହଉ ବୋଲି ପାଳିଲାଟି ଭାଇ ଜାଣ
କହେ କବି ମୁସ୍ତକିମ ବାଲୁତ ଅଧମ
ଜନେ ମୁଁଟି ବୁଦ୍ଧିହୀନ
ଉତ୍ତର ପାଇବ ଲୋଡ଼ ନୃସିଂହ ପୁରାଣ ।୧୩।

।। ଭଗବତୀ ଗର୍ଭରୁ ବିଷ୍ଣୁ ଚାରି ଅବତାର ।।

ଭାଇ ଶୁଣ ଉତ୍ତର ଚିତ୍ତ ସ୍ଥିର ରେ
ବିଷ୍ଣୁ ମର୍ତ୍ତ୍ୟେ ହେଲେ ଯେଉଁପରି ଚାରି ଅବତାର ।ପଦ।
ପ୍ରଥମରେ ସତ୍ୟଯୁଗେ ଜନ୍ମିଲେ ବଦ୍ରିକା ଦେଶେ
ପିତା କୃଷ୍ଣବଲ୍ଲଭ ଭଗବତୀଙ୍କ ଉଦର ।୧।
ଦ୍ୱିତୀୟରେ ଶ୍ରୀବାମନ, ଅଦିତୀ ମାତାଙ୍କ ନାମ
ଗୃହ ନୈମିଷା ଅରଣ୍ୟ ।୨।
ତୃତୀୟେ ତ୍ରେତା ଯୁଗର, କୌଶଲ୍ୟା ଦେବୀ ଗର୍ଭର

Digitized by srujanika@gmail.com

ପିତା ଦଶରଥ ଭୂପ ଅଯୋଧ୍ୟା ନାମେ ନଗ୍ର ।୩।
ଦ୍ୱାପରେ ଦେବକୀ ମାତ, ବସୁଦେବ ନାମ ତାତ
ମଧୁପୁର ନଗରରେ ମୁସ୍ତକି ଭାଷେ ଉତ୍ତର ।୪।

।। ନିନ୍ଦା ଓ ପାପ ।।

ଶୁଣ ଜନେ ଯେ ନିନ୍ଦାରୁ ଯେଉଁ ପାପ ହୋଇ
ତୁମ୍ଭ ସନ୍ନିଧିରେ କିଛି ଦେଉଅଛି କହି ।
ବିଷ୍ଣୁ ପୁରାଣ ନିନ୍ଦିଲେ ନର୍କେ ବାସ କରେ
ଗୁରୁକୁ ନିନ୍ଦିଲେ ପଡ଼େ ସେ କୁମ୍ଭୀପାକରେ ।
ପରୋପକାରୀ ନିନ୍ଦିଲେ ବିଷ୍ଠା ପୋକ ହୋନ୍ତି
ମାତାପିତା ନିନ୍ଦିଲେ ନର୍କରେ ହୋନ୍ତି ମାଛି ।
ସୁଜନ ନିନ୍ଦିଲେ ନୀଚ ଯୋନିରେ ଜନ୍ମଇ
ପତିବ୍ରତାକୁ ନିନ୍ଦିଲେ ନପୁସଂକ ହୋଇ ।
ବିଦ୍ୟାଦାତା ଗୁରୁ ନିନ୍ଦୁ ଶ୍ୱାନ ଜନ୍ମ ହୋଏ
ମିତ୍ର ନିନ୍ଦାକଲେ କୁଷ୍ଠରୋଗ ଜନ୍ମେ ଦେହେ ।
ପୃଥ୍ୱୀକୁ ନିନ୍ଦିଲେ କୃଷି ହାନି ହୋଏ ଭାଇ
ଧର୍ମ ନିନ୍ଦା କଲା ଲୋକ ଦରିଦ୍ର ହୁଅଇ ।
ଅନଳ ନିନ୍ଦିଲେ ହୁଏ ମନ୍ଦାଗ୍ନି ଯେ ରୋଗ
ପୁରାଣ ନିନ୍ଦୁକ ପ୍ରାଣୀ ଅଙ୍ଗେ ଜନ୍ମେ ପୋକ ।
ମୁସ୍ତକିମ କହେ ହେ ସୁବୁଦ୍ଧି ସାଧୁ ଧିରେ
ଏପରି ଅନେକ ଦଣ୍ଡ ନିନ୍ଦୁକ ଉପରେ ।

।। ପାଞ୍ଚମନ ଓ ପ୍ରକୃତି ନାମ ଓ ସ୍ଥାନ ।।

ଶୁଣ ଜ୍ଞାନୀ ଚିତ୍ତ ଅଧିରେ ଏଥର
କହୁଅଛି ସଂକ୍ଷେପି ଏବେ ଉତ୍ତର ।ପଦ।
ପୃଥ୍ୱୀ ଅପ ତେଜ ବାତ ଆକାଶ ପାଞ୍ଚ
ଗୁହ୍ୟ ଲିଙ୍ଗ ନେତ୍ର ନାସା କର୍ଣ୍ଣ ଏ ପଞ୍ଚ
ଏଥି ସଙ୍ଗେ ପ୍ରକୃତି
ପାଞ୍ଚ ପାଞ୍ଚ ବସନ୍ତି

Digitized by srujanika@gmail.com

କୁମନ ଯେ ସୁମନ, ଦୁର୍ମନ ମନଛନ୍ତି
ବିମନ ଅମନାମନ ଏ ସଙ୍ଗର ।୧।
ଚର୍ମ, ଲୋମ, ଅସ୍ଥି, ନାଡ଼ି, ମାଂସ ଜନ୍ମିଲେ
ଗୁହ୍ୟଦ୍ୱାର ଆବୋରିଣ ଏହି ରହିଲେ
ଶୋଷିଣ ମଳମୂତ୍ର, ସ୍ୱେଦ ଲାଳ ଏ ପାଞ୍ଚ
ଲିଙ୍ଗଦ୍ୱାରେ ରହିଲେ ଆବୋରିଣ ସୁସଞ୍ଚ
ଏବେ ଶୁଣ ଆନ ପ୍ରକୃତି ବେଭାର ।୨।
ଆଳସ୍ୟ ନିଦ୍ରା ରାଗ କ୍ଷୁଧା ତୃଷା ଜାଣ
ଏମାନଂକର ବାସ ଅଟଇ ନୟନ
ପ୍ରାଣ ଉପାନ ବ୍ୟାନ ଦାନ ଆତ୍ମା ସମାନ
ନାଶାଦ୍ୱାରେ ରହିଲେ ବସା କରିଣ ଜାଣ
ହେଲା କୋଡ଼ିଏ ହେଜିଥିବ ମନର ।୩।
କାମନା ଭୟ ଲଜ୍ୟା ଲୋଭ ମୋହ ହୋଇ
କର୍ଣ୍ଣଦ୍ୱାର ଆବୋରି ମସ୍ତକେ ରହଇ
କବି ମୁସ୍ତକିମ ଭାଷ ଏ ପ୍ରକୃତି ପଚିଶ
ପଞ୍ଚଭୂତରୁ ଜାତ ହୋଇଲେ ପ୍ରକାଶ
ଦୋଷ ଥିଲେ ଖଣ୍ଡିବ ସୁଜ୍ଞାନୀ ନର ।୪।

॥ ଷଡ଼ଚକ୍ର ଓ ଅକ୍ଷର ଭେଦ ॥

ଶୁଣ ହେ ପଣ୍ଡିତ ଗଣ ଏକ ଚିତ୍ତ ହୋଇ
ସକଳ ଘଟରେ ନାରାୟଣ ଶାସ୍ତ୍ରେ କହି ॥
ଯେତେବେଳେ ପଞ୍ଚଭୂତେ ଶରୀର ହୋଇଲା
ଜୀବ ଶ୍ରୀବିଷ୍ଣୁ ସୃଜିଲେ ତଥିରେ ରହିଲା ॥
ଦେଖି ଜୀବ ନାଳ ପୂଜ ରକ୍ତ ଅସ୍ଥି ମଳ
ମଜ୍ଜା ଚର୍ମ ଲୋମ ମାଂସ ହୋଇଲା ବିକଳ ॥
ବିଷ୍ଣୁଙ୍କୁ ଚିନ୍ତିଲା ଜୀବ ଆକୁଳ ହୋଇଣ
ଏ ଦୁର୍ଗନ୍ଧ ଶରୀରେ ମୁଁ ରହିବି କେସନ ॥
ଜୀବର ଆକୁଳ ଦେଖି ଦେବ ମାୟା କଲେ
ତେତିଶ କୋଟି ଦେବଙ୍କୁ ସଙ୍ଗେ ଘେନିଗଲେ ॥

Digitized by srujanika@gmail.com

ଜୀବଙ୍କୁ ବୋଇଲେ ତୁ ନ ଭାଳ ହୃଦେ କିଛି
ମୁଁ ତୋ ସଙ୍ଗେ ରହିବି ଦେବତା ଗଣ ସଞ୍ଚି ॥
ତଦୁତ୍ତାରୁ ଜୀବ ସଂଗେ ବିଜେ କଲେ ପ୍ରଭୁ
ପରମ ରୂପେ ରହିଲେ ଘଟ ମଧ୍ୟେ ସବୁ ॥
ଦେବଙ୍କୁ ରଖିଲେ ଯହିଁ ଯହିଁ ଶୁଣ ନଣା
ହେଜା କରିଥିବ ଏକା ନ ହୋଇବ ବଣା ॥
ପ୍ରଥମ ଚକ୍ର ଆଧାର ଚକ୍ର ଗୋଟି ଭାଇ
ଚାରି ପାଖୁଡ଼ା କମଳ ତହିଁରେ ଫୁଟଇ ॥
'ବ' ଠାରୁ 'ଷ' ଯେ ଅକ୍ଷର ତହିଁ ବସେ
ଆଦିଶକ୍ତି ଗଣେଶଙ୍କ ବାସ ତହିଁ ଖଟେ ॥
ରକ୍ତ ବର୍ଣ୍ଣ ଗଣେଶ ଯେ ଆଦି ପିତବର୍ଗ
ଇନ୍ଦୁର ବାହନେ ବିଜେ କରିଛନ୍ତି ଜାଣ ।
ଅର୍ଣ୍ଣପୂର୍ଣ୍ଣା ମନ୍ତ୍ରେ ସେ ହୁଅନ୍ତି ବଶ ଜାଣ
ତଦୁତ୍ତାରୁ ଆନ ଚକ୍ର ଭାବ ଭାଇ ଶୁଣ ॥
ଷଟଦଳେ ପଦ୍ମ 'ବ' ଅଠାରୁ 'ଳ'ଅ ଯେ ଅକ୍ଷର
ଅମ୍ବୁପଦୀ ବାହନେ ରତି କନ୍ଦର୍ପପୁର ॥
କାମ ରୂପ ଶୁକ୍ଳ ରତି ଶ୍ୟାମ ବର୍ଣ୍ଣେ ରହେ
ତ୍ରି ଅକ୍ଷରେ ପୂଜିଲେ ଯେ ବଶ ହୋନ୍ତି ଦୁହେଁ ॥
ତଦୁତ୍ତାରୁ ନାଭି ଚକ୍ରେ ଦଶଦଳ ପଦ୍ମ
'ଡ' ଅଠାରୁ 'ଫ' ଯେ ଅକ୍ଷର ବସେ ଛଦ୍ମ ॥
ପିତ ବର୍ଣ୍ଣେ ହଂସେ ବିଜେ ବିଧାତା ସେ ସ୍ଥାନ
ନୀଳବର୍ଣ୍ଣେ ସାବିତ୍ରୀ ମହାମନ୍ତ୍ରେ କର ଧ୍ୟାନ ॥
ତଦୁତ୍ତାରୁ ଦ୍ୱାଦଶ ଦଳରେ ପଦ୍ମ ଫୁଟି
'କ' ଅଠାରୁ 'ଠ' ଅ ଯାଏ ଅକ୍ଷର ବଇଠି ॥
ଅନନ୍ତ ନୀଳରଂଗେ ସୁବର୍ଣ୍ଣ ବର୍ଣ୍ଣେ ଲକ୍ଷ୍ମୀ
ଅନନ୍ତ ଆସନେ ବସିଛନ୍ତି ହୋଇ ସୂକ୍ଷ୍ମୀ ॥
ବତ୍ରିଶ ଅକ୍ଷର ନୃସିଂହ ମନ୍ତ୍ରେ ପୂଜା ତାଙ୍କ
ତହୁଁ କଣ୍ଠଚକ୍ରେ ଷୋଳହ ପାଖୁଡ଼ା ପଦ୍ମେକ ॥

Digitized by srujanika@gmail.com

ସ୍ୱରବର୍ଣ୍ଣ ଷୋଳକ୍ଷର ସେ ଦଳରେ ଅଛି
ଶୁକ୍ଳ ବର୍ଣ୍ଣେ ଶିବ ରକ୍ତିମା ଉମା ବିସିଛି ॥
ପଞ୍ଚାସକ୍ଷର ମନ୍ତ୍ରେ ଧ୍ୟାନ ତାଙ୍କୁ କର ନଣା
ଏବେ ଲଲାଟ ଚକ୍ରର ଶୁଣ ହେ ଠିକଣା ॥
ଦୁଇଦଳେ ପଦ୍ମ 'ହ' 'କ୍ଷ' ଅକ୍ଷର ବସଇ
ଶୁଦ୍ଧ ସ୍ଫଟିକରୁ ଯେ ନିରଞ୍ଜନ ଗୋସାଇଁ ॥
ମୟୂର ବାହନେ ଛନ୍ତି ମୁକ୍ତାବର୍ଣ୍ଣ ଲକ୍ଷ୍ମୀ
ଏକାକ୍ଷର ମନ୍ତ୍ରେ ଯପ କର ହୋଇ ସୂକ୍ଷ୍ମୀ ॥
ଷଡ଼ଚକ୍ରେ ଦେବାଦେବୀ ରହିଛନ୍ତି ଭାଇ
ଜୀବ ପରମର ସ୍ଥାନ ଏବେ ଶୁଣ ତୁହି ॥
ତଦଉର୍ଦ୍ଧ୍ୱେ କାଉଁରୀ ମଣ୍ଡଳ ଗୋଲାହାଟ
କାଳିନ୍ଦୀ ଜଳ ଅଛି ସହସ୍ର ଦଳ ପଦ୍ମ ।
ସେ ସ୍ଥାନେ ପରମ ହଂସ ଶୂନ୍ୟ ବୃକ୍ଷ ପରେ
ମହାଶୁକ୍ଳ ରୂପେ ଖେଳେ ଏକ ଚରଣରେ ॥
ଦିନକେ ଏକୋଇଶ ଛଅ ଶ' ମନ୍ତ୍ର ଯପେ
ସେହିଟି କାଳପୁରୁଷ ବିଜେ ନଣା ଆପେ ॥
ମନ୍ତ୍ର ଭଜୁ ଜଳ ଝର ଶୁଖିଲେ ପଳାଇ
ଜୀବ ଆତ୍ମାକୁ ଶରୀରୁ ଘେନିଣ ନିଅଇ ॥
ମୃତ୍ୟୁର ଆଗରୁ ଆଠ ଦିନୁ ହଂସ ପକ୍ଷୀ
ପାଦେ ଥୋଇ ଆନ ପାଦେ ଯାଏ ସ୍ଥାନ ଦେଖି ॥
ସମସ୍ତଙ୍କ ଅଦୃଶ୍ୟରେ ରହିଅଛି ହଂସ
ମହାଶୁନ୍ୟରେ ଭ୍ରମଣ ଶୂନ୍ୟରେ ନିବାସ ॥
ହଂସ ସରୋବରକୁ ବାଳରୁ ସୂକ୍ଷ୍ମ ବାଟ
ତହଁ ଗଳି ଭ୍ରମର ଗୁମ୍ଫାରେ କରେ ନାଟ ॥
ସେ ରଂଧ୍ରେ ଜଳ ଝରଝର ଯେ ବହୁଥାଇ
ତାହା ଶୁଖିଗଲେ ହଂସ ଉଡ଼ିଣ ପଳାଇ ॥
କବି ମୁକ୍ତକିମ କହେ ସିଦ୍ଧ ଗୁରୁ କଲେ

Digitized by srujanika@gmail.com

ଏଥିର ଭେଦଟି ବୁଝି ପାରିବଟି ଭଲେ ॥
ନୋହିଲେ ନ ବୁଝି ବଣା ହୋଇଅଛି ମୁହିଁ
ବୁଝିଲେ ପିଣ୍ଡକୁ କାଳ ଗରାସନ୍ତା କିହି ॥
ମୁଁ ଅଧମ ସୂତ ତାହା ନ ପାଇ ଭ୍ରମଇ
ବ୍ରହ୍ମଜ୍ଞାନ ବୁଝି ବୁଝାଇବା ଶକ୍ତି କାହିଁ ॥

॥ ଗର୍ଭାବସ୍ଥା ॥

ଶୁଣ ହେ ପଣ୍ଡିତ ଗଣ ଚିତ୍ତ ଏକ ଲୟେ
ଗର୍ଭେ ବୀର୍ଯ୍ୟ ପଡ଼ିଲେ ଯେପରି ଜାଣ ହୋଏ ।୧।
ମାତାପିତା ଏକାନ୍ତରେ ପିତା ବୀର୍ଯ୍ୟ ଖସି
ପ୍ରଥମ ଦିବସେ ଧରେ ଜଳବିମ୍ବ ଜ୍ୟୋତି ।୨।
ଆରକ୍ତ ବରଣ ପଞ୍ଚ ଦିବସେ ଧରଇ
ବଦରି ଫଳ ପରାୟେ ଦଶ ଦିନେ ହୋଇ ।୩।
ଡିମ୍ବର ଆକାର ଯେ ପନ୍ଦର ଦିବସରେ
ମଥାର ଆକୃତି ହୋ ତିରିଶ ଦିନରେ ।୪।
ଚାଳିଶେ ଚରଣ ଷାଠିଏରେ ହୁଏ ଭୁଜ
ଚକ୍ଷୁ ନାସା ଶ୍ରବଣ ଆକୃତି ହୋଏ ସଜ ।
ପଞ୍ଚଷଠି ଦିନେ ତୁଣ୍ଡ ଆକୃତିଟି ଜାଣ
ଫିଟଇ କମଳଦ୍ୱାର ସତୁରି ଦିନେଣ ।
ଅଣାଅଶିରେ ଅଙ୍ଗୁଳି ଅସ୍ଥିଚର୍ମ ଲୋମ
ନଉଦିନେ ନଖ ସଞ୍ଚା ଦିଶଇ ଶୋଭନ ।
ବସଇ ଊର୍ଦ୍ଧ୍ୱମୁଖରେ ବିଶା ଶତେ ଦିନେ
ପଞ୍ଚମାସେ ସପ୍ତଧାତୁ ତେଜ ବସେ ସ୍ଥାନେ ।
ଷଡ଼ମାସେ କ୍ଷୁଧାତୃଷା ଲାଗଇ ହେ ଭାଇ
ଜାଣି ବିଧି ସୋହଂସ ବିଞ୍ଚଣା ଦେଇଯାଇ ॥
ସେ ପବନ ଯୋଗେ ସେ ଆରୋଗ୍ୟ ଥାଏ ରହି
ନାଭୀ ନାଡ଼େ ମାତା ଭକ୍ଷ ରସ ସେ ଭକ୍ଷଇ ॥
ତା'ପରେ ଦ୍ୱାର ଫିଟେ ପଶନ୍ତି କୃମିଗଣ
ଆକୁଳେ ବାଳକ ମନେ ଚିନ୍ତେ ବିଷ୍ଣୁନାମ ।

Digitized by srujanika@gmail.com

ସପ୍ତମାସେ ଗର୍ଭ ଅଂଧକାରେ ଛଟପଟ
କସାପିତା ରାଗ ଆମ୍ଳିଳ ଯେ କରେ ଭକ୍ଷ ।
ସେ ରସ ନାଡ଼ରେ ପାନ କରି ପାଏ ଦୁଃଖ
ତପତ ଆହାର ମିଳୁ ତ୍ରାସଇ ବାଳକ ।
ଅଷ୍ଟମ ମାସେ ମାତା କଲେ ଗମନାଗମନ
ବ୍ୟର୍ଥେ ପଡ଼ି ମଲି ବୋଲି ବ୍ୟସ୍ତ ବାଳମନ ।
ମାତା ନିଦ୍ରା ଗଲେ ମନେ କରଇ ବିଚାର
ମାତା ମଳା ଗର୍ଭେ ମୋ ଯାତନା ଗୁରୁତର ।
ପୂଜ ନାଳ ରକ୍ତ ଦୁର୍ଗନ୍ଧ ବାସନାମାନ
ନ ପାଇବ ବୋଲି ଜାଳ ବେଢ଼ାନ୍ତି ନାରାୟଣ ।
ମାତା ଗର୍ଭେ ବ୍ରହ୍ମଜ୍ଞାନ ଭଜୁଥାଏ ରହି
ଦଶ ମାସେ ମାତା କଷ୍ଟ ନ ପାରିଣ ସହି ।
ବିଷ୍ଣୁ ଚିନ୍ତନେ ବିଶ୍ୱକରତା ଦୟା କଲେ
ସୂତୀକା ପବନକୁ ଗର୍ଭକୁ ପଠାଇଲେ ।
ସେ ପବନ ଗର୍ଭେ ଶୂଳ କରଇ ପ୍ରହାର
ଭୟେ କଂପି ବାଳକ ଲୋଡ଼ଇ ଜନ୍ମଦ୍ୱାର ।
ବିଷ୍ଣୁ କୃପାରୁ ଯେ ଜନ୍ମ ପଥ ଦିଶିଯାଏ
ସେ ପଥେ ଠେଲି ବାହାରେ ଗର୍ଭରତନ ଏ ।
ଭଗଦ୍ୱାରେ ଠେଲିଣ ଭୂମିରେ ପଡ଼ିଗଲେ
ଗୋବିନ୍ଦ ଛାଡ଼ି ମାୟାରେ କୁଆଁ କୁଆଁ ବୋଲେ ।
କବି ମୁସ୍ତକିମ ବାଳ ଅଧମ ପାମର
ଲେଖା ଦୋଷ ଥିଲେ କ୍ଷମା କର ସାଧୁନର ।

।। ପୁତ୍ରର ବାପ ଗୋଡ଼ତଳେ ପଡ଼ିବା ।।

ଭାଇ ନ ହୁଅ ବାଇ, ପିତା ପତ୍ର ପାଦ ତଳେ ପଡ଼ଇ ।ପଦ।
ବଦ୍ରିକା ନଗରେ, ଶ୍ରୀସତ୍ୟଯୁଗରେ, ଭଗବତୀ ରାଣୀ କୁମର ହୋଇ
ଶୁଣିଣ ସେ କୃଷ୍ଣବଲ୍ଲଭ ରାଜନ, ଆନନ୍ଦରେ ଗଲେ ଦେଖିବା ପାଇଁ ।୧।

Digitized by srujanika@gmail.com

ସୁବର୍ଣ୍ଣ ଥାଳିରେ ମାଳି ଫୁଲ ଦୂର୍ବାକ୍ଷତ ସାମଗ୍ରୀ ଥୋଇ
ଅନ୍ତୁଡ଼ିଶାଳରେ ପ୍ରବେଶିଲେ ଭୂପ ଦେଖିଲେ ପଲଙ୍କେ କୁମର ଦୁଇ ।୨।
ଶ୍ରୀ ନୃସିଂହ ଶେଷ ରୂପକୁ ପ୍ରକାଶ ଭାବରେ ନୃପତି ଚିହ୍ନିଲେ ତହିଁ
ସ୍ୱୟଂ ବିଷ୍ଣୁ ଆଉ ଅନନ୍ତ ବିଚାରି ଗୋଡ଼ ଘାଲି ପଡ଼ି ହେଲା ବିନୟୀ ରେ ।୩।
କହେ ମୁସ୍ତକିମ, କଲାକ ବନ୍ଦାଣ, କୋଳରେ ଧରିଲା ହରଷ ହୋଇ
ହେଲେ ଅବିଶ୍ୱାସ ନୃସିଂହ ପୁରାଣ ତୃତୀୟ ରତ୍ନାକରେ ଲୋଡ଼ ଯାଇରେ ।୪।

॥ ନୃସିଂହ ରାସ ॥

ଶୁଣ ହେ ପଣ୍ଡିତ ଗଣ ଏକ ଲୟ କରି
ପ୍ରଶ୍ନକୁ ଉତ୍ତର କହେଁ ସଂକ୍ଷେପେଁ ବିସ୍ତାରି ।
କୃଷ୍ଣବଲ୍ଲଭ ରାଜା ରାଣୀ ଯେ ଭଗବତୀ
ତାଙ୍କ ତହୁଁ ଶେଷ ଯେ ନୃସିଂହ ଉତପତି ।
କ୍ରମେ ଷଡ଼ ବରଷ ହୋଇଲା ତାଙ୍କୁ ଜାଣ
ଷଷ୍ଠୀ ପୂଜିବାକୁ ସେ ଗଙ୍ଗାକୁ ଗଲେ ପୁଣ ।
ନଗ୍ରନାରୀ ଅସଂଖ୍ୟ ଯୁବତୀ ଥିଲେ ଯାଇ
ଚଉଷଠି ସହସ୍ର ଅଷ୍ଟ ପାଟବ ସିହିଁ ।
ସେ ଗଙ୍ଗାକୂଳେ ଅଛି ଆନନ୍ଦ ନାମେ ବନ
ଯଜ୍ଞ ବେଦିକାଏ ଏଥି ଭିତରେ ଶୋଭନ ।
ଚଉଷଠି ସସ୍ର କନ୍ୟା ଅଷ୍ଟ ନାରୀ ସହ
ନୃସିଂହ ମାୟାରେ କାମେ ହୋଇଲେଟି ମୋହ ।
ନୃସିଂହକୁ ଏକା କାଖ କରି ବନେ ଗଲେ
ଫୁଲ ତୋଳିଣ କବରୀ ଆଦି ବେଶ କଲେ ।
ନାରୀଙ୍କର ମନ ଜାଣି ନରସିଂହ ଦେବ
ତତକ୍ଷଣେ ଧରିଲେ ଯଉବନ ରୂପ ।
ତାଙ୍କ ତୁଲେ ଯଜ୍ଞ ବେଦିପରେ ରତି କଲେ
ନାରୀକେ ପୁରୁଷେ ହୋଇ ଚିତ୍ତକୁ ବୋଧିଲେ ।
ପୁଣୀ ନାରୀଙ୍କୁ ବୋଲିଲେ ଶୁଣ ଗୋ ବାମାଏ
ଲୀଳା ସେ ତୁମ୍ଭଙ୍କୁ ନେବି ବୈକୁଣ୍ଠ ଯାଏ ।
ଷୋଳ ସସ୍ର ବରଷ କରି ବିଳାସ ହର

Digitized by srujanika@gmail.com

ମର୍ତ୍ତ୍ୟ ବଇକୁଣ୍ଠ ଅଟେ ବଦରି ନଗର ।
ବଦରୀ ନଗ୍ର ଉତ୍ତର ଦିଗେ ଗଙ୍ଗା କୂଳେ
ନିତ୍ୟ ସ୍ଥଳର ରାସ ନୃସିଂହ କରିଲେ ।
ତଦୁତ୍ତାରୁ ତ୍ରେତା ଯୁଗେ ବତ୍ରିଶ ସହସ୍ର
ଅଯୋଧ୍ୟାରେ ଜନମିବି ଶୁଣି ହେଲେ ତୋଷ ।
ରାମ ଲକ୍ଷ୍ମଣ ନୃସିଂହ ଶେଷ ଜନମିଲେ
ଦଶରଥ କୌଶଲ୍ୟା ସୁମିତ୍ରା ଗର୍ଭେ ଭଲେ ।
ସରଜୁ ତୀରେ ରାସ କରିଲେ ରାମଚନ୍ଦ୍ର
ବାରବର୍ଷ କ୍ରୀଡ଼ା କଲେ ହୋଇଣ ଆନନ୍ଦ ।
ତଦୁତ୍ତାରୁ ଦ୍ୱାପରେ ରାମକୃଷ୍ଣ ନାମ
ଜନମିବେ ଦ୍ୱାରିକାରେ ଶେଷ ନୃସିଂହ ଜାଣ ।
ଷୋଳ ସସ୍ର ନାରୀ ଘେନି ଯମୁନା କୂଳରେ
ରାସ କଲେ କୁଂଜବନେ ସୁପ୍ରେମ ଭୋଳରେ ।
ତଦୁତ୍ତାରୁ କଳିରେ ଶ୍ରୀ ଜଗନ୍ନାଥ ସ୍ୱାମୀ
ଦାରୁ ରୂପେ ଅବତାର ହେବେ ଯାଅ ଜାଣି ।
ନୀଳଗିରିରେ ଆଠ ସହସ୍ର ସହସ୍ର କନ୍ୟା ନେଇ
ରାସ କରୁଛନ୍ତି ଏହା ନିଶ୍ଚେ ଜାଣ ଭାଇ ।
ମାତ୍ର ସ୍ତିରୀମାନେ ପୁଂସ ହୋଇ ଅବତାର
ପଣ୍ଡା ପଢ଼ିଆରି ପଶୁପାଳକ ଆବର ।
ଚାଙ୍ଗଡ଼ା ମେଇପୋ ଯେ ଦଇତାପତି ହୋଇ
ସେବା କରୁଛନ୍ତି କବି ମୁସ୍ତକିମ କହି ।

।। ଚଉଷଠି ସହସ୍ର ସ୍ତ୍ରୀ ଉପାଖ୍ୟାନ ।।

ଆହେ ସାଧୁ ଜନମାନେ ଚିତ୍ତ ଦେଇ ବୁଝ
ସତ୍ୟଯୁଗେ ରାସନାରୀ ଜନ୍ମ ନାମ ହେଜ ।
ବଦରିକାଶ୍ରମେ ଜନ୍ମ ନରସିଂହ ହେଲେ
ରାସ ଆରମ୍ଭିଲେ କନ୍ୟା ଚଉଷଠି ସସ୍ର ତୁଲେ ।
ତାହାଙ୍କ ଜନମ ଏବେ ଶୁଣ ଦେଇ ମନ

Digitized by srujanika@gmail.com

ବିଷ୍ଣୁ ଅର୍ଦ୍ଧ ଅଙ୍ଗ ଅଟନ୍ତି ଏ ବାମାଗଣ ।
ନିତ୍ୟ ସ୍ଥଳେ ବିଷ୍ଣୁ ଥିଲେ ରାହାସ କରନ୍ତି
ମର୍ତ୍ତ୍ୟେ ଜନମିଲେ କନ୍ୟା ଗଣେ ହେଁ ଜନ୍ମନ୍ତି ।
ବଦରିକାରେ ଜନମ ଏଣୁ ସେ ହୋଇଲେ
ହଂସିନୀ ହେମବତୀ ମଧୂକଣ୍ଠା ତୁଲେ ।
ସୁରେଖା ଚିତ୍ରରେଖା ହାରାବତୀ ତ୍ରିପୁରା
କମଳା ଶକୁନ୍ତଳା ସାରେଣୀ ଆଉ ହାରା ।
ଶତରୂପା ମୋହିନୀ ମଧୂକଣ୍ଠା ମଧୂବତୀ
ମାନିନୀ ଜମୁନା ସୁଇ ଉନିକା ଅମୃବତୀ ।
ମୋହିନୀକା ଅପୁଣା ଅନ୍ନପୂର୍ଣ୍ଣା ଅଞ୍ଜନା
କେଶନିକା ସେବତୀ ରେବ ଆଦିକନ୍ୟା ।
ଭାନୁମତୀ ହରିଣୀ ହରିପ୍ରିୟା ସୁକାନ୍ତି
ସତ୍‌ଶ୍ରୀୟା ରକ୍ମିଣୀ ଶିରୋମଣୀ ଗୌରବତୀ ।
ନାରାୟଣୀ ଗଜମୁଖୀ ତ୍ରିପୁରା ତାରେଣ
ଚଞ୍ଚଳା ପରିମଳା ଶ୍ରୀବତ୍ସଳାଦି ଜାଣ ।
କାବେରୀ ଗୋଦାବରୀ ଗଉରୀ ସିଦ୍ଧଶୀଳା
ପଦ୍ମାବତୀ ନିଳେନ୍ଦ୍ରୀ ସୁକୃତା ରମାବାଳା ।
ରାମା ସୁଶୀଳା ଉର୍ମିଳା ଶୁଭ୍ରଦନ୍ତୀ ଲୀଳା
ହରିଣାକ୍ଷୀ ଚନ୍ଦ୍ରମୁଖୀ ବିଶାଳାକ୍ଷୀ ବାଳା ।
ମୁକ୍ତାମାଳା ଲୀଳାବତୀ ପଦ୍ମିନୀ ସକୁନ୍ତଳ ।
ମୁଖେ କେତେ କହିବି ଚୌଷଠି ସସ୍ତ୍ର ବାଳା ।
ଏମାନଙ୍କୁ ଜନ୍ମ ବିଧି ଶୁଣ ମନ ଦେଇ
ଚୌଷଠି ଅକ୍ଷରେ ଯେ ଲେଖି ଗାୟତ୍ରୀ ଭାଇ ।
ବ୍ୟାହୃତୀ ବାରବର୍ଣ୍ଣ ତ୍ରିପଦା ଯେ ଚବିଶ
ଚୂଡ଼ା ଅଟେ ଚଉଦ ପ୍ରଣବ ଅଟେ ଦଶ ।
ଏଥିରେ ବ୍ରହ୍ମାଙ୍କର ମିଶନ୍ତେ ଚାରିଗୋଟି
ତେଣୁ ଗାୟତ୍ରୀଙ୍କର ପିଲେବି ଚଉଷଠି ।

Digitized by srujanika@gmail.com

ଅକ୍ଷରେକେ ସହସ୍ରେ ଉତ୍ପନ୍ନେ ହେଲେ ବାମା
ସଂଖ୍ୟାରେ ଚୌଷଠି ସସ୍ର ବିପ୍ରଙ୍କର ଜେମା ।
ଅଷ୍ଟ ସଖୀ ନାମ କହେଁ ସେବନ୍ତି ନୃସିଂହ
ଅହୋରାତ୍ର ସେବିଥାନ୍ତି ଶୁଣ ନା ପ୍ରସଙ୍ଗ ।
ସୁକାନ୍ତି ସୁରୂପା ସୁଲଗ୍ନା ଯେ ସୁଲକ୍ଷଣୀ ।
ସୁବ୍ରାହ୍ମୀ ସୁଦୁର୍ଗା ସୁରତୀ ସୁରେଖା ଉଣୀ ।
ଅଷ୍ଟ ପ୍ରହରେ ଲୀଳା କରନ୍ତି ଏ କନ୍ୟାଏ
ଦୁଇ ଦୁଇ ପ୍ରହରକେ ସେବା ନିଯୋଗାଏ ।

।। ଶରୀରେ ନୃସିଂହ ରାସ ।।

ଶୁଣ ହେ ପଣ୍ଡିତଗଣେ ଶୁଣ ମନ ଦେଇ
ଶରୀରେ ନୃସିଂହ ରାସ କହୁଛି ବୁଝାଇ
ଅଛ ଅଛ କରି କିଛି
ଶ୍ରୀ ଗୁରୁ ପ୍ରସାଦୁ ଯାହା ଶିକ୍ଷା କରିଅଛି ।୧।
ବଦରିକାଶ୍ରମ ଭାଇ ଅଙ୍ଗକୁ ଟି ଜାଣ
କଳପବଟ ଉଳଟ ତନୁଗୋଟି ପୁଣ
ଏଥି ମଧ୍ୟେ ପଞ୍ଚବୀଜ
ତହିଁର ନାମ ଦେବ କହୁଅଛି ବୁଝ ।୨।
ଶ୍ରୀବୀଜ ଯେ ଶେଷ ଦେବ ସହସ୍ର ଫଣାରେ
କାମବୀଜ ଜଗନ୍ନାଥ ଛନ୍ତି ତା' ଉପର
ବାଣ ବୀଜଚକ୍ର ଧରି
ଲଜ୍ୟାବୀଜ ସତ ଶ୍ରୀୟା କୋଳେ ବିଜେ କରି ।୩।
ଯଜ୍ଞବେଦି ପରେ ଛନ୍ତି ବେଦି ଦୀର୍ଘ ପ୍ରତି
ତ୍ରିଦେବଙ୍କ ତ୍ରିଅଙ୍ଗୁଳ ଅଟଇ ତା' ସ୍ଥିତି
ଚାରି ପାଚେରୀ ଦୁଆର
ଅଷ୍ଟସଖୀ ଚଉଷଠୀ ସସ୍ର ନାରୀବର ।୪।
ପୂର୍ବଦିଗର ପାଚେରୀ ଆବର୍ତ୍ତ ମେଘଟି
ଦକ୍ଷିଣ ପାଚେରି ଦ୍ରୋଣ ପଶ୍ଚିମ ସମ୍ବର୍ତ୍ତଟି

Digitized by srujanika@gmail.com

ଉତରର ଯେ ପାଚେରି
ପୁଷ୍କର ମେଘ ଅଟଇ ଜାଣ ତଥ୍ୟକାରି ।୬।
ପୂର୍ବ ଦିଗଦ୍ୱାର ବିଧାତା, ଦକ୍ଷିଣରେ ସାବିତ୍ରୀ
ପଶ୍ଚିମେ କେତୁକା ଉତ୍ତରେ ସୂର୍ଯ୍ୟ ଜଗନ୍ତି
ସଜ ବଜ ବର ରଯ,
ଏ ଅଷ୍ଟାକ୍ଷର ଗାୟତ୍ରୀ ଜପୁଛନ୍ତି ହେଜ ।୭।
ଚାରିଦିଗେ ଦୀପଦଣ୍ଡୀ ସର୍ବ ପାପ ହରେ
ଚାରିଦିଗେ ଚାରିବନ ଷୋଳହ ବିଭକ୍ତରେ
ଚାରି ବେଦଛନ୍ତି ତହିଁ
ଅଷ୍ଟସଖା ଅଷ୍ଟ ସଖୀ କହୁଛି ବୁଝାଇ ।୮।
ପୂର୍ବବନ ରମ୍ୟକାନନ ବୋଲି ବିଚାର
ବାଂଛାବଟ ଅଛି ତହିଁ ବିଜେ ଖଗବର
ବନଦ୍ୱାର ରକ୍ଷା କରି
ଦକ୍ଷିଣ ଆନନ୍ଦବନ ଶୁଣ ହେତୁ କରି ।୯।
ଗୋମୁଖୀ କେଶବ ଯେ ଦେବନାଶନ ବଟ
ଉତ୍ତରେ ଈଶ୍ୱାନ ନନ୍ଦ ବନଟି ପରକଟ
କଳ୍ପବଟ ସ୍ଥିତି ତହିଁ
ଲକ୍ଷ୍ମୀ ନାରାୟଣ ଜଗୁଆଳୀ ତଥି ହୋଇ ।୧୦।
ପଶ୍ଚିମ ବନ କାମୋ କାନନ୍ଦ ବୋଲି ଭଣି
ଦେବନାଶନ ବଟ ସ୍ୱୟଂଭୂ ଦେବପୁଣି
ତହିଁ ଯାଉଛନ୍ତି ରହି
ଗୋଲକ ଆନନ୍ଦବନେ ଲୀଳା ଲାଗିଥାଇ ।୧୧।
ତ୍ରିକୂଟ ଆନନ୍ଦବନେ ତ୍ରିବେଣୀ ବହୁଛି
ଚିତ୍ରକୂଟ ଆନନ୍ଦ ବନେ ସୀତା ଶ୍ରୀବସ୍ୱୀ
ପ୍ରେମାନନ୍ଦ ବନେ ଭାଇ
ଚୌଷଠୀ ପ୍ରସ୍ଥ ନାୟିକା ନୃତ୍ୟ ଗୀତେ ବାଇ ।୧୨।
ଏଥିମଧ୍ୟେ ଅଷ୍ଟଦଳ ବନ ଶୋଭୁଅଛି
ଅଷ୍ଟ ପାଖୁଡ଼ାର ତହିଁ କମଳ ଫୁଟିଛି
ଅଷ୍ଟ ସଖା ସଙ୍ଗେ ହରି

Digitized by srujanika@gmail.com

ଅଷ୍ଟକନ୍ୟା ସେବା ନାମ ଶୁଣ ହେତୁକରି ।୧୩।
ସୁନନ୍ଦ ବ୍ରହ୍ମାନନ୍ଦ ଆନନ୍ଦ ଯୋଗାନନ୍ଦ
ବଶୁନନ୍ଦ ମାଧବାନନ୍ଦ ଯେ ସଦାନନ୍ଦ
ପ୍ରେମାନନ୍ଦ ଅଷ୍ଟସଖା
ଓଁକାର ଅଷ୍ଟାକ୍ଷର ଭଜନ୍ତି ଏ ଅଜପା ।୧୪।
ଅଷ୍ଟ ଦଳେ ଅଷ୍ଟ ସଖୀ ସେବାରେ ନିପୁଣ
ତା' ମଧ୍ୟେ ପଦ୍ମଦଳ ଅଛଇ ନଣା ଶୁଣ
ତାହା ମଧ୍ୟରେ କେଶର
ଅନନ୍ତ ଅନାଦି କରୁ ଅଛନ୍ତି ବିହାର ।୧୫।
ସୁଲଗ୍ନା ସୁଲକ୍ଷଣୀ ଚାମର ଢ଼ାଳୁଛନ୍ତି
ସୁଜ୍ଞାତି ଶତରୂପା ଗନ୍ଧଦ୍ରବ୍ୟ ଯୋଗାନ୍ତି
ସୁରତି ସୁରେଖା ଦୁଇ
ଅମୃତ ମଣୋହିକି ଯୋଗାନ୍ତି ତୋଷ ହୋଇ ।୧୬।
ସୁଦୁର୍ଗା ସୁବ୍ରହ୍ମା ଚେତାକରା କାର୍ଯ୍ୟ ଲାଗି
ତାଙ୍କ ତୁଳେ ସଖା ଅଷ୍ଟଗୋଟି ଛନ୍ତି ସଖୀ
ବିମଳା ଯେ ପରିମଳା
ବିଶାଖା ସୁମେଧା ଭଦ୍ରା ମେଧା ଶ୍ରଦ୍ଧା ଚଞ୍ଚଳା ।୧୭।
ଚୌଷଠି ସସ୍ର କନ୍ୟାରୁ ଅଷ୍ଟ କୋଣେ ଭାଇ
କିଛି ନାରୀ ରହିଲେ ନୃତ୍ୟ କରିବା ପାଇଁ
ସତୀରେଖା ତାଳ ତାନ
ଯୋଗରୂପ କରୁଛନ୍ତି କୀର୍ତ୍ତନର ସ୍ୱନ ।୧୮।
ଶରତଚନ୍ଦ୍ର ମୁଖୀ ପଦ୍ମମୁଖୀ ଇନ୍ଦୁମୁଖି
ଯନ୍ତ୍ର ବାଦନ କରନ୍ତି ବିଷ୍ଣୁମୁଖେ ଦେଖି
ମଦନା ଯେ ସିଦ୍ଧରୂପା
କାମରୂପା ବୀଣା ବାଉଛନ୍ତି ହୋଇ ଉଭା ।୧୯।
ହିଙ୍ଗୁଳା ନୀଳା ଶ୍ୟାମଳା ନିତ୍ୟରୂପା ଭିରୁ
ବିମଳା ଜ୍ୟୋତିରୂପା ସତ୍ୟରୂପା ସୁଚାରୁ
ପ୍ରେମରୁ ଦିହେ ଭାଇ
ପରିତାଳ ଝଝାଳ କଂଶାଳ ଖୋଳ ବାଇ ।୨୦।

Digitized by srujanika@gmail.com

ଅନନ୍ତ ବେନି ପାରୁଷେ ମୋହିନୀ ସୁଶୀଳା
ମାଧୁରୀ ହେମ ଗୌରୀ ପରିମଳ ଚିତ୍ରକଳା
ଷଡ଼ କନ୍ୟା ରହିଥାନ୍ତି
ପରମ ହଂସ ଚିହ୍ନ ଷଡ଼ଲଗ୍ନ ବଜାନ୍ତି ।୨୧।
ଏପରି ରାସ ବଦ୍ରିକାଶ୍ରମେ ଶୁଣ ଭାଇ
ବିହ୍ୱଳେ ନୃତ୍ୟନ୍ତି ନାରୀବୃନ୍ଦ ନାମ ଗାଇ
କବି ମୁସ୍ତକିମ କହି
ସଂକ୍ଷେପେ ନୃସିଂହ ରାସ କହିଲି ବୁଝାଇ ।୨୨।

॥ ସତ୍ୟଯୁଗେ ନୃସିଂହ ରାସ ॥

ହଂସିନୀ ହେମ ଗୋରୀ ବଜାନ୍ତି ବୀଣାରବ
ଚାମର ଢାଳୁଛନ୍ତି ସୁରେଖା ଚିତ୍ରରେଖା
ସୁରେହା ଯେ ହେମବନ୍ତୀ
ଶ୍ରୀ ନୃସିଂହ ପ୍ରଭୁଙ୍କର ଚରଣ ସେବନ୍ତି ।୧।
ଆଳଟ ତ୍ରିପୁରା ହୀରାବତୀ କରେ ଶୋଭା
କର୍ପୁର ସିଞ୍ଚନ୍ତି ଯେ ସାରେଣି ସତରେଖା
ରାସ ଭିତର ଦୁଆରି
କମଳା ବିମଳା ଯେ ସମଳା ନୀଳା ଚାରି ।୨।
ଯୋଗରୂପା ପ୍ରେମରୂପା ବାସ ଦକ୍ଷିଣରେ
ପହରା ଜଗିଥାନ୍ତି ସୋହଂସ ହଂସଦ୍ୱାରେ
ତାଳଖୋଳ ବଜାବନ୍ତି
ଜମୁନା ମୋହିନୀ କାମୋଲିକା ମଧୁବତୀ ।୩।
ଗୋମତୀ ଭାନୁମତୀ ସୁକାନ୍ତି ସୁକୁନ୍ତଳା
କରତାଳି ବଜାବନ୍ତି ଏ ଚାରି ଅବଳା
ଟେକି କେଦାରେ ଆଳାପ
ରୁକ୍ମିଣୀ ଶିରୋମଣି ନାରେଣି ନାରାୟଣୀ ।୪।
ଗଉରୀ ହେମଗୋରୀ କାବେରୀ ଗୋଦାବରୀ
ଗାବନ୍ତି ଗୀତ ଏହୁ ଟେକିଣ ଗୁଣ୍ଡକିରୀ
ଖେମଟା ରାଗେ ଗାୟଣୀ

Digitized by srujanika@gmail.com

କାମସେଣା ଦୟଣା ସାରକମା ରୋହିଣୀ ।୫।
ଅମ୍ବାଳି ଅମ୍ବୁବତୀ ଯମୁନା ଜମ୍ବୁବତୀ
ପିଛଳା ଢ଼ାଳନ୍ତି ଏ ରାହାସ ରସେ ମାତି
ଅଷ୍ଟ ଦଳେ ଅଷ୍ଟନାରୀ
ଅଷ୍ଟପ୍ରହରେ ସେବା କରନ୍ତି ଦଇତାରୀ ।୬।
ଚୌଷଠୀ ସସ୍ର ନାୟିକା ସପ୍ତପୁର ବେଢ଼ି
ପ୍ରଥମ ବେଢ଼ାସ୍ତ୍ରୀ ବ୍ରହ୍ମ ବୀଣା ବାଦ୍ୟକରି
ଦ୍ୱିତୀୟ ବେଢ଼ା ତମ୍ବୁର
ତୃତୀୟ ବେଢ଼େ ବଜାନ୍ତି କଂସାଳ ପ୍ରଖର ।୭।
ଚତୁର୍ଥ ବେଢ଼ା ସଖିଏ ଏରବାକୁ ବାଇଲେ
ଷଷ୍ଟ ବେଢ଼େ ଶଂଖଧ୍ୱନି
କରତାଳ ବାଇ ସପ୍ତ ବେଢ଼ାର ରମଣୀ ।୮।
ଆଦି ତାଳ ଜଡି ତାଳ ନିଶାରି ଖେମଟା ।
ରୂପକ ଝଂପକ ଗୁପ୍ତତାଳ ପଡ଼ି ଦ୍ୱିପଟା
ପୁଣ ତ୍ରିପଟା ଯେ ତାଳ
ନୃସିଂହ ରାସେ ଉତ୍ପନ୍ନ ହୋଇଲା କେବଳ ।୯।
ସେ ରାସେ ଉସ୍ତୁକ ହୋଇ ଅଠାଶି ସସ୍ର ଋଷି
ନୃସିଂହ ରାସେ ବେଢ଼ି ନାଚନ୍ତି ହୋଇ ଖୁସି
ରାସ ବାହାର ଦୁଆର
ପାହାରି ଅଟନ୍ତି ହରି ଦଶ ଅବତାର ।୧୦।
ଦକ୍ଷିଣ ଦ୍ୱାରପାଳ ମତ୍ସ୍ୟ କୂର୍ମ ଶ୍ରୀହରି
ବରାହ ନୃସିଂହ ପଶ୍ଚିମ ଦ୍ୱାର ପାହାରୀ
ଧରି ସ୍ୱର୍ଣ୍ଣ ବେତ୍ର କରେ
ଶ୍ରୀବାମନ ପର୍ଶୁରାମ ପାହାରି ଉତ୍ତରେ ।୧୧।
ଶ୍ରୀରାମ ଶ୍ରୀକୃଷ୍ଣ ଏ ପୂର୍ବଦ୍ୱାର ଜଗା
ପଡ଼ିହାରି ଚଉଦ କଳ୍କି ଅଛନ୍ତି ଉଭା
ତଥି ବାହାରେ ହେ ଭାଇ
ନାରଦ ବୀଣା ବଜାନ୍ତି ହରଷିତ ହୋଇ ।୧୨।
ଦୁର୍ବାଶା ପଢ଼ନ୍ତି ଯେ ମଙ୍ଗଳାଷ୍ଟକ ତୋଷେ

Digitized by srujanika@gmail.com

ଅନନ୍ତ ବେନି ପାରୁଷେ ମୋହିନୀ ସୁଶୀଳା
ମାଧୁରୀ ହେମ ଗୌରୀ ପରିମଳ ଚିତ୍ରକଳା
ଷଡ଼ କନ୍ୟା ରହିଥାନ୍ତି
ପରମ ହଂସ ଚିହ୍ନ ଷଡ଼ଲଗ୍ନ ବଜାନ୍ତି ।୨୧।
ଏପରି ରାସ ବଦ୍ରିକାଶ୍ରମେ ଶୁଣ ଭାଇ
ବିହ୍ବଳେ ନୃତ୍ୟନ୍ତି ନାରୀବୃନ୍ଦ ନାମ ଗାଇ
କବି ମୁସ୍ତକିମ କହି
ସଂକ୍ଷେପେ ନୃସିଂହ ରାସ କହିଲି ବୁଝାଇ ।୨୨।

॥ ସତ୍ୟଯୁଗେ ନୃସିଂହ ରାସ ॥

ହଂସିନୀ ହେମ ଗୋରୀ ବଜାନ୍ତି ବୀଣାରବ
ଚାମର ଢାଳୁଛନ୍ତି ସୁରେଖା ଚିତ୍ରରେଖା
ସୁରେହା ଯେ ହେମବନ୍ତୀ
ଶ୍ରୀ ନୃସିଂହ ପ୍ରଭୁଙ୍କର ଚରଣ ସେବନ୍ତି ।୧।
ଆଳଟ ତ୍ରିପୁରା ହୀରାବତୀ କରେ ଶୋଭା
କର୍ପୁର ସିଞ୍ଚନ୍ତି ଯେ ସାରେଣି ସତରେଖା
ରାସ ଭିତର ଦୁଆରି
କମଳା ବିମଳା ଯେ ସମଳା ନୀଳା ଚାରି ।୨।
ଯୋଗରୂପା ପ୍ରେମରୂପା ବାସ ଦକ୍ଷିଣରେ
ପହରା ଜଗିଥାନ୍ତି ସୋହଂସ ହଂସଦ୍ୱାରେ
ତାଳଖୋଳ ବଜାବନ୍ତି
ଜମୁନା ମୋହିନୀ କାମୋଳିକା ମଧୁବତୀ ।୩।
ଗୋମତୀ ଭାନୁମତୀ ସୁକାନ୍ତି ସୁକୁନ୍ତଳା
କରତାଳି ବଜାବନ୍ତି ଏ ଚାରି ଅବଳା
ଟେକି କେଦାରେ ଆଳାପ
ରୁକ୍ମିଣୀ ଶିରୋମଣି ନାରେଣି ନାରାୟଣୀ ।୪।
ଗଉରୀ ହେମଗୋରୀ କାବେରୀ ଗୋଦାବରୀ
ଗାବନ୍ତି ଗୀତ ଏହୁ ଟେକିଣ ଗୁଣ୍ଡକିରୀ
ଖେମଟା ରାଗେ ଗାୟଣୀ

Digitized by srujanika@gmail.com

କାମସେଣା ଦୟଣା ସାରକମା ରୋହିଣୀ ।୫।
ଅମ୍ବାଳି ଅମ୍ବୁବତୀ ଯମୁନା ଜମ୍ବୁବତୀ
ପିଛଳା ଢ଼ାଳନ୍ତି ଏ ରାହାସ ରସେ ମାତି
ଅଷ୍ଟ ଦଳେ ଅଷ୍ଟନାରୀ
ଅଷ୍ଟପ୍ରହରେ ସେବା କରନ୍ତି ଦଣ୍ଡଧାରୀ ।୬।
ଚୌଷଠୀ ସସ୍ର ନାୟିକା ସପ୍ତପୁର ବେଢ଼ି
ପ୍ରଥମ ବେଢ଼ାସ୍ତ୍ରୀ ବ୍ରହ୍ମ ବୀଣା ବାଦ୍ୟକରି
ଦ୍ୱିତୀୟ ବେଢ଼ା ତମ୍ବୁର
ତୃତୀୟ ବେଢ଼େ ବଜାନ୍ତି କଂସାଳ ପ୍ରଖର ।୭।
ଚତୁର୍ଥ ବେଢ଼ା ସଖିଏ ଏରବାକୁ ବାଇଲେ
ଷଷ୍ଠ ବେଢ଼େ ଶଂଖଧ୍ୱନି
କରତାଳ ବାଇ ସପ୍ତ ବେଢ଼ାର ରମଣୀ ।୮।
ଆଦି ତାଳ ଜତି ତାଳ ନିଶାରି ଖେମଟା ।
ରୂପକ ଝଂପକ ଗୁପ୍ତତାଳ ପଡ଼ି ଦ୍ୱିପଟା
ପୁଣ ତ୍ରିପଟା ଯେ ତାଳ
ନୃସିଂହ ରାସେ ଉତ୍ପନ୍ନ ହୋଇଲା କେବଳ ।୯।
ସେ ରାସେ ଉତ୍ସୁକ ହୋଇ ଅଠାଶି ସସ୍ର ଋଷି
ନୃସିଂହ ରାସେ ବେଢ଼ି ନାଚନ୍ତି ହୋଇ ଖୁସି
ରାସ ବାହାର ଦୁଆର
ପାହାରି ଅଟନ୍ତି ହରି ଦଶ ଅବତାର ।୧୦।
ଦକ୍ଷିଣ ଦ୍ୱାରପାଳ ମତ୍ସ୍ୟ କୂର୍ମ ଶ୍ରୀହରି
ବରାହ ନୃସିଂହ ପଶ୍ଚିମ ଦ୍ୱାର ପାହାରୀ
ଧରି ସ୍ୱର୍ଣ୍ଣ ବେତ୍ର କରେ
ଶ୍ରୀବାମନ ପର୍ଶୁରାମ ପାହାରି ଉତ୍ତରେ ।୧୧।
ଶ୍ରୀରାମ ଶ୍ରୀକୃଷ୍ଣ ଏ ପୂର୍ବଦ୍ୱାର ଜଗା
ପଡ଼ିହାରି ଚଉଦ କଳ୍କି ଅଛନ୍ତି ଉଭା
ତଥି ବାହାରେ ହେ ଭାଇ
ନାରଦ ବୀଣା ବଜାନ୍ତି ହରଷିତ ହୋଇ ।୧୨।
ଦୁର୍ବାଶା ପଢ଼ନ୍ତି ଯେ ମଙ୍ଗଳାଷ୍ଟକ ତୋଷେ

Digitized by srujanika@gmail.com

ସନକ ସାତ ଋଷି ଯେ ଭୋଳନ୍ତଛନ୍ତି ବେଦେ
ତାଳ ଅଗସ୍ତି ବଜାଇ
ତମ୍ବୁରା କପିଳ ପୌଳସ୍ତ୍ୟ ଯେ ରବାବାଇ ।୧୩।
ନାଚନ୍ତି ବ୍ୟାସ ପୌଳସ୍ତ୍ୟ ସଙ୍ଗ ସ୍ୱନ କରି
ଭୃଗୁ ବୀରକାହାଳୀ ଗୌତମ କଂସାଳ ଧରି
କଣ୍ୱ ବିଅନ୍ତି କର୍ପୁର
ଚନ୍ଦନ ସିଞ୍ଚୁଛନ୍ତି କୋକିଳ ମୁନିବର ।୧୪।
କରତାଳି ବଶିଷ୍ଠ ଶୁକ କସ୍ତୁରି ସିଞ୍ଚ
ଡମ୍ବରୁ ବଜାଇ ହର ନୃତ୍ୟ ରସେ ମାତି
ଶିବୀ ଗଣ ସହିତରେ
ଏକା ବେଦବର ଯେ ନାହାନ୍ତି ସେ ରାସରେ ।୧୫।
ମୁସ୍ତକିମ କହେ ନଣା ନ ହୋଇବ କ୍ଷୋଭ
ସଂପୂର୍ଣ୍ଣ କହିଲି ଏ ନୃସିଂହ ରାସ ଭାବ
ଯାହା ହୋଇଲା କଳଣା
ସାହାସ୍ୱେ ଦେଖିଲେ ତ ଯୋଗିଏ ହେବେ ବଣା ।୧୬।

।। ଜୀବର ଗମନାଗମନ ପ୍ରଶ୍ନ ।।

ଶୁଣ ଭାଇ, ଏହି ପ୍ରଶ୍ନକୁ ଉତ୍ତର ଦେବ କହି ।ପଦ।
ବସିଥିଲେ ଆତ୍ମା କେତେକ ଯୋଜନ
ଗମଇ କହିବ ଶୁଣିବେ ସୁଜନ
ଧ୍ୟାନେ କେତେ ଦୂର କରେ ପରିକ୍ରମ
ଚାଲିବା କାଳେ ସେ କେତେ ଯାଇ ।୧।
ବାକ୍ୟ ଉଚ୍ଚାରଣେ କେତେଦୂର ଧାପ
ଶୃଙ୍ଗରେ ସେ କେତେ ଦୂର କରେ କ୍ଷେପ
ନିଦ୍ରିତେ କେତେ ଯୋଜନ ଯାଉଥାଇ
ମୃତ୍ୟୁକାଳେ କେତେ ଦୂର ଯାଇ ।୨।
ଅଙ୍ଗ ଛାଡ଼ି ଆତ୍ମା ରହେ କାହିଁ କହ
ପାସୋରିବା ପାଦ ଥୁଏ କେଉଁ ଠାବ

Digitized by srujanika@gmail.com

କହିବା ଶବଦ ରହେ କାହିଁ ପଦ
ପରମ ଜୀବ ଏକ କି ଦୁଇ ।୩।
ବାଲୁତ ମୁସ୍ତକି ଅଧମ ପାମର
ନିଶି ଦିବସ ଯେ ଅଷ୍ଟମ ପ୍ରହର
କେତେ ଖଣ୍ଡିରେ ଆତ୍ମା କରେ ବିହାର
ପରମ କିଏରେ କହ ବୁଝାଇ ।୪।

।। ଗୁରୁଠାରୁ ମନ୍ତ୍ର ନେବା ସ୍ଥାନ ।।

ଶୁଣ ଜନେ ଚିତ୍ତେଇ
ମନ୍ତ୍ର ନେବ ଗୁରୁଙ୍କଠାରୁ ଭାଇ ।ପଦ।
ତୁଳସୀର ମୂଳେ ଅଶ୍ୱତ୍‌ଥର ତଳେ
କିବା ପୁଷ୍ପ ବାଟିକା ମଧ୍ୟେ ଯାଇ ।୧।
ଦେବଥିବା ସ୍ଥଳେ କିବା ବିଷ୍ଣୁଆଳେ
କିବା ବଇଷ୍ଣବ ମଠଥିବ ହୋଇ ।୨।
ନଦୀ ସମୁଦ୍ରର ତୀରେ ବୃକ୍ଷ ଧିର
ଉତ୍ତମ ଗୋରୁ ଗୋଷ୍ଠକୁ କହଇ ।୩।
କିବା ଗୁରୁବାକ୍ୟ ସ୍ଥାନ ଅଟେ ସିଦ୍ଧ
କବି ମୁସ୍ତକିମ ଉତ୍ତର କହି ।୪।

।। ଗୁରୁଦର୍ଶନ ।।

ଶୁଣ ଦର୍ଶନ ବିଧି, ଶୁଣ କହୁଅଛି ପୁରାଣେ ସିଦ୍ଧି ।ପଦ।
ଗୁରୁ ନିଜ ଗ୍ରାମେ ଥିଲେ ହେଁ ସୁଜନେ ଦର୍ଶନ କର ନିତି
ଅର୍ଦ୍ଧକୋଶେ ଥିଲେ ତିନି ଦିନେ ବେଳେ
ଦର୍ଶନରୁ ପୂଣ୍ୟ ହୁଅଇ ବୃଦ୍ଧି ।୧।
ଥିଲେ କୋଶକରେ ନମ ମାସକରେ ରାଜ୍ୟକେ ଥିଲେ
ମାସେ ଥରେ ସିଦ୍ଧି
ଥିଲେ ଅତି ଦୂରେ ବରଷକେ ଥରେ
ନମ ହେଲା ନୋହି ଚିତ୍ତେ ଅବଧି ।୨।
କେବେ ଯେବେ ଭେଟ ନୁହେ ଗୁରୁମଠ ପ୍ରଭାତୁ ଥରେ ବସ ଗୁରୁ ଧ୍ୟାୟି

Digitized by srujanika@gmail.com

କହେ ମୁଗ୍ଧକିମ ନିଷ୍କପଟେ ନମ
ପୂଣ୍ୟପରେ ମହା ପୂଣ୍ୟ ହୁଅଇ ।୩।

।। ସ୍ତ୍ରୀ ହୋଇ ବିଷ୍ଣୁ ଶାଳଗ୍ରାମ ପୂଜିବା ।।

ଶୁଣ ସୁଜ୍ଞଜନେ ଆନନ୍ଦ ମନ ହୋଇ
ଯାହା ଜାଣିଅଛି ତାହା କହୁଛି ହେ ଭାଇ ।୧।
ରାସ ସାରୀ ନୃସିଂହ କାର୍ତ୍ତିକ ପୂର୍ଣ୍ଣମିରେ
ବାଳ ଭାବେ ଶେଷ ସଂଗେ ବିଜେ ମନ୍ଦିରରେ ।୨।
ଭୋଜନ କରି ଶୋଇଲେ ପ୍ରାତ ଆସି ହେଲା
ଭଗବତୀ ରାଣୀ ପ୍ରାତୁ ସ୍ନାନକୁ ସାରିଲା ।୩।
ବିଷ୍ଣୁ ପ୍ରତିମା ଯେ ଦାମୋଦର ଶୀଳା ମୂର୍ତ୍ତି
ହିରଣ୍ୟ ଗର୍ଭ ଶୀଳା ପୂଜନ୍ତି ନିତି ନିତି ।୪।
ଆଚାରବନ୍ତ ସ୍ତିରୀ ପୂଜିଲେ ନାହିଁ ଦୋଷ
ବ୍ରହ୍ମା ଏହା ବେଦରେ କରି ଅଛନ୍ତି ପ୍ରକାଶ ।୫।
ମାତ୍ର ରଜସ୍ରାବ କାଳେ ତାହା ନ ଯୋଗାଇ
ଭଗବତୀଙ୍କୁ ବ୍ରହ୍ମା ଏପରି ଥିଲେ କହି ।୬।
ଗଙ୍ଗାଜଳ ଆଣିଣ ଆସନ ଶୁଦ୍ଧ ପାଡ଼ି
ରତ୍ନାସନେ ପ୍ରତିମାକୁ ବସାଇଲେ ଫେଡ଼ି ।୭।
ଷୋଡ଼ଶ ଉପଚାରେ ସ୍ନାହାନ ବିଧି କରି
ସହସ୍ର ଶୀର୍ଷ କାଣ୍ଡିକୁ ମୁଖରେ ଉଚ୍ଚାରି ।୮।
ତଦୁତ୍ତାରୁ ରତ୍ନ ସିଂହାସନେ ବସାଇଲେ
ଗନ୍ଧପୁଷ୍ପ ତୂଳସୀ ଧୂପଦୀପାଦି ଦେଲେ ।୯।
କ୍ଷୀଚର୍ଳ ମଣୋହି ବାଡ଼ି ସ୍ତୁତି ପାଠ କରି
ମନୋବାଂଛା ଜଣାଇଲେ ମୁଗ୍ଧକି ଉଚ୍ଚାରି ।୧୦।
ଶୁଣିଲକି ନଣା ନାରୀ ବିଷ୍ଣୁ ଶିଳା ପୂଜା
ମନକୁ ନୋହିଲା ଯାଇ ପୁରାଣ ଦେଖ ଯା ।୧୧।

Digitized by srujanika@gmail.com

।। ଶିଆଳ ପୂର୍ବଜନ୍ମ ଓ ବେଦବ୍ୟାସ ଶିଷ୍ୟ ।।

ଶୁଣ ସୁଜ୍ଞନରେ ପ୍ରଶ୍ନକୁ ଉତ୍ତର ପୂର୍ବେ ଦକ୍ଷ ବ୍ରହ୍ମା ଥିଲା
ନିତ୍ୟ ବଇକୁଣ୍ଠେ ମନର ଉତ୍କଣ୍ଠେ ନିତି ବିଷ୍ଣୁ ସେବେ ଭଲା
ନଣା ଦିନକ ଦକ୍ଷ
କୌତୁକେ କଲା ବିଜୟା ରକ୍ଷ ଯେ ।୧।
ଆସନ ସ୍ୱାଗତ ପାଦାର୍ଘ୍ୟ ଯେ ଆଚମନ ଗନ୍ଧ ପୁଷ୍ପ ଧୂପ
ଦୀପ ନଇବେଦ୍ୟ ଚନ୍ଦନରେ ପୂଜିବାର ଅଟେ ବିଷ୍ଣୁ ରୂପ
ମହା ସଂସ୍କାର ହୋଇ
ତ୍ରୈଲୋକ୍ୟନାଥ ପୂଜା ଅଟଇଟି ଯପ ।୨।
ଦକ୍ଷ ପୂଜା କରୁ ମନ୍ତ୍ର ପଢ଼ିବାରୁ ଅକ୍ଷରେକ ଗଲେ ଭୁଲି
ହସ୍ତୁ ଚଳୁ ଛାଡ଼ି ଦେଲେ ମନ୍ତ୍ର ହୁଡ଼ି ଦେଖି କୋପ ବନମାଳି
ତାକୁ ବିହିଲେ ଶାପ
ମର୍ତ୍ତ୍ୟେ ଶିଆଳ ଯାଇ ହୋଇବରେ ।୩।
ପ୍ରତିକାର ମାଗୁ ଅତି ଅନ୍ତରରୁ କହିଲେ ଶିଆଳ ହୁଅ
ବ୍ୟାସେ ମନ୍ତ୍ର ଦେଇ, ମୁକ୍ତ ହୁଅ ତୁହି, ତୋହର କୁଟୁମ୍ବ ସହ
ଶୁଣି ମନ୍ତ୍ର ଶିଖିଲା
ବେଦ ତତ୍ତ୍ୱ ମନ୍ତ୍ର ଜାଣିଗଲା ଯେ ।୪।
ନୈମିଶା ଅରଣ୍ୟେ କୃପାଳୁ ନାମେଣ ଶିଆଳର ଅଟେ ବାସ
କୃପାକଟାକ୍ଷୀ ତା' ରମଣୀ ଅଟଇ ତା' ଗର୍ଭେ ଜନ୍ମିଲା ଦକ୍ଷ
ଦକ୍ଷ ସିଆଳ ନାମ
ଖଜୁର ରସ ଜୀବିକା ଜାଣ ଯେ ।୫।
ଦିନେ ବ୍ୟାସ ତହିଁ ମିଳିଲେକ ଯାଇ କୃପାଳୁ ଖଜୁରୀ ବନେ
ମନ୍ତ୍ର ପଢ଼ି ଦେଇ ବୃକ୍ଷ ଗଲା ନଇଁ କୃପାଳୁ ହରଷ ମନେ
ରସ କାଢ଼ିଣ ନେଲା
ପୁଣି ଭାଣ୍ଡ ବୃକ୍ଷେ ଭିଡ଼ିଦେଲା ଯେ ।୬।
ଯା ବୋଲନ୍ତେ ବୃକ୍ଷ ପୂର୍ବ ପ୍ରାୟ ତତ୍କ୍ଷଣରେ ଉଭା ହେଲା ତହିଁ
ଦେଖି ବ୍ୟାସ ଆଚମ୍ୱିତ ହୋଇ ମନ୍ତ୍ର ଶିକ୍ଷା କରିଦିଅ କହି
ଶୁଣି କୃପାଳୁ ଭାଷି, ଭଲ ଦିବସେ ଆସିବୁ ଋଷି ।୭।

Digitized by srujanika@gmail.com

ଶୁଣି ବ୍ୟାସ ଗଲେ, ଶୁଭ ଅନୁକୂଳେ ଗଲେ ସେ ଶିଆଳ କତି
ଗୁରୁ ହେବା ଭୟେ, ମନ୍ତ୍ର ସେ ନ ଦିଏ, ଲୁଚଇ ବନେ ଝଟତି
ଗୃହେ ପୁଚ୍ଛି ତପସ୍ୱୀ, ନାହିଁ ବୋଲନ୍ତେ ସେ ଫେରି ଯାଆନ୍ତି ।୮।
ଦିନେ ଶିଆଳର ସେ ଦକ୍ଷ କୁମର ପଚାରିଲା ମୁନିବର
କାହିଁ ଆସି ଫେର ପିତାଙ୍କୁ ମୋହର କି କାର୍ଯ୍ୟେ ତଲାସ କର
ଶୁଣି ବ୍ୟାସ କହିଲେ
ମନ୍ତ୍ର ଶିଖାଥାନ୍ତୁ ଭେଟିଥିଲେ ।୯।
ସେ ଦକ୍ଷ ଶିଆଳ ହୋଇଣ ଚଞ୍ଚଳ ମନ୍ତ୍ର ବ୍ୟାସେ ଶିଖାଇଲେ
ପିଅର ବନରୁ ଆସିଲାରୁ ପୁତ୍ର ସର୍ବ ବୃତ୍ତାନ୍ତ କହିଲେ
ଶୁଣି କୃପାଳୁ କହି
ଯାଅ ବ୍ୟାସ ମାନିବ କି ନାହିଁ ଯେ ।୧୦।
ବ୍ୟାସପୁରେ ଦକ୍ଷ ଗଲା ଦେଖି ବ୍ୟାସ ଋଷି ମଣ୍ଡଳୀରୁ ଉଠି
ଆସନେ ବସାଇ ପାଦୋଦକ ନେଇ ମଥାପରେ ହେଲେ ସିଞ୍ଚି
ତହୁଁ ଶାପ କଟିଲା, ପିତାମାତା ସହ ସ୍ୱର୍ଗେ ଗଲା ।୧୧।
ପ୍ରଥମରେ ବ୍ୟାସ ନଟି କାଳଗଛ ପରେ ପଡ଼ିଥିଲେ ଭାଇ ବି ।
ଦ୍ୱିତୀୟରେ ଯାଇ ବଦ୍ରିକାରେ ତହିଁ ଆମ୍ବ ବୃକ୍ଷକୁ ନୁଆଇଁ
ଚୌଷଠି ସସ୍ର ନାରୀ, ତାଙ୍କୁ ଆମ୍ବ ଦେଲେ ତୋଳି କରି ।୧୨।
ଆନନ୍ଦବନରେ ଆନନ୍ଦ ମନରେ ନୃସିଂହ ସହ ବାମା ଏ
କେଳି କରୁଥିଲେ ଚ୍ୟୁତ ବିନ୍ଧୁଥିଲେ ମୁସ୍ତକି କହେ ବିଚାରି
ସେହି ସମୟ ଭାସ, ସଂକ୍ଷେପରେ କରିଲି ପ୍ରକାଶ ।୧୩।

।। ବ୍ରତ ନ ହେଉ ବିଭା ଆଗ ।।

ଶୁଣ ହେ ବିବେକୀ ଗଣ, ହୋଇଣ ଯେ ସ୍ଥିର ମନ
ବଦ୍ରିକା ନଗ୍ରେ ନୃସିଂହ ଶେଷ ଜନମ
ମାତ ନାମ ଭଗବତୀ, ପିତା କୃଷ୍ଣ ବଲ୍ଲଭଟି
ଜାତିରେ ଅଟନ୍ତି ସେହୁ ପରା ବ୍ରାହ୍ମଣ
ଷଡ଼ ବର୍ଷ ବୟସ ଜାଣ
କାର୍ତ୍ତିକ ମାସରେ ରାସ କଲେ ଭିଆଣ ।୧।
ନିକଟେ ଗଙ୍ଗା ନଦୀର, ଆନନ୍ଦବନ ମଧ୍ୟର

Digitized by srujanika@gmail.com

ଯଜ୍ଞବେଦିରେ ନୃସିଂହ ପୁରୁଷ ସିଂହ
ବସିଲେ ରାହାସ କରି, ଅଷ୍ଟସଖୀ ସେବାକାରୀ
ଚୌଷଠୀ ସହସ୍ର ନାରୀଙ୍କର ସମୂହ
ନାରୀଗଣେ ସୁମନ ତୋଳି
ଗଲେ ନୃସିଂହଙ୍କୁ ବେଶ କରିବା ଭାଳି ।୨।
ଫେରି ଆସିବାର କାଳେ, ହୃଦଗତେ ବିଚାରିଲେ
ଏ ପୁରୁଷ ଆମ୍ଭ ପତି ହୋଇଥାନ୍ତାଟି ଯେବେ
ସଦା ସେବୁଥାନ୍ତୁ ପାଦେ, ରୂପ ରଖି ନେତ୍ରପଥେ
ହୃଦ ଉଡୁଥାନ୍ତା ହୃଦେ ପରମ ସୁଖେ
ତାହା ଜାଣି ପାରିଲେ ହରି
ଯଜ୍ଞବେଦି ପରେ ପ୍ରଭୁ ବିଜୟ କରି ।୩।
ନାରୀଙ୍କର ମନୋଭାବ, ରଖିବାକୁ ପଦ୍ମନାଭ
ନାରୀକେ ପୁରୁଷେ ରୂପ ହେଲେ ନୃସିଂହ
ନାରୀଙ୍କର କରେ କର, ବନ୍ଧନ କରି ବେଦିର
ଉପରେ କଲେ ବିଜୟ ପୁରୁଷ ସିଂହ
ଆପେ ପ୍ରୋହିତ ଆପେବର
ଆପେ କୁଶଗ୍ରନ୍ଥି ବାନ୍ଧି କରକୁ କର ।୪।
ବିଭା ଶେଷେ ରତି ଆଦି, ଭାବ କଲେଟି ଅନାଦି
ତଦୁତ୍ତାରୁ ଶେଷ କରି ବନ ବିହାର
ନିଜ ମନ୍ଦିରେ ଚଳିଲେ, ନାରୀଏ ନଗ୍ରକୁ ଗଲେ
ତହୁଁ ସେହି ରୂପେ ଗଲା ତିନି ବତ୍ସର
ତଦୁତ୍ତାରୁ ହୋଇଲା ବ୍ରତ
କବି ମୁସ୍ତକିମ କହେ ପୁରାଣେ ସତ ।୫।
ବ୍ରତ ନୋହୁ ବିଭା ଭାଇ, ଯାହା ଜାଣିଥିଲି ମୁହିଁ
ସଂକ୍ଷେପେ ଅଳ୍ପ ଅଳ୍ପ କହିଲି ଭାଇ
ପ୍ରତେ ନୋହିଲେ ନୃସିଂହ ପୁରାଣ ବେଗେ ଅଣାଅ
ତୃତୀୟ ରତ୍ନାକରକୁ ଦେଖ ଫିଟାଇ

XXX

Digitized by srujanika@gmail.com

।। ପାଇଣ ମନ୍ତ୍ର ନାମ ।।

ସୁତାକୁ ଟି ନବଗୁଣ କରିଣଟି ନଣା
ଯଜ୍ଞୋପବିତ ମନ୍ତ୍ର ମନ୍ତ୍ରିବନ୍ତି କିଣା ।୧।
ଅଙ୍ଗ ନ୍ୟାସ କରନ୍ୟାସ ଜୀବନ୍ୟାସ ପଢ଼ି
ସେ ଯଜ୍ଞୋପବିତକୁ ଟି ଦ୍ୟନ୍ତି ଗଣ୍ଠି ପାଡ଼ି ।୨।
ଆସନ ରୂପି ଛନ୍ଦ ଯେ ପଢ଼ି ଧ୍ୟାନ ମନ୍ତ୍ର
ପଢ଼ି ପଇତା ପିନ୍ଧିବ ଅଟଇ ଏ ସୂତ୍ର ।୩।

।। ସ୍ୱୟମ୍ବର ନ ହେଉଁ ପତି ଦର୍ଶନ ।।

ହେ ଜ୍ଞାନୀ ନର, ସୁଚିତ୍ତେ ଶୁଣ ଉତ୍ତର ।ପଦ।
ବରୁଣ ରାଜାର ନୀର - ବତୀ ନାମ ରାଣୀଙ୍କର
ଭୃଗୁସୂତା ଲକ୍ଷ୍ମୀଙ୍କର ମାତା ଅଟନ୍ତି ନିକର ।୧।
ସେ କମଳାଙ୍କର ଦାସୀ, ନାମ ହଂସିନୀ ଅଟେ ଟି
ଦିନେ ପୁଷ୍ପ ବାଟିକାରେ, ଭ୍ରମନ୍ତି ତୋଷ ମନର ।୨।
କମଳା ପତିଙ୍କ ପ୍ରୀତି, ଦେଖି ହେଲେ ଦୁଃଖମତି
ସଖିଙ୍କି କହିଲେ ତାତ ନ ଲୋଡ଼ନ୍ତି କିପାଁ ବର ।୩।
ଦାସୀ କହି ତୋର ପାଇଁ, ଲାଖ ରଖିଛନ୍ତି ଥୋଇ
ଯେ ଲାଖ ବିନ୍ଧିବ ମାତ ସେ ହୋଇବ ତୋର ବର ।୪।
ଲକ୍ଷ୍ମୀ କହି କେଉଁ ଦ୍ୱୀପ, ନୃପତୀ କେମନ୍ତ ରୂପ
ହେବେ କି ମୋ ଅନୁରୂପ, ଲାଖ ବିନ୍ଧିବାରୁ ବର ।୫।
ହଂସିନୀ କହେ ଗିରିଜା, ପୂଜି ବର ପାଇଛି ଯା
ଆଜ୍ଞା ହେଲେ ରାଜା ଚିତ୍ର - ପଟ କରିବି ହାଜର ।୬।
ଲକ୍ଷ୍ମୀ କହି ଏଡ଼େ ବର, ପ୍ରାପ୍ତ ଯଦି ଅଛି ତୋର
ଆଜ ବିଡ଼ିବା ଦେଖାଅ, ମନ୍ତ୍ର କେମନ୍ତ ବେଭାର ।୭।
ଶୁଣିଣ ହଂସିନୀ ମନ୍ତ୍ର, ପଢ଼ିବାରୁ ଚିତ୍ରପଟ
କ୍ଷଣକେ ହେଲା ପ୍ରକଟ, ସପ୍ତ ଦ୍ୱୀପ ନୃପଙ୍କର ।୮।
ସେ ଚିତ୍ରରେ ନୃସିଂହଙ୍କୁ, ଦେଖି ନିନ୍ଦିଲେ ସଭିଙ୍କୁ
ଭାବିଲେ ଏ ଲାଖ ବିନ୍ଧି, ହେବେ ନି କି ମୋର ବର ।୯।

Digitized by srujanika@gmail.com

କବି ମୁସ୍ତକିମ କହି, ସ୍ୱୟମ୍ବର ଆଗ ସେହି
ପତି ଦେଖିଥିଲେ ପଟେ ଆଉ ସର୍ବ ନୃପବର ।୧୦।

।। ସପ୍ତଦ୍ୱୀପକୁ ସପ୍ତ ସମୁଦ୍ର ।।

ଶୁଣ ଆହେ ସୁଜ୍ଞଜନେ ମନକର୍ଣ୍ଣ ଦେଇ
ଦ୍ୱୀପ ଗୋଟିଏକକୁ ଯେ ସମୁଦ୍ରେ ବେଢ଼ିଛଇ ।
ମେରୁର ଚାରିଦିଗେ ସପତ ଦ୍ୱୀପ ଅଛି
ଚନ୍ଦ୍ର ସୂର୍ଯ୍ୟ ଯେ ମେରୁକୁ ବେଢ଼ି ଅଛି ।
ଶ୍ୱେତ ଦୀପକୁ ଯେ କ୍ଷୀରସିନ୍ଧୁ ବେଢ଼ି ଅଛି
ସେ ସିନ୍ଧୁ ମଧ୍ୟେ ବୈକୁଣ୍ଠ କଲେ ଶିରୀବନ୍ଧି ।
ଦ୍ୱୀପ ଲମ୍ବ ଓସାର ପଞ୍ଚାଶ ଲକ୍ଷ କୂଣ
ଚୌରାଶୀ କାଠି ଗଭୀର ଅଟଇଟି ଜାଣ ।
ତଥି ମଧ୍ୟେ କ୍ଷୀର ବୈକୁଣ୍ଠ ଜାଣ ଭାଇ
ଅନନ୍ତ ଅନନ୍ତ ଶଯ୍ୟା ସେଠାବର ହୋଇ ।
ତହିଁକି ଲାଗିଅଛି ଯେ ପଦ୍ମ ଦ୍ୱୀପ ଭାଇ
ବେଢ଼ିଛି ଘୃତ ସମୁଦ୍ର ଶୁଣିବ ଚିତ୍ତୋଇ ।
ତିରିଶି ଲକ୍ଷ କୂଣା ଅଟଇ ଦୀର୍ଘ ପ୍ରତି
ପାଣି ଗଭୀର ଯେ ବତିଶ କୂଣ କାଠି ।
କୁଷ ଦ୍ୱୀପ ତିନି ଲକ୍ଷ ଯୋଜନ ଅଟଇ
ବାର ଲକ୍ଷ ଯୋଜନ ମଧୁ ସମୁଦ୍ର ଛଇ ।
ବାରକାଠି ଯୋଜନ ଗଭୀର ଶୋଭାବନ
କ୍ରୌଞ୍ଚ ଦ୍ୱୀପ ମାପ ଅଟେ ଲକ୍ଷେ କୂଣ ଜାଣ ।
ସୁରା ସିନ୍ଧୁ ବେଢ଼ିଅଛି ଚୌରାଶି କୂଣ ପାଣି
ପନ୍ଦର କାଠି ଗଭୀର ଅଟେ ପରିମାଣି ।
ସାକଲ୍ୟ ଦ୍ୱୀପ ତିନି ଲକ୍ଷ ଯୋଜନ ଭୂଇଁ
ଲକ୍ଷେ ଯୋଜନ ଦଧି ସମୁଦ୍ର ବେଢ଼ିଛଇଁ ।
ବାରକାଠି ଗଭୀର ଅଟଇ ସିନ୍ଧୁ ଗୋଟା
ପ୍ଲକ୍ଷ ଦ୍ୱୀପ ବେଢ଼ିଅଛି ନୀର ସମୁଦ୍ରଟା ।

Digitized by srujanika@gmail.com

ଆଡ଼ ଦୀର୍ଘ ପଞ୍ଚଶ ଲକ୍ଷ ଜୁଣ ଅଟଇ
ଚବିଶ କାଠି ଗଭୀର ଅଟେ ଜଳ ତହିଁ ।
ଜମ୍ବୁ ଦ୍ୱୀପକୁ ବେଢ଼ିଛି ସମୁଦ୍ର ଲବଣ
ନବ ଲକ୍ଷ କାଠି ଜଳ ଗଭୀରଟି ଜାଣ ।
ଏ ସପ୍ତସିନ୍ଧୁ ମଧ୍ୟେ କରୁଣା ନାମେ ଜଳ
ବରୁଣ ପୁର ତହିଁ ଦ୍ୱିଲକ୍ଷ ଯୋଜନ ସ୍ଥଳ ।
ରାଣୀ ନୀରବତୀ ମନ୍ତ୍ରୀ ଜଳତରଙ୍ଗ ଜାଣ
କବି ବାଳ ମୁସ୍ତକିମ କଲେଟି ବଖାଣ ।

।। ଲକ୍ଷ୍ମୀଙ୍କ ଅଷ୍ଟ ସଖୀଙ୍କ ନାମ ।।

ଯେ କାଳେ ଭୃଗୁ ଋଷି ଲକ୍ଷ୍ମୀଙ୍କି ଜାତ କଲେ
ତହିଁ ସଙ୍ଗେ ଅଷ୍ଟସଖୀ ପ୍ରକାଶିତ ହେଲେ ।
ବରୁଣପୁରେ ଲକ୍ଷ୍ମୀଙ୍କି ଥୋଇ ଯିବା କାଳେ
ରହିଲେ ଅଷ୍ଟସଖୀ ଲକ୍ଷ୍ମୀଙ୍କ ସଙ୍ଗ ମେଳେ ।
ହଂସିନୀ, ହେମବତୀ, ପଦ୍ମିନୀ, ହରିଣାକ୍ଷୀ
ଚିତ୍ର ପିତୁଲା ଯେ ପରିମଳା ପଦ୍ମନେତ୍ରୀ ।
ପାବେନୀ ସହିତେ ଅଷ୍ଟ ସଖି ଲକ୍ଷ୍ମୀ ସଙ୍ଗ
ଜନ୍ମେ ଜନ୍ମେ ସେବାକାରୀ ଅଟନ୍ତି ଲକ୍ଷ୍ମୀଙ୍କ ।

।। ଚାରିଚକ୍ରର ନାମ ।।

ଶୁଣ ସୁଚିତ୍ତେ ଭାଇ, ଅଳ୍ପ ଭାବରେ ଦେଉଛି କହି ହେ ।ପଦ।
ବିଧାତା ବିଧାନ ଚକ୍ର ଅଟେ ଜାଣ ନିର୍ମାଣ କଲେଟି ବିହି
ପବନାବର୍ତ୍ତେକ ଯେ ପବନା ବଳିଚକ୍ର ନାମ ହେଲା ଦୁଇ ।୧।
ସୂର୍ଯ୍ୟାବର୍ତ୍ତେକ-ଚକ୍ର ଚକ୍ର ଯେ ଶୁଦର୍ଶନ ଏପରିରେ ଚାରି ହୋଇ
ପବନାବଳି ଚକ୍ର ମରୁତଠାରେ ଦିବାନିଶି ଅଛି ରହି ହେ ।୨।
ସୂର୍ଯ୍ୟାବର୍ତ୍ତେ ସୂର୍ଯ୍ୟ ଭ୍ରମନ୍ତିଟି ହେଜ ସୁଦର୍ଶନ ବିଷ୍ଣୁ ତହିଁ
ପବନା ବର୍ତ୍ତେକ ନାମ ଯେଉଁ ଚକ୍ର ଲାଖରେ ସ୍ଥାନ ସେହି ହେ ।୩।

Digitized by srujanika@gmail.com

ମୁସ୍ତକିମ କହି ସତ୍ୟ ଯୁଗେ ସେହି ବରୁଣପୁର ଯାଇ
ଲକ୍ଷ୍ମୀ ବିଭା ଲାଖେ ସ୍ଥାପିତ ଥିଲା ଯେ, ଶାସ୍ତ୍ରେ ଲୋଡ଼ ମିଳିବଟିଁ ଯେ ।୪।

।। କୃଷ୍ଣବଲ୍ଲଭ ଜନ୍ମ ।।

ଶୁଣ କୃଷ୍ଣବଲ୍ଲଭର ଜନମକୁ ଭାଇ
ଚଉଷଠି ଅକ୍ଷର ଯେ ଗାୟତ୍ରୀ ଅଟଇ ।
ବେଦ ଗର୍ଭରୁ ହୋଇଲା ଗାୟତ୍ରୀର ଜନ୍ମ
ସେହି ବେଦ ଗର୍ଭରୁ ଯେ ତତ୍ୱ ଉତପନ୍ନ ।
ନାନା ରୂପେ ତତ୍ତ୍ୱ ଜାତ ହେଲା ବୁଝିବଟି
ଚନ୍ଦ୍ର ସୂର୍ଯ୍ୟ ଅଗ୍ନି ଆଦି ତତ୍ୱ ଏ ଅଟନ୍ତି ।
ଚାରି ବେଦ ଗର୍ଭୁ ଜାତ ଏକ ତତ୍ୱ ହେଲା
ସେ ତତ୍ତ୍ୱ ବେଦକୁ ସ୍ତୁତି କରି ଜଣାଇଲା ।
କିପାଁ ଜାତ କଲି ବେଦମାନେ ରୂପ କରି
ବେଦେ ବୋଇଲେ ଅବନୀ ଭାରକୁ ନିବାରୀ ।
ଦୁଷ୍ଟ ନାଶି ଧର୍ମକୁ ବର୍ଦ୍ଧିତ କରିବାକୁ
ବିଷ୍ଣୁ ଜନମିବେ ତତ୍ତ୍ୱ କହୁଛି ତୁମ୍ଭକୁ ।
ଚାରିବେଦ ତତ୍ତ୍ୱ ରୂପେ ରୁପ ତତ୍ତ୍ୱ ହେଲା
ସେ ତତ୍ତ୍ୱ ପୁରୁଷ ନର ହରିରୂପି ହେଲା ।
ପ୍ରଥମେ କୃଷ୍ଣବଲ୍ଲଭ ସୁବେଦିର ସୁ ତ
ଯାଙ୍କ ବୀର୍ଯ୍ୟେ ନରସିଂହ ହୋଇଲେ ସମ୍ଭୁତ ।
ଦ୍ୱିତୀୟରେ କଶ୍ୟପ ତୃତୀୟେ ଦଶରଥ
ଚତୁର୍ଥରେ ବସୁଦେବ ଶ୍ରୀକୃଷ୍ଣଙ୍କ ତାତ ।
କବି ମୁସ୍ତକିମ କହି ଶୁଣିଲ କି ନଣା
ସଂକ୍ଷେପେ କହିଲି ଅଟେ ଶାସ୍ତ୍ରର ଠିକଣା ।।

।। ହୀରଣ୍ୟ ନାଶ କାଳେ ନୃସିଂହ ସ୍ତମ୍ଭୁଁଜାତ ସେ ସ୍ତମ୍ଭ କିଏ ।।

ଶୁଣ ଶ୍ରବଣ ଦେଇ, ପ୍ରଶ୍ନକୁ ଉତ୍ତର ଦେଉଛି କହି ।ପଦ।
ଆଦି ସତ୍ୟଯୁଗେ, ଶ୍ରୀ ନୃସିଂହ ରୂପେ, ବିଷ୍ଣୁ ଜନମ ହୋଇ
ବରୁଣ ପୁରକୁ, ଲକ୍ଷ୍ମୀ ବିଭା ହୋଇ, ଫେରିଲେ ନୀଳଗିରୀ ପଥେ ଭାଇ ।୧।

Digitized by srujanika@gmail.com

ବଡ଼ ଦେଉଳରେ, ପ୍ରବେଶ ତୋଷରେ, ଜଗନ୍ନାଥ ଅଛନ୍ତି ଯେ ପୁରେ ରହି
ସେଠାରେ ପ୍ରବେଶି, ହେଲେ ନୃପ, ପୂଜା କଲେ ଜଗନ୍ନାଥଙ୍କୁ ତହିଁ ।୨।
ପୂଜା ସାରି ଜଗନ୍ନାଥଙ୍କୁ ନୃସିଂହ, କହିଲେ ହିରଣ୍ୟ ଜନ୍ମିବ ମହି
ସେ କାଳରେ ସ୍ତମ୍ଭ, ହୋଇ ତୁମ୍ଭେ ଥିବ, ହିରଣ୍ୟପୁରରେ କହୁଛି ମୁହିଁ ।୩।
ତୁମ୍ଭ ହୃଦେ ପାଦ, ମାଇଲାରୁ ଦୈତ୍ୟ, ତୁମ୍ଭ ହୃଦୁଁ ଜନ୍ମ ହୋଇବି ମୁହିଁ
ବଧିବି ହିରଣ୍ୟ ପ୍ରହ୍ଲାଦ ଛଳେଣ ବୋଲିଥିଲେ ଏହା ବୁଝି ଚିତୋଇ ।୪।
ଜଗନ୍ନାଥ ସ୍ତମ୍ଭ, ହୋଇଥିଲେ ଦମ୍ଭ, କରି ହିରଣ୍ୟ ପାଦ ମାରିଲଗଁ
ସେ ସ୍ତମ୍ଭୁ କେଶରୀ, ରୂପେ ନରହରି, ବାହାରି ବିଦାରି ମାରିଲେ ଭାଇ ।୫।
କହେ ମୁସ୍ତକିମ, ବାଳୁତ ଅଧମ, ମିଥ୍ୟା ନ ମଣ ମୋ କହିବା ଭାଇ
ଯେବେ ମଣ ମିଛ, ତୋ ଗୁରୁକୁ ପୁଛ, ନୃସିଂହ ପୁରାଣରେ ଅଛି କି ନାହିଁ ।୬।

।। ନୀଳଗିରୀ ଚାରିଯୁଗେ ଉଭା ।।

ଶୁଣ ଭାଇ ମନ ଦେଇ, ତୁମ ପ୍ରଶ୍ନକୁ ଉତ୍ତର
ଦେଉଅଛି କହି ହେ ।ପଦ।
ବିଷ୍ଣୁଙ୍କ ଆଶ୍ରମ ନୀଳଗିରିଟି ଅଟଇ
ସର୍ବ ପ୍ରଳୟରେ ଗିରି ପ୍ରଳଏ ନୁହଇ ହେ ।୧।
ପ୍ରଳେ ଜଳୁ ସସ୍ରେ ହାତ ସଦା ଗିରି ରହି
ଯେତେ ବଢ଼େ ଜଳ ଗିରି ତେତେ ଉର୍ଦ୍ଧ୍ୱ ହୋଇ ହେ ।୨।
ପ୍ରଳେ ସଂହରିଲେ ଗିରି ରୂପ ସଂହରଇ
ସତ୍ୟଯୁଗେ ସତର କୋଡ଼ି ହାତ ରହଇ ହେ ।୩।
ତ୍ରେତାରେ ବାର କୋଡ଼ି ଦ୍ୱାପରେ ଆଠ ହୋଇ
ବିଶା ଶହେ ହାତ କଳିଯୁଗେ ସ୍ଥିର ରହି ହେ ।୪।
କବି ମୁସ୍ତକିମ ବାଳ ଅଧମ କହଇ
ନୀଳଗିରୀ ଭାବଟିକି ଶୁଣିଲକି ଭାଇ ହେ ।୫।

।। ନୃସିଂହ ମଧୁଶଯ୍ୟା ପୁରେ ଲୁଚିଥିଲେ ।।

ସଭାଗଣ, ଶୁଣ ଶୁଣ ଉତ୍ତରକୁ ଦେଇ ମନ ହେ ।ପଦ।
ଆଦି ସତ୍ୟଯୁଗ କଥା ଭାଇ, ନୃସିଂହ ଶେଷ ଯେ ବିଷ୍ଣୁ ହୋଇ
କୃଷ୍ଣ ବଲ୍ଲଭର ହୋଇଲେ କୁମର

Digitized by srujanika@gmail.com

ଲାଖ ବିନ୍ଧି ବିଭା ହେଲେ ଜାଣ ।୧।
କମଳା ଛଳା ଦୁଇ ଭଗିନୀ, ବେଭାରେ ସେ ଯେ ବରୁଣ ଦୁଲଣୀ
ବିଭା ଶେଷେ ମଧୁଶଯ୍ୟା ହେଲା ବନ୍ଧୁ
ନୃସିଂହ କମଳା ପୁରକେଣ ।୨।
କାମପ୍ରାନ୍ତେ, କମଳାକୁ ହରି, ଭାଷିଲେ ଲୁଚିଲେ ଗୋ ସୁନ୍ଦରୀ
ପାଇବୁକି ଲୋଡ଼ି, ଶୁଣି ତୋଷେ ଲକ୍ଷ୍ମୀ
ଲୁଚି ଭାଷିଲେ କୋଳେ ଧରିଣ ।୩।
କ୍ଷୁଦ୍ର ଜୀବରୂପ ଧରି ହରି, ଲୁଚିଲେ କମଳାଙ୍କ କବରୀ
ଧ୍ୟାନେ ଜାଣି ତାହା, ସେ ଜଗତ ମାଆ
ପାଇ ହୋଇଲେ ହରଷ ମନ ହେ ।୪।
ମୁସ୍ତକି କହଇ ସେ ଦିନରୁ, କେଶେ ଯୁକ ଜାତ ହେଲେ ଚାରୁ
ଲିଖ ଯେ ବୋଲିଣ, ରହିଲା ତା' ନାମ
ବିଷ୍ଣୁ ରୂପ ଲିଖ ଯେ କରିଲେ ସ୍ଥାପନ ହେ ।୫।
କହେ ମୁସ୍ତକି ସେ ରୂପ ଛାଡ଼ି, ନିଜରୂପ ହେଲେ ନରହରୀ
ସେ ଜୀବରୂପକୁ ପ୍ରାଣ ଦାନ କଲେ
ଲିଖ ହୋଇ ରହିଲା କେଶେଣ ଯେ ।୬।

।। ନୃସିଂହ ବିଭା ଶେଷେ ଚଉଷଠି ସାତ ମଙ୍ଗଳା ।।

ଶୁଣ ହେ ପଣ୍ଡିତ ଜନେ ଏକ କରି ଚିତ୍ତ
ବରୁଣ ପୁରେ ବିଭା ହେଲେ ନୃସିଂହ ଶେଷ ।୧।
ମଧୁଶଯ୍ୟା କରି ରାତ୍ର ପୁହାଇ ରହିଲେ
ସକାଳୁ ମେଲାଣି ହୋଇ ନିଜ ଗୃହେ ଗଲେ ।୨।
ଫେରିବା ବେଳେ ଓଡ଼ିଶା ନଗ୍ରରେ ପ୍ରବେଶ
ନୀଳାଚଳେ ରହିଲେ ସେ ଚିତ୍ତେ ହୋଇ ତୋଷ ।୩।
ସେହି ସ୍ଥାନେ ଚଉଠି କଲେଟି କଲେ ଭୋଜି
ପଞ୍ଚମୀ ଦିନ ଖେଳିଲେ କାଦ ପାଣି ରଞ୍ଜି ।୪।
ଷଷ୍ଠ ଦିନ ବର ବିଶ୍ରାମକୁ କଲେ ତହିଁ
ସପ୍ତଦିନେ ସାତ ମଙ୍ଗଳା କଲେଟି ଭାଇ ।୫।
କବି ମୁସ୍ତକିମ କହେ ତହୁଁ ଚଳିଗଲେ
ବଦ୍ରିକା ନଗ୍ରରେ ପଥ ଅନୁସରି ଭଲେ ।୬।

Digitized by srujanika@gmail.com

।। ବସନ୍ତ ରୋଗ ବିବରଣ ।।

ଶୁଣ ହେ ସୁଜନ ଜନ ଏକ ମନ ହୋଇଣ
ପ୍ରଳୟରେ ସର୍ବ ଜୀବେ ଲଭିଲେ ମରଣ ।
ସର୍ବ ପୂଣ୍ୟ ଆତ୍ମା ହରି ଅଙ୍ଗେ ଲୋପ ହେଲା
ଦୁଷ୍କୃତ ପଙ୍କ ରୂପରେ ପଡ଼ିଣ ରହିଲା ।
ଏହି ରୂପେ କେତେକାଳ ଅନ୍ତେ ସୃଷ୍ଟି ଜାତ
ରୁଦ୍ର ବ୍ରହ୍ମା ଭିଆଇଲେ ଗୁରୁ ଚତୁର୍ଦ୍ଦଶ ।
ସର୍ବ ଜୀବ ସର୍ଜିଲେ ସୁକୃତ ହେଲା ଜାତ
ଦୁଷ୍କୃତ ପଙ୍କରୁ ଜାତ ହେଲା ବୁଝ ତତ୍ତ୍ୱ ।
ରମଣୀ ରୂପରେ ଜନ୍ମ ହୋଇଲାଟି ଭାଇ
କାଳେ ମୃତ୍ୟୁ ଲଭି ଜୀବ କାଳେ ଜନମଇ ।
ଏଣୁ କରି ଆନ ଜନ୍ମେ ବରୁଣ ବୀର୍ଯ୍ୟରେ
ନିରବତୀ ଉଦରେ ଦୁଷ୍କୃତ ଜାତ ଖରେ ।
ସୁକୃତ ଅଂଶରୁ ଲକ୍ଷ୍ମୀଇଶ ଅଂଶୁ ଇଳା
ଦୁଷ୍କୃତ ଅଂଶୁ ଅଲକ୍ଷ୍ମୀ ଜନମ ଲଭିଲା ।
କମଳା ଇଳାକୁ ନୃସିଂହ ଶେଷ ଦୁଇ
ବିଭା ହେଲେ ଅଲକ୍ଷ୍ମୀ ଉପାଳ ତପସାଇଁ ।
କାଳେ ଅଲକ୍ଷ୍ମୀର ମନ୍ଦ ଆଚରଣ ଦେଖି
ବନେ ତେଜ୍ୟା କରିଦେଲେ ଉଦ୍ଦାଳକ ଋଷି ।
ପିପଳ ବୃକ୍ଷ ମୂଳେ ଅଲକ୍ଷ୍ମୀ କାନ୍ଦୁଥିଲେ
କମଳାପତି ନୃସିଂହ ଜାଣି ଆସି ହେଲେ ।
ଉଚ୍ଚସ୍ଥାନେ ରଖିବାକୁ କହୁ ନାରୀମଣି
ନାସ୍ତିକାରୀ ମନ୍ଦସ୍ଥାନ ଲୋଡ଼ିଲାକ ପୁଣି ।
ତାର ମନ ଜାଣି ଜଗତ୍‌ପତି ପ୍ରବେଶିଲେ
ଶୀତଳାଇ ନାମେ ପୂଜା ସେଦିନୁ ପାଇଲେ ।
ବସନ୍ତ ରୋଗ ବୋଲିଣ ପୂଜାପାଏ ଭାଇ
ପିପଳ ବୃକ୍ଷରେ ରାତ୍ରେ ନିବାସ କରଇ ।
ସର୍ବ ଜୀବ ପରେ ଦେଲେ ଥରେ ଅଧିକାର
କାଳୀମୁଖୀ ବାଇଧର ଚଉଷଠୀ ଯୋଗୀ

Digitized by srujanika@gmail.com

ଭୂତପ୍ରେତ ପିଶାଚଙ୍କ ହେଲେ ଠାକୁରାଣୀ
ମଙ୍ଗଳବାରେ ମେଷାଦି ପୂଜା ସେ ପାବନ୍ତି
ମୁସ୍ତକିମ କହେ ନିତେ ତାହାଙ୍କୁ ମାନନ୍ତି ।

।। ଚାରିଯୁଗେ ମନ୍ତ୍ରୀ ।।

ସତ୍ୟଯୁଗେ ନୃସିଂହଙ୍କ ସୁଜାଣ ଯେ ମନ୍ତ୍ରୀ
ତ୍ରେତାରେ ରାମଙ୍କ ମନ୍ତ୍ରୀ ସୁମନ୍ତ ନାମଟି ।
ଦ୍ୱାପରେ କୃଷ୍ଣାବତାରେ ମନ୍ତ୍ରୀ ଯେ ସୁରଥ
ସର୍ବ ଅବାତରେ ମନ୍ତ୍ରୀ ଜନ୍ମଇ ଜଗତ ।

।। ଇନ୍ଦ୍ରଜୀତ ପୂର୍ବଜନ୍ମ ।।

ଆଦ୍ୟରେ ମହିକର୍ଣ୍ଣ, ପିତା ମୁର, ମାତା ମଦନାବତୀ
ଦ୍ୱିତୀୟେ ବୈଲୋଚନ
ତୃତୀୟେ ଇନ୍ଦ୍ରଜୀତ, ପିତା ରାବଣ, ମାତା ମନ୍ଦୋଦରୀ
ମହିକର୍ଣ୍ଣ ଗରୁଡ଼ ହସ୍ତେ କପାଳେ ଥଣ୍ଟ ମାରି ମରିବ
ବୈଲୋଚନ କୃଷ୍ଣ ହସ୍ତେ ମାଳତୀ ରୂପେ ନାଶିବେ
ଇନ୍ଦଜିତ ଲକ୍ଷ୍ମଣ ହସ୍ତେ

।। ମୁରାର ପୁତ୍ର ନାତି ଏକାବେଳକେ ନାଶ ।।

ଶୁଣ ଆହେ ସଭାଜନ ମନ କରି ସ୍ଥିର
ହେଉ ବା ନ ହେଉ ଏବେ କହିବି ଉତ୍ତର ।
ଦକ୍ଷ ପ୍ରଜାପତିଙ୍କ କୁମରଗଣ ମଲେ
ଆଣିବାକୁ ଯମଗଣେ ପ୍ରବେଶିଲେ ବଳେ ।
ଆଣିବା ସମୟେ ଯମ ଗଣ ଯେ ମଦୀରା
ପ୍ରଜାପତିଙ୍କ ସୁତକୁ ଯାଚିଲେ ବହି ତ୍ୱରା ।
କୋପେ ଶାପିଲେ ସେ ସୁତେ ଯମଗଣ ପ୍ରତି
ଅଛବ ପାନ ଯାଚିଲ ତୁମ୍ଭେ ଆମ୍ଭକୁଟି ।
ଏଣୁ ଶାପ ଘେନରେ ଅସୁର ହୋଇ ଜନ୍ମ
ପୁଣି ପରିତ୍ରାଣ ଯେ ମାଗିଲେ ଯମଗଣ ।

Digitized by srujanika@gmail.com

ଦକ୍ଷ କୁମରେ କହିଲେ ମୁର ବୀର୍ଯ୍ୟେଜାତ
ହୋଇ ମରିବ ଗରୁଡ଼ ହସ୍ତେ ନାତିସୁତ ।
ମାରି ଗରୁଡ଼ ସମୁଦ୍ରେ ପକାଇବ ନେଇ
ଏଣୁ ଏ ଛବିଶ ଲକ୍ଷ୍ମ ଯମଗଣ ଭାଇ ।
ଅଳ୍ପାୟୁ ହୋଇ ଜନ୍ମିଲେ ମୁରପୁରେ ଯାଇ
କବି ମୁସ୍ତକିମ କହେ ବାଲୁତ କୁମର
ଅପ୍ରତେ ହେଲେ ଦେଖନ୍ତୁ ଚତୁର୍ଥ ରତ୍ନାକର ।
ସତର ଲକ୍ଷ କୁମର ନବ ଲକ୍ଷ ନାତି
ଏକା ହୋଇ ବିନାଶିଲେ ଶ୍ରୀଗରୁଡ଼ ଯତୀ ।

।। ସ୍ତ୍ରୀ ସୈନ୍ୟଙ୍କ ପୂର୍ବ ବୃତ୍ତାନ୍ତ ।।

ଶୁଣ ହେ ପଣ୍ଡିତ ଗଣ ଏକମନ ହୋଇ
ଅଶି ପଦ୍ମ ଇନ୍ଦ୍ର ପରିବାରୀ ମେଳ ହୋଇ ।
ଗଙ୍ଗାସ୍ନାନ କରିବାକୁ ନଦୀକୁ ଗମିଲେ
ପଥେ ବ୍ୟାସ ଋଷିଙ୍କୁ ସେ ଏକାନ୍ତେ ଦେଖିଲେ ।
ବୟସ ମତ୍ତଗର୍ବେ କାମେ ହେଲେ ଘାରି
ଋଷି କୌପିନ ଝିଙ୍କିଲେ ବଳେ ତାଙ୍କୁ ଧରି ।
ଉଲଗ୍ନ ହୋଇ ନାରୀଏ ଓଗାଳିଲେ ଆଗେ
ଦେଖି ବ୍ୟାସ ଋଷି ତାଙ୍କୁ ଶାପ ଦେଲେ ରାଗେ ।
ବୋଇଲେ ମୋ ପରା ଋଷିଙ୍କୁ ନ ଚିହ୍ନି ତୁମ୍ଭେ
ଝିଙ୍କା ଟଣା କଲରେ ବୟସ ମତ୍ତ ଗର୍ବେ ।
ଏଣୁ ରାକ୍ଷସୀ ହୁଅ ବୋଲିଣ ଶାପ ଦେଲେ
ଭୟେ ନାରୀଗଣ ପରିତ୍ରାଣ ଯେ ମାଗିଲେ ।
ଋଷି ଶଶି ପ୍ଳକ୍ଷ ଦ୍ୱୀପେ ତ୍ରିମୁଣ୍ଡା ନବରେ
ରହ ଅସୁରୀ ହୋଇଣ ଆମ୍ଭର ଶାପରେ ।
ମୁରା ରଣକାଳେ କଣ୍ଠ ବିକଣ୍ଠର ସଙ୍ଗେ
ନୃସିଂହ ଗଣଙ୍କୁ ଆସିଲେଟି ରଣ ରଙ୍ଗେ ।
ଗରୁଡ଼ ରମଣ କରୁ ମରି ଶାପୁ ତରି
ପୂଣ୍ୟ ହିଁ ହୋଇଲେ ସ୍ୱର୍ଗପୁରେ ଅପସରୀ ।

Digitized by srujanika@gmail.com

ବାଳକ ମୁକ୍ତକି କହ ଅଧମ ମୁରୁଖ
ଅପ୍ରତେ ହୋଇ ଚତୁର୍ଥ ସାଗରଟି ଦେଖ ।

।। ତାଳଧ୍ୱଜ ପୂର୍ବ ବୃତ୍ତାନ୍ତ ।।

ବ୍ରହ୍ମା ଶେଷଦେବଙ୍କୁ ଶିଳା ବିଭାକାଳେ ଦେଇଥିଲେ ।
ସତ୍ୟଯୁଗେ ଦେବଯାନ ରଥ, କଳିଯୁଗେ ତାଳଧ୍ୱଜ ନାମ

।। ଯଦୁବଂଶ ପୂର୍ବ ଉପାଖ୍ୟାନ ।।

ଆହେ ସୁଜ୍ଞଜନମାନେ ଶୁଣ ମନ ଦେଇ
ଆଦି ସତ୍ୟଯୁଗ କଥା କହିବା ବୁଝାଇ ।
ମୁର ଦାରୁଣର ଭାରା ଅସହ୍ୟ ହେବାରୁ
ନୃସିଂହ ଶେଷ ହୋଇ ଜନ୍ମିଲେ ବଦ୍ରିକାରୁ ।
କୃଷ୍ଣବଲ୍ଲଭ ବୀର୍ଯ୍ୟ ଭଗବତୀ ଉଦରୁ
ବିଷ୍ଣୁ ବେନିରୂପେ ଜାତ ଦୁଷ୍ଟ ନାଶନରୁ ।
ବିଷ୍ଣୁଙ୍କୁ ମୁର ମାରିବା ଛଳେ ନେଲା ବରି
ଗୁରୁ କରି ରଖିଲା ଯେ ଜଗାଇ ପ୍ରହରୀ ।
ସେଠାରେ ମୁରର ପୁତ୍ର ନାତି ବିନାଶିଲେ
ତା'ପରେ ଅଠାଇଶ ଯୋଦ୍ଧାଙ୍କୁ ସନ୍ୟ ତୁଲେ ।
ବିନାଶିଲେ ଦୀନବନ୍ଧୁ ଶୁଣି ମୁର ଶୋକୀ
ତା' ପରେ ଆସିଲା ଯୁଦ୍ଧେ ଦାରୁଣ ପ୍ରତାପୀ ।
ଅଷ୍ଟ ସେନା ସହ ବଦ୍ରିକାରେ ଆସି ହେଲା
ଆନନ୍ଦବନରେ ସନ୍ୟ ସହ ସେ ରହିଲା ।
ଜାଣି ଦାରୁଣ ଆସିବା ଶ୍ରୀ ନୃସିଂହ ଶେଷ
ଯୁଦ୍ଧକୁ ଗଲେ ସସନ୍ୟ ସହ ହୋଇ ସଜ ।
ସେ ସମୟେ ଶ୍ରୀ ନୃସିଂହ ପ୍ରଭୁ ନିଜ ଅଙ୍ଗୁ
ନୃସିଂହ ମୂର୍ତ୍ତି ଅସଂଖ୍ୟ ଜାତକଲେ ବାବୁ ।
ତଥି ମଧ୍ୟେ ଅଷ୍ଟ ଗୋଟି ପ୍ରଧାନ ହୋଇଲେ
ତାହାଙ୍କ ନାମ ଶୁଣ ଯେ ଯାହାକୁ ବଧିଲେ ।

Digitized by srujanika@gmail.com

ଉଗ୍ର ନୃସିଂହ ମାଇଲେ ମହାଜ୍ୱାଳା ଥାଟ
ବୀର ନୃସିଂହ ଶସ୍ତ୍ର ଶିଳାଧରାଙ୍କୁ ଘାଟ ।
ଭୀଷଣ ନୃସିଂହ ଅର୍ଘାସୁର ଥାଟ ସହ
ଜନ ନୃସିଂହ ଶଂଖାଙ୍କୁ ଦେଲେ ଯମାଳୟ ।
ଭଦ୍ର ନରସିଂହ ଧେନୁକାଙ୍କୁ କଲେ ନାଶ
ମୂର୍ତ୍ତି ନୃସିଂହ ଫଂଫା ଅସୁର କଲେ ଧ୍ୱଂଶ ।
ବିକଟ ନୃସିଂହ ଝଂପାସୁର ଥଟ ସହ ମାରି
ଭଇରବ ନୃସିଂହ ଯେ ପ୍ରଚଣ୍ଡ ନିବାରି ।
ଏ ଆଦି କେତେ ନୃସିଂହ କେ କରିବ ଅନ୍ତ
ଏମାନଙ୍କୁ ବରଦେଲେ ଶ୍ରୀୟାଦେବୀ କାନ୍ତ ।
ସତ୍ୟଯୁଗେ ନୃସିଂହ ଯେ ନାମ ଯୋଦ୍ଧାଙ୍କର
ତ୍ରେତାରେ କପି ଦ୍ୱାପରେ ଯଦୁବଂଶୀ ବୀର ।
ମୁସ୍ତକିମ କହେ ଭାଇ ନୁହଇ ଏ ମିଛ
ନୃସିଂହ ପୁରାଣେ ଲୋଡ଼ ମିଳିବ ପ୍ରତ୍ୟକ୍ଷ ।

।। ଲକ୍ଷ୍ମଣ ଶକ୍ତି ଭେଦ ।।

ଶୁଣ ହେ ସୁଜନ ଉତ୍ତରକୁ ଏକ ମନ ହୋଇଣ
ଆଦି ସତ୍ୟଯୁଗେ ଜନମ ହେଲେ ମୁର ଯେ ଦାରୁଣ ।
ତାଙ୍କୁ ନାଶିବାକୁ ଜନମ ହେଲେ ନୃସିଂହ ଶେଷ
ତାହାଙ୍କୁ ଅପ୍ରୀତି ହୋଇଲେ ହେ, ଯେ ରାକ୍ଷସ ବଂଶ ।
କେତେ ସନ୍ୟ ପୁତ୍ର ନାତିକି ହେ ହରି ନାଶିଲେ ଯେଣୁ
ଦାରୁଣ ଅସୁର ଯୁଦ୍ଧକୁ ହେ ଆପେ ଆସିଲା ତେଣୁ ।
ମାୟା କରି କୃଷ୍ଣବଲ୍ଲଭ ଭଗବତୀଙ୍କ ସହ
ନୃସିଂହ ଶେଷ ଦେ'ଙ୍କୁ ହିଁ ହେ ରଥେ ଅସୁର ରାୟ ।
ଠକି ଘେନିଯାଇ ଆନନ୍ଦ ଯେ ବନେ ପ୍ରବେଶ ହେଲା
ବିଶ୍ୱରୂପ ହୋଇ ମାରିବାକୁ ଯେ ବୀର ବିଚାରକଲା ।
ଶେଷ ଦେବ ରଥୁ ଧରିଣ ଯେ ଦାରୁଣକୁ କୋପରେ
ତଳେ ପକାଇଣ ସମର ସେ କଲେ ମହାତୋଷରେ ।

Digitized by srujanika@gmail.com

ସେ କାଳେ ଦାରୁଣ ଅସୁର ହେ ବ୍ରହ୍ମଶକ୍ତି ଧରିଲା
ଶେଷକୁ ମାରିବା ବିଚାରି ଯେ ମନ୍ତେ ତାକୁ ମନ୍ତ୍ରିଲା ।
ଦେଖିଣ ନୃସିଂହ ଚକ୍ରକୁ ହେ ପଠାଇଲେ ତତକ୍ଷଣୀ
ବ୍ରହ୍ମଶକ୍ତି ସହ ଭେଟ ସେ ଯେ ହେଲା ସେକାଳେ ପୁଣି ।
ବୋଇଲା ନୃସିଂହ ଆଜ୍ଞାକୁ ହେ ଶକ୍ତି ଶୁଣ ଏବାରେ
ଅବା ହୁତାଶର ତୁମ୍ଭେ ମୁଁ ବେନି ଯେ ଜାଣ ଅଟୁ ବେଭାରେ ।
ଏଣୁ ଘେନ ହରି କହିଲେ ଯେ ଦୟା ବାରେ କରିବ
ଏ ଅବତାରରେ ଶେଷକୁ ହେ ନ ମାରିଣ ରଖିବ ।
ତ୍ରେତାରେ ଲକ୍ଷ୍ମଣ ହୋଇଣ ଶେଷ ହେବେ ଜନମ
ତୁମ୍ଭକୁ ସେ କାଳେ ପେଶିବ ହେ ଲଙ୍କେଶ ଦଶାନନ ।
ଯେ ଯୁଗେ ତୁମ୍ଭେ ଯେ ନାଶିବ ଏହା ଶୁଣି ଶକତି
ବ୍ରହ୍ମାପୁରେ ଯାଇ ରହିଲେ ହେ ପସୁ ବ୍ରହ୍ମା ସନ୍ତତି ।
ମୁସ୍ତକି କହେ ଏ ସତ୍ୟରୁ ତ୍ରେତା ଯୁଗରେ ଭାଇ
ଲକ୍ଷ୍ମଣଙ୍କୁ ଶକ୍ତି ଭେଦିଲା ହେ ଏହା ମିଥ୍ୟା ନୁହଇ ।

।। ପ୍ରତ୍ୟହ ପବନ ଦଣ୍ଡେ ନ ବୋହିବା କାରଣ ।।

ଶୁଣ ଭାଇ ମନଦେଇ, ପ୍ରଶ୍ନକୁ ଉତ୍ତର ଏହି
ନୃସିଂହ ଶେଷର ତୁଲେ ଦାରୁଣ ବୀର
ରଣ କରିବାକୁ ଗଲେ, ସନ୍ୟ ସେନା ସଙ୍ଗେ ନେଲେ
ବଦ୍ରିକାରେ ରଣ କଲା ମହାଦୁସ୍ତର
ଥିଲେ ସଙ୍ଗେ ଚାରିଟି ସେହ୍ମା
ପବନଙ୍କ ବରେ ତାଙ୍କ ମୃତ୍ୟୁ ନାହିଁ ନା ।୧।
ଭାସ୍କର ଅସୁର କାଳପୀନ, ଡେଙ୍ଗା ଉଡ଼ଙ୍ଗାନା
ପୂର୍ବ ମରୁତରୁ ଏହା ପାଇଲେ ବର
ମରୁତ ପୃଥ୍ୱୀରେ ବନ୍ଦ, ହେଲେ ମୃତ୍ୟୁ ହେବୁ ଦ୍ୱନ୍ଦ
କଲେ ଆନେ ନ ମରିବା ଦ୍ୱରା ବିଚାର
ଏମାନଙ୍କ ତୁଲରେ ଯାଇ
ସର୍ବତୋମୁଖ ନୃସିଂହ ଲଭିଲେ ଭାଇ ।୨।

Digitized by srujanika@gmail.com

ବ୍ରହ୍ମା ଯାଙ୍କ ମୃତ୍ୟୁ ଭେଦ, ଯାଇ ମାତଳିକି ସଧ
ହୋଇ ପଠାଇଲେ ରଣ ସ୍ଥଳେ କହିଲେ
ଶୁଣି ସର୍ବତୋମୁଖ ତା, ହୁଙ୍କାରୁ ମୃଗ ନୃସିଂହା
ଜନ୍ମ କରି ପବନକୁ ଗିଳ ବୋଇଲା।
ସେହି ଗିଳିବାରୁ ପବନ
ଏକ ଦଣ୍ଡ ବନ୍ଦ ହେଲା ତିନି ଭୁବନ ।୩।
ସେ ଅସୁର ମଲା ପରେ, ପବନକୁ ଝଟିକାରେ
ମୃଗ ନୃସିଂହ ଛାଡ଼ିଲେ ଆନନ୍ଦ ହୋଇ
ସର୍ବତୋମୁଖ ନୃସିଂହ, ବର ଦେଲେ ଆହେ ମୃଗ
ଏହା ରହିଯାଉ ତୁମ୍ଭ ସର୍ବଯୁଗରେ
ଏହି ବର ଯୋଗୁଁ ପବନ
ପ୍ରତ୍ୟହ ଦଣ୍ଡେ ନିବର୍ତେ ନ ବୋହି ପୁଣ ।୪।
କବି ମୁସ୍ତକିମ କହି, ନୃସିଂହ ତହିଁ
ଜନ୍ମିଥିଲା ସେ ସର୍ବତୋମୁଖ ନୃସିଂହ
ଏ ବିଷୟ ମିଥ୍ୟା ଭାଇ, ନୁହେଁ ଯାଇ ଦେଖ ଫେଇ
ନୃସିଂହ ପୁରାଣେ ଅଛି ଯିବ ସଂଶୟ
କିଛି କିଛି କହିଲି ବାଛି
ବର ଦେବା ଦୋଷୁ ବାତ ବାନ୍ଧିଥିଲାଟି ।୫।
ଅଯୋନିସମ୍ଭୂତେ ଆଉ, ଋଷି ମୋହ ନୋହି କେହୁ
ବ୍ରହ୍ମଜ୍ଞାନୀ, ଆତ୍ମଜ୍ଞାନୀ, ଯତି ଯେତେକ
ଯୋଗକାରୀ ଗଣ ଭାଇ, ଦେବକୁଳେ ଥିଲେ ଜାଇଁ
ଆଉ ସବୁବେଳେ ମୋହ ଛାଡ଼ି ଏତେକ
ନୃସିଂହ ଗଣଥିଲେ ବର୍ତ୍ତେ, ତ୍ରିପୁରେ ନ ଥିଲେ ଜୀବେ ଏଥୁ ନିବର୍ତ୍ତ ।୬।

।। ଏକଘନି ଶକ୍ତି ଉପାଖ୍ୟାନ ଓ ଲକ୍ଷ୍ମଣ ଭେଦ ।।

ଶୁଣ ହେ ବିବେକୀ ଏକ ଲୟେ ଏ ଉତ୍ତର
ମୁରାସୁରର ଭାଇ ଦାରୁଣ ମହାବୀର ।
ନୃସିଂହ ଭାଇ ଶେଷ ଦେବଙ୍କ ତୁଲେ ରଣ

Digitized by srujanika@gmail.com

କଲାବେଳେ ପାଶୁପତ ବିନ୍ଧିଲା ଦାରୁଣ ।
ସେ ଶର ଅବାହୁଡ଼ା ଯେ ଶେଷଙ୍କୁ ଭେଟିଲା
ରହ କ୍ଷଣେ ଶୁଣ ବୋଲି ଶେଷ ଯେ କହିଲା ।
ବୋଇଲା ଏ ଜନ୍ମେ ମୋତେ ରକ୍ଷା କରି ଥାଅ
ତ୍ରେତାରେ ହୋଇବି ମୁହିଁ ଦଶରଥ ପୁଅ ।
ସୀତା ନେବ ବିଂଶ ପାଣୀ ସେ କାଳରେ ତୁହି
ଏକଘନ ଶକ୍ତି ନାମେ ଥିବୁ ସେହିଠାଇଁ ।
ସେ ସମୟେ ମୋତେ ନାଶ କରିବୁରେ ଶର
ତୋ ଅବାହୁଡ଼ା କିର୍ତ୍ତୀ ରହିବଟି ତିନିପୁର ।
ବେନି ଥର ମୋର ପରେ ଆସି ନାଶିଯିବୁ ।
ଜାମ୍ବେବ ବୁଦ୍ଧିରେ ହନୁ ନିମନ୍ତେ ଜୀଇଁବୁ ।
ତହୁଁ ପାଶୁପତ ତୋଷେ କୈଳାସକୁ ଗଲା
ତ୍ରେତା ଯୁଗେ ଏକଘନି ନାମ ବୋଲାଇଲା ।
ଲକ୍ଷ୍ମଣ ସେ ଶରେ ପଡ଼ିଗଲେ ଜାଣ ଭାଇ
ମୁସ୍ତକି କହଇ ନୃସିଂହ ପୁରାଣେ ଅଛଇ ।

।। ଯୁଧିଷ୍ଠୀରଙ୍କ ରାଜସୂୟ ଯଜ୍ଞକାଳେ ମାୟା ସଭାର ପୂର୍ବାଖ୍ୟାନ ।।

ଆଦି ସତ୍ୟଯୁଗେ ମୁର ଦାରୁଣ ଜନ୍ମିଲେ
ବ୍ରହ୍ମା ବୀର୍ଯ୍ୟ ଉରବସୀ ଗରଭରୁ ହେଲେ ।
ତପସ୍ୟା କରି ହରଙ୍କଠାରୁ ବରପ୍ରାପ୍ତ
ସେକାଳେ ଦାରୁଣ ମାଗିଥିଲା ମାୟାରଥ ।
ମନେ ଚିନ୍ତାକଲେ ମନ୍ତ ସେହିକ୍ଷଣି ମିଳେ
ସେ ରଥରେ ବସି ମୁର ତ୍ରିପୁର ଜିଣିଲେ ।
ବଦ୍ରିକାରେ ରଣ କରି ଗଲା ମୁର ବୀର
ନୃସିଂହ ମାତାପିତାଙ୍କୁ ବସାଇ ଆଦର ।
ଶେଷ ନୃସିଂହ ଦେବଙ୍କୁ ଭସାଇଣ ବୀର
ଠକି ନେଲା ରଣସ୍ଥଳ ଯାଏ ସେ ନିକର ।
ନିଜ ରୂପ ସେଠାରେ ପ୍ରକାଶ କଲା ଭାଇ
ରଣେ ନିପାତିଲେ ଶେଷ ସପ୍ତ ଫଣା ହୋଇ ।

Digitized by srujanika@gmail.com

ରଣ ଶେଷେ ଦେବେ ତହିଁ ଆସି ସ୍ତୁତି କଲେ
ମାତାପିତା ଭାଇ ଘେନି ନୃସିଂହ ବାହୁଡ଼ିଲେ ।
ଶୂନ୍ୟ ମାର୍ଗେ ଅଦୃଶ୍ୟରେ ରଥ ଚଳିଗଲା
କଇଳାସେ ଈଶ୍ୱରଙ୍କ ନିକଟେ ରହିଲା ।
ମୟ ଦାନବ ଦ୍ୱାପରେ ହରଙ୍କୁ ମଣାଇ
ସେ ରଥକୁ ନେଲା ତୋଷେ ଦେଲେ ଉମା ସାଇଁ ।
ଯୁଧିଷ୍ଠୀ ରାଜୁସୀ ଯାଗେ କଥା ଅଟେ ଅକଳନ
ସନ୍ଥଙ୍କୁ ପ୍ରକୃତ କପଟିଏ ହୋନ୍ତି ବଣା ।
ଯୁଧିଷ୍ଠୀଠାରେ କପଟୀ ଯେଣୁ ଦୁର୍ଯ୍ୟୋଧନ
ସେ ସଭାରେ କେତେ ଲଜ୍ୟା ପାଇଥିଲା ଜାଣ ।
ମୁସ୍ତକିମ କହେ ଲୋଡ଼ ନୃସିଂହ ପୁରାଣେ
ଚତୁର୍ଥ ରତ୍ନାକରେ ଅଛଇ ବିଜ୍ଞଜନେ ।

।। ମୁର ଦାରୁଣର ଚାରି ଜନ୍ମର ପିତା ।।

ପ୍ରଥମେ : ବ୍ରହ୍ମା ବୀର୍ଯ୍ୟେ - ମୁର, ଦାରୁଣ
ଦ୍ୱିତୀୟ : କଶ୍ୟପ ବୀର୍ଯ୍ୟେ -ହୀରଣ୍ୟ ହୀରଣ୍ୟାକ୍ଷ
ତୃତୀୟ : ବିଶ୍ରବା ବୀର୍ଯ୍ୟେ - ରାବଣ, କୁମ୍ଭକର୍ଣ୍ଣ
ଚତୁର୍ଥେ : ଜମଘୋଷ ବୀର୍ଯ୍ୟେ - ଶାଲ୍ଵ, ଶିଶୁପାଳ

।। ନୃସିଂହ ବିଷ୍ଣୁ ପୂଜା କରିବା ।।

ଶୁଣ ହେ ସୁଜନେ ଦାରୁଣକୁ ବଧ କରି
ଶ୍ରୀ ନୃସିଂହ ଶେଷ ମାତାପିତା ସାଙ୍ଗେ ଧରି
ନଗ୍ରକୁ ଆସିଲେ ଅତି ଆନନ୍ଦିତ ହୋଇ
ସ୍ନାନ ଦେବାର୍ଚ୍ଚନ କଲେ ବିଧି ଯେ ଅଟଇ ।
ତଦୁତ୍ତାରୁ ନାରାୟଣଙ୍କୁ ଯେ କଲେ ପୂଜା
ତଦୁତ୍ତାରୁ ପୂଜିଲେ ସେ ଶଙ୍କର ଗିରିଜା ।
ବ୍ରାହ୍ମଣ ଶମ୍ଭୁ ଘେନିଣ ବସି ଦେବାର୍ଚ୍ଚନେ
ଜପିଲେ ବତିଶାକ୍ଷ ନୃସିଂହ ମନ୍ତ୍ର ମନେ ।

Digitized by srujanika@gmail.com

ବ୍ରହ୍ମଣଙ୍କ ଆଶୀର୍ବାଦ ଘେନିଲେ ହରଷେ
ବାଲୁତ ମୁସ୍ତକି କହେ ଆନନ୍ଦ ହରଷେ ।

।। ଗଣେଶଙ୍କ ଗଜମୁଣ୍ଡ ବୋହିବାର କାରଣ ।।

ଶୁଣ ହେ ସୁଜନ ଜନ ମନକର୍ଣ୍ଣ ଦେଇ
ସୋମେକ ନାମରେ ସତ୍ୟ ଯୁଗରେଟି ଭାଇ ।
ବ୍ରହ୍ମାନାମ ବିରଞ୍ଚି ଯେ ଇନ୍ଦ୍ର ବୃଦ୍ଧଶ୍ରବା
ସୋହଂସ ନାମେ ସୂର୍ଯ୍ୟ ସୁଧଂଶୁ ନାମେ ଚନ୍ଦା ।
କବନ୍ଧାସୁର ବଂଶଜ ଯେ ଅନ୍ଧକସୁର
ତାହାକୁ ଯାଇ ସର୍ବାକୁ ନାଶିଲେ ଇଶ୍ୱର ।
ତହୁଁ ଫେରି ଆସିଲେ ଅସୁର ରଣେ ନାଶି
ହୋଇଥିଲା ସେ ରାତ୍ର ଯେ ଅମାବାସ୍ୟା ନିଶି ।
ଦକ୍ଷିଣ ଦ୍ୱାରେ ପଶନ୍ତେ ଗଣନାଥ ବୀର
ଚିହ୍ନି ନ ପାରିଣ ରଣ କଲେ ପିତାପୁତ୍ର ।
ଶିର କାଟିଲେ ତ୍ରିଶୂଳେ ହର କୋପ ବହି
ଭିତରେ ପଶିଲେ ଦ୍ୱାର ଜିଣି ଉମା ସାଇଁ ।
ପାର୍ବତୀ ଦେଖିଣ ବିରୂପାକ୍ଷ କୋପାଗୋଟି
ପଚାରନ୍ତେ ସର୍ବ ଫେଇ କହିଲେ ଧୂର୍ଜଟି ।
ଶୁଣି ଉମା ପୁତ୍ର ମୃତ୍ୟୁ ହୁଅନ୍ତେ ଆକୁଳ
ପାର୍ବତୀଙ୍କୁ ଘେନି ତହିଁ ଗଲେକ ସୁଢ଼ଳ ।
ଭୀମଙ୍କୁ କହିଲେ ପୁତ୍ର ମୁଣ୍ଡ ଲୋଡ଼ିଆଣ
ଲୋଡ଼ି ଗଣନାଥ ଶିର ନ ପାଇଲା ଭୀମ ।
ପୁଷ୍ପଦନ୍ତ ନାମେ ଗଜ ଐରାବତ ବଂଶୀ
ତା ମୁଣ୍ଡ ଆଣିଲା ଭୀମ ଅସ୍ତ୍ରରେ ଯେ କାଟି ।
ସେ ମୁଣ୍ଡ ଖଞ୍ଜିଣ ଜୀବନ୍ୟାସ କଲେ ହର
ଉଠିଲେ ଗଣେଶ ଭାଷେ ମୁସ୍ତକିମ ଛାର ।

Digitized by srujanika@gmail.com

।। ନାରଦଙ୍କୁ ବ୍ରହ୍ମଶାପର କାରଣ ଓ ପୁରାଣ ଶ୍ରବଣ ।।

ମନଦେଇ ଶୁଣ ଭାଇ ପ୍ରଶ୍ନକୁ ଉତ୍ତର
ଦକ୍ଷ ପ୍ରଜାପତିଙ୍କ ତେର ଶତ କୁମର ।
ବଂଶବୃଦ୍ଧି ଦେଖିଣ ନାରଦ ବ୍ରହ୍ମଚାରୀ
ହିଂସା ମନେ ପାଞ୍ଚିଲେ ତା ସହି ଯେ ନ ପାରି ।
ଦିନେ କୁମରଙ୍କୁ କହିଲେ ନାରଦ ଯାଇ
ଆରେ ପୁତ୍ରେ ତୁମ୍ଭ ପିତା ଆମ୍ଭର ତ ଭାଇ ।
ତୁମ୍ଭଙ୍କୁ ସେ ଜାତ କଲେ ଏ ଆମ୍ଭର ଭାଗ୍ୟ
ତୁମ୍ଭମାନଙ୍କର ସଞ୍ଚା କରା ଆମ୍ଭ ଯୋଗ୍ୟ ।
ଏଣୁ କରି ଚାଲ ସର୍ବେ ସମୁଦ୍ରକୁ ଯିବା
ମାଟି କିଛି ଲୋଡ଼ି ତହି କୃଷି ଆରମ୍ଭିବା ।
ସଂସାରେ ଇନ୍ଦ୍ର ଆଶାରେ କରନ୍ତି ଯେ ଚାଷ
ସମୁଦ୍ର ଜଳ ନେଇ ବର୍ଷର ସ୍ୱର୍ଗଈଶ ।
ସମୁଦ୍ରେ କଲେ ଚାଷ ପାଣିର ପରାଧୀନ
ନ ରହିବା ଇଚ୍ଛା ମତେ ହେବ ଉପାର୍ଜନ ।
ଶୁଣି ପୁତ୍ରେ ଗଲେ ମାନି ନାରଦର ବାଣୀ
ଭୂମି ଜୋଡ଼ି ପଶନ୍ତେ ଯେ ମଲେ ବୁଡ଼ି ପୁଣି ।
ଏଣୁ ବ୍ରହ୍ମହତ୍ୟା ଦୋଷ ନାରଦ ବୋହିଲେ
ପାପ ଖଣ୍ଡିବାକୁ ସର୍ବ ପୁରାଣ ଶୁଣିଲେ ।
ବ୍ରହ୍ମା ମୁଖୁ ଶୁଣି ବ୍ରହ୍ମ ହତ୍ୟା ଦୋଷ କାଟି
ଋଷି ମେଳେ ଗଣ୍ୟ ହେଲେ ଭାସର ମୁକ୍ତକି ।

□□□

Digitized by srujanika@gmail.com

ସଂଗୀତ ରସକଲ୍ଲୋଳ

(ପ୍ରାକ୍ ସୂଚନା : ମୌଲାନା ମୁସ୍ତକିମ ମୁଖ୍ୟତଃ ଜଣେ ସଙ୍ଗୀତକାର । ତାଙ୍କର ସଙ୍ଗୀତ ଗୁଡ଼ିକ ରାଧାକୃଷ୍ଣ, ଶ୍ରୀରାମ ସୀତା, ବିଭିନ୍ନ ଦେବାଦେବୀ ବନ୍ଦନା ବିଷୟକ ଅନେକ ସଙ୍ଗୀତର ସାମାଜିକ ମୂଲ୍ୟବୋଧ ଉଚ୍ଚକୋଟିର । ଅନେକ ବର୍ଷ ତଳେ କବିଙ୍କର ଏକ ଛୋଟିଆ 'ପକେଟ ସଂଗୀତ' କଟକର ପ୍ରଖ୍ୟାତ କୋହିନୂର ପ୍ରେସ ପକ୍ଷରୁ ପ୍ରକାଶ ପାଇଥିଲା ବୋଲି କବି କୁମାର ହସନ ତାଙ୍କ ବାପାଙ୍କ ମୁଖରୁ ଶୁଣିଥିବା ପ୍ରକାଶ କରନ୍ତି । ହେଲେ ତାହା ଏବେ ଦୁଷ୍ପ୍ରାପ୍ୟ ।

କବିଙ୍କ ରଚିତ ଏହି ସଂଗୀତ ଗୁଡ଼ିକ କୌଣସି ବିଶେଷ କ୍ରମରେ ସଜ୍ଜିତ କରା ନ ଯାଇ କବିଙ୍କ ଦ୍ୱାରା ପ୍ରସ୍ତୁତ ପାଣ୍ଡୁଲିପି କ୍ରମରେ ସ୍ଥାନିତ ହୋଇଛି । ଏହି ସଂଗୀତଗୁଡ଼ିକ କବିଙ୍କ ବିଦଗ୍ଧ ପ୍ରାଣତା ଓ ରସ, ତାଳ, ମାନ, ଲୟ ଉପରେ ଅପୂର୍ବ ଦକ୍ଷତାର ସ୍ୱାକ୍ଷର ବହନ କରେ ।

- ସଂପାଦକ)

ପଂକ୍ତି ଅନୁକ୍ରମ

ଗଣନାଥ ହେ ଘେନ ଦୁଃଖୀ ଜଣାଣ
ଜୟ ଜୟ ପ୍ରଭୁ ଅନନ୍ତ ଅଣାକାର ଶ୍ରୀହରି
ଧିକ ଯଦି ପିଣ୍ଡେ ପରାଣ ନ ଥିଲେ
ପ୍ରଭୁ ଯାହା ଇଚ୍ଛା ତାହା କର
ନ ଯା ଯମୁନାରେ ନ ଯା ଯମୁନା
ଦେଖିଲୁ କି ପ୍ରାଣ ସହି ଶ୍ରୀ ବନମାଳୀରେ
ଆରେ ନୀଳମଣି, ବାଟ ଅଟକାନା ଯିବି ନିର ଆଣି
ବାରନେତ୍ରୀ ଏଗାର କୁମ୍ଭ ବାରେ ବଖା
ପର କଲେଣିଗୋ ମୋତେ ପରମାନନ୍ଦ ସଖି
ପୂର୍ଣ୍ଣଚନ୍ଦ୍ର ମୁଖୀ ପୂର୍ଣ୍ଣକର ମନ କାମନାରେ
ଆହେ ଦୀନବନ୍ଧୁ ଅରକ୍ଷଙ୍କ ବନ୍ଧୁ
ଶ୍ରୀ ଦୀନବାନ୍ଧବ ହରି ପଦ ମନ ଭଜ ଅବିରତ ଚିତ୍ତେରେ
ଉମାରମଣ ହର, ବିପତ୍ତି ହର ମୋହର
ଭକ୍ତଜନ ରକ୍ଷଣ, ଦୁଷ୍ଟ ବିନାଶନ ହେ ନନ୍ଦନନ୍ଦନ ମୁରାରୀ
ଜୟ ରଘୁନନ୍ଦନ, ବିପଦ ବିନାଶନ, ଦୁଃଖୀ ଦୁଃଖ ନାଶନ ଶ୍ରୀହରି ହେ
ଗଣପତି ଘେନ ମୋ ବିନତି ଭୋ ପାର୍ବତୀ ସନ୍ତତି

Digitized by srujanika@gmail.com

ଜୟ ଜୟ ଭବାନୀ ଅଭୟା ତୁ ଦୀନଦୁଃଖୀ ଦୁଃଖ ଧ୍ୱଂସିନୀ
ଧନ୍ୟରେ କଳିଯୁଗ
ହେ ରମାବର, ଦୟାକର, କରୁଣା ରସ ଭଣ୍ଡାର
ପ୍ରଭୁ ସଙ୍କଟୁ ଖର ଉଦ୍ଧାରି ଧର
ନିଶିରେ ଆଜ ମୋ ପୁରେ ବିରାଜ ନଟନାଗର ଶେଖର ମା
ମୂରଲୀଧର ଛାଡ଼ ଏ ରୀତି ତୋରରେ
ଆଜି ସପନେ ବରଜ ରାଜ ମୋ ପୁରେ ମା
କି କହିବି ଆଜି ନଟବର ରୀତି
ନୀପମୂଳେ କେ ବସିଛି ଲୋ ମିତଣି
କମଳଦଳ ନେତ୍ରୀକି ମୋର ଚିଟାଉ
ଦୟାବତୀ ଆରେ ଦୟା କି ନାହିଁ ମୋ ଠାରେ
ଘନକେଶୀ କି ଭଙ୍ଗୀରେ ଯାଉଛି କେଣିକି ହେ
ହେ ପ୍ରିୟ ସହି କୃପା ବହି, କୃପା ନେତ୍ରେ ଯାଅ ଚାହିଁରେ
ଜୟ ଜୟ ହେ ଛାୟା ରମଣ ଭାସ୍କର
କୃଷ୍ଣ ବିଜେ ମଧୁପୁର ରଥରେ
ଦୂତୀ ଆଜ ରାତି ନଇଲେ ଶ୍ୟାମ ସୁନ୍ଦରରେ
ନ ସରେ ମୋ ଦିନ ଝୁରି ବନ୍ଧୁଭାବ
ଅତି ପୀରତି ନ କର ବୋଲି
କୃଷ୍ଣ କରେ ମାଁ ଜଳକେଳୀ ଯମୁନାରେ
ବାଜଇ ବଂଶୀ ଆଜି ସୁସ୍ୱରେ ଭଜି ଶ୍ରୀରାଧା ନାମକୁ
ତୋର ପରିକର ପରି କର ମୋତେ ରେ ଗଜଗତେ
ଶରଦ ପୂର୍ଣ୍ଣଇନ୍ଦୁ ବଦନୀ ମୋର ବନ୍ଧୁ
ତାର ମନ ଆନେ ନାହିଁ କି ତା ବିନା
ସଖି ମଧ୍ୟେ ଗୋରୀରେ ତାରା ମଧ୍ୟେ ଚନ୍ଦ୍ର ପରି
ବନଜାକ୍ଷୀ କୁସୁମ ହାସିନୀରେ
ମୋ ଲଲାଟେ ଲିହିଥିଲା କିରେ
ଦେଖ ବରଷା ବାସେ ଏକାକୀ
ଷଟପଦ ନୀଳକେଶୀ କି ଷଟପଦ କହିବୁ ବାରେ
କଳା କୁନ୍ତଳ କୁନ୍ତଳା କି ଭଙ୍ଗି କଳା

Digitized by srujanika@gmail.com

ଆରେ ରସବତୀ ସୁରସ ଭାରତୀ
ନେଲେ ଦିନେ ବାସ ମୁରାରୀ ଆମ୍ଭର
ଆରେ ଷଟ୍‌ପଦ ଦେଖ ଏ ବିପଦ
ଦେଖ ଏ ଘନକାଳରେ ଘନକେଶୀକି
କହିବୁ ଗୋ ଦୂତି ପ୍ରାଣନାଥଙ୍କୁ
ମୋହିଲା କି ମନ୍ତ୍ରରେ ମନମୋହିନୀରେ
ହାୟରେ ରସଦାୟିନୀ ବିରସ ମୋରେ
ଆରେ ସଖି ଚନ୍ଦ୍ରମୁଖୀ ପ୍ରୀତି ତୋ ଜୁହାର
କିଣେ ସ୍ଵର୍ଗ ଅପସରୀ କହ ଏ କାହା ଦୁଲାଳୀ
ଯାଇ ପୀକବର ମୋର ବୋଲେ
କାରେ ସହି କହିବି ମୋର
କି ସୁଖରେ ନିଶି ହୋଇଲା ଶେଷ
ମୋତେ ସେ ମୂରତୀ ଦେଖାଅ ହରି
ଆଉ କି ମୁଁ ବନ୍ଧୁ ମୁଖ ଦେଖିବି
ଦେବ ଅଯୋଧା ଠାକୁର
କିଏ ବସିଛି ଗୋ ଏ ନୀପ ତରୁ ମୂଳରେ
ସଫରୀ ନେତ୍ରୀ କି କରି କରୁ
ଏ ବରଷା ରସାରେ ମୋ ଯୋଷାକୁ
ତୁମ୍ଭେ ଗଲେ ଯାଅ ସର୍ବ ସଖୀ
ଆଜ ଋତୁରାଜ ବିରାଜ ଏ ମହିରେ
କେଣେ ଗଲୁ ଆରେ ମୋ ନେତ୍ର ସମ୍ପତ୍ତି
ବାଳାମଣି ନବରଙ୍ଗୀ ମିତ
ନ ଯିବି ସଖି ନିର ଆଣି କି
କେ ସହିବ ସେ ଲମ୍ପଟ କାହ୍ନୁ ରୀତି
ମୁଁ ଏକାକୀ ବଂଚିଲି ବିଦେଶେ ଘନ ମାସରେ
ତେଜି ହେବ କି ନନ୍ଦ କହ୍ନାଇ
ଜଗି ବସିଥିଲି ଆଜ ନିଶିରେ
ଜଗି ଜଗି ନିଶି ଶେଷ ହେଲାଣି
କାତ୍ୟାୟିନୀ ଘେନ ମୋ ଦୟିନୀ

Digitized by srujanika@gmail.com

ଦିନେ ବନ୍ଧୁ ସଙ୍ଗେ ପଲ୍ୟଙ୍କ ପରେ
ମାତ ଭବାନୀ ରୁଦ୍ରାଣୀ
ମୋର ପତି ବିନା ଗତି ନାହିଁ ଦଇବରେ
ଛାଡ଼ି ଅଇଲି ପ୍ରାଣଧନକୁ
କହ କାହିଁକି ଗୁମାନ ମୋରେ
ଆସି ନିଶି ହେଲା ଶେଷ
କେଉଁ ରସିକିନୀ ଭାଳଇ ବସି
ରସିକା ରସିଯା ରସରେ ଗୋ
ନାଗରୀ ରାଜ ହସି କୋଳେ ବିରାଜ
ଯାଉଛି ରମଣିମଣି ସୁଦୟା ଥିବ
ନାଗରବର, କିମ୍ବା ଭାଷୁଛ ଏ ଗିର ହେ
କାହା କେମା କହ କହରେ
ଆହେ ମୁରାରୀ ଦୁଃଖୀ ଦୁଃଖ ନାଶକାରୀ
ନ ଯିବି ସଖି ନିର ପାଇଁକି
କେ ସହିବ ସେ ଲମ୍ପଟ କାହ୍ନୁ ରୀତି
ଗଜଗତିକି ସମାନ ହେବ କେ ଜଗତିରେ
କାହିଁ ପାଇଁରେ ବନ୍ଧୁ ପୋଡିଲୁ ମୁଖ
ଗଜଗମନୀ କି ବେଶେ ଆସି ଉଭା ହେଲା ମୋ ପାଶେ
ମୋ ଦୀନବାନ୍ଧବୀ କଲା କି ମାନ
ଏକା ବାମା ବନେ ବିଳସଇ
କେହୁ ବୋଲିବ ଆଉରେ ମୋତେ
କମଳଦଳ ନୟନା ପୂର୍ବ ରୀତେ ଥରେ ଅନା
କାହା ବନୀତା ହୋଇଣ ଏକା
ନବନାଗରୀ କୋମଳାଙ୍ଗୀ
ଆରେ ରସବତୀ ସପ୍ରେମ ଭାରତୀ
ଗଜଗମନୀ ସଖୀ, ସଜ ସରୋଜମୁଖୀ
ରେ ଧନୀ, ମନ୍ଦେ ହସି ଚାହିଁ ଯା
ଦୀନବନ୍ଧୁହେ, ଦୀନ ଦୁଃଖୀ ଦୁଃଖ ହନ୍ତା କୃପାସିନ୍ଧୁ
ତଟିନୀର ତଟେ କେ ଗୋ ମା ଚତୁର୍ଦ୍ଧା ମୂରତି

Digitized by srujanika@gmail.com

ଏ ଘନ ମାସରେ କାନ୍ତ ମୋ ବାସରେ
ନବଘନ ବରନ ନିନ୍ଦଇ ଅପଘନ
ବନ୍ଧୁ କାହିଁକି ମଥାପୋତି
ମାତ ଜୟ ଜନନୀ ମାହେଶ୍ୱରୀ
ଉଠ ନିଶି ହେଲା ଶେଷ ଆସି ହେ ବ୍ରଜବାସୀ
ଜୟ ଜୟ ମୁକୁନ୍ଦ କରୁଣା ଆନନ୍ଦ
ସତ କହ କହ ସଖୀ ଦେଖିଲୁ କି ଶ୍ୟାମକୁ
ଲାଗିଲେ କି ଛାଡ଼ିବି
କେଡ଼େ କପଟିଆ ମିତ ସେ କାଳିଆ କାହ୍ନା
ଅନାଥ ରକ୍ଷିକା ଦେବୀ କାଳିକା
ତୁଚ୍ଛାରେ ହେଉ ଟାଣି
ଏ ସୁଲକ୍ଷଣୀ, କାହା ରମଣି ମଣି
ଜୟ ଜୟ ଦୀନବନ୍ଧୁ ମୁରାରୀ
କେଡ଼େ ରଙ୍ଗେ ଆସେ ଚାଲି
ନବ ତରୁଣୀ ଏ କାହାର
ଏ କି ମାନ ମୋରେ ନବ ନବୀନା
ନାଗରୀ ରାଜ, ହସି କୋଳେ ବିରାଜ
ରସିକବର, ଅଟେ କାହା କୁମର
ବିଚ୍ଛେଦେ ଜଳେ ବଦନ
ଦୁଷ୍ଟ ବିନାଶିନୀ, ସନ୍ଥ ପାଳିନୀ ଜୟ ଭବାନୀ
ନୂଆ ବୟସ, ନୂଆରେ ରସିଲୁ
ପୂର୍ଣ୍ଣବିଧୁମୁଖୀ ଅନା ଥରେ
ପୁରୁଣା ଭାବ ମୂର୍ଚ୍ଛି ହେବ ନ ଥିଲା ମନର
ବିଭୁ କାହିଁକି ହେ,ମୋର ବେଳକୁ ନିଷ୍ଠୁର ହେଲ
ସୁଖ ପ୍ରଦାୟକ, ପାର୍ବତୀ ନାୟକ
ଦୀନ ଜନ ରକ୍ଷଣ ଗଜାନନ
ଆହେ ନଟବର ଶ୍ରୀପତି
ଆଉ ମୁଁ ଯମୁନା ନ ଯାଏ
ବାଳୀ ପଶିଲା ଶରଣ ଯାକୁ

ମୌଲାନା ମୁକ୍ତିମ ଖାଁ ଗ୍ରନ୍ଥାବଳୀ: ୩୯୯

Digitized by srujanika@gmail.com

ବନଜାକ୍ଷୀରେ ବନ ନେତ୍ରୁ ନ ତେଜ
ପତି ବିନା ଗତି ଆନ ନାହିଁ ରମଣୀର ତ
ରତି ସୁରସାରେ ଦେଖ ମୋ ଦଶାରେ
ବାରିଧର ବରନା ଗୋ
ଜୟ ଶ୍ରୀଦଶରଥ ନନ୍ଦନ
ଚନ୍ଦ୍ର ଆନନୀ ସଙ୍ଗିନୀ
ରତୁ ନୃପବର କି ମନୋହର
କନକାଂଗୀ ହୃଦେ ଥାଏ କେଡ଼େ ବିବେକ
ଆସିବି ବୋଲିଣ ଭଣ୍ଡି ଗଲୁ
କରିବର ଗତି କରୁ ଏ କିରତି
ସଖୀ ତାହା ଭାବ ପଡ଼ଇ ମନେ
ବୀଣାଜିଣା ଭାଷୀରେ ତୋ ବିନା ଗଲି ଭାସି
ଦୂରେ ରହିଲି ବିଦେଶେ ଏ ବସନ୍ତରେ
ଭାଷରେ ରସବତୀ ସୁଚାରୁ ହାସୀ
ଆହା ସଖି କି ହୋଇ ବଞ୍ଚିବି
ଜୟ ଜୟ ରଘୁନନ୍ଦନ ରାମ ଜାନକୀ ରମଣ ଜୟ
କେଳୀ ସଦନୁ ବାହାରି ଆସେ କିଶୋରୀ
ଅବିରୋଷୀ ଆଶା ପଲ୍ୟଙ୍କରେ
ଛାର ଛିକରା ପୀରତି ଲାଗି
ଧାଡ଼ିକି ଧାଡ଼ି ଶୋଭେ ନାନା ସୁମନ
ଚାରୁ ଚନ୍ଦ୍ରମା ଲପନା ଚାମର କେଶୀ
ମନ ନ ରଙ୍ଗାଇ ରଙ୍ଗିଛୁ ଯୋଗୀ ବସନ
ନବ ଜୀମୂତ ଆହା କି ଶୋଭାକର
ସାରଙ୍ଗୀ ମୁଖୀ ତୋ ଠାଣି, ସ୍ୱର୍ଗକୁ ପାରେ ଜିଣି
ନୟନେ ଅୟନେ ଶୟନେ ସପନେ
ହୃଦ ନଗରେ ତୋହରି ଠାବ ଦିଅ ଗୋରୀ
ଦୀନବନ୍ଧୁ ହେ ଦୀନ ରକ୍ଷଣକାରୀ
ଆଜ ନିଶି ଶେଷ ହେଲା ଆସି
ବରଷା କାଳ କାଳ ହେଲା ଲୋ

Digitized by srujanika@gmail.com

ବନ୍ଧୁକୁ ବିଦେଶେ ତେଜିଣ ରହିଲି
ସଖୀ ପୂର୍ଣକର ମନ କାମନା
ପ୍ରେମମୟୀ ଲୋ, ପ୍ରେମ ରସରୁ ନ ବାର
ହେଟିଲୋ କେଟି, ଅନାଇ ଚେଟି
ବାମା ମମ ପ୍ରାଣ, ପ୍ରେମ ଭୂମି ଜାଣ
ରାଧା ନିରାଧାରରେ
ହଟିଆ କପଟିଆ ଜଟିଆ କଳାକାହ୍ନା
ଆଜି ଏ ଅଭାଗିନୀ କି
ମୋ ପ୍ରତି ପରାଣେଶ୍ୱରୀ
କିଏ ମା ଏ ଦୁଃଖ ସହିବ
ରୁଷିଲାରେ, ରଷି ମୋହିନୀ ସୁଶୀଳା
କାନ୍ତ ଆସିବା ଥିଲା ତୁଟି ଗଲା ଭରସା
କଳା କୁଟିଳ କୁନ୍ତଳା କାହିଁକି
ଏ ମହୀରେ ମହିଳା ହୋଇ
ଦୁଃଖୀ ପ୍ରତି ଦୟାକର କୈଳାସେଶ୍ୱର
କେ' ସେ କୁଞ୍ଜବନେ ଭ୍ରମେ ତୋଷମନେ
ଆଜି ନୀରବେ ହେଲି ତାଟକା ଗୋ
ବନ୍ଦଇ ଶାରଦା ଦେବୀ
ଗଣନାଥ ହେ, ଘେନ ଦୁଃଖୀ ଜଣାଣ
ରମଣିମଣି ରାମା, ରାମା କି ମନୋହର ସେ
ତାରକା ଭୂଷିତା ନିଶା
ଧନ୍ୟ ଧନ୍ୟରେ ବିହି
ଯାକୁ ଯେହୁ ଭାଜନ
କରଣେ ଯାର ଯାହା ପ୍ରାଣୀ ଭୁଞ୍ଜଇ ତାହା ଗୋ
ଏ ନାଗରବର ଅଟେ କାହା କୁମର
ଜୟ ଗୋ ମାତ ଜୟ ଜୟ ସିଂହବାହିନୀ ଗୋ
ବାମା ସମାନେ ଆନ କେ
ଏ ରମଣୀ ମଣି ରାମା
ଜୟ ଜଗତ ଜନନୀ ଜଗଦମ୍ବେ

Digitized by srujanika@gmail.com

ବାଜ ମାରି ଘେନିଗଲା
ବନ୍ଦଇ ଶାରଳା ମା'ଗୋ
ଲକ୍ଷ୍ମୀ ପଦ୍ମାଳୟା ପଦ୍ମା କମଳା ଶ୍ରୀ ହରିପ୍ରିୟା
ଶ୍ରୀଦୀନବାନ୍ଧବ ହରି ପଦ ମନ
ଆଉ କେ ଅଛି ତୋ ସଙ୍ଗେ ଯିବାର ପାଇଁ
ପ୍ରୀତି ଲାଗି ଏତେ ସରି ହେ
ଦୟାନିଧି ଦୟା ଚିତ୍ତେ ଏ ଦୀନକୁ ଉଦ୍ଧରି ଧର
ବ୍ରଜେ ଖେଳନ୍ତି ଯେ ଫଗୁ
ଦେଖ ଦେଖ ଲୋ ସଖି କହ୍ନାଇ ନାଚୁଛେ
କୁହୁ କୁହୁ କିଆଁ ରାବୁରେ କୋକିଳ
ରାଧିକେ ଗୋ କହୁ ନ କରି ବିଚାର
ରଙ୍ଗେ କହ୍ନାଇ ନାଚେ
ଆସ ଦେଖିଯିବା ପରାଣ ସହି
ଦୋଳାରେ ଝୁଲୁଛି କାଳିଆ ଦେବତା
ପଡ଼ିଲେ ବିପତ୍ତି ଦୁତୀ
ବର ବରନ କରନ ହଟ
ଫାଗ ଖେଲତ ହଏଁ
ଆସ ସଜନୀ ଗୋ ଦେଖିବା ଫଗୁଖେଳ
ବ୍ରଜେ ଆଜି ଖେଳର ଲାଗିଅଛି ଉତ୍ସବ
କୁଞ୍ଜ ବିନୋଦିଆ କଲେ କେତେ କୃତ୍ୟ ଗୋ
ଫଗୁ ଖେଳ ଖେଳନ୍ତି ଦାଣ୍ଡେ ତ୍ରିପୁରେଶ୍ୱର
ଫଗୁ ଖେଳେ ଗୋପୀ ଗୋପାଳେ
ଖେଳ ଖେଳିବା ପାଇଁ ବାହାର ଗୋ
ଝୁଲା କେଡ଼େ ମନୋହର
ଆସ ସଖି ଯିବା ଗୋ ନନ୍ଦ ମନ୍ଦିରେ
ଝୁଲାଏ ଝୁଲନାରେ କାଳିଆ କହ୍ନାଇ
ଆମାର ହିଜ୍ ପିଞ୍ଜରେର୍ ପାଖୀ
ଆଜି ଫଗୁ ଗୁଣ୍ଡିମଣ୍ଡି ହୋଇ ଧରାଗୋ
ମନ ତୋତେ କେତେ କହିବି ବୁଝାଇ

Digitized by srujanika@gmail.com

ମଞ୍ଚେ ସଞ୍ଚି ଧନ ଧନ୍ୟ ଯୁଗ ବୋଲା
ତୁଳାରେ କି ତୋଳୁ ତୁଳାଯନ୍ତ୍ର ରଖି
ମୁଁ ତୋ କିଣା କେଳି ପ୍ରବୀଣା
କୁଞ୍ଜବନେ ସଙ୍କେତ ସ୍ଥାନେ
ଆସ ଆସ ଆସ ହେ ଭାଇ ଫଗୁଆ ଯିବି ଖେଳି
ହୋରି କେଡ଼େ ରଙ୍ଗେ ମାତିଅଛି ଆଜ
ମାଧବ ହେ ଯୋଡ଼ି ଜଣାଉଛି କର
ରାଧିକେ ଗୋ କହୁ ନ କରି ବିଚାର
କେଡ଼େ ରଙ୍ଗେ ମୋ ପ୍ରିୟ ସଙ୍ଗେ
ମୋ ଧନ ମଦନେ ଦୁଃଖୀ ସଖୀରେ
ମୁଁ ନାଇଁ ଯାଏ ଯମୁନାକୁ କାଳିଆ ଥାଏ ଲୋ
ଇନ୍ଦ୍ର ତୁ ଅବିବେକ
ଅଣ୍ଟି ଗଲାଣି କାଟି ହୋଇରେ
ମନ୍ଦ ବିହିରେ ଭାଲେ ଲିହିଥିଲୁ କି
ବିଜେ ଶ୍ରୀରାମ ଜଟାୟୁ ପାଶ
ରାମ ଆରତେ ଦୁଃଖିତେ
ଭ୍ରମେ ଶ୍ରୀ ବ୍ରଜରାଜ
ଆଜ ରାତି ମୋ ପ୍ରିୟ ନଇଲେରେ
ଦୁଷ୍ଟ ନାଶି ସନ୍ଥ ପାଳିନୀ ଭବାନୀ
ଆରେ କଂସାସୁର ବାରେ ଘେନ ମୋ ଗିର
ଘନକେଶୀ ଏ କାହା ଭିରୀ
ଆହାରେ କି କଲା ମୋତେ ଦାରୁଣ ବିହି
ଦୀନବାନ୍ଧବ ମାଧବ କୃପାନିଧି
ଆରେ ରସବତୀଙ୍କର ରଜା
ପ୍ରାଣ ସଙ୍ଗିନୀ ଏଲ ଲୋ ଏଲ ଲୋ
ପ୍ରତିପଦ ସେ ସହି ଦ୍ୱିତୀ ଆଗେ ଚିତୋଇ
ପ୍ରିୟ ଗୋ, ଆସ ତୋଷ ଶର୍ବରୀ
ସଖୀରେ ଆନ ନୋହେ କର୍ମ ଲେଖନ
ଦେଖି ଦେଖି ମୋ ରହିଲା ଲାଖି

Digitized by srujanika@gmail.com

ଏଡ଼ିକି ନିଷ୍ଠୁର ଗୋରୀ ବିମ୍ବାଅଧରୀ
ମନ ମୀନ ଧରି ରଖିଲା ତୋ ଶୋଭା ବଡ଼ସି
ବରଜ ରାଜନ ନନ୍ଦନ ବଦନ
ବିଚ୍ଛେଦ ତନୁ କେତେ ସହିବରେ
ପୂଜ ଭଜ ଅନାଦି ଅବ୍ୟକ୍ତ
ବାସକ କେଳି ସଦନେ
ମୀନ ନେତ୍ରୀ କୁମ୍ଭ ଯୁଗ୍ମ
କେଣେ ଗଲୁ ବଜ୍ରଦେହୀ
କେଣେ ଅଛ ହେ ଶଙ୍କର
ଅଟ୍ଟହାସିନୀ ହଟ ନ କର ହାଟକ ବରନା
ଅନ୍ତର୍ଲିପିକାରେ ରାଧାଙ୍କୁ ଭାଷନ୍ତି ହରି ହେ
ଦୁଃଖ ଅଣ୍ଟିବ ନାହିଁ କି
କୁଞ୍ଜବନେ ମୁରଲୀ ସ୍ୱନେ ।

୧ : ଗଣେଶ ବନ୍ଦନା

ଗଣନାଥ ହେ ଘେନ ଦୁଃଖୀ ଜଣାଣ
ଆହେ ଲମ୍ବୋଦର ଦୟାର ଭଣ୍ଡାର
ଅବିଦ୍ୟା ଚିନ୍ତିଲେ କର ବିଦ୍ୱାନ, ଗଣନାଥ ହେ ..... । ୧ ।
ହୋମ ଯଜ୍ଞାଦି ମଙ୍ଗଳର, ଆଗ ପୂଜା ହୋଏ ତୁମ୍ଭର
ତୁମ୍ଭ ଭକ୍ତଜନ, ପଣ୍ଡିତେ ଭାଜନ
ଯମଯାତନାରେ ନ ପଡ଼େ ପୁଣ, ଗଣନାଥ ହେ .....। ୨ ।
ମାତା ଯାର ଦେବୀ ଗିରିଜା, ପିତା ତବ କୈଳାସ ରାଜା
ପୁଣ ଯେ ଅମୃତ, ଲଡୁ କର ଭୋଗ
ମୁସ୍ତକିମ ଭାବନା ଭାବ, ଭାବଗ୍ରାହୀ ହେ ପୂର୍ଣ୍ଣ କରିବ
ମୂଷିକରେ ନାଥ କର ଭ୍ରମଣ, ଗଣନାଥ ହେ .....। ୩ ।

Digitized by srujanika@gmail.com

୨ : ଭଜନ (ରାଗ-ରାମକେରୀ)

ଜୟ ଜୟ ପ୍ରଭୁ ଅନନ୍ତ ଅଣାକାର ଶ୍ରୀହରି
ଜୟ ଜୟ ପ୍ରଭୁ ଅନନ୍ତ ଅବ୍ୟକ୍ତ ବ୍ୟକ୍ତକାରୀ ।୧।
ଜୟ ହେ କରୁଣା ସାଗର, ଅଘ ନାଶକରତା
ଜୟ ହେ କରୁଣା ସାଗର, ଭକତ ଆର୍ତ୍ତିହନ୍ତା ।୨।
ଜୟ ଦୁଃଖୀ ଜନ ବାନ୍ଧବ, ଦେବ ଜଗତନାଥ
ଜୟ ଦୁଃଖୀଜନ ବାନ୍ଧବ, ଭୋ ବିଷ୍ଣୁ ସର୍ବବ୍ୟାପ୍ତ ।୩।
ନ ଜାଣେ ଭକତି ଶ୍ରୀପଦ ପୂଜା କଷ୍ଟଣା ଜପ
ନ ଜାଣଇ ବିଦ୍ୟା ନ କରି ପ୍ରଭୁ କେବେ ସତସଙ୍ଗ ।୪।
ଦାନ ଯଜ୍ଞ ହୋମ ଭଜନ କିବା ଅତିଥି ସେବା
ଧ୍ୟାନାଦି ନ କରି ଇନ୍ଦ୍ରିୟ ବଶେ ମୋହିତେ ସଦା ।୫।
ଏ ଭବ ସାଗରେ ଭାସୁଛି ସ୍ଥଳ କୂଳ ନ ପାଇ
ଭାବଗ୍ରାହୀ ଭାବ ନ ଜାଣେ ଭବୁଁ ତରିବି କାହିଁ ।୬।
କେବଳ ନାମକୁ ଆଶ୍ରୟ କରିଅଛି ଅନାଦି
ଚତୁର୍ଦ୍ଦଶପୁର କରତା ବୋଲି ଆଶ୍ରା କରିଛି ।୭।
କୀରତି ବର୍ଣ୍ଣନ୍ତି ପୀରତି ଶୂନ୍ୟ ଶରୀର ମୋର
ମୂରତି ଦର୍ଶନ ଲଭନ୍ତି ପୁଣ୍ୟହୀନ ମୁଁ ନର ।୮।
କରତି ହୁଅନ୍ତି କଷ୍ଟାୟୁ ଅରାତି ମୋହେ ଚିତ୍ତ
ମୋର ମୋର ଭାବି ଅଜ୍ଞାୟୁ ଯେଣୁ ବିତ୍ତେ ଲୋଭିତ ।୯।
ବାରବାର ବାର ଯାହା ମୁଁ ତାହା ହୃଦେ ନ ଘେନି
ବାରମ୍ବାର ବାର ବରଷ ଆୟୁ ହେଲେ ଗଲାଣି ।୧୦।
ସାର ସାର ଅଙ୍ଗେ ସାରଙ୍ଗେ ସାର ଶର ନିକ୍ଷେପି
ସରୁସରୁ ପ୍ରାଏ ସର୍ବାଙ୍ଗେ ଅଘ ରହିଛି ବ୍ୟାପି ।୧୧।
ଦୀନହୀନ ଜନ ଉଦ୍ଧାର ବାନା ଅଟେ ତୁମ୍ଭର
ଦୀନହୀନ ଜନ ଡାକୁଛି ପ୍ରଭୁ ଦୟାସାଗର ।୧୨।
ଈଶ୍ୱର ବିଶ୍ୱର କରତା କର କର କରୁଣା
ଭୋ ଇଷ୍ଟ ଅନିଷ୍ଟ ନାଶିଣ ଅଭିଷ୍ଟ କର ପୂରଣା ।୧୩।
ମୁସ୍ତକି ସୁସ୍ତକି ହୋଇବ ଅସ୍ତ ହେଲେ ଜୀବନ
ଇତସ୍ତତଃ ହେବ ଚୌରାଶି, ରହିବ ଭ୍ରମିଣ ।୧୪।

Digitized by srujanika@gmail.com

ନାସ୍ତି ନ ଘେନି ଶାସ୍ତିକି ପଛେ ବିହିବ ଦେବ ।
କିନ୍ତୁ ମଞ୍ଚେ ଘଞ୍ଚେ ସୁସଂଚେ ବାଞ୍ଛେ ପୂର୍ଣ୍ଣ କରିବ ।୧୫।
କରୁଛି ଏତିକି ମାଗୁଣି ପ୍ରଭୁ ଜଣାଣ ଘେନ
କହଇ ବାଲୁତ ମୁସ୍ତକି ପାଦପଦ୍ମେ ଶରଣ ।୧୬।

- ୩ -

ଧିକ ଯଦି ପିଣ୍ଡେ ପରାଣ ନ ଥିଲେ
ଧିକ ପ୍ରାଣ ଯେବେ ବିଦ୍ୟାହୀନଟି ।ଘୋଷା।
ଧିକ ବିଦ୍ୟା ଯେବେ ଭ୍ୟାସ ନାହିଁ ବେଦେ
ଧିକ ଭ୍ୟାସ ବେ଼ଦେ ପ୍ରେମହୀନଟି
ଧିକ ପ୍ରେମ ଯଦି ସ୍ୱାଦୁ ତହିଁ ନାହିଁ
ଧିକ ସ୍ୱାଦୁ ଯେବେ ସତ୍ୟହୀନଟି ।୧।
ଧିକ ସତ୍ୟ ଯଦି ଧରମ ବିରୋଧୀ
ଧିକ ଧର୍ମ ନୋହି ଦୟାବାନଟି
ଧିକ ଦୟା ଯଦି ଅରୀ ନ ସଂହାରି
ଧିକ ଅରିନାଶ ଉଦାରହୀନଟି ।୨।
ଧିକ ସେ ଉଦାର ଜ୍ଞାନ ନାହିଁ ଯାର
ଧିକ ଜ୍ଞାନ ବିଷ୍ଣୁ ଯଦି ନ ଖଟି
ମୁସ୍ତକିମ ଭାଷି ଧିକ ବିଷ୍ଣୁ ତୋଷି
ନ ଦେଖେ ସର୍ବ ଜୀବେ ସମାନଟି ।୩।

- ୪ -

ପ୍ରଭୁ ଯାହା ଇଚ୍ଛା ତାହା କର
ସମର୍ପିଲି ମନ ଧନ ଜୀବନକୁ କଂଜ ଚରଣେ ତୁମ୍ଭର ।ପଦ ।
ମାତ୍ର ଆଶା ତରୁ ପଲ୍ଲବିତ ହୁଏ
ଦିନୁ ଦିନ ବୃଦ୍ଧି ହେବା ଦେଖାଯାଏ
କ୍ରମେ କ୍ରମେ ତାର ଆନ ଆନ ରୂପ
ତାକୁ ଛେଦନ ନ କର । ୧ ।
ଲାଭ କ୍ଷତି ମାନ ଅଭିମାନ ଶାଖା

Digitized by srujanika@gmail.com

ଛେଦନରେ ମୋର କିଛି ନାହିଁ ଦକା
ଧର୍ମାଧର୍ମ ପତ୍ର, ପାପପୁଣ୍ୟ ଫଳ, ଏଥିକି ନାହିଁ ଖାତର ।
ପ୍ରଭୁ ଯାହା ଇଚ୍ଛା ତାହା କର ... । ୨ ।

– ୫ –

ନ ଯା ଯମୁନାରେ ନ ଯା ଯମୁନା
ଘେନ ମୋ ମନା
ଭେଟିଲେ ନଟ ନାଗର, କରିବ ହଟ, ମହତ ବୁଡ଼ାନା । ୧ ।
ଶୁଣିଛି ନିପମୂଳିଆ ଶିଖି ଚୂଳିଆ
ଚିକଣ ଘନ କାଳିଆ ଜଗିଥାଏ ବାଟ ସିନାରେ । ୨ ।
ତା' ନଜରେ ଯେ ପଡ଼ଇ ବୁଦ୍ଧି ବିବେକ ହୁଡ଼ଇ
କୁଳ ମହତ ବୁଡ଼ଇ, ଲଭେ ଅକୀର୍ତ୍ତି ଘୋଷଣାରେ । ୩ ।
ମୁସ୍ତକିମ କହେ ସହି, ନୁହେ ତା ଯାତନା ସହି
ମନାକଲେ ନ ଘେନଇ ନନ୍ଦପୁଅ କାହ୍ନାରେ । ୪ ।

– ୬ –

ଦେଖିଲୁ କି ପ୍ରାଣ ସହି ଶ୍ରୀ ବନମାଳିରେ ।
ଜଗତ୍ ପ୍ରାଣ, ନନ୍ଦ ନନ୍ଦନ, ପୁଚ୍ଛଚନ୍ଦ୍ରିକା ଚୂଳେ ଶୋଭନ
ନାନା କାଇଁଚ ମାଳା ଗଳେ ଲମ୍ବିତ
ଚାଲେ ଢଳି ଢଳିରେ । ୧ ।
ରାମଙ୍କ ଦୂତ ତାତ ବାହନ, ମଧକୁ ଜିଣି କଟୀ ଶୋଭନ
ପିତବସନ ଅଛି ବେଷ୍ଟନ, ମୁସ୍ତକିମ ବୋଲିରେ । ୨ ।

– ୭ –

ଆରେ ନୀଳମଣି, ବାଟ ଅଟକାନା ଯିବି ନୀର ଆଣି ।ପଦ ।
ଯୁକତେ ପରା ମୁଁ ମାଇଁ ତୋର, କି ବୋଲିବେ ଶୁଣି ନାରୀନର
ଜଗତରେ ଅପଖ୍ୟାତି ଗୋଳି ହେବ
ଛାଡ଼ ଛାଡ଼ ତୁ ମୋର ଅଞ୍ଚଳକାନୀ, ଆରେ..... । ୧ ।
ଏ କଟକେ କେତେ ବାଳ ନାହିଁ, ତୋ ପରି ଅନୀତି କେ କରଇ

Digitized by srujanika@gmail.com

ପରବଧୂ ସୂତା କୁଳେ ଏ କି କଥା
ପଲା ପଲା ମୁଁ ନୁହେଁ ତୋ ଭଳି ପୁଣି, ଆରେ ...... । ୨ ।
କବି ମୁସ୍ତକିମ ରସେ କହି, ନନ୍ଦ ଆଗେ ଯାଇ କହିବଇଁ
ଦୁଷ୍ଟ ବୁଦ୍ଧି ତୋର ଜନନୀ ଶୁଣିଲେ
ଛାଟ ପିଟିବେ ଯଶୋଦା ଏହା ଶୁଣି, ଆରେ..... । ୩ ।

- ୮ -

ବାରନେତ୍ରୀ ଏଗାର କୁମ୍ଭ ବାରେ ବଞ୍ଚା
ଦଶକେତନ ଶର ନବରେ ମାରେ ନାହିଁ ରକ୍ଷା । ପଦ ।
ଆଠ ଘାତଠାରୁ ଜିଣି, ତନୁ ପୀଡ଼ା କରେ ପୁଣି
ସପ୍ତ ଅତୁଳା କୋମଳ -ଅଂଗୀ ଭ୍ରୁଭଙ୍ଗୀ ନଚା । ୧ ।
ତୋ ସମାନେ ଛଅ କେହି, ପଞ୍ଚକଟୀ ମଞ୍ଚେ ନାହିଁ
ଚାରି ଦାଢ଼େ ସ୍ମର ଭିଡ଼େ ତିନି ଦାନ ଦେଇ ବଞ୍ଚା । ୨ ।
ଦୁଇପତି ନାରୀବର, ଏକ ଦେଇ ସେବିବାର
ତାଙ୍କୁ ପାଇଛି ମୁସ୍ତକି ଏ ବାଣୀ ନୁହଇଁ ମିଥ୍ୟା । ୩ ।

- ୯ -

ପର କଲେଣି ଗୋ ମୋତେ ପରମାନନ୍ଦ ସଖି
କାରାସଦନ ପୁରୋଦର ଲାଗଇ । ପଦ ।
ଶୈଳଜାପତି ଅରି, ଶ୍ୟେଳ ମାରେ ଓଟାରି
ହୃଦ କମଳେ ପଡ଼ି, ପକାଉଛି ବିଦାରି
ଦୁଃଖେ କଟଇ କାଳ ଶିବ ସର୍ବରୀ ପରି । ୧ ।
ରବି ତନୟୀ ତଟ, ନିକଟ ସ୍ଥିତି ଅଟ
ମଧ୍ୟଚେ କର ହଟ, ନଟ ନାଗର ଷଠ
ଭାବ ଚିତୋଇ ପଟ, ହେଉଛି ଛଟପଟ । ୨ ।
ମୁସ୍ତକିମ ରଚିତ, ସ୍ଥିର ନ ରହେ ଚିତ୍ତ
ହୋଇଣ ଇତସ୍ତତଃ ତନୁ କରେ କମ୍ପିତ
ପାମର ମନମଥ ହେଲାଟି ଖଣ୍ଡ ଭୂତ । ୩ ।

Digitized by srujanika@gmail.com

- ୧୦ -

ପୂର୍ଣ୍ଣଚନ୍ଦ୍ରମୁଖୀ ପୂର୍ଣ୍ଣ କର ମନ କାମନାରେ
ଚୂର୍ଣ୍ଣକୁଟିଳ କୁନ୍ତଳା ଜୀବେଶ୍ୱରୀ
ହାଟକ ଛଟକ ବରନା । ପଦ ।
ଲବମାତମାତ ପରେ ଦୁଃଖେ ବସି
କର ଯେ ଗୁଧ୍ରରାକ୍ଷୀ, ରାକ୍ଷୀରାନନ୍ଦେ ବସି
ସଜ ସରୋଜ ନେତ୍ରକୁ ମଦାଳସୀ
ଉଜର ପରେ ଡାଳନାରେ । ୧ ।
ପୟସୁତସୁତ ପରାଏ ତୋ ହୃଦ
ହରିଅରୀ ନାଥ କରାୟୁଧ ବତ
ନ କରି ରମା ବିପରୀତରୁ ରକ୍ଷାକର
କରକ ବଦନାରେ । ୨ ।
ଝସବାସ ଝସଜିତ ନୟନରୁ
ଝରା ଦେଖି ହୃଦ କମ୍ପେରେ ରଂଭୋରୁ
ମୁସ୍ତକିମର ବୀନତି ଘେନି ଭୀରୁ
ତମ ଢମ କର ଚୂନାରେ ।

- ୧୧ -

ଆହେ ଦୀନବନ୍ଧୁ ଅରକ୍ଷଙ୍କ ବନ୍ଧୁ
ବିପଦ ବିନାଶକାରୀ । ପଦ ।
ଲକ୍ଷ୍ମୀ ଜନକ ବାହନ ଝସବାସେ
ଗଜମାଥ ମାତା ସନ ଅରୀକୁ ସେ
ଧରିବାରୁ ଭୟେ ବୃତାରୀ ଆସନ
ଚିନ୍ତୁଅଛି କଷ୍ଟ ହରି । ୧ ।
ବିଷ୍ଣୁଆସନଭକ୍ଷ ଭକ୍ଷ ଆସନ
କଷ୍ଟ କିରାତ କୁକୁର ହୁତାସନ
ଆତଙ୍କେ ସ୍ମରୁ ରଖିଲ ଜନାର୍ଦ୍ଦନ
ଅରିଷ୍ଟ ବିନଷ୍ଟ କରି । ୨ ।
ଚିତ୍ରବୀର୍ଯ୍ୟ ନାତି ଦେବାରୁ ବିପତ୍ତି

Digitized by srujanika@gmail.com

ବିଚିତ୍ରବୀର୍ଯ୍ୟ ଯତି ନାରୀ ।

- ୧୨ -

ଶ୍ରୀ ଦୀନବାନ୍ଧବ ହରିପଦ ମନ, ଭଜ ଅବିରତେ ଗୀତେରେ ।
ତମ ଚକ୍ର ଖଣ୍ଡକାରକ କମଳାନନ୍ଦ ବର୍ଦ୍ଧନ ଅନନ୍ତେ ହେ
ଦିବାନିଶି, ଅନନ୍ତ ଅଙ୍କ ବିହାରୀ ଯା ଘୋଷିରେ ।
ପ୍ରଣମେ ଯା କର, ନିଶାଚରଙ୍କର
ଉଲ୍ଲାସ ନାଶ କରଇରେ ।
ଅଗ୍ରେ ବୈନତେୟ ବିରାଜି ଅଛନ୍ତି
ସୁମନ ବନ୍ଦନ ଦାୟୀରେ
ସିଂହ ଭାବେ । କାଳେ କ୍ରୀଡ଼ା କରତା ଅଟଇରେ ।
ଭବେ ତରଣି ଖ୍ୟାତ, ରୋହିତ ମୁଁ ତ, ଶ୍ରୁତିରଞ୍ଜନ କାରକରେ ।
ବିକାଶ ଅଖଣ୍ଡ ମଣ୍ଡଳେ ଦର୍ଶନ ଗୁଣି ସଦା ବୀଜଚକ୍ରରେ ।
ମୁସ୍ତକିମ ଭାଷେ ଇନ ପଦାମ୍ବୁଜ ଚାଖରେ ।

- ୧୩ -

ଉମାରମଣ ହର, ବିପତ୍ତି ହର ମୋହର
ଜୟ ବୃଷାସନ, ଜୟ ତ୍ରିଲୋଚନ
ଶିରେ ଶୋଭଇ ଅର୍ଧକଳା ଶଶଧର । ୧ ।
ଜୟ ହେ ଶଙ୍କର, ଜୟ କୈଳାସ ଠାକୁର (ପଡ଼ି)
ଜୈୟ ଗଙ୍ଗାଧର, ଫଣୀଭୂଷା ସୁନ୍ଦର,
ହୃଦୟପଦ୍ମରେ ରୁଚି ଦିଶେ ମୁଣ୍ଡହାର ହେ । ୨ ।
ଡମ୍ବରୁ ତ୍ରିଶୂଳ କରେ କମ୍ବୁ ଜପାମାଳ (ପଡ଼ି)
ନନ୍ଦୀ ଭୃକୁଟି ସଙ୍ଗେ, ଶ୍ମଶାନେ ଭ୍ରମ ରଙ୍ଗେ
ବିଭୂତିରେ ବିଭୂଷିତ ହୋଇ ସର୍ବାଙ୍ଗର ହେ । ୩ ।
ଜୟ ନୀଳକଣ୍ଠ, ସ୍ମରଣେ ଫିଟେ ସଙ୍କଟ (ପଡ଼ି)
ସେ ପ୍ରଭୁ ପାଦେ ମତି ବଳାଇ ଦିବାରାତି

Digitized by srujanika@gmail.com

କବି ମୁସ୍ତକିମ ଅତି କାକୁସ୍ଥ ହୃଦର ହେ । ୪ ।

- ୧୪ -

ଭକ୍ତ ଜନ ରକ୍ଷଣ, ଦୁଷ୍ଟ ବିନାଶନ ହେ ନନ୍ଦନନ୍ଦନ ମୁରାରୀ (ପଦ)
ଇନ୍ଦ୍ର ବିବାଦେ, ଶ୍ରୀ ବାମ ହସ୍ତେ, ଟେକିଲ ଗିରିବର ଧରି ।
ଦ୍ରୌପଦୀ ଆର୍ତ୍ତ, ଜାଣି ହେ ନାଥ, ରଖିଲ ଦେବ ଦଇତାରୀ ।
ଗ୍ରାହ କରିକୁ ଧରନ୍ତେ ତାକୁ ଗ୍ରାହା ନାଶିଲ ଚକ୍ରମାରି
ମୃଗୀ ଚିନ୍ତିଲା ଚିନ୍ତରି ଗଲା, ତାରିଲ ବରଷାଇ ବାରି ।
ଶ୍ରୀ ମୁସ୍ତକିମ କରେ ଜଣାଣ ମୋ ଦୁଃଖଫେଡ଼ ହେ କଂସାରି ।

- ୧୫ -

ଜୟ ରଘୁନନ୍ଦନ, ବିପଦ ବିନାଶନ, ଦୁଃଖୀ ଦୁଃଖ ନାଶନ ଶ୍ରୀ ହରି ହେ ।
ଅହଲ୍ୟା ନିସ୍ତାରଣ, ଋଷି ଯଜ୍ଞ ରକ୍ଷଣ, ଶିବଧନୁ ଭଂଜନ ଦୈତାରୀ ହେ । ପଦ ।
ବାଳି ବଳ ଧ୍ୱଂଶନ, ସୁଗ୍ରୀବର ରକ୍ଷଣ ମୁନୀମନ ତୋଷଣ ମୁରାରୀ ହେ ।
ପିତା ସତ୍ୟ ପାଳନ, ଜଟପଟ ଭୂଷଣ, ଚଉଦ ବର୍ଷ ବନବିହାରୀ ହେ ।
ସିନ୍ଧୁ ସେତୁ ବନ୍ଧନ, ନୃପକୁଳ ଚନ୍ଦନ, ଜୟ ବିଭୀଷଣ ଶରଣକାରୀ ହେ ।
ଜୟ ଲଙ୍କା ଧ୍ୱଂଶନ, ଦଶାନନ ନାଶନ, ସୀତା ବନ୍ଧନ ମୋଚନକାରୀ ହେ ।
ଦଶରଥ ନନ୍ଦନ, ପ୍ରଜା ମନ ତୋଷଣ, ଦୁଷ୍ଟ ଜନନାଶନ କେଶରୀ ହେ ।
ସେ ଚରଣ ଶରଣ, ଆଶ୍ରିତ ମୁସ୍ତକିମ, ଭାଷେ ରଖ ଅଯୋଧ୍ୟା ବିହାରୀ ହେ ।

- ୧୬ -

ଗଣପତି, ଘେନ ମୋ ବିନତି ଭୋ ପାର୍ବତୀ ସନ୍ତତି । ପଦ ।
ସ୍ଥୁଳ ଉଦର ଶୋଭା, ବାଳ ଆଦିତ୍ୟ ପ୍ରଭା ହେ
ପଦ୍ମଚକ୍ର ଅଙ୍କୁଶ ଶୋଭା ଅତି ଝଟକି ଦିଶନ୍ତି ଚପଳାର ଜ୍ୟୋତି । ୧ ।
ଏକଦନ୍ତ ଗଜର ମସ୍ତକ ସ୍କନ୍ଧ ପର ହେ
ମୁଷିକାସନେ ଦେବ ଭ୍ରମ ପୃଥ୍ୱୀ ଯେ ତୁମ୍ଭକୁ ଚିନ୍ତି ହର ତା ବିପତ୍ତି ହେ । ୨ ।
ଅମୃତ ଲଡୁ ଭୋଗେ, ପୂଜିତ ହୁଅ ଆଗେ ହେ
କେବା ପାରିବ ବର୍ଣ୍ଣି ତବ ଗୁଣ କୀର୍ତ୍ତି, ତିନିପୁର ପତି, ଦୁର୍ବାଦଳ ମୂର୍ତ୍ତି ହେ । ୩ ।
ଜୟ ହେ ଲମ୍ବୋଦର, ଯୋଡ଼ି ଜଣାଏ କର ହେ
ବିଘ୍ନରାଜ ଚରଣେ ଦେଇ ମତି ମୁସ୍ତକି ବଦତି ଦିଅ ସଦ୍‌ଗତି ହେ ।

Digitized by srujanika@gmail.com

- ୧୭ -

ଜୟ ଜୟ ଭବାନୀ, ଅଭୟା ତୁ ଦୀନଦୁଃଖୀ ଦୁଃଖ ଧ୍ୱଂଶିନୀ ମାଁ । ପଦ ।

ସତ୍ୟ ଯୁଗେ ଜନମି ରକ୍ଷା କଲୁ ଅବନୀ ମା (ପଡ଼ି) ମୈଷାସୁର ସଙ୍ଗର ଜୁଝିଲୁ ଗୁରୁତର

ମାରି ଖର୍ପର ଖଣ୍ଡା, ତା ଗର୍ବ କଲୁ ଚୁର, ଦେବଙ୍କ ଚିନ୍ତା ଦୂର

ସେଦିନୁ ନାମ ତୋର ମୈଷାମର୍ଦ୍ଦିନୀ ମାଁ । ୧ ।

ତ୍ରେତା ଯୁଗେ ଲଙ୍କାରେ, ଥିଲୁ ରାବଣପୁରେ ମାଁ (ପଡ଼ି)

ସୀତୟା ଚୋରୀ କାଳେ ହନୁ ତୋତେ ଭେଟିଲେ, ସୀତୟା ଠାବ କଲେ

ତୁ ସନ୍ଦେଶ ଦିଅନ୍ତେ ଶ୍ରୀରାମ ସୁମରିଣ

ଦଶାନନେ ନାଶିଲେ ମାଆ ଆର୍ତ୍ତ ଧ୍ୱଂସିନୀ ମାଁ । ୨ ।

ଦ୍ୱାପର ଯୁଗେ ହର, ବନେ ପାର୍ଥ ସଙ୍ଗର

କଳହ କଲା ବେଳେ ପାର୍ଥିବ ଧନୁ ହୁଳେ, ବୁଲାନ୍ତେ ତହିଁ ତୁହି, ପ୍ରବେଶିଲୁ ସେକାଳେ

କଳହ ଭାଙ୍ଗିଗଲା, ଯହୁଁ ତୋତେ ଦେଖିଲେ ମା ସିଂହବାହିନୀ ମାଁ । ୩ ।

ଏ କଳିଯୁଗେ ମାତ ସମଲପୁରେ ଖ୍ୟାତ ଗୋ (ପଡ଼ି)

ସମଲାଇ ନାମରେ, ବିଶ୍ରାମ ନଦୀ ତୀରେ .

ଚକ୍ରଣା ବେଳି ଖଣ୍ଡା କାତି ଖର୍ପର 'କରେ

ଭଣଇ ମୁସ୍ତକିମ କରୁଣା କର ମୋରେ ଘେନି ଦୟିନୀ ମାଁ । ୪ ।

- ୧୮ -

।। କଳିଯୁଗ ।।

ଧନ୍ୟରେ କଳିଯୁଗ, ଆକ୍ରୋଶି ମହୀଭାର ରଞ୍ଜାଇ ଦେଲୁ ଜନମନକୁରେ । ପଦ ।

ଶୁଣ ଏ ଯୁଗ ନର, ନାରୀଙ୍କର ବେଭାର, ତେଜିଲେ ହରିହର ନାମକୁ ଯେ

(ଝୁମ୍ପା) ଖଣ୍ଡବୃତ୍ତିରେ ପର, ବିତ୍ତ ହରଣେ ଖର, ଖାଇବା ପାତ୍ରେ, ଭରିଲେ

ଯେ ହରଆହାର

ଖଚୁଆ ଗଣ କ୍ଷଣେ ହୋନ୍ତି ସଭା ଯୋଗ୍ୟର

ସଭା ତଳେ ବସାଇ ଦ୍ୟନ୍ତି ଖିତିପତିଙ୍କୁ । ୧ ।

ଗଞ୍ଜାଇ ଯେ ମଦିରା, ପରେ ହୋଇଣ ତ୍ୱରା, ଗା'ନ୍ତି ଆନନ୍ଦେ ଆଦିରସକୁ ହେ

(ଝୁମ୍ପା) ଗୁପ୍ତ ଜ୍ଞାନ ବିକିରୀ, ଯତି ଗଣେ ଯେ କରି

ଆନନ୍ଦରେ କୃଷକେ ଗୋପଥ ମାନ ହରି

ଗାବଗଣେ ହତାଶେ, ତୃଣ ନ ପାଇ ଝୁରି

Digitized by srujanika@gmail.com

ଏଣୁ ଅକାଳେ ଇନ୍ଦ୍ର ବରଷଇ ବାରିକୁ । ୨ ।
କୁଳ ସ୍ତ୍ରୀରି ପତିକୁ ତେଜି, ତେଜି ଭିତିକୁ ଅନ୍ୟ, ପୁଂଶେ ବଢ଼ାଇ ପ୍ରେମକୁରେ
(ଝୁମା) ଘରମାନଙ୍କେ ଘୋର କନ୍ଦଳ ଜନ୍ମିବାର
ପତି ତେଜିଣ ଉପପତି ସଂଗରେ, ଭରି ଆନନ୍ଦେ ଗୃହ କରି ସୁଖରେ ମଜ୍ଜିବାରୁ
ସତୀ ବୋଲାନ୍ତି ଆନେ ମୋହି ବୀଟ ପତିଙ୍କୁ । ୩ ।
କ୍ଷତ୍ରି ସଂଗ୍ରାମ ତେଜି, ବୀଟପୀ ସଙ୍ଗେ ମଜ୍ଜି କେତେ ପାଟିଛ କାଢି କଳଙ୍କକୁ ହେ
(ଝୁମା) ହୋଇ ମାୟା ତପସ୍ୱୀ ନରେ ପୂଜନ ହୋନ୍ତି
ଛିଦ୍ର ମଣିଷ ଶତ ଛୋଟ ଜନ ସଙ୍ଗତି, ଯୁବତୀଏ ଉଲଗ୍ନ ହୋଇ ସ୍ନାନ କରନ୍ତି
ଯତିଗଣେ ସରାଗ କଲେ ଯୁତ ଖେଳକୁ । ୪ ।
ଟଙ୍କା ମୁଣ୍ଡରେ ଦେଢ଼ି କଳନ୍ତର ବିଚାରୀ, ଟାଣ ଧନି ଧରନ୍ତି ତତ୍ତ୍ୱର ରେ ।(ଝୁମା)
ଟୋକାଏ ସଭାପତି, ହୋଇ ବୃଦ୍ଧଙ୍କୁ ନିନ୍ଦି ଟଙ୍କା ଲୋଭେ ସ୍ତ୍ରୀ ନ ବାରନ୍ତି ଜାତି ଅଜାତି
ଠକମାନେ ସବୁଠାରେ ମହନ୍ତ୍ରୀ ବୋଲାନ୍ତି
ଠସାରେ ଉଡ଼ାଇ ଦ୍ୟନ୍ତି ଠିକଣା ଲୋକଙ୍କୁ । ୫ ।
ସ୍ତିରୀ ମୋହରେ ପଡ଼ି, ମାତାପିତାଙ୍କୁ ତଡ଼ି, ତେଜିଲେ ହୃଦୁଁ ଦାନଧର୍ମକୁ ହେ
(ଝୁମା) ଦୁଃଖୀ ଜନଙ୍କୁ ମାରି, ଭିକ୍ଷୁକେ ହାସ୍ୟ କରି,
ଘର ଘରଣୀ ଛାଡ଼ି ଦାସୀଙ୍କ ଅଧିକାରୀ
ବୈଷ୍ଣବ ଗୁରୁଜନେ ଦେଖି ଟାପରା କରି
ଦେବତାଙ୍କୁ ନ ଦ୍ୟନ୍ତି ଯାଚିଲାର ଭୋଗକୁ । ୬ ।
ଏଣୁ ବିଚାରେ ସୃଷ୍ଟି ମଧେ ବା ଶନି ଦୃଷ୍ଟି, ତେଣୁଟି ଶଙ୍କା ମୁସ୍ତକିମକୁ ରେ
(ଝୁମା) ଯେଣୁ ଜଗତନାଥ, ଲୋକଙ୍କର ଆରତ, ନ ଶୁଣି କଳିଯୁଗେ
ମତ୍ତ ନ ହେଲେ ସେତ, ଶୁଦ୍ରେ ଗାୟତ୍ରୀ ପଢ଼ି ବୋଲାଇଲେ ପଣ୍ଡିତ
ବିପ୍ରେ ମଦିରା ମାଂସେ ମଜ୍ଜାଇଲେ ଚିତ୍ତକୁ । ୭ ।

- ୧୯ -

ହେ ରମାବର, ଦୟାକର, କରୁଣା ରସ ଭଣ୍ଡାର ହେ । ପଦ ।
ଧରଣୀ ଭାର ନାଶେ, ସତ୍ୟେ ନୃସିଂହ ରୂପେ
ମୁରାସୁର ବଧିଣ ଗଲ ବୈକୁଣ୍ଠ ପୁର । ୧ ।
ତ୍ରେତା ଯୁଗେ ଅଯୋଧ୍ୟା, ଶ୍ରୀ ଦଶରଥ ରାଜା
ଗୃହେ ଜନ୍ମି ରାବଣ ଦୁଷ୍ଟ କଲ ସଂହାର । ୨ ।

Digitized by srujanika@gmail.com

ଦ୍ୱାପରେ ନନ୍ଦ ଘରେ, ଜନ୍ମି ଗୋପ ନବରେ
କଂସାଦି ବୀର ନାଶି ସୁଖୀ କଲ ସଂସାର । ୩ ।
ଏ କଳି ଯୁଗେ ହରି, କେଣେ ଅଛ ମୁରାରୀ
ମୁସ୍ତକିମ ଗୁହାରୀ, ନ ଶୁଣ କି କର୍ଣ୍ଣର । ୪ ।

- ୨୦ -

ପ୍ରଭୁ ସଙ୍କଟୁ ଖରେ ଉଦ୍ଧରି ଧର, ପରାଭୃତ୍ୟେ ଜନ୍ମରେ
ଶୁଣିଛି ପୂର୍ବେ ଜଳେ ଗଜକୁ ଗ୍ରାହା
ଆକର୍ଷି ଧରନ୍ତେ ହୋଇଲ ସାହା
ଚକ୍ରେ ଛେଦି ନକ୍ର ରଖିଲ କରୀ, ପତିତପାବନ ଶ୍ରୀ ନରହରି
ବ୍ୟାଧ ନାଶ କରୁଁ ମୃଗୁଣୀ ବାଳ, ଚିନ୍ତିଲା ମୃଗୁଣୀ ହୋଇ ଆକୁଳ
ବୈକୁଣ୍ଠେ ଥାଇଣ ତାହା ଜାଣିଲ, ନୀର ବରଷି ଅଗ୍ନି ଲିଭାଇ ଦେଲ । ୧ ।
ଦ୍ରୌପଦୀକୁ କୁରୁ ସଭାରେ ଦୁଶା, ଉଲଗ୍ନ କରନ୍ତେ ସ୍ମରିଲା ଯୋଷା
କରୁଣାସାଗର କଲ କରୁଣା ଯେତେ କାଢ଼ନ୍ତେ ବାସ ନୁହଇ ଉଣା । ୨ ।
ଭଣେ ମୁସ୍ତକିମ ହେ ଜନାର୍ଦ୍ଦନ, ଆଚରିଲ ପ୍ରଭୁ ବୁଦ୍ଧି ଦାରୁଣ
ପଡ଼ୁଛି ବିପତ୍ତି ନ ଦିଶେ ବୁଦ୍ଧ ଆହେ କମଳାକାନ୍ତ କୃପା ଜଳଧି । ୩ ।

- ୨୧ -

ନିଶିରେ ଆଜ ମୋ ପୁରେ, ବିରାଜ ନଟନାଗର ଶେଖର ମା । ପଦ ।
ପଲ୍ୟଙ୍କ ଅଙ୍କେ ଶୋଇଥିଲି ନିଶଂକେ
ଚିକ୍କଣ କାଳିଆ କାହ୍ନୁ ମିଳିଲେ ସେଠାର ମା । ୧ ।
ମୋ ଉରେ କର, ଦେଲେ ବଂଶୀଧର
ତା' କର ଲାଗି ନିଦ୍ରା ଭାଙ୍ଗିଲା ମୋର ମା । ୨ ।
ନୟନ ଫେଇ ଦେଲି ସଖୀ ଚାହିଁ
ଦେଖିଲି ଉଭା ହୋଇଛି ସତୀଧୃତି ଚୋର ମା । ୩ ।
ଷାଠିଏ ଚାରି ବନ୍ଧେ ରତି ସାରି ନିଶି ନାଶେ ଗଲା
ମୁସ୍ତକିମ ଭାଷେ ଗୀର ମା । ୪ ।

Digitized by srujanika@gmail.com

- ୨୨ -

ମୂରଲୀଧର, ଛାଡ଼ ଏ ରୀତି ତୋରରେ
ଶାଶୁ ନଣନ୍ଦ ଗୁରୁଜନେ ଭୀତି ନ କରି
ଛାଡ଼ ଏ ରୀତି ତୋର ରେ । ଘୋଷା ।
କାର ପୁରତେ କେ ଯାଇ, ବଳେ ପଶଇ, ଡର କି ପରାଣେ ନାହିଁ
ଗୋଷ୍ଠ କ୍ଷୀର ଭାର, ବହିଣ ମାମୁ ତୋର, ଆସି ମିଳିଲେ ପୁର
ନାଶ ଯିବୁ ପ୍ରାଣର, ଶ୍ୟାମ ଛାଡ଼ ଏ ରୀତି ତୋର ରେ । ୧ ।
ନିର ଘେନିଣ, ମୋ ଶାଶୁ ଆସୁ ଆସୁ, ବାହୁଡ଼ି ଯା ଯା ମୋ ପାଶୁ
ଦେଖିଲେ ହଡ଼ମୁଡ଼ି, ଗୃହରୁ ଦେବ ତଡ଼ି
କହୁଛି କର ଯୋଡ଼ି ଏ ଅଯୋଗ୍ୟ ବେଭାର । ୨ ।
ଆଉ କି ବ୍ରଜ ନଗରୀ ମଧରେ ହରି, କାର ସୁତ କେ ତୋ ପରି
ମନ୍ଦ ବାଳକ ନାହିଁ, ପଳା ନନ୍ଦ କହ୍ନାଇ
ନହିଲେ ନନ୍ଦ ଯଶୋଦାଙ୍କୁ କହିବି ଯାଇ ।
ଗୀର କିଶୋରୀମଣିର, ନଟନାଗର ଶୁଣି ଛାଡ଼ିଲେ କର । ୩ ।
ଭାସଇ ମୁସ୍ତକିମ ରାଧା ଆନନ୍ଦ ମନ
କ୍ଷୋଭେ ରାଧାସଦନ ତେଜିଗଲେ ମୋହନ
ଶ୍ୟାମ ଛାଡ଼ ଏ ରୀତି ତୋର ରେ । ୪ ।

- ୨୩ -

ଆଜ ସପନେ ବରଜରାଜ ମୋ ପୁରେ ମା । ପଦା
ବିଜେ ହୋଇ ଦିବ୍ୟବେଶ, ଦେଖି କେ ନୋହିବ ବଶ
ବଳୟ କଙ୍କଣ ବେନିଭୁଜରେ ମା । ୧ ।
ଶିରେ ଶୋହେ ବାଙ୍କଚୂଳ, ମଧେ ବରହିର ଝାଲ
ବେଢ଼ା ରକ୍ତ ଗୁଞ୍ଜ ମାଳ ତା'ପରେ ମା । ୨ ।
କରେ ମୋହନ ବଂଶରୀ, ମୋ ନିକଟେ ଆସି ହରି
ଉଭା ହେଲେ ତ୍ରିଭଙ୍ଗୀମା ସଜରେ ମା । ୩ ।
ଉଠି ମୁଁ ଧରନ୍ତେ କର, ଏ ସମୟେ ନିଦ୍ରା ମୋର
ଅଙ୍ଗୁ ଭାଜିଗଲା ଅତି ପ୍ରଖର ମା । ୪ ।

Digitized by srujanika@gmail.com

ଚାହାନ୍ତେ ମୁଁ ନେତ୍ର ଫେଇ, ନ ଦେଖି ନନ୍ଦ କହ୍ନାଇ
ମୁସ୍ତକିମ ଭାଷେ ଅତି ଦୁଃଖରେ ମା ।

- ୨୪ -

କି କହିବି ଆଜ ନଟବର ରୀତି । ପଦ ।
ନିର ଆଣିବାକୁ ସହି, ଗଲି ମୁଁ ଯମୁନା ନଈ
କେଣେ ଥିଲେ ସେ କହ୍ନାଇ ମିଳିଲେ ମୋ କତି । ୧ ।
ଅଞ୍ଚଳ ଚଞ୍ଚଳେ ଧରି କାଖୁଁ କୁମ୍ଭକୁ ଉତାରି
ବଳେ ମୋତେ ଝିଙ୍କିନେଲେ କୁଞ୍ଜକୁ ଝଟତି । ୨ ।
ଯେତେ ବୁଝାଇଲି ସହି, ନ ଶୁଣିଲା ପ୍ରାୟେ ହୋଇ
କାଇଁଚ ଲତା ତଳରେ ଆରମ୍ଭିଲେ ରତି । ୩ ।
ରେମଣ୍ଡାଈଶ ଭଣଜା,ମୁସ୍ତକିମ ଭାସେ ଲଜ୍ୟା
ନାହିଁ ସେ ନନ୍ଦସୁତର କରଇ କୁରୀତି । ୪ ।

- ୨୫ -

ନୀପମୂଳେ କେ ବସିଛି ଲୋ ମିତଣି
ନୀଳମେଘକୁ ଜିଣି, ଦିଶେ ତା ଅଙ୍ଗପାଣି ହସ୍ତରେ ବାଂଶେରୀ ଧରିଛି ।
ଇନ୍ଦ୍ର କୋଦଣ୍ଡ ଖଣ୍ଡ, ପ୍ରାୟେ ବେନି ଭ୍ରୂଦଣ୍ଡ, ଚଞ୍ଚଳେ ଚପଳା ଜିଣୁଛି ।
ଶିରରେ ବାଙ୍କଚୂଳ, ନାନା କୁସୁମ ମେଳ, ମୟୂର ଚନ୍ଦ୍ରିକା ଖୋସିଛି ।
ମୁସ୍ତକିମ କହଇ, ସେହି କିବି କହ୍ନାଇ, ଇନ୍ଦ୍ର ଆପଦୁଁ ଯେ ରଖିଛି ।

- ୨୬ -

କମଳଦଳ ନେତ୍ରୀକି ମୋର ଚିଟାଉ, କରୁଣା ଅପାଙ୍ଗୀ ଆରେ...
(ଝୁମ୍ପା) କରି ଗମନା କରି ଶ୍ରବଣ ତୋ କୀର୍ତ୍ତିକି,
ଲେଖିବା ଦୋଷ କ୍ଷମି ଘେନିବୁ ବୀନତିକି
(ପଢ଼ି) ଆଜନ୍ମ କାଲୁ ସଖୀ ତୋ ଶ୍ରୀମୁଖ ଦର୍ଶନେ,
କଳ୍ପନା କଳ୍ପତରୁ ଚାତକ ଯଥା ଘନେ
ଦଣ୍ଡୁଛି କାମ ଯମ କାଳ ଦଣ୍ଡ ସମାନେ
ଏ ଦଣ୍ଡୁ ରକ୍ଷାକରରେ ପୁଣ୍ଡରିକ ନେତ୍ରୀ ।୧।

Digitized by srujanika@gmail.com

କାମସାଗରେ ଭାସୁଛି କରକଦନ୍ତୀ, ଉଦ୍ଧରିବାକୁ ନାହିଁରେ ।(ପଡ଼ି)
କୃପାତରୀ ପକାଇ, ଦିଅ କୂଳେ ଲଗାଇ, ତୋ ବିନା ଆଉ ମହିପରେ ଭରସା ନାହିଁ
(ପଡ଼ି) ଆଜନ୍ମ କାଳୁଁ ସଖୀ ..... ।୨।
କଳା କୁଞ୍ଚିତ କୁନ୍ତଳା, ସୁବେଶକାରୀ ହେବାକୁ ମୋ ଚିତ୍ତ ହେଲା (ଝୁମ୍ପା)
କୃପା ପତ୍ରିକା ଦେଇ ତୋଷ ଏ ଦାସେ ସହି, ରଙ୍ଗ ଚରଣେ ତୋର ଶରଣକୁ ଇଛଇ
(ପଡ଼ି) ଆଜନ୍ମ କାଳୁ .... ।୩।
କହେ କବି ମୁସ୍ତକିମ, ରାମାରତନ, କରୁଣାନିଧି ତୁ ପୁଣ
ତୋ ଠାକୁ ସମର୍ଥ ଲେଖିବାକୁ କେ ବଳିବ ତ୍ରବଲ୍ଲୀ ଶୋଭିନୀ ତୋ ବୁଦ୍ଧିକୁ (ପଡ଼ି)
ଆଜନ୍ମ କାଳୁ ସଖି ..... ।୪।

- ୨୭ -

ଦୟାବତୀ ଆରେ, ଦୟା କି ନାହିଁ ମୋ ଠାରେ । ପଦ ।
କରିଥିଲି କେତେ ଆଶା, ଭାଙ୍ଗିଦେଲୁ ନାରୀ ଭୂଷା
କାହା ବୋଲେ କି ପଡ଼ିଲୁ, ତେଣୁ ପଥ ହୁଡ଼ିଲୁ
ଚରଣାଶ୍ରିତ ଜନର, ନିବେଦନ ନ ଘେନିଲୁ
ମୋ ବାଣୀ ଯା ଶୁଣିଲୁ, ବିଷ ପରି ମଣିଲୁ ।୧।
କ୍ଷୀର ନୀର ପରି ମନ, ମିଶିଥିଲା କରି ଭିନ୍ନ
କା ବୋଲେ କି କି ପଡ଼ିଲୁ, ତେଣୁ ତୁ ପଥ ହୁଡ଼ିଲୁ
ଧରଣୀରେ ବସି ସଖୀ, ନଖେ ନ ଚିର ମହୀକୁ
ଭାଷେ କବି ମୁସ୍ତକିମ ଜାଣି ନୋହେ ତୋର ମନ ।୨।

- ୨୮ -

ଘନକେଶୀ କି ଭଙ୍ଗିରେ ଯାଉଛି କେଣିକି ହେ । ପଦ ।
ଝଲକା କମ୍ପାଇ ଥରେ ଦୟା ଚିତ୍ତେ ଅନା ଥରେ
ଅନାଇଲେ ଲଭନ୍ତି ମୁଁ ଇନ୍ଦ୍ର ସମ୍ପତ୍ତିକି ହେ ।୧।
ସେବାରେ ତା ଦାସବତ, ହେବାରେ ମୋର ସମ୍ମତ
ଦେବାରେ ସେ ହଙ୍ଗ କଲେ କାମ ସମ୍ପତ୍ତିକି ହେ ।୨।
ଦେବାରେ ଏହା ସଙ୍ଗରେ ଏ କାଳେ କଲେ ରଙ୍ଗରେ
ଗଜ ମୋ ତାହାର ଦେଇ ତୋଷନ୍ତି ମତି କି ହେ ।୩।

Digitized by srujanika@gmail.com

କବି ମୁସ୍ତକିମ ଭଣି, ସେବିଲେ ତ୍ରିଶୂଳପାଣି
ତେବେ ବା ପ୍ରାପ୍ତ ହୁଅନ୍ତା, ଏ ଗଜପତି କି ହେ ।୪।

- ୨୯ -

ହେ ପ୍ରିୟ ସହି, କୃପା ବହି କୃପା ନେତ୍ରେ ଯାଅ ଚାହିଁରେ
ଅଧରାମୃତ ଦାନେ, ତୋଷ ମୋ ମନ,
ପଙ୍କଜ ଲୋଚନା ଅରି ଓଷ୍ଠ ଚୁହିରେ ।ପଦ।
ସୁଡାଳିମ୍ବ ଦସନୀ, ଦାହ ହେମ ବରନୀ
ନାରୀକେଳ ଉରଜା ତ୍ରୟ ନେତ୍ର ମୋହିନୀ
ବସନ୍ତ କୋକିଳୁ ଜିଣି, ଶୁଭଇ ବାଣୀ
କାମୀ କଉତୁକ ନୂପୁର ଶୋଭଇ ।୧।
ଗଳେ ଗର କାଞ୍ଚନ, ହାର ଦିଶେ ଶୋଭନ
ନୀଳମେଘୀ ପାଟଶାଢ଼ି, କଟିରେ ପରିଧାନ
ଇନ୍ଦ୍ର କୋଦଣ୍ଡ ଖଣ୍ଡକୁ ଭ୍ରୁରୁ ନିନ୍ଦଇ
କୁଟିଳ କୁନ୍ତଳ ଭ୍ରମର ଭ୍ରମ ହୋଇ ।୨।
ମତ୍ତ ଗଜ ଗମନୀ, ହରିକଟିରେ ପୁଣି, କି ଯତନେ ଖଞ୍ଜିଛି
ସରୁ ସରୁ କିଙ୍କିଣୀ, ଭରି ଭଦ୍ରାସନ ମନ ପକାଏ ମୋହି
ଘଡ଼ି ଘଡ଼ି କାମ ପାମର ପୀଡ଼ଇ ।୩।
ଭାସିଲି ପାରାବାରେ ଅତି ଅଗାଧ ନୀରେ
ଅନୁକମ୍ପା ନାବରେ, ବସାଇ ଲଗା ତୀରେ
ରଙ୍ଗ ଚରଣେ ଶରଣ ମୁସ୍ତକି କହି
ଦାସକୁ ଦୋଷରୁ କ୍ଷମ ନ କ୍ଷମ ତୁହି ।୪।

- ୩୦ -

ଜୟ ଜୟ ହେ ଛାୟାରମଣ ଭାସ୍କର ଆଦିତ୍ୟ
ଏକଚକ ରଥେ ଆରୋହୀ ଭ୍ରମ, ଦିନନାଥ ପୃଥିବୀ ଯାକ । ପଦ ।
ଶୂର ଆଦିତ୍ୟ ରବି ଭାନୁ, ଦୀନମଣି ହେ ଚିତ୍ର ଭାନୁ
ଚିନ୍ତିଲେ ଆତଙ୍କେ ତା ଶୁଣି କରି ଗ୍ରହରାଜ ଦୁଃଖୁଁ ମୁକତ ।୧।
ଦିନକର ଦିବାକର, ଅର୍କ ବିକର୍ତ୍ତନ ମିହିର,

Digitized by srujanika@gmail.com

ମାର୍ତ୍ତଣ୍ଡ ତପନ ସବିତା ପୁଷଣ ଦ୍ୱାଦଶାତ୍ମା ବୁଧ ଅର୍ଯ୍ୟାମାମିତ୍ର ।୨।
ସପ୍ତାଶ୍ୱ ଦ୍ୟୁମଣିହଂସ, ସ୍ମରିଲେ କୋଟି ପାପ ନାଶ
ଅଂଶୁମାଳି, ବିଭାବସୁ, ସହସ୍ରାଂଶୁ ଚରଣେ ଶରଣ ମୁସ୍ତକି ଦାସ ।

- ୩୧ -

କୃଷ୍ଣ ବିଜୟ ମଧୁପୁର ରଥରେ ଶୁଣି ଗୋପିଏ ଧାମନ୍ତି ପଥରେ । ପଦ ।
କହନ୍ତି ହେ ହରି ଶଙ୍ଖ ଚକ୍ରଧାରୀ ଏ କି ଉଚିତ ଆମ୍ଭରେ
ବିନା ଦୋଷରେ ବିନାଶି ଯାଉଅଛ ଗୋପୀକୂଳକୁ ପୂତନା ପ୍ରକାରେ ହେ ।୧।
କେତେ ତପେ କେତେ ଭାଗ୍ୟବଳେ ପ୍ରାପ୍ତ ହୋଇଛୁଁ ସେବି ହରେ
ହେ କୁଞ୍ଜ ବିହାରୀ, ନ ଶୁଣ ଗୁହାରି, ବ୍ରଜବାଳୀ ଦୁଃଖ କହିବୁଁ କାରେ ହେ ।୨।
ଏହା ଯେବେ ପାଞ୍ଚି ଥିଲ ହେ ଶ୍ରୀବତ୍ସୀ, କାହିଁ ପାଇଁ ତୁମ୍ଭାରେ
ବଜ୍ରଧର ବାଦେ, ଗୋପ ରକ୍ଷା ହାଦେ କଲ ମହିଧର ଧରି ଶ୍ରୀକରେ ହେ ।୩।
ଶୁଣି ବଂଶୀଧର ଭାଷନ୍ତି ଗୋ ଧର ଧଇର୍ଯ୍ୟ ତୁମ୍ଭେ ବାରେ
ସାତ ଦିନେ ନିଶ୍ଚେ ଲେଉଟି ଆସିବୁ,
ଭଣେ ମୁସ୍ତକିମ ତୋଷ ମନରେ ହେ ।୪।

- ୩୨ -

ଦୂତୀ ଆଜ ରାତି ନଇଲେ ଶ୍ୟାମ ସୁନ୍ଦର ରେ .....
ଆସିବେ ବୋଲିଣ କେଳିପୁର ମଣ୍ଡି, ତୁଚ୍ଛେ ହେଲି ଉଜାଗର ରେ । ପଦ
ଗୁନ୍ଥି ରଖିଥିଲି ନାନା ବାସପୁଷ୍ପ ଲମ୍ୱାଇଥାନ୍ତି ଗଳାର ରେ
ଗୋଳି ରଖିଥିଲି ଅଗୁରୁ ଚନ୍ଦନ ଲେପିଥାନ୍ତି ହୃଦୟର ରେ ।୧।
ହରିଅରି ଦନ୍ତ, ପଲ୍ୟଙ୍କ ଉପର, ସଜାଇ ଶେଜ ତା ପରରେ
କର୍ପୁର ଗୁଣ୍ଡି ଯତ୍ନେ ଥିଲି ସିଞ୍ଚି, ମୁଚୁଳି ନାଗ କେଶରରେ ।୨।
ଭଣେ ମୁସ୍ତକିମ ଲମ୍ପଟି ମୋହନ, ରହିଲେ କାହା ମନ୍ଦିରରେ
କାମ ଅନଳରେ ଜାଳି ଦେଇ ମୋତେ ରହିଲେ କାହା ମନ୍ଦିରରେ ।

- ୩୩ -

ନ ସରେ ମୋ ଦନ ଝୁରି ବନ୍ଧୁ ଭାବ
ଯେତେ ରତେ ତୋଷି, ଜାଣେ ମଦାଳସୀ

Digitized by srujanika@gmail.com

ମନୁ କି ତାହା ଯିବ । ପଦ ।
ପଲ୍ୟଙ୍କ ଅଙ୍କରେ ବସି ମୋ ଅଙ୍କରେ
ବସାଇଲେ ବନ୍ଧୁ ମନ୍ଦ ମନ୍ଦ ଥରେ
ଓଷ୍ଠ ଟେକି ଗଣ୍ଡେ ଚୁମ୍ବିବା ବେଳରେ ଅଙ୍କୁ ଖସିବା ଭାବ ।୧।
ଋଷିମୋହିନୀରେ କିମ୍ପା ରିଷୁ ମୋରେ
ବୋଲି ଉରଜକୁ ଘୋଡ଼ାଇଲେ କରେ
ଲାଜବଶେ ବକ୍ଷେ ଧରି ଶିରେ ତାହା
ଧରି ତାହା ଆନେ କାହୁଁ ଜାଣିବ ।୨।
ଚାଟୁଆଇ ନେଇ ସେ ଯେ ପହୁଡ଼ଇ
ନିବୀବନ୍ଧ ବନ୍ଧ ସକାଶେ ଫେଇରେ
ଲାଜ ବଶେ କକ୍ଷେ ବନ୍ଧନ ଯୁଗଳେ
ତାହା କି ମୂର୍ଚ୍ଛି ହେବ ।୨।
ରତି ପ୍ରାନ୍ତେ ସ୍ୱେଦ ଅଙ୍କୁ ଜାତ ଜାଣି
ବିଞ୍ଚେ ଅଞ୍ଚଳରେ ସେ ଚଞ୍ଚଳେକ୍ଷଣୀ
କବି ମୁସ୍ତକିମ ଭାଷେ ଗୁଣମଣି
ମୋ ଘେନି ଦୁଃଖୀ ହେବ ।୩।

- ୩୪ -

ଅତି ପୀରତି ନ କର ବୋଲି, ମନା ନ ଘେନିଲୁ ନବବାଳୀ । ପଦ ।
ଅତି ସିନ୍ଧୁ ମନ୍ଥିଲାରୁ ସହୀ, ହର ଆହାର ଜନମ ହୋଇ
ଅତି ମାନେ କୁରୁବଂଶ ନାଶ, ଅତି ଦାନେ ଧ୍ୱଂସ ହେଲା ବାଳୀ ।୧।
ଅତି ଧନୀ ହେଲେ ଦଣ୍ଡଧର, ଦଣ୍ଡ ଦିଅଇ ଜାଣ ଅପାର
ଅତି ଉତ୍ପାତ ହୋଇଲେ ନର, ତାହା ନ ସହଇ ମହୀଆଳି ।୨।
ଅତି ଜ୍ଞାନୁ ହୁଏ ଚିତ୍ତ ଭ୍ରମ, ଅତି ସ୍ଥୁଳେ ନ ଚଳେ ଚରଣ
ଅତି ସୁସ୍ୱାଦୁ ହୋଇଲେ ଫଳ, ଜାଣୁ କୀଟ ନଷ୍ଟ କରେ ବୋଲି ।୩।
ଏବେ କାହାକୁ କହିବୁ କିସ, ଯେବେ ଅଟଇ କପାଳ ଦୋଷ
ତେବେ ନେତ୍ରୁ ନ ବରଷ ବୋଲି କବି ମୁସ୍ତକିମ ବୋଲି ।୪।

Digitized by srujanika@gmail.com

- ୩୫ -

କୃଷ୍ଣ କରେ ଜଳକେଳୀ ମା ଯମୁନାରେ । ଘୋଷା ।
କେଉଁ ସଖୀ ତାଳି, କେ ବୀର କାହାଳି, ରାଧା ନାଚେ ଢଳି ଢଳି ମା ।୧।
କେହୁ ରାଗେ ଗାନ, କେ ବା ଆଳାପନ, ପ୍ରେମରସେ ହୋଇ ଭୋଳି ।୨।
କେଉଁ ସହଚରୀ ମାରେ ପିଚକାରି, ଅଗୁରୁ ଚନ୍ଦନ ବୋଳି
ମୁସ୍ତକିମ ଭାଷି ବ୍ରଜର ଗୋପିନୀ ମଧ୍ୟେ ବିଜେ ବନମାଳୀ ମା ।୩।

- ୩୬ -

ବାଜଇ ବଂଶୀ ଆଜି ସୁସ୍ୱରେ ଭଜି ଶ୍ରୀରାଧା ନାମକୁ
ଶ୍ୟାମ ସୁନ୍ଦର ରଙ୍ଗ ଅଧର ଡାକନ୍ତି ଆସ କୁଞ୍ଜକୁ । ପଦ ।
ମୋ ଏ ବାଣୀ ଶ୍ରବଣେ ଶୁଣ, ଆରେ ଆମ୍ଭର ଶ୍ୟାମ ମୋହନ
ପରିକର ପରି, ହେଲାଣିରେ ଗୋରୀ, ତେଣୁ ନ ଭେଟେ ଲାଜରୁ ।୧।
ମୁଁ ତ ବିମୁଖ, ନୁହ ବିମୁଖ, ସାଜ ଚକ୍ରୀ କୁମ୍ଭ ନୀରକୁ
ଆଜ କାମର ଭାଜ ଗାରିମା ଭଜ ନିକୁଞ୍ଜ ରାଜକୁ ।୨।
କୁଞ୍ଜବିହାରୀ କୁସୁମ ଗୁନ୍ଥି ରଖିଛି ହାର ସେବାକୁ
ମୁସ୍ତକି ଭଣି ମୁଁ ଗୋପେ ଜଗିଛି, ଆସୁ କେ ତୋତେ ନେବାକୁ ।

- ୩୭ -

ତୋର ପରିକର ପରି କର ମୋତେରେ ଗଜଗତେ । ପଦ ।
ତୋ ବିନାରେ ହେମ ଗୋରୀ, ପାରିବି କି ଜୀବ ଧରି
ପଲ୍ୟଙ୍କ ଅଙ୍କେ ଯେ ଭାବ, ଦେଇଛୁ କି ମନୁ ଯିବ
ଆହା ତାହା କେ ଭୁଲେ ଜୀବିତେରେ ।୧।
ଦିନେ ଚାନ୍ଦିନୀ ରାତିରେ ଦନ୍ତୀଦନ୍ତ ପଲ୍ୟଙ୍କରେ
ସଜାଇ ଶେଜ କୋପରେ କର୍ପୂର ରଜ ତା ପରେ
ନ ସିଞ୍ଚିଣ ରୁଷିଲୁ କିଞ୍ଚିତେରେ ।୨।
ତା ଦେଖନ୍ତେ ଚିବୁକର, ଉପରେ ଘୋଡ଼ାନ୍ତେ କର
ଏ ସମୟେ ତୋର ମନ ହେଲା ବନ୍ଧୁ ଛନଛନ
ପାଞ୍ଚେ କାମ କାମନା ମୁଞ୍ଚିତେରେ ।୩।

Digitized by srujanika@gmail.com

ନିଶି ଶେଷରେ ପଣନ୍ତ, ଘୋଡ଼ାଇ ହୋଇ ଆରତ
ଯେମନ୍ତେ ଭିଡ଼ି ରତ୍ୟାନ୍ତେ, ତୋଷୁ ଆରେ ଧନ ମୋତେ
ତା ସୁମରି ଝୁରିବି ନିରତେରେ ।୪।
ଭଣେ କବି ମୁସ୍ତକିମ, ଗୁମାନୀ ତେଜ ଗୁମାନ
କରୁଅଛି ନିବେଦନ, ପୂର୍ଣ୍ଣେନ୍ଦୁବଦନୀ ଧନ
ଟେକ ମୁଖ ଦେଖ ନେତ୍ରେ ମୋତେ ରେ ।

- ୩୮ -

ଶରଦ ପୂର୍ଣ୍ଣ ଇନ୍ଦୁ, ବଦନୀ ମୋର ବନ୍ଧୁ
ଏ ଶରଦ କାଳେ କି କରିବ ରେ । ପଦ ।
ଏକା ବସିଣ ଥିବ ନେତ୍ରୁ ଅଶ୍ରୁ ତେଜିବ
ସେ ନିର ହୃଦ ହାର ହୋଇବ ରେ ।୧।
(ଝୁମ୍ପା) ଦହନ୍ତେ କାମ ଦାହ, କହୁ ଯେ ଥିବ ଏହା
ଆହା ନ କଲେ ନାହା, ଆଉ ନାହିଁ ମୋ ସାହା
ଲଲାଟେ ଅଛି ଯାହା, ହେବାର ହେଉ ତାହା
ଅନ୍ଧାର ଦିଶେ ରାହା, ଧିକ ଜୀଇଁଛି ଯାହା
କେ ଯାଇ ଜୀବଧନେ ଏହା କହିବରେ ।୨।
ନିତିପ୍ରତି ପାର୍ବତୀ ପତିଙ୍କୁ ହୃଦେ ଚିନ୍ତି
ମୋ ଆସିବାକୁ ଜଣାଉଥିବରେ ।
କଣ୍ଡ ନିକଟ ହେଲା, ବୋଲି ପ୍ରୀତିବତ୍ସଳା
ଦେହଲୀ ଦ୍ୱାରୁ ଅନାଉ ଥିବରେ
(ଝୁମ୍ପା) (ଦହନ୍ତେ କାମ ଦାହ ଇତ୍ୟାଦି)
ରେମଣ୍ଡା ମୁସ୍ତକିମ, ଭାଷେ ରାମାରତନ
ଅଙ୍ଗରେ ଆଭରଣ ନ ଥିବରେ ।
ପଲ୍ୟଙ୍କ ତେଜି ପରା, ଧରାମଣ୍ଡନା ଧରା
ଉପରେ ଶୟନ କରିଥିବରେ ।୩।

Digitized by srujanika@gmail.com

- ୩୯ -

ତାର ମନ ଆନେ ନାହିଁକି ତୋ ବିନା
ତାକୁ କାମ ଯମ ଦଣ୍ଡୁଛି ନବୀନା । ପଦ ।
ବହୁ ଦିବସରୁ ଏ ତୋର ଆଶରୁ, ମାଳା କରି ଜପୁଅଛି ତୋହରି ନାଁ ।୧।
ପେଶିଛି ତୋ କତି, କହ ସୁଭାରତୀ, ଶୁଣି ପୂର୍ଣ୍ଣକରି ତା ମନକାମନା ।୨।
ମୋର ଯିବାଯାଏ, ସେ ରସିକ ରାଏ, ପଥନିରେଖି ବସିଥିବଟି ସିନା ।୩।
ଦୂତୀ ବାଣି ଶୁଣି, ସେ ରସିକା ମଣି, ଦିବାସେ ଭଣି ମୁସ୍ତକି ଭାବନା ।୪।

- ୪୦ -

ସଖୀ ମଧ୍ୟେ ଗୋରୀରେ, ତାରା ମଧ୍ୟେ ଚନ୍ଦ୍ର ପରିରେ
ଦେଖି କେଲାକ୍ଷଣି ମନ ବନ୍ଦୀ ହୋଇ
କାମେ ତନୁ ହେଲା ଘାରିରେ । ପଦ ।
ଶିରିଷ କୁସୁମ ଜିଣି ଅଙ୍ଗ ଶୋଭା, ନେତ୍ରକୁ କଳଙ୍କ ସମାନ କାହିଁକା
ଓଷ୍ଠ ପକ୍ୱ ବିମ୍ୱେ କିବା ପ୍ରଶଂସିବା, ଭୂରୁକୁ କୋଦଣ୍ଡ ହାରିରେ ।୧।
କିସ ବା ବର୍ଣ୍ଣିବି ତା ଗଣ୍ଡ ଶୋଭାକୁ, ପକ୍ୱ ଚୂତ ଜିଣି ଦିଶଇ ଦୂରରୁ
ଘ୍ରାଣେନ୍ଦ୍ରିଏ ତୀଳ କୁସୁମ କି ତୂଲ, କଟୀ ନିନ୍ଦେ କରୀଅରିରେ ।୨।
ଉଚ୍ଚ ଘଞ୍ଚ କୁଚ କେସନ ସୁସଂଚ, ମର୍କତ, କୁନ୍ଦ ଫଗୁଆ ଜିଣି ଭଜ
ଦଶନେ କି ସରି ଡାଳିମ୍ୱର ବୀଜ
ସ୍ୱରେ ସପ୍ତସୁର ହାରିରେ ।୩।
ଉର ଦେଖି ଦୂରୁ କେ ନୋହିବ ବଶ, ରୁଚି ଦିଶେ ଭଦ୍ରା-ସନର ସଦୃଶ
ମୁସ୍ତକିମ ଭାଷେ ଲଉଳୀ ବୟସ
ହେବ ବତିଶାର୍ଦ୍ଧ ପରିରେ ।

- ୪୧ -

ବନଜାକ୍ଷୀ କୁସୁମ ହାସିନୀରେ, ବତିଶ ଅର୍ଦ୍ଧ ବୟସୀ
ନିର ଆଣିବାକୁ ଗଲା ଯମୁନାକୁ ଧରିଣ ହେମ କଳସୀ । ପଦ ।
କି ରଙ୍ଗରେ ଧିର ଧିର ହୋଇ ବର-ବରନା ପ୍ରବେଶ ଆସି
ତଟିନୀ ତଟ ନିକଟ ତରୁ ତଳେ ଅନାଇ ରହିଲି ବସି ।୧।

Digitized by srujanika@gmail.com

ଯମୁନା ସଲୀଳେ ପ୍ରବେଶ ଏ କାଳେ ତା ନିକଟ ହେଲି ଆସି
ମୋତେ ଦେଖି ବାଳା ଅଳପ ହସିଲା ଜଳଜ ନେତ୍ରୀ ସୁକେଶୀ ।୨।
ଜଳେ ବଳେ କର ଧରିଣ ଶୃଙ୍ଗାର କରନ୍ତେ ପ୍ରୀତି ଲାଳସୀ
ନଖ ଦଂଶନରେ କ୍ଷତ ମୋ ଅଙ୍ଗରେ କଲା ଭାଷି ରସି ବସି ।୩।
ପ୍ରେମଲତା ପ୍ରେମ କିବା ପ୍ରଶଂସିବି ଜାଣେ ଯେତେ ରତେ ତୋଷି
ରତିପ୍ରାନ୍ତେ ନିର ଘେନି ଚାଲିଗଲା, କବି ମୁସ୍ତକିମ ଭାଷି ।

- ୪୨ -

ମୋ ଲଲାଟେ ଲିହିଥିଲା କିରେ ମନ୍ଦ ଦାରୁଣ ବିହୀ । ପଦ ।
ଏ ଯୁବା ବୟସେ ରମଣୀ ତେଜି ରହିଲି ବିଦେଶେ ଦୁଃଖକୁ ଭଜି
ରସିକ କୁଳରେ ନିନ୍ଦା ଅରଜିଲି, ନ ମରି ଯା ପ୍ରାଣେ ଅଛଇ ଜୀଇଁ ।୧।
କି କରୁଥିବ ମୋ ଇନ୍ଦୁବଦନୀ, ବସି ଝୁରୁଥିବ ଦିବା ରଜନୀ
ଆସିଣ ବସନ୍ତ ହୋଇଲା ପ୍ରବେଶ, ସୁବେଶ ନୋହିବ ମୋ ଘେନି ସହି ।୨।
ପୀକ ଡାକ ଶୁଣି ପୀକବଚନୀ, ମୂକ ହୋଇ ନେତ୍ରୁଁ ବୁହାଇ ପାଣି
ଦକ ଦକ ହୃଦ ସଦା ହେଉଥିବ, ଭାଲି ମୁସ୍ତକିମ କବି କହଇ ।

- ୪୩ -

ଦେଖ ବରଷା ବାସେ ଏକାକୀ, ମୁଁ କାନ୍ତ ବିନା ବଞ୍ଚିଛି ଅଭାଗୀ । ପଦ ।
କା' ଆଗେ କହିବି ହୃଦ ବେଦନା, କେ ଆହା କରିବ ମୋ ନାହା ବିନା
ହର ଦାହ ଅଙ୍ଗେ ପ୍ରହାର କରୁଛି, କମାଣେ ଶର ସନ୍ଧିକି ।୧।
ଭେକ ଡାହୁକଙ୍କ ଆନନ୍ଦ ରାବ, ଶୁଣି କେ ରମଣୀ ଧୈର୍ଯ୍ୟ ଧରିବ
ଝିଙ୍କାରୀ ଝଂକାର ଅତି ଚମତ୍କାର ଶିଖୀ ନାଚେ ପୁଚ୍ଛ ଟେକିକି ।୨।
ଘନ ଘନ ଘନ ଗର୍ଜନ କରି ତର୍ଯ୍ୟଇ ଚପଳା ଶର ପ୍ରହାରି
ଚଉଦିଗେ ମେଘ, ଘୋଟୁଅଛି ଦେଖ ବାରି ଢାଳିଣ ମହିକି ।୩।
ମୁସ୍ତକିମ ଭାଷେ ଶୁଣ ଗୋ ସଖୀ, ଏଥିପାଇଁ ଦୁଃଖୀ ନୁହ ସୁମୁଖୀ
ଯାହା ଭାଳେ ବିହି, ଯାହାଅଛି ଲିହି, କେ ତହୁଁ ଆନ ଭୁଞ୍ଜେ କି ।୪।

- ୪୪ -

ଷଟପଦ ନୀଳକେଶୀକି ଷଟପଦ କହିବୁ ବାରେ
କୋକିଳବଚନା କି ଦୋଷୁ ବିମନା, ମନାକଲା ସେ ମୋରେ । ପଦ ।

Digitized by srujanika@gmail.com

ତାକୁ ଚାହିଁଲା ବେଳୁଁ ମନ, ବନ ମଣୁଅଛି ସଦନ
ତା ଶୋଭା ମୂରତୀ, ମୋ ନେତ୍ରେ ବସତି କରିଣ ରହିଲାରେ ।୧।
ଆହା ଦୂରୁ ଚାହିଁଲା ବେଳେ, ଭୂରୁ ଚପଳା ଜିଣି ଖେଳେ
ଡାଳିମ୍ବଦଶନୀ, ହରିଣୀନୟନୀ, ମନେ ହସୁଥିଲା ରେ ।୨।
ମୁଁ ତା ସନ୍ନଧାନରେ ଧୀରେ ଯାଇ ପ୍ରବେଶ ହେବାରୁ ରେ
ମତ୍ତଗଜପତି ଦେଇ ମଥା ପୋତି, ନ ଚାହିଁଲା ବାଳାରେ ।୩।
ମନମଥ ବେଦନା ଯେତେ, ଜଣାଇଲି ତାର ଅଗ୍ରତେ
ନାହିଁ ନାହିଁ ଭାଷି, ଗଲା ମଦାଳସୀ, ମୁସ୍ତକି କହିଲାରେ ।

- ୪୫ -

କଳା କୁଞ୍ଚିତ କୁନ୍ତଳା କି ଭଙ୍ଗୀ କଲା
ବକ୍ରେ ଚାହିଁ ପ୍ରିୟ ସହୀ ଚିତ୍ତ ମୋହିଲା । ପଦ ।
ଚିବୁକେ ନିବେଶି କର, ଚୁମ୍ବିଲି ଗଣ୍ଡସ୍ଥଳର
ଅଳପ ହସି ଝଲକା କମ୍ପାଇ ଦେଲା
ଫୁଲାଇଲା ନାସାମଣି, ହଲାଇଲା ପୃଷ୍ଠେ ବେଣୀ
ଝୁଲାଇ ନଥ ବଣୁଣୀ ଖେଳାଇ ଦେଲା ।୧।
ନିବିଡ଼ ବନ୍ଧନ ଫେଇ ଗଜବନ୍ଧେ କାନ୍ଧୁଁ ମୁହିଁ
ଇଣି ଭାଷି ଶେଷେ ତୋଷେ ଭିଡ଼ିଲା
ମଦନ ଜୟ ନୂପୁର ଧ୍ୱନି କଲାଟି ଅପାର
ଭଣେ ମୁସ୍ତକି କାମର ଗର୍ବ ଗଞ୍ଜିଲା ।

- ୪୬ -

ଆରେ ରସବତୀ, ସୁରସ ଭାରତୀ,
ଭାଷି ମୋ ହୃଦୟ ତୋଷ । ପଦ ।
ତୋର ବିନା ସହି, ସାହା ମୋର ନାହିଁ
ଅନୁକମ୍ପା କରି କରୀଗତି ଗୋରୀ
ହସିଁ ରସି କୋଳେ ବସ ।୧।
ରେ ମହିମଣ୍ଡନା, ତୁ ମହିମଣ୍ଡନା
ଛାର କାମଯମ, କରିଅଛି ତମ

Digitized by srujanika@gmail.com

ଅଙ୍ଗ କରିବାକୁ ଧ୍ୱଂସ ।୨।
ବୀଣାଜିଣାଭାଷୀ, ପକା ଦୁଃଖ ନାଶି
ରସାଳସା ଯୋଷା, ରେ ରତିକଳସା
ସୁକେଶା ନ ଭାଙ୍ଗ ଆଶ ।୩।
କାମ ସିନ୍ଧୁ ନିରେ, ଭାଷି ଗଲିଣିରେ
ଆଣି କୃପା ତରୀ, କର ଏଥୁ ପାରି
କବି ମୁସ୍ତକିମ ଭାଷ ।୪।

- ୪୨ -

ନେଲେ ଦିନେ ବାସ ମୁରାରୀ ଆମ୍ଭର । ପଦ ।
ନେଇ ଯାଇ ବାସ, ସେ ପିତବାସ ନୀପ ବୃକ୍ଷେ ରଖି ଅମ୍ବର ।
ଆମ୍ଭେ ସର୍ବସଖୀ, ଚାହୁଁ ନିରେଖି ହସି ବଜାନ୍ତି ବାଂଶେରୀ ।
ଉଲଗନ ହୋଇ ଜଳ ମଧ୍ୟେ ଥାଇ ମାଗୁ କର ଯୋଡ଼ି କରି ।
ଡାକନ୍ତି ମୋହନ ନିଅ ବସନ, ଯେ ଯାହାର ଚିହ୍ନି କରି ।
ଭାଷେ ମୁସ୍ତକିମ ଲଜ୍ଜା ତେଜିଣ ଗଲୁଁ ସର୍ବ ସହଚରୀ ।

- ୪୮ -

ଆରେ ଷଟପଦ, ଦେଖ ଏ ବିପଦ
ମୋ ବିନତୀ କହ ଯାଇ କାନ୍ତଙ୍କ ସାନିଧ । ପଦ ।
ବିନା ଦୋଷେ ଦୂର କରି ରଘୁବୀର
ବନେ ତେଜିଦେଲେ ମୋତେ ଲକ୍ଷ୍ମଣ ସଙ୍ଗର ।୧।
ଏକା ହୋଇ ବନେ, ବଞ୍ଚିବି କେଶନେ
ବାଳହତ୍ୟା ଦୋଷ ହେବ ସ୍ୱହସ୍ତ ମରଣେ
କବିତା ବନିତା ଆବର ଯେ ଲତା
ବିନା ଆଶ୍ରେ ନ ବର୍ତ୍ତନ୍ତି ଶାସ୍ତ୍ରେ ଏ କଥିତ ।୨।
ନୃପ କୁଳେ ଜାତ, କରି ରେ ବିଧାତ
ଏ ଦୁଃସହ କଷ୍ଟ ଲିହିଥିଲୁ ଭାଳ ପଟ ।
ସୀତାଙ୍କ କ୍ରନ୍ଦନ ବାଲ୍ମିକୀ ଶୁଣିଣ
ମଠେ ଘେନିଗଲେ କବି ମୁସ୍ତକି ରଚିତ ।

Digitized by srujanika@gmail.com

- ୪୯ -

ଦେଖ ଏ ଘନ କାଳରେ ଘନକେଶୀକୁ ତେଜିଲି ଦୂରେ
ହେବ କଷ୍ଟଭୋଗିନୀ, ଗଜଗମନୀ, ନ ଭାବିଲି ମୁଁ ରେ । ପଦ ।
ବସିଥିବ ଏକା ସେ ନବ ବାଳିକା, ଜୀବନ ଯିବାରେ ନ ଥିବଟି ଦକା
ଝୁରୁଥିବ କଡ଼ା ବୃଷ୍ଟି ଜିଣି ନେତ୍ର ଅଶ୍ରୁରେ ।୧।
ଉଚ୍ଚ ଘଞ୍ଚ କୁଚେ, ମୃଗ ମଦକୁ ଯେ
ବୋଳିଦେଲେ ଠେ଼ସି ଦିଏ ମୋ ଉରଜେ
ଭାଷେ ଏ ଦୋଷେ ଭୁଜ ପାଶେ ବାନ୍ଧି ଦେ ଦଣ୍ଡକୁ ରେ ।୨।
ଶୁଣି ମୋ ବଚନ ଚଞ୍ଚଳ ହୋଇଣ
ମନ୍ଦେ ହସି ଗଣ୍ଡେ ଦିଅଇ ଚୁମ୍ବନ
ବଞ୍ଚିବ ଦିନ ସ୍ମରି ଏ ଭାବମାନଙ୍କୁରେ ।୩।
ପଲଙ୍କ ସୁପାଡି ତେଜି ରସବତୀ
ମହିମଣ୍ଡନା ମଣ୍ଡିଥିବ ଧରିତ୍ରୀ
ଭଣେ ମୁସ୍ତକିମ ନିନ୍ଦୁଣ ଥିବ କପାଳକୁରେ ।

- ୫୦ -

କହିବୁ ଗୋ ଦୂତୀ ପ୍ରାଣନାଥଙ୍କୁ ଏତେକ ଗୋ
ଆସିବେ ବୋଲି ଭଣ୍ଡିଲେ ଏଡ଼େ ଅବିବେକ ଗୋ । ପଦ ।
ମଘବାବାହନ ଦନ୍ତ-ପଲ୍ୟଙ୍କେ ସଜାଇ ଶେଯ
ତା'ପରେ କର୍ପୁର ରଜ ସିଞ୍ଚିଥିଲି ଦେଖ ଗୋ ।୧।
କାଞ୍ଚନର ଦୀପ ବଳି, ଜାଳି ଉଜାଗରେ ଥିଲି
ହାର ଗୁନ୍ଥି ଜୁଇ କୁଞ୍ଜ, କେତକୀ ନିଶେକ ଗୋ।୨।
ନାନା ସୁବାସ ପକାଇ, ନାଗବଲ୍ଲୀ ଭାଙ୍ଗି ସହି
ଆନନ୍ଦରେ ମଜ୍ଜିଥିଲି, ପାଇ ତାଙ୍କ ଲେଖ ଗୋ ।୩।
ଏଡ଼ିକି ନିଷ୍ଠୁର ବୋଲି, ମୋ ମନେ କି ଜାଣିଥିଲି
ଭାଷେ ମୁସ୍ତକିମ ଭାଳି ନ ସରଇ ଦୁଃଖ ଗୋ ।୪।

Digitized by srujanika@gmail.com

- ୫୧ -

ମୋହିଲା କି ମନ୍ତରେ ମନ ମୋହିନୀରେ
ମନପ୍ରାଣ ଜିଣି ନେଲା ତା ପ୍ରେମବାଣୀରେ । ପଦ ।
ଯାଇ ମୁଁ ତା ବାସେ, ପ୍ରବେଶୁ ତା ପାଶେ
ହସ ହସି ହୋଇ ତୋଷେ, ଭାଷେ ଦଇନିରେ ।୧।
ଚାଟୁ ଭାଷି ତୋଷି, ସେ କୁଟୀଳ କେଶୀ
ସୁଖାସନେ ବସାଇଲା ଘନଜଘନୀରେ ।୨।
ଚକ୍ରବାକସ୍ତନୀ, ମରାଳଗମନୀ
ସୁକରକ ଦନ୍ତୀ, କଳକଣ୍ଠବଚନୀରେ ।୩।
ମୁସ୍ତକିମ ଭଣି, ତା ଭୂରୁ ଚାହାଣି
ମୂର୍ଚ୍ଛିବା ଭଳି ନୁହେ ସେ ଚଞ୍ଚଳେକ୍ଷଣିରେ ।୪।

- ୫୨ -

ହାଏରେ ରସଦାୟିନୀ ବିରସ ମୋରେ
ତୋର ବିନା ମହି, ପରେ ପ୍ରିୟ ସହି
ଆନେ ଭରସା ନାହିଁ କା ଠାରେ । ପଦ ।
ମୁକୁନ୍ଦଦନ୍ତୀ ମୁକୁରଜିତ ବଦନୀ ତୁ
ସୁକୃତ କୃତ ବଶରୁ ଲଭିଛି ତୋତେ ମୁଁ ।୧।
କାମନା ମନା ନ କର ସୁଜାଣୁ ମଣି ତୁ
ବାମ ହେଲେ କାମାନଳୁ ବଞ୍ଚିବି କି ମୁଁ ।୨।
ଚମ୍ପକ ଗୋରୀ ଘେନ ତୋ ଦାସ ବିନୟକୁ
ବୀଣାଜିଣା ବାଣୀ ଭାଷ ମୁସ୍ତକିମକୁ ।

- ୫୩ -

ଆରେ ସଖି ଚନ୍ଦ୍ରମୁଖୀ ପ୍ରୀତି ତୋ ଯୁହାର । ପଦ ।
ଘଡ଼ିକ ସ୍ନେହ ଭୋଳେ, ଜଡ଼ିତ ହେଲେ ହେଲେ
ପଡ଼ି ସଢ଼ିଲି ନିହାରରେ ।୧।

Digitized by srujanika@gmail.com

ବଡ଼ିମା ପଦ ଯେତି, ଝଡ଼ିଲା ହୃଦୁଁ ଫୁଟି
ହେଲା ଅକିରତି ହାରରେ ।
ତୁଚ୍ଛ ଏ ପରପ୍ରୀତି, ନ ଜାଣି ଭୋଳ ହୋନ୍ତି
କବି ମୁସ୍ତକି ବିଚାରରେ ।

- ୫୪ -

ଜିଣେ ସ୍ୱର୍ଗ ଅପସରୀ କହ ଏ କାହାର ଦୁଲାଳୀ । ପଦ ।
ଏକେ ଚମ୍ପକ : ଚମ୍ପକ : ଚମ୍ପକ ବରନୀ, ହୃଦେ ନବରତ୍ନ ମାଳି
କହ ଏ କାହାର ଦୁଲାଳୀ ।୧।
ଏକେ ବିମ୍ବୋଷ୍ଠୀ: ବିମ୍ବୋଷ୍ଠୀ: ବିମ୍ବୋଷ୍ଠୀ ମୃଗାକ୍ଷି
ଶରଦ ଶଶିମୁଖୀ ଝଲିରେ ।୨।
ଦିଶେ ଡମ୍ବରୁ: ଡମ୍ବରୁ: ଡମ୍ବରୁ ଜାଣି କଟି ହରିଅରୀ ପରି ଚାଲିରେ ।
ଦେଖି ତପସ୍ୱୀ : ତପସ୍ୱୀ : ତପସ୍ୱୀ ହେବେ ମୋହ
କବି ମୁସ୍ତକିମ ବୋଲି ରେ ।

- ୫୫ -

ଯାଇ ପିକବର ମୋର ବୋଲେ, ପ୍ରାଣବନ୍ଧୁକୁ କହ ଚଞ୍ଚଳେ । ପଦ ।
ମଜ୍ଜାଇ ମୋତେ ଶୋକ ସାଗରେ, ଧନ ରହିଲେଟି ବିଦେଶରେ
ଅଙ୍ଗ ଜଳୁଛି କାମ ଅନଳେ ।୧।
ବିରହିଣୀ ହେବାକୁ ଏ କାଳେ, ବୀରବର ସିନା ଏହା କଲେ
ଭାସିଯାଉଛି ବିରହ ଜଳେ ।୨।
ହାର ପରି ମୋତେ ଥିଲେ କରି, କମଳ ଅତସୀ କୁସୁମ ପରି
ବାସୀ ନ ହେଉଣୁ ଫିଙ୍ଗି ଦେଲେ ।୩।
କିବା କି ଦୋଷୁ ନାଗରବର, ହୃଦ କଲେ ପାଷାଣୁ ନିଷ୍ଠୁର
ଦୁଃଖେ କବି ମୁସ୍ତକିମ ବୋଲେ ।

Digitized by srujanika@gmail.com

- ୫୬ -

କା'ରେ ସହି କହିବି ମୋର ଏ ବେଦନା, କା'ରେ ସହି । ପଦ ।
ଏ ପାପିନୀ ଜୀବନ ନ ଯାଏ କାହିଁ ପାଇଁ
ବଜ୍ର କିମ୍ବା ହୃଦରେ ନ ପଡ଼ି ଅଛି ଜୀଇଁ ।୧।
ଜନ୍ମାଇ ଭାବ-ସାଗର, ଆନନ୍ଦରେ ବଢ଼ାଇ
ପୂର୍ଣ୍ଣ ସୋହତୀ ଧାରେ, ପେଲିଲେ ଭାସୁଛଇ ।
କଣ୍ଠ ନିକଟୁ ଗଲାଣି ଲମ୍ପଟ ଶିରୋମଣି
ପଡ଼ିଲେ ବା କା ଫାନ୍ଦେ କବି ମୁସ୍ତକି କହି ।

- ୫୭ -

କି ସୁଖରେ ନିଶି, ହୋଇଲା ଶେଷ, ବସି ରସି ହସି କାନ୍ତ ସଙ୍ଗେ । ପଦ
ହୋଇ ଦିବ୍ୟ ବେଶ, ନାନା ବାସ ପୁଷ୍ପ, ବେଢ଼ାଇ କୁନ୍ତଳ ବାନ୍ଧିଥିଲି
ନବରତ୍ନ ମାଳା, ହୃଦୟରେ ଥିଲା ଛିନ୍ନ ଭିନ୍ନ ହେଲା ଅଙ୍ଗ ସଙ୍ଗେ ।୧।
ଗଣ୍ଡରେ ମକରୀ, ଉରେ ପତ୍ରାବଳି, ଦାସୀଗଣେ ଚିତ୍ର କରିଥିଲେ
ଅଙ୍ଗର କୁଙ୍କୁମ, ଏକାନ୍ତ ଯୋଗରୁ ସବୁ ପଡ଼ିଗଲେ ତାଙ୍କ ଅଙ୍ଗେ ।୨।
ଦନ୍ତ ନଖ କ୍ଷତ, ଯୋଗରୁ ରକତ, ବ୍ୟକ୍ତ ହୋଇଲା କୁଚଗଣ୍ଡେ
ତୋଷେ ରସେ କବି ମୁସ୍ତକିମ ଭାଷେ ତୋଷିଲେ ଷାଠିଏ ଚାରି ବନ୍ଧେ ।

- ୫୮ -

ମୋତେ ସେ ମୂରତୀ ଦେଖାଅ ହରି
ଯେଉଁ ରୂପେ ତ୍ରିଭୂବନ ଅଛଟି ବଶ କରି । ଘୋଷା ।
ବଶିଷ୍ଠ ଋଷି ସଙ୍ଗରେ ଲକ୍ଷ୍ମଣଙ୍କ ସହିତରେ
ତାଡ଼କା ମାରିଚ ବଧି ଋଷି ଯଜ୍ଞ ରକ୍ଷାକାରୀ ।୧।
ଯେ ରୂପେ ଅହଲ୍ୟା ସତୀ, ପାଷାଣୁ କଲ ମୁକତି
ଚରଣ ଧୋଇ ନାବରେ ମିଥିଳା ଗମନ କରି ।୨।
ଲକ୍ଷେ ନୃପତି ସମିପେ, ଶିବ ଧନୁ ଧରି କୋପେ
ଶ୍ରୀକରରେ ଭାଙ୍ଗି ଦେଲ, ଧନୁ ବେନି ଖଣ୍ଡ କରି ।୩।
ପର୍ଶୁରାମ ବହି ତମ, ଆସି ମାଗନ୍ତେ ସଂଗ୍ରାମ
ଭଣେ କବି ମୁସ୍ତକିମ, ଯେ ରୂପେ ତା ଦର୍ପ ହରି ।

Digitized by srujanika@gmail.com

- ୫୯ -

ଆଉ କି ମୁଁ ବନ୍ଧୁ ମୁଖ ଦେଖିବି
ଆଶା ନାହିଁ ବାନ୍ଧବୀ ହୃଦେ ଯାଉ ଲାଗିବି । ପଦ ।
ଶରଦ ଅନ୍ତେ ବସନ୍ତ ହୋଇଲା ପ୍ରବେଶ
ବସନ୍ତ କୋକି ଭାଷି ବଞ୍ଚିବ ନିକି ।୧।
ମନ୍ଦେ ବହି ଝଞ୍ଜାବାତ ପଲ୍ଲବାଏ ତରୁ
ମନ୍ଦହାସୀ ଶୁଣୁଥିବ ଚାହିଁ ଚାନ୍ଦିନୀ କି ।୨।
ନାନା ସୁବାସ କୁସୁମେ ଫୁଟିଲେ କାନନେ
ଶିରୀଷ କୁସୁମ ଅଙ୍ଗୀ ଝୁରିବି ତା ଦେଖି ।୩।
ଭାଷେ ମୁସ୍ତ ଭାସି ଶୋକ ପାରାବାରେ
ବିହି ରଖିଥିବ ନିକି ମୋ ଜୀବଧନି କି ।୪।

- ୬୦ -

ଦେବ ଅଯୋଧ୍ୟା ଠାକୁର,
ଦୁଃଖେ ଡାକୁଅଛି କିମ୍ପା ନ ଶୁଣ ଶ୍ରୁତିର । ପଦ ।
ବାଳକାଳେ ଋଷିଙ୍କର ଯଜ୍ଞରକ୍ଷା କଲ
ମାରି ସୁବାହୁ ତାଡ଼କା ମରିଚାଦି ବୀର ।୧।
ସୀତା ବିଭାକାଳେ ଗଲ ମିଥିଳା ନଗର
ନାରୀ ପାଷାଣୁ ତରିଲା ଲାଗି ଶ୍ରୀପୟର ।୨।
କି ଯୋଗୁଁ ମୋର କର୍ମକୁ ହୋଇଲ ନିଷ୍ଠୁର
ଉଚ୍ଛିଷ୍ଟ ଦେଇ ଶବରୀ ସେ ଲଭିଲା ବର ।୩।
ଭଣେ ମୁସ୍ତକିମ ଦେବ ହେ କୋଦଣ୍ଡଧର
ଭାସୁଛି ମୁଁ ଶୋକ ଜଳେ ଉଦ୍ଧରିଣ ଧର ।

- ୬୧ -

କିଏ ବସିଛି ଗୋ ଏ ନୀପ ତରୁ ମୂଳରେ
ଶିଖଣ୍ଡ ଶିଖଣ୍ଡୀ ଶୋଭା ପାଉଛି ଚୂଳରେ । ପଦ ।
ନୀଳ ନିରଦ ଅଙ୍ଗ ଶୋଭିତ, କାମ କାମୁକ ଭ୍ରୁଦନ୍ତ
ନେତ୍ର ଖଞ୍ଜନ, ଚିତ୍ତରଞ୍ଜନ, କି ପକ୍ୱ ବିମ୍ବ ତା ଓଷ୍ଠ

Digitized by srujanika@gmail.com

ଦେଖି ଆଖି ହେଲା ଲାଖି ଚାହିଁଲା ବେଳରେ ।
କଟିରେ ପିତ ଧୋତି ଶୋଭିତ ଜରି ଜଡ଼ିତ ତାପରେ
ବାହେ ମର୍କତ ବାହୁଟି ହେମ ମାଳୀ ଲୋଳିତ ହୃଦରେ
ଶୋଭା ବିଶେ କଟି ହରବାହନ ଦୁର୍ଗାବାହନ ପ୍ରକାରେ ।
ଦୂତୀ ଶ୍ରୀମତୀ ମୋରେ ବୋଲନ୍ତି ଶୁଣଲୋ ପ୍ରାଣ ମିତଣୀ
ଯେ ଗୋପନାରୀ, ଗୁପ୍ତେ ବିହରି, ସେହି ସେ ଜାଣ ସଜନୀ
ମୁସ୍ତକିମ ଭାଷେ ସେହିଟି ମୋହନ ବଂଶୀଧାରୀ ।

- ୬୨ -

ସଫରୀ ନେତ୍ରୀ କି କରି କରୁ ଲାଜ ଆଜ । ପଦ ।
ଯେପରି ପୂର୍ବରୀତି, ଆଚରି ରସବତୀ,
ହାଜର ରଖ ଛାତି, ପଳାଉ ମଦନ ଆଜ ।୧।
କୋପ ରୀତିରେ କିବା, ମୋ ପରେ ପ୍ରୀତି ଦେବା
ନ କରି କରୁଣାମୁଖୀ ବସିଲୁ ନାଗରୀ ରାଜ ।
ନଗରୀ ଗେମଣ୍ଡାର, ମୁସ୍ତକି ଭାଷେ ଗିର
ତୋ ପରି କାହିଁ ଆଉ ଲୋଡ଼ିଲେ ନାରୀ ସମାଜ ।୩।

- ୬୩ -

ଏ ବରଷା ରସାରେ ମୋ ଯୋଷାକୁ
ଛାଡ଼ିଦେଇ ହେଲି ଏତେ ଦଶାକୁ ।୧।
ଆଶା କରି ହେମ ଗୋରୀ ସୁଶୀଳା
ବସି ଚାହିଁଥିବ ମୋର ଭାଷାକୁ ।୨।
ଆଳି ମିଳି ଚତୁରୀ ଚଉପାସ
ବୁଝାଉଥିବେ ପ୍ରୀତି ଲାଳସାକୁ ।୩।
ନୀରଜାକ୍ଷୀ ନିରନ୍ତରେ ନୟନୁ
ନିର ତେଜି ତିନ୍ତାଇବ ରସାକୁ ।୪।
ମୁସ୍ତକିମ ଭାଷେ ପୋଡୁ ବିଦେଶ
ମୋ ଥାଉଁ ପ୍ରିୟା ଲଭିଲା ଦଶାକୁ ।

Digitized by srujanika@gmail.com

- ୬୪ -

ତୁମ୍ଭେ ଗଲେ ଯାଅ ସର୍ବ ସଖି, ଆଉ ନ ଯିବି ଗୋ ଦଧି ବିକି ।
ଦିନେ ମଥୁରାକୁ ଦୂତୀ ସଙ୍ଗେ, ଯିବା ଜାଣିଲା କାହ୍ନୁ କି ଢଙ୍ଗେ
ବାଟ ଜଗିଣ ମାରେ କଉଡ଼ି ।
ଦିନେ କଇବର୍ତ୍ତ ରୂପ ଧରି, ନାବେ ଜଣେ ଜଣେ କଲା ପାରି
ମୁଁ ସେଦିନୁଁ ତା ଭାବ ଜାଣିଛି ।
ଦିନେ ଯମୁନା ନୀର ପାଇଁକି, ଗଲି ସଙ୍ଗେ ସର୍ବ ବ୍ରଜ ସଖୀ
ଜଳେ ବଳେ ଯା କଲା କି କହିବି ।
ଆଉ ନ ଦେଖିବି ତାର ମୁଖ, କାହ୍ନୁ ଅଟେ ବଡ଼ ଅବିବେକ
ଛି ଛି କହଇ କବି ମୁସ୍ତକି ।

- ୬୫ -

ଆଜ ଋତୁରାଜ ବିରାଜ ଏ ମହୀରେ,
କାନ୍ତ ବିନା ଅନଙ୍ଗ ଅଙ୍ଗ ଦିଏ ଦହିରେ ।୧।
ନବ ପଲ୍ଲବିତ ଶୋଭିତ ତରୁ ଦୂରରୁ,
କି ରୂପେ ଦିଶେ ଚୂତ ବକୁଳରେ ଶୋହିରେ ।୨।
ନାନା ସୁବାସିତ ପୁଷ୍ପ ଫୁଟିଲେ କାନନେ
ଷଟପଦ ଭ୍ରମଇ ମଧୁରସ ପାଇରେ ।୩।
କୋକିଳ କଳକଳ ସ୍ୱନ କରେ ସୁସ୍ୱରେ
ଦକ୍ଷିଣରୁ ମରୁତ ମନ୍ଦ ବୋହିରେ ।
ଧନ୍ୟ ବସନ୍ତ ବୋଲି ମୁସ୍ତକିମ କହିରେ ।

- ୬୬ -

କେଣେ ଗଲୁ ଆରେ ମୋ ନେତ୍ର ସମ୍ପତ୍ତି ସୀତେ ।
ମାତାଙ୍କ ବିଦାୟ ପାଇ, ବାହାରିଲୁ ବେନି ଭାଇ (ପଦ୍ୱି)
ମୋ ବାଣୀ ନ ଶୁଣିଲୁ, ପଛେ ପଛେ ଅଇଲୁ,
ଏତେ କାଳେ କି କାରଣେ, କେଣେ ଲୁଚି ରହିଲୁ
ଦେଖା ବାରେ ଚନ୍ଦ୍ରମୁଖ ଅଧଇର୍ଯ୍ୟ ହୋଇଲୁଁ ସଜନୀରେ ।୧।
କନକର ମାୟାମୃଗ, ଦେଖି କଲୁ ତୁ ସରାଗ (ପଦ୍ୱି)

Digitized by srujanika@gmail.com

ତୋ ବାଣୀରେ ପଡ଼ିଲି, ଚାପେ ଶର ସନ୍ଧିଲି
ମାଗୁଁ ମାୟାମୃଗ ଡାକେ, ରଖ ଲକ୍ଷ୍ମଣ ବୋଲି
ଲକ୍ଷ୍ମଣେ ପେଶିଲୁ ବନେ ଜଗିଥିଲା ଦେହଲୀ ।୨।
ଭାଷେ କବି ମୁସ୍ତକିମ, ଡାକନ୍ତି ରାମ ଲକ୍ଷ୍ମଣ (ପଡ଼ି)
ବାଇ ପ୍ରାୟେ ବୁଲନ୍ତି, ତରୁଲତା ଲୋଡ଼ନ୍ତି
ଆହାରେ ଜନକ ଜେମା ବୋଲି ଭୂମିରେ ଗଡ଼ନ୍ତି
ଉଠି ପୁଣି ବିଧି ନିନ୍ଦି ହୃଦେ କର ତାଡ଼ନ୍ତି ସଜନୀରେ ।୩।

- ୬୭ -

ବାଳାମଣି ନବରଙ୍ଗୀ, ମିତ, ଜାଣେ କେତେ ଭଙ୍ଗିରେ । (ପଦ)
ଲବଣୀ ପିତୁଳା ତୁଳା ସମେ କୋମଳାଙ୍ଗୀ
କି ମନ୍ତରେ ଠାରି ନୟନ କଟାରୀ ଓଟାରି ଦିଏ ଫିଙ୍ଗିରେ ।୧।
ହଂସ କରୀ ଗତି ହାରି ତା ଚାଲିବା ଭଙ୍ଗୀ
ଧୈର୍ଯ୍ୟ ହରଣେ ଧରିଛି ଯତନେ କି ଚାହାଣି ଟାଙ୍ଗିରେ ।୨।
ସଂଗୀତ ଇଙ୍ଗିତ କେତେ ଜାଣଇ ବରାଙ୍ଗୀ
ତା ସୁସ୍ୱର ଗାନ ହାରେ ପିକସ୍ୱନ ଆବର ସାରଙ୍ଗୀରେ ।୩।
ମୁସ୍ତକିମ ଭାଷେ ରସେ ଏ କନକ ଅଙ୍ଗୀ
ହର ଗଉରୀକୁ ସେବା କରିଥାନ୍ତି ହେଲେ ପ୍ରାଣ ସଙ୍ଗିନୀରେ ।

- ୬୮ -

ନ ଯିବି ସଖୀ ନିର ପାଇଁକି ବସିଥାଏ କାହ୍ନୁ ନୀପ ମୂଳେ । ପଦ ।
ପୀତ ବସନ, କଟି ଦେଶେନ ହୃଦେ ମାଳ ନାନା କୁସୁମ ମାନ
ଗୋରଚନାର ବିନ୍ଦୁ ଭାଳର, ଠାରି ଦେଉଥାଏ ନୈତ୍ରାଞ୍ଚଳେ ।୧।
ତା ବାଙ୍କଚୂଳ କେଡ଼େ ମଞ୍ଜୁଳ, ବେଢ଼ା ନାନା ପୁଷ୍ପ କାଇଁଚ ମାଳ
ଖୋସିଛି ଯହିଁ ପୁଚ୍ଛ ଗୋ ସହୀ, ବଂଶୀସ୍ୱନେ ପିକଭାଷା ବୋଲେ ।୨।
ରାଧିକା ଭାଷେ, ଦୂତିକା ହସେ, କବି ମୁସ୍ତକିମ ଭଣଇ ରସେ
ସେ ପୀତବାସ ଠାରୁ ବିଶ୍ୱାସ ନ ଲାଗେ ବର୍ଣ୍ଣିବୁ ଯୋଗ୍ୟ ହେଲେ ।୩।

Digitized by srujanika@gmail.com

- ୬୯ -

କେ ସହିବ ସେ ଲମ୍ପଟ କାହ୍ନୁ ରୀତି । ପଦ ।
ତ୍ରିଭଙ୍ଗିମା ଛଳେ, ଉଭା ନିପମୂଳେ ବିଶେ ଶୋଭା
ନିର ଆଣିବାକୁ ଗଲେ, ନେତ୍ରେଠାରେ କୁଞ୍ଜ କତି ।୧।
ହେଠମୁଖ ହୋଇ ଗଲେ, ବେଗେ ଆସି ଆଗେ ମିଳେ
ପଣତ ଧରି ଚଞ୍ଚଳେ, କାଖୁଁ କୁମ୍ଭ ଦିଏ ଫିଙ୍ଗି ।୨।
ଯେତେ କହିଲେ ବିନୟୀ, ନ ଶୁଣଇ କୋପ ହୋଇ
ଅଧରେ ଦଶନ ଚାପି, କୁଞ୍ଜବନେ ନିଏ ଝିଙ୍କି ।୩।
ଶୁଣି ଦୂତୀ ରାଧାବାଣୀ, ଭାଷେ ଗୋପର ତରୁଣୀ
କବି ମୁସ୍ତକିମ ଭଣି, କେ ଯିବ ତା ପାଦ୍ ବର୍ତ୍ତୀ ।୪।

- ୭୦ -

ମୁଁ ଏକାକୀ ବିଦେଶେ ବଞ୍ଚିଲି ଘନମାସରେ
ଧିକ ଯାଉ ମୋ ଜୀବନ ଏ ଯୁବା ବୟସରେ । ପଦ ।
ନବ ସପତବର୍ଷୀ, ଭାଲୁ ଯା ଥିବ ବସି
ଦୁଃଖେ କାଟିବ ନିଶି, ଜଳି ମଦନ ଶରେ ।୧।
ଭେକ ଡାହୁକ ସ୍ୱନ, ପିକ ହେଲେ ମଉନ
ଚୌଦିଗେ ଘୋଟି ଘନ, ଚପଳା ଶର ମାରେ ।୨।
ଝିଙ୍କାରୀ ଝୀନ ସ୍ୱର, ନିରନ୍ତରେ ଅପାର
ଆନନ୍ଦେ ଟେକି ପୁଚ୍ଛ କେକୀ ନୃତ୍ୟ ଆସରେ ।୩।
ଏମନ୍ତେ ଭାଳି ପୁଂସ ତେଜିଲା ପରବାସ
ଚିତ୍ତେ ହୋଇ ହରଷ ମୁସ୍ତକମ ଭାଷେ ରସରେ ।୪।

- ୭୧ -

ତେଜି ହେବ କି ନନ୍ଦ କହ୍ନାଇ,
ନିନ୍ଦା ଲଭିଲେ ହେ ବ୍ରଜ ଦେଇ ।
ଦେଖି ଚାରୁ ବେଶ, କେ ନୋହିବ ବଶ
କେକୀ ପୁଚ୍ଛ ଦେଇ ବାନ୍ଧିଥାଇ କେଶ
ନୀଳଶ୍ୱେତ ରକ୍ତ କାଇଁଚ ମାଳ ବେଢ଼ାଇ ।୧।

Digitized by srujanika@gmail.com

ସେବତୀ ମାଳତୀ ଦୟଣା କେତକୀ
ଚମ୍ପା କନିଅର ଅଶୋକ ଭାରତୀ
ମାଳ ଗୁନ୍ଥି ହ୍ରଦ ତଟେ ଲମ୍ବାଇଣ ଥାଇ ।୨।
ପୀତବାସ ପିତ, ବାସରେ ଭୂଷିତ
ଖଣ୍ଡ ନୀଳମେଘ ତନୁଟି ଗୋ ମିତ
କେ ନୋହିବ ବଶ ଭ୍ରୁରୁ ଭଙ୍ଗୀ ଭଙ୍ଗୀ ଚାହିଁ ।୩।
ନିପମୂଳେ ବସି ବଜାଇଲେ ବଂଶୀ
ସେ ମୁରଲୀ ନାଦ ଯା ଶ୍ରବଣେ ପଶି
ତା' ମନ ଉଚ୍ଚାଟ କରେ ମୁସ୍ତକିମ ଭାଷଇ ।୪।

- ୭୨ -

ଆଜି ରାତି ମୋ ପ୍ରିୟ ନଇଲେ ରେ ।
ଦେଖି ବରଷା ସ୍ମର ବରଷା ଶରକରେ ମୋ ହୃଦ ସାଇଲେରେ ।

- ୭୩ -

ଜଗି ବସିଥିଲି ଆଜ ନିଶିରେ ଶ୍ୟାମସୁନ୍ଦର ନଇଲେ ମା । ପଦ ।
ଦୂତି କରେ ଖବର ଦେଇ ମୁରଲୀଧର
କାମ ପାବକେ ମୋତେ ଦହିଲେ ମା ।୧।
ଗୋଳି ଚୁଆ ଅତର, ରଖିଥିଲି ଯତ୍ନର
ଭଙ୍ଗା ବିଡ଼ିଆ ବ୍ୟର୍ଥ ହୋଇଲେ ମା ।୨।
ମଣ୍ଡି କେଳି ମଣ୍ଡପ ହୋଇଥିଲି ସୁବେଶ
କାହା ପୁରତେ ମାତି ରହିଲେ ମା ।୩।
ଶିବରାତ୍ରି ପରି ମୁଁ ପୁହାଇ ଶର୍ବରୀକୁ
କବି ମୁସ୍ତକିମ ଭାବି କହିଲେ ମା ।୪।

- ୭୪ -

ଜଗି ଜଗି ନିଶି ଶେଷ ହେଲାଣି,
କାହାପୁରେ ରହିଲେ ସେ ନାଗରମଣି । ପଦ ।
ଚୁଆ ଗୋଳି ରଖିଥିଲି, ଭାଙ୍ଗିଥିଲି ନାଗବଲ୍ଲୀ

Digitized by srujanika@gmail.com

ନ ଛବାରୁ ବନମାଳୀ ବାସୀ ଆସି ହେଲାଣି ।୧।
ଦୂତୀ କହିଥିଲେ ମୂରଲୀପାଣି,
ତୋ ପୁରେ ଆସିବେ ନିଷ୍ଟେ ସଜନୀ ।୨।
ମୁସ୍ତକିମ ଭାଷଇ ନୀଳମଣି,
ଫାନ୍ଦେ ଆଉ ନ ପଡ଼ିବି ସତ୍ୟ ଏ ବାଣୀ ।୩।

- ୭୫ -

କାତ୍ୟାୟନୀ ଘେନ ମୋ ଦୟିନୀ ମା ବିପତ୍ତି ନାଶିନୀ ।
ଗଳେ ରକ୍ତ କୁସୁମ ହାର ଦିଶେ ଶୋଭନ ମା । ପଦ ।
ଖଡ୍‌ଗ କାତି ଖଣ୍ଡା ଦଶଭୁଜେ ଝଟକି ବିରାଜେ,
ଜିଣି ରବି ତେଜେ ନବଘନ ପରାୟେ ଅଙ୍ଗଟି ଶୋଭାପାଏ ମା ।୧।
ଲହଲହ ରସନା କି ସୁନ୍ଦର,
ଚରଣେ ନୂପୂର ନାଦ ମନୋହର
ଚିନ୍ତିଲେ ଦୁଃଖୀ ଜନ, କରୁ ଦୁଃଖ ମୋଚନ ମା ।୨।
ମୁର୍ଖ ପଣ୍ଡିତ ହୁଏ ଦୟା କଲେ,
ଜୟ ମା ଶାରଳେ ଅଭୟା ହିଙ୍ଗୁଳେ
ମୁର୍ଖ ପାମର ହୀନେ, ରେମଣ୍ଡା ମୁସ୍ତକିମେ ମା
ଜଗଜ୍ଜନନୀ ଦୟାକର ତୋ ପାଦ କିଙ୍କର ଧ୍ୟାଏ ନିରନ୍ତର ମା ।୩।

- ୭୬ -

ଦିନେ ବନ୍ଧୁ ସଙ୍ଗେ ପଲ୍ୟଙ୍କ ପରେ
ରତି ପ୍ରାନ୍ତେ ଶ୍ରାଂନ୍ତେ ଅଚେତନରେ
ଶୟନ କରିଛି ଏମଂତ ବେଳେ
ପୁଷ୍ପବତୀ ହେଲା ଥାଇ ମୋ କୋଳେ
ସେ ରମଣି ଈଶ,
ମୋତେ ତେଜି ଦୂରେ ହେଲା ପ୍ରବେଶ ଯେ ।୧।
କେତେବେଳେ ନିଦ୍ରା ଭାଙ୍ଗିଲା ମୋର
ଲୋଡ଼ିଲି ବାଂଧବୀ ନାହିଁ କୋଳର

Digitized by srujanika@gmail.com

ପ୍ରୀତିବସ୍ଥଳାରେ ମୋ ହୃଦହାର
ବୋଲି ଲୋଡ଼ିବୁଲୁଁ ଚଉପାଖର
ସେ ପ୍ରଦୀପାବଳି, ଅନଳ କାଠୀ ମାରି ଦେଲା ଜାଳି ।୨।
ଦେଖିଲି ଦିଶିଲା ଚାରୀ ମୂରତୀ,
ମଂଦେ ହସି ଦେଲା ବଦନ ପୋତି
କାହିଁକି ଏ ରୁଷା ନିଜ ଦାସରେ,
ବୋଲି ଯାନ୍ତେ ରସବତୀ ପାଶରେ
ତା' ଗଭା କୁସୁମ,
କାଢ଼ି ଫିଙ୍ଗି ଭାଷେ ହେଲି ଏସମ ।୩।
ଦେଖି ଦୁଃଖୀ ହୋଇ ମଦନ ଶରେ,
ବିଧାତାକୁ ନିଂଦା କଲି ହୃଦରେ
କିଁପା ଯୁବାକାଳେ ଏ କଷ୍ଟ ବୋଲି
କବି ମୁସ୍ତକିମ କହଇ ଭାଳି
ପୂଜନ୍ତି ଶଂକର, ପ୍ରିୟା କୋଳୁ କେବେ ନୋହିଲେ ଅଂତର ।୪।

- ୭୭ -

ମାତ ଭବାନୀ ଇଂଦ୍ରାଣୀ ଅମ୍ବିକେ ଘେନ ଦଇନି
ଜୟ ଜୟ ସିଂଧୁ ଜେମା ଦୁଷ୍ଟ ନାଶିନୀ । ପଦ ।
ଜୟ କାଳିକେ, ଜୟ ମୁଂଡ଼ ମାଳିକେ
ଜୟ ଜୟ ଶଂକର ଘରଣୀ ଭୟ ମୋଚନୀ ।୧।
ଜୟ ହିଂଗୁଳା, ବାକ୍ୟ ଦେବୀ ଶାରଳା
ଜୟ କନକପୁର ବାସିନୀ ଭକ୍ତ ପାଳନୀ ।୨।
ସ୍ୱର୍ଗ ରକ୍ଷଣୀ ମୈଷାସୁର ମର୍ଦ୍ଦିନୀ,
ଜୟ ବିଂଧ୍ୟଗିରି ବାସିନୀ ଦୁଃଖ ଧ୍ୱଂଶିନି ।୩।
ଶ୍ରୀ ମୁସ୍ତକିମ, ଧ୍ୟାନେ ଘୋଷେ ତୋ ନାମ
ସଦୟଚିତ୍ତ ହୁଅ ମାତ ସିଂହ ବାହିନୀ ।୪।

Digitized by srujanika@gmail.com

- ୭୮ -

ମୋର ପତି ବିନା ଗତି ନାହିଁ ଦଇବରେ
କାମଜ୍ୱାଳା ତନୁ କେତେ ଦହିକରେ । ପଦ ।
ଦେଖ ଏ ଗ୍ରିଷମ କାଳ, ମୋ ପରେ ହୋଇଲା କାଳ
ନିଷ୍ଟେ ଜାଣିଲି ମରଣ ହୋଇବରେ ।୧।
ବୋହୁଛି ଝଂଜା ପବନ, ମୋହୁଅଛି ଜନମନ
କାଂତ ଥିଲା ନାରୀ ସୁଖେ ରହିବରେ ।୨।
ମୁଁ ଅଭାଗୀ ନାରୀ ହୋଇ, ମର୍ତ୍ତ୍ୟେ ଜନ୍ମିଲି କିପାଇଁ
ମୋ ଦୁଃଖ କାଂତକୁ କିଏ କହିବରେ ।୩।
ଉଣେ କବି ମୁସ୍ତକିମ, ଧିକ ଏ ନାରୀ ଜନମ
ଭାଳି ଭାଳି ତନୁ କ୍ଷୀଣ ହୋଇବରେ ।୪।

- ୭୯ -

ଛାଡ଼ି ଅଇଲି ପ୍ରାଣଧନକୁ ମୁଁ ଆଚରି ମନ୍ଦ ପଣକୁ । ପଦ ।
ମନଦୁଃଖେ ବସିଥିବ ମୋ ଧନୀ, ଝର ଝର ନେତ୍ରୁ ବୁହାଇ ପାଣି
କେଶବାସ ଫିଟି ଅସମ୍ଭାଳେ ବସି, ପୋତିଥିବ ବସି ବଦନକୁ ।୧।
ନଖ କୁନ୍ତେ ଚିରିଥିବ ଧରଣୀ, ମୋର ଗତ ଭାବ ହୃଦରେ ଗୁଣି
କ୍ଷଣ କ୍ଷଣକରେ ମୋହ ଯାଉଥିବ, ଆଜି ଚେତାଇବେ ମୁଁ ତାକୁ ।୨।
ଧିକ ଯାଉ ମୋର ବିଦେଶୀ ପଣ, ଆସି ପ୍ରବେଶିଲା ଋତୁରାଜନ
ଏ ସମୟେ କାନ୍ତା ଯଦି କୋଳେ ଥାନ୍ତା, ଲଭନ୍ତି ଇନ୍ଦ୍ର ପଦକୁ ରେ ।୩।
ଭଣେ ମୁସ୍ତକିମ ଛାଡ଼ି ବିଦେଶ, କାନ୍ତା ପାଶେ କାନ୍ତ ହେଲା ପ୍ରବେଶ
ବନ୍ଧୁକୁ କୋଳରେ ବସାଇ ଭୋଳରେ ଟେକି ଚୁମ୍ବିଲା ମୁଖକୁମ୍ଭକୁ ।୪।

- ୮୦ -

କହ କାହିଁକି ଗୁମାନ ମୋରେ, ନାରୀ ହୀରାରେ ।
ଅନାୟତେ ମୁଁ ବିଦେଶେ ଥିଲି ହୃଦ ହାରରେ । ପଦ ।
ଧନ ତୁ ମୋ କଣ୍ଠିସୁନା, ଅଟୁରେ କୁନ୍ଦ ରଦନା
ମୁଁ ତୋ ଚରଣ କିଙ୍କର, ଅଟଇଟି ପରାରେ ।
ଘେନ ମୋ ବିନୟବାଣୀ, ରେ ଶଶିଜିତ ବଦନୀ
କାମ ତାଳ ମୁଖରେ ପକାଇ ନ ମରାରେ ।

Digitized by srujanika@gmail.com

ମୁଁ ଯଦି ହୋଇଲେ ନାଶ, କହ ଅର୍ଜିବୁ କି ଯଶ
ବୀଣା ଭାଷୀ ମନ୍ଦେ ହସି କର ମୋତେ ତ୍ୱରାରେ ।୩।
କବି ମୁସ୍ତକିମ ଭଣି, ଶୁଣିଣ ରମଣୀ ମଣି
ହସି ହୃଦେ ପ୍ରହାରିଲା ଭ୍ରୂଭଙ୍ଗୀ କଟରାରେ ।୪।

- ୮୧ -

ଆସି ନିଶି ହେଲା ଶେଷ ହସି ହସି ଗେଲେ ଗେଲେ ଗୋ ।
ଜାଳିଣ ପ୍ରଦୀପ ରାଜ, ପୁଷ୍ପେ ମଣ୍ଡିଥିଲି ଶେଜ
ଏ କାଳେ କାନ୍ତ ବିରାଜ ହସି ହସି ଖେଳେ ଗୋ ।୧।
ହୋଇଥିଲି ମୁଁ ସୁବେଶ, କୁସୁମେ ମଣ୍ଡିଣ କେଶ
ଦେଖିଣ ହୋଇଲେ ତୋଷ, ହସି ହସି ଗେଲେ ଗେଲେ ।୨।
ଅଙ୍କେ ବସାଇଣ ମୋତେ, ଚାଟୁ ଆରମ୍ଭିଲେ କେତେ
କାମ ତମ ନାଶ କଲେ ହସି ଗେଲେ ଗେଲେ ଗୋ ।୩।
ଯଥା ଜରା ହରି ବୃଦ୍ଧ, ତଥା କାମେ କାମ ବାଦ
କବି ମୁସ୍ତକିମ ବୋଲେ, ହସି ହସି ଗେଲେ ଗେଲେ ଗୋ ।

- ୮୨ -

(ଆଷାଢ଼ ଶୁକ୍ଳ ବାଣୀ)

କେଉଁ ରସିକିନୀ ଭାଳଇ ବସି, କି କରୁଥିବେ ମୋ କାନ୍ତ ବିଦେଶୀ
କେଡ଼େ କଷ୍ଟରେ କାଟୁଥିବେ ନିଶି, ଝୁରୁଥିବେ ବା ମୋର ଭାବ ଘୋଷି
ସେ ହେଲେ ବିଦେଶୀ, କିମ୍ପାଇ ଜୀଉଁଛି ମୁଁ ଅଳ୍ପାୟୁଷୀ ।୧।
ବରଷା କାଳ ମହାସୁଖକର, ଧୀରେ ଶୁଭୁଛି ଝିଙ୍କାରି ଝଂକାର
ଝରଝର ହୋଇ ବରଷେ ନିର, ଆହା କି ଶୋଭା ଦିଶନ୍ତି ମନ୍ଦର
ମୁହିଁ ଅଭାଗିନୀ, ବୋଲି ସାରଅଂଗୀ କରେ ଭାଳେଣି ।୨।
ପୁଣି ଭାଷେ ଦେଖି ବିଦ୍ୟୁ ଝଟକ, ଡାହୁକ ଭେକ ଡାକ ମକ ମକ
ଘିଡ଼ି ଘିଡ଼ି ଗରଜେ ମେଘ, ଇନ୍ଦ୍ରଧନୁ ଚାହିଁ ତନୁ ପୁଲକ
ଏ କାଳେ ରସିକ, ହେଲେ ବିଦେଶୀ ବଡ଼ ଅବିବେକ ।୩।
ଏମନ୍ତ ଭାଳୁ ଚତୁର୍ମାସ ଶେଷ, ରସିକ କୂଳ ଅନାଇ ହରଷ

Digitized by srujanika@gmail.com

ଦେଖି ବିଚ୍ଛେଦୀ ତରୁଣୀ ଏ ରାତି, ଭାଳେ ପତି ବିନା ନାହିଁ ମୋ ଗତି
ରଚି ବୀଜହର, ମୁସ୍ତକିମ ଭାଷେ କଷ୍ଟୁ ହେବି ପାର ।୪।

- ୮୩ -

ରସିକା ରସି ଯା ରସରେ ଗୋ
ଦେଖ ତୋ ବିନେ ଭାସୁଛି କାମ ସରେ ।୧।
କାହିଁକି ୀଡ଼େ ଗୁମାନ କରିଛୁ ତୁ ଦାସରେ
ମରାଳ ଗାମିନୀ ମଂଦେ ପ୍ରକାଶ ହାସରେ ।୨।
ଅନା ଥରେ ଅନାଥରେ କ୍ଷମା କରି ଦୋଷରେ
ତେଜି ମାନ ଜୀବଧନ କୋଳକୁ ଆସରେ ।୩।
ବାମ ହେଲେ କାମାନଳ ଅଂଗ କରେ ଧ୍ୱଂସରେ
ପ୍ରଚଂଡ଼ ଅଗ୍ନି ଲିଭାଇ ରଖ ତୁ ଯଶରେ ।୪।
କହେ ମୁସ୍ତକିମ କବି ଚଉପଦୀ ରସରେ
ନକର ନିରାଶ ଦାସ ଭକ୍ଷିବ ବିଷରେ ।୫।

-୮୪-

ନାଗରୀ ରାଜ, ହସି କୋଳେ ବିରାଜ । ପଦ ।
ମାନ ନ କର ମୀନ-ନେତ୍ରୀ ମୋ ଜଣାଣ ଘେନ
ଚରଣ ସେବକଠାରେ କାହିଁ ପାଇଁ କରୁ ଲାଜ ।୧।
ତୁ ମୋର ଗଳା ମାଳା, ଅଟୁରେ ପ୍ରେମ ସୁଶୀଳା
ବାଂକେ ଥରେ ଚାହିଁ ଭଳା, ଘେନି ମୋହର ଅରଜ ।୨।
ମୁଁ ତୋହର କିଣାଜନ, ଅଟେ ହରିଣାକ୍ଷୀ ଜାଣ
କାହିଁକି ପୋତୁ ବଦନ, କି ଦୋଷ କଲି ମୁଁ ଆଜ ।୩।
କାମାନଳ ଯୋଗୁଁ ନାଶ, ଗଲେ କି ଅର୍ଜ୍ଜିବୁ ଯଶ
ବଚନ ଅମୃତ ସିଂଚି, କର ତୁ ମୋତେ ସତେଜ ।୪।
ତୋ ବିହୁନେ ଏ ଜଗତି, ପରେ ଆରେ ରସବତୀ
ସାହା ନାହିଁ କୁଂଦଦନ୍ତୀ, ଘେନ ମୁସ୍ତକି ଅରଜ ।୫।

Digitized by srujanika@gmail.com

-୮୫-

ଯାଉଛି ରମଣୀ ମଣି ସୁଦୟା ଥିବ
ପ୍ରାଣେ ଜୀବଥିଲେ ପୁଣି ଭେଟ ମିଳିବ । ପଦ ।
ତୁମ୍ଭଆମ୍ଭ ଯେଉଁ ଭାବ, ଚଂଦ୍ରକୁମୁଦ ବଳିବ
କରିଥିବା ପୂର୍ବଦୋଷ କ୍ଷମା କରିବ ।୧।
ଅଳ୍ପଦିନ କଂଟ କରି, ଯାଉଛିରେ ହେମ ଗୋରୀ
ନିଶ୍ଚୟ ଆସିବି ଫେରି ମନେ ନ ଭାବ ।୨।
ହସିଣ କର ମେଲାଣି, ନଖେ ନ ଚିର ଧରଣୀ
ଧରଣୀ ମଂଡ଼ନା ବଂଧୁ ତୁ ମୋର ଜୀବ ।୩।
ମନେ ନ ଧରିବୁ ଦୋଷ, ଅନାୟତେ ପରବାସ
କବି ମୁସ୍ତକିମ ଭାଷ, କର୍ମ ଦୁର୍ଯୋଗ ।୪।

-୮୬-

ନାଗର ବର, କିଁପା ଭାଷୁଛ ଏ ଗିର ହେ ।
କରିଥିଲି ପ୍ରୀତି ଆଶ, କରି ଯାଉଛ ନିରାଶ
ମାଳତୀ - ଭୃଂଗ ପ୍ରକାର ହେ ।୧।
କାହାକୁ କହିବି କିସ, ଅଟେ ଯାହା କର୍ମ ଦୋଷ
ଏଥୁ ଧିକ ଜୀଇବାର ହେ ।୨।
କି ଦୋଷୁ ଦାରୁଣ ବିହୀ, ଏ ସୁଖ ଦେଲା ଭଂଗାଇ
କ୍ଷୀର - ନୀର ପରକାର ।୩।
ସେବିବି ମୁଁ ଉମା - ହର, କାଂତ ନୋହଂତୁ ଅଂତର
କବି ମୁସ୍ତକିମ ବିଚାର ହେ ।୪।

-୮୭-

କାହା ଜେମା କହ କହରେ, ଦେଖି ଭୁଲିଯିବେ କାମ ଦାହରେ । ପଦ ।
ମୃଗ ପରି ନେତ୍ର, ଅଂଜନ ଭୂଷିତ, କାଂଚନ ପରାଏ ଦିଶେ ଦେହରେ
ଉଚ ଘଂଚ ସ୍ତନ, ତ୍ରିନେତ୍ର ସମାନ, ଚାହିଁ ଯତି ହେବେ କାମେ ମୋହରେ ।୧।
ବାସବ କୋଦଣ୍ଡ, ପରି ଭ୍ରୁଦଂଡ଼, ଖେଳେ ଘନେ ଜୀମୁତ ପରାୟରେ
ପୂର୍ଣେଂଦୁ ବଦନ, ମରାଳ ଗମନ, ଚାହିଁ ଯୁବା ହେବେ ରହ ରହରେ ।୨।

Digitized by srujanika@gmail.com

ହରିତାଳୀ ଚିତା, ମାଖିଛି ବନୀତା, ନାନା ଆଭରଣେ ଶୋଭା ଦେହରେ
ପକ୍ୱ ଚୂତ ଫଳ, ନିନ୍ଦେ ଗଂଡ଼ସ୍ଥଳ, ମୁସ୍ତକିମେ ଦିଅ ପରିଚୟରେ ।୩।

-୮୮-

ଆରେ ମୁରାରୀ, ଦୁଃଖୀ ଦୁଃଖ ନାଶକାରୀ ।ପଦ।
ମୃଗୀ ଗଜ ଉଦ୍ଧାରି, କଂଶାସୁର ନିବାରୀ
ବାମେ ଗୋବର୍ଦ୍ଧନଧାରୀ ।୧।
ଅହଲ୍ୟା ନାରୀ ତାରି, ରାବଣ ସଂହାରି
ସୂରଂକୁ କଷ୍ଟୁ ଉଦ୍ଧାରୀ ।୨।
ମୁରାସୁର ନିବାରି, ପୃଥ୍ୱୀ ଭାର ସଂହାରି
ଜୟ ବୈକୁଂଠ ଅଧିକାରୀ ।୩।
ଏ ଯୁଗେ କାହିଁ ପାଇଁ, ନ ଶୁଣ ହେ ଗୋସାଇଁ
ମୁସ୍ତକିମ କରେ ଗୁହାରୀ ।୪।

-୮୯-

ନ ଯିବି ସଖୀ ନିର ପାଇଁକି, ବସିଥାଏ କାହ୍ନୁ ନୀପ ମୂଳେ ।ପଦ।
ପୀତ ବସନ, କଟି ଦେଶେନ, ହୃଦେ ମାଳ ନାନା କୁସୁମ ମାଳ
ଗୋରଚନାର, ବିଂଦୁ ଭାଳ, ଠାରି ଦେଉଥାଏ ନେତ୍ରାଂଚଳେ ।୧।
ତା' ବାଂକଚୂଳ, କେଡ଼େ ମଂଜୁଳ, ବେଢ଼ା ନାନା ପୁଷ୍ପ କାଇଂଚ ମାଳ
ଖୋସିବଗହି, ପୁଚ୍ଛ ଗୋ ଥାଇ, ବଂଶୀସ୍ୱନେ ଯିବଶେଷେ ବୋଲେ ।୨।
ରାଧିକା ଭାଷେ, ଦୂତୀକା ହସେ, କବି ମୁସ୍ତକିମ ଭଣଇ ରସେ
ସେ ପୀତବାସ ଠାରୁ ବିଶ୍ୱାସ ନ ଲାଗେ ବର୍ଣ୍ଣିବୁ ଯୋଗ୍ୟ ହେଲେ ।୩।

-୯୦-

କେ ସହିବ ସେ ଲଂପଟ କାହ୍ନୁ ରୀତି । ପଦ ।
ତ୍ରିଭଂଗିମା ଛଳେ ଉଭା, ନୀପ ମୂଳେ ଦିଶେ ଶୋଭା
ନୀର ଆଣିବାକୁ ଗଲେ ନେତ୍ରେ ଠାରି କୁଂଜ କତି ।୧।
ହେଠମୁଖ ହୋଇଗଲେ, ବେଗେ ଆସି ଆଗେ ମିଳେ
ପଣତ ଧରି ଟଂଚଲେ, କାଖୁ କୁଂଭ ଦିଏ ଫିଗି ।୨।

Digitized by srujanika@gmail.com

ଯେତେ କହିଲେ ବିନୟୀ, ନ ଶୁଣଇ କୋପ ହୋଇ
ଅଧରେ ଦଶନ ଚାପି, କୁଂଜ ବନେ ନିଏ ଝିଂକି ।୩।
ଶୁଣି ଦୂତୀ ରାଧା ବାଣୀ, ଭାଷେ ଗୋପର ତରୁଣୀ
କବି ମୁସ୍ତକିମ ଭଣି, କେ ଯିବ ତା' ଫାନ୍ଦୁଁ ବର୍ତ୍ତି ।

-୯୧-

ମୁଁ ଏକାକୀ ବିଦେଶେ ବଂଚିଲି ଘନ ମାସରେ ।ପଦ।
ଧିକ ଯାଉ ମୋ ଜୀବନ ଏ ଯୁବା ବୟସରେ
ନବ ସପତବର୍ଷୀ, ଭାଲୁ ଯା ଥିବ ବସି
ଦୁଃଖେ କଟିବ ନିଶି, ଜଳି ମଦନ ଶରେ ।୧।
ଭେକ ଡାହୁକେ ସ୍ୱନ, ପୀକ ହେଲେ ମଉନ
ଚୌଦିଗେ ଘୋଟି ଘନ, ଚପଳା ଶର ମାରେ ।୨।
ଝିଂକାରି ଝୀନ ସ୍ୱର, ନିରଂତରେ ଅପାର
ଆନଂଦେ ଟେକି ପୁଛ, କେକୀ ନୃତ୍ୟ ଆଚରେ ।୩।
ଏମଂତ ଭାଳି ପୁଂଷ, ତେଜିଲା ପରବାସ
ଚିତ୍ତେ ହୋଇ ହରଷ, ମୁସ୍ତକି ଭାଷେ ରସେରେ ।୪।

-୯୨-

ଜଗଗତିକି ସମାନ ହେବ କେ ଜଗତିରେ
ଧନ୍ୟ ବିହି କେଡ଼େ ଯତ୍ନେ ନିର୍ମାଣିଛି କ୍ଷିତିରେ ।ପଦ।
ଗଜରିପୁ ପରି କଟୀ, ଉର ରଂଭା ସଦୃଶଟି
ଭରଜକୁ ନାରିକେଳ ସମ ନୋହିବଟିରେ ।୧।
ଗଭୀର ନାଭୀ କି ଶୋଭା, ନାଶା ତୀଳ ପୁଷ୍ପ କିବା
ଡାଳିଂବ ବୀଜ ଦଶନୀ, ଖଂଜରୀଟ ନେତ୍ରୀରେ ।୨।
ବାସବ କୋଦଂଡ଼ ଖଂଡ଼, ଜିଣି ଶୋଭା ଭୂରୁ ଦଂଡ଼
କପୋଳ ମୁକୁର ଖଂଡ଼, ଜିଣି ଦିଶେ ଫୁଟିରେ ।୩।
ଷଟପଦ ପରି କେଶ, ବତ୍ରିଶୁ ଅର୍ଦ୍ଧ ବୟସ
କି ଶୋଭା ପାଉଛି ବେଣୀ, ଲଂବି ଥାଇ ପିଠିରେ ।୪।
ଓଷ୍ଠ ପକ୍ୱ ବିଂବ ନିଂଦେ, ବାଣୀ ସମ ବେଣୁ ନାଦେ
କବି ମୁସ୍ତକିମ ଭାଷେ ନାରୀଂକ ନୃପତିରେ ।୫।

Digitized by srujanika@gmail.com

-୯୩-

କାହିଁ ପାଇଁରେ ବଂଧୁ ପୋତିଲୁ ମୁଖ
ତୁ ହୀନ କଲେରେ ଧନୀ, ହେଲି ନିରେଖ । ପଦ ।
ମୁଁ ତୋ ପରିକର ବିଚାର ସହି, ତୋ ସେବାରେ ବାରେ ଅଇଲି ମୁହିଁ
ଅଳପ କରୁଣା ଅପାଂଗେ ଚାହିଁଲେ, ଫିଟିଯିବ ମୋର ଆଜନ୍ମ ଦୁଃଖ ।୧।
ସୀତାମାତ ଚାହିଁ ବସିଲେ ତୁହି, ହରପର ହରବର କରଇ
ତୋର ବିନେ ଆନ, ନାହିଁ ପରିତ୍ରାଣ, ପ୍ରାଣଧନ ଦିଅ, ସୁଖ ଅଲେଖ ।୨।
ଭାଷେ ମୁସ୍ତକିମ ରେ ରସାଳସୀ, ହସି ଭାଷି ରସି କୋଳରେ ବସା
କସି ମନମଥ ସଂଗେ ରଣ କରି, ଭାଂଗିଦିଅ ଛାର ମଦନ ଟେକ ।

-୯୪-

ଗଜଗମନୀ କି ବେଶେ, ଆସି ଉଭା ହେଲା ମୋ ପାଶରେ ।ପଦ।
ଶିରରେ ଶୂନ୍ୟ ସୀମଂତ ହେମ ଟିକିଲି ଭୂରୁ ପାଶରେ
କଂଠରେ ଶୋଭା ଝଳକା, ନଥ ବସୁଣୀ ନାଶା ଦେଶରେ ।୧।
ବେନି ଭୁଜରେ ତାଡ଼ ବାହାସୂତା, କଂଚନ ବଂଦ୍ରିଆ କରରେ
ସ୍ୱର୍ଣ୍ଣ କତରିଆ ତଳେ କଂକଣ ବିଭୂଷିତ କି ନକ୍ଷତ୍ରରେ ।୨।
କଟିରେ ସରୁ କିଂକିଣୀ, ସୁନା ନୂପୂର ବେନି ପାଦରେ
ପାଦ ଅଂଗୁଳି ଚୁଟୁକା ଝୁଂଟିଆ ହିଆ ଚମକାଏ ନାଦରେ ।୩।
କବି ମୁସ୍ତକିମ ଭାଷଇ ନବରତ୍ନ ହାର ଶୋଭେ ହୃଦରେ
ଦେଖି କା ଆଖି ଲାଖି ନୋହିବ, ହେମାଂଗୀ ହେମ ବେଶରେ । ୪।

-୯୫-

ମୋ ଦିନ ବାଂଧବୀ କଲା କି ମାନ, କା ବୋଲେ ପଡ଼ି ଏତେ କାଳରେ
ବସିଲା ମହି ଉପରେ ସହି ଶ୍ରୀମୁଖ ଗୋଟି ପୋତି ତଳରେ ।ପଦ।
ଭାସିଲି ତୋଷେ ଚାଟୁ ବଚନ, ଚୁଂବିଲି ରୋଷେ ଗଂଡ଼ ଦେଶେଣ
ହରି ମଧ୍ୟମା ମୋ ଜୀବଧନ, ବୋଲି ବୋଇଲି କେଡ଼େ ଗେଲ୍ହରେ ।୧।
ନ ଶୁଣି ବାଣୀ ହରି ମିତଣୀ ବସିଲା ଗଣ୍ଡେ ନିବେଶି ପାଣି
ନୟନୁ ଅଶ୍ରୁ ବରଷା ଜିଣି, ବହି ତିଂତିଲା ଉର ଜଳରେ ।୨।
ଦେଖି କାତର ହେଲି ଆତୁର ଧୀର ଗମନୀ ଏକି ବେଭାର

Digitized by srujanika@gmail.com

ଚରଣାଶ୍ରୀତେ ଦୟା ଆଚରଇ, ଦୋଷକୁ କ୍ଷମି ବସି କୋଳରେ ।୩।
ପୋଛି ସୁଝୀନ ବାସେ ଲୋଚନ, କୋଳେ ଆଣିଲି ରାମାରତନ
ଅଳପ ହସି ଦେଲା ଚୁଂବନ, କବି ମୁସ୍ତକିମ ଭାଷେ ଭୋଳରେ ।

- ୯୬-

ଏ କା ବାମା ବନେ ବିଳସଇ, ନାହିଁ ନୋହିବେ ଏ ମହି ।ପଦ।
ପାଦ ପଂକଜ, ନିଂଦେ ପଂକଜ, ଉରୁକୁ ରଂଭା ସମ ନାହିଁ
ଗୋରୀ ମଧ୍ୟକୁ କରି ଅରୀ ସରି ନୁହଇ, କୁଚକୁ କୁଂଭ ଛାର କହି ।୧।
କଂଠକୁ କଂବୁ ସ୍ୱରେ କୋକିଳ, ନେତ୍ରେ ମୃଗ ସମ ନାହିଁ
ଭୃରୁ ବାସବ ଧନୁ ଖଂଡ଼ ପୁତେ ମନୁ, ନାଶାକୁ ତୀଳ ପୁଷ୍ପ କାହିଁ ।୨।
ଦଶନ ସୁପକ୍ୱ କରକ ବୀଜ, ଓଷ୍ଠ ପକ୍ୱ ବିଂବ ନାହିଁ ମୁଖ ମଂଡ଼ଳ
ମୁଖ ମଂଡ଼ଳ, ପୁଷ୍ପ ଶଶଧର ନିଂଦଈ, ଶୃଂଗ କୁଂତଳ ସମ ନୋହି ।୩।
ଅଂଗ ଦାହ କଂଚନ ନିଂଦୁଛି କିରତୀ କି ରତି ପାଇଁ
କବି ମୁସ୍ତକିମ ହୃଦେ ଚିଂତଇ, ଆସିଛି କାମେ ବାମ ହୋଇ ।୪।

- ୯୭-

କେହୁ ବୋଲିବ ଆଉରେ ମୋତେ ଆହା ବୋଲି ଆହା ବୋଲି ।ପଦ।
ଯେ ଦିନୁଁ, ତେଜି ସଂଗତି
ଗଲେ ଦେଖ ଏଥର ଅତିଥି ହୋଇ ସରିଗଲି ସରିଗଲି ।୧।
ରେ ମଂଦବିଧି, କଲୁ ଅବିଧି, ନବଧି ବିହିଲୁ ଏ ବିଚ୍ଛେଦ ଏବେ ମଲି ଭାଳି ଭାଳି ।୨।
ଆଉ କି ଆଶା, କଟିବ ଦଶା, ଜୀବ ଥିବ ଆଉ ଡାକିବି ତାଂକୁ
ନାହା ବୋଲି, ନାହା ବୋଲି ।୩।
ଏ କଷ୍ଟ କା'ରେ ନୋହୁ ସଂସାରେ, କବି ମୁସ୍ତକିମ ଭଣେ
ଦୁଃଖ ସାଗରେ ଭାଷିଗଲି ଭାଷିଗଲି ।

-୯୮-

କମଳଦଳ ନୟନା, ପୂର୍ବ ରୀତେ ଥରେ ଅନା
କରୁଣା ଅପାଂଗେ ଅନା ।ପଦ।
ଥିଲେ ହେଲେ ଗୁରୁଜନ, ଡ଼ାଲୁ ଯେ ଥାଉ ନୟନ

Digitized by srujanika@gmail.com

ଏବେ ସେମାନେ ସ୍ୱପନ, କେହୁ ଅବା କଲା ମନା ।୧।
ନିମିଶେ ଯା'କୁ ନ ଦେଖି, ଯୁଗାଂତର ମଣୁ ଏକି
ଏବେ ତାର ବିନତୀକି, ନ ଘେନୁ ହୋଇ ବିମନା ।୨।
ମୋ ବିଚାରେ ଦୋଷ କରି, ନାହିଁ ହେମାଂଗୀ ତୋହରି
ସୁକୋମଳ ହୃଦ ଗୋରୀ, ପାଷାଣ ସମ କରନା ।୩।
ଭଣେ କବି ମୁସ୍ତକିମ, କାମ କାଂଡ଼ ନେଲା ପ୍ରାଣ
ହାବଭାବ ପ୍ରେମାମୃତ, ସିଂଚି ଉଡ଼ା ପ୍ରୀତି ବାନା ।

-୯୯-

କାହା ବନୀତା ହୋଇଣ ଏକା କାଖେ କୁଂଭ ଘେନି ଯାଉଛିରେ ।ପଦ।
ଶରଦ ପୂର୍ଣଚଂଦ୍ର ବଦନ, ଅଂଗ ନିଂଦା କରେ ଦାହ କାଂଚନ
ନୀଳ ବସନ କଟି ଦେଶେନ କି ରଂଗରେ ଜଡ଼ି ଯାଇଛି ରେ ।୧।
ଅଂଜନ ଚିତା, ଭାଳେ ଶୋଭିତା
ଗଳେ ନାନା ମାଳି ହୋଇ ଭୂଷିତା
ଉନ୍ମତ୍ତ କରୀ ପରି ଚାଲି ତା, ହର ଅଇରୀ କି ଦହୁଛିରେ ।୨।
ନାଶା ଫୁଲାଇ, ଗୁଣା ହଲାଇ, କି ରଂଗେ ନୟନ ନିଏ ଖେଳାଇ
ପାଦ ଝୁଂଟିଆ, ଶବଦେ ହିଆ, କାମ ଜନଂକୁ କଂପାଉଛିରେ ।୩।
ମୁସ୍ତକି କବି, କହଇ ଭାବି, ପୂର୍ବେ ଶିବ ଶିବା ଯେ ଥିବ ସେବି
କୋଳେ ବସାଇବ ଏହୁ ବାଂଧବୀ, ପୂର୍ବେ ଯେହୁ ଭାଗ୍ୟ କରିଛି ରେ ।୪।

-୧୦୦-

ନବ ନାଗରୀ କୋମଳାଂଗୀ, ନବ ଭାବ ମୂର୍ତ୍ତି ହେବକି
ନାଶିକା ଫୁଲିବା, ନୟନ ଖେଳିବା, ମସ୍ତକ କଂପା ଭଂଗୀ ।ପଦ।
କି ରଂଗେ ହୋଇ ଗେହ୍ଲାଇ, ବାଣୀ ଭାଷେ ଚାଟୁଆଇ
ଗୁଣା ଦୋହଲାଇ, ଝଲକା ହଲାଇ, ମଂଦେ ହସି ବରାଂଗୀ ।୧।
ତ୍ରିଭଂଗିମା ଛଂଦେ ଉଭା, ହେଲେ ଦିଶେ କେଡ଼େ ଶୋଭା
କୋଳେ ବସାଇଲେ, ଖସି ବସି ତଳେ ପ୍ରେମ ବଢ଼ାଏ ତନ୍ୱୀ ।୨।
ରସେ ଗ୍ରାମ ସିଂହବଂଧେ, ମାତିଲେ ମତି ଆନଂଦେ
ନ ପାରିବି ବୋଲି ମାର୍ଜାର ବଂଧରେ, ଭିଡ଼େ ହୃଦକୁ ଯାକି ।୩।

Digitized by srujanika@gmail.com

କବି ମୁସ୍ତକିମ ବୋଲେ, ରତ୍ୟାଂତେ ଟିଂତ୍ରୁ ଝାଲେ
ଅତି ଯତନରେ ପୋଛି ପଣଂତରେ ବ୍ୟଂଜନ ଧରି ବିଂଛି ।୪।

-୧୦୧-

ଆରେ ରସବତୀ, ସପ୍ରେମ ଭାରତୀ, ଭାଷି ତୋଷ ମୋ ମତି ।ପଦ।
କାମ ବାମ କରି କରିଛି ତମ, ଓଟାରି ମାରିଛି ଶର ତୀକ୍ଷଣ
ତୋ ଭୃରୁ କୋଦଂଡ଼େ, କଜ୍ଜ୍ୱଳ ଗଣ୍ଡେ, ନିବାର ପ୍ରହାରି ବିଷମ ଶକତି ।୧।
ନିର୍ଦ୍ଦୟରେ ହର ଦାହ ଦହଇ, ବିନିର୍ଦ୍ଦୟ ଭାବି ଜଣାଏ ମୁହିଁ
ଚିର ଦୁଃଖ ଦୂର ହେବାର ପାଇଁ
ପ୍ରେମ ଜଳ ସିଂଚି ଲିଭାଅ ତାତି ।୨।
ସ୍ମର ଭ୍ରମର ଭ୍ରମାଉଛି ମତି, ମୁଖଚଂଦ୍ର ଟେକି ରେ ରସବତୀ
ହାସ କୁମୁଦ ମୁଦକୁ ପ୍ରକାଶି
ଚଖାଇ ମଧୁ ତୋଷ ତାର ମତିରେ ରସବତୀ ।୩।
ମାର ଜଳଧିରେ ଭାସିଲି ଦେଖ, ଭାବ ନାବ କ୍ଷେପି ଉଦ୍ଧରି ରଖ
ମୁସ୍ତକିମ କହି, କୋମଳାଂଗୀ ହୋଇ,
ହେବୁ କେହ୍ନେ ସହି, ପାଷାଣ ମତିରେ ରସବନ୍ତୀ ।୪।

-୧୦୨-

ଗଜଗମନୀ ସଖି, ସଜ ସରୋଜମୁଖୀ, ଲାଜ ଲାଜ କି ରଂଗେ ଅଇଲାରେ । ଘୋଷା ।
ତାହା କନକ ପରି, ତାହା ରୂପ ମାଧୁରି, ଚାହାଂତେ ନେତ୍ର ବଂଦି ରହିଲାରେ (ଧ୍ରୁପଦ)
କାହା ଏଡ଼େ ଭାଗ୍ୟ ଥିବରେ, ନାହା ଏହାର ହୋଇବରେ
ଗୀରିଷମ ଯାଇ ଗିରୀଶ ମଜାଇ ଦେଇ ଲଭିବ ଏ ବାଳାରେ ।୧।
ଚତୁରଦଶ ମହି,ଚତୁରୀ ସମେ କେହି, ବର୍ତ୍ତୁଳ ଲୋଡ଼ିଲେ ନ ପାଇବରେ (ଧ୍ରୁପଦ)
ଡ଼ମ୍ବରୁ ମଧ୍ୟମ କଟୀରେ, ଅମ୍ବର ପୀତ ରଂଗେଟିରେ
ନୀଳ ମେଘେ କିବା, ଚପଳାର ଆଭା, ତଥା ଅଂଗ ଫୁଟି ଦିଶିଲାରେ ।୨।
ମଥା ଟେକି ଅନାଇ, କଥା କହିଲେ କେହି, ବ୍ୟଥା ହର ଦାହର ସହିବରେ (ଧ୍ରୁପଦ)
ବୃଥା ଏ ଜୀବେ ଜୀବନରେ, ଭୃଥା ହେବା ହେବ ମନରେ
ତଥା ପାଂଚ ବା ନ ପାଂଚ, ବୟସୀ ଅଂଚଳ, ଘୋଡ଼ିଛି ଭଲାରେ ।୩।
କେତେ କଷ୍ଟ ବିରଂଚି, ପାଂଚି ପାଂଚି ଗଢ଼ିଛି, ବାଛି ଖଂଜିଛି ସର୍ବ ସାରକୁରେ (ଧ୍ରୁପଦ)

Digitized by srujanika@gmail.com

କବି ମୁସ୍ତକିମ ଭାଷିରେ, ସ୍ମର ଶରେ ହୋଇ ଧ୍ୱଂଶିରେ
ଅବୀର ଓଷ୍ଠୀ କୁଚ, ବୀର ଭ୍ରମଣ, ଯାକ ନାଶନେ ଧ୍ୱଂଶିଲାରେ ।୪।

-୧୦୩-

ରେ ଧନୀ, ମଂଦେ ହସି ଚାହିଁ ଯା ।
ନବୀନ ବୟସୀ ବାଳା, ନବ ନାଗରୀଂକର ଯା'
ତୋ ରୂପ ଅନାଉଁ ସ୍ମର, ଶର ପ୍ରହାରିଛି ଶର
କରୀଗତି କରି ଥିର ପ୍ରତିକାର କହିଯାରେ...।୧।
ଅନଂଗ ଅନଳ ହୋଇ, ଦହୁଛି ତନୁକୁ ସହି
ବାରୀଜାକ୍ଷୀ କୃପା ବାରି, ଢ଼ାଳିଣ ଲିଭାଇ ଯା ରେ ......।୨।
କାମ ସାଗରେ ଭାସୁଛି, ଜାନୁ ଭେଳାକୁ ନିକ୍ଷେପି
ପାରି କରି ଶଶିମୁଖୀ, କିରତୀ ରୁହାଇ ଯା ରେ ....।୩।
କବି ମୁସ୍ତକିମ ଭାସି, ହର ଦାହ ତାପ ନାଶି
ଅରକ୍ଷ ରକ୍ଷଣୀ ବାନା ଭୂମଂଡ଼ଳେ ମଂଡ଼ି ଯା ରେ.....।୪।

-୧୦୪-

ଦୀନବଂଧୁ ହେ ! ଦୀନଦୁଃଖୀ ଦୁଃଖହନ୍ତା କୃପାସିଂଧୁ ।ପଦ।
ଦିନେ ମୃଗୀ ବାଳକେ ଅନଳେ, ଦାହ ହେବାରୁ ହୃଦେ ଚିଂତିଲେ
ଦୟା କରି ଅଗ୍ନି ନାଶି ଜଳେ, ରକ୍ଷା କଲ ଶରଣ ପଶି ପାଦେ ବଂଧୁ ହେ ।୧।
ଦିଗନାଥ ବାହନକୁ ଜଳେ, ମତ୍ତ ଖର ତବ ମଗର ବଳେ
ଧରି ନେଉଁ ଡ଼ାକିଲା ବିକଳେ, ଚକ୍ରେ ନକ୍ରକୁ ନାଶିଲ ଭକତ ବଂଧୁ ହେ ।୨।
ଦ୍ରୌପଦୀକୁ ଦୁଃଶା ସଭା ତଳେ, କରୁ ବିବାସ ଚିଂତେ ଆକୁଳେ
ଶୁଣି କୃପାକଲ ତାକୁ ହେଳେ, ଯେତେ କାଢ଼ନ୍ତେ ବସନ ନ ସରେ ଅଗୁଁ ହେ ।୩।
ବାଳକବି ମୁସ୍ତକିମ କହେ, ଅବିରତେ ପାପ ତପ ଦହେ
ଯେତେ ଜଣାଏଁ ନ ଶୁଣ କିହେ, ମୋ କର୍ମକୁ ଜଡ଼ ହେଲ ଜଗତବଂଧୁ ହେ ।୪।

Digitized by srujanika@gmail.com

-୧୦୫-

ତଟିନୀର ତଟେ କେ ଗୋ ମା ଚତୁର୍ଦ୍ଧା ମୂରତୀ
ଅନାଇଲା ମାତ୍ରେ ତାକୁ ଚିତ୍ତ ହେଉଛି କରତି ମା । ପଦ ।
ଶିରରେ ମୟୁର ପୁଚ୍ଛେ ଖୋଷି ବାଂକ ଚୂଳ
ତା' ପରେ ହୋଇଛି ବେଢ଼ା ଅଶୋକ କୁଂଦ ମାଳତୀ ମା ।୧।
ହୃଦେ ରକ୍ତ ଶ୍ୱେତନୀଳ, କାଇଂଚର ଚାରୁ ମାଳ
ବାମ କରେ ବେଣୁ ଧରି ଉଭା ହୋଇଥିଲାଟି ମା ।୨।
କଟୀ ପରେ ଶୋଭା ଦିଶେ ପୀତ ବସନଟି
ଶଂଖ, ପଦ୍ମ, ଚକ୍ର, ତିନି କରେ ବିରାଜଇଟି ମା ।୩।
ରାଧାବାଣୀ ଦୂତୀ ଶୁଣି, ମଂଦେ ହସଇଟି
କବି ମୁସ୍ତକିମ ଭାଷେ, ହେବ ନଂଦସୂତ କାହ୍ନା ସେଟି ମା ।୪।

-୧୦୬-

ଏ ଘନ ମାସରେ କାନ୍ତ ଯା ବାସନେ, ନାହିଁ ଅଭାଗିନୀ ସେହିଟି ।ପଦ।
ମନମଥ ଶରେ, ଦହି ନିରଂତରେ, ଦେଉଥାଏ ତା' ମରମ ସ୍ଥଳରେ
କାଳ କଂଟକଂକ ଡାକ କାକ କରେ, ବଢ଼େ ଦୁଃଖ ତାଳ ତାଳଟି ।୧।
ଉଇଁ ନୀଳ ଘନ କରେ ଗରଜନ , କେକୀ ପୁଚ୍ଛ ଟେକି ଡାକେ ଛନ ଛନ
ଚପଳା ଚମକି ବରଷିଲେ ବନ, ଭାଳି ଭାଳି ନ ସରେ ରାତି ।୨।
ସାମୁକଂକ ଡାକ, ଶୁଭେ ମକମକ, ସୁସ୍ୱର ଶ୍ୱନରେ ରାବିଲେ ଡାହୁକ
ବିଚ୍ଛେଦୀ ନାୟକଂକ ଦୁଃଖଦାୟକ, କହିଲେ କେ ଯିବ ପ୍ରତୀତି ।୩।
କୁଳବତୀ କୁଳ, କରାଏ ଆକୁଳ, ପରାଣ ଆଣ ତେଜିବା ହୁଏ ମୂଳ
ମୁସ୍ତକିମ ଭାଷେ, ଏ ଦୁର୍ଦ୍ଦିନ କାଳେ, ବଂଚେ ଏକା ଧନ୍ୟ ତା ଛାତି ।୪।

-୧୦୭-

ନବ ଘନ ବରନ ନିଂଦଇ ଅପଘନ କାହ୍ନା କୁମରମଣି ମା ।ପଦ।
ଯନେ୍ କେକୀ ପୁଚ୍ଛ, କେତେ କରି ଗୁଚ୍ଛ, ଚୂଳେ ବାଂଧିଛି ଟାଣି ମା (ପଡ଼ି)
କରେ ମୋହନବଂଶୀ, ବାଉଛି ହସିହସି, ଉଭା ତ୍ରିଭଂଗ ଛଂଦେ କଦମ୍ବ ମୂଳେ ସଖୀ
ନେତ୍ର କଟାକ୍ଷ ପାତ, ଜିଣି ଚପଳା ରାଶି
ସତୀ ଧୃତି କରତି ହେବ ଦେଖିଲା କ୍ଷଣି ।୧।

Digitized by srujanika@gmail.com

ରକ୍ତ ଶ୍ୱେତ ନୀଳ, କାଇଂଚରର ମାଳ, ହୃଦେ ରତ୍ନ ଜିଣି ମା (ପଢ଼ି)
କଟୀରେ ପିତାଂବର, ଶୋଭା ପାଏ ତାର, ତଥି ପରେ କାଛେଣୀ ମା
ମୁସ୍ତକିମ ଖାନ, ଭାଷେ ଶୋଭା ଆନ, ନାହିଁ ତା' ଠାରେ ନୋହିବ ପୁଣ ମା ।୨।

-୧୦୮-

ବଂଧୁ କାହିଁକି, ମଥା ପୋତି ଚାହୁଁ ମହିକି ।ପଦ।
ତୋ କିଣା ଜନ, ଠାରେ କି ମାନ, ଶୁଣା ବୀଣାଜିଣା ବାଣୀକି ।
ଯଦି ମୋ ଦୋଷ, ଥିଲେ ନାରୀଶ, ବାଂଧ ଭୁଜପାଶ ଦେଇଟି ।
ଏ ଅନାଥରେ, ଅନା ତୁ ଥରେ, ଭାଷେ ରସେ କବି ମୁସ୍ତକି ।

-୧୦୯-

ମାତ ଜୟ ଜନନୀ ମାହେଶ୍ୱରୀ ।ପଦ।
ରକତ ମଂଦାର ମାଳ ହୃଦରେ କେରି କେରି
ଲଲାଟେ ସିଂଦୂର ବିଂଦୁ ଶୋଭେ ତୋହରି ।୧।
ଦଶ ଭୁଜେ ଖଂଡ଼ା କାତି, ଲଂକି ଖଡ଼୍‌ଗ କାଟାରୀ
ତ୍ରିଶୂଳ କୋଦଂଡ଼ କାଂଡ଼ ଖର୍ପର ଧାରୀ ।୨।
ଜୀମୂତ ବରନ ଅଂଗେ, କୃଷ୍ଣପାଟ ଦୋଶରୀ
ଚତୁର୍ଦ୍ଦଶ ପୁର ଭ୍ରମୁ, ଚଢ଼ି କେଶରୀ ।୩।
ଦୁଷ୍ଟ ନାଶି ସଂଥ ପାଳୁ, ତୁ ଗୋ ଶାକଂବରୀ
କବି ମୁସ୍ତକିମ ଭାଷେ, ପାର୍ବତୀ ମାତ ଗଭରୀ ।୪।

-୧୧୦-

ଉଠ ନିଶି ହେଲା ଶେଷ ଆସି ହେ, ବ୍ରଜବାସୀ ।ପଦ।
ଦିବା ହେବା ଜାଣି ଶିବା, ତେଜିଲେ ନଗ୍ରେ ଭ୍ରମିବା
କୁକ୍‌କୁଟ ମୁକୁଟ ଟେକି, ଉଚ୍ଚ ସ୍ୱରେ ଭାଷି, ହେ ବ୍ରଜବାସୀ ।୧।
ଦେବାଳୟେ ଶୁଭେ ଶଂଖ, ଚୂତ ବନେ ରାବେ ପୀକ
ବନେ ଲୁଚିଲେ ପେଚକ, ବଣି ହରି ଘୋଷି ହେ ବ୍ରଜବାସୀ ।୨।
କାକ ରାବେ ଘନ ଘନ, ଗୋରୁଂକର ହଂବା ସ୍ୱନ
ପୂର୍ବଦିଗ ରକ୍ତ ବର୍ଣ୍ଣ, ଶୋଭା ପରକାଶି, ହେ ବ୍ରଜବାସୀ ।୩।

Digitized by srujanika@gmail.com

ପ୍ରଦୀପ ତାରକା ହତ, ଶଶି ମ୍ଳାନ ଦିଶିଲେ ତ
କବି ମୁସ୍ତକିମ ପ୍ରାତ, ଶୋଭା ହୃଷ୍ଟେ ଭାଷି, ହେ ବ୍ରଜବାସୀ ।୪।

-୧୧୧-

ଜୟ ଜୟ ମୁକୁଂଦ, କରୁଣା ଆନଂଦ, ପତିତପାବନ ହେ ଜଗବଂଦ ।ପଦ।
ବସୁଦେବ ଘରେ, ଜନ୍ମ ମଥୁରାରେ, ପୁତ୍ର ପରକାରେ ପାଳିଲେ ନଂଦ
କଂଶାସୁର ମାରି, ହରି ମହି ଅରୀ, ଦୟାରୁ କୁବୁଜା ହେଲା ପସଂଦ ।୧।
ବଂଶୀ ବାଇ ଧୀରେ, କଦଂବ ମୂଳରେ, ମୋହି ପକାଇଲେ ଗୋପୀଂକ ମନ
ଅର୍ଦ୍ଧ ଶର୍ବରୀରେ, ରସ ଆରଂଭିଲେ, ସଖୀ ମଧ୍ୟେ ଯାଇ ଶ୍ରୀ ବୃଦାଂବନ ।୨।
କାଳୀ ଗର୍ବ ଖାଲି, ଦେଲ ବନମାଳୀ, କାଳିଂଦୀ ହ୍ରଦରେ ସେ ଆଦିକଂଦ
ମହିଧର ଧରି, ଇଂଦ୍ର ଗର୍ବ ଚୁରି, ବ୍ରଜବାସୀ କୁଳ, କଲ ଆନଂଦ ।୩।
ବଛା ବାଳ ବଧି, ହରନ୍ତେ ତଡ଼ତି, ଭିଆଇଲ ବଛାବାଳ ଆପଣ
ମୃଗୁଣୀ, ଦ୍ରୌପଦୀ, ତାରିଲ ଶ୍ରୀପତି, ଭୂତ ହୋଇଥିଲ ରାଧା ସଦନ ।୪।
ରେମଂଡ଼ା ନିବାସୀ, ମୁସ୍ତକିମ ଭାଷି, ବହୁଛି ଶ୍ରୀଚରଣୁ ମକରଂଦ
ଯାହା ପାନ କରି, ଭକ୍ତେ ଯାନ୍ତି ତରି, ଆର୍ତ୍ତୀ ପାଇଁ ଡେରି ଥାଅ ଶ୍ରବଣ ।୫।

-୧୧୨-

ସତ କହ କହ, ସଖୀ ଦେଖିଲୁକି ତୁ ଶ୍ୟାମକୁ ।ପଦ।
କରେ ବଂଶୀ ଘେନି, ତ୍ରିଭଂଗିମା ଠାଣି
ନୀପ ମୂଳେ ଉଭା ଥିଲା କି ମିତଣୀ
ଲଲାଟରେ ଚଂଦନ, ଥୋପି ଥୋପି ଶୋଭାବନ
ବାଂକେ ଚାହିଁଲାକି ତୋ ଆଡ଼କୁ ।୧।
ଗଳେ ଶ୍ୱେତନୀଳ ରକ୍ତ ଗୁଂଜ ମାଳ
ଚକ୍ଷୁ ନେତ୍ରେ ରଂଜି ଅଛି କି କଜ୍ଜ୍ୱଳ
ଶିରେ କେକୀ ପୁଛ, ବାଂଧିଛି କି କରି ଗୁଛ
ଚମକାଇଲା କି ଭ୍ରୁଭଂଗିକୁ ।୨।
ମୁସ୍ତକିମ ଭଣି, କହଲୋ ମିତଣି,
ନଲାଗେ ବିଶ୍ୱାସ ଏକା ଗଲେ ପାଣି
ସତୀ ଧୃତି ମତିହରା କାଳିଆ ଶ୍ରୀପତୀ
ଠାରିଲା କିବା କୁଂଜ ବିପିନକୁ ।୪।

Digitized by srujanika@gmail.com

-୧୧୩-

ଲାଗିଲେ କି ଛାଡ଼ିବି, ଗୋଡ଼ ମୁଡ଼ ଧରି ଘୋଷାଡ଼ି ଦେବି ।ପଦ।
ଭାଂଗି ଦେବି ହାଡ଼, ମାରି ବିଧା ମାଡ଼, କହୁଣୀ ଖୁଂଦା ଦେବି
ଢୁସା ଚଟକନ, ଚପତ ଗର୍ଜନ, ଗାଲ ହେବ ଲାଲ ଠୁଣା ବିହିବି ।୧।
ମୋଡ଼ି ଦେବି କାନ, ଛାଡ଼ିବ ଗୁମାନ, ଦାଂଡ଼େ ପାଡ଼ିବୁ ବୋବି
ତୋ' ବାପ ଆଗରେ, କାଂଦି ଜଣାଇବୁ, ମୋର ଠାରୁ ଥିବା ପ୍ରାଭବ ଲଭି ।୨।
କୁରାଳ ଚକ୍ରର, ପ୍ରାଏକ ପ୍ରଖର, ଧରି ବୁଲାଇ ଦେବି
ମୁଖରୁ ରୁଧିର, ବହିବ ପ୍ରଖର, କହଇ ଠାଣି ମୁସ୍ତକିମ କବି ।୩।

-୧୧୪-

କେଡ଼େ କପଟିଆ ମିତ ସେ କାଳିଆ କାହ୍ନା
ନ ରଖେ ଲାଜ ମହତ ଗଲେ ଜମୁନା ।ପଦ।
ନୀପ ବୃକ୍ଷ ଡାଳେ ବସି ଥାଏଟି ସିନା
ପଥ ଚାହୁଁଥାଏ ଯିବାକୁ ବ୍ରଜାଂଗନା ।୧।
ଅନାଇଲେ ଓହ୍ଲାଇ ସେ ବଂଶୀ ବଦନା
ଘଟ ଭାଂଗି ଝିଂକେ ବଳେ ନ ଶୁଣେ ମନା ।୨।
କୁଂଜେ ନାନା ରସେ ପୂର୍ଣ କରେ କାମନା
ଖଂଜେ ବ୍ରଜେ ବାଜି ଅପଖ୍ୟାତି ବାଜଣା ।୩।
ମୁସ୍ତକିମ ଭାଷେ ଶୁଣ ହେମ ବରନା
ସତୀ ହେଲେ ଧୃତି ଧରି ପାରିବ କି ମାଁ ।୪।

-୧୧୫-

ଅନାଥ ରକ୍ଷିକା, ଦେବୀ କାଳିକା, କାଳ ରୂପିକା ।ପଦ।
ମୈସାସୁର ଅସୁର ଶୂର ଦମନ କରିଣ
ଦେବଂକ ଦୁଃଖ ଦୂର କରିଣ
ହର ଅଂବିକା, ସତ୍ୟ ପାଳିକା, ଜୟ ଚଂଡିକା ।୧।
ଭକ୍ତ ଜନ ଭବ ଭୟ ନାଶନ, ଭୂଭାର ଭାରା ଭର ହାରିକା ।
ଖଳେ ଶୋଭିତା, ପାରିଜାତିକା, ମୁଂଡ଼ମାଳିକା ।୨।
ମୁସ୍ତକିମ ଖାନ, ଯବନ ଗାନ, ରଚନ ଗିରିସୁତା ସୁଖ ଦାୟିକା
ଜୟ ରୁଚିକା, ଅଘ ହାରିକା, ସଂଥ ପାଳିକା ।୩।

Digitized by srujanika@gmail.com

ତୁଛାରେ ହେଉ ଟାଣି, ପଖୁରା କୋଳଥ ପ୍ରାଏକ ପୁଣି ।ପଦ।
ତୋ' ମନରେ କହୁ, ଏ ମହିରେ ଆଉ, ମୋ ଠାରୁ ନାହାଂତି କିଣି
ଏ ଗରବ ତୋର, ନ ରହିବ ଚୋର
ମୋ କରେ ପ୍ରାଉବି ହେବୁ ଏ କ୍ଷଣି ।୧।
ଲଂକାର ରାବଣ, କରି ଗର୍ବ ପଣ, ସବଂଶେ ହେଲେ ହାଣି
କୁରୁ ରାଜବଂଶ, ଗର୍ବ ଯୋଗୁଁ ନାଶ, ଗର୍ବେ କଂଶ ଧ୍ୱଂଶ ଥିବୁ ତ ଶୁଣି ।୨।
ମୁସ୍ତକିମ ଖାନ, ରଚିଲେ ଗାନ, ତୁ ଯେ ଅଛକ ପ୍ରାଣୀ
ଯଦି ଥିଲେ ଲଜ୍ୟା, ନ ଭିଆଇ କଜ୍ୟା, ମହତ ନ ହଜା ହେବୁ କାରେଣି ।୩।

- ୧୧୭ -

ଏ ସୁଲକ୍ଷଣୀ, କାହା ରମଣୀ ମଣି ।ପଦ।
ତନୁ ବେନି ପତ୍ର, ପରି ସୁଶୋଭିତ, କାଚରୁ କାଂତି କିଣି
ପଂଚ ପକ୍ଷୀ ଦେହେ, ବଢ଼ି ଶୋଭାପାଏ, କରକ ବୀଜ ଦସନୀ ।
ତିନି ପୁଷ୍ପ ଅଂଗେ, ବିରାଜେ କି ରଂଗେ, କେଶରୀ ଅରୀ ଗମନୀ ।
ରେମଣ୍ଡା ନିବାସୀ, ମୁସ୍ତକିମ ଭାଷି, ହେବ ନା ରାଜ ଦୁଲଣି ।

- ୧୧୮ -

ଜୟ ଜୟ ଦୀନବନ୍ଧୁ ମୁରାରୀ, ଜୟ ଜୟ ଚିକ୍‌କଣ କାଲା । ପଦ ।
ଶିରେ ଶିଖି ପୁଛ, ଖଞ୍ଜା ହୋଇ ଗୁଛ, ବେଢ଼ା କୁସୁମର ମାଳା
ଆଡ଼ ବାଙ୍କ ଚୂଳ, ଦିଶେ କି ମଞ୍ଜୁଳ, ପତିବ୍ରତା ମତି ଭୁଲା ।୧।
ନବ ରତ୍ନହାର, ଶୋଭଇ ଗଳାର, ତେଜରେ ନିନ୍ଦେ ଚପଳା
ମଧ୍ୟେ ନୀଳ ଶ୍ୱେତ, ଆବର ରକତ, ବର୍ଣ କାଇଁଚର ମାଳ ।୨।
ଭାଳେ ଶ୍ୱେତବିନ୍ଦୁ, ନିନ୍ଦେ ପୂର୍ଣ୍ଣ ଇନ୍ଦୁ, ନୀଳ ମେଘେ ବା ଚପଳା
ମଧ୍ୟେ ଗୋରଚନା, କସ୍ତୁରୀ ରଚନା, ଦେଖି ବନ୍ଦି ହୁଏ ଡୋଲା ।୩।
କଟୀ ପରେ ପୀତ, ପଟ ସୁଶୋଭିତ, ଚରଣରେ ହେମବଳା
ମୁସ୍ତକିମ କହେ, ବେଣୁ କରେ ଶୋଧେ, ବାହେ ସୁନା ଜଗବଳା ।୪।

Digitized by srujanika@gmail.com

- ୧୧୯ -

କେଡ଼େ ରଙ୍ଗେ ଆସେ ଚାଲି, ସଧୀରେ ଝୁଲି ଝୁଲି । ପଦ ।
ଚରଣେ ହେମ ନୂପୁର, ଗମନେ ଶୁଭେ ମଧୁର
କଟୀ ତଟେ ପିତାମ୍ବର, ହୃଦେ ହୋଇ ସାରି ସାରି
ଶୋଭା ନବରତ୍ନ ମାଳି ।୧।
କର୍ଣ୍ଣେ ବେଷ୍ଟଲା ଝଳକା, ତେଜେ ନିନ୍ଦଇ ତାରକା
ଶିରେ ଖଞ୍ଜା ସୀମନ୍ତିକା, ରତ୍ନ ଝୁମ୍ପି କେରି କେରି
ମାଙ୍ଗ ମଧ୍ୟେ ମୋତି ମାଳି ।୨।
ଖୋଷାରେ ଚଉରୀ ମୁଣ୍ଡି, ମାନସ ନିଅର ଭଣ୍ଡି
ତାପରେ ଝାଲର ଖଞ୍ଜା,
ନାକେ ନଥ ଗୁଣା ଫୁଲି, ଗମନେ ହୁଏ ଦୋହଲି
ବିଚ୍ଛେଦଗଡ଼ ନିବାସୀ, କବି ମୁସ୍ତକିମ ଭାଷି
ଯେହୁ ସେବି ଥିବ କାଶୀ, ସେହୁ ଲଭିବ ଏ ବାଳୀ
ରାମାମଣି ଗୁଣଶାଳୀ ।୩।

- ୧୨୦ -

ନବ ତରୁଣୀ ଏ କାହାର କି ଭଙ୍ଗୀ କରି ଚାଲିଗଲା । ପଦ ।
ବାସବ କୋଦଣ୍ଡ ଖଣ୍ଡ ଭୂରୁ ଦଣ୍ଡ ଅଞ୍ଜନ ସିଞ୍ଜିନୀ ଅନୁରାଗ କାଣ୍ଡ
ଦେବା ପାଞ୍ଚି ଦଣ୍ଡ ସେ ତୀକ୍ଷ୍ଣ ପ୍ରଚଣ୍ଡ
ଶରକୁ କଲାଟି ପ୍ରହାର ।୧।
ଶରଦ ପୂର୍ଣ୍ଣିମା, ମୁଖ କି ସୁଷମା, ଅଧର ଅରୁଣ ତେଜ ମନୋରମ
ଦହକ କନକ ପ୍ରାଏକ ପ୍ରତୀମା, ଋଷି ଭୁଲିବେ ରୂପେ ତାର ।
ହେବ ବତିଶାର୍ଦ୍ଧ, ପ୍ରାଏକ ବୟସ, ଲଭିବ ଯେ ସେବି ତୋଷିବ ମହେଶ
କବି ମୁସ୍ତକିମ ପ୍ରକାଶିଲେ ରସ, ଛବିରେ ମୋହିବ ସଂସାର ।

- ୧୨୧ -

ଏକି ମାନ ମୋରେ ନବ ନବୀନା, ତନୁ ଅନଙ୍ଗ ଦେଉଛି ଯାତନା । ପଦ ।
ତୋର ବିରହରେ ମୋ ଦିନ ନ ସରେ, ଝୁରି ସରସୀଜ ଲପନା ।୧।
ରୋଷ ତେଜ ଦୋଷ, କ୍ଷମରେ ନାରୀଶ, ମୃଗନେତ୍ରୀ ପାକ ବଚନା ।୨।
ଅନାଥକୁ ନାଶ, କଲେ ପଉରଷ, ପାଇବୁନି, ପାଇବୁନି ହେମ ବରନା ।୩।
ମୁସ୍ତକିମ ଖାନ, ଜଣାଣଟି ଘେନ, ଘନକୁଚା ସ୍ଥୁଳ ଜଘନା ।୪।

Digitized by srujanika@gmail.com

- ୧୨୨ -

ନାଗରୀ ରାଜ, ହସି ବୋଲେ ବିରାଜ । ପଦ ।
ବାସ ପୁଷ୍ପ ତୋଳି, ଗୁଂଥି ଦେବି ମାଳି, କବରୀ କରିବି ସଜ ।୧।
ନଖରେ ଧରଣୀ, ନ ଚିତ୍ତରେ ଧନୀ, ବିଂଧୁଅଛି ମନସିଜ ।୨।
ମକରୀ ଗଣ୍ଡରେ, ପତ୍ରାବଳୀ ଭରେ, ଲେଖି କରି ଦେବି ଭଜ ।୩।
ବେଶ ଦାସ ପରି, କରିଥିବି ଗୋରୀ, ଘେନ ମୁସ୍ତକି ଅରଜ ।୪।

- ୧୨୩ -

ରସିକବର, ଅଟେ କାହା କୁମର ।
ମଧ୍ୟାହ୍ନର ଭାନୁ, ଜିଣି ଶୋଭା ତନୁ, କଟୀରେ ପାଟ ଅମ୍ବର ।୧।
ବାହୁରେ ମେଖଳା, ହୃଦେ ରତ୍ନମାଳା, ମୁଦ୍ରିକା ଅନାମିକାର ।୨।
ପତିବ୍ରତା ଦେଖି, ଭର୍ତ୍ତାକୁ ଉପେକ୍ଷି, କାମେ ହୋଇବେ ଅସ୍ଥିର ।୩।
କିଶୋର ବୟସ, ମୁସ୍ତକିମ ଭାଷ, ତେଜ ସମ ନୁହେ ମାର ।୪।

- ୧୨୪ -

ବିଚ୍ଛେଦେ ଜଳେ ବଦନ ଆହା ହାହା ଆହାହାହା
ବିଚ୍ଛେଦେ ଜଳେ ବଦନ ।
ଚନ୍ଦନ କଲେ ଲେପନ, ଲାଗଇ ଅଗ୍ନି ସମାନ
ଦହେ ବସନ୍ତ ପବନ ।
ତୁଳି ତଳ୍ପ ହଂଶୁଳି, ଚୋବାଏ କଣ୍ଟାକୁ ବଳି
ନିଶି ଲାଗେ ନିଶା ସମ
ଶଶି କୁସୁମ ଅତର, ଆଘ୍ରାଣେ ଦୁର୍ଗନ୍ଧକର, କହେ କବି ମୁସ୍ତକିମ ।

- ୧୨୫ -

ଦୁଷ୍ଟ ବିନାଶିନୀ, ସନ୍ଥ ପାଳିନୀ, ଜୟ ଭବାନୀ
ସଙ୍ଗେ ଘେନି ଯୋଗିନୀ, ତିନିପୁର ଭ୍ରମିଣୀ,
ଲହ ଲହ ରସନୀ, କଳା ବସନୀ, ଘନ ବରନୀ, ମୁକ୍ତ କେଶିନୀ ।ପଦ।
ସତ୍ୟଯୁଗର ଅବତାର ତୋହର କାଳିକା କାଳ ରୂପ ଧାରିଣୀ
ଦେବଙ୍କ କଷ୍ଟ ନାଶିନୀ, ମୈଷାସୁର ବିଧ୍ୱଂଶିନୀ ।୧।

Digitized by srujanika@gmail.com

ମାଂସ ରକ୍ତ ଭକ୍ଷିଣୀ, ଭକ୍ତ ମୁକ୍ତି ଦାୟିନୀ, ମୁଣ୍ଡ ମାଳିନୀ
ଚଣ୍ଡ ମାରିଣୀ, ଖଣ୍ଡା ଧାରିଣୀ ।
ତ୍ରେତୟା ଯୁଗର ଥିଲୁ ଲଙ୍କା ନଗ୍ରର ମଧ୍ୟର ଲଙ୍କା ଈଶ୍ୱରୀ ନାମକୁ ଘେନି
ସୀତ୍ୟା ଚୋରି କରି ରାବେଣୀ, ଦୂତ ହୋଇଗଲା ପାବେନୀ, ଦ୍ୱାର ତୁ ନିରୋଧିନି
ମୁଥାଘାତ ସହିନୀ, ରାମ ଦଇନି, ବର ଦାୟିନୀ, ରାବଣେ ହାଣି ।୧।
ଦ୍ୱାପରେ ହର ଘରେ, ପାର୍ବତୀ ଦେବୀ ରୂପରେ, କରୀବର ଆରୋହିଣୀ
ଶଂକର ଦୁଃଖ ହାରିଣୀ, ଅର୍ଜୁନ ବର ଦାୟିନୀ, କବିକୁଳ କାରେଣୀ
ଦଶ ଭୁଜ ଧାରିଣୀ, ହର ମୋହିନୀ, ଚଣ୍ଡି ଶ୍ରବଣୀ, ଗିରି ନନ୍ଦିନୀ ।୨।
କଳିଯୁଗରେ ଶ୍ରୀ ସମ୍ବଲପୁର ନଗ୍ରରେ, ସମଲେଶ୍ୱରୀ ନାମ ଧାରିଣୀ
ବାଙ୍କ ଆନନ ଶୋଭିନୀ, ମଇଷି ବୋଦା ରକ୍ତ ଭକ୍ଷିଣୀ
କାତି ଖଡ଼ଗ ଧାରିଣୀ, ଲଙ୍କ ଅଧନୁ ତୁଣୀ, ମୁସ୍ତକିମ ଭଣି,
ଘେନ ଦୟିନୀ, ଜଗଜ୍ଜନନୀ ।୩।

- ୧୨୬ -

ନୂଆ ବୟସ, ନୂଆରେ ରସିଲୁ କି
ନୂଆ ବାସ, ନୂଆ ନୂଆ ସୁବେଶ, ନୂଆ ମଜିଥିଲୁ କି ।ଘୋଷା।
ନୂଆ ଉରରେ ନୂଆ ପତ୍ରାବଳୀ, ନୂଆ ଖଞ୍ଜିଥିଲୁ ନୂଆ ଟିକିଲି
ନୂଆଟି ବସନ,ନୂଆ ପରିଧାନ, ନୂଆ ଭାବରେ ଛନ୍ଦି ।୧।
ନୂଆ ପନୀର, ନୂଆ ଚୁଆପାଣି, ନୂଆ ଶଶି ନୂଆ ଅଗର ପୁଣି
ନୂଆ ତୁ ବୋଲିଲୁ, ନୂଆ ବୋଳି ହେଲୁ, ନୂଆ ଶୋଭାକୁ ଇଚ୍ଛି ।୨।
ନୂଆ କେଳୀପୁର ନୂଆ ମଣ୍ଡାଇ, ନୂଆ ପଲଙ୍କ କି ନୂଆ ଗୁହାଇ
ନୂଆ ଫୁଟା ଫୁଲ, ନୂଆ ଶେଜ ପରି, ନୂଆ ବିଛାଇଲୁ କି ।୩।
ନୂଆ କବି ମୁସ୍ତକିମ କହଇ, ନୂଆ ସ୍ବର ଶାସ୍ତ୍ର ପଢ଼ିଲୁ କହି
ନୂଆ କାନ୍ତେ ନୂଆ ଏକାନ୍ତରୁ କରି, ଭାବଭଂଗି କଲୁ କି ।୪।

- ୧୨୭-

ପୂର୍ଣ୍ଣ ବିଧୁ ମୁଖୀ ଅନା ଥରେ ପୂର୍ଣ୍ଣ ଚିତ୍ତରେ । ପଦ ।
ପୂର୍ଣ୍ଣ ଆଶା କରି ମୁହିଁ, ପୂର୍ଣ୍ଣକାମ ହେବା ପାଇଁ
ପୂର୍ଣ୍ଣ ହେମବତୀ ହେଲି, ଭେଟ ପୂର୍ଣ୍ଣ ସମୟରେ ।୧।

Digitized by srujanika@gmail.com

ପୂର୍ଣ୍ଣ ବତିଶ ଲକ୍ଷଣା, ପୂର୍ଣ୍ଣ ହରିଣ ନୟନା
ପୂର୍ଣ୍ଣ ଦଣ୍ଡ ଉଦ୍ଧରିଣ ରଖ ପୂର୍ଣ୍ଣ ଦାସରେ ।୨।
ପୂର୍ଣ୍ଣ ସୁହୃଦୟା ତୁହି, ପୂର୍ଣ୍ଣ ଚୁମ୍ବନକୁ ଦେଇ
ପୂର୍ଣ୍ଣ ଅଙ୍ଗୀ ଅଙ୍ଗୀକାର କର ପୂର୍ଣ୍ଣ ରସରେ ।୩।
ପୂର୍ଣ୍ଣ ମୁସ୍ତକିମ କୁ ରେ, ପୂର୍ଣ୍ଣ କୋମଳ ହୃଦରେ
ପୂର୍ଣ୍ଣ ରୂପେ ଭିଡ଼ ସଖୀ ପୂର୍ଣ୍ଣ ଭୁଜରେ ।୪।

-୧୨୮-

ପୁରୁଣା ଭାବ ମୂର୍ଚ୍ଛି ହେବ, ନ ଥିଲା ମନର
ପୁରୁଣା କେଳୀ ଲାଳସୀ, ପୁରୁଣା କୁସୁମର ।ପଦ।
ପୁରୁଣା ରୀତିକୁ ଥରେ, ପୁରୁଣା ହୃଦ ପଥରେ
ପୁରୁଣାରୁ ଯେ ପ୍ରକାରେ ପୁରୁଣାତୁରେ
ପୁରୁଣା ଲୋକଙ୍କୁ ନ ଆଣୁ ଖାତର ।୧।
ପୁରୁଣାକୁ ମନା କରି, ପୁରୁଣା କଥା ନ ସ୍ମରି
ପୁରୁଣା କାମ ବିନ୍ଧୁଛି ପୁରୁଣା ଶର
ପୁରୁଣା ଆଶ୍ରିତେ, ପୁରୁଣା ତୁ କର ।୨।
ପୁରୁଣା ଆଶ ଥିବାରୁ, ପୁରୁଣା ସେବକ ତୋର
ପୁରୁଣା ସେବା ବିଚାର
ପୁରୁଣା ଆସ ଥିବାରୁ ହେଲା ହାଜର
ପୁରୁଣା କବି ମୁସ୍ତକି ଭାଷଇ ଗୀର ।୩।

- ୧୨୯ -

ବିଭୁ କାହିଁକି ହେ, ମୋର ବେଳକୁ ନିଷ୍ଠୁର ହୋଇଲ ।ପଦ।
ଶଂଖ ଚକ୍ର କୋଦଣ୍ଡ, ଶୋଭଇ ଭୁଜ ଦଣ୍ଡ
ଅଘଦୁଷ୍ଟ ପ୍ରଚଣ୍ଡ, କରିଛ ଖଣ୍ଡ ଖଣ୍ଡ
ଶରଣାଗ୍ରତ ହେଲେ, ନ ଲାଗେ ଯମ ଦଣ୍ଡ
ବିପଦହରା ଗୁଣୁ ହରି ନାମ ବହିଲ ।୧।
ପୂର୍ବେ ଶବର ଶରୁ, ରକ୍ଷାକଲ ପରା ମୃଗୁଣୀ ବାଳ । ପଢ଼ି ।
ଚକ୍ରେ ନକ୍ର ବିନାଶି କରୀରାଜ ବିପଦ ନାଶିଥିଲ । ପଢ଼ି ।

Digitized by srujanika@gmail.com

ଚିତ୍ତେ ଚିନ୍ତୁ ଦ୍ରୌପଦୀ, କୋଟି ଧୋତି ଦେଇ ଲଜ୍ୟା ଖଣ୍ଡିଲ
ମୁସ୍ତକିମ କହଇ, ମନ୍ଦ ଅଟଇକି ମୋର କପାଳ ।୨।

- ୧୩୦ -

ସୁଖ ପ୍ରଦାୟକ, ପାର୍ବତୀ ନାୟକ, ଚମ୍ପକ ଭୂଷଣ ଶରୀରେ ।ପଦ।
ପଞ୍ଚ ବଦନ, ତ୍ରୟ ନୟନ, ମୁଣ୍ଡ ହାର ଲମ୍ବେ ହୃଦରେ
ଶିରେ ଯାʼ୍ ହୀମ କର, ଗଙ୍ଗାଧର ଝରୁଅଛି ଦିବାରାତ୍ରରେ ।୧।
କନ୍ଧରେ ଅହି, ଅଛନ୍ତି ରହି, ଫଣାଟେକି ବେନି ପାର୍ଶ୍ୱରେ ।
ବିଭୂତିକି ଥାନ୍ତି ମାଖି, ସଙ୍ଗେ ନନ୍ଦୀ, ବ୍ୟାଘ୍ର ଚର୍ମ କଟୀ ଦେଶରେ ।୨।
କୃପା ଭଣ୍ଡାର, ଦୁଃଖୀ ସୋଦର, ବିଜୟ ବୃକ୍ଷ ବାହନରେ
ଯୋଗେଶ୍ୱର ଭୂତେଶ୍ୱର ଶ୍ମଶାନର ଭ୍ରମଣ କର ହୃଷ୍ଟ ଚିତ୍ତରେ ।୩।
ଡମ୍ବରୁ ବେତ୍ର, ତ୍ରିଶୂଳ ପଦ୍ମ, ବିରାଜଇ ଚାରି ଭୁଜରେ
କୋଳେ ଗିରି ସୁତା ଗୌରୀ, ଶୋଭାକାରୀ ।
ମୁସ୍ତକି ଧ୍ୟାଏ ସେ ପାଦରେ ।୪।

- ୧୩୧ -

ଦୀନଜନ ରକ୍ଷଣ ଗଜାନନ ଅଂକୁଶ ଧାରୀ
ଦୀନ ହୋଇ ନାହିଁ ମହିରେ କେହି ଭକ୍ତ ତୁମ୍ଭର । ପଦ ।
ଦୀନ କଲେ ସ୍ମରଣ, କଷ୍ଟ ହୁଏ ଦହନ
ଦୀନ ଡାକକୁ ଅବିରତେ ଥାଅ ଶ୍ରବଣ ଡେରି ।୧।
ଦୀନ ଗଣେ ଅଗ୍ରଗଣ୍ୟ, ତେଣୁ ଗଣେଷ ନାମ
ବେଦ ପୁରାଣ ଯଜ୍ଞାରମ୍ଭେ ଆଗ ତୁମ୍ଭଙ୍କୁ ସ୍ମରି ।୨।
ଦୀନ ମୁସ୍ତକିମ କହି, ଦୀନ ମୋ ଠାରୁ ନାହିଁ
ଦୀନ ମଧ୍ୟେ ହୀନ ହେବାରୁ ବା ନଶୁଣ ଗୁହାରୀ ।୩।

- ୧୩୨ -

ଆହେ ନଟବର ଶ୍ରୀପତୀ,
ନ ଯାଅ ମଧୂନଗର ଘେନି ଆମ୍ଭର ବିନତୀ । ପଦ ।
ଯଦି ଯିବ ମଧୁପୁର, ଆମ୍ଭଙ୍କୁ ନିଅ ସଙ୍ଗର
ନୋହିଲେ ନିଷ୍ଟେ ଜହର ଆହାର କରିବୁ ଗୋପୀ ।୧।

Digitized by srujanika@gmail.com

ଗତ ସ୍ନେହ ମାନ ସ୍ମରି, ପାରିବୁ କି ଦେହ ଧରି
ଜଳହୀନ ମୀନ ପରି ମରିବୁଟି ଏକ ଘାତି ।୨।
ଅଙ୍ଗକୁ ଯେସନ ଛାଇ, କ୍ଷଣେ ଛଡ଼ା ହୋଏ ନାହିଁ
ସେହିପରି ଥିଲୁ ରହି, ଛାଡ଼ି ପାରିବୁ କି ବର୍ତ୍ତି ।୩।
କବି ମୁସ୍ତକିମ ଭାଷି, ଗୋପିଏ ରୋଦନ୍ତି ବସି
ଶିରେ ଭରେ କରାଘାତ ପ୍ରହାର କରନ୍ତି କସି ।୪।

- ୧୩୩ -

ଆଉ ମୁଁ ଜମୁନା ନ ଯାଏ ନିପମୂଳେ କାଳିଆ ବସିଥାଏ । ପଦ ।
ହେଲେ ବିନୟୀ, ତା ନ ଶୁଣଇ, ଦୟା ନ କରେ ହୃଦେ ଘାଏ ।୧।
ପଡ଼ିଲେ ଭେଟ, ଭାଙ୍ଗଇ ଘଟ, କୁଞ୍ଜକୁ ବଳେ ଘେନିଯାଏ ।୨।
ପାଦେ ପଡ଼ିଲେ, ଘେନିଣ କୋଳେ, ଓଷ୍ଠ ମଧୁରସ ଖାଏ ।୩।
ମୁସ୍ତକିମ ଭଣି, ନ ଯାଅ ପାଣି, କହ୍ନାଇ ମହତ ଲୁଟାଏ ।୪।

- ୧୩୪ -

ବାଳି ପଶିଲା ଶରଣ ଯାକୁ, ମନ ଭଜ ତାକୁ । ପଦ ।
ଯେହୁ କଂଶ କଲା ଧ୍ୱଂଶ, ବଧିଲା ରାବଣ ବଂଶ
ଯେହୁ ତୋଳିଲା ଗୋବର୍ଦ୍ଧନକୁ, ଭଜ ତାକୁ ।୧।
ମୁର ଦାରୁଣ ସଂହାରି, ନଖେ ହିରଣ୍ୟ ବିଦାରି
ଯେହୁ ରକ୍ଷାକଲା ପ୍ରହଲ୍ଲାଦକୁ, ଭଜ ତାକୁ ।୨।
ଅହଲ୍ୟା କରି ନିସ୍ତାର, ମାନ ଖଣ୍ଡି ଦ୍ରୌପଦୀର
ଦନ୍ତେ ଧରିଥିଲା ଯେ ପୃଥ୍ୱୀକୁ, ଭଜ ତାକୁ ।୩।
କବି ମୁସ୍ତକିମ କହି, ରତ୍ନାକର ପାପ କ୍ଷୟି
ବଳୀ ଚାପିଲା ଯେ ପାତାଳକୁ, ଭଜ ତାକୁ ।୪।

- ୧୩୫ -

ବନଜାକ୍ଷୀରେ, ବନ ନେତ୍ରୁ ନ ବୁହା
ବନେ ବାସ ମୋର, ଚଉଦ ବତ୍ସର
ସରିଲେ ଆସିବି କହୁଛି ଏହା ।ପଦ।

Digitized by srujanika@gmail.com

ବନତୁଳ ମଣ ସଦନ, ବନ ମୋ ସଙ୍ଗେ ନ ଯା ଧନ
ବନ ଫୁଲମୂଳ, କଲେ ତୁ କବୁଲ
ସୁନା ପରି ଦେହ ହୋଇବ ଲୁହା ।୧।
ବନପଥ କଠିଣ, ତୁ କଲେ ଗମନ
ବନ କଣ୍ଟକ, କି ଦୁଃଖ ଦାୟକ,
ଚରଣେ ବାଜିଲେ ହୋଇବ ଘାଆ ।୨।
ବନଜାନନୀ ଗୋ ଶୁଣ, ବନଚର ବନେ ପୂର୍ଣ
ବନ ମଧ୍ୟେ ତାଙ୍କ ତୁଳେ, ବାସ, ହେବ ଅତୁଆ, ବନଜାକ୍ଷୀ ...।୩।
ବନପତି ମୋ ପାଇଁ ଧନ, ବନ ଢ଼ାଳି କର ସେବନ
ବନୁ ଶୁଭରେ, ଫେରିବି କଣ୍ଟରେ,
ମନ ମଳିନ ନ କର ଆଗୋ ସୀତୟା ।୪।
ବନବାସୀ ବେଶେ, ଶ୍ରୀରାମ ଲକ୍ଷ୍ମଣ
ଜାନକୀ ଛାମୁରେ ମେଲାଣି ମାଗନ୍ତି
କବି ମୁସ୍ତକିମ ଭାଷେ, ସହିବ କି ହିଆ ।୫।

- ୧୩୬ -

ପତିବିନା ଗତି ଆନ ନାହିଁ ରମଣୀର ତ
ପତିତ ହେଲିକି ପ୍ରଭୁ ଥିବି ଅଯୋଧ୍ୟାର ତ । ପଦ ।
ପତି ବିନା ବାସେ ଏକା, ରହେ ଯେବଣ ନାୟିକା
ପତିତରୁ ହୀନ ମୁଖ, ନ ଚାହିଁ ତାହାର ତ ।୧।
ପତିସେବା ନୀତି କଲେ, ପତିବ୍ରତା ନାରୀ ମେଳେ
ଗଣିତ କରନ୍ତି ତାକୁ, ତ୍ରିପୁର ଈଶ୍ବର ତ ।୨।
ପତି ମତି ନୀତି ଦିନ, ହରେ ଯେ ରାମା ରତନ
କରିଣ ଅତି ସମ୍ମାନ, ଲଭେ ବୈକୁଣ୍ଠରେ ତ ।୩।
ପତି ନ ଭଜିଲେ ନାରୀ, ଅନ୍ୟ ଦେବ ପୂଜା କରି
ସେ ଅତୀ ପାତକୀ ରହେ, ଦୋଚାରୀ ମଧ୍ୟର ତ ।୪।
ପତି ସୁଖେ ପତି ଦୁଃଖେ, ଯେ ପ୍ରେୟସୀ ଥାଏ ପାଖେ
ଧନ୍ୟ ହୁଏ ସର୍ବମୁଖେ, କନ୍ୟାଙ୍କ ମଧ୍ୟର ତ ।୫।
ପତିତ ମୁସ୍ତକି କହି, ପତିବ୍ରତା ବଇଦେହୀ
ପତି ଆଗେ ପଡ଼ି ସହୀ, ଭାଷୁଛନ୍ତି ଗିର ତା ।୬।

Digitized by srujanika@gmail.com

- ୧୩୭ -

ରତି ସୁରସାରେ, ଦେଖ ମୋ ଦଶାରେ, ରହି ତୋ ପ୍ରତି ଆଶାରେ
କ୍ଷୀଣ ହେଲି ।ପଦ।
ଘଡ଼ି ଘଡ଼ି ରତିକାନ୍ତ, ହୃଦେ ପ୍ରହାରୁଛି କୃନ୍ତ
(ପଡ଼ି) ମଡ଼ି ତୋ ଭଦଂତ, ଦିନ ନେଲି ।
ଯେଣୁ ବଳିଗଲା କଷ୍ଟ, ତେଣୁ ମଣିଲି ଆକଟ
ମରଣ ହେଲାଣିକି ଭାବିଥିଲି ।୧।
ଶୟନେ ସପନେ ଯେଣେ, ଗଲେ ନେତ୍ରେ ଦିଶୁ ତେଣେ
ତୋ ରୂପ ଅନାଇ ଭାଗ୍ୟେ ଜୀଇଥିଲି ।୨।
କବି ମୁସ୍ତକିମ କହି, ହସି ରସି ତୋଷି ମହି
କାମ ପାବକ ଲିଭା ଆ' ଦହି ହେଲି ।୩।

- ୧୩୮ -

ବାରିଧର ବରନା ଗୋ (ଆଜି) ସାରିଦେଲା ମହତ
ବାରି ନ ପାରିଲି ପତି-ଉପପତି ସୁରତ ଗୋ ଆଜି ସାରିଦେଲା... ।ପଦ।
ବାରି ଅପାରୁ ଅପାର ହୋଇଥିଲା ପତିତ
ବାରିଦର ଧ୍ୱନି ଶୁଣି କମ୍ପୁଥିଲା ମୋ ଚିତ୍ତ ।ପଡ଼ି।
ସାରି ସାରି ଚପଳା, ଶର ପ୍ରହାରିଥିଲା, ଫେରି ଫେରି ଡାହୁକ, ହୁଙ୍କାର ଧ୍ୱନି କଲା
ଘୂରି ଘୂରି ଭେକଙ୍କ ଶବଦ ଅନର୍ଗଳା
ଥରି ଥରିଲେ ତରୁ ଏମନ୍ତ କାଳକୁ ତ, ବାରିଧର ବରନା ....।୧।
ଗୋଷ୍ଠେ ଥିଲେ ପ୍ରାଣନାଥ, ଲିଭିଥିଲା ପ୍ରଦୀପ
ଆସି ମିଳିଲା ଏ କାଳେ ହଟିଆ ନନ୍ଦସୁତ ।ପଡ଼ି।
ଘାରି ନିଦ୍ରାଘାତେ ଭାରି ହୋଇଥିଲି ଅଚେତ
ଅଙ୍କେ ମୋ ନିଶଙ୍କେ ବସି, ହସି କଲା ସୁରତ, ବାରିଧର କରନା ଗୋ ......।୨।
କ୍ଷାନ୍ତ ହୋଇ ରହିଲି ଗୋ ହେବେ ଜାଣି ମୋ କାନ୍ତ
ତୋଷେ ହସି ରସେ କଶି, ଅଙ୍କେ ମିଶାଇଲି ତ, ବାରି ଧର ବରନା ଗୋ ।୩।
ହସି ଭାସିଲା କହ୍ନାଇ ମୁଁ ତୋ ପରିକର ତ
ତେତେବେଳେ ଜାଣିଲି ମୁଁ ମୋ ପତି ନୁହନ୍ତି ତ ।୪।

Digitized by srujanika@gmail.com

ଯେତେ କଟୁ ଭାଷିଲି ତୁନି ହୋଇ ଗଲା ତ
ମୁସ୍ତକିମ ଭାଷେ ଆଗୁ ମନେ ପାଞ୍ଚିଥିଲା ତ ।୫।

- ୧୩୯ -

ଜୟଶ୍ରୀ ଦଶରଥ ନନ୍ଦନ, ଜନକ ସୁତା ହୃଦ ଚନ୍ଦନମ୍ । ପଦ ।
ତାଡ଼କା ବିନାଶନ, ଋଷି ଯଜ୍ଞ ରକ୍ଷଣ ସୁବାହୁ ବାହୁବଳ ଛେଦନମ୍ (ପଡ଼ି)
ଅହଲ୍ୟା ନିସ୍ତାରଣ, କୈବର୍ତ୍ତ୍ୟ ଉଦ୍ଧାରଣ, ଜନକ ନୃପରାଣ, ଶିବ ଧନୁ ଭଂଜନ
ପରଶୁରାମ ଟାଣ, ଗର୍ବ ଖର୍ବ କରଣ, ଭକତ ଅପମାନ ମୋଚନମ୍ ।୧।
ପିତା ସତ୍ୟ ପାଳନ, ବନବାସ ଗମନ, ସକ୍ରଜ ନେତ୍ର ବକ୍ର କରଣମ୍ (ପଡ଼ି)
ସୂର୍ପଣଖା ଦଣ୍ଡନ, ମାରିଚ ନିବାରଣ, ଜଟାୟୁ ଆୟୁଦାନ,ଶଂପତିକ ମୋକ୍ଷଣ
ବ୍ୟାଧେ ବରଦାୟକ, ଖୀର ରକ୍ତ କରଣ, ଚକ୍ରବାକ ବିଚ୍ଛେଦ ସମାପନମ୍ ।୩।
ସୁଗ୍ରୀବ ନୃପରାଣ, ସଙ୍ଗେ ମିତ୍ର ସ୍ଥାପନ, ଦୁନ୍ଦୁଭିର ଅସ୍ଥ ନିକ୍ଷେପଣମ୍ (ପଡ଼ି)
ସୁପ୍ତଶିଳା ଛେଦନ, ବାଳି ବଳ ମର୍ଦ୍ଦନ, ବାରାନିଧି ବଂଧନ, ତାରା ସତୀ କରଣମ୍
ବିଭୀଷଣ ରକ୍ଷଣ, ରକ୍ଷାକର୍ତ୍ତା ସାରଣ, ତ୍ରିପୁର ଭାରାଭର ହାରଣମ୍ (ପଡ଼ି)
ଦଶଗ୍ରୀବ ଛେଦନ, ମନ୍ଦୋଦରୀ ବୋଧନଂ, ସୀତା ମାନ ମୋଚନ, ଅଯୋଧ୍ୟାର ରାଜନ
ରେମଣ୍ଡା ମୁସ୍ତକିମ, ଗାନ କଲେ ରଚନ, ସହସ୍ରାଶୁର ଚୁରକରଣମ୍ ।

- ୧୪୦ -

ଚନ୍ଦ୍ର ଆନନୀ, ସଙ୍ଗିନୀ ଖଞ୍ଜ ନୟନୀ, କୁଞ୍ଜକୁ ଯିବାରେ
ସଞ୍ଚି ହୋଇ ଫୁଲ ଶ୍ୟାମର ହୃଦରେ ଲମ୍ବାଇବାରେ ।ପଦ।
ଷଣ୍ଢ ପତି ମତି ଭଣ୍ଡକୁ ତୃପତି, ଦଣ୍ଡ ଦଣ୍ଡ କେ କରିବାରେ
ମଣ୍ଡି ସୁମନ ମୁଣ୍ଡ ଗଭାକୁ ଗୁଣ୍ଡ କରି ବାଂଧିବାରେ ।୧।
ଗଣ୍ଡ ମଣ୍ଡଳରେ ତୁଣ୍ଡ ଲଗାଇଣ ଚୁମ୍ବ ହସି ବିହିବାରେ
ଗୁଣ୍ଡ କସ୍ତୁରୀ ଗୋରଚନାର ଗୁଣ୍ଡଳା ବିନ୍ଦୁ ଦେବାରେ ।୨।
ଖଣ୍ଡ ରତିପତି, ଦଣ୍ଡର ବିପତ୍ତି, ଷଣ୍ଡମରାକୁ କହିବାରେ
ଭାଙ୍ଗ ଭଣ୍ଡାକୁ, ଚାଣ୍ଡ କୋଳରେ, ମଣ୍ଡାଇ ମଣ୍ଡି ହେବାରେ ।୩।
ରାଣ୍ଡ କାମ ତମ, କାଣ୍ଡର ବିଷମ, ଦଣ୍ଡରୁ ମୁକ୍ତ ହେବାରେ
ଚାଣ୍ଡ ବାସକୁ ଦଣ୍ଡକେ ଫେରିବା, ମୁସ୍ତକିମ କହିବାରେ ।୪।

Digitized by srujanika@gmail.com

-୧୪୧-

ଋତୁ ନୃପବର, କି ମନୋହର, ବିଜେ ମହିର
ଦକ୍ଷିଣରୁ ପ୍ରଖର ବହେ ମନ୍ଦ ସମୀର
ଦହେ ହୃଦ କାମୀର, ମନ ମଞ୍ଜର, ଲତା ଗୁଲ୍ମର ଝାଡ଼ି ପତର ।ପଦ।
ପୀକ ଚୂତବନେ ହୋଇ ଉନ୍ମତ୍ତ, ଗାନ କରଇ ପଞ୍ଚ ସ୍ୱର
କୁହୁ କୁହୁ କି ସୁସ୍ୱର, ନାଦ ଶୁଭେ ମନୋହର
ପତି ବିଚ୍ଛେଦୀର, ଛାତିଟି ଜରଜର
ନୟନୁ ନୀର, ବହଇ ଧାର, ଦିବାନିଶିର ।୧।
ସୁବାସିତ କୁସୁମ ପ୍ରସ୍ଫୁଟିତ, ବାସ ଚହଟେ ଚଉଦିଗର
ଗୁଣୁଗୁଣୁ ସ୍ୱରେ ଭ୍ରମର, ଗୁଣୁଗୁଣୁ ହୋଇ ବାହାର
ମନ ଆନନ୍ଦର, ସୁମନର ଉପର ।
ବସି ସଧୀର, ପିୟୁଷ ଧାର, କଲେ ବାହାର ।୨।
ଚିତ୍ତ ଭୀତ ତେଜି ହୋଇ ହର୍ଷିତ, ଝିଙ୍କାରୀ କଲେ ସ୍ୱନ ଝଙ୍କାର
କୁମୁଦିନୀ ହେଲେ ବାହାର, ଶୋଭା ଦିଶଇ ସରୋବର
ଚନ୍ଦ୍ର ଚନ୍ଦନରେ, ବଢ଼ିଲା ସମାଦର
ମୁସ୍ତକି ଛାର, ଶ୍ରୀ ରେମଣ୍ଡାର, ଭାସିଲେ ଧୀର ।

- ୧୪୨ -

କନକାଙ୍ଗୀ ହୃଦେ ଥାଏ କେଡ଼େ ବିବେକ
କରୁଣାବତୀ, କୃପା ଭଣ୍ଡାର ପ୍ରାଏ ଠିକ । ପଦ ।
କରି ଚୁମ୍ବଦାନ, ହରିନିଏ ପ୍ରାଣ
କରୀଗମନା କରେ ଚରଣ ମଞ୍ଜାଳକ ।୧।
କନ୍ଦର୍ପ ଶାୟକ, କରି ତନୁ ଲାଖ,
କଣି ବିନ୍ଧିଲେ କରେ ମୀନନେତ୍ରୀ ରକ୍ଷକ ।୨।
କମ୍ବୁ କଣ୍ଠୀ ସହି, ସ୍ୱେଦ ଜାତ ଚାହିଁ
କରେ ଅଞ୍ଚଳ ବାତ, ଘାତେ ସ୍ୱେଦ ନାଶକ ।୩।
କହିଲେ ତା' ଭାବି, କାହାଣୀ ହୋଇବ
କହେ କବି ମୁସ୍ତକିମ ଆଦ୍ୟରେ 'କ' ପ୍ରାନ୍ତରେ 'କ' ।

Digitized by srujanika@gmail.com

- ୧୪୩ -

ଆସିବି ବୋଲିଣ ଉଣ୍ଡି ଗଲୁ, ନାଶିବି ବୋଲିଣ ପାଞ୍ଚି ଥିଲୁ
କାଶୀନାଥ ଦାହ କୋହରେ ଦହିଲୁ, ମଳି ପଥ ଅନୁସରି ସରିରେ ।୧।
ଅତି ସ୍ନେହ କରା ଅକାରଣ, ଯତି ମତି ତେଣୁ ନ ଭୁଲିଣ
କରତି ପକାନ୍ତି ରତି ନାୟକଙ୍କୁ, ଅଚିନ୍ତାରେ ଛନ୍ତି ଏଣୁ କରିରେ ।୨।
ପୀରତି ମହିରେ ଯେହୁ କରେ, କିରତି ହରାଇ ଶୋକେ ମରେ
ବରତିବା ଆଶା ହୃଦୁ ପରିହରେ, ନୀର ବିହୁନରେ କ୍ଷିର ପରିରେ ।୩।
ଚନ୍ଦ୍ରକୁ ନ ଦେଖି ପଦ୍ମ ପରି, କମ୍ବୁ ବିହୁନେ ଯଥା ସଫରୀ
ବାନ୍ଧବୀ ବିହୁନେ ରସିକ ତେସନେ, ମୁସ୍ତକିମ କହେ ମରେ ଝୁରିରେ ।୪।

- ୧୪୪ -

ଧିକ ଯଦି ପିଣ୍ଡେ ପରାଣ ନ ଥିଲେ
ଧିକ ଜୀବ ଯଦି ବିଦ୍ୟାହୀନଟି । ପଦ ।
ଧିକ ବିଦ୍ୟା ଯେବେ ଭ୍ୟାସ ନାହିଁ ବେଦେ
ଧିକ ଭ୍ୟାସ ଯଦି ପ୍ରେମ ହୀନଟି ।୧।
ଧିକ ପ୍ରେମ ଯଦି ସ୍ୱାଦୁ ନାହିଁ ତହିଁ
ଧିକ ସ୍ୱାଦୁ ହେଲେ ସତ୍ୟ ହୀନଟି ।୨।
ଧିକ ସତ୍ୟ ଯଦି ଧର୍ମର ବିରୋଧୀ
ଧିକ ଧର୍ମ ହେଲେ ଦୟା ହୀନଟି ।୩।
ଧିକ ଦୟା ମନି ଆନୀ ନ ସଂହାରୀ
ଧିକ ଅରି ନାଶ ଉଦାର ହୀନଟି ।୪।
ଧିକ ଯେ ଉଦାର, ଜ୍ଞାନ ନାହିଁ ଯାର
ଧିକ ଜ୍ଞାନ ଯଦି ବିଷ୍ଣୁହୀନଟି ।୫।
ମୁସ୍ତକିମ କହି, ଧିକ ଉକ୍ତ ହୋଇ
ନ ଦେଖେ ସର୍ବ ଜୀବେ ସମାନଟି ।

- ୧୪୫ -

କରିବର ଗତି କରୁ ଏ କୀରତି, କିରତୀ ଧରାରେ ବୁଡ଼ିବ । ପଦ ।
ଚନ୍ଦ୍ରକୁ ଚକୋର, ହେଲେହେଁ ଅନ୍ଧାର, ଦୁର୍ଦ୍ଦିନେ ଚାତକ ନ ଲଭିଲେ ନୀର

Digitized by srujanika@gmail.com

ଗୋ ଦୋହନ କାଳେ ବସ୍ତ୍ରାକୁ ଅନ୍ତର, କଲେହେଁ କି ଏ ଆଶା ଏଡ଼ିବ ।୧।
କାଞ୍ଚନ ଅମୂଲ୍ୟ କାଇଞ୍ଚରେ ତୁଲ୍ୟ, ଛାର ପଟେ ଦେଖ ଗୁଲ୍ଲାହୁଏ ଫୁଲ
ମୋ କଥା ତୁ ଗୁଣି, ମୋ କହା ବାହୁଲ୍ୟ, କାମାନଳେ ଅଙ୍ଗ ପୋଡ଼ିବ ।୩।
ଶମ୍ଭୁ ଶିରେ ଅମ୍ବୁ, ବିଲ୍ୱ ପତ୍ର କମ୍ବୁ, ଚଢ଼ାଇଲେ କି ବିଫଳ
ଧନୀ ଛାନି ଜାଣି ଜାଣି ଭୋଗୀ ମାଗୁ, ମୁସ୍ତକି ଶୋକେ କି ବୁଡ଼ିବ ।୪।

- ୧୪୬ -

ସଖୀ, ତାହା ଭାବ ପଡ଼ଇ ମନେ ।
ଦିନେ ଯାହା କଲା, କହ୍ନାଇ କଲା, ଏହି ବସନ୍ତେ କାନନେ ଗୋ ।୧।
ପିଣ୍ଡେ ପରାଣ, ଥିଲେ ସେ ମାନ, ପାଶୋରି ନୋହି ମନେ ଗୋ ।
ଚିନ୍ତିଲେ ଅଶ୍ରୁ, ଝରଇ ନେତ୍ର, କବି ମୁସ୍ତକିମ ଭଣେ ଗୋ ।୨।

- ୧୪୭-

ବିଣାଜିଣା ସଖୀରେ ତୋ ବିନା ଗଲି ଭାସି । ପଦ ।
କନ୍ଦରପ ଦର୍ପ ହରା, ବାନା ତୋହର ପରା
ମାର ମାରରୁ ରଖ ବାରଣ ଗତି ହସି ।୧।
ଦାହାକନକବରନୀ, ସାହା କେ ଆଉ ନାହିଁକି
ଆହା ତୁ ନ କଲେ ମୁଁ ଯାଉଛି ଭାସି ।୨।

- ୧୪୮ -

ଦୂରେ ରହିଲି ବିଦେଶେ ଏ ବସନ୍ତରେ ହୋଇ ଏକାନ୍ତରେ । ପଦ ।
ଅଙ୍କେ ଥିଲେ ମୋ ଶଶି ଲେପନୀ, ନିଶଙ୍କେ ମୁଁ ବଞ୍ଚନ୍ତି ଯାମିନୀ
ଦେଖ ସୁଚାରୁ ପୂର୍ଣ ଚାନ୍ଦିନି କେତେ ରତେ ତୋଷନ୍ତି, ହୋଇଣ ଉନ୍ନତରେ ।୧।
ମୋର ଲଳାଟ ମନ୍ଦ ଅଟଇ, ମୁକୁର ଲପନୀ କୋଳେ ନାହିଁ
ଗତ ହାବଭାବ ଚିନ୍ତୁଥାଇ, ଶମ୍ଭୁ ଆଳେ କମ୍ବୁ ଦେବା ମନାସୁଥିବ ତ ।୨।
ହର ଅରୀ ହୋଇଣ ଭଗାରୀ, ଦଣ୍ଡୁ ଶୋକେ ବସି ହେମ ଗୋରୀ
ଶିବ ଶିବ ଶ୍ରୀମୁଖେ ଉଚ୍ଚାରି, ନେତ୍ରୁ ମୁଞ୍ଚୁଥିବ ଅଶ୍ରୁ ମୁସ୍ତକି ରଚେ ସେତ ।୩।

Digitized by srujanika@gmail.com

- ୧୪୯ -

ଭାଷରେ ରସବତୀ ସୁଚାରୁହାସୀ ।
ଦଣ୍ଡ ତୁ ଭୁଜ ପାଶେ ଭିଡ଼ିଣ କସିରେ, ସୁଚାରୁହାସୀ । ପଦ ।
ନୁହେ ଆୟତ ପ୍ରିୟେ ସେବା ବିଦେଶୀ
କହୁଛି ଧରି ପାଣି ନ ବସ ରୁଷିରେ, ସୁଚାରୁହାସୀ ।୧।
ହରାରୀ ଅରୀ ହୋଇ ମରମେ ପଶି
ଧ୍ୱଂଶିବା ବିଚାରୁଛି କୁଟିଳ କେଶୀରେ, ସୁଚାରୁହାସୀ ।୨।
ତୋ' ଅନୁକମ୍ପା ବିନା ହେଲି ବିନାଶୀ
ରଖରେ କୋରକ ଦନ୍ତୀ ମୁସ୍ତକିମ ଭାଷିରେ, ସୁଚାରୁହାସୀ ।

- ୧୫୦ -

ଆହା ସଖୀ କି ହୋଇ ବଞ୍ଚିବି ତୋର ବିରହରେ । ପଦ ।
ତୋ ଭାବ ମାନ, କଲେ ସ୍ମରଣ, ଦିବା ଯାମିନୀ ଚିତ୍ତ ଝୁରେ ।୧।
ତୋର ରତିନାୟକ, ଟାଣି ଶାୟକ, କଷି ବିନ୍ଧଇ ମରମରେ ।୨।
ମୁସ୍ତକି ଭଣି,ରେ ବାଳାମଣି, ଭାସିଲି ଶୋକ ସିନ୍ଧୁନୀରେ ।୩।

- ୧୫୧ -

ଜୟ ଜୟ ରଘୁନନ୍ଦନ ରାମ ଜାନକୀରମଣ ଜୟ
ଜୟ ଦଶରଥ ସୁତ, କୌଶଲ୍ୟା ତନୟ ଜୟ ।୧।
ଜୟ ଶିବ ଧନୁ ଭଞ୍ଜନ, ପରଶୁ ଗର୍ବ ଗଞ୍ଜନ
ସତ୍ୟପାଳନ, ଦୈତ୍ୟ ଦଳନ, ରାଧିକା ରଞ୍ଜନ ଜୟ ।୨।
ଜୟ ଋଷି ଯଜ୍ଞ ରକ୍ଷଣ, ତାଡ଼କା ସୁବାହୁ ମୋକ୍ଷଣ
ସତୀ ପାଷାଣ ମୁକ୍ତି କରଣ, ନାବିକୋଦ୍ଧାରଣ ଜୟ ।୩।
ଜୟ ସିନ୍ଧୁ ସେତୁ ବନ୍ଧନ, ସୁଗ୍ରୀବ ଶରଣ ରକ୍ଷଣ
କୁମ୍ଭକରଣ ଖଣ୍ଡ କରଣ, ଦୁଷ୍ଟ ନିବାରଣ ଜୟ ।୪।
ଭାଷେ ମୁସ୍ତକିମ ଜୟ, ରାବଣ ହଣାଣ ଜୟ
ସୀତା ମୋକ୍ଷଣ, ଚିତା ପ୍ରୋକ୍ଷଣ, ବିଲଙ୍କା ଧ୍ୱଂଶନ ଜୟ ।୫।

Digitized by srujanika@gmail.com

- ୧୫୨ -

କେଳୀ ସଦନୁ ବାହାରି ଆସେ କଶୋରୀ
ରଣଜୟୀ ବୀର ଫେରି ଆସିଲା ପରି ।୧।
ଅତନୁ ସଙ୍ଗରେ ରଣ, କରିଅଛି ଅକଥନ
ଉରଜେ ବାଜିଛି ଦେଖି କରଜ ଛୁରି ।୨।
ଗଣ୍ଡ ଦେଶରେ ଶୋଣିତ, ଅନାନ୍ତେ ହୁଏ ପ୍ରତୀତ
ଯୁଦ୍ଧ କାଳେ ଦନ୍ତ ଖଡ୍‌ଗ ଅଛି ବିଦାରି ।୩।
କେଶବାସ ଅଛି ଫିଟି, ହାର ଛିନ୍ନ ଭିନ୍ନ ଗୁଟି
ଚଉଷଠି ମାଳ ଛିଡ଼ି ପଡ଼ିଛି ଗୋରୀ ।୪।
ମୁସ୍ତକିମ ଭାଷେ ନେତ୍ର, ଉନିଦ୍ର ଯୁଦ୍ଧରୁ ରକ୍ତ
ମୁଖେ ଜୃଂଭ ଆସୁ ଅଛିଟି ଫେର ଫେରି ।୫।

- ୧୫୩ -

ଅବିରୋଷ୍ଟୀ ଆଶା ପଲ୍ୟଙ୍କରେ ଇଷ୍ଟ ସ୍ମରୁଥିବଟି । ପଦ ।
ଏକା ଥିବ ରସବତୀ, ଐରାବତଜିତା ଗତି, ତେଜ ଓଜ ଐଶ୍ୱର୍ଯ୍ୟ
ତା, କହୁ କହୁ ଯିବଟି ।
ଖଳ କାମ ଗର୍ବକାରୀ, ଘନଜଘନାକୁ ମୋରି
ଉଦଧି ମଂଥିଲା ପ୍ରାୟ ଚଞ୍ଚଳେ ମଂଥୁଥିବଟି ।୧।
ଛନ ଛନ ହେବ ଚିତ୍ତ, ଜର ଜର ଅବିରତ ।
ଝର ଝର ନିର ନେତ୍ର ଝରି ପଡୁଥିବଟି ।୨।
ଠଣ ଡମ୍ବରୁ ମଧ୍ୟାକୁ, ଢ଼ାଳେ ଅଣଆୟତ୍ତ ମୁଁ
ତରୁଣ କାଳେ ତେଜିଲି ଥୟ ତା' ନ ଥିବଟି ।୩।
ଦମ୍ଭ ହାରି ଧନମଣି, ନ ପାଇ ପତ୍ରିକା ପୁଣି
ଫଟା କରମରେ କର ମଣ୍ଡି ବସିଥିବଟି ।୪।
ଭରସା ହୃଦୁ ତେଜିକି, ଜଳଜାକ୍ଷି ରସା ଧନି
ଲପନ ଶଶି ସତେକି ମଳିନ ହୋଇଛିଟି ।୫।
ହରି ଅଘ କ୍ଷମା କରି, ରକ୍ଷା କର ଜୀବେଶ୍ୱରୀ
ମୋ ଆୟୁ ଘେନି ମୋ ଯିବା ଯାଏ ଥାଉ ଜୀବଟି ।୬।

Digitized by srujanika@gmail.com

- ୧୫୪ -

ଛାର ଛିକରା, ପୀରତି ଲାଗି, ଜାତିକୁଳ ବୁଡ଼ିଗଲା
ଭଗାରୀ ହସା, କଥା ଠେସା ସହେବା କରମେ ଥିଲା । ପଦ ।
ଉତମ ମଧ୍ୟମ କନିଷ୍ଠ, ଜାତି ଅଜାତି ପାପିଷ୍ଠ
ହାଟରେ ବାଟରେ ଘାଟରେ ମୋ ନାଁରେ ଛି ଛି ଥୁ ଥୁ ଶୁଣାଗଲା ।୧।
କଣା କୁଜା ଛୋଟା ଗୋଦର, ଦଗାବାଜ ଥେଣ୍ଟ ଚୋର
ସାଧବ ଗରିବ ନିର୍ଜଳ ବଳିଷ୍ଠ, ସର୍ବେ ବୋଲନ୍ତି ନ ମଲା ।୨।
କବି ମୁସ୍ତକିମ କହଇ, ପ୍ରିୟ ସଙ୍ଗ ହୀନ ହୋଇ
କୁଟୁମ୍ବ, ବାନ୍ଧବ, ସ୍ୱଦେଶେ ବିଦେଶୀ କରନ୍ତି ଟାପରା ।୩।

- ୧୫୫ -

ଧାଡ଼ିକି ଧାଡ଼ି ଶୋଭେ ନାନା ସୁମନ । ପଦ ।
ମଲ୍ଲୀ ମନ୍ଦାର କେତକୀ, କାଠ ଚମ୍ପକ ମାଳତୀ
ଜାଇ, ଯୂଈ କୁରୁବିଂଦ, ଅଶୋକ, କୁନ୍ଦ ଚନ୍ଦନ ।୧।
ମାଧବୀ ଗେଣ୍ଡୁ ନିଆଳୀ, ରଙ୍ଗଣୀ ଚମ୍ପା ପାଟଳୀ
ମରୁଆ ବଉଳ କିଆ ପାରିଜାତ କଞ୍ଚନ ।୨।
ନାଗକେଶର ଗୋଲାପ, ଛୁରିଅନା କୁରୁଟକ
ମୁସ୍ତକିମ ଭଣେ ଭ୍ରମେ ଭ୍ରମର କରେ ଗୁଞ୍ଜନ ।୩।

- ୧୫୬ -

ଚାରୁ ଚନ୍ଦ୍ରମାଲପନା ଚାମର କେଶୀ
ଜାଣେ କେତେ ରତ୍ୟାଂତେ ତୋଷି । ପଦ ।
ଶ୍ରମ ଘର୍ମ ଜାତ ହେଲେ, ଅଞ୍ଚଳେ ବିଂଛେ ଚଞ୍ଚଳେ
ତାପ ନାଶ ପଞ୍ଚେ ବୋଲି ଅଗୁରୁ ଶଶୀ ।୧।
ଗଣ୍ଡେ ମଣ୍ଡେ ଚୁମ୍ବଦାନ, ଇଙ୍ଗୀତ ବାକ୍ୟ ଭାଷିଣ
ମନମୀନ ଝିଙ୍କା ତା’ କଟାକ୍ଷ ବଡ଼ସି ।୨।
‘୦’ ବରତୁଳ ଉରଜ, ପରେ ଚାଳିଲେ କରଜ
ଛଟକେ ପ୍ରକାଶେ ଲାଜ ମୁସ୍ତକିମ ଭାଷି ।

Digitized by srujanika@gmail.com

- ୧୫୭ -

ମନ ନ ରଙ୍ଗାଇ ରଙ୍ଗିଛୁ ଯୋଗୀ ବସନ । ପଦ ।
ଗଳେ ରୁଦ୍ରାକ୍ଷ, ଭାଲେ ତିଳକ, ଦାଢ଼ୀ ରଖିଛୁ ବୃଥା
ବୃଦ୍ଧ ଅଜା ସମାନ
ରାମ ନାମ ଛାଡ଼ି ଯୋଗୀ ବସି ପୂଜୁ ପାଷାଣ ।୧।
ମୁଣ୍ଡରେ ଜଟ, କଟିରେ ଲେଂଗଟ
ମୁସ୍ତକିମ ଭାଷି, ଧୂନିରେ ବସି
କାମକୁ ଜାଳିଲୁ, ହେଲୁ କ୍ଲୀବ ସଙ୍ଗେ ଗଣନ ।

- ୧୫୮ -

ନବ ଜୀମୂତ ଆହା କି ଶୋଭାକର । ପଦ ।
ବାରିଦର ନାଦ, ଚପଳା ଚମକ, ଡାହୁକ ସ୍ୱନ ହୁଙ୍କାର
କି ଶୋଭାକର ।୧।
ଶିଖୀ ଶିକ୍ଷେ ଶିଖୀ, ଡାକେ ପୁଚ୍ଛ ଟେକି, ଝିଙ୍କାରିଙ୍କର ଝଙ୍କାର ।୨।
ରଟନ୍ତି ସାମୁକ, ଭେକ ମକମକ, ଚାତକ ଆକୁଳ ଦୂର ।୩।
ବିଚ୍ଛେଦୀ ବିଚ୍ଛେଦ, କାଳ ଚାହିଁ ଦୁଃଖ, ଚିରୋଲ୍ଲାସ କାମୀଙ୍କର ।୪।
ରଚେ ମୁସ୍ତକିମ, ନିଦାଘ ପବନ, ବହୁଅଛି ଧୀର ଧୀର ।୫।

- ୧୫୯ -

ସାରଙ୍ଗମୁଖୀ ତୋ ଠାଣି, ସାରଙ୍ଗକୁ ପାରେ ଜିଣି । ପଦ ।
ସାରଙ୍ଗଅଙ୍ଗୀ ସାରଙ୍ଗ, ବତୀକୁ ନ ବୁଝ ଖଗ
ସାରଙ୍ଗୀ ନେତ୍ରୀ ସାରଙ୍ଗ, ତାପ ଘୁଞ୍ଚା ସାର ଅଙ୍ଗିନୀ ।୧।
ସାରଙ୍ଗସ୍ତନା ସାରଙ୍ଗ କଣ୍ଠୀ, ଦସନ ସାରଙ୍ଗ
ସାରଙ୍ଗ ହୃଦୟା ସାରଙ୍ଗରେ ଘେନ ମୋ ଦୟିନୀ ।୨।
ସାରଙ୍ଗ ମାସେ ସାରଙ୍ଗ , ପୂଜିଛି ଦେଇ ସାରଙ୍ଗ
ସାରଙ୍ଗ କୃପାରୁ ତୋତେ, ଲଭିଛି ସାରଙ୍ଗାନନୀ ।୩।
ସାରଙ୍ଗକେଶୀ ସାରଙ୍ଗ, ଭଖିଛୁ ଚୁମ୍ବ ମୋ ସାରଙ୍ଗ
ସାରଙ୍ଗେ ଭୀଡ଼ ସାରଙ୍ଗ, ସାରଙ୍ଗ ମୁସ୍ତକି ଭଣି ।୪।

Digitized by srujanika@gmail.com

- ୧୬୦ -

ନୟନେ ଅୟନେ ଶୟନେ ସପନେ ନିଶିଦିବା
ନେତ୍ରେ ସେ ନାଚୁଛି । ପଦ ।
ଗଜମାଥ ମାତାସନ, ନିନ୍ଦଇ ବାସ ଚନ୍ଦନ,
ଋତୁରାଜନ ଦୂତକୁ ସ୍ୱର ନିଂଦୁଛି
ବରୁଣ ବାସଜ ନେତ୍ର, ତୀଳ ସୁମନ ନିନ୍ଦିତ,
ନାସେ ଦଣ୍ଡୀ ଯୋଡ଼ାନଥ ମଣ୍ଡି ହୋଇଛି
ଇନ୍ଦ୍ର ଆସନ ପରି ଗମନ ଶୋଭା ଦଶନ,
କି ଅବା ପକ୍ୱ କୋରକ ମଞ୍ଜି ଖଞ୍ଜିଛି ।୧।
ଗୁରୁପତ୍ନୀହରା ପରି, ଶୋଭା ଲପନ ମାଧୁରୀ,
ସୁମନ କାଂତ କୁନ୍ତଳ ନିନ୍ଦୁଛି
ନଭେ ନକ୍ଷତ୍ର ପରାୟେ, ମଥାମଣି ଶୋଭାପାଏ,
ହର ଦାହାଙ୍କୁର ମୋହି ଜନେ ଖଞ୍ଜିଛି
ସିଂହ ଆସନୀ, ରଂଗ ପତନୀ, କୃଷ୍ଣ ରାତ୍ରେ
ଶୋଭା ଯଥା ଭେଲା ଖଦ୍ୟୋତି ।
କବି ମୁସ୍ତକିମ ଭାଷି, ବତ୍ରିଶ ଅର୍ଦ୍ଧ ବୟସୀ,
ଷଡ଼ାନନମାତଜାତ କୁଚ ନିନ୍ଦୁଛି
ରାମ ଶାପରେ ବିଚ୍ଛେଦୀ, ପକ୍ଷୀ ପ୍ରାୟେ ଭରେ ସ୍ତୁତି,
ଦେବୀ ଶିରଭୂଷା ରଖା ପ୍ରାୟ ଆକୃତି
ଇନ୍ଦ୍ର ନନ୍ଦନ, ବୀର ମଣ୍ଡନ, ଲାଞ୍ଜ ବିହୀନ,
ଖଣ୍ଡୁ ଭୂରୁ କି ସୁଚାରୁ ଦୂରୁ ଦିଶୁଛି ।

- ୧୬୧ -

ହୃଦ ନଗରେ ତୋହରି ଠାବ ଦିଅ ଗୋରୀ । ପଦ ।
ଜୀବରାଜନକୁ ମନ୍ତ୍ରି ପରମକୁ ବୁଝାଅ ମୋର ଗୁହାରୀ
ରଚି ସପତୋଶୀ, ସଙ୍ଗେ ମୋ ବସତି, ଦିଅ ପାଞ୍ଚରେ ନ୍ୟାୟ କରି ।୧।
ଦ୍ୱାର ଦଶ ଗୋଟି, ପାହାରୀ ଛଅଟି, ତ୍ରିଗୁଣ ତା' ଯାଞ୍ଚ କରି
ହୃଦ ସରେ ଫୁଲ, ପାଣି ନିରିମଳ, ନିସ୍ତରିବି ସ୍ନାନ କରି ।୨।

Digitized by srujanika@gmail.com

ଦିବା ନିଶି ଯହିଁ, ପବନ ବହଇ, ଆକାଶୁ ବହୁଛି ବାରି
ନିଶିପତି, ଦୀନପତି ରହିଛନ୍ତି, ତୋଷିବି ସ୍ତୁତି ଆଚରି ।୩।
ହରିହର ଦୁଇ, ମନ୍ଦିର ତୋ ତହିଁ, ହୋଇବି ତହିଁ ପୂଜାରୀ
ମୁସ୍ତକିମ ବୋଲେ, ଦଣ୍ଡ ଦୋଷ ଥିଲେ, ଭୁଜ ପାଶେ ବନ୍ଧୀ କରି ।୪।

- ୧୬୨ -

ଦୀନବଂଧୁ ହେ, ଦୀନ ରକ୍ଷଣକାରୀ ।
ଦ୍ରୋଣ ମଇତ୍ରଙ୍କ, ଦୁହିତା ରଖିଲ, ଶତେ ଜଣ ହୋଇଥିଲେ ଭଗାରି । ପଦ ।
ଷଡ଼ାନନମାତ ବାହନ ରିପୁକୁ ବନରାଜ ବାହ ମୁଖୁ ଉଦ୍ଧରି ।
ବେଦବରସୁତ, ତା'ସୁତ ତା'ସୁତ ଚିହ୍ନ ରଖିଅଛି ସସ୍ନେହ କରି
ନିଜ ମାତୁ ଭ୍ରାତ କରିଣ ନିପାତ, ପନ୍ନୀ ମାତ ଭାର ଦେଲ ଉଦ୍ଧରି ।୧।
ହରି ଅରୀ ପତି, ଗୁରୁ ନାରୀ ତାରି, ରଖିଛ ନାଗ ମୁକୁଟ କୁମାରୀ
ମୁସ୍ତକିମ ଭାଷ, ଇଷ୍ଟେ କରି ଆଶ, ଅନିଷ୍ଟ ଗରିଷ୍ଟ ନଷ୍ଟକୁ ଅରି ।୨।

-୧୬୩ -

ଆଜି ନିଶି ଶେଷ ହେଲା ଆସି ଦାସୀ, ହସି ବସି ରସି କାନ୍ତ ସଙ୍ଗରେ । ପଦ ।
କରୀ ଅରୀ ବାହକାରୀ ପତି ଅରି, ନାଗ ଭକ୍ଷ ପତି ଜରାସନ୍ଧ ପରି
ରଣ କଲା ପୁଣ ପୁଣ ହାରି କରି, କୁହୁ ଶେଷ ଏହି ରଙ୍ଗରେ ।୧।
ହରି ଅରୀ ଦଶନ ଖୁର ପଲଙ୍କେ, ଷାଠିଏ ଚାରିବନ୍ଧ ସାରି ନିଶଙ୍କେ
ମକରଧ୍ୱଜ ତାତ ତାତକୁ ଲୋଡ଼ି, ଭୋଗ କଲି ତାକୁ ଅଙ୍ଗରେ ।୨।
କାଳୀ ଆସନ ବଇରୀ ପତି ବି ତ ଜିଣି ସୁଖ ଆଜି ହୋଇଲା ପ୍ରାପତ
ମୁସ୍ତକିମ କହେ, ଲାଗିବାର ଶଦ,ନିଦ୍ରା ମାଡୁଛି ଅଙ୍ଗରେ ।

- ୧୬୪ -

ବରଷା କାଳ କାଳ ହେଲା ଲୋ ପ୍ରେମଶୀଳା । ପଦ ।
ଅନଙ୍ଗ ତାତ ଅଙ୍ଗ, ରଙ୍ଗ ଧରିଣ ମେଘ, ଆକାଶେ ଘୋଟିଲା
ଦୁର୍ଗା ବାହନାରୀ, ପତିଙ୍କି କାମୁକ, ଘୋଷ ଶବଦ ଚହଟିଲା ଲୋ ପ୍ରେମକଳା ।୧।
ପାର୍ବତୀ ମାତ ଅଙ୍କାରେ ଦୁର୍ଗାସୁତ ବାହନ ତୋଷେ ରଟିଲା

Digitized by srujanika@gmail.com

ସ୍ୱାହାନାହା ତେଜେ, କିଣି ଇନ୍ଦ୍ରାଯୁଧ, ସ୍ୱର ବ୍ୟୟରେ ଚହଟିଲା ଲୋ ....।୨।
ଗଳମାଥ ମାଥ ପତି ହାର ଭକ୍ଷ ସ୍ୱରେ ପୃଥିବୀ ଘୋଟିଲା
ସାବିତ୍ରୀ ପତି ବାହନ ବାସ ଟୋପି ଟୋପି ମହିରେ ଲୋଟିଲା ଲୋ....।୩।
କରୀଅରି ପତି, ପତି ଅରୀ ମତି, ତୀକ୍ଷଣ କୁଠାରେ କାଟିଲା
ମୁସ୍ତକିମ କହେ, ବିରହ ବିରହୀ, କୁଳକୁ କାଳ ଘୋଟିଲା ଲୋ ପ୍ରେମକଳା ।୪।

- ୧୬୫ -

ବନ୍ଧୁକୁ ବିଦେଶେ ତେଜିଣ ରହିଲି, ବିପତି ମୁଖେ ପତିତ ହେବଟି ।
ମହିଧର ଧର ଗମନା ମୋହର, ରାମପ୍ରିୟା ମାତେ ବସିଥିବଟି
ହରଅରୀ ଗୋରୀର ହୋଇ ଭଗାରୀ, ହର ଧର ପରି ଦଂଶୁଥିବଟି ।୧।
ଗର୍ବ ସର୍ବ ରିକ୍ଷ ଲପନଟି ମ୍ଲାନ, ମୁଖ କେତୁ ଗ୍ରାସୁଥିବଟି ।
ଋତୁରାଜଦୂତ ଡାକ ଅବିରତ, ହୃଦ ବନକୁ କମ୍ପାଉଥିବଟି
କ୍ଷଣ ସୁମନଜିତି ଅଙ୍ଗ ଅନଙ୍ଗ ଅନଳେ ଅଙ୍ଗାରକାନ୍ତି ହେବଟି ।୨।
ବାସୁକୀ ପତି ପତି ଗତି କମଳ ଯୁଗଳକୁ ଧ୍ୟାନ କରୁଥିବଟି
ଭଣେ ମୁସ୍ତକିମ, ତାଙ୍କ କୃପା ହେଲେ, ପ୍ରିୟାର ବିପତ୍ତି ଦୂର ହେବଟି ।୩।

- ୧୬୬ -

ସଖୀ ପୂର୍ଣକର ମନକାମନା, କାମ ଯମ ଦଂଶେ ତୋ ବିନା,
ମନୁ ମାନକର ନବୀନା । ପଦ ।
ହାସରେ ତିକ୍ତ ତୋଷରେ, ପ୍ରେମ ରସରେ, ଦାସ ଦୋଷ ଧରନା
ତୋର ଅଧରାମୃତ କିଣେ ଅମୃତ, ମୃତ କରେ ଚେତନା ।୧।
ରତିପତି ବିନ୍ଧେ ଶର ଥର ଥର, ଅନା ଥରେ ଅନାଥରେ ଯୋଷାସାର
ମଥା ଚହଟରେ ନୁହେଁ ବସିବାର, ଏ କାଳକୁ କାଳ ଲୋ ସିନା
ଜାଣରେ ପରିତ୍ରାଣରେ, ଆଉ ଆନରେ ନାହିଁ କେହି ତୋ ବିନା
ରକ୍ଷି ମୋହିନୀ ବଳ ରୁଷି ବସିଲେ ବୁଡ଼ିବ ପ୍ରୀତି ବାନା ।୨।
ମନମଥ ମଥନରୁ ରକ୍ଷାକର, ପକ୍ୱ କୋରକଦଶନୀ ରମାବର
ନ ଲାଗେ କିକି ତୋତେ କଷ୍ଟ ମୋର, ପୀକ ଭାଷୀ ମୃଗଲୋଚନା ।୩।
ମୁସ୍ତକି ଭାଷି ଯାଉଛି ଭାସି ସ୍ମର ସାଗରେ ସିନା
ହାସ କଟାକ୍ଷ ତରୀ, ପକାଇ ତାରି ରଖ କରୀଗମନା ।୪।
କୀରତି କୀରତି ରହିବ ସ୍ନେହ ଚିତ୍ତରେ ଲଗା ପାଦ କୋୟକୁ ନ କର ଅଲଣା
ଦୋଷ ବିଚାରି ଭୁଜେ ବାନ୍ଧିପକା, ଉଡୁ ପ୍ରୀତି ବସୂଳା ବାନା ।୫।

Digitized by srujanika@gmail.com

- ୧୬୭ -

ପ୍ରେମମୟୀ ଲୋ, ପ୍ରେମରସରୁ ନ ବାର । ପଦ ।
ସପ୍ରେମ ଭରେ ହେଲି ପାଶରେ ଅପ୍ରେମ କଲେ ସଖୀ ହେବି କାହାର ।୧।
ତୋ ସ୍ନେହେ ବୁଡ଼ି, ଯାଉଛି ସଢ଼ି, କା ସ୍ନେହୁ ତୋର ଚିତ୍ତ କରୁ ଅନ୍ତର ।୨।
ବୀଣାବଚନୀ, ଘେନ ଦୟିନୀ, କିଣା ଜନ ମୁଁ ପରା ଦାସ ତୋହର ।୩।
ମୁସ୍ତକି ଭାଷି, ତୋ ରସେ ଭାସି, ଭ୍ରମ ସାରସୀ ହେଲି ରଷି ପ୍ରକାର ।୪।

- ୧୬୮ -

ହେଟି ଲୋ କେଟି ଅନାଇ ଚେଟି, ମୋତେ ତରାଟି ତରାଟି ଚାହୁଁଛି ।
ଦେଖି ଆଖି ଲାଖି, ରହଇ ଗୋ ସଖୀ, କୋଟି କାମରୂପ ଦହୁଛି ।
କେତେ କାଳ ବିଶ୍ୱକର୍ମା ପରିଶ୍ରମ, କରି ନିର୍ମାଣିଛି ଏ ରୂପେ ସୁଷମ
ନ ଥିବେ ନାହିଁ ନୋହିବେ ତ୍ରିଭୂବନ, ମୋ ମନେ ପ୍ରତୀତ ହେଉଛି ।୧।
ଧନ୍ୟ ତା ଜନନୀ, କେଡ଼େ ସୌଭାଗିନୀ, କେତେ କଷ୍ଟ ସେବିଥିଲା ଶୁଳପାଣି
କିବା କେତେ ବ୍ରତ, କରିକି ବିଧାତ୍ର, ତପେ ଏ ନନ୍ଦନ ପାଇଛି ।୨।
ଅନାଇଲେ ସତୀ, ଦହି ହେବ ଧୃତି, ମଦନେ କରତି ହେବ ନବରତି
ଧନ୍ୟ କେହୁ ସତୀ, କେଡ଼େ ଭାଗ୍ୟବତୀ, କେତେ ପୂଣ୍ୟ ତାର କେ କରୁ ଗଣତି
ଜନମନ ନେତ୍ରମୋହନ ମୂରତୀ, ପତି କରି ମତି ମୋହୁଛି ।୩।
ଅନାଇଲେ ସତୀ, ଦହିଦେବ ଧୃତି, ମଦନେ କରତି ହେବ ନବରତି
ମୁସ୍ତକି ବଦତି, ଧନ୍ୟ ବସୁମତି, ଚରଣ ଯା ହୃଦେ ବୋହିଛି ।

- ୧୬୯ -

ବାମା ମମ ପ୍ରାଣ, ପ୍ରେମ ଭୂପି ଜାଣ, ମୁଁ ତା କିଣାଜନ, ଦାସ ଏ ପ୍ରମାଣ । ପଦ ।
ତା' ବିନେ ମୋ ଆନ, ନାହିଁ ତ୍ରିଭୂବନ,
ମୁଁ ଅରତ, ମୋ ସୁରତିଦାୟୀ ଜୀବଧନ ।୧।
ତା' ସୁଖେ ମୋ ସୁଖ, ତା' ବିରହେ ଦୁଃଖ,
ତା ବିଚ୍ଛେଦେ ଜୀବ ଯିବ ନିଶ୍ଚୟ ପ୍ରମାଣ ।୨।
ତା ସୁସ୍ୱର ବାଣୀ, ମୃତ୍ୟୁ ସଂଜୀବନୀ,
ପ୍ରାଏକ ମୋ କ୍ଲେଶ ନାଶ କରି ରଖେ ପ୍ରାଣ ।୩।

Digitized by srujanika@gmail.com

ମୁସ୍ତକିମ ଭାଷେ, କାମ ତାପ ନାଶେ,
ପୂରିଥାଏ ସଦା ହସେ ତା' ଇନ୍ଦୁ ବଦନ ।୪।

- ୧୭୦ -

ରାଧା ନିରାଧାରରେ, କାହ୍ନା ତୋ ନାଁ ଧାରରେ
ଭାଷି ପେଶିଛି ମୋତେ ତୋ କତି ସଖୀ । ପଦ ।
ଅତି ତୋ ବିରହରେ, ମତି ବ୍ୟାକୁଳ ହରେ
ହର ଭଗ୍ନାଂକୁରରେ, ବ୍ୟଥିତ ଆକୁଳରେ
ଭାଷି ପେଶିଛି ମୋତେ ତୋ କତି ସଖୀ ।୧।
ନାହିଁ ସ୍ନାନ ଭୋଜନ, ପାଦେ ଗତି ଯୋଜନ
ତୋ' ବିରହ ଅନଳେ ପକାଇ ମନପ୍ରାଣ
ଭାଷି ପେଶିଛି ମୋତେ ତୋ କତି ସଖୀ ।୨।
ଚାହିଁ ରାହାକୁ ଚାହିଁ, ରହିଥିବ କହ୍ନାଇ
ରଖ ନିରେଖ ମୁସ୍ତକିମକୁ ପ୍ରାଣ ସହୀ
ଭାଷି ପେଷିଛି ମୋତେ ତୋ କତି ସଖୀ ।୩।

- ୧୭୧ -

ହଟିଆ କପଟିଆ ଜଟିଆ କଳାକାହ୍ନା
ମୁଖ ଦେଖିବି ନାହିଁ ପରାଣ ସହି । ପଦ ।
ଛି ଛି ତା' ନାମ ମୋର, ଆଗରେ ନ ଉଚ୍ଚାର
କିଛି ଭାବ ଶୁଣାନାହିଁ ଶ୍ରୁତି ପଥର
ଅଛି ଯା ସ୍ନେହ ବାଛି ଯାଅ ତା ନିକଟର
ମୁଖ ଦେଖିବି ନାହିଁ ପରାଣ ସହୀ ।୧।
ଧିକ ଯେ ତା' ରସରେ, ମଜ୍ଜେ କୁସୁମଶରେ
ମହତକୁ ବିଶରେ ପଡ଼େ ଜନହସରେ
ଆଉ ତାର ହସରେ ନ କୁହ ମୋ ପାଶରେ
ମୁଖ ଦେଖିବି ନାହିଁ ପରାଣ ସହୀ ।୨।
ସେ ନୁହେ ମୋ ଭଳିଆ, ଗୁଂଜ ଗୁଂଜ ମାଳିଆ
କେକୀ ପୁଚ୍ଛଚୂଳିଆ, ମୃଗ ମଦ କାଳିଆ
ତା' ନାଶେ କମ୍ପେ ହିଆ, ଅଟଇ ଜଗାଦିଆ

Digitized by srujanika@gmail.com

ମୁସ୍ତକି କହେ ତାର, ନଗ୍ନ କଲେ ବାହାର
ଆନନ୍ଦେ ପଛେ ଯିବି, କଟାଳିଲେ ରାହାର
ଭକ୍ଷିବି ହରାହାର ଯା ଦୂତି ମୋ ଯୁହାର
ମୁଖ ଦେଖିବି ନାହିଁ ପରାଣ ସହି ।୩।

- ୧୭୨-

ଆଜି ଏ ଅଭାଗିନୀକି କି ଦୋଷୁ କଲେ ଅନ୍ତର ପରାଣ ସଖୀ
ଆଜି ଏ ଅଭାଗିନୀ କି । ପଦ ।
ସତ୍ୟ କରିଥିଲେ ସହି, ନିଶ୍ଚୟ ଆସିବେ କହି
ନଇଲେ ପ୍ରାଣ ମାଧୋଇ, କା ସ୍ନେହେ ଗଲେ ଅଟକି, ଅଭାଗିନୀ କି ।୧।
ତୁଳି ତଳପ ବିଛାଇ, କର୍ପୁର ରସ ସିଞ୍ଚାଇ
ସୁବାସ ସୁମନେ ପୁର ମଣ୍ଡନ ବୃଥା ହେଲାଟି, ଅଭାଗିନୀ କି ।୨।
ମାଣିକ୍ୟ ଦୀପ ଲଗାଇ, ଉଜାଗରେ ଥିଲି ରହି
କବି ମୁସ୍ତକିମ କହି, ବଂଧ ଶାସ୍ତ୍ର ଦେଖି ଦେଖି, ଅଭାଗିନୀ କି ।୩।

- ୧୭୩ -

ମୋ ପ୍ରତି ପରାଣେଶ୍ୱରୀ ନୁହଁ ଉଣା କରୁଣା ଗୋ, ଜୀବେଶ୍ୱରୀ । ପଦ ।
ତୁ ଅଙ୍ଗ ମୁଁ ତ ଛାଇ, ଅଟଇରେ ପ୍ରାଣ ସହୀ
ତୋ ବିନେ କହ କିହି, ବରତିବିଟି ମୁହିଁ
ସୁହୃଦୟା ସୁଦୟାହୀନ ହେଉ କିପାଇଁ
ମୁଁ ଅଟେ ତୋ ଭାବରେ କିଣା,
ଜୀବନେଶ୍ୱରୀ ମୋ ପ୍ରତି କର କରୁଣା ।
ତୋର ବିହୁନେ ରସା, ମଧ୍ୟେ ମୋର ଭରସା
ନାହିଁ କେ ରସାଳସା, ରାଜ କୁରଙ୍ଗୀ ଦୃଶା
ତୋ ଥାଉଁ ମୋ ଦୁର୍ଦ୍ଦଶା, ମୁଖେ ପଡ଼ିଲି ଯୋଷା
ରଖ କେଶରୀ ଅରୀ ଗମନା ଜୀବେଶ୍ୱରୀ, ମୋ ପ୍ରତି ...।୧।
ମୁସ୍ତକିମ କବି ଭାଷି, ଟେକି ଶ୍ରୀମୁଖ ଶଶି
ଅନାଇ ମଦାଳସୀ, ଦେଖ ବିପଦ ରାଶି
ରତିନାୟକ ରୋଷି, ଶାୟକ ବିନ୍ଧେ କଶି
ତୋର ଅଗ୍ରତେ ଦିଏ ଯାତନା, ଜୀବେଶ୍ୱରୀ, ମୋ ପ୍ରତି ...।୨।

Digitized by srujanika@gmail.com

- ୧୭୪ -

କିଏ ମା ଏ ଦୁଃଖ ସହିବ,
ଏହା ସହିବାକୁ ମୋତେ ଗଢ଼ିଲା କି ଦଇବ । ପଦ ।
ଏ ଯୁବା ବୟସେ ନାଥ, ରହିଲେ ଯାଇ ବିଦେଶ
ତୁଟି ଗଲା ସୁଖ ଶୀରି ସ୍ନେହ ହାବଭାବ ।୧।
ଏକା ହୋଇ ଶୀତ, ବଞ୍ଚିବା ନୁହେଁ ତ
ଖରାରେ ଚାନ୍ଦିନୀ ନିଶି କାଢ଼ି ନେଇ ଯିବ ।୨।
ବରଷା ସରସା ଦିନ - ହରା ବଡ଼ ଦୁଃଖ ଜାଣ
ମୁସ୍ତକିମ ଭାଷେ ଏଥୁ ଭଲ ଯିବା ଜୀବ ।୩।

- ୧୭୫ -

ରୁଷିଲାରେ, ରଷିମୋହିନୀ ସୁଶୀଳା
ନବ ପ୍ରସ୍ଫୁଟ ପଙ୍କଜ, ମୁଖ ମ୍ଳାନ ଦିଶିଲା
ଶରଦ ପୂର୍ଣ ଶଶିକି ରାହୁ କି ଗ୍ରାସିଲା (ପଢ଼ି)
ହସ କଟାକ୍ଷ ତାର, ନିକଟୁ ହେଲା ଦୂର,
ଭାସ ରସ ଗଭୀର, ତେଜ ଅବନୀ ପରି
ବସି କରଜେ ଗାର, ଘୋଷିଲା ବାରମ୍ବାର
ଚଞ୍ଚଳ ଅପାଙ୍ଗରୁ ନିର ବରଷିଲା ସେ ରଷି ମୋହିନୀ ସୁଶୀଳା ।୧।
ବଳେ କୋଳେ ଘେନୁ ତଳେ ଖସି ବାମା ବସିଲା
ଗଣ୍ଡେ ଚୁମ୍ବିଣ ଭାଷ, ହେମତନୁ ରସିଲା (ପଢ଼ି)
କଣ୍ଠକୁ ଭେଟ ନୋହିବା, ଦୋଷ ମୋର ଦିଶିଲା ।୨।
ତୋ ନିକଟେ ଥାଇ ସ୍ମର କୁନ୍ତେ ତନୁ ଭୁଷିଲା
ଆଜୁ ଏ ଦୋଷେ ଦୋଷୀ ନୋହିବ ପ୍ରେମଶୀଳା ।
କ୍ଷମବାରେ ଦାସ ଦୋଷ ମୁସ୍ତକିମ ଭାଷିଲା ।୩।

- ୧୭୬ -

କାନ୍ତ ଆସିବା ଥିଲା, ତୁଟି ଗଲା ଭରସା, ଆସି ହେଲା ବରଷା । ପଦ ।
ନଦ ନଦୀ ପୁଷ୍କରିଣୀମାନ, କୂପ ତଡ଼ାଗ ହୋଇଲେ ପୂର୍ଣ
କାଳ ଅନାଇ ଚାତକଗଣ, ଆନନ୍ଦରେ ବିହରିଲେ ପୂରିଲା ଆଶା ।୧।

Digitized by srujanika@gmail.com

ପୀକମୁଖକୁ ଅନାଇ ଭେକ, ଉଚ୍ଚରେ ଡାକିଲେ ମକମକ
ରଟନ୍ତି ତୋଷ ହୋଇ ଶାମୁକ, ଡାହୁକ ହୁଂକାର ସ୍ୱନେ ପୂରିଲା ରସା ।୨।
ଶଶି ନକ୍ଷତ୍ର ଲୁଚିବା ଚାହିଁ, ଭ୍ରମନ୍ତି ଖଦ୍ୟୋତେ ମୋଦ ହୋଇ
ଝିଂକାରୀ ଝଂକାରେ ତ୍ୱରା ହୋଇ, ପୁଚ୍ଛ ଟେକି କେହି ନୃତ୍ୟ କଲେ ସରସା ।୩।
ନଭେ ଛଟକେ ଗମେ ଚପଳା, ଘୋଟି ଘନ ଗର୍ଜି ମୁଞ୍ଚେ ଧରା
ମୁସ୍ତକି କହେ ବିରହୀମରା କାଳ ବୋଲି ନବ ବାଳା ଭଜିଲା ରସା
ଆସି ହେଲା ବରଷା ।୪।

- ୧୭୭ -

କଳା କୁଟିଳ କୁନ୍ତଳା କାହିଁକି, ପ୍ରିୟ ସଙ୍ଗେ ସଙ୍ଗ ହୋଇ ନାହିଁକି
ବିରକ୍ଷେ ଅନାଉ ମହିକି । ପଦ ।
ଉଚ୍ଚ ଉରଜେ ତୋର, ଚନ୍ଦ୍ରମା ଗାର ନାହିଁରେ ନୀରଜାକ୍ଷୀ
ବାଜି କରଜ କୁନ୍ତ, ଘାତ ନାହିଁତ, କହିବୁ ସତ ସଖି
ଓଷ୍ଠ ବିଧୁରୁ ମଧୁ କି ପିଇ ନାହିଁ, ଗଣ୍ଡେ ରଦନ ବାସ କି ଦେଇ ନାହିଁ
ପ୍ରେମ ଭୋଳରେ କୋଳେ ନେଇ ନାହିଁ
ଭାଳେ ସିନ୍ଦୁର ତୋ ମେଣ୍ଟି ନାହିଁଟି ।୧।
ଅଙ୍ଗେ ହୁକୁମ ଦିଶେ ସୁଷମ, ନ ଲିଭି କାହିଁ ସଖି
ଓଷ୍ଟେ ମକରୀ ଚିହ୍ନ, ଅଛି ସଂପୂର୍ଣ, ଶରଦ ବିଧୁମୁଖୀ
ଗଣ୍ଡୁ ଭ୍ରମରୀ ଲିଖନ ମେଣ୍ଟି ନାହିଁ, ବନଜ ବଦନୁ ବନ ବହି ସହି
ଅନଙ୍ଗ ରଙ୍ଗେ ଅଙ୍ଗେ ଭିଡ଼ି ନାହିଁ ଭାବି କହେ କବି ମୁସ୍ତକିମ ।୨।

-୧୭୮ -

ଏ ମହିରେ ମହିଳା ହୋଇ, ମୋ ସମେ କେହି ଦୁଃଖିନୀ ନାହିଁ । ପଦ ।
ମୁଁ ଅଭାଗୀ ନାରୀ ହୋଇ, ଜନମିଲି କାହିଁ ପାଇଁ
ପିସୁନ ମନ୍ଦଦଇବ କଲା ବିରହୀ, ମୋ ସମେ କେହି ଦୁଃଖିନୀ ନାହିଁ ।୧।
ଧିକ ଯାଉ ଏ ନିଷ୍ଠୁର, ପ୍ରାଣ ପିଣ୍ଡେ ରହିବାର
ଫଟା କରମରୁ ଭଲ ମରିବା ସହି ।୨।
ପୋଡୁ ପୋଡୁ ଯୁବା କାଳ, କି ପାଇଁ ନ ଗ୍ରାସେ କାଳ
ବଞ୍ଚିବାରୁ କଳବଳ ଆକୁଳେ ମୁହିଁ ।୩।

Digitized by srujanika@gmail.com

ମୁସ୍ତକିମ କବି ବାଣୀ, ଶୁଣି ଆନ ସଖି ଭଣି
ଦୁଃଖ ସହିଥିଲେ ପଛେ ସୁଖ ମିଳଇ ।୪।

-୧୭୯-

ଦୁଃଖୀ ପ୍ରତି ଦୟାକର କୈଳାସେଶ୍ୱର । ପଦ ।
ଶମ୍ଭୁଈଶ ପଶୁପତି ଶିବ ଶୁଳୀ, ସର୍ବ ଈଶାନ ଶଙ୍କର
ଭୂତଈଶ ଖଣ୍ଡ ପରଶୁ ଗିରୀଶ, ମୃଡ଼ ମୃତ୍ୟୁଞ୍ଜୟ ଈଶ୍ୱର ।୧।
କୃତ୍ତିବାସ କପର୍ଦ୍ଦୀନ ଶତକଣ୍ଠ, ଶ୍ରୀ କଣ୍ଠ ଚନ୍ଦ୍ରଶେଖର
ଭୋ ପିନାକେୟ ପ୍ରଥମାଧିପ ଉଗ୍ର, ବାମଦେବ ମହେଶ୍ୱର ।୨।
କପାଳଭୂତ ମହାଦେବ ଧୂର୍ଜଟି, ତ୍ରିଲୋଚନ ସ୍ମର ହର
ବିରୂପାକ୍ଷ ତ୍ରିଅମ୍ବକ ତ୍ରିପୁରାନ୍ତକ, ନୀଳ ଲୋହିତ ଈଶର ।୩।
କୃଷାନୁରେତ ଅନ୍ଧ କରି ପୁଂଭବ, ବ୍ୟୋମକେଶ ଗଙ୍ଗାଧର
କ୍ରତୁଧ୍ୱଂଶି ବୃଷଧ୍ୱଜ ଭୀମ ସ୍ଥାଣୁ, ରୁଦ୍ର ଉମାଧବ ହର ।
ପଞ୍ଚମୁଖ ନାଗଧର ପଦ୍ମରାକ୍ଷ, ଦେବ ଦେବ ନାମ ସାର
ମୁସ୍ତକିମ ଭାଷି, ଏ ନାମ ଯେ ଘୋଷି, ସର୍ବ କଷ୍ଟୁ ହୁଏ ପାର ।

-୧୮୦-

କେସେ କୁଞ୍ଜବନେ ଭ୍ରମେ ତୋଷମନେ, ନବଜଳଦ ବରନ ଅଙ୍ଗଟି ମାଁ । ପଦ ।
କେକୀ ପୁଚ୍ଛ ଗୁଚ୍ଛ ଚୁଳେ ମନୋହର, ଦେଖି ଆଖି ଲାଖି ହେଲା ବନ୍ଦୀ ମୋର
ବାଙ୍କ ବାଙ୍କ ଚାଲି ଚାରୁ ନେତ୍ର ଠାର, ହୃଦବନ ଦହନ ତା ଠାଣିଟି ମାଁ ।୧।
ଗିରିଜା ବାହନ ପ୍ରାୟ ଶୋଭା କଟୀ, ପିତାମ୍ବର ଢଡ଼ି ଧଡ଼ି ଦିଶେ ଫୁଟି
ହୃଦେ ଗୁଞ୍ଜ ସୁମନ ହାର ଚହଟି, ପୁଷ୍ପ ମଧ୍ୟେକ ଦୀତି ଅନଙ୍ଗଟି ମାଁ ।୨।
କରେ ଧରିଅଛି ଖଣ୍ଡେ ବାଂଶ ଖଣ୍ଡ, ଧିରେ ଧିରେ ଚାଳେ କରାଙ୍ଗୁଳି ଦଣ୍ଡ
ଶୂର ଶ୍ରବଣେ ପଶି ବିଦାରେ ପିଣ୍ଡ, ମୁସ୍ତକି କହେ ସେ କାଳାଚାନ୍ଦଟି ମାଁ ।୩।

- ୧୮୧ -

ଆଜି ନିରବେ ହେଲି ତାଟକା ଗୋ ଆଜି ନିରବେ ହେଲି ତାଟକା ।
ଶାଶୁ ନଣନ୍ଦ ଶୟନ କଲେ ପଥେ, ଭିତରେ ଶୋଇଲି ଏକା

Digitized by srujanika@gmail.com

କେଜାଣି କେମନ୍ତେ, ପଶି ମୋ ପୁରତେ, ପ୍ରବେଶ ମୁରଲୀ ଫୁଙ୍କା ଗୋ ।୧।
କୁଚେ ଦେଇ କର, ଚୁମ୍ବିଲେ ଅଧର, ତେଜି ଦେଇ ଦୀପ ଶିଖା
ଚମକି ଚାହିଁଲି ଉଭା ହେଲି ବୋଲି ଭିଡ଼ିଲା ସଜୋର ଠିକା
ମୁସ୍ତକିମ ଭାଷ, ପତି ପରବେଶ, ରତିରେ ଥିଲୁ ନିଶଙ୍କ
ଧରି ଭୂତ ରୂପ, ତନୁ କଲା ଗୋପ୍ୟ, ପତି ଭୀତେ କଲେ ଶଙ୍କା ଗୋ ।୨।

- ୧୮୧ -

ବନ୍ଦଇ ଶାରଦା ଦେବୀ ବିଷ୍ଣୁ ପାଟରାଣୀ
ବନ୍ଦଇ ଶାରଦା ମାଗୋ ଭୟ ବିନାଶିନୀ ।୧।
ବନ୍ଦଇ ଶାରଦା ମାତ ବୀଣା ବାଦ୍ୟେ ଲଏ
ତୋତେ ସେବା କଲେ ମୂର୍ଖ ପଣ୍ଡିତ ବୋଲାଏ ।୨।
ତୋହର ପ୍ରସନ୍ନେ ମୂଢ଼ମତି ହୁଏ ଜ୍ଞାନୀ
ତୋର ଦୟାବଳେ ଜନେ ଧନେ ମାନେ ମାନୀ ।
ନ ଜାଣେ ମୁଁ ଭକ୍ତି ପୂଜା ସେବା ଆରାଧନା
କେବଳ ତୋ ନାମ ମାତ୍ର କରୁଛି ଭାବନା ।୩।
ଆଜନ୍ମ ଅନ୍ଧ ବଧୀର ଜନରେ ତୋ ଦୟା
ମହା ବିଦ୍ୟାବନ୍ତରେ ସେ ଗଣା ହୋଇ ଠିଆ ।୪।
ବିଷ୍ଣୁ ପାଟରାଣୀ ମା ଗୋ ଏତିକି କାମନା
ତୋ ପୟରେ ଅହର୍ନିଶ ମୁସ୍ତକି ଭାବନା ।୫।

-୧୮୩-

ଗଣନାଥ ହେ, ଘେନ ଦୁଃଖୀ ଜଣାଣ । ପଦ ।
ଆହେ ଲମ୍ବୋଦର, ଦୟାର ଭଣ୍ଡାର
ଅବିଦ୍ୟା ଚିନ୍ତିଲେ କର ବିଜ୍ଞାନ, ଗଣନାଥ ହେ ।୧।
ହୋମ ଯଜ୍ଞାଦି ମଙ୍ଗଳର, ଆଗ ପୂଜା ହୋଏ ତୁମ୍ଭର
ତୁମ୍ଭ ଭକ୍ତଜନ, ପଣ୍ଡିତେ ଭାଜନ
ଯମ ଯାତନାରେ ନ ପଡ଼େ ପୁଣ, ଗଣନାଥ ହେ ।୨।
ମାତା ଯାର ଦେବୀ ଗିରୀଜା,
ପିତା ତବ କୈଳାସ ରାଜା ହେ କୈଳାସ ରାଜା

Digitized by srujanika@gmail.com

ପୁଣ ଯେ ଅମୃତ ଲଡୁ କରେ ଭୋଗ
ମୂଷିକରେ ବସି କର ଭ୍ରମଣ, ଗଣନାଥ ହେ ।୩।
ମୁସ୍ତକିମ ଭାବନା ଭାବ, ଭାବଗ୍ରାହୀ ପୂର୍ଣ୍ଣ କରିବ ହେ ପୂର୍ଣ୍ଣ କରିବ
ଆହେ ଲମ୍ବୋଦର, ଦୟାର ଭଣ୍ଡାର
ଅବିଦ୍ୟା ଚିନ୍ତିଲେ କର ବିଜ୍ଞାନ, ଗଣନାଥ ହେ ।୪।

-୧୮୪-

ରମଣୀମଣି ରାମା, ରାମା କି ମନୋହର ସେ
ଦେଖି ତପ ତେଜି ଦେବେଟି ହର । ପଦ ।
ମଥାପରେ ମଥାମଣି ଶୋଭଇ, ସୁନା ପ୍ରଜାପତି ଖୋଷାରେ ଶୋହି
ଶିରେ ସୀମନ୍ତିନୀ, ଝଟକଇ ଠାଣି, କଳାମେଘେ ଚପଳା ପରକାର ସେ ।୧।
ହରିତାଳି କାଳି ଚିତାଉ, ତଦୋପରି ଶାଢ଼ୀ ଜଡ଼ାଉ
ମାଣିକ୍ୟ ଟିକିଲି ଚିତ୍ତକୁ ହରେ
ନବରତ୍ନ ହାର ଗଳା ଦେଶେ ଶୋହେ
ହୃଦେ ଚାପସରୀ, କେବଣ ସୁନାରୀ, ଗଢ଼ିଥିଲା ଧନ୍ୟ ସେ କାରିଗର, ସେ ।୨।
ନାଶାରେ ଗୁଣା ନଥ ଦଣ୍ଡି ଜାଣ, ମୋତି ମାଣିକ୍ୟରେ କି ମନୋରମ
କେଳି ଭାବ କାଳେ, ଝୁଲିବଟି ଗେଲେ, ଶିଙ୍କୁଳି ଖଞ୍ଜିଛି ବଣିକବର ସେ ।୩।
କଟୀରେ କିଙ୍କିଣି ବାହେ ମଣ୍ଡିତା, ବନ୍ଧୁରିଆ ଚୂଡ଼ି ତାଡ଼ ବାହାସୁତା
ମୁସ୍ତକିମ ଭାଷେ, ନୂପୂର ଝୁଣ୍ଟିଆ, କଳା ପାଦଦେଶ ଦିଶେ ସୁନ୍ଦର ସେ ।

- ୧୮୫ -

ତାରକା ଭୂଷିତା ନିଶା ଉପଗତ ହେଲାଣି ଗୋ
ପକ୍ଷିକୂଳ କୋଳାହଳ, ତେଜି ନିଦ୍ରା ଗଲେଣି ଗୋ । ପଦ ।
ଗଗନ ମଣ୍ଡଳେ ଶଶି, ଉଦୟ ହେଲେଣି ଆସି
ଆନନ୍ଦରେ ଖଦ୍ୟୋତେ ଯେ, ତେଜ ବିକାଶିଲେଣି ଗୋ ।୧।
ପେଚକାଦି ନିଶାଚର, କୁଳ ହେଲେଟି ବାହାର
ପ୍ରହରୀ ଶୃଗାଳ ଗୋଳ, ରାବ ପ୍ରକାଶିଲେଣି ଗୋ ।୨।
ମୁସ୍ତକିମ ଭାଷେ ହର ଶୁଭିଲେ ଦେବ ମନ୍ଦିର
ଲମ୍ପଟି ଆଦି ତସ୍କର, ଆନନ୍ଦିତ ହେଲେଣି ଗୋ ।୩।

Digitized by srujanika@gmail.com

- ୧୮୬ -

ଧନ୍ୟ ଧନ୍ୟରେ ବିହି, କେଡ଼େ ଯତ୍ନେ ଖଞ୍ଜି ଦେଇଛି ଦେହୀ । ପଦ ।
ପାଣି ବୁନ୍ଦାକରୁ ହାଡ଼ ମାଂସ ଚର୍ମ ରକ୍ତ ମେଦାଦି ହୋଇ
ମୁଣ୍ଡ ମୁଖ ନାଶା, କର୍ଣ୍ଣ ନେତ୍ର ଯୋଶା, ପୁରୁଷ ଆବର କ୍ଲୀବ ଜନ୍ମଇ ।୧।
ବାହୁ ଅଙ୍ଗୁଳି ଚରଣ, ମନବୁଦ୍ଧି ପ୍ରକୃତି ନିର୍ମାଣ
କଳାଗୋରା ନାନା ରଙ୍ଗରେ ଘଟଣା, ଆଠ ସାତ୍ୱିକ ଯେ ଅଛିପୂରାଇ ।୨।
ମୁସ୍ତକି ରଚିତ, ବିଦ୍ୟାବୁଦ୍ଧି ମୁର୍ଖ, ସର୍ବଜ୍ଞ ଅଛି ଭିଆଇ ।୩।
କାହିଁ ବସି ଗଢ଼େ, ଦେଖା ଯେ ନ ପଡ଼େ
ଦୁଃଖ ସୁଖ ହୃଦେ ଦିଏ ପୂରାଇ ।୪।

-୧୮୭-

ଯାକୁ ଯେହୁ ଭାଜନ, ତା' ବିନେ ନ ଦିଶେ ସୁନ୍ଦର ଆନ ।
ତାରା ସଂଗେ କାହିଁ, ଜୁଳୁଜୁଳା ପୋକ ହୋଇବଟି ସମାନ । ପଦ ।
ସିଂହ ଶଶକର, ତୁଳେ କି ସୁନ୍ଦର, ଶାଗଖିଆ ମୁଖେ ଶୋଭା କି ପାନ ।
ଯୁବାକୁ ଯୁବତୀ, ହରେ ସିନା ପତି, ବୃଦ୍ଧା ଗର୍ବଟି କି ଦିଶେ ଶୋଭନ ।୧।
ବନ୍ଧ୍ୟାନାରୀ କୋଳେ, ପୋଷା ପୁଅ ହେଲେ, ପାଏ କି ସୁନ୍ଦର ହୃଦରେ ଘେନ ।୨।
ଚନ୍ଦ୍ର କିରଣରେ, ଚନ୍ଦ୍ର ଉଦିଆଁରେ, ଆଲୁଅ ସୁନ୍ଦର ଦିଶେ କି ଜାଣ ।୩।
ମୁସ୍ତକିମ ଭାଷ, କୋଟି ହୁଳା ଦୀପ, ସୂର୍ଯ୍ୟ ସଙ୍ଗେ ଶୋଭା ପାଏ କି ପୁଣ ।୪।

- ୧୮୮ -

କରମେ ଯାହା ପ୍ରାଣୀ ଭୁଞ୍ଜଇ ତାହା ଗୋ । ପଦ ।
ଦେଖ ଯେ ଗରୁଡ଼, ପକ୍ଷୀ ମଧ୍ୟେ ବଡ଼
ମହାଯୋଗାରୂଢ଼ ବିଷ୍ଣୁ ଯା' ଶାହା
ହରିଙ୍କ ଆସନ, ଅମୃତ ଅସନ, ନ କରି ହେଲା ବେଙ୍ଗ ସାବାଖିଆ ।୧।
ଦେବୀ ମାହେଶ୍ୱରୀ, ଅଟନ୍ତି ଗଉରୀ
ସିଂହ ପ୍ରତି ତାଙ୍କ ବିଶେଷ ଦୟା
ଯେ ସିଂହେ ବସିଣ, ତ୍ରିପୁର ଭ୍ରମଣ, ସେ ସିଂହ ଆହାର ଗାବର ଛୁଆ ।୨।
ଦେବଙ୍କର ଦେବ, ଯେଟି ମହାଦେବ
ମହା ବରଦାତା ଦୟାଳୁ ହିଆ

Digitized by srujanika@gmail.com

ତାଙ୍କୁ ଷଣ୍ଢ ବୋହି, ତୃଣ ଯେ ଭକ୍ଷଇ, କରମ ଦୁର୍ବଳୁ ଘଟଇ ଏହା ।୩।
ଜଗତ କରତା, ଅଟନ୍ତି ବିଧାତା
ତାଙ୍କୁ ହଂସ ବହେ ପାତିଣ ହିଆ
ମୁସ୍ତକିମ ଉକ୍ତି, ଅମୃତ ନ ଭକ୍ଷି, କର୍ମଯୋଗୁଁ ଗେଣ୍ଡା ଚୀଗଲଖିଆ ଗୋ ।୪।

-୧୮୯-

ଏ ନାଗରବର, ଅଟେ କାହା କୁମର
ନୋହିଲେ, ନ ଥିଲେ, ନ ଥିବେ ନାହାନ୍ତି ନୋହିବେ
ନେତ୍ରେ ଦେଖା ଚଉଦ ଭୁବନର । ପଦ ।
କରିକରଜିତ ସୁନ୍ଦର କର, ନବରତ୍ନ ମୁଦି କି ମନୋହର
ଶରଦ ରକାର, ନିଷ୍କଳଙ୍କାକାର, ଶଶି ଦରପଣ୍ଣ ମୁଖ ସୁନ୍ଦର ।୧।
ହୃଦେ ହାରମାନ କି ମନୋରମ ଗୋ କି ମନୋରମ
ଚନ୍ଦ୍ର କୋଳେ ଯଥା ନକ୍ଷତ୍ର ଗଣ
ତେମନ୍ତ ଶୋଭନ ଦିଶଇଟି ପୁଣ, ହୀରକ ଦଶନ ଝଳି ବିଦ୍ୟୁର ।୨।
କବି ମୁସ୍ତକିମ ଭାଷଇ ରସେ ଗୋ ଭାଷଇ ରସେ ଗୋ ...
ଯେ ମଣାଇଥିବ ଶିବ ମହେଷେ
ଲଭିବ ସେ ବାଳା, ହୃଦେ ଭୁଜମାଳା, ଛନ୍ଦି କାମ ତାପୁ ହୋଇବ ପାର ଏ ...।୩।

- ୧୯୦ -

ଜୟ ଗୋ ମାତ ଜୟ ଜୟ ସିଂହ ବାହିନୀ ଗୋ
ତ୍ରିପୁର ଚଉଦ ଭୁବନ ରକ୍ଷଣୀ
ଆର୍ତ୍ତୀ ଆର୍ତ୍ତହନ୍ତା ତୁ ନାରାୟଣୀ ଗୋ ସିଂହବାହିନୀ ।୧।
ସତ୍ୟଯୁଗେ ଦେବୀ, ତୋର ପାଦେ ସେବି
ଦେବେ ଜଣାଇଲେ ହୋଇ ଦଇନି ମାଁ ହୋଇ ଦଇନି
ସେ କଷ୍ଟ ନ ସହି, କାଳୀ ରୂପେ ତୁହି ମୈଷା ନାଶ କଲୁ ଆୟୁଧ ଘେନି
ଅଭୟଦାନୀ, ଭୟନାଶିନୀ
ସେଦିନୁ ତୋ ନାମ ମୈଷା ମର୍ଦ୍ଦିନୀ ଗୋ ସିଂହବାହିନୀ ।୨।
ତ୍ରେତୟା ଯୁଗେଣ, ଲଙ୍କେଶ୍ୱରୀ ନାମ, ଲଙ୍କାପୁରେ ଥିଲୁ ଗୋ କାତ୍ୟାୟନୀ ମାଁ
ଗୋ କାତ୍ୟାୟିନୀ

Digitized by srujanika@gmail.com

ମୁସ୍ତକି ବଦନ୍ତି, ରାମଙ୍କ ବିପତ୍ତି, କାଳେ ତୋତେ ଚିହ୍ନିଲେ ରଘୁମଣି
ସେ ଆର୍ତ୍ତ ଶୁଣି, ହେଲୁ କାରେଣୀ
ରାମ ଶରେ ମରାଇଲୁ ରାବେଣୀ ଗୋ ମାଁ ସିଂହବାହିନୀ ।୩।

-୧୯୧ -

ବାମା ସମାନେ ଆନ କେ ନୋହିଥିଲେ, ନୋହିବେ ଗୋ । ପଦ ।
ଇନ୍ଦ୍ରଧନୁ ଖଣ୍ଡ ଜିଣି, ଦିଶଇ ଭ୍ରୂଲତା ଠାଣି
ଚତୁର୍ଥୀ ଚନ୍ଦ୍ର ଲଲାଟେ ସମ ନୋହି ହାରିବ ଗୋ ।୧।
ଭଷ୍ମହୀନ ପକ୍ୱ ବିମ୍ବ, ଓଷ୍ଠକୁ ତୁଳ ନୋହିବ
କୋରକଜିତ ଦଶନ, ହାସ ଚିତ୍ତ ମୋହିବ ଗୋ ।୨।
ନାଶା ଶୁକ ତିଳ ଫୁଲ, ଏ ଛାରେ ହେବେ କି ତୁଳ
ବାଣୀ ବୀଣା କୋକିଳ ବେହେଲା ହିଁ ହାରିବ ଗୋ ।୩।
ଚମ୍ପା ସୁନାରୀ କେତକୀ, ଅସମ ହେବେ କାନ୍ତିକି
ମୁସ୍ତକିମ କହେ ତାକୁ ଗଢ଼ିଛି କେଉଁ ଦଇବ ଗୋ ।୪।

- ୧୯୨-

ଏ ରମଣୀ ମଣି ରାମା, ରାମା ହୋଇଛି ବେଶ ।
ସର୍ଗ ଅପସରୀ, ତୁଳେ ନୋହେ ସରି, ରୂପ ଦେଖି ଭୁଲି ଯିବେ ମହେଶ । ପଦ ।
ମଥାପରେ ମଥାମଣି ଶୋଭଇ, ହେମ ପ୍ରଜାପତି ଖୋଷାରେ ଶୋହି
ଶିରରେ ସୀମନ୍ତୀ, ପାଟଡ଼ୋରେ ଗୁନ୍ଥି, ତା' ଝଟକ ନିନ୍ଦୁଅଛି ବିଦ୍ୟୁତ ।୨।
କର୍ଣ୍ଣରେ କାବ ଗଣ୍ଡିଆ ଝଲକା, ରଣ ଣଣ ରଣେ ପାଡ଼ିବ ଡକା
ନାଶେ ଗୁନା ଦଣ୍ଡି, ନଥ ଅଛି ମଣ୍ଡି, ଝାଲର ଟିକିଲି ଲଲାଟ ଦେଶ ।୩।
ଗଳେ ନବରତ୍ନ ହାର ଶୋଭନ,ନିଷ୍କଳଙ୍କ ଚନ୍ଦ୍ର ଜିଣି ବଦନ
ଉରଜ କୋରକ, ଫଳ ପ୍ରାୟ ଉଜ, ମନନେତ୍ର ବନ୍ଧି ରଖିବା ବାସ ।୪।
ବାଳ ମୁସ୍ତକିମ ଭାଷଇ ଦେଖି, କ୍ଷଣେ ପିଛାଡି କେ ପାରିବ ଆଖି
ଯତିମତି ହେଲେ, ବାଳାକୁ ଚାହିଁଲେ, କାମ କରତିବ ତା' ହୃଦେ ଦେଶ ।୫।

-୧୯୩-

ଜୟ ଜଗତ ଜନନୀ ଜଗଦମ୍ବେ
ତ୍ରିପୁରେଶ୍ୱରୀ ମାତ ତ୍ରିପୁରେଶ୍ୱରୀ,

Digitized by srujanika@gmail.com

ଜୟ ଜଗତ ଜନନୀ ଜଗଦମ୍ବେ । ପଦ ।
ଦଶ ଭୁଜେ କାତି ଖଡ୍‌ଗ, ଖଣ୍ଡା, ଶୂଳ, କଟାରି
ତ୍ରିଶୂଳ କୋଦଣ୍ଡ କାଣ୍ଡ, ଲାଙ୍ଗିଆ ଧାରି, ଜୟ ଜଗତ ଜନନୀ ଜଗଦମ୍ବେ ।୧।
ଯେ ଯାହା ବାଞ୍ଛଇ ତାହା କରୁ ତୁ ପୂରଣ ମହାମାଈ
ବରଦାୟୀ ଆର୍ତ୍ତୀ ଉଦ୍ଧାରି, ଜୟ ଜଗତ ଜନନୀ ଜଗଦମ୍ବେ ।୨।
ମୁସ୍ତକିମ ଭାଷ ନିରାଶ ନ କରୁ ତୁ କାହାକୁ,
ସଙ୍କଟୁ ମୋଚନ କର, ସଂଙ୍କଟହାରୀ
ଜୟ ଜଗତ ଜନନୀ ଜଗଦମ୍ବେ ।୩।

-୧୯୪-

ବାଜମାରି ଘେନିଗଲା, ଆଶା ଭଙ୍ଗାଇ ଦେଲା । ପଦ ।
କାଣ୍ଡିଆ ଅଠାକାଠି, ଖେଳି ବୃଥା ଲଗିଛି
ଲାଗିବା ଭାବନାଟି ଥିଲା ।
କେତେ ଦୂର ଶିକାରୀ, ଆସି ଯତନ କରି
ଶିକାରୁ ନିରାଶ ହୋଇଲା ।୧।
ମୁସ୍ତକିମ କବି ଭାଷ, ପୂର୍ଣ ନୋହି ମାନସ
ନିରାଶ ସମୁଦ୍ରେ ବୁଡ଼ିଲା ।୨।

-୧୯୫-

ବନ୍ଦଇ ଶାରଳା ମାଗୋ ଝଙ୍କଡ ବାସିନୀ
ବନ୍ଦଇ ହିଙ୍ଗୁଳା ମାତ କଳୁଷ ନାଶିନୀ ।୧।
ବନ୍ଦଇ ଶାକମ୍ଭରୀ ଗୋ ଅଭୟା ବରଦାୟୀ
ବନ୍ଦଇ ପାର୍ବତୀ ଗୌରୀ କାଳୀ ହିଙ୍ଗୁଳାଇ ।୨।
ତୋ କରୁଣା ହେଲେ ମୁର୍ଖ ପଣ୍ଡିତ ହୁଅଇ
ତୋ କୃପା ହୋଇଲେ ଦୁଃଖୀ ସଙ୍କଟୁ ତରଇ ।୩।
ମଙ୍ଗଳା ହୈମବତୀ ଗୋ ରୁଦ୍ରାଣୀ ଚଣ୍ଡିଶ୍ୱରୀ
ବନ୍ଦଇ ଗଣନାଥଙ୍କୁ କର ଯୋଡ଼ି କରି ।୪।
ସକଳ ଦେବଙ୍କ ମଧ୍ୟେ ଆଗ ପାଅ ପୂଜା
ସଦାଶିବ ତାତ ଯାର ଜନନୀ ଗିରିଜା ।୫।

Digitized by srujanika@gmail.com

ପାଶାଂକୁଶ ପଙ୍କଜ ଅମୃତ ଲଡ୍ଡୁ କରେ
ଭ୍ରମଣ କର ଭୋ ନାଥ ମୂଷିକ ବାହନରେ ।୬।
କବି ମୁସ୍ତକିମ କହେ ଯୋଡ଼ହସ୍ତ ହୋଇ
ଦୟା କରିଥିବ ମାଗୋ କରୁଛି ବିନୟୀ ।୭।

- ୧୯୬ -

ଲକ୍ଷ୍ମୀ ପଦ୍ମାଳୟା ପଦ୍ମା କମଳା ଶ୍ରୀହରିପ୍ରିୟା
ଇନ୍ଦିରା ଲୋକମାତା ମା କ୍ଷିରାବ୍ଧି ତନୟା ।୧।
ଭାର୍ଗବୀ ଲୋକଜନନୀ କ୍ଷିରସାଗର କନ୍ୟକା
ମମ ଭକ୍ତି ଶୁଣ ଦେବୀ ଶ୍ରୀପଦେ ଶରଣଂ ସଦା ।୨।
ଲକ୍ଷ୍ମୀ ପଦ୍ମାଳୟା ଗୋ ଶ୍ରୀହରିପ୍ରିୟା କ୍ଷିରସାଗର ବାସିନୀ
ସିନ୍ଧୁଜେମା ରମା ଗୋ ଲୋକମାତା ମା କଷ୍ଟୀକଷ୍ଟ ବିଧ୍ୱଂସିନୀ
କମଳା ଗୋ ଭାର୍ଗବୀ ଲୋକ ଜନନୀ ।୩।
ତୋର ଭକ୍ତଜନ, ସୁଖେ କାଟେ ଦିନ, ଯେ ଜନ ହୋଏ ତୋ ଦ୍ରୋହୀ
ଗୋ ମାତ ଇନ୍ଦିରା ତା ଦୁଃଖର ଭାରା ମୁଖରେ ନୁହଇ କହି
ହୀନ ମୁହିଁ, ସ୍ତୁତି ଭକ୍ତି ନ ଜାଣଇ, ଶ୍ରୀପଦେ ଶରଣଂ ସଦା ।

- ୧୯୭ -

ଶ୍ରୀଦୀନ ବାନ୍ଧବ ହରିପଦ ମନ ଭଜ ଅବିରତେ ଚିତ୍ତେରେ
ଚମ ଚକ୍ର ଖଣ୍ଡ ବାରକ, କମଳାନନ୍ଦ ବର୍ଦ୍ଧକ ଅନନ୍ତ ହେ ଦିବାନିଶି
ଅନନ୍ତ ଅଙ୍କ ବିହାରୀ ଯା ଘୋଷିରେ ।୧।
ପ୍ରତାପେ ଯା' କର, ନିଶାଚରଙ୍କର, ଉଲ୍ଲାସ ନାଶ କରଇରେ
ଅଗ୍ରେ ବୈନତେୟ, ବିରାଜି ଅଛନ୍ତି, ସୁମନ ବନ୍ଦନ ଦାୟୀରେ ।୧।
ସିଂହ ଭାବେ, କାଳେ କ୍ରୀଡ଼ାକର ତା' ଅଟଇରେ ।
ଭବେ ତରଣି ଖ୍ୟାତ, ରୋହିତ ମୂର୍ତ୍ତି ଶ୍ରୁତି ରଞ୍ଜନ କାରକରେ ।୨।
ବିକାଶ ଅଖଣ୍ଡ ମଣ୍ଡଳେ ଦଶନ ଗୁଣି ସଦା ଦୀପ ଚନ୍ଦ୍ର... ।
ମୁସ୍ତକିମ ଭାଷେ ଇନ ପଦାମ୍ବୁଜ ଚାଖରେ ।୩।

Digitized by srujanika@gmail.com

- ୧୯୮ -

ଆଉ କେ ଅଛି ତୋର ସଙ୍ଗେ ଯିବା ପାଇଁ
ଆସିଛୁ ଏକା ଜୀବ, ଯିବୁ ତୁ ଏକା ହୋଇ ।
ଏ ନାରୀ ସୁତସୁତା, ଠାରେ କି କରୁ ମତା
ହୋଇବେ ସେ ଶତ୍ରୁ ତୋର ସମ୍ପତ୍ତି କି ଖାଇ ।୧।
ଆତ୍ମୀୟ ବନ୍ଧୁ ସ୍ୱଜନ, ଘେନିଣ ଯିବେ ଶ୍ମଶାନ
ସେଠାରୁ ନାହିଁ ଆଉ ଆଗେ ସଙ୍ଗେ କେହି ।୨।
ଏ ତନୁ ସୁଖ ପାଇଁ ମରୁଛୁ ଘାଣ୍ଟି ହୋଇ
ଲୁଚିବ ଭୂମେ ତୋତେ ଦେଖା ଦେବ ନାହିଁ ।୩।
କରି ଥିବାର ଫଳ, ମନ୍ଦ ଅଥବା ଭଲ
ଏତିକି ଯିବ କବି ମୁସ୍ତକିମ କହି ।୪।

- ୧୯୯ -

ପ୍ରୀତି ଲାଗି ଏତେ ସରି ହେ, ହେଲି ହୃଦପଦ୍ମେ ନ ବିଚାରି । ପଦ ।
ନୂଆ ନୂଆ ବେଳେ, ଖଣ୍ଡ ସୁଧା ତୁଳେ, ତୁଳି ସମ ନ ବିଚାରି
ତହୁଁ ବଳି ସ୍ୱାଦୁ କିଣେ ଶତଗୁଣେ, ଇନ୍ଦ୍ରପଦ ତୁଚ୍ଛ କରି ।୧।
କିଛିଦିନ ପରେ ଛାତି ଭେଦ ହରେ, ଧନ ମନ ପ୍ରାଣ ହରି
ମେଣ୍ଟି ଯାଏ ଭୀତ, ହୁଏ ଗର୍ବ ଜାତ, ନାହିଁ ରସିକ ମୋ ପରି ।୨।
କ୍ରମେ କ୍ରମେ ବଢ଼େ, ଏକାବେଳେ ଛିଡ଼େ,ବାତେ ତରୁ ଭଗ୍ନ ପରି
ଛି ଛି ଅପଖ୍ୟାତ ଜାତ, ମହିରେ ହୁଏତ କବି ମୁସ୍ତକିମ ବିଚାରି ।୩।

- ୨୦୦ -

ଦୟାନିଧି ଦୟା ଚିତ୍ତେ ଏ ଦୀନକୁ ଉଦ୍ଧରି ଧର
ଭାଷିବି ମୁଁ ଆନନ୍ଦ ଶ୍ରୋତେ ଭାବଗ୍ରାହୀ ନାମ ତୁମ୍ଭର ।୧।
ଶୁଣିଛି ଅରୁଣ ସୁତରେ ପୂର୍ବେ ହରି ଅରିକୁ ଥରେ
ବରୁଣବାହନ ମୁଖ ଉଦ୍ଧାରଣ କଲ ପରା ଥାଇ ବୈକୁଣ୍ଠ ପୁର ।୨।
ଜଗତ ଜୀବନ ବାହନ, ନନ୍ଦନ ସହିତେ ଆପଣ
ପାଇଲା ମୁକତି, ଖଣ୍ଡିଲ ବିପତ୍ତି
ଥାଇ ପରା ପ୍ରଭୁ ପଶା ଖେଳର ।୩।

Digitized by srujanika@gmail.com

ଲଜ୍ଜାମୁକ୍ତ ଯଜ୍ଞ ଦୁହିତା ଗୋମଂଷ୍ଟୁ ତରିଛି ବନିତା
ମାରି ହୃଦେ ଲାତ ଦିଗମୁଖ ସୁତ
ତରି ବସିଲା ଆମର ମେଳରେ
ପୁତ୍ର ନାମ ଥିବାରୁ ହରି, ଅଜାମିଳ ଅଘରୁ ତରି
ମୁସ୍ତକି ରଚିତ ଅନ୍ଧପ୍ରାପ୍ତ ନେତ୍ର
ବାଳକାଳ ବଢ଼େ ଧୂଳି ଖେଳର ।୪।

- ୨୦୧ -

ବ୍ରଜେ ଖେଳନ୍ତି ଯେ ଫଗୁ ନନ୍ଦର ନନ୍ଦନ
ସୁବଳ ସୁଦାମ ଆଦି ଘେନି ସଖାଗଣ ।୧।
ବ୍ରଜବାଳ ମିଳି ତହିଁ, ନାନା ବାଦ୍ୟମାନ ବାଇ
ହରି ହରି ଧ୍ୱନି ଉଚ୍ଚେ କରି ଉଚ୍ଚାରଣ ।୨।
ମୃଦଙ୍ଗ ମର୍ଦ୍ଦଳ, ବୀଣା ମଞ୍ଜିରାଦି ତାଳ
ଖଞ୍ଜଣି ଡୁବି ତବଲ ନାଦ ମନୋରମ ।୩।
କରତାଳି ଦେଇ କେତେ, ନାଚନ୍ତି ହରଷ ଚିତ୍ତେ
ହସି ରଙ୍ଗ ମାଖି ହୋନ୍ତି ଆମୋଦେ ମଗନ ।୪।
କବି ମୁସ୍ତକିମ ଭାଷ, ସେ ଧୂଳି ଉଡ଼ି ଆକାଶ
ରବି ଛବି ମ୍ଳାନ କଲା ଢାଙ୍କି ଦେଲା ଶୂନ୍ୟ ।୫।

- ୨୦୨ -

ଦେଖ ଦେଖଲୋ ସଖି କହ୍ନାଇ ନାଚୁଛେ
କହ୍ନାଇ ନାଚୁଛେ ସଙ୍ଗିନୀ ବାଂଶି ବାଜୁଛେ ।୧।
ଧ୍ରିମିତା ଧ୍ରିମିତା ମୃଦଙ୍ଗ ବାଦନ
ଦଳ ଦଳ ନାଦ ମର୍ଦ୍ଦଳ ଶ୍ୱନ
ଖେମଟା ରଙ୍ଗରେ ଗାନ ସୁଶୋଭନ, ସୁସ୍ୱର ଶୁଭୁଛେ ।୨।
ଥକାଇ ଥକାଇ ପକାଇ ଚରନ ଛୁମୁ ଛୁମୁ ଛୁମୁ ନୁପୂର ତାନ
କର୍ଣ୍ଣ ନେତ୍ର ମନ କରୁଛି ବନ୍ଧନ, ଛନ୍ଦାଇ ଛନ୍ଦାଇ ଚରନ୍ କେ ।୩।
କରେ ମୁସ୍ତକିମ ରସ ବିଲୋକନ, ଧନ୍ୟ ଧନ୍ୟ ତାର ଜୀବନ
ଯେ ସେ ହରିନାମ, ପ୍ରେମରେ ମଗନ, ହୁଏଟି ତରେ ସେ ।୪।

Digitized by srujanika@gmail.com

କଳା ଅଙ୍ଗେ ରଙ୍ଗ, ଫଗୁ ବିଲୋପନ
ଦେଖିବାକୁ ଦିଶେ କେଡ଼େ ଶୋଭାବନ
ପ୍ରାତ ପ୍ରାଚୀ ରୂପ, ହୋଇବ ଅଲକ୍ଷ, ଯେମନ୍ତ ଦିଶୁଛେ ।୫।

- ୨୦୩ -

କୁହୁ କୁହୁ କିଆଁ ରାବୁରେ କୋକିଳ, ଫଗୁଣ ପୂର୍ଣ୍ଣମୀ ନ ଜାଣିକି ।
ତୋ ସୁସ୍ୱର ସ୍ୱନ, ଆମୋଦ ବର୍ଦ୍ଧନ
ଏବେ ପଞ୍ଚ ପ୍ରାଣ କରଇ ଦହନ, ଲବେ ବଞ୍ଚିବାର ଲାଗେ ଯୁଗ ସମ
ଚିଉତାନା ଆଉ ଗତ ବାଣିଟି କି ।୧।
ଏ କାଳରେ ହରି ଜଗତ ବେହାରୀ
ଫଗୁ ଖେଳୁଥାନ୍ତେ ବ୍ରଜ ବାଳ ଧରି
ସୁରଙ୍ଗ ଅବିରେ ହୋଇ ମରାମରି କରୁଥାନ୍ତେ ନବ ଠାଣିଟିକି ।୨।
ନାନାବିଧ ରଙ୍ଗେ ଖେଳି ପିଚକାରି, ବଢ଼ାନ୍ତେ ପ୍ରମୋଦ ସେକୁଞ୍ଜ ବିହାରୀ
ମୁସ୍ତକିମ ଭାଷ, ଅର୍ଘ୍ୟ ଥାଳି ଧରି ବନ୍ଦାଅନ୍ତୁ ଆମେ ନୀଳମଣିକି ।

- ୨୦୪ -

ରାଧିକେ ଗୋ କହୁ ନ କରି ବିଚାର
ନିଷ୍କଳଙ୍କ ହୋଇ କେହୁ କାହିଁଛି କର ପ୍ରଚାର । ପଦ ।
ସୃଷ୍ଟିରେ ଜନମ ହୋଇ ନିଷ୍କଳଙ୍କ ହୋଇ ନାହିଁ
ଯାର ଜନ୍ମ ମୃତ୍ୟୁ ନାହିଁ ଗଣାଅଛି କଳଙ୍କର ।୧।
ବ୍ରହ୍ମା ଖ୍ୟାତି କରେ ସୃଷ୍ଟି ତାକୁ କି ନିନ୍ଦା ଛାଡ଼ିଛି
ଉର୍ବଶୀ ହରଣ ନିନ୍ଦା ଯୁଗ ଯୁଗରେ ପ୍ରଚାର ।୨।
ମହେଶ ମହା ତପସ୍ୱୀ ନିନ୍ଦା ତାଙ୍କୁ କି ଛାଡ଼ିଛି
ଗୋବଧ ମାତୃ ହାରକ ଘୋଷୁଛନ୍ତି ଜଗତର ।୩।
ଇନ୍ଦ୍ର ସଂସାର ପାଳକ, ଗୁରୁ ସ୍ତ୍ରୀ ହରା କଳଙ୍କ
ଅରୁଣ ମଧ୍ୟ ନିନ୍ଦାରେ ନାହିଁ କି କର ବିଚାର ।୪।
ସେ ସମସ୍ତଠାରୁ ଶ୍ରେଷ୍ଠ ବିଷ୍ଣୁ ଅନାଦି ପୁରୁଷ
ତାଙ୍କୁ ସୁଦ୍ଧା ନିନ୍ଦୁଛନ୍ତି ଠିକ ଭାବ ହୃଦୟର ।୫।
ମୁସ୍ତକି ଭାଷ ନୀଳଙ୍କ ଚନ୍ଦଙ୍କ ଅଂଗରେ ଦେଖ
ସେ ରହିଛି ଯୁଗେ ଯୁଗେ କି କ୍ଷତି ହୁଏ ତାଙ୍କର ।୬।

Digitized by srujanika@gmail.com

- ୨୦୫ -

ରଙ୍ଗେ କହ୍ନାଇ ନାଚେ
ଆଡ଼ ବାଙ୍କ ଚୂଳ, ଦିଶେ କି ମଞ୍ଜୁଳ, ମୟୂର ଚନ୍ଦ୍ରିକା ସାଜେ । ପଦ ।
ରକ୍ତ ଶ୍ୱେତ ନୀଳ, କାଇଁଚର ମାଳ, ଜନମନ ନେତ୍ର ରଂଜେ
ରଂଗୀମା ଅଧରେ ମୋହନ ମୁରଲୀ, ମାଧୁରିମା ସ୍ୱନ ବାଜେ
କାମିନୀ ଉଚ୍ଚାଟ ଭକତେ ପିୟୁସ, ସରୁ ପରି ପରେ ଗଞ୍ଜେ ।୧।
ଭାଷେ ମୁସ୍ତକିମ ଗେଲେ ଢଳି ଢଳି ମୁଖେ ମନ୍ଦ ହାସ ସାଜେ
ଛୁମୁ ଛୁମୁ ଛୁମୁ, ତାଛୁମୁ, ତାଛୁମୁ, ଚରଣ ନୂପୂର ବାଜେ ।୨।

- ୨୦୬ -

ଆସ ଦେଖିଯିବା ପରାଣ ସହି
ନନ୍ଦବାସେ ଜାତ କଳା କହ୍ନାଇ
ଯା' ନାମ ଜପିଲେ ମୁକ୍ତି ମାର୍ଗ ମିଳେ
ଆମ୍ଭ ଭାଗ୍ୟେ ଜନ୍ମ ଲଭିଲେ ସେହି । ପଦ ।
ନବୀନ ଜଳଦ ପରା ଅଙ୍ଗକାନ୍ତି, ଭଷ୍ମହୀନ ପକ୍ୱ ବିମ୍ବଓଷ୍ଠ ପନ୍ତି
ଦେବରାଜ କୋଦଣ୍ଡକୁ ଭ୍ରୂଦଣ୍ଡ
ଅଳକ୍ଷ ଚଞ୍ଚଳେ ବିଦ୍ୟୁ ହାରଇ ।୧।
ଇକ୍ଷଣେ ଲକ୍ଷଣ ଦେଖି ଦେଲା ମାତ୍ରେ
କିଣାମନ ଲେଖାହୁଏ ରୂପ ନେତ୍ରେ
ପାର୍ଥିବ ଜୀବନ ସାର୍ଥକ କରିବା
ଧରି ଚାଣ୍ଡେ ଗଣ୍ଡେ ଚୁମ୍ବନ ଦେଇ ।୨।
କହେ ମୁସ୍ତକିମ ତୋଷେ ଗୋପ ଗୋଇ
ରାଜଦାଣ୍ଡେ ଚାଣ୍ଡେ ଯାନ୍ତି ତ୍ୱରା ହୋଇ
ନବ ଯଉବନା, ବିରହିଣୀ ବାମା
ପତି ଭେଟ ଆଶେ ଆସେ କି ଧାଇଁ ।୩।

- ୨୦୭ -

ଦୋଳାରେ ଝୁଲୁଛି କାଳିଆ ଦେବତା
ଦେଖ ଦିଶେ କେଡ଼େ ମନୋହର । ପଦ ।

Digitized by srujanika@gmail.com

ସୁରଙ୍ଗ ବାଙ୍କିଆ ଦୋଳାରେ ରଜତ ଶୋଭା ଦିଶେ ପାଟ ଡୋର
ନବ ରତନର, ଝୁମ୍ପା ପୁଞ୍ଜା ପୁଞ୍ଜା ଖଞ୍ଜା ଚୌଦିଗର ।୧।
କରିଥିଲେ କେଡ଼େ ଭାଗ୍ୟ ଯଶୋବନ୍ତୀ ଧନ୍ୟ ଏ ଅବନ୍ତୀପୁର
ନୀଳାଞ୍ଚଳବାସୀ ଲୀଳା କଲେ ଆସି
ଧନ୍ୟ ଜୀବନ ଆମ୍ଭର ଗୋ, କୋଳେ ଖେଳାଇବା
ହରି ବାଳଲୀଳା ନୟନେ ଦେଖିବା ।୨।
ଏ ମନମୋହନ ମୂରତିକୁ ବିଧି ଗଢ଼ିଥିବ କେତେ କୋଳରେ
ଦୁର୍ଲଭ ନୁହେ କି ନନ୍ଦଙ୍କ ପିଅର ବୋଲି ଡାକିବଟି ଗେଲରେ
ନୀତି ଦରଶନ,
ଆସି କରିବା କହଇ ମୁସ୍ତକିମ ।୩।

-୨୦୮-

(ଉକ୍ତ ମୋର ଜୀବନ ମୁଁ-ବୃତ୍ତେ)

ପଡ଼ିଲେ ବିପତ୍ତି ଦୂତୀ କେବା କାହାର ।ପଦ।
ଅଚଳ ପରି ଧୈର୍ଯ୍ୟ, ତୁଳା ବତ ହୁଏ ହେଜ
ଅଟଳ ଦାମ୍ଭିକ ଦମ୍ଭ ହୁଏ ଛାରଖାର ।୧।
ନବ ପଲ୍ଲବିତ ତରୁ ତୁଲ୍ୟ ଯେ ସାହସ ଗୁରୁ
ଝଡ଼ଇ ଚରିତ୍ର ପତ୍ର ପରାୟେ ବିଚାର ।୨।
ବଳବୁଦ୍ଧି ବିବେକର, ଭଗ୍ନ ହୁଅଇ ମନ୍ଦିର
ଜ୍ଞାନାଦି ଇନ୍ଦ୍ରୀଗଣ ନ ରହନ୍ତି ସ୍ଥିର ।୩।
ବାଳ ମୁସ୍ତକିମ ଭାଷ, ନାହିଁ ଥୟ ଲୟ ଲେଶ
ହାହାକାରେ ବହେ ସଦା ନେତ୍ର ଅଶ୍ରୁଧାର ।୪।

-୨୦୯-

(ଘନ ବରନ ମଦନ ମୋହନକୁ ବୃତ୍ତେ)

ବର ବରନ କରନ ହଟ ଆଉ, ହର ପରଶର ଦର ଉଧର ।ପଦ।
ସରସ ଲପନ, ନ କର ପତନ, ନବରଷ ବନ ନୟନର
କନକନ ସ୍ୱନ, ଶ୍ରବଣ କମ୍ପନ
ଦରଶନ ଉର ଥର ଥର ।୧।
ଗଣ୍ଡ ମଣ୍ଡନ କର ନ କର ବରବରନ, ବଚନ ମମ କର

Digitized by srujanika@gmail.com

ଗଜ ରଜଧର ଉପର ନ ବସ
ନ ଚଷ ନ ଚଷ କରଜର ।୨।
ଅହମଦ ଅଜ ଅରଜ ମନଜ ତମସ ତମର ହର ହର
ଆସ ମନା ଶତ ପରବତ ଦତ
ଦମ୍ଭ ଭଂଜନ ନ କର ନ କର ।୩।

।। ଝୁଲା ବର୍ଣନା ।।

-୨୧୦-

ଫାଗ୍ ଖେଲତ ହଏଁ ଫାଗୁନ ମେଁ ନନ୍ଦଲାଲ୍
ଭର୍ ପିଚକାରୀ, ତନ୍ ପେ ମାରି
ଗେଲ ଅବିର୍ ଗୁଲାଲ୍ ।୧।
ବ୍ରଜ ସଖା ସବ୍ ଚଲେ ହରଷ ମେଁ
ବାଏ ମ୍ରିଦଙ୍ଗ ତାଲ ।୧।
ହରି ହରି ସବ୍ ମୁଖ ମେ ଗାଏ
ଠୋକ୍ ଚଲେ କରତାଲ୍
ରମଝମ୍ ରମଝମ୍ ନୂପୂର ବାଜତ୍
ନାଚେଁ ଗୋପ୍ ଗୋପାଲ ।୨।
ଖୁସି ମଚି ହଏ ଆଜ୍ ଗୋପ ମେଁ
ରଚେ ମୁସ୍ତକିମ ବାଲ ।୩।

-୨୧୧-

ଆସ ସଜନୀ ଗୋ ଦେଖିବା ଫଗୁ ଖେଳ
ଭାଗ୍ୟେ ଦ୍ରଶନ ପାଇବ ଶ୍ରୀନନ୍ଦ ଦୁଲାଳ ।ପଦ।
କେ ଧରିଛି ଫଗୁ ମୁଣି କେ ଚୂର୍ଣ କର୍ପୂର
କେ ଧରିଛି ପିଚକାରୀ କା କରେ ବୋତଲ ।୧।
କେ ଚୁଆ ପୂରାଇ ନଳେ, ଅଗୁରୁ ଚନ୍ଦନ ଛଳେ
ଅତର ପନୀର ଧରେ ତୋଷେ ହୋଇ ଭୋଳ ।୨।
କେ ନାଚି ଉନମତ ହୋଇ, ତୁଣ୍ଡେ ହରି ନାମ ଗାଇ

Digitized by srujanika@gmail.com

କେ ବାଇବ ବୀଣା ରୁବା କେ ବାଇବ ତାଲ ।୩।
କବି ମୁସ୍ତକିମ ଭାଷ, ଦେଖି ନେତ୍ର ହେବ ତୋଷ
ବାଜିବଟି ପଖାଉଜ ମୃଦଙ୍ଗ ତବଲ ।୪।

-୨୧୨-

ବ୍ରଜେ ଆଜି ଖେଳର ଲାଗିଅଛି ଉଛବ
ଶ୍ରୀନନ୍ଦନନ୍ଦନ ଜଗତ ବନ୍ଦନ
ଗୋପେ ଉତପନ୍ନ କଲେ କି ଭାବ ।ପଦ।
ସାନବଡ଼ ବାରଣ ନାହିଁ, ଗୁରୁ ଗଉରବ ବା କାହିଁ
ଅବିର ଖେଳରେ, ମାତିଲେ ଗେଲରେ
ଗୁଣ୍ଡି ମଣ୍ଡି ସୂର୍ଯ୍ୟ ତେଜ ଭାଜିବ ।୧।
ସ୍ୱେତ, ରକ୍ତ, ନୀଳ, ପିତ ନାରଙ୍ଗ
କଳା ବାଇଗଣି ସୁରଙ୍ଗ
ବାଂଶଳରେ ଭରି କେ କାହ୍ନାକୁ ମାରି
କେ ଚୂର୍ଣ୍ଣ କର୍ପୂର କା' ମୁଖେ ଦେବ ।୨।
କେ କାହାକୁ ଚନ୍ଦଝରି, ଢାଳେ ତୋଷେ କୋଳେ ଧରି
କବି ମୁସ୍ତକିମ ଭାଷେ ତୋଷେ ଚୁଆ ବୋଲି ମୁଖେ
ଭୂଆ ପରି ଦିଶିବ ।୪।

-୨୧୩ -

କୁଂଜ ବିନୋଦିଆ କଲେ କେତେ କୃତ୍ୟ ଗୋ, ଦେଖ ମିତ
ଅବୀର ଗୁଣ୍ଡିରେ କର୍ପୁର ମିଶାଇ
ସିଞ୍ଚି ମୋତେ କଲେ ହରଷିତ ଗୋ ।ପଦ।
ଆଜ କୁଂଜବନେ ବଳେ ଧରି, ତାଙ୍କ ବେସବାସ ନେବା ହରି
କଳା ଅଙ୍ଗେ ଧଳା ରଙ୍ଗ ବୋଲି ଦେବା
ଶାମଳ ଦିଶିବ ଅଙ୍ଗଟି ତ ଗୋ ।୧।
ତା'ପରେ ଅବୀର ସିଞ୍ଚି ଦେଇ, ଅଙ୍ଗ ମନୋରମ କରିବାଇ
ପୀତ ବସନରେ ନୀଳ ରଙ୍ଗ ବୋଲି
ଦେଲେ ସେ ଦିଶିବ ଭିନ୍ନ ମତ ଗୋ ।୨।

Digitized by srujanika@gmail.com

କବି ମୁସ୍ତକିମ ଭାଷେ ସହି, କୁଙ୍କୁମ ବୋଲିବା ଅଙ୍ଗେ ନେଇ
ମୃଗମଦ ତନୁ ସୁନ୍ଦର ଦିଶିବ
ପୀତ ବାସେ ଦେବା ରଙ୍ଗ ରକତ ଗୋ ।୩।

-୨୧୪ -

ଫଗୁ ଖେଳ ଖେଳନ୍ତି ଦାଣ୍ଡେ ତ୍ରିପୁରେଶ୍ୱର
ବାଜୁଅଛି ମୃଦଙ୍ଗ ତାଳ, ବୀଣା ରୁବା ସଙ୍ଗେ କଂଶାଳ
ଘଣ୍ଟ ଭେରୀ ତୂରୀ କାହାଳୀ ମହୁରୀ
ଶବଦେ ମଣ୍ଡେ ଚତୁର୍ଦ୍ଦଶ ପୁର ।୧।
ମୃଗମଦ କେ ଗୋଳି ମାରେ, ଲାଗିବାରୁ ଶ୍ୱେତ ବାସରେ
ଧଳା ଆକାଶରେ କଳା ଖଣ୍ଡ ମେଘ
ପରାଏ ଦିଶଇ କି ମନୋହର ।୨।
ରାମ ଶ୍ୱେତ ଅଙ୍ଗରେ ନେଇ, କେ ବାରିଜ ଚୁଆ ମଖାଇ
ପୂର୍ଣ୍ଣଚନ୍ଦ୍ରେ ଶଶା ଚିହ୍ନ ଥିଲା ପ୍ରାୟେ
ନୟନକୁ ଦିଶେ ରଙ୍ଗ ରଚିର ।୩।
ଘନ ଘୋରା କର୍ପୁର ତୋଳି, ବନମାଳି ଅଙ୍ଗରେ ଢ଼ାଳି
ତା' ପରେ ଅବିର ସିଞ୍ଚି ମନୋହର
ଦିଶେ ପ୍ରାତ ପୂର୍ବାକାଶ ପ୍ରକାର ।୪।
କେ କାହାକୁ ସୁରଙ୍ଗ ରଙ୍ଗ, ସିଞ୍ଚୁ ଶୋଭା ପାଉଛି ଅଙ୍ଗ
ରଣଜୟୀ କ୍ଷତ୍ରୀ ବାହୁଡ଼ିଲେ ଅବା
ଅଙ୍ଗୁ ଝରୁଅଛି ରକତ ଧାର ।୫।
କବି ମୁସ୍ତକିମ କହଇ, ଧନ୍ୟ ଧନ୍ୟ କମଳା ସାଇଁ
ନୟନ ମନକୁ ବନ୍ଦି କରିବାକୁ
ମର୍ତ୍ତ୍ୟେ ଭିଆଇଲେ ଏ କୁତୂହଳ ।୬।

- ୨୧୫ -

ଫଗୁ ଖେଳେ, ଗୋପୀ ଗୋପାଳେ ମାତିଲେ କୁତୁହଳେ ସେ
ଗୋରଚନା, ପାଣି ଅତରେ ବୋଳି, ସିଞ୍ଚୁଅଛି ହୋଇ କୁତୁହଳୀ
କେହୁ ମୃଗମଦ ଚୂର୍ଣ୍ଣ କା'କୁ ମାରେ

Digitized by srujanika@gmail.com

କେହୁ କାହା ଅଙ୍ଗେ ଚୁଆ ବୋଲି ।୧।
ଫଗୁ ଗୁଣ୍ଡିରେ କର୍ପୁର ଯୋଗ, କରି କେ ମଣ୍ଡଇ କାହା ଅଙ୍ଗ
କେ ପନିରେ ରକ୍ତ ରଙ୍ଗ ମିଶାଇଣ
ପିଚିକା ମାରଇ ପ୍ରେମ ଭୋଳେ ।୨।
କେ ଚନ୍ଦନ ନୀରେ ପୀତ ନୀଳ, ରଙ୍ଗ ବାଂଶନଳେ କରି ଠୁଳ
କେ ବାଟିଣ କାଚନଳେ କରି ଉଜ
ମରାମରି ହୁଅନ୍ତି ଦଳେ ଦଳେ ସେ ।୩।
ବାଳ ମୁସ୍ତକିମ କବି କହି, ଏକାଳ ଶୋଭାକୁ କହି ନୋହି
ରବି ରଥ ଚାହିଁ ଥକିତ ହୋଇଲା
ନିଶା କ୍ଷୀଣ ଦିନ ଏଣୁ ବଳେ ସେ ।୪।

-୨୧୬-

ଖେଳ ଖେଳିବା ପାଇଁ ବାହାର ଗୋ
ଦାଣ୍ଡେ କି ମନୋହର । ପଦ ।
କେ କାହାକୁ ଧରା - ଧରି ହୋଇ ତ୍ୱରା
ମଣ୍ଡିଦିଏ ଚାଣ୍ଡେ ବିଶେ ମନୋହର
କେ ବା କା' ଅଙ୍ଗେବୋଲି ଦିଏ ଅବିର ଗୋ ।୧।
କେ ପାଉଁଶ ତୋଳି, କାହା ଅଙ୍ଗେ ବୋଳି
କେହୁ ହରି ବୋଲି ମାରେ କରତାଳି
କେ ବା କାହା ତନୁରେ ମଣ୍ଡେ କର୍ପୁର
ଗୋ ଦାଣ୍ଡେ କି ମନୋହର ।୨।
କେହି ଘେନି କଳା, କାହା ମୁଖେ ଦେଲା
କେବା ମୃଗମଦ କାକେ ମାଖାଇଲା
କେ ବା ଉନ୍ମତ୍ତେ ନୃତ୍ୟ କରେ ଅପାର ଗୋ ।୩।
କେ ହରିଦ୍ରା କା'ରେ, ବୋଳେ ହରଷରେ
କେହୁ ବା କୁଙ୍କୁମ ଦିଏ କା ଅଙ୍ଗରେ
ପ୍ରେମେ ବାକ୍ୟ ନସ୍ଫୁରେ ମୁଖୁଁ ବାହାର ଗୋ ।୪।
ମୁସ୍ତକିମ ରଚେ, କେହୁ ହସେ ଉଚେ
ଭକ୍ତି ଭରେ କେବା ନେତ୍ର ଅଶ୍ରୁ ମୁଛେ
କେ କି କରଇ ତାକୁ ନାହିଁ ଗୋଚର ଗୋ ।୫।

Digitized by srujanika@gmail.com

-୨୧୭-

।। ଝୁଲନ ।।

ଝୁଲା କେଡ଼େ ମନୋହର
ବିଶ୍ୱକର୍ମା ବାନାୟାଛେ ନେତ୍ର ବାଜିକର ଗୋ ।ପଦ।
ହାଟକ ଝଟକ କି ବାଶୁବନ୍ତେ ରଖିର
ପାଟ ସୂତ୍ରେ ଗୁନ୍ଥା
ନାଇ ଦେଖିତେ ତ୍ରିପୁର ଗୋ ।୧।
ଉର୍ଦ୍ଧେତେ ଚାନ୍ଦୁଆ ଖଞ୍ଜା ଅମ୍ଳାନ ବାସର
ଲତା ପଡ଼ିଆଛେ ତହିଁ
ମୁକ୍ତା ବୈଦୁର୍ଯ୍ୟର ଗୋ ।୨।
କେରି କେରି ଲମ୍ବେ ହୀରା ମୋତି ମାନିକ୍ୟେର
ନୀଳା ପୋହଳାଦି ରନ୍ତ୍ରେ
ଜାଲି ଚୌଦିଗର ଗୋ ।୩।
କବି ମୁସ୍ତକିମ ଭାଷ ଜଗତର ଈଶ୍ୱର
ଐ ଝୁଲାତେ ଝୁଲିବେଟି
ଦେଖିବ ନେତ୍ରର ଗୋ ।୪।

- ୨୧୮ -

ଆସ ସଖି ଯିବା ଗୋ ନନ୍ଦ ମନ୍ଦିରେ ବେଗେ
ନନ୍ଦେର ନନ୍ଦନ, ଜଗତ ବନ୍ଦନ
ଝୁଲା ଝୁଲାଇବା ମନ ସରାଗେ ।୧।
ହୁଲହୁଲି ତୁଣ୍ଡରେ ବାଇ, ଝୁଲାଇବା କଳା କହ୍ନାଇ
ହରି ନାମ ମୁଖେ ଗାଇବାଟି ସୁଖେ,
ନେତ୍ର ସ୍ୱାର୍ଥ ହେବ ଚାହିଁ ଗୌରବେ ।୨।
କେତେ ଭାଗ୍ୟ ପୂର୍ବେ କଲଇଁ, ଜଗତ୍‌ପତି ଦର୍ଶନ ପାଇ
ହର ବେଦବର ଋଷି ଯତୀ ନର
ନାମ ଜପୁଛନ୍ତି ଭେଟ ନ ପାଇ ସରାଗେ ।୩।
ଭେଟ ଆଶେ ପଣ୍ଡିତ କୁଳ, ସଦା ସାଧୁଛନ୍ତି ତ୍ରିକାଳ

Digitized by srujanika@gmail.com

ଦ୍ରଶନ ଆଶରେ ବାସୁକୀ ମଥାରେ
ଧରାବହି ନାମେ ଲୟ ଏକାଗ୍ରେ ।୪।
ମୁସ୍ତକିମ କହେ ସହନି, ଧନ୍ୟ ଭାଗ୍ୟବନ୍ତ ଅବନୀ
ଯହିଁ ଚକ୍ରଧର ଦେଲେଟି ପୟର
ଧନ୍ୟ ଭାଗ୍ୟବନ୍ତ ଯଶୋଦା ନନ୍ଦେ ।୫।

-୨୧୯-

ଝୁଲାଏ ଝୁଲନାରେ କାଳିଆ କହ୍ନାଇ
ଚାନ୍ଦ ବଦନେତେ ହୁଲୁହୁଲି ଦିଅ ଗୋଇ ।ପଦ।
ଭୁଞ୍ଜାବ ସର ଲବନୀ ନାନା ମିଷ୍ଟ ଦେଇ
ରଞ୍ଜାବ ଚିତ୍ତ ଆମାର ଦ୍ୱରା ବଦନ ଚାହିଁ ।୧।
ଦିନ ଯାବ ହାବଭାବ ତୋ ଛବି ଅନାଇ
ଗେଲେ ଭୋଲେ କୋଳେ ଘେନି ମୁଖ ଚୁମ୍ବନ ଦେଇ ।୨।
ବ୍ରଜବାଳୀ ମିଳି ଝୁଲାଉଛବ ବାବା ଭାଇ
ନନ୍ଦପୁରେ ସଦାନନ୍ଦ ମୁସ୍ତକିମ କହି ।୩।

-୨୨୦ -

ଆମାର ହୃଦ ପିଞ୍ଜରେର ପାଖୀ
କାଳିଆ କାହ୍ନାଇଟି ।।ପଦ।।
କେମନ ଧନୀ ମଧୁ ସହରେ, ରେଖେଛେ ପାଖୀ ଧରେ
କେ ଆମାର ଦୁଖ ଜାନାଇ
ଆନବେ ମାନାଇଟି ।୧।
ତିନି ପାଞ୍ଚ ଛଡ଼ ଭୁବନ, ତା' ବିହୁନେ ଲେଗେ ଶୂନ୍ୟ
ବିଷ ବାସ ବେଶ ଆସନ
ଆମାଏ ଲାଗଇଟି ।୨।
ରଚେ ମୁସ୍ତକିମ ଭାଷ, ଆର କି ପରାନେ ଆଶ
ଖାଲି ପିଣ୍ଡେ କି କାଜ ରେଖେ
ଜୀବନ ନ ଥାଇଟି ।୩।

Digitized by srujanika@gmail.com

- ୨୨୧ -

(ନବ ବସନ୍ତ ସମୟ, ନବ ବୃନ୍ଦାବନର ସମୟ ଗୋ ବୃତ୍ତେ)

ଆଜି ଫଗୁ ଗୁଣ୍ଡି ମଣ୍ଡି ହୋଇ ଧରା ଗୋ
ଦେଖ ଦିଶେ କେତେ ଦ୍ୱରା ।ପଦ।
କାନ୍ହୁ ବାଡ଼ ନାନା ରଙ୍ଗେ ଚିହ୍ନ
ଦେଖିବାକୁ ଦିଶେ କି ଶୋଭାବନ
ହରି ଧ୍ୱନି ନାଦେ ଉଛୁଳେ ଭୁବନ
କେଡ଼େ ଭାଗ୍ୟବନ୍ତ ବସୁନ୍ଧରା ଗୋ ।୧।
କେ କାହାକୁ ବଳେ ସ୍ନେହ ବହି
ରଙ୍ଗ ଅଙ୍ଗେ ଢ଼ାଳେ ମୋଦ ହୋଇ
କେ ବା ପିଚ୍‌କାରୀ ଭରି କା' କୁ ମାରି
କେହୁ ମଣ୍ଡେ ମୃଗମଦେ ଗିରା ଗୋ ।୨।
କେ' କାହା ଅଙ୍ଗେ ପାଉଁଶକୁ ସିଞ୍ଚେ
କେ ଚାମର ଧରି କା'କୁ ବିଂଛେ
କେ ଧରି ଅବିର ମଣ୍ଡେ କା ମଧ୍ୟର
କେଥାଏ କେତିକି ତୋଷେ ପରା ଗୋ ।୩।
ବାଳ କବି ମୁସ୍ତକି' ଭାଷ
ବାଦ୍ୟ ନାଦେ ଗହ ଗହ ଘୋଷ
ବାଦ୍ୟ ନାଚେ ଉଛୁଳେ ତ୍ରିଦଶ
ଧନ୍ୟ ବିଷ୍ଣୁ କେତେ ଲୀଳା ଭିଆଇଲେ
ଲାଗି ଅଛି ପରମ୍ପରା ଗୋ ।୪।

-୨୨୨-

(କଓ୍ୱାଲୀ ବୃତ୍ତେ)

ମନ ତୋତେ କେତେ କହିବି ବୁଝାଇ
ଭବ ଭାବେ ପଡ଼ି ହେଲୁ ବାଇ ।
ଧନ ଆୟୋଜନେ ରହୁ ରାତ୍ରଦିନେ
ନ ଯିବ ସେ ସଙ୍ଗେ ମୃତ୍ୟୁ ଗଳେ ହୋଇ ।୧।
ନାରୀ ସୁତସୁତା ଭାବେ ମଜ୍ଜୁ ମିଥ୍ୟା

Digitized by srujanika@gmail.com

ମଶାଣିରେ ଏକା ଦେବେ ଫୋପଡାଇ ।୨।
ମିତ୍ର ଯେ ବାନ୍ଧବ, ଯାଙ୍କୁ ସ୍ଥିରେ ଭାବ
ପ୍ରେତ ତୋ ପ୍ରେତ କାର୍ଯ୍ୟେ କାର୍ଯ୍ୟଗ୍ରାହୀ ।୩।
ତୋ ଆତ୍ମୀୟ ଯେତେ ଦେଖୁଥିବେ ନେତ୍ରେ
ଯମ ନେବ ବାନ୍ଧି ର ରଖିବେ କେହି ।୪।
ମୁସ୍ତକିମ ଭାଷ ଇଷ୍ଟ ନାମ ଘୋଷ
ମିଳିବ ବୈକୁଣ୍ଠ ଯମ ଦଣ୍ଡୁ ତ୍ରାହି ।୫।

-୨୨୩-

(କଓ୍ୱାଲୀ)

ମଣେ ସତ୍ଯ ଧନ ଧନ୍ୟ ଯୁଗ ବୋଲ
ଏ ଗରବେ ଭାବ ବୃଦ୍ଧି ଯିବ ଭେଲା । ପଦ ।
ବଢ଼ାଉଛୁ ରଙ୍ଗେ ନ ଯିବ ଏ ସଙ୍ଗେ
ବାଣ୍ଟି କେଡ଼େ ଢ଼ଙ୍ଗେ ଭୁଞ୍ଜିବ କେ ଭଲା ।୧।
ଦଣ୍ଡି ତଣ୍ଡି କେତେ ବଢ଼ାଉଛୁ ଯେତେ
ସଫଳ ନ ହେବ ଏ ସର୍ବ ବିଫଳ ।୨।
ସୁଧ ବଟା ନେଉ ଗରିବକୁ ଦାଉ
ସାହୁପଦ ବିପଦକୁ ଛାଡ଼ି ପଳା ।୩।
ମୁସ୍ତକିମ କହି ପାପ ପୂଣ୍ୟ ଦୁଇ
ଯେ ଅର୍ଜିବୁ ସେ ତୋ ସ୍ଥାୟୀ ସଙ୍ଗ ହେଲା ।୪।

- ୨୨୪ -

ତୁଳାରେ କି ତୋଲୁ ତୁଳ ଯନ୍ତ୍ର ରଖୁ
ତୁଳା ହେବ ତୋ ପାପ ପୂଣ୍ୟ ନ ଜାଣୁକି ।ପଦ।
ମହଣରୁ କରି ଉରି ଅଧଭରି
ତୋ ପାଇଁ ନିକିତି ଗଢ଼ା ନୋହିଛି କି ।୧।
ମସା ରତି ଧାନ ବିମ୍ବା ଗୁଣ୍ଠ ମାଣ
ଭୁଲାଉଛୁ କେତେ ତୁ ବଡ଼ ହିସାବୀ ।୨।

Digitized by srujanika@gmail.com

ଦିନେ ତୋ ଏ ଭାବ ଅବଶ୍ୟ ମେଣ୍ଟିବ
ମହାଜନ ପଦ ସେଠି ଚଳିବକି ।୩।
ଯେ ଛନ୍ଦି ପଠାଇ ଯିବୁ ତୋର ତହିଁ
ଦେବୁ କି ହିସାବ କହଇ ମୁସ୍ତକି ।୪।

- ୨୨୫ -

ମୁଁ ତୋ କିଣା, କେଳୀ ପ୍ରବୀଣା
ତାରାପତିମୁଖୀ ତାର ତାରଟି ।ପଦ।
ନାଗମାଥମାତ ପତି, ଅରି ହେଲା ମୋ ସାଂଘାତି
ବାର ନ ବାରନ ଗତି ଭାସି ଯାଉଛି ଉଦ୍ଧରି ଧରଟି ।୧।
ପନ୍ନଗ ମୁକୁଟ ପରବସନା ବସନା ଆର
କର ଯେନ ଚର୍ମଗାର, ଅତନୁରେ ତନୁ ଥରଥରଟି ।୨।
ମୁସ୍ତକି ରଚିତ ଚିତ୍ତ, ଦଶ ଚାରି ଭୁବନ ତ
ସଂପୁଟ ଉରଜା ବିନୁ ନାହିଁ ଭାସି ଅଶ୍ରୁ ଝର ଝରଟି ।୩।

- ୨୨୬ -

କୁଞ୍ଜବନେ ସଙ୍କେତ ସ୍ଥାନେ
ଚାଲ ଚନ୍ଦ୍ରାବଳୀ ଯିବା ଝଟତି ।ପଦ।
ଗରୁଡ଼ାରି ଶିର ମୁକୁଟେ ନ ବସ, କରଜ ଅଜରେ ଖିରା ତୁ ନ ଚଷ
କରିଅଛି ଆଶ, ନ କର ନିରାଶ
ତେଣୁ ପେଶିଅଛି ମୋତେ ତୋ କତି ।୧।
ଜଳ ଅଜ ଅଜ ନାଳ ମାଳ ଧରି, ବସି ଘୋଷୁଅଛି ତୋର ନାମ ଗୋରୀ
ରଣରଣତାପେ ତାପି ହୋଇ କରି
ଆମ୍ଭ ଯିବା ପଥ ଚାହୁଁଥିବଟି ।୨।
କବି ମୁସ୍ତକିମ ଭାସେ ଉଠ ମଠ, ନକର ସଙ୍ଗିନୀ ଫେରିବାଲୋ ଝଟ
ପତି ନାହିଁ ବାସେ, ଯାଇଛନ୍ତି ଗୋଷ୍ଠେ
ଆଉ କାହା ଭୟେ ଅଛୁ ଅଟକି ।୩।

Digitized by srujanika@gmail.com

- ୨୨୭ -

ଆସ ଆସ ଆସ ହେ, ଭାଇ ଫଗୁଆ ଯିବା ଖେଳି ।ପଦ।
ଧର କାଖେ ଫଗୁ ମୁଣି, ଶ୍ରୀ କର୍ପୁର ଧୂଳି
ରକ୍ତ ପୀତ କୃଷ୍ଣ ଶ୍ୱେତ ରଂଗମାନ ବୋଳି ।୧।
ହୋଲି ଭଷ୍ମ କରି ଯନ୍ତେ ଧରିଥାଅ ତୋଳି
ବ୍ରଜରାଜ ସୁତ ଅଙ୍ଗେ ଆଜ ଦେବା ବୋଳି ।୨।
ନଳିରେ ପୂରାଇ ଥାଅ ମୃଗମଦ ଗୋଳି
ବଳରାମ ଅଙ୍ଗେ ଦେବା ମୁସ୍ତକିମ ବୋଲି ।୩।

- ୨୨୮ -

ହୋରି କେଡ଼େ ରଙ୍ଗେ ମାତିଅଛି ଆଜ
ଖେଳୁଛନ୍ତି ହୋରି ରାମ ବନମାଳି ବ୍ରଜପୁର ଯୁବରାଜ ।ପଦ।
ସିଞ୍ଚି ଦେଇଛନ୍ତି ଚନ୍ଦନ ଅଗୁରୁ ଗାନ ଗାଇ ନାଚି ନାଚ
ମଣ୍ଡି ଦେଉଛନ୍ତି କର୍ପୁର ଅବିର ବ୍ରଜବାଳୀ ଛାଡ଼ି ଲାଜ ।୧।
କେ କାହାକୁ ଭରି ମାରେ ପିଚକାରୀ ବ୍ରଜବାଳୀଙ୍କ ସମାଜ
କେ ସୁମନ ଗୁଣ୍ଡି କାରେ ଦିଏ ମଣ୍ଡି
କେ ହେଉଛି ସଜସାଜ ।୨।
କେହୁ ଭଷ୍ମ ନିଏ କାହା ଅଙ୍ଗେ ଦିଏ
ତେଜ୍ୟା କରି ଭିତି ଲାଜ
ମୁସ୍ତକିମ ଭାଷ ଦିଶନ୍ତି ବିବର୍ଣ୍ଣ ପୁରୁଷ ନାଗରୀରାଜ ।୩।

- ୨୨୯ -

ମାଧବ ହେ, ଯୋଡ଼ି ଜଣାଉଛି କର
ନିନ୍ଦିବେ ଜଗତେ, ଅପଖ୍ୟାତି ହୋଇବ ପ୍ରଚାର । ପଦ ।
କଲେ ଯେ ଅଖ୍ୟାତି କାର୍ଯ୍ୟ, ବଳେ ମରଣରୁ ଲାଜ
ଉପଯୁକ୍ତ ନୁହେଁ ଯାହା, ଯେ ଜନ କରଇ ତାହା
ଶୁଣି ଜଗତର ପ୍ରାଣୀ ତାକୁ କରନ୍ତି ଧିକ୍କାର ।୧।
ସେ ଅପଖ୍ୟାତିରୁ ଜାଣ, ନିନ୍ଦା ହୁଅଇ ଜନମ
ସେ କଳଙ୍କ ନ ମେଣ୍ଟିଣ ରହଇ ଚିରକାଳର ।୨।

Digitized by srujanika@gmail.com

ତହିଁରୁ ଲଙ୍କା ବାହାର, ସର୍ବଶ୍ରେଷ୍ଠ ଜଗତର
ବ୍ୟାପେ ତହୁଁ ନୁହେଁ ବଡ଼ ମରଣ ଅଟେ କି ଛାର ।୩।
ମୁସ୍ତକିମ ଭାଷେ ହରି, ମଲେ ଲଜ୍ୟା ଅର୍ଜ୍ଜିକରି
ତଥାପି ନୋହି ମେଣ୍ଟନ, ଯୁଗେ ଯୁଗେ ପରଚାର ।୪।

-୨୩୦-

ରାଧିକେ ଗୋ
କହୁ ନ କରି ବିଚାର,
ନିଷ୍କଳଙ୍କ ହୋଇ କେହୁ କାହିଁଛି କର ପ୍ରଚାର ।ପଦ।
ସୃଷ୍ଟିରେ ଜନମ ହୋଇ ନିଷ୍କଳଙ୍କ ହୋଇ ନାହିଁ
ଯାର ଜନ୍ମ ମୃତ୍ୟୁ ନାହିଁ
ଗଣା ଅଛି କଳଙ୍କର ।୧।
ବ୍ରହ୍ମା ଜାତ କଲେ ସୃଷ୍ଟି, ତାଙ୍କୁ କି ନିନ୍ଦା ଛାଡ଼ିଛି
ଉର୍ବଶୀ ହରଣ ନିନ୍ଦା
ଯୁଗ ଯୁଗରେ ପ୍ରଚାର ।୨।
ମହେଶ ମହା ତପସ୍ୱୀ, ନିନ୍ଦା ତାଙ୍କୁ କି ଛାଡ଼ିଛି
ଗୋବଧ, ମାତୃହରକ
ଘୋଷୁଛନ୍ତି ଜଗତର ।୩।
ଇନ୍ଦ୍ର ସଂସାର ପାଳକ, ଗୁରୁସ୍ତ୍ରୀ ହରା କଳଙ୍କ
ଅରୁଣ ମଧ୍ୟ ନିନ୍ଦାରେ
ନାହିଁ କି କର ବିଚାର ।୩।
ଯେ ସମସ୍ତଠାରୁ ଶ୍ରେଷ୍ଠ ବିଷ୍ଣୁ ଅନାଦି ପୁରୁଷ
ତାଙ୍କୁ ସୁଦ୍ଧା ନିନ୍ଦୁଛନ୍ତି
କେ ଭାବ ହୃଦୟର ।୪।
ମୁସ୍ତକି ଭାଷ କଳଙ୍କ, ଚନ୍ଦ୍ରଙ୍କ ଅଙ୍ଗରେ ଦେଖ
ସେ ରହିଛି ଯୁଗେ ଯୁଗେ
କି କ୍ଷତି ହୁଏ ତାଙ୍କର ।୫।

Digitized by srujanika@gmail.com

-୨୩୧-

(ସଂଜଦିନେ ନୟନ କୋଣେ ପ୍ରିୟତମ ବୋଲି କିଏ ଡ଼ାକୁଛି: ବୃରେ)

କେଡ଼େ ରଙ୍ଗେ ମୋ ପ୍ରିୟ ସଙ୍ଗେ
ହସି ରସି ନିଶି ପାହିଗଲାଟି ।ପଦ।
ଲୋଡୁଥିଲା ଯେ ଯା' ପ୍ରାପତ ହୋଇଲା
ହଜିଥିବା ବିତ୍ତ ଉପଗତ ହେଲା
ଚିନ୍ତାଥିବା ଚିତ୍ତ ପରିପୂର୍ଣ୍ଣ ହେଲା
ହସି ରସି ନିଶି ପାହିଗଲାଟି ।୧।
ଆଜନ୍ମ ଦରିଦ୍ର ଲଭିଲା ସଂପଦ
ଜନ୍ମାନ୍ଧ କି ଦେବଦୀପ ପରାପତ
ତହୁଁ ଶତଗୁଣେ ଆନନ୍ଦ ବର୍ଦ୍ଧିତଟି ।୨।
ଭାଷେ ମୁସ୍ତକିମ ଆଜିର ଶରଣ
ତୁଳେ ରଣରଙ୍ଗେ ଭଗ୍ନ ହେଲା ଟାଣ
ଜରା ହରି ରଣ ପରି ପୁଣ ପୁଣଟି ।୩।

-୨୩୨-

ମୋ ଧନ ମଦନେ ଦୁଃଖୀ ସଖୀରେ
କରିଗମନୀ କରେ ଗଣ୍ଡକୁ ନିବେଶିରେ
କରଜମୂନେ ଚିରୁଥିବ ମହିକି ।ପଦ।
ପ୍ରଚଣ୍ଡ ପବନ ଦେଖି ମରୁଥିବ ଭାଳି
ଅଚେତନା ହେଉଁ ତାକୁ ଚେତାଇବେ ଆଣିକି ।୧।
ବନଜାକ୍ଷୀ କି ମୋର ପଙ୍କଜ ପଲ୍ଲବରେ
ସେଜ ସଜାଇ ଆଳି ଶୁଆଇବେ ତା' ପରେ
ଆମ୍ର ପତ୍ର ବିଂଛଣା ବିଂଛିବେ ଧୀରେ ଧୀରେ
ଶୀତଳ ଜଳ ମୁଖେ ଦେବେ ଶୀତଳାଙ୍ଗୀ କି ।୧।
ଚେତି ଉଠି ନାଥ ବୋଲି କୋଳ ପ୍ରସାରି
ବାଇ ପ୍ରାୟେ ହେଉଛି x x x

Digitized by srujanika@gmail.com

- ୨୩୩ -

ମୁଁ ନାଇଁଯାଏଁ ଯମୁନାକୁ କାଳିଆ ଥାଏ ଲୋ
 କାଲ୍ୟା ଥାଏ ଲୋ କାଲ୍ୟା ଥାଏ ।ପଦ।
ଯମୁନା ଘାଟକୁ ନୀର ଆଣି ଗଲେ ଯେ ଯାଏ ସେ ନିଷ୍ଟେ ମିତ ଭୁଲିଯାଏ
ମଥୁରା ହାଟକୁ ଦଧି ବିକିବାକୁ
 ଗଲେ ସେ ବାଟରେ ମାହାଲ୍ୟା ଖାଏ ଲୋ ।୧।
ଏକା ଦେଖେ ଯେବେ କଳା କାହ୍ନା ତେବେ
ଝିଙ୍କି କୁଞ୍ଜେ ନିଏ ବଡ଼ କଟାଲ୍ୟା ଟାଏ ।୨।
ଗୋପ ସୀମା ନାରୀ କେ ଯିବ ଉବୁରି
 ମୁସ୍ତକିମ ବୋଲେ ସେ ବଡ଼ ଜାଲ୍ୟାଟାଏ ।୩।

- ୨୩୪ -

ଇନ୍ଦ୍ର ତୁ ଅବିବେକ, ପ୍ରତିବର୍ଷ ପୃଥ୍ୱୀ କରୁ ଅପାଳକ ।ପଦ।
କେବେ ସଂସାରେ ନ କଲୁ ସୁବୃଷ୍ଟି
ତେଣୁ କରି ନାଶ ଯାଉଛି ସୃଷ୍ଟି
ନାନା ବୃକ୍ଷ ପୁଷ୍ପ ଫଳ ବିହୁନ
 ହେବାରୁ ବନଶିରୀ ଅଶୋଭା ଦେଖ ।୧।
ନଦୀ ନଦ ସ୍ରୋତ କୂପ ପୋଖରୀ
ପୂର୍ବେ ଏ ଜଳେ ରହିଥିଲେ ପୂରି
ତୋ ମନ୍ଦ ବର୍ଷା ଯୋଗୁଁ ବସୁନ୍ଧରୀ
 ତୃଷାରେ ଶୋଷି ବାରି ହୋଇଲେ ସୁସ୍ଥ ।୨।
ମୀନଗଣ ମୃତ୍ୟୁ ଗଣନା ନାହିଁ
କୀଟ ପତଙ୍ଗ ତୃଷାତୁର ହୋଇ
ପୂର୍ବ ସ୍ଥିତ ସ୍ଥାନେ ନିର ନ ପାଇ
 ମରନ୍ତି ବନ୍ୟ ଜନ୍ତୁ କେ କରେ ଲେଖ ।୩।
ତୃଣ ନ ପଲ୍ଲବେ ନ ପାଇ ଜଳ
ଏଣୁ କଷ୍ଟ ଭୋଗିଲେ ଗୋରୁ ପଲ
ହମ୍ବା ରାବ ଦେଇ କେତେ ମରୁଛନ୍ତି
 ଧାନ୍ୟ, ମକା ମରନ୍ତି ନର ଅନେକ ।୪।
ଭାଷେ ମୁସ୍ତକିମ ଭାସି ଦୁଃଖରେ

Digitized by srujanika@gmail.com

ଛାପା କୋଟି ଜୀବ ତୃଷା ଭୋକରେ
ଜଳବଳ ପାଇ ଶାପ ଦିଅନ୍ତି
ତୋ ଶିରେ ପଡୁ ଚକ୍ରଧରଙ୍କ ଚକ ।୫।

- ୨୩୫ -

ଅଣ୍ଟି ଗଲାଣି କଟି ହୋଇରେ, ବ୍ରଜ ଯୁବରାଜ ନିନ୍ଦା ମହିରେ ।ପଦ।
କୋଟିରେ ଅଜଣା ଗୋଟିଏ ନାହିଁ ନା
ଯା ମୁଖୁ ଶୁଣିଲେ ବ୍ରଜ ଗୋପାଙ୍ଗନା
କୁଂଜ କୁଟୀରେ କହ୍ନାଇ ସଙ୍ଗେ ହେଲେ ବାଇରେ ।୧।
ବାସ ମୋର କୂଳେ, ସ୍ନାନ ପାଇଁ ଜଳେ
ପୀତବାସ ବାସ କଦମ୍ବେ ଥୋଇରେ
ଲଜ୍ୟା ତେଜ୍ୟା କରି ଚିର ମାଗିବାର ଗୋଇ ।୨।
ଡାକୁ ବଂଶିସ୍ୱନେ ଯିବାର ବିପିନେ
ରସ ଆରମ୍ଭିବା ତୋଷେ ବୃନ୍ଦାବନେ
ପାଟ ଦାନ ମାଗିବାର ହଟିଆ କହ୍ନାଇ ।୩।
କଇବର୍ତ୍ତ ରୂପେ ନାବ ବାହିବାର
କି ଭଙ୍ଗୀରେ ଜଣେ ଜଣେ କଲା ପାର
କବି ମୁସ୍ତକିମ କହି ଆନେ ଜଣା ନାହିଁ ।୪।

- ୨୩୬-

ମନ୍ଦ ବିହିରେ ଭାଳେ ଲିହି ଥିଲୁ କି
ପିଅର ଜନନୀ ବନେ ପେସିବାର ପାଇଁ କି ।ପଦ।
ରଜନୀ ଶେଷେ ଲଭନ୍ତେ ଇନ୍ଦ୍ର ପଦବୀ
ସାବତ ଜନନୀ ବୋଲେ ପିତା ବନେ ତଡ଼ି
ଦେଲେ ହୋନ୍ତାକି କର୍ମେ ନ ଥିଲେ ଏ ଦାରୁଣ ବିପତ୍ତି ।୧।
ଚଉଦ ବର୍ଷ ବନେ ଫଳ ଜଳ ଭକ୍ଷି
ବୃକ୍ଷ ପଟ ପରିଧାନ କରି ଜଗତ ଜୀବନ
କିପରି ବଞ୍ଚିବେ ଦିନ ଖରା ବର୍ଷା ଶୀତଟି ।୨।
ଅତି ସୁକୁମାରୀ ରାଜସୁତା ଜାନକୀ

Digitized by srujanika@gmail.com

ସେ ସଙ୍ଗତେ ଛନ୍ତି ଯାଇ
ଅନ୍ନ ବିନା ଫଳ ଖାଇ କିପରି ଧୈର୍ଯ୍ୟ ଧରିବେ
ସୁକୁମାର ସୌମିତ୍ରୀ ।୩।
ଚିନ୍ତେ ମୁସ୍ତକିମ ଚିତ୍ତେ ହୋଇ ସନ୍ତାପି
ହେମ ପଲ୍ୟଙ୍କେ ସୁପାତି ପରେ ନିଦ୍ରା ଚାହେଁ ରାତି
ସେ ଏବେ ଧରିଣ ଅଙ୍କେ ଶୋଇବେ କିପରିଟି ।୪।

- ୨୩୭ -

ବିଜେ ଶ୍ରୀରାମ ଜଟାୟୁ ପାଶ, ଜଣାଇଲା ସକଳ ସନ୍ଦେଶ ।ପଦ।
ଜଟା ଭାଷେ ଭୋ କୋଦଣ୍ଡଧାରୀ
ସିନ୍ଧୁ ତଟରେ ଲଙ୍କା ନଗରୀ
ତହିଁ ଦଣ୍ଡଧର ଦଶମାଥ ।୧।
ଦେବ ରାବଣ ନାମ ତାହାର
ସେ ଯେ ବିଶ୍ରବା ଋଷି କୁମର
ଆସି ହେଲା ମାୟା ତପୋବନ୍ତ ।୨।
ସଉମିତ୍ରୀ ବନେ ଯିବା ଜାଣି
ମିଳି ଭାଷେ ମୋତେ ଦିଅ ପାଣି
ମିଛେ ଦ୍ୱାରେ ହେଲା ଛଟପଟ ।୩।
ଦେବୀ ନ ପାରିଲେ ମାୟା ଜାଣି
କୋମଣ୍ଡଳେ ଆଣି ଦେଉଁ ପାଣି
ହରି ନେଲା ସେ ମୂଢ଼ ଦଇତ୍ୟ ।୪।
ମୁଁ ଯେ ରଣ କଲି ତୁଲେ
ଜିଣି ନୋହିଲା ପ୍ରଭୁ ମୋ ବୋଲେ
ଶରେ ମୋ ପକ୍ଷ କଲା ନିପାତ ।୫।
ରାମ ଲକ୍ଷ୍ମଣ ମୁଖକୁ ଚାହିଁ
କହ କି ବୁଦ୍ଧି କରିବା ଭାଇ
ଶୋକେ ମୁସ୍ତକି ହୁଏ ଆରତ ।୬।

Digitized by srujanika@gmail.com

- ୨୩୮ -

ରାମ ଆରତେ ଦୁଃଖିତେ ଗିର ଭାଷନ୍ତି ଲକ୍ଷ୍ମଣ କତିରେ
ଆଉ ମୋ ଜୀବେ କାର୍ଯ୍ୟ ନାହିଁ ଏବେ ବଞ୍ଚିଥିବ କି ସତୀରେ ।ପଦ।
ବରଷା କାଳେ ଥାଇ ମୋ କୋଳେ ନିରଦେ କରେ ଭିତିରେ
ଚପଳା ଶର କଲେ ପ୍ରହାର ଭୟେ ଭିଡ଼ଇ ମୋ ଛାତିରେ ।୧।
ବନେ ଶୂକର ଗଣ୍ଡା ପ୍ରଖର ଧାଇଁବା ଦେଖି ଧାତିରେ
ବେନି ଭାଇଙ୍କ ମଧ୍ୟରେ ଥାଇ କମ୍ପେ ଯେହ୍ନେ ରମ୍ଭା ପତ୍ରରେ ।୨।
ସେ ଯେ ଅସୁର, ପାପୀ ଦୁରାଚାର, ନେଲାଟି ଲଙ୍କାପତିରେ
ଥିବେ କି ପିଣ୍ଡେ ପରାଣ ରଖି ଦେଖି ଦୈତ୍ୟଙ୍କ ମୂର୍ତ୍ତିରେ ।୩।
କବି ମୁସ୍ତକି ଭଣଇ ରାମ ଦୁଃଖ ଦେଖି ସୌମିତ୍ରୀ ହେ
ବୁଝାନ୍ତି ଭ୍ରାତ କର୍ମ ଲିଖିତ କେବେ ହୁଏ କି ମେଣ୍ଟି ହେ ।୪।

- ୨୩୯-

ଭ୍ରମେ ଶ୍ରୀ ବ୍ରଜରାଜ ରଜ କି । ପଦ ।
ଘନ ଶ୍ୟାମ ବସନ ଆଣି ଦେଲା ସଦନ
ଦେଖି ହେଲି ହରଷ କି
ଯତନେ ରଖିଲି ପେଟିରେ ।୧।
ଆର ପ୍ରାତରେ ଉଠି ଆସି ମାଗିଲା ଧଟି
ଲାଞ୍ଛ ଦେଇ କହିଲି ରଜକୀ
ତାଙ୍କ ଆଗଟି ।୩।
ଶ୍ରବଣେ ରାଧାବାଣୀ ଶୁଣି ମୁସ୍ତକି ଭଣି
ଶ୍ୟାମ ଆଗେ କହିବି
ତୁମ୍ଭର ଅମ୍ବର କଳା ଏତିକି ।୪।

- ୨୪୦ -

ଆଜରାତି ମୋ ପ୍ରିୟ ନଇଲେ ରେ ।ପଦ।
ଦେଖି ବରଷା, ସ୍ମର ବରଷା ଶର କରେ ମୋ ହୃଦ ଶଇଳେ ରେ ।୧।
କୋକିଳ ମୂକ, କଳା କଣ୍ଟକ, କଣ୍ଠ କଟ ହୁଏ ଏ କାଳେ ରେ ।୨।

Digitized by srujanika@gmail.com

ଡାକ ଦର୍ଦ୍ଦୁର, ଝିଙ୍କାରୀ ସ୍ୱର ସ୍ୱରେ ବିସ୍ମର ମହି ବୋଇଲେ ରେ ।୩।
ମୁସ୍ତଫା ସେର କରେ ବିଚାର କେଉଁ ବାଳା ଚିତ୍ତ ମୋହିଲେ ରେ ।୪।

- ୨୪୧ -

ଦୁଷ୍ଟ ନାଶି ସନ୍ଥ ପାଳିନୀ ଭବାନୀ ।ପଦ।
ସତ୍ୟେ ମହିଷା ବଧି ପ୍ରଶଂସା ରଖିଲୁ ଚାମୁଣ୍ଡାଙ୍କୁ ଘେନି ।୧।
ତ୍ରେତା ଯୁଗରେ ରାମଙ୍କ ଶରେ ବଧ କରାଇଲୁ ରାବେଣୀ ।୨।
ଦ୍ୱାପରେ ପାର୍ଥ କୋପୁଁ ମହେଶ ରଖିଲୁ ମାଁ ସିଂହବାହିନୀ ।୩।
କଳିଯୁଗରେ ସମ୍ବଲପୁରେ ରହିଛୁ ମୁସ୍ତକିମ ଭଣି ।୪।

- ୨୪୨ -

ଆରେ କଂସାସୁର ବାରେ ଘେନ ମୋ ଗିର
ବାଇ ନୁହଇରେ ପାମର ।ପଦ।
ନ ଜାଣୁ କି ନାଶ ଗଲା ଭଗିନୀ ତୋର
ଦୁଗ୍ଧ ପାନ ସଙ୍ଗେ ପ୍ରାଣ ତା' ଗଲା ଅନ୍ତୁଡ଼ିଶାଳର ।୧।
ଇନ୍ଦ୍ର ବିବାଦରେ ଟେକି ଧରିଲେ ମନ୍ଦର
ପଦ୍ମ ତୋଳିବାକୁ ଯାଇ କାଳୀ ଦଳିଲେ ପାଦର ।୨।
ଷଣ୍ଢା ଶକଟା ବକା ତୃଣା କେଶୀବୀର
ବସ୍ଥା ଧନୁକାଦି ଅଷ୍ଟମଲ୍ଲ ନାସିଲେ ତୋହର ।୩।
ଭଣେ ମୁସ୍ତକିମ ତୁ ନ ମଣ ଇତର
ନୁହନ୍ତି ମାନବ ସେ ଯେ ସ୍ୱୟଂ ବିଷ୍ଣୁ ଅବତାର ।୪।

- ୨୪୩ -

ଘନ କେଶୀ ଏ କାହା ଭିରୀ, ଦିଶେ ମୋହିନୀ ପରି ସୁଚାରୁ ।ପଦ।
ନାସାରେ ବସୁଣି, ଦଣ୍ଡିଗୁଣା ଘେନି ମଣ୍ଡି ହୋଇଛି ସେ ଚଞ୍ଚଳେ ଇକ୍ଷଣି
ବାସବ କୋଦଣ୍ଡ ଖଣ୍ଡ ନିନ୍ଦୁଅଛି ଭ୍ରୁରୁ ।୧।
ମଥାମଣି ଶିରେ, ଟିକିଲି ଭାଳରେ, ହେମ ପ୍ରଜାପତି ପୁଷ୍ପ ଖୋଷା ପରେ
ଗଳାରେ କାଞ୍ଚନ ମାଳି ଅତି ସରୁ ସରୁ ।୨।
ବାହେ ତାଡ଼ ସୁତା, ଶଶି ତେଜ ଜିତା

Digitized by srujanika@gmail.com

କର କଙ୍କଣେ କି ଖଦ୍ୟୋତ ଭୂଷିତା
କଟିକୁ ସମ ନୋହିବ ତ୍ରିନେତ୍ର ଡମ୍ବରୁ ।୩।
ଚରଣେ ନୂପୂର, ରୁଣୁଝୁଣୁ ସ୍ୱର
ଝୁଣ୍ଟିଆ ହିଆ କମ୍ପାଏ ଯୁବାଙ୍କର
ମୁସ୍ତକିମ ଭାଷେ କିବା ଅପ୍ସରାଙ୍କ ଗୁରୁ ।୪।

- ୨୪୪ -

ଆହା ରେ କି କଲା ମୋତେ ଦାରୁଣ ବିହି
କାରୁଣ୍ୟ ମୋ କହି ନୁହଇ ।ପଦ।
ଯାହା ଯାହ ସାହା ପାଇ, ସୁଖେ ଦିନ କାଟୁଥାଇ
ସେ ନାହା ମୋ ରହିଲେ କାହିଁ ।୧।
ଏ ଦାରୁଣ କଷ୍ଟ କା'ରେ, କହିବି କେ ଯାଇ ବାରେ
ପ୍ରାଣଧନେ ଦେବ ଜଣାଇ ।୨।
ଅନ୍ତର ହୋଇଲେ ଦଣ୍ଡେ, ପ୍ରାଣ ନ ରହିବ ଗଣ୍ଡେ
ଏ ଘେନି ଅନ୍ତର ନୁହଇ ।୩।
କି ବା କା' ରସରେ ରସି, ହୋଇ ରହିଲେ କେ ରୁଷି
ମୋହିନୀ ବା ମୋହିଲା କେହି ।୪।
କବି ମୁସ୍ତକିମ କହି, କହିଲେ ମୋ ଅଙ୍ଗ ଛୁଇଁ
ଆନ ତନୁ ଛୁଇଁବି ନାହିଁ ।୫।

-୨୪୫-

ଦୀନବାନ୍ଧବ ମାଧବ କୃପାନିଧି, ରଖିଛଟି ପୂର୍ବେ ବନେ ମୃଗିକି
ଶର ମୁଖୁ ଉଦ୍ଧରି ।ପଦ।
ଗ୍ରାହା ମୁଖୁ ରକ୍ଷା କଲ କରୀ କି
ଚକ୍ର ପେଶି ନକ୍ର ଶିରକୁ କାଟି
ଇନ୍ଦ୍ର ବିବାଦର କାଳେ ଗିରିବର
କରେ ଟେକି ଥିଲଟି ।୧।
ଭକ୍ତ ଅରକ୍ଷକୁ ସଦା ବିବେକୀ

Digitized by srujanika@gmail.com

ହୃଦେ ବିରାଜୀ ଶ୍ରୀବତ୍ସ ଚିହ୍ନଟି
ପ୍ରହଲ୍ଲାଦେ ଆହ୍ଲାଦେ ରଖିଲ ଯା ହାଦେ
କେଡ଼େ ଆଚମ୍ବିତ ଟି ।୨।
କୋଟି ବାସ ଦେଲ ଦଉପ୍ରଦୀ କି
ଭୂଭାର ନାସିଲ ଦୁଷ୍ଟଙ୍କୁ ବଧି
ତାରିଣ କାରଣ ଦେଇଛ ଆପଣ
ଅଜାମିଳ ପାପୀ କି ।୩।
ହୃଦେ ଯେ ଯା ପାଞ୍ଚେ ଜାଣ ତାହାଟି
ଆତଙ୍କେ ଚିନ୍ତିଲେ ଫେଡ଼ ଦୁର୍ଗତି
ଅପଘ୍ନି ଆପଣ ନ ହୁଅ କୃପଣ
କହେ କବି ମୁସ୍ତକିମଟି ।୪।

-୨୪୬ -

ଆରେ ରସବତୀଙ୍କର ରଜା, କୋଲୁ ନ ଯା ।ପଦ।
ତୁ ରୁଷି ଖସିଲେ ଧରାରେ ବସିଲେ
ମନସିଜ ଦେବ ସଜା ।୧।
ହାଟକ ବରନା, ଲଭୁଛି ବେଦନା
ଆନନ ଟେକି ଚାହିଁ ଯା ।୨।
ହସ ଔଷଧୀଶ, ବଡ଼ ପିୟୂସ
ପ୍ରୟୋଗୀ ଦୁଃଖ ଖସି ଯା ।୩।
ମୁସ୍ତକିମ ଭଣି, ଘେନି ମୋ ଦୟିନୀ
ଅଙ୍କ ପଲଙ୍କେ ମଣ୍ଡି ଯା ।୪।

- ୨୪୭-

ପ୍ରାଣ ସଙ୍ଗିନୀ ଏଲ ଲୋ ଏଲ ଲୋ
ପ୍ରିୟ କାଛେ ଯାବୋ କୁଞ୍ଜ ଗୁହାରେ ।ପଦ।
ସୁମନ କଛି ତୋଲା, ଗୁନ୍ଥିଲ ଏ ମାଲା
କାଲାଚାନ୍ଦ ଗଲେ ଦିବ ତାହାରେ
ଦେଖି ହରି ତୋଷ ହବେ, ହସି ହସି ଚୁମ୍ବିବେ
ବସିବେ ଅଙ୍କରେ ରସି ନିଃଶଙ୍କରେ
ମିଟାଏ ଦିବ ହ୍ରିଦାନଳ ଦାହାରେ ।୧।

Digitized by srujanika@gmail.com

ମୁସ୍ତକିମ ବୋଲେ, ଝୁଲି କୁଞ୍ଜ ଦୋଳେ
ସ୍ମର ବନ୍ଧେ ଚାନ୍ଦ ନିଶି ପ୍ରହାରେ
ଗନ୍ଧବହ ସମୀରନ, ସୁଖେ କରିତେ ସେବନ
ହ୍ରିଦେର ସନ୍ତାପ ତୁଟାଇବେ ଆଜ
ବେଢ଼ାଇବେ ଗଲେ କ୍ରିଷ୍ଣ ବାହାରେ ।୨।

-୨୪୮-

ପ୍ରତିପଦ ସେ ସହି ଦ୍ୱିତୀ ଆଗେ ଚିତ୍ତୋଇ
ତୃତୀୟେ କାଳେ ସ୍ନାନାହାରେ ଜୀବଟି ।୧।
ଚତୁର୍ଥ ବେଳେ ରବି, ଅସ୍ତ ହେବାର ଦେଖି
ପଞ୍ଚଶର ହୃଦରେ ବିନ୍ଧିବ ଯେ ।୨।
ଷଟପଦ ସୁକେଶୀ, ସପ୍ତଅଷ୍ଟ ବୟସୀ
ନବମ ଦିନ ହେଲା ଗଣୁଥିବ କି ।୩।
ଦଶଭୁଜା ଏଗାରେ ପୂଜିବ ତିଥି ବାରେ
ତେରଛା ଚାହାଣି ତା' ତୁଟିଥିବ କି ।୪।
ଚତୁର୍ଦ୍ଦଶ ଭୁବନେ ନାହିଁ ମୁସ୍ତକି ଭଣେ
ଅମା'ସ୍ୟା ଚନ୍ଦ୍ର ପ୍ରାୟେ ସେହି ହେବଟି ।୫।

- ୨୪୯ -

ପ୍ରିୟେ ଗୋ, ଆସ ତୋଷ ଶର୍ବରୀ
ଚନ୍ଦ୍ର ଚାନ୍ଦନୀରେ ଚମ୍ପେକ ଗୋରୀ ।ପଦ।
ଚାଟୁ ପଟୁ ଭାଷୀ ଚାମରକେଶୀ
ପଲ୍ୟଙ୍କେ ମୋ ଅଙ୍କେ ନିଃଶଙ୍କେ ବସି
ଶଶିହାସୀ ହସି ଭୁଜେ ଭିଡ଼ କସି
ଇସି ଇସି ମନ୍ତ୍ର ମୁଖେ ଉଚ୍ଚାରି ।୧।
କାମ ଯମ ବାମ ଡମରୁ ରଖ
ଝାମ ଝାମ ଝାମ ଦେଉଛି ଦୁଃଖ
ତା' ଶର ନାଶରେ ପାଞ୍ଚ ନେତ୍ର ଶର
ପ୍ରହାର ପ୍ରହାର କଟାକ୍ଷ ଛୁରି ।୨।

Digitized by srujanika@gmail.com

ଭାସିଲି ଭାଷିଲି ମୁସ୍ତକି ଭାଷେ
ତୋ ଆସନମତେ ସୁସ୍ଥ ଆଉ କେ
ଜବାଧରୀ ଜୀବ ଯିବା ହେଉଛିଟି
ଧରିତ୍ରୀ ଶୋଭୀ ଗୋ ଧର ଉଦ୍ଧରି ।୩।

- ୨୫୦ -

ସଖୀରେ ଆନ ନୋହେ କର୍ମ ଲେଖନ ।ପଦ।
ସୁରେ ସମୁଦ୍ର ମନ୍ଥିଲେ, ପିୟୁଷ ପ୍ରାପତ ହେଲେ
ଶୁଣ ମନ୍ଥୁ ବିଷ ଜନମ ।୧।
ରାହୁ ଭକ୍ଷିଲା ପିୟୁଷ, ହର ଭାଗ ହେଲା ବିଷ
ଦେଖ ବିପରୀତ ଘଟନ ।୨।
ନଭେ ଶୋଭେ କଳାକର, କ୍ଷୟ ବୃଦ୍ଧି ହୋଏ ତୋର
ସହସ୍ର ଯୋନି ମଘବାନ ।୩।
କବି ମୁସ୍ତକିମ ଭାଷେ, ମକ୍ଷିକା ଉଚ୍ଛିଷ୍ଟ ରସେ
କେଡ଼େ ସାଦର ସର୍ବଜନ ।୪।

- ୨୫୧ -

ଦେଖି ଦେଖି ମୋ ରହିଲା ଲାଖି ତା' ଚପଳା ଠାଣି
ମାନିନୀ ଶଶିଆନନୀ ଚାରୁ ଭ୍ରୁରୂ ଚାପ ଚାହାଣି ।ପଦ।
ପାଦ ନୂପୁର ନାଦ ମଧୁର କଟିରେ କିଙ୍କିଣୀ
ଡାକ ଶ୍ରବଣେ କହେ ମୋ ସମେ, ମହିରେ ନାହିଁ କି ।୧।
ହାସ ବିକାଶ ପଙ୍କଜ ଦୃଶ କୋରକ ଦନ୍ତନୀ
ପଞ୍ଚବି ଶିକ୍ଷ ପାଞ୍ଚ କି ଲାଖ, ଚଞ୍ଚଳ ଈକ୍ଷଣୀ ।୨।
କୁଞ୍ଚିତ ଘନ ଘନ ବରନ କେ ସେ ସୀମନ୍ତିନୀ
କାଳିନ୍ଦୀ ମଧ୍ୟେ ବହେ କି ଶୁଦ୍ଧେ, ଜାହ୍ନବୀ ପାଣି ।୩।
ମୁସ୍ତକି କହେ, ହେବ ଯା ପ୍ରିୟେ ସେ ଯୁବା ଅଗ୍ରଣୀ
ହୋଇ ତ୍ରିଶୂଳୀ, ତୋଷିଲେ ଶୂଳୀ, ଲଭ ବଶେ ପୁଣି ।୪।

Digitized by srujanika@gmail.com

-୨୫୨-

ଏଡିକି ନିଷ୍ଠୁର ଗୋରୀ ବିମ୍ବା ଅଧରୀ ।ପଦ।

କାମ କାଣ୍ଡ ପରଚଣ୍ଡ, ହୃଦ କରେ ଖଣ୍ଡ ଖଣ୍ଡ

ଏ ଦଣ୍ଡୁ ରକ୍ଷା ନ କରି ନଖେ ବସ୍ତୁ ସହି ଚିରି ରେ ।୧।

ହରିଣାକ୍ଷୀ ପୀନସ୍ତନୀ, କେଶରୀ ଅରିଗମନୀ

ବସନ ଭାଗ୍ୟ ପ୍ରଦାନ ନ କରୁ କି ଦୋଷ ଧରି ।୨।

ଦାହକ କନକଗାତ୍ରୀ, ଚନ୍ଦ୍ରମୁଖୀ ରସପାତ୍ରୀ

ପକ୍ୱ ଡାଳିମ୍ବ ସୁଦନ୍ତୀ, କିଣାଦାସ ମୁଁ ତୋହରି ।୩।

ଭାଷେ କବି ମୁସ୍ତକିମ, ମୋ ମନ ଚାତକ ଜାଣ

ତୋ କରୁଣା ଘନ ଆଶ କରିଛି ଦିବା ଶର୍ବରୀ ।୪।

-୨୫୩-

ମନ ମୀନ ଧରି ରଖିଲା ତୋ ଶୋଭା ବଡ଼ସି । ପଦ ।

ଭ୍ରୂକଣ୍ଡା ତୋର ଅଞ୍ଜନ ଲାଠି, ଚାହାଣି ଚରା ଦାନେ

ଝିଙ୍କି ନେଲୁ ଆକର୍ଷି

ନେଇ ଥୋଇଲୁ ଖଳାଇ କୁଚେ

କାମ କଟାରେ କାଟିଦେଲୁରେ ଶଶିହାସୀ ।୧।

ବାକ୍ୟ ବେସରେ ଲୁଣ ହାସରେ, ଛଟକ ତୈଲ୍ୟେ

ନାସ ଫୁଲା ଆମ୍ଳେ କଷି ।୨।

ଅଗ୍ନି କନ୍ଦର୍ପ ପ୍ରକୃତି କାଷ୍ଠ

ମୁସ୍ତକିମେ ଏ କାଳେ ଖରଭୁତୁ ଅଛି ବସି ।୩।

- ୨୫୪ -

ବରଜ ରାଜନ ନନ୍ଦନ ବନ୍ଦନ, କର କର ମନ ଆନ ନ ପୂଜି ।ପଦ।

ଯେଉଁ ଚରଣକୁ ଧ୍ୟାୟି ମୃଗୀ ନିସ୍ତରୀ ଅଛଇ

ଭଜ ସେ ପାଦ ଯିବ ବିପଦ

ଶୁଣ ପ୍ରାପତ କରିଲାରୁ ତରିଗଲା କୁବୁଜୀ ।୧।

Digitized by srujanika@gmail.com

ଦେଖ ଯେ ଚରଣ ପାଇ ନାରୀ ଶାପୁ ତରିଛଇ
ଭଲା ସେ ପଦ ଧୌତ ମୁକତ
ହେଲା କୈବର୍ତ୍ତ, କାଳି ଦର୍ପ ଖର୍ବ ପଦ ନ ଭଜି ।୨।
କବି ମୁସ୍ତକିମ କହି ଭଲା ସମୟଟି ଏହି
ଧ୍ୟାନେ ମଜରେ, ତା' ନାମ ଭଜରେ
ଚିତ୍ତେ ହେଜରେ, ଜୀବ ଗଲେ ପାଇବୁ ନିକି ଖୋଜି ।୩।

- ୨୫୫ -

ବିଚ୍ଛେଦ ତନୁ କେତେ ସହିବରେ
କିପାଁ କରେ ନିଷ୍ଠୁର ଦଇବରେ ।ପଦ।
ଧିକ ଏ ଯୁବାକୁଳ, କାମୀ କାମିନୀ କାଳ
ଧିକ ଯାଉ ଏ ପ୍ରାଣ ହୁଅଇ କଳବଳ
କେଡ଼େ ନିଷ୍ଠୁର ହିଆ ନ ହୁଏ ବେନି ଫାଳ
ସତେ କି ଚିର ହୋଇ ରହିବରେ ।୧।
ଅଳ୍ପାୟୁ ସୁଖ ସିଦ୍ଧ, ନ ଭିଞ୍ଜି ହତଶିରୀ
ହେବାରୁ ଜୀବ ଗଲେ, ହୁଅନ୍ତି ଭବୁ ପାରି
ଥିବାରୁ ପିଣ୍ଡେ ବନ୍ଧା ଯାତନା ଫାନ୍ଦେ ପଡ଼ି
ହେଉଛି ନିତ୍ୟେ ଦହି ହୋଇବରେ ।୨।
କବି ମୁସ୍ତକି ଭାଷ, ନ କରିବି ସୁଆଶ
ଯେତେହେଲେ ନିରାଶ ନ ତୁଟି ପୁଣ ଆଶ
ଆଶରୁ ନାଶ ହେବ ନ ଲଭି ନିନ୍ଦା ଯଶ
ସେ କାଳେ ସବ୍ ବୃଥା ହୋଇବରେ ।୩।

- ୨୫୬-

ପୂଜ ଭଜ ଅନାଦି ଅରୂପ ଅବ୍ୟକତ
ପରଂବ୍ରହ୍ମ ପରେ ଚିତ୍ତ ଦେଇଟି ।ପଦ।
ନ ଲାଗେ ତଣ୍ଡୁଳ, ବଳିତା ତଇଲ
କୁସୁମ ଚନ୍ଦନ କୁଙ୍କୁମ ଗୁଗୁଳ

Digitized by srujanika@gmail.com

ଫଳ ଆରାଧନା ନଇବେଦ୍ୟ ଭୋଗ
ମନ୍ତ୍ର ଯନ୍ତ୍ର ତନ୍ତ୍ର ଲୋଡ଼ା ନାହିଁଟି ।୧।
ପାଦ ନାହିଁ ଚାଲେ, ମୁଖ ନାହିଁ ବୋଲେ
ନେତ୍ର କର୍ଣ୍ଣ ନାହିଁ ଶୁଣେ ଚାହେଁ ଭଲେ
ଜିହ୍ୱା ନାହିଁ ରସ ଭଲମନ୍ଦ ଜାଣେ
ବାସନା ଘେନଇ ନାସା ନାହିଁଟି ।୨।
କୁଟୁମ୍ବ ବାନ୍ଧବ ପଚାରିଲେ ନାହିଁ
ବିଚାରିଲେ ତିନି ପୁରେ ଛନ୍ତି ରହି
ବାସ ନାହିଁ ସବୁଠାରେ ଗୃହଛଇ
ଭୁଜ ନାହିଁ ଶତ୍ରୁ ନାଶ କରେଟି ।୩।
ମୁସ୍ତକିମ କହି ଲୋଡ଼ିଲେ ନ ପାଇ
ଜ୍ଞାନ ଚକ୍ଷେ ଦେଖ ଛନ୍ତି ସବୁଠାଇଁ
ରୂପ ନାହିଁ ମହା ରୂପବନ୍ତ ହୋଇ
ଅଜର ଅମର ସବୁକାଳେଟି ।୪।

- ୨୫୭ -

ବାସକ କେଳୀ ସଦନେ, ହସାଇ ରସାଇ ଚିତ୍ତ ମୋହିବାକୁ,
ମୋ ବନ୍ଧୁ ଜାଣେ ।ପଦ।
ଭାଷେ କି ମଧୁର ଗିର, ଶ୍ରବଣେ ସୁଧାରୁ ସାର
ଚୁମ୍ବି ଗଣ୍ଡେ ଅଙ୍କେ ମଣ୍ଡେ ଚାହିଁ ଧୀରେ ନେତ୍ର କୋଣେ ।୧।
ଛନ୍ଦେ ଭୂଜେ ବୁଜି ନେତ୍ର, ପୁଲକାଇ ଦେଇ ଗାତ୍ର
ନାଶା ଫୁଲ, ଗୁଣା ଝୁଲା
କେତେ ଭାବ ଭଙ୍ଗି ଜାଣେ ।୨।
ଶ୍ରମୁ ଘର୍ମ ଜାତ ହେଲେ, ଅଞ୍ଚଳେ ବିଂଛେ ଚଞ୍ଚଳେ
ନାହିଁ ନ ଥିବେ ଭୂତଳେ
ତା' ତୁଲେ ମୁସ୍ତକି ଭଣି ।୩।

- ୨୫୮ -

ମୀନନେତ୍ରୀ କୁମ୍ଭ ଯୁଗ୍ମ ମକର ତାପରୁ ବଞ୍ଚା ।ପଦ।
ଧନୁ ଭୁରୁ ଟାଣି ମାର, ମାର ବିଛାରୁ ଉଦ୍ଧର
ତୁଲ ନାହାନ୍ତି ଆନ କେ

Digitized by srujanika@gmail.com

କନ୍ୟା ମଧ୍ୟରେ ତୁ ବଛା ।୧।
ସିଂହକଟୀ ବିମ୍ବାଧରି, କକଡ଼ା ଲଗ୍ନରେ ଗୋରୀ
ମିଥୁନ ରସ ଆରମ୍ଭ
ବୃଷେଶ ପୂରାନ୍ତି ବାଂଛା ।୨।
ମେଷ ଦାନେ ତୋଷି କାଳୀ, ତୋତେ ଲଭିରେ ବାଳି
ମୁସ୍ତକିମ କହେ
ଗୁକ୍ଷପତି ବଦନ ନ ଘୁଞ୍ଚି ।୩।

-୨୫୯ -

କେଣେ ଗଲୁ ବଇଦେହୀ
ତୋ ବିନେ ଗୋ ସୀତେ ବଞ୍ଚିବି କେମନ୍ତେ
ଏ ଦୁର୍ଦ୍ଦିନ କାଳେ ମୁହିଁ । ପଦ ।
ବହେ ପ୍ରବଳରେ ଝଂଝାବାତ, କେକା ପକ ଶୁଭେ ଅପ୍ରମିତ
ଚଉଦିଗେ ଘନ ଘୋଟିଣ ଗର୍ଜନ
କରେ ଚପଳା ଚଳାଇ ।୧।
ଡାହୁକ ହୁଙ୍କାର ପୁଣ ପୁଣ, ଭେକ ଗରଜନ ଘନଘନ
ଜଳଚର କୁଳ ଆନନ୍ଦ କଲ୍ଲୋଳ, ଶ୍ରବଣେ ଧୃତି ଦଳଇ ।୨।
ନଦୀନାଗ କଲେ ବେଗ ଗତି ନାକୁ କର ପଡୁ ପନ୍ତି ପନ୍ତି
ଗ୍ରୀଷ୍ମ ମାଗୁ ମହି ନିସ୍ତରିଲି କହି
ଉଲ୍ଲାସ ହୃଦ ହେଳାଇ ।୩।
ତେଜି ପିତାମାତା ଦେଶ ଘୋଷ, ରାଜଭୋଗ ବେଶଭୂଷା ବାସ
ଏ ମାନ ମୋ ମନେ ନ ପଡ଼ଇ କ୍ଷଣେ
ତୁ ଥିଲାକୁ ସଙ୍ଗେ ସହି ।୪।
ହେ ମନ୍ଦ ବିଧାତା ଏତେ କଷ୍ଟ, ସହିବାକୁ ଥିଲା ମୋ ଅଦୃଷ୍ଟ
ତଥାଚ ବିଚ୍ଛେଦ କଷ୍ଟ ତଥିପରେ
ଲୁହିଲୁ ମୁସ୍ତକିମ କହି ।୫।

- ୨୬୦ -

କେଣେ ଅଛ ହେ ଶଙ୍କର
ଦୁର୍ଗତି ହାରକ, ପାର୍ବତୀ ନାୟକ ଭୋଳା ଲିଙ୍ଗମହେଶ୍ୱର ।ପଦ।

Digitized by srujanika@gmail.com

ଦେବ ବିଷକଣ୍ଠ ତ୍ରିନୟନ, କାହିଁ ଅଛ ଦିଅ ଦରଶନ
ଆହେ ପଞ୍ଚମୁଖ, ଅରକ୍ଷଙ୍କୁ ରଖ
ଜଣାଉଛି ଯୋଡ଼ି କର ।୧।
ହେ ତ୍ରିପୁର ଅନ୍ଧକ ନାଶନ, ବିଭୂତି ଖଗଅରି ଭୂଷଣ
ହେ କୈଳାସ ପତି ଘେନ ମୋ ବିନତି
ମନ ବାଞ୍ଛା ସିଦ୍ଧ କର ।୨।
ହେ ତ୍ରିଶୂଳହସ୍ତ ବୃଷାସନ, ରତିଦେବୀ ନାହା ବିଧ୍ୱଂସନ
ଡମ୍ବରୁବାଦକ, ଗଣେଷ କାର୍ତ୍ତିକ
ଜନକ ସୁଦୟା କର ।୩।
ବିଭୋ ଅର୍ଦ୍ଧେନ୍ଦୁ ଜଟାଧାରଣ, କରିଅରି ପଟ ପରିଧାନ
ଦେବ ଦେବବର ଦାୟକ ଈଶ୍ୱର
ଭାଷେ ମୁସ୍ତକିମ ଧୀର ।୪।

-୨୬୧-

ଅଟ୍ଟହାସିନୀ ହଟ ନ କର ହାଟକ ବରନା
ଚହଟ ବଦନେ ହେ ବରାନନେ ବସନା ବସନା ।ପଦ।
କୁଟିଳ କେଶୀ ଏଟି କି ରୀତି, ଟିକିଏ ହେଲେ ଶୁଣ ଭାରତୀ
ଅଟକି ଅଛି ଟେକି ଲପନ ଅନାରେ ସୁମନା ।୧।
କଳିକା ପତି ଅରିରେ ବାଳୀ, କାଳି କରିବ ତନୁକୁ ଜାଳି
ନ ଯାଉଁ ଜଳି ରଖ ସମ୍ଭାଳି, ଡାଳିମ୍ବ ଦସନା ।୨।
ଏଣୀ ଇକ୍ଷଣୀ ଏ କିକି ବିଧି, ଭଣି ପାଣିକି ଘେନ କତିକି
ଟାଣି ଆଣିଲା ଭାବି ମୁସ୍ତକି କବି କରେ ରଚନା ଗୋ ।୩।

-୨୬୨-

ଅନ୍ତର୍ଲିପିକାରେ ରାଧାକୁ ଭାଷନ୍ତି ହରି ହେ ।ପଦ।
ଦଶାନନସୁତ ଶ୍ରୀରାମ ସହିତ ମିଳିଲା ଯାଇ କିପରି
ଧାତୁ ପାଷାଣର ଖୋଦିତ ଯେ ସୁର କରେ କି ନାମେ ଉଚ୍ଚାରି ।୧।
ସାଧାରଣ ଜନେ ମତାକୁ କି ବୋଲି ପୁତ୍ର କୁପିତ କି କରି
ନିର୍ଦ୍ଧନ ପଦାର୍ଥ ପାଇଲେ କି ହୁଏ ସ୍ୱାଦ କଟୁ କେନ୍ଦୁ ବାରି ।୨।

Digitized by srujanika@gmail.com

ଘୋଟକା ରୋହୀଙ୍କୁ କି ବୋଲି ଡାକନ୍ତି ବାଣ ବାଜୁ କି ଉଚ୍ଚାରି
ଅର୍ଥ ଆଦ୍ୟପ୍ରାନ୍ତ ଫେଇ ମଧ୍ୟେ ବୁଝ ମୁସ୍ତକି ରଚେ ବିଚାରି ।୩।

- ୨୬୩ -

ଦୁଃଖ ଅଣ୍ଟିବ ନାହିଁକି, ଏ ହିମ କାଳ ହିମାଙ୍ଗୀ ପାଇଁଟି ।ପଦ।
ବୃଦ୍ଧ ଜନକର ଶୀତଳତା କର, ତନୁ ଦହୁଥିବଟି
ଧୀର ରଚିର ପ୍ରଖର ସମୀର ଚେତା କରାଏ କାମ ଅଗ୍ନି କି ।୧।
ହରି ଭକ୍ଷ ପତି, ତନୟ କରତି, ଦିଏ ଯୁବା ଯୁବତୀ
ଏକାକିନୀ ହୋଇ, ବଞ୍ଚୁଥିବ କହି, ରଣରଣ ତାପୁ ନିବର୍ତ୍ତି ।୨।
କଣ୍ଠିରବ ପତି, ପତି ସୁମରିବ, ବିରତିର ପାଇଟି
ମୁସ୍ତକି ବିଚାର, ଦେବଦୀପୁ ନିର ବହି ତିନ୍ତି ଥିବ ତା' ଛାତି ।୩।

-୨୬୪ -

କୁଞ୍ଜ ବନେ, ମୁରଲୀ ସ୍ୱନେ, ରାଧାରାଧା ବୋଲି କିଏ ଡାକୁଛି ।ପଦ।
ଶ୍ରୁତିରେ ସ୍ୱନ, ପଶିଣ ମନ, ପ୍ରକୃତି ସହିତେ କରେ ବନ୍ଧନ
ଚିତ୍ତ ଧିଆନ, ନ କରେ ଆନ
ରାଧା ରାଧା ବୋଲି କିଏ ଡାକୁଛି ।୧।
କୁଳ କଳଙ୍କ, କି ଗୁରୁଜନ, ଅଭିମାନକୁ ନ ଡରେ ମନ
ବୁଡ଼ିଲା ବୁଦ୍ଧି ବିବେକ ଜ୍ଞାନ
ରାଧା ରାଧା ବୋଲି କିଏ ଡାକୁଛି ।୨।
ମୁସ୍ତକି ଭାବ ତାରେ ଦ୍ରଶନ, କଲେ ବି ହେବ ତାପ ଖଣ୍ଡନ
ସେହି ପରାଣ ହେବ ରକ୍ଷଣ
ରାଧା ରାଧା ବୋଲି କିଏ ଡାକୁଛି ।୩।

□□□

Digitized by srujanika@gmail.com

ପଠାଣ ଠଗ ଫାର୍ସ

॥ ଚରିତ୍ର ॥

୧. ସିପାହୀ - ପଠାଣ

୨. ଜମିଦାର

୩. ଠକ ୨ଜଣ ମହାନ୍ତି

୪. ଠକର ପିତା ମହାନ୍ତି

ସ୍ତ୍ରୀ ରୂପୀ ଠକ - ପଠାଣ

ସାଧୁ ରୂପୀ ଠକ - ବୈଦ୍ୟ ସଙ୍ଗି ସହିତରେ

(ପଠାଣ ସିପାହୀ ଜଣେ ସାମାନ୍ୟ ଜମିଦାର ପାଖରେ ଚାକିରୀ କରି ବେତନ ନ ପାଇବାରୁ ଜମିଦାରଙ୍କୁ କଟୁ କହି ଘୋଡ଼ାଟିଏ ବେତନ ପରିବର୍ତ୍ତେ ପ୍ରାପ୍ତ ହୋଇ ଘରକୁ ଫେରିଲା ବେଳେ ଦୁଇଜଣ ଠକ ତାକୁ କହିଲେ ଘୋଡ଼ାଟି ବିକ୍ରି କରିବୁକି ? ସେ ସ୍ୱୀକାର କରି ଦାମ ସ୍ଥିର କରିବାରେ ସ୍ଥିର ନ ହେବାରୁ ଠକ ଗୃହକୁ ଡାକି ନେଇ ତାଙ୍କର ପିତାଙ୍କୁ କହିବାରେ ସେ ସାତ ଟଙ୍କା କହିବାରୁ ସିପାହୀ ପଇସା ଓ ଘୋଡ଼ା ଛାଡ଼ି ବାହାରି ଗଲା । ପରେ ଥରେ ସ୍ତ୍ରୀ ରୂପରେ ଓ ଥରେ ସାଧୁବେଶରେ ଓ ଥରେ ଜଣେ ସଙ୍ଗି ସହିତ ଠକଙ୍କର ମାଲ ସବୁ ହରଣ କରିନେଲା ଓ ଶେଷରେ ଘୋଡ଼ା ଘେନି ଚାଲିଗଲା ।)

ସିପାହୀ: ଆଲ୍ଲା ହୋ ଆକବର, ଆଲ୍ଲା ହୋ ଆକବର, ଆଲ୍ଲା ହୋ ଆକବର୍ । ଆଜ ତକ୍ ବାପ୍‌ଦାଦେ କା ଦୌଲତ୍ ଖାତେ ଖାତେ କିସିକା ପରୱାହ ନହିଁ ରଖତେ ଥେ । ମଗର୍ ଖୋଦା କୋ ଯୋ ମଂଜୁର୍ ହଏ ଓହ ଜରୁର ହୋତା ହଏ । ମର୍ଜି ମାବୁଦ୍‌କି ଐସିଥି କି ହମ ଅଭିତକ୍ କୋଇକୋ ସଲାମ ତକ ନହିଁ କହା ଥା, ଲଏକିନ୍ ଅଭି ଅଦବ୍ ସାହବ୍ ଅଦବ୍ ସାହବ୍ ବୋଲ୍‌ନା ପଡ଼େଗା । ଖୈର୍ କିଆ ହିକମତ୍ କରେଁ ? କୋଇ ରଜ୍‌ୱାଡ଼ି ମେଁ ଯା କୋଇ ଜମିଦାରୀ ମେ ଯାକର୍ ନୌକରୀ କର୍‌ନା ହଏ ନହିଁ ତୋ ଫାକାକସି ସେ ଶାଁସ ଭରନା ହଏ ।
ବିସ ମିଲ୍ଲାହ

(ସିପାହୀ ରମାନା ଔର ଜମିଂଦାରୀ ମେଁ ପହୁଁଚନା
ଜମିଦାର ଓ ଦେବାନଙ୍କୁ ଦେଖି)
ଅଦବ୍, ଅଦବ୍, ଗରିବ ପରୱର ଅଦବ୍

ଜମିଦାରଙ୍କ ଦେୱାନ: ତୁମ୍ଭେ କେଉଠୁ ଆସିଛ ? କଣ କାମ ପାଇଁ ଆସିଛ କହିଲ ।

Digitized by srujanika@gmail.com

ସିପାହୀ : ଗରିବ୍‌ପରୱର । ହମାରା ଗରିବ୍‌ଖାନା ଲାହୋର ହଏ । ହମ ନୌକରୀକେ ଲିୟେ ହୁଜୁର୍‌କି ନାମ ଶୁନ୍‌କର୍ ଆଏ ହଏଁ ।

ଜମିଦାର : ଦେୱାନ, ଯଦି କୌଣସି ଚାକିରୀ ଖାଲିଥାଏ ତାହାହେଲେ ଭରତି କରି ଦେଉନ୍ତୁ ।

ଦେୱାନ : ଯେ ଆଜ୍ଞା ।

ଦେବାନ : ତୁମ୍ଭର ନାମ କଣ ?

ପିତାର ନାମ କଣ ?

ନିବାସୀ କେଉଁଠି ?

ଥାନା କାହିଁ ?

ଜିଲା କୋଟା ଅଟେ ?

୧.ମାବୁଦ୍: ଈଶ୍ୱର, ୨.ଫାକାକସି: ଅନାହାର, ୩.ଗରିବ ପରୱର:ଦୀନ ଦରିଦ୍ରଙ୍କ ପାଳନକର୍ତ୍ତା, ୪.ଗରିବଖାନା: ଘର

□□

ସିପାହୀ : ମେରା ନାମ: ଅଲ୍ଲାହ୍‌କା ବନ୍ଦା ।

ୱାଲିଦ କା ନାମ : ହଜରତ ବାବା ଆଦମ ।

ମକାନ : ଲାହୋର ।

ପୋଲିସ : ଆବେ ଜମଜମ୍ ।

ଇଲାକା : ମଦିନା ମନୱାରା ।

ଦେବାନ : ତୁମ୍ଭେ ପଠାଣ ଲୋକ । ଏଠାରେ ତ ଅନ୍ୟ ଚାକିରୀ ଖାଲି ନାହିଁ । ସିପାହୀ କାମ ଖାଲିଅଛି । ରୁହ ।

ସିପାହୀ : ତନଖ୍ୱା କ୍ୟା ମିଲେଗା ହୁଜୁର ?

ଦେବାନ : ଦଶ ଟଙ୍କା । ଯଦି କାମରେ ଉନ୍ନତି ଦେଖାଇବ ତାହା ହେଲେ ପନର ଟଙ୍କା ପାଇବ ।

ସିପାହୀ : ହାଁ ମାଲିକ । ଯୋ ଆପକି ମର୍ଜି । ଅଦବ୍ ସାହବ ଅଦବ୍ ।

(ଗାନା)

ତଦବିର ସେ କିସମତ କି ବୁରାଇ ନହିଁ ଯାତି । ଟେକ୍ ।

Digitized by srujanika@gmail.com

ବିଗଡ଼ି ହୁଇ ଯୋ କାମ ୱ୍‌ହ ବନାଇ ଯାତି ହଏ
ବିଗଡ଼ି ହୁଇ ତକଦିର ବନାଇ ନହିଁ ଯାତି ।୧।
ଅଲ୍ଲାହକୋ ମଞ୍ଜୁର ଯୋ ବେଶକ୍ ୱ୍‌ହ ହୋତି ହଏ
ବେ ହୁକ୍‌ମେ ରବ୍‌କି
କୋଇ ସେ କୁଛ କି ନାହିଁ ଯାତି ।୨।
ରଜ୍ଜାକ ଔର ଗଫ୍‌ଫାର ହଏ କୌଲ ମୁସ୍ତକିମ କି
ଦୁଆ ତୋ ସିଦ୍ଦକ ଦିଲ କି
ଖାଲି ନହିଁ ଯାତି ।୩।
ସିପାହୀ : ଅଲ୍ଲାହ ହୋ ଆକବର, ଅଲ୍ଲାହ ହୋ ଆକବର୍
ହମାରା ନଶିବ ମେଁ କ୍ୟା ମୁସିବତ ହୈ ।
ଆଜକୋ ଚାର ମହେନା ହୁଆ ନୌକରୀ କିଆ
ମଗର ତନଖା ବଗୈର ତଡ଼ପନା ପଡ଼ତା ହୈ ।
ଯୋ ହମାରା ପାଶ ବାକୀ କୁଛଥା ସୋଭି ଖା ଚୁକା
ଫକତ୍ କଲ ଦିନ ଭରକା ଖୁରାକ ବାକି ହଏ ।

୧.ଅଲ୍ଲାହ କା ବନ୍ଦା: ଈଶ୍ୱରଙ୍କ ମଣିଷ, ୨.ଅଲ୍ଲାହ ହୋ ଅକବର: ଈଶ୍ୱର ବଡ଼, ୩.ନଶିବ: ଭାଗ୍ୟ, ୪. ରବ୍ : ପାଳକ ।

□□

ପରସୋଁ ସେ କ୍ୟା ଖାକର ନୌକରୀ ବଜାଏଁ ?
ଖୈର, ଆଜ ଜମିଂଦାର ଔର ଦେୱାନ କୋ କୁଛ ନହିଁ ବୋଲେଙ୍ଗେ
ତୋ ଜାନ୍ ଭି ନହିଁ ବଚେଗା ।

ସିପାହୀ : ବନ୍ଦଗି । ବାବୁଜୀ ହମରା ତନଖା ନହିଁ ମିଲତା । କୈସେ କି ଜାଏଗି ?

ଥାନାଦାର : ତୁମି କି ପାଗଲ ହଏଛି ? ଆମି ଆଜ୍‌କୁ ଚାରି ପୁସ୍ତେ ନକର । ଆମାଦିକେ କବେ କବେ ଇଚ୍ଛା ହେଲେ ଦି ଚାରି ବର୍ଷରେ ଦି ଚାରି ଟାକା ମିଲେ । ତୁମି ଚାରି ମାସ କେବଲ କାମ କରି ଟାକା ଟାକା ବୋଲି ବୋବାଲି ପାଡ଼େଛି ?

ସିପାହୀ : ଅରେ ଅଲ୍ଲାହ । ଅଚ୍ଛା । ଆଜ୍‌ତୋ ଜରୁର ତନଖା ମାଗେଙ୍ଗେ ।

ଥାନାଦାର : ତୋମାଦିକେ ଟାକା ମାଗତେ କେନ ମାନା କରିବେକି । ମାଗ

(ପ୍ରସ୍ଥାନ)

Digitized by srujanika@gmail.com

ସିପାହୀ : ଦେବାନଜୀ ଅଦବ୍ ।

ଦେବାନ୍ : ମିଆଁ ଭଲତ୍ ।

ସିପାହୀ : ଭଲୋ କି ବାତ୍ କ୍ୟା କହେଛୁଁ ହୁଜୁର । ଅଭିତକ କାମ କରି କରି ଚାର ମହେନା ଗୁଜରି ଗେଲା । ମଗର ଦରମା ମିଲା ନହିଁ ।

ଦେବାନ : ଠହୁର ଠହୁର, ଜମିଦାର ବାବୁଙ୍କୁ ଆସି ଦିଅ ।

ତାଙ୍କ କଚେରିରେ ଖଣ୍ଡିଏ ଦରମାପ୍ରାପ୍ତ ଦରଖାସ୍ତ ଓ କାମ କରିଥିବା ବିଲ ନକ୍‌ସା ପେସ କରିବ ।

ସିପାହୀ : (ଜମିଦାର ଆସି କଚେରିରେ ବସିଲାରୁ ବିନା ଦରଖାସ୍ତରେ ଜମିଦାରଙ୍କୁ)

ଅଦବ୍ ଗରିବ ପରୱର ଅଦବ୍, ଅଦବ୍ ।

ଜମିଦାର : କି ହେ ସିପାହୀ, ତମର ଚୌକୀ ପହରା ଛାଡ଼ି ଆଜି କୋଆଡ଼େ ଆସିଲ ?

ସିପାହୀ : ହୁଜୁର, ଆଜକୋ ଚାର ମହେନା ହୁଆ ହମ ସିପାହୀ କାମ ମେଁ

ଭୈନ ହୋକର ନୌକରୀ ବରାବର କରତେ ଚଲା ଆତା ହଏଁ ।

ମଗର ତନଖା ଅଭିତକ ଏକ ପୈସା ଭି ନହିଁ ମିଲା । ଇସିଲିଏ

ହୁଜୁରକି ଇଜଲାସ ତକ୍ ଆୟା ହୁଁ । ଆଗେ ହୁଜୁର ମାଲିକ ହଏଁ ।

ଜମିଦାର : କିହେ ଦେବାନ । ସିପାହୀ ବେତନ ଲାଗି କହୁଛି । କିଛି ଥିଲେ ଦେଇଦିଅ ।

ଦେବାନ : ମଣିମା, ତହସିଲରେ ତ ଟଙ୍କା ନାହିଁ । କୋଆଡ଼ୁ ଦେବି ?

ଜମିଦାର : ସିପାହୀ କିଛି ଦିନ ଠହୁର ପାଇବ

ସିପାହୀ : ହୁଜୁର ମଏଁ ଖୋଦାକି କସମ ଖାକେ ବୋଲତାହୁଁ ମେରା ପାସ କିତନେ ଜର ସାମାନ ଥା, ସବ ବିକି କେ ଖା ଚୁକା । ଖାଲି ଏକ୍ ରୋଜକା ଖୁରାକ ହଏ । କଲ ଦିନ ଭର ଚଲେଗା । ଲେକିନ ମୈଁ ଅବ୍ ନୌକରୀ କରନେ ନହିଁ ଚାହତା । ମେରା ଯୋ ହିସାବ ହଏ ସୋ ଦେଦୋ । ମଏଁ ଅପନେ ୱତନ ଚଲା ଯାଉଙ୍ଗା ।

ଦେବାନ : ତୁ କଣ ପାଗଳ ହେଲୁ କି ? ଅଭି ଖଜଣା ମେ ରୁପିୟା ନାହିଁ । ଆଠ ରୋଜ ପରେ ଦରମା ମିଲେଗା । ଆଠ ରୋଜ ଠହୁର କର । କଣ ବେଶି ଦିନ ତୋମେ କୋ ବୋଲତାଗା ?

ସିପାହୀ : ଆଜି ସାହବ, ରୁପୟା ନହିଁ ହଏ ତୋ ହମାରା କ୍ୟା ଜାଏଗା । ହମ ମୁସଲମାନ କେ ଲଡ଼କା ହଏଁ, ହମାରା ଖର୍ଚା ଦିନ ମେ ଚାର ଆନା ସେ କମ ନହିଁ ହଏ । ରୁପୟା ନହିଁ ହୈ ତୋ କୁଛ ଭି ଦେଦୋ । ମଗର ନୌକରୀ ତୋ ନହିଁ କରୁଙ୍ଗା ।

ଜମିଦାର : ଦେବାନ, ଯାକୁ ଯେ ପ୍ରକାରେ ହେଉ ବିଦା କର । ଶେଷକୁ ବଦନାମ ହେବ ।

ଦେବାନ : ମିଆଁଜୀ, ଗୋଟିଏ ଘୋଡ଼ା ନିଅ, ତୁମ୍ଭର କାର୍ଯ୍ୟ ଥିଲେ ବଜାରେ ବିକ୍ରି କରି ପକାଇବ ।

Digitized by srujanika@gmail.com

ସିପାହୀ : (ମନେ ମନେ)

କ୍ୟା ଅଚ୍ଛା ଆରବୀ ଘୋଡ଼ା ହଏ ।

ଏ ତୋ ହିନ୍ଦୁ ଜମିଂଦାର ହଏ । ଇସକୋ ଘୋଡ଼େକା କଦର କ୍ୟା ମାଲୁମ । ଅଭି ଥୋଡ଼ା ଦୁବଲା ହଏ । ଦୋ ଚାର ରୋଜ ଖିଲାଇ, ମଲାଇ ହୋନେ ସେ ଶୋ ସଓ୍ୱାଶେ ଜରୁର ବିକେଗା ।

(ପ୍ରକାଶ୍ୟରେ) ଆଚ୍ଛା ସାହବ ଅଦବ୍

(ଘୋଡ଼ା ଚଢ଼ି ପ୍ରସ୍ଥାନ)

୧.ଓ୍ୱତନ: ଜନ୍ମଭୂମି, ଅରବୀ: ଆରବ ବଂଶୀୟ ଶ୍ରେଷ୍ଠ ଘୋଡ଼ା, ୩.କଦର: ମର୍ଯ୍ୟାଦା

□□

ଠକ -୧ : ଭାଇନା, ପଚ୍ଛିମ ଦିଗରେ କଣ ଗୋଟାଏ ଗଡ଼ବଡ଼ ଗଡ଼ବଡ଼ ଗଡ଼ବଡ଼ ଗଡ଼ବଡ଼ ଶବଦ ଶୁଣା ଯାଉଛି ।

ଠକ - ୨ :(କାନ ପାତି ଶୁଣିବା ଓ ନେତ୍ର ଉପରେ ହାତ ରଖି ସେ ଦିଗର ପଥ ଅନାଇବା)

ଓହୋ, ଗୋଟିଏ ନବଯୁବକ ବଡ଼ ଘୋଡ଼ା ଗୋଟିକରେ ବସି ଆସିଲା ପରି ଦିଶୁଅଛି ।

ଠକ - ୧ : (ସେ ଦିଗକୁ ଚାହିଁ)

ଭାଇନା, ଆଜି ତ ଭଲ ଶୁଭରେ କାହାର ମୁଖ ଅନାଇ ଉଠିଥିଲି । ଭଲ ପାଗୁଟିଏ ପଡ଼ିଛି । ଏଥିକି ଉପାୟ ଦରକାର ।

ଠକ - ୨ : ଠହୁର, ମୁଁ ଏହାକୁ ଏକ୍ଷଣି ଠକି ଚମ୍ପଟ୍ ।

ଠକ - ୧ : ବୋଧହୁଏ ଏହାର ଘୋଡ଼ା ନହେ ।

କାରଣ ଘୋଡାରେ ପୋଷାକ ନାହିଁ ଓ ଅସୁଆରର ମଧ୍ୟ ପୋଷାକ କମ

ଠକ - ୨ : ଏ ମାଲଟି ଚୋରିନା ବିକ୍ରି ପର ମନେହୁଏ ।

(ଘୋଡ଼ା ପ୍ରବେଶ)

ଠକ - ୧ : ଭାଇ, ଅସୁଆର ଠହୁର, ଠହୁର ।

ସିପାହୀ : (ମନରେ ଭାବନା)

ଏ ଶାଲେ ଲୋଗ ସାୟଦ ରାହଗୀର ହୋଙ୍ଗେ କ୍ୟୋଁ କି ଇନକେ ପାସ ବରଛି, ଭାଲା, ତୀର, ତଲଓ୍ୱାର ହଏ । ଅଚ୍ଛା, ଖୋଦା ମାଲିକ ହଏ । ମଗର ଓଡ଼ିଆ ସେ ବାତଚିତ୍ କରନେ ସେ ଇନକେ ଦିଲ ମେଁ ରହମ ପୈଦା ହୋଗା କି ଏ ହିନ୍ଦୁଭାଇ ହଏ । ନହିଁ ତୋ ଜାନ ଜାନେକା ଖୌଫ ହଏ

Digitized by srujanika@gmail.com

(ମିଳାଓ୍ୱଟ ହିନ୍ଦୀରେ କଥା)

କ୍ୟୁଁ ଆଁଏଁଗାଁ, ଆପନ ଲୋକ କାଁ ହାଁ ଯାଉଁନ ଛେଁ ?

କେଉଁନ ଠାକୁର ? କେଉଁନ ଗାଓଁ ମେଁ ରହୁନ ଛେଁ ?

---

୧ .ରାହଗୀର: ତକାୟତ

□□

ଠକ ୨ : ଆମ ଘର ଉଲଟ ପାଟଣା, ଆମ୍ଭେ ମହାନ୍ତିଆ ବ୍ରାହ୍ମଣ ।

ତମ ଘର କୋ'ଠି ଓ ଆପଣ କି ଜାତି କି ନାମ ?

କୋଠୁ ଆସୁ ଅଛନ୍ତି ଓ କେଉଁଠିକୁ ଯିବେ ?

ସିପାହୀ : ମିଉଁ ଛତ୍ରୀ । ପଚ୍ଛିମ ପାଖ ମେ ମେରୋ ଗାଓ୍ୱଁ ଆଛେ ।

ନୁକୁରୀ କେ ଲାଗି ଫିରିଛେଁ ।

ମେରୋ ନାମ୍ ବୁଲବୁଲିଆ ଛତ୍ରୀ ।

ଠକ : ଆପଣ ହିନ୍ଦୁ । କଥାଟି ଓଡ଼ିଆ ଓ ମୁସଲମାନୀ ମିଳାଝିଲା କହୁ ଅଛନ୍ତି ।

ଏଥିର କାରଣ କଅଣ ?

ସିପାହୀ : (ମନେ ମନେ)

ଅଫଶୋସ ହଏ ଶାଲେ ଲୋଗ ସେ କିସି ହାଲତ୍ ଛୁଟନା ଚାହି ।

(ପ୍ରକାଶ୍ୟରେ)

ଭାଇ ପଚ୍ଛିମ ଦିଗ ମେ ଘର ଆଛେ ।

ତନୁକରି ଟିକେ ମୁସୁଲମାନୀ ଭାଷା ମିଶି ଯାଉଛେ ।

ଠକ : ଘୋଡ଼ାଟି ଆମ୍ଭରଠାରେ ବିକ୍ରି କରି ଦେବ କି ?

ସିପାହୀ : ହଁ ଭାଇ ।

ଠକ : ଦାମ ଘୋଡ଼ାର କେତେ ନେବେ ?

ସିପାହୀ : ମୋକେ ତୋ ଦାମ ଦେକେ ଖରିଦି ଆନି ନାହିଁ ।

ଘୋଡ଼ାକେ ଜାନ ବୁଝି ଦାମ ବିଚାର କର ।

ଠକ : ଯାହା ହେଉ ମାଲବାଲା କହିବାର କଥା ।

କୁହ କୁହ, ଯାହା ହେଉ କୁହ ।

ସିପାହୀ : ଭାଇମାନେ କିଆଣା ଯାଦା କେହିବୁଁ ।

ଏକୋର୍ ଦାମ ନବେ ଟଙ୍କା, ଦଶ କମ ଶଏ ।

Digitized by srujanika@gmail.com

ଠକ-୧ : ଭାଇ ତସ୍କର, ଏ ଯୋ ଦାମ କହିଲା
ହଲଦିଆ ମୁଣି ଭରିଯିବ ପରା ।
ଠକ-୨ : ନଶା, 'ର' ଠାରେ ଥାକ ହନ ।
ଲେରିପାଝିବୁ ଚିପ ଚିଲା ଚିଜି ଚିବ ।
ଠକ-୧ : ଫୁଲବ ପୁଲର ଫୁଲିଛି ଫୁଲଥି ଫୁଲମା ଫୁଲମେ ଫୁଲଦେ ଫୁଲବା ।
ସିପାହୀ : (ଏହାଙ୍କର ଠାର କଥାରେ ବୁଝି ନ ପାରି ତର୍କରେ ଜଣା ମନେ ମନେ)
ଖୋଦା ଆଫତ୍ ସେ ବଚା, ତେରା ସିଓ୍ବା ମେ୍ରା କୌନ ହଏ ?
ତୁହି ମାବୁଦ୍ ହଏ, ଗଫୁର ହଏ, ଖାଲକ ହଏ, ରଜ୍ଜାକ ହଏ
(ପ୍ରକାଶ୍ୟେ)
ଭାଇ ଘୋଡ଼ା ଲେବ ତବେ ଇହାରା ଦାମ ବଲୋ ।
କତନା ଦେବାର ଆହେ ?

ଠକ : ଆମ୍ଭେ ଦାମ୍ କହିଲେ ତୁମ୍ଭ ପସନ୍ଦକୁ ତ ହବ ନାହିଁ । ମାତ୍ର ଏହି ନିକଟରେ ବସ୍ତି ଅଛି । ଚାଲ ଭାଇ ସେଠାକୁ ଯାଇ ଲୋକଙ୍କୁ ପଚାରିବା । ସେମାନେ ଯାହା କହିବେ ତାହା ଆମ୍ଭେ ଅବଶ୍ୟ ଦେବୁ ।

ସିପାହୀ : (ମନେ ମନେ ଖୋଦାଙ୍କୁ ସ୍ମରଣ କରି)
ଆଚ୍ଛା ଭାଇ, ଚାଲୋ ଯିବା ।

(ପ୍ରସ୍ଥାନ)

□□

(ଠକଙ୍କ ପିତା ବୁଢ଼ା ବାରଣ୍ଡାରେ ହୁକା ପିଉଥିବା ଦେଖି ସେହିଠି ଠିଆ ହୋଇ)

ଠକ-୧ : କି ହେ ମହାଶୟ, ଆମ୍ଭେ ଏ ଭାଇର ଘୋଡ଼ାଟିକୁ କିଣିବାର

ଠକ-୨ : ସ୍ଥିର କରିଅଛୁ । କିନ୍ତୁ ଘୋଡ଼ାବାଲା ଦଶ କମ୍ ଶହେ ଟଙ୍କା ଦାମ୍ କହୁଅଛନ୍ତି । ଆପଣ ଯାହା କହିଦେବେ ଆମ୍ଭେ ତାହା ଶିରୋଧାର୍ଯ୍ୟ କରି ସେହି ଦାମ୍‌ରେ ଘୋଡ଼ାଟିକୁ କିଣିବୁ ।

ଠକଙ୍କ ପିତା : କି ହେ ଘୋଡ଼ାବାଲା ବାବୁ, ବସ, ଏ ଘୋଡ଼ାଟି ନିହାତି ଦୁବୁଳା ପତେଲା ଦିଶୁଅଛି । ଯଦି ଅଧିକ ଦାମ୍ ହେବ ତାହା ହେଲେ ନବେରୁ ଶୂନ ମିଟାଇ ବାକିଟା ନେବ କି ?

ସିପାହୀ : (ବୁଝି ନ ପାରି) ହାଁ, ବୁଢୁଆ ବାବା, ଯାହା ତୁମେ କେହିଲେ ସେଟା ଠିକ୍ ହେଲା । ଆମ୍ଭର ମଞ୍ଜୁର ।

Digitized by srujanika@gmail.com

୧.ମାମୁଦ: ଅତ୍ୟନ୍ତ ସମ୍ମାନନୀୟର, ୨.ଗଫୁର: କ୍ଷମାନିଧି, ସୃଷ୍ଟିକର୍ତ୍ତା
୩.ଖାଲକ: ମାଲିକ, ଈଶ୍ୱର, ୪.ରଜ୍‌ଜାକ: ଅନ୍ନଦାତା ।

□□

ଠକ-୧ : ନ'ଟଙ୍କା ଠିକ୍ ହେଲା ତ ?
ଠକ-୨ : ନବେର ଶୂନା ମିଟାଇ ଦିଅନା
ଠକବୁଢ଼ା: (ଭୂମିରେ ନବେ ଲେଖି ଶୂନ ମିଟାଇ ଦେଖାଇବା)
ସିପାହୀ : (ମନେ ମନେ)

ଲାହୋଲ ବିଲା, କ୍ୟା ଆଫତ ହୁଆ
(ପ୍ରକାଶ୍ୟେ)
ଆଚ୍ଛା ବାବା, ତୁମ୍ହରା ଦାମ୍ ଯେତେବଲେ କାମ ପଡ଼ିଯାଏଗା
ତତେବଲେ ଆସିକେରି ଲେବୁଁ
(ଘୋଡ଼ା ଛାଡ଼ି ପ୍ରସ୍ଥାନ)

(ବାଟରେ ସିପାହୀର ଅଫଶୋସ୍)
କ୍ୟା ଗଜବ ମୁଝପେ ପଡ଼ା ହାଏ ଖୋଦାରା, ଅଫଶୋସ ।
ମହେରବାଁ ତେରା ନହିଁ ଯିସ ପେ ଓ୍ୱୋ ମରନା ଭଲା
ଜିନ୍ଦଗୀ କାମ କା କ୍ୟା ହାଏ ଖୋଦାରା, ଅଫଶୋସ ।
ଇଜ୍ଜତ ଔର ଜିଲ୍ଲତ କି ମାଲିକ ତୁ ଖାଲିକ ହଏ
ହଁସାତା ଫିର ରୁଲାତା ହାଏ ଖୋଦାରା, ଅଫଶୋସ ।
ମୁସ୍ତକିମ କୌଲେ ତେରୋ ନାମ ପେ କୁରବାଁ ଯାଉଁ
କରୁଁ କୈସେ ଗୁଜାରା ହାଏ ଖୋଦାରା, ଅଫଶୋସ ।
(ପ୍ରସ୍ଥାନ)

ଲାହୋଲ ବିଲା: ବିପଦ ସମୟରେ ସ୍ୱତଃ ଉଚ୍ଚାରିତ ଶବ୍ଦ, ଗଜବ: ଆଶ୍ଚର୍ଯ୍ୟଜନକ, ଜଲ୍ଲତ : ନିର୍ଯାତିତ ଅପମାନିତ, କୁରବାଁ: ଉତ୍ସର୍ଗ, ଆଫତ: ବିପଦ, ଅଫଶୋଷ: ଅବଶୋଷ, ଖାଲିକ: ମାଲିକ, ଈଶ୍ୱର, ଗୁଜାରା: ଗୁଜୁରାଣ ମେଣ୍ଟାଇବା ।

□□

Digitized by srujanika@gmail.com

(ଠକଙ୍କ ବିଚାର)

ଠକ-୧ : ପିତାମହ, ଘୋଡ଼ାଟିତ ମିଳିଲା । ଏବେ ଆମକୁ ଦଗାବାଜି ବୋଲି କେହି

ଠକ-୨ ଜାଣିପାରିବେ ନାହିଁ । କାରଣ ବାଟ ସମ୍ମୁଖରେ ଘୋଡ଼ାଶାଳଟି ବଣାଇବା । ଯେ ଆସିବ ସେ ମନେକରିବ କେହି ବଡ଼ଲୋକର ନିବାସ ବୋଲି କହିବ ।

ବୁଢ଼ା ଠକ : ଆରେ ବାବୁ, ମୁଁ ବୁଢ଼ାଲୋକ । ମୁଁ ତ ଚଢ଼ି ପାରିବି ନାହିଁ । ତମ ଦୁହିଁଙ୍କର ଚଢ଼ିବାର କଥା । ମାତ୍ର ଘୋଡ଼ା ପାଇଁ ଦାନା, ଘାସ ଯୋଗାଡ଼ କର । ଘୋଡ଼ା, କପଡ଼ା ସାଜିଲେ ରୁଚି ।

ଠକ-୧ : (ଆନନ୍ଦ ଗୀତ)

ଠକ-୨ : ବିଭୁ, କେଡ଼େ ଭାଗ୍ୟ ଅଟେ ଆମ୍ଭର ହାହା ହାହା ।
ଅଳପ ପରିଶ୍ରମେ ମିଳେ କ୍ଷଣକେ
ଲକ୍ଷ ହଜାର ହା ହା ହା ହା । ପଦ ।
କି ଛାର ରାଜ ସମ୍ପଦ, ଜନାଧୀନେ ସଦା ବ୍ୟସ୍ତ
ଚାକିରୀରେ ସୁଖ ନାହିଁ, ଦୋକାନୀ ଭ୍ରମେ ବଜାର ।୧।
ଚାଷୀ ସଦା ଚିନ୍ତା ଆକୁଳ, ଯୋଗୀ ଭୋକେ କଲବଲ
ଦେବତା ପରାନ୍ନେ ଆଶା, ରଚେ ମୁସ୍ତକିମ ଛାର ।୨।

(ସିପାହୀ ସ୍ତ୍ରୀ ରୂପରେ ଠକ ଆଳୟ ନିକଟରେ ପ୍ରବେଶ । ଓଡ଼ିଆ ଭାଷାପାଠ, ଓଡ଼ିଆ ମାଷ୍ଟର ଅନ୍ୱେଷଣ)

ଦୁଆ

ସିପାହୀ : ଖୁଦାମୁନ୍ କରିମ, ମେରା ଦୁଆ ଯାନେ ଅର୍ଜ ଯହ ହଏକି ଆପକି ମେହେରବାନି ସେ ଖାନେ ଔର କପଡ଼େ କି ଫିକ୍ର ନହିଁ ଥା । ଫିର ଆପ ମେରେ ଉପର ଅଏସା ମୁସିବତ ଡାଲା କି ନୌକର ବନନା ପଡ଼ା । ସୋଭି ନୌକରୀ କି । ମଗର ତନଖା ଭି ନହିଁ ମିଲା । ଯବ ତନଖା କେ ବଦଲେ ଘୋଡ଼ା ଆପ ଦିଲାୟା ତୋଭି ଠଗୌଁକେ ହୱାଲେ ହୁଆ । ମେଁ ଯହ ମାଜରା କିସ୍ସେ ସୁନାଉଁ ଯୋ ମେରା ଦିଲକି ଅରମାନ ପୁରି ହୋଗି

ଦୁଆ : ପ୍ରାର୍ଥନା, ଅର୍ଜ : ନିବେଦନ, ମାଜରା : କାହାଣୀ

ମେଁ ଆପକେ ଭରୋସେ ବଗୈର ଦୁନିଆଁ ମେଁ କିସିକା ଭରେସା
ନହିଁ କରତା । ନ କରୁଙ୍ଗା

Digitized by srujanika@gmail.com

(କଥା) ଯହ ତୋ କୋଈ ବିରାହ୍ମନ ସା ସୁରତ
ଦେଖନେ ମେଁ ଆତା ହଏ

ପଣ୍ଡିତ : (ଗୀତ)
ଦୀନବନ୍ଧୁ ହେ ମୁରାରୀ
ଦଇତାରୀ,ଦୁଃଖୀ ଦୁଃଖ ନିଶୋଧନକାରୀ ।ପଦ।
ଯେ ବିପଦେ ଚିନ୍ତା କରେ ବିପଦ ହାରକ
ରଣେ ଚିନ୍ତିଲେ ଶତ୍ରୁକୁ ଜିଣି ରହେ ଟେକ
ଭୟରେ ଭଜିଲେ କରୁ ଅଭୟ ଦାୟକ
ଯେ ସୁମରେ ଶୁଣୁ ତା' ଗୁହାରୀ, ଦଇତାରୀ
ଦୁଃଖୀ ଦୁଃଖ ନିଶୋଧନକାରୀ ।୧।
ସତ୍ୟଯୁଗେ ମୁରା ମାରି ତ୍ରେତାରେ ରାବଣ
ଦ୍ୱାପରେ କଂସ କଳିରେ ମହା ପାପୀଗଣ
ଧରା ଭାରା ପରା ଦେବ କରୁଛ ମୋଚନ
ଆରତୀ ଆରତ ନାଶକାରୀ, ଦଇତାରୀ
ଦୁଃଖୀ ଦୁଃଖ ନିଶୋଧନକାରୀ ।୨।
ପଦରେଣୁ ଲାଗୁ ନାରୀ ପାଷାଣୁ ମୁକତ
ଶ୍ରୀପାଦ ଧୋଇ ତରିଲା ପାପୀ କଇବର୍ତ୍ତ
କୁବୁଜା ସୁଦାମା ଅନୁଗ୍ରହରୁ ମୁକତ
ମଛ କଛପାଦି ରୂପ ଧାରୀ, ଦଇତାରୀ
ଦୁଃଖୀ ଦୁଃଖ ନିଶୋଧନକାରୀ ।୩।
ପରମ୍ପରା ଯୁଗେ ଯୁଗେ ହୁଅ ଅବତାର
ସନ୍ଥ ରଖି ଦୁଷ୍ଟ ଧ୍ୱଂସ କର ଏ ବିଶ୍ୱର
ରଚକ ବାଲୁତ କବି ମୁସ୍ତକି ପାମର
ନ ଭଜଇ ଶ୍ରୀପଦ ତୁମ୍ଭରି, ଦଇତାରୀ
ଦୁଃଖୀ ଦୁଃଖ ନିଶୋଧନକାରୀ ।୪।
ସିପାହୀ : ପଣ୍ଡିତଜୀ ବନ୍ଦେଗି ।
ପଣ୍ଡିତ : ସର୍ବାରିଷ୍ଟ ଶାନ୍ତି ଭବମସ୍ତୁ ।
ସିପାହୀ : ପଣ୍ଡିତଜୀ, ଆପ କହାଁସେ ତସରିଫ ଲାତ ହଏଁ ?

Digitized by srujanika@gmail.com

ଔର ଆପକା ଓ୍ୱତନ କହାଁ ହଏ ? ଅଓର ଆପକା ଦୌଲତାଖାନା କହାଁ ହଏ ?

ତସରିଫ ଲାନା : ଆସିବା ଦୌଲତାଖାନା : ଘର

□□

ପଣ୍ଡିତ : (ହିନ୍ଦୀରେ)

ବାବୁଜିଆ, ତୋମରା କାଥା ବୁଝା ପଡ଼େତାଗା ନାହିଁ ।

ସିପାହୀ : (ଓଡ଼ିଆରେ) । ଆପୋନୋ କାହାଁ ସେ ଆଇଛେ ?

କୋନୋଁ ଦେଶେ ରହିଛେ ? ତମୋରା ଘରେ କେନେ ଗାଓଁମେ ଆଛେ ?

ପଣ୍ଡିତ : ବାବୁ, ଆମରା ହିନ୍ଦୀ ଆସେ ନାହିଁ ।

ସିପାହୀ : ଓଡ଼ିଆସେ ବୋଲତେ ଭି ହାମ ବୁଝି ପାରିସୁଁ ।

ପଣ୍ଡିତ : ବାବୁ ମିଆଁ ସାହେବ, ଆମ୍ଭ ଘର କଟକ ଜିଲ୍ଲାରେ । ଆମ୍ଭର ନିବାସ ଠଗାଠଗି ନଗର । ଆମ୍ଭେ ବର୍ତ୍ତମାନ ପୁରୀ ମୋକ୍ଷ ମଣ୍ଡପରୁ ଆସିଅଛୁ । ଆମ୍ଭେ ଜଣେ ପଣ୍ଡିତ ।

ସିପାହୀ : ହଜୁର, ଆପ ହମକୋ କୁଛ ଓଡ଼ିଆ ବାତଜିତ ଶିଖା ସକତେ ହୋ ?

ପଣ୍ଡିତ : ହାଁ ବାବୁ , ଦରମା ପାଇଲେ ପଢ଼େଇବା ନା, ଆମର ତ ସେହିଆ କାମ ।

ସିପାହୀ : ହାଁ ସାହବ , ମହେନା କା ପାଁଚ ରୁପୟା ଦେଙ୍ଗେ ।

ପଣ୍ଡିତ : ହଉ ତେବେ , ପଢ଼େଇବା ତେବେ ...

ପଢ଼ ...

(ପଢ଼ାଇଛି)

ସିପାହୀ : ମୁଁ ତ ପଣ୍ଡିତ ସଙ୍ଗରେ କଥାବାର୍ତ୍ତ କଲେ ଠିକ ଓଡ଼ିଆ ଭାଷା ଜାଣିଲିଣି ।

ଏବେ ପଣ୍ଡିତକୁ ଦରମା କୋଠୁ ଦେବି ଭଲା । ସେ ଠକର ଘରୁ କିଛି ଠକି ଆଣି ଦେବାର କଥା । ଗୁରୁ ଦକ୍ଷିଣା ନ ଦେଲେ ଚଳେ ନାହିଁ ।

(ପ୍ରସ୍ଥାନ)

(ସିପାହୀର ସ୍ତ୍ରୀ ରୂପ ଧାରଣ । ସିପାହୀ ଦାଢ଼ୀ ମେଛାରେ ବଢ଼ିଆ ସଫାଚଟ ଲଗାଇ, ସାମାନ୍ୟ ଅଳଙ୍କାର ପିନ୍ଧି ଦି ଜଣ ଦୋଳାବାଲାଙ୍କୁ ଡାକି, ଦୋଳାରେ ବସି ଠକ ଗୃହ ନିକଟ ଜଙ୍ଗଲରୁ ଦୋଲିଆଙ୍କୁ ଫେରେଇ ଦେଇ କ୍ରନ୍ଦନ)

Digitized by srujanika@gmail.com

ସିପାହୀ : (ଗୀତ)

ଧିକ ଏ ହୀନ କରମ
ଧିକ ଯାଉ ଜୀବନ ଯଉବନରେ
ଯେଣୁ, ବିଧାତା ହୋଇଲା ବାମ, ଦଇବରେ ।୧।
କେଣେ ଯିବି କି କରିବି
କାହା ଆଗେ ମୋର ଦୁଃଖ କହିବି ରେ
କା' ଆଶ୍ରଏ ଜୀବନ ଧରିବି, ଦଇବରେ ।୨।
ଭାଷେ କବି ମୁସ୍ତକିମ ।
ଜଗତ କରତା ହୋଇଲେ ବାମ ଯେ
ତିନି ପୁର ନାହିଁ ତା' ରକ୍ଷଣ, ଦଇବରେ ।୩।

ଠକ - ୧ : ଭାଇ, ଏତ କାଁହାର କ୍ରନ୍ଦନ ଶବ୍ଦ ଶୁଭୁଛି । ଭଲା ଚାଲ ଦେଖିବା । କିଏ କାହିଁକି କାନ୍ଦୁଛି ?

(ଗୋଟାଏ ଦୋଲା ଦେଖି, ନିକଟକୁ ଜାଇ ଦୋଲାର ପରଦା ଆଡ଼େଇ)

ଓହୋ । ଗୋଟିଏ ଅପକ୍ଷରୀ ।

ଠକ - ୨ : (ପରଦା ଆଡ଼େଇ)
ଓହୋ, ଓହୋ, ଓହୋ,(ମୂର୍ଚ୍ଛା)

ଠକ - ୧ : ଭାଇ ଭାଗ୍ୟ ମୋର, ମୁଁ ଆଗ ଦେଖିଲି

ଠକ - ୨ : ଭାଇ ମୁଁ ପରା ଯା ପାଇଁ ମରି ଜାଇଁଛି

ଠକ -୧/୨ : କିଗୋ ତେମେ ଜଙ୍ଗଲରେ କିଆଁ ହାଦୋଲା ଗୋଟିକେ
ବସି କାନ୍ଦୁଛ ?

ମାୟା ସ୍ତ୍ରୀ : ମୋର ଅଭାଗିନୀର ଦୁଃଖ ପଚାରନା ।
ମୁଁ କଣ କହିବି ?

ଠକ -୧ : ତେମେ ତ ଜଣେ ବଡ଼ଘର ଭୂଆଷୁଣି ପରି ଦିଶୁଛ
କୁହ, କୁହ, କଣ କଅଣ ତମରି ଘଟିଛି ।

ମାୟା : ହେ ବଣୁଆ ଭାଇମାନେ, ତମ ଦୁହିଁଙ୍କୁ ଦେଖି ମୋର ପିଣ୍ଡରେ
ପ୍ରାଣ ପସିଲା । ନହିଲେ ଏକ୍ଷଣି ତ ମରିଥାନ୍ତିଣି ।

ଠକ-୧/୨ : କୁହ, ତମ ଘର କୋଠି ଓ ଏଠାକୁ କିପରି ଆସିଲ ।
ତମର ପତି ଅଛି କି ନାହିଁ । କଅଣ ଘଟଣା ସତ୍ୟ ଭାବରେ
କହିଲ ।

Digitized by srujanika@gmail.com

ମାୟା : ମୋ ନାମ ମାୟାବତୀ । ମୁଁ ମାହାନ୍ତି ଘରର ଝିଅ ।
ମୋର ସୁନ୍ଦରତାରେ ଉପଯୁକ୍ତ ପତି ନ ମିଳିବାରୁ ପିତା
ମୋତେ କାହାକୁ ପ୍ରଦାନ କଲେ ନାହିଁ ।
ମୁଁ ଅବିବାହୀ ଥାଇ ପିତା ପରଲୋକ ଗମନ କଲେ ।
ମୋର ଗୋଟିଏ ଭାଇ ଅଛି । ସେ ପ୍ରତିଜ୍ଞା କଲା ।
ବହୁଣୀ ସକାଶରୁ ମୋର ସମ୍ପତ୍ତି ସରିଯାଉଛି ।
କାଲି ସକାଳରୁ ପ୍ରଥମେ ଯାହାକୁ ଦେଖିବି ତାକୁ
ବହୁଣୀକୁ ପ୍ରଦାନ କରିଦେବି । ବର ଖୋଜି ପାରେ କିଏ ?

ଠକ: ୧/୨: ତହୁଁ କଅଣ ହେଲା ?
ମାୟା : ସେ ପ୍ରାତରୁ ଜଣେ ବିଦେଶୀକୁ ଦେଖି ତାର ସଙ୍ଗରେ ମୋତେ
ଦୋଲାରେ ବସାଇ ବିଦା କରିଦେଲେ । ସେ ବିଦେଶୀ ଏଠି
ଦୋଲାବାଲାଙ୍କୁ ୱାପସ କରିଦେଲା ଓ ମୋର ଯେତେକ
ଆଭରଣ ଖୋଲି ଧରି କୋଆଡ଼େ ଚାଲିଗଲା । ଭାଇମାନେ,
ଦୟା କରି ଟିକିଏ ଅନ୍ୱେଷଣ କରି ପାରିବ କି ?
ଠକ : ୧/୨: ଆଚ୍ଛା । ଆମ୍ଭେ ତାର ତଲାସ କରିବାକୁ ଯାଉଅଛୁଁ ।

(ପ୍ରସ୍ଥାନ)

ଠକ: ୧: ଭାଇ, ସେ ସ୍ତ୍ରୀର ପତିକୁ ଭେଟିଲେ ତାକୁ ବରଛିରେ
ଗେଞ୍ଜି ଗେଞ୍ଜି ମାରିଦେବି ।
ଠକ: ୨: ତାକୁ ଦୂରରୁ ଏ ଯୋ କାଣ୍ଡ ଅଛି ଏକା କାଣ୍ଡକରେ ତ ଥଣ୍ଡା
ହୋଇଯିବ ।
ଠକ -୧ :ତାକୁ ମାରିପାରିଲେ ଏ ସ୍ତ୍ରୀର ଅଳଙ୍କାର ଘେନି ଆସି ଯାକୁ ବେଶ ଭୂଷଣ
କରି ଘରକୁ ନେଲେ ପିତା କେତେ ଆନନ୍ଦ ହେବେ । ରାନ୍ଧି ଖାଇ ଖାଇ
କେତେ ଦୁଃଖ ପାଉ ନ ଥିଲାଁ କି । ଏବେ ରନ୍ଧା ମାଫ । ମଉଜ ମଜଲିସରେ
ଦିନ ଯିବ । କ୍ୟା ଫିକର କରଙ୍ଗା ।

(ଠକ ଦ୍ୱୟ ଫେରି ଆସି ମାୟା ପାଖରେ ପ୍ରବେଶ)

ଠକ: ୧/୨: କିଲୋ ମାୟାବତୀ, ଜଙ୍ଗଲରେ ମନୁଷ୍ୟ ତ ମନୁଷ୍ୟ ମନୁଷ୍ୟର ତ
ଗନ୍ଧ ନାହିଁ । ତୁ ଆମ ଘରେ ରହିବୁକି ?

Digitized by srujanika@gmail.com

ମାୟା : ହେ ବିଧାତା, ମୋର ତ କେହି ନାହିଁ । କଥିତ ଅଛି
କବିତା ବନିତା ଲତା ବିନାଶ୍ରୟେ ନ ବର୍ଦ୍ଧନ୍ତେ । ହଉ
ହେ ବଣୁଆ ଭାଇମାନେ ମୋର ପତି ନାହିଁ, ପିତା ନାହିଁ,
ତୁମ୍ଭେ ଯଦି ମୋତେ କେବଳ ବେଇଜିତ କରିବ ତାହା ହେଲେ
ମୁଁ ଆପୁ କରତା ଖାଇ ପ୍ରାଣ ହରାଇ ଦେବି । ଯଦି ମୋତେ
ପୋଷିପାଳି ରଖିବ ତାହା ହେଲେ ତ ନିଅ ।

ଠକ :୧ : ତୁ କଣ କହୁଛୁ ? ମୋର ପ୍ରାଣରୁ ଅଧିକ କରି ରଖିବି ।
ତୁ ଯାହା କହିବୁ ତୋ କଥାରେ ଚଳିବି ।

ଠକ :୨ : ତୁମ୍ଭେ ଯଦି ମୋର ପ୍ରତି ରାଜି ହୁଅ ତାହାହେଲେ ତୁମ୍ଭର ଗୋଡ଼
ଘସିବି । ତେଲ ମଖାଇବି । ଗାଧୁଆଇବି । ଯେ ତମର ଇଚ୍ଛା,
ସୋ ମୋର ରାଜୀ । ତମର କଥା ପ୍ରାଣପଣେ ପ୍ରତିପାଳନ କରିବି ।

ଠକ :୧: ଶଳା, ସେତ ମୋତେ ରାଜି ହେବ ।

ଠକ :୨:ଶଳା ମୋତେ ରାଜି ହବ ନା ତୋତେ ରାଜି ହେବ
(ତକରାର)

ମାୟା : ତୁମ୍ଭେ ଉଭୟ ତକରାର କାହିଁକି କରୁଛ ?
ମୋତେ ତମ ଗ୍ରାମକୁ ନିଅ ।
ନ୍ୟାୟରେ କଥା ଛିଣ୍ଡାଇଲେ ସେମାନେ ଯାକୁ ଦେବେ
ମୁଁ ତାହାର ହେବି ।
ଠକ:୧/୨: ହଉ, ତମର କଥା ଆମ୍ଭମାନଙ୍କର ମନକୁ ଆସିଲା ।
ତେବେ ଚାଆଲ ।

ମାୟା: ମୋତେ ପରା ଗୃହିଣୀ କରିବ ? ତମର କଣ ପରଦା ନାହିଁ ?
ତେମେ କି ବେମହତ ଯେ ମୁଁ ତମ ଗୃହିଣୀ ହୋଇ ଚାଲିକରି ଯିବି ?
ଲୋକେ ବାଟରେ ଦେଖିଲେ ମୋ ମହତ ଯିବ ନା ତମ ମହତ ଯିବ ?

ଠକ:୧/୨: ହଇ ହେ ଭାଇନା, ଚାଆଲ କାନ୍ଧେଇ କରି ନେବା ।
(ହାନ୍ଦୋଲା ବୋହି ପ୍ରସ୍ଥାନ ଓ ଠକଙ୍କ ପିତା
ନିକଟରେ ରଖି ଦଣ୍ଡାୟମାନ)

ବୁଣ : କିରେ ଏଟା ଗୋଟାଏ କଣରେ ?

ଠକ:୧/୨: ପିତଃ, ଅଦ୍ୟ ଜଙ୍ଗଲ ପଟରେ ଭ୍ରମଣ କଲାବେଳେ ଗୋଟିଏ ସ୍ତ୍ରୀ ରତ୍ନ
ପ୍ରାପତ ହୋଇଅଛୁ ଏବଂ ଆମ୍ଭ ଦୁହି ଭାଇରୁ ଜଣେ

Digitized by srujanika@gmail.com

ରଖିବାର ସ୍ଥିର ନ ହେବାରୁ ସେ ଅମୂଲ୍ୟ ସ୍ତ୍ରୀ ରତ୍ନର କଥନ
ଅନୁସାରେ ଆପଣଙ୍କୁ ଜଣାଉଅଛୁଁ । ଆପଣ ଯାହାକୁ ପ୍ରଦାନ କରିବେ
ସେ ପ୍ରାପ୍ତ ହେବୁଁ ।

(ମାୟା ପରଦା ଆଡ଼େଇ ବୁଢ଼ାକୁ ଚଞ୍ଚଳତା
ଦେଖାଇ ଠାର : ମୁଁ ତୁମ୍ଭର ହେବି ତୁମ୍ଭେ ମୋର
ହେବ ବୋଲି ଇଶାରା)

ବୁଣ : (ତାହା ଦେଖି ମନେ ମନେ ଆନନ୍ଦ ହୋଇ
ନିଶ ମୋଡ଼ି ମୋଡ଼ି ମନ୍ଦ ମନ୍ଦ ହାସରେ କହିଲା)
ତୁମ୍ଭେ ଦୁହି ଭାଇ ମଧ୍ୟରୁ ଯେ କେହି ରଖିଲେ ମନର
ବିମଳତା ହେବ । ମୁଁ ରଖିଲେ ତୁମ୍ଭମାନଙ୍କର କଳହ ମେଣ୍ଟିଯିବ ।

ଠକ :୧/୨: (ଦୁଃଖିତରେ) । ହଉ । ଆମ୍ଭର ମାତା ହେଲା ।
ମାତ୍ର ବୃଦ୍ଧସ୍ୟ ତରୁଣୀ ଭାର୍ଯ୍ୟା । ସେ କଣ କହିବ
ରାଜୀ କରାଇଲେ ସିନା ହେବ ।

ମାୟା : ବାବୁମାନେ ମୋର ତହିଁରେ କିଛି ଆପତ୍ତି ନାହିଁ ।
ମୋର ଭାଗ୍ୟଥିଲା ଯେ ତୁମ୍ଭ ଭଳିଆ ପୁତ୍ର ପାଇଲି ।
(ବୁଢ଼ାକୁ ଓଲିଗି ହୋଇ ଭିତରକୁ ପ୍ରସ୍ଥାନ)

ବୁଢ଼ା: (ରାତ୍ରରେ ମାୟାର ପଲଙ୍କ ପାଖରେ ଯାଇ)
ହୃଦୟେଶ୍ୱରୀ, ତୁ ମାର ପିଣ୍ଡର କାରିଣୀ
ତୁ ମୋର ନେତ୍ରର ପ୍ରତିମା
ମୁଁ ତୋର ଚରଣ ସେବକ ।

ମାୟା : (ନିରୁତ୍ତର)

ବୁଢ଼ା : ଭୋ ସରଳ ହୃଦୟା !
ତୁ ଟିକାଏ ଅନୁକମ୍ପା ପ୍ରଦାନ କରି
ଅଳପ ଅଳପ ହସି ମୋର ପଞ୍ଚପ୍ରାଣ ରକ୍ଷାକର ।

ମାୟା : ହୃଦୟେଶ୍ୱର,
ମୋର ତମର ବିନା ଆଉ କିଏ ଅଛି କି ?
ମୁଁ ଅଳଙ୍କାର ବିହୀନ ହୋଇଥିବାରୁ ଟିକାଏ ନାଜ ମାତୁଛି ।

ବୁଢ଼ା : (ଧଡ଼ପଡ଼ ହୋଇ ଉଠି , ପେଟାରୀ ଆଣି ନିକଟରେ ରଖି)
ପ୍ରାଣାଧିକା, ଦେଖ ସୁନାର ସାମାନ ଓ ରୂପାର ସାମାନ .

Digitized by srujanika@gmail.com

ଯୋ ଯୋ ସାମାନ ତୁ ନାଇବୁ ବାଛ ।
(ବୋଲି ହାତ ଧରି ଅଳଙ୍କାର ପାଖରେ ବସାଇ ଦେବା)

ମାୟା : ପ୍ରାଣନାଥ । ମୁଁ ଦିନୁଟିଏ ରାତିଟିଏ ହେଲା ଆପଣଙ୍କ
ଗୃହରେ ରହିଲିଣି ମାତ୍ର ତମର କଣ ଅଛି, କଣ ନାହିଁ
କିଛି ଜଣା ନଯାଏ ତେମେ କି ରୋଜଗାର କରୁଅଛ
ମୋର ତ ଜାଣିବାର କଥା ।

ବୁଢ଼ା : (ଟେଜେରିଠିକୁ ନେଇ)
ପ୍ରାଣାଧିକା, ଚାବି ଆଜରୁ ତୁ ପାଇଲୁ । ଏହି ଟ୍ରେଜେରୀରେ
କେତେ ସୁନା, ରୂପା, ଟଙ୍କା, ଅସରଫି, ମାଳା, ମୁଦି, ନୋଟ ଅଛି
ଟିକାଏ ଖୋଲି ଦେଖିଲୁ ।

ମାୟା : (ଟ୍ରେଜେରୀ ଖୋଲି ନ ଦେଖିଲା ପରି, ନ ଜାଣିଲା ପରି)
ପ୍ରାଣାଧିକ, ମୁଁ ତ କେବେ ଟିରେଜରୀ ନାମ କି ଗନ୍ଧ ଜାଣି ନାହିଁ
ଖୋଲିବାକୁ ମୋତେ ଆସିବ କି ?

ବୁଢ଼ା : (ଚାବି ଧରି ଟ୍ରେଜରୀ ଖୋଲି ମାଲ ସବୁ ବାହାର କରି)
ତୁ ରଖ, ଆଜରୁ ଏ ସବୁ ତୋର
(ବୋଲି ଚାବି ପୁନଃ ସମର୍ପଣ)

ମାୟା : (ସବୁ ସାମାନ ଭରି, ତାଲା ବନ୍ଦକରି ଚାବି ନୁଗା କାଣି ପଣନ୍ତରେ
ବାନ୍ଧି । ହସ, କଟାକ୍ଷ ପ୍ରକାଶ କରି)
ପ୍ରକାଶ୍ୟେ ବୁଢ଼ାର ଗାଲରେ ଚୁମ୍ବନ ଦେଇ, ହାତକୁ ଧରି)
ନାଥ, ମୁଁ ତ ଅବିବାହିତା । ଏଣୁ ଆପଣଙ୍କୁ ଅଙ୍ଗ ଅର୍ପଣ
ନ କରିବା ଦୋଷ କ୍ଷମା ଦେବେ ।

ବୁଢ଼ା : ତେବେ କିପରି କରିବା ?

ମାୟା : ପୁଅଙ୍କୁ ପଠାଇ ଭଲ ପଣ୍ଡିତ ବ୍ରାହ୍ମଣଟିଏ ଡାକି ଆଣ ।
ସେ ବନ୍ଦାଣ କରିଦେବ । ତେବେ ତ ହେଲା ।

ବୁଢ଼ା : (ବଡ଼ପୁଅକୁ ଡାକି ପଣ୍ଡିତ ପାଇଁ ପଠାଇଲେ)
(ଠକ - ୧ ପ୍ରସ୍ଥାନ)

ମାୟା : (ମନେ ମନେ)
ଅବ ତୋ ଦାଓଁ ମିଲା । ଔର ଏକ ଲଡ଼କା କୋ କହିଁ ଭେଜ
ଦେନେ ସେ ଫିର ହମ ପରାର ।

Digitized by srujanika@gmail.com

(ପ୍ରକାଶ୍ୟେ)
ପ୍ରାଣନାଥ, ବନ୍ଧାପନାରେ କଣ କଣ ସାମାନ ତାହା କିଛି
ବନ୍ଦୋବସ୍ତ କଲ ନାହିଁ, ଭଲ ନୂଆ ଶାଢ଼ିଟିଏ, ତମ ପାଇଁ ନୂଆ
ଧୋତି, ଚାଦର ନ ହେଲେ କିପରି ଚଳିବ ?

ବୁଢ଼ା : (ସହର୍ଷେ) ॥ ସାନପୁଅକୁ ଡାକି ॥
ଆରେ ବାବୁ, ଆଜି ତ ଦୂରିଆ ହାଟ, ତେମେ ସେଠିକୁ ଏକ୍ଷଣୁ
ନ ଗଲେ ସାମାନ ଆଣି ହବ ନାହିଁ ।
(ବୋଲି ପ୍ରେରଣ)

ମାୟା : ପ୍ରାଣାଧିକ, ଆପଣ ମୋ ନିକଟରେ ବସିଥିଲେ ମୁଁ ସ୍ନାନାଦି
କିପରି କରିବି ? ଆପଣ ବାହାର ଦୁଆର ବାଟରେ କିଛି କ୍ଷଣ
ରୁହ । ମୁଁ ସ୍ନାନ ସାରିଲେ ପୁଣି ଆସିବ । ତମ ଆମ୍ଭର ହାସ
ବିଳାସରେ ଦିନ କଟାଇବାର କଥା ।

ବୁଢ଼ା : ହୃଦୟେଶ୍ୱରୀ, ପତିପତ୍ନୀରେ ଏଡ଼େ ପରଦା ?

ମାୟା : ନାଥ, ପରଦାର ତ ଦରକାର ନାହିଁ । ମାତ୍ର ମୁଁ ବନ୍ଧାପଣା ନ
ହେଉଣୁ କଅଣ ଲଜ୍ୟାକୁ ଏକାବେଳରେ ଦୂର କରି ଦେଇ
ପାରିବି (ବୋଲି ଚୁମ୍ବନ)

ବୁଢ଼ା : (ହସି ହସି ବାହାର ଦୁଆରେ ବସିଲାରୁ ହୁକା ଧୁମପାନ)
ଲୁଗାରେ ଚଟପଟ ବାନ୍ଧି, ସ୍ତ୍ରୀ ବେଶ ଛାଡ଼ି ପୁରୁଷ ବେଶ ହୋଇ,
ଗୋଟିଏ ବୃହତ୍ ବାଡ଼ିରେ ହଠାତ୍ ବୁଢ଼ାକୁ ପ୍ରହାର
ସାଲେ, ନବେ ରୂପୟାକା ନଅ ବନାତା ହଏ ।

ବୁଢ଼ା : ବାବା ମଳିରେ, ବାବା ମଳିରେ ......
(ବୋଲି ବୋବାଳି ପାଡ଼ି ବେହୋସ)

ମାୟା : (ବୁଢ଼ାକୁ ବାନ୍ଧି ଦେଇ କୂପର ଉପରସ୍ଥ ଠିଆ ହେବା,
ଗଛରେ ଉକୁଚି ପ୍ରସ୍ଥାନ)

ଠକ - ୧ :(ପ୍ରବେଶ ଓ ବାଟରୁ କବାଟ ଖୋଲା ଦେଖି ଡାକିବା)

ଠକ - ୨ (ଅନ୍ୱେଷଣ)

ଠକ -୧ : ଭାଇ ବୁଢ଼ା ଓ ମାଆ ଦୁହେଁ କୋଆଡ଼େ ଗଲେ ?
ବାଟ ଖୋଲା ଅଛି ।

ଠକ - ୨ :(ଭିତରକୁ ଯାଇ ଡାକ ପକାଇ । ଟ୍ରେଜେରୀର ସୁନା, ରୂପାଦି

Digitized by srujanika@gmail.com

ନଥିବାର ଦେଖି ବୋବାଳି)

ପଣ୍ଡିତ : ତୁମ୍ଭେ କାହିଁକି କାନ୍ଦୁଛ, ଧର୍ଯ୍ୟ ଧର, ଧର୍ଯ୍ୟ ଧର ।

ତହିଁର ଅନୁସନ୍ଧାନ ଦେଖ, ଯଦି ଚୋର ତାକୁ ମାରି ମାଲଘେନି
ଚାଲିଗଲେ ସେ ଅବଶ୍ୟ ମୃତ ହୋଇ ପଡ଼ିଥିବେ ବା ଜୀବିତ
ପଳାଇଥିବେ ମାତ୍ର । ନୋଟାଟିଏ ଦିଅ ମୁଁ ପାଣି ମନ୍ଦିଏ ପିଏଁ
ନିତାନ୍ତ ତୃଷା ଲାଗୁଛି ମ ।

ଠକ : (ନୋଟା ରସି ବାହାର କରିଦଲେ । ପ୍ରକାଶ୍ୟେ)
ନିଅନ୍ତୁ ଆଜ୍ଞା ଚିନି ଏବଂ ଗ୍ଲାସ ଏବଂ ନୋଟା

ପଣ୍ଡିତ:(କୂପ ପାଖକୁ ଯାଇ) ହଠାତ୍ ଭୟରେ ଥରହର ହୋଇ
ବାବାବାବା ବୋବାଳି ପାଡ଼ିବା ଓ ଠକଦ୍ୱୟ

ଠକ:୧/୨: କଅଣ ହେଲା, କଅଣ ହେଲା .....
(ବୋଲି ଦଉଡ଼ି ଯିବା ଓ ରୋଦନ)
ଧନ୍ୟ ଏ ବିପତ୍ତି, ଜନମିଣ କ୍ଷିତି - ପରେ କାହା ଦେହ ସହିବ
ଶତ୍ରୁକୁ ଏ ଦୁଃଖ ନୋହୁ ଏ ପାପିଷ୍ଠ, ଅଙ୍ଗେ ଭୋଗ ଦେଲା ଦଇବ ।
ଧିକ ଏ ନିର୍ଲଜ, ପରାଣ ଥିଲେ ନ ଥିଲେ କେଉଁ କାର୍ଯ୍ୟ ।୧।
ସମ୍ପତି ହରିଲା, ପିଅରେ ବଧିଲା, ନବ ଜନନୀକୁ ଗଲା ଘେନି
ଧିକ ଆମ୍ଭେ ଦେବ, ଦ୍ୱୀପେ ଅସମ୍ଭବ ଦେଖିଲୁ ଏ ଅଦଭୁତ କାହାଣୀ
କାହା ଆଗେ ଯାଇ, କହି କି ହେବ ଉପାୟ ଦିଶୁନାହିଁ ।୨।
କହି ହେବ କାହା, ଆଗେ ହେଲା ଯାହା, ବୁଦ୍ଧି ରାହା କିଛି ଦିଶୁନାହିଁ
ସତସତ ବାହା ଉପାଡ଼ିଛି ପର, ଛାର ଦର ଅଛି କାହିଁ
ମୁସ୍ତକିମ କହି ଚିତ୍ତ ଚିନ୍ତା ଚିତାରେ ହେଉଛି ଦହି ।୩।

ପଣ୍ଡିତ: ବାବୁମାନେ ତୁମ୍ଭେ ଧୈର୍ଯ୍ୟଧର, ବୋଧହୁଏ ତୁମ୍ଭର ପିଅର ମୃତ ପରି
ଦେଖା ଯାଉ ନାହାନ୍ତି ।
(ବୁଢ଼ା ଛାତିରେ ହାତ ଦେଇ ଓ ନାଶାରେ ତୁଳା
ଖଣ୍ଡିଏ ରଖି)
ଓହୋ ବୁଢ଼ ମୂର୍ଚ୍ଛିତ ହୋଇଛନ୍ତି କିନ୍ତୁ ମୃତ୍ୟୁ ହୋଇ ନାହିଁ । ତୈଲ୍ୟ ଆଣ ।
କର୍ଣ୍ଣରେ ତାଳୁରେ ଦେଇ ଦୁଧିକା ଫୁଙ୍କିବାରେ ଯଦି ବିଷ୍ଣୁ ଆୟୁସ ଦେଇଥିଲେ
ନିଶ୍ଚୟ ସଚେତ ହେବେ ।

ଠକ ଦ୍ୱୟ : (ଦଉଡ଼ି ଯାଇ ତୈଲ୍ୟ ଆଣି ବୁଢ଼ା କାନରେ ଦେଇ

Digitized by srujanika@gmail.com

ଫୁଙ୍କିବା ଓ ଜଣେ ତାଲୁରେ ଦେଇ ମର୍ଦ୍ଦନ ଏବଂ
ବା ବା ବୋଲି ଡାକିବା)

ବୁଣ : (ଗୋଡ଼ହାତ ଚୁଳୁଚାଳ କରିବା)

ପଣ୍ଡିତ : ଧୁକ,ଧୁକ ! ବୁଢ଼ା ଜୀବିତ ଅଛି । ପାଣି ପାନ କରାଅ ।

ଠକ ଦ୍ୱୟ : (ବୁଢ଼ାପାଟିରେ ନିଆଁଚଟୁ ଭରି ପାଣି ଦେଲାବେଳେ
ବୁଢ଼ାର ଖୁଁ - ଖୁଁ କାଶ ଓ ଅନ୍ୟ ଭାଇ ବିଂଛଣାରେ
ବିଂଛିବାରୁ ବୁଢ଼ାର ଅଳ୍ପ ଚେତା)

ବୁଢ଼ା : (ଚେତା ପରେ)
ବାବା, ଘୋଡ଼ାବାଲା, ତୋର ପାଦ ଧରୁଛି ।
ଆଉ ମାରନା, ମାରନା । (ବୋଲି ପୁଣି ମୂର୍ଚ୍ଛା)

ଠକେ : (ପୁନର୍ବାର ବୁଢ଼ାକୁ ସଚେତ କରାଇବା ଓ ପଚାରିବାରୁ)

ବୁଢ଼ା : ବାପାମାନେ , ଯାହା ହେବାର ଥାଏ, ତାହା ହୁଏ । ସେ ଯୋ ସ୍ତ୍ରୀ
ରୂପରେ ଆସିଲା, ସେ ମାୟାରୂପୀ ସ୍ତ୍ରୀ । ସେ ଶଳା ଘୋଡାବାଲା ।
ମୁଁ କଅଣ କହିବି । ବାପ ଧନମାନେ,ସେ ଯୋ ମାଡ଼ ମାଇଲା
ଅଦଭୁତ ଓ ଅକଥନୀୟ । ମୋତେ ଭିତରେ ଶୁଆଅ ।
ହେ ଭଗବାନ (ବୁଢ଼ା ଖଟରେ ପଡ଼ି) ବାବା, ବାବା, ବାବା, ବାବା.......

ଠକେ :(ଧଡ଼ପଡ଼େ) ବାପା, ଆମ୍ଭେ ଦୁଇଭାଇ ଅଛୁଁ,
ଡରୁଛ କାହାକୁ ?

ବୁଢ଼ା: (ଚୁପ୍)

ପଣ୍ଡିତ : ବାବୁମାନେ, ମୁଁ ଯାଉଛି ।
କିଛି ଜଳଖିଆ ମିଳୁ ।
(ପସ୍ଥାନ)

ସିପାହୀ : ଆଲ୍ଲା ହୋ ଆକବର୍ , ଖୁଦାବନ୍ଦ କରିମ କି ମର୍ଜି ସେ
କ୍ୟା ନହିଁ ହୋତା ହୈ । ହତ୍ଥୀ ସେ ଶେର କିତନା ଛୋଟା
ରହେତା ହଏ, ଲଏକିନ ଶେର ହତ୍ଥୀ କୋ ମାର କଲେଜା
ଖା ଯାତା ହଏ । ଫିର ଶେର ସେ ସନକୁତ୍ତା କିତନା ଛୋଟା
ରହେତା ହଏ, ମଗର ଶେର ଉସକେ ମାରେ ଭାଗତେ
ଫିରତା ରହେତା ହଏ, ୱାହ, ୱାହ ! ଖୋଦାନେ ଅକଲ କୋ
ଜିତନା କୁଓ୍ୱତ ବଖସା ହଏ ତାକତ କି ଉତନା ତାରିଫ ନହିଁ ହଏ ।

Digitized by srujanika@gmail.com

ଅକଲ ଏକ ବଡ଼ା ଭାରି ଚିଜ ହଏ । ଅକଲୱାଲା ଆଦମି ହଏ ଔର
ବେୱକୁଫ କୋଇ ଚିଜ ମେଁ ଭି ଗିନତି ନହିଁ । ଆଜ ଫିରଭି ଯାକେ
ଔର ଭି କୁଛ ଲେ ଆତେ ହଏଁ ।

(ବୋଲି ସାଧୁ ରୂପ ଧାରଣ କରି ଠକଙ୍କର କୂପ
ପାଖରେ ତିଳକ, ଚନ୍ଦନ କରିବା ଓ ଶଙ୍କର,
ଶଙ୍କର ଶବ୍ଦ କରିବା)

ଠକ : (ବାବାଜୀର ଶବ୍ଦରେ ଠକେ ଧଡ଼ପଡ଼େ ଆସି)
ବାବା, ପ୍ରଣାମ, ପ୍ରଣାମ ।

ସାଧୁ : ଶଙ୍କର ଭବାନୀ ଜୟ କରେଁ
ଶଙ୍କର ଭବାନୀ ଜୟ କରେଁ ।

ଠକେ : ବାବା ଆପଣ କୋଠୁ ଅସିଛନ୍ତି ?

ସାଧୁ: ଈଶ୍ୱର ଭଲ କରନ୍ତୁ । ମୁଁ କୈଳାସରୁ ଆସୁଛି ।

ଠକେ: ବାବା, ଆପଣ କେଉଁଠିକି ଯିବା ଉଦ୍ୟମ କରିଛନ୍ତି କି ?

ସାଧୁ : ମୁଁ ଈଶ୍ୱର କୃପାରୁ ଓଡ଼ିଶା ନୀଳଗିରୀ ଜଗନ୍ନାଥ ଦର୍ଶନ ପାଇଁ
ବାହାରିଛି । ଆଗେ ଶଙ୍କରଙ୍କର କୃପା ।

ଠକେ : ବାବା, ଆପଣ କିଛି କିଛି ବିଦ୍ୟାଭ୍ୟାସ କରି ଅଛନ୍ତି କି ?

ସାଧୁ : ବିଦ୍ୟାର କଥା କଣ କହୁଛ ମ ?
ବାପା, ଯାହା ସାଧୁଙ୍କଠାରେ ନାହିଁ ତାହା ତ ବ୍ରହ୍ମାଣ୍ଡରେ ପାଇବ କି ?
ଜ୍ୟୋତିଷୀ, କବିରାଜୀ, ବାକ୍‌ଚାତୁରୀ, ଔଷଧ ପରିଚଇ, ଶ୍ଳୋକ, ଶ୍ରୁତି,
ବେଦପୁରାଣ, ଗଳ୍ପ, କାହାଣୀ, ଏଗୁଡ଼ିକକୁ ପଚାରେ କିଏ ?
ତୁମ୍ଭେ ଅବଶ୍ୟ ଶୁଣିଥିବ ରାମଚନ୍ଦ୍ର ଋଷିଙ୍କଠାରୁ କ୍ଷତ୍ରୀୟ ବିଦ୍ୟା
ଶିକ୍ଷା କରିଥଲେ । କୃଷି ବିଦ୍ୟା ପରାସର କରିଥିଲେ । ଶିଳ୍ପ ଶାସ୍ତ୍ର
ବାରେହା ଋଷି ଓ ବେଦଗୁଡ଼ିକ ବେଦବ୍ୟାସ, ସ୍କନ୍ଧ ପୁରାଣ ଶୂକ,
ଏପରି ସାଧୁମାନଙ୍କରୁ ସଂସାରେ ସର୍ବବଦ୍ୟା ଜାତ ହୋଇଅଛି ନା ?

ଠକ : ବାବାଜୀ, ଆମ୍ଭର ପିତା ବହୁତ କଷ୍ଟ ପାଉଛନ୍ତି ।
ଆପଣ ଅନୁଗ୍ରହ କରି ତାଙ୍କର କଷ୍ଟରୁ ମୁକ୍ତ କରିଦେଲେ
ଆମ୍ଭେ ଆପଣଙ୍କର ନାମକୁ ଯାବଜ୍ଜୀବନ ମାଳା କରି ଜପୁଥାନ୍ତୁ ।

ସାଧୁ: ରୋଗ ଛାରଟି କଅଣ କି ? ଆମ୍ଭେ ପରା ତ୍ରିକାଳଜ୍ଞାତା ।
ଆମ୍ଭ ସମ୍ମୁଖରେ ରୋଗର କୌଣସି ବିବରଣ ନ କହୁଣୁ ତ

Digitized by srujanika@gmail.com

ଆମ୍ଭେ ରୋଗୀକୁ ଅନାଇ ଦେଲା ମାତ୍ରକେ ତାର
ପୂର୍ବ ବର୍ଣନା ମଧ୍ୟ ଜାଣିଯିବୁଁ ।

ଠକେ : ବାବା, ଅନୁଗ୍ରହ କରି ଆମ୍ଭର ଗୃହକୁ ବିଜେ କରିବା ହେଉନ୍ତୁ ।

ସାଧୁ : ହଉ, ହଉ, ଚାଲ ଯିବା
ଜଏ ଶଙ୍କର ଭବାନୀ ।।

ଠକେ : (ଆଗ ହୋଇ ଉଠି ଗମନ)

ସାଧୁ : ଜୟ ଶଙ୍କର ଭବାନୀ । ଜଏ ଶଙ୍କର ଭବାନୀ ।
(ବୋଲି ଉଠି ପଛେ ପଛେ ଗମନ)

ଠକ : ୧ (ଆଗ ଗୃହକୁ ପସି)
(ଗୋଟିଏ ପଲଙ୍କ ପକାଇ) ବାବା, ବସ ।

ସାଧୁ : ବାବା, ଆମ୍ଭେ ପଲଙ୍କରେ ବସିବୁ ନାହିଁ ।
ଆମ୍ଭେ ପରା ସନ୍ୟାସ ଦୀକ୍ଷାଧାରୀ । ଆମ୍ଭେ ସର୍ବତେଜ୍ୟ ପରା ବାବା ।

ଠକ : ୧ : (ଧଡ଼ପଡ଼ ହୋଇ ଖଣ୍ଡିଏ ମସିଣା ପକାଇ)
ବାବା, ବସନ୍ତୁ ।

ସାଧୁ : ଜଏ ଶଙ୍କର ଭବାନୀ (ବୋଲି ବସିବା)

ଠକେ : (ବୁଢ଼ାକୁ)
ବାବା, ଜଣେ ବାବାଜୀ ବିରାଜମାନ କରିଛନ୍ତି ।

ବୁଢ଼ା : ବାବା, ବାବା (ବୋଲି ରଡ଼ି ପକାଇବା । ଭୟରେ
ଥରହର ହେବା)

ସାଧୁ : ଯେ କଅଣ ? ଏହିପରି ସବୁବେଳେ ବୋବାଳି ପକାଉ
ଅଛନ୍ତି କି ?

ଠକ : ନା ବାବାଜୀ , ସମଏ, ସମଏ ।

ସାଧୁ : (ନାକରେ ହାତ କିଛି କ୍ଷଣ ଦେଇ ପରେ ଭୂମିରେ
ଖଡ଼ି ପକାଇ, ପରେ ଅଙ୍ଗୁଳି ଗଣି ଠକକୁ)
ବାବୁ, ଏଥର ପୂର୍ବ ବିବରଣ ଆମ୍ଭେ ଜାଣିଗଲୁ ।
ବୁଢ଼ାକୁ ଜଣେ ଶତ୍ରୁର ଯୋଗୁଁ ଏ ଦଶା ଭୋଗ ହେଉଛି
ଏହି ଔଷଧ ପାନ କରାଅ । ଏହି ଔଷଧ ବାଟି ଲେପ ଦିଅ
ଏବଂ ଏହି ଔଷଧ ନାଶାରେ ନାସ ଦିଅ ।
ଆଉ ଏ ପତ୍ର ବୁଢ଼ା ଗଣ୍ଡିରେ ଚୁହେଇ ଦିଅ ।

Digitized by srujanika@gmail.com

ଠକେ : (ଔଷଧ ନେଇ ସେହିପରି କରିବାରୁ ବୁଢ଼ା ଆରୋଗ୍ୟ)

ବୁଢ଼ା : (ସାଧୁଙ୍କ ଚରଣ ଧରି ସାଷ୍ଟାଙ୍ଗ ଦଣ୍ଡ ପ୍ରଣାମ)

ସାଧୁ : ଉଠ । ଉଠ । ଏବେ ଭଲ ଲାଗିଲା ତ ? ଆରୋଗ୍ୟ କିଛି
ଲାଗିଲା ତ ?

ବୁଢ଼ା : ହଁ, ବାବାଜୀ ଆରୋଗ୍ୟ ବାର ଅଣା ।
ମାତ୍ର କିଛି ଦରଜ ଅଛି ।

ସାଧୁ : ବୁଢ଼ା, ଏ କିଛି କିଛି ଦରଜ ମଧ୍ୟ ଛାଡ଼ି ଯାନ୍ତାଣି ମାତ୍ର
ଏଥି ତ ଦୋକାଣ ନାହିଁ ।

ବୁଢ଼ା : ବାବା, ଦୁକାଣ ନ ଥିଲେ କି ଔଷଧୀ ଆଣିବାକୁ କଣ
ଲୋକ କମ ଅଛନ୍ତି କି ? ଯାହା ଆପଣ କହିବେ ପିଲାମାନେ
ଏକ୍ଷଣି ଜମା କରିଦେବେ ।

ସାଧୁ : (ମନେ ମନେ)
ଠିକ ଦାବା ଲାଗିଛି । ପିଲା ଦିଟାଯାକ ତ ନ ଥିଲେ ମାଲ ଘେନି
ଚମ୍ପଟ । ବୁଢ଼ା ବା କଣ କରିପାରିବ ?
ବୁଢ଼ାକୁ ଦି' ଚାରି ପାହାର ଦେଇ ଚାଲିବା
ସୁବିଧା ଘଟିଲା ।
(ପକାଶ୍ୟରେ)
ବାବୁମାନଙ୍କୁ ଏ ଔଷଧର ନାମ କହିଦେଲେ
ଆଣି ପାରିବେ ତ ?

ବୁଢ଼ା : ହଁ, ବାବାଜୀ, କୁହ, କୁହ ।

ସାଧୁ : ଈଶ୍ୱରଙ୍କର ବୀର୍ଯ୍ୟ, ପାର୍ବତୀଙ୍କ ରଜ । ଚନ୍ଦ୍ରରଜ, ସୂର୍ଯ୍ୟରଜ,
ଖେଳାଖେଳି ବେଙ୍ଗାରାଙ୍ଗ, ଜୀବକ, ଋଷିଭକ୍ଷ ଛବିଶ
କାଳି ମୁସଳି, ସୁଫେଦ ମୁସଳି ।..

ଠକେ : ବାବା, ନାମଗୁଡ଼ିକ ତ ନ ଶୁଣୁଣୁ ଭୁଲି ଯାଉଅଛୁ ।
ଖଣ୍ଡେ ଡାବ ଦେଲେ ଭଲ ହୁଅନ୍ତା ।

ସାଧୁ : ହଉ, ହଉ । (ବୋଲି ତାଲିକା ଲେଖିଦେଲେ)

ଠକ:୧ :(ଡାବ ନେଇ ପ୍ରସ୍ଥାନ)

ସାଧୁ : (ମନେ ମନେ) ଜଣେ ତ ଗଲା । ବାକି ଆଉ ଜଣେ ।
ୟାକୁ ନ ପଠାଇଲେ ତ ମନବାଂଛା ସିଦ୍ଧ ହୋଇ ପାରିବ ନାହିଁ,

Digitized by srujanika@gmail.com

(ପ୍ରକାଶ୍ୟେ) (କିଛି କ୍ଷଣ ପରେ)

ବୁଢ଼ା ବାବା ।

ବୁଢ଼ା : ଆସନ୍ତୁ ଆଜ୍ଞା ଆସନ୍ତୁ, ଆସନ୍ତୁ ।

ସାଧୁ : ସେଥିର ଗୋଟିଏ ଔଷଧ ଯେ ଟା ଉଲଟା ବିସ୍ମରଣ ହୋଇ ଗଲା ।
ଆମ୍ଭେ ପୋଥି ଦେଖିବାରେ ପଶ୍ଚାତାପରେ ପଡ଼ିଗଲୁ କିପରି
କରାଯିବ ?

ବୁଢ଼ା : କୁହ, କୁହ ଅଜ୍ଞା , ଡାବ ଦିଅ ।

ସାଧୁ : (ଡାବ ପ୍ରଦାନ)

ଠକ : ୨ : (ଘୋଡ଼ା ଚଢ଼ି ପ୍ରସ୍ଥାନ)

ସାଧୁ : (କିଛି କ୍ଷଣ ପରେ ଭିତରକୁ ପସିଲା । ବୁଢ଼ା
ପଲଙ୍କରେ ଶୋଇଛି । ତାକୁ 'ଦେ ଧଡ଼ ଧଡ଼, ଦେ ଧଡ଼ ଧଡ଼')
ବୁଢ଼ା, ଶାଳା ଘୋଡ଼ା କ୍ୟା ଫାଲ୍ତା ପଣକା ହଏ ?

ବୁଢ଼ା : ବାବା ମଲିରେ ....ବାବା ମଲିରେ .....

ସାଧୁ : ଶାଳା, କ୍ୟା ମଲି, କ୍ୟା ମଲି ? ଘୋଡା କା ଦାମ ଖାକର ମସ୍ତ ଭୟା
ଫିର ମଲି କଲି କ୍ୟା ହଏ ?

ବୁଢ଼ା : (ବେହୋସ :ମୂର୍ଚ୍ଛା)

ସାଧୁ : (ଯେତେ ସାମାନ, କଂସା ପିତଳ ଇତ୍ୟାଦିର ଥିଲା ସବୁ ବାନ୍ଧି,
କାନ୍ଧେଇ ଚମ୍ପଟ)

ଠକ:୧: (ପ୍ରବେଶ)ବାପା, ବାପା !

ଠକ :୨:(ପ୍ରବେଶ)
ବାପାଙ୍କୁ କାହିଁକି ତେମେ ବୃଥାରେ ତକଲିଫ କରୁଛ
ଶୋଇଦିଅ । (ବୋଲି ଭିତରେ ପ୍ରବେଶ)
ଭାଇନା, ପିତଳ କଂସା ସାମାନ ଗୁଡ଼ିକ କିଏ ଘେନି ଗଲା କି ?

ଠକ :୧: କଅଣ କହିଲ ଭାଇ (ବୋଲି ଭିତରେ ପ୍ରବେଶ)
ଓହୋ, ଧନ୍ୟରେ କରମ ।

ଠକ :୧: ଭାଇ ସାଧୁଙ୍କୁ ପଚାରିଲୁ କିଏ ଆସିଥିଲା କି ?

ଠକ :୨ : ଭାଇନା, ସାଧୁ କାହିଁ ? ସେ ତ କୋଆଡ଼େ ଗଲେ ?
ତାଙ୍କର ପତ୍ତା ନାହିଁ ।

Digitized by srujanika@gmail.com

ଠକ :୧: ତେବେ ବାପାଙ୍କୁ ଉଠାଇ ପଚାରିବା ଚାଲ ।

(ଦେଖିବାରେ ବୁଢ଼ା ମଲା ପ୍ରାଏ ମୂର୍ଚ୍ଛା । ଡାକହାକ ନ ଶୁଣିବାରୁ ଓ ଆଖି ଫିଟାଇ ଦେଖି ନ ପାରିବାରୁ ଦେହର ଲୁଗା ଫିଟାଇ ଦେଖିଲେ ଯେ ଦେହରେ ଜଖମ ଓ ଦାଗର ସୀମା ନାହିଁ)

॥ ରୋଦନ ॥

ଧନ୍ୟରେ ବିହି ଆମ୍ଭଙ୍କୁ

କି ହିତ ନ କଲୁରେ

ବିହିତ ନୁହେ ଯେ କଷ୍ଟ ଲିହି ଭାଳେ ଲେଖିଲୁରେ ।ପଦ।

ରହି ତ ନୋହିବ ଏଥି, ସହି ତ ନୁହେ ବିପତ୍ତି

କହି ତ ହେବ କି କ୍ଷିତି,

ଅହିତେ ହସାଇଲେ ରେ ୧।

ଠକ :୨: ନଣା, ଆଉ କାନ୍ଦିଲେ କଅଣ ହବ ? (ପିତାଙ୍କୁ ସେ ଧରି ଆଗ ପରି ଚେତା କରାଇବା, ତୈଳ୍ୟ ଆଣି ପୂର୍ବବତ ନାକକାନରେ ଫୁଙ୍କାଫୁଙ୍କି ପୂର୍ବବତ)

ସିପାହୀ : (ଗୃହରେ ପଶି ଭାର ରଖି)

ଆଲ୍ଲା ହୋ ଅକବର, ଆଲ୍ଲା ହୋ ଅକବର । ଆଜ ତୋ ବାକି ଯୋ ଥା ମାଲ ସବ ହାଥ ଆୟା । ଅବ ଅଏସ କରନା କାମ ହଏ

(ବୋଲି ଗାନ)

ରବ୍ ତେରି କୁଦ୍‌ରତ କି କୈସା ଗୁଲଜାର ହଏ

କୈସା ଗୁଲଜାର, ବହାର ମଜେଦାର ହଏ ॥ ଟେକ ॥

ଫୁକ୍ରା ବନାତା , ଦୌଲତ ଭି ଦେତା

ଇଦ୍‌ଜତ ଔର ଜିଲ୍ଲତ କି ତୁହି ସରଦାର ହଏ ।୧।

ଉଲ୍ଲୁ ବନାୟା , ଅକ୍‌କଲ ଫଏଲାୟା

ଇସଲାମ ବେଇସଲାମ କି ତୁହି ସରଦାର ହଏ

ତେରି କାରୋବାର ହଏ ।୨।

ଦୋଜଖ ବନାୟା, ଜନ୍ନତ ବନାୟା

ଇନସାଫ ବେଇନସାଫ କି ତୁହି ସରକାର ହଏ ।୩।

କୌଲେ ମୁକ୍ତିମ ହଏ ତେରା ଭରୋସା

Digitized by srujanika@gmail.com

ଦିନୋ ଦୁନିଆଁ ମେଁ ଚଲନା ଦୁଶଓ୍ୱାର ହଏ ।୪।

□□

"ଭଗବାନ ସବୁଠୁ ବଡ଼ । ଆଜି ତ ବାକି ଯାହା ଥିଲା ସବୁ ମାଲ ହାତକୁ ଆସିଲା ।
ଏଥରକ ମଉଜ ମଜଲିସ କରିବା କଥା ଯାହା ।
ହେ ଈଶ୍ୱର ତୋ' ସୃଷ୍ଟି କେତେ ବୈଚିତ୍ର୍ୟରେ ଭରା ।
କେତେ ସୁନ୍ଦର, କେତେ ମଜାଦାର
ତୁ କାଂଗାଳ ବି କରୁ ଧନ ବି ଦେଉ
ମାନ ସନମାନ ଆଉ ଅପମାନର ତୁ ହିଁ ମୁଖ୍ୟ କାରକ
ମୂର୍ଖ ବି ସୃଷ୍ଟି କଲୁ, ବୁଦ୍ଧି ବି ସଂପ୍ରସାରିତ କଲୁ
ବିଶ୍ୱାସୀ, ଅବିଶ୍ୱାସୀମାନଙ୍କ ତୁହିଁ ସଦାପ୍ରଭୁ
ନର୍କ ସୃଷ୍ଟି କଲୁ ସ୍ୱର୍ଗ ବି ସୃଷ୍ଟି କଲୁ
ନ୍ୟାୟ, ଅନ୍ୟାୟର ତୁହିଁ ସରକାର
କବି ମୁସ୍ତକିମ ତୋତେ ହିଁ ଭରସା କରୁଛି
ତୋ ଦୟା ବିନା ଧର୍ମ ଓ ସଂସାରରେ ଚଳିବା କାଠିକର ପାଠ ।"

(ଜଣେ ଓଡ଼ିଆର ପ୍ରବେଶ)

ଓଡ଼ିଆ : ମିଆଁ ସାହେବ ।
ସିପାହୀ : କୌନ ହଏ ?
ଓଡ଼ିଆ : ମିଆଁ ସାହେବ । ମୁଁ ପରା ତମ ସଙ୍ଗି ପଟ୍ଟନାୟକ ।
ସିପାହୀ : ଆସ ଆସ ଭାଇ । ଆସ
(ପ୍ରବେଶ)
ଓଡ଼ିଆ: ଭାଇ, ଆଜିକାଲି ତ ଖୁବ୍ ମଜାରେ ....
ସିପାହ: ଭାଇ, ଭୋଗ ମିଳେ ଦେଶ, ରଜାରୁ ...
ଓଡ଼ିଆ: ଭାଇ, ସଂପତ୍ତି କେମନ୍ତେ ପାଇଲ ?
ସିପାହୀ: ଖୋଦା ଦେଲେ, ଏହା କେତେ ବେଳ ।
ଓଡ଼ିଆ : ଭାଇ, ବହୁତ ଦିନରୁ ଭେଟ ପଡ଼ିଲା ।
ଗୋଟିଏ ଗାନ ଗାଅନା ମୁଁ ବଜେଇବି । ମାତ୍ର ଭାଇ ଉତ୍କଳୀ
ଗାଉନା ଗାଇବ । ହିନ୍ଦୀ ଆଦି ଗାଇଲେଟି ତ ଚଳିବ ନାହିଁ ।

Digitized by srujanika@gmail.com

(ତବଲା ଧରି ବାଦ୍ୟ)

ସିପାହୀ :(ଉଡ଼ିଆ ଗାନା ହିନ୍ଦୀ ଗତ ଓଡ଼ିଆ)

ଗାଅ ହେ ସୁମନ ଆଜ

ଜଗତ ଈଶ୍ୱର ଜଏ । ...

ଜଗତ ଈଶ୍ୱର ଜଏ । ସର୍ବ ଜୀବେଶ୍ୱର ଜଏ ।ପଦ।

ଆଜ୍ଞାରେ ଅରୁଣ ହୁଏ ଉଦିତ,

ପୁଣି ନଚେ ରହେ ଅବନା ଭିତ

ଚନ୍ଦ୍ରମା ତାରକା ନଭେ କଲା ଶୋଭା

ସୃଷ୍ଟି ରଚେ କରେ କ୍ଷଏ ।୧।

ବ୍ରହ୍ମ ହୋଇ କରେ ସର୍ବ ଭିଆଣ

ଯମ ହୋଇ ହରେ ସକଳ ପ୍ରାଣ

ସୁଖ ପ୍ରଦାୟକ, ଦୁଃଖ ପ୍ରଦାୟକ

ନିରାକାର ବ୍ରହ୍ମ ମଏ ।୨।

ଯା'କୁ ସୁମରିଲେ ଭବ ଜଞ୍ଜାଳ

ଅଚିରେ ତୁଟଇ ମାୟାର ଜାଲ

କହେ ମୁସ୍ତକିମ ସେହି ଇଷ୍ଟ ନାମ

ଦିବା ନିଶି କର ଲଏ ।୩।

ଓଡ଼ିଆ : ମିଆଁ ଭାଇ, ମୁଁ ଘୁଡୁକି ଗୋଟିଏ ରଖିଛି , ତେମେ ତହିଁର ଗୀତ ଗାଇ ଜାଣିଲେ ମୁଁ ବଜାନ୍ତି

ସିପାହୀ : ନା ଭାଇ, ସେ ଶବରୀକୁ ତେବେ ନଚାଅନା' ଦେଖିବା

(ପଟ୍ଟନାୟକ ଘୁଡୁକା ଆଣିବା । କାଖେ ଧରି ଠିଆ ହେବା ଓ ଦି ଜଣ ଶବରୁଣୀ ପ୍ରବେଶ)

ଓଡ଼ିଆ : କିଲୋ ବହୁମାନେ , ଆଜି କୋଆଡ଼େ କି ?

ଶବରୀ : ତମର ଘୁଡୁକି ବାଜା ବାଜ୍‌ଛେ ଶୁଣି କରି ଚିତ୍‌ଟା ଧାଏଁଛେ ।

ଓଡ଼ିଆ: ଭଲା ଆଜି ଗୋଟିଏ ଗୀତ ଗାଇ ଯଦି ନାଚି ପଠାଣ ମିଆଁକୁ ମୋହି ପାରିଲେ, କେତେ କେତେ ଟଙ୍କା ଝଡ଼ି ପଡ଼ନ୍ତା କିଛି ହିସାବ ନାହିଁ ।

ଶବରୀ : ଆଚ୍ଛା ବାଜା ବାଜା ଘୁଡୁକି ବାଜା । ମୁଁ ଗାଉଛି ।

ବାଜା ...

Digitized by srujanika@gmail.com

ଓଡ଼ିଆ : (ବଜାଇବା : ନାନା ପ୍ରକାର)

ସିପାହୀ: (ତିନି ଚାରି ଖଣ୍ଡ ନୁଙ୍ଗି ପିନ୍ଧି କୁର୍ସିରେ ବସିବା ଓ ଶବରୀକୁ
ସ୍ନେହରେ ଚୁମ୍ବନ ପ୍ରଦାନ)

ଶବରୀ : (ଗୀତ ଗାନ)

ପ୍ରୀତି ବୋଲିବାର ଯେଉଁ ଦି ଅକ୍ଷର
ଆହା କେଡ଼େ ମନୋହର ।।ପଦ।।
ତିନିପୁର ଦଶ ଚାରି ଭୁବନେ, ଜୀବ ମାତ୍ରେ ଛାଡ଼ ପ୍ରୀତି ବିହୁନେ
ନ ଥିଲେ ନୋହିବେ ନାହିଁ ଦେଖା ଏବେ
ଗୂଢ଼ ଭାବେ ହୃଦ ମଧ୍ୟେ ବିଚାର ।୧।
ଲବଣୀ ତୁଳାରୁ କୋମଳ ଜିଣି ସ୍ୱାଦୁ ସୁଧା ଛାର ସମେ କି ଆଣି
ରୁଚିରେ ତାହାର, ସେ ଲକ୍ଷ୍ୟ ମାତର
କବି ମୁସ୍ତକିମ କରେ ବିଚାର ।୨।

ସିପାହୀ : (ପ୍ରଥମ ପଦରେ ଖଣ୍ଡେ ନୁଙ୍ଗି, ଦ୍ୱିତୀୟରେ ଖଣ୍ଡେ ନୁଙ୍ଗି,
ବିଦାୟରେ ପାଞ୍ଚ ଟଙ୍କା ଓ ଖଣ୍ଡେ ନୁଙ୍ଗି ପ୍ରଦାନ । ଶବରୀ ପ୍ରସ୍ଥାନ)

ଶବରୀ : ବନ ବାତ ଅଗ୍ନି ସବୁରେ ମିଶେ, ତା' ରୂପ ଆକାର ଚକ୍ଷେ ନ ଦିଶେ
କରି କେତେ ଲୟ, ନ ପାଇଲେ ଥୟ
ବଣା ଯହିଁରେ ବ୍ରହ୍ମା, ହରିହର ।୨।

(ଜଣେ ପୋଲିସ କର୍ମଚାରୀ : ବ୍ରାହ୍ମଣ ପ୍ରବେଶ)

ବ୍ରାହ୍ମଣ : କିହେ ମିଆଁ ଘରେ ଅଛ କି ?

ସିପାହୀ : କୌନ ହଏ ?

ବ୍ରାହ୍ମଣ : ଆରେ ଆଜିକାଲି କୋଆଡୁ କୋଆଡୁ ଚୋରି କରି ମାଲମାତା କିଛି
ଜମା ହୋଇଯିବାରୁ କେଡ଼େ ଦିମାକରେ କୌଉନ ହଏ, କୌଉନ ହଏ
କହୁଛ ।

ମୁଁ ପରା ପୋଲିସ ସିପାହୀ, ଏକାବେଳକେ ବେରୋଜଗାରୀରେ ଚାଲାନ
ଦେଇଦେବି ଦଫା ୨୯୦ରେ । ମନେ ନାହିଁ । କୌଉନ ହଏ ।
କୌଉନ ହଏ କହୁନୁ ?

ସିପାହୀ : (ଘରରୁ ବାହାରି)
ବାବୁଜୀ ବନ୍ଦେଗି ।

Digitized by srujanika@gmail.com

ବ୍ରାହ୍ମଣ : କି ରେ, ଏତେ ମାଲମତା କୋଉଠୁ ଜମା କରିଲୁ ?
ତୁ ତ ଚାକିରୀ ଯାଇ ଚାରି ମାସ କରି ଦରମା ବଦଳରେ ଗୋଟିଏ
ଘୋଡ଼ା ପାଇଥିଲୁ , ପୁଣି ତାହା ଠକମାନେ ନେଇଗଲେ ବୋଲି
ଆମ୍ଭ ଥାନାରେ ଟେସନ ଡାଏରୀ ଦର୍ଜ କରାଇଅଛୁ ।

ସିପାହୀ : ହଁ ଆଜ୍ଞା, ତାହା ମିଛ ନୁହେ । ମାତ୍ର ସେ ଠକର ପିତା ବୁଢ଼ାଟି
ଭାରି ଦୟାଳୁ । ତାରଠାରୁ ଏକାକିରେ ସାକ୍ଷାତ୍ ହୋଇ ମୋର
ଭୋଖେ ମରିବାର କଥା କହିବାରୁ ବୁଢ଼ା ପୁଅଙ୍କର ଅଜ୍ଞାତରେ
କେତେ ନୋଟ ଓ କେତେ ଗୁଡ଼ିଏ ପିତଳ କଂସାର ରାନ୍ଧଣା ସାମାନ
ପ୍ରଦାନ କରିଛନ୍ତି ।

ବ୍ରାହ୍ମଣ : କିରେ ମିଆଁ ମାଲ ତ ମୁଫତରେ ପାଇଛୁ । ଆମକୁ କିଛି ଦେବୁ
କି ଚାଲାନ ଦେବି ?

ସିପାହୀ : ଆଜ୍ଞା, ଲୋକେ କହନ୍ତି ମାଲେ ମୁଫ୍ତ ଦିଲେ ବେରହମ । ଏହା ସତ୍ୟ
ହେଲେ ମୁଁ ଘୋଡ଼ାର ପରିବର୍ତ୍ତେ ପାଇ ସେ ପରି ଦେଇ ପାରିବି କି ?

ବ୍ରାହ୍ମଣ : ଆବେ, ଘୋଡ଼ାର ତ ଦାମ ଥରେ ସିନା ମିଳେ
ତୁ ତ ଦି ଥର ଆଣିବାର ପଖା ମିଳୁଛି ।
ବୋଧହୁଏ ତୁ ଚୋରି କରି ଆଣିଥିବୁ ନା ?
କିଛି ଦେବୁ ତ ଦେ ନତୁବା ଗୋଡ଼ରେ ବେଡ଼ି ହାଥରେ କଡ଼ି ଦେଇ
ଏହି କ୍ଷଣି ପଟାକ୍ କଲା ହାଓଲାତକୁ ପଠାଇ ଦେବି ।

ସିପାହୀ : ହୁଜୁର, ଏକ୍ଷଣି ମୋର ପାଖରେ ତ ନଗଦ କିଛି ନାହିଁ ।
ମାତ୍ର ଘୋଡ଼ା କ୍ରେତା ବୁଢ଼ାଠିକୁ ଚାଲଯିବା
ସେହିଠି କିଛି ଦଶ ପଚିସ ମାଗି ଆପଣଙ୍କୁ ଦେଇଦେବି ।

ବ୍ରାହ୍ମଣ : କିରେ ସେ ବାରବାର ଆଉ ଦେବ କି ?

ସିପାହୀ : ଆଜ୍ଞା, ଘୋଡ଼ାଟି ଆରବୀ କାଠର । କୌଣସି ରାଜାକୁ ଦେଇଥିଲେ
ପାଟ ଘୋଡ଼ା କରିବାକୁ ରଖିଥାନ୍ତା ଓ ହଜାର ବାର ଶ' ଟଙ୍କା
ଦେଇଥାନ୍ତା । ବୁଢ଼ା ଘୋଡ଼ା ଶାସ୍ତ୍ର ସୁଜକୃତ ଓ ନକୁଳ କୃତ ସାଲିହୋତ୍ର
ପଢ଼ା ଲୋକ ପରା । ସେ ଘୋଡ଼ାର ଅଏବ ନ ଦେଖି ଲାଳସରେ
ରଖି ପକାଇଲା । ମାତ୍ର ତାରଠାରେ ଏକାବେଳକେ ପଇସା ନ ଥିବାରୁ
କେବେ ପଇସା, କେବେ ବାସନ ଆଦି ଦେଇଛି ଓ ପୁଣି ଆସିଲେ

Digitized by srujanika@gmail.com

କିଛି ଶହେ ଦି'ଶ ନେବୁ କହିଛି ।

ବ୍ରାହ୍ମଣ : ତେବେ ଚାଆଲ ଯିବା ।

ସିପାହୀ : ଶାଳା ପୁଲିସବାଲା (ମନେ ମନେ)

ହମକୋ କିତନା ଗାଲି ବକା ହଏ । ହମ ଅଭି ଓ୍ବହ ସବ

ଓସୁଲ କରଲେଗା । ଆଲ୍ଲା ହୋ ଆକବର୍)

ଆଛା ଚାଲ

(ବିସମିଲ୍ଲା ବୋଲି ବାହାରିବା)

ବ୍ରାହ୍ମଣ : ଭାଇ ମିଆଁ, ଆଜିର ପାଉଣା ଯାହା ହେବ ସବୁ ମୋର

ନହିଲେ ତୋତେ ସତ୍ୟ କରି କହୁଛି ବେରୋଜଗାରୀ ବୋଲି

ନିଶ୍ଚୟ ଚାଲାନ ଦେବି ।

ସିପାହୀ : ବାବୁ ସାହେବ, ଗରୀବ ଲୋକଙ୍କୁ ଏଡ଼େ ନିର୍ଦ୍ଦୟା । ହଉ ସବୁ ମିଳେ

ଇଜ୍ଜତ୍ ଗଲେ ମିଳିବନି । ନେବ ପଛେ ଆଜ୍ଞା ।

ବ୍ରାହ୍ମଣ : ମୋର କଅଣ ଥାଏ । ପୋଲିସିଆ ହୁନର

ଫୌଜଦାରୀ କାର୍ଯ୍ୟବିଧି ଆଇନ , ଦଣ୍ଡବିଧି ଆଇନ ଓ

ପୋଲିସ କ୍ରୋଡ଼ ଯୋଠୁ ହେଉ ଗୋଟିଏ ଦଫାରେ

ଚାଲାନ ଦେଲେ ତ ହେଲା । ମୁଁ କଣ ଏହି ଥାନେ ସବୁଦିନ

ରହିବି ଯେ ମୁହଁ ଦେଖା କାମ କରିବି ?

ସିପାହୀ : ଆଛା ଆଜ୍ଞା, ଆଜିର ପାଉନା ସବୁ ଯଦି ଆପଣଙ୍କର

ତେବେ ଆପଣ ବୁଢ଼ାର ପୁଅମାନେ ନ ଥିବାର ସ୍ଥିର କରି

ଦରୁଆଜାରୁ ବୁଢ଼ା ବାବା, ବୁଢ଼ା ବାବା ଡାକ ପକାଇବେ ।

ବ୍ରାହ୍ମଣ : ତା'ର ପରେ କିପରି କହିବି ?

ସିପାହୀ : ବୁଢ଼ା ଆସି ପଚାରିବ । ତୁମ୍ଭେ କିଏ ହେ ?

ଆପଣ କହିବେ - ମୁଁ ସେ ଘୋଡ଼ା ବାଲା ।

ସେ ତ ଆଦର କରି ନେବ ।

ବ୍ରାହ୍ମଣ : ସେ ମୋତେ ଚିହ୍ନା କରିବ ନା ?

ସିପାହୀ : ନାନା ହଜୁର । ବୁଢ଼ାର ଭଲଭାବେ ଆଖି ଦିଶେ ନାହିଁ ଓ

ଘୋଡ଼ାର କିଣାବିକା ତାର ମୋର ବିନା କେହି ଆଉ

ଜାଣି ନାହାନ୍ତି । ଏଣୁ ସେ ବିଶ୍ୱାସ କରିବ ମୁଁ ମଧ୍ୟ ଯିବି ନା ।

Digitized by srujanika@gmail.com

(ଠକ ଗୃହ । ବାଟର ଦରଜା ବନ୍ଦ ଅଛି । ବୁଢ଼ାଙ୍କୁ
ପୁଅମାନେ ତାର୍ପିନ ଓ ମଟର ତେଲ ମାଲିସ
କରୁଛନ୍ତି)

ସିପାହୀ : ଭାଇ, ପୋଲିସ ଡ୍ରେସକୁ ରଖିଦିଅ ଓ ସାଦ
ପୋଷାକରେ ଚାଲ ।

ବ୍ରାହ୍ମଣ : (ଡ୍ରେସ ଖୋଲି) ଏହା କୋଠି ରଖିବା ?
କିଏ ଘେନିଗଲେ ଚାକିରୀ ଉଠିଯିବ ।
ସଜା ହୋଇଯିବ ।

ସିପାହୀ : ଆଚ୍ଛା, ମୁ ଗଛରେ ଚଢ଼ି ଉପରେ ରଖି ଯାଉଛି । ଆପଣ
ଡାକୁ ଥାଅ ।
(ବୋଲି ଘରର କାନ୍ଥ ଉହାଡ଼କୁ ଚାଲିଗଲା)

ବ୍ରାହ୍ମଣ : କି ହେ ଘରବାଲା ବୁଢ଼ା ବାବ, ବୁଢ଼ା ବାବା ।...

ଠକେ : କିଏ ହେ ଡାକୁଛ ?

ବ୍ରାହ୍ମଣ : ଘୋଡ଼ାବାଲା ଆସିଛି ।

ଠକେ : (ଆପୋଷ ବିଚାର କରି) ଭାଇ, ଆଜି ମଉକା ମିଳିଛି ।
ପିତା ଶତ୍ରୁ ସୁଯୋଗରେ, ଆଜି ଠିକ ସୁଯୋଗରେ ଆସିଛି ।
(ବୋଲି ବାଡ଼ି ଧରି ଧଡ଼ପଡ଼ ହୋଇ ଝଟ କବାଟ ଫିଟାଇ ପ୍ରହାର)

ବ୍ରାହ୍ମଣ : (ମାଡ଼ ଖାଇ ଖାଇ ପ୍ରାଣ ଭୟରେ ପଳାୟନ)

ଠକେ : (ତାର ପଛେ ପଛେ କୁଦେଇବା)

ସିପାହୀ : (ଏହି ଅବସର ପାଇ)
ଠିକ୍ ମୌକା ହାଥ ଆଇ ହଏ (ଝଟ ଘୋଡ଼ାକୁ ଲଗାମ ଦେଇ
ଝାପଡ଼ି ଘୋଡ଼ା ପିଠିରେ ବସି ଅନ୍ୟବାଟରେ
ଦୌଡ଼ାଇ ଦୌଡ଼ାଇ ପ୍ରସ୍ଥାନ)

(ଖେଲ ଖଲାସ୍)

ତା ୪.୦୬.୧୯୩୫ଇ
ଶ୍ରୀବାବୁ ଉଚକ ମୌଲାନା ମୁସ୍ତକିମ ଖାଁ ବିରଚିତ
ମୁଁ - ବରପାଲି ଚାରପାଲି

□□□

Digitized by srujanika@gmail.com

ସାଧୁ - ବେଶ୍ୟା ଫାର୍ସ

ସାଧୁ - ବେଶ୍ୟା ଫାର୍ସ

ବାବାଜୀ ଆସିବା ଗୀତ

ବାବାଜୀ : ହରେ କୃଷ୍ଣ ହରେରାମ, ନିତାଇ ଗଉର ରାଧା ଶ୍ୟାମ । ପଦ ।
ନିଷ୍ଠା ଚିତ୍ତେ ଭଜ ରାମ, ଅନ୍ତେ ହେବ ବୈକୁଣ୍ଠ ଧାମ
କୈବର୍ତ୍ତ, ଅହଲ୍ୟା ଭଜି ରାମ
ତେଜ୍ୟା କଲେ ନର୍କର ଧାମ ।୧।
ମୁକ୍ତ ଶବରୀ ଦେଇ ଆମ
ବିଭୀଷଣ ପ୍ରାପ୍ତ ଲଙ୍କା ଧାମ ।୨।

(ବାବାଜୀର କଥା)

ଆହେ ସଭାଜନ ଗଣ ହରି ହରି ଭଜ
ସୁହୃଦ ଦୁଷ୍କୃତ ମିଳେ ବିଷ୍ଣୁ ଚିନ୍ତା କଲେ ।
ଅନ୍ତେ ବଇକୁଣ୍ଠ ବାସ ଯମଦଣ୍ଡ ପାରି
ଇହ ପରେ ପଉରୁଷ ସର୍ବେ ବଲ ହରି

(ବେଶ୍ୟା ଆସିବା)

ବେଶ୍ୟା : ଗୀତ

ନାହିଁ ମୋ ସମେ ମହୀରେ କେହି
ଲକ୍ଷେ ପତି କରି ହେଲି ବିରହୀ ।ପଦ।
ସତୀର ପତିର ମତି ଭୁଲାଇ
ପତ୍ନୀହୀନ ପୁଂସେ ମୁହିଁ ପାଳଇ ।୧।
ଯେତେ ଶୋଭା ପ୍ରେମା ଥିଲେ ତା' ପତି
ମୋ ଫାନ୍ଦୁ ବରଣ ନ ଥିବେ ନାହିଁ ।୨।
ମୋ ନାଁ ଫୁଲବତୀ ମୂଳ ପଇସା
ସୁନାଦିଆକୁ ଲୋଡ଼ି ବୁଲଇ ।୩।
ବଶୀକରଣ ସ୍ତମ୍ଭନ ମୋହନ
ଏ ସବୁ ମୁଁ ଜାଣେ ମୁସ୍ତକି କହି ।୪।

Digitized by srujanika@gmail.com

ବେଶ୍ୟା : ତୁମ୍ଭେ କିଏ ପରପଞ୍ଚ ବେଶ କିସ ପାଇଁ ?
ବାବାଜୀ : ବାବାଜୀ ମୁଁ ସଦା ଈଶ୍ୱରଙ୍କୁ ସେବୁ ଥାଇ ।
ବେଶ୍ୟା : ଈଶ୍ୱର କାହିଁ ଅଛନ୍ତି ଦେଖାଅ ହେ ମୋତେ
ବାବାଜୀ : କଷ୍ଟେ ତପ କର ପରାପତ ହେବେ ତୋତେ ।
ବେଶ୍ୟା : ବୃଥା ତପ କର ଲିଙ୍ଗ ଈଶ୍ୱର ନ ପୂଜି ।
ବାବାଜୀ : ବାଲୁକା ଲିଙ୍ଗ ପୂଜିଣ ବୋଲାଇବା ବାଜି ।
ବେଶ୍ୟା : (ଗୀତ)
ଆ ଆ ଆ ଗୋସାଇଁ
କରିବି ସାଇଁ କହିଛି ମୁହିଁ ।ଘୋଷା।
ସୁଖେ ରଖିବି ପୁରେ, ପତି ମୋ ନାହିଁ ଘରେ
ବେଶ୍ୟା ନିନ୍ଦା ଯିବ ମେଟାଇ ।୧।
ତୋ ଲାଗି ଆଜରୁ ମୋର
ଚଖାଇ ଓଷ୍ଠ ମଧୁ, ମିଟାଇ ନାମ ସାଧୁ
କଟାଇ ଜଟ ପଟକୁ
ମାଳା ପୋଥି ଦେବି ହଟାଇ ।୨।
ମୁସ୍ତକି ଋଚେ ରସ । ହରି ହର ହେବ ବିଷ
ଗୋରୁ ନାମ ହେବ ସୁରସ
ଦିବାନିଶି ହୋଇବୁ ବାଇ ।୩।
ବାବାଜୀ : ।। ଗୀତ ।।
ଯା ଯା ଯାରେ ମାଇଁ
ଆନକୁ ତୁହିଁ କହ ରସାଇ ।। ପଦ ।।
ସୁଖ ମୋ ବନେବାସ ନଗର ଲାଗେ ବିଷ
ତୋ ପୁରେ ଗଲେ
ଯଶ ପଉରୁଷ ଯିବ ହଜାଇଁ ।୧।
ମଧୁପ ଖାଏ ମଧୁ ତା' ନାମ ପୁଷ୍ପବନ୍ଧୁ
ବାବାଜୀ ବେଶ
ଜଟ ପଟ ମଠ ପୋଥି ମାଳା ହିଁ ।୨।
କହେ ମୁସ୍ତକି ହରି ହର ନ ପୂଜି କରି
ନ ରୁଚେ

Digitized by srujanika@gmail.com

ଫଳ ଜଳ ଗରଳ ସକଳ ଲାଗଇ ।୩।

।। ବେଶ୍ୟା ବାବାଜୀ ।।

ବେଶ୍ୟା : ମାନ ମାନ ମାନ ହେ ବାବାଜୀ ମାନ
ମୁଁ ଟି ମାତାଜୀ ଅଟଇ ଜାଣ ।୧।
ବାବାଜୀ : ନାହିଁ ନାହିଁ ବାଳ କାଳୁ ନାରୀ
ସଙ୍ଗ ନ କରିବି ମାଇଁ ଜାଣ ।୨।
ବେଶ୍ୟା : ନାରୀ ସଙ୍ଗ କଲେ ହେବ କିସ
ସର୍ବ ଅଙ୍ଗେ ଛନ୍ତି ନାରାୟଣ ।୩।
ବାବାଜୀ : ନାରୀ, ଚୋରି, ଦ୍ୟୁତ, ମିଥ୍ୟା, ବଧ
ଠାରୁ ପାପ ବଡ଼ ନାହିଁ ପୁଣ ।୪।
ବେଶ୍ୟା : କଶ୍ୟପ କି ନୁହନ୍ତିଟି ଋଷି
ତେର ନାରୀ ତାଙ୍କ ଥିଲେ ଜାଣ ।୫।
ବାବାଜୀ : ନର ସୁରାସୁର ଦେବ ଜନ୍ମ
ପାଇଁ ନାରୀ କଲେ ସେ ରମଣ ।୬।
ବେଶ୍ୟା : ଦେଖ ଈଶ୍ୱର କେଡ଼େ ତପସ୍ୱୀ
ନାରୀ ନ ଛାଡ଼ନ୍ତି ଅନୁକ୍ଷଣ ।୭।
ବାବାଜୀ : ତାଙ୍କ ଠହୁଁ ସୁତ ହେଲେ ଜାତ
କଲେ ଦୁଷ୍ଟକୁଳ ନିଶୋଧନ ।୮।
ବେଶ୍ୟା : ବ୍ରହ୍ମା ବେଶ୍ୟା ରମଣରୁ ଜାତ
ଅଟନ୍ତି ବଶିଷ୍ଠ ତପୋବନ୍ତ ।୯।
ବାବାଜୀ : କନ୍ଦର୍ପ ଅନାଦରେ ଏ କର୍ମ କରାଇଲା
ନୁହେ ତା' ଆୟତ୍ତ ।୧୦।
ବେଶ୍ୟା : ପରାଶର ହରିଲେ କୈବର୍ତ୍ତୀ
ବଶିଷ୍ଠ ଚାଣ୍ଡାଳୀ ହରିଛନ୍ତି ।୧୧।
ବାବାଜୀ : ଶୁଣି ରମଣୀ ବାଣୀ
ହାରିଣ ଆହା ଆହା ଭାସିଲେଟି ଯତୀ ।୧୨।
ବେଶ୍ୟା : ଦେଖ ନିଜେ ନାରାୟଣ ଯେ ଟି
ରମା ଶାରଦା ନାରୀଙ୍କ ନାମ ।୧୩।

Digitized by srujanika@gmail.com

ବାବାଜୀ : ଅନ୍ନ ବିଦ୍ୟାଦାତା ବୋଲି ହରି
ତାଙ୍କୁ ହୋଇ ଅଛନ୍ତି ବରୁଣ ।୧୪।
ବେଶ୍ୟା : ମୁହିଁ ପୁତ୍ରଦାତା ହେବି ଯତୀ
ଲାଭ କରିବେ ସେ ବିଦ୍ୟାଧନ ।୧୫।
ବାବାଜୀ : ପୁତ୍ର ହେଲେ ବନ୍ଧୁ ସେଉ ମୋହ
କ୍ରୋଧ ଲୋଡ଼ା ପଡ଼ଇଟି ପୁଣ ।୧୬।
ବେଶ୍ୟା : ପୁତ୍ର ନ ଥିଲେ ମଲେ ସେ ପ୍ରାଣୀ
ନର୍କେ ପଡ଼େ ଲେଖଇ ପୁରାଣ ।୧୭।
ବାବାଜୀ : ଅବିବାହୀ ନାରୀ ଯେ ହରଇ
କୁମ୍ଭୀପାକେ କୀଟ ହୋଇ ଜନମ ।୧୮।
ବେଶ୍ୟା : ତେବେ ଛଡ଼ ବିଭାଗୁ ବିଭା
ସିଦ୍ଧ ମାଳା ଦେଇଣ ବରଣ ।୧୯।
ବାବାଜୀ : ଯେବେ ବରଣ କରିବୁ ମୋତେ
ପରେ କିସ କରିବଇ ପୁଣ ।୨୦।
ବେଶ୍ୟା : ଆଗେ ବରଣ ପଛେ ହରଣ
ପରେ ମିଷ୍ଟଭାଷ ଆଳାପନ ।୨୧।
ବାବାଜୀ : ବେଶ୍ୟା ବଚନେ ହାରି ବାବାଜୀ
ବିଭା ହେଲେ ଗନ୍ଧର୍ବ ମତେଣ ।୨୨।
ବେଶ୍ୟା / ବାବାଜୀ : ବେଶ୍ୟା ବାବାଜୀ ଚଳିଲେ ପୁରେ
ରଚେ କବିବର ମୁସ୍ତକିମ ।୨୩।

□□□

Digitized by srujanika@gmail.com

ବିବିଧ

୧. ମାନଭଞ୍ଜନ ଚଉତିଶା

କେବର ·ରସିକବର, ବରବରଣା ପାଖର, ଖରଶ୍ୱାସ ତେଜି ତେଜି ହୃଦେ ଉଲ୍ଲାସ
ଉଲ୍ଲାସଦାନୀରେ ରଣ, ରଣର ଯେ ସଂତାପେଣ, ତାପେ ତାପିତ କରୁଣାଅଙ୍ଗୀ ତୁ ମୋର
ମୋର ପ୍ରତି କରିଛୁ ରୋଷ
ରୋଷ ତେଜ ରସାଳସା କ୍ଷମିଣ ଦୋଷ ।୧।
ଖରାରୀତନୟ ଦେଖ, ଦେଖ କେଡ଼େ ଅବିବେକ, ବିବେକ ବେକରେ କର ଗଳଥା ମାରେ
ମାରେରେ କ୍ଷୀତିମଣ୍ଡନା, ମଣ୍ଡନା କ୍ଷୀତି ତୋ ବିନା, ବୀଣାଜିଣା ବଚନୀରେ କେ ଅଛି ମୋରେ
ମୋରେ ସାହା ହେବ ସୁକ୍ଷରୀ
ଦରିଦ୍ରନିଧି ତୁ ମୋର ହୃଦୟେଶ୍ୱରୀ ।୨।
ଗଣନାଥମାଥ ଗତି, ଗତି ତୋ ବିତା ଜଗତୀ, ଗତିଦାତା ରସବତୀ ଅଛି କେ ଆନ
ଆନନ୍ଦ ଦାନ କରିବ, କରୀରିପୁମଧ୍ୟାଭାବ, ଭାବ - ବିଭବ ଦାନରେ ରଖ ଜୀବନ
ଜୀବଂଜୀବ ମୁଁ ତୁ ଉଡୁପ
ଉଡୁପଲପନୀ ସୁଧା ଅପାଙ୍ଗେ ଦେଖ ।୩।
ଘନକ ଘନୀରେ ଘେନା, ଘେନ ନ ଘେନ ନବୀନା, ବିନାଶ ଉଲ୍ଲାସ କର ତୋର ବିଚାର
ଚାର ମୁଁ ତୋର ସେବାର, ବାରଣ ଗତୀ ତୁ ମୋର, ମୋର ତୁ ଭାବ ନ ଭାବ ମୁଁ ତୋ କୋୟର
ଘଟ ଥିବା ଯାଏ ଜୀବନ
ଜୀବନଜ ଆନନ ତୁ ନ କର ଭିନ୍ନ ।୪।
ଉଆଁସ ନିଶିରେ ଶଶି, ଶଶିଲପନୀ ନ ଦିଶି, ଦିଶିବ ଅସାର ସାର ଚାତକ ଚାହେଁ
ଚାହିଁ ରବିବି ସେପରି, ପରୀ ଦୃଶ୍ୟା ବିମ୍ବାଧରୀ, ଧରିତ୍ରୀମୋହୀ ମୋହିତ ହେବ ଆଶା ଏ
ଆଶା ଏକା ରଖିଣ ଶଶ
ଶଶାଙ୍କ ଅଙ୍କରେ କରେ ଯାଇଣ ବାସ ।୫।
ଚାତକ ଘନ ଆଶାରେ, ସାରସେ ଥିଲେ ତୃଷାରେ, ସାରସଗମନା ମନା ନିନ୍ଦୁ କି ତାର
ତାରକ ଜାହ୍ନବୀ ଜଳ, ଜଳିଲେ ନିକି ପ୍ରବଳ, ବଳଇ କି ଭାବ ଭାବ ହୃଦ ଅନ୍ତର
ଅନ୍ତରୀକ୍ଷୁ ନୋହିଲା ଜଳ
ଜଳିଯିବ ଜୀବ ଆଶା ରଖି କେବଳ ।୬।

Digitized by srujanika@gmail.com

ଛନ୍ଦକର ଲପନୀରେ, ନିରେଖି ଥିବୁ ଶ୍ରୁତିରେ, ଶ୍ରୁତିକରତା କରତା ତନୟ ପାଇଁ
ପାଇ କି ନାହାନ୍ତି ଲାଜ, ଲାଜବତୀ ମନେ ହେଜ, ଜୟଭେଦୀ ବେଦୀ ତଳେ ଅମରେ ଥାଇ
ଥାଇ ମହାଜ୍ଞାନ ପୁରୁଷ
ପୁରୁଷପଣିଆ କରୁଁ ଗଲା ପୌରୁଷ ।୭।
ଜାତବେଦଜିତ ଅଙ୍ଗ, ଅନଙ୍ଗ ଯୋଗୁଁ ବିଭଙ୍ଗ, ଭଗଚିହ୍ନ ହେଲା ଦେଖ ଫେଡ଼ି ପୁରାଣ
ରାଣ ମୋ ଦେବଦାପର, ପରସନ୍ନମୁଖୀ ବର, ବରଷାଦାତାର ମିଥ୍ୟା ନୁହଇଁ ଘେନ
ଘେନ ଘେନାଘେନି ସୁନ୍ଦରୀ
ଦରିଭୂତରୁ ନବସ ଧରାରେ ଗୋରୀ ।୮।
ଝଡ଼ିଲା ଝସକେତନ, କେ'ତ ନ ଥିବେ ଶୁଣିଣ, ଝସନେତ୍ରୀ ନେତ୍ର ଦେଖ ଉତ୍ତପ ଗତି
ଝଟକ୍କ ଉଜ୍ଜ୍ୱଳ ଜ୍ୟୋତି, ଜ୍ୟୋତି ଲୁପ୍ତ ହୁଅଇଟି, ହୁଅଇଟି ପୁଣି ବୃଦ୍ଧି ପୁଣି ସେମିତି
ଝଲକାଙ୍ଗୀ ଝଡ଼ିଲା ଜ୍ଞାନ
ଅଜ୍ଞାନୀ ନୁହଁ ତୁ ଜ୍ଞାନୀ ମଧ୍ୟେଗ୍ରଗଣ୍ୟ ।୯।
ନୀରବ ଦେଖି ତୋହର, ହରିରିପୁ ରିପୁ ମୋର, ମୋର ଟେକ ଜାଣ ଗର୍ବ କରଇ ନାଶ
ନାଶ ଯଦି ହେଲେ ଦାସ, ଦାସ ନାଶ ପଉରୁଷ, ରସବତୀ କରିବୁ କି ନୀର ପ୍ରକାଶ
କାଶହାସୀ କୃପାବରଦା
ବରଦାତା ଜାତକେ କି ହୁଏ ଅଶ୍ରଦ୍ଧା ।୧୦।
ଟେକ ଟଳିଲା ହରଙ୍କ, ରଙ୍କରତନ ତୁ ଠିକ, ଠିକଣାରେ ଦେଖିକି ନ ଥିବୁ ପୁରାଣ
ରାଣ ମୋ' ମନେ ସୁମର, ସୁମର ରସିକାସାର, ସାରଅଙ୍ଗୀ ଅଙ୍ଗୀକାର ନ କଲେ ଜାଣ
ଟାହି ନୁହେ କହୁଛି ସତ
ସତର ବରଷୀ ବିନା ବିନାଶ ପ୍ରାପ୍ତ ।୧୧।
ଠିକ 'ଠ' ବର୍ତ୍ତୁଳାମୁଖୀ, ମୁଁ ଖୀନ୍ନ ହେଲିଣି ସଖୀ, ସଖୀଙ୍କର ତୁଲେ ରଖ ସେବକ କରି
କରାନ୍ତ୍ରଅରୀ ତୋ କଟି, କଟିବସନ ଭାଗ୍ୟଟି, ଦାନ କର କରୁଣାଙ୍ଗୀ କୃପା ଆଚରି
ଚରିତ୍ରାକ୍ଷୁ ତା' ବିପରୀତ
ରୀତି କଲେ କଳେବରୁ ଯିବ ଜୀବ ତ ।୧୨।
ଡରାଏ ମାର ପାମର, ମରଣରୁ ଗୁରୁତର, ତରଳାକ୍ଷୀ ତୋ' ଆଶାରେ ରହିଛି ଜୀବ
ଜୀବଂଜୀବ ଆଶ କରି, କରି ପୁହାଏ ଶର୍ବରୀ, ଶର୍ବରୀଈଶଲପନୀ ତେମନ୍ତ ଭାବ
ଭାବ ଆଶେ ଥିବାରୁ ତୋର
ତୋର କତିରେ ନ ଥିଲେ ମାରନ୍ତା ମାର ।୧୩।
ଢ଼କା ବାଜିବ ସଂସାରେ, ସାରେଣୀ କ୍ଷଣି ଆଶାରେ, ସାର ସ୍ମର ଶରେ ମରି ଯିବି ଅମର

Digitized by srujanika@gmail.com

ଅମରେ ଜାଣିବେ ଧ୍ୟାନେ, ଧ୍ୟାନେ ରସିକାର ଧ୍ୟାନେ, ମଲା ଶଶ ଧ୍ୟାନେ ଧ୍ୟାୟି ଭାବ ଆଶରେ
ଅସାରେ ତୁ ହୋଇବୁ ଦୋଷୀ
ଦୋଷୀ ହେବୁ ବା ନ ହେବୁ ଭାବ ସୁକେଶୀ ।୧୪।
ଅଣଅପରାଧୀ ମୁହିଁ, ମୁଁ ହୀନଦୀନଙ୍କୁ ସହି, ସହି ନୋହୁଛି ତୋ ରହିବାର ମଉନ
ମଉନରେ ଥାଇ ଧନ, ଧନୁଭୂରୁକୁ ତ ଟାଣ, ଟାଣ ତୁ ସିଂଜିନୀ ରଜ୍ଜୁ ଅଛି ଅଞ୍ଜନ
ଜନମନମୋହନ ଠାଣି
ଠାଣି କ୍ଷଣଦା ହାରିବ ପରାଣମଣି ।୧୫।
ତଳିପା ତଳ ସଦୃଶ, ଦୃଶ ନୁହେ ରମାବାସ, ବାସୋଦ୍‌ଭବ ତୁଳ ନୁହେ କୋମଳେ ତନୁ
ତନୁ ଦଗ୍‌ଧିତ ହାଟକ, ହାଟକୁ ଅତି ଝଟକ, ଝଟକ ଛଟକ ସରି ନୋହୁ ଅତନୁ
ନାରୀ ନାମ ବୋଲାଏ ରତି
ମଶାଏ ମଧ୍ୟ ତୋ ତୁଲେ ନୋହିଲା ସାଥୀ ।୧୬।
ଥିରଚିତ୍ତ ଧରା ପରି, ପରୀଏ ରୂପେ ଅସରି, ସରିନୋହୁ ନାକପୁରେ କଲେ ନିବାସ
ବାସବ ସଭାରେ ଗାନ, ଗାନେ ମୋହି ଦେବଗଣ, ଗଣନା କରିବେ ବୋଲି ନୃତ୍ୟ ପ୍ରକାଶ
କାଶ ବଂଶ ହ୍ରାସ ଲାଜରେ
ଲାଜରେ ବହିଲେ ତନୁ ତୃଣ ରୂପରେ ।୧୭।
ଦଧି ଉଦଧି ମନ୍ଥନ, ସ୍ତନ ଦେବଦୀପେ ଧନ, ଧନ ଭାବିବେଟି ହର ବିଚାର କରି
କରୀରିପୁଆସନୀ ଯେ, ନିଜେ ପତି କୋଳେ ବିଜେ, ବିଜେକଲୁଁ ଅର୍ଦ୍ଧାଙ୍ଗିନୀ ନାମ ଉଚ୍ଚାରି
ଚାରିଏଗାର ଇକ୍ଷଣକୁ
କ୍ଷଣକୁ ନ ଛାଡ଼ନ୍ତିଟି ଏକାକୀ ତାଙ୍କୁ ।୧୮।
ଧରାମୋହୀ ଶବ୍‌ଦ ଶୁଣି, ଶୁଣି ଯୋଗଭଗ୍ନେ ମୁନୀ, ମୁନିମୋହିନୀ ଭୟରେ ନିବାସ ଅଟେ
ଅଟେ ଦନ୍ତକୁମ୍ଭ ଭାଙ୍ଗି, ଭାଙ୍ଗି ଭାବ ହେମଅଙ୍ଗୀ, ଅଙ୍ଗୀକାର କରି ରମ୍ଭା ବୃକ୍ଷ ରୂପଟେ
ପଟେ ଯେବା ଦେଖିଣ ଥିବ
ନ ଥିବ ତା ଦୃଶେ ଆନ ଆନନ ଭାବ ।୧୯।
ନର - ନାଗ - ନାକ ପୁରେ, ପୁରେ ଅସମ କଣ୍ଠରେ, ଡରେ ଦଶ ଦେବାଳୟେ କରଇ ସ୍ୱନ
ସ୍ୱନ ଶୁଣି ରତୁରାଜ, ଶ୍ରବଣ କରି ପହିର୍ଯ୍ୟ, ପଣେ ପଣେ ହେବ ଭାବି ଭାବି ଭାବି ହୃଦେଣ
ଦୂତ ପଠାଇଲା ହରଷେ
ଅକ୍ଷମରୁ ମୂକ ହେଲା ପ୍ରାବୃଟ ନାଶେ ।୨୦।
ପରଶଂସା ଶୁଣି ରୂପ, ରୂପକୁ ହେଉଁ ଅନୂପ, ନୃପତୀ ତୀର୍ଥମାନଙ୍କ ଦେବୀ ଜାହ୍ନବୀ

Digitized by srujanika@gmail.com

ପରବ ରଜନୀନାଥ, କଳଙ୍କ ଯୋଗୁଁ ନିନ୍ଦିତ, ନିନ୍ଦିତରୁ ପାର ହେବି ବିଚାରିଲେ କି
ହରଠାରେ ବର ପାଞ୍ଚିଲେ
ବିରାଜିତ ରାଜିତା ସେ ସଦା ସାଥିରେ ।୨୧।
ଫଣିପୁରେ ଶୋଭାରାଶି, ରାଣିଏ ମାତ୍ରକ ପଶି, ପଶିବାର ଶୁଣି ଚକ୍ଷୁଶ୍ରବାଏ ଯାଇ
ଧରାମୁକୁଟକରାକୁ, ଶୁଣାନ୍ତେ ସେ ଉବୁଟୁବୁ, ହେବା ଯୋଗୁଁ କମ୍ପମାନ ହୋଇଲା ମହୀ
ଭୂମିକମ୍ପ ଏହି କାରଣେ
କାରଣେ ତ୍ରିକାଳଜ୍ଞାତା ଜ୍ୟୋତିଷ ଭଣେ ।୨୨।
ବଡ଼ ଶୋଭାରାଶି ଜାତ, ସାକ୍ଷାତ ଶ୍ରବଣକୁ ତ, କୃତକାର୍ଯ୍ୟ ଭାବି ଦେବ କାର୍ତ୍ତିକେଶ୍ୱର
ଛଅ ଦୁଇଗୁଣ କର୍ଣ, ଆବର ବାର ଈକ୍ଷଣ, କ୍ଷଣକ ଦର୍ଶନ ଆଶ ମାନସେ ବୀର
ଶିବର ସେବାରେ ନିପୁଣ,
ଚଞ୍ଚଳଗତି କେକୀକୁ କଲେ ବାହନ ।୨୩।
ଭକ୍ତବତ୍ସଳ ଶ୍ରୀହରି, ହରି ମହୀ ଭାର ହରି, ହରିଣାକ୍ଷୀ ଶୋଭା ହରି ନେବାରୁ ଚିତ୍ତ
ଚିନ୍ତନ କଲେ ଅମର - ପୁରେ ନିବାସକୁ ମର - ପୁରତେ ବାନା ନୀଳଗିରି ତ
ରୀତିମତେ ଦର୍ଶନ ଆଶେ
ଆସିବ ଭାବିଣ ନେଲେ ଦାରୁ ରୂପ ସେ ।୨୪।

(ଅସଂପୂର୍ଣ୍ଣ)

୨. ଭଜନ ଅନାମିକା ଚଉତିଶା

X X X
ଜାଣ ଜଣା ହେବାର, ଦୂର ହେବାର କଷ୍ଟ ସମେ କେହି
ହେ କୃପାମୟ ! ଜାଣ କଷଣ ଆଉ ନାହିଁ
ଯାବତ ଜୀବ ଥିବ ରହି
ଯଥା ଖଦ୍ୟୋତାଲୁଅ, କ୍ଷଣଦା ଶୋଭାମୟ, ତଥୋଲ୍ଲାସ ହୃଦ ମଣଇ ହେ ।୮।
ଝସବାସ ବିହୁନେ, ଯେସନ ହୋଏ ମୀନ, ଗର କୃଷାନୁ ସାନୁ ଦଗ୍‌ଧେ
ଝରେ ଈକ୍ଷଣୁ ଝର, ରଜନୀ ଦିବସର, ସଦା ହୃଦୟ ଥାଏ ସ୍ତବ୍‌ଧେ
ହେ କୃପାମୟ ! ବନ ଦହିଲେ ଦାବାନଳ
ଲିଭଇ ବରଷିଲେ ଜଳ
ହୃଦ-ବନ-ଦହନ, ନ ଲିଭେ ବର୍ଷୁଁ ଘନ, ଜଳଇ ଅଧିକ ପ୍ରବଳ ହେ ।୯।

Digitized by srujanika@gmail.com

ନିଦ୍ରା ନୁହେ ଈକ୍ଷଣେ, ନବୀନ କ୍ଷଣେ କ୍ଷଣେ, ମନେ ପଡ଼େ ଗତ ଭାବନା
ନିପ କିଂଜଳକର, ପରାଏ ତନୁ ଗୃହ, ମାନ ଶୋଭଇ ଅଙ୍ଗେ କିନା
ହେ କୃପାମୟ ! ନିଦାଘେ ପିକମୁଖ ଯଥା
ଲପନୋଲ୍ଲାସ ଜାଣ ତଥା
ନଗ୍ର କ୍ରୋଟ ନିବାସ, ପରାଏ ଲାଗେ ବାସ, ନବ ବାସ ଗ୍ରାସେ ଅଶ୍ରଦ୍ଧା ହେ ।୧୦।
ଟାଣ ଟେକି ଅଙ୍କୁର, ସ୍ଥାନରୁ ହୋଇ ଦୂର, ଚିନ୍ତାର୍ଣ୍ଣବରେ ଯାଏ ବହି
ଟାହିଟାପରାମାନ, ମନେ ନ ପାଇ ସ୍ଥାନ, ତା ତୂଳେ ଯାନ୍ତି ଶ୍ରବ ହୋଇ
ହେ କୃପାମୟ ! ସ୍ରୋତରେ ବିଟପ ଉପୁଡ଼ି
ଭାସେ ସଲିଳେ ଯଥା ପଡ଼ି
ନାହିଁ ଆଶ୍ରୟ ତା'ର ତେମନ୍ତ ପରକାର, ଭାସଇ ନିରାଶ୍ରୟ ହୋଇ ହେ ।୧୧।
ଠିକଣା ଭାବେ ମନ, ଠାବେ ନ ରହେ କାନ, ଠାବ ଭାଙ୍ଗିଲା ଖଗ ପରି
ଠକାର ମଧ ଦେଶ, ପରାଏ ଲାଗେ ବାସ, ଠିକେ ନ ରହେ ଥୟ ଧରି
ହେ କୃପାମୟ ! ଠୂଳ ଶୂନ୍ୟବାସୀ ଠାକୁର
ଠାବ ତ ଜାଣ ବାହ୍ୟାନ୍ତର
ଠାବ ଶ୍ରୀପଦେ ମନ, ଠାବ ତ ଅନୁକ୍ଷଣ, ଠିକେ ଦିଅ ମୁସ୍ତକିମର ହେ ।୧୨।
ଡୁବି ଦୁଃଖ ସଲିଳେ, ଡୁବୁଡାବୁ ବିକଳେ, ଡକା ପାଡ଼ଇ ଚିତ୍ତରାଶି
ଡରଇ ବିତ୍ତ, ଉପାର୍ଜିତକୁ ସମ୍ପାଦିତ, କେ ରଖିବ କରି ଆକର୍ଷି
ହେ କୃପାମୟ ! ଡୋର ବନ୍ଧନାବଦ୍ଧ ଜୀବ
ପରାୟ ସ୍ଥିର ନୁହେଁ ଯିବ
ଡାଳେ ବସି ଶୟନ - କରା ନିଦ୍ରିତ ଜନ, ପରାୟେ ଘେନ ଏହା ଧ୍ରୁବ ହେ ।୧୩।
ଡାଳ ବାଦନେ ବାଦ୍ୟ, ନାଦଇ ମାତ୍ର ସ୍ତବ୍ଧ, ଅନ୍ତରେ କିଛି ଥାଏ ନିକି
ତା ଶବଦଟି ଯଥା, ଚିତ୍ତ ବିରହୀ ତଥା, କେବଳ ଦୃଶ୍ୟ ଦେହଟିକି
ହେ କୃପାମୟ ! ଢଳ ଢଳ ଯେସନ ବନ
ବନଜ ଅଙ୍ଗ ପତରେଣ
ତଥା ଶରୀରେ ମନ, ଜ୍ଞାନର ସ୍ଥିର ଜାଣ, ନ ଥାଏ ଦିନୁ ଦିନ ଆନ ହେ ।୧୪।
ଅଣାଇଣରେ ଏକ, ମିଶ୍ରିତ ବାସ ବେଶ, ଗ୍ରାସ ଲାଗଇ ନିରନ୍ତରେ
ଅନାଇ ଅମାସ୍ୟାରେ, ଚକୋର ପରକାରେ, ଆଶ ମାତ୍ରକ ହୃଦୟରେ
ହେ କୃପାମୟ ! ଅଣାୟତ୍ତ ମାତ୍ର ସାର
ଭାବଇ ଅର୍ଜିତ କର୍ମର

Digitized by srujanika@gmail.com

ଉଣାଅଧିକ କା'ରେ କହିବାକୁ ସଂସାରେ ସର୍ବଦା ମାଡ଼ଇଟି ଡର ହେ ।୧୫।
ତପନ ଗ୍ରୀଷମର ତା ତହୁଁ ଦ୍ୱିଗୁଣର ତାପେ ତାପିତ ହୋଏ ଦାହ
ତା ତହୁଁ ଲକ୍ଷେ ଗୁଣ, ସନ୍ତାପ ରଣରଣ, ଦହନ କରଇ ହୃଦୟ
ହେ କୃପାମୟ ! ତତାଇ ଲୁହା ତଦୁପର
ତାଡ଼ଇ ନିର୍ଦ୍ଦୟ କମାର
ମାତ୍ର ତାହା କର୍ମରେ, ଲାଗେ ଏ ଅକର୍ମରେ, ତାଡ଼ନ କରଇଟି ମାର ହେ ।୧୬।
ଥାଟବିରହୀ ସେନା-ପତି ବ୍ୟାକୁଳ ଜିଣା, ଥୟାଥୟଟି ସଦା ମନ
ସ୍ଥଳ ନ ଥିବା ଜଳ, ମଧରେ ପଡ଼ି ବ୍ୟାଳ, ବନ୍ଧନେ ହେଲେଟି ବନ୍ଧନ ·
ହେ କୃପାମୟ ! ବଳଇ ତହୁଁ ଦୁଃଖରାଶି
ବିବେକ ବଳ ହୁଏ ଧ୍ୱଂସି
ସ୍ଥିରତା ସୁଧିରତା, ଜ୍ଞାନ ବୁଦ୍ଧି ମମତା, ଦୁଃଖ ସଲିଳେ ଯାଏ ଭାସି ହେ ।୧୭।
ଦୁଃଖରୁ ଦୁଃଖ ଶ୍ରେଷ୍ଠ, କଷ୍ଟର ସାର କଷ୍ଟ, ଶ୍ରିଷ୍ଟ ନିଷ୍ଠୁର ରିଷ୍ଟ ଏହା
ଦାମ୍ଭିକ ଦମ୍ଭ-କୁମ୍ଭ, ଭାଙ୍ଗି କରେ ନିର୍ଦ୍ଦୟ, ବୁଦ୍ଧିକୁ ନ ଦିଶଇ ରାହା
ହେ କୃପାମୟ ! ଦଳି ହୁଅଇ ମନ ଜ୍ଞାନ
ଦୁଶ୍ଚିନ୍ତା ଚିତା ଦହେ ପ୍ରାଣ
ଦରିଦ୍ରଠାରୁ ଶତ-ଗୁଣେ ଏ'ଟି ଦରିଦ୍ର, ଜୀବନ୍ତରେ ଜୀବଗଣ୍ୟ ହେ ।୧୮।
ଧରିତ୍ରୀ ବିତ୍ତ ସୁତ, ସୁତା ମଣେ ଅହିତ, ପ୍ରାବୃଟ ଗିରିଷମ ଲାଗେ
ଗିରୀଶ ଏ କାରଣେ, ନ ଛାଡ଼ନ୍ତିଟି କ୍ଷଣେ, ଧରାଧର ଯା ଅନୁରାଗେ
ହେ କୃପାମୟ ! ଧିଆନ ବୁଦ୍ଧି ଆନ ହୋଏ
ପିଡାଧିକ ରୋଗୀ ପରାଏ
ନକ୍ଷତ୍ରେଶ କିରଣେ, ମିହିରବତ ମଣେ, ଖଦ୍ୟୋତ କ୍ଷଣଦା ପରାଏ ହେ ।୧୯।
ନିରତେ ନବ ନବ, ମଣାଇ ଗତଭାବ, ଭାବ ଭାବନା ନ ସରଇ
ନିରବେ ରହିବାର, ଦୂତ ଲଙ୍କାରୀଙ୍କର, କର ଭଣ୍ଡାରେ ରଖିଦେଇ
ହେ କୃପାମୟ ! ନତବଦନ ନେତ୍ର ସାର
ନ ଦିଶେ ଆନ ନୟନର
ଆନନର ଧିଆନ, ମାତ୍ର ଆନଧିଆନ, ତୁଟେ ଭୋକ୍ତ ଭୋଗେ ଗୋଚର ହେ ।୨୦।
ପର୍ବ ପର୍ବତ ବତ, ମଣାଇ ମନକୃତ, ସର୍ବ ସର୍ବ ତ ଖର୍ବ ହୋଇ
ପୁର ପଲ୍ୟଙ୍କ ଗଙ୍ଗା-ଧର ହାର ଉଦ୍‌ଗାର, ପ୍ରାଏକ ସର୍ବତ୍ର ମଣଇ
ହେ କୃପାମୟ ! ପ୍ରାଣାଙ୍ଗେ ନ ଥିଲା ପରାଏ

Digitized by srujanika@gmail.com

ମରା ମଶାଦି ଯାଏ କ୍ଷଏ
ପଲଙ୍କ କାଳ ଯୁଗ, ଲାଗଇ ଏକୁ ଏକ, ଭାବ-ଭାବାଗ୍ନି ତନୁ ଦହେ ହେ ।୨୧।
ଫାଟିଲେ ଜାନକୀ ଯା, ମାତ ପଶିଲେ ଅବା, ଏ ତାପ କିଛି ଶାନ୍ତି ହେବ
ଫାଟେ ପ୍ରସ୍ତର ଦାରୁ, ଅନଳ ସଂଯୋଗରୁ, ବଜ୍ରୁଁ କଠିଣ ଅଙ୍ଗ ଧ୍ରୁବ
ହେ କୃପାମୟ ! ନ ଫାଟେ ଦାରୁଣ ଚିନ୍ତା ଯୋଗେ
ଫୁଟି ଫାଟିଲା ପ୍ରାୟ ଯେବେ
ଫାଟି ଯାନ୍ତା ଶରୀର, କ୍ଷାନ୍ତ ହୋଇ ଜୀବର, ଚିନ୍ତା ଯାନ୍ତା ରହି ନିରବେ ହେ ।୨୨।
ବାଟ ହାରଇ ଅଟ, ମଧ୍ୟେ ପଥିକ ବତ, ବ୍ୟାକୁଳ ବୁଦ୍ଧି ଅନୁକ୍ଷଣ
ବ୍ୟାଧ ଫାନ୍ଦରେ ବନ୍ଧା, ଏଣୀ ପ୍ରାଏ ସର୍ବଦା, ଅଥୟ ଲାଗଇଟି ପ୍ରାଣ
ହେ କୃପାମୟ ! ବୀରତ୍ୱ ମାନ ନ ରହଇ
ବିଶ୍ୱ ଶୂନ୍ୟବତ ମଣଇ
ବିଳାସୋଲ୍ଲାସ ନାଶ, ବିସ୍ମୟ ସଦାବାସ, ବିଭାବରୀ ଏ ପରି ଯାଇ ହେ ।୨୩।
ଭୀମତାତ କେବଳ, ବିଳାସଇ ପ୍ରବଳ, ଆନ ବିକାଶ ପାଏ ନାଥ
ଭୀମଙ୍କୁ ଜଗତର, ନିନ୍ଦା ତାକୁ ମାତର, ଲପନୁ ହୁଅଇ ପ୍ରକାଶ
ହେ କୃପାମୟ ! ଭୀଷଣ ନରକୁଁ ନରକ
ଭାଷକ ମୁସ୍ତକିମ ଠିକ
ଭୂକ୍ଷେପ ଯେ କରିଛି, ଭୁକ୍ତ ଭୋଗୀ ହୋଇଛି, ସେ ସତ୍ୟ ଜାଣେ ତଥ୍ୟଯାକ ହେ ।୨୪।
ମାରତାତଙ୍କୁ ଅମ୍ବୁ, ମଧ୍ୟରୁ ଆଣି କମ୍ବୁ, ଦାନରେ ତୋଷି ନାହିଁ ପୂର୍ବେ
ମାର ଅରୀ ଶିରେ, ସଫରୀ ବାସ ଧୀରେ, ବିଧିରେ ଦେଇଥାନ୍ତି ଯେବେ
ହେ କୃପାମୟ ! ମନ ଯେ ତୋଷି ନାହିଁ ଗଣ-
ନାଥଙ୍କ ଜନନୀ ସେବିଣ
ମାରତଂଡାଦି ଋଷି, ସଦା ଯା ନାମ ଘୋଷି, ମୁଁ ନ ଭଜିଲି ସେ ଚରଣ ହେ ।୨୫।
ଯୋଗ ଭୋଗ ହୁଅଇ ବାରେ ନ ଭାବିଲଇଁ ପଦ୍ମରେ କରିଥାନ୍ତି ଦୁଇ
ଯୋଗରୁ ତାଙ୍କ ସାତ, ହୋଇଥାନ୍ତା ଉଦିତ, ତେର ଚଉଦେ ଯୋଗ ନୋହି
ହେ କୃପାମୟ ! ଚାରି ଉଇଁ ଛବିଶ ଭୂତି
ତେଇଶେ ହୋଇ ପରାପତି
ତିନି ଥିବାରଯାକ, ଦଶ ଚାରିରେ ଠିକ, ଭୁଞ୍ଜିଣ ଦିନ ହରିଥାନ୍ତି ହେ ।୨୬।
ରହିତ କଲେ ବଂଶ, ପ୍ରହାରିଲେ ଉଣିଶ, ପନ୍ଦର ନଅ ଏକାବେଳେ
ରକ୍ଷା ଏଥିରୁ ଛାର, ଆଠ କେତେ ମାତର, ରକ୍ଷାରେ ସୋଳହ ତେଜେ ବଳେ

Digitized by srujanika@gmail.com

ହେ କୃପାମୟ ! ଦୁଇରେ ପାଞ୍ଚ ଯୋଗକରି
ମାଗୁଛି ଏକ ଦିଅ ଭରି
ରସି ଭାଙ୍ଗିଲ ଚାରି, ସପ୍ତମକୁ ମୋହରି, ପୁଣି ଭାଙ୍ଗିଲ ଦଶ ଚାରି ହେ ।୨୭।
ଲବେ ମାତ୍ର ସୁଦୟା, ନ କଲେ ଦୁଇ ନାହା, ପାଞ୍ଚପତିକୁ ସଦାବେଳେ
ସୀତାପୁତ୍ର ମାତ୍ରକ, ନ କରନ୍ତି ଅଲଗ, ଏଗାର କରେ ଘେନି କୋଳେ
ହେ କୃପାମୟ ! ବାର କେତନ ନଅ ତରେ,
ଭାବନା ନ କଲେ ସେ ଥରେ
ହୋଇ ହୃଦୟ ଛଅ, ମୋ ପ୍ରତି ଆଠ ପ୍ରାୟ ଆଚରିଲେ କେଉଁ ଦୋଷରେ ହେ ।୨୮।
ଶ୍ରୁତି ଶ୍ରୁତିରେ ଶୁଣା, ଅଛି ଧର୍ମ ଘଟଣା, ଜନକ ସୁତା ବିଭା କାଳେ
ପଥରେ ପଥରେକ, ଥିଲା ରମଣୀ ଏକ, ଚରଣ ଦେଇ ବାଳୀ କରେ
ହେ କୃପାମୟ ! ସତୀରେ କରି ଅଗ୍ରଗଣ୍ୟ
ସରାଗେ ପତିରେ ଅର୍ପିଣ
କରିଥିଲେ, ନ କଲେ ସୁଦୟା ମୋରେ ତିଳେ, ଅଜଣା ନିର୍ଦ୍ଦୟା କାରଣ ହେ ।୨୯।
ଶୀଳା ରୂପେ ପୂଜିତ, ହୋଇ ଅଂଗେ ନାରୀଙ୍କ ମାଳା କରିଣ ଛନ୍ତି ବହି
ଯୁଗରେ ଅବତରୀ, ସଂଗତେ ଆଗ ନାରୀ, ନାମ ସ୍ୱନାମୁ ହୋଇ ସେହି
ହେ କୃପାମୟ ! ଶିରେ ହସ୍ତାସ୍ତ୍ର ଧରି ଦୁଇ
ଶୀଘ୍ରେ ନ ଦେଲେଟି ପକାଇ
ଶିର ନ ଛେଦି ଚିର, ବିଚ୍ଛେଦି କରିବାର, ଅଧର୍ମ ଏହା କି ନୁହଇ ହେ ।୩୦।
ଶଶି କୁମୁଦ ବନ, ଉଲ୍ଲାସକୁ ବର୍ଦ୍ଧନ, ଶଶିହୃଦ କୁମୁଦ ଧ୍ୱଂସେ
ଶିଶିରେ ଜଳଦଜ, ନାଶ ମାତ୍ର ଯିବେତ ଥିବାରୁ ଉଲ୍ଲାସେ ବସନ୍ତେ
ହେ କୃପାମୟ ! ତଦ୍ରୂପ ହୃଦପଦ୍ମ ମୋର
ବିନାଶିଲା କାଳ ଶିଶିର
ମାତ୍ର ବସନ୍ତ ଦୂତ, ରତ କରୁ ଉନ୍ମତ୍ତ, ବିକାଶ ନାଶଇ ହୃଦର ହେ ।୩୧।
ହରି ନାମଟି ଠିକ, ଦେଇଛନ୍ତି ବିବେକ, ସୁଖ ଶିରୀ ହରିବା ଦେଖି
ହରି ସେବିଣ କେଳା, ପରାଣ ହରାଇଲା, ହରି ନାମ ସିଂହ ଧରେଟି
ହେ କୃପାମୟ ! ହରଇ ଜନ୍ତୁଙ୍କ ଜୀବନ
ନରହରି ବୋଲନ୍ତି ଜନ
ନରଗୁଁ ହରେ ନାରୀ, ନାରୀରୁ ନରହରି, ପଦବୀ ପ୍ରାପ୍ତିଟି ସମାନ ହେ ।୩୨।

Digitized by srujanika@gmail.com

କ୍ଷମା କରିବ ଦୋଷା-ଦୋଷ ମମ ବିଦୂଷ, କ୍ଷୟାର୍ଥ ଥାଇପାରେ ଏଥି
କ୍ଷମାଶୀଳ ଶ୍ରୀପଦେ, ମୁସ୍ତକିମ ସଦା ଭଜେ, ଆପଣ ଯୋଗୁଁ ରକ୍ଷା କ୍ଷିତି
ହେ କୃପାମୟ ! କ୍ଷମ ମୁଁ ପଶିଲି ଶରଣ
କ୍ଷୀରେ ନୀର ପରାୟେ ମନ
କ୍ଷିତି ତେଜୁଁ ଜୀବେଶ, ଚନ୍ଦ୍ରାଙ୍କେ ଯଥା ଶଶ, ତଥା ଶ୍ରୀପଦେ କର ଲୀନ ହେ ।୩୩।

(ରଚନା: ମାର୍ଚ୍ଚ ୧୫, ୧୯୫୫)

□□

ପତିତପାବନ ଚଉତିଶା

କମଳା ରମଣ ଚରଣେ ଶରଣ
କର ଭବକୂପୁ ପାର
କରି ରଖିଛ ବୈକୁଣ୍ଠ ଭୁବନରୁ
ନର ନରକ ଉଦ୍ଧାର ନାମ ତୁମ୍ଭର ହେ
ନ ଜାଣି ନ ଘୋଷେ ଦିନେ
କର ପତିତକୁ ମୁକତି ପତିତପାବନ ଶୁଣୁଛ କର୍ଣ୍ଣେ ହେ ।୧।
ଖଳଚିତ୍ତ, ବିତ୍ତ ମାୟାରେ ମୋହିତ
ଖଣ୍ଡ ତପବଳୁ ମୋର
ଖିଆଲ ପରି ନ ଖଟି ତବ ପାଦ ଖଣ୍ଡ ଦ୍ୱାରା ତନୟର
ଖଳ ନାଶନ ହେ
ଫୁଟି ଅଛି ଦିବାନିଶି, ଖିଆଲେ କଂସକୁ ଧ୍ୱଂସ କଲ ପରା
ମୋତେ ନ ପକାଅ ନାଶିବେ ।୨।
ଗରଳ ପରି ଅହିତ ତବ ନାମ ଗାନ କରିବାକୁ ଗୀତ
ଗାବ ଚରାକାଳେ ଗୋ ଗୋଷ୍ଠରେ ହେଲେ
ସଣ୍ଢା କରିଅଛ ହତ
ଗରୁଡ଼ାସନ ହେ
ଶବର ଜାଲୁ ମୃଗୁଣୀ ରଖିଛ ପରା
ମାୟା ଜାଲେ ପଡ଼ିଛି ନ ଛେଦ କିମ୍ପାଇ ପୁଣି ହେ ।୩।
ଘାଏ ହେଲେ ମନ ନ ବୋଲଇ ଘନ

Digitized by srujanika@gmail.com

ଶ୍ୟାମ ସୁନ୍ଦର ବୋଲିଣ
ଘୁମାଇଛି ନେତ୍ର ପାନେ ଭବମଦ
ଚାଞ୍ଚଲ୍ୟତାକୁ ଭଜିଣ ଘନ ପରାଏ ହେ ।୪।
ଘୋଟିଛି ସର୍ବାଙ୍ଗେ ଅଘ
ପାପୀ ଅଜାମିଳ ତାରିଲା ପରାଏ
ମୋତେ କିକି ତାରି ନେବ
ଊଣା ନ କର କରୁଣା
କୃପାକର କୃପାସିନ୍ଧୁ ନାମ ପରା
ଉଞ୍ଚାଇ ଲାତ ମାରନେ, ହିରଣ୍ୟକୁ ବଧି
ଉଚ୍ଛ୍ୱାସିଲ ଭାର ଗଲା ବୈକୁଣ୍ଠ ହେ ।୫।
ବିଷ୍ଣୁ ଭଳି ନାହିଁ ଦିନେ
ଉପାୟ ନ କର ବଇରୀ ତୁମ୍ଭର
ମୁଁ ନ ଭଜେ ମୂଢ଼ ପଣେ
ଚତୁର ରଜକ ତେଜିଲା ପାତକ
ଚାଟୁ ତେଜି କଟୁ କହି
ଚାପୁଡ଼ାଘାତରେ ବସିଲା ସ୍ୱର୍ଗରେ
ନ ଭଜି ରାମ କହ୍ନାଇ ଚାପଧାରଣ ହେ ।୬।
ଚାରି ସଟ ଶିର ଭୁଜ
ଚୋରାଇ ଜାନକୀ ତୁମ୍ଭଙ୍କୁ ନ ଭଜି
କଲା ବଇକୁଣ୍ଠ ଭୋଗ
ଛଦ୍ମରେ ପୂତନା ସ୍ତନେ ବିଷ ଭରି
ଆସିଲା ମନାସି ନାଶ
ଛାତିରେ ଚଢ଼ି ଶୋଷିଲ ତା ଜୀବନ
ଛଇଲ ନାଗର ଈଶ ଛନ୍ନେ ପାତକ ହେ ।୭।
ଛାଡ଼ିଗଲା ଅସୁରୀର ଛନ ଛନ ହୋଇ
ତୁମ୍ଭଙ୍କୁ ନ ଭଜି ଅଛି ମୁଁ ସେ ପରକାର
ଜଗତନାଥ ଅନାଥ ରକ୍ଷାକରା ବୋଲି ଜଗତ୍ରେ ଶୁଣଇ
ଜଡ଼ ବାନର ବାଳି କରି ଅନୀତି ତୁମ୍ଭରେ ପ୍ରାଭବ ପାଇ ଯଶୋବନ୍ତୀରେ ହେ ।୮।
ଯାଇ ନିଶ୍ଚିନ୍ତ ରହିଲା ଜଡ଼ ମୁଁ ତ
ମୋ ପାଇଁ ହେ
କରୁଣା ସିନ୍ଧୁ କିମ୍ପା ଊଣା ହେଲା ଝଡ଼ଇ ପରା ପାତକ ବିଷ

Digitized by srujanika@gmail.com

ଝସ ବେଶ ଧରି ନାମ ଝାଡ଼େ
ଝର ଝର ହୋଇ ଝାଡ଼ ବିନୋଦିଆ ନାମୁସ୍ମରୁ ସୁଧା ଝରେ
ଝାଡ଼ ବାସକ ସେ ଭୂଷଣ ତାପୀ ଷଣ୍ଢ
ଝାଡ଼ ମୃତ ନାମ ପଡି ରତ୍ନାକର ଥେଣ୍ଟ ହେଲା ଋଷି ଖଣ୍ଡ
ନିତି ହୃଦୁ ତେଜି ଶ୍ରୀବସ୍ତ୍ର ବାବାଜୀ ନିତ୍ୟସ୍ଥଳେ ନାତ ମାରି
ନିର୍ଲଜ ହୋଇ ସେ ଚିହ୍ନା ରଖିବାରୁ ବୋଲାଅ ଭକ୍ତ ବିହାରୀ
ନର ରୂପରେ ହେ ।୯।
ଜନ୍ତୁ ନାରାୟଣ ନାମ କରିଣ ସ୍ମରଣ କେତେ ପାପୀ ତରିଛନ୍ତି
ଟାହି ନୁହଇ ମୁଁ ମାୟା ସିନ୍ଧୁନୀରେ ବୁଡ଼ି ଭୁଲି ଯାଇଅଛି
ଟଳି ନ ଯାଏ ହେ ।୧୦।
ଟିକିଏ ମନ ତା ଛାଡ଼ି ଟସକର ପାପ ଫାନ୍ଦେ ବାନ୍ଧିଅଛି
ଟାଳଭ ପାଏ ଘଉଡ଼ି
ଠୁଳେ ନ ଲାଗଇ ଭଲ ଠକି ରଖିଛି ଯେଣୁ ପାପ ଆତ୍ମାକୁ
ଠାକୁରଙ୍କୁ ମଣେ ଶଳ
ଠିକେ କହୁଛି ହେ ଠାର କରୁଣାଲୋଚନେ
ଠକ ଅଘକୁ ତେଜିଣ ମୁସ୍ତକିମ ଯାଉ ଶ୍ରୀପଦ ଶରଣେ ହେ ।୧୧।

(ଅସମର୍ଣ୍ଣ)

□□

।। ବାରମାସୀ ଡାଲଖାଇ ।।

ଡାଲଖାଇରେ..... ଡାଲଖାଇରେ
ଆଦ୍ୟ ମାର୍ଗଶିରେ କଲା କହ୍ନାଇ
କେତେ ଭାବ କଲେ କୁଞ୍ଜକୁ ନେଇ
ଷୋଳ ସସ୍ର ରୂପ ଧରିଣ ହରି
ଷୋଳ ସସ୍ର ଗୋପୀ ସଙ୍ଗେ ବିହରି ଯେ
ଷୋଳ କୁଞ୍ଜେ କେତେ କଲେ ପୀରତି
ସେ ଭାବ ସୁମରି ଦୂତୀ ଲୋ, ଦୂତୀ ଲୋ
ଫାଟିଯାଏ ଛାତିକି ଡାଲଖାଇରେ ।୧।
ପୁଷେ ମନ୍ଦ ମନ୍ଦ ବହି ମରୁତ
ଶୀତ ଭିତ କଲା ଦରିଦ୍ରଙ୍କୁ ତ
ନାନା ସୁବାସିତ କୁସୁମ ତୋଳି

Digitized by srujanika@gmail.com

କୁଞ୍ଜେ କୃଷ୍ଣ ବେଶ ମଣ୍ଡି ଗୁଆଳି
ନିଶି ପୁହାଇଲୁ ଜାଳି ପ୍ରଦୀପ ଯେ
ସେ ଭାବ ସୁମରି ଦୂତୀ ଲୋ, ଦୂତୀ ଲୋ
ନିଶ୍ଚେ ଜୀବନ ଯିବ କି ଡାଳଖାଇରେ ।୨।
ମାଘ ମାସେ ଦିନେ ମଧୁସୂଦନ
ହୃଦେ ହୃଦ ଛନ୍ଦି କଲେ ଶୟନ
ମାଘ ମେଘ ଜାଡ଼ କେଣିକି ଗଲା
ରତି ମୋହ ଭୋଳେ ରାତି ପାହିଲା ଯେ
ଏତେ ପ୍ରେମ ଭାବ ଯିବ କି ମନୁ
କିପରି ରହିବି ଦୂତୀଲୋ, ଦୂତୀ ଲୋ
ମୂର୍ଚ୍ଛି କାଳିଆ କାହ୍ନୁ କି ଡାଳଖାଇରେ ।୩।
ଫଗୁଣେ ଗୋବିନ୍ଦ ପରମାନନ୍ଦ
ଫଗୁ ଖେଳ ରଚି ଚିତ୍ତ ଆନନ୍ଦ
ସ୍ତନେ ପିଚକାରୀ ମାରି କୌତୁକେ
ପ୍ରୀତି ବଢ଼ାଇଲେ ଯମୁନା କୂଳେ ଯେ
ଯେତେ ଭାବ କଲେ କହି ନୁହଇ
ନ ମରି ସୁମରି ଦୂତୀଲୋ, ଦୂତୀ ଲୋ
ବୃଥା ଅଛୁଁ ଜୀଇଁ କି ଡାଳଖାଇରେ ।୪।
ଚଇତ ମାସରେ ଚତୁରବର
ଚାମର ଶ୍ରୀହସ୍ତେ ଧରି ଶ୍ରୀଧର
ଚାରୁ ବହଳିଆ ପତର ଯହିଁ
ପ୍ରୀତି ବଢ଼ାଇଲେ ସେ କୁଞ୍ଜେ ନେଇ ଯେ
କ୍ଷୀତିରେ ଚାନ୍ଦିନୀ ରାତିର ଖେଳ
ଚିତ୍ତେ ଚିତ୍ତ ଦେଇ ଦୂତୀଲୋ, ଦୂତୀଲୋ
ଚନ୍ଦ୍ରିକା ଚୂଳ କି ଡାଳଖାଇରେ ।୫।
ବଇଶାଖେ କ୍ଷିତି ନଈବାଲିରେ
ଖେଳୁ ସଙ୍ଗେ ଘେନି ବନମାଳିରେ
ଚନ୍ଦ୍ର ଚାହିଁ ବାସ ଅଲଗା କରି
ଯେତେ ଭାବ କଲେ ନୁହେଁ ପାଶୋରି ଯେ

Digitized by srujanika@gmail.com

ବରତି ଥିବାରୁ କରତି ହୁଏ
କିପରି ବଞ୍ଚିବି ଦୂତୀ ଲୋ, ଦୂତୀ ଲୋ
ନାହିଁ ଉପାଏ କି ଡାଲଖାଇରେ ।୬।

ଜ୍ୟେଷ୍ଠେ ପ୍ରୀତି ଭାବେ ଦୀନ ବାନ୍ଧବ
କର୍ପୂର ଚନ୍ଦନ ଗୋଳି ମାଧବ
ଲେପନ କରନ୍ତି କୁଚ ଯୁଗଳେ
ଜଳକେଳି କରି ରଜନୀ କାଳେ ଯେ
ନାନା ବାସ ପୁଷ୍ପେ କରି ମଣ୍ଡନ
ନ ସହି ଦଉବ ଦୂତୀ ଲୋ, ଦୂତୀ ଲୋ
କଲା ଖଣ୍ଡନ କି ଡାଲଖାଇରେ ।୭।

ଆଷାଢ଼ ମାସରେ ନବୀନ ମେଘ
ଗରଜଇ ଯେହ୍ନେ କାଳିଆ ବାଘ
ଭେକ, ଡାହୁକ, ଝିଙ୍କାରୀ ଶବଦ
ସବୁ ଜୀବ ଜନ୍ତୁ କାମେ ଆମୋଦ ଯେ
ଏ କାଳେ ଆମ୍ଭଙ୍କୁ କାଳ ହୋଇଲା
ଛାଡ଼ିଗଲେ ଯେଣୁ ଦୂତୀ ଲୋ, ଦୂତୀ ଲୋ
ଯଶୋଦା ବଳା କି ଡାଲଖାଇରେ ।୮।

ଶ୍ରାବଣ ମାସରେ ପ୍ରବଳ ଝଡ଼ି
କୃଷ୍ଣ ପାଇଁ ଥାଉ କବାଟ ଫେଡ଼ି
ପ୍ରଦୀପ ଜାଳିଣ ଚେତନା ବଶେ
ସୁବାସ ତାମ୍ବୁଳ ଭାଙ୍ଗି ହରଷେ ଯେ
କୁଞ୍ଜବିହାରୀଙ୍କୁ ଭୁଞ୍ଜାଇ ଭୁଞ୍ଜି
ଚଉଷଠି ବନ୍ଧେ ଦୂତୀ ଲୋ, ଦୂତୀ ଲୋ
ଚିତ୍ତ ହେଉଥିଲୁଁ ରଞ୍ଜି କି ଡାଲଖାଇରେ ।୯।

ଭାଦ୍ରବ ମାସରେ ଝଞ୍ଜା ପବନ
କୋଳେ ଘେନି ବଞ୍ଚୁ ନନ୍ଦନନ୍ଦନ
ଉଜାଗରେ ରାତି ଯାଏଟି ପାହି
ପ୍ରାତ ହୋଇବାର ଜଣା ନ ଯାଇ ଯେ
ଏବେ ସେ କଥା ନ ହୁଏ ପାଶୋରି

Digitized by srujanika@gmail.com

କେମନ୍ତେ ଭୁଲିଲେ ଦୂତୀ ଲୋ, ଦୂତୀ ଲୋ
ମୂରଲିଧାରୀ କି ତାଲଖାଇରେ ।୧୦।
ଆଶ୍ୱିନ ମାସରେ ନିର୍ମଳ ଚନ୍ଦ୍ର
ଖେଳ ଖେଳି ଯାଉଁ ନିକୁଞ୍ଜ ବନ
ଲୁଚକାଳି ଖେଳି ମୂରଲୀଧର
ଲୁଚି ବୃନ୍ଦା ସଙ୍ଗେ କଲେ ବିହାର ଯେ
ସେଦିନ କୃଷ୍ଣଙ୍କୁ ବସିଲୁ ରୁଷି
ସେ ଅଭିମାନେ କି ଦୂତୀଲୋ, ଦୂତୀ ଲୋ
ହେଲେ ବିଦେଶୀ କି ତାଲଖାଇରେ ।୧୧।
କାର୍ତ୍ତିକ ଆସିଣ ହେଲା ପ୍ରବେଶ
ଚାରିମାସ କଷ୍ଟ ତ୍ରିଗୁଣ ଶେଷ
ନ ଆସି ରହିଲେ ମଧୁନଗରେ
ନିଶ୍ଚେ ପ୍ରାଣ ଦେବୁଁ ତାଙ୍କ ନାମରେ ଯେ
ନିନ୍ଦା ତ ହୋଇଛି ହୋଇଲେ ହେଉ
ମୁସ୍ତକିମ କହେ ମହୀରେ ଦୂତୀ ଲୋ,ଦୂତୀ ଲୋ
କୀରତି ଥାଉ କି ତାଲଖାଇରେ ।୧୨।

□□

ଆତ୍ମଜୀବନୀ ମୂଳକ ଗୀତରୁ ମିଳିଥିବା ଅଂଶ

ଦାରୁଣ ବିଧାତା ଦୁଷ୍ଟ, ରଖିଥିଲୁ କେତେ ସମ୍ପାଦି କଷ୍ଟ ରେ
ନାନା ରକମ ଲଘୁ ଗରିଷ୍ଠ ଦଇବରେ ।୧।
ଏକାବେଳେ ସେ ସକଳ, ଭୋଗ କରାଇ କଲୁ କଳବଳ ରେ
ଜାଣି ଯେଣୁ ଲଲାଟ ଦୁର୍ବଳ ଦଇବରେ ।୨।
ତଥାପି ମୁଁ ତୋର ଦୋଷ, ଡରି ନ କରେ ତଥାପି କଲୁ ରୋଷ ରେ
ଭାବି ଅରଜିବୁ କି ପୌରୁଷ ଦଇବରେ ।୩।
ପ୍ରଥମେ ଷ୍ଫୋଟକମାନ, ଜାତ କରାଇଲୁ ସର୍ବ ଅଙ୍ଗେଣ ରେ

Digitized by srujanika@gmail.com

ରହିଅଛି ଚିର ହୋଇ ଚିହ୍ନ ଦଇବରେ ।୪।
ଉପରେ ଚିର ବିରହୀ, ଯାହା ଜୀବ ମାତ୍ରେ ନ ହୁଏ ସହି ରେ
କରାଇଲୁ ହୋଇଣ ନିର୍ଦ୍ଦୟୀ ଦଇବରେ ।୫।
ତଦୁତ୍ତାରୁ ବନ୍ଧୁଗଣ, ଚରଣେ ପଶାଇଲୁ ଶରଣ ରେ
ନ କରିଲେ ଶରଣ ରକ୍ଷଣ ଦଇବରେ ।୬।
ତା'ପରେ ବିତ୍ତ ହରଣ, ନରଙ୍କୁ ଅସହ୍ୟ ଦୁଃଖ ଦାରୁଣ ରେ
ଧନହୀନ ମଧ୍ୟେ କଲୁ ଗଣ୍ୟ ଦଇବରେ ।୭।
ତହୁଁ ଭାଙ୍ଗିଦେଲୁ ପେଶା, ନଷ୍ଟ କରାଇଲୁ ସର୍ବ ବେଉସା ରେ
ତୁଷ୍ଟ ନୋହିଲୁ ଦେଇ ଏ ଦଶା ଦଇବରେ ।୮।
ତହୁଁ ଜାତ କଲୁ ଜ୍ୱର, କ୍ଳେଶ କଷ୍ଟ କହି ନୁହେଁ ତାହାର ରେ
ଏକେ ଅରକ୍ଷ ଏକାକୀ ନର ଦଇବରେ ।୯।
ତା' ଥାଉଁ ବାମ ଉରୁର, ମୂଳେ ବାହାରିଲା ବରାହ ଦାଢ଼ ରେ
ତାପ ହେଲା ଲୋକଙ୍କୁ ଗୋଚର ଦଇବରେ ।୧୦।
ତାହା ପଛ ପଛ କରି, ଦକ୍ଷିଣ ନିତମ୍ୱେ ବୃହଦାକାରୀ ରେ
ବାଲମୁନିଆଁ ଗଲା ବାହାରି ଦଇବରେ ।୧୧।
ଏହି କଷ୍ଟ ସଙ୍ଗେ ସଙ୍ଗେ, ତନୟ ସହିତ ଚିତ୍ତ ବିଭଙ୍ଗେ ରେ
ମାନହାନୀ କରାଇଲୁ ରଙ୍ଗେ ଦଇବରେ ।୧୨।
ତହୁଁ ଚାକରାଣୀ ଗଣ, କାର୍ଯ୍ୟେ ବାଧ ଦେଇଣ ଅପମାନ ରେ
କରାଇଲୁ ନ ଭାବିଣ ଦୀନ ଦଇବରେ ।୧୩।
ଦୋଷୁଁ ଡରେ ଚିତ୍ତେ ଯେତେ, ଦୋଷୀ ବୋଲି ଖ୍ୟାତି ଲଭଇଁ ତେତେ ରେ
ତାହା ବିଖ୍ୟାତି କହିବି କେତେ ଦଇବରେ ।୧୪।
ଏ ସର୍ବ ଘଟଣା ତୁଲେ, ପୀଡ଼ିତ କଲୁଟି ଦଶନ ମୂଳେ ରେ
ଭକ୍ଷ୍ୟ, ପାନ ବନ୍ଦଟି ସମୂଳେ ଦଇବରେ ।୧୫।
କଲୁ ପରଅନ୍ନଭୋଗୀ, ଯୌବନେ ଦରିଦ୍ର ଆବର ରୋଗୀ ରେ
ମାନହାନୀ ତା' ତୁଲେ ସଂଯୋଗୀ ଦଇବରେ ।୧୬।

X X

ଏହା ନ କରିଣ ବିହି, କରିଥାନ୍ତୁ ଚିରଶୟନ ମହିରେ
ଚିର ଦୁଃଖୁଁ ଯାନ୍ତି ପାର ହୋଇ ଦଇବରେ ।
ଅଖଣ୍ଡ ଧରାରେ କାହିଁ, କଷ୍ଟ ବାଣ୍ଟିବାକୁ ପାଇଲୁ ନାହିଁରେ

Digitized by srujanika@gmail.com

ଏକା ତୋ ନେତ୍ରେ ଦିଶିଲି ମୁହିଁ ଦଗ୍ଧବରେ ।

(କବିଙ୍କ ଆତ୍ମଜୀବନୀମୂଳକ ଗୀତର କିଛି ଅଂଶ । ଏହା ପ୍ରଥମ ପତ୍ନୀଙ୍କ ବିୟୋଗ ପରେ ଓ ଦ୍ୱିତୀୟ ପତ୍ନୀ ଗ୍ରହଣର ଅବ୍ୟବହିତ ପୂର୍ବର କବି ଭୋଗ କରିଥିବା ଦୁରବସ୍ଥାର ଚିତ୍ର ପ୍ରଦାନ କରେ ।) - ସମ୍ପାଦକ

□□

।। ଆକାର ଯୋଗ ।।

ରାମାସମ ହର ବାମା ଅଛଇ ନ ଇଛଇ ମନ
ତାରା ନାହା ଲପନ ଅସମ ମାର ବାମା ନାହବ ତା ସମ
ମନ କାରାବାସ ଭବନ ପରାଏ
ଉଚ ଘଞ୍ଚ ଉରଜମାନ ।୧।
ଛାର ଚପଳା ଚମକ ରତା
ଦାହ ହାଟକ ଝଟକ ସମବା ହବ କାହାର
କ୍ଷଣ ପଥର ରସାଳସା ବାଳା ଦରଶନ ।୨।
ସାମ ତନୟ ମନ ହାରକ ହବ ହାଷ ଭାଷ
ବାମା ଭବ ଆଶ ଈଶ ବର ପରତାପ
ଲାଭ ଭାଷ ଭାଷ ମୁସ୍ତକିମ ।୩।

□□

।। କଚଟତପ ।।

ପୀତପାଟ କୁଟ କପଟ ପଟଟି ।। ପଦ ।।
ଚାଟୁ ଚାଟେ ଚଟକି ତପିପଟ ଚଟଟି
ତାପିତ କୁଟେ ଚେଟିଟି ।୧।
ପୀତପଟ ଝଟ କୋଟ କୁଟୀକୁ ପାଟପଟ
ଚାପୁଁ ଚାପୁଁ ଟେକ ତୁଟି
କଟକେ କେ ଟେକିଟି ଟିକେ ଟେକ ତୁଟିଟି
ନ ଥିବେ ଭାଷେ ମୁସ୍ତକି ।୨।

Digitized by srujanika@gmail.com

□□

॥ ସ୍ୱର ବଞ୍ଜନ ବର୍ଣ୍ଣ ନିୟମ ॥

ଈଶ ଅଟ ଜଗତର
ମମ ଅରଜ ଆପଣ ଶରବଣ କର ।ପଦ।
ବରଦ ଏ ବର ଦତକର ଦତକର
ଜବନ ଜନମ ଏ ଗଭର ନରକର ।୧।
ଇହ ପରେ ନଜର ରଖ ଭକତର
ଗରବ ଖରବ କର ଇନ ଅଭକତର ।୨।
ନ ଦବ ନରକ ପର ଏ ମମ ନଜର
ଧନଦ ନରପର ନ ଦବ ଅହମଦ ଅଜର ।୩।

□□

॥ ର-ସ ॥

ସୁର ସାର ରସେ ରସ
ରସାର ସାର ରସ ରସ ସରଷ । ପଦ ।
ରସି ଋଷି ରସରେ ସାର ସଂସାରେ
ରସ ରସର ସାର ସ୍ଵର ସରସ ।୧।
ରସି ସରୋସେ ସୁରେ ସାର ରସେ
ଶରୀରେ ଶଷିରେ ସାର ଶଶ ରସ
ସାରା ସଂସାରେ ସାର ଶେଷ ରସିରେ
ରସ ରସ ରଚକ ମୁସ୍ତକି ଭାଷ ।୨।

□□

॥ ସ୍ୱରୋଷ୍ଠ ନିୟମ ॥

ଭବେ ଭୀମ ଭାବ ଭବ
ଭାବି ଭାବି ଭବ ବିଭବ
ପ୍ରାଭବ ଭବେ ପାପ ପବି ପ୍ରାଭବ
ପ୍ରଭାବ ଭାବାଭାବ ଭବ ।୧।
ଭ୍ରମେ ବିଭବ ଭାବେ ଭବେ
ଭ୍ରମି ମୁସ୍ତକିମ ଅଭାବ ।୨।

Digitized by srujanika@gmail.com

॥ ଅବନା, ଆବନା ॥

(ନାନୀ ଦେଖଲୋ ନନ୍ଦରାଣୀ ବୃତ୍ତେ)

ଏକା ରାମାରତନ ବର, ଲପନ ଦରପନ ଗର୍ବ ହର । ପଦ ।
ହାଟକ ଝଟକ, ବରନ ଛଟକ, ଚପଳା ପରକାର
ମାର ପର ମନ, ହବଛନ ଛନ, ଦ୍ରଶନ ଉଛନ
ଦମ୍ଭ ଆରମ୍ଭର ଭଞ୍ଜନ କର ।୧।
ମଧ୍ୟ ଏଣ ମୃଗ, କଳକଣ୍ଠ କଣ୍ଠ, ମରାଳ ଗମନର
ମାନସ କାହାର ସମାନ ଅନାଇ
ନ ହବ ହାସର ଜଳଜ ଛାର ।୨।
କର ଗଜକର ପରତାପ ହର ଜଘନ ରମ୍ଭା ଛାର
ବାସବ ପଦ ପଦ ତଳ ଅଗଣ୍ୟ କର ସ୍ୱର୍ଗ -
କରା ନାଗରବର ।୩।
ଅହମଦ ଅଜ ଭାଷଇ ମନଜ ଅକ୍ଷ ବନ୍ଧ ନ କର
ନାକ ନର ନାଗ ନାଗରମାନଙ୍କ
ଧଇର୍ଯ୍ୟ ମମତା ହରଣ କର ।୪।

॥ ଲେଖେ ଅନ୍ତର୍ଲିପି ଲେଖ ପୁଂସ ରସିକା ॥

ଲେଖେ ଅନ୍ତର୍ଲିପି ଲେଖ ପୁଂସ ରସିକା । ପଦ ।
ଅର୍ଥ ଲିହ ତ୍ରିବର୍ଣ୍ଣର ଆଦ୍ୟ ପ୍ରାନ୍ତ କର ଦୂର
ମଧ୍ୟେ ଏଣାମୃଗ ମଧ୍ୟା ମଜ୍ଜିବୁଟି ଏକା ।୧।
କର୍ଣ୍ଣର କି ଯୁଧିଷ୍ଠିର, ଝାସ କାହିଁ ଭକ୍ତଙ୍କର
ଯିବି ସଙ୍ଗେ କା ନିବାସ ଯମଦିଗଟି କେଉଁଟା ।୨।
ଦୁର୍ଦମ ଯେ କଷ୍ଟକର, ଭୀମ ତାତ ସ୍ଥିର କର
ତ୍ରିନେତ୍ର ଶିର ରାବଣ କର ଯୋଗ ଅଙ୍କ ମିଶା ।୩।
ପୁଷ୍ପ ସାରୋଦ୍ଧାର ନାମ, ଭାଷେ କବି ମୁସ୍ତକିମ
ଲୌହ ହୁଅଇ ପାଷାଣ କେଉଁ ପାଷାଣ ଠଉକା ।୪।

Digitized by srujanika@gmail.com

।। ବରଷା କାଳ କାଳ ହେଲା ।।

ବରଷା କାଳ କାଳ ହେଲା ଗୋ ପ୍ରେମ କଳା ।।ପଦ।।
ଅନଙ୍ଗ ତାତ ଅଙ୍ଗ ରଙ୍ଗ ଧରିଣ ମେଘ ଆକାଶେ ଘୋଟିଲା
ଦୁର୍ଗା ବାହନାରି ପତିଙ୍କ କାମୁକ ଘୋଷ ଶବଦ ଚହଟିଲା ଲୋ ।୧।
ପାର୍ବତୀ ମାତ ଅଙ୍କରେ ଦୁର୍ଗା ସୁତ ବାହନ ତୋଷେ ରଟିଲା
ସ୍ୱାହାନାହା ତେଜ ଜାଣି ଇନ୍ଦ୍ରାୟୁଧ ସ୍ୱର ବ୍ୟୟରେ ଚହଟିଲା ଲୋ ।୨।
ଗଜମାଥ ମାତ ପତିହାର ଭକ୍ଷ୍ୟ ସ୍ୱରେ ପୃଥିବୀ ଘୋଟିଲା
ସାବିତ୍ରୀ ପତି ବାହନ ବାସ ଟୋପ ଟୋପି ମହିରେ ଲୋଟିଲା ଲୋ ।୩।
କରିଅରି ପତି ପତି ଅରିମତି ତୀକ୍ଷ୍ଣ କୁଠାରେ କାଟିଲା
ମୁସ୍ତକିମ କହି ବିରହ ବିରହୀ କୁଳକୁ କାଳ ଘୋଟିଲା ଲୋ ।୪।

□□

।। ବିରୋଧାଭାସ ।।

ବିଦେଶ ଯାଉଛ ପରାଣେଶ୍ୱର
ହୃଦେରଖ ମମ ଗିର ।ପଦ।
ନ ଯିବ ନାଥ ପୂଣ୍ୟ ଜନ ଦେଶେ
ପୂଣ୍ୟ ଜନ ଦେଶେ ଯିବ ହରଷେ
ପୂଣ୍ୟଜନ ଦେଶେ ଚଳିଲେ ହରଷେ
ଇହ ପରେ ହେବ କୀର୍ତ୍ତି ପ୍ରଚାର ।୧।
ସୁମନାଳୟକୁ ନାହିଁକିନା ମନା
ସୁମନାଳୟକୁ କାହିଁକି ମନା
ସୁମନାଳୟରେ ଥିଲେ ନିର୍ଭୟରେ
ଜଗତ୍ରେ ଲଭିବ ଯଶ ଅପାର ।୨।
ପରଜନ ତୁଲେ ସଙ୍ଗ ନୋହିବ
ପର ଜନ ତୁଲେ ସଙ୍ଗ ହୋଇବ
ପରିଜନ ତୁଲେ ଘେନି ଯାଅ ଭଲେ
ବୋଲେ କବି ମୁସ୍ତକି ବିରୋଧାଭାଷରେ ।୩।

□□

Digitized by srujanika@gmail.com

।। କୁମ୍ଭାର ପସରା ।।

ଶୁଣ ଭାଇ ଭଉଣୀ ଏ ସୁନ୍ଦର ରସ
କୁମ୍ଭାର ପସରା ଗାନ କରୁଛି ପ୍ରକାଶ ।
କୁମ୍ଭାର କୁମ୍ଭାରୁଣୀ ହାଟକୁ ଗଲେ ଚଲି
ନାରୀ ନାକେ ଦଣ୍ଡଗୁଣା ଆବର ବଉଳ ଫୁଲି ।
କାନେ ଝଲକା, ଗଣ୍ଡିଆ, ମଳିକଢ଼ି ସାଜେ
ଟାଡ, ବନ୍ଧରିଆ, ବାହାସୂତା କରେ କଙ୍କଣ ବିରାଜେ ।
ନୀଳଶାଢ଼ି, ଫୁଲଧଡ଼ି ପିନ୍ଧି ଗଲା ବାମା
ରୂପ ନିନ୍ଦୁଅଛି ଜିଣି ହାଟକ ପ୍ରତିମା ।।
ନେଇଛନ୍ତି ହାଣ୍ଡି ମାଠିଆ କନ୍ଜି ସରାଇ
ଖରାବେଳେ ପାଣିପିଆ ଗିଲାସ ସୁରେଇ
ସରା ତେଲୁଣି ଉମ୍ଭାଇ ଠେକି କାଚିକୁଡ଼ି
ଛୁଆଙ୍କ ଖେଳିବା ହାତୀ ଘୋଡ଼ା ଆଦି କରି ।
ମାଠିଆ, ମାଠୁଲ, ଝାଟିଦିଆ ଘୁମା, କୁରି
କର୍ହାଇ, କଳସୀ, ରୁଖା, ଚିମିନି, ତେଲକୁଡ଼ି ।
ଝାଡ଼, ଝରିଗଡୁ, ଦକା, ପଞ୍ଚ ସପ୍ତ ମୁଖୀ
କୟା ବଇଠା ଇତ୍ୟାଦି ଆଣିଣ ରଖିଛି ।
ଧାଇଁ ଜମା ହେବା କାଳେ ଗହକିଏ ସେଠି
ଏ କାଳେ ସର୍ପେକ ସେଥି ମଧ୍ୟେ ଗଲା ପଶି ।
ଏ ମା ଗୋ ଏ ମାଗୋ ବୋଲି ପଳାଇଲେ ଡରେ
ଭାର ଧରି କୁମ୍ଭାର ଉଠିଲା ତରତରେ ।
ସର୍ପକୁ ପିଟୁ ନ ବାଜି ବାଜିଲା ଟାଡରେ
କୁମ୍ଭାରୁଣୀ ରାଗି ମାଗି ଗାଳି ଆରେ ଆରେ ।
ରଇଖିଆ, ରଗଡ଼ାଖିଆ ଟାଡ ଭାଙ୍ଗିଦେଲୁ
ତିନିଟଙ୍କା ଗାଡ଼ସୁଆ ନୁକସାନ କଲୁ ।
କୁମ୍ଭାର କହେ ତୋର ବାପଘରୁ କି ଆଣିଥିଲୁ
ଗାଡ଼ର ଗଞ୍ଜା ଗମ୍ଲୋ ମୁହାଁ ବୋଲି ଗାଳି ଦେଲା ।
ଲୋକହାସ୍ୟ କୁମ୍ଭାରକୁ ଅତି ଲଜ୍ଜାଦେଲା ।

Digitized by srujanika@gmail.com

ମହାକୋପେ ଅନାଇଲା ଲୋକେ ହସୁଛନ୍ତି
ଭାରେ ପିଟି ଭାଙ୍ଗିଦେଲା ସବୁ ହାଣ୍ଡି ପନ୍ତି ।
ଭୟେ କୁମ୍ଭାରୁଣୀ ପଳାଇଲା ତରତରେ
ଲୁଚିବି ବେଳେ ପିଟିବା ଭାବିଲା ମନରେ ।
ବାପଘର ଦୁଇ କୋଶ ହାଟ ସଙ୍ଗ ଯାଇ
ମୁସ୍ତକିମ କହେ ସେଠାକୁ ଗଲା ଯେ ପଳାଇ।

□□

।। ଗଣ୍ଡା ବୁଲି ।।

(ପଶ୍ଚିମାଞ୍ଚର ଗଣ୍ଡା ହରିଜନମାନଙ୍କ ପ୍ରାଚୀନ ପାରମ୍ପରିକ ଭାଷା)

ହରି ପାଦଁ ଭଜବାର ଛାଡ଼ି ଏ ଆଡ଼ଁ ସେଆଡ଼ଁ ବୁଲୁଛୁ
ଛୁଆ ହେଲେ ରଙ୍ଗଲା ଧୁତି କରି ଟହଲୁଛୁ । ପଦ ।
ଛେଲକର ମିଠ୍ୟାର୍ ଦାଢ଼ି ଦୁଇଟା ମୁଦେଁ ଜଟ୍ ଗୁର୍ ହେଇଁଛୁ
କେନ୍‌ନ ପାଏଲୁ ହୁଣ୍ଡରା ଗୁହୁ କପାଳଁ ଚଢ଼ାଇଂଛୁ ।
ହଥା, ପନିଆଁ, ମଙ୍ଗଠା ଛାଡ଼ି ତାଳପତର ବୁଝେ ବୁହିଂଛୁ
ମଙ୍ଗ ବସି ବୁନ୍‌ବାର ନିସ୍‌ତଁ ଛୁଆ ଗୁସେଇଁ ହୋଇଂଛୁ ।
ବୁଆର ଦିନଁ ପଢ଼ଲା ମିଠ୍ୟାର୍ ସାହାସ୍ତର କଥା କହୁଂଛୁ
ବାହ୍ମନ୍ ବଷ୍ଣବ ସାଧୁ ନାଇଁ ହୋଇ ଖନ୍ଧଁ ପଏତା ବୁହିଂଛୁ ।
ମୁସ୍ତକିମ କହେ ଜାନ୍‌ଲଁ ସଭିଏ ଆର୍ ବାକିକ୍ୟା ଥୋଇଂଛୁଁ
ସମ୍‌କର ଏଁଠା ଖାଏ ପୋଡ଼ପିଠା ଖାଇଏଉଁ ପୁଟା ଧୁଇଁଛୁଂ ।

□□

।। କାଳ ଚଢ଼େଇ ।।

ବହୁତ ଗଲା, ଅଳ୍ପ ରହିଅଛି, ଇଷ୍ଟ ଚରଣକୁ ଚେତ
କାଳ ଚଢ଼େଇ ଯେ ଜଗି ବସିଅଛି, ଅହର୍ନିଶି ଆୟୁ ଖେତା ।୧।
ରେ ମନ କିମ୍ପା ତୁ ବୃଥା ଭ୍ରମୁଅଛୁ, ଭଜ ନିରଞ୍ଜନ ପାଦ
ନଷ୍ଟ ହୋଇଲା, ଆଉ ନଷ୍ଟ ନୋହିବୁ, ନାଶିବ ସର୍ବ ବିପଦ ।୨।
ଯାହା କରିଅଛୁ, ଭଲ ଅବା ମନ୍ଦ, ଏବେ ତୁ ମାନି ତା' ଗିର
ଭଜ ଇଷ୍ଟ ନାମ, ଯିବୁ ସ୍ୱର୍ଗଧାମ, ତରି ଭବପାରାବାର ।୩।

Digitized by srujanika@gmail.com

ଭଜିବାକୁ ତୁହି ଅବହେଳା ହେଉ, କେ ଜାଣେ କି ହେବ ଏଥ
ଦେରି କରିବାର ମଧ୍ୟେ ଅବା ନିରୋଧିଣ ହେବ ଶ୍ୱାସପଥ ।୪।
ପ୍ରେମ ସହ ଅଶ୍ରୁ ଗଳିତ ହୋଇଣ ଯୁଗଳ ପାଦ ଯେ ଧ୍ୟାଏ
ସେହି ଜନ ଭକ୍ତ ମଧରେ ଉତ୍ତମ ସଦ୍‌ଗତି ସେହି ପାଏ ।୫।
ଧନ ଯଉବନ କ୍ରମରେ କର୍ପୁର ପରି କ୍ଷୟ ହୋଇଯାଏ
ନିରାକାର ନାମ ଅକ୍ଷୟ ଯେ ଇହ ପରକାଳେ ସୁଖ ଦିଏ ।୬।
ନିଜ ସ୍ୱାର୍ଥକୁ ଯେ ବିଚାରଇ ସ୍ତୁତି ନିନ୍ଦା ତାର ଠାଇଁ
ବିଷ୍ଣୁ ସେବା ବିନା ଆନ ପରକାରେ ଜୀବର ସ୍ୱାର୍ଥ ତା ନାହିଁ ।୭।
ପୁଣ୍ୟ ପାଏ ପଠନରେ ପୂଜା ଧୂପ ଦୀପ ଆଳତିରେ କେହି
ପ୍ରସନ୍ନ ହେବେ କି ସେ ମହାଚତୁର ଆତ୍ମଜ୍ଞାନ ଯାରେ ନାହିଁ । ୮।
ପ୍ରାଣୀରେ ମିଷ୍ଟ ଭାଷନ ପର ଉପକାରୀ ଯେ ଅନହଙ୍କାର
ଅପକାରୀର ଉପକାର ଯେ କରେ ସେଟି ଆତ୍ମଜ୍ଞାନୀ ନର ।୯।
ନିରକ୍ଷର ପରି ଅବିଗୁଣ ଆଉ ସୁଗୁଣ ଶରୀର ବାସ
ଆତ୍ମଜ୍ଞାନ ହଂସ ପୋଷ ବାରି ବାରି ହେବ ସୁଗୁଣ ପ୍ରକାଶ ।୧୦।
ଏତେ ପ୍ରପଞ୍ଚରୁ ବଞ୍ଚିତ ହୋଏଟି ଯେହୁ ସେ ବିଷ୍ଣୁ ଆଶ୍ରିତ
ବିଷୟ ଭୋଗ ନିଦ୍ରା ହାସ୍ୟ ପ୍ରୀତି ବହୁବଚନ ଭାଷିତ ।୧୧।
ଦେବାକୁ ପ୍ରାଣୀକି ଆହାର ନେବାକୁ ହରିନାମ ଏକାପର
ଇହପର ବେନି କାଳକୁଟି ଏହା ଚକ୍ର ପରି ନିରାଧାର ।୧୨।
ହାଟକ କଟକ ଆଜି ଦିନଠାରୁ ସର୍ବଶ୍ରେଷ୍ଠଟି ସମ୍ମାନ
ତ୍ରିପୁରସ୍ଥିତ ଅମୃତଠାରୁ ସ୍ୱାଦୁ କୋମଳ ଶିଷ୍ଟ ବଚନ ।୧୩।
କାମ କ୍ରୋଧ ଲୋଭ ହିଂସା ମୋହ ଏହି ପଞ୍ଚପଦ କରି ଗାନ
ପଞ୍ଚମନଟି ଆମୋଦ କରୁ, ନାହିଁ ବିଷ୍ଣୁଙ୍କ ଚରଣେ ମନ ।୧୪।

□□

।। ସଂସାର ସାଗରେ ।।

ସଂସାର ସାଗରେ ଦେହୀ, ଦଦରା ନାବ ଅଟଇ
ହୃଦପଦ୍ମେ କର ଥୟ । ପଦ ।
ପାଞ୍ଚପଟା ଯୋଚି ଖଞ୍ଜି, ପଚିଶ କିଳ ମାରିଛି
ଛଡ଼ ପାନନ୍ଦ ନାଡ଼ିରେ ବଟଳିଛି କର ଲୟ ।୧।

Digitized by srujanika@gmail.com

ମନ ମଗୁଲି ଓହଲା, ତୃଷ୍ଣା ପବନେ ଚଳିଲା
ଦଶ ଜଣ ପାରି ପାଇଁ ବସିଛନ୍ତି ହେତୁ ଦିଅ ।୨।
ବିମ୍ବର ଦ୍ୱାର ଫୁଟିଛି, କେବଳ ମାତ୍ର ଅଶାନ୍ତି
ମୁସ୍ତକିମ କହେ ବୁଡ଼ି ଯାଉଛି ନାହିଁ ଉପାୟ ।୩।

□□

।। ଏକ କାବ୍ୟାଂଶ ।।

ବଜ୍ରନଳ କାଳାନଳ ହେଲେ ନରେଶ୍ୱର
ଦୁଷ୍ଟ ହେଉ ତାଙ୍କୁ ନାଶ କଲେ ଚକ୍ରଧର ।
ତାଙ୍କ ପୁତ୍ର କେଶୀ ସୁକେଶୀ ହୋଇଲେ ଭୂପ
ଅନୀତି କରୁ କେଶବ ନାସିଲେ କୌଶପ ।।
କେସି ପୁତ୍ର ବଳିବାଳି କୃଷ୍ଣ ନାଶ କଲେ
ମାଳି ସୁମାଳି ଏହାଙ୍କ ଦୁଇପୁତ୍ର ଥିଲେ ।।
ଜନାର୍ଦନ ମାଳି ବଧୁ ସୁମାଳି ପଳାଇ
ପାତାଳେ ଲୁଚିଲା ପ୍ରାଣେ ଅତି ଭୟ ପାଇ ।।
କୃଷ୍ଣ ଭୟେ ଲଙ୍କାପୁରେ କେହି ନାହିଁ ଭୂପ
ବଇଶ୍ରବା ବିଶ୍ରବାକୁ ଆଣି ଧାତା ।।
ଲଙ୍କାରେ ରାଜନ କରି ବ୍ରହ୍ମା ଚଳିଗଲେ
ପାତାଳୁ ସୁପାଳି ବାହାରିଲା ଏହି କାଳେ ।
ବିଶ୍ରବାକୁ ମାରିବାକୁ କୋପ କଲା ବୀର
ଶୁଣି ବିଶ୍ରବା କହିଲେ ତୁମ୍ଭେ ରାଜ୍ୟ କର ।।
ପୁଣ ସ୍ୱନ୍ତୋ ଦଇତ ବୋଇଲା ମୋ ଝିଅ
ଯେବେ ବିଭା ହେବୁ ତେବେ ରାଜା ହୋଇଥାଅ ।।
ସନମତ ହୋଇ ନଉ କେଶା ବିଭା ହେଲେ
ତା' ଗର୍ଭୁ ଦୁହିତା ଏକ ଜନମିଲା ଭଲେ ।।
ପୁଣି ଗର୍ଭ ହେଉଁ ହେଲା ରାବଣ ଜନମ
ଆର ଗର୍ଭେ ଜାତ ଅରୁଣ ତେଜନନ୍ଦନ ।।
ଜୟୋବତୀ ଗର୍ଭୁ ଶତମନୁ ପୁତ୍ର ଜାତ
ଖେଳୁଥିଲେ ଶତମନୁ ଯେ ଅରୁଣ ତେଜ ।।

Digitized by srujanika@gmail.com

କଳି ହେଉ ବେନିଭାଇ ଶତମନୁ କୋପେ
ଭଷ୍ମ ହେଲେ ଅରୁଣ ତେଜ ହେ ଶୁଣ ବୁଦ୍ଧେ ॥
ଦେଖି ନିକସା ରାବଣେ କହି ଯେ ଡାକି
ସମୟେ ଦଗଧ ହେବୁ ପଳା ଯା କେଣିକି ॥
ଶୁଣିଣ ରାବଣ ଯାଇ ମହୋଦଧୀ ତୀରେ
ଏକାମ୍ରନାଥ ଭଜିଲା ଏକାମ୍ର ବନରେ ॥
ଏ ସୁବର୍ଣ୍ଣ ଚୂଡ଼ ପରବତେ ତପ କଲା
ପ୍ରସନ୍ନ ହୁଅନ୍ତେ ହର ବର ସେ ମାଗିଲା ॥

(ଅସମ୍ପୂର୍ଣ୍ଣ)

□□

॥ ସ୍ୱଦେଶୀ ବ୍ୟବହାର ଭଲ ॥

(ବିନା ପିଆ କେ ରହା ନହିଁ ଯାଏ - ବୃତ୍ତେ)

ସ୍ୱଦେଶୀ ବ୍ୟବହାର ଭଲ
ଜନେ ଛାଡ଼ ବିଦେଶୀ ମାଲ ଚାଲ । ପଦ ।
ତୁଲା ଅତୁଳ କର ଅମଳ
ସୁଖରେ କଟିଯିବ କାଳ ।୧।
ରଖି ଚରଖା କାଟିଣ କପା
ସେ ବାସ କର ବ୍ୟବହାର ।୨।
ନ ହୁଅ କଳି ଥାଅ ହେ ମିଳି
ଖରଚା କଚେରି ଜଞ୍ଜାଳ ।୩।
ପଞ୍ଚେ ଗ୍ରାମର ନିଷ୍ପତ୍ତି କର
ଭାଷେ ମୁସ୍ତକିମ କବି ବାଳ ।୪।

□□

॥ ଆଜି ସାରା ଭାରତ ॥

ଆଜି ସାରା ଭାରତ
ବିପତ୍ତି ମୁଖେ ହୋଇଛି ପତିତ ଯେ । ପଦ ।

Digitized by srujanika@gmail.com

ପେଟକୁ ଦାନା ନ ମିଳଇ ସବୁରି
ଅଣ୍ଟାକୁ କନା ପାଇଁ ନାହିଁ ସମ୍ପତ ଯେ ।୧।
ତା'ପରେ ବନ୍ୟା ଶସ୍ୟରୋଗ ସର୍ବତ୍ର
ତଥି ଉପରେ ରାଜକର ବର୍ଦ୍ଧିତ ଯେ ।୨।
ତଦୁପରେ ଅନ୍ୟାୟ ପାଣ୍ଡି ଅସୁଲ
ହା ହା ରବେ ପ୍ରଜାଙ୍କ ଧ୍ୱନି ଉତ୍‌ଥିତ ଯେ ।୩।
ମୁସ୍ତକି ଭାଷ ଇଷ୍ଟ ସୁଦୟା କର
କୃଷକ କୁଳ ଦୁଃଖୁଁ ହୋନ୍ତୁ ମୁକତ ଯେ ।୪।

(୧୯୩୮)

□□

।। ବୀର ଶୂନ୍ୟ ହୋଇଲା କି କ୍ଷିତି ।।

ଆଜି ବୀର ଶୂନ୍ୟ ହୋଇଲା କି କ୍ଷିତି । ପଦ ।
ଯେଉଁ ଭାରତ ପରେ ବୀରଙ୍କ ପ୍ରତାପରେ
ଉଦୟ ଥିଲା ଦିନ ରାତି ।୧।
ମହା ମହା ମଲ୍ଲ ଥିଲେ, ଯେବଣ ଭାରତରେ
ନାହିଁ କି ତାଙ୍କ ପୁତ୍ର ସନ୍ତତି ।୨।
ଦାସ ହୋଇଲେ କି ଈଝାନେ, ଭୂପତିଙ୍କ ନନ୍ଦନେ
ଲଜ୍ଜା ନ ରଖି ଏକ ରତି ।୩।
ରଚକ ମୁସ୍ତକି ଭାଷେ, ଦୁଃଖୀଙ୍କ ନିଃଶ୍ୱାସେ
ବିଭ୍ରମ ହୋଇଲା କି ମତି ।୪।

(୪.୨.୧୯୩୮)

□□

।। ଦମ୍ଭ ଧରିବଟି ଭାରତ ବାସୀ ।।

କି ଦମ୍ଭ ଧରିବଟି ଭାରତବାସୀ
ହା ହା କାରେ ସର୍ବଦା ହେଲେଣି ଭୁଷି । ପଦ ।
ଯୁଧିଷ୍ଠିରାଦି ଭୂପଗୁଣ, କିର୍ତ୍ତନ୍ୟ କରୁ ସୁଗୁଣ
ସ୍ମରି ସ୍ମରି ନୟନୁ ଅଶ୍ରୁ ବରଷି ଯେ ।୧।

Digitized by srujanika@gmail.com

ଯବନ ରାଜା ଆକବରଙ୍କ ଭାବ
ଚିହ୍ନି ପ୍ରଶଂସି ପ୍ରଜା ରୋଦି ଉଠନ୍ତି ଯେ ।୨।

XXX

ଆଜି ଦୁର୍ଭିକ୍ଷ କେଉଁ ଦୁର୍ଯ୍ୟୋଗୁଁ ଆସି
ମୁସ୍ତକି ଭାଷେ ଦେଲା ଭାରତ ଗ୍ରାସି ଯେ ।୩।

(୩.୨.୧୯୩୮)

□□

।। ପଡ଼ିଛି ବିପତ୍ତି ।।

ଆଜି ଏ ଭାରତେ, ପଡ଼ିଛି ବିପତ୍ତି ଅତି
ଉଦ୍ଧରିବ କେ । ପଦ ।
ଅସନ ବସନ କଷ୍ଟ, ବନ୍ୟା ମହାମାରୀ ରିଷ୍ଟ
ମିଥ୍ୟାବାଦୀଦ୍ୟ ଅନିଷ୍ଟ
କପଟୀ କପଟ ଦକେ ।୧।
ଶସ୍ୟେ ରୋଗ ଅପାଳକ, ହତାଶ ହେଲେ କୃଷକ
ଗୋକୁଳ ଆକୁଳ ବୃଦ୍ଧି
ହେଉଛି ବେଳୁ ବେଳକେ ।୨।
ରଚକ ମୁସ୍ତକି ଭାଷ, ଯୁଗ ମଣଇ ବରଷ
ଶାନ୍ତି ତପୀ ଧୀର ସତ୍ୟ
ଦୁଃଖୀ, ସୁଖୀ ଅନ୍ୟ ଲୋକେ ।୩।

(୪.୨.୧୯୩୮)

□□

।। ହେ ଭାରତବାସୀ ଗୁହ ଗୁହ ।।

ହେ ଭାରତବାସୀ ଗୁହ ଗୁହ
କାହିଁକି ହେଉଛ କୋହ କୋହ । ପଦ ।
ଅବଶ୍ୟ ଆକୁଳ ପ୍ରଭୁ ଆଦିମୂଳ
ଖଣ୍ଡିବେ ନିଶ୍ଚୟ ନ ଭାଳ ।୧।
ନ ସହନ୍ତି କେବେ କାହାର ବେଦନା

Digitized by srujanika@gmail.com

କିଛି କାଳ ଆଉ ସହ ସହ ।୨।
କାତ ଯାତନାର କଷ୍ଟ ଗୁରୁତର
ଏଣୁ ନୋହିବେ ସେ ଜନମ ଏଠାର ।୩।
ମାୟାଧର ମାୟା ପ୍ରକାଶିତ କାୟା
ଧରି ହସାଇବେ ଟହ ଟହ ।୪।
ଜଗତ୍‌ବ୍ୟାପ୍ତ ସେହି ଛନ୍ତି ସବୁଠାରେ
ଅଜଣା ଅଶୁଣା ଅଦେଖା ଯେ ନାହିଁ
ବାଳ ମୁସ୍ତକିମ ତାଙ୍କ ପାଦ ଧ୍ୟାୟି
ଅଧୈର୍ଯ୍ୟ ହତାଶ ନୁହ ନୁହ ।୫।
(୪.୨.୧୯୩୮)

□□

।। ଦେଖ ଭଲା ବାଇସିକଲା ।।

ଦେଖ ଭଲା ବାଇସିକଲ
କେହୁ ଗଢ଼ିଲା କରି ଅକଲ ଯେ । ପଦ ।
ଆଗପଛ ଦୁଇ ପାଖେ ଚକ ଥାଇ
ଦିଶଇ କେଡ଼େ ସୁଢ଼ଳ
ତ୍ରିକୋଣ ବିରୋଳ ମଧ୍ୟେ ରଖାଅଛି
ପବନ ଭରିବା ନଳ ଯେ ।୧।
ଭଣ୍ଡାରୀଙ୍କ ମୁଠି ପରି ପଛେ ଅଛି, ତହିଁ ସମାନ ସକଳ
ଆଗେ ଲାଲଟିଣ, ଗେସିକ କ୍ରାସିନ
କାଚ ଶ୍ୱେତ ରକ୍ତ ନୀଳ ଯେ ।୨।
ଠିଆ କରାବାଡ଼ି ବାସରଖା ଜାଲି, ପଛ ଚକରେ ଉଜ୍ଜ୍ୱଳ
ଅଖ ମଧ୍ୟେ ମୁଣି, ରଖିବାକୁ ପାଣି
ଲୋକହଟା ଘଣ୍ଟି କଳ ଯେ ।୩।
ଟଙ୍କା ଲୋଟ ପ୍ରାଇ, ଜାଲ ଲାଗିଛଇ
ଶୋଭା ପାଉଛି ହଣ୍ଡଲ
ମୁସ୍ତକିମ କହେ, କେଡ଼େ ବେଗେ ଧାଏଁ
ପାଦେ ଚାଳିଦେଲେ କଳ ଯେ ।୪।

□□

Digitized by srujanika@gmail.com

।। ଭୁଲିଆ କବିତା ।।

(ଭୁଲିଆ ଜାତିରେ ପ୍ରଚଳିତ ଭାଷା । ଏହା ସମ୍ବଲପୁରୀ ଠାରୁ ଭିନ୍ନ)

କୁନ୍‌ଟା ହେଲେ ସହେ ଗୋ
ନନ୍ଦର ବେଟାକ୍ କଥାଟା ।। ଘୋଷା ।।

ନଏଦ୍ କେ ଗଲେ କଦମ୍ ତଳେ
କରଥିଏ ହରଦମ୍ ଥଟା ଟା
ମହତ୍ ଇଜତ୍‌କ ବିଚାର ନାଇଁ କରେ କଳା ଖୁଁଟାଟା ।୧।

ଯେତେକ୍ ଗାଲି ଦେଥିଏଁ ଗୁଆଲୀ
ସହଥି ଏ ପରପଟାଟା
ବଂଶୀ ଫୁକ୍‌ଥିଏ ନା ଧରି ଡାକ୍‌ଥିଏ
ଲୋକେ କରଥିଏଁ ହଟହଟାଟା ।୨।

ସଏମ କେତେ କରଥିଏ ଯେତେ
କହ୍ନାଇ ଲୋକହସାଟା
ଘରକେ ଯାମ, ନନ୍ଦ୍‌କେ କହେମ
ଛାଡ଼େହି ଏ ଧନ୍ଦାଛଟାଟା ।୩।

ଘର୍ ଘର୍ ଯାଏଥିଏ ଚିକ୍‌ନା ଖାଥିଏ
ଠେଁକି କୁଢ଼ି ଫଟାଟା
ମୁସ୍ତକିମ କହେ କାଏଁ ଖାଏକେ
ଜନ୍ମାଇ ସାଏ ଜୁମୁଶାଟା ।୪।

□□

।। ସମ୍ବଲପୁରୀ କବିତା ।।

।। ସୀତା ଖୁଜା ।।

ସୁଗ୍ରୀ ରଜାର୍ ଖବର୍ ପାଇ ସେନାପତିମାନେ ଆଏଲେ
ଯାହାର୍ ଯେତ୍‌କି ସଇନ୍ ଥିଲେ, ସଜବାଜ୍ କରି ଧାଏଁଲେ ।
ପାଞ୍ଚ ହଜାର୍ କୁଟି ସଇନ୍ ଧରି ଗଜ୍ ସେନାପତି ଭେଟ୍‌ଲା
ଶଏ ହଜାର୍ କୁଟି ଭାଲୁ ସଙ୍ଗେ ଜାମ୍ବବ୍ ମନ୍‌ତ୍ରୀ ଉଠ୍‌ଲା ।
ହଜାରେ କୁଟି ମାକର୍ ନେଇ ଗନ୍ଧମାରଦନ୍ ଗଲା
ଶଏ ହଜାର୍ କୁଟି ସଇନ୍ ସଙ୍ଗେ ଶର୍ ବରଷନ୍ କଲା ।

Digitized by srujanika@gmail.com

ଅଯୁତେ ମାକର୍ ଇନ୍ଦ୍ରଜାନ୍ ନେଲା, ହଜାର୍ ପାଞ୍ଚ କୁଟି ରମ୍ଭା
ଷାଠେ କୁଟି ମାକର୍ ନେଲା, ହନମାନ୍ ବଡ଼ ଦମ୍ଭା ।
ଶଏ କୁଟି ନିଲର୍ ସଙ୍ଗେ ପନ୍ଦର୍ କୁଟି ସରଭ୍
ଆଠ ହଜାର୍ କୁଟି ଦଧିମୁଖ୍ ନେଲା, ଅଯୁତ୍ କୁଟି ଅଙ୍ଗଦ୍ ।
କୁଟି ଦଶ୍ ଯାକେ କୁମୁଦ ସଂଗେ ବାରକୁଟି ଯାକେ ବହ୍ନି
ଅର୍ବୁଦେ କପି ଦ୍ୱମ୍ବି ନେଲେ, ପୂରିଗଲେ ବନ୍‌ଭୂମି ।
ଛ' ହଜାର୍ କୁଟି ଦୁର୍ମୁଖ୍ ଧରି, ରଜା ପାଶେ ଭେଟ୍‌ଲା
ମୁସ୍ତକିମ କହେ ସଏନି ଜଣା, ଇ ଠାନୁ ନ ମେଟ୍‌ଲା ।

ପଚିଶ୍‌ଟା ଯୂଥପତିକେ ସୁଗ୍ରୀ ଆଦର୍ କର୍‌ଲା
ସୀତାର୍ ଖବର୍ କେନ୍ତା ମିଲ୍‌ବା, ଭାରି ଅଡୁଆ ପଡ଼୍‌ଲା ।
ସଭେ କହେଲେ ହୁକୁମ୍ ଦେଲେ, ଖବର୍ ଆନ୍‌ମୁ ଖୁଜି
ଯେନ୍ ଦିଗ୍‌କେ ଯିଏ ଯିଏ ଯିମୁଁ ଆପଣ୍ କହନ୍ ହେଜି ।
ବିନୋଦ୍ ସେନାକେ ବିଏଲେ ବାବୁ, ପୂରବ୍ ଦିଗ୍‌କେ ଖୁଜ୍‌ବୁ
ଝାର, ପରବତ୍, ଡୁଙ୍ଗୁରି, ନଏଦ୍, ଯୋର୍ ନଲିଆ ସବୁ ହେଜ୍‌ବୁ ।
ସହର୍ ନଗର୍ ଗାଁ ଗଉଲି, ପାଲି ପିଞ୍ଜ୍‌ରା ଦେଖି
ମାସ୍‌କେ ଖବର୍ ନାଇଁ ଆଏନଲେ, ଶୁଇଲ୍ ଦେମି ବଂଶ ଯାକି ।
ଗବୟ ଗବାକ୍ଷ୍ ତାରା ଦୁର୍ବିଲ୍ ଗଜ୍ ନଲ୍ ନିଲ୍ ହନୁ
ଶୁଷେଣ୍ ଜାମ୍ବବ୍ ଗନ୍ଧମାର୍ଦନ ସଙ୍ଗେ ଅଙ୍ଗଦ ସୁନୁ ।
ଦକ୍ଷିନ୍ ଦିଗ୍‌କେ ଖୁଜ୍‌ବୁ ମିଶି, ମାସ୍‌କେ ଖବର ଆନ୍‌ବ
ସୀତାର୍ ଖବର୍ ନାଇଁ ପାଏଲେ, ପଛେ ଯାହା ହେବ ଜାନ୍‌ବ ।
ପଛିମ୍ ଦିଗ୍‌କେ କେଶରୀ ଯଉ, ମାସ୍‌କେ ଖୁଜି ଫିର୍‌ବା
ସତ୍‌ବକ୍ ବୀର ଉତରେ ଖୁଜି, ଝଅଟ୍ ଆସି କରି କହେବା ।

ଶୁନି ସଭେ ଯେଝାର୍ ବାଟେ, ଖୁଜ୍‌ବାର କାଜେ ଗଲେ
ଅପ୍‌ନା ଅପ୍‌ନା ସଇନିମାନେ, ଅପ୍‌ନା ଅପ୍‌ନା ନେଲେ ।
ଖୁଜି ଖୁଜି ହଏରାନ୍ ହେଲେ, ନାଇଁ ପାଏଲେ ସୀତା
କିଛି ଖବର୍ ନାଇଁ ମିଲ୍‌ଲା, ବଲି କର୍‌ଲେ ଚିନ୍ତା ।

Digitized by srujanika@gmail.com

ପୂରବ୍ ଦିଗୁଁ ଦୂତ୍ ଫିର୍‌ଲା, ନାଇଁ ପାର୍‌ଲା କହି
ଉତ୍ତର ଦିଗର୍ ଦୂତ୍ ବଲୁଛେ, ସନ୍ଦେଶ୍ ମିଲ୍‌ଲା ନାହିଁ ।
ପଛିମ୍ ଦିଗେ ଭିଲ୍ ନାଇଁ ପାଏଲୁଁ, କେଶରୀ ମାକର୍ କହେଲା
ଦଖିନ୍ ଦୂତେ ନାଇଁ ଫିର୍‌ଲେ, ଏତ୍‌କି ବାକି ରହେଲା ।
ଦଖିନ୍ ଦୂତେ ସମ୍‌ଦର ଖଁଡି, ବସି କରୁଛନ୍ ଚିନ୍ତା
କେନ୍ତା ବିଚାର୍ କର୍‌ମା ଭାଇ, ନାଇଁ ପାଏଲାଁ ସୀତା ।

ପର୍ବତ୍ ଡୁଙ୍ଗରୀ ସହର୍ ନଗର୍, ଗାଁ ଗଉଁଲି ପରା
ଖୁଜିନୁରି କରି ନାଇଁ ପାଏଲା, ମାସ୍ ହେଇଗଲା ପୁରା
ଅଙ୍ଗଦ୍ କହେଲା ସିନ୍ଧୁ ଡେଗ୍‌ଲେ, ଲଙ୍କା ଗଡ଼େ ଖୁଜ୍‌ତାଁ
ଡଙ୍ଗା ଭେଲା ପାଏଲେ ସିନା, ଯାଇ କରି ହାଲ୍ ବୁଝତାଁ ।

X X

(ରଚନାକାଳ ୧୯୩୨)

□□

॥ ଧିକ୍ ଧିକ୍ ବିଧାତା ତୋର୍ ॥

ଅବିବେକ୍ ଏନ୍‌ତାଟା
ସୁଖର୍ ବେଳେ ଦୁଃଖ୍ ଖଞ୍ଜିଥଉ
　　ଖୁସିର୍ ବେଳେ ଚିନ୍‌ତାଟା ।୧।
ସବୁଦିନ୍ ଥିଲେ ପୁରନ୍ ରାଶି, ସଂସାର୍ ଯାକର୍ ହେତେ ଖୁସି
ପଖେ ଛିଡୁଛେ ପଖେ ବୁଡୁଛେ
　　ତୁଇ ଏଡ଼େ ବଲବନ୍‌ତାଟା ।୨।
ମୁରୁଖ ଅରୂପ୍ କୁଇଲି କଲୁ, କଁଠର ସୁସର ତାହାକେ ଦେଲୁ
ପଁଡକା ଚଢ଼େଇର୍ ବଢ଼େଇ ନେଲୁ
　　ମନେ ବିଚାର୍‌ଲୁ କେନ୍ତାଟା ।୩।
କହେ ମୁସ୍ତକିମ୍ ପଠାନ୍ ପିଲା, ବିଧି ବୋଲି ତତେ ନାଁ ଯେ ଦେଲା ।
ଅବିଧିମାନ୍‌କୁ ଛାଡ଼ବା ଭାବି
　　ନାଇଁ ଦେଖି ଅହନ୍ତାଟା ।୪।

(୧୯୩୦-୧୯୩୫)

Digitized by srujanika@gmail.com

।। ତୁରୀ ପସ୍‌ରା ।।

ତୁରି ତୁରିଏନ୍ ପସ୍‌ରା ଧରି,
ହାଟ୍‌କେ ଗଲେ ଯୁଗାଡ଼୍ କରି ।
ତୁରିଏନ ମାଏଝି ବାଲ୍ ଭୁରସି
ପାଏନ୍ ଦେଇ କରି ରାଁପି ଦେଇସି ।
ମୁଠେ ଚଉଁରୀ ବାଲେ ଭରି
ମାନ୍ ଏଡ଼େ ଖୁସା ଦେଇଛେ ପାରି ।
ପିଠିପାରେ ଛୁଆ ଭିଡ଼ି ଦଇଛେ
ଅଁଟାକେ ହଲେଇ ଚାଲି ଯଉଛେ ।
ଟୁପ୍‌ଲି ଭୁଗ୍‌ଲି ଚାଉଲଧୁଆ
ସାକୁସ, ପେରି, ଝାଁପି, ଡାଲିଆ ।
ଝାଁପ, ଝପଲି, ଶାଗ୍ ଛଟନି
ଛଟ୍‌ନା, ଡଲା, କୁଲା, ଚାଲ୍‌ନି ।
ଡଲେଇ, କୁଲେଇ, କୁଡ଼ଁଲି, ଟୁପା
ଖଲେଇ, ମୁଖୀ, ତୁଆ, ଖଏଡକା ।
ଝାପ୍, ଗେଁଡୁଆ, ତୁନ୍ ପର୍‌ସା
ଅନ୍‌କା ବୁହିଛେ ଗୁଛା ଗୁଛା ।
ଖଟ୍, ଖଟ୍‌ଲି, ଝୁରି ପେଟାରୀ
ଢ଼ଲଙ୍ଗି, ଛତା, ଛତୁର୍ କରି ।
ମାଗ୍‌ଲେ ଗହକି ହେଇ ଗୁଁଡ
ନାଇଁ ପଟେ ବଲି ହଲାସି ମୁଁଡ ।
ଯାର୍ ମନ୍‌କେ ଯେନ୍‌ଟା ହେଲା
ବାଛି ବୁଛି ନେଲେ ମୁସ୍ତକିମ୍ କହେଲା ।

(୧୯୨୦-୧୯୨୫)

□□

Digitized by srujanika@gmail.com

।। ମାଲି ପସରା ।।

ମାଲୁଣି ପସ୍ରାର ଯେପରି ରୀତି
କିଛି କିଛି ତହୁଁ କହି ଦେଉଛି ।
ମାଲେନ୍ ମାଏଝିର ପସରା ବସା
ଖୁସି ଦେଇଛେ ଡଲିଆ ଖୁସା ।।
ଝଲ୍‌କା, ଗଁଠିଆ, ବଉଲ ଫୁଲି
କଥା କହୁଥିଲେ ଯାଉଛେ ହଲି ।
ସଗୁ ପିଣ୍ଡା ପରେ ଚୂତଳ ରଖ୍ୱି
ଜିନିଷ ରଖିଲା ପକାଇ ପଟି ।
କୁଶଲା, ନଲିତା, ଖୁଟୁନି ଅଦା
ବାଏଗନ୍ ମିର୍ଚା, ପାତଲ ଭଟା ।
ସେମି, ଖଡ଼ା, ଜହ୍ନି, ଝୁନ୍‌ଗା ଲାଉ
କାଁକେର୍ କର୍‌ଲା ଫୁଟି ଲେମ୍ବାଉ ।
ଗୁଆଁର୍ ସେମି, ଫୁର୍‌ଲା ମୂଳା
ଉଳି, ଲେସୁନ୍, ଲାଲ କୋଶଲା ।
ଗଛ ଧନିଆଁ ପୁତନା ପତର
ମାଖନ୍ କଖାରୁ ବରିର ବତର ।
ତରଭୁଜ୍,ଝାପଡ଼ା, ଧାନ ମରିଚି
ବଂଗଲା ମିର୍ଚା ସୂରୁଜମୁଖୀ ।
ପାଲକ ଆନିଛେ ଆମଟ ମିଠା
ଅମୃତମତା, କଦଳୀ କଞ୍ଚା ।
ଫୁଲ, ଗଣ୍ଠି, ବନ୍ଧା ଆନିଛେ କୋବି
ଗାଜର୍ ସାଲଗମ୍ ଆବର ଲୁଚି ।
ଟଭା, କାଠ ଫଲ, ମୁହୁଁକେ ରୁଚି
ବଙ୍ଗଲା ଆଦି ବସି ବିକଲା
କହେ ମୁସ୍ତକିମ ପଠାନ ପିଲା ।

□□

Digitized by srujanika@gmail.com

বগংলা কবিতা

॥ কত ভাগ্য লো আমি করিছিলাম সহি ॥

কোলেতে ধরিল জগত্ জনক কন্হাই । পদ ।
রষি মুনি জতী যত হয়া দর্শনে আরত
নাম ভজি যুগ যুগান্ত
দ্রশন ন পাই ।১।
ব্রহ্মা যা দ্রশনের আশে, দিবানিশি বেদ ঘোষে
সর্বসর্ব সুখ ছেড়েছে
সন্যাস বেশ হোই ।২।
সমনে সুমনে লয়, করিয়া ভেট না পায়
ভজে নাগরাজ ভেটের আশে
জগত্ মাথে বহি ।৩।
জগতের্ ভগত যত, ষোড়শ পূজাতে রত
তথাপি না মিলে সাক্ষাত
মুস্তকিম কহি ।৪।

□□

॥ আমি কার্ কাছে জুড়াবো প্রান্ ॥

আমি কার্ কাছে জুড়াবো প্রান্
আমার্ কি দোষে তেজি দিলে ব্রজের্ কালাচান্দ । পদ ।
আগুন্ জখন্ লাগে বনে, ওহার জ্বালা জগত্ জানে
হ্রিদের জ্বালা তনুর্ বিনে জান্বে কোন আন্ ।১।
আগুনেতে জলই জীবে তবে ওহার শীতল হবে
এহাতে নির্ ঢাল্লে ফির্ জলে অধিক টান্ ।২।
কবি মুস্তকিম বলে, মন্ত্রৌষধি নাইঁক মিলে
XXX এক্ সঙ্গে বসিলে দুটিছান্ ।৩।

□□

Digitized by srujanika@gmail.com

।। ନଦୀଆ ନଦିରେ ପ୍ରଭୁ ହଇଲ ଜନମ୍ ।।

ନଦୀଆ ନଦିରେ ପ୍ରଭୁ ହଇଲ ଜନମ୍
ଭକ୍ତ ବାଞ୍ଛା ସିଦ୍ଧ କର୍ତ୍ତା ନିତାଇ ଚୈତନ୍ୟ
ଯାହାର ନାମ ସ୍ମରି ଗୋ
ସ୍ୱର୍ଗ ଲଭେ ନର ଅଘନାଶ କରି ।୧।
କୀର୍ତ୍ତି କୈଲ ପ୍ରଚାର, ତ୍ରିଭୁବନେ ତାଙ୍କର
ନାମ କୀର୍ତ୍ତନ ସକାଶେ
କୀର୍ତ୍ତନ୍ୟ ବାହାର
ନରେ ତରିଯିବେ ଗୋ
ନିତ୍ୟାନନ୍ଦ ନିତ୍ୟାନନ୍ଦ ଭଜି ଭବେ ।୨।
ଆମି ଦୁର୍ଜନ ଦୁର୍ବୁଦ୍ଧି ହୀନ ଭାଗ୍ୟ ନର
ଖଳ ଉଦ୍ଧାରକ ଆମାଏ ଉଦ୍ଧରିଣ ଧର
ଭବମାୟା ଫାନ୍ଦେ ଗୋ
ବନ୍ଦୀ ହୋଇ ଭାସୁଅଛି ଦୁଃଖ ନଦେ ।୩।
କବି ମୁସ୍ତକିମ ଭାଷେ ହରିନାମ ତରୀ
ଦୁରିତ ସାଗରୁ ଏକା ହୋଇଯିବୁ ପାରି
ଉଚ୍ଚେ କର ଗାନ ଗୋ
କୃପାସିନ୍ଧୁ ଭକ୍ତବନ୍ଧୁ ଭଗବାନ ।୪।

□□

।। ଓ ହେ ରିତୁରାଜନ ।।

ଓହେ ରିତୁରାଜନ ନିବେଦନ, ଆମାର କାଛେ ନା ଆସୁନ ଆପନ । ପଦ ।
ଆମାର ହ୍ରିଦପଦ୍ମେର୍ ଶଶଧର, ଆଶାଏ ତେଜି ଗେଲାମ୍ ଦେଶାନ୍ତର
ଆମି ଦୁଃଖୀ, ଏକାକିନୀ ଜନ ।୧।
ତୋମାର ମନ୍ଦ ମଳୟ ସମୀର, କାଁପାଇବେ ଶରୀର ଆମାର
ଝଁପା ମାରବେ ରାଜା ମଦନ ।୨।
ଯଖନ ଆସବେ ପ୍ରିୟ ଆମାର, ତଖନ୍ ଲୋଡ଼ବେ ଆମି ତୋମାର
ଡୁବି ଦୁଃଖେ ଭାଷେନ ମୁସ୍ତକିମ ।୩।

□□

Digitized by srujanika@gmail.com

।। ତୁମି ଆମାର କାଛେ ରାବ୍ ନା କୋକିଳ ।।

ତୁମି ଆମାର କାଛେ ରାବ୍ ନା କୋକିଲ । ପଦ ।
ଦିବା ଯାମିନୀ ଅନୁଖନ୍, ଜଲେ କାମେ ହ୍ରିଦ୍‌ବନ୍
ଗୁନମନି ବିନା ଆମି ଲଭିତେଛେ ଯାତନା, କୋକିଲ ।୧।
ଆମରା ନାଶିଲେ ତୋମାୟ, କି ପୌରୁଷ ହବେ ଉଦୟ
ବିଳାସ ବିଳାସୀ କାଛେ ଗିଲେ ପାଖେ ପାନ୍‌ନା କୋକିଲ ।୨।
ରଚେ କବି ମୁସ୍ତକିମ, ଜିଜ୍ଞାସା ଆମାର ଘେନ
ଲଲାଟେ ଯା ଥାକେ କଖନ ଓହା ଆନ ହବେନା, କୋକିଲ ।୩।

□□

।। ବିବେକ ଜାନାଗେଲ ତୋମାର ।।

ବିବେକ ଜାନାଗେଲ ତୋମାର
କି କାଜେ ଆମାର କାଛେ ଏଲ
ଯାମିନୀ ଯେଖାନେ ଛିଲ, ଯାଓ ଓଖାନେ
ଯାଓ ଯାମିଲୋ ଓହାର ।୧।
ଯା ରସେ ମଗନ ହଏଛ ଆପନ
ତୁମି ତାର ଏଇ ପ୍ରିୟା ତୋମାର ।୨।
ମୁସ୍ତକିମ ବଲେ, ଅବିଶ୍ୱାସୀ ଛେଲେ
ପୀରତୀ ନା କର୍‌ବ ଆର ।୩।

□□

।। ତୁମି ଯତ କୁବଚନ୍ ବଲ୍‌ବେ ।।

ତୁମି ଯତ କୁବଚନ୍ ବଲ୍‌ବେ, ଆମି ଛାଡ଼ି ତେ ପାରବୋ ନା । ପଦ ।
ଆମାର ଯଦି କୁସୁର ଥାକେ, ସାଜା ଦେଇ ରାଖୋ ପାଶେ
ଯତକାଲ୍ ପରାନ୍ ଥାକବେ
ଆମି ଛାଡ଼ିତେ ପାରବୋନା ।୧।
ଯଖନ ଯାବେ କାଛେ ଯାବୋ, ଦାସେର୍ ମତନ୍ ସେବା କରବୋ
ମାଲୀ ବନେ ଫୁଲ ଗାଁଥବୋ
ଆମି ଛାଡ଼ିତେ ପାରବୋନା ।୨।

Digitized by srujanika@gmail.com

ବଡ଼ି ଭାଙ୍ଗି ତୋମାଏ ଦେବୋ, ତାନେ ଗାନେ ଚିତ୍ତ ମୋହିବୋ
ଯା ବଲବେ ଓହା ପାଲବୋ
ଆମି ଛାଡ଼ିତେ ପାରବୋନା ।୩।
କବି ମୁସ୍ତକିମେର ଦଶା, ହେର ହେର ହରୀନଦୃଶା
ଶୋକନିରେ ପାଛେ ଡୁବିବୋ
ଆମି ଛାଡ଼ିତେ ପାରବୋ ନା ।୪।

□□

Digitized by srujanika@gmail.com

।। ହାଏ ହାଏ ଅଏ ଖୁଦା ।।

ହାଏ ହାଏ ଅଏ ଖୁଦା ତୁଝ ବିନ୍ ନହିଁ କୋଇ ମେରା
ଅଏ ବେକଶୌଁ କା ବେକସାଁ ତୁଝ ବିନ ନହିଁ କୋଇ ମେରା ।
ଯହାଁ ପାଲନେୱାଲା କୋଇ ଅଓର ମାରନେୱାଲା କୋଇ
ୱାଁ ବକ୍ସନେ ୱଲା କୋଇ, ତୁଝ୍ ବିନ୍ ନହିଁ କୋଇ ମେରା ।
ମୈ ହୁଁ ମହଜ ବେସିମୋଜର, ବେଜୋର, ବେକସ ବୋହଜର
ଲେ ଗୈବ ସେ ମେରା ଖବର, ତୁଝ ବିନ ନହିଁ କୋଇ ମେରା ।
ମୌଁ ନେକ୍ ହୁଁ ଯା ହୁଁ ବୁରା, ପର ନାମ ଲେତା ହୁଁ ତେରା
ତୁ ବକ୍ସ ଦେ ଯା ଦେ ସଜା, ତୁଝ ବିନ ନହିଁ କୋଇ ମେରା ।
ଯବ୍‌କେ ସରାତେ ନାର ପର ହୋନେ ଲଗେ ସବ୍‌କା ଗୁଜର
ଉସ ଦମ ରଫିକ ରାହେବର ତୁଝ ବିନ ନହିଁ କୋଇ ମେରା
ଡରତା ହୁଁ ରୋଜେ ହସ୍ରସେ, ନେକିବଦି ଯବ ତୋଲ ହୋ
ଯବ୍ ତୋଲ ହୋ ଅମାଲ କା
ମୁସ୍ତକିମ ତେରା ଅଏ ସଖୀ, ତୁଝ ବିନ ନହିଁ କୋଇ ମେରା ।
ତେରା ଦିଆ ଖାତା ହୁଁ ମୌଁ ତେରା ହି କହେଲାତା ହୁଁ ମୌଁ
ତୁ ଭି ନ କର ଦର ସେ ବଦର, ତୁଝ ବିନ୍ ନହିଁ କୋଇ ମେରା ।

□□

।। ମୁହମ୍ମଦକା ଜରା ଜଲୱା ଦିଖା ଦୋଗେ ।।

ମୁହମ୍ମଦକା ଜରା ଜଲୱା ଦିଖା ଦୋଗେ ତୋ କ୍ୟା ହୋଗା
ତୁମ୍‌ହାରି ପ୍ୟାର କି ବୋଲି ଶୁନା ଦୋଗେ ତୋ କ୍ୟା ହୋଗା । ଟେକ ।
ହୋ ଦୋନୋ ଜହାଁ ପେ ତୁମ ସଶହୁର ଜମିଁ ଔର ଆସମାନୌଁ ପେ
ତୁମ୍‌ହାରେ ନୁର କି କନ୍ଦିଲ ଜଲା ଦୋଗେ ତୋ କ୍ୟା ହୋଗା ।୧।
ହିନ୍ଦୋସ୍ତାଁ ସେ ସୁଏ ଗଫଲତ ଫର୍ଜ ଔର ଭୁଲେ ସୁନ୍ନତ କୋ ।
ଜରା ସି ମେହ୍ରବାନୀ କର, ଜଗା ଦୋଗେ ତୋ କ୍ୟା ହୋଗା ।୨।
ନ କୁଛ ହଏ ଖୌଫ ଦୋଜଖ ନ ମର୍କାଁ ଦିଲ ମୌଁ କିୟା ଇବ୍‌ଲିଶ
ଭୁଲେ ହୈଁ ରାହ ଜନ୍ନତ କି ବତା ଦୋଗେ ତୋ କ୍ୟା ହୋଗା ।୩।

Digitized by srujanika@gmail.com

ଦିୱାନା ମୁସ୍ତକିମ ନା ଦିଲ ଗୁନାହ ଦୋସ୍ତ ମେଁ ଲାତା
ତୁମ୍ ହକ୍ କେ ପ୍ୟାରେ ହୋ ଅହମଦ ଛୁଡ଼ା ଦୋଗେ ତୋ କ୍ୟା ହୋଗା ।୪।

□□

।। ହାୟ ମୋରା ହିନ୍ଦ ମେଁ ଜିୟା ନା ରମାଏ ।।

ହାୟ ମୋରା ହିନ୍ଦ ମେଁ ଜିୟା ନା ରମାଏ
ମଦୀନା କୋଇ ନା ଲେ ଯାଏ । ଟେକ ।
ମହେଲ ବନାୟା, ମନ୍ଦର ବନାୟା
ପିୟା ବିନ କଛୁ ନା ସୁହାଏ ।୧।
ଓହାଁ ସିଧାରେ, ଅଲ୍ଲା କେ ପ୍ୟାରେ
ୟହାଁ ତଡ଼ପ୍ ତଡ଼ପ ଜିୟା ଯାଏ ।୨।
କୋଇ ଦିଖା ଦେ ପତା ବତା ଦେ
ଦିୱାନା ମୁସ୍ତକିମ୍ ୱାଁ ଯାଏ ।୩।

□□

Digitized by srujanika@gmail.com

।। ହମ୍‌ଦ ବେହଦ୍ କର୍ ଅଏ ଦିଲ୍ ତୁ ।।

ହମ୍‌ଦ ବେହଦ୍ କର୍ ଅଏ ଦିଲ୍ ତୁ ଦଂମ୍ ବଦମ୍ ଇଲାହି କି
ଯିସ୍‌ନେ ବକ୍‌ସୀ ନୁରୋଇମାଁ ତନ୍ ବନାକର ଖାକ୍ କି । ଟେକ ।
ହକ୍ ତଆଲା ବାଗବାଁ ହଏ ଗୁଲସନେ ଆଫାକ କି
ସାନହ ହଏ ରଙ୍ଗ ବରଙ୍ଗ କି ଫହମ୍ ଅଜିମ୍ ଅସ୍‌ଶାନ କି ।୧।
ବଖସା ହଏ ତୁଝକୋ ଖୁଦାଓ୍ୱନ୍ଦ ଯହ ଅମନ୍ ଆମାନ କି
ଦସ୍ତବସ୍ତେ ଜାଁପନାସେ ମାଙ୍ଗ ନେକ୍ ଦୋ ଜହାନ କି ।୨।
ଜାୟକେ କୁଛ ମିଲେ ତୁଝକୋ ବାଦଓହ ହଲାଲ କି
ମୁସ୍ତକିମ କୌଲେ ତୁ ଶୋଭକର ଆଲି ଜଲଜଲାଲ କି ।୩।

□□

।। ବିସମିଲ୍ଲା ପଢ଼୍ ଅଦବ୍ ସେ ।।

ବିସମିଲ୍ଲା ପଢ଼୍ ଅଦବ୍ ସେ ସୁରୁ ମେଁ ହର କାମ ପେ
ଦେଖଲେ କ୍ୟା ନଫଅ ହଏ ହକ୍ ତଆଲା ନାମ ପେ । ଟେକ ।
ଫାକେ ହୁନା ମିନ୍‌ହା କୁଲ୍‌ନା ୟସହଲୋହୁ ଓ ଅଲାୟ
ତବା ରକ୍‌ସ ପୋ ରବ୍‌ବୋକା ଜିଲ ଜଲାଲେଓ୍ୱଲ ଇକ୍‌ରାମ ପେ ।୧।
ଲକ୍‌ଦ ହକ୍କୁର ଇନ୍ନକା ବିସ୍‌ମେକୁରଆନିଲ ହକିମ୍
ମୁସ୍ତକିମୁନ୍ ଶ୍ୱେରାତୁନ୍‌ଲ ଅଲ୍ଲକୁମ୍ ତୁ ରହମୁନ କି ।୨।

□□

❧

Digitized by srujanika@gmail.com

।। ଚାରି ଭାଷୀ ।।

ଶର୍ବରୀ ଆଜ୍ ଦୁଖେ ଗେଲାମ୍ ହାଏ ଗଜବ୍ ଗଜବ୍ ସିତମ୍ ।। ପଦ ।।

ମି ହେଜ୍ ଏ ବେତ୍‌ଲକ, ତେଣୁ ଯେ ବା ନଇଲେ ନାଥ

ରୈନ ସାରା ହୁଆ ମାତମ୍

ହାଏ ଗଜବ ଗଜବ ସିତମ୍ ।୧।

ଓ୍ୱେଗ୍ରାଓଲ ନୁରାଣ୍ଡି ଦେଇ ନନ୍ଦରାଜୁ କୁମୁରୁଡୁ

ଏଓ୍ୱାରିଦିଇଲ୍ଲୁ ବଞ୍ଚିଲେନ୍

ହାଏ ଗଜବ ଗଜବ ସିତମ୍ ।୨।

ମୁସ୍ତକିମ କବି ଭଣି ହି ଇଜ୍ ନଟ୍ କାଇଣ୍ଡ ଟୁ ମି

ତେଣୁ ଆମାୟ ପାସୋରିଲାମ୍

ହାଏ ଗଜବ, ଗଜବ ସିତମ୍ ।୩।

(ବଙ୍ଗଳା, ଉର୍ଦ୍ଦୁ, ତେଲୁଗୁ, ଇଂରାଜୀ, ଓଡ଼ିଆ)

□□

Digitized by srujanika@gmail.com

ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ ଓଡ଼ିଆ ସାହିତ୍ୟର ଜଣେ ସମ୍ଭାବନାମୟ ସାରସ୍ୱତ ସାଧକ । ତାଙ୍କର ସାହିତ୍ୟିକ କୃତି ଓଡ଼ିଶାର ବିଭିନ୍ନ ପତ୍ର ପତ୍ରିକାରେ ନିରବଚ୍ଛିନ୍ନ ପ୍ରକାଶିତ ଓ ପ୍ରଶଂସିତ । କବିତା ରଚନାରେ ପାରଦର୍ଶିତା ଲାଭ କରିଥିବା ଏ ପ୍ରତିଭା କ୍ରମଶଃ ଗବେଷଣାତ୍ମକ କାର୍ଯ୍ୟରେ ମନୋନିବେଶ କରିଛି । ବାମଣ୍ଡାର ସାରସ୍ୱତ ଐଶ୍ୱର୍ଯ୍ୟକୁ ପାଠକ ସମ୍ମୁଖରେ ଉନ୍ମୋଚିତ କରିବା କ୍ଷେତ୍ରରେ ତାଙ୍କର ସାଧନା, ଗବେଷଣା ଓ ମନନଶୀଳତା ଅନନ୍ୟ । ଜଳନ୍ଧରଦେବଙ୍କ ସାରସ୍ୱତ କୃତି ଉପରେ ଗବେଷଣା କରି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ୨୦୦୨ରେ ସେ ଡକ୍ଟରେଟ୍ ଡିଗ୍ରୀ ପ୍ରାପ୍ତ । ସମ୍ପାଦନା କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ । ବାସୁଦେବ ଗ୍ରନ୍ଥାବଳୀ, ସଚ୍ଚିଦାନନ୍ଦ ତ୍ରିଭୁବନଦେବ ଗ୍ରନ୍ଥାବଳୀ, ଜଳନ୍ଧରଦେବ ଗ୍ରନ୍ଥାବଳୀ ଓ ବୃନ୍ଦାବନ ନାଥଶର୍ମା ରଚନା ସମଗ୍ର ସମ୍ପାଦନା ତାଙ୍କର ଅନନ୍ୟ ସାମର୍ଥ୍ୟକୁ ବିଜ୍ଞାପିତ କରେ । 'ମୌଲାନା ମୁସ୍ତକିମ ଖାଁ ଗ୍ରନ୍ଥାବଳୀ' ସମ୍ପାଦନା ଏହି ଧାରାର ଏକ ଯୁଗାନ୍ତକାରୀ ସଂଯୋଜନା ।

ଓଡ଼ିଶା ସାହିତ୍ୟ ଏକାଡେମୀ

ISBN 81-7586-152-5

Digitized by srujanika@gmail.com